# ନୀଳକଣ୍ଠ ସ୍ମାରକୀ



## ଦ୍ୱିତୀୟ ଖଣ୍ଡ

ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି

Digitized by PPRACHIN, SOA

# ନୀଳକଣ୍ଠ ସ୍ମାରକୀ

## ଦ୍ୱିତୀୟ ଖଣ୍ଡ

### ସଂପାଦକ ମଂଡଳୀ

ଡ଼ଃ ସଦାଶିବ ମିଶ୍ର ( ସଭାପତି )
ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ( ମୁଖ୍ୟ ସଂପାଦକ )
ଅଧ୍ୟାପକ ବନମାଳୀ ମିଶ୍ର
ଇଂ. ମଧୁସୂଦନ ଦାଶ


## ପଣ୍ଡିତ ନୀଳକଂଠ ସ୍ମୃତି ସମିତି

୩୦୩, ଖାରବେଳ ନଗର, ଭୁବନେଶ୍ୱର-୧


Digitized by PPRACHIN, SOA

# ନୀଳକଂଠ ସ୍ମାରକୀ-ଦ୍ୱିତୀୟ ଖଂଡ

**ସଂପାଦନା :**

ଡଃ ସଦାଶିବ ମିଶ୍ର

ଶ୍ରୀ ନିତ୍ୟାନଂଦ ମହାପାତ୍ର

ଅଧ୍ୟାପକ ବନମାଳୀ ମିଶ୍ର

ଇଂ. ମଧୁସୂଦନ ଦାଶ

**ପ୍ରକାଶକ :**

ପଣ୍ଡିତ ନୀଳକଂଠ ସ୍ମୃତି ସମିତି

୩୦୩, ଖାରବେଳ ନଗର,

ଭୁବନେଶ୍ୱର-୭୫୧୦୦୧

ପ୍ରଥମ ସଂସ୍କରଣ-୧୯୮୪

**ମୁଦ୍ରାକର :**

ଉଦ୍ୟୋଗ ପ୍ରିଣ୍ଟର୍ସ, ଭୁବନେଶ୍ୱର-୧

ମୂଲ୍ୟ-ସାଧା ସିଲଇ-ଟ ୩୦.୦୦

ବୋର୍ଡ ବଂଧାଇ-ଟ ୩୬.୦୦

**NILAKANTHA SMARAKI Volume II**

Editors—Dr. Sadasiv Misra
Sri Nityananda Mohapatra
Sri Banamali Misra
Er. Madhusudan Das

Publishers—Pandit Nilakantha Smruti Samiti
303, Kharvela Nagar, Bhubaneswar-I

Printers—**UDYOG PRINTERS** Bhubaneswar-I

Frist Edition—1984

Price—Paper pack-Rs. 30.00
Board Bound-Rs. 36.00

Digitized by PPRACHIN, SOA

# ସୂଚୀ ପତ୍ର


| | | ପୃଷ୍ଠା |
|---|---|---|
| (କ) ସୂଚନା | ଡ଼ଃ ସଦାଶିବ ମିଶ୍ର | (କ) |
| (ଖ) ପଣ୍ଡିତ ନୀଳକଂଠଂଙ୍କ ଜନ୍ମ ଶତବାର୍ଷିକୀ | ଶ୍ରୀ ଗଂଗାଧର ମହାପାତ୍ର | (ଗ) |
| (ଗ) ସ୍ମୃତି ସମିତି ତରଫରୁ | ଇଂ. ମଧୁସୂଦନ ଦାଶ | (ଚ) |

## (କ) ସ୍ମୃତିଚାରଣ

| | | |
|---|---|---|
| ୧ । ପରଲୋକଗତ ନେତାଙ୍କ ପ୍ରତି ଶ୍ରଦ୍ଧାଂଜଳି | ଗାନ୍ଧୀଜୀ | ୧ |
| ୨ । ଆଧୁନିକ ଭାରତରେ ଓଡ଼ିଶା ଓ ତହିଁରେ ନୀଳକଣ୍ଠଙ୍କ ସ୍ଥାନ | ଡ଼ଃ ହରେକୃଷ୍ଣ ମହତାବ | ୨ |
| ୩ । ଜାତୀୟବାଦୀ ମନୀଷୀ ନୀଳକଣ୍ଠ | ଡ଼ଃ ରାଧାନାଥ ରଥ | ୨୧ |
| ୪ । ମନୀଷୀ ନୀଳକଣ୍ଠ ଓ ତାଙ୍କ ପ୍ରତିଭା | ଡ଼ଃ ସତ୍ୟନାରାୟଣ ରାଜଗୁରୁ | ୨୯ |
| ୫ । ପ୍ରଖର ପ୍ରତିଭା | ଡ଼ଃ ସଦାଶିବ ମିଶ୍ର | ୪୮ |
| ୬ । ଦେଶ ସେବକ ନୀଳକଣ୍ଠ ଦାସ | ଶ୍ରୀ ନିତ୍ୟାନନ୍ଦ ମହାପାତ୍ର | ୫୩ |
| ୭ । ଉଦ୍ଦୀପ୍ତ ପ୍ରତିଭା | ଡ଼ଃ କାଳନ୍ଦୀ ଚରଣ ପାଣିଗ୍ରାହୀ | ୫୭ |
| ୮ । ଉତ୍କଳ ବୃହସ୍ପତି ପଣ୍ଡିତ ନୀଳକଣ୍ଠ | ଅଧ୍ୟାପକ ଗୌରୀ କୁମାର ବ୍ରହ୍ମା | ୬୦ |
| ୯ । ମୋ ଜୀବନରେ ପଣ୍ଡିତ ନୀଳକଣ୍ଠ | ଶ୍ରୀ ରାମକୃଷ୍ଣ ନନ୍ଦ | ୬୮ |
| ୧୦ । ଆମ ହେଡ୍ ମାଷ୍ଟର | ଶ୍ରୀ ଉଦୟନାଥ ଷଡ଼ଙ୍ଗୀ | ୭୩ |
| ୧୧ । ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଶାକୁ ଦାନ | ଶ୍ରୀ ଜାନକୀ ବଲ୍ଲଭ ମହାନ୍ତି ( ଭରଦ୍ୱାଜ ) | ୮୧ |
| ୧୨ । ଓଡ଼ିଶା କଂଗ୍ରେସର ପ୍ରଥମ ବିଜୟ | ଶ୍ରୀ ସୁରେନ୍ଦ୍ର ନାଥ ଦ୍ୱିବେଦୀ | ୯୦ |
| ୧୩ । ଓଡ଼ିଶା ପ୍ରଦେଶ ଗଠନରେ ପଣ୍ଡିତ ନୀଳକଣ୍ଠଙ୍କ ଭୂମିକା | ଡ଼ଃ ଶ୍ରୀରାମଚନ୍ଦ୍ର ଦାଶ | ୯୩ |
| ୧୪ । ଓଡ଼ିଶା ଓ ନୀଳକଣ୍ଠଙ୍କ ପ୍ରତି ସୁଭାଷଚନ୍ଦ୍ରଙ୍କ ଅନୁରକ୍ତି | ଶ୍ରୀ ତ୍ରିବିକ୍ରମ ମିଶ୍ର | ୯୬ |


Digitized by PPRACHIN, SOA

୧୫ । ଓଡ଼ିଶାରେ ସତ୍ୟବାଦୀ ବ୍ଲକ, ମିଳିତ
ମନ୍ତ୍ରୀମଣ୍ଡଳ ଓ ପଣ୍ଡିତ ନୀଳକଣ୍ଠ — ଶ୍ରୀ ଯୁଗଳ କିଶୋର ପାଣିଗ୍ରାହୀ — ୧୦୦
୧୬ । ବାଚସ୍ପତି ପଣ୍ଡିତ ନୀଳକଣ୍ଠ — ଶ୍ରୀ ହରିହର ବାହିନୀପତି — ୧୦୯
୧୭ । ଓଡ଼ିଆ ସଂସ୍କୃତିର ପୁରୋଦ୍ରଷ୍ଟା ନୀଳକଣ୍ଠ ଓ
କଂଗ୍ରେସ ଆନ୍ଦୋଳନ — ଡ଼ଃ ବିକ୍ରମ ଦାସ — ୧୧୨
୧୮ । ପଣ୍ଡିତ ନୀଳକଣ୍ଠଙ୍କପ୍ରତି ଭକ୍ତିପୂତ
ଶ୍ରଦ୍ଧାଂଜଳି — ଶ୍ରୀ ବିଜୟ କୁମାର ପାଣି — ୧୨୩
୧୯ । ଯେତେ ନିକଟରେ ସେତେ ଦୂରରେ — ଡ଼ଃ କୁଞ୍ଜବିହାରୀ ଦାଶ — ୧୨୬
୨୦ । ପରମ୍ପରା, ପରିସ୍ଥିତି ଓ ପୁରୋଦୃଷ୍ଟି — ଶ୍ରୀ ଗିରିଜା ଭୂଷଣ ପଟ୍ଟନାୟକ — ୧୩୦
୨୧ । ପଣ୍ଡିତ ନୀଳକଣ୍ଠ — ଶ୍ରୀ ଗୋକୁଳ ମୋହନ ରାୟଚୂଡ଼ାମଣି — ୧୩୫
୨୨ । କ୍ୱ ନୀଳକଣ୍ଠ ! ବ୍ରଜସି — ଶ୍ରୀ ବେଣୁଧର ରାଉତ — ୧୪୦
୨୩ । ଲିପି ସଂସ୍କାର — ଶ୍ରୀ ଗଙ୍ଗାଧର ମହାପାତ୍ର — ୧୪୫
୨୪ । ଉତ୍କଳ ସମ୍ମିଳନୀ, ସତ୍ୟବାଦୀ ସ୍କୁଲ ଓ
ପଣ୍ଡିତ ନୀଳକଣ୍ଠ — ଶ୍ରୀ ଦିଗମ୍ବର ରଥ — ୧୫୦
୨୫ । ପଣ୍ଡିତ ନୀଳକଣ୍ଠଙ୍କୁ ମୁଁ ଯାହା ଜାଣିଚି — ଶ୍ରୀ ଚିନ୍ତାମଣି ମହାପାତ୍ର — ୧୫୩
୨୬ । କେତୋଟି ସ୍ମରଣୀୟ ଘଟଣା — ଶ୍ରୀ ଗଣେଶ୍ୱର ମିଶ୍ର — ୧୬୦

## ( ଖ ) ଆଲୋଚନାତ୍ମକ ପ୍ରବନ୍ଧ

୧ । ଉତ୍କଳୀୟ ଆତିଥେୟତା — ଡ଼ଃ ସଦାଶିବ ମିଶ୍ର — ୧୬୯
୨ । ଆର୍ଯ୍ୟଋଷିଙ୍କର ବରପୁତ୍ର — ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ — ୧୭୩
୩ । ସଂସଦୀୟ ଇତିହାସରେ ପଣ୍ଡିତ
ନୀଳକଣ୍ଠଙ୍କ ବୈଶିଷ୍ଟ୍ୟ — ଶ୍ରୀ ବାଙ୍କବିହାରୀ ଦାସ — ୧୭୬
୪ । ପଣ୍ଡିତ ନୀଳକଣ୍ଠ-ସ୍ୱାଧୀନତା
ସଂଗ୍ରାମୀ ଓ ବ୍ୟବସ୍ଥାପକ — ଡ଼ଃ ସତ୍ୟ ନାରାୟଣ ରଥ — ୧୮୧
୫ । ରାଷ୍ଟ୍ରନୀତିଜ୍ଞ ନୀଳକଣ୍ଠ : ଏକ
ପ୍ରାରମ୍ଭିକ ଆଲୋଚନା — ଡ଼ଃ ଭବଗ୍ରାହୀ ମିଶ୍ର — ୧୮୯

Digitized by PPRACHIN, SOA

| | | |
|---|---|---|
| | | ପୃଷ୍ଠା |
| ୬ । ରାଜନୀତିକ ପଣ୍ଡିତ ନୀଳକଣ୍ଠ– ଏକ ବ୍ୟତିକ୍ରମ | ଇଂ ମଧୁସୂଦନ ଦାଶ | ୧୯୯ |
| ୭ । ମନୀଷୀ ନୀଳକଣ୍ଠଙ୍କ ରାଜନୈତିକ କୃତି ଓ ବିଚାରଧାରା | ଶ୍ରୀ ପଠାଣୀ ପଟ୍ଟନାୟକ | ୨୧୧ |
| ୮ । ବାଚସ୍ପତି ପଦରେ ପଣ୍ଡିତ ନୀଳକଣ୍ଠ | ଶ୍ରୀ ଦୀନକୃଷ୍ଣ ପଟ୍ଟନାୟକ | ୨୨୭ |
| ୯ । ପଣ୍ଡିତ ନୀଳକଣ୍ଠ ଦୁର୍ବାସାଙ୍କ ପରି ଥିଲେ କି ? | ଶ୍ରୀମତୀ ଇନ୍ଦିରା ଦେବୀ | ୨୩୩ |
| ୧୦ । ଶିକ୍ଷାୟତନରେ ଗ୍ରନ୍ଥାଗାର, ଗ୍ରନ୍ଥାଗାର ଆନ୍ଦୋଳନ ଓ ପଣ୍ଡିତ ନୀଳକଣ୍ଠ ମହାବିଦ୍ୟାଳୟ | ଅଧ୍ୟାପକ ଶକ୍ତିକାନ୍ତ ମିଶ୍ର | ୨୪୨ |
| ୧୧ । ବିପ୍ଳବୀ ନୀଳକଣ୍ଠଙ୍କ ସଫଳ ସାଧନା | ଅଧ୍ୟାପକ ବନମାଳୀ ମିଶ୍ର | ୨୪୬ |
| ୧୨ । ପଣ୍ଡିତ ନୀଳକଣ୍ଠଙ୍କ "ଆର୍ଯ୍ୟଜୀବନ" | ଡ଼ଃ ଗଙ୍ଗାଧର ବଳ | ୨୬୦ |
| ୧୩ । ମନୀଷୀ ନୀଳକଣ୍ଠଙ୍କ କାବ୍ୟ ଚେତନା 'ଖାରବେଳ'–ଏକ ଦୃଷ୍ଟିପାତ | ଅଧ୍ୟାପିକା ମନୋରମା ମହାପାତ୍ର | ୨୭୨ |
| ୧୪ । ନୀଳକଣ୍ଠଙ୍କ କାବ୍ୟ କୃତି 'ଦାସ ନାଏକ'–ଏକ ଅଧ୍ୟୟନ | ଡ଼ଃ କୁଞ୍ଜବିହାରୀ ତ୍ରିପାଠୀ | ୨୮୧ |
| ୧୫ । ଭଞ୍ଜ ସାହିତ୍ୟର ପୃଷ୍ଠପୋଷକ ନୀଳକଣ୍ଠ | ଡ଼ଃ ବନମାଳୀ ବାରିକ | ୨୯୦ |
| ୧୬ । ପଣ୍ଡିତ ନୀଳକଣ୍ଠ ଓ ମାନବତାବାଦୀ ଧର୍ମ | ଡ଼ଃ ବିଜୟାନନ୍ଦ କର | ୨୯୮ |
| ୧୭ । ମନୀଷୀ ନୀଳକଣ୍ଠଙ୍କ ଚିନ୍ତା ଓ ଚେତନା | ଡ଼ଃ ବେଣୀ ମାଧବ ପାଢ଼ୀ | ୩୦୨ |
| ୧୮ । ପଣ୍ଡିତ ନୀଳକଣ୍ଠଙ୍କ ପ୍ରବନ୍ଧରେ ଆଧ୍ୟାତ୍ମିକ ଓ ଦାର୍ଶନିକ ଚେତନା | ଡ଼ଃ ବାଉରୀବନ୍ଧୁ କର | ୩୦୮ |
| ୧୯ । ନୀଳକଣ୍ଠଙ୍କ ଧର୍ମ ଚେତନା ଓ ଦାର୍ଶନିକ ଦୃଷ୍ଟିକୋଣ | ଅଧ୍ୟାପିକା ଡ଼ଃ କୁମୁଦିନୀ ମିଶ୍ର | ୩୨୦ |
| ୨୦ । ପଣ୍ଡିତ ନୀଳକଣ୍ଠ ଓ ଜଗନ୍ନାଥ ଧର୍ମ | ଡ଼ଃ ପ୍ରମୋଦ କୁମାର ଦ୍ୱିବେଦୀ | ୩୩୯ |
| ୨୧ । ପଣ୍ଡିତ ନୀଳକଣ୍ଠ ଓ ଛାତ୍ର ସମାଜ | ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ | ୩୪୬ |

Digitized by PPRACHIN, SOA

## ( ଗ ) କବିତାବଳୀ


| | | | |
|---|---|---|---|
| ୧ । | ବକୁଳବନର ଗୁରୁଙ୍କ ମହାପ୍ରୟାଣ | ଜାତୀୟ କବି ବୀରକିଶୋର | ୩୫୦ |
| ୨ । | ମନସ୍ୱୀ | ଡ଼ଃ ମନ୍ମଥନାଥ ଦାସ | ୩୫୨ |
| ୩ । | ନୀଳକଂଠ ସ୍ମରଣେ | ଅଧ୍ୟାପିକା ମନୋରମା ମହାପାତ୍ର | ୩୫୩ |
| ୪ । | ନୀଳକଂଠ ସ୍ତୁତି | ପ୍ରାଧ୍ୟାପକ ରାମଚନ୍ଦ୍ର ବ୍ରହ୍ମା | ୩୫୫ |
| ୫ । | ହେ ନୀଳକଂଠ ! କବି କୋକିଳ | ପଣ୍ଡିତ ପ୍ରବୋଧ କୁମାର ମିଶ୍ର | ୩୫୬ |
| ୬ । | ଘୋଷୁଥିବୁ ସଦା ସେ ପୁଣ୍ୟ ନାମ | ଶ୍ରୀ ବଂଶୀଧର ମିଶ୍ର | ୩୫୮ |
| ୭ । | ନୀଳକଣ୍ଠଙ୍କୁ ଝଲିଲି ଦେଖା | ଶ୍ରୀ ବାଞ୍ଛାନିଧି ପଣ୍ଡା | ୩୬୨ |
| ୮ । | ଆଖିରେ ଆଖିଏ ଲୁହ | ଶ୍ରୀ ନୀଳମାଧବ ଦାସ | ୩୬୩ |
| ୯ । | ଗୁରୁ ଉପଦେଶ | ଶ୍ରୀ ସଦାଶିବ ପାତ୍ର | ୩୬୪ |
| ୧୦ । | ହେ ନୀଳକଂଠ | ଶ୍ରୀ ବିଜୟଚନ୍ଦ୍ର ପଟ୍ଟନାୟକ | ୩୬୬ |
| ୧୧ । | ନୀଳକଂଠ ସ୍ମରଣେ | ଶ୍ରୀ କୃପାସିନ୍ଧୁ ଦାଶ | ୩୬୭ |
| ୧୨ । | ପ୍ରଜ୍ଞା–ବାଗୀଶ ନୀଳକଂଠ | ଅଜୟ ନାୟକ | ୩୬୯ |


## (ଘ) ପଣ୍ଡିତ ନୀଳକଂଠଙ୍କ ରଚନାରୁ କିୟଦଂଶ


| | | |
|---|---|---|
| ୧ । | ମହାପୁରୁଷ ମାନଙ୍କର ବିଶିଷ୍ଟତା | ୩୭୦ |
| ୨ । | ମହାତ୍ମାଗାଂଧିଂକ ହରିଜନ ଯାତ୍ରା | ୩୭୧ |
| ୩ । | ଓଡ଼ିଆର ଧର୍ମ–ଧନ ଏକମାତ୍ର ସମ୍ବଳ | ୩୭୬ |
| ୪ । | ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ଓ ପଣ୍ଡିତ ନୀଳକଂଠ ଦାସ | ୩୮୧ |
| ୫ । | କାଶିମଂକ ପାଶ୍ଚୋଇ (ଅପ୍ରକାଶିତ) | ୩୮୩ |
| ୬ । | ଉଦ୍‌ବୋଧନ ଗୀତ | ୩୮୭ |
| ୭ । | ବଂଦେ ନବଭାରତ | ୩୮୮ |
| ୮ । | ବର୍ଷର ଶେଷ ରୋଲପ | ୩୯୦ |
| ୯ । | କୃଷକ ସ୍ତୁତି | ୩୯୨ |
| ୧୦ । | କଏଦୀ ଜୀବନ (ନିଜ ହାତଲେଖାର ପ୍ରତିଲିପି–ଅପ୍ରକାଶିତ) | ୩୯୪ |
| ୧୧ । | ଶ୍ରୀପଞ୍ଚମୀ | ୩୯୭ |
| ୧୨ । | ଗ୍ରାମ୍ୟ ଶ୍ମଶାନ | ୪୦୨ |


Digitized by PPRACHIN, SOA

# ସୂଚନା

ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି ଗଠିତ ହେବା ପରେ, ୧୯୮୦ ମସିହାରେ ନୀଳକଣ୍ଠ ସ୍ମାରକୀ ପ୍ରକାଶିତ ହେଲା । ଗ୍ରନ୍ଥଟି ଆଦୃତ ହେଲା । ୧୯୮୨ରେ ତାର ୨ୟ ସଂସ୍କରଣ ପ୍ରକାଶ ପାଇଲା । ସେଇଟି ସ୍ମାରକୀର ପ୍ରଥମ ଖଣ୍ଡ । ୧୯୮୩ ମସିହା ଅଗଷ୍ଟରୁ ତାଙ୍କର ଶତବାର୍ଷିକୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ତାଙ୍କର ଜନ୍ମତିଥି ଅଗଷ୍ଟ ପାଞ୍ଚ ତାରିଖ । ସେଇ ତିଥିରେ ଏ ସମାରୋହର ପ୍ରଥମ ଉତ୍ସବ ଅନୁଷ୍ଠିତ ହେଲା ତାଙ୍କର ସାଧନାପୀଠ ସତ୍ୟବାଦୀରେ । ପଣ୍ଡିତ ନୀଳକଣ୍ଠ ଓଡ଼ିଶା ସାହିତ୍ୟ ଏକାଡେମୀର ଥିଲେ ପ୍ରଥମ ସଭାପତି । ସେହିଦିନ ସନ୍ଧ୍ୟାରେ ଏକାଡେମୀର ଆନୁକୂଲ୍ୟରେ ଭୁବନେଶ୍ୱର-ଠାରେ ଏକ ପ୍ରାରମ୍ଭିକ ଉତ୍ସବ ସମାହିତ ହେଲା । ସେହିଦିନଠାରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ, କଲିକତା, ଜାମସେଦପୁର ଏବଂ ଚକ୍ରଧରପୁରଠାରେ ବିଭିନ୍ନ ସ୍କୁଲ କଲେଜରେ ଏବଂ ସାଂସ୍କୃତିକ ଅନୁଷ୍ଠାନରେ ଏ ଶତବାର୍ଷିକୀ ସମାରୋହରେ ପାଳିତ ହେଉଛି ।

ଇତି ମଧ୍ୟରେ ପଣ୍ଡିତ ନୀଳକଣ୍ଠଙ୍କ ସମ୍ବନ୍ଧରେ ବହୁ ପୁସ୍ତକ ପ୍ରକାଶିତ ହୋଇଛି । ତାଙ୍କର କର୍ମମୟ ଜୀବନର ବହୁକାଳ ଅତିବାହିତ ହୋଇଥିଲା କଟକରେ । ସେଠି ନୀଳକଣ୍ଠ ସ୍ମାରକୀ ପ୍ରଥମଖଣ୍ଡ ପ୍ରକାଶ ପାଇଥିଲା । ତାଙ୍କର କର୍ମମୟ ଜୀବନର ଶେଷ ପର୍ଯ୍ୟାୟ, ବିଧାନ ସଭାର ଅଧ୍ୟକ୍ଷ ଭବନେ । ଏଠାରେ ପ୍ରକାଶିତ ହେଉଛି ନୀଳକଣ୍ଠ ସ୍ମାରକୀର ଏଇ ଦ୍ୱିତୀୟ ଖଣ୍ଡ ।

ବହୁ ବନ୍ଧୁ ଏଥିପାଇଁ ଲେଖା ପଠାଇଛନ୍ତି । ସ୍ମୃତି ସମିତି ତରଫରୁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ସମସ୍ତେ ସୁଲେଖକ । ସବୁ ଲେଖାଗୁଡ଼ିକ ଏ ସ୍ମାରକୀର ଅନ୍ତର୍ଭୁକ୍ତ ହୋଇଛି । ପଣ୍ଡିତ ନୀଳକଣ୍ଠଙ୍କ କେତୋଟି ଅପ୍ରକାଶିତ ଲେଖା ମଧ୍ୟ ଏଥିରେ ପ୍ରକାଶିତ ହୋଇଛି । ଆଶା, ସ୍ମାରକୀର ପ୍ରଥମଖଣ୍ଡ ପରି ଏ ଦ୍ୱିତୀୟ ଖଣ୍ଡଟି ମଧ୍ୟ ଆଦୃତ ହେବ ।

ଏଥିରେ ଅଛି ଗଦ୍ୟ ଓ କବିତା । ଲେଖକମାନେ ପଣ୍ଡିତ ନୀଳକଣ୍ଠଙ୍କର କୃତି ଏବଂ ଅବଦାନର ବିଭିନ୍ନ ଦିଗ ଆଲୋଚନା କରିଛନ୍ତି । ଶିକ୍ଷା, ସାହିତ୍ୟ ଏବଂ ସଂସ୍କୃତିର ମାଧ୍ୟ-ମରେ ନୀଳକଣ୍ଠ ଜାତିର, ସମାଜର ସର୍ବାଙ୍ଗୀନ ବିକାଶ ଲାଗି ପରିକଳ୍ପନା କରିଥିଲେ ।

Digitized by PPRACHIN, SOA

ତ୍ୟାଗ, ନିଷ୍ଠା ଏବଂ ସେବା ଥିଲା ଏହାର ଆୟୁଧ । ଗଭୀର ପାଣ୍ଡିତ୍ୟ ଏବଂ ବିଚକ୍ଷଣ ବୌଦ୍ଧିକତା ଏହାର ନିୟାମକ । ସେ ଥିଲେ ଶିକ୍ଷାବିତ୍, ଦାର୍ଶନିକ, ସଂସ୍କାରକ । ସେ କାବ୍ୟ କବିତା ଲେଖିଛନ୍ତି । ବହୁ ପ୍ରବନ୍ଧ ଲେଖିଛନ୍ତି । ଭଗବଦ୍‌ଗୀତାର ବିଶ୍ଳେଷଣ କରିଛନ୍ତି । ସାହିତ୍ୟର କ୍ରମବିକାଶରେ ସଂସ୍କୃତିର ଅନୁସନ୍ଧାନ କରିଛନ୍ତି । ସମାଜ ସଂସ୍କାର କରିଛନ୍ତି; କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ କରିଛନ୍ତି । ସ୍ୱାଧୀନତା ସମରରେ ଝାସ ଦେଇଛନ୍ତି; କାରାବରଣ କରିଛନ୍ତି । ଓଡ଼ିଶା ପ୍ରଦେଶ ଗଠନଲାଗି ବ୍ୟବସ୍ଥାସଭା ଏବଂ କଂଗ୍ରେସରେ ଅକାଟ୍ୟ ଯୁକ୍ତି ପ୍ରଦର୍ଶନ କରିଛନ୍ତି ।

ଏ ସବୁ ତାଙ୍କ କୃତିର ବିଭିନ୍ନ ଦିଗ ନୁହେଁ; ବିଚ୍ଛିନ୍ନ ଅବଦାନ ନୁହେଁ । ଏ ମହତ୍ତ୍ୱ ଗୁଡ଼ିକ ପୃଥକ ଭାବରେ ଆଲୋଚନା କରାଗଲେ ତାହାର ଯଥାର୍ଥ ପରିସ୍ଫୁଟ ହେବ ନାହିଁ । ଏ ସମସ୍ତ ଗୋଟିଏ ବୃନ୍ତରେ ଉଦ୍ଭାସିତ ଗୋଟିଏ ଫୁଲର ପାଖୁଡ଼ାଗୁଚ୍ଛ । ଯେ କୌଣସି ଗୋଟିଏ ଦିଗ ବିଗ୍ରହ କରିବାକୁ ହେଲେ ଅନ୍ୟଗୁଡ଼ିକୁ ବାଦ ଦେଇ ହେବ ନାହିଁ । କୋଣାର୍କେ ବା ଖାରବେଳକୁ ଖାଲି ସାହିତ୍ୟ–କୃତି ଭାବରେ ବିଗ୍ରହ କଲେ, ତାହାର ଯଥାର୍ଥ ମୂଲ୍ୟାୟନ ହୋଇ ପାରିବ ନାହିଁ । ସେ କାବ୍ୟରେ ସନ୍ନିବିଷ୍ଟ ହୋଇଛି ପ୍ରାଚୀନ ଗୌରବ, କଳିଙ୍ଗର ପୂର୍ବ ବୀରତ୍ୱ । ତାହାରି ମାଧ୍ୟମରେ କବି ଜାତୀୟ ଜାଗରଣ ସୃଷ୍ଟି କରିଛନ୍ତି, ଉଦ୍‌ବୋଧନ ଦେଇଛନ୍ତି । କବିଙ୍କର ପ୍ରତିଭା ଏବଂ ବୌଦ୍ଧିକତାକୁ ଆଧାର କରି ଫୁଟି ଉଠିଛି ଗୋଟିଏ ସୁରଭିତ କୁସୁମ । ସେଇଟି ସର୍ବଦା ସଦ୍ୟ ଏବଂ ତାହାର ପାଖୁଡ଼ା ଗୁଡ଼ିକ ସୌରଭରେ ଭରା । ଗୋଟିଏ ପାଖୁଡ଼ା ଛିନ୍ନ କରିଦେଲେ ସେ ମହକ ମିଳି ପାରିବ ନାହିଁ । ଏ ସମସ୍ତ ସମନ୍ୱିତ ବିକାଶ ।

ନୀଳକଣ୍ଠ ସ୍ମାରକୀରେ ଏହି ସମନ୍ୱୟ ପ୍ରକଟିତ ହେବାର ଉଦ୍ୟମ ହୋଇଛି ।

ସଦାଶିବ ମିଶ୍ର

–※–

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠଙ୍କ ଜନ୍ମ ଶତବାର୍ଷିକୀ

ପଣ୍ଡିତ ନୀଳକଣ୍ଠ ଦାସ ବଞ୍ଚିଥିଲେ ତାଙ୍କୁ ଶହେ ବର୍ଷ ପୂର୍ଣ୍ଣ ହୋଇ ସାରନ୍ତାଣି । ନୀଳକଣ୍ଠଙ୍କର ଜନ୍ମ ବିଷୟର କାହାଣୀରୁ ଜଣା ଯାଏ, ସେ ଅଞ୍ଚଳର ପ୍ରସିଦ୍ଧ ମହାଦେବ 'ବାଲିଆ ନୀଳକଣ୍ଠ' ତାଙ୍କ ପିତା, ମାତାଙ୍କର ପ୍ରଗାଢ଼ ଆରାଧନାରେ ପ୍ରୀତ ହୋଇ କେବଳ ସେମାନଙ୍କୁ ନୁହେଁ, ଓଡ଼ିଶାପାଇଁ ବାସ୍ତବରେ ଜଣେ ବରପୁତ୍ର ଦାନ କରିଥିଲେ । ତାଙ୍କର ପ୍ରଚଣ୍ଡ ପ୍ରତିଭା ବଳରେ ବାଲ୍ୟକାଳରୁ ଶେଷ ଜୀବନ ପର୍ଯ୍ୟନ୍ତ ସେ ଯେଉଁଥିରେ ହାତ ଦେଇଚନ୍ତି ସେ କାର୍ଯ୍ୟରେ ବିରାଟ ସାଫଲ୍ୟ ହାସଲ କରି ଯାଇଚନ୍ତି । ତାଙ୍କର ଶିକ୍ଷକତା ଜୀବନଠାରୁ ଆରମ୍ଭ କରି ସଂସ୍କାରକ ଜୀବନ, ସାହିତ୍ୟିକ ଓ ରାଜନୀତିକ ଜୀବନ ଏବଂ ତା' ମଧ୍ୟରେ ସାଂବାଦିକ ଓ ବ୍ୟବସ୍ଥାପକ ଜୀବନରେ ସେ ପ୍ରତିପକ୍ଷର ଈର୍ଷା ଓ ଦ୍ୱେଷ ଜନିତ ନାନା ପ୍ରତିବନ୍ଧକର ସମ୍ମୁଖୀନ ହୋଇ ସର୍ବତ୍ର ଶେଷରେ ଜୟଯୁକ୍ତ ହୋଇଚନ୍ତି ।

ଛାତ୍ରାବସ୍ଥାରୁ ମୁଁ ତାଙ୍କ ସହିତ ସଂପୃକ୍ତ ଓ ରାଜନୀତିରେ ମୁଁ ତାଙ୍କର ସହଗାମୀ ଥିଲି । ଆଜି ତାଙ୍କର ସ୍ମୃତି ରକ୍ଷାରେ ସୌଭାଗ୍ୟକ୍ରମେ ମୁଁ ସଂଶ୍ଳିଷ୍ଟ ହୋଇଚି ଓ ଶତବାର୍ଷିକୀ ପାଳନର ଦାୟିତ୍ୱ ମଧ୍ୟ ବହନ କରିଚି । ଏହାର ଆରମ୍ଭରେ ୧୯୮୩ ମସିହା ଅଗଷ୍ଟ ୫ ତାରିଖରେ ପଣ୍ଡିତ ନୀଳକଣ୍ଠଙ୍କର ଅଖଣ୍ଡ ଜ୍ୟୋତି ବହନ କରି ତାଙ୍କ ଜନ୍ମସ୍ଥଳୀ ସତ୍ୟବାଦୀର ରାଜପଥ ପରିକ୍ରମା କରି ତାଙ୍କ ସତ୍ୟବାଦୀ ଜୀବନର ସହକର୍ମୀ ଡ଼ଃ ରାଧାନାଥ ରଥଙ୍କୁ ପଞ୍ଚସଖା ପୀଠରେ ଅବସ୍ଥାପନା ପାଇଁ ବଢ଼ାଇ ଦେଇଥିଲି । ତା' ପରେ ପୁରୀ ଓ ପୁରୀଜିଲ୍ଲାର କେତେକ ଅଞ୍ଚଳରେ ଏଇ ଜ୍ୟୋତି ପରିକ୍ରମା କରି ପଣ୍ଡିତ ନୀଳକଣ୍ଠଙ୍କ ଶତବାର୍ଷିକୀ ପାଳନ ଉତ୍ସବରେ ସମ୍ବର୍ଦ୍ଧିତ ହୋଇଥିଲା ଏବଂ ଗତବର୍ଷ ଅକ୍ଟୋବର ୭ ତାରିଖରେ ଆସି ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ନୀଳକଣ୍ଠ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ମହାବିଦ୍ୟାଳୟରେ ଅବସ୍ଥାପିତ ହୋଇଥିଲା । ଗତ ୧୫ମାସ ମଧ୍ୟରେ ଏଇ ଜ୍ୟୋତି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିଭାର ପ୍ରତୀକରୂପେ ତାଙ୍କର ବାର୍ତ୍ତା ବହନ କରି ସଭା ସମିତି କରିଆରେ ରାଜ୍ୟର ଛାତ୍ର ଓ ଯୁବଶ୍ରେଣୀଙ୍କୁ ବିଶେଷ ଭାବରେ ଉଦ୍‌ବୁଦ୍ଧ କରିଚି ବୋଲି ମୋର ମନେହୁଏ ।

ଆଜି ମନେ ପଡ଼ୁଚି, ଯେପରି ଭାବରେ ହଜାର ହଜାର ସଂଖ୍ୟାରେ ଛାତ୍ର, ଶିକ୍ଷକ ଓ ଜନସାଧାରଣ ଏଇ ଜ୍ୟୋତିକୁ ସମ୍ବର୍ଦ୍ଧନା ଜ୍ଞାପନ କରି ସତ୍ୟବାଦୀଠାରେ 'ପଣ୍ଡିତ

Digitized by PPRACHIN, SOA

ନୀଳକଣ୍ଠ ଅମର ରହେ' ଧ୍ୱନିରେ ଗଗନ ପବନ ମୁଖରିତ କରି ଏହାର ଅନୁଗମନ କରୁଥିଲେ, ତା'ର ଯେପରିକି ପଟାନ୍ତର ନାହିଁ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବିଶେଷତଃ ସ୍କୁଲ, କଲେଜ ତଥା ସାଂସ୍କୃତିକ ଶିକ୍ଷାନୁଷ୍ଠାନ ମାନଙ୍କରେ ପଣ୍ଡିତ ନୀଳକଣ୍ଠଙ୍କ ଆଦର୍ଶ ଓ ସାଧନାର ପ୍ରତୀକ ଏହି ଜ୍ୟୋତିକୁ ଯେପରି ସମ୍ବର୍ଦ୍ଧନା ଜ୍ଞାପନ କରଯାଉଥିଲା ଓ ପଣ୍ଡିତ ନୀଳକଣ୍ଠଙ୍କ କର୍ମମୟ ଜୀବନ ତଥା ଜୀବନାଦର୍ଶ ସମ୍ପର୍କରେ ଯେପରି ବହୁ ତଥ୍ୟ ସମ୍ବଳିତ ଓ ପାଣ୍ଡିତ୍ୟ-ପୂର୍ଣ୍ଣ ଆଲୋଚନାମାନ ହୋଇ ନୀଳକଣ୍ଠଙ୍କ ପ୍ରତି ଗଭୀର ଶ୍ରଦ୍ଧାଂଜଳି ଜ୍ଞାପନ କରଯାଉଥିଲା, ତହିଁରେ ଆମ୍ଭେମାନେ ମୁଗ୍ଧ ହୋଇଛୁ । ବିଶେଷରେ ଗଂଜାମ, କୋରାପୁଟ ଜିଲ୍ଲା ଦୁଇଟି, ଯାହା ନୀଳକଣ୍ଠଙ୍କର ବଳିଷ୍ଠ ଓ ଅକାଟ୍ୟ ଯୁକ୍ତି ବ୍ୟତୀତ ହୁଏତ ଓଡ଼ିଶାରେ ମିଶି ପାରି ନ ଥାନ୍ତା, ଗଞ୍ଜାମ ଅଞ୍ଚଳର ସମ୍ବର୍ଦ୍ଧନା ଅପେକ୍ଷାକୃତ ଅଧିକ ବ୍ୟାପକ ଓ ହୃଦୟସ୍ପର୍ଶୀ ହୋଇଥିଲା । ଏ ଦୁଇଟି ଜିଲ୍ଲା ପଣ୍ଡିତ ନୀଳକଣ୍ଠଙ୍କ ରାଜନୀତିର କ୍ରୀଡ଼ାଭୂମି ଥିଲାବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ ସଂପର୍କରେ ପଣ୍ଡିତ ନୀଳକଂଠ ସ୍ମୃତି ସମିତି ତଥା ପଣ୍ଡିତ ନୀଳକଂଠ ଶତବାର୍ଷିକୀ ପାଳନ କମିଟିର ସଂପାଦକ ତାଙ୍କ ବିବରଣୀରେ ବିଶଦ ଭାବରେ ଆଲୋଚନା କରିଚନ୍ତି ।

ଯୁବସମାଜକୁ ନୀଳକଣ୍ଠଙ୍କ ଆଦର୍ଶରେ ଅନୁପ୍ରାଣିତ କରିବାପାଇଁ ସ୍ମୃତି ସମିତି ପକ୍ଷରୁ ସୃଷ୍ଟି କରଯାଇଥିବା ସ୍ଥାୟୀ ପାଣ୍ଠି ମାଧ୍ୟମରେ ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ମାନଙ୍କରେ ପଣ୍ଡିତ ନୀଳକଣ୍ଠ ପ୍ରବଂଧ ପ୍ରତିଯୋଗିତା, ବକ୍ତୃତା ଓ କବିତା ଆବୃତ୍ତି ପ୍ରତିଯୋଗିତାମାନ ଅନୁଷ୍ଠିତ କରଯିବା ବ୍ୟତୀତ ଶତବାର୍ଷିକୀ ଅବସରରେ ପୁଣି ରାଜ୍ୟର ପ୍ରତ୍ୟେକଟି ସବ୍‌ଡ଼ିଭିଜନରେ ହାଇସ୍କୁଲ ସ୍ତରରେ ବକ୍ତୃତା ଓ କବିତା ଆବୃତ୍ତି ପ୍ରତିଯୋଗିତାମାନ କରଯାଇଚି । ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି ମାନଙ୍କଠାରୁ ମହାବିଦ୍ୟାଳୟମାନଙ୍କର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା, ରାଜ୍ୟ ଶିକ୍ଷା ବିଭାଗର ଡ଼ାଇରେକ୍‌ଟର, ସ୍କୁଲ ବିଭାଗର ଇନ୍‌ସ୍‌ପେକ୍‌ଟର ତଥା ହାଇସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କର ସହଯୋଗ ଏକାନ୍ତ ପ୍ରଶଂସାର୍ହ ।

ଅତ୍ୟନ୍ତ ଆନନ୍ଦର କଥା ଯେ ଶତବାର୍ଷିକୀ ପାଳନରେ ଆମର ଉଦ୍ୟମକୁ ଅଧିକ ସକ୍ରିୟ ଓ ଫଳପ୍ରସୂ କରିବା ନିମନ୍ତେ ଓଡ଼ିଶାର ଅନ୍ୟତମ ବିଶିଷ୍ଟ ସାହିତ୍ୟିକ ତଥା ରାଜ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ ଶତବାର୍ଷିକୀ ପାଳନ କମିଟିର ସଭାପତିର ଦାୟିତ୍ୱ ଗ୍ରହଣ କରି କମିଟିର ମହତ୍ତ୍ୱ ବଢ଼ାଇବା ସଙ୍ଗେ ସଙ୍ଗେ ଓଡ଼ିଶା ବାହାରେ ମଧ୍ୟ ନୀଳକଣ୍ଠଙ୍କ ଜୀବନର ଉଚ୍ଚତମ ଆଦର୍ଶ ପ୍ରତିପାଦନ କରିଚନ୍ତି । ଜାମସେଦପୁରଠାରେ ସିଂହଭୂମି ଓଡ଼ିଆ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ଶତବର୍ଷିକୀ

Digitized by PPRACHIN, SOA

ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀଯୁକ୍ତ ପଟ୍ଟନାୟକ ବିଶେଷ ଭାବରେ ଦର୍ଶାଇଥିଲେ ଯେ ଭାରତ କ୍ଷେତ୍ରରେ ଓଡ଼ିଶାକୁ ପ୍ରତିଷ୍ଠିତ କରିବା ଥିଲା ନୀଳକଣ୍ଠଙ୍କର ସମସ୍ତ ସାଧନାର ମୁଖ୍ୟ ଉଦ୍ଦେଶ୍ୟ । ଏହା ବ୍ୟତୀତ କଲିକତାରେ ପଣ୍ଡିତ ଗୋପବନ୍ଧୁଙ୍କ ମୂର୍ତ୍ତି ନିକଟରେ ପଣ୍ଡିତ ନୀଳକଣ୍ଠଙ୍କର ଗୋଟିଏ ଆବକ୍ଷ ମୂର୍ତ୍ତି ପ୍ରତିଷ୍ଠିତ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ପକ୍ଷରୁ ଟ ୨୫.୦୦୦.୦୦ ଦାନ କରି ସେ ଓଡ଼ିଶା ବାସୀଙ୍କର ଧନ୍ୟବାଦାର୍ହ ହୋଇଛନ୍ତି ।

ଆଜିର ଏହି ଶୁଭ ଅବସରରେ ମୁଁ ତାଙ୍କୁ, ସ୍ମୃତି ସମିତିର ସଭାପତି ଡ଼ଃ ସଦାଶିବ ମିଶ୍ର, ଉପସଭାପତି ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ଓ ଶ୍ରୀ ଯୁଗଳକିଶୋର ପଟ୍ଟନାୟକ, ସ୍ମୃତି ସମିତି କାର୍ଯ୍ୟକାରୀ କମିଟିର ସମସ୍ତ ସଭ୍ୟ ତଥା ଶତବାର୍ଷିକୀ ପାଳନ କମିଟିର ଉପ-ସଭାପତି ଡ଼ଃ କୁଞ୍ଜବିହାରୀ ଦାଶ, ଶ୍ରୀ ଦୀନବନ୍ଧୁ ମହାପାତ୍ର, ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର ତଥା କଲିକତା ଶତବାର୍ଷିକୀ କମିଟିର ସଭାପତି ଶ୍ରୀ ଦୁର୍ଗାମାଧବ ମିଶ୍ର I.P.S, ରାଉରକେଲା ଇସ୍ପାତ କାରଖାନାର ଜେନେରାଲ ମେନେଜର ଏନ୍. ସି. ନାୟକ, ଡେପୁଟି ଜେନେରାଲ ମାନେଜର ଶ୍ରୀ ପ୍ରସନ୍ନକୁମାର ହୋତା I.A.S ଓ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅଗଣିତ ପୃଷ୍ଠପୋଷକ, ସମିତିର ଆଜୀବନ ସଭ୍ୟ ଓ ଶୁଭେଚ୍ଛୁମାନଙ୍କୁ ସେମାନଙ୍କର ଅକୁଣ୍ଠ ସାହାଯ୍ୟ ଲାଗି ମୋର ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛି ଓ ଆଶା କରୁଛି, ପଣ୍ଡିତ ନୀଳକଣ୍ଠଙ୍କ ସ୍ମୃତି ରକ୍ଷାର ଭବିଷ୍ୟତ କର୍ମପନ୍ଥାରେ ସେମାନଙ୍କର ସାହାଯ୍ୟ ଓ ସହାନୁଭୂତି ସେହିପରି ଅତୁଟ ରହିବ ।

ପରିଶେଷରେ ପଣ୍ଡିତ ନୀଳକଣ୍ଠଙ୍କ ସାଧନାର ବିଭିନ୍ନ ଦିଗ ଉପରେ ଆଲୋକ-ପାତ କରି ରାଜ୍ୟର ସାହିତ୍ୟିକ, ପ୍ରାବନ୍ଧିକ, କବି ଓ ଜନନେତାଙ୍କ ଲେଖାରେ ସଂବୃଦ୍ଧ 'ନୀଳକଂଠ ସ୍ମାରକୀ'-ର ଖଣ୍ଡ ଉନ୍ମୋଚନ କରିବା ନିମନ୍ତେ ମୁଁ ଆଜିର ମୁଖ୍ୟ ଅତିଥିଂକୁ ଅନୁରୋଧ ଜଣାଉଛି ।

ଗଂଗାଧର ମହାପାତ୍ର
କାର୍ଯ୍ୟକାରୀ ସଭାପତି
ପଣ୍ଡିତ ନୀଳକଣ୍ଠ ଶତବାର୍ଷିକୀ ପାଳନ କମିଟି
ଭୁବନେଶ୍ୱର

—*—

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି ତରଫରୁ

ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି ୧୯୭୮ ମସିହା ନଭେମ୍ବର ମାସରେ ଗଠିତ ହୋଇଥିଲା । ଗତ ୬ବର୍ଷ ମଧ୍ୟରେ ସମିତି ତରଫରୁ ପଣ୍ଡିତ ନୀଳକଣ୍ଠ ସ୍ମୃତି ରକ୍ଷା ନିମନ୍ତେ ମୁଖ୍ୟତଃ ନିମ୍ନଲିଖିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯାଇଛି :

## (୧) ଉତ୍କଳ ବିଶ୍ୱବିଦ୍ୟାଳୟରେ ଏକ ସିନିୟର ଗବେଷକ ପଦ ସୃଷ୍ଟି :

୭୨ ହଜାର ଟଙ୍କାର ଗୋଟିଏ ସ୍ଥାୟୀ ପାଣ୍ଠି ମାଧ୍ୟମରେ ଏହି ଗବେଷକ ପଦ ସୃଷ୍ଟି କରଯାଇ ଏ ମଧ୍ୟରେ ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟ କୃତି ବିଶେଷତଃ କାବ୍ୟ, କବିତା ଏବଂ ତାଙ୍କ ରାଜନୈତିକ ଚିନ୍ତାଧାର ଉପରେ ଗବେଷଣା କରଯାଇଛି । ଏବେ ନୀଳକଣ୍ଠଙ୍କ ଦାର୍ଶନିକ ଦୃଷ୍ଟିକୋଣ ଉପରେ ଗବେଷଣା ଆରମ୍ଭ ହେବ ।

## (୨) ନୀଳକଣ୍ଠ ସ୍ମାରକୀ ବକ୍ତୃତାମାଳାର ପ୍ରଚଳନ :

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଗୋଟିଏ ୨୦ହଜାର ଟଙ୍କାର Endowment ସୃଷ୍ଟି କରଯାଇ ଏ ମଧ୍ୟରେ କଟକ, ସମ୍ବଲପୁର, ବ୍ରହ୍ମପୁର ଓ ଭୁବନେଶ୍ୱରଠାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୪ଟି ପର୍ଯ୍ୟାୟରେ ୬ଟି ବକ୍ତୃତାମାଳା ପ୍ରଦାନ କରଯାଇ ସାରିଲଣି । ସେଥିରୁ ୩ଟି ବକ୍ତୃତାମାଳା ମଧ୍ୟ ପ୍ରକାଶିତ ହୋଇଛି । ଅବଶିଷ୍ଟ ୩ଟିର ପ୍ରକାଶ ଲାଗି ଉତ୍କଳ ବିଶ୍ୱବିଦ୍ୟାଳୟ ଚେଷ୍ଟା କରୁଚନ୍ତି ।

## (୩) ବିଶ୍ୱବିଦ୍ୟାଳୟମାନଙ୍କରେ 'ପଣ୍ଡିତ ନୀଳକଣ୍ଠ ପ୍ରବନ୍ଧ ଓ ବକ୍ତୃତା' ପ୍ରତିଯୋଗିତା ପ୍ରଚଳନ :

ଉତ୍କଳ, ସମ୍ବଲପୁର, ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟମାନଙ୍କ ଅଧୀନରେ ପ୍ରତ୍ୟେକରେ ୬ ହଜାର ଟଙ୍କାର ସ୍ଥାୟୀ ପାଣ୍ଠି ସୃଷ୍ଟି କରଯାଇଚି ଓ ତା'ରି କଲନ୍ତରରୁ ପ୍ରତିବର୍ଷ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଏହି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇ କୃତୀ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାରମାନ ଦିଆଯାଉଚି ।

Digitized by PPRACHIN, SOA

## ( ୪ ) 'ବିଦ୍ୟାଭବନ ନୀଳକଣ୍ଠ ପୁରସ୍କାର' :

ଭାରତୀୟ ବିଦ୍ୟାଭବନ, ବମ୍ବେକୁ ୧୯୮୧ ମସିହା ଜୁନ୍ ମାସରେ ୫ ହଜାର ଟଙ୍କା ଦାନ କରାଯିବାରେ ଭାରତୀୟ ବିଦ୍ୟାଭବନ କର୍ତ୍ତୃପକ୍ଷ ସମପରିମାଣ ଅର୍ଥ ସାହାଯ୍ୟ ଦେଇ ମୋଟ ୧୦ ହଜାର ଟଙ୍କାର ଏକ ସ୍ଥାୟୀ ପାଣ୍ଠି ସୃଷ୍ଟି କରିଚନ୍ତି । ତାହାରି କଳନ୍ତରରୁ ପ୍ରତିବର୍ଷ ଉତ୍କୃଷ୍ଟ ପ୍ରବନ୍ଧ ଲାଗି ବିଦ୍ୟାଭବନ ୧୦୦୦ ଟଙ୍କାର ଗୋଟିଏ "ବିଦ୍ୟାଭବନ ନୀଳକଣ୍ଠ ପୁରସ୍କାର" ଦେବାର କଥା । ପ୍ରଥମ ଥର ଲାଗି ଏହା ପଣ୍ଡିତ ନୀଳକଣ୍ଠଙ୍କ ଶତବାର୍ଷିକୀ ଅବସରରେ ଗତ ମେ ମାସରେ ପ୍ରାବନ୍ଧିକ ଶ୍ରୀ ଚିତ୍ତରଞ୍ଜନ ଦାସଙ୍କୁ ତାଙ୍କର ଉତ୍କୃଷ୍ଟ ପ୍ରବନ୍ଧ ପୁସ୍ତକଲାଗି ପୁରସ୍କୃତ କରାଯାଇଛି ।

## ( ୫ ) ଉଚ୍ଚ ବିଦ୍ୟାଳୟମାନଙ୍କରେ ପ୍ରତିଯୋଗିତା :-

( କ ) ସତ୍ୟବାଦୀ ଉଚ୍ଚବିଦ୍ୟାଳୟ ଓ ସତ୍ୟବାଦୀ ସରକାରୀ ବାଳିକା ଉଚ୍ଚ-ବିଦ୍ୟାଳୟରେ ଯଥାକ୍ରମେ ୧ହଜାର ଓ ୫ଶହ ଟଙ୍କାର Endowment ୨ଟି ଜରିଆରେ 'ପଣ୍ଡିତ ନୀଳକଣ୍ଠ, ଓ ତାଙ୍କ ସହଧର୍ମିଣୀ 'ଶ୍ରୀମତୀ ରାଧାମଣୀ ଦେବୀ' ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାମାନ ପ୍ରଚଳନ କରାଯାଇଚି ।

( ଖ ) ରାଜ୍ୟର ଅନ୍ୟାନ୍ୟ ଉଚ୍ଚବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଲାଗି ପ୍ରତି ଜିଲ୍ଲା-ସ୍ତରରେ ଓ ରାଜଧାନୀ ଭୁବନେଶ୍ୱରରେ "ପଣ୍ଡିତ ନୀଳକଣ୍ଠ ବକ୍ତୃତା ଓ କବିତା ଆବୃତ୍ତି ପ୍ରତିଯୋଗିତା" ନିମନ୍ତେ ପ୍ରତି କେନ୍ଦ୍ର ପାଇଁ ସ୍କୁଲ ଇନ୍‌ସପେକ୍‌ଟରମାନଙ୍କ ଜରିଆରେ ଟ ୯୦୦ର ଗୋଟିଏ ଲେଖାଏଁ Edowment ସୃଷ୍ଟି କରାଯାଇଚି ।

ଏ ପ୍ରତିଯୋଗିତାମାନ ବାଲେଶ୍ୱର, ବଲାଂଗିର, ସୁନ୍ଦରଗଡ଼ ପ୍ରଭୃତି ବହୁ କେନ୍ଦ୍ରରେ ବଡ଼ ଆଗ୍ରହ ସହକାରେ ସଫଳତାର ସହିତ ଅନୁଷ୍ଠିତ ହେଉଚି । ନୀଳକଣ୍ଠଙ୍କ ଶତବାର୍ଷିକୀ ଅବସରରେ ଏହି ପ୍ରତିଯୋଗିତାମାନ ସେହି ଇନ୍‌ସପେକ୍‌ଟରମାନଙ୍କ ଜରିଆରେ ରାଜ୍ୟର ପ୍ରତି ସବ୍‌ଡ଼ିଭିଜନାଲ ସଦର ମହକୁମା କେନ୍ଦ୍ରକୁ ପ୍ରସାରିତ କରାଯାଇଚି । ଓଡ଼ିଶାର ୫୬ଟି ଯାକ ସବ୍‌ଡ଼ିଭିଜନ କେନ୍ଦ୍ରରେ ଏ ମଧ୍ୟରେ ଏହା ଅନୁଷ୍ଠିତ ହୋଇଯାଇଚି ବୋଲି ମନେ ହୁଏ ।

## ( ୬ ) ପୁସ୍ତକ ପ୍ରକାଶନ :-

ପଣ୍ଡିତ ନୀଳକଣ୍ଠଙ୍କ ଜୀବନୀ ଓ କୃତି ଉପରେ ଆଧାରିତ ନିମ୍ନଲିଖିତ ପୁସ୍ତକମାନ ସମିତି ତରଫରୁ ନିମ୍ନମତେ ପ୍ରକାଶ କରାଯାଇଚି :-

Digitized by PPRACHIN, SOA

(କ) 'ନୀଳକଣ୍ଠ ସ୍ମାରକୀ'– ଓଡ଼ିଶାର ୬୦ଜଣଙ୍କ ଊର୍ଦ୍ଧ୍ୱ ପ୍ରାବନ୍ଧିକ, କବି ଓ ଜନନେତାଙ୍କ ଲେଖାରେ ସମୃଦ୍ଧ ୨୫୦ ପୃଷ୍ଠାର ଏହି ପୁସ୍ତକର ପ୍ରଥମ ସଂସ୍କରଣ ୧୯୮୦ ମସିହାରେ ଓ ୨ୟ ସଂସ୍କରଣ ୧୯୮୨ରେ ।

(ଖ) 'ମନୀଷୀ ନୀଳକଣ୍ଠ'– ପଣ୍ଡିତ ନୀଳକଣ୍ଠଙ୍କ ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ର ଅଧ୍ୟାପକ ଚିନ୍ତାମଣି ଦାଶଙ୍କ ଲିଖିତ ୩୫୦ ପୃଷ୍ଠାର ପୁସ୍ତକଟି ୧୯୮୨ ରେ ।

(ଗ) 'ପଣ୍ଡିତ ନୀଳକଣ୍ଠ– ଜୀବନୀ ଓ କୃତି'– ବିଶ୍ୱଭାରତୀର ପ୍ରାଧ୍ୟାପକ ଡ଼ଃ ନରେନ୍ଦ୍ର ନାଥ ମିଶ୍ରଙ୍କ ରଚିତ ୨୫୦ ପୃଷ୍ଠାର ଏହି ପୁସ୍ତକଟି ୧୯୮୩ ମସିହାରେ ।

(ଘ) ପଣ୍ଡିତ ନରସିଂହ ମହାପାତ୍ରଙ୍କ ଲିଖିତ 'ମନୀଷୀ ନୀଳକଣ୍ଠ'– ପୁସ୍ତକର ଏକ ୧୫୦ ପୃଷ୍ଠାର ପରିବର୍ତ୍ତିତ ଓ ପରିବର୍ଦ୍ଧିତ ସଂସ୍କରଣ ପଣ୍ଡିତ ନୀଳକଣ୍ଠଙ୍କ ୧୦୧ ତମ ଜୟନ୍ତୀ, ତା ୫ । ୮ । ୮୪ରେ ଉନ୍ମୋଚନ କରାଯାଇଚି ।

(ଙ) 'ନୀଳକଣ୍ଠ ସ୍ମାରକୀ' ୨ୟ ଖଣ୍ଡ- ଓଡ଼ିଶା ଓ ଓଡ଼ିଶା ବାହାରର ୬୦ ଜଣରୁ ଊର୍ଦ୍ଧ୍ୱ ପ୍ରାବନ୍ଧିକ, କବି, ଦାର୍ଶନିକ ଓ ଜନନେତାଙ୍କ ଲେଖାରେ ପରିପୁଷ୍ଟ ଓ ପଣ୍ଡିତ ନୀଳକଣ୍ଠଙ୍କ ସାହିତିକ, ରାଜନୈତିକ, ବୈଧାନିକ ତଥା ଦାର୍ଶନିକ କର୍ମଜୀବନ ଓ ସାଧନା ଉପରେ ଆଧାରିତ ଏହି ୪୦୦ ପୃଷ୍ଠାରୁ ଊର୍ଦ୍ଧ୍ୱ ଗ୍ରନ୍ଥଟି ବର୍ତ୍ତମାନ ଉନ୍ମୋଚନ ଅପେକ୍ଷାରେ । ଏଥିରେ ତାଙ୍କ ରାଜନୈତିକ ଜୀବନଧାରା ବିଷୟରେ ବହୁ ନୂତନ ତଥ୍ୟ ଉଦ୍‌ଘାଟିତ ହୋଇପାରିଚି ।

ଏହା ବ୍ୟତୀତ, ଇଂରେଜ ମହିଳା Mrs Lila Ray ଙ୍କ ରଚିତ 'Pandit Nilakantha Das' ନାମକ ଏକ ଇଂରାଜି ପୁସ୍ତକର ପାଣ୍ଡୁଲିପି ଆମର ହସ୍ତଗତ ହୋଇଚି । ଏହି ଶତବାର୍ଷିକୀ ଅର୍ଥାତ୍ ୧୯୮୫ ଅଗଷ୍ଟ ୫ ତାରିଖ ମଧ୍ୟରେ ଏହାର ପ୍ରକାଶନ ନିମନ୍ତେ ସ୍ମୃତି ସମିତି ଚେଷ୍ଟିତ ।

## (୬) ପଣ୍ଡିତ ନୀଳକଣ୍ଠଙ୍କର 'ନବଭାରତ'ରେ ପ୍ରକାଶିତ ଲେଖା, ଆଲୋଚନା ଓ ବ୍ୟବସ୍ଥା ସଭାର ବକ୍ତୃତା ଗୁଡ଼ିକର ସଂକଳନ :

'ନବଭାରତ'ରେ ୧୯୩୪ ପ୍ରଥମ ବର୍ଷ ଓ ୧୯୪୬ରୁ ୧୯୫୦ ପର୍ଯ୍ୟନ୍ତ ପ୍ରକାଶ ପାଇଥିବା ତାଙ୍କର ସମସ୍ତ ଉପାଦେୟ ଲେଖା ଓ ଆଲୋଚନାମାନ ସଂଗୃହୀତ ହୋଇ ରଖାଯାଇଚି; ମାତ୍ର ମଧ୍ୟବର୍ତ୍ତୀ କାଳୀନ 'ନବଭାରତ'ରୁ କେତେ ଖଣ୍ଡ ବ୍ୟତୀତ ଅନ୍ୟ ସଂଖ୍ୟା ଗୁଡ଼ିକ ପାଇବା ଆମ ପକ୍ଷରେ ଏଯାଏ ସଂଭବ ହୋଇ ନାହିଁ । ସେଥିଲାଗି ଉଦ୍ୟମ କରୁଚୁ ।

Digitized by PPRACHIN, SOA

ସେହିପରି ପଣ୍ଡିତ ନୀଳକଣ୍ଠଙ୍କର ଦୀର୍ଘ ବ୍ୟବସ୍ଥାପକ ଜୀବନର କେତେକ ଗୁରୁତ୍ୱପୂର୍ଣ୍ଣ ବକ୍ତୃତା ଏ ମଧ୍ୟରେ ସଂଗୃହୀତ ହୋଇ ପାରିଛି । ଯଥା ସମୟରେ ସେ ସମସ୍ତ ପ୍ରକାଶ ପାଇଲେ ପଣ୍ଡିତ ନୀଳକଣ୍ଠଙ୍କ ଚିନ୍ତାଧାର ଓ କୃତିର ବହୁ ବିଭାବ ଉଦ୍‌ଭାସିତ ହୋଇ ଉଠିବ ବୋଲି ଆଶା କରଯାଏ । ମାତ୍ର ଏହା ଏକ ବିରଟ କଳ୍ପନା । ଏହାକୁ ରୂପରେଖ ଦେବାଲଗି ବିଶେଷତଃ 'ନବଭାରତ'ର ଅବଶିଷ୍ଟ ସଂଖ୍ୟାମାନ ପାଇବାଲଗି ରଜ୍ୟର ନୀଳକଣ୍ଠ ପ୍ରେମୀ ସାହିତ୍ୟିକମାନଙ୍କର ସାହାଯ୍ୟ ଓ କୃପାଭିକ୍ଷା କରୁଛୁ ।

## (୮) ପଣ୍ଡିତ ନୀଳକଂଠ ଗ୍ରଂଥାଗାର ଓ ସୂଚନା ବିଜ୍ଞାନ ମହାବିଦ୍ୟାଳୟ :

ରଜଧାନୀରେ ଥିବା ଗ୍ରଂଥାଗାର ଓ ସୂଚନା ବିଜ୍ଞାନ ମହାବିଦ୍ୟାଳୟଟିକୁ ଏହାର କର୍ମକର୍ତ୍ତାଗଣ ପଣ୍ଡିତ ନୀଳକଂଠ ୧୯୧୧ ମସିହାଠାରୁ ଗ୍ରଂଥାଗାର ପଦ୍ଧତିର ପ୍ରଚଳନ ଓ ଗ୍ରଂଥାଗାର ଆଂଦୋଳନର ପୁରୋଧା ଥିବା ହେତୁ, ୧୯୮୨ ମସିହାରେ ତାଙ୍କ ୧୪ଶ ତିରୋଧାନ ସଭାରେ ପଣ୍ଡିତ ନୀଳକଣ୍ଠଙ୍କ ନାମରେ ନାମିତ କଲେ । ଉତ୍କଳ ବିଶ୍ୱ-ବିଦ୍ୟାଳୟଠାରୁ ସ୍ୱୀକୃତି ପାଇବା ଲଗି ସ୍ମୃତି ସମିତି ତରଫରୁ ୩୦ ହଜାର ଟଙ୍କା ସାହାଯ୍ୟ ଦିଆ ଯାଇଥିଲା ଓ ସେ ସ୍ୱୀକୃତି ପଣ୍ଡିତ ନୀଳକଣ୍ଠଙ୍କ ଶତବାର୍ଷିକୀର ପ୍ରାରମ୍ଭରେ ମିଳିଛି । କଲେଜଲଗି ଏକ ସ୍ଥାୟୀ ଗୃହର ଆବଶ୍ୟକତା ରହିଛି ।

## (୯) ଶତବାର୍ଷିକୀ କାର୍ଯ୍ୟକ୍ରମ :

ପଣ୍ଡିତ ନୀଳକଣ୍ଠଙ୍କ ୧୦୦ତମ ଜନ୍ମ ଜୟନ୍ତୀ ଦିନରୁ ଅର୍ଥାତ୍ ୧୯୮୩ ଅଗଷ୍ଟ ୫ ତାରିଖରୁ ତାଙ୍କର ଶତବାର୍ଷିକୀ ଯଥାଯଥ ଭବେ ପାଳନ କରିବା ନିମନ୍ତେ ସ୍ମୃତି ସମିତି ସିଦ୍ଧାନ୍ତ ଗ୍ରହଣ କଲେ । ଏଥିପାଇଁ ପଣ୍ଡିତ ନୀଳକଣ୍ଠଙ୍କ ସହିତ ବହୁ ଭବରେ ସଂପୃକ୍ତ ଓଡ଼ିଶାର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଗଂଗାଧର ମହାପାତ୍ରଙ୍କ କାର୍ଯ୍ୟକାରୀ ସଭପତିତ୍ୱରେ ଗୋଟିଏ କମିଟି ଗଠିତ ହେଲା ଓ ସେଥିରେ ଶ୍ରୀ ଦୀନବଂଧୁ ମହାପାତ୍ର O. F. S. Retd. ( ଭୁବନେଶ୍ୱର ) ଲେକରନ୍ ଡ଼ଃ କୁଂଜବିହାରୀ ଦାଶ ( କଟକ ) ଓ ପୂର୍ବତନ ରଜ୍ୟ ଶିକ୍ଷାମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର ( ଜୟପୁର ) ଉପସଭପତି ଓ ଇଂ.- ମଧୁସୂଦନ ଦାଶ ସଂପାଦକ ରୂପେ ନିର୍ବାଚିତ ହେଲେ । ପର ପର୍ଯ୍ୟାୟରେ ଓଡ଼ିଶାର ଅନ୍ୟତମ ସୁସାହିତ୍ୟିକ ତଥା ରଜ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ଏହାର ସଭପତି ପଦ ମଣ୍ଡନ କରିଚନ୍ତି ।

ଏହା ବ୍ୟତୀତ, କଲିକତାରେ ସୁସାହିତ୍ୟିକ ଶ୍ରୀ ଦୁର୍ଗାମାଧବ ମିଶ୍ର I. P. S. ଙ୍କ ଅଧ୍ୟକ୍ଷତାରେ ଓ ରଉରକେଲାରେ ଇଂ. ନରେଶ ଚନ୍ଦ୍ର ନାୟକ

Digitized by PPRACHIN, SOA

ଏବଂ ଶ୍ରୀ ପ୍ରସନ୍ନ କୁମାର ହୋତା I. A. S. ଙ୍କ ଉପାଧ୍ୟକ୍ଷତାରେ ସମିତିର ୨ ଟି ଶାଖା ଗଠନ କରଯାଇ ସେମାନଙ୍କୁ ମୁଖ୍ୟତଃ ଶତବାର୍ଷିକୀ ପାଳନ କାର୍ଯ୍ୟକ୍ରମ ଭିତରେ ପଣ୍ଡିତ ନୀଳକଣ୍ଠଙ୍କ ସ୍ମୃତି ରକ୍ଷାରେ ମନୋନିବେଶ କରିବାକୁ ଅନୁରୋଧ କରଗଲ । ପୁଣି ବିଭିନ୍ନ ଅଞ୍ଚଳର କେତେକ ବିଶିଷ୍ଟ ନୀଳକଣ୍ଠ ପ୍ରେମୀଙ୍କୁ ନିଜ ନିଜ ଅଞ୍ଚଳରେ ସଂଗଠନର ଦାୟିତ୍ୱ ଦିଆଗଲ ।

## ଶତବାର୍ଷିକୀ ପାଳନ–

ସତ୍ୟବାଦୀରେ ଓଡ଼ିଶା ବିଧାନ ସଭର ପୂର୍ବତନ ଉପବାଚସ୍ପତି ଶ୍ରୀ ହରିହର ବାହିନୀପତିଙ୍କ ଅଧ୍ୟକ୍ଷତାରେ ଗୋଟିଏ ଶାଖା କମିଟି ଗଠିତ ହେଲ ଓ ଏହି କମିଟିର ସହାୟତାରେ ପଣ୍ଡିତ ନୀଳକଣ୍ଠଙ୍କ ୧୦୦ ତମ ଜନ୍ମନକ୍ଷତ୍ର ଦିନ ତାଙ୍କ ବାସସ୍ଥଳୀ ଶ୍ରୀରାମଚନ୍ଦ୍ରପୁରରୁ ତାଙ୍କର ଜ୍ୟୋତି ସଂଗ୍ରହ କରି ଏକ ବିରାଟ ପଟୁଆରରେ ସତ୍ୟବାଦୀ ପଞ୍ଚସଖା ସମାଧିପୀଠକୁ ଅଣାଗଲ । ସେଠାରେ ୩ ଦିନ ଧରି 'ସମାଜ' ସଂପାଦକ ଡ଼ଃ ରାଧାନାଥ ରଥ, ସେବର ରାଜ୍ୟପାଳ ଶ୍ରୀଯୁକ୍ତ ସି. ଏମ. ପୁନାଚ୍ଚ ଓ ତତ୍‌କାଳୀନ ଉତ୍କଳ ବିଶ୍ୱବିଦ୍ୟାଳୟର ଭବୀ କୁଳପତି ଡ଼ଃ ମନ୍ମଥ ନାଥ ଦାସଙ୍କ ମୁଖ୍ୟ ଆତିଥେୟତା ତଥା ସ୍ମୃତି ସମିତି ସଭପତି ଡ଼ଃ ସଦାଶିବ ମିଶ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଗଙ୍ଗାଧର ମହାପାତ୍ର ଓ ସଂସ୍କୃତି ରକ୍ଷମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ପ୍ରମୁଖଙ୍କ ଉପସ୍ଥିତିରେ ଉତ୍ସବମାନ ଅନୁଷ୍ଠିତ ହେଲ । ସ୍କୁଲ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ କରଯାଇ ତତ୍‌କାଳୀନ ରାଜ୍ୟପାଳଙ୍କ ଦ୍ୱାର ପୁରସ୍କାର ବିତରଣ କରଯାଇଥିଲ ।

ନୀଳକଣ୍ଠଙ୍କ ପ୍ରଥମ କର୍ମକ୍ଷେତ୍ର ସତ୍ୟବାଦୀ ହାଇସ୍କୁଲରେ ଜ୍ୟୋତିକୁ ୨ ସପ୍ତାହ ରଖାଯିବା ପରେ ତାହା ତାଂକ ପରବର୍ତ୍ତୀ କର୍ମ କ୍ଷେତ୍ର କାଦୁଆ ଆଶ୍ରମକୁ ପଟୁଆରରେ ଅଣାଯାଇଥିଲ ଓ ଗୋପବନ୍ଧୁ ସେବା ସଦନର ସମ୍ପାଦକ ଶ୍ରୀ ଲାଲବିହାରୀ ଦାସ ଏହାକୁ ସ୍ୱାଗତ କରି ଉପସ୍ଥିତ ଜନତା ଓ ଆଶ୍ରମବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏଠାରେ ସ୍ମରଣୀୟ ଯେ ପଣ୍ଡିତ ନୀଳକଣ୍ଠ ଯେତେବେଳେ ବଡ଼ଲାଟ ସଭ ଛାଡ଼ି ଆସିଥିଲେ, ୧୯୩୨ ମସିହାରୁ ବହୁଦିନ ଯାଏ ଏହି ଆଶ୍ରମରେ ସପରିବାର ରହୁଥିଲେ ଓ "ଗୋପବନ୍ଧୁ ସେବକ ସମାଜ" ବୋଲି ଅନୁଷ୍ଠାନଟିଏ ମଧ୍ୟ ଗଢ଼ିଥିଲେ । ତାଙ୍କର ଜ୍ୟୋତିକୁ ମାସଟିଏ ଏଠାରେ ରଖାଯାଇଥିଲ ଓ ବିଭିନ୍ନ ଅଞ୍ଚଳର ନୀଳକଣ୍ଠ ପ୍ରେମୀମାନେ ଆସି ଏହା ଦର୍ଶନ କରିଥିଲେ ।

ପଣ୍ଡିତ ନୀଳକଣ୍ଠ ଥିଲେ ଜଣେ ଆଦର୍ଶ ଶିକ୍ଷକ ଓ ଦେଶରେ ଜଣେ ପ୍ରତିଷ୍ଠିତ ଶିକ୍ଷାବିତ୍ । ପ୍ରକୃତ ମଣିଷ ଗଢ଼ି ଓଡ଼ିଶାକୁ ଭାରତରେ ପ୍ରତିଷ୍ଠିତ କରିବା ଥିଲ ତାଙ୍କର

Digitized by PPRACHIN, SOA



ଭୁବନେଶ୍ୱରରେ ନୀଳକଣ୍ଠ ଜ୍ୟୋତ

Digitized by PPRACHIN, SOA

ଜୀବନର ଲକ୍ଷ୍ୟ । ସେ ପୁଣି ଥିଲେ ଜଣେ ସଂସ୍କୃତିପ୍ରେମୀ ଓ ପ୍ରାଚ୍ୟ ସଂସ୍କୃତିର ଜଣେ ପ୍ରଧାନ ପୃଷ୍ଠପୋଷକ । ସେ ହିସାବରେ ଶିକ୍ଷା ଓ ସାଂସ୍କୃତିକ ଅନୁଷ୍ଠାନମାନଙ୍କରେ ଉତ୍ସବମାନ ପାଳନ କରି ନୀଳକଣ୍ଠଙ୍କ ଜୀବନାଦର୍ଶ ଓ ସାଧନା ସମ୍ବନ୍ଧରେ ବିଶେଷତଃ ଛାତ୍ର ସମାଜ ଓ ସଂସ୍କୃତି ପ୍ରେମୀମାନଙ୍କୁ ଅବହିତ କରାଇ ସେମାନଙ୍କ ମଧ୍ୟରେ ଚେତନା ସୃଷ୍ଟି କରିବା ହେଲା ଶତବାର୍ଷିକୀ ପାଳନର ଲକ୍ଷ୍ୟ । ଏହି ଲକ୍ଷ୍ୟ ନେଇ ପଣ୍ଡିତ ନୀଳକଣ୍ଠଙ୍କ ପ୍ରଚଣ୍ଡ ପ୍ରତିଭା ଓ ସାଧନାର ପ୍ରତୀକ ତାଙ୍କର ଅଖଣ୍ଡ ଜ୍ୟୋତିକୁ ସତ୍ୟବାଦୀ-ଠାରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳ ପରିକ୍ରମାର ବ୍ୟବସ୍ଥା କରାଗଲା । ପ୍ରଥମେ ଚନ୍ଦନପୁରର ମୁଖ୍ୟ ବ୍ୟକ୍ତିମାନଙ୍କର ତଥା ହାଇସ୍କୁଲ ହେଡ଼ମାଷ୍ଟରଙ୍କ ଅନୁରୋଧ କ୍ରମେ ସେଠାକୁ ଜ୍ୟୋତି ନିଆଯାଇ ଗୋଟିଏ ଉତ୍ସବ ବଡ଼ ଆବେଗପୂର୍ଣ୍ଣ ଭାବରେ ଅନୁଷ୍ଠିତ ହେଲା ଓ ନୀଳକଣ୍ଠଙ୍କ ଆଦର୍ଶ ଓ କୃତି ଉପରେ ଆଧାରିତ ପ୍ରତିଯୋଗିତାର ବିଜୟୀ ଛାତ୍ର ଛାତ୍ରୀ-ମାନଙ୍କୁ ପୁରସ୍କାର ବିତରଣ କରାଗଲା । ପରଦିନ ପୁରୀ ସଦର ଏମ୍. ଏଲ୍. ଏ. ଶ୍ରୀ ଗଦାଧର ମିଶ୍ର ଜ୍ୟୋତିକୁ ନେଇ ପୁରୀରେ ପହଞ୍ଚାଇଲେ ଓ ଶିକ୍ଷାମନ୍ତ୍ରୀ ଶ୍ରୀ ଗଙ୍ଗାଧର ମହାପାତ୍ରଙ୍କ ସମେତ ହଜାର ହଜାର ଛାତ୍ର ଛାତ୍ରୀ ଓ ଜନତା ପୁରୀ ହସ୍ପିଟାଲ ଛକରୁ ବଡ଼ଦାଣ୍ଡ ବାଟେ ଜ୍ୟୋତିକୁ ନେଇ ପୁରୀ ନାରୀମଙ୍ଗଳ ସମିତିରେ ଅବସ୍ଥାପିତ କଲେ । ଜ୍ୟୋତି ଏଠାରେ ପ୍ରାୟ ତିନି ସପ୍ତାହ ଧରି ରହିବା ମଧ୍ୟରେ ସେଠାର ଶତବାର୍ଷିକୀ ପାଳନ କମିଟିର ସଭାପତି ଶ୍ରୀ ଦ୍ୱାରକାନାଥ ଦାସଙ୍କ ତତ୍ତ୍ୱାବଧାନରେ ୧୭ଟି ସ୍କୁଲ କଲେଜ ମଧ୍ୟରେ ଶତବାର୍ଷିକୀ ଉତ୍ସବମାନ ପାଳନ କରାଯାଇଥିଲା ଓ ଶେଷ ଦିନର ଉତ୍ସବରେ ଓଡ଼ିଶାର ରାଜ୍ୟପାଳ ଶ୍ରୀଯୁକ୍ତ ବିଶ୍ୱମ୍ଭର ନାଥ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏକ ମନୋଜ୍ଞ ପରିବେଶରେ ନୀଳକଣ୍ଠଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଓ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।

୧୯୮୩ ମସିହା ଅକ୍ଟୋବର ୭ ତାରିଖ ଦିନ ଏହି ଅଖଣ୍ଡ ଜ୍ୟୋତିକୁ ସ୍ମୃତି-ସମିତିର ଅନ୍ୟତମ ସଦସ୍ୟ ଶ୍ରୀ ଲିଙ୍ଗରାଜ ମିଶ୍ର ପୁରୀରୁ ଆଣି ଭୁବନେଶ୍ୱରରେ ପହଞ୍ଚାଇ ଥିଲେ ଓ ଏଠା ଦମ୍‌କଳ ଛକଠାରେ ସ୍ମୃତି ସମିତିର କର୍ମକର୍ତ୍ତା ଓ ସଭ୍ୟବୃନ୍ଦ, ପୂର୍ବତନ ବିଧାନ ସଭା ବାଚସ୍ପତି ଶ୍ରୀ ସତ୍ୟପ୍ରିୟ ମହାନ୍ତି, ପୂର୍ବତନ ରାଜ୍ୟ କଂଗ୍ରେସ ସଭାପତି ଶ୍ରୀ ବିଜୟ ପାଣି ପ୍ରମୁଖ ଓ ଅସଂଖ୍ୟ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ମହିଳା ଓ ଜନ-ସାଧାରଣ ଜ୍ୟୋତିକୁ ସ୍ୱାଗତ କରିଥିଲେ । ଭୁବନେଶ୍ୱରର ଲୋକପ୍ରତିନିଧି ଶ୍ରୀ ରାମକୃଷ୍ଣ ପତି ଜ୍ୟୋତିକୁ ଗ୍ରହଣ କରି ସଂକୀର୍ତ୍ତନ ସହ ଏକ ବିରାଟ ପଟୁଆରରେ ଜନପଥ, ରାଜପଥ ଓ ରାଜଧାନୀର ଅନ୍ୟାନ୍ୟ ରାସ୍ତା ବାଟେ ପଣ୍ଡିତ ନୀଳକଣ୍ଠ ଗ୍ରନ୍ଥାଗାର ଓ

Digitized by PPRACHIN, SOA

ସୂଚନା ବିଜ୍ଞାନ ମହାବିଦ୍ୟାଳୟଠାକୁ ଆଣିଥିଲେ । ବାଟରେ ପ୍ରଦେଶ କଂଗ୍ରେସ କମିଟି, ଓଡ଼ିଶା ବିଧାନ ସଭା ଓ ଆଗ୍ରର୍ଯ୍ୟ ମହାବିଦ୍ୟାଳୟ ତରଫରୁ ସଂବର୍ଦ୍ଧନାମାନ ଜ୍ଞାପନ କରା ଯାଇଥିଲା । ଜ୍ୟୋତି ପଣ୍ଡିତ ନୀଳକଣ୍ଠ କଲେଜଠାରେ ପହଞ୍ଚନ୍ତେ କଲେଜର କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀ ନବୀନ ଚନ୍ଦ୍ର କର, ଅଧ୍ୟାପକ ଓ କର୍ମଚାରୀମାନେ ତଥା ଉପସ୍ଥିତ ଜନତା ଏହାକୁ ସ୍ୱାଗତ କରିଥିଲେ । ସ୍ୱାଗତ ସଭାରେ ଶିକ୍ଷାମନ୍ତ୍ରୀ ଶ୍ରୀ ଗଙ୍ଗାଧର ମହାପାତ୍ର ଓ ଶ୍ରୀ ସତ୍ୟପ୍ରିୟ ମହାନ୍ତି ପ୍ରଭୃତି ଉଦ୍‌ବୋଧନ ଦେଇଥିଲେ ।

ଏଠାରେ ଅବସ୍ଥାପନ କାଳରେ ପ୍ରଥମେ ଜ୍ୟୋତିର ଉପସ୍ଥିତିରେ ସ୍ମୃତି ସମିତି ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଜୟନ୍ତୀ ପାଳିତ ହୋଇଥିଲା ଓ ନୀଳକଣ୍ଠଙ୍କ ୧୬ଶ ତିରୋଧାନ ଦିବସରେ ଅଖଣ୍ଡ ଜ୍ୟୋତିର ଉପସ୍ଥିତିରେ ତାଙ୍କ "କୃତି ଗାନ" ଉତ୍ସବ ମଧ୍ୟ ଅନୁଷ୍ଠିତ ହେଲା । ନଭେମ୍ବର ୯ ତାରିଖରେ ପଣ୍ଡିତ ନୀଳକଣ୍ଠଙ୍କ ଅଗ୍ରଜ ଆଚାର୍ଯ୍ୟ ହରିହରଙ୍କ ନାମରେ ପ୍ରତିଷ୍ଠିତ ମହାବିଦ୍ୟାଳୟରେ ନୀଳକଣ୍ଠଙ୍କ ଶତବାର୍ଷିକୀ ପାଳନ ପୂର୍ବକ ଜ୍ୟୋତି ପରିକ୍ରମା ଆରମ୍ଭ ହେଲା । ପ୍ରଥମେ ନୀଳକଣ୍ଠଙ୍କ ପରିକଳ୍ପିତ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ତତ୍କାଳୀନ ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ ଯୁଗଳକିଶୋର ପଟ୍ଟନାୟକଙ୍କ ଦ୍ୱାରା ସେଠାରେ ଜ୍ୟୋତି ଅବସ୍ଥାପନ ପୂର୍ବକ ସମସ୍ତ କାର୍ଯ୍ୟକ୍ରମ ଆରମ୍ଭ ହେଲା ଓ ପରେ ପରେ ନୀଳକଣ୍ଠଙ୍କ ସାହିତ୍ୟିକ କୃତି ଓ ରାଜନୈତିକ ଚିନ୍ତାଧାରା ଉପରେ ଦୁଇଟି ଆଲୋଚନା ଚକ୍ର ମଧ୍ୟ ଅନୁଷ୍ଠିତ ହେଲା । ତା'ପରେ ଭୁବନେଶ୍ୱରରେ ଅବସ୍ଥିତ ହାଇସ୍କୁଲ ଓ କଲେଜମାନଙ୍କରେ ଜ୍ୟୋତିସହ ନୀଳକଣ୍ଠଙ୍କ ଶତବାର୍ଷିକୀ ପାଳନ କରାଗଲା । ଏସବୁ ଅନୁଷ୍ଠାନମାନଙ୍କରେ ଅନୁଷ୍ଠିତ ପ୍ରତିଯୋଗିତାର ପୁରସ୍କାର ଓ ପ୍ରମାଣ-ପତ୍ରମାନ ଏବେ ବିତରଣ କରାଯିବ । କଟକ, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ, ଗଂଜାମ ଓ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍କୁଲ ଓ ସାଂସ୍କୃତିକ ଅନୁଷ୍ଠାନମାନଙ୍କରେ ଏହିପରି ପଣ୍ଡିତ ନୀଳକଣ୍ଠଙ୍କ ଜ୍ୟୋତିସହ ଉତ୍ସବମାନ ବର୍ଷାଧିକ କାଳ ହେଲା ପାଳିତ ହୋଇ ଆସିଛି ଓ ସେ ସବୁଥିରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତା-ମାନଙ୍କର ପୁରସ୍କାର ମାନ ମଧ୍ୟ ବିତରଣ କରାଯାଇଛି ।

ମୋଟ ଉପରେ, ଏ ପର୍ଯ୍ୟନ୍ତ ରାଜ୍ୟରେ ଏକ ଶତାଧିକ ସ୍କୁଲ, କଲେଜ, ସାଂସ୍କୃତିକ ଅନୁଷ୍ଠାନ ଓ ୩ଟି ବିଶ୍ୱବିଦ୍ୟାଳୟରେ ଜ୍ୟୋତିସହ ଶତବାର୍ଷିକୀ ଉତ୍ସବମାନ ପାଳନ

Digitized by PPRACHIN, SOA

କରଯାଇ ପାରିଛି । ଏହା ବ୍ୟତୀତ କଲିକତା, ଖଡ଼୍ଗପୁର, ଶାନ୍ତିନିକେତନ, ବେଲୁରମଠ, ଜାମସେଦ ପୁର, ଚକ୍ରଧରପୁର ଓ ଦକ୍ଷିଣରେ ମଞ୍ଜୁଷାରେ ମଧ୍ୟ ପଣ୍ଡିତ ନୀଳକଣ୍ଠଙ୍କର ଶତବାର୍ଷିକୀ ପାଳନ କରିବାରେ ସ୍ମୃତି ସମିତି ସଂଶ୍ଲିଷ୍ଟ ରହି ବିଭିନ୍ନ ପ୍ରତିଯୋଗିତା ପାଇଁ ପୁରସ୍କାର ମାନ ଯୋଗାଇ ଦେଉଛନ୍ତି ।

ଉଲ୍ଲେଖ ଯୋଗ୍ୟ ଯେ—ପ୍ରଥମେ ଶତବାର୍ଷିକୀ ପାଳନ ଲଗି ଇଚ୍ଛୁକ ଅଂଚଳର ବା ଅନୁଷ୍ଠାନରେ ପ୍ରତିନିଧିମାନେ ଆସି ଭୁବନେଶ୍ୱରରୁ ବା ନିକଟସ୍ଥ ଜ୍ୟୋତି ରହଣି ସ୍ଥଳରୁ ଜ୍ୟୋତିକୁ ଘେନିଯିବାର ପ୍ରଥା ଥିଲା । କେତେକ କ୍ଷେତ୍ରରେ ତାହା ସମ୍ଭବ ନ ହେବାରୁ ପରେ ଅନୁଷ୍ଠାନ ମାନଙ୍କର କର୍ମକର୍ତ୍ତାଙ୍କ ଅନୁରୋଧରେ ଯଥା ସମୟରେ ସ୍ମୃତି ସମିତି ତରଫରୁ ମଧ୍ୟ ଜ୍ୟୋତିକୁ ନେଇ ପହଞ୍ଚାଇ ଦିଆଗଲା । ଜ୍ୟୋତି ପହଞ୍ଚିବା ପରେ ପରେ ଅନୁଷ୍ଠାନର ମୁଖ୍ୟ ବା ଅଞ୍ଚଳର ନେତୃସ୍ଥାନୀୟ ବ୍ୟକ୍ତିମାନେ ଜ୍ୟୋତିକୁ ସ୍ୱାଗତ ଜଣାଇ ଏହା ଗ୍ରହଣ କରି ଶୋଭଯାତ୍ରାରେ ନେଇ ସଭାସ୍ଥଳରେ ଅବସ୍ଥାପନ କରୁଥିଲେ । ପଣ୍ଡିତ ନୀଳକଣ୍ଠଙ୍କର କୌଣସି କବିତା ସମବେତ କଣ୍ଠରେ ଗାନ କରଯିବା ପରେ ସଭାକାର୍ଯ୍ୟ ଯଥାରୀତି ସମ୍ପନ୍ନ କରଯାଉଥିଲା ଓ ଅନୁଷ୍ଠିତ ପ୍ରତିଯୋଗିତା ଗୁଡ଼ିକ ପାଇଁ ପୁରସ୍କାର ବିତରଣ ପରେ ସଭସାଙ୍ଗ କରଯାଉଥିଲା । ଏ ସମ୍ବନ୍ଧରେ କେତେକ ବିଶିଷ୍ଟ ଘଟଣା ଏଠାରେ ଉଲ୍ଲେଖ କରିବା ସମୀଚୀନ ହେବ ।

( ୧ ) କଟକ କଲେଜ ଗୁଡ଼ିକପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରଯାଇଥିଲା । ରେଭେନସା କଲେଜର ଅଧ୍ୟକ୍ଷଙ୍କ ପ୍ରତିନିଧି ରୂପେ ଆସି ଡ଼ଃ ବାଉରୀବନ୍ଧୁ କର ତାଙ୍କ କଲେଜକୁ ଜ୍ୟୋତି ଘେନି ଯାଇଥିଲେ ଓ ସ୍ମୃତି ସମିତି ତରଫରୁ ଆମ୍ଭେମାନେ ଜ୍ୟୋତିର ସହଗମନ କରି ଉତ୍ସବ ପରେ ରେଭେନ୍ସା କଲେଜର ଅଧ୍ୟକ୍ଷଙ୍କ ମାର୍ଫତରେ ତାହା ରଖିଆସିଥିଲୁ । କାର୍ଯ୍ୟକ୍ରମ ଥିଲା ଯେ କଟକର ଅନ୍ୟ ୬ଟି କଲେଜକୁ ଏହି ଅଖଣ୍ଡ ଜ୍ୟୋତି ନିଆଯାଇ ସେଠାରେ ଶତବାର୍ଷିକୀ ଉତ୍ସବମାନ ପାଳନ କରଯିବ ଓ ସେଥିପାଇଁ ନିରୂପିତ ସମୟରେ କଲେଜ ମାନଙ୍କର ଛାତ୍ରଛାତ୍ରୀମାନେ ଆସି ଜ୍ୟୋତି ରହଣିସ୍ଥଳରୁ ଶୋଭଯାତ୍ରାରେ ଜ୍ୟୋତିକୁ ନେଇ ଯିବେ । ତାହା ଯଥାରୀତି ସମ୍ପନ୍ନ ହୋଇଥିଲା । ସବୁ କ୍ଷେତ୍ରରେ ମୂଳ ଅଖଣ୍ଡ ଜ୍ୟୋତିରୁ ଭ୍ରାମ୍ୟମାଣ ଜ୍ୟୋତି ସଂଗ୍ରହ କରି ନିଆଯାଏ ଓ ମୂଳଜ୍ୟୋତି ନୀଳକଣ୍ଠ କଲେଜରେ ସଂରକ୍ଷିତ ରହିଥାଏ ।

( ୨ ) ପାରଦୀପରେ ମୈନାକ ସାହିତ୍ୟ ସଂସଦ ଆନୁକୂଲ୍ୟରେ ପାରଦୀପ କଲେଜ, ପାରଦୀପ ପୋର୍ଟ ହାଇସ୍କୁଲ, ପାରଦୀପ ବାଳିକା ବିଦ୍ୟାଳୟ ମିଶି ପଣ୍ଡିତ ନୀଳକଣ୍ଠ ଜନ୍ମ-ଶତବାର୍ଷିକୀ ପାଳନ କମିଟି ଗଠନ କରିଥିଲେ ଓ ଗୋଟିଏ ଅତି

Digitized by PPRACHIN, SOA

ଆକର୍ଷଣୀୟ ଉତ୍ସବର ଆୟୋଜନ କରିଥିଲେ । ପାରାଦୀପ ପୋର୍ଟ ଟ୍ରଷ୍ଟର ଚେୟାରମ୍ୟାନ ଶ୍ରୀଯୁକ୍ତ ଏମ୍. ଯଶୋବନ୍ତ ରାଓଙ୍କ ପୌରହିତ୍ୟରେ ଉତ୍ସବଟି ସାଢେ ତିନି ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିଲା ଏବଂ ସହସ୍ରାଧିକ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ନୀଳକଣ୍ଠ ପ୍ରେମୀମାନେ ଏ ଉତ୍ସବରେ ଯୋଗ ଦେଇ ନୀଳକଣ୍ଠଙ୍କ ବୈଶିଷ୍ଟ୍ୟର ଆଲୋଚନାରେ ଭାଗ ନେଇଥିଲେ ।

( ୪ ) ଗୋପ କଲେଜ, ଗୋପ ବାଳକ ବିଦ୍ୟାଳୟ ଓ ବାଳିକା ବିଦ୍ୟାଳୟ ମିଶି ଯେଉଁ ଉତ୍ସବ ପାଳନ କରିଥିଲେ, ସେଥିପାଇଁ ଗୋପ ନିଗମାନନ୍ଦ ସ୍କୁଲ ହେଡ୍‌ମାଷ୍ଟର ଶ୍ରୀ ଅଚ୍ୟୁତାନନ୍ଦ ନନ୍ଦ ନୀଳକଣ୍ଠଙ୍କ ଜ୍ୟୋତିକୁ ୬ ମାଇଲ ଦୂର ନିମାପଡ଼ା କଲେଜଠାରୁ ଘେନି ଯାଇଥିଲେ ଓ ସହସ୍ରାଧିକ ପ୍ରାଥମିକ ବିଦ୍ୟାଳୟ, ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ କଲେଜ ଛାତ୍ରଛାତ୍ରୀ ତଥା ଗୋପର ସାଧାରଣ ଜନତା ଜ୍ୟୋତିକୁ ଦେଢ ମାଇଲ ପୂର୍ବରୁ ସ୍ୱାଗତ ଜଣାଇ ଏକ ବିରାଟ ପଟୁଆରରେ ସଭାସ୍ଥଳକୁ ନେଇଥିଲେ । ଖାଲି ସେତିକି ନୁହେଁ, ସଭାରେ ପ୍ରତି ସ୍କୁଲ କଲେଜର ପ୍ରତିନିଧିମାନଙ୍କ ବ୍ୟତୀତ ସ୍ଥାନୀୟ ବହୁ ବିଶିଷ୍ଟ ବକ୍ତା ଓ ଗାୟକ ଗାୟିକା ନୀଳକଣ୍ଠଙ୍କ ପ୍ରତି ଏପରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାକୁ ଆଗ୍ରହୀ ହେଲେ ଯେ, ନିମନ୍ତ୍ରିତ ବକ୍ତାମାନଙ୍କ ବକ୍ତବ୍ୟ ସଂକ୍ଷିପ୍ତ କରିଦିଆଗଲେ ମଧ୍ୟ ସଭା ସାଢେ ତିନି ଘଣ୍ଟାରୁ ଅଧିକକାଳ ଚାଲିଥିଲା । ଏହାର ନିକଟବର୍ତ୍ତୀ ଡ଼ଭଣ୍ଡ ଅଞ୍ଚଳରେ ଦୁର୍ଭିକ୍ଷ ବେଳେ ନୀଳକଣ୍ଠଙ୍କ ସେବା ଓ ସାହାଯ୍ୟର ବିଷୟ ବକ୍ତାମାନେ ସ୍ମରଣ କରାଇଥିଲେ । ପରିବେଶରେ ମନେହେଲା, ସତେ ଯେପରି ବକ୍ତାମାନେ ପଣ୍ଡିତ ନୀଳକଣ୍ଠଙ୍କ ଜ୍ୟୋତିକୁ ଲକ୍ଷ୍ୟକରି ତାଙ୍କ ରଚିତ କବିତାମାନ ଗାନକରି ବା ନିଜ ନିଜର ଭାଷଣମାନ ଶୁଣାଇ ନିଜକୁ ଗୌରବାନ୍ୱିତ ମନେ କରୁଛନ୍ତି ।

( ୫ ) ପରମ ସୌଭାଗ୍ୟର ବିଷୟ ଯେ କୋଣାର୍କ କଲେଜ ପରିଚାଳନା କମିଟିର ସଭାପତି ଶ୍ରୀଯୁକ୍ତ ବାମଦେବ ମହାପାତ୍ରଙ୍କ ଅନୁରୋଧକ୍ରମେ ନୀଳକଣ୍ଠଙ୍କ ଜ୍ୟୋତିକୁ କୋଣାର୍କ ମନ୍ଦିର ନିକଟକୁ ନିଆଯାଇଥିଲା ଓ ସେଠାରେହିଁ ଏହାକୁ ସ୍ୱାଗତ କରାଯିବା ବେଳେ, ସେ ପଣ୍ଡିତ ନୀଳକଣ୍ଠ ଦୀର୍ଘ ୬୬ବର୍ଷ ତଳେ ଛାତ୍ରମାନଙ୍କ ଗହଣରେ ଏହା ଦର୍ଶନ କରିବାର କାହାଣୀ ବର୍ଣ୍ଣନା କରି ଓ "କୋଣାର୍କେ"ର ରଚୟିତା ନୀଳକଣ୍ଠ ଅମର ବୋଲି କହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରେ କୋଣାର୍କ କଲେଜର ଉତ୍ସବ ଯଥାରୀତି ଅନୁଷ୍ଠିତ ହୋଇଥିଲା ।

ଅନ୍ୟ ଏକ ଉଲ୍ଲେଖଯୋଗ୍ୟ ଘଟଣା ହେଲା, ଭୁବନେଶ୍ୱରର କ୍ୟାପିଟାଲ ହାଇସ୍କୁଲରେ ଏକା ଦିନକେ ଥରଥର କରି ଦୁଇଟି ଉତ୍ସବ ପାଳନ କରାଯିବା । ତାହାର କାରଣ ହେଲା, ପ୍ରଥମେ ସିଫ୍‌ଟର ପ୍ରାୟ ୭୫୦ ଛାତ୍ରଙ୍କ ଉପସ୍ଥିତିରେ ସଭା ସାଙ୍ଗ

Digitized by PPRACHIN, SOA

ହେବାପରେ ଆମ୍ଭେମାନେ ଜ୍ୟୋତି ସହିତ ଫେରିବା ବେଳକୁ ଦ୍ୱିତୀୟ ସିଫ୍‌ଟର ଛାତ୍ରମାନେ ଆସି ସବିନୟ ଅନୁରୋଧ ଜଣାଇଲେ ଯେ ନୀଳକଣ୍ଠଙ୍କ ଜ୍ୟୋତି ଭୁବନେଶ୍ୱର ଆସିବାବେଳେ ସେମାନେ ଦୀର୍ଘ ସମୟ ଧରି ଶୋଭଯାତ୍ରାରେ ଭାଗ ନେଇଥିଲେ । ତେଣୁ ପଣ୍ଡିତ ନୀଳକଣ୍ଠଙ୍କ ସମ୍ବନ୍ଧରେ ଅଧିକ କିଛି ଶୁଣିବାପାଇଁ ସେମାନଙ୍କର ଯଥେଷ୍ଟ ଅଧିକାର ଅଛି ।

( ୭ ) ସେହିପରି ଜ୍ୟୋତିର ଭୁବନେଶ୍ୱର ଆଗମନ ବେଳେ ଆଗ୍ରର୍ଯ୍ୟ ହରିହର ମହାବିଦ୍ୟାଳୟ ତରଫରୁ ଏହାକୁ ସଂବର୍ଦ୍ଧନା ଜ୍ଞାପନ, ଭୁବନେଶ୍ୱରରେ ସର୍ବ ପ୍ରଥମେ ଏହି ମହାବିଦ୍ୟାଳୟରେ ଜ୍ୟୋତି ସହ ନୀଳକଣ୍ଠ ଶତବାର୍ଷିକୀ ପାଳନ ଓ ପରେ ଆଗ୍ରର୍ଯ୍ୟ ମହାଶୟଙ୍କ ଜୟନ୍ତୀ ମଧ୍ୟ ନୀଳକଣ୍ଠଙ୍କ ଜ୍ୟୋତିସହ ପାଳନ କରାଯିବା ଆଗ୍ରର୍ଯ୍ୟ ମହାଶୟଙ୍କର ନୀଳକଣ୍ଠଙ୍କ ପ୍ରତି ଅତ୍ୟନ୍ତ ସ୍ନେହ ଓ ଶ୍ରଦ୍ଧାର ନିଦର୍ଶନ ବୋଲି ମନେହୁଏ ।

( ୮ ) ସାଧାରଣତଃ ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ନୀଳକଣ୍ଠଙ୍କର ଜ୍ୟୋତି ନିର୍ଦ୍ଦିଷ୍ଟ ଅନୁଷ୍ଠାନମାନଙ୍କୁ ନିଆଯାଇଥାଏ । ମାତ୍ର ଏପରି କେତେକ ଘଟଣା ଉପୁଜିଛି ଯେଉଁଥିରେ ଅତି ଅପ୍ରତ୍ୟାଶିତ ଭାବରେ ହଠାତ୍ ଉତ୍ସବମାନ ଅନୁଷ୍ଠାନ କରିବାକୁ ପଡ଼ିଛି । ସେଥି ଭିତରୁ ବାଲେଶ୍ୱର କୁନ୍ତଳା କୁମାରୀ ସାବତ କଲେଜର ଉତ୍ସବ ବିଶେଷ ଉଲ୍ଲେଖ-ଯୋଗ୍ୟ । ଯେହେତୁ ଏଥିପାଇଁ ଆମକୁ କେବଳ ପୂର୍ବ ଗତିଟି ଅଟକି ରହିବାକୁ ପଡ଼ି ନଥିଲା, ମନେହୁଏ, ଉକ୍ତ କଲେଜର ଉତ୍ସବଟି ସବୁଠାରୁ ଅଧିକ ସାଫଲ୍ୟ-ମଣ୍ଡିତ ହୋଇଥିଲା । ପରେ ଜଣାଗଲା, ପଣ୍ଡିତ ନୀଳକଣ୍ଠ ଓ ତାଙ୍କ ପରିବାରଙ୍କ ସହିତ ସ୍ୱର୍ଗତା କୁନ୍ତଳା କୁମାରୀଙ୍କର ଘନିଷ୍ଠ ସଂପର୍କ ଥିଲା ।

ସେହିପରି ପୂର୍ବ ପ୍ରସ୍ତୁତି ନ ଥାଇ ଅତ୍ୟନ୍ତ ଚିତ୍ତାକର୍ଷକ ଭାବେ ଅନୁଷ୍ଠିତ କରାଯାଇଥିବା ଉତ୍ସବମାନଙ୍କ ମଧ୍ୟରେ ଭଦ୍ରଖ, ଆନନ୍ଦପୁର, କେନ୍ଦୁଝର, ଭଂଜନଗର ପ୍ରଭୃତି ମହିଳା କଲେଜ ତଥା ଗଂଜାମ କଲେଜର ଉତ୍ସବଗୁଡ଼ିକ ଅନ୍ତର୍ଭୁକ୍ତ ।

( ୯ ) ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କ ମଧ୍ୟରେ କେନ୍ଦୁଝର ଧରଣୀଧର କଲେଜରେ ଶୋଭାଯାତ୍ରା ତଥା ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକା ଏବଂ ସର୍ବୋପରି ସେଠା ଅଧ୍ୟକ୍ଷଙ୍କର ଉତ୍ସାହ ଆମ୍ଭମାନଙ୍କୁ ଅଭିଭୂତ କରିଥିଲା । ଏହାର କାରଣ ସ୍ୱରୂପ ବିପ୍ଳବୀ ଧରଣୀଧରଙ୍କ ସଙ୍ଗେ ଉଭୟେ ଗୋପବନ୍ଧୁ ଓ ନୀଳକଣ୍ଠ ଅତ୍ୟନ୍ତ ଗୋପନରେ ସହିତ ଭାରତର ସ୍ୱାଧୀନତା ବିଷୟ ଆଲୋଚନା କରିଥିଲେ ବୋଲି ମନେହେଉ ।

Digitized by PPRACHIN, SOA

( ୧୦ ) ଭଂଜନଗର କଲେଜର ଉତ୍ସବଟି ଆମ୍ରକୁଂଜର ମନୋଜ୍ଞ ପରିବେଶ, ବହୁ ଛାତ୍ର ଛାତ୍ରୀଙ୍କ ଉପସ୍ଥିତି ଓ ସେମାନଙ୍କର ତଥା ଅଧ୍ୟାପକ, ଅଧ୍ୟକ୍ଷଙ୍କର ମର୍ମସ୍ପର୍ଶୀ ଓ ରହସ୍ୟମୟ ଭାଷଣରେ ବିଶେଷ ଚିତ୍ତାକର୍ଷକ ହେବାର କାରଣ ଥିଲା, ଭଂଜଜୟନ୍ତୀ ଅବକାଶରେ ପଣ୍ଡିତ ନୀଳକଣ୍ଠ ଦୁଇଥର ସେଠାକୁ ଯାଇଥିଲେ । କବିସମ୍ରାଟ ଭଂଜଙ୍କ ସାହିତ୍ୟ ଓ ତାଙ୍କ ଆଦର୍ଶକୁ ପ୍ରତିଷ୍ଠିତ କରିବାଥିଲା ନୀଳକଣ୍ଠଙ୍କ ଅନ୍ୟତମ ଉଦ୍ଦେଶ୍ୟ ।

ପୁଣି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବ୍ୟତୀତ ଗଂଜାମର ୮ଟି କଲେଜ ଓ 'ଦୈନିକ ଆଶା' ପ୍ରତିଷ୍ଠାନ, ଯେଉଁ ସବୁଠାକୁ ପଣ୍ଡିତ ନୀଳକଣ୍ଠଙ୍କର ଅଖଣ୍ଡ ଜ୍ୟୋତି ନିଆଯାଇଥିଲା, ସେ ସମସ୍ତ କ୍ଷେତ୍ରରେ ଉତ୍ସବର ଅପୂର୍ବ ସାଫଲ୍ୟ ପଛରେ ଗଂଜାମ ଓ କୋରାପୁଟ ଜିଲ୍ଲା ଦୁଇଟି ଓଡ଼ିଶା ପ୍ରଦେଶରେ ମିଶିବାରେ ପଣ୍ଡିତ ନୀଳକଣ୍ଠଙ୍କର ବିଶେଷ ଅବଦାନ ରହିଥିବାହିଁ ସୂଚିତ ହୁଏ ଏବଂ ଏହା ହେଲା, ତାଙ୍କର ସମସ୍ତ ଉଦ୍ୟମ ସତ୍ତ୍ୱେ କଂଗ୍ରେସ ଅନୁଷ୍ଠାନ ମାଧ୍ୟମରେ ମାନ୍ଦ୍ରାଜ-ଓଡ଼ିଶା ସୀମା ବିବାଦର ମୀମାଂସା କରାଇବାରେ ବିଫଳ ହେବା ପରେ ନୀଳକଣ୍ଠଙ୍କର ମୁଖଲିଙ୍ଗଠାରେ ଅନୁଷ୍ଠିତ ଫିଲିପ୍-ଡଫ୍ କମିଟିରେ ବଳିଷ୍ଠ ଓ ଅକାଟ୍ୟ ଯୁକ୍ତି ଦ୍ୱାରା ଏ ଦୁଇଟି ଜିଲ୍ଲାକୁ ଓଡ଼ିଆ ଅଞ୍ଚଳ ବୋଲି ପ୍ରତିପାଦିତ କରିବା ।

ଏହିପରି ବହୁ ଛୋଟବଡ଼ ଘଟଣାକୁ ଅନୁଶୀଳନ କରି ମୁଁ ନିଃସଂକୋଚରେ ବ୍ୟକ୍ତ କରିବାକୁ ଚାହେଁ ଯେ ନୀଳକଣ୍ଠଙ୍କ ଜ୍ୟୋତି ପରିକ୍ରମାର ସମସ୍ତ କାର୍ଯ୍ୟକ୍ରମ କେବଳ ଆମର ପରିକଳ୍ପନାରେ ନିୟନ୍ତ୍ରିତ ହେଉଥିଲା ବୋଲି କହିବା ଆମର ଧୃଷ୍ଟତା ହେବ । ପଣ୍ଡିତ ନୀଳକଣ୍ଠଙ୍କ ସ୍ୱର୍ଗୀୟ ଆତ୍ମାର ନିର୍ଦ୍ଦେଶରେ ଯେପରିକି ପ୍ରବାହର ଗତିରେ ସମସ୍ତ କିଛି ଆୟୋଜିତ ହୋଇଯାଇଛି । ପୁଣି ଆମ୍ଭମାନଙ୍କର ଅନିଚ୍ଛା ସତ୍ତ୍ୱେ ଜ୍ୟୋତି ନିର୍ବାପନର ନିର୍ଦ୍ଧାରିତ ତାରିଖ ଯେ ଦୁଇଥର ବାତିଲ କରିବାକୁ ପଡ଼ିଥିଲା, ତାହା ସେହି ଅମର ଆତ୍ମାର ଅଭିଳାଷ ବୋଲି ମନେକରିବା ଅନୁଚିତ ହେବ ନାହିଁ ।

"ଅଳମତି ବିସ୍ତରେଣ ।"

## (୧୧) କଲିକତା ଓ ଗ୍ୱାଲକେଲାଟରେ ପଣ୍ଡିତ ନୀଳକଣ୍ଠଙ୍କ ସ୍ମୃତିରକ୍ଷା

ସ୍ମୃତି ସମିତିର କଲିକତା ଶାଖା ପକ୍ଷରୁ ପଣ୍ଡିତ ନୀଳକଣ୍ଠଙ୍କ ଶତବାର୍ଷିକୀ କମିଟି ଗଠିତ ହୋଇ କମିଟିର ପ୍ରଚେଷ୍ଟାରେ ସମିତିର ଯଥାଶକ୍ତି ଆର୍ଥିକ ସାହାଯ୍ୟ

Digitized by PPRACHIN, SOA

ସହ ମହାଜାତି ସଦନରେ ପଣ୍ଡିତ ନୀଳକଣ୍ଠଙ୍କର ଏକ ବିରାଟ ତୈଳଚିତ୍ର ତଥା କଲିକତା ବିଶ୍ୱବିଦ୍ୟାଳୟରେ ଅନ୍ୟ ଏକ ତୈଳଚିତ୍ର ଉନ୍ମୋଚନ କରଯାଇ ପାରିଛି । କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆରେ ଏମ୍. ଏ. କ୍ଲାସ ଖୋଲଯାଇ ତାହା ନୀଳକଣ୍ଠ ଚେୟାର ନାମରେ ନାମିତ କରଯିବ ବୋଲି କୁଳପତି ଘୋଷଣା କରିଚନ୍ତି । ଅବଶ୍ୟ ଏହା ଏବେ ଓଡ଼ିଶା ତଥା ପଶ୍ଚିମବଙ୍ଗ ସରକାରଙ୍କ ଅନୁମୋଦନ ଅପେକ୍ଷାରେ ଅଛି । ପୁଣି କଲିକତାରେ ପଣ୍ଡିତ ନୀଳକଣ୍ଠଙ୍କର ଯେଉଁ ଆବକ୍ଷ ବ୍ରୋଂଜ ପ୍ରତିମୂର୍ତ୍ତି ପ୍ରତିଷ୍ଠିତ ହେବାକୁ ଯାଉଚି, ତାହା ମଧ୍ୟ ଉକ୍ତ କମିଟିଙ୍କ ପ୍ରଚେଷ୍ଟାର ଫଳ । ଏହି ମୂର୍ତ୍ତି ନିର୍ମାଣ ନିମନ୍ତେ ଓଡ଼ିଶା ସରକାର ୨୫ହଜାରଟଙ୍କା ଅନୁଦାନ ଦେଇଥିବା ଓ ପଶ୍ଚିମବଙ୍ଗ ସରକାର ଜାଗା ଯୋଗାଇଦେବା ଓ ମୂର୍ତ୍ତିସ୍ତମ୍ଭ ନିର୍ମାଣ କରିଦେଇଥିବା ଲାଗି ସେମାନଙ୍କ ନିକଟରେ ସ୍ମୃତି ସମିତି ତରଫରୁ କୃତଜ୍ଞତା ଜ୍ଞାପନ କରୁଚି ।

ରାଉରକେଲା ଶାଖା ସମିତି ସହାୟତାରେ ଏ ମଧ୍ୟରେ କେତେକ ସ୍କୁଲ, କଲେଜ ଓ ସାଂସ୍କୃତିକ ଅନୁଷ୍ଠାନମାନଙ୍କରେ ପଣ୍ଡିତ ନୀଳକଣ୍ଠଙ୍କ ଶତବାର୍ଷିକୀ ଉତ୍ସବମାନ ପାଳିତ ହୋଇଯାଇଚି ଓ ସେଠାରେ ପଣ୍ଡିତ ନୀଳକଣ୍ଠଙ୍କ ନାମରେ ଗୋଟିଏ ହାଇସ୍କୁଲ, ଗୋଟିଏ ରାସ୍ତା ଓ ପାଠାଗାର ନାମିତ କରଯିବା ସହିତ ଗୋଟିଏ ଆବକ୍ଷ ବ୍ରୋଂଜ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମଧ୍ୟ କାରଖାନାର ଡେପୁଟି ଜେନେରାଲ ମ୍ୟାନେଜର ଶ୍ରୀଯୁକ୍ତ ହୋତା ଉଦ୍ୟମ କରୁଛନ୍ତି । ଏଥିରେ ସହାୟକ ହେବା ନିମନ୍ତେ ଆମ ଶତବାର୍ଷିକୀ ପାଳନ କମିଟି ସଭାପତିଙ୍କ ସାହାଯ୍ୟ ଭିକ୍ଷା କରୁଚୁ ।

## ନୀଳକଣ୍ଠଙ୍କ ସ୍ମୃତି ରକ୍ଷାର ଅପରାଦେଗ :

ଏହି ଶତବାର୍ଷିକୀ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ ଓ ଫଳପ୍ରସୂ କରିବା ନିମନ୍ତେ ଗତ ଅପ୍ରେଲ ମାସଠାରୁ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ତଥା ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ଏଥିର ସଭାପତି ପଦ ଅଳଂକୃତ କରିଥିବା କଥା ପୂର୍ବରୁ କୁହାଯାଇଚି । ତାଙ୍କ ସହିତ ପ୍ରଥମ ଆଲୋଚନାରେ ସମିତିର କାର୍ଯ୍ୟ ସୁଶୃଂଖଳିତ ଭାବରେ ଚାଲିଥିବାର ଲକ୍ଷ୍ୟ କରି ସେ ଏଥିରେ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ସମିତିକୁ ଯଥାଯଥ ସାହାଯ୍ୟ ଦେବାର ପ୍ରତିଶ୍ରୁତି ଦେଇଥିଲେ । ଏ ମଧ୍ୟରେ ମୁଖ୍ୟମନ୍ତ୍ରୀ ମହାଶୟ ପୁସ୍ତକ ପ୍ରକାଶନପାଇଁ ୧୦ ହଜାର ଟଙ୍କା ତଥା କଲିକତାରେ ପଣ୍ଡିତ ନୀଳକଣ୍ଠଙ୍କର ଗୋଟିଏ ଆବକ୍ଷ ବ୍ରୋଂଜ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ୨୫ହଜାର ଟଙ୍କା ଦାନ କରିଥିବାରୁ ତାଙ୍କୁ ସମିତି ତରଫରୁ ଏ ଅବସରରେ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି

Digitized by PPRACHIN, SOA

ଏବଂ ତାଙ୍କର ସାହାଯ୍ୟ ଓ ପ୍ରେରଣା ଭୁଲିବାର ନୁହେଁ ବୋଲି ଦୃଢ଼ କଣ୍ଠରେ ସ୍ୱୀକାର କରୁଛି । ତା' ସଂଗେ ସଂଗେ ସମିତିର ମୁଖ୍ୟ ଅନୁରୋଧ ଗୁଡ଼ିକ ପ୍ରତି ରାଜ୍ୟର ମୁଖ୍ୟମନ୍ତ୍ରୀ ହିସାବରେ ଆଉ ଥରେ ତାଙ୍କର ସଦୟ ଦୃଷ୍ଟି ମଧ୍ୟ ଆକର୍ଷଣ କରୁଚି । ଏ ପର୍ଯ୍ୟନ୍ତ ଅପୂରଣୀୟ ରହିଥିବା ଆମର ଅନୁରୋଧ ଗୁଡ଼ିକ ହେଲା :—

( ୧ ) ରାଜଧାନୀର ନୀଳକଣ୍ଠ ନଗରରେ ପଣ୍ଡିତ ନୀଳକଣ୍ଠଙ୍କର ଗୋଟିଏ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି, ଓଡ଼ିଶା ବିଧାନ ସଭା ପରିସର ମଧ୍ୟରେ ଗୋଟିଏ ଆବକ୍ଷ ମୂର୍ତ୍ତି ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ।

( ୨ ) କଲିକତା ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ନୀଳକଣ୍ଠ ଚେୟାର ସୃଷ୍ଟି କରିବାପାଇଁ ଆବଶ୍ୟକୀୟ ସରକାରୀ ଅନୁମତି ଓ ସାହାଯ୍ୟ ଦାନ ।

( ୩ ) ଭାରତ ସରକାରଙ୍କ ଦ୍ୱାରା ପଣ୍ଡିତ ନୀଳକଣ୍ଠଙ୍କ ନାମରେ ଡ଼ାକ ଟିକଟ ପ୍ରଚଳନ ।

( ୪ ) ପଣ୍ଡିତ ନୀଳକଣ୍ଠଙ୍କର ଓ ତାଙ୍କ ସଂପର୍କୀୟ ରଚନାବଳୀର ପ୍ରସାର । (ଅବଶ୍ୟ ମୁଖ୍ୟମନ୍ତ୍ରୀ ୬ ମାସ ତଳେ ଏପରି ନିର୍ଦ୍ଦେଶ ଦେଇଛନ୍ତି ।)

ଏହା ବ୍ୟତୀତ ପଣ୍ଡିତ ନୀଳକଣ୍ଠଙ୍କ ସ୍ମୃତିରକ୍ଷାରେ ସହାୟକ ହେବା ନିମନ୍ତେ ସ୍ମୃତି ସମିତି ଉତ୍କଳ ବିଶ୍ୱବିଦ୍ୟାଳୟ ମାଧ୍ୟମରେ ପ୍ରଚଳନ କରାଇଥିବା 'ପଣ୍ଡିତ ନୀଳକଣ୍ଠ ସ୍ମାରକୀ ବକ୍ତୃତାମାଳା'କୁ ଅଧିକ ଶକ୍ତିଶାଳୀ ଓ ବ୍ୟାପକ କରିବାପାଇଁ ଏପରି ଏକ ବକ୍ତୃତାମାଳା ଓଡ଼ିଶା ସାହିତ୍ୟ ଏକାଡ଼େମୀ ମାଧ୍ୟମରେ ପ୍ରଚଳନ କରାଯିବାର ବ୍ୟବସ୍ଥା କରିବାକୁ ମଧ୍ୟ ତାଙ୍କୁ ଅନୁରୋଧ କଣାଉଚୁ ।

ପରିଶେଷରେ ବକ୍ତବ୍ୟ ଏହି ଯେ ଆଜିର ଉତ୍ସବରେ ନୀଳକଣ୍ଠଙ୍କ ଅଖଣ୍ଡ ଜ୍ୟୋତି ପରିକ୍ରମାର ଉଦ୍‌ଯାପନ କରାଗଲେହେଁ ଶତବାର୍ଷିକୀ କାର୍ଯ୍ୟକ୍ରମ ନୀଳକଣ୍ଠଙ୍କ ୧୦୧ ବର୍ଷ ପୂର୍ତ୍ତି ପର୍ଯ୍ୟନ୍ତ ଦେଶରେ ପ୍ରଚଳିତ ପ୍ରଥା ଅନୁଯାୟୀ ପାଳନ କରାଯିବାର ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଆଶା କରୁଚୁ, ଏ ମଧ୍ୟରେ ସ୍ମୃତି ସମିତିର ଉପରୋକ୍ତ ଅନୁରୋଧ ଗୁଡ଼ିକ ପୂରଣ କରି ରାଜ୍ୟ ସରକାର ପ୍ରଚଣ୍ଡ ପ୍ରତିଭା ସଂପନ୍ନ ମନୀଷୀ ନୀଳକଣ୍ଠଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଅନ୍ୟତମ ନେତାଙ୍କ ପ୍ରତି ତାଙ୍କର ଦାୟିତ୍ୱ ସଂପନ୍ନ କରିବେ ।

Digitized by PPRACHIN, SOA

# ପଣ୍ଡିତ ନୀଳକଂଠ ସ୍ମୃତି ସମିତି

ସଭପତି– ଡ଼ଃ. ସଦାଶିବ ମିଶ୍ର

ଉପସଭପତି– ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ
ଶ୍ରୀ ସୁରେଂଦ୍ର ମହାଂତି

ସଂପାଦକ– ଇଂ ମଧୁସୂଦନ ଦାଶ

## ପଣ୍ଡିତ ନୀଳକଂଠ ଶତବାର୍ଷିକୀ ପାଳନ କମିଟି

ସଭପତି– ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

କାର୍ଯ୍ୟକାରୀ ସଭପତି– ଶ୍ରୀ ଗଙ୍ଗାଧର ମହାପାତ୍ର

ଉପସଭପତି– ଶ୍ରୀ ଦୀନବନ୍ଧୁ ମହାପାତ୍ର
ଲେଃକରନ୍ ଡଃ କୁଂଜବିହାରୀ ଦାଶ
ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର

ସଂପାଦକ– ଇଂ ମଧୁସୂଦନ ଦାଶ

ସହ ସଂପାଦକ– ଡ଼ଃ. ବନମାଳୀ ବାରିକ

## ସମିତିର ପୃଷ୍ଠପୋଷକ ସଭ୍ୟ

ଡ଼ଃ. ହରେକୃଷ୍ଣ ମହତାବ ଡ଼ଃ. ରାଧାନାଥ ରଥ ଶ୍ରୀଯୁକ୍ତ ସତ୍ୟପ୍ରିୟ ମହାନ୍ତି ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ ଶ୍ରୀଯୁକ୍ତ ଶ୍ରଦ୍ଧାକର ସୂପକାର ଶ୍ରୀମତୀ ଇନ୍ଦିରା ଦେବୀ ଡ଼ଃ. ବଂଶୀଧର ପଣ୍ଡା ଶ୍ରୀଯୁକ୍ତ ଚନ୍ଦ୍ରମାଧବ ମିଶ୍ର ଶ୍ରୀଯୁକ୍ତ ଯୁଗଳ କିଶୋର ଝୁନ୍‌ଝୁନ୍‌ୱାଲା ଶ୍ରୀଯୁକ୍ତ ହରିହର ପାତ୍ର, ଶ୍ରୀଯୁକ୍ତ ଜଗଦୀଶ ପ୍ରସାଦ ଲଠ, ।

## ସମିତିର କାର୍ଯ୍ୟକାରୀ କମିଟି ସଭ୍ୟ

ଶ୍ରୀ ଗଙ୍ଗାଧର ମହାପାତ୍ର, ଡ଼ଃ. ବିଦ୍ୟାଧର ମିଶ୍ର, ଡ଼ଃ. ଭବଗ୍ରାହୀ ମିଶ୍ର, ଶ୍ରୀ ଦୀନବଂଧୁ ମହାପାତ୍ର, ଶ୍ରୀ ଦ୍ୱାରକା ନାଥ ଦାଶ, ଶ୍ରୀ ହରିଶଚନ୍ଦ୍ର ବକ୍ସିପାତ୍ର, ଡ଼ଃ. ମନ୍ମଥନାଥ ଦାସ, ଡ଼ଃ. ପ୍ରଫୁଲ୍ଲ କୁମାର ପତି, ଶ୍ରୀ ବିବୁଧେନ୍ଦ୍ର ମିଶ୍ର, ଶ୍ରୀ ଲିଙ୍ଗରାଜ ମିଶ୍ର, ଶ୍ରୀ ବନମାଳୀ ମିଶ୍ର, ଡ଼ଃ. ବନମାଳୀ ବାରିକ, ଶ୍ରୀ ନୀଳକଂଠ ଷଡ଼ଙ୍ଗୀ ।

Digitized by PPRACHIN, SOA

# ସମିତିର ଆଜୀବନ ସଭ୍ୟ

ଇଂ. ମଧୁସୂଦନ ଦାଶ–ଭୁବନେଶ୍ୱର, ଇଂ. ଦଣ୍ଡପାଣି ରଥ– ଭୁବନେଶ୍ୱର, ଶ୍ରୀ ସୁରେନ୍ଦ୍ର ନାଥ ନାୟକ–କାକଟପୁର, ଶ୍ରୀ ରାନୁପ୍ରସାଦ ରୁଂଗ୍‌ଟା–ଭୁବନେଶ୍ୱର, ଶ୍ରୀ ଗଙ୍ଗାଧର ରଥ–କଟକ, ଶ୍ରୀ ମହମଦ୍ ୟୁସୁଫ–ଭୁବନେଶ୍ୱର, ଶ୍ରୀ ଦୁର୍ଗାପ୍ରସାଦ ମିଶ୍ର-ନାଲିହଣା, ଶ୍ରୀ ଦେବରାଜ ତ୍ରିପାଠୀ–ବାଙ୍କୀ, ଶ୍ରୀ ସନ୍ତୋଷ ସିଂହ–ଭୁବନେଶ୍ୱର, ଇଂ ବିଜୟ ଦାଶ–ରାଉରକେଲା, ଶ୍ରୀ ପ୍ରହ୍ଲାଦ ରାୟ ଲାଠ–କଟକ, ଶ୍ରୀ ଅମର ସାହୁ–ନବରଂଗପୁର ଶ୍ରୀ ଜି. ଏସ୍. ମିଶ୍ର–ଗୁରୁମହୀଷାଣୀ, ଶ୍ରୀ ହରିଶ୍‌ଚନ୍ଦ୍ର ବକ୍‌ସିପାତ୍ର–ଜୟପୁର, ଶ୍ରୀ ଦ୍ୱାରକାନାଥ ଦାଶ–ପୁରୀ, ଶ୍ରୀ ଜି. ଏନ୍. ଅଗ୍ରୱାଲ–ସମ୍ବଲପୁର, ଶ୍ରୀ ବି. ପଟେଲ ସୁନ୍ଦରଗଡ଼, ଡ଼ଃ. ରଂଜିତ ରଥ–ରାଉରକେଲା, ଡ଼ଃ. ଗଦାଧର ମହାପାତ୍ର–ଭୁବନେଶ୍ୱର, ଇଂ. ମନୋଜ କୁମାର ମହାନ୍ତି–ରାଉରକେଲା, ଶ୍ରୀ ସଜ୍ଜନ କୁମାର ଖଇତାନ–ରାଉରକେଲା, ଶ୍ରୀ ରାମ ନାରାୟଣ ମଲ୍ଲ–ଭୁବନେଶ୍ୱର, ଶ୍ରୀମତୀ ସୁମିତ୍ରା ପାଢ଼ୀ–କାନାଡ଼ା, ଶ୍ରୀ ନନ୍ଦକିଶୋର ଝୁନ୍‌ଝୁନ୍‌ୱାଲା–କଟକ, ଶ୍ରୀ ପ୍ରଶାନ୍ତ କୁମାର ପାଢ଼ୀ–ସମ୍ବଲପୁର, ଶ୍ରୀ ଲିଙ୍ଗରାଜ ପଣ୍ଡା ଭୁବନେଶ୍ୱର, ଶ୍ରୀ ଧନରାଜ ଅଗ୍ରୱାଲ–ରାଉରକେଲା, ଶ୍ରୀ ଶଂକର ଚରଣ ଦାସ–କଟକ, ଶ୍ରୀ ଅବଧୁତ ଜେନା–କଟକ, ଶ୍ରୀ ଶଂକରଲାଲ ଗୁପ୍ତା–ଭୁବନେଶ୍ୱର, ଇଂ. ଆନନ୍ଦଚନ୍ଦ୍ର ପାଢ଼ୀ–ଭୁବନେଶ୍ୱର, ଇଂ. ନିରଂଜନ କିଶୋର ଦାସ ଭୁବନେଶ୍ୱର, ଶ୍ରୀ କୃଷ୍ଣଚନ୍ଦ୍ର ବକ୍‌ସିପାତ୍ର–ରାୟଗଡ଼ା, ଶ୍ରୀ ରାଧାନାଥ ସାହୁ–କଟକ (ମିଲନ), ଶ୍ରୀ ରାଜେନ୍ଦ୍ର ପ୍ରସାଦ ଗୁପ୍ତା ରାଉରକେଲା, ଶ୍ରୀ ବି. କେ. ଘୋଷ–ପୁରୀ. ଶ୍ରୀ ରାମେଶ୍ୱର ନାଥ ସୁଥୁ–କଟକ, ଶ୍ରୀ ମଖନଲାଲ ଅଗ୍ରୱାଲ–ବଲାଙ୍ଗିର, ଶ୍ରୀ ଜଗଦୀଶ ଅଗ୍ରୱାଲ–ସୁନ୍ଦରଗଡ଼, ଶ୍ରୀ କୁଲଦୀପ ରାୟ କକ୍କର–କଟକ, ଶ୍ରୀ ଇଂ ପ୍ରଫୁଲ୍ଲକୁମାର ମିଶ୍ର–ମେରୀଲାଣ୍ଡ U.S.A ଶ୍ରୀମତୀ ଧରିତ୍ରୀ ମିଶ୍ର–ମେରୀଲାଣ୍ଡ, ଶ୍ରୀ ଜଗଦୀଶଚନ୍ଦ୍ର ବୁଧ୍‌ରାଜ–ଭୁବନେଶ୍ୱର, ଶ୍ରୀ ଭୁଦେବ ଷଡ଼ଙ୍ଗୀ–ରାଉରକେଲା, ଶ୍ରୀ ଲଖବୀର ସିଂହ–ଭୁବନେଶ୍ୱର, ଡ଼ଃ. ବ୍ରଜ ମିଶ୍ର–ମେରିଲାଣ୍ଡ U.S.A, ଡ଼ଃ. ସର୍ବେଶ୍ୱର ଆଚାର୍ଯ୍ୟ–ମେରିଲାଣ୍ଡ U.S.A, ଡ଼ଃ. ବିଦ୍ୟାଧର ମିଶ୍ର–ଭୁବନେଶ୍ୱର, Walter Bushnell – କଲିକତା, P.L. Sareen – କଲିକତା, ଇଂ ମାଧବ ଚନ୍ଦ୍ର ପାଣି–ଭୁବନେଶ୍ୱର, ଶ୍ରୀ ଏମ୍. ଡ଼ି ଜିଣ୍ଡଲ–କଲିକତା, ଶ୍ରୀ ନିରଂଜନ ପଟ୍ଟନାୟକ–କେନ୍ଦୁଝର, ଇଂ ଶ୍ରୀନିବାସ ମିଶ୍ର–ଭୁବନେଶ୍ୱର, ଶ୍ରୀ ନିତ୍ୟାନଂଦ ମହାପାତ୍ର–ବୀରହରେକୃଷ୍ଣ ପୁର, ପୁରୀ ।

Digitized by PPRACHIN, SOA

# ପରିଶିଷ୍ଟ

## ଅଖଣ୍ଡ ଜ୍ୟୋତିଃଶିଖ ପଣ୍ଡିତ ନୀଳକଂଠଙ୍କ ଶତବାର୍ଷିକୀ ପାଳନ ଉତ୍ସବର ଦିନପଞ୍ଜି

୧) ୫।୮।୮୩ ଜନ୍ମପୀଠରୁ ଜ୍ୟୋତି ଅଣାଯାଇ ସତ୍ୟବାଦୀ ସମାଧିପୀଠରେ ଅବସ୍ଥାପନା ଓ ବିରାଟ ସାଧାରଣ ସଭା, ଉଦ୍‌ଘାଟକ- ଡ଼ଃ ରାଧାନାଥ ରଥ, ସଭାପତି—ଡ଼ଃ. ସଦାଶିବ ମିଶ୍ର, ମୁଖ୍ୟ ଅତିଥି—ଶ୍ରୀ ଗଂଗାଧର ମହାପାତ୍ର, ମୁଖ୍ୟବକ୍ତା—ଅଧ୍ୟାପକ ଗୌରୀକୁମାର ବ୍ରହ୍ମା ।

୨) ୬।୮।୮୩ ସମାଧି ପୀଠରେ ରାଜ୍ୟପାଳ ଶ୍ରୀଯୁକ୍ତ ସି.ଏମ୍. ପୁନାଚ୍ଚଙ୍କ ମୁଖ୍ୟ ଆତିଥେୟତାରେ ସତ୍ୟବାଦୀ ଅଂଚଳର ୧୮ଟି ସ୍କୁଲର ପୁରସ୍କାର ବିତରଣ : ସଭାପତି- ଆଡ଼୍‌ଭୋକେଟ ହରିହର ବାହିନୀପତି, ମୁଖ୍ୟବକ୍ତା- ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ, ବକ୍ତା—ଅଧ୍ୟାପକ ରଜତ କର ।

୩) ୭।୮।୮୩ ସତ୍ୟବାଦୀ ସମାରୋହର ପରିସମାପ୍ତି : ମୁଖ୍ୟ ଅତିଥି—ଡ଼ଃ. ମନ୍ମଥନାଥ ଦାସ, ସଭାପତି-ଶ୍ରୀ ହରିହର ବାହିନୀପତି, ମୁଖ୍ୟବକ୍ତା-ପବିତ୍ର ମୋହନ ପ୍ରଧାନ,ବକ୍ତା—ଶ୍ରୀ ରବୀନ୍ଦ୍ର ମୋହନ ଦାସ,ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।

୪) ୧୭।୮।୮୩। ସତ୍ୟବାଦୀ ସ୍କୁଲରୁ ଜ୍ୟୋତି ଅଣାଯାଇ କାଦୁଆ ଠାରେ ଗୋପବନ୍ଧୁ ସେବା ସଦନରେ ଅବସ୍ଥାପନା : ସମ୍ବର୍ଦ୍ଧନା ସଭାରେ ଶ୍ରୀ ଲାଲବିହାରୀ ଦାସଙ୍କ ଉଦ୍‌ବୋଧନ ।

୫) ୧୮।୯।୮୩ ଚନ୍ଦନପୁର ହାଇସ୍କୁଲରେ ଜ୍ୟୋତି ଅବସ୍ଥାପନା ଓ ସଭା : ମୁଖ୍ୟ ଅତିଥି ପୁରୀ ସର୍କଲ ଇନ୍‌ସ୍‌ପେକ୍‌ଟର କୁମାରୀ ସୁରଭି କୁସୁମ ସାହୁ, ସଭାପତି—ଶ୍ରୀ ଦୀନବଂଧୁ ମହାପାତ୍ର, ବକ୍ତା—ଡ଼ଃ. କୃଷ୍ଣଚରଣ ସାହୁ, ଓ.ଏସ୍.ଟି.ଆଇ.ଅଧ୍ୟକ୍ଷ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ଶ୍ରୀ ଲିଙ୍ଗରାଜ ମିଶ୍ର

୬) ୧୯।୯।୮୩ ଜ୍ୟୋତି ନିଆଯାଇ ପୁରୀ ନାରୀସେବା ସଂଘରେ ଅବସ୍ଥାପନା ଓ ସାଧାରଣ ସଭା ।

୭-୧୧) ୨୦।୯।୮୩ରୁ ପୁରୀ ସାନ୍ଧ୍ୟ କଲେଜ, ସରକାରୀ ମହିଳା କଲେଜ, ଗୁରୁଜଙ୍ଗ ୨୬।୯।୮୩) ସାହା କଲେଜ, ପୁରୀ ସଂସ୍କୃତ କଲେଜରେ ଶତ ବାର୍ଷିକୀ ପାଳନ

Digitized by PPRACHIN, SOA

୧୨) ୨୬।୯।୮୩ ପୁରୀର ୧୦ଟି ହାଇସ୍କୁଲରେ ପୂର୍ଣ୍ଣାଂଗ ଶିକ୍ଷା କେନ୍ଦ୍ରରେ ଶତବାର୍ଷିକୀ ପାଳନ ।

୧୩) ୨୮।୯।୮୩ ସାମନ୍ତ ଚନ୍ଦ୍ରଶେଖର କଲେଜରେ ଜ୍ୟୋତି ଅବସ୍ଥାପନ ଓ ରାଜ୍ୟପାଳ ଶ୍ରୀ ବିଶ୍ୱମ୍ଭରନାଥ ପାଣ୍ଡେଙ୍କ ମୁଖ୍ୟ ଆତିଥେୟତାରେ ସାଧାରଣ ସଭା ଓ ପୁରସ୍କାର ବିତରଣ : ସଭାପତି- ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଗଙ୍ଗାଧର ମହାପାତ୍ର, ମୁଖ୍ୟବକ୍ତା—ଅଧ୍ୟାପିକା ମନୋରମା ମହାପାତ୍ର ।

୧୪) ୬।୧୦।୮୩ ପୁରୀରୁ ଭୁବନେଶ୍ୱରକୁ ଅଖଣ୍ଡ ଜ୍ୟୋତି ଆନୟନ ଓ ପଣ୍ଡିତ ନୀଳକଣ୍ଠ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ମହାବିଦ୍ୟାଳୟରେ ଅବସ୍ଥାପନା ଓ ସାଧାରଣ ସଭା : ମୁଖ୍ୟ ଅତିଥି—ଶ୍ରୀ ସତ୍ୟପ୍ରିୟ ମହାନ୍ତି, ସଭାପତି- ଶିକ୍ଷାମନ୍ତ୍ରୀ ଶ୍ରୀ ଗଙ୍ଗାଧର ମହାପାତ୍ର ।

୧୫) ୯।୧୦।୮୩ ସ୍ମୃତିସମିତି ତରଫରୁ ପଣ୍ଡିତ ନୀଳକଣ୍ଠଙ୍କ ଜ୍ୟୋତିସହ ପଣ୍ଡିତ ଗୋପବଂଧୁଙ୍କ ଜୟନ୍ତୀ ପାଳନ : ସଭାପତି—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ମୁଖ୍ୟ ଅତିଥି—ଡ଼ଃ. ଭବଗ୍ରାହୀ ମିଶ୍ର ।

୧୬) ୬।୧୧।୮୩ ପଣ୍ଡିତ ନୀଳକଣ୍ଠଙ୍କ ୧୬ଶ ତିରୋଧାନ ଦିବସରେ ତାଙ୍କ 'କୃତିଗାନ' ଉତ୍ସବ ପାଳନ : ମୁଖ୍ୟ ଅତିଥି— ଡ଼ଃ ହରେକୃଷ୍ଣ ମହତାବଙ୍କର ଶ୍ରଦ୍ଧାଞ୍ଜଳି, ସଭାପତି—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର; ମୁଖ୍ୟ ବକ୍ତା ଡ଼ଃ ଭବଗ୍ରାହୀ ମିଶ୍ର ।

୧୭) ୯।୧୧।୮୩ ଆଗ୍ରର୍ଯ୍ୟ ହରିହର କଲେଜ ଜ୍ୟୋତି ଗ୍ରହିତା—କଲେଜ ସଭାପତି ଡ଼ଃ ଭବଗ୍ରାହୀ ମିଶ୍ର, ମୁଖ୍ୟ ଅତିଥି- ଶ୍ରୀ ଯୁଗଳକିଶୋର ପଟ୍ଟନାୟକ, ସଭାପତି- ଶ୍ରୀ ବିଶ୍ୱନାଥ ମହାପାତ୍ର (ସାମ୍ବାଦିକ), ମୁଖ୍ୟ ବକ୍ତା- ଶ୍ରୀ ନିତ୍ୟାନନ୍ଦ ମିଶ୍ର, ରାଜ୍ୟ କଂଗ୍ରେସ ସଭାପତି ।

୧୮) ୧୦।୧୧।୮୩ ନଳିନୀ ଦେବୀ ପ୍ରଶିକ୍ଷଣ ମହାବିଦ୍ୟାଳୟ ମୁଖ୍ୟ ଅତିଥି- ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ସଭାପତି—ଶ୍ରୀ ଶତ୍ରୁଘ୍ନନାଥ, ମୁଖ୍ୟ ବକ୍ତା- ଡ଼ଃ ଭବଗ୍ରାହୀ ମିଶ୍ର ।

୧୯) ୧୨।୧୧।୮୩ ଭୁବନେଶ୍ୱର ମହିଳା ମହାବିଦ୍ୟାଳୟ : ମୁଖ୍ୟ ଅତିଥି- ଡ଼ଃ କୃଷ୍ଣଚରଣ ସାହୁ, ସଭାପତି- ଶ୍ରୀମତୀ ଶାନ୍ତିଲତା ମହାନ୍ତି ।

୨୦) ୧୯।୧୧।୮୩ କ୍ୟାପିଟାଲ ହାଇସ୍କୁଲରେ ୨ ଥର ଉତ୍ସବ ପାଳନ: ମୁଖ୍ୟ ଅତିଥି- ଡ଼ଃ ତାପସ କବି, ପୌଢ଼ଶିକ୍ଷା ନିର୍ଦ୍ଦେଶକ; ସଭାପତି—ଶ୍ରୀ ପ୍ରଦ୍ୟୁମ୍ନ

Digitized by PPRACHIN, SOA

ମିଶ୍ର, ମୁଖ୍ୟ ବକ୍ତା- ଶ୍ରୀ ନୀଳମଣି ମିଶ୍ର, ବକ୍ତା—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ଶ୍ରୀ ଲିଙ୍ଗରଜ ମିଶ୍ର, ଶ୍ରୀ ବନମାଳୀ ମିଶ୍ର ।

୨୧) ୨୨।୧୧।୮୩ ଦୁଇନଘର ଇଉନିଟ୍ ବାଳିକା ଉଚ୍ଚ ବିଦ୍ୟାଳୟ : ମୁଖ୍ୟ ଅତିଥି ଅଧ୍ୟାପକ ରଜତ କୁମାର କର, ସଭପତି- ଶ୍ରୀମତୀ ସୁଧା ମଂଜରୀ ଦେବୀ, ମୁଖ୍ୟ ବକ୍ତା—ଅଧ୍ୟାପକ ଦେବରଜ ପାଠୀ ।

୨୨) ୨୪।୧୧।୮୩ ମହର୍ଷି ମହେଶଯୋଗୀ କଲେଜ : ମୁଖ୍ୟ ଅତିଥି ଡ଼ଃ ବିଦ୍ୟାଧର ମିଶ୍ର, ସଭପତି—ଅଧ୍ୟକ୍ଷ ଶ୍ରୀ ଗୋକୁଳାନନ୍ଦ ମହାପାତ୍ର, ମୁଖ୍ୟ ବକ୍ତା ଡ଼ଃ ନିତ୍ୟାନନ୍ଦ ଶତପଥୀ ।

୨୩) ୨୭।୧୧।୮୩ ଉତ୍କଳ ବିଶ୍ୱବିଦ୍ୟାଳୟରେ ଜ୍ୟୋତି ଅବସ୍ଥାପନା ପୂର୍ବକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ସପ୍ତାହବ୍ୟାପି କାର୍ଯ୍ୟକ୍ରମ: ସ୍ମୃତି ସମିତିର ସଭପତି ଡଃ ସଦାଶିବ ମିଶ୍ରଙ୍କ ଦ୍ୱାର ଜ୍ୟୋତି ଅର୍ପଣ । ଜ୍ୟୋତି ଗ୍ରହିତା—ମୁଖ୍ୟ ଅତିଥି—ସ୍ୱରାଷ୍ଟ୍ର ଗଷ୍ଟମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ, ସଭପତି ଡଃ ମନ୍ମଥ ନାଥ ଦାସ, (କୁଳପତି) ।

୨୪) ୧।୧୨।୮୩ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭଗ ତରଫରୁ ନୀଳକଣ୍ଠଙ୍କ ସାହିତ୍ୟିକ କୃତି ଉପରେ ପାଠଚକ୍ର ଅନୁଷ୍ଠାନ: ଉଦ୍‌ଘାଟକ— ଡଃ ମନ୍ମଥ ନାଥ ଦାସ, ମୁଖ୍ୟ ଅତିଥି— ଡଃ କୁଞ୍ଜ ବିହାରୀ ଦାଶ, ସଭପତି— ଡଃ ବଂଶୀଧର ମହାନ୍ତି, ଆଲୋଚକ ଗଣ— ଡଃ ନିତ୍ୟାନନ୍ଦ ଶତପଥୀ, ଡଃ ବିଭୁଦତ୍ତ ମିଶ୍ର, ଡଃ କୃଷ୍ଣ ଚରଣ ସାହୁ, ଡଃ କ୍ଷେତ୍ରବାସୀ ନାୟକ, ଡଃ ବାସୁଦେବ ସାହୁ, ଡଃ ଗଗନେନ୍ଦ୍ର ନାଥ ଦାଶ, ଅଧ୍ୟାପକ ବୈଷ୍ଣବ ଚରଣ ସାମଲ, ଅଧ୍ୟାପକ ଦାଶରଥି ଦାସ । ପାଠଚକ୍ରର ସଭପତି ବୃନ୍ଦ, ଡଃ କାହ୍ନୁଚରଣ ମିଶ୍ର, ଡଃ ଜାନକୀ ବଲ୍ଲଭ ମହାନ୍ତି ( ଭରଦ୍ୱାଜ ) ଡଃ ଗଙ୍ଗାଧର ବଳ ।

୨୫) ୨।୧୨।୮୩ ରମାଦେବୀ ମହିଳା କଲେଜ: ମୁଖ୍ୟ ଅତିଥି— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ସଭପତି— ଅଧ୍ୟକ୍ଷା ଶ୍ରୀମତୀ ଶକୁନ୍ତଳା ମହାନ୍ତି, ମୁଖ୍ୟବକ୍ତା— ଅଧ୍ୟାପକ ଗୌରୀ କୁମାର ବ୍ରହ୍ମା ।

୨୬) ୫।୧୨।୮୩ ନିମାପଡା କଲେଜ: ମୁଖ୍ୟ ଅତିଥି—ଡଃ କୃଷ୍ଣ ଚରଣ ସାହୁ, ସଭପତି- ଅଧ୍ୟକ୍ଷ ଜେଡେ ଆବେଦିନ, ମୁଖ୍ୟବକ୍ତା— ଶ୍ରୀ ବନମାଳୀ ମିଶ୍ର ।

୨୭) ୬।୧୨।୮୩ ଗୋପ କଲେଜ, ନିଗମାନନ୍ଦ ହାଇସ୍କୁଲ, ଗୋପ ବାଳିକା ବିଦ୍ୟାଳୟରେ

Digitized by PPRACHIN, SOA

ସ୍ୱତନ୍ତ୍ର ଉତ୍ସବ: ମୁଖ୍ୟ ଅତିଥି– ଡଃ କୃଷ୍ଣ ଚରଣ ସାହୁ, ସଭପତି– ଅଧ୍ୟକ୍ଷ ଶ୍ରୀ କୈଳାସ ସାହୁ, ମୁଖ୍ୟବକ୍ତା– ଶ୍ରୀ ବନମାଳୀ ମିଶ୍ର ।

୨୮) ୬।୧୨।୮୩ କୋଣାର୍କ କଲେଜ: ମୁଖ୍ୟ ଅତିଥି–ଡଃ କୃଷ୍ଣ ଚରଣ ସାହୁ, ସଭପତି– ପଣ୍ଡିତ ନୀଳକଣ୍ଠଙ୍କ ଅନୁଗାମୀ ଶ୍ରୀ ବାମଦେବ ମହାପାତ୍ର ।

୨୯) ୭।୧୨।୮୩ ଆଞ୍ଚଳିକ ଶିକ୍ଷା ମହାବିଦ୍ୟାଳୟ: ସଭ ଓ ବିଚିତ୍ରା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି- ଅଧ୍ୟାପକ ଡଃ ଚନ୍ଦ୍ରଶେଖର ରଥ, ସଭପତି– ଡଃ ଅଭିନ୍ନ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା– ଅଧ୍ୟାପକ ବୈଷ୍ଣବ ସାମଲ ।

୩୦) ୮।୧୨।୮୩ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ : ମୁଖ୍ୟ ଅତିଥି– ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ସଭପତି– ଡଃ ବୈଦ୍ୟନାଥ ମିଶ୍ର; ମୁଖ୍ୟବକ୍ତା– ଡଃ ଜାନକୀ ବଲ୍ଲଭ ମହାନ୍ତି ( ଭରଦ୍ୱାଜ ) ।

୩୧) ୧୭।୧୨ ୮୩ ଉତ୍କଳ ବିଶ୍ୱ ବିଦ୍ୟାଳୟ ରାଜନୀତି ବିଭାଗ ତରଫରୁ ନୀଳକଣ୍ଠଙ୍କ "ରାଜନୈତିକ ଦୃଷ୍ଟିକୋଣ" ଉପରେ ଆଲୋଚନା ଚକ୍ର: ଉଦ୍‌ଘାଟକ- ଡଃ ହରେକୃଷ୍ଣ ମହ୍‌ତାବ, ମୁଖ୍ୟ ଅତିଥି– ଡଃ ସଦାଶିବ ମିଶ୍ର, ସଭ- ପତି– ଡଃ ସତ୍ୟନାରାୟଣ ରଥ, ଆଲୋଚକ ଗଣ– ଡଃ ସତ୍ୟନାରା- ୟଣ ରଥ, ଶ୍ରୀ ବାଙ୍କ ବିହାରୀ ଦାସ, ଶ୍ରୀ ବିଜୟ କୁମାର ପାଣି, ଡଃ ଶ୍ରୀ ରାମଚନ୍ଦ୍ର ଦାଶ, ଶ୍ରୀ ବିବୁଧେନ୍ଦ୍ର ମିଶ୍ର, ଡଃ ଭବଗ୍ରାହୀ ମିଶ୍ର, ଇଂ. ମଧୁସୂଦନ ଦାଶ, ଅଧ୍ୟାପକ ବନମାଳୀ ମିଶ୍ର, ଡଃ ଅତୁଲ୍ୟଚନ୍ଦ୍ର ପ୍ରଧାନ ।

୩୨) ୨୪।୧୨।୮୩ ଏକାମ୍ର ସାହିତ୍ୟ ସଂସଦ ନୀଳକଣ୍ଠ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଏବଂ ପୁରସ୍କାର ବିତରଣ: ମୁଖ୍ୟ ଅତିଥି– ଶ୍ରୀ ରଘୁନାଥ ପଟ୍ଟନାୟକ, ସଭପତି– ଅଧ୍ୟାପକ ଦେବରାଜ ପାଠୀ ।

୩୩) ୬।୧।୮୪ ରେଭେନ୍‌ସା କଲେଜ: କଟକ ମୁଖ୍ୟ ଅତିଥି–ଡଃ କୁଞ୍ଜବିହାରୀ ଦାଶ, ସଭପତି– ଡଃ ଦୀନବନ୍ଧୁ ମିଶ୍ର, ମୁଖ୍ୟବକ୍ତା–ଶ୍ରୀ ମନମୋହନ ମିଶ୍ର ।

୩୪) ୭।୧।୮୪ ସିଟି ମହିଳା କଲେଜ: କଟକ ମୁଖ୍ୟ ଅତିଥି– ଡଃ ସଦାଶିବ ମିଶ୍ର, ସଭପତି– ଡଃ କୁଞ୍ଜବିହାରୀ ତ୍ରିପାଠୀ ।

୩୫) ୯।୧।୮୪ ରାଧାନାଥ ଟ୍ରେନିଂକଲେଜ: କଟକ,

୩୬) ୧୦।୧।୮୪ ରେଭେନ୍‌ସା କଲେଜିଏଟ୍ ସ୍କୁଲ: କଟକ,

୩୭) ୧୧।୧।୮୪ ଖ୍ରୀଷ୍ଟ କଲେଜ: କଟକ, ମୁଖ୍ୟ ଅତିଥି– ଶିକ୍ଷା ଉପ ନିର୍ଦ୍ଦେଶକ

Digitized by PPRACHIN, SOA

ଶ୍ରୀ ଗୋପୀନାଥ ମିଶ୍ର, ସଭପତି– ଶ୍ରୀ ପଠାଣୀ ପଟ୍ଟନାୟକ, ମୁଖ୍ୟ-ବକ୍ତା– ଶ୍ରୀ ବାଉରୀ ବନ୍ଧୁ କର ।

୩୮) ୧୨।୧।୮୪ ଶୈଳବାଳା ମହିଳା କଲେଜ: କଟକ, ସଭପତି– ଶ୍ରୀମତୀ ସାବିତ୍ରୀ ଗଉଡ ।

୩୯) ୧୩।୧।୮୪ ଷ୍ଟୁଆର୍ଟ କଲେଜ: କଟକ, ମୁଖ୍ୟ ଅତିଥି– ଡଃ କୁଞ୍ଜ ବିହାରୀ ଦାଶ ।

୪୦) ୨୧।୧।୮୪ ୯ ନମ୍ବର ଇଉନିଟ୍ ବାଳକ ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱର: ମୁଖ୍ୟ-ଅତିଥି– ଡଃ ଘନଶ୍ୟାମ ସାମଲ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ସଭପତି– ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ, ମୁଖ୍ୟବକ୍ତା– ଡଃ ନିତ୍ୟାନନ୍ଦ ଶତପଥୀ ।

୪୧) ୨୩।୧।୮୪ ଭଦ୍ରଖ କଲେଜ: ଭଦ୍ରଖ, ମୁଖ୍ୟ ଅତିଥି– ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ସଭପତି– ଅଧ୍ୟକ୍ଷ, ବକ୍ତା ଡଃ ଗଙ୍ଗାଧର ସାହୁ, ଡଃ ଭବଗ୍ରାହୀ ମିଶ୍ର, ଡଃ ନିତ୍ୟାନନ୍ଦ ଶତପଥୀ, ଇଂ ମଧୁସୂଦନ ଦାଶ ।

୪୨) ୨୪।୧।୮୪ ଭଦ୍ରଖ ମହିଳା ମହାବିଦ୍ୟାଳୟ: ସଭପତି– ଅଧ୍ୟକ୍ଷ ଶ୍ରୀ ବସନ୍ତ କୁମାର ଶତପଥୀ, ମୁଖ୍ୟ ଅତିଥି– ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ବକ୍ତା– ଡଃ ନିତ୍ୟାନନ୍ଦ ଶତପଥୀ ଓ ଡଃ ଭବଗ୍ରାହୀ ମିଶ୍ର ।

୪୩) ୨୪।୧।୮୪ ଫକୀର ମୋହନ କଲେଜ: ବାଲେଶ୍ୱର, ସଭପତି– ଅଧ୍ୟକ୍ଷ ଡଃ ବିକ୍ରମ ଜେନା, ମୁଖ୍ୟ ଅତିଥି– ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ବକ୍ତା– ଡଃ ଭବଗ୍ରାହୀ ମିଶ୍ର, ଡଃ ନିତ୍ୟାନନ୍ଦ ଶତପଥୀ ।

୪୪) ୨୫।୧।୮୪ କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ: ବାଲେଶ୍ୱର, ସଭପତି– କଲେଜ ଅଧ୍ୟକ୍ଷା, ମୁଖ୍ୟ ଅତିଥି– ଶ୍ରୀ ନିତ୍ୟାନନ୍ଦ ମହା-ପାତ୍ର, ମୁଖ୍ୟବକ୍ତା– ଡଃ ଭବଗ୍ରାହୀ ମିଶ୍ର ।

୪୫) ୯।୨।୮୪ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ମହାବିଦ୍ୟାଳୟ: ଜଗତସିଂହପୁର, ସଭପତି– ଶାନ୍ତନୁ କୁମାର ଆଗ୍ରୱାଳ, ମୁଖ୍ୟ ଅତିଥି– ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ମୁଖ୍ୟବକ୍ତା– ଡଃ ଭବଗ୍ରାହୀ ମିଶ୍ର ।

୪୬) ୧୦।୨।୮୪ ସାରଳା ମହାବିଦ୍ୟାଳୟ: ରହାମା, ସଭପତି-- ଶ୍ରୀ ହୃଷୀକେଶ ପଣ୍ଡା, ମୁଖ୍ୟ ଅତିଥି-- ଡଃ ନିତ୍ୟାନନ୍ଦ ଶତପଥୀ, ମୁଖ୍ୟବକ୍ତା ଡଃ ଭବଗ୍ରାହୀ ମିଶ୍ର, ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।

୪୭) ୧୨।୨।୮୪ ବିଦ୍ୟାଭବନ ପରିସରରେ ଆଗ୍ରୱାଳ ହରିହର ଜୟନ୍ତୀ, ସଭପତି-

Digitized by PPRACHIN, SOA

ଡଃ ଭବଗ୍ରାହୀ ମିଶ୍ର, ମୁଖ୍ୟ ଅତିଥି-- ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ମୁଖ୍ୟ ବକ୍ତା-- ଶ୍ରୀ କାଳୀ କୁମାର ଦାସ ।

୪୮) ୧୪।୨।୮୪ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଃ ଭୁବନେଶ୍ୱର, ମୁଖ୍ୟ ଅତିଥି-- ଶ୍ରୀ ପ୍ରପତ୍ତି, ସଭପତି-- ଶ୍ରୀମତୀ ପ୍ରୀତି ପଟ୍ଟନାୟକ, ମୁଖ୍ୟବକ୍ତା ଶ୍ରୀ ଭୁବନାନନ୍ଦ ରାୟ

୪୯) ୨୪।୨।୮୪ ଆନନ୍ଦପୁର ମହିଳା ମହାବିଦ୍ୟାଳୟଃ ସାଳପଡ଼ା, ସଭପତି-- ଅଧ୍ୟକ୍ଷା କୁମୁଦିନୀ ନାୟକ, ମୁଖ୍ୟ ଅତିଥି-- ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ମୁଖ୍ୟ ବକ୍ତା- ଡଃ ଭବଗ୍ରାହୀ ମିଶ୍ର ।

୫୦) " ଆନନ୍ଦପୁର କଲେଜ, ଆନନ୍ଦପୁରଃ ସଭପତି- ଅଧ୍ୟକ୍ଷ ଜଗନ୍ନାଥ ସା, ମୁଖ୍ୟ ଅତିଥି ଆଡ୍‌ଭୋକେଟ୍ ଶ୍ରୀ ନୃସିଂହ ଚରଣ ମହାନ୍ତି, ମୁଖ୍ୟବକ୍ତା- ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ।

୫୧) ୨୫।୨।୮୪ କେନ୍ଦୁଝର ମହିଳା ମହାବିଦ୍ୟାଳୟଃ ସଭପତି- ଅଧ୍ୟକ୍ଷ ମାଧବଚନ୍ଦ୍ର ସୁବୁଦ୍ଧି, ମୁଖ୍ୟବକ୍ତା- ଆଡ୍‌ଭୋକେଟ୍ ଶ୍ରୀ ଶଶୀଭୂଷଣ ମିଶ୍ର, ମୁଖ୍ୟ ଅତିଥି- ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସନ୍ତୋଷ କୁମାର ରଥ ।

୫୨) " ଧରଣୀଧର କଲେଜ କେଉଁଝରଃ ସଭପତି- ଅଧ୍ୟକ୍ଷ ମାଧବ ଚନ୍ଦ୍ର ସୁବୁଦ୍ଧି, ମୁଖ୍ୟ ଅତିଥି- ଆଡ୍‌ଭୋକେଟ୍ ଶ୍ରୀ ଶଶୀଭୂଷଣ ମିଶ୍ର, ମୁଖ୍ୟ ବକ୍ତା- ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ଡଃ ଭବଗ୍ରାହୀ ମିଶ୍ର ।

୫୩) ୧୦୨।୩।୮୪ ଉତ୍କଳ ବିଶ୍ୱବିଦ୍ୟାଳୟରେ 'ପଣ୍ଡିତ ନୀଳକଣ୍ଠ ସ୍ମାରକୀ ବକ୍ତୃତାମାଳା' ଉଦ୍‌ଘାଟକ- ଡଃ ମନ୍ମଥ ନାଥ ଦାସ ( କୁଳପତି ) ମୁଖ୍ୟବକ୍ତା- ଡଃ ଦେବୀ ପ୍ରସନ୍ନ ପଟ୍ଟନାୟକ ।

୫୪) ୩।୩।୮୪ ବାଲିକୁଦା କଲେଜଃ ଅତିଥିବୃନ୍ଦ— ଡଃ ଭବଗ୍ରାହୀ ମିଶ୍ର, ଡଃ ନିତ୍ୟାନନ୍ଦ ଶତପଥୀ, ପ୍ରାଧ୍ୟାପକ ମହାପାତ୍ର ନୀଳମଣି ସାହୁ ।

୫୫) " ମୈନାକ ସାହିତ୍ୟ ସଂସଦ, ପାରାଦ୍ୱୀପ ଆନୁକୂଲ୍ୟରେ ପାରାଦ୍ୱୀପ କଲେଜ, ପୋର୍ଟ ହାଇସ୍କୁଲ, ବାଳିକା ଉଚ୍ଚ ବିଦ୍ୟାଳୟ ତରଫରୁ ମୁକ୍ତ ପ୍ରାଙ୍ଗଣରେ ଶତବାର୍ଷିକୀ ପାଳନ ଓ ସାଂସ୍କୃତିକଉତ୍ସବ; ଜ୍ୟୋତି ଗ୍ରହଣ କଲେ କମିଟିର ଅଧ୍ୟକ୍ଷ ଶ୍ରୀ ଧନେଶ୍ୱର ରାଉତ; ସଭପତି- ଶ୍ରୀ ଏମ୍ ଯଶୋବନ୍ତ ରାଓ, ମୁଖ୍ୟ ଅତିଥି- ପ୍ରାଧ୍ୟାପକ ମହାପାତ୍ର ନୀଳମଣି ସାହୁ, ମୁଖ୍ୟବକ୍ତା- ଡଃ ନିତ୍ୟାନନ୍ଦ ମହାପାତ୍ର, ସମ୍ମାନିତ ଅତିଥି- ଇଂ ମଧୁସୂଦନ ଦାଶ, ବକ୍ତା- ଡଃ ଭବଗ୍ରାହୀ ମିଶ୍ର ।

Digitized by PPRACHIN, SOA

୫୬) ୧୦।୩।୮୪ ବରେଂଦ୍ରକୃଷ୍ଣ ବିଦ୍ୟାପୀଠ, ବାଂକୀ, ସଭପତି ଶ୍ରୀ ଦୁର୍ଗାପ୍ରସାଦ ହୋତା, ମୁଖ୍ୟ ଅତିଥି—ଶ୍ରୀ ଗୋକୁଳାନନ୍ଦ ପ୍ରହରାଜ, ମୁଖ୍ୟ ବକ୍ତା—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ବକ୍ତା—ଇଂ ମଧୁସୂଦନ ଦାଶ, ଶ୍ରୀ ସଦାଶିବ ପାତ୍ର ।

୫୭) ୧୦।୩।୮୪ ବାଂକୀ ବାଳିକା ଉଚ୍ଚ ବିଦ୍ୟାଳୟ : ସଭପତି—ପ୍ରଧାନ ଶିକ୍ଷୟିତ୍ରୀ, ଶ୍ରୀମତୀ ବିଷ୍ଣୁପ୍ରିୟା ରାୟଚୁଡ଼ାମଣି, ମୁଖ୍ୟ ଅତିଥି–ଶ୍ରୀ ଗୋକୁଳମୋହନ ରାୟ-ଚୁଡ଼ାମଣି, ବକ୍ତା—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ଶ୍ରୀ ଗୋକୁଳାନନ୍ଦ ପ୍ରହରାଜ ।

୫୮) ୧୩।୩।୮୪ ସରକାରୀ ପ୍ରଶିକ୍ଷଣ ମହାବିଦ୍ୟାଳୟ, ଅନୁଗୋଳ : ସଭପତି–ଅଧ୍ୟକ୍ଷ ଶ୍ରୀ ମଦନ ମୋହନ ମିଶ୍ର, ମୁଖ୍ୟ ଅତିଥି—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ମୁଖ୍ୟ ବକ୍ତା ଡ଼ଃ ଭବଗ୍ରାହୀ ମିଶ୍ର ।

୫୯) ୨୬।୩।୮୪—୬ ନମ୍ବର ଇଉନିଟ୍ ବାଳିକା ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ବର : ସଭପତି-ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ଦୀପିକା ମିଶ୍ର, ମୁଖ୍ୟ ଅତିଥି, ଶିକ୍ଷାବିଭାଗ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ରଜତକୁମାର କର, ମୁଖ୍ୟ ବକ୍ତା-ଡ଼ଃ ଭବଗ୍ରାହୀ ମିଶ୍ର, ବକ୍ତା- ଶ୍ରୀ ଲିଙ୍ଗରାଜ ମିଶ୍ର ।

୬୦) ୧।୮।୮୪ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ—ଭଂଜ ବିହାରଠାରେ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ହଲରେ ପଣ୍ଡିତ ନୀଳକଣ୍ଠଙ୍କର ଜ୍ୟୋତିସ୍ଥାପନା : ସ୍ଥାପୟିତା, କୁଳପତି ମେଜର ବଟକୃଷ୍ଣ ମହାନ୍ତି ।

୬୧) ୨।୪।୮୪ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ ହଲରେ ପଣ୍ଡିତ ନୀଳକଣ୍ଠଙ୍କ ତୈଳଚିତ୍ର ଉନ୍ମୋଚନ ଓ ପାଠଚକ୍ର : ସଭପତି--ମେଜର ବଟକୃଷ୍ଣ ମହାନ୍ତି, ଆଲୋଚକ—ଗଣ—ଡ଼ଃ ଶ୍ରୀନିବାସ ମିଶ୍ର, ପ୍ରଫେସର ସୀତାରାମ ମହାପାତ୍ର, ପ୍ରଫେସର ପ୍ୟାରିମୋହନ ମିଶ୍ର, ଡ଼ଃ ଗଜେନ୍ଦ୍ର ନାଥ ଦାଶ, ଶ୍ରୀ ସୌଭାଗ୍ୟ କୁମାର ମିଶ୍ର, ପ୍ରଫେସର ଭ୍ରମରବର ଜେନା ।

୬୨) ୧୫।୪।୮୪ ଦଶରଥପୁର ସାରସ୍ୱତ ସାହିତ୍ୟ ଓ ସାଂସ୍କୃତିକ ପରିଷଦ : ସଭପତି ଅଧ୍ୟାପକ ନବକିଶୋର ମିଶ୍ର, ମୁଖ୍ୟ ଅତିଥି--ଶ୍ରୀ ପଠାଣି ପଟ୍ଟନାୟକ, ମୁଖ୍ୟବକ୍ତା--ପୂର୍ବତନ କୃଷିମନ୍ତ୍ରୀ ଶ୍ରୀ ଜଗନ୍ନାଥ ମଲ୍ଲିକ, ବକ୍ତା--ଡ଼ଃ ନିତ୍ୟାନନ୍ଦ ଶତପଥୀ, ଇଂ ମଧୁସୂଦନ ଦାଶ ।

୬୩) ୩।୫।୮୪ ବିଦ୍ୟାଭବନ ନୀଳକଣ୍ଠ ପୁରସ୍କାର ସ୍ୱତନ୍ତ୍ର ଉତ୍ସବ--ସଭପତି ଡ଼ଃ ଚନ୍ଦ୍ରଶେଖର ରଥ, ମୁଖ୍ୟ ଅତିଥି--ଚିତ୍ତରଞ୍ଜନ ଦାସ, ବକ୍ତା--ଅଧ୍ୟାପକ ପ୍ରମୋଦ ମହାନ୍ତି, ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ମହାପାତ୍ର ନୀଳମଣି ସାହୁ, ଡ଼ଃ ଭବଗ୍ରାହୀ ମିଶ୍ର ।

Digitized by PPRACHIN, SOA

୬୪) ୪।୮।୮୪ ପଣ୍ଡିତ ନୀଳକଣ୍ଠ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ମହାବିଦ୍ୟାଳୟ : ସଭପତି ଇଂ ମଧସୂଦନ ଦାଶ, ମୁଖ୍ୟ ଅତିଥି–ଡ଼ଃ ଭବଗ୍ରାହୀ ମିଶ୍ର ।

୬୫) ୫।୮।୮୪ ସ୍ମୃତିସମିତି ତରଫରୁ ନୀଳକଣ୍ଠଙ୍କ ୧୦୧ ତମ ଜୟନ୍ତୀ ପାଳନ ଓ ନୀଳକଣ୍ଠଙ୍କ, ଧର୍ମ ଦର୍ଶନ–ଉପରେ ଆଲୋଚନାଚକ୍ର : ଉଦ୍‌ଘାଟକ ଶିକ୍ଷାମନ୍ତ୍ରୀ ଶ୍ରୀ ଗଙ୍ଗାଧରମହାପାତ୍ର, ସଭପତି–ଡ଼ଃ ଭବଗ୍ରାହୀ ମିଶ୍ର, ଆଲୋଚକ ଗଣ–ଡ଼ଃ ବାଉରୀବଂଧୁ କର, ଡ଼ଃ ବିଜୟାନନ୍ଦ କର, ଡ଼ଃ କୁମୁଦିନୀ ମିଶ୍ର, ଡ଼ଃ ଗୋପାଳ ଚନ୍ଦ୍ର ତ୍ରିପାଠୀ, ଡ଼ଃ ପ୍ରମୋଦ କୁମାର ଦ୍ୱିବେଦୀ ।

୬୬) ୧୯।୯।୮୪ (କ) ଉପେନ୍ଦ୍ରଭଂଜ ମହାବିଦ୍ୟାଳୟ, ଭଂଜନଗର (ଖ) ପ୍ରଶିକ୍ଷଣ ମହାବିଦ୍ୟାଳୟ ଭଂଜନଗର ସଭପତି–ଡ଼ଃ ଲକ୍ଷ୍ମଣ କୁମାର ପରିଡ଼ା, ମୁଖ୍ୟ ଅତିଥି–ଇଂ ମଧୁସୂଦନ ଦାଶ ବକ୍ତା–ଅଧ୍ୟାପକ ଦଣ୍ଡପାଣି ବେହେରା, ଡ଼ଃ ବନମାଳୀ ବାରିକ ।

୬୭) ୧୯।୯।୮୪ ସାବିତ୍ରୀ ମହିଳା ମହାବିଦ୍ୟାଳୟ, ସଭପତି ଅଧ୍ୟକ୍ଷା ଶ୍ରୀମତୀ ଉଷା ପାଢ଼ୀ, ବକ୍ତା–ଅଧ୍ୟାପିକା ବାସନ୍ତୀ ପାଣିଗ୍ରାହୀ, ଡ଼ଃ ବନମାଳୀ ବାରିକ, ଅଧ୍ୟାପିକା କୃଷ୍ଣା ଆଗ୍ରୱାଲ ।

୬୮) ୨୦।୯।୮୪ 'ଦୈନିକ ଆଶା' କାର୍ଯ୍ୟାଳୟ, ବ୍ରହ୍ମପୁର : ସଭପତି–ଶ୍ରୀ ଚନ୍ଦ୍ରଶେଖର ମହାପାତ୍ର, ବକ୍ତା–ଶ୍ରୀ ବିନାୟକ ମହାପାତ୍ର, ଶ୍ରୀ ତ୍ରିନାଥ ମହାରଣା, ଡ଼ଃ ବନମାଳୀ ବାରିକ ଇଂ ମଧୁସୂଦନ ଦାଶ ।

୬୯) ୨୧।୯।୮୪ ସିଟି ମହାବିଦ୍ୟାଳୟ, ବ୍ରହ୍ମପୁର : ସଭପତି–ଅସ୍ଥାୟୀ ଅଧ୍ୟକ୍ଷ ଶ୍ରୀ ଦିଲ୍ଲୀପ କୁମାର ମିଶ୍ର, ବକ୍ତା–ଡ଼ଃ ବନମାଳୀ ବାରିକ, ଇଂ ମଧୁସୂଦନ ଦାଶ ।

୭୦) ୨୧।୯।୮୪ ଗଞ୍ଜାମ ମହାବିଦ୍ୟାଳୟ, ଗଞ୍ଜାମ : ସଭପତି–ଅଧ୍ୟକ୍ଷ ଶ୍ରୀ ଲଡୁପ୍ରସାଦ ପାଢ଼ୀ, ବକ୍ତା–ଅଧ୍ୟାପକ ଶ୍ରୀ ସୁଶାନ୍ତ କୁମାର ବସା, ଡ଼ଃ ବନମାଳୀ ବାରିକ ।

୭୧) ୨୦।୧୦।୮୪ ଖଲ୍ଲିକୋଟ କଲେଜ, ବ୍ରହ୍ମପୁର : ସଭପତି–ଅଧ୍ୟକ୍ଷ ଡ଼ଃ ଶରତଚନ୍ଦ୍ର ମିଶ୍ର, ବକ୍ତା–ଡ଼ଃ ବନମାଳୀ ରଥ, ଶ୍ରୀ ପୁରୁଷୋତ୍ତମ ଲକ୍ଷ୍ମଣ ପଣ୍ଡା, ଡ଼ଃ ବନମାଳୀ ବାରିକ ।

୭୨) ୨୦।୧୦।୮୪ ସରକାରୀ ମହିଳା ମହାବିଦ୍ୟାଳୟ, ବ୍ରହ୍ମପୁର : ସଭପତି–ଅଧ୍ୟକ୍ଷା ଶ୍ରୀମତୀ ରମାସୁନ୍ଦରୀ ଦେବୀ, ବକ୍ତା–ବନମାଳୀ ବାରିକ, ଇଂ ମଧୁସୂଦନ ଦାଶ ।

୭୩) ୬।୧୧।୮୪ ପଣ୍ଡିତ ନୀଳକଣ୍ଠ କଲେଜ ତରଫରୁ ନୀଳକଣ୍ଠଙ୍କ ୧୭ଶ ତିରୋଧାନ ଦିବସ ପାଳନ : ସଭପତି–ଶ୍ରୀ ଦୀନବଂଧୁ ମହାପାତ୍ର, ମୁଖ୍ୟ ଅତିଥି–ଡ଼ଃ ଭବଗ୍ରାହୀ ମିଶ୍ର, ବକ୍ତା ଇଂ ମଧୁସୂଦନ ଦାଶ ।

Digitized by PPRACHIN, SOA

୭୪) ୨୧।୧୧।୮୪ ଚିକିଟି ମହାବିଦ୍ୟାଳୟ, ଚିକିଟି : ସଭପତି—ଅଧ୍ୟକ୍ଷ ଶ୍ରୀ ବିଜୟ କୁମାର ପରିଡ଼ା, ମୁଖ୍ୟ ଅତିଥି—ଶ୍ରୀ ପ୍ରଭକର ପଟ୍ଟନାୟକ, ମୁଖ୍ୟ ବକ୍ତା—ଡ଼ଃ ବନମାଳୀ ବାରିକ, ବକ୍ତା—ଇଂ ମଧୁସୂଦନ ଦାଶ ।

୭୫) ୨୧।୧୧।୮୪ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ, ପାରଳାଖେମୁଣ୍ଡି : ସଭପତି—ଡ଼ଃ. ସତ୍ୟନାରାୟଣ ରାଜଗୁରୁ, ମୁଖ୍ୟ ଅତିଥି—ଶ୍ରୀ ଯୁଗଳ କିଶୋର ପାଣିଗ୍ରାହୀ, ମୁଖ୍ୟବକ୍ତା—ଆଡ୍‌ଭୋକେଟ୍ ଗୋପୀନାଥ ପାଢ଼ୀ, ବକ୍ତା--ଅଧ୍ୟକ୍ଷ ଶ୍ରୀ କୃଷ୍ଣଚନ୍ଦ୍ର ପଟ୍ଟନାୟକ, ଡ଼ଃ ବିଚିତ୍ରାନନ୍ଦ ମହାନ୍ତି, ଇଂ ମଧୁସୂଦନ ଦାଶ, ଡ଼ଃବନମାଳୀ ବାରିକ ।

ଉତ୍କଳ ହିତୈଷିଣୀ ସମାଜ ଓ ପରିଛା ମଠ ପରିକ୍ରମା ।

୭୬) ୨୨।୧୧।୮୪ ଗୁଣୁପୁର ମହାବିଦ୍ୟାଳୟ ଗୁଣୁପୁର : ସଭପତି - ଅଧ୍ୟକ୍ଷ ବି.ଏନ୍ ରେଡ୍ଡି, ମୁଖ୍ୟ ଅତିଥି—ଇଂ ମଧୁସୂଦନ ଦାଶ, ମୁଖ୍ୟ ବକ୍ତା—ଡ଼ଃ ବନମାଳୀ ବାରିକ ।

୭୭) ୨୨।୧୧।୮୪ ରାୟଗଡ଼ା ମହାବିଦ୍ୟାଳୟ : ସଭପତି—ଶ୍ରୀ ବିଶ୍ୱନାଥ ମିଶ୍ର, ମୁଖ୍ୟ ଅତିଥି—ଆଡ୍‌ଭୋକେଟ୍ ନୀଳକଣ୍ଠ ଦାସ, ବକ୍ତା—ଅଧ୍ୟାପକ ନାରାୟଣ ପଣ୍ଡା ଡ଼ଃ ବନମାଳୀ ବାରିକ, ଇଂ ମଧୁସୂଦନ ଦାଶ ।

୭୮) ୨୨।୧୧।୮୪ ଠକ୍କରବାପା ଆଶ୍ରମ ରାୟଗଡ଼ା : ସଭାପତି—ଶ୍ରୀ ରବିନାରାୟଣ ଝେଙ୍କା, ମୁଖ୍ୟ ଅତିଥି—ଶ୍ରୀ ରାମକୃଷ୍ଣ ପଟ୍ଟନାୟକ, ମୁଖ୍ୟ ବକ୍ତା—ଇଂ ମଧୁସୂଦନ ଦାଶ ।

୭୯) ୨୨।୧୧।୮୪ ରାୟଗଡ଼ା ବିଦ୍ୟୁତ୍ ଶ୍ରମିକ ଇଉନିୟନ : ସଭାପତି—ଇଂ ସୁଦର୍ଶନ ସୁବୁଦ୍ଧି, ଉଦ୍‌ଯୋକ୍ତା—ଶ୍ରୀ ଏନ୍. ଏନ. ଦାସ, ମୁଖ୍ୟ ଅତିଥି—ଇଂ ମଧୁସୂଦନ ଦାଶ ।

୮୦) ୨୪।୧୧।୮୪–୪ ନମ୍ବର ୟୁନିଟ୍ ବାଳିକା ଉଚ୍ଚ ବିଦ୍ୟାଳୟ : ସଭାପତି—ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଜ୍ୟୋତ୍ସ୍ନା ପାଲ, ବକ୍ତା—ଅଧ୍ୟାପକ ବନମାଳୀ ମିଶ୍ର, ଅଧ୍ୟାପକ ଗୋପିନାଥ ମହାପାତ୍ର, ଶ୍ରୀ ଦୀନକୃଷ୍ଣ ପଟ୍ଟନାୟକ, ଶ୍ରୀ ଚିନ୍ତାମଣି ଦାଶ, ଇଂ ମଧୁସୂଦନ ଦାଶ ।

୮୧) ୮।୧୨।୮୪ ବକ୍‌ସି ଜଗବନ୍ଧୁ ସାଧ୍ୟ କଲେଜ : ସଭାପତି—ସନ୍ତୋଷ କୁମାର ରାୟ, ମୁଖ୍ୟ ଅତିଥି—ପଣ୍ଡିତ ନୀଳକଣ୍ଠଙ୍କ ଛାତ୍ର ଶ୍ରୀ ଗଣେଶ୍ୱର ମିଶ୍ର, ମୁଖ୍ୟ ବକ୍ତା—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ବକ୍ତା—ଡ଼ଃ ଭାବଗ୍ରାହୀ ମିଶ୍ର, ଅଧ୍ୟାପକ ଡ଼ଃ ଗୋପୀନାଥ ମହାପାତ୍ର, ଇଂ ମଧୁସୂଦନ ଦାଶ, ଡ଼ଃ ରତ୍ନାକର ସାହୁ, ଡ଼ଃ ବନମାଳୀ ବାରିକ ।

୮୨) ୮।୧।୮୫ ଢେଙ୍କାନାଳ କଲେଜ : ସଭପତି—କଲେଜ ଅଧ୍ୟକ୍ଷ ଶ୍ରୀ ନବକୁମାର ମିଶ୍ର, ମୁଖ୍ୟ ଅତିଥି—ଇଂ ମଧୁସୂଦନ ଦାଶ, ମୁଖ୍ୟ ବକ୍ତା—ଡ଼ଃ ବନମାଳୀ ବାରିକ, ବକ୍ତା—ଅଧ୍ୟାପକ ଶ୍ରୀ ରାମଚନ୍ଦ୍ର ତ୍ରିପାଠୀ, ଅଧ୍ୟାପକ ଶ୍ରୀ ପ୍ରଫୁଲ୍ଲଚନ୍ଦ୍ର ମିଶ୍ର, ଅଧ୍ୟାପକ ଶ୍ରୀ ନାରାୟଣ ମହାନ୍ତି ।

Digitized by PPRACHIN, SOA

୮୩) ୧୦।୧।୮୫ ଗଙ୍ଗାଧର ମେହେର କଲେଜ । ସମ୍ବଲପୁର : ସଭାପତି-କଲେଜ ଅଧ୍ୟକ୍ଷ ଶ୍ରୀ ଜି.ପି ଗୁରୁ, ମୁଖ୍ୟ ଅତିଥି–ଡଃ ଶ୍ରଦ୍ଧାକର ସୁପକାର, ମୁଖ୍ୟ ବକ୍ତା–ଡ଼ଃ ବନମାଳୀ ବାରିକ, ବକ୍ତା–ଇଂ ମଧୁସୂଦନ ଦାଶ, ଅଧ୍ୟାପକ ସୁରବାବୁ ମେହର ।

୮୪) ୧୦।୧।୮୫ ସରକାରୀ ମହିଳା କଲେଜ, ସମ୍ବଲପୁର : ସଭାପତି–ଅଧ୍ୟକ୍ଷା ଶ୍ରୀମତୀ ହରପ୍ରିୟା ଦେବୀ, ମୁଖ୍ୟ ଅତିଥି–ଡ଼ଃ ଶ୍ରଦ୍ଧାକର ସୁପକାର, ମଖ୍ୟ ବକ୍ତା–ଇଂ ମଧୁସୂଦନ ଦାଶ, ବକ୍ତା–ଡ଼ଃ ବନମାଳୀ ବାରିକ, ଅଧ୍ୟାପକ ରାଘବାନନ୍ଦ ନାୟକ ।

୮୫) ୧୧।୧।୮୫ ଟ୍ରଷ୍ଟଫଣ୍ଡ କଲେଜ, ସମ୍ବଲପୁର : ସଭାପତି–ଅଧ୍ୟକ୍ଷା ଶ୍ରୀମତୀ ପ୍ରଭାତୀ ଜେନା, ମୁଖ୍ୟ ଅତିଥି–ଇଂ. ମଧୁସୂଦନ ଦାଶ, ମୁଖ୍ୟ ବକ୍ତା–ଡ଼ଃ ବନମାଳୀ ବାରିକ, ବକ୍ତା–ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଅଧ୍ୟାପକ ଶ୍ରୀ ବଳରାମ ମିଶ୍ର ।

୮୬) ୪।୨।୮୫ ଫୁଲବାଣୀ ବିଜ୍ଞାନ କଲେଜ, ଫୁଲବାଣୀ ସଭାପତି–ଅଧ୍ୟକ୍ଷ ଶ୍ରୀ କୈଳାସ ଚନ୍ଦ୍ର ପଣ୍ଡା, ମୁଖ୍ୟ ଅତିଥି–ଇଂ. ମଧୁସୂଦନ ଦାଶ, ମୁଖ୍ୟ ବକ୍ତା–ଡ଼ଃ. ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ), ବକ୍ତା–ଡ଼ଃ. କୃଷ୍ଣଚନ୍ଦ୍ର ବେହେରା ।

୮୭) ୪।୨।୮୫ ପଞ୍ଚାୟତ କଲେଜ, ବୌଦ୍ଧ : ସଭାପତି–ଅଧ୍ୟକ୍ଷ ଶ୍ରୀ ଗୁରୁସଦୟ ଘୋଷ, ମୁଖ୍ୟ ଅତିଥି–ଶ୍ରୀ ଏସ୍. ରାୟ S.D.O. ବୌଦ୍ଧ, ମୁଖ୍ୟ ବକ୍ତା–ଡଃ. ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ), ବକ୍ତା–ଇଂ ମଧୁସୂଦନ ଦାଶ, ଅଧ୍ୟାପିକା ସୁନନ୍ଦା ପଟ୍ଟନାୟକ, ଅଧ୍ୟାପକ ସୁଶାନ୍ତ ପଟ୍ଟନାୟକ ।

୮୮) ୫।୨।୮୫ ସୋନପୁର କଲେଜ, ସୋନପୁର : ସଭାପତି–କଲେଜ ଅଧ୍ୟକ୍ଷ, ମୁଖ୍ୟ ଅତିଥି–ଇଂ. ମଧୁସୂଦନ ଦାଶ, ମୁଖ୍ୟ ବକ୍ତା–ଅଧ୍ୟାପକ ଡଃ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ),) ବକ୍ତା–ଅଧ୍ୟାପକ ଗିରିଜା ଶଙ୍କର ମହାପାତ୍ର, ଅଧ୍ୟାପକ ବାସୁଦେବ ବାରିକ, ଅଧ୍ୟାପକ ସାଧୁଚରଣ ଷାଇଁ ।

୮୯) ୫।୨।୮୫ ମହିଳା କଲେଜ, ବଲାଙ୍ଗିର ସଭାପତି–ଅଧ୍ୟକ୍ଷା ଶ୍ରୀମତୀ ଜ୍ୟୋତ୍ସ୍ନା ବାନାର୍ଜି, ମୁଖ୍ୟ ଅତିଥି–ଶ୍ରୀ ତ୍ରିବିକ୍ରମ ମିଶ୍ର, ମୁଖ୍ୟ ବକ୍ତା–ଡ଼ଃ. ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ), ବକ୍ତା– ଇଂ. ମଧୁସୂଦନ ଦାଶ, ଅଧ୍ୟାପିକା ଶ୍ରୀମତୀ କନକଲତା ଦେବୀ, ଅଧ୍ୟାପକ ଶ୍ରୀ ନିତ୍ୟାନନ୍ଦ ପ୍ରଧାନ, ଅଧ୍ୟାପିକା ଗୀତା ବେଦବାକ୍ ।

୯୦) ୬।୨।୮୫ ପତିତପାବନ ଏକାଡେମୀ, ବଲାଙ୍ଗିର ସଭାପତି–ଶ୍ରୀ ବିଶ୍ୱନାଥ ଶତପଥୀ, ହେ:ମା:, ମୁଖ୍ୟ ଅତିଥି–ଶ୍ରୀ ତ୍ରିବିକ୍ରମ ମିଶ୍ର, ମୁଖ୍ୟ ବକ୍ତା–ଡଃ. ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ), ବକ୍ତା–ଇଂ. ମଧୁସୂଦନ ଦାଶ ।

Digitized by PPRACHIN, SOA

୯୧) ୬।୨।୮୫ ବରଗଡ : ବି. ଇଡ଼ି. କଲେଜ, ମହିଳା କଲେଜ, ମ୍ୟୁନିସ୍‌ପାଲ୍‌ଟି କାଉନ୍‌ସିଲ ଅଫିସ୍ ଓ ବରଗଡ଼ର ୮ଟି ହାଇସ୍କୁଲରେ ଜ୍ୟୋତି ପରିକ୍ରମା ଓ ସମ୍ବର୍ଦ୍ଧନା ପରେ ବରଗଡ ପଞ୍ଚାୟତ କଲେଜରେ ଜ୍ୟୋତି ଅବସ୍ଥାପନା ଓ ସଭା : ସଭାପତି– କଲେଜ ଅଧ୍ୟକ୍ଷ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଅତିଥି–ଶ୍ରୀ ନିହାର ରଂଜନ ହୋତା, ଉତ୍ତାରାଂଚଳ R.D.C., ମୁଖ୍ୟ ବକ୍ତା–ଡ଼ଃ. ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ), ବକ୍ତା–ଇଂ. ମଧୁସୂଦନ ଦାଶ ।

୯୨) ୭।୨।୮୫ ଏନ୍. ଏ. ସି. କଲେଜ, ବୁର୍ଲା ସଭାପତି–ଅଧ୍ୟକ୍ଷ ମୁଖ୍ୟ ଅତିଥି ଇଂ, ମଧୁସୂଦନ ଦାଶ, ମୁଖ୍ୟ ବକ୍ତା–ଡଃ. ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) ।

୯୩) ୧।୩।୮୫ ବର୍ଷିଆ ସ୍ମୃତି ସଂସଦ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ଅନୁଷ୍ଠାନ ଗଡ଼ରକେଲ : ସଭାପତି–ଶ୍ରୀ ପୀତବାସ ପ୍ରଧାନ, ମୁଖ୍ୟ ଅତିଥି–ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ମୁଖ୍ୟ ବକ୍ତା–ଇଂ ମଧୁସୂଦନ ଦାଶ ।

୯୪) ୧।୩।୮୫ ମ୍ୟୁନିସ୍‌ପାଲ କଲେଜ, ଗଡ଼ରକେଲ ସଭାପତି–ଉପାଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଜାପତି ଷଡ଼ଙ୍ଗୀ, ମୁଖ୍ୟ ଅତିଥି–ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ମୁଖ୍ୟ ବକ୍ତା–ଇଂ. ମଧୁସୂଦନ ଦାଶ. ବକ୍ତା–ଡ଼ଃ. ଭବଗ୍ରାହୀ ମିଶ୍ର, ଅଧ୍ୟାପକ ଦେବେନ୍ଦ୍ରନାଥ ଦାସ, ଅଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ ।

୯୫) ୨।୩।୮୫ ବେଦବ୍ୟାସ କଲେଜ, ବେଦବ୍ୟାସ, ଗଡ଼ରକେଲ : ସଭାପତି ଅଧ୍ୟକ୍ଷ ଶ୍ରୀ ବ୍ରଜସୁନ୍ଦର ଲେଂକା, ମୁଖ୍ୟ ଅତିଥି–ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ମୁଖ୍ୟ ବକ୍ତା–ଇଂ. ମଧୁସୂଦନ ଦାଶ, ବକ୍ତା–ଅଧ୍ୟାପକ କୁଳମଣି ଜେନା, ଅଧ୍ୟାପକ ସୁରେଶ କୁମାର ମହାନ୍ତି ।

୯୬) ୨୮।୩।୮୫ ୧ ନମ୍ବର ଇଉନିଟ୍ ଉଚ୍ଚ ବାଳିକା ବିଦ୍ୟାଳୟ, ଭୁବନେଶ୍ୱର : ସଭାପତି–ହେ. ମି. ଶ୍ରୀମତୀ ସଂଯୁକ୍ତା କର, ମୁଖ୍ୟ ଅତିଥି–ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ମୁଖ୍ୟବକ୍ତା, ଇଂ. ମଧୁସୂଦନ ଦାଶ, ବକ୍ତା–ଡ଼ଃ. ବନମାଳି ବାରିକ, ଶ୍ରୀ ଦୀନକୃଷ୍ଣ ପଟ୍ଟନାୟକ ।

ଏ ସମସ୍ତ ଜ୍ୟୋତି ପରିକ୍ରମାରେ ପ୍ରାୟ ସବୁ ଅଞ୍ଚଳକୁ ଜ୍ୟୋତି ସହ ଗମନ କରିବା ତଥା ତା ୬।୧୦।୮୩ ଠାରୁ ଏ ଅବଧି ଭୁବନେଶ୍ୱର ନୀଳକଂଠ ଗ୍ରଂଥାଗାର ଓ ସୂଚନା ବିଜ୍ଞାନ ମହାବିଦ୍ୟାଳୟରେ ନିଷ୍ଠାର ସହିତ ଜ୍ୟୋତି ସଂରକ୍ଷଣ କରିବାରେ କଲେଜର ପିଅନ ଶ୍ରୀ ହଳଧର ପଣ୍ଡାଙ୍କ ସହଯୋଗ ଅତ୍ୟନ୍ତ ପ୍ରଶଂସନୀୟ ।



Digitized by PPRACHIN, SOA

## କୋରାପୁଟ ଜିଲ୍ ପଣ୍ଡିତ ନୀଳକଣ୍ଠ ଶତବାର୍ଷିକୀ ପାଳନ ପ୍ରସ୍ତୁତି କମିଟି ଦ୍ୱାରା ଆୟୋଜିତ ଉତ୍ସବ:–

ତା ୫।୮।୮୪ ଲକ୍ଷ୍ମଣ ନାୟକ ଟାଉନହଲ, ଜୟପୁର : ସଭପତି—ଶ୍ରୀ ବୈଦ୍ୟନାଥ ମିଶ୍ର (ଅବସର ପ୍ରାପ୍ତ ଜିଲ୍ଲା ଜର୍ଜ), ମୁଖ୍ୟ ଅତିଥି—ଶ୍ରୀ ଭସ୍କର ପଟ୍ଟନାୟକ I.A.S., ମୁଖ୍ୟ ବକ୍ତା—ଶ୍ରୀ ନଳିନୀ ରଂଜନ (ଅଧ୍ୟକ୍ଷ, ଗୋଦାବରୀଶ ସାଧ୍ୟ ମହାବିଦ୍ୟାଳୟ), ବକ୍ତା—ଶ୍ରୀ ବଙ୍କିମ ଦାଶ, ଆୟୋଜକ—ଶ୍ରୀ ହରିଶ୍‌ଚନ୍ଦ୍ର ବକ୍‌ସିପାତ୍ର ।

## ପଣ୍ଡିତ ନୀଳକଣ୍ଠ ଶତବାର୍ଷିକୀ ପାଳନ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବମାନ :–

୧) ୨୯।୭।୮୪—ଜାମସେଦ୍‌ପୁର ଉତ୍କଳ ଆସୋସିଏସନ, ଜାମସେଦ୍‌ପୁର : ସଭପତି—ଡ଼ଃ ମୁକୁନ୍ଦ ପ୍ରଧାନ, ମୁଖ୍ୟ ଅତିଥି—ପଣ୍ଡିତ ରଘୁନାଥ ମିଶ୍ର (ରାଉରକେଲା), ମୁଖ୍ୟ ବକ୍ତା—ଡଃ ଦୀନବଂଧୁ ରଥ ।

୨) ୫।୮।୮୪ ସିଂହଭୂମି ଓଡ଼ିଆ ସାହିତ୍ୟ ସମାଜ : ସଭପତି—ଶ୍ରୀ ଲକ୍ଷ୍ମୀଧର ନାୟକ, ମୁଖ୍ୟ ଅତିଥି—ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ (ମୁଖ୍ୟମନ୍ତ୍ରୀ, ଓଡ଼ିଶା) ଉଦ୍‌ଘାଟକ—ଶ୍ରୀ ଆର, ପି, ଶର୍ମା, ଉପାଧ୍ୟକ୍ଷ, ଟାଟା ଷ୍ଟିଲ କଂପାନୀ, ସ୍ୱାଗତ ଭଷଣ—ଶ୍ରୀ ଅଶୋକ ମିଶ୍ର ।

୩) ୫।୮।୮୪ ଓଡ଼ିଆ ମାଧ୍ୟମିକ ସ୍କୁଲ, ଚକ୍ରଧରପୁର : ସଭପତି—ଶ୍ରୀ କାଳୀ ପ୍ରସନ୍ନ ଷଡଙ୍ଗୀ, ମୁଖ୍ୟ ଅତିଥି—ଶ୍ରୀ ବିଜୟ ପାଣି, ମୁଖ୍ୟ ବକ୍ତା—ଶ୍ରୀ ପଞ୍ଚାନନ ଷଡଙ୍ଗୀ ବକ୍ତା—ଧନକୃଷ୍ଣ ମୋଦକ ।

୪) ୧୫।୮।୮୪ ଓଡ଼ିଆ ଯୁବକ ପାଠାଗାର, ମଂଜୁଷା, ଶ୍ରୀକାକୁଲମ୍ : ସଭପତି—ଶ୍ରୀ ନବୀନ ଚନ୍ଦ୍ର ଶିଶୁ, ବକ୍ତା—ଶ୍ରୀ ପ୍ରଦୋଷ କୁମାର ତ୍ରିପାଠୀ ।

୫) ଓଡ଼ିଆ ସାହିତ୍ୟ ସଂସଦ, ଖଡ଼ିଆଳ କଲେଜ : ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ବିନାୟକ ଆଚାର୍ଯ୍ୟଙ୍କ ମୃତ୍ୟୁ ହେତୁ ନୀଳକଣ୍ଠ ବକ୍ତୃତା ପ୍ରତିଯୋଗିତାର ପୁରସ୍କାର ଖଡ଼ିଆଳ ସାହିତ୍ୟ ସଂସଦର ଶତବାର୍ଷିକୀ ଉତ୍ସବରେ ଦିଆଯାଇ ନପାରି କଲେଜର ବାର୍ଷିକୋତ୍ସବରେ ପ୍ରଦାନ କରାଯାଇଥିଲା ।



Digitized by PPRACHIN, SOA

# ସମିତି ଶାଖାମାନଙ୍କ ଦ୍ୱାରା ଶତବାର୍ଷିକୀ ପାଳନ ଉତ୍ସବମାନ

## (କ) ପଣ୍ଡିତ ନୀଳକଣ୍ଠ ଶତବାର୍ଷିକୀ ପାଳନ କମିଟି, କଲିକତା ଦ୍ୱାରା ଆୟୋଜିତ :

୧) ୩୦।୧।୮୪ କଲିକତା ମହଜାତି ସଦନରେ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିକୃତି ଉନ୍ମୋଚନ, : ସଭାପତି—ଶ୍ରୀ ଯତୀନ ଚକ୍ରବର୍ତ୍ତୀ, P.W.D. ମନ୍ତ୍ରୀ ।

୨) ୨୫।୨।୮୪ ବିଶ୍ୱଭାରତୀ ତରଫରୁ 'କବି ନୀଳକଣ୍ଠ' ଆଲୋଚନାଚକ୍ର ଓ କବିତା ପ୍ରତିଯୋଗିତା । ସଭାପତି—ଡ଼ଃ ଖଗେଶ୍ୱର ମହାପାତ୍ର, ଉଦ୍‌ଘାଟକ—କୁଳପତି ଅମ୍ଲାନ ଦତ୍ତ ।

୩) ୨୭।୨।୮୪ ଉପେନ୍ଦ୍ର ଭଂଜ ବିଦ୍ୟାପୀଠରେ ଶତବାର୍ଷିକୀ ପାଳନ । ସଭାପତି—ଶ୍ରୀ ଦୁର୍ଗାମାଧବ ମିଶ୍ର ।

୪) ୨।୫।୮୪ କଲିକତା ବିଶ୍ୱବିଦ୍ୟାଳୟ ଦରଭଙ୍ଗା ହଲରେ ନୀଳକଣ୍ଠଙ୍କ ତୈଳଚିତ୍ର ଉନ୍ମୋଚନ ଓ ବିଶ୍ୱବିଦ୍ୟାଳୟ ତରଫରୁ ଓଡ଼ିଆରେ ନୀଳକଣ୍ଠଙ୍କ ଚେୟାର ସୃଷ୍ଟିର ପ୍ରତିଶ୍ରୁତି । ସଭାପତି—କୁଳପତି ଡଃ ସନ୍ତୋଷ କୁମାର ଭଟ୍ଟାଚାର୍ଯ୍ୟ; ମୁଖ୍ୟ ଅତିଥି—ଡଃ ସଦାଶିବ ମିଶ୍ର ।

୫) ୪।୮।୮୪ ଉତ୍କଳ ଯୁବକ ସଂଘ, ବେଲୁର ମଠରେ ଶତବାର୍ଷିକୀ ପାଳନ ।

## (ଖ) ସୂତସମିତି ରାଉରକେଲା ଶାଖା ଦ୍ୱାରା ଆୟୋଜିତ :

୧) ୭।୮।୮୪ ରାଉରକେଲା ପ୍ରଶିକ୍ଷଣ ମହାବିଦ୍ୟାଳୟ ହଲରେ : ସଭାପତି—ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ମିଶ୍ର, ମୁଖ୍ୟ ଅତିଥି—ଶ୍ରୀ ସୁରେନ୍ଦ୍ର ଦ୍ୱିବେଦୀ, ମୁଖ୍ୟବକ୍ତା—ଡ଼.ଃ ଭବଗ୍ରାହୀ ମିଶ୍ର, ବକ୍ତା—ଇଂ ମଧୁସୂଦନ ଦାଶ

୨) ୭।୮।୮୪ ପ୍ରଗତି ଉତ୍କଳ ସଂଘ, ରାଉରକେଲା; ସଭାପତି— ଡ଼ଃ ଭବଗ୍ରାହୀ ମିଶ୍ର, ମୁଖ୍ୟ ଅତିଥି—ଇଂ ମଧୁସୂଦନ ଦାଶ; ମୁଖ୍ୟବକ୍ତା—ଅଧ୍ୟାପକ ଶ୍ରୀ ଶ୍ରୀଚରଣ ଦାଶ ।

୩) ୮।୮।୮୪ ଚିନ୍ମୟ ମିସନ୍, ସେକ୍‌ଟର ୨୦ ହାଇସ୍କୁଲ, ରାଉରକେଲା—ସଭାପତି—ଇଂ ନରେଶଚନ୍ଦ୍ର ନାଏକ (ଡେପୁଟି ଜେନେରଲ ମ୍ୟାନେଜର); ମୁଖ୍ୟ ଅତିଥି—ଶ୍ରୀ ସୁରେନ୍ଦ୍ର ନାଥ ଦ୍ୱିବେଦୀ, ମୁଖ୍ୟ ବକ୍ତା—ଡ଼ଃ ଭବଗ୍ରାହୀ ମିଶ୍ର, ବକ୍ତା—ଶ୍ରୀ ବିପିନଚନ୍ଦ୍ର ପଣ୍ଡା ।

୪) ୮।୮।୮୪ ସରକାରୀ ମହାବିଦ୍ୟାଳୟ, ରାଉରକେଲା: ସଭାପତି—ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ଦାଶ, ମୁଖ୍ୟ ଅତିଥି—ଶ୍ରୀ ସୁରେନ୍ଦ୍ରନାଥ ଦ୍ୱିବେଦୀ ମୁଖ୍ୟ ବକ୍ତା—ଡ଼ଃ ଭବଗ୍ରାହୀ ମିଶ୍ର ବକ୍ତା—ଶ୍ରୀ ବିପିନ ପଣ୍ଡା ଓ ଇଂ ମଧୁସୂଦନ ଦାଶ ।

Digitized by PPRACHIN, SOA

# ନୀଳକଂଠ ଜ୍ୟୋତି ଓ ଜ୍ୟୋତି ପରିକ୍ରମା

ଏବେ ବର୍ଷାଧିକ ହେଲା, ୧୯୮୩ ମସିହା ଅଗଷ୍ଟ ୫ ତାରିଖରୁ ନୀଳକଣ୍ଠଙ୍କ ଜନ୍ମ ଶତବାର୍ଷିକୀ ଓଡ଼ିଶା ଓ ଓଡ଼ିଶା ବାହାରେ ପାଳନ କରାଯାଉଚି । ସେହିଦିନ ପଣ୍ଡିତ ମହାଶୟଙ୍କର ଜନ୍ମ ପୀଠରୁ ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ଏକ ମହନୀୟ ଜ୍ୟୋତି ସଂଗ୍ରହ କରାଯାଇଚି ଓ ତାଂକ ପ୍ରଧାନ କର୍ମକ୍ଷେତ୍ର ଓଡ଼ିଶାର ବିଭିନ୍ନ ଅଞ୍ଚଳ ପରିକ୍ରମା କରୁଚି । ସେ ସବୁ ଜାଗାର ଶିକ୍ଷାୟତନ ମାନଙ୍କରେ ଓ ସାଂସ୍କୃତିକ କେନ୍ଦ୍ର ମାନଙ୍କରେ ଅନୁଷ୍ଠିତ ସଭା ମଞ୍ଚରେ ଏହାକୁ ଉପସ୍ଥାପନା କରଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଉଚି । ସମବେତ କଣ୍ଠରେ ନୀଳକଣ୍ଠଙ୍କ କବିତା ଗାନରେ ସଭାସ୍ଥଳ ନିଷ୍ଟଳ ହେଉଚି—ବକ୍ତାମାନଙ୍କ ଦ୍ୱାରା ନୀଳକଣ୍ଠଙ୍କ ବହୁମୁଖୀ ପ୍ରତିଭାର ବିଶ୍ଳେଷଣରେ ଗଗନ ପବନ ମୁଖରିତ ହେଉଛି, ନୀଳକଣ୍ଠଙ୍କର ପ୍ରତିକୃତି, ତତ୍ ସମ୍ମୁଖରେ ଅଖଣ୍ଡ ଜ୍ୟୋତିର ପ୍ରଜ୍ଜ୍ୱଳନ ସତେ ଯେପରି ନୀଳକଣ୍ଠଙ୍କୁ ଜୀବନ୍ତ ଭାବରେ ଏ ସମସ୍ତ କ୍ଷେତ୍ରରେ ଉପସ୍ଥାପନ କରୁଅଛି । ଦର୍ଶକର ମନେହୁଏ, ଏ ପ୍ରଜ୍ଜ୍ୱଳିତ ଜ୍ୟୋତି ସହିତ ନୀଳକଣ୍ଠହିଁ ସେଠାରେ ଆବିର୍ଭୂତ ଅଛନ୍ତି । ଏ ଜ୍ୟୋତି କ'ଣ ତେବେ ମହାମନୀଷୀ ନୀଳକଣ୍ଠଙ୍କର ଆତ୍ମା ? କାହିଁକି ତା'ହେଲେ ଏ ଜ୍ୟୋତି ପରିକ୍ରମା ? ସଭାସ୍ଥଳରେ ଏ ଜ୍ୟୋତି ସ୍ଥାପନ ?

**ଆତ୍ମ ତତ୍ତ୍ୱ :—**

ଏ ସଂସାର ହେଉଚି ସୃଷ୍ଟି କର୍ତ୍ତାଙ୍କର ବଡ଼ ବିଚିତ୍ର ସୃଷ୍ଟି । ପୁଣି "କସ୍ୟ ତ୍ୱଂ ବା କୁତଃ ଆୟାତଃ; ତତ୍ତ୍ୱଂ ଚିନ୍ତୟ ତଦିଦଂ ଭ୍ରାତଃ"-ଏ ବିଚିତ୍ର ସଂସାରରେ ଏହି ଆତ୍ମତତ୍ତ୍ୱଟି କ'ଣ ? କିଏ ଆତ୍ମା; ଆଉ କିଏ ପରମାତ୍ମା ? ଏମାନେ କ'ଣ ଜ୍ୟୋତିରୂପ, ଅଥବା "ଜ୍ୟୋତିଷାଂ ଜ୍ୟୋତିରେକମ୍" ? ପରଂବ୍ରହ୍ମଙ୍କୁ କ'ଣ କେହି ଦାର୍ଶନିକ କେବେ ଜ୍ୟୋତି ବୋଲି ଗ୍ରହଣ କରିଛନ୍ତି ।

ଏ କଥା ସତ୍ୟ ଯେ ଭଗବାନଙ୍କୁ ଜ୍ୟୋତିର୍ମୟ ସଚ୍ଚିଦାନନ୍ଦ ବିଗ୍ରହ ପରମାତ୍ମା-ବୋଲି ପୁରାଣମାନଙ୍କରେ ପ୍ରତିପାଦନ କରାଯାଇଛି । ଜଗନ୍ନାଥ—ଦାରୁବ୍ରହ୍ମ-ପୁରୁଷୋତ୍ତମଙ୍କୁ ଏକ ନୀଳାୟମାନ ଜ୍ୟୋତି ବୋଲି ଉଲ୍ଲେଖ କରାଯାଇଛି ।

"ଶ୍ରୀ ନୀଳାଚଳମୌଳିମଣ୍ଡନ ମହାନୀଳାୟମାନଂ ମହଃ" = ସିଦ୍ଧାନ୍ତଦର୍ପଣ (୧/୧) 'ମହଃ' ଶବ୍ଦର ଅର୍ଥ ଜ୍ୟୋତି । ଜଗନ୍ନାଥଙ୍କୁ ଯେପରି ଦାରୁବ୍ରହ୍ମ ଭାବରେ ଜ୍ୟୋତିର୍ମୟ

Digitized by PPRACHIN, SOA

ବୋଲି କୁହାଯାଉଛି, ଗୋଟିଏ ଜୀବାତ୍ମା ଭାବରେ ଶ୍ରୀ ରାଧାଙ୍କୁ ମଧ୍ୟ ମହାରଜତ ବା ସ୍ୱର୍ଣ୍ଣାଭ ଜ୍ୟୋତି ଭାବରେ ପରିକଳ୍ପନା କରାଯାଇଛି । "ମହଃ କ୍ୱଚଲସନ୍ମହାରଜତଜାତିଜୈତ୍ରଂ ପୁନଃ" = କିଶୋରଚନ୍ଦ୍ରାନନ୍ଦଚମ୍ପୂ ।। ଅତଏବ ଆତ୍ମା ଓ ପରମାତ୍ମା ଏବଂ ଜୀବ ଓ ବ୍ରହ୍ମ ଏହି ଉଭୟଙ୍କୁ ଜ୍ୟୋତିସ୍ୱରୂପ ବୋଲି ବିଚାର କରିବା ଭାରତୀୟ ପ୍ରାଚୀନ ପରଂପରାରେ ସ୍ୱୀକୃତି ଲାଭ କରି ଆସୁଛି । ଦାର୍ଶନିକମାନେ ଯୁଗେ ଯୁଗେ ଏହି ମତବାଦ ଉପସ୍ଥାପନ କରି ଆସିଛନ୍ତି ।

## ଜ୍ୟୋତି :–

'ଜ୍ୟୋତି' ଶବ୍ଦର ଅର୍ଥ ତେଜ । ଏହି ତେଜ ହେଉଛି ପଞ୍ଚମହାଭୂତର ଅଂଶ । ଯଥା :– କ୍ଷିତ୍, ଅପ୍, ତ୍ୟଜ୍, ମରୁତ୍ ଓ ବ୍ୟୋମ । ପ୍ରତେକ ସଂସାରିକ ବସ୍ତୁରେ ଏହି ତେଜର ସତ୍ତା ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ରହିଅଛି । ସେଥିପାଇଁ ତେଜର ବିପରୀତ ଧର୍ମୀ ଜଳରେ ମଧ୍ୟ ତେଜ ବା ଜ୍ୟୋତି ମହାଜ୍ୟୋତିର୍ମୟ ଅଗ୍ନି 'ବାଡବାଗ୍ନି' ନାମରେ ସମୁଦ୍ର ମଧ୍ୟରେ ବିଦ୍ୟମାନ । ପୁଣି ଜଳମୟ ମେଘର ସଂଘର୍ଷରେ ବିଦ୍ୟୁତ୍ ଜ୍ୟୋତିର ସ୍ଫୁରଣ ଏହି ଭାବନାକୁ ସାବ୍ୟସ୍ତ କରିଥାଏ । ଏଣୁ କାଳିଦାସ ମେଘର ଗଠନ ଉପାଦାନ ମଧ୍ୟରେ ଜ୍ୟୋତିକୁ ହିଁ ଏକ ମୁଖ୍ୟସ୍ଥାନ ଦେଇଛନ୍ତି ।

"ଧୂମଜ୍ୟୋତି ସଲିଳମରୁତାଂ ସନ୍ନିପାତଃ କ୍ୱମେଘଃ"=ମେଘଦୂତ ।। ଏ ସବୁଥିରୁ ସ୍ପଷ୍ଟ ହେବ ଯେ ସତେ ଯେପରି ଜ୍ୟୋତି ନ ଥିଲେ ସ୍ଥିତିନାହିଁ; ଶକ୍ତି ନାହିଁ ଓ ସୃଷ୍ଟି ମଧ୍ୟ ନାହିଁ । ଏହି କାରଣରୁ ସମଗ୍ର ଜ୍ୟୋତିଷ୍ଚକ୍ର ବା ବିଶ୍ୱରେ ଜ୍ୟୋତିର ପ୍ରୟୋଜନୀୟତା ରହିଅଛି । ଜ୍ୟୋତିଷ୍ଚକ୍ରର ବିବର୍ତ୍ତନ ଓ ତଜ୍ଜନିତ ସୃଷ୍ଟି, ସ୍ଥିତି ଓ ଲୟର ମୂଳଭିତ୍ତି ହେଉଚି, ଏହି ଜ୍ୟୋତି । ବ୍ରହ୍ମ ଓ ଜୀବର ମୌଳିକ ତତ୍ତ୍ୱ ମଧ୍ୟ ଏହି ଜ୍ୟୋତି । ଆତ୍ମା ଯେପରି ଜ୍ୟୋତିମୂଳକ, ପରମାତ୍ମା ମଧ୍ୟ ସେହିପରି ଜ୍ୟୋତିମୂଳକ । ଆତ୍ମଜ୍ୟୋତି ସଗୁଣ, ଓ ପରମାତ୍ମଜ୍ୟୋତି ବା ବ୍ରହ୍ମଜ୍ୟୋତି ଅଖଣ୍ଡ ଓ ନିର୍ଗୁଣ । ସତ୍ୱ, ରଜ ଓ ତମ ଗୁଣର ସମ୍ପର୍କରେ ଆସିଲେ ନିର୍ଗୁଣ ବ୍ରହ୍ମରୁ ସଗୁଣ ବ୍ରହ୍ମ ଜାତହୋଇ ଅନନ୍ତ ଜୀବ ଜ୍ୟୋତିରେ ବିସ୍ତାରିତ ହୁଏ । ପୁଣି ଜୀବଜ୍ୟୋତିର ନିର୍ବାପନରେ ନିର୍ଗୁଣ ଜ୍ୟୋତିର ଲୀନ ହୁଏ । "ଦୀପୋ ଯଥା ନିବୃତିମଭ୍ୟୁପେତ"–ଅଶ୍ୱଘୋଷ ।।

ସୂର୍ଯ୍ୟ ଓ ଅଗ୍ନିଙ୍କୁ ମଧ୍ୟ ଜ୍ୟୋତି ମଧ୍ୟରେ ଗଣାଯାଏ । ତେବେ ସୂର୍ଯ୍ୟ ହେଉଛନ୍ତି ଅଖଣ୍ଡ ଜ୍ୟୋତି; ଅଗ୍ନି ତହିଁରୁ ଏକ ଅଂଶମାତ୍ର । ଯେପରି ବ୍ରହ୍ମ ଓ ଜୀବ ପରସ୍ପର ଅଙ୍ଗାଙ୍ଗୀ ଭାବରେ ଜଡ଼ିତ, ସେପରି ସୂର୍ଯ୍ୟ ଓ ଅଗ୍ନି । ଅଗ୍ନି ସମୟକ୍ରମେ ନିର୍ବାପିତ ହୁଏ,

Digitized by PPRACHIN, SOA

ମାତ୍ର ସୂର୍ଯ୍ୟ ନିର୍ବାପିତ ହୁଅନ୍ତି ନାହିଁ । ସେ ସର୍ବଦା ଅକ୍ଷୟ ଶକ୍ତିର ଉତ୍ସ ହୋଇ ରହିଥାନ୍ତି · ସେ ହେଉଛନ୍ତି ଏକ ଅଖଣ୍ଡ ଶାଶ୍ୱତ ଜ୍ୟୋତି ।

ବୈଦିକ ଯୁଗରେ ଅଗ୍ନି, ସୂର୍ଯ୍ୟ ଆଦି ଜ୍ୟୋତିର୍ମୟ ଦେବତାଙ୍କୁ ସେହି ଜ୍ୟୋତି ବା ଅଗ୍ନି ପ୍ରଜ୍ୱଳନ କରଇ ଯଜ୍ଞ ମାଧ୍ୟମରେ ସନ୍ତୁଷ୍ଟ କରିବାର ବିଧି ପ୍ରଚଳିତ ଥିଲା। ଜ୍ୟୋତିର୍ମୟ ଅଗ୍ନିରେ ଘୃତାଦି ଆହୁତି ଦେଇ ଦେବଗଣଙ୍କୁ ସନ୍ତୁଷ୍ଟ କରଯାଉଥିଲା । ସମସ୍ତ ପ୍ରକାରର ଯଜ୍ଞାନୁଷ୍ଠାନ ମଧ୍ୟରେ ଜ୍ୟୋତିଷ୍ଟୋମ ଯଜ୍ଞଥିଲା ସର୍ବଶ୍ରେଷ୍ଠ । ଏଥିରେ ସୋମ-ଯଜ୍ଞର ବିଶେଷ ପ୍ରୟୋଗ ହେଉଥିଲା ଏବଂ ଏହାଥିଲା ଦେବତାମାନଙ୍କର ଅତି ପ୍ରିୟ ଯଜ୍ଞ । ଏହି 'ଜ୍ୟୋତିଷ୍ଟୋମ' ଯଜ୍ଞରେ ଜ୍ୟୋତିର ମହତ୍ୱ ଥିଲା ସର୍ବାଧିକ । ଏଣୁ କୁହାଯାଇପାରେ, ବୈଦିକ ଯୁଗରୁ ଆରମ୍ଭ କରି ପ୍ରାୟ ସାତହଜାର ବା ତଦୂର୍ଦ୍ଧ୍ୱ ବର୍ଷ ହେଲା ଭରତୀୟମାନେ ଜ୍ୟୋତିକୁ ମହତ୍ୱ ଦେଇ ଆସିଛନ୍ତି ଓ ଏ ଦେଶରେ ମନୁଷ୍ୟର ଜନ୍ମଦିନ ଠାରୁ ଆରମ୍ଭ କରି ମୃତ୍ୟୁ (ଚିତାଗ୍ନି) ପର୍ଯ୍ୟନ୍ତ ଜ୍ୟୋତି ଉପାସନା ଚାଲିଛି ।

**ବ୍ରହ୍ମ :—**

ଶ୍ରୀମଦ୍ ଭଗବଦ୍‌ଗୀତାରେ ବ୍ରହ୍ମଙ୍କୁ ଅଗ୍ନିସ୍ୱରୂପବୋଲି କୁହାଯାଇଛି । ଅଗ୍ନି ଓ ତେଜ ଏକ ବସ୍ତୁ । ସେ ଦୃଷ୍ଟିରୁ ବ୍ରହ୍ମ ତେଜୋମୟ । ଯଥା :—

"ବ୍ରହ୍ମାର୍ପଣଂ ବ୍ରହ୍ମହବି ର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍"=ଗୀତା ୪/୨୪ । ପୁଣି "ବ୍ରହ୍ମାଗ୍ନ୍ୟାବପରେ ଯଜ୍ଞ ଯଜ୍ଞେନୈବୋପଜୁହ୍ୱତି"=ଗୀତା ୪/୨୫ । ବ୍ରହ୍ମକୁ କେବଳ 'ତେଜୋମୟ', ଅଗ୍ନିସ୍ୱରୂପ ବୋଲି କହିଦେଇ ଆମର ଦାର୍ଶନିକମାନେ ସନ୍ତୁଷ୍ଟ ନୁହନ୍ତି । ସେ ହେଉଛନ୍ତି, ଜ୍ୟୋତିମାନଙ୍କ ମଧ୍ୟରେ ଶ୍ରେଷ୍ଠ, ବରିଷ୍ଠ ଓ ଗରିଷ୍ଠ । ଅନ୍ୟ ଭଷାରେ କହିଲେ ସେ ହେଉଛନ୍ତି ନାନାବିଧ ଜ୍ୟୋତିମାନଙ୍କର ଜ୍ୟୋତି ବା ସୂର୍ଯ୍ୟ ସ୍ୱରୂପ ।

"ଆଦିତ୍ୟାନାମହଂ ବିଷ୍ଣୁ ଜ୍ୟୋତିଷାଂ ରବିରଂଶୁମାନ"—ଗୀତା ୧୦/୨୧ । ଅର୍ଥାତ୍ :— (ଶ୍ରୀକୃଷ୍ଣ କହୁଛନ୍ତି) "ମୁଁ ବାରମାସାଧିପତି ଆଦିତ୍ୟ ମାନଙ୍କମଧ୍ୟରେ ଶ୍ରେଷ୍ଠ ବିଷ୍ଣୁ ନାମା ଆଦିତ୍ୟ ଓ ଜ୍ୟୋତି ମନ୍ତମାନଙ୍କ ମଧ୍ୟରେ ସର୍ଯ୍ୟ ସଦୃଶ" । ଶ୍ରୀକୃଷ୍ଣଙ୍କୁ ଗୀତାରେ ପରମାତ୍ମା ଭବରେ ଅଭିହିତ କରଯାଇଛି ଓ ତାଙ୍କୁ ବ୍ରହ୍ମଙ୍କ ଭଳି ଜ୍ୟୋତି-ମାନଙ୍କର ଜ୍ୟୋତି ବୋଲି କୁହାଯାଇଛି । ବ୍ରହ୍ମଙ୍କ ସ୍ୱରୂପ ବର୍ଣ୍ଣନା କରିବାକୁ ଯାଇ ଏଥିରେ କୁହାଯାଇଛି ଯେ, ବ୍ରହ୍ମ ହେଉଛନ୍ତି ସୂର୍ଯ୍ୟାଦି ଜ୍ୟୋତିର୍ମୟ ପଦାର୍ଥମାନଙ୍କର ଜ୍ୟୋତିସ୍ୱରୂପ ଏକ ମହାଜ୍ୟୋତିର ଉତ୍ସ ।

Digitized by PPRACHIN, SOA

"ଜ୍ୟୋତିଷାମପି ତଜ୍ଜ୍ୟୋତି, ସ୍ତମସଃ ପରମୁଚ୍ୟତେ" ଗୀତା—୧୩/୧୭ । ଆତ୍ମା ସେହି ବ୍ରହ୍ମାଙ୍କର ସ୍ୱରୂପ ହୋଇଥିବାରୁ ସେ ମଧ୍ୟ ଜ୍ୟୋତିରୂପ । ଏହି ଆତ୍ମାକୁ ଅନ୍ତର୍ଜ୍ୟୋତି ବୋଲି କୁହାଯାଏ । ଗୀତାରେ ଅଛି :—

"ଯୋଽନ୍ତଃ ସୁଖୋଽନ୍ତରାରାମ, ସ୍ତଥାନ୍ତର୍ଜ୍ୟୋତିରେବ ଯଃ" ॥

'ଜନ୍ମ ଶତବାର୍ଷିକୀ ପାଳନ ଉପଲକ୍ଷେ ନୀଳକଣ୍ଠଙ୍କ ଜ୍ୟୋତି ପରିକ୍ରମା ଦ୍ୱାରା ପଣ୍ଡିତ ନୀଳକଣ୍ଠଙ୍କର ଅମର ବା ଅନ୍ତର୍ଜ୍ୟୋତି ବିଭିନ୍ନ ସଭାସ୍ଥଳ ଗୁଡ଼ିକୁ ମଣ୍ଡନ କରୁଛି । ଜ୍ୟୋତି ବିନା ଆତ୍ମାର ସ୍ଥିତି କଳ୍ପନା କରାଯାଇପାରେନା । ନୀଳକଣ୍ଠଙ୍କର ମରଶରୀର ସଂସାର ବନ୍ଧନରୁ ମୁକ୍ତ ହୋଇଥିଲେ ମଧ୍ୟ ଜ୍ୟୋତିଭବରେ ଏବେ ସେ ପ୍ରକଟିତ । ପଞ୍ଚମହାଭୂତରେ ତାଙ୍କର ସ୍ଥିତି ସେହି ଜ୍ୟୋତିମଣ୍ଡଳରେ ସର୍ବଦା ଉଦ୍‌ଭାସିତ' ।

ଏହାହିଁନୀଳକଣ୍ଠ ଜ୍ୟୋତିର ତାତ୍ପର୍ଯ୍ୟ ।

## ଜ୍ୟୋତି ପରିକ୍ରମାର ଉଦ୍ଦେଶ୍ୟ :—

ପଣ୍ଡିତ ନୀଳକଣ୍ଠ ଥିଲେ ଜଣେ ବିଶିଷ୍ଟ ଶିକ୍ଷାବିତ୍ ଓ ଶିକ୍ଷା ପ୍ରତି ତାଙ୍କର ଥିଲା ଗଭୀର ଶ୍ରଦ୍ଧା । ଦେଶକୁ ଉନ୍ନତତର କରି ଗଢ଼ିବାର ସଂକଳ୍ପ ଘେନି ଗୋପବନ୍ଧୁ ଓ ନୀଳକଣ୍ଠ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ଏବଂ ନୀଳକଣ୍ଠ ଏହି 'ମଣିଷ ଗଢ଼ା କାରଖାନା'ର କୁଳପତି ବା ହେଡ଼ମାଷ୍ଟର ଥିଲେ, ୭ ବର୍ଷରୁ ଅଧିକ କାଳ । ଦେଶରେ ସୁନାଗରିକ ଗଢ଼ିବାଲାଗି ଉପଯୁକ୍ତ ଶିକ୍ଷାର ଆବଶ୍ୟକତା ସେ ଉପଲବ୍ଧି କରିଥିଲେ । ତେଣୁ ଶିକ୍ଷାପ୍ରେମୀ ନୀଳକଣ୍ଠ ପରକାଳରେ କେନ୍ଦ୍ର ବ୍ୟବସ୍ଥା ସଭରେ ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନର ପ୍ରସ୍ତାବ ଦେଲାବେଳେ, ପ୍ରସ୍ତାବିତ ପ୍ରଦେଶରେ ଗୋଟିଏ ବିଶ୍ୱବିଦ୍ୟାଳୟ ଥିବାର ଦାବୀ କରିଥିଲେ ଏବଂ ପ୍ରଦେଶ ଗଠନ ପରେ ମଧ୍ୟ ଏଇ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ଆପ୍ରାଣ ଉଦ୍ୟମ କରିଥିଲେ । ଅବଶେଷରେ ତାଙ୍କ ପ୍ରତିଷ୍ଠିତ ପାରଳା ମନ୍ତ୍ରୀ ମଣ୍ଡଳର ଶିକ୍ଷାମନ୍ତ୍ରୀ ସହକର୍ମୀ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଦ୍ୱାରା ଏହା ପ୍ରତିଷ୍ଠିତ ହେଲା ।

ଶିକ୍ଷାପ୍ରତି ପ୍ରେମ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା, ଭାରତର ସ୍ୱାଧୀନତା ସଂଗ୍ରାମକୁ ତାଙ୍କର ଅବଦାନ ବ୍ୟତୀତ ତାଙ୍କ ଜୀବନର ଆଦର୍ଶ ଚର୍ଚ୍ଚା କଲେ ଲୋକଙ୍କୁ ସମ୍ମୀଭୂତ ହେବାକୁ ପଡ଼େ । ବାଲ୍ୟ ଜୀବନରୁ ତାଙ୍କର 'ଦେଶ ପାଇଁ କିଛି କରିବାର ସଂକଳ୍ପ, ତରୁଣ ଅବସ୍ଥାରେ "ସ୍ତ୍ରୀ ବିତ୍ତମଧମାଧମ" କହି ୪ ହଜାର ଟଙ୍କାର କନ୍ୟାସୁନା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରତ୍ୟାଖ୍ୟାନ, ଯୌବନରେ

Digitized by PPRACHIN, SOA

ରୋଗୀ ତଥା ବନ୍ୟା ଓ ଦୁର୍ଭୀକ୍ଷ ପ୍ରପୀଡ଼ିତଙ୍କ ସେବା ତଥା କୌଣସି ବ୍ୟକ୍ତି ବିଶେଷଙ୍କ ପାଖରେ ମୁଣ୍ଡ ନ ନୁଆଇଁ କେବଳ ଯୁକ୍ତି ପାଖରେ ନୁଆଁଇବା ଭଳି ଉଚ୍ଚ ଆଦର୍ଶ ଓ ତାଂକ ସାହିତ୍ୟିକ ଜୀବନର ଆଭିମୁଖ୍ୟ ଓ ସକଳ କ୍ଷେତ୍ରରେ ତାଙ୍କର ନିର୍ଭୀକତା ପ୍ରଭୃତି ବିଷୟରେ ବର୍ତ୍ତମାନର ଛାତ୍ର ଓ ଯୁବସମାଜ ଅବହିତ ହେବା ଆବଶ୍ୟକ ।

ଏହା ବ୍ୟତୀତ କଲିକତା ବିଶ୍ୱ ବିଦ୍ୟାଳୟର କୁଳପତିଙ୍କ ଆମନ୍ତ୍ରଣ କ୍ରମେ ସେଠାରେ ଅଧ୍ୟାପକ ଭାବେ ଯୋଗଦାନ କରିବାର ସ୍ୱଳ୍ପକାଳ ମଧ୍ୟରେ ଗାନ୍ଧୀଜୀଙ୍କ ଆହ୍ୱାନରେ ଏହି ପଦର ମୋହ ପରିତ୍ୟାଗ କରି ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ଏବଂ ଜେଲ୍ ଜୀବନ ପରେ କେନ୍ଦ୍ର ବ୍ୟବସ୍ଥା ସଭାରେ ଦୀର୍ଘ ପ୍ରାୟ ୨୦ ବର୍ଷଧରି ସରକାର ବିରୋଧୀ ରାଜନୈତିକ ଦଳ (ସ୍ୱରାଜ ପାର୍ଟି)ର ସଂପାଦକ ଦାୟିତ୍ୱ ସୁରୁଖୁରୁ ରୂପେ ପରିଚାଳନା କରିବା, ଓଡ଼ିଶା ପ୍ରଦେଶ ଗଠନ ପରେ ପ୍ରଥମ ନିର୍ବାଚନରେ ବହୁ ବନ୍ଧୁଙ୍କ ବାରଣ ସତ୍ତ୍ୱେ କଂଗ୍ରେସକୁ ନିର୍ବାଚନ ରଣ କ୍ଷେତ୍ରରେ ଅବତୀର୍ଣ୍ଣ କରାଇ ଅଭୂତପୂର୍ବ ସାଫଲ୍ୟ ହାସଲ କରିବା ଇତ୍ୟାଦିରେ ନୀଳକଣ୍ଠ ସର୍ବଭାରତୀୟ ସ୍ତରରେ ଓଡ଼ିଶାର ଯେଉଁ ଟେକ ରଖିଯାଇଛନ୍ତି, ସେଥିରେ ଓଡ଼ିଶାବାସୀ ଏବେ ମଧ୍ୟ ଗର୍ବିତ ହେବାର କଥା ।

ଜ୍ୟୋତିର ମହତ୍ୱ ଓ ଆବଶ୍ୟକତା ବିଷୟ ପର୍ବରୁ ଆଲୋଚନା କରାଯାଇଚି । ଆମ ଦେଶ ବ୍ୟତୀତ ପୃଥିବୀର ଅନ୍ୟାନ୍ୟ ଦେଶମାନଙ୍କରେ ମଧ୍ୟ କୌଣସି ଶୁଭ କର୍ମର ଆରମ୍ଭରେ ଓ ପ୍ରାଧାନ କାର୍ଯ୍ୟକ୍ରମମାନଙ୍କ ଲାଗି ଜ୍ୟୋତିର ପରିକ୍ରମା ଓ କର୍ମ ପୀଠରେ ଅବସ୍ଥାପନା ଏକ ପ୍ରଚଳିତ ପ୍ରଥା । ଏପରିକି ବିଶ୍ୱ ଅଲମ୍ପିକ ମାନଙ୍କରେ ମଧ୍ୟ ଏହା ଏକ ପ୍ରାରମ୍ଭିକ ଅଂଗ ।

ବର୍ତ୍ତମାନର ଛାତ୍ର ଓ ଯୁବ ସମାଜ ଉଦ୍‌ଭ୍ରାନ୍ତ–ସେମାନଙ୍କ ସମ୍ମୁଖରେ ଉପଯୁକ୍ତ ଆଦର୍ଶ ଉପସ୍ଥାପିତ ହେବା ବାଞ୍ଛନୀୟ ।

ବହୁ ଅଭିଜ୍ଞ ଜ୍ଞାନଗରିଷ୍ଠ ବ୍ୟକ୍ତି ଓ ଅଧ୍ୟାପକମାନଙ୍କ ମତରେ ଜ୍ୟୋତି ଉପସ୍ଥାପନା ସହ ନୀଳକଣ୍ଠଙ୍କ ଜୀବନାଦର୍ଶ ଆଲୋଚନା ଏ ଦିଗରେ ସିଧାସଳଖ ସହାୟକ ହେଉଚି ଓ ହେବ ।

**ଅଧ୍ୟାପକ ଡ଼ଃ ଗୋପିନାଥ ମହାପାତ୍ର**

ଉତ୍କଳ ବିଶ୍ୱବିଦ୍ୟାଳୟ

–୦–

Digitized by PPRACHIN, SOA



ପଣ୍ଡିତ ନୀଳକଣ୍ଠ

ଆବିର୍ଭାବ—ତା ୫·୮·୧୮୮୪ ତିରୋଭବ—ତା ୬-୧୧-୧୯୬୭

Digitized by PPRACHIN, SOA

# ପରଲୋକଗତ ନେତାଙ୍କ ପ୍ରତି ଶ୍ରଦ୍ଧାଂଜଳି

-ରାଜାଜୀ-

ଆମେ ବର୍ତ୍ତମାନ ଅତି କଠିନ ସମୟ ଦେଇ ଗତି କରୁଛୁ। ତେଣୁ ପୂର୍ବପୁରୁଷମାନଙ୍କ ଆଦର୍ଶ ଓ କାର୍ଯ୍ୟାବଳୀରୁ ଆମେ ପ୍ରେରଣା ଗ୍ରହଣ କରିବା ଆବଶ୍ୟକ। ଆମେ ସମସ୍ତେ ଦିନେ ନା ଦିନେ ଏ ମର୍ତ୍ତ୍ୟ ସଂସାରରୁ ବିଦାୟ ନେବା ଏବଂ ଆମର ଦେହାବଶେଷ ପାଉଁଶରେ ପରିଣତ ହେବ। ଆମର ଏ ଶରୀର ଲୋପ ପାଇଯିବା ସଙ୍ଗେ ସଙ୍ଗେ ଜୀବନର କାର୍ଯ୍ୟ ବି ସରିବ। ଏ ନିଷ୍ଠୁର ସତ୍ୟକୁ ମନେରଖିବା ପାଇଁ ମୁନି ଋଷିମାନେ ଆମକୁ ଚେତାବନୀ ଦେଇଯାଇଛନ୍ତି। ଆମେ ଏକ ସମୟରେ ଅଜ୍ଞ ଏବଂ ପରମୁହୂର୍ତ୍ତରେ ଚତୁର ଭଳି କାର୍ଯ୍ୟ କରୁଛୁ। ଗୋଟିଏ ମୁହୂର୍ତ୍ତରେ ଆମେ ଆମର ସ୍ତ୍ରୀ ଓ ପିଲାମାନଙ୍କ କଥା ଚିନ୍ତା କରୁଥିବାବେଳେ ପରମୁହୂର୍ତ୍ତରେ ଦେଶ କଥା ମଧ୍ୟ ଭାବୁଛୁ। ଗୋଟିଏ ମୁହୂର୍ତ୍ତରେ ଆମ ମନରେ ସଂକୀର୍ଣ୍ଣ ଓ ସ୍ୱାର୍ଥପର ଭାବନାର ଉଦୟ ହେଉଥିବାବେଳେ ପରମୁହୂର୍ତ୍ତରେ ଆମେ ଉଦାର ମନୋଭାବ ପ୍ରକାଶ କରୁଛୁ। ବାୟୁର ପ୍ରବାହ ସାଗର ବକ୍ଷକୁ ଫେଣ୍ଟାଇ ଦେଲାପରି ଆମର ମାନସିକ ଚିନ୍ତା ଅହରହ ଏହିପରି ତଳଉପର ହେଉଛି। ତେଣୁ ଆମେ ପରିବର୍ତ୍ତନର ଏହି ବାୟୁ ପ୍ରବାହ ନିକଟରେ ମୁଣ୍ଡ ନୁଆଁଇ ଦେଶପ୍ରେମୀ ଓ ଉଦାରମନା ହେବା। ସଂକୀର୍ଣ୍ଣ ପୁଷ୍କରିଣୀରେ ଆବଦ୍ଧ ଜଳ ସଦୃଶ ଆମେ ସ୍ଥିର ବା ଆବଦ୍ଧ ରହିବା ନାହିଁ। ଆମେ ବୀର ନୋହୁଁ, ସାଧାରଣ ମନୁଷ୍ୟ ମାତ୍ର। ତେଣୁ ସମୟ ସମୟରେ ଆମେ ହୁଏତ ନିମ୍ନଗାମୀ ହୋଇପାରୁ, ମାତ୍ର ସେଥି ସଂଗେ ସଂଗେ ଆମେ ଉପରକୁ ଉଠିବାକୁ ଚେଷ୍ଟାକରିବା ଏବଂ ଦେଶପ୍ରୀତି ଓ ନାଗରିକ ଚେତନାର ସାଧାରଣ ସ୍ତର ରକ୍ଷା ନିମନ୍ତେ ଚେଷ୍ଟିତ ହେବା। ଏଥିପାଇଁ ପରଲୋକଗତ ନେତାଙ୍କ ପ୍ରତି ଶ୍ରଦ୍ଧାଂଜଳି ଅର୍ପଣ କରି ତହିଁରୁ ପ୍ରେରଣା ପାଇବା ବାଂଛନୀୟ।

(୧୯୭୫, ଜୁନ୍ ୧୬ ତାରିଖରେ ଦେଶବନ୍ଧୁ ଚିତ୍ତରଂଜନଙ୍କ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠାନରେ ପ୍ରଦତ୍ତ ଅଭିଭାଷଣ।)

ସ୍ୱରାଜ୍ୟ - ତା ୧୮।୧୦।୭୫।

Digitized by PPRACHIN, SOA

# ଆଧୁନିକ ଭାରତରେ ଓଡ଼ିଶା ଓ ତନ୍ମଧ୍ୟରେ ନୀଳକଣ୍ଠଙ୍କ ସ୍ଥାନ

ଡଃ. ହରେକୃଷ୍ଣ ମହତାବ

ଭାରତରେ ଆଧୁନିକ ଯୁଗର ପ୍ରଭବ ଆରମ୍ଭ ହେଲା ଊନବିଂଶ ଶତାବ୍ଦୀର ଶେଷ ପାଦ ଓ ବିଂଶ ଶତାବ୍ଦୀର ପ୍ରଥମ ପାଦରେ । ପ୍ରଥମେ ଆଧୁନିକତା ପ୍ରବେଶ କଲା ପାଶ୍ଚାତ୍ୟ ଦେଶମାନଙ୍କରେ ବିଜ୍ଞାନର ବିକାଶ ମାଧ୍ୟମରେ ୧୮ଶ ଶତାବ୍ଦୀରେ । ଯେ ପର୍ଯ୍ୟନ୍ତ ମନୁଷ୍ୟ ପ୍ରକୃତି ଉପରେ ନିର୍ଭର କରି ଚଳିଆସୁଥିଲା, ତାହା ଥିଲା ପ୍ରାଚୀନ । ପ୍ରକୃତି ଯେତେବେଳେ ମନୁଷ୍ୟର ଅଧୀନ ହେଲା ତାହା ହେଲା ଆଧୁନିକ । ବିଜ୍ଞାନ ବଳରେ ପ୍ରକୃତି ଆୟତ୍ତ ହେବାରୁ ଶିଳ୍ପ ବିପ୍ଳବ ସଂଘଟିତ ହେଲା । ଶିଳ୍ପ ବିପ୍ଳବରୁ ଉଦ୍ଭୂତ ହେଲା ଜାତୀୟତା ଓ ସାମ୍ରାଜ୍ୟ ବିସ୍ତାର । ପୁଣି ସାମ୍ରାଜ୍ୟ ବିସ୍ତାରରୁ ଜାତହେଲା ଅଧିକୃତ ଦେଶମାନଙ୍କରେ ସ୍ୱାଧୀନତାର ପ୍ରୟାସ ଓ ସେଥିପାଇଁ ଆନ୍ଦୋଳନ । ଏହି ସମୟାନୁକ୍ରମେ ଭାରତର ଆଧୁନିକତା ନିର୍ଣ୍ଣୟ କରାହେଉ । ଭାରତର ପ୍ରାଚୀନତା ସହସ୍ର ସହସ୍ର ବର୍ଷର । ପ୍ରାଚୀନ ଭାରତର ଆଦି ନିର୍ଣ୍ଣୟ କରିବା ବର୍ତ୍ତମାନ ସୁଦ୍ଧା ଦୁଃସାଧ୍ୟ । ତେବେ ଭାରତର ଆଧୁନିକ ଯୁଗ ନିର୍ଣ୍ଣୟ କରିବା ଅପେକ୍ଷାକୃତ ସହଜ ।

## ଭାରତରେ ଆଧୁନିକତାର ପ୍ରବେଶ :

ଭାରତରେ ଆଧୁନିକତା ପ୍ରବେଶ କଲା, ଇଂରେଜ ସାମ୍ରାଜ୍ୟ ବିସ୍ତାର ପରେ । ବ୍ରିଟୀଶ୍ ଶାସନ ପ୍ରତିଷ୍ଠାର ପ୍ରାୟ ଶହେବର୍ଷ ପରେ ଭାରତର ଆତ୍ମବୋଧ ଜାଗ୍ରତ ହେଲା । ଆଧୁନିକ ଶିକ୍ଷାର ପ୍ରବର୍ତ୍ତନ ଓ ପାଶ୍ଚାତ୍ୟ ସଭ୍ୟତା ସହିତ ସଂପର୍କ ଭାରତରେ ଏକ ନୂତନ ଯୁଗର ସୂତ୍ରପାତ କଲା । ଭାରତୀୟ ସମାଜରେ ବହୁ ଶତବର୍ଷର ଆବର୍ଜନା ଏବଂ ତଦୁପରି ଅନ୍ୟ ସମାଜର ତାଡ଼ନା ଏଥିରେ ଏ ପ୍ରାଚୀନ ସମାଜରେ ତମୋଗୁଣର ପ୍ରାଧାନ୍ୟ ଘଟାଇଲା । ଏଥିପାଇଁ ବଜ୍ରନିର୍ଘୋଷରେ ସ୍ୱାମୀ ବିବେକାନନ୍ଦ ଘୋଷଣା କଲେ ଭାରତରେ ବର୍ତ୍ତମାନ ରଜୋଗୁଣର ଉଦ୍ଦୀପନା ଆବଶ୍ୟକ । ଏହା ଫଳରେ ହିଂସାକାଣ୍ଡ ଘଟୁ

Digitized by PPRACHIN, SOA

ପଛକେ, ତମୋଗୁଣକୁ ଦୂର କରିବାକୁ ହେବ । ପାଶ୍ଚାତ୍ୟ ଦେଶମାନଙ୍କରେ ବିବେକାନନ୍ଦ ଯେ ଏକ ଚିତ୍ର ସୃଷ୍ଟି କରି ସେଠାରେ ଚିନ୍ତାଶୀଳ ବ୍ୟକ୍ତିମାନଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ ମିଶନେରୀମାନଙ୍କୁ ସ୍ତମ୍ଭୀଭୂତ କଲେ, ଏଥିରେ ଭାରତୀୟ ସମାଜର କ୍ରମେ ନିଦ୍ରାଭଙ୍ଗ ହେଲା । ପୃଥିବୀ ଜାଣିପାରିଲା, ତାର ମଧ୍ୟ ବିଶ୍ୱରେ ସ୍ଥାନ ଅଛି । × × × । ଆଜି ବିଚାରକଲେ ସ୍ପଷ୍ଟ ଜଣାଯିବ, ସେ ସମୟରେ ଆଧୁନିକ ଶିକ୍ଷା ପ୍ରବର୍ତ୍ତିତ ହୋଇନଥିଲେ, ଏ ଦେଶରେ ସ୍ୱାଧୀନତାର ଅଭିଳାଷ ସୁଦ୍ଧା ଜାଗ୍ରତ ହୋଇନଥାନ୍ତା । ଆଧୁନିକ ଶିକ୍ଷିତ ବ୍ୟକ୍ତିମାନେ ହିଁ ରାଜନୈତିକ ଆନ୍ଦୋଳନର ସୂତ୍ରଧର ହେଲେ । × × × × ।

ଅର୍ଥନୈତିକ କ୍ଷେତ୍ରରେ ମଧ୍ୟ ନୂତନତ୍ୱ ପ୍ରବେଶକଲା । ଭାରତର ଅର୍ଥନୀତି ଥିଲା କୃଷି ଭିତ୍ତିକ । ବର୍ଣ୍ଣାଶ୍ରମ ନୀତିରେ ବ୍ୟବସାୟ ଭେଦ ଥିଲା । କୃଷି ସହିତ ଗ୍ରାମ ଶିଳ୍ପର ସ୍ଥାନ ନିର୍ଦ୍ଧାରିତ ଥିଲା । କିନ୍ତୁ ଆଧୁନିକତାର ପ୍ରବାହରେ ଏହା ନଷ୍ଟ ହୋଇଗଲା । ଏହିପରି ପାଶ୍ଚାତ୍ୟ ଦେଶରେ ମଧ୍ୟ ହୋଇଛି । × × × । ବ୍ରିଟୀଶ୍‌ମାନେ ଭାରତରେ ଶିଳ୍ପପ୍ରସାରକୁ ପ୍ରଶ୍ରୟ ନ ଦେଲେ ମଧ୍ୟ ବାଣିଜ୍ୟକୁ ପ୍ରଶ୍ରୟ ଦେଇଥିଲେ । × × × ।

ଏହିଠାରେ ସୂଚାଇ ଦେବାକୁ ହେବ, ରାଜନୀତି ଓ ସମାଜନୀତି ଓତଃପ୍ରୋତ ଭାବରେ ଜଡ଼ିତ । ରାଜାଶ୍ରିତ ବର୍ଣ୍ଣାଶ୍ରମ ଚାଲିଥିଲା । ଦେଶର ରାଜାମାନେ ଚାଲିଯାଇ ଇଂରେଜ ରାଜା ହେଲେ । ପୁଣି ଗଣତନ୍ତ୍ର ପଦ୍ଧତିରେ ବର୍ଣ୍ଣର କୌଣସି ଗୁରୁତ୍ୱ ରହିଲା ନାହିଁ । ବର୍ତ୍ତମାନ ଦେଶରେ ପୁରାତନ ସମାଜନୀତି ଓ ଆଧୁନିକ ରାଜନୀତି ମଧ୍ୟରେ ଅଲକ୍ଷିତ ଭାବରେ ତୁମୁଳ ସଂଘର୍ଷ ଚାଲିଛି । × × × × ।

## ସମାଜ ସଂସ୍କାରରେ ସାହିତ୍ୟର ଭୂମିକା :

ବିଗତ ପ୍ରାୟ ଏକଶତ **ବର୍ଷ** ମଧ୍ୟରେ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରମାନଙ୍କରେ ଯେଉଁ ପରିବର୍ତ୍ତନ ଘଟିଛି, ସେଥିର ପ୍ରବାହ ସାହିତ୍ୟ ଉପରେ ମଧ୍ୟ ପଡ଼ିଛି । ମନୁଷ୍ୟର ଚେତନା ବିକାଶରୁ ସାହିତ୍ୟର ଜନ୍ମ । ପରିସ୍ଥିତି ସହିତ ଚେତନାର ସଂପର୍କ । ଏଣୁ ପରିସ୍ଥିତିହିଁ ସାହିତ୍ୟ ସୃଷ୍ଟି କରିଥାଏ । ଆଧୁନିକ ଭାରତର ସାହିତ୍ୟ କ୍ରମେ କ୍ରମେ ପ୍ରାଚୀନ ସାହିତ୍ୟକୁ ସମ୍ମାନର ସହିତ ବିଦାୟ ଦେଇଛି । କିନ୍ତୁ ପାଶ୍ଚାତ୍ୟ ଦେଶମାନଙ୍କ ସାହିତ୍ୟର ସ୍ଥିତି ସହିତ ତୁଳନା କଲେ ଭାରତୀୟ ସାହିତ୍ୟର ବିଶେଷତ୍ୱ ବେଶ୍ ପରିଲକ୍ଷିତ ହୁଏ । × × × ।

Digitized by PPRACHIN, SOA

ଆଧୁନିକ ଭାରତରେ ଯେତେବେଳେ ସମାଜ ସଂସ୍କାର ପ୍ରତି ମନୀଷୀମାନଙ୍କ ଦୃଷ୍ଟି ଗଲା, ସେତେବେଳେ ସାହିତ୍ୟ ମଧ୍ୟ ସେଥିରେ ଅଗ୍ରଣୀ ହେଲା । ପୁଣି ଯେତେବେଳେ ଜାତୀୟ ସ୍ୱତନ୍ତ୍ରତାର ପ୍ରବାହ ବହିବାକୁ ଆରମ୍ଭ କଲା, ସେତେବେଳେ ସାହିତ୍ୟ ମଧ୍ୟ ତାହାର ଅଗ୍ରଦୂତ ହେଲା । ଭାରତର ସମସ୍ତ ପ୍ରାଦେଶିକ ସାହିତ୍ୟରେ ପରିବର୍ତ୍ତନ ଘଟିଲା । ଓଡ଼ିଆ ସାହିତ୍ୟ ସହିତ ପରିଚିତ ବଙ୍ଗ ସାହିତ୍ୟରୁ କେତୋଟି ଉଦାହରଣ ଦେଉଛି । ମାଇକେଲ ମଧୁସୂଦନ ଦତ୍ତଙ୍କ "ମେଘନାଦ ବଧ" ପ୍ରାଚୀନ ସାହିତ୍ୟର ଅନୁଗାମୀ । କିନ୍ତୁ ବଙ୍କିମଚନ୍ଦ୍ର, ଦ୍ୱିଜେନ୍ଦ୍ରଲାଲ ରାୟ, ନବୀନ ସେନ, ରମେଶଚନ୍ଦ୍ର ଦତ୍ତ ଏମାନେ ସମସ୍ତେ ରାଜକର୍ମଚାରୀ ଥିଲେ ମଧ୍ୟ ସେମାନଙ୍କ ସାହିତ୍ୟ ଜାତୀୟତାର ପରିପୋଷକ ଥିଲା । ବଙ୍କିମଚନ୍ଦ୍ର ଓଡ଼ିଶାର ଯାଜପୁର ଏବଂ ଭଦ୍ରକରେ ସବ୍-ଡିଭିଜନାଲ ଅଫିସର ଥିଲେ । ତାଙ୍କର ଲିଖିତ "ଆନନ୍ଦମଠ" ପରବର୍ତ୍ତୀ ଯୁଗରେ ବିପ୍ଳବୀମାନଙ୍କ ଉତ୍ସାହ ବର୍ଦ୍ଧକ ସାହିତ୍ୟ ହୋଇଛି । ତାଙ୍କର 'ବନ୍ଦେ ମାତରମ୍' ସଙ୍ଗୀତ ଆଜିସୁଦ୍ଧା ଜାତୀୟତା ଉଦ୍ଦୀପକ ହୋଇ ରହିଛି । ଆସାମର ବେଜ୍‌ବରୁଆ ଏହି ସମ୍ବଲପୁରରେ ବହୁବର୍ଷ ରହି ଆସାମୀ ଭାଷାରେ ଆଧୁନିକ ସାହିତ୍ୟର ସୂତ୍ରପାତ କରିଥିଲେ । ସେ ଏଠାରେ ଏକ କଂପାନୀର କର୍ମକର୍ତ୍ତା ଥିଲେ । କେବଳ ଜାତୀୟତା ନୁହେଁ, ସମାଜ ସଂସ୍କାରକ ସାହିତ୍ୟ ମଧ୍ୟ ବହୁ ପରିମାଣରେ ଲିଖିତ ହୋଇଛି । ଏହାର କାରଣ ବଙ୍ଗ ଦେଶରେ ବ୍ରାହ୍ମ ସମାଜହିଁ ନବଚେତନାର ଜନ୍ମଦାତା । ବଙ୍ଗଭଙ୍ଗ ଆନ୍ଦୋଳନରେ ଭାରତର ଜାତୀୟତା ଯେପରି ପ୍ରଶ୍ରୟ ପାଇଲା, ସେଥିରେ ବଙ୍ଗ, ମରହଟ୍ଟା, ହିନ୍ଦୀ ପ୍ରଭୃତି ଅନ୍ୟ ପ୍ରାଦେଶିକ ସାହିତ୍ୟ ମଧ୍ୟ ତଦନୁସାରେ ପ୍ରଭାବିତ ହେଲେ । ବଙ୍ଗଭଙ୍ଗ ଆନ୍ଦୋଳନ ହିଁ ଭାରତରେ ବିପ୍ଳବ ପରିକଳ୍ପନାର ସୂତ୍ରପାତ କରିଥିଲା । ସେ ବିପ୍ଳବର କାହାଣୀ ଆଜିସୁଦ୍ଧା ରୋମାଞ୍ଚ ଜାତ କରାଏ । ପୁଣି ହିଂସାତ୍ମକ ବିପ୍ଳବ ପରେ ମହାତ୍ମା ଗାନ୍ଧୀଙ୍କ ଅହିଂସାତ୍ମକ ଆନ୍ଦୋଳନ ଚାଲିଲା, ସେତେବେଳେ ହିନ୍ଦୀ, ଗୁଜୁରାଟୀ, ଆନ୍ଧ୍ର, ତାମିଲ ପ୍ରଭୃତି ସାହିତ୍ୟ ଯେତେ ପରିମାଣରେ ପ୍ରଭାବିତ ହୋଇଛି, ବଙ୍ଗ ବା ମରହଟ୍ଟୀ ସାହିତ୍ୟ ସେତେ ହୋଇନାହିଁ । କାରଣ ଏ ଦୁଇଟି ପ୍ରଦେଶରେ ଅହିଂସାତ୍ମକ ବିପ୍ଳବର ଦର୍ଶନ ସବୁ ସ୍ତରରେ ଗୃହୀତ ହୋଇନଥିଲା । ବଙ୍ଗର ଶ୍ରୀ ଅରବିନ୍ଦ ଏବଂ ମହାରାଷ୍ଟ୍ରର ଶ୍ରୀ ବାଳଗଙ୍ଗାଧର ତିଳକ, ଏମାନଙ୍କ ଦର୍ଶନ ମହାତ୍ମାଗାନ୍ଧିଙ୍କ ଦର୍ଶନ ଠାରୁ ପୃଥକ ଥିଲା ।

## ଊନବିଂଶ ଶତାବ୍ଦୀର ଭାବଧାରା ଥିଲା ଜାତୀୟତା :

ଊନବିଂଶ ଶତାବ୍ଦୀର ଭାବଧାରା ଥିଲା ଜାତୀୟତା । ଏହି ଭାବଧାରା ଯୋଗେ ସ୍ୱାଧୀନତା ପାଇଁ ଜାତି ଜାତି ମଧ୍ୟରେ ସଂଘର୍ଷ । ବିଂଶ ଶତାବ୍ଦୀର ଭାବଧାରା ହେଲା

Digitized by PPRACHIN, SOA

ସମାଜବାଦ । ଏ ଭାବଧାରା ଭାରତରେ ପ୍ରବେଶ କରିଛି ସ୍ୱାଧୀନତା ଆନ୍ଦୋଳନ ଚାଲିଥିଲା ବେଳେ । ଏହା ଦୃଢ଼ୀଭୂତ ହେଲା ସ୍ୱାଧୀନତା ପରେ । ଭାରତର ସମ୍ବିଧାନ ଗଣତାନ୍ତ୍ରିକ ସମାଜବାଦ-ଭିତ୍ତିକ ହେଲା । ସମାଜବାଦ ଦ୍ୱାରା ବଙ୍ଗ ସାହିତ୍ୟ ଅନ୍ୟ ସାହିତ୍ୟମାନଙ୍କ ଅପେକ୍ଷା ବେଶି ପ୍ରଭାବିତ ହୋଇଛି । ମାତ୍ର ବିଶ୍ଳେଷଣ କଲେ ଜଣାଯିବ ବଙ୍ଗ ସାହିତ୍ୟ ବା ଅନ୍ୟ କୌଣସି ପ୍ରାଦେଶିକ ସାହିତ୍ୟ ମାର୍କସ୍‌ଙ୍କ ଶ୍ରେଣୀ ସଂଘର୍ଷକୁ ଭିତ୍ତିରୂପେ ଗ୍ରହଣ କରିନାହିଁ । × × × × ।

ଭାରତ ସ୍ୱାଧୀନ ହେଲା । କିନ୍ତୁ ସ୍ୱାଧୀନତାର ଉଦ୍ଦୀପନା ବହୁ ପରିମାଣରେ ବ୍ୟାହତ ହେଲା, ଦେଶଟି ଦୁଇଭାଗରେ ବିଭକ୍ତ ହେବାରୁ । ଯେଉଁ ବଂଗ ବଙ୍ଗ-ଭଙ୍ଗ ଆନ୍ଦୋଳନକୁ ବିପ୍ଳବରେ ପରିଣତ କରିଥିଲା, ସେହି ବଙ୍ଗ ସ୍ୱାଧୀନତା ପରେ ବଙ୍ଗ-ଭଙ୍ଗକୁ ଗ୍ରହଣ କଲା । ଏହା ଅନିବାର୍ଯ୍ୟ ଥିଲା । କିନ୍ତୁ ଏଥିରେ ବଙ୍ଗବାସୀଙ୍କ ଭାବଧାରା ପୂର୍ବପରି ସ୍ରୋତସ୍ୱିନୀ ନଦୀପରି ଗତିଶୀଳ ନ ହୋଇ, ସ୍ଥାଣୁ ପ୍ରାୟ ଅବସ୍ଥାକୁ ଆସିଯାଇଛି । ଏହାକୁ ସମାଜବାଦ ଉଦ୍ଧାର କରିବାକୁ ପ୍ରୟାସ କରିଛି, ମାତ୍ର ବଙ୍ଗ ସାହିତ୍ୟରେ ପୂର୍ବର ଉଦ୍ଦାମତା ନାହିଁ । ବର୍ତ୍ତମାନ ଏହା କେବଳ ପୂର୍ବ ପରମ୍ପରାର ବେଗରେ ହିଁ ଚାଲିଛି ।

ଭାରତରେ ଆଧୁନିକତା ସମ୍ବନ୍ଧରେ ଏହି ସଂକ୍ଷିପ୍ତ ବିବରଣୀ ଜାଣିଲା ପରେ ଓଡ଼ିଶାର ସ୍ଥିତି ବିଚାର କରିବା ସହଜ ହେବ । ପ୍ରଥମତଃ ଇଂରେଜ ଶାସନ ଫଳରେ ଆଧୁନିକତାର ସୁଯୋଗ ଓ ସୁବିଧା ଯେପରି ଅନ୍ୟ ପ୍ରଦେଶମାନଙ୍କୁ ମିଳିଲା, ଓଡ଼ିଶାକୁ ତାହା ମିଳିଲା ନାହିଁ । ତାହାର କାରଣ ଆଜିର ଓଡ଼ିଶା ସେ ସମୟରେ ତିନୋଟି ପ୍ରଦେଶର ଶେଷ ଭାଗରେ— ପ୍ରାଦେଶିକ ତଥା କେନ୍ଦ୍ରର ଦୃଷ୍ଟିରୁ ବହୁ ଦୂରରେ ଥିଲା ।

× × × ×

## ଓଡ଼ିଶାରେ ଆଧୁନିକ ଶିକ୍ଷାର ପ୍ରସାର

ଓଡ଼ିଶାରେ ଆଧୁନିକ ଶିକ୍ଷାର ପ୍ରସାର ପାଇଁ ଉଦ୍ୟମ ହେଲା ଖ୍ରୀ: ୧୮୬୬ର ଦୁର୍ଭିକ୍ଷରେ ପ୍ରାୟ ଦଶଲକ୍ଷ ଜୀବନ ଯିବା ପରେ । ଏ ମର୍ମନ୍ତୁଦ ଘଟଣା ସାରା ପୃଥିବୀରେ ଏପରି ଚହଳ ପକାଇଥିଲା ଯେ ବ୍ରିଟୀଶ୍ ଶାସନ ଏହାର କାରଣ ଅନୁସନ୍ଧାନରେ ତତ୍ପର ହେଲେ । ଗୋଟିଏ କାରଣ ସ୍ପଷ୍ଟ ଜଣା ପଡ଼ିଲା ଯେ ଆଧୁନିକ ଶିକ୍ଷା ନ ଥିବାରୁ ଲୋକେ ସେମାନଙ୍କ ଦୁର୍ଦ୍ଦଶା ସରକାରଙ୍କୁ ଜଣାଇ ପାରିଲେ ନାହିଁ । Prof. J. K. Samal ଏ

Digitized by PPRACHIN, SOA

ସମ୍ବନ୍ଧୀୟ ସେ କାଳର କାଗଜ ପତ୍ର ତାଙ୍କର "Orissa under the British Crown" ପୁସ୍ତକରେ ପ୍ରକାଶ କରିଛନ୍ତି । ତାପରେ ଆରମ୍ଭ ହେଲା କେତୋଟି ହାଇସ୍କୁଲ ଏବଂ ଦୂର୍ଭିକ୍ଷ ସମୟରେ କମିଶନର ଟି. ରେଭେନ୍‌ସାଙ୍କ ଉଦ୍ୟମରେ ସ୍ଥାପିତ ହେଲା ଗୋଟିଏ କଲେଜ । ଏ ଶିକ୍ଷା ପ୍ରସାର ଲାଭ କରିବାକୁ ବହୁ ବର୍ଷ ଲାଗିଲା ଓ ଏ ଦିଗରେ ଓଡ଼ିଶା ବଙ୍ଗଠାରୁ ପ୍ରାୟ ପଚାଶ ବର୍ଷ ପଛରେ ରହିଲା । ଇତିମଧ୍ୟରେ ଇଂରେଜ ଶାସନରେ କର୍ମଚାରୀ ହେବାପାଇଁ ତତ୍‌କାଳୀନ ଉଚ୍ଚ ବଂଶୀୟ ଇଂରେଜ ଶିକ୍ଷିତ ଲୋକଙ୍କୁ ଆଣିବାକୁ ହେଲା । ଆଜି ଶୁଣିଲେ ବିସ୍ମିତ ହେବେ, ୧୯୨୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶାର ହାଇସ୍କୁଲ ମାନଙ୍କରେ ମଧ୍ୟ ବଙ୍ଗାଳୀ ଶିକ୍ଷକ ଥିଲେ ଏବଂ କୋର୍ଟ କଚେରୀ ମାନଙ୍କରେ ମଧ୍ୟ ବଙ୍ଗାଳୀ ଓକିଲମାନେ ଥିଲେ । ଓଡ଼ିଶାର ଏ ଦୁର୍ଦ୍ଦଶାରେ ହିନ୍ଦୀଭାଷୀମାନେ ସମ୍ବଲପୁରକୁ ହିନ୍ଦୀ ଭାଷୀ କରିବାକୁ ଉଦ୍ୟମ କଲେ ଓ ବଙ୍ଗଭାଷୀମାନେ ଓଡ଼ିଶାରେ ବଙ୍ଗଭାଷା ଚଳାଇବା ପାଇଁ ବିପୁଳ ଉଦ୍ୟମ କଲେ । ଏପରି ଉଦ୍ୟମ ଇଂରେଜି ଶିକ୍ଷାରେ ଗର୍ବିତ ତତ୍‌କାଳୀନ ଶାସନରେ ସହାୟକ ବଙ୍ଗଭାଷୀମାନେ ଆସାମରେ ଚଳାଇ ଆସାମୀ ଭାଷାକୁ ଲୋପ କରିଦେଇ ସେଠାରେ ବଙ୍ଗ ଭାଷା ପ୍ରଚଳନ କରାଇଥିଲେ । ଦୀର୍ଘ ତିରିଶି ବର୍ଷ ପରେ ଆସାମବାସୀ ଆସାମୀ ଭାଷା ଫେରି ପାଇଲେ । କିନ୍ତୁ ସୌଭାଗ୍ୟର ବିଷୟ ସମ୍ବଲପୁରର ତତ୍‌କାଳୀନ ନେତାମାନଙ୍କ ଉଦ୍ୟମରେ ସମ୍ବଲପୁରରେ ଓଡିଆ ଭାଷା ରହିଲା ଓ ସମ୍ବଲପୁର ଓଡିଶାରେ ମିଶିଲା । ସେହି ପରି ଉପକୂଳବର୍ତ୍ତୀ ଜିଲାମାନଙ୍କରେ ଭାଷା ସଂଗ୍ରାମରେ ଓଡିଆ ଭାଷା ଜୟୀ ହେଲା । କିନ୍ତୁ ଗଞ୍ଜାମରେ ତେଲୁଗୁ ଭାଷା ହିଁ ସରକାରୀ ଭାଷା ହୋଇ ରହିଲା । ଏହାହିଁ ସେ ଅଞ୍ଚଳରେ ଓଡିଆମାନଙ୍କ ହୃଦୟରେ ଏକ ଗଭୀର ବେଦନା ହୋଇ ରହିଥିଲା ।

## ଓଡ଼ିଶାରେ ମଧ୍ୟବିତ୍ତ ଶ୍ରେଣୀର ଅଭାବ

ଅର୍ଥନୈତିକ କ୍ଷେତ୍ରରେ ଏପରି କେତେକ ଶାସନଗତ ବ୍ୟବସ୍ଥା ହେଲା ଯଦ୍ୱାରା ଓଡିଶାର ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିଗଲା । ଶାସନର ପ୍ରଥମ ଅବସ୍ଥାରେ ଇଂଲଣ୍ଡର ଲିଭର ପୁଲ୍ ଲବଣ ବ୍ୟବସାୟୀଙ୍କ ସ୍ୱାର୍ଥରେ ଓଡ଼ିଶାର ଉପକୂଳବର୍ତ୍ତୀ ଲବଣ ଶିଳ୍ପକୁ ବନ୍ଦ କରି ଦିଆହେଲା । ସେତେବେଳେ କୃଷି ସାଙ୍ଗକୁ ଏହି ଶିଳ୍ପଟି ଜନତାର ସହାୟକ ଥିଲା । ଯୋଜନାନୁସାରେ ଜାୟଗିରି, ମଧ୍ୟସ୍ୱତ୍ୱାଧୀକାରୀ ଇତ୍ୟାଦି ଭୋଗ କରୁଥିବା ମଧ୍ୟବିତ୍ତ ଶ୍ରେଣୀଟି ମଧ୍ୟ ଲୋପ କରି ଦିଆହେଲା । ଏଇଥିପାଇଁ ଖ୍ରୀ. ୧୮୨୦ରେ ବିଖ୍ୟାତ ପାଇକ ବିଦ୍ରୋହ ହୋଇଥିଲା । ଏ ବିଦ୍ରୋହକୁ କେବଳ

Digitized by PPRACHIN, SOA

ଯେ ଦମନ କରିଥିଲେ ତାହା ନୁହେଁ, ତା'ପରେ ଓଡିଆମାନଙ୍କୁ ସୈନ୍ୟ ବିଭାଗରେ ନିଆ ହେବନାହିଁ ବୋଲି ଯେଉଁ ନୀତି ନିର୍ଦ୍ଦିଷ୍ଟ ହେଲା, ସେଥିରେ ଓଡିଆ ଜାତି ମ୍ରିୟମାଣ ହୋଇ ଗଲା । ବଙ୍ଗ ଦେଶରେ ସ୍ଥାୟୀ ବନ୍ଦୋବସ୍ତ ପ୍ରଚଳନ କରିବା ଦ୍ୱାରା ସେଠାରେ ଏକ ସୁଦୃଢ ମଧ୍ୟବିତ୍ତ ଶ୍ରେଣୀ ଗଢି ଉଠିଲା । କିନ୍ତୁ ଓଡିଶାରେ ଅସ୍ଥାୟୀ ବନ୍ଦୋବସ୍ତ ପ୍ରଚଳନ କରିବା ଦ୍ୱାରା ମଧ୍ୟବିତ୍ତ ଶ୍ରେଣୀଟିଏ ଗଠିତ ହୋଇପାରିଲା ନାହିଁ । ଦେଶର ସବୁ କ୍ଷେତ୍ରରେ ନେତୃତ୍ୱ ମଧ୍ୟବିତ୍ତ ଶ୍ରେଣୀହିଁ ନେଇ ଥାଆନ୍ତି । ଏହି ମଧ୍ୟବିତ୍ତ ଶ୍ରେଣୀଟି ହେତୁ ଆଜି ଅନ୍ୟ ପ୍ରଦେଶମାନେ ସବୁ କ୍ଷେତ୍ରରେ ନେତୃତ୍ୱ ନେଇଛନ୍ତି । ଏପରିକି ଆଜି ସବୁ ମତବାଦର ରାଜନୈତିକ ନେତାମାନେ ଏହି ମଧ୍ୟବିତ୍ତ ଶ୍ରେଣୀର । ଓଡିଶାରେ ଏହି ଶ୍ରେଣୀଟିର ଅଭାବ ହେତୁ ସବୁ କ୍ଷେତ୍ରରେ ଓଡ଼ିଶା ପଛରେ ପଡ଼ି ଯାଇଛି । ମଧ୍ୟବିତ୍ତ ଶ୍ରେଣୀଟିହିଁ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ପ୍ରବେଶ କରନ୍ତି । ସେହି ଶ୍ରେଣୀଟିହିଁ ରାଜନୀତି କରନ୍ତି । ସେହି ଶ୍ରେଣୀଟି ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଅଗ୍ରଣୀ ଏବଂ ସହାୟକ ହୁଅନ୍ତି । ଓଡ଼ିଶାରେ ଗଡ଼ଜାତ ରାଜାମାନଙ୍କୁ ଛାଡ଼ି ଦେଲେ ଅଳ୍ପ ସଂଖ୍ୟକ ସ୍ଥାୟୀ ବନ୍ଦୋବସ୍ତ ଭୋଗ କରୁଥିବା ଜମିଦାର ଏବଂ ମୁଷ୍ଟିମେୟ ମଠାଧୀଶ ମଧ୍ୟବିତ୍ତ ଶ୍ରେଣୀର ହୋଇ ରହିଲେ । ଶିକ୍ଷା ପ୍ରସାର ଲାଭ କରି ନ ଥିବାରୁ ଓଡ଼ିଆ ଡ଼ାକ୍ତର, ଇଂଜିନିୟର ବା ବଡ଼ ଓକିଲଙ୍କ ସଂଖ୍ୟା ଅଳ୍ପ । ସୁଦୃଢ ମଧ୍ୟବିତ୍ତ ଶ୍ରେଣୀଟିଏ ଓଡ଼ିଶାରେ ଆଜି ନାହିଁ ।

## ସମାଜ ସଂସ୍କାର ଓ ଜାତୀୟତାର କ୍ଷୀଣ ପ୍ରବାହ

ଏହି ପରିସ୍ଥିତିରେ ଆଧୁନିକ ଭାରତରେ କାଳକ୍ରମେ ଜାତ ହେଉଥିବା ବିଭିନ୍ନ ପ୍ରବାହ ଓଡ଼ିଶାରେ ପ୍ରବେଶ କରି ପାରିଲାନାହିଁ । ସମାଜ ସଂସ୍କାରର ଯେଉଁ ପ୍ରବାହ ଅନ୍ୟ ପ୍ରଦେଶରେ ଚାଲିଲା ଓଡ଼ିଶାରେ ତାହା କ୍ଷୀଣ ଭାବରେ ସ୍ପର୍ଶ କରିଥିଲା । ଫକୀର ମୋହନ, ଭକ୍ତକବି ମଧୁସୂଦନ ପ୍ରଭୃତି ଅଳ୍ପ କେତେକ ବିଶିଷ୍ଟ ବ୍ୟକ୍ତି ସମାଜ ସଂସ୍କାର ଦିଗରେ ଅଗ୍ରଣୀ ହେଲେ, ମାତ୍ର ସାଧାରଣ ସ୍ତରରେ ସମାଜ ସଂସ୍କାର କାର୍ଯ୍ୟକାରୀ ହେଲାନାହିଁ । ଓଡ଼ିଶାରେ ବ୍ରାହ୍ମଧର୍ମ ଯେ କିଛି ହେଲେ ସ୍ଥାନ ପାଇଲା, ତାହା ମହର୍ଷି ଦେବେନ୍ଦ୍ର ନାଥ ଠାକୁର ଓଡ଼ିଶାରେ ତାଙ୍କର ଥିବା ବିସ୍ତୃତ ଜମିଦାରୀକୁ ଆସୁ ଥିବାରୁ ।

ସାହିତ୍ୟରେ ସଂସ୍କାର ମୂଳକ ଲେଖା ବିଶ୍ୱନାଥ କରଙ୍କ ଉତ୍କଳ ସାହିତ୍ୟରେ ଜଗମୋହନ ଲାଲଙ୍କ ନାଟକରେ ସାମାନ୍ୟ ପ୍ରକାଶ ପାଇଥିଲା । ମାତ୍ର ଏହାକୁ କୁସଂସ୍କାର ବିରୋଧରେ ଅଭିଯାନ ବୋଲି କହି ହେବ ନାହିଁ । ବ୍ରାହ୍ମ ସଂସ୍କାରକମାନେ ଖ୍ରୀଷ୍ଟିଆନମାନଙ୍କ ପରି ପ୍ରାଚୀନ ପରମ୍ପରାକୁ ଯେପରି ନିଷ୍ଠୁର ଭାବେ ସମାଲୋଚନା କଲେ, ତା'ର କଠୋର

Digitized by PPRACHIN, SOA

ପ୍ରତିକ୍ରିୟା ପ୍ରକାଶ ପାଇଲା. ବିବେକାନନ୍ଦଙ୍କ ଓଜସ୍ୱିନୀ ଭାଷଣ ଓ ଲେଖାରେ । ବିବେକାନନ୍ଦ ବାସ୍ତବିକ ଭାରତୀୟଙ୍କୁ ଗଭୀର ତନ୍ଦ୍ରାରୁ ଜାଗ୍ରତ କରାଇଲେ । ବିବେକାନନ୍ଦଙ୍କ ଧର୍ମର ସଂସ୍କାର ଓ ଜାତୀୟତାକୁ ଉଦ୍‌ବୁଦ୍ଧ କଲା । ଏ ଜାତିର ଉପନିଷଦ୍ ଯୁଗର ଗୌରବମୟ ଇତିହାସକୁ ସେ ବଜ୍ରନିର୍ଘୋଷରେ ସ୍ମରଣ କରାଇ ଦେଲେ । ସ୍ୱାମୀ ବିବେକାନନ୍ଦ ଓଡ଼ିଆ ସମାଜ ଉପରେ ପ୍ରଭୂତ ପ୍ରଭାବ ପକାଇଥିଲେ ମଧ୍ୟ ସାହିତ୍ୟ ବା ସାଧାରଣ ଜୀବନରେ ତାହା କୌଣସି ରୂପରେ ପ୍ରକାଶିତ ହେଲନାହିଁ । ସେହିପରି ଜାତୀୟତାରେ ଉଦ୍ଦୀପନା ଜନିତ ପରାଧୀନତା ବିରୋଧୀ ପ୍ରବାହରେ ବଙ୍ଗ, ମାନ୍ଦ୍ରାଜ, ମହାରାଷ୍ଟ୍ର ପ୍ରଭୃତି ପ୍ରଦେଶମାନେ ପ୍ଳାବିତ ହେଉଥିଲେ ମଧ୍ୟ ଓଡ଼ିଶାରେ ତାହା ପ୍ରବେଶ କରି ନ ଥିଲା । × × × । ରାଧାନାଥ, ମଧୁସୂଦନ, ଗଙ୍ଗାଧର ପ୍ରଭୃତି ସାହିତ୍ୟିକମାନେ ସ୍ୱଦେଶର ବନ୍ଦନା କରିଛନ୍ତି, କିନ୍ତୁ ସେମାନେ ପରାଧୀନତା ବିରୋଧରେ ପରୋକ୍ଷ ଭାବରେ ଶୁଦ୍ଧା ସ୍ୱର ଉଠାଇ ନାହାନ୍ତି । ସେମାନେ ସରକାରୀ ଅଫିସର ଥିଲେ, ଏ କୈଫିୟତ ଯୁକ୍ତି ଯୁକ୍ତ ନୁହେଁ । ବଙ୍କିମ ଚନ୍ଦ୍ର, ଦ୍ୱିଜେନ୍ଦ୍ର ଲାଲରାୟ, ନବୀନ ସେନ, ରମେଶ ଦତ୍ତ ପ୍ରମୁଖ ଶାସନ ବିଭାଗର ଉଚ୍ଚ ପଦସ୍ଥ ଅଫିସର ଥିଲେ ମଧ୍ୟ ସେମାନଙ୍କ ସାହିତ୍ୟ ସ୍ୱାଧୀନତା ପ୍ରାପ୍ତିର ଉଦ୍ଦୀପନା ସୃଷ୍ଟି କରୁଥିଲା । ଗଙ୍ଗାଧର ମେହେରଙ୍କ ସାହିତ୍ୟରେ ଜାତୀୟ ଗର୍ବର କିଞ୍ଚିତ ସୂଚନା ମିଳେ । ଅନ୍ୟଥା ରାଧାନାଥଙ୍କ ପ୍ରକୃତି ଚିତ୍ରକୁ ବାଦ ଦେଲେ ଅନ୍ୟ କାବ୍ୟ ଗୁଡ଼ିକରେ ସେ ଯେଉଁ ଚରିତ୍ରମାନ ଉପସ୍ଥାପିତ କରିଛନ୍ତି, ସେଥିରେ ସମାଜ ଗର୍ବ ଅନୁଭବ କରିବା ପରିବର୍ତ୍ତେ ଲଜ୍ଜା ଅନୁଭବ କରିବ । ମଧୁସୂଦନ ଘୋର ଭକ୍ତ କବି ଥିଲେ । ସେ ସମୟର ଯେତେ ଲେଖକ ଦେଖି ଜାତୀୟତା ପ୍ରବାହକୁ ଅନୁଭବ କରୁଥିବା ପରି ମନେ ହେଉ ନାହିଁ । ଜାତୀୟତା କହିଲେ କେବଳ ସ୍ୱଦେଶ ବନ୍ଦନା ନୁହେଁ, ଜାତୀୟତା ହେଉଛି ସ୍ୱଦେଶକୁ ବିଦେଶୀ ଶାସନରୁ ଉଦ୍ଧାରର ଭାବ । ଓଡ଼ିଆ ସାହିତ୍ୟର ଏ ଦୁର୍ବଳତା ଆଜିସୁଦ୍ଧା ଅଛି । ୧୯୨୧ ପରେ ଯେଉଁ ଜାତୀୟ ସାହିତ୍ୟ ସୃଷ୍ଟି ହୋଇଛି, ସେ ସାହିତ୍ୟକାରମାନଙ୍କୁ ଓଡ଼ିଆ ସାହିତ୍ୟ ଇତିହାସରେ ସ୍ଥାନ ଦିଆ ହେଉନାହିଁ । ବହୁ ବିଳମ୍ବରେ ଗୋପବନ୍ଧୁଙ୍କୁ ସାମାନ୍ୟ ସ୍ଥାନ ଦିଆଯାଇଛି । ଅଥଚ ସେ ସମୟର ଓଡ଼ିଆ ଜାତୀୟ ସାହିତ୍ୟ କେବଳ ଓଡ଼ିଶାରେ ନୁହେଁ ପ୍ରତିବେଶୀ ବଙ୍ଗ ଦେଶର ମେଦିନୀପୁର ଜିଲ୍ଲାରେ ମଧ୍ୟ ଉନ୍ମାଦନା ସୃଷ୍ଟି କରିଥିଲା ।

ନିଜକୁ ପ୍ରାଚୀର ମଧ୍ୟରେ ବେଷ୍ଟିତ କରି ରଖିଲେ ମଧ୍ୟ ନାନା ସୂତ୍ରରେ ଭାରତୀୟ ଭାବଧାରା ଓଡ଼ିଶାରେ ପ୍ରବେଶ କରିବାକୁ ଆରମ୍ଭ କଲା । ଶିକ୍ଷା ପ୍ରସାର

Digitized by PPRACHIN, SOA

ଦିଗରେ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ କରା ହେଲା ସେଥିରେ ବହୁ ଜାତୀୟତାବାଦୀ ବଙ୍ଗାଳୀ ଶିକ୍ଷକ ଓଡ଼ିଶାର ସ୍କୁଲମାନଙ୍କୁ ଆସିଲେ । ପ୍ରଖ୍ୟାତ ରାଜନୈତିକ ନେତା ବିପିନି ବିହାରୀ ପାଲ କଟକ ପ୍ୟାରୀମୋହନ ଏକାଡ଼େମୀର ହେଡ୍‌ମାଷ୍ଟର ହୋଇ ଆସିଥିଲେ । ଏହି ଶ୍ରେଣୀର ବହୁ ବଙ୍ଗାଳୀ ଶିକ୍ଷକ ସେତେବେଳେ ବିଭିନ୍ନ ସ୍କୁଲରେ ଶିକ୍ଷକ ହେଲେ । ବିଂଶ ଶତାବ୍ଦୀର ପ୍ରଥମ ପାଦରେ ବଙ୍ଗାଳୀମାନେ ବୈପ୍ଲବିକ ଭାବ-ଧାରାକୁ ନିଜ ରକ୍ତମାଂସରେ ମିଶାଇ ଦେଇଥିଲେ । ସେମାନେ ଶିକ୍ଷା ମାଧ୍ୟମରେ ସ୍ୱାଧୀନତାର ଭାବଧାରା ସୃଷ୍ଟି କରୁଥିଲେ । ପଣ୍ଡିତ ନୀଳକଂଠ ନିଜ ଆତ୍ମଜୀବନୀରେ ଦୁଇଜଣ ଶିକ୍ଷକଙ୍କ ନାମ ଉଲ୍ଲେଖ କରିଛନ୍ତି, ଯେଉଁମାନେ ବିପ୍ଲବରେ ବିଶ୍ୱାସୀ ହୋଇ ସବୁ ପ୍ରକାର ତ୍ୟାଗ ସ୍ୱୀକାର କରିଥିଲେ ।

## ନୀଳକଂଠଙ୍କ ବୈପ୍ଳବିକ ଚିନ୍ତାଧାରା :

ନୀଳକଂଠ ଏବଂ ତାଙ୍କର କେତେକ ସହପାଠୀ ଛାତ୍ରାବସ୍ଥାରେ ପ୍ରତିଜ୍ଞା କଲେ, ସେମାନେ ସରକାରୀ ବା କୌଣସି ଚାକିରୀ ନ କରି ଦେଶ ସେବାରେ ଜୀବନକୁ ନିୟୋଜିତ କରିବେ । ଏହା ତ ସେ ସମୟର ପରିସ୍ଥିତିରେ ଏକ ବୈପ୍ଲବିକ ଚିନ୍ତା ଓ ସିଦ୍ଧାନ୍ତ । ବିଶ୍ଳେଷଣ କଲେ ଜଣାଯିବ, ଏହାଥିଲା ସେ ସମୟରେ ଶିକ୍ଷକମାନଙ୍କର ଛାତ୍ରମାନଙ୍କ ଉପରେ ନୈତିକ ପ୍ରଭାବ । ନୀଳକଂଠଙ୍କ ଛାତ୍ର ଜୀବନର ଏକ ବିଶେଷ ଘଟଣା ସମ୍ବଲପୁରର ସ୍ୱର୍ଗତ ଭରତଚନ୍ଦ୍ର ନାୟକ ତାଙ୍କ ଜୀବନୀରେ ଉଲ୍ଲେଖ କରିଛନ୍ତି । ନୀଳକଂଠ ଭରତଚନ୍ଦ୍ରଙ୍କ କଲେଜ ସହପାଠୀ ଥିଲେ । ୧୯୦୫ ସାଲ ଅପ୍ରେଲ ମାସରେ ଇଂରେଜ ସରକାରଙ୍କ ଦୁଇଟି ଘୋଷଣା ଦିନକ ପରେ ଦିନେ ପ୍ରକାଶିତ ହେଲା । ଗୋଟିଏ ହେଉଛି, ବଙ୍ଗ ପ୍ରଦେଶ ଦ୍ୱିଭାଗରେ ବିଭକ୍ତ ହେବ; ଆଉ ଗୋଟିଏ ହେଉଛି, ସମ୍ବଲପୁର ଓଡ଼ିଶାରେ ମିଶିବ । ସମ୍ବଲପୁର ଘୋଷଣାରେ ସମ୍ବଲପୁର ଛାତ୍ରମାନେ ଉଲ୍ଲସିତ ହୋଇ ଆମୋଦ ପ୍ରମୋଦର ବ୍ୟବସ୍ଥା କଲେ । ବଙ୍ଗାଳୀ ଛାତ୍ରମାନେ ମର୍ମାହତ ହୋଇ ସ୍ଥିର କଲେ, ନଗ୍ନ ପାଦରେ ଏକ ନୀରବ ଶୋଭାଯାତ୍ରା କରିବେ । ନୀଳକଂଠ ସମ୍ବଲପୁର ଛାତ୍ରମାନଙ୍କ ସହିତ ଯୋଗ ନଦେଇ ବଙ୍ଗାଳୀ ଛାତ୍ରମାନଙ୍କ ସହିତ ଯୋଗଦେଇଥିଲେ । ଛାତ୍ରାବସ୍ଥାରୁ ତାଙ୍କ ମନରେ ବୈପ୍ଲବିକ ଭାବ ପୋଷଣର ଏହା ଏକ ନମୂନା । × × × ।

କେହି କେହି କହିଛନ୍ତି ମଧୁସୂଦନ ଦାସଙ୍କ ପ୍ରଭାବରେ ପ୍ରଭାବିତ ହୋଇ ଗୋପବନ୍ଧୁ, ନୀଳକଂଠ ପ୍ରଭୃତି ସତ୍ୟବାଦୀ ସ୍କୁଲ ପ୍ରତିଷ୍ଠା କଲେ । ଏହା ଭ୍ରମାତ୍ମକ । ସରକାରୀ ଚାକିରୀ ନ କରିବାର ସିଦ୍ଧାନ୍ତ ମଧୁବାବୁଙ୍କ ଖ୍ୟାତି ପୂର୍ବରୁ ଗୋପବନ୍ଧୁ, ନୀଳକଂଠ ଏବଂ ସହକର୍ମୀମାନେ ଗ୍ରହଣ କରିଥିଲେ । ମଧୁବାବୁଙ୍କ ପୂର୍ବରୁ ପ୍ୟାରୀମୋହନ ଶିକ୍ଷା ପ୍ରସାର

Digitized by PPRACHIN, SOA

ଦିଗରେ ଅଗ୍ରସର ହୋଇ ଏକାଡେମୀ ସ୍ଥାପନ କରିଥିଲେ । ମଧୁବାବୁ ପ୍ରସିଦ୍ଧ ହେଲେ ବଙ୍ଗ ବ୍ୟବସ୍ଥା ସଭରେ ବିଭିନ୍ନ ଉଚ୍ଚକୋଟୀର ଭାଷଣ ଓ ତାଙ୍କ ଚିନ୍ତାଧାରା ଯୋଗେ । ସେ ଓଡ଼ିଆମାନଙ୍କ ମନରୁ ହୀନମନ୍ୟତା ଦୂର କରିଥିଲେ । ସେ ଥିଲେ ସେ ସମୟର ଗୋପାଳଚନ୍ଦ୍ର ଗୋଖେଲଙ୍କ ପରି ଇଂରେଜ ଶାସନରେ ବିଶ୍ୱାସୀ ଏବଂ ସେହି ଶାସନରେ ଦେଶର ସର୍ବାଙ୍ଗୀନ ଉନ୍ନତି ସାଧନ କରିବା ପାଇଁ ପ୍ରୟାସୀ । ଏମାନଙ୍କୁ ମଡ଼ରେଟ୍ ରାଜନୈତିକ ବ୍ୟକ୍ତି ବୋଲି ଆଖ୍ୟା ଦିଆ ହେଉଥିଲା । ତେବେ ମଧୁବାବୁ ଥିଲେ ସେ ସମୟର ଭାରତର ଚିନ୍ତାନାୟକମାନଙ୍କ ମଧ୍ୟରେ ଅନ୍ୟତମ ।

## ଉତ୍କଳ ସମ୍ମିଳନୀ

ଏହି ପ୍ରସଙ୍ଗରେ ଉତ୍କଳ ସମ୍ମିଳନୀର ସୃଷ୍ଟିର ଇତିହାସ ଜାଣିବା ଦରକାର । ୧୮୮୫ରେ ଭାରତୀୟ ଜାତୀୟ କଂଗ୍ରେସ ସେ ସମୟରେ ପ୍ରଖ୍ୟାତ ଓକିଲ, ବାରିଷ୍ଟର ଓ ସେହି ଶ୍ରେଣୀର ବ୍ୟକ୍ତିମାନଙ୍କ ଦ୍ୱାରା ଗଠିତ ହୋଇଥିଲା । ଏଥିରେ ଓଡ଼ିଶାରୁ ମଧୁବାବୁ, ଗୌରୀଶଙ୍କର ବ.ବୁ, ବାଲେଶ୍ୱରର ମହାରଜା ବୈକୁଣ୍ଠନାଥ ଦେ ପ୍ରଭୃତି ଯୋଗ ଦେଇଥିଲେ । ଖ୍ରୀ: ୧୮୮୭ ରେ ମାନ୍ଦ୍ରାଜରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ କର୍ମୀ ସମ୍ବନ୍ଧରେ କେତେକ ସମସ୍ୟା ଉତ୍ଥାପିତ ହେଲା । ସେହି ଅଧିବେଶନରେ ସ୍ଥିର ହେଲା ଯେ ପ୍ରାଦେଶିକ ସମସ୍ୟାମାନ ବିଚାର କରିବାପାଇଁ ପ୍ରାଦେଶିକ ସମ୍ମିଳନୀମାନ ଅନୁଷ୍ଠିତ ହେଉ, ଜାତୀୟ କଂଗ୍ରେସରେ କେବଳ ଭାରତୀୟ ସମସ୍ୟାମାନ ଆଲୋଚିତ ହେଉ । ଏହି ସିଦ୍ଧାନ୍ତ ଅନୁସାରେ ବଙ୍ଗ ପ୍ରଦେଶରେ (ବିହାର, ଓଡ଼ିଶା ଓ ଆସାମକୁ ମିଶାଇ) ଖ୍ରୀ. ୧୮୮୮ରେ ପ୍ରାଦେଶିକ ସମ୍ମିଳନୀର ଆରମ୍ଭ ହେଲା । ଏଥିରେ ଓଡ଼ିଶାର ପ୍ରତିନିଧି ହିସାବରେ ମଧୁବାବୁ ପ୍ରମୁଖ ଯୋଗ ଦେଇଥିଲେ । ଖ୍ରୀ· ୧୯୦୨ ରେ ମଧୁବାବୁ ବଙ୍ଗ ପ୍ରାଦେଶିକ ସମ୍ମିଳନୀକୁ ଓଡ଼ିଶାକୁ ଆମନ୍ତ୍ରଣ କଲେ ଏବଂ ସେ ଆମନ୍ତ୍ରଣ ଗୃହୀତ ହେଲା । ମଧୁବାବୁ ଏ ସମ୍ମିଳନୀର ଆୟୋଜନ କରିବାରୁ, ଗଞ୍ଜାମରେ ତତ୍କାଳୀନ ଖଲ୍ଲିକୋଟ ରଜାବାହାଦୁର, ହରିହର ପଣ୍ଡା ପ୍ରମୁଖ ବ୍ୟକ୍ତିମାନେ ଏଥିରେ ପ୍ରବଳ ବାଧା ସୃଷ୍ଟି କଲେ । ସେତେବେଳକୁ ଗଞ୍ଜାମରେ ଓଡ଼ିଆ ଭାଷା ରକ୍ଷା କରିବା ପାଇଁ ଓଡ଼ିଆ ନେତାମାନେ ଉଦ୍ୟମ ଚଳାଇଥାନ୍ତି ଏବଂ ଓଡ଼ିଶା ସହିତ ମିଶିବା ପାଇଁ ଆଗ୍ରହ ପ୍ରକାଶ କରୁଥାନ୍ତି । ଏମାନଙ୍କ ଯୁକ୍ତି ହେଲା ଯଦି କଟକରେ ବଙ୍ଗ ପ୍ରାଦେଶିକ ସମ୍ମିଳନୀ ହୋଇଯାଏ, ତେବେ ଗଞ୍ଜାମ ଏକଘରିଆ ହୋଇଯିବ । ସେତେବେଳକୁ ସମ୍ବଲପୁର ମଧ୍ୟ ଓଡ଼ିଶାରେ ମିଶିନଥାଏ । ଏହି ସମସ୍ୟା ଆଲୋଚନା କରିବାପାଇଁ ବ୍ରହ୍ମପୁରରେ ଏକ ସଭା ଆହୂତ ହେଲା । ସେଥିରେ ନୀଳମଣି ବିଦ୍ୟାରତ୍ନ ପ୍ରମୁଖ ବ୍ୟକ୍ତିମାନେ ଓଡ଼ିଆ ଭାଷା

Digitized by PPRACHIN, SOA

ଭାଷାମାନଙ୍କ ସମ୍ମିଳନୀ କରିବା ପାଇଁ ଦାବୀ କଲେ । ଏହା ଗୃହୀତ ହେଲା । ୧୯୦୨ ରେ ବଙ୍ଗ ପ୍ରାଦେଶିକ ସମ୍ମିଳନୀ ହୋଇନାହିଁ । ୧୯୦୩ ରେ ମଧ୍ୟ ହୋଇନାହିଁ । ୧୯୦୩ ରେ ଓଡ଼ିଆ ଭାଷା ଭାଷାମାନଙ୍କ ଉତ୍କଳ ସମ୍ମିଳନୀ କଟକରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା । ଦେଶ ମିଶ୍ରଣ ହେଲା ଏହି ସମ୍ମିଳନୀର କାର୍ଯ୍ୟକ୍ରମ । ତେଣୁ ଉତ୍କଳ ସମ୍ମିଳନୀର ନାମ ଥିଲା ଉତ୍କଳ ୟୁନିଅନ୍ କନଫରେନସ୍ । ଏହାର ପ୍ରତିଷ୍ଠା ପାଇଁ ଭଞ୍ଜମହାରାଜାଙ୍କୁ ଧନ୍ୟବାଦ ଦେବାକୁ ହେବ । ଏ ସମ୍ମିଳନୀ ଓଡ଼ିଆମାନଙ୍କ ମଧ୍ୟରେ ନୂତନ ଜାଗରଣ ସୃଷ୍ଟି କଲା । ବଙ୍ଗାଳି ଓ ତେଲଙ୍ଗାଙ୍କ ପ୍ରଭାବରେ ଓଡ଼ିଆମାନେ ଯେ ଗ୍ରସ୍ତ ହୋଇ ଯାଇଥିଲେ ସେ ଗ୍ରସ୍ତରୁ ସେମାନଙ୍କୁ ମୁକ୍ତ କରିବାରେ ସମ୍ମିଳନୀ ସମର୍ଥ ହେଲା । ଏ ସମ୍ମିଳନୀରେ ଗୋପବନ୍ଧୁ ଓ ନୀଳକଣ୍ଠ ଯୋଗ ଦେଇଥିଲେ ଏବଂ ଏହାର ଅଧିବେଶନରେ ମଧ୍ୟ ଗୋପବନ୍ଧୁ ସଭାପତିତ୍ୱ କରିଥିଲେ ।

## ସତ୍ୟବାଦୀ ବନବିଦ୍ୟାଳୟ

ସରକାରୀ ଚାକିରି କରିବେ ନାହିଁ ସିଦ୍ଧାନ୍ତ କରି ନୀଳକଣ୍ଠ ପ୍ରଭୃତି ଯେଉଁ ଯୁବକମାନେ ଦେଶ ସେବାର ବ୍ରତ ନେଇଥିଲେ, ସେହିମାନଙ୍କୁ ନେଇ ଗୋପବନ୍ଧୁ ସତ୍ୟବାଦୀ ବନବିଦ୍ୟାଳୟ ସ୍ଥାପନ କଲେ । ଏ ବିଦ୍ୟାଳୟ ଭାରତୀୟ ପ୍ରବାହ ସହିତ ଘନିଷ୍ଠ ସମ୍ପର୍କ ରଖି ଚାଲିଲା । ତଦନୁସାରେ ସାହିତ୍ୟ ମଧ୍ୟ ସୃଷ୍ଟି ହେଲା । ନୀଳକଣ୍ଠଙ୍କ 'ଆର୍ଯ୍ୟ ଜୀବନ' ସୁଦୂର ଅତୀତର ଗୌରବମୟ ଇତିହାସକୁ ଯୁବକମାନଙ୍କୁ ସ୍ମରଣ କରାଇ ଦେଲା । ଓଡ଼ିଆଙ୍କ ମଧ୍ୟରେ ଅତୀତ ପ୍ରତି ଗର୍ବ ଭାବ ସେ ଜାତ କରିବା ପାଇଁ "ଖାରବେଳ" ଓ 'କୋଣାର୍କେ' କାବ୍ୟ ଆକାରରେ ଲେଖିଲେ । ଓଡ଼ିଶା ଇତିହାସରେ ପ୍ରଖ୍ୟାତ ଖାରବେଳ ଏବଂ କୋଣାର୍କ ନିର୍ମାଣରେ ନରସିଂହ ଦେବଙ୍କୁ କେବଳ ନୀଳକଣ୍ଠ ହିଁ ଓଡ଼ିଆ ସାହିତ୍ୟରେ ସ୍ଥାନ ଦେଇଛନ୍ତି । ସମାଜ ସଂସ୍କାର ଦିଗରେ ସାହସ ସହକାରେ ନୀଳକଣ୍ଠ ପ୍ରାଚୀନ ବ୍ରାହ୍ମଣ ଶାସନରେ ମଧ୍ୟ ଆଗଭର ହୋଇ ବାହାରିଲେ । ସେତେବେଳକାର "ସତ୍ୟବାଦୀ" ପତ୍ରିକାରେ ନୀଳକଣ୍ଠଙ୍କ ଲେଖା ନୂତନ ଉନ୍ମାଦନା ସୃଷ୍ଟି କଲା । ଜାତୀୟ କଂଗ୍ରେସରେ ମଡ଼ରେଟ ପନ୍ଥୀମାନଙ୍କ ପ୍ରଭାବ କ୍ରମଶଃ ହ୍ରାସ ପାଇଆସୁଥିଲା । ମଧୁବାବୁ ୧୯୦୨ ପର୍ଯ୍ୟନ୍ତ କଂଗ୍ରେସ ଅଧିବେଶନରେ ଯୋଗ ଦେଉଥିଲେ । ତାପରେ କଂଗ୍ରେସ ଇତିହାସରେ ତାଙ୍କ ନାମ ମିଳେନାହିଁ । ଗୋପବନ୍ଧୁ ୧୯୧୬ ରେ ପୁରୀରେ ଜାତୀୟ କଂଗ୍ରେସର ଏକ ଜିଲ୍ଲା ଶାଖା ସ୍ଥାପନ କଲେ ଓ କଂଗ୍ରେସରେ ସକ୍ରିୟ ଅଂଶ ଗ୍ରହଣ କଲେ ।

ଉତ୍କଳ ସମ୍ମିଳନୀର ପ୍ରଥମାବସ୍ଥାରେ ବଙ୍ଗ ଦେଶରେ ବଙ୍ଗଭଙ୍ଗ ବିରୋଧୀ ଆନ୍ଦୋଳନରେ ବିଦେଶୀ ବର୍ଜନ ଓ ସ୍ୱଦେଶୀ ବ୍ୟବହାର ପ୍ରଚାର ଏକ ଅଂଶ ଥିଲା ।

Digitized by PPRACHIN, SOA

କଲିକତା ସହିତ ମଧୁବାବୁଙ୍କ ଘନିଷ୍ଠ ସମ୍ପର୍କ ଥିବାରୁ ସେ ଉତ୍କଳ ସମ୍ମିଳନୀ ପ୍ରଚାର କାର୍ଯ୍ୟରେ ପ୍ରବାସୀ ଓଡ଼ିଆମାନଙ୍କୁ ଯାଇ ସ୍ୱଦେଶୀର ମଧ୍ୟ ପ୍ରଚାର କରୁଥିଲେ । ଏହି ମହତ୍ତ୍ୱପୂର୍ଣ୍ଣ ବିଷୟଟି ମଧୁବାବୁଙ୍କ ଜୀବନୀ ଲେଖକମାନେ ଦର୍ଶାଇ ନାହାନ୍ତି । କିନ୍ତୁ ନୀଳକଣ୍ଠ ତାଙ୍କ ଆତ୍ମଜୀବନୀରେ ଏହା ଦର୍ଶାଇଛନ୍ତି । ବଙ୍ଗଭଙ୍ଗ ଆନ୍ଦୋଳନ ହିଂସାତ୍ମକ ଥିବାରୁ ଏହାକୁ ଦମନ କରିବାକୁ ଇଂରେଜ ସରକାର ସମର୍ଥ ହୋଇଥିଲେ ।

## ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନ ଓ ଉତ୍କଳ ସମ୍ମିଳନୀର ଇତିଃ

ପରେ ପରେ ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନର ସୂତ୍ରପାତ ହେଲା । ଏ ଆନ୍ଦୋଳନ ଜାତୀୟତାକୁ ଉପର ଶ୍ରେଣୀର ଉଚ୍ଚ ଶିକ୍ଷିତ ଶ୍ରେଣୀରୁ ଆଣି ବିଶାଳ ଅଶିକ୍ଷିତ ଦରିଦ୍ର ଜନତା ମଧ୍ୟରେ ପହଞ୍ଚାଇ ଦେଲା । ଏହି ପରିବର୍ତ୍ତନକୁ ଓଡ଼ିଶାରେ ସତ୍ୟବାଦୀ ଗୋଷ୍ଠୀ ପ୍ରବର୍ତ୍ତନ କରାଇଥିଲେ । ଗୋପବନ୍ଧୁ ୧୯୧୬ ରେ କଂଗ୍ରେସରେ ସକ୍ରୀୟ ଭାବରେ ଯୋଗ ଦେଇଥିଲେ । ୧୯୨୦ ଡ଼ିସେମ୍ବର ଶେଷରେ ସେ ନାଗପୁରଠାରେ ଅନୁଷ୍ଠିତ କଂଗ୍ରେସର ବିଶେଷ ଅଧିବେଶନରେ ଯୋଗଦେଇ ଫେରିବା ବାଟରେ ସିଂହଭୂମିରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଅଧିବେଶନରେ ଯୋଗଦେଲେ । ସମ୍ମିଳନୀର ଉଦ୍ଦେଶ୍ୟ ଓଡ଼ିଆ ଭଷା ଭାଷୀ ଅଞ୍ଚଳମାନଙ୍କ ଏକତ୍ରୀକରଣ ପରିବର୍ତ୍ତେ କଂଗ୍ରେସର ଉଦ୍ଦେଶ୍ୟ "ଶାନ୍ତିପୂର୍ଣ୍ଣ ନ୍ୟାୟ ନିର୍ମଳ ଉପାୟରେ ସ୍ୱରାଜ୍ୟ ପ୍ରାପ୍ତି" ହେଉବୋଲି ଗୋପବନ୍ଧୁ ପ୍ରସ୍ତାବ କଲେ ଏବଂ ବିପୁଳ ଉତ୍ସାହରେ ଏହା ସମ୍ମିଳନୀରେ ଗୃହୀତ ହେଲା । ସେଇଠି ଉତ୍କଳ ସମ୍ମିଳନୀର ଇତି ହେଲା ।

## ଓଡ଼ିଶାରେ ନୂତନ ଯୁଗର ପ୍ରବର୍ତ୍ତକ ହେଲେ ସତ୍ୟବାଦୀ ଗୋଷ୍ଠୀ:

ଏହିଠାରୁ ଓଡ଼ିଶାରେ ନୂତନ ଯୁଗ ପ୍ରବର୍ତ୍ତିତ ହେଲା । ପ୍ରବର୍ତ୍ତକ ଥିଲେ ସତ୍ୟବାଦୀ ଗୋଷ୍ଠୀ । ଗୋପବନ୍ଧୁଙ୍କ ସହାୟକ ନୀଳକଣ୍ଠ ଥିବୁ ହିଁ ପ୍ରଧାନ ଥିଲେ । ଏଥିରେ ନୀଳକଣ୍ଠ ଗାନ୍ଧୀଜିଙ୍କ ଅସହଯୋଗ ଆନ୍ଦୋଳନ ପ୍ରଚାର କାର୍ଯ୍ୟରେ ସମ୍ବଲପୁରରେ କିଛିକାଳ ଥିଲେ । ସତ୍ୟବାଦୀ ଯୁଗର ନୀଳକଣ୍ଠଙ୍କ ସାହିତ୍ୟ ହେଉଛି ତାଙ୍କର ସାହିତ୍ୟ କ୍ଷେତ୍ରରେ ସର୍ବଶ୍ରେଷ୍ଠ ଅବଦାନ ।

୧୯୨୦ ପର୍ଯ୍ୟନ୍ତ ନୀଳକଣ୍ଠଙ୍କ ସାହିତ୍ୟ କୃତି ପରବର୍ତ୍ତୀ ଅବସ୍ଥାରେ ଭିନ୍ନ ମାର୍ଗରେ ଗତିକଲା । ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ କାରାବରଣ କଲେ । ପୁଣି ବ୍ୟବସ୍ଥା ସଭାର ସଭ୍ୟ ହେଲେ । ଓଡ଼ିଶାରେ ଅନ୍ୟତମ ରାଜନୈତିକ ନେତା ହେଲେ । କିନ୍ତୁ ସେ ସ୍ୱଭାବତଃ ଯୁକ୍ତି ପରାୟଣ ଥିଲେ । ଯୁକ୍ତି–ସିଦ୍ଧ ନହେଲେ କୌଣସି ବିଷୟ ତାଙ୍କ ପକ୍ଷରେ ଗ୍ରହଣୀୟ ନୁହେଁ । ଏହା ତାଙ୍କର ଜୀବନ ଦର୍ଶନ ଥିବାରୁ ସେ ଗାନ୍ଧିଜୀଙ୍କ

Digitized by PPRACHIN, SOA

ଅହିଂସା ତତ୍ତ୍ୱକୁ ପୂର୍ଣ୍ଣ ପ୍ରାଣରେ ଗ୍ରହଣ କରିପାରି ନଥିଲେ । କାରଣ ଏ ତତ୍ତ୍ୱ ଥିଲା ମୁଖ୍ୟତଃ ବିଶ୍ୱାସ ଉପରେ ପ୍ରତିଷ୍ଠିତ । ଏଥିପାଇଁ ଗୋପବନ୍ଧୁ ଯେପରି ଓଡ଼ିଶାରେ ଗାନ୍ଧି ପରିଚାଳିତ କଂଗ୍ରେସର ଅଦ୍ୱିତୀୟ ନେତା ହୋଇଥିଲେ, ସେହିପରି ନୀଳକଣ୍ଠ ହୋଇପାରିଲେ ନାହିଁ । ତଥାପି ରାଜନୀତି କ୍ଷେତ୍ରରେ ସେ ପ୍ରତିଷ୍ଠିତ ବ୍ୟକ୍ତି ହୋଇ ଶେଷ ପର୍ଯ୍ୟନ୍ତ ରହିଲେ । ରାଜନୈତିକ ଜୀବନ ମଧ୍ୟରେ ମଧ୍ୟ ସେ ସାହିତ୍ୟ ଦିଗରେ ମନଦେବା ପାଇଁ ସମୟ କରୁଥିଲେ । "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ." "ଶ୍ରୀମଦ୍ ଭାଗବଦ୍ ଗୀତାର ଭାଷ୍ୟ." ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗର ଆଲୋଚନା, "ନବଭାରତ" ପତ୍ରିକା ପ୍ରକାଶ ଇତ୍ୟାଦି ତାଙ୍କର ରାଜନୈତିକ ଜୀବନ ମଧ୍ୟରେ ସାହିତ୍ୟ କୃତି ।

## ଓଡ଼ିଶାରେ ଆଧୁନିକତା ପ୍ରବେଶ କରାଇବାରେ ନୀଳକଣ୍ଠ ଥିଲେ ଅନ୍ୟତମ ପୁରୋଧା:

ନୀଳକଣ୍ଠଙ୍କ ସମସ୍ତ ଜୀବନୀ ଆଲୋଚନା କଲେ ସ୍ପଷ୍ଟ ଜଣାଯିବ ଓଡ଼ିଶାରେ ଆଧୁନିକତା ପ୍ରବେଶ କରାଇବାରେ ସେ ଥିଲେ ଅନ୍ୟତମ ପୁରୋଧା । ସରକାରୀ ଚାକିରୀ ନକରି ଦେଶ ସେବାରେ ବ୍ରତୀ ହେବାର ସିଦ୍ଧାନ୍ତହିଁ ନୀଳକଣ୍ଠଙ୍କ ଜୀବନୀ । ଏପରି ସିଦ୍ଧାନ୍ତ ଗୋପବନ୍ଧୁ ମଧ୍ୟ ତାଙ୍କ ଛାତ୍ର ଜୀବନରେ କରିଥିଲେ ହେଁ ସେ ଅଧ୍ୟୟନ ପରେ ଶିକ୍ଷକତା ଏବଂ ଓକିଲତି କରିଥିଲେ ।

୧୯୨୧ ରେ ଓଡ଼ିଶାରେ ଏକ ନୂତନ ଯୁଗ ଆରମ୍ଭ ହେଲା । ଏହାପରେ ଭାରତୀୟ ରାଜନୀତି ଓ ତତ୍ ସଙ୍ଗେ ସଙ୍ଗେ ଅନ୍ୟ ପ୍ରଦେଶରେ ଯେପରି ଓଡ଼ିଶାରେ ମଧ୍ୟ ସେହିପରି ରାଜନୀତି ଚାଲିଥିଲା । ଅନ୍ୟ ପ୍ରଦେଶମାନଙ୍କର ତତ୍‌କାଳୀନ ରାଜନୈତିକ ଇତିହାସ ବିଶ୍ଳେଷଣ କଲେ ଜଣାଯିବ ଓଡ଼ିଶାରେ ଯେପରି ଭାରତୀୟ ଓ ପ୍ରାଦେଶିକ ରାଜନୀତି ପରସ୍ପର ସହିତ ସମନ୍ୱୟ ରଖି ଚାଲିଥିଲା, ସେପରି ଅନ୍ୟ କୌଣସି ପ୍ରଦେଶରେ ହୋଇ ନାହିଁ । ଏହି ସମନ୍ୱୟ ହେତୁ ୧୯୩୬ ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ସମ୍ଭବ ହେଲା । ଏଥିପାଇଁ ଆନ୍ଧ୍ର ନେତାମାନେ ଓଡ଼ିଶାର ନେତାମାନଙ୍କୁ ଈର୍ଷା କରୁଥିଲେ । କାରଣ ଆନ୍ଧ୍ର ସ୍ୱତନ୍ତ୍ର ପ୍ରଦେଶ ହେବାର ଦାବୀ ଗୃହୀତ ହେଲା ନାହିଁ । ଓଡ଼ିଶା ହେଉଛି ଭାଷା ସୂତ୍ରରେ ଗଠିତ ପ୍ରଥମ ପ୍ରଦେଶ । ସମନ୍ୱୟର କୌତୁହଳ ଜନକ ବିବରଣୀ ଏହି । ଖ୍ରୀ: ୧୯୨୭ରେ ଭାରତର ଶାସନ ସଂସ୍କାର ସମ୍ବନ୍ଧରେ ଅନୁଧ୍ୟାନ କରିବା ପାଇଁ ସାଇମନ କମିଶନ ଆସିଲେ । କଂଗ୍ରେସ ଏହାକୁ ସବୁ ଶକ୍ତି ଦେଇ ବର୍ଜନ କରିଥିଲା । ସର୍ବତ୍ର "ସାଇମନ୍ ଫେରିଯାଅ" ସ୍ୱରରେ ସମଗ୍ର ଭାରତ କମ୍ପି ଉଠିଲା । କିନ୍ତୁ ସେ

Digitized by PPRACHIN, SOA

କମିଶନ ପାଟଣା ଆସି ଷ୍ଟେସନରେ ଦେଖନ୍ତି, କମିଶନକୁ ଅଭିନନ୍ଦନ ଜ୍ଞାପନ କରି ଗ୍ରହିଆଡ଼େ ପ୍ରଗ୍ରର ପତ୍ର । ଏହାର ବନ୍ଦୋବସ୍ତ କରିଥିଲେ ତତ୍କାଳୀନ ବିହାର ସରକାରଙ୍କ ଏକଜିକ୍ୟୁଟିଭ କାଉନସିଲ ମେମ୍ବର ରାଜାବାହାଦୁର ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ । ଏଥିରେ ଅଂଶ ଗ୍ରହଣ କରିଥିଲେ ପାଟଣାରେ ପଢୁଥିବା କେତେକ ଛାତ୍ର ଓ ଓଡ଼ିଆ ସରକାରୀ କର୍ମଚାରୀ । ଛାତ୍ରମାନଙ୍କ ମଧ୍ୟରେ ଥିଲେ ଆଜିର ପୂର୍ବତନ ପ୍ରଧାନ ବିଚାରପତି ହରିହର ମହାପାତ୍ର । ସବୁ ସମ୍ବାଦ ପତ୍ରରେ ପ୍ରକାଶିତ ହେଲା ଓଡ଼ିଶା ସାଇମନ କମିଶନକୁ ଅଭିନନ୍ଦନ କରିଛି ।

## ନିଖିଳ ଭାରତ କଂଗ୍ରେସର କଲିକତା ଅଧିବେଶନ:

ଏଥିପାଇଁ କଲିକତାରେ ଅନୁଷ୍ଠିତ ହୋଇଥିବା ନିଖିଳ ଭାରତ କଂଗ୍ରେସ କମିଟି ଅଧିବେଶନର ସଭାପତି ପଣ୍ଡିତ ମୋତିଲାଲ କେହେରୁ ପଣ୍ଡିତ ନୀଳକଣ୍ଠଙ୍କୁ ଆକ୍ଷେପ କରି ଓଡ଼ିଶା କଂଗ୍ରେସକୁ ନିନ୍ଦାକଲେ । ନୀଳକଣ୍ଠଙ୍କ ନିର୍ଦ୍ଦେଶରେ ଓଡ଼ିଶାର ସଭ୍ୟମାନେ ପ୍ରତିବାଦ କରି ସଭା ଛାଡ଼ି ଚାଲିଆସିଲେ । ତାପରେ ମୋତିଲାଲ ଦୁଃଖ ପ୍ରକାଶ କରିବାରୁ ପୁଣି ଓଡ଼ିଶା ସଭ୍ୟମାନେ ଅଧିବେଶନରେ ଯୋଗ ଦେଇଥିଲେ । ସାଇମନ କମିଶନକୁ ଅଭିନନ୍ଦନ ଜ୍ଞାପନ କରିଥିବା ହେତୁ ଓଡ଼ିଶା କଂଗ୍ରେସ ତତ୍କାଳୀନ ଓଡ଼ିଶାର ପ୍ରାଦେଶିକ ନେତାମାନଙ୍କୁ ସମାଲୋଚନା କରି ନଥିଲେ । ସାଇମନ କମିଶନ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପାଇଁ ସୁପାରିଶ କଲେ । ତାପରେ ଗୋଲଟେବୁଲ କନଫରେନସରେ ପାରଳା ମହାରାଜାଙ୍କ ବଳିଷ୍ଠ ଭାଷଣ ଇତ୍ୟାଦି ପ୍ରାଦେଶିକ ରାଜନୀତି ସ୍ତରରେ ଚାଲିଥିଲା । ଏଥିରେ ଭାରତୀୟ ରାଜନୀତି ବାଧା ନ ଦେଇ ଏହାକୁ ନିଜ ପଥରେ ଚାଲିବାକୁ ଦେଇଥିଲା । ଖ୍ରୀ ୧୯୩୦ ରେ ଓଡ଼ିଶାର ଲବଣ ସତ୍ୟାଗ୍ରହ ଭାରତରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । ଗୋପବନ୍ଧୁଙ୍କ ମହାପ୍ରୟାଣ ହେଲା ୧୯୨୮ରେ । ନୀଳକଣ୍ଠ ପ୍ରଥମେ କେନ୍ଦ୍ର ବ୍ୟବସ୍ଥା ଘେନି ବ୍ୟସ୍ତ ଥିଲେ ମଧ୍ୟ ସେ ସେଠାରୁ ଇସ୍ତଫା ଦେଇ ଆସିଲେ । ଏଥିରେ ଯୋଗଦାନ କରି କାରାବରଣ କରିଥିଲେ । କାରାଗାରରେ ସେ ଓଡ଼ିଆ ବ୍ୟାକରଣ ସମ୍ବନ୍ଧରେ ଗବେଷଣା କରୁଥିଲେ । ଭାରତର ସର୍ବ ଜନୀ, ଓଡ଼ିଆ ଭାଷାଭାଷୀ ଅଂଚଳ ଏକତ୍ରୀକରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ପଣ୍ଡିତ ନୀଳକଣ୍ଠଙ୍କ ଭୂମିକା ଗୌଣ ନଥିଲା । ଏହାର ବିସ୍ତୃତ ବିବରଣୀ ତାଙ୍କ ଆତ୍ମଜୀବନୀରେ ବର୍ଣ୍ଣନା କରିଛନ୍ତି ।

## ଉତ୍କଳ ବିଶ୍ୱବିଦ୍ୟାଳୟ

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା ୧୯୩୬ ରେ । ୧୯୩୭ ରେ ନୀଳକଣ୍ଠଙ୍କ ଉଦ୍ୟମରେ ଓଡ଼ିଶାରେ ପ୍ରଥମ ପ୍ରାଦେଶିକ ନିର୍ବାଚନରେ କଂଗ୍ରେସ ଜୟଲାଭ କଲା ଓ ଶ୍ରୀ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ଏକ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠିତ ହେଲା ।

Digitized by PPRACHIN, SOA

ପାରଳାଖେମୁଣ୍ଡି ମହାରାଜାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଶାରେ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ ସମ୍ପର୍କରେ ଯେଉଁ କମିଟି ଗଠିତ ହୋଇଥିଲା, ନୀଳକଣ୍ଠ ଥିଲେ ତାହାର ସଭାପତି । ତାଙ୍କ ରିପୋର୍ଟ ଅନୁସାରେ ୧୯୪୩ ରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲା । ଏହାପରେ ନୀଳକଣ୍ଠ କିଛିକାଳ ଭାରତୀୟ ରାଜନୀତିରୁ ଅପସରି ଗଲେ ମଧ୍ୟ ସାହିତ୍ୟ ଚର୍ଚ୍ଚାକୁ ଅକ୍ଷୁର୍ଣ୍ଣ ରଖିଥିଲେ । ସାହିତ୍ୟ ଏକାଡ଼େମୀର ସେ ସଭାପତି ହୋଇଥିଲେ । ପରେ ପୁଣି ଭାରତୀୟ ରାଜନୀତିକୁ ଆସି ଓଡ଼ିଶା ବିଧାନସଭାର ଅଧ୍ୟକ୍ଷ ହେଲେ ।

## ନୀଳକଂଠ ଓଡ଼ିଶାର ଅନ୍ୟତମ ଯୁଗ ପ୍ରବର୍ତ୍ତକ

ନୀଳକଣ୍ଠଙ୍କୁ କେବଳ ସାହିତ୍ୟ ସୃଷ୍ଟି ଦିଗରୁ ବିଚାର କଲେ ତାଙ୍କର ବ୍ୟକ୍ତିତ୍ୱକୁ ସଙ୍କୁଚିତ କରାହେବ । ଓଡ଼ିଶାର ଜୀବନୀ ଲେଖକମାନଙ୍କର ଏକ ତ୍ରୁଟି ହେଉଛି ସେମାନେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ବ୍ୟକ୍ତିତ୍ୱ ପ୍ରତି ଦୃଷ୍ଟି ନଦେଇ ସେମାନଙ୍କର କେତୋଟି ବାହାରର କାର୍ଯ୍ୟକୁ ଗୁରୁତ୍ୱ ଦେଇଛନ୍ତି । ମଧୁସୂଦନ ଦାସ ତାଙ୍କ ସମୟରେ ସମଗ୍ର ଭାରତରେ ଅନ୍ୟତମ ଚିନ୍ତାନାୟକ ଥିଲେ । ରାଉରକେଲାର ଉତ୍କଳ ପ୍ରଗତି ସଂଘ ଦ୍ୱାରା ତାଙ୍କର ସମସ୍ତ ଭାଷଣ ପ୍ରକାଶିତ ହୋଇଛି । ଖ୍ରୀ ୧୮୯୬ ରୁ ଖ୍ରୀ ୧୯୦୦ ପର୍ଯ୍ୟନ୍ତ ବଙ୍ଗ ବ୍ୟବସ୍ଥା ସଭାରେ ଶିଳ୍ପ ଓ କୃଷି ସମ୍ବନ୍ଧରେ ଯାହା କହିଥିଲେ, ୧୯୩୩ ରେ ଗାନ୍ଧି ତାହାହିଁ ପ୍ରଚାର କଲେ । ଅଥଚ ମଧୁବାବୁଙ୍କୁ ସାମାନ୍ୟ ଉତ୍କଳ ଟେ଼ନେରିରେ ସୀମାବଦ୍ଧ କରିଦିଆ- ହୋଇଛି । ପଣ୍ଡିତ ଗୋପବଂଧୁ ଓଡ଼ିଶାରେ ଏକ ଯୁଗ ପ୍ରବର୍ତ୍ତନ କଲେ । ଅଥଚ ତାଙ୍କୁ ରିଲିଫ ଚାଉଳ ବାଣ୍ଟିବାରେ ରଖି ଦିଆ ହୋଇଛି । ସେହିପରି ନୀଳକଣ୍ଠଙ୍କୁ କେବଳ ତାଙ୍କ ସାହିତ୍ୟରେ ସୀମିତ ନକରି ତାଙ୍କୁ ଓଡ଼ିଶାର ଅନ୍ୟତମ ଯୁଗ ପ୍ରବର୍ତ୍ତକ ବୋଲି ଗ୍ରହଣ କରିବାକୁ ହେବ ।

ଆଧୁନିକ ଭାରତରେ ଆଧୁନିକ ଓଡ଼ିଶାକୁ ଯେଉଁମାନେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇଥିଲେ ସେମାନଙ୍କ ମଧ୍ୟରେ ନୀଳକଣ୍ଠ ଅନ୍ୟତମ । ତେଣୁ ସେ ଚିରସ୍ମରଣୀୟ ।

## ଓଡ଼ିଆ ସାହିତ୍ୟ ଓ ନୀଳକଂଠ

ଏ ଆଲୋଚନା ପାଇଁ ମୁଁ ସମୟ ଧାର୍ଯ୍ୟ କରୁଛି ସେହି ସମୟ ଠାରୁ ଯେବେ ପାଶ୍ଚାତ୍ୟ ସାହିତ୍ୟ ସବୁ ପ୍ରାଦେଶିକ ସାହିତ୍ୟକୁ ପ୍ରଭାବିତ କଲା ଏବଂ ଓଡ଼ିଆ ସାହିତ୍ୟ ସେଥିରେ ପ୍ରଭାବିତ ହେଲା । ସ୍ଥୂଳତଃ କହିବାକୁ ଗଲେ, ରାଧାନାଥ ଯୁଗରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଯେତେବେଳେ ନୂତନତ୍ୱର ସୃଷ୍ଟି ହେଲା, ସେହି ସମୟକୁ ଏହାର ଆଦି ବୋଲି ଧରିନେଇ ଏ ଆଲୋଚନା କରୁଛି । ରାଧାନାଥ ଯୁଗରେ ପ୍ରାଚୀନ ଓ ନବୀନ ମଧ୍ୟରେ ତୁମୁଳ ସଂଘର୍ଷ ଚାଲିଥିଲା । ଏଥିପାଇଁ 'ଇନ୍ଦ୍ରଧନୁ' ଓ 'ବିଜୁଳି' ନାମରେ ଦୁଇଟି

Digitized by PPRACHIN, SOA

ପତ୍ରିକା ମଧ୍ୟ ପ୍ରକାଶିତ ହେଉଥିଲା । ଦୁଇପକ୍ଷ ସବଳ ଓ ଶକ୍ତିଶାଳୀ ଥିଲେ । ସେତେବେଳେ ନୀଳକଣ୍ଠ ସ୍କୁଲ ଛାତ୍ର । କିନ୍ତୁ ତାଙ୍କ ଆତ୍ମଜୀବନୀରୁ ଜଣାଯାଏ ଯେ ସେସମୟରୁ ରାଧାନାଥଙ୍କୁ ଆକ୍ଷେପ କରି ଏକ ପଦ୍ୟ ଗୋପବନ୍ଧୁ ରଚନା କରିଥିଲେ ବୋଲି ଗୋପବନ୍ଧୁଙ୍କୁ ସ୍କୁଲରୁ ବହିଷ୍କାର ଆଦେଶ ହୋଇଥିଲା । ପରେ ତାହା ଅବଶ୍ୟ ପ୍ରତ୍ୟାହୃତ ହୋଇଥିଲା । ଏହି ଘଟଣାଟି ଛାତ୍ର ନୀଳକଣ୍ଠଙ୍କ ଉପରେ କି ପ୍ରଭାବ ପକାଇଥିବ, ତାହା ସହଜରେ ଅନୁମେୟ । ପ୍ରଥମାବସ୍ଥାରେ ରାଧାନାଥଙ୍କ ପ୍ରକୃତି ବର୍ଣ୍ଣନା ପ୍ରଭୃତି ନେଇ ରାଧାନାଥଙ୍କର ପ୍ରଶସ୍ତି କରିଥିଲେହେଁ ପ୍ରାଚ୍ୟ ସଂସ୍କୃତିକୁ ସେ ନଷ୍ଟ କରିଛନ୍ତି କହି ନୀଳକଂଠ ଶେଷ ପର୍ଯ୍ୟନ୍ତ ରାଧାନାଥଙ୍କ ତୀବ୍ର ସମାଲୋଚକ ଥିଲେ । ଏହାବୋଲି ସେ ଯେ ପ୍ରାଚୀନ ସାହିତ୍ୟକୁ ଧରି ରଖିଥିଲେ ତାହା ନୁହେଁ । ସତ୍ୟବାଦୀ ସ୍କୁଲରେ ନୀଳକଂଠ ଭଞ୍ଜ ସାହିତ୍ୟ ଖୁବ୍ ଚର୍ଚ୍ଚା କରିଥିଲେ । ମାତ୍ର ଏଠାରେ ସତ୍ୟବାଦୀ ସ୍କୁଲରେ ଯେଉଁ ସାହିତ୍ୟ ସୃଷ୍ଟି ହେଲା, ତାହା ଯେ ଭଞ୍ଜୀୟ ଯୁଗର ସାହିତ୍ୟକୁ ଅନୁସରଣ କଲା, ତାହା ମଧ୍ୟ ନୁହେଁ । ରାଧାନାଥ ବାସ୍ତବିକ୍ ଓଡ଼ିଆ ସାହିତ୍ୟରେ ଏକ ଯୁଗ ପ୍ରବର୍ତ୍ତକ । କିନ୍ତୁ ସେ ଯୁଗର ସାହିତ୍ୟର ଉତ୍ସଥିଲେ ଇଂରେଜିର ସେକ୍ସପିଅର ବା ସଂସ୍କୃତରେ କାଳିଦାସ । ପାଶ୍ଚାତ୍ୟ ସାହିତ୍ୟ ସେ ଯୁଗର ସବୁ ପ୍ରଦେଶର ସାହିତ୍ୟକୁ ସର୍ବତୋଭାବେ ପ୍ରଭାବିତ କରିଥିଲା ।

## ଭାରତୀୟ ପରମ୍ପରାର ପ୍ରବର୍ତ୍ତକ ଥିଲେ ନୀଳକଂଠ

ସତ୍ୟବାଦୀ ସାହିତ୍ୟର ଉତ୍ସହେଲା ଉପନିଷଦ୍ ଯୁଗର ଭାରତୀୟ ପରମ୍ପରା । ଏହାର ପ୍ରବର୍ତ୍ତକ ପଣ୍ଡିତ ନୀଳକଣ୍ଠ । ନୀଳକଂଠ ଜଣେ ଦାର୍ଶନିକ ଥିଲେ । ତେବେ ତାଙ୍କର ଦାର୍ଶନିକ ମନୋବୃତ୍ତି ତାଙ୍କୁ ଭାବପ୍ରବଣ କରିନାହିଁ । ତେଣୁ ସେ କବି ହିସାବରେ ସର୍ବୋତ୍କୃଷ୍ଟ ଥିଲେ ବୋଲି କହି ହେଉନାହିଁ । କିନ୍ତୁ ତାଙ୍କର ପ୍ରବନ୍ଧମାନ ଉଚ୍ଚକୋଟିର ଏବଂ ଭାରତୀୟ ସମାଜକୁ ଏହାର ପରମ୍ପରା ଆଡ଼କୁ ଫେରାଇନେବା ପାଇଁ ଉଦ୍ଦିଷ୍ଟ । ସେ ସମୟରେ ସତ୍ୟବାଦୀ ପତ୍ରିକାରେ ଉପନିଷଦ୍‌ର ଉପାଖ୍ୟାନ ମାନ ପ୍ରକାଶିତ ହେଉଥିଲା । ଆର୍ଯ୍ୟ ଜୀବନର ଆଦର୍ଶ ନୀଳକଣ୍ଠ ପାଶ୍ଚାତ୍ୟ ସଭ୍ୟତା ଦ୍ୱାରା ପ୍ରଭାବିତ ସମାଜ ଆଗରେ ଉପସ୍ଥାପିତ କଲେ । ଏ ପରମ୍ପରାରେ କାଳକ୍ରମେ ବହୁ ଆବର୍ଜନା ପ୍ରବେଶ କରିଥିଲା । ବହୁ ଅଯୁକ୍ତିକର ଅନ୍ଧବିଶ୍ୱାସ ମଧ୍ୟ ପ୍ରବେଶ କରିଥିଲା । ଏହା ବିରୁଦ୍ଧରେ ନୀଳକଣ୍ଠ ଦୃଢ଼ ସ୍ୱର ଉଠାଇଥିଲେ ।

### ଲୁଣ ଆନ୍ଦୋଳନ:

ସାମାନ୍ୟ ଲୁଣ ମାରିବାର ଅଧିକାର ସାବ୍ୟସ୍ତକରି ସ୍ୱାଧୀନତା ପ୍ରାପ୍ତି ପାଇଁ ସତ୍ୟାଗ୍ରହ ଯେପରି, ଜାତି ପ୍ରଥା ଲୋପ କରିବା ଲାଗି ଅସ୍ପୃଶ୍ୟତା ବର୍ଜନ ସେପରି କାର୍ଯ୍ୟକ୍ରମ ।

Digitized by PPRACHIN, SOA

ବ୍ରାହ୍ମଣ ହୋଇ ନିଶ ରଖିବା ମଧ୍ୟ ସେହିପରି ପୂର୍ଣ୍ଣ ସମାଜ ସଂସ୍କାର ପାଇଁ ଉଦ୍ଦିଷ୍ଟ । ସେ ସମୟରେ 'ମୋ ନିଶ'' ପ୍ରବନ୍ଧ ସମାଜରେ ଚହଳ ପକାଇଥିଲା ଏବଂ ନିଶ ସଙ୍ଗେ ସଙ୍ଗେ ସମାଜ ସଂସ୍କାରଭିମୁଖୀ ହୋଇଥିଲା । ଦୈନିକ କର୍ମକାଣ୍ଡରେ ତାଙ୍କର ବିଶ୍ୱାସ ନଥିଲା । ସତ୍ୟବାଦୀ ଗୋଷ୍ଠୀଙ୍କ ମଧ୍ୟରେ ନୀଳକଣ୍ଠ ହିଁ ଥିଲେ ସଂସ୍କାର-ବିଶ୍ୱାସୀ ଏବଂ ଗୋଦାବରୀଶ ତାଙ୍କର ସହଯୋଗୀ । ଏପରି କି ଗୋପବନ୍ଧୁ ମଧ୍ୟ ସଂସ୍କାର-ପନ୍ଥୀ ସମାଜ ବିରୋଧୀ ନ ଥିଲେ । ''ସମାଜ'' ପତ୍ରିକାର ପ୍ରଥମ ପ୍ରକାଶରେ ''ସମାଜ'' ନାମ କାହିଁକି ଦିଆଗଲା, ସେଥିରେ ଏକ ପ୍ରାଚୀନ ସମାଜ ଯେ କିପରି ଗୁରିଆତୁ ଆଘାତ ପାଉଛି ଏଥିପାଇଁ ସେ ବ୍ୟଥା ପ୍ରକାଶ କରିଥିଲେ । ସମାଜକୁ ଘେନି ପତ୍ରିକା ଚାଲିବ ବୋଲି ନାମ ତାର ''ସମାଜ'' ରଖା ହୋଇଥିଲା ।

## ସତ୍ୟବାଦୀ ଯୁଗ-ରାଧାନାଥ ଯୁଗର ପରବର୍ତ୍ତୀ ସାହିତ୍ୟ ଯୁଗ:

ରାଧାନାଥ ଯୁଗର ପରବର୍ତ୍ତୀ ସାହିତ୍ୟ ଯୁଗକୁ ସତ୍ୟବାଦୀ ଯୁଗ କହିଲେ ଭୁଲ ହେବ ନାହିଁ । ସତ୍ୟବାଦୀ ଯୁଗର ଉତ୍ଥାନ ବେଳେ 'ଉତ୍କଳ ସାହିତ୍ୟ'' ଥିଲା ରାଧାନାଥ ଯୁଗ ସାହିତ୍ୟର ମୁଖପତ୍ର । 'ଉତ୍କଳ ସାହିତ୍ୟ ସମାଜ' ଥିଲା ସେହି ଯୁଗର ପ୍ରତିଷ୍ଠାନ । ଏହାର ପ୍ରଭାବକୁ ଆହ୍ୱାନ କଲା ସତ୍ୟବାଦୀ ଯୁଗ । ମୋର ମନେଅଛି, ଉତ୍କଳ ସାହିତ୍ୟ ସମାଜର ଏକ ବାର୍ଷିକ ସାଧାରଣ ଅଧିବେଶନରେ କିପରି ନୀଳକଣ୍ଠ ଓ ଗୋଦାବରୀଶ ସେ ଅନୁଷ୍ଠାନକୁ ଆୟତ୍ତାଧୀନ କରିବାକୁ ଉଦ୍ୟମ କରିଥିଲେ । ଅବଶ୍ୟ କିପରି ବିଶ୍ୱନାଥ କର ଓ ଶଶିଭୂଷଣ ରାୟଙ୍କ କୌଶଳରେ ତାହା ସମ୍ଭବ ହୋଇପାରି ନଥିଲା । ସେ ସମୟରେ ଉତ୍କଳ ସାହିତ୍ୟରେ ପ୍ରକାଶିତ କବିତା ପ୍ରବନ୍ଧ ଇତ୍ୟାଦିର ସମାଲୋଚନା ବ୍ରହ୍ମପୁରରେ ପ୍ରକାଶିତ ''ଆଶା'' ପତ୍ରିକାରେ ପ୍ରକାଶିତ ହେଉଥିଲା । ଛାତ୍ରାବସ୍ଥାରେ ଆଗ୍ରହର ସହିତ ଏହି ସମାଲୋଚନା ସବୁକୁ ପଢ଼ୁଥିଲୁ ଏବଂ ନୀଳକଣ୍ଠଙ୍କ ଅଗାଧ ପାଣ୍ଡିତ୍ୟ ସମ୍ବନ୍ଧରେ ଧାରଣା ପୋଷଣ କରୁଥିଲୁ । ତଥାକଥିତ ସବୁଜ ସାହିତ୍ୟକୁ ମଧ୍ୟ ନୀଳକଣ୍ଠ ସମାଲୋଚନା କରୁଥିଲେ ।

## ରାଧାନାଥଙ୍କ ସାହିତ୍ୟରେ ଗର୍ବ ଅନୁଭବ କରିବାର ଚରିତ୍ର ନାହିଁ :

ଦାର୍ଶନିକ ନୀଳକଣ୍ଠ କବି ହେବାପାଇଁ ମନ ବଳାଇଲେ । କାରଣ, ସେ ଅନୁଭବ କଲେ ଓଡ଼ିଆ ସମାଜ ଅତୀତର ଇତିହାସ ପାଇଁ ଗର୍ବ ଅନୁଭବ କରିବା ଆବଶ୍ୟକ ଓ ସେଥିପାଇଁ ପ୍ରଖ୍ୟାତନାମା ଐତିହାସିକ ପୁରୁଷମାନଙ୍କୁ ସାହିତ୍ୟରେ ସ୍ଥାନ ଦେବାକୁ ହେବ । ରାଧାନାଥଙ୍କ ସାହିତ୍ୟର ରଚନା– କୁଶଳତା ଯାହା ହୋଇଥାଉ ନା କାହିଁକି ତାଙ୍କ କବିତାରେ ଗର୍ବ ଅନୁଭବ କରିବା ପାଇଁ କୌଣସି ଚରିତ୍ର ଉପସ୍ଥାପିତ ହୋଇନଥିଲା । ଏକ ବିଶିଷ୍ଟ ତୀର୍ଥସ୍ଥଳ ''କେଦାରଗୌରୀ''କୁ ସେକ୍ସପିଅରଙ୍କ ''Mid Summer Night's Dream" ର ଏକ ଅଂଶକୁ କାବ୍ୟାକାରରେ

Digitized by PPRACHIN, SOA

ଉପସ୍ଥାପିତ କରି ରଘୁନାଥ ସେ ତାଙ୍କ ପ୍ରତି ଅନ୍ୟାୟ କରିଛନ୍ତି । ଏସବୁର ଉତ୍ତରରେ ପଣ୍ଡିତ ନୀଳକଣ୍ଠ ଖାରବେଳଙ୍କୁ ସମାଜରେ ଅଧିକ ପ୍ରସାର ଲାଭକରିବା ପାଇଁ କାବ୍ୟ ଆକାରରେ ଉପସ୍ଥାପନ କଲେ । ପ୍ରଥମଥର ପାଇଁ ଖାରବେଳଙ୍କୁ ନୀଳକଣ୍ଠ ସାହିତ୍ୟ ମାଧ୍ୟମରେ ଓଡ଼ିଆ ପାଠକମାନଙ୍କ ସମ୍ମୁଖରେ ଉପସ୍ଥାପିତ କଲେ । ତା'ପରେ ମଧ୍ୟ ଆଉ କେହି ଖାରବେଳଙ୍କୁ ସାହିତ୍ୟ କ୍ଷେତ୍ରକୁ ଆଣି ନାହାନ୍ତି । ସେହିପରି ତାଙ୍କ ସର୍ବୋତ୍କୃଷ୍ଟ କାବ୍ୟ 'କୋଣାର୍କେ'ରେ କୋଣାର୍କର ଶିଳ୍ପ ଏବଂ ନରସିଂହ ଦେବଙ୍କୁ ସେ କାବ୍ୟ ମାଧ୍ୟମରେ ଉପସ୍ଥାପିତ କଲେ । ଆଶ୍ଚର୍ଯ୍ୟର ବିଷୟ ନୀଳକଣ୍ଠଙ୍କ ପୂର୍ବରୁ ପୃଥିବୀପ୍ରସିଦ୍ଧ କୋଣାର୍କକୁ କେହି ସାହିତ୍ୟ କ୍ଷେତ୍ରକୁ ଆଣିବାକୁ ମନଦେଇ ନଥିଲେ । ନୀଳକଣ୍ଠଙ୍କ ପରେ ଗୋପବନ୍ଧୁ ଏକ ଗ୍ରାମ୍ୟ କିମ୍ବଦନ୍ତୀ 'ପୁଅରେ ଦାଏ ନା ବାରଶହ ବଢେଇରେ ଦାଏ'' କୁ ''ଧର୍ମପଦ'' ନାମରେ ଯେଉଁ କାବ୍ୟ ସୃଷ୍ଟି କଲେ, ତାହା ଓଡ଼ିଶାର ଶିଳ୍ପୀକୁଳ ଏବଂ କୋଣାର୍କକୁ ଭାରତୀୟ ସାହିତ୍ୟରେ ପ୍ରତିଷ୍ଠିତ କରିଛି । ''ଧର୍ମପଦ''କୁ ଭିତ୍ତିକରି ହିନ୍ଦିରେ ନାଟକ ଓ କାବ୍ୟ ରଚିତ ହୋଇଛି ।

## ନୀଳକଂଠଂକ ପରବର୍ତ୍ତୀ ଜୀବନର ସୃଷ୍ଟି :

ନୀଳକଣ୍ଠଙ୍କ ସାହିତ୍ୟିକ ଜୀବନ ସତ୍ୟବାଦୀ ସ୍କୁଲରେ ପ୍ରାୟ ଶେଷ ହୋଇଛି । ସେ ଅସହଯୋଗ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ହେଲେ । ପୁଣି କଂଗ୍ରେସ ସ୍ୱରାଜ୍ୟ ପାର୍ଟିର ଅନ୍ୟତମ ନେତା ହେଲେ । ବ୍ୟବସ୍ଥାସଭା ରାଜନୀତିରେ ସେ ଶେଷ ପର୍ଯ୍ୟନ୍ତ ନିଜକୁ ନିୟୋଜିତ କଲେ । ତଥାପି କାରାଗାରରେ ଏବଂ ବାହାରେ ଓ ଯେଉଁ ସମୟରେ ସେ ବ୍ୟବସ୍ଥାସଭାରେ ସଭ୍ୟ ରହି ପାରୁନଥିଲେ ସେତେବେଳେ ସାହିତ୍ୟକୁ ହିଁ ସେ ଚିତ୍ତବିନୋଦନର କାର୍ଯ୍ୟକ୍ରମ କରିଥିଲେ । ତିଳକଙ୍କ ଗୀତା ରହସ୍ୟ, ଯାହାକୁ ଜ୍ଞାନ ଭଣ୍ଡାର ବୋଲି କୁହାଯାଏ, ସେହିପରି ନୀଳକଣ୍ଠ ଗୀତାର ଭାଷ୍ୟ ଲେଖିଲେ । ଏହା ''ଗୀତା ରହସ୍ୟ''ର ଅନୁବାଦ ବୋଲି ସନ୍ଦେହ କରି ''ଗୀତା ରହସ୍ୟ'' ପ୍ରକାଶକମାନେ ଆଇନ୍‌ର ଆଶ୍ରୟ ନେବାପାଇଁ ଚିନ୍ତା କରୁଥିଲେ । କିନ୍ତୁ ନୀଳକଣ୍ଠ 'ଗୀତା ରହସ୍ୟ'ରୁ କେତେକ ଉପାଦାନ ସଂଗ୍ରହ କରିଥିଲେ ମଧ୍ୟ ତାଙ୍କର ଭାଷା ଓ ଶୈଳୀ ସ୍ୱତନ୍ତ୍ର ଥିଲା । ତେଣୁ ଏହା ଅନୁବାଦ ନୁହେଁ ବୋଲି ସାବ୍ୟସ୍ତ ହେଲା । ''ଓଡ଼ିଆ ସାହିତ୍ୟର କ୍ରମ ପରିଣାମ'' ସେହିପରି ରାଜନୀତିରୁ ଅବସର ସମୟର ଲେଖା । ଏହା ମଧ୍ୟ ଓଡ଼ିଆ ସାହିତ୍ୟର ପୂର୍ଣ୍ଣାଙ୍ଗ ଇତିହାସ ନୁହେଁ । ଓଡ଼ିଆ ସାହିତ୍ୟରେ ସଂସ୍କୃତ ବ୍ୟାକରଣ ପ୍ରୟୋଗ ମଧୁସୂଦନ ରାଓ କରିଛନ୍ତି ବୋଲି ସେ ସମାଲୋଚନା କରିଥିଲେ । ତାଙ୍କ ମତରେ ଓଡ଼ିଆ ସାହିତ୍ୟର ଏକ ନିଜସ୍ୱ ବ୍ୟାକରଣ ଅଛି । ପ୍ରାଚୀନ ସାହିତ୍ୟରୁ ଏହି ବ୍ୟାକରଣ ସଂଗ୍ରହ

Digitized by PPRACHIN, SOA

କରି ପ୍ରକାଶ କରିବା ପାଇଁ ସେ ଇଚ୍ଛା କରିଥିଲେ । ମାତ୍ର ତାହା ପୂର୍ଣ୍ଣ ହୋଇପାରିଲା ନାହିଁ । କାଗଗାଟରେ ସେ ଲାବଣ୍ୟବତୀର ଏକ ଟୀକା ମଧ୍ୟ ପ୍ରସ୍ତୁତ କରିଥିଲେ । ତାହା ପ୍ରନାଶିତ ହୋଇନାହିଁ । (ତାଙ୍କ ମଧ୍ୟମା କନ୍ୟା ୧୯୮୩ ମସିହା ମେ' ମାସରେ ତାହା ପ୍ରକାଶ କରି ଧନ୍ୟବାଦାର୍ହ ହୋଇଛନ୍ତି ।) "ନବଭାରତ" ପତ୍ରିକା ପ୍ରକାଶ କରି ସେଥିରେ ଯେଉଁ ସମାଲୋଚନା ମୂଳକ ଉଚ୍ଚକୋଟିର ସମ୍ପାଦକୀୟମାନ ସେ ଲେଖୁଥିଲେ ସେ ସବୁର ସଙ୍କଳନ ମଧ୍ୟ ହୋଇନାହିଁ । ଏ ସମସ୍ତ ନୀଳକଣ୍ଠଙ୍କ ସତ୍ୟବାଦୀର ଉତ୍ତର ଜୀବନର ସୃଷ୍ଟି ।

ଆଜି ଓଡ଼ିଆ ସାହିତ୍ୟର କ୍ରମବିକାଶ ଯେଉଁଠି ପହଁଞ୍ଚିଛି, ସେଥିରେ ନୀଳକଣ୍ଠଙ୍କ ମତ କଅଣ ହୋଇଥାନ୍ତା, ତା'ହା ଗୋଟିଏ କୌତୂହଳଜନକ ଘଟଣାରୁ ଅନୁମାନ କରିହେବ । ୧୯୫୭ରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଘୋଷଣା କରାହେଲା ସ୍ୱାଧୀନତା ଦିବସ ଉପଲକ୍ଷେ ରଚିତ ଜାତୀୟ କବିତାର ପ୍ରତିଦ୍ୱନ୍ଦିତା ହେବ, ସେଥିରେ ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନ ଲାଭ କରିଥିବା ବ୍ୟକ୍ତିମାନଙ୍କୁ ପୁରସ୍କାର ପାଞ୍ଚଶହ, ତିନିଶହ ଓ ଦୁଇଶହ ଟଙ୍କା ଲେଖାଏଁ ଉପାୟନ ଦିଆହେବ । ବିଚାରକ ମଣ୍ଡଳୀ ନୀଳକଣ୍ଠ ବାବୁ, ଡ଼କ୍ଟର ପରିଜା ଓ ମୋତେ ନେଇ ଗଠିତ ହେଲା । ପ୍ରାୟ ଦୁଇଶହ କବିତା ଆସିଥିଲା । ସଭାପତି ନୀଳକଣ୍ଠ ବାବୁଙ୍କୁ ଦିଆହେଲା ତାଙ୍କର ମତ ଦେବାପାଇଁ । ସେ ସ୍ପଷ୍ଟ ମତ ଦେଲେ, କୌଣସି କବିତା ପୁରସ୍କାର ପାଇବା ପାଇଁ ଯୋଗ୍ୟ ନୁହେଁ । କେଉଁଥିରେ ଛନ୍ଦ ଦୋଷ, କେଉଁଥିରେ ଭାଷା ଦୋଷ, କେଉଁଥିରେ ବ୍ୟାକରଣ ଦୋଷ, ଏହିପରି ଦର୍ଶାଇ ସବୁକୁ ପୁରସ୍କାର ଅଯୋଗ୍ୟ ବୋଲି ମତ ଦେଲେ । ଆମ୍ଭେମାନେ ଅଡୁଆରେ ପଡ଼ିଲୁ । ବହୁଚିନ୍ତା କରି ଡ଼କ୍ଟର ପରିଜା ଓ ମୁଁ ଦୁହେଁ ବସି କବିତାମାନଙ୍କୁ ବାଛି ତିନୋଟି କବିତା ସ୍ଥିର କଲୁ । ତଦନୁସାରେ ପୁରସ୍କାର ଦିଆହେଲା । ତା'ପରେ ନୀଳକଣ୍ଠ ବିରକ୍ତ ହୋଇ କହିଲେ ଆମ୍ଭେମାନେ ଓଡ଼ିଆ ସାହିତ୍ୟର କ୍ଷତି ଘଟାଉଛୁ । ୧୯୫୭ରୁ ଆଜି ୨୪ ବର୍ଷ ଅତୀତ ହେଲଣି । ଇତିମଧ୍ୟରେ କବିତା ସମ୍ପୂର୍ଣ୍ଣ ନୂତନ ରୂପ ନେଲଣି । World Anthology of Poems ରେ ଭାରତର କବିତା ହିସାବରେ ସୀତାକାନ୍ତ ମହାପାତ୍ରଙ୍କ କବିତା ମନୋନୀତ ହୋଇ ପ୍ରକାଶିତ ହୋଇଛି । ଏ କବିତାକୁ ନୀଳକଣ୍ଠ ଦେଖିଥିଲେ, କଅଣ ମନେ କରିଥାନ୍ତେ ମୁଁ କଳ୍ପନା କରିପାରୁ ନାହିଁ ।

## କବିତାରୁ ଉପଧା ମିଳନ ଉଠିଯିବା ନୀଳକଣ୍ଠଙ୍କ ପ୍ରଚାରର ଫଳ :

ନୀଳକଣ୍ଠଙ୍କ ପ୍ରଚାର ଫଳରେ କବିତାରେ ଉପଧା ମିଳନ ପ୍ରଥା ଯାହା ରାଧାନାଥ ଯୁଗରୁ ପ୍ରଚଳିତ ଥିଲା, ତାହା ଆଜି ଉଠିଯାଇଛି । ସେ ଯୁଗର ଅମିତ୍ରାକ୍ଷର ଛନ୍ଦ ଆଜି

Digitized by PPRACHIN, SOA

ଛନ୍ଦଯୁକ୍ତ ପ୍ରଥାରେ ପହଞ୍ଚିଛି । ଗଦ୍ୟ ପଦ୍ୟ ମଧ୍ୟରେ ପ୍ରଭେଦ ଲୋପ ପାଇଯାଉଛି । ଏସବୁ ନୀଳକଣ୍ଠଙ୍କ କଠୋର ସମାଲୋଚନାର ବିଷୟ ବସ୍ତୁ ହୋଇଥାନ୍ତା ।

ନୀଳକଣ୍ଠ ଜଣେ ସିଦ୍ଧହସ୍ତ ପ୍ରବନ୍ଧ ଲେଖକ ଥିଲେ । ତାଙ୍କର ପ୍ରବନ୍ଧମାନ ତତ୍କାଳୀନ 'ସତ୍ୟବାଦୀ' ପତ୍ରିକାରେ ପ୍ରକାଶିତ ହେଉଥିଲା ଏବଂ "ନବଭାରତ" ପତ୍ରିକାରେ ମଧ୍ୟ ପ୍ରକାଶିତ ହେଉଥିଲା । ଏସବୁର ସଂକଳନ ଆବଶ୍ୟକ ।

ସାହିତ୍ୟ କ୍ଷେତ୍ରକୁ ନୀଳକଣ୍ଠଙ୍କର ସର୍ବଶ୍ରେଷ୍ଠ ଅବଦାନ ହେଉଛି ତାଙ୍କର 'ଆତ୍ମଜୀବନୀ' । ତାଙ୍କ ଲିଖିତ ପୂର୍ବ ପ୍ରବନ୍ଧମାନଙ୍କ ଭାଷା ଠାରୁ ଏହାର ଭାଷା ସ୍ୱତନ୍ତ୍ର ଓ ସରଳ ।

ସାହିତ୍ୟ, ଇତିହାସରେ "ସତ୍ୟବାଦୀ ଯୁଗ" ବୋଲି ଯାହାକୁ ନିର୍ଦ୍ଦିଷ୍ଟ କରାଯାଏ ସେ ଯୁଗର ପ୍ରତୀକ ନୀଳକଣ୍ଠ ଏବଂ ତାଙ୍କ ସାଙ୍ଗକୁ ପଣ୍ଡିତ ଗୋଦାବରୀଶ ମିଶ୍ର । ସେ ଯୁଗ ବର୍ତ୍ତମାନ ସୁଦୂର ଅତୀତ, ସ୍ୱାଧୀନୋତ୍ତର ସାହିତ୍ୟ ପକ୍ଷରେ ସେ ଯୁଗର ସାହିତ୍ୟ ପ୍ରାଚୀନ ସାହିତ୍ୟରୂପେ ବିବେଚିତ ହେଲଣି । ସାମାଜିକ ପରିସ୍ଥିତି ଯେପରି କ୍ଷିପ୍ର ଗତିରେ ବଦଳୁଛି, ସାହିତ୍ୟ ଗତି ସେପରି ପରିବର୍ତ୍ତିତ ହେଉଛି । ପାଞ୍ଚବର୍ଷ ତଳର ଲେଖା ଆଜି ପ୍ରାଚୀନ ବୋଲି ମନେ ହେଉଚି, ପୁଣି ବିଶ୍ୱ ସାହିତ୍ୟ ସଙ୍ଗେ ଓଡ଼ିଆ ସାହିତ୍ୟକୁ ତୁଳନା କଲେ ଦୁଃଖର ସହିତ କହିବାକୁ ହେବ, ଆମେମାନେ ଆଣବିକ ଯୁଗର ପୂର୍ବାବସ୍ଥାରେ ଅଛୁ । କିନ୍ତୁ ଓଡ଼ିଆ ସାହିତ୍ୟ ଅଗ୍ରସର ହେଉଛି । ଏହାର ଗତି ଆହୁରି କ୍ଷିପ୍ର ହେଉ,ଏହାହିଁ କାମନା ।

[ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପ୍ରଦତ୍ତ ପଣ୍ଡିତ ନୀଳକଣ୍ଠ ସ୍ମାରକୀ ବକ୍ତୃତା ମାଳାର ସାରାଂଶ]

ଗଉର, ଶଙ୍କର, ବୁଦ୍ଧ ଲୋଡ଼ାନାହିଁ ମୋର;
ନାହିଁ ଲୋଡ଼ା ପୁରାଣର ପ୍ରଥିତ ବଚନ;
ପାତଂଜଳ ନୀତିତନ୍ତ୍ର, ଚାର୍ବାକ ଚହଳ,
ସମାଜର ବିଧିବଦ୍ଧ ଧର୍ମ ଅନୁଷ୍ଠାନ;
ତୁମ୍ଭରି ଜଗତ ଭାସେ
ପ୍ରକୃତିର ଚାରୁହାସେ,
କେମନ୍ତେ ଦେଖିବି, କହ ସେ ହାସ ନିଦାନ ?

(ନୀଳକଣ୍ଠ—ଭକ୍ତିଗାଥା)

Digitized by PPRACHIN, SOA

# ଜାତୀୟତାବାଦୀ ମନୀଷୀ ନୀଳକଣ୍ଠ

ଡଃ ରାଧାନାଥ ରଥ

[ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପ୍ରଦତ୍ତ ପ୍ରଥମ ନୀଳକଣ୍ଠ ସ୍ମାରକୀ ବକ୍ତୃତା ମାଳାର କିୟଦଂଶ ଓଡ଼ିଆରେ ଅନୁବାଦିତ]

ପଣ୍ଡିତ ନୀଳକଣ୍ଠ, ତାଙ୍କ ଗୁରୁ ଓ ସହଯୋଗୀମାନଙ୍କର ଜୀବନ ଓ କାର୍ଯ୍ୟାବଳୀ ଓଡ଼ିଆ ଇତିହାସର ଏକ ଉଜ୍ଜ୍ୱଳତମ ଅଧ୍ୟାୟ । ତାଙ୍କ ବିୟୋଗରେ ଏହି ଇତିହାସର ପରିସମାପ୍ତି ଘଟିଲେ ମଧ୍ୟ ସେ ଯାହାଙ୍କୁ ଭଲ ପାଉଥିଲେ ଏବଂ ଯେଉଁ ଲୋକମାନଙ୍କର ଦୀର୍ଘଦିନ ଧରି ସେବା କରିଥିଲେ, ସେମାନଙ୍କର ମନ ଏବଂ ହୃଦୟରେ ତାଙ୍କର ସୁଖଦ ସ୍ମୃତି ସଦା ଜାଗରୁକ ହୋଇ ରହିଛି । ଓଡ଼ିଶାର ଏହି ଜାତୀୟବାଦୀ ମନୀଷୀଙ୍କର ସ୍ୱପ୍ନ କେତେଦୂର ସତ୍ୟରୂପେ ପ୍ରମାଣିତ ହୋଇଛି କିମ୍ବା ଯଦି ନ ହୋଇଛି, ତହିଁର କାରଣ କ'ଣ, ଏ ସମ୍ପର୍କରେ ଆଗାମୀ ବଂଶଧରଙ୍କର ପର୍ଯ୍ୟାଲୋଚନା କରିବା ଆବଶ୍ୟକ ହୋଇ ପଡ଼ିଛି ।

ପଣ୍ଡିତ ନୀଳକଣ୍ଠ ୩୦।୧୨।୫୯ ତାରିଖରେ କଟକରେ ଅନୁଷ୍ଠିତ ହୋଇଥିବା ନିଖିଳ ଭାରତର ଦର୍ଶନ କଂଗ୍ରେସର ଅଧିବେଶନରେ ସଭାପତିତ୍ୱ କରି 'ଓଡ଼ିଶାର ଧର୍ମ ଓ ଦର୍ଶନର କ୍ରମ-ବିକାଶ' ଉପରେ ଯେଉଁ ପ୍ରବଚନ ଦେଇଥିଲେ, ତାହା ଆଜି ମୋର ମନେ ପଡ଼ି ଯାଉଛି । ସେହି ପ୍ରବଚନରେ ଜଗନ୍ନାଥ ଧର୍ମ-ତତ୍ତ୍ୱ ସମ୍ପର୍କରେ ଯେଉଁ ବିଶଦବ୍ୟାଖ୍ୟା ତଥା ସୁସ୍ପଷ୍ଟ ତଥ୍ୟମାନ ସେ ଉପସ୍ଥାପିତ କରିଥିଲେ, ତାହା ବହୁ ଭାବରେ ମୌଳିକ ତଥ୍ୟପୂର୍ଣ୍ଣ ତଥା ଭାବୋଦ୍ଦୀପକ ହୋଇଥିଲା । ଅନ୍ୟତ୍ର ଏଥିର ଆଲୋଚନା କରଯାଇପାରେ ।

## ଓଡ଼ିଆଭାଷା ଓ ସଂସ୍କୃତି-ନୀଳକଣ୍ଠଙ୍କ ଉପାଦାନ :

ପଣ୍ଡିତଜୀ ଓଡ଼ିଆ ଭାଷା ଓ ସଂସ୍କୃତି ବିଷୟରେ ଅତି ମୌଳିକ ତଥ୍ୟପୂର୍ଣ୍ଣ ଆଲୋଚନା ଓ ଯୋଜନାବଦ୍ଧ ପ୍ରକଳ୍ପ ଉପସ୍ଥାପିତ କରିଅଛନ୍ତି । ଏଥିରେ ଓଡ଼ିଆ ଭାଷା ଓ ସାହିତ୍ୟ ବିକାଶର ମୌଳିକ ତତ୍ତ୍ୱ ଓ ତହିଁର କ୍ରମ ପରିଣାମ ସେ ଦର୍ଶାଇ ଅଛନ୍ତି । ପୁଣି ତହିଁର

Digitized by PPRACHIN, SOA

ଐତିହାସିକ ଭିତ୍ତି ଉନ୍ମୋଚନ କରି ଉତ୍ତର ଓ ଦକ୍ଷିଣ ଓଡ଼ିଶାକୁ ପ୍ରଥମେ ଉତ୍କଳ ବା ଉତ୍କଳ ବୋଲି କୁହାଯାଉଥିବାର ସେ ପ୍ରମାଣ କରିଛନ୍ତି । ସେ ଦର୍ଶାଇଛନ୍ତି ଯେ ଏକ ସମୟରେ ବିଶେଷତଃ ସିଦ୍ଧାର୍ଥ ବୁଦ୍ଧଙ୍କ ସମୟରେ ବୌଦ୍ଧ ଧର୍ମ ପ୍ରଚାର କାଳରେ ଏହି ଉତ୍କଳ ଗୟାଠାରୁ ପୂର୍ବ ଉପକୂଳ ଯାଏ ବିସ୍ତୃତ ଥିଲା । ଏହା 'ଗଡ଼'କୁ ଲାଗିକରି ଥିଲା । ଏହି 'ଗଡ' ଶବ୍ଦଟି ଗଟ ବା ଗଷ୍ଟର ଅପଭ୍ରଂଶ । ଟଲେମିଂକ ଭୁଗୋଳ ଉପରେ ଜେରିନି ଲେଖିଥିବା ଭାଷ୍ୟରୁ ଜଣାଯାଏ, ଖ୍ରୀଷ୍ଟପୂର୍ବ ସପ୍ତମ ଶତକରେ ବ୍ରହ୍ମଦେଶ ଉପକୂଳବର୍ତ୍ତୀ କଳିଙ୍ଗବାସୀମାନେ ବସବାସ କରି ରହିଥିବା ଭୂମିଖଣ୍ଡର ସଲଗ୍ନ ଭୂଖଣ୍ଡ 'କଳିଙ୍ଗଗଟ' ବୋଲି ନାମିତ ହୋଇଥିଲା । ବ୍ରହ୍ମଦେଶର ଏହି ଉପକୂଳରେ କଳିଙ୍ଗ ଅଧିବାସୀମାନେ ଉପନିବେଶ ସ୍ଥାପନ କରିଥିଲେ । ତତ୍‌କାଳୀନ କଳିଙ୍ଗକୁ ସଲଗ୍ନ ଜଙ୍ଗଲ ଅଞ୍ଚଳକୁ 'କଳିଙ୍ଗଗଟ' ବୋଲି କୁହାଯାଉଥିବା କଥାଟି ନିଃସନ୍ଦେହରେ ଅନୁମାନ କରଯାଇପାରେ । ଏହି ଉତ୍କଳଗଟ ଦୁଇଟି ଅଞ୍ଚଳରେ ବିଭକ୍ତ ହୋଇଥିଲା । ଉକ୍ଳ ବା ଉତ୍କଳ ଏବଂ ଗଟ ଅଥବା ଗଡ । ଏହି ଗଡରେ ପଶ୍ଚିମବଙ୍ଗର କିମ୍ବା ମେଦିନୀପୁର, ବାଙ୍କୁଡ଼ା, ବୀର-ଭୂମିର ପୂର୍ବପଟ ସମେତ ଆଧୁନିକ ପଶ୍ଚିମବଙ୍ଗର ପଶ୍ଚିମାଞ୍ଚଳ ଅନ୍ତର୍ଭୁକ୍ତ ଥିଲା । ଏସବୁ ଅଞ୍ଚଳରେ ଶବର ଓ ଓଡ଼ମାନେ ମିଶାମିଶି ହୋଇଯାଇଥିଲେ । ପୁଣି ଓଡ଼ିୟାନ କିମ୍ବା ପ୍ରାଚୀନ ଦକ୍ଷିଣ କୋଶଳ ବା କୋଶଳ ଅଂଶରେ ଶବରମାନେ ମଧ୍ୟ ଥିଲେ । ଏହି ଶବରଙ୍କର ଓଡ଼ଙ୍କ ସହ ମିଶ୍ରଣ ଘଟିଥିଲା । ଶବର ବା ଓଡ଼–ଶବରଙ୍କର ପୂର୍ବାଞ୍ଚଳ ଅର୍ଥାତ୍ ଉତ୍କଳ, ଗଡ଼, ପୂର୍ବବଙ୍ଗ, ଆସାମ ଅଧୀବାସୀଙ୍କ ସହ ସାମାଜିକ ସମ୍ପର୍କ ପ୍ରତିଷ୍ଠା ହୋଇଥିଲା । ମନେହୁଏ ଏହି ଶବର ବଂଶଧରମାନେ ନିଜ ଭାଷା ଓ ସାମାଜିକ ଚଳଣି ନେଇ ଅଧିକ ପୂର୍ବ ଅଞ୍ଚଳକୁ ମାଡ଼ିଯାଇ ବସବାସ କଲେ । ସେହି ଅଞ୍ଚଳରେ ସମୁଦ୍ର ପଥବାଟେ ଆସି ଅଷ୍ଟ୍ରିକ ଲୋକେ ମଧ୍ୟ ବସବାସ କରୁଥିଲେ । ଅଷ୍ଟ୍ରିକ ଲୋକେ ନିଜ ଗନ୍ତବ୍ୟ ପଥରେ କଳିଙ୍ଗ ଉପକୂଳରେ ରହିଥିବାର କେତେକ ଶଙ୍କୁ ରଖିଯାଇଛନ୍ତି । ପୂର୍ବ ଭାରତର କୋଲ, ସାନ୍ତାଳ, ଖାସିଆ, ନାଗା ପ୍ରଭୃତି ଏହି ଅଷ୍ଟ୍ରିକ ଅଧିବାସୀଙ୍କ ଭିତରେ ଅନ୍ତର୍ଭୁକ୍ତ । ଏହିପରି ଶବରମାନେ କ୍ରମେ ଜଳ ଓ ସ୍ଥଳଭାଗବାଟେ ଇଣ୍ଡୋନେସିଆ ଓ ପୂର୍ବଭାରତୀୟ ଦ୍ୱୀପପୁଞ୍ଜ ଏବଂ ସମ୍ଭବତଃ ଆମେରିକା ମହାଦେଶକୁ ମଧ୍ୟ ଯାଇଥିଲେ । କିନ୍ତୁ ଏଠାରେ ଉଲ୍ଲେଖ କରଯାଇପାରେ ଯେ ଇଜିପ୍ଟର ଲୋକେ ଓ ପରେ ଭାରତୀୟମାନେ ବହୁ ଶତାବ୍ଦୀ ଧରି ପୂର୍ବଦ୍ୱୀପପୁଞ୍ଜକୁ ଯାଇ ବସବାସ କରିଥିବାର ପ୍ରମାଣ ମଧ୍ୟ ଫ୍ରେଜରଙ୍କ ଲିଖିତ Golden Bough ରୁ ମିଳୁଚି ।

ଏହି ଓଡ଼ିଆଭାଷୀ ଲୋକେ ପୁରାତନ ଓ ମଧ୍ୟଯୁଗରେ ତିନିଭାଗରେ ବିଭକ୍ତ ହୋଇ ବହୁ ପ୍ରାଚୀନ କାଳରୁ ତିନୋଟି ମୁଖ୍ୟ ଧର୍ମରେ ଦୀକ୍ଷିତ ହୋଇଥିବାର ଜଣାଯାଏ ।

Digitized by PPRACHIN, SOA

(୧) ବ୍ୟକ୍ତିଧର୍ମ (Authoratative Religion) (୨) ବୈଜ୍ଞାନିକ ବା ଯୁକ୍ତିମୂଳକ ଧର୍ମ (୩) ତାଂତ୍ରିକ ଧର୍ମ । ଏସବୁ ବିଷୟରେ ଆଲୋଚନା କରିବା ପୂର୍ବରୁ ଆର୍ଯ୍ୟମାନଙ୍କର ଏ ଦେଶକୁ ଆଗମନ, ସେମାନଙ୍କର ଭାଷା ଓ ଧର୍ମମତ ପ୍ରଚାର ବିଷୟ ବିଚାରକୁ ନେବା ଉଚିତ । କାରଣ, ଭାରତର ଭାଷା, ସଂସ୍କୃତି ଭିତରେ ଏହି ଆର୍ଯ୍ୟଭାଷାର ସ୍ପଷ୍ଟ ସଙ୍କେତ ଦେଖିବାକୁ ମିଳେ ।

ଆର୍ଯ୍ୟମାନେ ଭାରତରେ ପ୍ରବେଶ କରିବା ସମୟରେ ଶବରମାନେ ବଣ ଜଙ୍ଗଲକୁ ସେମାନଙ୍କର ଘାଟି କରି ରହିଥିଲେ । ଦ୍ରାବିଡ଼ମାନେ ଅଧିକ ପ୍ରଗତିଶୀଳ ସଭ୍ୟତାକୁ ଧରି ଏ ଦେଶରେ ପ୍ରତିଷ୍ଠିତ ହୋଇଥିବାର ପ୍ରମାଣ ମହେଂଜୋଦାରୋରୁ ମିଳେ । ଆର୍ଯ୍ୟମାନେ ଉତ୍ତର ପଶ୍ଚିମ ସୀମାନ୍ତ ଅଞ୍ଚଳରୁ ପ୍ରବେଶ କରି ହିଂଦୁକୁଶ ଓ ହିମାଳୟର ଗିରିସଙ୍କଟ ବାଟେ ପଞ୍ଜାବ ଓ ଗାଙ୍ଗେୟ ସମଭୂମିରେ ପ୍ରବେଶ କରିଥିଲେ । ହୋରନ୍‌ଲେ ଓ ଗ୍ରୀୟରସନ୍ ଆଦି ଭାଷାବିତ୍‌ମାନଙ୍କ ମତରେ ସେମାନେ ସମୟକ୍ରମେ ଦୁଇଟି ଦଳରେ ଆସି ଭାରତରେ ପ୍ରବେଶ କରିଥିଲେ । ପ୍ରଥମ ଦଳରୁ ଅଧିକାଂଶ ଭାରତଭୂମିରେ ପ୍ରବେଶ କରି ଶବର ଓ ଦ୍ରାବିଡ଼ମାନଙ୍କ ପରି ଅନାର୍ଯ୍ୟଙ୍କ ସହ ଏକାକାର ହୋଇଯାଇଥିଲେ । ଏହି ମିଶ୍ରିତମାନଙ୍କୁ ବ୍ରାତ୍ୟ (Vratya) ବୋଲି କୁହାଯାଏ । ଏହାପରେ ଯେଉଁ ଦ୍ୱିତୀୟ ଦଳଟି ଆସିଲେ, ସେମାନେ ନିଜର ବୈଦିକ ସଂସ୍କୃତି, ଧର୍ମ ଓ ସମାଜକୁ ଅଧିକ ଜାବୁଡ଼ି ଧରି ଜଗିରଖି ଚଳିଲେ । ସେମାନେ ବୈଦିକ କର୍ମକାଣ୍ଡ ଓ ଉତ୍ସବାଦି ଅଧିକ ନିଷ୍ଠାର ସହ ପାଳନ କଲେ ଏବଂ ଜାତିଭେଦ ପରି ସାମାଜିକ ବିଧିବିଧାନ ଓ ଆର୍ଯ୍ୟ ଅନୁଷ୍ଠାନମାନଙ୍କର ବିକାଶ ସାଧନ କଲେ । କିନ୍ତୁ ଅଧ୍ୟାପକ ଉଯେବର ଓ ଡ଼କ୍‌ଟର ସୁନୀତି କୁମାର ଚାଟର୍ଜି ପ୍ରଭୃତି ଏହି ମତକୁ ସମର୍ଥନ କରୁନାହାନ୍ତି । ସେମାନେ କହନ୍ତି, ଆର୍ଯ୍ୟମାନେ ଦଳ ଦଳ ହୋଇ ଅନେକ ଦଳରେ ଆସି ବିଭିନ୍ନ ପଥଦେଇ ଭାରତରେ ପ୍ରବେଶ କରିଥିଲେ । ପ୍ରଥମରେ ପ୍ରବେଶ କରିଥିବା ବିଭିନ୍ନ ଦଳ ଭାରତରେ ବିଛେଇ ହୋଇଥିଲେ । ସେମାନେ ଶବର ଓ ଦ୍ରାବିଡ଼ଙ୍କ ସହ ମିଶିଯିବା ଫଳରେ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଭାରତୀୟ ବୋଲି କୁହାଗଲା । ପରବର୍ତ୍ତୀ ପ୍ରବେଶକାରୀ ଆର୍ଯ୍ୟମାନେ ନିଜ ନିଜର ସ୍ୱାତଂତ୍ର୍ୟ ରକ୍ଷା କରିବାରେ ଅଧିକ ଯତ୍ନଶୀଳ ହୋଇଥିଲେ । ଏସବୁ କଥାରୁ ମନେହୁଏ, ଆର୍ଯ୍ୟମାନେ ଦଳ ଦଳ ହୋଇ ବିଭିନ୍ନ ସମୟରେ ଭାରତରେ ପ୍ରବେଶ କରିଥିଲେ ।

ଭାରତର ପ୍ରଚଳିତ ଭାଷାର ବିଚାରରେ ଦଳଦଳ ହୋଇ ଆସିଥିବା ଆର୍ଯ୍ୟମାନଙ୍କ ମଧ୍ୟରେ ଅଧିକ ସଭ୍ୟ ଶ୍ରେଣୀଭୁକ୍ତ ହୋଇଥିବା ଲୋକଙ୍କ ଭାଷା ତଥା ସେମାନଙ୍କ ସଂସ୍କୃତି-ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କ ଭାଷାକୁ କେବଳ ଅନ୍ତର୍ଭୁକ୍ତ କରାଯାଏ । ଏହି ଭାବରେ ଆର୍ଯ୍ୟମାନଙ୍କର ମିଶ୍ରିତ ହୋଇଯାଇଥିବା ଭାଷାକୁ ଆମେ ତିନୋଟି ସଂସ୍କୃତି-ସମ୍ପନ୍ନ

Digitized by PPRACHIN, SOA

ଭାଷାରୂପ ବିଗ୍ରହକୁ ନେଇ । ଆମେ ଦେଖୁ, ସମଗ୍ର ଭାରତରେ ପ୍ରଥମେ ନିଷାଦ ବା ଶବରଙ୍କ ଭାଷା ପ୍ରଚଳିତ ଥିଲା । ଅଧିକ ସଭ୍ୟ ଓ ସମ୍ପନ୍ନ ଦ୍ରାବିଡ଼ମାନେ ଆସି ସେମାନଙ୍କୁ ଜଙ୍ଗଲ ଓ ପାହାଡ଼ ଅଞ୍ଚଳକୁ ତଡ଼ିଦେଲେ । ପରେ ଯେଉଁ ଆର୍ଯ୍ୟମାନେ ଆସିଲେ, ସେମାନେ ନିଷାଦ ଓ ଦ୍ରାବିଡ଼ମାନଙ୍କର କେତେକ ପ୍ରଚଳିତ ଭାଷା ଓ ଶବ୍ଦାଦି ଗ୍ରହଣ କରିନେଲେ ଓ ଏମାନଙ୍କୁ ଦକ୍ଷିଣଭାରତ, ବିଶେଷତଃ ତାମିଲ ରାଜ୍ୟକୁ ଘଉଡ଼ାଇ ଦେଲେ । ଏବେ ବି ସେ ତାମିଲ ଅଞ୍ଚଳର ଅଧିବାସୀମାନେ ଆର୍ଯ୍ୟ ଶବ୍ଦମାନଙ୍କରୁ ଅପଭ୍ରଂଶ ହୋଇଥିବା ଶବ୍ଦମାନ ବହୁଳ ଭାବରେ ବ୍ୟବହାର କରିଆସୁଛନ୍ତି । ଏଠାରେ ଲକ୍ଷ୍ୟ କରାଯାଏ ଯେ, 'ମିଶ୍ର' ବ୍ୟଞ୍ଜନବର୍ଣ୍ଣ ଉଚ୍ଚାରଣର କେତେକ ପ୍ରଭେଦ ରହିଛି । ଏ ସମ୍ପର୍କରେ ଦୁଇଟି ଉଦାହରଣ ଦିଆଯାଇପାରେ । ଆର୍ଯ୍ୟଭାଷାର 'ଶ୍ରୀ' ଓ 'ଶ୍ରୀପତି,' ଦ୍ରାବିଡ଼ରେ ଯଥାକ୍ରମେ 'ତିରୁ' ଓ "ତିରୁପତି" ହୋଇଅଛି । ଏହି ଦୁଇଟି ପ୍ରଧାନ ଭାରତୀୟ ଭାଷା ମଧ୍ୟରେ ପଦବିନ୍ୟାସ, ପଦଯୋଜନା ଆଦିରେ ବେଶି ପ୍ରଭେଦ ନାହିଁ । ପରସ୍ପର ଆଦାନପ୍ରଦାନ ସୂତ୍ରରେ ବହୁ ଶବ୍ଦ, ଶବ୍ଦରୂପ, ଖଣ୍ଡବାକ୍ୟ, ଉଚ୍ଚାରଣ, ବିଭକ୍ତିଗତ ଚିହ୍ନ ଆଦି ଉଭୟ ଭାଷାରେ ପ୍ରାୟ ସମାନ ରହିଯାଇଛି । ଏପରିକି ମୂଳଧାତୁରୁ ଉତ୍ପନ୍ନ ଶବ୍ଦମାନ ଗୋଟିଏ ଭାଷାରୁ ଅନ୍ୟଟିରେ ପୃଥକ ରହିନାହିଁ । ଏ ସମ୍ପର୍କରେ କଲଡ୍‌ୱେଲ ସାହେବ ଗୋଟିଏ ଉଦାହରଣ ଦେଇଛନ୍ତି, ଯେଉଁ ଦ୍ରାବିଡ଼ ରୀତିଟି କେବଳ ଓଡ଼ିଆ ଭାଷାରେ ଦେଖାଯାଏ । ଏହା ଉତ୍ତମ ପୁରୁଷ ବହୁବଚନର କ୍ରିୟାର ବ୍ୟବହାରରେ । ଏଥିରେ ଗୋଟିକରେ, ଯାହାକୁ କୁହାଯାଉଛି ସେ ଅନ୍ତର୍ଭୁକ୍ତ ଅନ୍ୟଟିରେ ସେ ଅନ୍ତର୍ଭୁକ୍ତ ନୁହେଁ । ଉଦାହରଣ ସ୍ୱରୂପ ଓଡ଼ିଆରେ ଉତ୍ତମ ପୁରୁଷ ବହୁବଚନ "ଆମେ" ରେ ଦୁଇଟି କ୍ରିୟାର ପ୍ରୟୋଗ ଅଛି । ଯଥା:- "ଆମେ ଯିବା," "ଆମେ ଯିବୁ" । ଏ ପ୍ରକାର ପ୍ରୟୋଗ ଓଡ଼ିଶାର କଳିଙ୍ଗ ଓ କୋଶଳ ଅଞ୍ଚଳରେ ଲକ୍ଷ୍ୟ କରାଯାଏ । ଏହି ଆଦାନ ପ୍ରଦାନ ଭିତରେ ଆର୍ଯ୍ୟ ଓ ଦ୍ରାବିଡ଼, କିଏ କାହାଠାରୁ କେଉଁ କେଉଁ ଶବ୍ଦ ଗ୍ରହଣ କରିଛନ୍ତି, ତାହା ନିଶ୍ଚିତ ଭାବେ ଜଣାପଡ଼େ ନାହିଁ । ଉଚ୍ଚାରଣଗତ କେତେକ ସ୍ପଷ୍ଟ ସଙ୍କେତ ଲକ୍ଷ୍ୟ କରାଯାଏ । 'ଶ୍ରୀ' ଓ 'ତିରୁ' ଶବ୍ଦ କଥା ପୂର୍ବେ କୁହାଯାଇଛି । ସେହିପରି 'ର' ଉଚ୍ଚାରଣ 'ରି' ନ ହୋଇ 'ରୁ' ହୁଏ । ଏହା ଖୁବ୍ ସମ୍ଭବ ଦ୍ରାବିଡ଼ ଭାଷା ପ୍ରଭାବରେ ହୋଇଥାଏ । ଓଡ଼ିଆ ଛଡ଼ା ମରହଟ୍ଟି ଓ ସମ୍ଭବତଃ ଗୁଜୁରାଟି ଭାଷାରେ ଏହି ବିଶେଷତ୍ୱ ରହିଛି । 'ଜଣେ' ଶିକ୍ଷାବିତ୍ ଓ ବିଦ୍ୱାନ ଭାବେ ପଣ୍ଡିତ ନୀଳକଣ୍ଠଙ୍କର ଓଡ଼ିଆ ସାହିତ୍ୟ ପ୍ରତି ଅବଦାନ ଅନନ୍ୟ ସାଧାରଣ ହେଲେ ହେଁ ଆଧୁନିକ ଓଡ଼ିଆ ସାହିତ୍ୟର ସମାଲୋଚନାମୂଳକ ସମୀକ୍ଷା ଓ ଅନ୍ୟାନ୍ୟ ଭାରତୀୟ ସାହିତ୍ୟର ତୁଳନାତ୍ମକ ବିଚାରଧାରା ସମ୍ବନ୍ଧରେ ତାଙ୍କର ଜ୍ଞାନ ଆହୁରି ଅଧିକ ଉଚ୍ଚ କୋଟିର ଥିଲା । ତାଙ୍କ ଜ୍ଞାନର ପରିବ୍ୟାପ୍ତି ସମ୍ବନ୍ଧରେ ଏଠି ଅଧିକ କହିବାର ଅବକାଶ ନାହିଁ ।

Digitized by PPRACHIN, SOA

## ବୈଧାନିକ ନୀଳକଂଠ :

ପଣ୍ଡିତଜୀଙ୍କ ରାଜନୀତିକ ଜୀବନଧାରା ମଧ୍ୟରେ ତାଙ୍କର ବୈଧାନିକ ଜୀବନ ଓ କାର୍ଯ୍ୟାବଳି ବିଶେଷଭାବେ ଲକ୍ଷ୍ୟ କରିବାର ଅଛି । ପଣ୍ଡିତଜୀ କେନ୍ଦ୍ର ବ୍ୟବସ୍ଥାପକସଭାର ସ୍ୱରାଜ୍ୟ ଦଳର ସେକ୍ରେଟେରୀ ଜେନେରାଲ ଭାବେ ଏକ ଐତିହାସିକ ପରମ୍ପରା ସୃଷ୍ଟି କରିଥିଲେ । ତା ୪ । ୨ । ୧୯୨୯ ଖ୍ରୀଷ୍ଟାବ୍ଦରେ "ସାଧାରଣ ନିରାପତ୍ତା ବିଲ୍" ନେଇ କେନ୍ଦ୍ର ବ୍ୟବସ୍ଥାପକସଭାରେ ବିତର୍କ ହୋଇଥିଲା । ସେ ସମ୍ପର୍କରେ ପଣ୍ଡିତ ନୀଳକଣ୍ଠ ନିର୍ଭୀକ ଭାବେ ଯେଉଁ ବକ୍ତୃତା ଦେଇଥିଲେ, ତାହା ପଢ଼ିଲେ ଜଣାଯାଏ ସେ ନିଜର ରାଜନୀତିକ ମତବାଦ ଦୃଢ଼ଭାବରେ ଉପସ୍ଥାପିତ କରି ଇଂରେଜ ସରକାରଙ୍କ "ଡ଼ିଭାଇଡ୍ ଆଣ୍ଡ ରୁଲ୍" (ବିଭାଜନ ଭିତ୍ତିରେ ଶାସନ) ନୀତିର ନଗ୍ନରୂପ ପଦାରେ ପକାଇ ଦେଇଥିଲେ । ସାଧାରଣ ଜନମତ ପ୍ରକାଶ କରିବାରେ ତୁଣ୍ଡି ବାନ୍ଧିଦେବା ଓ ଇଂରେଜି ଶାସନ ବିରୋଧୀ କାର୍ଯ୍ୟକଳାପ ବନ୍ଦ କରିବାରେ ସରକାରୀ ନୀତିର ସେ ଘୋର ପ୍ରତିବାଦ କରି ଏକ ସାରଗର୍ଭକ ବକ୍ତୃତା ଦେଇଥିଲେ ।

ଆମର ଏବର କେତେକ ରାଜନୀତିଜ୍ଞ ଦଳୀୟ ଶୃଙ୍ଖଳା ନାମରେ ନିଜର ବିବେକ ଓ ଚିନ୍ତାକୁ ବଳିଦେଇ ଅନେକ ସମୟରେ ଯୁକ୍ତିଯୁକ୍ତ ଓ ବାସ୍ତବ କଥା ନ କହି ନାନା ଛଳନାପୂର୍ଣ୍ଣ ଶବ୍ଦର ପ୍ରୟୋଗ କରିଥାନ୍ତି । ସେମାନଙ୍କ ପାଇଁ ଉକ୍ତ ବକ୍ତୃତାଟି ବିଶେଷ ଆକର୍ଷଣୀୟ ହେବବୋଲି ମୁଁ ନିମ୍ନରେ ତହିଁର କେତେକାଂଶ ଉଦ୍ଧାର କରୁଛି ।

"କମ୍ୟୁନିଜିମ୍ ଏଠାକୁ ଆସିଯାଇଛି । ମୁଁ ଜାଣେ ପୃଥିବୀର ସାମ୍ରାଜ୍ୟବାଦ ଓ ପୁଂଜିବାଦର ଶିବିରରେ ଏହି ଶବ୍ଦଟି ଭୟ ଓ ସନ୍ତ୍ରାସ ସୃଷ୍ଟି କରିଥାଏ । ଏକ ନୂତନ ଆଦର୍ଶ ବିଶ୍ୱ ସଭ୍ୟତାର ବାହକ, ଏହି କମ୍ୟୁନିଜିମ୍ ଦିଗ୍‌ବଳୟରେ ତାର ଉଦୟ ସଂକେତ । ଏହା ଏବେ ଆସି ଉପସ୍ଥିତ । ସମୟକ୍ରମେ ଏହା ପରିବ୍ୟାପ୍ତ ହେବ । ଅତୀତରେ ପୃଥିବୀକୁ ଯେତେ ଆଦର୍ଶ ଆସିଛି, ସେଥିରେ ଏହା କିଛି ପରିବର୍ତ୍ତନ ଘଟାଇବ । ଏଥିରେ ସଂଦେହର ଅବକାଶ କେଉଁଠି ?

ପୁରୁଣା ଇତିହାସକୁ ଫେରି ଚାହିଁଲେ ଦେଖାଯିବ, ଯେତେବେଳେ କୌଣସି ନୂତନ ଆଦର୍ଶର ଅଭ୍ୟୁଦୟ ଘଟେ, ସେତେବେଳେ ପୁରାତନ ପାଇଁ କିଛି ବିପଦ ସୃଷ୍ଟି ହୁଏ । ପୁରାତନ ଅବସ୍ଥାର ଯେଉଁମାନେ ଲାଭ ଉଠାଉଥାନ୍ତି, ସେମାନେ ନୂତନର ପ୍ରବଳ ବିରୋଧ କରନ୍ତି । ବ୍ଲଡ଼ି ମେରୀ (Bloody Mary) ଙ୍କ ରାଜତ୍ୱ କାଳରେ ସ୍ମିଥ୍ ଫିଲ୍ଡ଼ (Smith Field) ର ହତ୍ୟାକାଣ୍ଡ ଘଟିଥିଲା । ବିଧର୍ମୀ ହତ୍ୟାକାଳରେ ଏହିଭଳି କଠୋର

Digitized by PPRACHIN, SOA

ଶାସ୍ତି ବିଧାନର ବ୍ୟବସ୍ଥା ହୋଇଥିଲା । ତଥାପି ପ୍ରୋଟେଷ୍ଟାଣ୍ଟ (Protestant) ଧର୍ମ ମରି ନଥିଲା । ଗାଲିଲିଓଙ୍କୁ ଯେଉଁ ପୋପ୍ ଜେଲଦଣ୍ଡ ଦେଇଥିଲେ, ସେ, ନା ଗାଲିଲିଓ କିଏ ଆଜି ଅମର ହୋଇ ରହିଛନ୍ତି ?

କମ୍ୟୁନିଜିମ୍‌ର ଅଭ୍ୟୁଦୟକାଳ ଉପସ୍ଥିତ । ଏ କଥା କେହି ଅସ୍ୱୀକାର କରି ପାରିବେ ନାହିଁ ? ଏହା କିପରି ଆସିଲା ? ରୁଷିଆରେ କିଏ ଏହା ପ୍ରଚାର କଲା ? ସାଇବେରିଆର ବରଫ ଭିତରେ କମ୍ୟୁନିଜିମ୍‌କୁ ବନ୍ଦୀକରି ରଖି ଦିଆଯାଇ ପାରିବ କି ? ଚିରଦିନ ଅନ୍ଧକାରରେ ରଖି ବ୍ରିଟିଶ ସାମ୍ରାଜ୍ୟବାଦୀଙ୍କ ଶୋଷଣ ପାଇଁ ଭାରତକୁ ଆପଣମାନେ ଏକ ହାରେମ୍ (ଅନ୍ତଃପୁର) କରି ରଖି ପାରିବେ ନାହିଁ । ମୁଁ କହେ କମ୍ୟୁନିଜିମ୍ ଆସିଛି, ଆସୁ । ଆମେ ଏଇଠି ତାର ସମ୍ମୁଖୀନ ହେବୁ । ଏଠାରେ ତୁମର (ଇଂରେଜମାନଙ୍କର) ସ୍ଥିତି ବିଷୟରେ ଯଦି ସନ୍ଦେହ ଥାଏ, ସରକାର ଯଦି ଲୋକମତର ବଳିଷ୍ଠ ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇ ନଥାଏ, ଯଦି ଲୋକଙ୍କୁ ବୁଝେଇ ନ ପାରୁ ଯେ ସରକାର ଲୋକଙ୍କ ହିତପାଇଁ କାମ କରୁଛି ଓ ପ୍ରଶାସନ ଦୃଢ ରହିଛି, ସ୍ଥିତାବସ୍ଥା ବଜାୟ ରଖିବା କିପରି ସମ୍ଭବ ହେବ ? ବମ୍ବେ ଉପକୂଳରୁ କମ୍ୟୁନିଜିମ୍ ଓ ସମଧର୍ମୀ ଆଦର୍ଶ ସବୁକୁ ଆପଣମାନେ କଣ ବିତାଡ଼ିତ କରି ପାରିବେ ? ଆପଣମାନେ ଏ ଦେଶରୁ କେତେ ଜଣ ଇଂରେଜ ବା ଇଉରୋପୀୟଙ୍କୁ ଆପଣଙ୍କ ଯୁକ୍ତି ଅନୁସାରେ ତଡ଼ି ଦେଇ ପାରନ୍ତି । ଆପଣମାନେ ଅତି ଉତ୍ସାହରେ ଗଢି ଉଠୁଥିବା ଯୁବଆନ୍ଦୋଳନକୁ କ୍ଷମତା ବଳରେ ଚପାଇ ଦେଇପାରନ୍ତି । କିନ୍ତୁ ଏହା ଫଳରେ କଣ କମ୍ୟୁନିଜିମ୍‌କୁ ଦୂର କରି ଦିଆଯାଇପାରିବ ? ଏହା ଏକ ନୂତନ ଆଦର୍ଶ, ଏହା ଯେତେବେଳେ ସାରା ପୃଥିବୀ ବାୟୁମଣ୍ଡଳରେ ପ୍ରସାରିତ ହୋଇପଡ଼ିବ, ସେତେବେଳେ ତାହା ଭାରତକୁ ଆସିବ, ଯେପରି ଆସିଛି ବିଲାତକୁ ବା ଅନ୍ୟ ଯେ କୌଣସି ଦେଶକୁ ।

ଆପଣମାନେ ଏହାକୁ ଏକ ବିପ୍ଳବ କହନ୍ତି । କିନ୍ତୁ ବିପ୍ଳବ କଣ ? ଜଣେ ଦର୍ଶନ ଛାତ୍ର ଭାବରେ ମୁଁ ବିପ୍ଳବର ଅର୍ଥ ବୁଝି ପାରୁନାହିଁ । ଅଭିଧାନରୁ ମଧ୍ୟ ଏହାର ଠିକ୍ ଅର୍ଥ ମିଳିବ ନାହିଁ । ମୋ ଜାଣିବାରେ ପ୍ରଗତିର ଧାରାରେ ପ୍ରତି ପରିବର୍ତ୍ତନ ହେଉଛି ଏକ କ୍ରମ ପରିଣାମ (evolution) । ଏକ ଭୁଲ ଅର୍ଥରେ ଅବୈଜ୍ଞାନିକ ବ୍ୟାଖ୍ୟା ଉପରେ ବିପ୍ଳବର ଧାରଣା ପ୍ରତିଷ୍ଠିତ । ଗୋଟିଏ ଗଛଗଛ ଓ ଫୁଲର ଦୃଷ୍ଟାନ୍ତ ନିଅନ୍ତୁ; ଯେ କୌଣସି ଉଦ୍ଭିଦବିଜ୍ଞାନୀ କହିବେ ଏହା ପତ୍ରର ଏକ ବିବର୍ତ୍ତିତ ଅବସ୍ଥା । କିନ୍ତୁ ଜଣେ ସାଧାରଣ ଲୋକ ଗଛରେ ଫୁଲ ଫୁଟିବାର ଦେଖିଲେ ତାକୁ ନୂଆ ଲାଗିବ, ଏହାକୁ ସେ ବୃକ୍ଷ ଜୀବନର ଏକ ବିପ୍ଳବ କହିବ । କିନ୍ତୁ ବୈଜ୍ଞାନିକ ଦୃଷ୍ଟିରେ ଏହା ବିବର୍ତ୍ତନର

Digitized by PPRACHIN, SOA

(କ୍ରମ ପରିଣାମ) ଏକ ଧାର । ଏଥିରେ ନୂତନତ୍ୱ କିଛି ନାହିଁ । ତେଣୁ ଯାହା କିଛି ନୂଆ ଦେଖାଦେବ, ତାକୁ ଆପଣ ବିପ୍ଳବ କହି ପାରନ୍ତି । ଅତି ଆଶ୍ଚର୍ଯ୍ୟ କଥା–ଏକାଭଳି ଗୋଟିକ ପରେ ଗୋଟିଏ ପତ୍ର କଅଁଳୁ ଥିଲେ, ଆମେ ତାକୁ ବିବର୍ତ୍ତନ କହୁଁ, ଅଥଚ ଗଛର ଯୌବନ ଅବସ୍ଥା ଆସିଲେ (Summum Bonum) ଫୁଲଟିଏ ଫୁଟିଲେ, ଗଛ ନିଜ ଜୀବନର ସାର୍ଥକତା ଲାଭକଲେ, ତାକୁ କଣ ବିବର୍ତ୍ତନର ଏକ ଧାର କହିବା ନାହିଁ ? କିଏ ଜାଣେ, ହୁଏତ ଏଇ ଯେଉଁ ନୂତନ ଆଦର୍ଶ ଆସୁଛି, ତାହା ମାନବ ସଂସ୍କୃତିର ବିବର୍ତ୍ତନ ଧାରାରେ ଶ୍ରେଷ୍ଠ ଅବସ୍ଥା ଆଣି ଦେଇପାରେ– ଏତେଦିନ ମାନବ ଜାତି ତିଷ୍ଠି ରହିବାରେ ସାର୍ଥକତା ଆଣି ଦେଇପାରେ ? ସାରା ପୃଥିବୀରେ ଏହାକୁ ଥରେ ପରୀକ୍ଷା କରି ଦେଖ ଯାଉ । ଭାରତରେ ମଧ୍ୟ ଥରେ ଏହାର ପରୀକ୍ଷା ହେଉ । ଆମେ ତାର ସମ୍ମୁଖୀନ ହେବା–ଏହାହିଁ ମୁଁ ଆପଣମାନଙ୍କୁ କହିବାକୁ ଚାହୁଁଛି ।”

## ଶିକ୍ଷାବ୍ରତ୍ ଓ ଶିକ୍ଷକ ନୀଳକଂଠ :

ପଣ୍ଡିତଜୀଙ୍କ ଜୀବନୀ ଓ କୃତିର ଏକାନ୍ତ ବିଶେଷତ୍ୱ ହେଉଛି, ସେ ଜଣେ ଶିକ୍ଷକ ଓ ଶିକ୍ଷାବିତ୍ ଭାବେ ପ୍ରଥମ ଜୀବନ ଆରମ୍ଭ କରିଥିଲେ । କଲିକତା ବିଶ୍ୱବିଦ୍ୟାଳୟରୁ ସ୍ନାତକ ଉପାଧି ପାଇବା ପରେ ସେ ତାଙ୍କ ଗୁରୁ ପଣ୍ଡିତ ଗୋପବନ୍ଧୁଙ୍କ ସହଯୋଗିତାରେ ପଛୁଆ ଓ ଅନୁନ୍ନତ ଓଡ଼ିଆଙ୍କ ଭିତରେ ଇଂରେଜଙ୍କ ୧୮୦୩ରେ ଓଡ଼ିଶା ଅଧିକାର କରିବାପରେ ସେମାନଙ୍କ ଦ୍ୱାରା ନୂତନ ହୋଇ ପ୍ରବର୍ତ୍ତିତ ଆଧୁନିକ ଶିକ୍ଷାପଦ୍ଧତି ଢ଼ାଞ୍ଚାରେ ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ଗଢ଼ିବାକୁ ମନସ୍ଥ କରିଥିଲେ । ସେହି ସମୟରେ ଯେ ଉଚ୍ଚ ମାନର ଶିକ୍ଷା ଓ ଉଚ୍ଚ ଶିକ୍ଷିତ ବ୍ୟକ୍ତି ଏ ଦେଶରେ ନ ଥିଲେ, ତାହା ନୁହେଁ । ସେତେବେଳେ ସଂସ୍କୃତଭାଷା ଓ ସାହିତ୍ୟ, ବୈଦିକ ବିଜ୍ଞାନ, ଧର୍ମଶାସ୍ତ୍ର, ଦର୍ଶନ ଆଦି ଅଧ୍ୟୟନ ଫଳରେ ଆମର ପୁରାତନ କୃଷ୍ଟିର ବିକାଶ ହେତୁ ଉଭୟ ସଂସ୍କୃତ ଭାଷା ଓ ଆଞ୍ଚଳିକ ଭାଷା, ଅର୍ଥାତ୍ ପରିଭାଷାର ଉନ୍ନତି ବିଧାନ ହୋଇଥିଲା ଏବଂ ଜାତି, ଧର୍ମ, ବ୍ୟବସାୟ ଭିତ୍ତିକ ଆମର ଯୌକ୍ତିକ ଉତ୍ତରାଧିକାର ଓ ପରମ୍ପରାଗତ ବିଭାଜନରେ ହିନ୍ଦୁସମାଜରେ ଦ୍ୱିଧାଭାବ ଉଦ୍ରେକ ହୋଇଥିଲା ଏବଂ ଏହି ହିନ୍ଦୁସମାଜ, ସେତେବେଳେ ଭାରତବର୍ଷର ଗୋଷ୍ଠୀଜୀବନକୁ ନିୟନ୍ତ୍ରିତ କରୁଥିବା ସତ୍ତ୍ୱେ ସେଥିରେ ବିଭିନ୍ନ ଭାଷାଗତ ଓ ସାଂସ୍କୃତିକ ଉପାଦାନ ସବୁର ପ୍ରଭାବ ବିଦ୍ୟମାନ ଥିଲା । କିନ୍ତୁ ଏ ପ୍ରକାର ଶିକ୍ଷା, ମୁଷ୍ଟିମେୟ ଶିକ୍ଷାନୁରାଗୀ ବ୍ୟକ୍ତିଙ୍କ ଭିତରେ ସୀମାବଦ୍ଧ ରହିଥିଲା । ଏହା ଏକ ବିସ୍ତୀର୍ଣ୍ଣ ଓ ବହୁଜନ ଆଦୃତ ସମନ୍ୱିତ ଶିକ୍ଷିତ ସମାଜ ସୃଷ୍ଟି କରି ପାରି ନଥିଲା । ପରନ୍ତୁ କେତେକ ଶିକ୍ଷିତ ବ୍ୟକ୍ତି ଓ ଯୁବସମ୍ପ୍ରଦାୟ ଏ ପ୍ରକାର ଆଧୁନିକ ଶିକ୍ଷାର ଆବଶ୍ୟକତା ବହୁଭାବରେ

Digitized by PPRACHIN, SOA

ଅନୁଭବ କରିଥିଲେ । ପଣ୍ଡିତ ଗୋପବନ୍ଧୁ ପଣ୍ଡିତ ନୀଳକଣ୍ଠ ଓ ତାଙ୍କର ସମଧର୍ମୀମାନେ ଆଧୁନିକ ଶିକ୍ଷା ପ୍ରଣାଳୀର ବିକାଶ ଉପଲବ୍ଧି କରିପାରିଥିଲେ ଏବଂ ସେମାନେ ସ୍ଥିର କରିଥିଲେ, ଏହା ଫଳରେ ସଂସ୍କୃତ ଭାଷା ଉପରେ ପ୍ରତିଷ୍ଠିତ ପୁରାତନ ସଭ୍ୟତା ଓ ସଂସ୍କୃତି ଦେଶର ଶାସନ ଭାର ଗ୍ରହଣ କରିବା ପରେ ଇଂରେଜଙ୍କ ଦ୍ୱାରା ପ୍ରଚଳିତ ଆଧୁନିକ ଶିକ୍ଷାପ୍ରଣାଳୀ ଭିତରେ ସମନ୍ୱୟ ଆଣିହେବ । ଏହା ସ୍ୱୀକାର୍ଯ୍ୟ ଯେ, ଏହି ପ୍ରକାର ପାଶ୍ଚାତ୍ୟ ଶିକ୍ଷା ପ୍ରଣାଳୀ କେବଳମାତ୍ର କେତେକଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଉଦ୍ଦିଷ୍ଟ ନଥିଲା; କିନ୍ତୁ ଏହା ଏପରି ଯୋଜନାବଦ୍ଧ ଭାବେ କରାଯାଇଥିଲା, ଯାହାଦ୍ୱାରା କି ଏକ ନବ ଶିକ୍ଷିତ ସମ୍ପ୍ରଦାୟ ଗଢ଼ିହେବ । ସେମାନେ ପାଶ୍ଚାତ୍ୟ ସଭ୍ୟତା, ପରମ୍ପରା, ପ୍ରାଧାନ୍ୟମୂଳକ ସଂସ୍କୃତିରେ ଅନୁପ୍ରାଣିତ ହେବେ ଏବଂ ପାଶ୍ଚାତ୍ୟ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଭାବଧାରାରେ ଅନୁଗତ ହୋଇ ରହିବେ । ତେଣୁ ପଣ୍ଡିତ ଗୋପବନ୍ଧୁ ଓ ପଣ୍ଡିତ ନୀଳକଣ୍ଠ ଏପରି ଏକ ଶିକ୍ଷାନୁଷ୍ଠାନ ଗଢ଼ିବାକୁ ଯୋଜନା କରିଥିଲେ, ଯାହା ଆମର ପ୍ରାଚୀନ ପରମ୍ପରାର ପୃଷ୍ଠଭୂମି ଉପରେ ଆଧୁନିକ ଯୁଗର ଚାହିଦା ମେଣ୍ଟାଇବା ସଙ୍ଗେ ସଙ୍ଗେ ଏ ଦେଶର ଲୋକଙ୍କ ଆର୍ଥିକ ଓ ସାଂସ୍କୃତିକ ବିକାଶ ବିଧାନ କରିପାରିବ । ଏ ସମ୍ପର୍କରେ ଏକ ସ୍ମାରକଲିପି ବା କାର୍ଯ୍ୟ ନିର୍ଘଣ୍ଟରୁ "ସତ୍ୟବାଦୀ ମୁକ୍ତ–ଶିକ୍ଷାୟତନ"ର ପରିକଳ୍ପନା ଓ ଏହାର ଅଗ୍ରଗାମୀ ଯୋଜନାର ରୂପରେଖର ସମ୍ୟକ୍ ସୂଚନା ମିଳେ । ଏହି ଶିକ୍ଷାନୁଷ୍ଠାନଟି ୧୯୦୯ ଅଗଷ୍ଟ ୧୨ ତାରିଖରେ ଗୋଟିଏ ମଧ୍ୟ ଭର୍ଣ୍ଣାକୁଲର ସ୍କୁଲ ରୂପେ ଶ୍ରୀରାମଚନ୍ଦ୍ରପୁରରେ ୧୯ ଜଣ ମାତ୍ର ଛାତ୍ରଙ୍କୁ ନେଇ ପ୍ରତିଷ୍ଠିତ ହୋଇଥିଲା ଏବଂ ପରବର୍ତ୍ତୀ କାଳରେ ତାହା ସତ୍ୟବାଦୀକୁ ସ୍ଥାନାନ୍ତରିତ ହୋଇ ଏକ ଐତିହାସିକ ମୁକ୍ତ ଶିକ୍ଷାୟତନ ରୂପେ ଲୋକରେ ପ୍ରତିଷ୍ଠା ପାଇଲା ଓ ସାକ୍ଷୀଗୋପୀନାଥ ପଛପଟେ ଥିବା ଛୁରିଅନା ଉପବନରେ ଏକ ଉଚ୍ଚ ବିଦ୍ୟାଳୟରେ ପରିଣତ ହୋଇଥିଲା । ପଣ୍ଡିତ ନୀଳକଣ୍ଠ ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ଥିଲେ । ଏହା ପଞ୍ଚସଖାଙ୍କର ଓଡ଼ିଶା ପ୍ରତି ଏକ ମହନୀୟ ଅବଦାନ ଥିଲା ।

●

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠ ଓ ତାଙ୍କ ପ୍ରତିଭା

ଡଃ ସତ୍ୟନାରାୟଣ ରାଜଗୁରୁ

୧୯୨୦ ମସିହା ବେଳକୁ ଭାରତର ଜାତୀୟତାବାଦୀଙ୍କ ପ୍ରାଣରେ ବିଦେଶୀ ସରକାରଙ୍କ ବିରୁଦ୍ଧରେ ଘୋର ବିରକ୍ତି ଓ ବିଦ୍ରୋହ ଖେଳା କରୁଥିଲା । କାରଣ ଅତ୍ୟାଚାରୀ ଜେନେରାଲ ଡ଼ାୟାର୍ (General Dyer) ପଞ୍ଜାବର ଜାଲିଆନାୱାଲା-ବାଗଠାରେ ୧୯୧୯ ସାଲ ଏପ୍ରିଲ ୧୩ ତାରିଖ ସନ୍ଧ୍ୟାରେ ନିରୀହ ନିରସ୍ତ୍ର ଭାରତୀୟଙ୍କୁ ସହସ୍ରାଧିକ ସଂଖ୍ୟାରେ ଗୁଳିକରି ହତ୍ୟା କରିଥିଲେ । ପୁଣି 'ରଉଲଟ୍ ଏକ୍ଟ' ପରି ଏକ ନୃଶଂସ ଆଇନ୍ ପ୍ରଣୟନ କରିଥିଲେ । ଏଥିରେ ମହାତ୍ମାଗାନ୍ଧି ଓ ଭାରତର ବିଭିନ୍ନ ପ୍ରଦେଶର ନେତୃସ୍ଥାନୀୟ ହିନ୍ଦୁ ମୁସଲମାନ ସମସ୍ତେ ଅସ୍ଥିର ହୋଇପଡ଼ିଲେ । ଗାନ୍ଧିଙ୍କ ଆହ୍ୱାନକ୍ରମେ ବହୁ ସଂଖ୍ୟାରେ ଛାତ୍ର ଓ କର୍ମଚାରୀମାନେ କଂଗ୍ରେସରେ ଯୋଗଦେଲେ । ପଣ୍ଡିତ ଗୋପବନ୍ଧୁଙ୍କ ନେତୃତ୍ୱରେ, ଓଡ଼ିଶାରେ କଂଗ୍ରେସ ଦଳପକ୍ଷରୁ ପ୍ରତି ଜିଲ୍ଲାରେ କମିଟିମାନ ସଂଗଠିତ ହେଲା । ଏହାପରେ ୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖ ଦିନ ମହାତ୍ମାଗାନ୍ଧିଙ୍କ ଓଡ଼ିଶା ଆଗମନ ଲୋକଙ୍କ ମଧ୍ୟରେ ଜାତୀୟ ଉଦ୍ଦୀପନା ସୃଷ୍ଟି କଲା । ପୁରୀ, କଟକ, ସତ୍ୟବାଦୀ, ବ୍ରହ୍ମପୁର, ପାରଳାଖେମୁଣ୍ଡି ପ୍ରଭୃତି କେନ୍ଦ୍ର ସ୍ଥାନମାନଙ୍କରେ ମହାତ୍ମାଙ୍କ ମୁଖନିଃସୃତ ଅସହଯୋଗ-ମନ୍ତ୍ର ଲୋକଙ୍କୁ ମୁଗ୍ଧ କରିଦେଲା । ପୁରୀରେ ସେଦିନ କୋଳାହଳ । କଟକରେ ତା' ପରଦିନ ମହାତ୍ମାଗାନ୍ଧି ଓ ଗୋପବନ୍ଧୁଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନଙ୍କ ପ୍ରାଥମିକ ସମ୍ମେଳନ, ଓଡ଼ିଶାର ଏକ ଐତିହାସିକ ଘଟଣା ।

## ଉତ୍କଳୀୟ ଭାଷାଭାଷୀଙ୍କ ଏକତ୍ରୀକରଣ :

ପଣ୍ଡିତ ନୀଳକଣ୍ଠଙ୍କ ଜାତୀୟ ଆଦର୍ଶ ଦୁଇଟି ଅଭିମୁଖ୍ୟରେ ବିଭକ୍ତ । ପ୍ରଥମଟି ହେଉଛି, ଉତ୍କଳୀୟ ଭାଷାଭାଷୀଙ୍କୁ ଏକତ୍ରିତ କରି ସ୍ୱତନ୍ତ୍ର ଓଡ଼ିଆ ପ୍ରଦେଶ ଗଠନ କରିବା ଏବଂ ଦ୍ୱିତୀୟଟି ହେଉଛି, ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଜାତୀୟ ପତାକା ତଳେ କର୍ତ୍ତବ୍ୟ ସଂପାଦନ କରିବା । ଉତ୍କଳ ଓ ଭାରତକୁ ସେ ଯଥାକ୍ରମେ ମାତା ଓ ପିତାମହୀ ରୂପେ କଳ୍ପନା କରୁଥିଲେ । ତେଣୁ ପ୍ରଥମେ ମାତାଙ୍କୁ ପିଣ୍ଡଦାନ

Digitized by PPRACHIN, SOA

କଲ ପରେ ପିତାମହାଙ୍କୁ ପୁତ୍ର ଯେପରି ପିଣ୍ଡଦାନ କରିଥାନ୍ତି, ସେପରି ନୀଳକଣ୍ଠ ପ୍ରଥମେ ଉତ୍କଳର ଏକତ୍ରୀକରଣ ଚିନ୍ତା କରିବାକୁ ଲାଗିଲେ । ସେଥିପାଇଁ ଏକଦା ଜାତୀୟ–କଂଗ୍ରେସ– ସଭାରେ କେହି କେହି ତାଙ୍କୁ ଆକ୍ଷେପ କରିଥିଲେ । ତଥାପି ସେ ନିଜ ଆଦର୍ଶରୁ ବିଚଳିତ ହେଲେ ନାହିଁ ।

ଓଡ଼ିଶାରେ ଦେଶମିଶଣ ଆନ୍ଦୋଳନ ତୀବ୍ର ଗତିରେ ଯେଉଁ ସମୟରେ ପରିଚାଳିତ ହେଲା ସେତେବେଳେ ମାନ୍ଦ୍ରାଜ ପ୍ରଦେଶରେ ରହିଥିବା ଓଡ଼ିଆମାନଙ୍କ ଅଭିମତ ଜାଣିବାକୁ ସରକାରଙ୍କ ପକ୍ଷରୁ ୧୯୨୪ ମସିହାରେ ଫିଲିପ ଡ଼ଫ୍ କମିଟି ଗଠିତ ହେଲା । ଏଣୁ ଗଞ୍ଜାମ ଓ ଜୟପୁର ଓଡ଼ିଆମାନଙ୍କ ତତ୍ପରତା ଯଥେଷ୍ଟ ବଢ଼ିଗଲା । ତେଣେ ଆନ୍ଧ୍ର- ଲୋକମାନେ ମଧ୍ୟ ଦେଶ ମିଶଣ ବିରୁଦ୍ଧରେ ପ୍ରବଳ ଭାବେ ଆନ୍ଦୋଳନ ଚଳାଇଥାନ୍ତି । ବ୍ରହ୍ମପୁର ଓ ପାରଳାଖେମୁଣ୍ଡିରେ ଓଡ଼ିଆ ଛାତ୍ରମାନଙ୍କୁ ପ୍ରେରଣା ଦେବାକୁ ଯାଇ ଓଡ଼ିଶାରୁ ଯେଉଁ ନେତାମାନେ ସଭାସମିତି କରିଥାନ୍ତି, ତାଙ୍କ ମଧ୍ୟରେ ପଣ୍ଡିତ ନୀଳକଣ୍ଠ ଥିଲେ ଅଗ୍ରଗଣ୍ୟ । ଆନ୍ଧ୍ରର କାକିନାଡ଼ାଠାରେ ଅନୁଷ୍ଠିତ କଂଗ୍ରେସ କମିଟି ଅଧିବେଶନରେ ଯୋଗଦେଇ ସେ ପ୍ରସ୍ତାବ କରିଥିଲେ ଯେ ଆନ୍ଧ୍ର–ଓଡ଼ିଶାର ସୀମାରେଖା କଂଗ୍ରେସ ପକ୍ଷରୁ ନିର୍ଣ୍ଣିତ ହେଲେ ଉଭୟ ଭାଷାଭାଷୀଙ୍କ ମଧ୍ୟରେ ଥିବା ମନୋମାଳିନ୍ୟ ତିରୋହିତ ହେବ । ତାଙ୍କ ପ୍ରସ୍ତାବ ଅନୁସାରେ ୧୯୨୪ ସାଲ ମାର୍ଚ୍ଚ ମାସ ପୂର୍ବରୁ ଏହା କରିବାକୁ ସ୍ଥିର ହେଲା । ଏଥି ସକାଶେ ରାଜାଜୀ (ରାଜଗୋପାଳାଚାରୀ)ଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଟି ମଧ୍ୟ ଗଠିତ ହେଲା । ସେଥିରେ ଓଡ଼ିଆଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ପଣ୍ଡିତ ନୀଳକଣ୍ଠ ନିର୍ବାଚିତ ହେଲେ । ଗଞ୍ଜାମର କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ତାଙ୍କୁ ସାହାଯ୍ୟ କରିବାକୁ ସେ କମିଟିରେ ରହିଥାନ୍ତି । କିନ୍ତୁ ରାଜଗୋପାଳାଚାରୀ ଓ ପରେ ରାଜେନ୍ଦ୍ର- ପ୍ରସାଦଙ୍କ ସମାଧାନର ଚେଷ୍ଟା ବିଫଳ ହେଲା । କାରଣ ଆନ୍ଧ୍ରମାନଙ୍କ ପକ୍ଷରୁ ପଟ୍ଟାଭି ସୀତାରାମାୟା ନେତୃତ୍ୱ ଗ୍ରହଣକରି ଆନ୍ଧ୍ରର ସୀମା ବ୍ରହ୍ମପୁରର ଦକ୍ଷିଣକୁ ପ୍ରସାରିତ କରିବା ବିରୁଦ୍ଧରେ ମତ ଦେଲେ, ଯାହାକି ନିତାନ୍ତ ଅଯୌକ୍ତିକ ଏବଂ ଓଡ଼ିଆମାନଙ୍କ ପକ୍ଷରେ ଗ୍ରାହ୍ୟ ନୁହେଁ । ପଣ୍ଡିତ ନୀଳକଣ୍ଠଙ୍କୁ ନିଖିଳ ଭାରତ କଂଗ୍ରେସ ମହଲରେ ଅପମାନିତ କରିବାକୁ ମଧ୍ୟ ତାଙ୍କ ଦଳ ସୁବିଧା ଖୋଜୁଥିଲେ । କାରଣ କେନ୍ଦ୍ର ସରକାରଙ୍କୁ ଜଣାଇ ଓଡ଼ିଆ ପ୍ରଦେଶ ଗଠନ ଦାବୀକୁ ବଳବତ୍ତର କରିବା ସକାଶେ ନୀଳକଣ୍ଠଙ୍କ ଉଦ୍ୟମ ଅବ୍ୟାହତ ରହିଥିଲା । କେବଳ ସେତିକି ନୁହେଁ ତାଙ୍କର ବଳିଷ୍ଠ ଯୁକ୍ତିର ସାରବତ୍ତା ସରକାରଙ୍କ ପକ୍ଷରୁ ଉପେକ୍ଷା କରିବା ଅଧିକାଂଶ କ୍ଷେତ୍ରରେ ସମ୍ଭବ ହେଉ ନଥିଲା ।

ପଣ୍ଡିତ ନୀଳକଣ୍ଠ ୧୯୨୭ ମସିହା ଫେବ୍ରୁଆରି ୮ ତାରିଖ ଦିନ ଓଡ଼ିଆ ଭାଷାଭାଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ସକାଶେ ଅକାଟ୍ୟଯୁକ୍ତି ସମ୍ବଳିତ

Digitized by PPRACHIN, SOA

ଗୋଟିଏ ପ୍ରସ୍ତାବ କେନ୍ଦ୍ର ବ୍ୟବସ୍ଥାପକସଭାରେ ଆଗତ କଲେ । ତାଙ୍କର ସେହି ଦାବୀ ଭାରତର ବିଭିନ୍ନ ପତ୍ରିକାରେ ପ୍ରକାଶିତ ହେଲା । States man ର ଅଗ୍ରଲେଖାରେ ଏ ପ୍ରସଙ୍ଗରେ ସମ୍ପାଦକୀୟ ଟିପ୍ପଣୀ ପ୍ରକାଶ ହେବା ଦେଖି ପଣ୍ଡିତ ଗୋପବନ୍ଧୁ ନୀଳକଣ୍ଠଙ୍କ ବିଜ୍ଞତା ଓ ବିଚାର ବୁଦ୍ଧିର ଉଚ୍ଛ୍ୱସିତ ପ୍ରଶଂସା ନକରି ରହିପାରିଲେ ନାହିଁ । ସେ ବର୍ଷ ଭାରତର ସାମ୍ବିଧାନିକ ସଂସ୍କାର ବିଷୟରେ ତିଳିନିଖି ବିବରଣୀ ଜନନେତାମାନଙ୍କଠାରୁ ସଂଗ୍ରହ କରି ବ୍ରିଟିଶ୍ ପାର୍ଲିଆମେଣ୍ଟକୁ ଗୋଟିଏ ରିପୋର୍ଟ ଦେବା ପାଇଁ ସାଇମନ୍ କମିଶନ୍ ନିଯୁକ୍ତ ହୋଇଥିଲେ । କିନ୍ତୁ କଂଗ୍ରେସ ପକ୍ଷରୁ ମହାତ୍ମାଗାନ୍ଧିଙ୍କ ନିର୍ଦ୍ଦେଶ କ୍ରମେ କମିଶନକୁ ସର୍ବତ୍ର ବର୍ଜ୍ଜନ କରାଗଲା । ପୁଣି 'ସାଇମନ୍ ଫେରିଯାଅ' ବୋଲି ସ୍ଲୋଗାନ୍ ଦିଆଗଲା । ଓଡ଼ିଶାର ବହୁ ନେତୃସ୍ଥାନୀୟ ବ୍ୟକ୍ତି ବୁଝିଥିଲେ ଯେ, ସାଇମନ୍‌ଙ୍କୁ ଏତେବେଳେ ବର୍ଜନ କରିବା ଅର୍ଥ, ସରକାରଙ୍କ ଶତ୍ରୁତା ଅର୍ଜନ କରିବା; ଆଉ ମଧ୍ୟ ଓଡ଼ିଆଙ୍କ ଦେଶ ମିଶ୍ରଣ ସମସ୍ୟାର 'ଇତିଶ୍ରୀ' କରିବା । ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି, କଟକରେ ବ୍ରଜସୁନ୍ଦର ଦାସ, ଭୁବନାନନ୍ଦ ଦାସ ରାୟବାହାଦୂର ଲକ୍ଷ୍ମୀଧର ମହାନ୍ତି, ଗୋପାଳଚନ୍ଦ୍ର ପ୍ରହରାଜ, ବିଶ୍ୱନାଥ କର ପ୍ରମୁଖ ନେତୃସ୍ଥାନୀୟ ନରମପନ୍ଥୀମାନଙ୍କ ସମକ୍ଷରେ କହିଲେ,—"ଆମେ ଯଦି ଏହି ରାଜନୈତିକ ଘଡ଼ିସନ୍ଧି ବେଳେ ସାଇମନ କମିଶନ୍‌ଠାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବୀ ଉପସ୍ଥାପିତ ନ କରି ଅସହଯୋଗ ପନ୍ଥା ଅବଲମ୍ବନ କରୁ, ତେବେ ଆମ ସମସ୍ୟା ଚିରଦିନ ପାଇଁ ଉପେକ୍ଷିତ ହୋଇରହିବ । ଏ ପ୍ରସ୍ତାବକୁ କେବଳ ନରମପନ୍ଥୀ ନୁହନ୍ତି, କେତେକ ଉଗ୍ର କଂଗ୍ରେସପନ୍ଥୀ ମଧ୍ୟ ସମର୍ଥନ କଲେ । ମାନ୍ଦ୍ରାଜଠାରେ ସାଇମନ୍‌ଙ୍କୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓ ବ୍ରହ୍ମପୁରର ଓକିଲ ଭୁବନେଶ୍ୱର ରଥ ଦୁଇଟି ସ୍ମାରକ ପତ୍ର ଦେଇ ଓଡ଼ିଶାର ଦାବୀ ସାବ୍ୟସ୍ତ କରିଥିଲେ । ପାଟଣାଠାରେ ବାବୁ ବ୍ରଜସୁନ୍ଦର ଦାସ ପ୍ରମୁଖ କଟକର କେତେକ ନେତୃସ୍ଥାନୀୟ ବ୍ୟକ୍ତି ଅନ୍ୟ ଏକ ସ୍ମାରକ ପତ୍ର ଦେଲେ । ତତ୍କାଳୀନ ଭାରତୀୟ ପରିସ୍ଥିତି ଦୃଷ୍ଟିରୁ ସାଇମନ୍ ଓଡ଼ିଆମାନଙ୍କ ଦାବୀକୁ ସମର୍ଥନ କରି ତାଙ୍କ ରିପୋର୍ଟରେ ସୁପାରିଶ କଲେ ।

କଂଗ୍ରେସର ଅସହଯୋଗ ଆହ୍ୱାନ ଅମାନ୍ୟ କରିବାରୁ କଲିକତା କଂଗ୍ରେସ ଅଧିବେଶନରେ ଓଡ଼ିଆ ସଭ୍ୟମାନଙ୍କ ପ୍ରତି ଘୋର ଆକ୍ଷେପ କରାଗଲା । ସେଥିରେ ଅପମାନିତ ହୋଇ ପଣ୍ଡିତ ନୀଳକଣ୍ଠ, ନିରଂଜନ ପଟ୍ଟନାୟକ ପ୍ରମୁଖ ଓଡ଼ିଶାର ସଭ୍ୟମାନେ ସଭା ବର୍ଜନ କରିବାରୁ ପରେ କଂଗ୍ରେସ ସଭାପତି ଦୁଃଖ ପ୍ରକାଶ କରିଥିଲେ । ମହାତ୍ମାଗାନ୍ଧି ମଧ୍ୟ ଓଡ଼ିଆ ସଭ୍ୟମାନଙ୍କୁ ସାନ୍ତ୍ୱନା ଦେଇଥିଲେ ।

Digitized by PPRACHIN, SOA

୧୯୨୮ ସାଲରେ କଂଗ୍ରେସ ପକ୍ଷରୁ ଗୋଟିଏ କମିଟି ମୋତିଲାଲ ନେହରୁଙ୍କ ଅଧ୍ୟକ୍ଷତାରେ ଗଠିତ ହେଲା । ସେଥିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ଲେଖାଗଲା ଯେ, ପ୍ରଦେଶ ପରିଚାଳନା ସକାଶେ ଆବଶ୍ୟକୀୟ ଅର୍ଥ ଯଦି ହୋଇପାରିବ, ତାହାହେଲେ କେବଳ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ କରାଯାଇପାରେ । ମୋତିଲାଲଙ୍କ ରିପୋର୍ଟଟି ସେ ବର୍ଷ ଡ଼ିସେମ୍ବର ମାସରେ ସରକାରଙ୍କୁ ଦିଆଗଲା । ଏପରି ଏକ ଅବାନ୍ତର ମନ୍ତବ୍ୟ ଦେଖି ଓଡ଼ିଆମାନେ ହତାଶ ହେଲେ । କଂଗ୍ରେସ ପକ୍ଷରୁ ସେମାନଙ୍କର ସହାନୁଭୂତି ପାଇବା ଆଶା ତିରୋହିତ ହେଲା । ତଥାପି ପଣ୍ଡିତ ଗୋପବନ୍ଧୁ ଓ ନୀଳକଣ୍ଠଙ୍କର ଅଦମ୍ୟ ଚେଷ୍ଟା ଏ ଦିଗରେ ଅବ୍ୟାହତ ରହିଲା । ଓଡ଼ିଶାର ଅର୍ଥିକ ଦୁର୍ଦ୍ଦଶା ମୁହୁର୍ମୁହୁ ବନ୍ୟାବିପାତ ହେତୁ ସର୍ବଭାରତୀୟ ସମସ୍ୟାରେ ପରିଣତ ହୋଇଥିଲା । ସେତେବେଳେ ମୁସଲମାନ ଦଳର ନେତା ଜିନ୍ନା ମୋତିଲାଲ ନେହରୁଙ୍କ ସୁପାରିଶ୍‌କୁ ପୁରାପୁରି ଭାବେ ପ୍ରତ୍ୟାଖ୍ୟାନ କରିଦେଲେ । ଏଣେ ଓଡ଼ିଆଙ୍କ ପାଇଁ ସାଇମନ୍‌ଙ୍କ ଅନୁକୂଳ ସୁପାରିଶ୍ ଦେବା ଦେଖି ଆନ୍ଧ୍ରମାନଙ୍କ ପକ୍ଷରୁ ଘୋର ପ୍ରତିକ୍ରିୟା ସୃଷ୍ଟି ହେଲା । ସେମାନେ ବୁଝିପାରିଲେ ଯେ, ଗଞ୍ଜାମ ଓ ବିଶାଖାପାଟଣାର କେତେକ ଅଞ୍ଚଳ ନିଶ୍ଚିତଭାବେ ସେମାନଙ୍କୁ ହରାଇବାକୁ ପଡ଼ିବ, ଯଦି ବାସ୍ତବରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହୁଏ । ଅତଏବ ଇତିହାସ–ଗବେଷଣା ଛଳରେ ପ୍ରାଚୀନ କଳିଙ୍ଗରାଷ୍ଟ୍ର ଆନ୍ଧ୍ରମାନଙ୍କର ଗୋଟିଏ ମୁଖ୍ୟ ଅଞ୍ଚଳ ଥିଲା ବୋଲି ପ୍ରମାଣିତ କରିବାକୁ ସେମାନଙ୍କ ମଧ୍ୟରେ ବିଗ୍ରହ ହେଲା । ଏହି ଉଦ୍ଦେଶ୍ୟରେ ରାଜମହେନ୍ଦ୍ରୀଠାରେ 'ଆନ୍ଧ୍ର–ପ୍ରାଚ୍ୟ ବିଦ୍ୟା ଗବେଷଣା ସମିତି' (Andhra Historical Research Society) ନାମରେ ଗୋଟିଏ ଅନୁଷ୍ଠାନ ଗଠିତ ହେଲା । ସେଥିରେ ସେ ଅଞ୍ଚଳର ବହୁ ଐତିହାସିକ ପଣ୍ଡିତ, ରାଜନୈତିକ, ଓକିଲ ପ୍ରଭୃତି ଯୋଗଦେଲେ । ସମିତିର ପରିଚାଳନା ଭାର ରାଜମହେନ୍ଦ୍ରୀ କଲେଜର ଜଣେ ଇତିହାସ ଅଧ୍ୟାପକଙ୍କ ଉପରେ ନ୍ୟସ୍ତ ହେଲା ।

## ମୁଖଲିଙ୍ଗ ସମ୍ମିଳନୀରେ ପଣ୍ଡିତ ନୀଳକଂଠଙ୍କ କୃତିତ୍ୱ :

୧୯୨୭ ମସିହା, ଜୁନ୍ ୧୬ ଓ ୧୭ ତାରିଖ ଦୁଇଦିନ ଧରି ମୁଖଲିଙ୍ଗଠାରେ ସେହି 'ପ୍ରାଚ୍ୟ ଗବେଷଣା ସମିତି' ପକ୍ଷରୁ 'କଳିଙ୍ଗ ଦିବସ' ପାଳିତ ହୋଇଥିଲା । ଐତିହାସିକ ଦୃଷ୍ଟିକୋଣରୁ ପ୍ରାଚୀନ କଳିଙ୍ଗ ସାମ୍ରାଜ୍ୟ ଆନ୍ଧ୍ରର ଅନ୍ତର୍ଭୁକ୍ତ ବୋଲି ସର୍ବସମକ୍ଷରେ ପ୍ରମାଣିତ କରିବା ଥିଲା ଆନ୍ଧ୍ର ନେତାମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ । ସେଥିପାଇଁ ବହୁ ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତମାନେ ମାନ୍ଦ୍ରାଜ ପ୍ରଦେଶରୁ ଆସି ମୁଖଲିଙ୍ଗରେ

Digitized by PPRACHIN, SOA

ସମବେତ ହେଲେ । ଅଳ୍ପ କେତେ ଜଣ ଓଡ଼ିଆ ମାତ୍ର ସେଥିରେ ଯୋଗଦେଇଥିଲେ । ସେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମସ୍ୟା ରାଜନୈତିକ ସ୍ତରରେ ଏକ ବଳିଷ୍ଠ ଆନ୍ଦୋଳନରେ ପରିଣତ ହୋଇସାରିଥିଲା । କିନ୍ତୁ ଦୁର୍ଭାଗ୍ୟବଶତଃ ଆନ୍ଧ୍ରମାନଙ୍କ ମଧ୍ୟରେ ଯେଉଁପରି ଖ୍ୟାତିସମ୍ପନ୍ନ ଐତିହାସିକ ପଣ୍ଡିତମାନେ ଥିଲେ, ତାଙ୍କର ଯୁକ୍ତିଗୁଡ଼ିକ ଖଣ୍ଡନ କରିବା ପାଇଁ ଓଡ଼ିଶାରେ ସେପରି ଗବେଷକ ନଥିଲେ । ସର୍ବ ଭାରତୀୟ ସ୍ତରରେ ଆନ୍ଧ୍ରର ଦାବୀ ଯଦି ଐତିହାସିକ ଭିତ୍ତିରେ ପ୍ରତିଷ୍ଠିତ ହୋଇ କଳିଙ୍ଗକୁ ଆନ୍ଧ୍ରର ଅଂଶରୂପେ ଗ୍ରହଣ କରାଯାଏ, ତା'ହେଲେ ମାନ୍ଦ୍ରାଜ ପ୍ରଦେଶରେ ରହିଥିବା ଜୟପୁର (କୋରାପୁଟ) ଓ ଗଞ୍ଜାମର ଚିଲିକା ପର୍ଯ୍ୟନ୍ତ ସମୁଦାୟ ଅଞ୍ଚଳରେ ଓଡ଼ିଆମାନଙ୍କ କୌଣସି ଦାବୀ ରହିବ ନାହିଁ । ଫଳରେ ୧୯୨୪ ରେ ଫିଲିପ୍-ଡ଼ଫ୍ କମିଶନ୍ ଓଡ଼ିଆଙ୍କ ଅନୁକୂଳରେ ଯେଉଁ ସୁପାରିଶ୍ ସରକାରଙ୍କୁ ଦେଇଥିଲେ, ତାହା ଆପେ ଆପେ କାଟ ଖାଇଯିବ ।

ଏ ପରିସ୍ଥିତିରେ ଗଞ୍ଜାମର ତତ୍କାଳୀନ ନେତାମାନେ ହତାଶ ହୋଇପଡ଼ିଲେ । ଓଡ଼ିଶାରେ କିଏ ଏପରି ବିଜ୍ଞ ପଣ୍ଡିତ ଓ ଗବେଷକ ଅଛନ୍ତି, ଯେ କି ଆନ୍ଧ୍ର ଐତିହାସିକମାନଙ୍କୁ ଯୁକ୍ତିତର୍କରେ ବଳିପଡ଼ି କଳିଙ୍ଗରେ ଓଡ଼ିଶାର ଅଂଶଥିବା କଥା ପ୍ରମାଣିତ କରି ପାରିବେ ? ଗଞ୍ଜାମର ପ୍ରସିଦ୍ଧ ନେତା ଆଶା ପତ୍ରିକାର ସମ୍ପାଦକ ଶଶିଭୂଷଣ ରଥଙ୍କ ମନେପଡ଼ିଲା, ପଣ୍ଡିତ ନୀଳକଣ୍ଠ ଦାସଙ୍କ ନାମ । ସେ ଜାଣିଥିଲେ, ସେହିଁ ଏକମାତ୍ର ପ୍ରତିଭାବାନ୍ ପଣ୍ଡିତ ଯେ କି ଯୁକ୍ତି ବଳରେ ଆନ୍ଧ୍ର ପଣ୍ଡିତମାନଙ୍କୁ ହଟାଇ ପାରନ୍ତି । ଶଶିଭୂଷଣଙ୍କ ଅନୁରୋଧ ରକ୍ଷାକରି ପଣ୍ଡିତ ନୀଳକଣ୍ଠ ମୁଖଲିଙ୍ଗ-ସଭାରେ ଭାଷଣ ଦେବାକୁ ପ୍ରସ୍ତୁତ ହୋଇଗଲେ । ଅଳ୍ପ ସମୟ ମଧ୍ୟରେ ସେ ଗୋଟିଏ ସୁନ୍ଦର ପ୍ରବନ୍ଧ ଇଂରାଜୀରେ ପ୍ରସ୍ତୁତ କରି ଆଲୋଚନା ସଭାରେ ପାଠ କଲେ, ଯାହାକି Andhra Historical Research journal ରେ ଏବଂ ତେଲୁଗୁ ଭାଷାରେ ଅନୁବାଦିତ ହୋଇ "କଳିଙ୍ଗ-ସଞ୍ଚିକା" ନାମକ ଗ୍ରନ୍ଥରେ ପରେ ପ୍ରକାଶିତ ହେଲା ।

ମୁଖଲିଙ୍ଗ-ସଭାରେ ମୁଁ ମଧ୍ୟ ଯୋଗଦେଇଥାଏ । ମୋର ସ୍ପଷ୍ଟ ମନେପଡୁଛି କଳିଙ୍ଗର କେନ୍ଦ୍ର ଦନ୍ତପୁର, ଯେଉଁଠାରେ ଗୌତମ-ବୁଦ୍ଧଙ୍କର ପବିତ୍ର ଦନ୍ତ ପୂଜିତ ହେଉଥିଲା, ତାହା ନୀଳାଚଳଧାମ ବ୍ୟତୀତ ଅନ୍ୟ କେଉଁ ସ୍ଥାନ ହୋଇ ନପାରେ ବୋଲି ପଣ୍ଡିତ ନୀଳକଣ୍ଠ ଯେଉଁସବୁ ଯୁକ୍ତି ଓ କାରଣ ଦର୍ଶାଇ ଥିଲେ, ତାହା ଆନ୍ଧ୍ର ପଣ୍ଡିତମାନଙ୍କୁ ଏକାବେଳେକେ ବିସ୍ମିତ ଓ ନିରୁତ୍ତର କରିଦେଇଥିଲା । ସେ ଦିନ ଶଶିଭୂଷଣ ରଥଙ୍କ ସମେତ ସଭାରେ ଉପସ୍ଥିତ ଜୟପୁର ମହାରାଜା ବିକ୍ରମଦେବ ବର୍ମା, ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଜଗବନ୍ଧୁ ସିଂହ, ସାର୍ ପରଶୁରାମ ପାତ୍ର ପ୍ରମୁଖ

Digitized by PPRACHIN, SOA

ବୟୋଜ୍ୟେଷ୍ଠ ବିଜ୍ଞ ନେତାମାନେ ନୀଳକଣ୍ଠଙ୍କ ପାଣ୍ଡିତ୍ୟ, ପ୍ରଗଲ୍‌ଭ ବକ୍ତୃତା ଓ ଯୁକ୍ତିର ସାରବତ୍ତାରେ ମୁଗ୍ଧ ହୋଇଯାଇଥିଲେ । ଆମେ ଯେଉଁ ଯୁବକମାନେ ସଭାରେ ଉପସ୍ଥିତ ଥିଲୁ—ପଣ୍ଡିତ ନୀଳକଣ୍ଠଙ୍କ ପାଦରେ ପ୍ରଣାମ କରି ତାଙ୍କର ବିଜୟ ଗାନ କଲୁ । ଓଡ଼ିଶାରେ ସର୍ବତ୍ର ତାଙ୍କୁ ଓଡ଼ିଆମାନେ ଅଭିନନ୍ଦନ କରି ଧନ୍ୟ ଧନ୍ୟ କହିଲେ । ଉତ୍କଳମଣି ଗୋପବନ୍ଧୁ 'ସମାଜ' ପତ୍ରିକାରେ ୧୯୨୭ ସାଲ ଜୁଲାଇ ୨ ତାରିଖ ଦିନ ଗୋଟିଏ ଦୀର୍ଘ ଲେଖା ପ୍ରକାଶ କରି ନୀଳକଣ୍ଠଙ୍କ କୃତିତ୍ୱର ଭୂୟସୀ ପ୍ରଶଂସା କରିଥିଲେ * ।

## ଗୋପବନ୍ଧୁଙ୍କ ପରେ କଂଗ୍ରେସର ନେତା ନୀଳକଂଠ :

୧୯୨୮ ମସିହା ଜୁନ୍ ୧୭ ତାରିଖ ଦିନ ପଣ୍ଡିତ ଗୋପବନ୍ଧୁ ଦାଶ ଇହଧାମ ତ୍ୟାଗକରିବା ଉତ୍କଳ ପକ୍ଷେ ଏକ ଦାରୁଣ ଆଘାତ ହୋଇଥିଲା । ଉତ୍କଳ ମାତାଙ୍କ ବରପୁତ୍ର ମଧୁସୂଦନ ଦାସ ସେତେବେଳେ ବୃଦ୍ଧ । ଏପରି ଅବସ୍ଥାରେ ଓଡ଼ିଶାର ନେତୃତ୍ୱଭାର ପଣ୍ଡିତ ନୀଳକଣ୍ଠଙ୍କ ଉପରେ ପଡ଼ିଲା । ଉତ୍କଳ କଂଗ୍ରେସର ସଭାପତି ରୂପେ ସେ ଯଥାସାଧ୍ୟ ରାଜନୈତିକ କ୍ଷେତ୍ରରେ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଲାଗିଲେ । ତାଙ୍କର ପାଣ୍ଡିତ୍ୟ ଓ ବୁଦ୍ଧିମତ୍ତା ଯେପରି ପ୍ରଖର ସେପରି କର୍ମ ପ୍ରବଣତାରେ ଯଥେଷ୍ଟ ଶକ୍ତି ରହିଥିଲା । ଗୋପବନ୍ଧୁଙ୍କ ଯଥାର୍ଥ ଦାୟଦ ରୂପେ ସର୍ବ—ଭାରତୀୟ ସ୍ତରରେ ପୁଣି ଓଡ଼ିଆ ଜାତିର ଅଭ୍ୟୁଦୟ ନିମନ୍ତେ ସେ ପ୍ରାଣପାତ କରି ପ୍ରଭୂତ ମଙ୍ଗଳ ସାଧନ କରିଅଛନ୍ତି ।

ରାଜନୀତି ସଙ୍ଗେ ଓତଃପ୍ରୋତ ଭାବେ ଜଡ଼ିତ ହୋଇ ସେ ଅଳ୍ପ କାଳ ପାଇଁ ବଡ଼ଲାଟ—ବିଧାନ—ସଭାକୁ ନିର୍ବାଚିତ ହୋଇଥିଲେ । କିନ୍ତୁ ପରେ ସତ୍ୟାଗ୍ରହ ସଂଗ୍ରାମରେ ଯୋଗଦେଇ ୧୯୩୦ ସାଲ ମଇ ମାସ ୩୦ ତାରିଖ ଦିନ ସେ ଜେଲ ବରଣ କଲେ । ସେଥିର ପୂର୍ବ ବର୍ଷ (୧୯୨୯) ବଡ଼ଲାଟ ଲର୍ଡ ଇର୍‌ବିନ୍ (Lord Irwin) ଘୋଷଣା କରିଥିଲେ ଯେ, ଭାରତକୁ 'ସ୍ୱାୟତ୍ତ ଶାସନ ପାହ୍ୟା' (Dominion Status) ଦେବାକୁ ସରକାର ଇଚ୍ଛୁକ । ଏଥିରେ କେତେକ ନେତା ସମ୍ମତି ଜ୍ଞାପନ କରିଥିଲେ । କିନ୍ତୁ ଅନେକ ମଧ୍ୟ ସେହି ଘୋଷଣାର ବାସ୍ତବ କାର୍ଯ୍ୟକାରିତା ସମ୍ପର୍କରେ ସନ୍ଦିହାନ ହେଲେ । ଯାହାହେଉ ମହାତ୍ମାଗାନ୍ଧିଙ୍କ ପ୍ରସ୍ତାବ କ୍ରମେ କଲିକତାଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ସ୍ୱାୟତ୍ତ ଶାସନ ହିଁ କଂଗ୍ରେସର କାମ୍ୟ ବୋଲି ପ୍ରସ୍ତାବ କରାଗଲା । ଏହା ଫଳରେ ସତ୍ୟାଗ୍ରହ ସ୍ଥଗିତ ରହିଲା ଓ ଜେଲ୍‌ରେ ଆବଦ୍ଧ ଥିବା କଂଗ୍ରେସ କର୍ମୀମାନେ

* 'ସମାଜ' ତା ୨—୭—୧୯୨୭; 'ଗୋପବନ୍ଧୁ ରଚନାବଳୀ' ୨ୟ ଭାଗ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ମୁଦ୍ରିତ ୧୯୮୦ ।

Digitized by PPRACHIN, SOA

ମୁକ୍ତି ଲାଭ କଲେ । କିନ୍ତୁ ଜବାହାରଲାଲ ନେହେରୁଙ୍କ ପରି ଉଗ୍ରପନ୍ଥୀ ଯୁବ–କଂଗ୍ରେସ ନେତାମାନେ ଏଥିରେ ଆଦୌ ସନ୍ତୁଷ୍ଟ ହେଲେନାହିଁ । ତେଣୁ ଲାହୋର ଅଧିବେଶନରେ ନେହେରୁଙ୍କ ନେତୃତ୍ୱରେ 'ସ୍ୱରାଜ୍ୟ' ଅର୍ଥ 'ସମ୍ପୂର୍ଣ୍ଣ ସ୍ୱାଧୀନତା' ବା 'ପୂର୍ଣ୍ଣ ସ୍ୱରାଜ୍ୟ' ବୋଲି ସ୍ପଷ୍ଟ ବ୍ୟାଖ୍ୟାନ କରାଗଲା । ପୁଣି ୧୯୩୦ ମସିହା ଜାନୁଆରି ୨୬ ତାରିଖ ଦିନ 'ସ୍ୱାଧୀନତା ଦିବସ' ପାଳନ କରିବାକୁ ସ୍ଥିର ହେଲା । ସେଦିନ ସମସ୍ତ କଂଗ୍ରେସ କର୍ମୀ 'ଶପଥ' ନେବାକୁ ବାଧ୍ୟ ହେଲେ । ଏହାପରେ ଗାନ୍ଧିଙ୍କ ନେତୃତ୍ୱରେ ଗୁଜୁରାଟର ଦାଣ୍ଡିଠାରେ ଲବଣ–ସତ୍ୟାଗ୍ରହ ସକାଶେ ମାର୍ଚ୍ଚ ୨ ତାରିଖ ଦିନ ସାବରମତି ଆଶ୍ରମରୁ ଯାତ୍ରା ଆରମ୍ଭ ହେଲା । ହଜାର ହଜାର କଂଗ୍ରେସ ସତ୍ୟାଗ୍ରହୀଙ୍କୁ ଏଥିରେ ଜେଲ ବରଣ କରିବାକୁ ପଡ଼ିଲା । 'ଆଇନ ଅମାନ୍ୟ' ଆନ୍ଦୋଳନର ତୀବ୍ରତା ଦେଖି ବ୍ରିଟିଶ୍ ଶାସକମାନେ ରୁଷ୍ଟ ହେଲେ । ଓଡ଼ିଶାରେ ପଣ୍ଡିତ ନୀଳକଣ୍ଠ ଓ ତାଙ୍କ ସହକର୍ମୀମାନେ ବହୁ ସଂଖ୍ୟାରେ ଜେଲ୍ ବରଣ କଲେ ।

ମହାତ୍ମାଗାନ୍ଧିଙ୍କୁ ୧୯୩୦ ମେ ମାସରେ ବନ୍ଦୀ କରାଗଲା ଏବଂ ସେଥିର ପ୍ରତିବାଦ କରି ୬ ତାରିଖ ଦିନ ଭାରତ ସାରା ହରତାଳ ପାଳିତ ହେଲା । ଏହାପରେ ଲଣ୍ଡନରେ ଗୋଲଟେବୁଲର ପ୍ରଥମ ବୈଠକରେ ଓଡ଼ିଆଙ୍କ ପାଇଁ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବିକରି ପାରଳା ମହାରାଜା ଯେଉଁ ପ୍ରସ୍ତାବ ଆଗତ କରିଥିଲେ, ତା ସର୍ବସମ୍ମତିକ୍ରମେ ଗୃହୀତ ହେବାରୁ ଓଡ଼ିଆମାନଙ୍କ ମଧ୍ୟରେ ପ୍ରବଳ ଆଶା ଓ ଉତ୍ସାହ ଦେଖାଦେଲା । ସେଥିର ସଫଳତା ନିମନ୍ତେ କଟକର ବାବୁ ବ୍ରଜସୁନ୍ଦର ଦାସ, ଭୁବନାନନ୍ଦ ଦାସ, ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତି ଭିକାରୀ ଚରଣ ପଟ୍ଟନାୟକ, ବିଶ୍ୱନାଥ କର, ଦେବାନ ବାହାଦୁର ଶ୍ରୀକୃଷ୍ଣ ମହାପାତ୍ର ପ୍ରମୁଖ କଂଗ୍ରେସ ବିରୋଧୀ ନେତାମାନେ ଓଡ଼ିଶାର କଂଗ୍ରେସ ନେତାମାନଙ୍କୁ କଟୁ ସମାଲୋଚନା କରୁଥାନ୍ତି । କାରଣ ସେମାନଙ୍କ ଭାଷଣରେ ପ୍ରକଟିତ ହେଉଥିଲା ଯେ, ସର୍ବ-ଭାରତୀୟ ସ୍ତରରେ ପରିଗ୍ରହିତ କଂଗ୍ରେସ ପତାକା ତଳେ ହିଁ ସମସ୍ତେ ଏକତ୍ରିତ ହୋଇ ସମ୍ମୁଖ ଭାବେ ମହାଜାତୀୟ କାର୍ଯ୍ୟରେ ଆତ୍ମସମର୍ପଣ କରିବା ଆବଶ୍ୟକ । ପ୍ରଥମେ ଦେଶ ସ୍ୱାଧୀନ ହେଲେ, ଜାତି ଜାତି ମଧ୍ୟରେ ଓ ପ୍ରଦେଶ ପ୍ରଦେଶ ମଧ୍ୟରେ ଭ୍ରାତୃଭାବ ପ୍ରତିଷ୍ଠିତ ହେବ । ତେଣିକି ଓଡ଼ିଶାର ସଂଗଠନ ବିଷୟ ଆପେ ଆପେ ସମାଧାନ ହୋଇଯିବ । କିନ୍ତୁ ଏ ନୀତିର ମାରାତ୍ମକ ଅପକାରିତା କଂଗ୍ରେସ ବିରୋଧୀ ନେତାମାନେ ସେତେବେଳେ ଅନୁଭବ କରୁଥିଲେ । କାରଣ ୧୯୦୩ ମସିହାରେ ମାନ୍ଦ୍ରାଜଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ତେଲେଙ୍ଗା ସଭ୍ୟମାନଙ୍କ ପ୍ରସ୍ତାବକୁ ସମର୍ଥନ କରି ଭାରତୀୟ ନେତାମାନେ ଓଡ଼ିଶା ଦେଶ ମଣ୍ଡଣ ତଥା ମାନ୍ଦ୍ରାଜର ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକ ବିରୁଦ୍ଧରେ ଯେଉଁ ଆଲୋଚନା କରିଥିଲେ, ତାହା ସେମାନେ ବିସ୍ମୃତ ହୋଇ

Digitized by PPRACHIN, SOA

ନଥିଲେ । ଆଉ ମଧ୍ୟ ଜାତୀୟ କଂଗ୍ରେସ ପକ୍ଷରୁ ମୋତିଲାଲଙ୍କ ଅଧ୍ୟକ୍ଷତାରେ ୧୯୨୮ ସାଲରେ ଯେଉଁ ଶାସନ-ସଂସ୍କାର କମିଟି ଗଠିତ ହୋଇଥିଲା, ସେଥିରେ ମଧ୍ୟ ଓଡ଼ିଶା ପ୍ରଦେଶ ଗଠନରେ ଅର୍ଥନୈତିକ ଆଳ ଦେଖାଇ ବାଧା ସୃଷ୍ଟି କରଯାଇଥିଲା । ଏଣୁ କଂଗ୍ରେସ ସଭ୍ୟ ହୋଇ ସୁଦ୍ଧା ପଣ୍ଡିତ ନୀଳକଣ୍ଠ, ଶଶିଭୂଷଣ ରଥ ପ୍ରମୁଖ କେତେକ ଚିନ୍ତାଶୀଳ ନେତା ଓଡ଼ିଆ ଆନ୍ଦୋଳନର ବିରୋଧ ନକରି ଯଥାସାଧ୍ୟ ସେଥିରେ ସାହାଯ୍ୟ କରିବାକୁ ଲଗିଲେ । ନୀଳକଣ୍ଠ ଏଥିରେ ତାଙ୍କ ହୃଦୟର ଅଭିଳାଷ ପ୍ରକାଶ କରିବାକୁ ଯାଇ କହିଥିଲେ, ଓଡ଼ିଶା ଦେଶ ମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ଏ ଦୁଇଟି ମଧ୍ୟରେ କେହି ଯେପରି ଗୋଳମାଳିଆ ପରିସ୍ଥିତି ସୃଷ୍ଟି ନ କରନ୍ତି; କାରଣ କଂଗ୍ରେସ ପକ୍ଷରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସ୍ୱୀକୃତି ଲାଭ କରିଛି ।

୧୯୩୧ ସାଲ ଜାନୁଆରି ୧୯ ତାରିଖ ଦିନ ବ୍ରିଟିଶ୍ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ (Prime Minister) ଘୋଷଣା କଲେ ଯେ, ଭାରତର ଦେଶରକ୍ଷା (Defence), ବୈଦେଶିକ ବ୍ୟାପାର (External Affairs) ଏବଂ ସଂଖ୍ୟା ଲଘିଷ୍ଠ ଜାତି ସମସ୍ୟା (Minority) ବ୍ୟତୀତ ଅନ୍ୟ ସମସ୍ତ ଶାସନ କାର୍ଯ୍ୟରେ ଭାରତର କେନ୍ଦ୍ର ଓ ପ୍ରାଦେଶିକ ବ୍ୟବସ୍ଥା ସଭା ହସ୍ତରେ ସମ୍ପୂର୍ଣ୍ଣ କ୍ଷମତା ଛାଡ଼ି ଦିଆଯିବ । ଏଥିରେ ଭାରତର ସବୁ ଶ୍ରେଣୀର ନେତାମାନେ ସନ୍ତୁଷ୍ଟ ହେଲେ । ଗାନ୍ଧିଜୀ ଓ ଲର୍ଡ ଇର୍‌ୱିନ୍ (Lord Irwin ଙ୍କ ମଧ୍ୟରେ ସାଲିସ୍ ହେଲା । କଂଗ୍ରେସ କର୍ମୀ ଓ ନେତାମାନଙ୍କୁ ବନ୍ଦୀରୁ ମୁକ୍ତ କରଗଲା । ମହାତ୍ମାଗାନ୍ଧି ନିଜେ ଦ୍ୱିତୀୟ ଗୋଲଟେବୁଲରେ ଯୋଗଦେଲେ ।

୧୯୩୧ ମସିହାରେ ଜନଗଣନା (Census) କାମରେ ବିଚ୍ଛିନ୍ନ-ଅଞ୍ଚଳ ଓଡ଼ିଆମାନେ ବିଶେଷ ତତ୍ପର ହୋଇପଡ଼ିଲେ । କାରଣ 'ଭାଷା ସୂତ୍ରରେ ପ୍ରଦେଶ ଗଠନ' ନୀତି ଏଥିପୂର୍ବରୁ ପ୍ରସ୍ତାବିତ ହୋଇଥିଲା । ତେଣୁ ସରକାରଙ୍କ ପକ୍ଷରୁ ଓଡ଼ିଶାର ସୀମା ବିଷୟ ବିଚାର ବେଳେ ନିଶ୍ଚିତ ଭାବେ ଜନଗଣନା (Census) ରେ କାର୍ଡ ଉପରେ ହିଁ ନିର୍ଭର କରାଯିବ । ଗଞ୍ଜାମର ଦକ୍ଷିଣାଞ୍ଚଳରେ ତେଲୁଗୁମାନେ ଏଥିପୂର୍ବରୁ ଦୁଇଟି ଜନଗଣନା ବେଳେ କୌଶଳକ୍ରମେ ଓଡ଼ିଆଙ୍କ ସଂଖ୍ୟା ବହୁ ପରିମାଣରେ ହ୍ରାସ କରିଦେଇଥିଲେ । ୧୯୦୧, ୧୯୧୧ ଓ ୧୯୨୧ ସାଲର ଜନଗଣନାରୁ ଏହା ସ୍ପଷ୍ଟ ଉପଲବ୍ଧି ହୋଇଥିଲା । ଏଣୁ ଓଡ଼ିଶାରେ ସମସ୍ତଙ୍କ ଦୃଷ୍ଟି ୧୯୩୧ ସାଲର ଜନସୁମାରୀ (Census) ପ୍ରତି ଆକୃଷ୍ଟ ହେଲା । ପାରଳାଖେମୁଣ୍ଡି ଓ ବ୍ରହ୍ମପୁରରେ ଏଥିସକାଶେ କମିଟିମାନ ଗଠିତ ହେଲା । କେବଳ ଆନ୍ଧ୍ରମାନେ ଯେ ଓଡ଼ିଶା ଦେଶ ମିଶ୍ରଣ ବିରୁଦ୍ଧରେ କାମ କରୁଥିଲେ ତା' ନୁହେଁ, ମାନ୍ଦ୍ରାଜ ସରକାର ମଧ୍ୟ ଘୋର ପ୍ରତିବନ୍ଧକତା ସୃଷ୍ଟି କରୁଥାନ୍ତି । ଏ କଥା ସେଠା ଗଭର୍ଣ୍ଣର ଲର୍ଡ ଏମ୍ପଥିଲ୍‌ଙ୍କ ସମୟରୁ ପ୍ରମାଣିତ ହୋଇସାରିଥିଲା ।

Digitized by PPRACHIN, SOA

## ସର୍ବଦଳୀୟ ସମ୍ମିଳନୀର ଅଧ୍ୟକ୍ଷ ନୀଳକଂଠ :

ପଣ୍ଡିତ ନୀଳକଣ୍ଠଙ୍କ ଭୂମିକା ଏ କ୍ଷେତ୍ରରେ ବହୁ ଜଟିଳତା ଦୂରକଲା । ସେତେବେଳେ ଯେଉଁ ଉଗ୍ରପନ୍ଥୀ କଂଗ୍ରେସ କର୍ମୀମାନେ ଅଣ-କଂଗ୍ରେସ ତଥା ରଜା ଜମିଦାରଙ୍କୁ ସରକାରଙ୍କ ଗୋଡ଼ାଣିଆ କୁକୁର ବୋଲି ସଭସମିତିମାନଙ୍କରେ କହି ବୁଲୁଥିଲେ, ଏବଂ ଓଡ଼ିଶାର ବୁଦ୍ଧିଜୀବୀ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ମଧ୍ୟରେ ଯେଉଁମାନେ ଏ ଅଞ୍ଚଳର ସମୂହ ସ୍ୱାର୍ଥକୁ ବଳିଦେଇ ବିଭେଦ ସୃଷ୍ଟି କରୁଥିଲେ, ତାଙ୍କୁ ସାବଧାନ କରିଦିଆଗଲା । ପଣ୍ଡିତ ନୀଳକଣ୍ଠ, ଗୋଦାବରୀଶ ମିଶ୍ର, ଶଶିଭୂଷଣ ରଥ, ବିଚିତ୍ରାନନ୍ଦ ଦାସ ପ୍ରମୁଖ ନେତାମାନେ ସମ୍ମିଳିତ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନ ଓ ସେଥିପାଇଁ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳଗୁଡ଼ିକରେ ନ୍ୟାୟସଙ୍ଗତ ଦାବୀ ସଙ୍ଗେ ସୀମାନିର୍ଦ୍ଧାରଣ ସକାଶେ ଚିନ୍ତା କରିବାକୁ ଲାଗିଲେ । ଗୋଟିଏ ସଭାରେ ପଣ୍ଡିତ ନୀଳକଣ୍ଠ କହିଥିଲେ "ବିବାହ ଉତ୍ସବରେ ବ୍ରାହ୍ମଣ ପୁରୋହିତ ସଙ୍ଗେ ଶଙ୍ଖ ଓ ବାଦ୍ୟକାର ହାଡ଼ି ମଧ୍ୟ ଲୋଡ଼ା ହୁଅନ୍ତି ।" ଏଥିର ତାତ୍ପର୍ଯ୍ୟ ହେଉଛି, କଂଗ୍ରେସ ଓ ବେ କଂଗ୍ରେସ ସବୁଦଳ ମିଶି ଓଡ଼ିଶାର ସେହି ଜାତୀୟ କାର୍ଯ୍ୟରେ ଯୋଗଦେବା ଆବଶ୍ୟକ । ସେ ବର୍ଷ ମେ ମାସ ଆରମ୍ଭରେ ଦୁଇଦିନ କଟକରେ ପଣ୍ଡିତ ନୀଳକଣ୍ଠଙ୍କ ଅଧ୍ୟକ୍ଷତାରେ ସର୍ବ-ଦଳୀୟ ସଭାରେ ସ୍ଥିର ହେଲା ଯେ, ଓଡ଼ିଶା ପ୍ରଦେଶ ଗଠନ ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଆବଶ୍ୟକ । ସେଥିରେ ସଭ୍ୟରୂପେ ଗୋପବନ୍ଧୁ ଚୌଧୁରୀ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ବିଚିତ୍ରାନନ୍ଦ ଦାସ ଓ ଶଶିଭୂଷଣ ରଥ ରହିଥିଲେ । କମିଟିର ପରିଚାଳନା ଦାୟିତ୍ୱ ଏବଂ ଅନ୍ୟାନ୍ୟ କାର୍ଯ୍ୟ ତୁଲାଇବାକୁ ଯଥେଷ୍ଟ ପରିମାଣରେ ପାଣ୍ଠି ସଂଗ୍ରହ କରିବା ଆବଶ୍ୟକ; ବିଚ୍ଛିନ୍ନ ଅଞ୍ଚଳମାନଙ୍କରେ ପ୍ରଚାର କାର୍ଯ୍ୟ କରିବାକୁ ସ୍ୱେଚ୍ଛାସେବକ ଦରକାର ଏବଂ ପ୍ରଚାରପତ୍ର, ସ୍ମାରକପତ୍ର ପ୍ରଭୃତି ଲେଖିବା, ମୁଦ୍ରଣ କରିବା ପୁଣି ରେକର୍ଡପତ୍ର ସଂଗ୍ରହ କରିବା ସକାଶେ ମଧ୍ୟ ଉପଯୁକ୍ତ ଲୋକ ରହିବା ଆବଶ୍ୟକ । ଏଣୁ ସଭାରେ ତିନୋଟି ଭିନ୍ନ ଭିନ୍ନ କମିଟି ଗଠିତ ହେଲା । ସେହି ସର୍ବ-ଦଳୀୟ ସଭାରେ ଯେଉଁ ପ୍ରସ୍ତାବମାନ ଗୃହୀତ ହୋଇଥିଲା, ସେଥିରୁ ଗୋଟିଏ ହେଉଛି:-'କଂଗ୍ରେସ ଓ ବେ-କଂଗ୍ରେସ ଦଳରୁ ଉପଯୁକ୍ତ ପ୍ରତିନିଧିଙ୍କୁ ବାଛି ସରକାର ଗୋଟିଏ କମିଶନ୍ ଗଠନ କରି ଓଡ଼ିଶାର ନ୍ୟାୟସଙ୍ଗତ ସୀମା-ସରହଦ ନିର୍ଣ୍ଣୟ କରନ୍ତୁ ।' ଏ ପ୍ରସ୍ତାବଟି ପ୍ରାକୃତିକ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଭାରତ ସରକାରଙ୍କଠାରେ ଉପସ୍ଥାପିତ କରିବାକୁ ମଧ୍ୟ ସ୍ଥିରହେଲା ।

ଏପରି ଏକ ସର୍ବ-ଦଳୀୟ ଉଦ୍ୟମ ମୁଖ୍ୟତଃ ଯେଉଁ ଚିନ୍ତାଶୀଳ ନେତାମାନଙ୍କ ଉଦ୍ୟମର ଫଳ ତାଙ୍କ ମଧ୍ୟରେ ଜ୍ୟେଷ୍ଠ ଓ ଶ୍ରେଷ୍ଠ ହେଉଛନ୍ତି, ପଣ୍ଡିତ ନୀଳକଣ୍ଠ ।

Digitized by PPRACHIN, SOA

ସେତେବେଳେ ଗଞ୍ଜାମର ନେତାମାନେ ସ୍ୱତନ୍ତ୍ର-ଉତ୍କଳ-ପ୍ରଦେଶ ଗଠନ ଉଦ୍ୟମରେ ବହୁଦୂର ଅଗ୍ରସର ହୋଇସାରିଥିଲେ । ପାରଳା ମହାରାଜାଙ୍କ ଚେଷ୍ଟାରେ ବ୍ରିଟିଶ୍ ସରକାରଙ୍କ ଉଚ୍ଚ ରାଜନୈତିକ ମହଲରୁ ଓଡ଼ିଶା ଗଠନ ପ୍ରତି ଅନୁକୂଳ ବାତାବରଣ ସୃଷ୍ଟି ହେବା ଫଳରେ ପାରଳା ଖେମୁଣ୍ଡି ଉତ୍କଳ-ହିତୈଷିଣୀ ସମିତି ଏବଂ ବ୍ରହ୍ମପୁର ଓଡ଼ିଆ ସମାଜ ପକ୍ଷରୁ ଯଥେଷ୍ଟ ଉତ୍ସାହ ସୃଷ୍ଟି ହୋଇଥିଲା । ତେଣୁ ସେ ଅଞ୍ଚଳରେ ପ୍ରଚାର କାର୍ଯ୍ୟର ଆବଶ୍ୟକତା ନଥିଲା ।

## ସିଂହଭୂମିରେ ପଣ୍ଡିତ ନୀଳକଂଠଂକ ପ୍ରଚାର କାର୍ଯ୍ୟ :

ସିଂହଭୂମିରେ କୃଷ୍ଣଚନ୍ଦ୍ର ଆଗ୍ରୱାଲଙ୍କ ପରି ଅନ୍ୟ କେତେ ଜଣଙ୍କୁ ଛାଡ଼ିଦେଲେ ଆଉ କେହି ଏ କାର୍ଯ୍ୟରେ ଅଗ୍ରସର ହେବା ଦେଖାଗଲା ନାହିଁ । ତେଣୁ ପଣ୍ଡିତ ନୀଳକଣ୍ଠ ଓ ଶଶିଭୂଷଣ ରଥ ୧୯୩୧ ସାଲ ମେ ମାସରେ ସେ ଅଞ୍ଚଳରେ ଗସ୍ତ କରି ଓଡ଼ିଆ ଲୋକଙ୍କୁ ଉଦ୍‌ବୋଧିତ କରେ । ଏଠାରେ କହିବା ଆବଶ୍ୟକ ଯେ, ବିହାରର ପ୍ରସିଦ୍ଧ କଂଗ୍ରେସ ନେତା ରାଜେନ୍ଦ୍ର ପ୍ରସାଦ ଏ ସମସ୍ତ କାର୍ଯ୍ୟରେ ଆଦୌ ସନ୍ତୁଷ୍ଟ ନଥିଲେ । ଏହା ଜାଣି ସୁଦ୍ଧା ପଣ୍ଡିତ ନୀଳକଣ୍ଠ ଅନ୍ୟ କେତେକ ଓଡ଼ିଆଙ୍କ ପରି ଭୀରୁତା ପ୍ରଦର୍ଶନ କରି ନଥିଲେ କିମ୍ବା ସିଂହଭୂମି ଦାବୀକୁ କୋହଳ କରି ଦେଇନଥିଲେ, ଯାହାକି ପରବର୍ତ୍ତୀ କାଳରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇଥିଲେ ସୁଦ୍ଧା କେତେକ ସ୍ୱାର୍ଥପର ଓଡ଼ିଆ ନେତାଙ୍କ ଯୋଗୁଁ ଚିରକାଳ ପାଇଁ ଖରସୁଆଁ, ସରେଇକଳା ଓଡ଼ିଶାରୁ ଛିନ୍ନ ହୋଇଗଲା ।

ପଣ୍ଡିତ ନୀଳକଣ୍ଠଙ୍କ ଉଦ୍‌ଯୋଗରେ ଓଡ଼ିଆମାନଙ୍କ ଏକତ୍ରିକରଣ ନିମନ୍ତେ ଓଡ଼ିଶାର ଯୁବ ସମ୍ପ୍ରଦାୟ ଅତ୍ୟନ୍ତ ଉତ୍ସାହ ସହକାରେ କାର୍ଯ୍ୟ କରୁଥିଲେ । ସେ ବର୍ଷ ଏପ୍ରିଲ ପହିଲା ଦିନ କରାଚିଠାରେ ଜାତୀୟ-କଂଗ୍ରେସ ଅଧିବେଶନ ଅନୁଷ୍ଠିତ ହେଲା । ଭାରତର ଭବିଷ୍ୟତ ଶାସନ ସଂସ୍କାର ବିଷୟରେ ଅସଂତୁଷ୍ଟ ଗୋଷ୍ଠୀ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ସୃଷ୍ଟି କରିଥିଲେ । କିନ୍ତୁ ଓଡ଼ିଶାର ଅଧିକାଂଶ କଂଗ୍ରେସ ସଭ୍ୟ ଦେଶ ମିଶ୍ରଣ କାର୍ଯ୍ୟରେ ଯୋଗ ଦେଇଥିବାରୁ ସେଥିରେ ନିବୃତ ହୋଇଥିଲେ । ଏହା ମୂଳରେ ନୀଳକଣ୍ଠଙ୍କ ପ୍ରେରଣା ଯେ ସନ୍ନିହିତ, ଏଥିରେ ଆଦୌ ସନ୍ଦେହ ନାହିଁ ।

ଏଣେ ପାରଳା ମହାରଜା ଦେଖିଲେ ଯେ, ଓଡ଼ିଆମାନଙ୍କ ପକ୍ଷରୁ ଯଦି ଦେଶ ମିଶ୍ରଣ ଆନ୍ଦୋଳନ ଶିଥିଳ ହୁଏ, ତାହାଲେ ଦୀର୍ଘ କାଳରେ ତପସ୍ୟା ମୂଲ୍ୟହୀନ ହୋଇଯିବ । ଗୋଲଟେବୁଲରେ ପ୍ରଦେଶ ଗଠନ ପାଇଁ ଯେଉଁ ସମର୍ଥନ ସେ ଅର୍ଜନ କରିଛନ୍ତି, ତାହା ମଧ୍ୟ ନିସ୍ଫଳ ହେବ । ଏଣୁ କାଳବିଳମ୍ବ ନ କରି ସେ ମାନ୍ଦ୍ରାଜ ଯାତ୍ରା କଲେ । ସେଠାରେ 'ଲେଣ୍ଡ ହୋଲଡର୍ସ ଏସୋସିଏସନ୍' (Land Holders Association) ପକ୍ଷରୁ ସମର୍ଥନ ହାସଲ କରି ମାନ୍ଦ୍ରାଜ ଲାଟଙ୍କ ନିର୍ଦ୍ଦେଶକ୍ରମେ

Digitized by PPRACHIN, SOA

ବଡ଼ଲାଟଙ୍କୁ ସାକ୍ଷାତ କରିବା ସକାଶେ ଦିଲ୍ଲୀ ଯାତ୍ରାକଲେ । ସେ ଯିବା ପୂର୍ବରୁ ଆମମାନଙ୍କୁ କହିଗଲେ ଯେ, କଟକରେ ଯଥାଶୀଘ୍ର ଗୋଟିଏ ସମ୍ମିଳନୀ ଆହ୍ୱାନ କରିବା ଆବଶ୍ୟକ । କାରଣ ଭାରତର ରାଜନୈତିକ ବାତାବରଣ ଦୃଷ୍ଟିରୁ ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ଅନୁକୂଳ ଅବସ୍ଥା ସୃଷ୍ଟି ହୋଇଥିଲା ସତ; କିନ୍ତୁ କଂଗ୍ରେସ ସଭ୍ୟମାନେ ଏହା ଆଗରୁ ପଣ୍ଡିତ ନୀଳକଣ୍ଠଙ୍କ ନେତୃତ୍ୱରେ ଯେଉଁ କାର୍ଯ୍ୟ ଆରମ୍ଭ କରିଥିଲେ ସେଥିର ଅବସାନ ଘଟିଲା ।

ପାରଳାଖେମୁଣ୍ଡି ମହାରାଜାଙ୍କ ନିର୍ଦ୍ଦେଶକ୍ରମେ କଟକ ଟାଉନହଲରେ ସମ୍ମିଳନୀର ଏକ ସ୍ୱତନ୍ତ୍ର ଅଧିବେଶନ ୧୯୩୧ ମାର୍ଚ୍ଚ ୧୧ ତାରିଖ ଦିନ ଅନୁଷ୍ଠିତ ହେଲା । ସେଥିପାଇଁ କାର୍ଯ୍ୟ ନିର୍ବାହିକା ସମିତିର ପ୍ରାଥମିକ ବୈଠକ ବସିଲା । ବହୁ ସଂଖ୍ୟାରେ ଅ-କଂଗ୍ରେସ ନେତାମାନେ ପ୍ରାକୃତିକ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସି ସେଥିରେ ଯୋଗଦେଲେ । ସେମାନଙ୍କ ମଧ୍ୟରେ ଗୋଦାବରୀଶ ପଟ୍ଟନାୟକ, ବ୍ରଜସୁନ୍ଦର ଦାସ, ମଧୁସୂଦନ ପାଣିଗ୍ରାହୀ, ଭୁବନେଶ୍ୱର ରଥ, ମଧୁପୁର ରଜା, ଧରାକୋଟ ରାଜା-ମଦନମୋହନ ସିଂହଦେବ, ରାୟବାହାଦୂର ଅଦ୍ୱୈତଚନ୍ଦ୍ର ଦାସ, ରାମକୃଷ୍ଣ ରଥ ପ୍ରମୁଖ ବ୍ୟକ୍ତିମାନେ ପ୍ରଧାନ ଅଂଶ ଗ୍ରହଣ କରିଥିଲେ । ସିଂହଭୂମିରୁ ମଧ୍ୟ କେତେକ ପ୍ରତିନିଧି ଯୋଗଦେଲେ । ଏହାପରେ ବ୍ରଜସୁନ୍ଦର ଦାସଙ୍କ ଅଧ୍ୟକ୍ଷତାରେ କଟକ ମୁକୁର ପ୍ରେସ୍ ଠାରେ ଗୋଟିଏ ଅଫିସ ଖୋଲା ହେଲା । ସେଥିରେ ମୟୁରଭଞ୍ଜରୁ ଆଗତ ପରମାନନ୍ଦ ଆଚାର୍ଯ୍ୟ, କଟକର ବ୍ରଜବନ୍ଧୁ ଦାସ ଓ ବିଦ୍ୟାଧର ପଟ୍ଟନାୟକ ଏବଂ ମୋତେ ମିଶାଇ ଗୋଟିଏ ବିଷୟ-ସଂଗ୍ରହ କମିଟି ଗଠିତ ହୋଇଥିଲା । ଓଡ଼ିଶାର ସୀମା-ସରହଦ ସମ୍ପୃକ୍ତ କେତେକ ଐତିହାସିକ ବିବରଣୀ ଓ ସରକାରୀ ରିପୋର୍ଟମାନଙ୍କରୁ ଆବଶ୍ୟକୀୟ ତଥ୍ୟ ସଂକଳନ କରି ସେଥିର ଅଂଶ-ଗୁଡ଼ିକ ଉଦ୍ଧାର କରିବାରେ ଆମେ ଲାଗିଲୁ । ତାହା ଛୋଟ ଛୋଟ ପୁସ୍ତକାକାରରେ ମଧ୍ୟ ଛପା ଗଲା । କାରଣ ବ୍ରିଟିଶ୍ ପାର୍ଲିଆମେଣ୍ଟ ଘୋଷଣା ଅନୁସାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ଏକ ସୀମା ନିର୍ଦ୍ଦେଶକ କମିଟି ଗଠିତ ହୋଇଥିଲା । * କମିଟି ସଭ୍ୟମାନଙ୍କୁ ବିଭିନ୍ନ ଅଞ୍ଚଳମାନଙ୍କରୁ ଯେଉଁ ସ୍ମାରକପତ୍ର ଓ ସାକ୍ଷ୍ୟ ଦିଆଯିବ, ସେଥିର ପ୍ରାମାଣିକ ତଥ୍ୟ ଓ ବିଷୟବସ୍ତୁ ସଂକଳନ ପାଇଁ ବିଷୟବସ୍ତୁ ଏ ପୁସ୍ତକଗୁଡ଼ିକ

---

*ଏ କମିଟି 'ଓଡ଼ୋନଲ କମିଟି' ( O' Donel Committee' ) ନାମରେ ପରିଚିତ । ଭାରତ ସରକାରଙ୍କ ତା ୮-୯-୧୯୩୧ ଆଦେଶନାମା ଅନୁସାରେ ଓଡ଼ୋନ-ଲଙ୍କ ଅଧ୍ୟକ୍ଷତାରେ ତିନି ଜଣ ସଭ୍ୟ ଓ ତିନି ଜଣ ଆସେସରଙ୍କୁ ନେଇ କମିଟି ଗଠିତ ହୋଇଥିଲା ।

Digitized by PPRACHIN, SOA

ସାହଯ୍ୟରେ ଯେପରି ସହଜରେ ମିଳିପାରିବ, ସେଥିର ବ୍ୟବସ୍ଥା କରଗଲ । ମୟୂରଭଞ୍ଜ ମହାରଜାଙ୍କ ଲଇବ୍ରେରୀରୁ ବହୁ ଗ୍ରନ୍ଥ ଏଥିପାଇଁ ସଂଗୃହୀତ ହୋଇ କଟକକୁ ଅଣାଯାଇ-ଥିଲ । ଏ ସମୟରେ ଗାନ୍ଧି-ଇରବିନ୍ ଚୁକ୍ତି ବହୁ କଂଗ୍ରେସ କର୍ମୀଙ୍କୁ ବିଚଳିତ କଲ । ଜବାହାରଲଲ ନେହରୁ ଓ ସୁବାସଚନ୍ଦ୍ର ବୋଷ ସେଥିରେ ଉତ୍କଟ ପ୍ରତିକ୍ରିୟା ସୃଷ୍ଟି କଲେ । ଏପରିକି କରଚୀର କଂଗ୍ରେସ ସଭକୁ ଗଲବେଳେ ଗାନ୍ଧିଙ୍କୁ କଳା ପତାକା ପର୍ଯ୍ୟନ୍ତ ପ୍ରଦର୍ଶିତ ହୋଇଥିଲ ।

ମହାତ୍ମା ଗାନ୍ଧି ଲଣ୍ଡନରେ ଅନୁଷ୍ଠିତ ଦ୍ୱିତୀୟ ଗୋଲଟେବୁଲ ବୈଠକରେ ଯୋଗଦେଲେ ସତ; କିନ୍ତୁ ଜିନାଙ୍କର ପ୍ରତିକ୍ରିୟା ଓ ମୁସଲମାନଙ୍କ ପାଇଁ ଆସ୍ଥାଭବିକ ଦାବୀ ହେତୁ କୌଣସି ପ୍ରସ୍ତାବକୁ ସେ ଗ୍ରହଣ କରି ନ ପାରି, ବିରକ୍ତ ହୋଇ ଭରତକୁ ଫେରି ଆସିଲେ । ଯେଉଁକ୍ଷଣି ସେ ଭରତରେ ପଦାର୍ପଣ କଲେ, ସଙ୍ଗେ ସଙ୍ଗେ ବଡ଼ଲଟ ଲର୍ଡ ବିଂଲିଙ୍ଗ୍‌ଡ଼ନ ( Lord Willngdon )ଙ୍କ ଆଦେଶକ୍ରମେ ତାଙ୍କୁ ବନ୍ଦୀ କରଗଲ । କଂଗ୍ରେସର ବହୁ ନେତା ମଧ୍ୟ ସ୍ୱତନ୍ତ୍ର ଅର୍ଡିନାନସ ବଳରେ ବନ୍ଦୀଗୃହରେ ଆବଦ୍ଧ ହେଲେ । କଂଗ୍ରେସ ଏକ ବେଆଇନ ଅନୁଷ୍ଠାନ ବୋଲି ଘୋଷଣା କରଗଲ ।

## ଓଡ଼ନେଲ କମିଟି ସାକ୍ଷ୍ୟଦାନରେ ନୀଲକଂଠଂକର ଅଭାବ ହେତୁ ସିଂହଭୂମି ଓ ମେଦନୀପୁର ଓଡ଼ିଶାରୁ ବିଚ୍ଛିନ୍ନ ହୋଇଗଲ :

ଏ ସମୟରେ ଓଡ଼ିଶାର ସୀମା ନିର୍ଣ୍ଣୟ କରିବାକୁ ଓଡ଼ୋନଲ କମିଟି ପକ୍ଷରୁ ବିଚ୍ଛିନ୍ନ ଅଞ୍ଚଳଗୁଡ଼ିକରେ ସାକ୍ଷ୍ୟ ଗ୍ରହଣ କାର୍ଯ୍ୟ ଚାଲିଥାଏ । ପଣ୍ଡିତ ନୀଳକଣ୍ଠ ସିଂହଭୂମି ଓ ମେଦିନୀପୁରରେ ରହିଥିବା ଓଡ଼ିଆ ଅଞ୍ଚଳଗୁଡ଼ିକର ମିଶ୍ରଣ ସମ୍ବନ୍ଧରେ ଅଧିକ ଅଭିଜ୍ଞତା ଲଭ କରିଥିବାରୁ ନିଜେ ସାକ୍ଷ୍ୟ ଦେବାକୁ ପ୍ରସ୍ତୁତ ହୋଇଥିଲେ । ଏହା ପୂର୍ବରୁ କଂଗ୍ରେସର କରଚୀ ଅଧିବେଶନ ପରେ ଓଡ଼ିଶାରେ ପରବର୍ତ୍ତୀ କଂଗ୍ରେସ ଅଧିବେଶନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲ । ସେତେବେଳେ ଆନ୍ଧ୍ରର ପଟ୍ଟାଭି ସୀତାରମେୟା ଓ ବିହାରର ରଜେନ୍ଦ୍ର ପ୍ରସାଦଙ୍କ ପରି ଉଚ୍ଚ କଂଗ୍ରେସ ନେତାମାନେ ମଧ୍ୟ ସଙ୍କୀର୍ଣ୍ଣ ପ୍ରାଦେଶିକ ମନୋଭବ ହେତୁ ଓଡ଼ିଶାର ବିଚ୍ଛିନ୍ନ ଅଞ୍ଚଳଗୁଡ଼ିକର ମିଶ୍ରଣ ବିରୁଦ୍ଧରେ କୌଶଳ ପ୍ରୟୋଗ କରୁଥାନ୍ତି । ଏହା ଜାଣିପାରି ପଣ୍ଡିତ ନୀଳକଣ୍ଠ 'ସମାଜ'ରେ ଆକ୍ଷେପ କରି ଲେଖିଥିଲେ ଯେ, କଂଗ୍ରେସର କୌଣସି ବିଶିଷ୍ଟ ନେତା ନିଜର ଅତି ପ୍ରାଦେଶିକତା ଓ ସଙ୍କୀର୍ଣ୍ଣତାର ପ୍ରଶ୍ରୟ ଦେବାକୁ ଯାଇ ଉତ୍କଳର ଯେଉଁ ଅଂଶଗୁଡ଼ିକ ଓଡ଼ିଶାକୁ ଯିବା କଥା, ତାହା କରଇ ଦେଉ ନାହାନ୍ତି । ଓଡ଼ିଶା ସୀମା ନିର୍ଦ୍ଦେଶ

Digitized by PPRACHIN, SOA

କମିଟିରେ ୧୯୩୨ ମସିହା ଜାନୁଆରି ୧୦ ତାରିଖ ଦିନ ପଣ୍ଡିତ ନୀଳକଣ୍ଠ କଂଗ୍ରେସ ପକ୍ଷରୁ ସାକ୍ଷ୍ୟ ଦେବା ସ୍ଥିର ହୋଇଥିଲା । କିନ୍ତୁ ସେଥିରେ ଦୈବ ଅନୁକୂଳ ହେଲନାହିଁ । ନିର୍ଦ୍ଦିଷ୍ଟ ଦିନର ପାଞ୍ଚଦିନ ଆଗରୁ କଂଗ୍ରେସକୁ ବେଆଇନ୍ ଅନୁଷ୍ଠାନ ବୋଲି ଭାରତ ସରକାରଙ୍କ ପକ୍ଷରୁ ଘୋଷିତ ହେଲା । ନିଖିଳ-ଭାରତ-କଂଗ୍ରେସର ପ୍ରସ୍ତାବିତ ପୁରୀ ଅଧିବେଶନ ପାଇଁ ଯେଉଁ ଅଭ୍ୟର୍ଥନା କମିଟି ଗଢାଯାଇଥିଲା, ସେଥିରେ ପଣ୍ଡିତ ନୀଳକଣ୍ଠ ପୁରୋଧା ଥିଲେ । ସେ କେତେ ଚେଷ୍ଟାକରି ମଧ୍ୟ କଂଗ୍ରେସ ଉଚ୍ଚ କର୍ମକର୍ତ୍ତାଙ୍କୁ ମନାଇ ପାରିଲେ ନାହିଁ-ତାଙ୍କୁ କଂଗ୍ରେସ ପକ୍ଷରୁ ଓଡ଼ୋନେଲ୍ କମିଟି ସମ୍ମୁଖରେ ସାକ୍ଷ୍ୟ ଦେବାକୁ ଅନୁମତି ଦିଆଗଲା ନାହିଁ । କାରଣ ସେହି କମିଟିକୁ ସର୍ବୋତଭାବେ କଂଗ୍ରେସ ପକ୍ଷରୁ ବର୍ଜନ କରାଯାଇଥିଲା ।

ଏ ସମ୍ବନ୍ଧରେ ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି, "ଏହି କମିଟି ୧୯୩୨ ବୈଠକରେ ମୋ ମେମୋରେଣ୍ଡମଟି ପର୍ଯ୍ୟନ୍ତ ବିଚାର କରି ନଥିଲେ । ରାଜେନ୍ଦ୍ରପ୍ରସାଦ ସେତେବେଳେ ବିହାର ଓଡ଼ିଶାରୁ ଜୋନାଲ ମୁଖ୍ୟ ଥିଲେ । ସେ ଆମକୁ ଓଡ଼ୋନେଲ କମିଟିକୁ ବୟକଟ୍ କରିବାକୁ ଜାନୁଆରୀ ୫ ତାରିଖରେ ଆଦେଶ ଦେଲେ; ଜାନୁଆରୀ ୧୦ ତାରିଖରେ ଏହି କମିଟିରେ ମୋର ମୌଖିକ ସାକ୍ଷ୍ୟ ଦେବାର ଥିଲା । ମୁଁ ୧୦ ତାରିଖ ଦିନ ଓଡ଼ୋନେଲ କମିଟି ସକାଶେ ଯାଇ ଜାମ୍‌ସେଦ୍‌ପୁରରେ ପହଞ୍ଚିଲି । କିନ୍ତୁ ସେହିଦିନ ସକାଳେ ବାବୁ ରାଜେନ୍ଦ୍ର ପ୍ରସାଦଙ୍କ ଆଦେଶମତେ ମତେ ଆଦେଶ ମିଳିଲା-ସେ ମେମୋରେଣ୍ଡମ୍ ଉପରେ ମତେ ସାକ୍ଷ୍ୟ ଦେବାକୁ ହେବନାହିଁ । ଓଡ଼ୋନେଲ କମିଟିକୁ ବୟକଟ୍ କରିବାକୁ ହେବ । ମୁଁ ମେମୋରେଣ୍ଡମ୍‌ଟିକୁ ଦେଇଥିଲେ ମଧ୍ୟ, ରାଜେନ୍ଦ୍ରପ୍ରସାଦଙ୍କ ଆଦେଶରେ କମିଟି ଆଗରେ ସାକ୍ଷ୍ୟ ନଦେଇ ଜାମ୍‌ସେଦପୁରରୁ ଫେରି ଆସିଲି; ଓଡ଼ୋନେଲ କମିଟି ତାଙ୍କ ରିପୋର୍ଟରେ ଓଡ଼ିଶା କଂଗ୍ରେସ କମିଟି ପକ୍ଷରୁ ଦିଆଯାଇଥିବା ମୋର ଛାପା ମେମୋରେଣ୍ଡମ୍‌ଟିର କୌଣସି ଉଲ୍ଲେଖ କରି ନଥିଲେ । ସେଠାରେ ଏହି କମିଟିରେ ବିହାରର ସଚ୍ଚିଦାନନ୍ଦ ସିଂହ ଥିଲେ; କିନ୍ତୁ ଓଡ଼ିଶାରୁ ବିଶେଷ ସେପରି କେହି ନଥିଲେ । ଏହିଠାରେ ଲକ୍ଷ୍ୟ କରିବାର ଅଛି, ରାଜେନ୍ଦ୍ରପ୍ରସାଦଙ୍କ ପରି ବଡ଼ ଲୋକମାନେ ସେକାଳେ ମଧ୍ୟ କିପରି ପ୍ରାଦେଶିକ ଭାବରେ ନିଜ ମହାଜାତୀୟ କର୍ତ୍ତବ୍ୟରୁ ଓହରି ଯାଉଥିଲେ । ସେହି ଯୋଗୁ ସିଂହଭୂମ, ଧଳଭୂମ ପ୍ରଭୃତି ଓଡ଼ିଆ ଅଞ୍ଚଳ ଓଡ଼ିଶାରୁ ବାଦ୍ ପଡ଼ିଯାଇଥିଲା ।"

ପଣ୍ଡିତ ନୀଳକଣ୍ଠ ଓ ତାଙ୍କ ସଙ୍ଗୀମାନେ ହତାଶ ହେଲେ ! କେହି କେହି ମଧ୍ୟ ପ୍ରସ୍ତାବ କଲେ ଯେ, ଉତ୍କଳର କଲ୍ୟାଣ ନିମନ୍ତେ କଂଗ୍ରେସ ନିୟମକୁ ସେ ଅମାନ୍ୟ କରିବା ଉଚିତ ।

(ଆତ୍ମଜୀବନୀ, ପୃ ୨୯୬; ୨୮୨)

Digitized by PPRACHIN, SOA

କିନ୍ତୁ ଭାରତର ତତ୍କାଳୀନ ଦ୍ରୁତ ରାଜନୈତିକ ପରିସ୍ଥିତି ଓ ଜଟିଳ ଅବସ୍ଥା ଦୃଷ୍ଟିରୁ ତାଙ୍କ ପକ୍ଷେ କଂଗ୍ରେସ ବର୍ଜନ କରିବା ସମ୍ଭବ ହେଲାନାହିଁ । ସମ୍ଭବତଃ ତାଙ୍କରି ଅଭାବ ହେତୁ ସିଂହଭୂମି ଏବଂ ମିଦନାପୁର ଚିରଦିନ ପାଇଁ ଓଡ଼ିଶାରୁ ବିଚ୍ଛିନ୍ନ ହୋଇଗଲା । ଏକଥା ଆମ୍ଭେ ସମସ୍ତେ ଅନୁଭବ କଲୁ; କାରଣ ମିଦନାପୁରର କଂଗ୍ରେସ ନେତା ସାସମଲ ସେଠା ଲୋକଙ୍କୁ ମତାଇ ପାରଳାଖେମୁଣ୍ଡି ମହାରାଜା ତଥା ଓଡ଼େନଲ୍ କମିଟି ବିରୁଦ୍ଧରେ ଯେଉଁ ଘୋର ଆନ୍ଦୋଳନ ସୃଷ୍ଟି କରିଥିଲେ, ପଣ୍ଡିତ ନୀଳକଣ୍ଠଙ୍କ ଉପସ୍ଥିତିରେ ତାହା ସମ୍ଭବ ହୁଅନ୍ତା ନାହିଁ । ବରଂ ସେଠାର ଅବସ୍ଥା ଭିନ୍ନ ଆକାର ଧାରଣ କରିଥାନ୍ତା । ସିଂହଭୂମିରେ ମଧ୍ୟ ସେଠା କଂଗ୍ରେସ କର୍ମୀମାନେ ଆଦିବାସୀ ଲୋକମାନଙ୍କୁ ମତାଇ ଦେଇ କମିଟି ବିରୁଦ୍ଧରେ ତାଙ୍କଦ୍ୱାରା କଳାପତାକା ପ୍ରଦର୍ଶନ କରାଇବା ସମ୍ଭବ ହୁଅନ୍ତା ନାହିଁ । ଏ ବାହାରେ ପଣ୍ଡିତ ନୀଳକଣ୍ଠଙ୍କ ଅକାଟ୍ୟ ପ୍ରମାଣ ଓ ଯୁକ୍ତିସମ୍ବଳିତ ସାକ୍ଷ୍ୟ ମଧ୍ୟ ସୀମା ନିର୍ଦ୍ଦେଶକ କମିଟି ସଭ୍ୟମାନଙ୍କୁ ନିଶ୍ଚିତଭାବେ ପ୍ରଭାବିତ କରନ୍ତା । ଗଞ୍ଜାମ ଜିଲ୍ଲାରେ ସେଠା ଓଡ଼ିଆ କର୍ମୀମାନଙ୍କ ତତ୍ପରତା ହେତୁ ଓଡ଼େନଲ୍ କମିଟିର ଗୋପାଳପୁର ବୈଠକରେ ଯେଉଁପରି ଅନୁକୂଳ ଅବସ୍ଥା ସୃଷ୍ଟି ହୋଇଥିଲା ତାହା ବିହାର ଓ ବଙ୍ଗଳାରେ ସମ୍ଭବ ହେଲା ନାହିଁ ।

ଲଣ୍ଡନରେ ଅନୁଷ୍ଠିତ ତୃତୀୟ ଗୋଲଟେବୁଲ ବୈଠକରେ କଂଗ୍ରେସ ଯୋଗ ଦେଲାନାହିଁ । ସେତେବେଳେ ସୀମା ନିର୍ଦ୍ଦେଶ କମିଟି ପକ୍ଷରୁ ସରକାରଙ୍କୁ ଯେଉଁ ରିପୋର୍ଟ ଦିଆଯାଇଥିଲା ସେଥିରେ ଗଞ୍ଜାମରୁ ପାରଳାଖେମୁଣ୍ଡି, ମଞ୍ଜୁଷା, ଟିକଲି ପ୍ରଭୃତି ଓଡ଼ିଆ ଅଞ୍ଚଳ ସମେତ ସମଗ୍ର ଜୟପୁର ଜମିଦାରୀ (ଆଧୁନିକ କୋରାପୁଟ ଜିଲ୍ଲା)କୁ ମିଶାଇ ସିଂହଭୂମି, ମିଦନାପୁର ପ୍ରଭୃତି ଓଡ଼ିଆ ଅଞ୍ଚଳ ଓଡ଼ିଶାରୁ ଅନ୍ତର କରି କମିଟି ଚେୟାରମ୍ୟାନ୍ ଓଡ଼େନଲ୍ ମତପ୍ରକାଶ କରିଥାନ୍ତି । ଏଥିରେ ଓଡ଼ିଶା ତଥା ବାହାର ପତ୍ରିକାମାନଙ୍କରେ ସପକ୍ଷ ଓ ବିପକ୍ଷ ସମାଲୋଚନା ଚାଲିଥାଏ । ସେତିକିବେଳେ ୧୯୩୩ ମସିହା ମାର୍ଚ୍ଚ ୧୮ ତାରିଖ ଦିନ ସରକାରଙ୍କ ପକ୍ଷରୁ 'ଶ୍ୱେତପତ୍ର' (White Paper) ଦିଲ୍ଲୀରେ ପ୍ରକାଶିତ ହେଲା । ଓଡ଼ିଆମାନେ ସ୍ୱତନ୍ତ୍ର ପ୍ରଦେଶ ପାଇ ସୁଦ୍ଧା ହତାଶ ହୋଇପଡ଼ିଲେ । ପଣ୍ଡିତ ନୀଳକଣ୍ଠ ଦୀର୍ଘଦିନ ଜେଲରେ ଆବଦ୍ଧ ହେବା ଫଳରେ ରୁଗ୍ଣ ଓ ଦୁର୍ବଳ ହୋଇ ପଡ଼ିଥିଲେ । ତଥାପି ସେ ଘନ ଘନ ଗଞ୍ଜାମକୁ ଯାଇ ତାଙ୍କ ବନ୍ଧୁ ଶଶିଭୂଷଣ ରଥ ଓ ଲିଙ୍ଗରାଜ ପାଣିଗ୍ରାହୀଙ୍କ ସଙ୍ଗେ ଦେଶ ମିଶ୍ରଣ ଓ ସେଥିର ସୀମା ସମ୍ବନ୍ଧରେ ଆଲୋଚନା କରୁଥିଲେ । ତାଙ୍କ ଗଞ୍ଜାମ ଗସ୍ତବେଳେ କେବେ କେବେ ସେ ପାରଳାଖେମୁଣ୍ଡି ଯାଇ ଆମ୍ଭମାନଙ୍କୁ ମଧ୍ୟ ପରାମର୍ଶ ଦେଉଥିଲେ । ବିଶାଳ ଓଡ଼ିଶା ଗଠନ କାର୍ଯ୍ୟରେ ତାଙ୍କ

Digitized by PPRACHIN, SOA

ଅବଦାନ ଏକ ଅବିସ୍ମରଣୀୟ ଐତିହାସିକ ସଙ୍କେତ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଅନ୍ୟାୟ ଭାବରେ କୌଣସି ମୌଳିକ ଯୁକ୍ତିକୁ ଆଶ୍ରୟ ନକରି କେତେକ ଓଡ଼ିଆ ଅଞ୍ଚଳ ପରିତ୍ୟକ୍ତ ହୋଇଥିବାରୁ ସେଥିର ପୁନର୍ବିଚାର ପାଇଁ ଓଡ଼ିଆମାନଙ୍କ ପକ୍ଷରୁ ପ୍ରବଳ ଆନ୍ଦୋଳନ ସୃଷ୍ଟି ହେଲା । ଏଥିରେ ପାରଳା ମହାରାଜା ନେତୃତ୍ୱ ନେଇଥାନ୍ତି । ୧୯୩୨ ସାଲ ସେପ୍ଟେମ୍ବର ୨୭ ତାରିଖ ଦିନ ତାଙ୍କ ଅଧ୍ୟକ୍ଷତାରେ ଭୁବନାନନ୍ଦ ଦାସ, ବି. ଏନ୍. ମିଶ୍ର, ଲିଙ୍ଗରାଜ ପାଣିଗ୍ରାହୀ ପ୍ରମୁଖ ୧୪ ଜଣ ସଭ୍ୟ ସିମଲାଠାରେ ବଡ଼ଲାଟ ଲର୍ଡ ୱିଲିଂଡନ୍‌ଙ୍କୁ ସାକ୍ଷାତ କରି ଓଡ଼ିଶା ପ୍ରଦେଶର ସୀମା ସମ୍ବନ୍ଧେ ପୁନର୍ବିଚାର କରିବା ପ୍ରସ୍ତାବ ଉପସ୍ଥାପିତ କଲେ । ଭାଇସ୍‌ରୟଙ୍କୁ ପରାମର୍ଶ ଦେବା ପାଇଁ ରିଫର୍ମ କମିଶନର (Reform Commissioner) ଲୁଇସ୍ (Lewis) ସାହେବ ମଧ୍ୟ ସେହି ଆଲୋଚନାରେ ଅଂଶଗ୍ରହଣ କରିଥାନ୍ତି । ଓଡ଼ିଆମାନଙ୍କଠାରୁ ଯୁକ୍ତିଗୁଡ଼ିକ ଶୁଣିଲା ପରେ ଲର୍ଡ ୱିଲିଂଡନ୍ ସେକ୍ରେଟାରୀ ଅଫ୍ ଷ୍ଟେଟଙ୍କଠାକୁ ତାଙ୍କର ଏକ ଅନୁକୂଳ ରିପୋର୍ଟ ପଠାଇଲେ । ଏହା ଫଳରେ ଓଡ଼ିଶାର ସୀମା–ସରହଦ ବିଷୟରେ ପୁନର୍ବିଚାର କରି ଶେଷ ସିଦ୍ଧାନ୍ତ ନେବା ସକାଶେ 'ଜଏଣ୍ଟ ପାର୍ଲିଆମେଣ୍ଟାରୀ ସବ୍ କମିଟି' (Joint Parliamentary Sub-Committee) ଗଠିତ ହେଲା । ଏହା 'ଏଟଲୀ ସବ୍ କମିଟି' (Attle Sub-Committee ନାମରେ ପରିଚିତ ହୁଏ ।

## କଟକରେ ସର୍ବଦଳୀୟ ସମ୍ମିଳନୀରେ ନୀଳକଣ୍ଠ:

ଏଥିପୂର୍ବରୁ ପାରଳା ମହାରାଜାଙ୍କ ପ୍ରସ୍ତାବକ୍ରମେ କଟକରେ ଏକ ସର୍ବଦଳୀୟ ସମ୍ମିଳନୀର ଆୟୋଜନ ଚାଲିଥାଏ । ଓଡ଼ିଶା ପ୍ରଦେଶରେ ଅନ୍ତତଃ ଜୟପୁର ଓ ପାରଳା-ଖେମୁଣ୍ଡିକୁ ଯଦି ଯୋଗ କରାନଯାଏ, ତାହାହେଲେ ଓଡ଼ିଆମାନେ ସମୂହଭାବେ ସ୍ୱତନ୍ତ୍ର ପ୍ରଦେଶ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି ବୋଲି ଏକ ପ୍ରସ୍ତାବ କରିବାକୁ ସ୍ଥିର ହୋଇଥିଲା । କଟକରେ ସର୍ବଦଳୀୟ ସଭାର ବିରାଟ ଆୟୋଜନ ହେଲା । ଏଥିରେ ରାୟବାହାଦୁର ଦାମୋଦର ରଥ ଓ ମୁଁ, ପାରଳା ମହାରାଜାଙ୍କ ପ୍ରସ୍ତାବକ୍ରମେ ନିଯୁକ୍ତ ହେଲୁ । ମିଷ୍ଟର ଦାସଙ୍କ ପରାମର୍ଶ ଅନୁସାରେ କାର୍ଯ୍ୟ ତୁଲାଇବାକୁ ପଡ଼ିଲା । ସେ ମୋତେ କହିଲେ, 'କଂଗ୍ରେସ–ଦଳ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସ ଯଦି ସଭାରେ ଯୋଗ ନଦେବେ, ତାହେଲେ ସର୍ବଦଳୀୟ–ସମ୍ମିଳନୀର କୌଣସି ମୂଲ୍ୟ ରହିବ ନାହିଁ । ଏଣୁ ତୁମେ ତାଙ୍କୁ ନିମନ୍ତ୍ରଣ କର ।'' ପଣ୍ଡିତ ନୀଳକଣ୍ଠଙ୍କ ବସାକୁ ଯାଇ ପ୍ରସ୍ତାବିତ ସଭାରେ ଯୋଗଦେବାକୁ ମୁଁ ଅନୁରୋଧ କଲି । ସେତେବେଳେ ଓଡ଼ିଶାର ଅନ୍ୟ କେତେକ ନେତାଙ୍କ ମତ ଥିଲା ଯେ, ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠିତ ହୋଇଗଲା ପରେ ପରିତ୍ୟକ୍ତ ଅଞ୍ଚଳଗୁଡ଼ିକ ପାଇଁ

Digitized by PPRACHIN, SOA

ଆନ୍ଦୋଳନ କରିବା ଯୁକ୍ତିଯୁକ୍ତ । ଏ ପ୍ରସଙ୍ଗରେ ଶଶିଭୂଷଣ ରଥ 'ଆଶା' ପତ୍ରିକାରେ ଲେଖିଲେ, "କାନ୍ଦୁଥିବା, ଯାହା ମିଳୁଥିବା, ବାନ୍ଧୁଥିବା ।" ପଣ୍ଡିତ ନୀଳକଣ୍ଠ ମଧ୍ୟ ସେହି ନୀତିର ଅନୁଗାମୀ ଥିଲେ । ତେଣୁ ଆମ ନିମନ୍ତ୍ରଣ ଏଡ଼ାଇବାକୁ ଯାଇ ସେ କହିଲେ–"କେତୋଟି ଆଦିବାସୀ ଶବର ଅଞ୍ଚଳର ମିଶ୍ରଣ ପାଇଁ ଏବେ ମିଳୁଥିବା ସ୍ୱତନ୍ତ୍ର ପ୍ରଦେଶ ଛାଡ଼ି ଦେବାକୁ ମୁଁ ରାଜି ନୁହେଁ ।" ଏ କଥାରେ ମୁଁ ହତାଶ ହୋଇ କହିଲି-"ଓଡ଼ିଶା ପ୍ରଦେଶ କେବଳ ସଭ୍ୟ ଶିକ୍ଷିତ ଜାତିଙ୍କ ପାଇଁ କ'ଣ ଗଢ଼ାଯିବ ? ସେଥିରେ ଆଦିବାସୀ ଶବରମାନଙ୍କର କିଛି ଅଂଶ ନାହିଁ ? ସେମାନେ ପରା ଆମ ଜାତୀୟ ଦେବତା ଶ୍ରୀ ଜଗନ୍ନାଥଙ୍କୁ ଆଣି ଦେଇଥିଲେ ।" ମୋ କଥାକୁ ସେ ଭ୍ରୂକ୍ଷେପ ନକରି କହିଲେ : "ଓ–ଭାଷା ସୂତ୍ରରେ ପ୍ରଦେଶ ଗଠିତ ହେଉଛି । ଶବରମାନଙ୍କ ଭାଷା 'ଆଷ୍ଟ୍ରିକ' ପରିବାରର ଭୁକ୍ତ । ତେଣୁ ସେମାନଙ୍କ ଭାଷା ସଙ୍ଗେ ଦ୍ରାବିଡ଼ୀୟ ଭାଷାର ସମ୍ବନ୍ଧ ରହିଛି ।" ମୁଁ କହିଲି–"ଶବରମାନଙ୍କ ଭାଷା ମୁଣ୍ଡାରୀ ଶ୍ରେଣୀୟ । ଓଡ଼ିଆ ସଙ୍ଗେ ସେ ଭାଷାର ଯଥେଷ୍ଟ ସମ୍ବନ୍ଧ ବିଦ୍ୟମାନ ।" ସେ ଏଥିର ପ୍ରମାଣ ଗ୍ରହିବାରୁ ମୁଁ ରେଭେନ୍‌ସା କଲେଜ ଲାଇବ୍ରେରୀରୁ ଥାର୍ଷ୍ଟୋନ୍ (Thurston)ଙ୍କ ଲିଖିତ 'Caste and Tribes of the Madras Presidency' ପୁସ୍ତକଟି ନେଇ ତାଙ୍କୁ ଦେଖାଇଲି । ଏଥିରୁ ମୁଁ ବୁଝିଥିଲି ଯେ, ସତ୍ୟର ସେ ଉପାସକ । ଏହାପରେ ସର୍ବଦଳୀୟ ସଭାରେ ସେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ସେହି ସଭାରେ ଯେଉଁ ମୂଳ ପ୍ରସ୍ତାବଟି ସର୍ବସମ୍ମତିକ୍ରମେ ଗୃହୀତ ହେଲା, ତାହା ଲିଙ୍ଗରାଜ ପାଣିଗ୍ରାହୀ ଉପସ୍ଥାପିତ କଲେ । ଏହାପରେ ଉପର ବର୍ଣ୍ଣିତ ଆଟ୍ଲି ସବ୍-କମିଟି ଲଣ୍ଡନରେ ବସି ଓଡ଼ିଶାରେ ପାରଳା ଖେମୁଣ୍ଡି ସହର ସଙ୍ଗେ ଅଳ୍ପ କେତେକ ଅଞ୍ଚଳ ପୁଣି ଜୟପୁର ଜମିଦାରୀ ସମେତ ଜଚତର ଓ ପାରଳାଖେମୁଣ୍ଡି-ମାଢ଼ ନୂତନ ପ୍ରଦେଶରେ ଯୋଗକରାଗଲା ।

## ନୀଳକଣ୍ଠଙ୍କ ପରବର୍ତ୍ତୀ ଜୀବନ :

ଓଡ଼ିଶା ପ୍ରଦେଶ ଗଠନ ପରେ ପଣ୍ଡିତ ନୀଳକଣ୍ଠଙ୍କ ୧୯୩୬ ମସିହାଠାରୁ ରାଜନୈତିକ ତଥା ଶାସନ ସଂକ୍ରାନ୍ତ ବ୍ୟାପାରରେ ସକ୍ରିୟଭାବେ ଯୋଗଦେଇ ବା ଏକ ବିରାଟ ଅଧ୍ୟାୟ ତାଙ୍କର ମୂଲ୍ୟବାନ୍ ପରାମର୍ଶରେ ବହୁ ଅଭ୍ୟୁଦୟମୂଳକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ସେ କିଛିକାଳ ଓଡ଼ିଶା ବିଧାନସଭାର ଅଧ୍ୟକ୍ଷ ବା ସ୍ପିକର (Speaker) ପଦରେ ନିଯୁକ୍ତ ହୋଇ ବିଭିନ୍ନ ରାଜନୈତିକ ଦଳର ବିଶ୍ୱାସଭାଜନ ହୋଇଥିଲେ ଏବଂ ନିଷ୍ଠାପର ଭାବେ ନିଜ କର୍ତ୍ତବ୍ୟ ସମ୍ପାଦନ କରୁଥିଲେ । ୧୯୫୩ ସାଲରେ ସେ ଭୁବନେଶ୍ୱରରେ ତାଙ୍କ ଜାମାତା ସୁପରିଟେଣ୍ଡେଣ୍ଟ ଇଂଜିନିୟର୍ ଶ୍ରୀ ମଧୁସୂଦନ ଦାସଙ୍କ ସଙ୍ଗେ ସରକାରୀ

Digitized by PPRACHIN, SOA

ବାସଭବନରେ ରହିଥାନ୍ତି । କେବେ ତାଙ୍କ ସଙ୍ଗେ ମୋର ଦେଖାହୁଏ । ଯେତେଥର ମୁଁ ତାଙ୍କ ବସାକୁ ଯାଇଛି, ଦେଖିବାକୁ ପାଏ ଗୋଟିଏ ଶଯ୍ୟାରେ ଅର୍ଦ୍ଧଶାୟିତ ଅବସ୍ଥାରେ ପୁସ୍ତକ ପଢ଼ିବାରେ ସେ ବ୍ୟସ୍ତ । ପୁଣି ତାଙ୍କ ଶଯ୍ୟାର ଉଭୟପାର୍ଶ୍ୱରେ ବହୁ ଖାତା ଓ ପୁସ୍ତକ ବିଛୁରିତ । ସେ ଯେପରି ଗ୍ରନ୍ଥପ୍ରିୟ ଥିଲେ, ଗ୍ରନ୍ଥଗୁଡ଼ିକ ମଧ୍ୟ ସତେ ଯେପରି ତାଙ୍କୁ ଆଲିଙ୍ଗନ କରି ରହିଥାନ୍ତି । ତାଙ୍କ ସୁଦୀର୍ଘ ଶ୍ମଶ୍ରୁଗୁମ୍ଫ–ମଣ୍ଡିତ ମୁଖରେ ପ୍ରାଚୀନ ମୁନି ଓ ସାଧକମାନଙ୍କ ପରି ତେଜ ପ୍ରସାରିତ ହେଉଥିଲା । ତାଙ୍କ ଚକ୍ଷୁରେ ଅପୂର୍ବ ଜ୍ଞାନ ଗରିମା ଓ ଜ୍ୟୋତିଃ ଯେପରି ଫୁଟି ଉଠୁଥିଲା, ସେପରି କଥାରେ ମଧ୍ୟ ଦୃଢ଼ତା ଓ ଗାମ୍ଭୀର୍ଯ୍ୟ ପୂରି ରହିଥିଲା ।

## ସାହିତ୍ୟିକ ଓ କବି ନୀଳକଂଠ

ପଣ୍ଡିତ ନୀଳକଣ୍ଠ କେବଳ ଯେ ରାଜନୀତି କ୍ଷେତ୍ରରେ ଜ୍ଞାନ ପ୍ରତିଭା ବିକୀରଣ କରିଥିଲେ ତା ନୁହେଁ, ସେ ଜଣେ ଅତି ଉଚ୍ଚକୋଟିର ସାହିତ୍ୟିକ ଓ କବିରୂପେ ମଧ୍ୟ ଏ ଜାତିର ନମସ୍ୟ ହୋଇଅଛନ୍ତି । ଅକ୍ଲାନ୍ତ ଅଧ୍ୟବସାୟଜନିତ ଭଗ୍ନ ସ୍ୱାସ୍ଥ୍ୟରେ ମଧ୍ୟ ସେ ବିଭିନ୍ନ କ୍ଷେତ୍ରରେ ଗୁରୁଗୌରବ ଲାଭ କରିଅଛନ୍ତି । ଜଣେ ଅଧ୍ୟାପକଙ୍କ ଭାଷାରେ କହିବାକୁ ଗଲେ : "ସେ ଥିଲେ ଏକାଧାରରେ ଜଣେ ଶକ୍ତିଶାଳୀ ବାଗ୍ମୀ, ବିଚକ୍ଷଣ ପଣ୍ଡିତ, ସୁଦୃଢ଼ ସଙ୍ଗଠକ, ପ୍ରଭାବଶାଳୀ ବ୍ୟବସ୍ଥାପକ, ପ୍ରତିଭାସମ୍ପନ୍ନ କବି ଏବଂ ସର୍ବୋପରି ଜଣେ ମାନ୍ୟଗଣ୍ୟ ନେତା" ।

ତାଙ୍କ ରଚନାବଳୀ ମଧ୍ୟରେ ଓଡ଼ିଆ ସାହିତ୍ୟର କ୍ରମପରିଣାମ, ଆର୍ଯ୍ୟ ଜୀବନ, ସଂସ୍କୃତ ଓ ସଂସ୍କୃତି, ଭଗବଦ୍ ଗୀତା ଭାଷ୍ୟ ପ୍ରମୁଖ ଗ୍ରନ୍ଥ ତାଙ୍କ ପାଣ୍ଡିତ୍ୟର ମୂକସାକ୍ଷୀ । ଖାରବେଳ, ଦାସ ନାଏକ, ପ୍ରଣୟିନୀ, କୋଣାର୍କେ ଓ ମାୟାଦେବୀ ପ୍ରଭୃତି କାବ୍ୟ ତାଙ୍କ କବି–ପ୍ରତିଭାର ଗରିମା ବହନ କରେ । ଏହା ବ୍ୟତୀତ ତାଙ୍କ ରଚିତ ପିଲାଙ୍କ ରାମାୟଣ-ମହାଭାରତ ପ୍ରଭୃତି ଶିଶୁ ସାହିତ୍ୟ ଅତି ଉପାଦେୟ । ଓଡ଼ିଆ ଓ ଇଂରାଜୀ ଭାଷାରେ ତାଙ୍କ ଲେଖନୀପ୍ରସୂତ ବହୁ ତଥ୍ୟମୂଳକ ପ୍ରବନ୍ଧମାନ ବିଭିନ୍ନ ପତ୍ରିକାରେ ପ୍ରକାଶିତ ହୋଇଛି । ସେ ନିଜର 'ଆତ୍ମ ଜୀବନୀ' ଲେଖି କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ । ସ୍ଥୂଳରେ କହିବାକୁ ଗଲେ ଅଗାଧ ସଂସ୍କୃତ ଶାସ୍ତ୍ର ସମେତ ଗବେଷଣା ମୂଳକ ଇଂରାଜୀ ଗ୍ରନ୍ଥମାନ ପାଠ କରି ତାଙ୍କ ଚିନ୍ତା ଓ ଗବେଷଣା ପ୍ରବୃତ୍ତି ଏତେଦୂର ମାର୍ଜିତ ହୋଇଥିଲା ଯେ, ସେ ଯେକୌଣସି ଜଟିଳ ବିଷୟର ଆଲୋଚନା ବେଳେ ଅନର୍ଗଳ ବାଗ୍ମିତା ପ୍ରକାଶ କରୁଥିଲେ । ଏପରିକି ଗବେଷଣାମୂଳକ ପ୍ରବନ୍ଧ ପର୍ଯ୍ୟନ୍ତ ମୁହେଁ ମୁହେଁ ଡାକିଦେବା ଶକ୍ତି ତାଙ୍କଠାରେ ଥିଲା । ସେଥିର ନିଦର୍ଶନସ୍ୱରୂପ ୧୯୪୮ ମସିହାରେ

Digitized by PPRACHIN, SOA

ବଲାଙ୍ଗିରଠାରେ ଅନୁଷ୍ଠିତ ଏକ ଆଲୋଚନାମୂଳକ ପଣ୍ଡିତ ସମ୍ମେଳନୀର ଘଟଣା ଏଠାରେ ପ୍ରକାଶ କଲେ ଅସଙ୍ଗତ ହେବନାହିଁ ।

୧୯୪୭ ମସିହା, ଯେଉଁ ସମୟରେ ଓଡ଼ିଶା ସଙ୍ଗେ ଗଡ଼ଜାତମାନଙ୍କର ମିଶ୍ରଣ ହୋଇ ନ ଥିଲା, ସେତେବେଳେ ପୂର୍ବ ଗଡ଼ଜାତର କେତେଜଣ ରଜା ଓ ମହାରଜାଙ୍କ ଆନୁକୂଲ୍ୟରେ ବଲାଙ୍ଗିରଠାରେ "କଳିଙ୍ଗ ଐତିହାସିକ ସମିତି" ନାମରେ ଏକ ଅନୁଷ୍ଠାନ ଗଠିତ ହେଲା । ସେହି ଅନୁଷ୍ଠାନ ପକ୍ଷରୁ ଗୋଟିଏ ଉଚ୍ଚକୋଟିର ଗବେଷଣାତ୍ମକ ତ୍ରୈମାସିକ ଇଂରଜୀ ପତ୍ରିକା ପ୍ରକାଶିତ ହେଉଥିଲା । ସେଥିରେ ସ୍ୱର୍ଗୀୟ ପୂର୍ଣ୍ଣଚନ୍ଦ୍ର ରଥ, କେଦାରନାଥ ମହାପାତ୍ର ଏବଂ ମୋତେ ମିଶାଇ—୩ ଜଣ ମୁଖ୍ୟତଃ ନିଯୁକ୍ତ ହୋଇଥିଲୁ । ସର୍ବ–ଭାରତୀୟ ସ୍ତରରେ ପତ୍ରିକାଟି ଆଦୃତ ହେବାରୁ କେତେକ ବୈଦେଶିକ ବିଦ୍ୱାନଙ୍କ ଆଗ୍ରହ ଲକ୍ଷ୍ୟକରି ସମିତିର ସଭାପତି, ବଲାଙ୍ଗିରର ଭୂତପୂର୍ବ ମହାରଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ଏବଂ କଳାହାଣ୍ଡି ମହାରଜା ପ୍ରତାପକେଶରୀ ଦେଓଙ୍କ ପ୍ରସ୍ତାବକ୍ରମେ ଗୋଟିଏ ବାର୍ଷିକ ସଭାର ଆୟୋଜନ ହେଲା । ସେଥିରେ ପୁନା ସେଣ୍ଟ–ଜାବୀର କଲେଜର ପ୍ରାଚ୍ୟ-ବିଦ୍ୟା ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ( ଡ଼ାଇରେକ୍‌ଟର ) ଏବଂ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ରେଭେରେଣ୍ଡ ହେରସ (Rev. Heras) ସଭାପତି ରୂପେ ବରିତ ହେଲେ । ବିଶିଷ୍ଟ ଅତିଥି ରୂପେ ପଣ୍ଡିତ ନୀଳକଣ୍ଠ ଦାସ ଏବଂ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ସେଥିରେ ଅଂଶଗ୍ରହଣ କରିଥିଲେ । ଅଭ୍ୟର୍ଥନା ସମିତିର ସମ୍ପାଦକ ରୂପେ ମୁଁ ନିଯୁକ୍ତ ଥିଲି । ପଣ୍ଡିତ ନୀଳକଣ୍ଠଙ୍କୁ ସେହି ସଭାରେ ପ୍ରଧାନବକ୍ତା ରୂପେ "ବୈଦିକ ଆର୍ଯ୍ୟ ସଂସ୍କୃତି" Vedic Culture of Aryans) ଶୀର୍ଷକ ଗୋଟିଏ ଭାଷଣ ଇଂରଜୀରେ ଦେବାକୁ ଅନୁରୋଧ କରାଗଲା । ସେ ମଧ୍ୟ ତାହା ଆନନ୍ଦରେ ଗ୍ରହଣ କଲେ ଓ ସଙ୍ଗେ ସଙ୍ଗେ ପ୍ରବନ୍ଧଟି ଡ଼ାକି ଦେଇଥିଲେ କାରଣ ତାଙ୍କ ଭାଷଣ ପୂର୍ବ ପରିକଳ୍ପିତ ହୋଇ ନ ଥିଲା । ଏପରି ସୁନ୍ଦର ଓ ପ୍ରାଞ୍ଜଳ ଭାବେ ଋଗ୍‌ବେଦ ଓ ଯଜୁର୍ବେଦର କେତେକ ମନ୍ତ୍ର ଉଦ୍ଧାର କରି ପରବର୍ତ୍ତୀ ଯୁଗର ସଂହିତା ଓ ସାଂଖ୍ୟ ଦର୍ଶନାଦିର କ୍ରମବିକାଶ ଓ ସେଥିର ଐତିହାସିକ ପରମ୍ପରା ବୁଝାଇ ଥିଲେ, ଯାହାକି ସଭାପତି ହେରାସ୍‌ଙ୍କୁ ମୁଗ୍ଧ କରିଦେଇଥିଲା । ତେଣୁ ହେରାସ୍ ତାଙ୍କ ସଭାପତି ଭାଷଣରେ ପଣ୍ଡିତ ନୀଳକଣ୍ଠଙ୍କର ଉଚ୍ଚ ପ୍ରଶଂସା କରିଥିଲେ । କାରଣ ସେ ନିଜେ ବୈଦିକ ଗ୍ରନ୍ଥଗୁଡ଼ିକର ମୌଳିକ ତଥ୍ୟ ଅନୁଶୀଳନ କରି ସୈନ୍ଧବ ସଭ୍ୟତା ସଙ୍ଗେ ସେଥିର ସମ୍ବନ୍ଧ ଗବେଷଣା କରିବାରେ ଲାଗିଥାନ୍ତି । ଏହାପରେ ମୁଖ୍ୟମନ୍ତ୍ରୀ ମହତାବ ତାଙ୍କ ଭାଷଣରେ ବ୍ୟକ୍ତ କରିଥିଲେ ଯେ, ଓଡ଼ିଶା ସରକାରଙ୍କ ପକ୍ଷରୁ ଇତିହାସ ଗବେଷଣାପାଇଁ ଏକ ଅନୁରୂପ ଅନୁଷ୍ଠାନ ଗଢ଼ିବା

Digitized by PPRACHIN, SOA

ପ୍ରକାଶ ସେ କରୁଅଛନ୍ତି । କହିବା ବାହୁଲ୍ୟ ଯେ, ୧୯୫୦ ମସିହାରେ ଓଡ଼ିଶା ସଙ୍ଗେ ଗଡ଼ଜାତଗୁଡ଼ିକର ମିଶ୍ରଣ ପରେ ଓଡ଼ିଶାର ସେହି ଅନୁଷ୍ଠାନଟି ଭାଙ୍ଗି ଦିଆଗଲା ଓ ଭୁବନେଶ୍ୱରରେ ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ସଂଗ୍ରହାଳୟ ପ୍ରତିଷ୍ଠିତ ହେଲା । ସେଥିରେ ପ୍ରଧାନ ଅଧ୍ୟକ୍ଷରୂପେ ପଣ୍ଡିତ ନୀଳକଣ୍ଠଙ୍କୁ ନିଯୁକ୍ତ କରିବା ପାଇଁ ଡ଼ଃ ମହତାବ ପ୍ରସ୍ତାବ କରିଥିଲେ । ନୀଳକଣ୍ଠ ସେତେବେଳେ ତାଙ୍କ 'ନବଭାରତ'' ସାହିତ୍ୟ ପତ୍ରିକା ଚଳାଇବାକୁ ଅର୍ଥାଭାବ ଅନୁଭବ କରୁଥିଲେ ସୁଦ୍ଧା ଡ଼ଃ ମହତାବଙ୍କ ପ୍ରସ୍ତାବଟି ପ୍ରତ୍ୟା– ଖ୍ୟାନ କରିଦେଲେ: କାରଣ କାହାରି ଅଧିନରେ ରହି ସ୍ୱାତନ୍ତ୍ର୍ୟ ହରାଇବା ତାଙ୍କର ଆଦୌ ଇଚ୍ଛା ନ ଥିଲା । ପରିଣତ ବୟସରେ ସେ ବହୁ ସମାଲୋଚନା ତଥା ତଥ୍ୟ ମୂଳକ ପ୍ରବନ୍ଧ ଓ ଗ୍ରନ୍ଥ ଲେଖିଥିଲେ ସୁଦ୍ଧା ତାଙ୍କ ଜୀବନର ମଧ୍ୟଭାଗରେ ସେ ଯେଉଁ ଓଡ଼ିଆ କାବ୍ୟ– କବିତାମାନ ରଚନା କରିଥିଲେ, ତାହା ଓଡ଼ିଆ ସାହିତ୍ୟରେ ରାଧାନାଥ–ଯୁଗର ପ୍ରଦୋଷ ସୃଷ୍ଟି କଲା ।

× × × × ×

୧୯୬୭ ସାଲରେ ଓଡ଼ିଶାର ସେହି ମହାନ୍ ବ୍ୟକ୍ତିତ୍ୱର ଅବସାନ ହେଲା । ଏହାପରେ ଅଦ୍ୟାବଧି ସେହି ଶୂନ୍ୟସ୍ଥାନ ପୂରଣ ହୋଇନାହିଁ ।

ଆତ୍ମ ସୁଖେ ମଜ୍ଜି କେତେ କରଂତି ଗରବ
ଧର୍ମନାମେ କାମନାର ଭୋଗ ପ୍ରଗ୍ରହଣେ,
ବାସନାର ଏ ବିଶ୍ୱାସେ ସତେ କି ସଂଭବ
ପୁଣ୍ୟ ଦରଶନ ତବ ଅନଂତ ବିମାନେ ?
କାହାରେ ଗୁହିଁବି ଭବେ ?
ନସହେ ମୋ ଧୃତି ଲବେ;
ବିଶ୍ୱମୁଖେ ବିଶ୍ୱଦେବ ବିରାଜ ପରାଣେ ।

(ନୀଳକଣ୍ଠ–ଭକ୍ତି ଗାଥା)

Digitized by PPRACHIN, SOA

# ପ୍ରଖର ପ୍ରତିଭା

ଡଃ ସଦାଶିବ ମିଶ୍ର

ପଣ୍ଡିତ ନୀଳକଣ୍ଠଙ୍କର ଥିଲା ଅକଳନୀୟ ପ୍ରତିଭା । କୈଶୋରରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ସେ ପ୍ରତିଭା କେବେହେଲେ ମଳିନ ହୋଇ ନ ଥିଲା । ଛାତ୍ର ଜୀବନରୁ ସେ ଉପଲବ୍ଧି କରିଥିଲେ ଯେ ଶିକ୍ଷା, ସାହିତ୍ୟ ଓ ସଂସ୍କୃତି, ଗୋଟିଏ ବୃନ୍ତରେ ତିନୋଟି ସୁମନ । ଏଇ ତିନୋଟି ସକଳ ପ୍ରଗତିର ଆଧାର । ସେବା, ଶୃଙ୍ଖଳା, ସଂଗ୍ରାମ, ସଂହତି– ଏ ସମସ୍ତ ତାହାର ପରିପ୍ରକାଶ । ସତ୍ୟବାଦୀ ସ୍କୁଲଥିଲା ତାଙ୍କର କୁରୁକ୍ଷେତ୍ର ଏବଂ ଧର୍ମକ୍ଷେତ୍ର । ଜୀବନର ସାୟାହ୍ନରେ ସେ ଲେଖିଛନ୍ତି– ସତ୍ୟବାଦୀ ସ୍କୁଲ ଏବେ ମଧ୍ୟ ମୋ ପ୍ରତି ଇତିହାସ ନୁହେ ।

କଲେଜରେ ପଢ଼ିଲାବେଳେ କଟକରେ ବିଜ୍ଞାନ ଶ୍ରେଣୀ ଖୋଲିଲା । ବିଜ୍ଞାନ ପଢିବାପାଇଁ ଛାତ୍ର ବାହାରିଲେ ନାହିଁ । ନୀଳକଣ୍ଠ ବି. ଏ. ଶ୍ରେଣୀରେ ନେଲେ ଦର୍ଶନ ଏବଂ ରସାୟନ । ସତ୍ୟବାଦୀ ସ୍କୁଲରେ ଡ୍ରଇଁ ଶିକ୍ଷାପାଇଁ କୌଣସି ପାଠ୍ୟ ପୁସ୍ତକ ମିଳିଲା ନାହିଁ । ନୀଳକଣ୍ଠ ଲେଖିଲେ "ମଡ଼େଲ୍ ଡ୍ରଇଁ" ପୁସ୍ତକ । ବଙ୍ଗ ଦେଶରେ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭହେଲା । କଲିକତା ଭାରତର ରାଜଧାନୀ । ୧୯୦୫ ମସିହାରେ ବଙ୍ଗ ଭଙ୍ଗ ବିରୋଧରେ ବିପ୍ଳବ ଜଳିଉଠିଲା । ତା'ର ପୂର୍ବରୁ ୧୯୦୪ ମସିହାରେ ପୁରୀରେ ସ୍ୱଦେଶୀ ଆନ୍ଦୋଳନ ଲାଗି ସ୍ୱେଚ୍ଛାସେବୀ ଖୋଜାଗଲେ । ପ୍ରତାପଶାଳୀ ଲର୍ଡ କର୍ଜନ ସେତେବେଳେ ଭାରତର ବଡ଼ଲାଟ । କେହି ସାହସ କରି ବାହାରିଲେ ନାହିଁ । ନୀଳକଣ୍ଠ ପୁରୀଜିଲା ସ୍କୁଲର ଛାତ୍ର । ପ୍ରଥମେ ସେ ପ୍ରତିଜ୍ଞା ପତ୍ରରେ ସ୍ୱାକ୍ଷର କଲେ । କିଛିଦିନ କଟକ କଲେଜିଏଟ୍ ସ୍କୁଲରେ ଛାତ୍ର ଥିଲା ବେଳେ, ପାଖରେ ହଇଜା ଲାଗିଲା । ନୀଳକଣ୍ଠ ବାହାରିଗଲେ ରୋଗୀ ସେବା କରିବା ପାଇଁ । ଅଧ୍ୟକ୍ଷ ବିରକ୍ତ ହେଲେ । ବିନା ଅନୁମତିରେ ତୁମେ ଗଲ କାହିଁକି ? ନୀଳକଣ୍ଠ ଅନୁନୟ କରି କହିଲେ– ହଇଜା ରୋଗୀ କ'ଣ ଅନୁମତି ପର୍ଯ୍ୟନ୍ତ ଅପେକ୍ଷା କରି ପାରିବ ? ସ୍କୁଲ ଛାତ୍ର ଥିଲା ବେଳେ ଭାର୍ଗବୀ ନଦୀ କୂଳରେ ନୀଳକଣ୍ଠ ଗୋପବନ୍ଧୁଙ୍କ ଗହଣରେ ପ୍ରତିଜ୍ଞାବଦ୍ଧ ହୋଇଥିଲେ– ସରକାରୀ ଚାକିରି କରିବା ନାହିଁ; ଦେଶକୁ ଉନ୍ନତ ଦେଖି ମରିବା ।

Digitized by PPRACHIN, SOA

ଏ ସଙ୍କଳ୍ପରୁ ସେ ତିଳେ ହେଲେ ବିଚ୍ୟୁତ ହୋଇ ନାହାନ୍ତି । କିଶୋର ବୟସ ସ୍କୁଲଛାତ୍ର । ତଥାପି ଏ ଭୀଷ୍ମ ପ୍ରତିଜ୍ଞା ।

କଲେଜ ଜୀବନରୁ ସମାଜରେ ନାନା ଅପକର୍ମ ତାଙ୍କ ପ୍ରାଣକୁ ଆଲୋଡ଼ନ କଲା । ଧର୍ମ ନାମରେ ବହୁ ଦୁଷ୍କର୍ମ ସୃଷ୍ଟି କରାଯାଇଛି । ଶାସ୍ତ୍ରକୁ ଭଣ କରି କେତେ କର୍ମକାଣ୍ଡ ଗଢାଯାଇଛି । ଦିଅଁ ଦେବତାଙ୍କୁ ଆଳକରି କେତେ କୁସଂସ୍କାର ପ୍ରବର୍ତ୍ତିତ ହୋଇଛି । ଏ ସମସ୍ତ ନିରାକରଣ ପାଇଁ ସେ ଆନ୍ଦୋଳନ ଚଳାଇଲେ । ଭକ୍ତିକ ମିଥ୍ୟା ବିରୁଦ୍ଧରେ ଅଭିଯାନ ଆରମ୍ଭ କଲେ । ଗାଁରେ ହଇଚଇ ଲାଗିଛି । କାଳେଣୀ ବାହାରିଲେ । ଲୋକେ ଭୟଭୀତ ହେଲେ । ନୀଳକଣ୍ଠ ଗୋଟିଏ କାଳେଣୀକୁ ପିଟି ପିଟି ଅଚେତ କରିଦେଲେ । "ଆମର ଥିଲା, ତେଣୁ କାରଣ ଥିବ ।" ଏ ଅନ୍ଧ ବିଶ୍ୱାସ ବିରୋଧରେ ସେ ସଂଗ୍ରାମ କଲେ । ରକ୍ଷଣଶୀଳ ଲୋକେ ଉତ୍ୟକ୍ତ ହେଲେ । ହୁଅନ୍ତୁ । ନୀଳକଣ୍ଠଙ୍କର ଭ୍ରୂକ୍ଷେପ ନାହିଁ । ପଣ୍ଡିତସଭା ତାଙ୍କୁ ବାସନ୍ଦ କରିବାକୁ ଧମକ ଦେଲେ ମାତ୍ର ସାହସ ହେଲା ନାହିଁ ।

କଲିକତାରୁ ଏମ୍. ଏ. ପାସ୍ କଲେ । ସତ୍ୟବାଦୀ ସ୍କୁଲରେ ମାସିକ ତିରିଶ ଟଙ୍କା ବେତନରେ ଅଧ୍ୟକ୍ଷ ହେଲେ । ଗଢ଼ିଲେ ଏକ ଗୁରୁକୁଳ, ପ୍ରତ୍ୟୁଷରୁ ରାତିରେ ଶୋଇବା ପର୍ଯ୍ୟନ୍ତ ପ୍ରତିଦିନ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ ହେଲା । ଶିକ୍ଷକ ଛାତ୍ର ସମସ୍ତେ ରହିଲେ ଏକତ୍ର । ଜାତି ନାହିଁ, ଧର୍ମନାହିଁ, ଭେଦାଭେଦ ନାହିଁ, ବାଛବିଚାର ନାହିଁ । ଏକାଠି ରହିଲେ, ଏକାଠି ଖାଇଲେ । ଏକାଠି କଲେ ସମବେତ ଉପାସନା । ପାର୍ଶ୍ୱବର୍ତ୍ତୀ ଗ୍ରାମରେ ସମାଜପତିଙ୍କର ପ୍ରତିଷ୍ଠାରେ ବାଧା ପଡ଼ିଲା । ସେମାନେ କ୍ରୋଧରେ ଜଳି ଉଠିଲେ । ନିଆଁ ଲଗାଇ ସ୍କୁଲ ଗୃହକୁ ଜାଳିଦେଲେ । ନୀଳକଣ୍ଠ ଟିକିଏ ହେଲେ ବିବ୍ରତ ହେଲେ ନାହିଁ । ପାଠ ପଢାହେଲା ବକୁଳ ଛାୟାଶୀତଳ କୁଞ୍ଜ ମଧ୍ୟରେ । ମଞ୍ଜୁଳ ପରିବେଶ । ଏଇ ବିଦ୍ୟାଳୟର ମହତ୍ତ୍ୱ ଦୂରଦୂରାନ୍ତରେ ପ୍ରସାରିତ ହେଲା ।

ନୀଳକଣ୍ଠ ସାହିତ୍ୟିକ । ବହୁ ପ୍ରବନ୍ଧ ଲେଖିଛନ୍ତି; ବହୁ କାବ୍ୟ ରଚନା କରିଛନ୍ତି । ପ୍ରଥମ କାବ୍ୟ ତାଙ୍କର ପ୍ରଣୟନୀ । ଟେନିସନ୍‌ଙ୍କ ପ୍ରିନ୍‌ସେସ୍ କାବ୍ୟର ଅବଲମ୍ବନରେ ଲେଖା ଏ ବିରାଟ କାବ୍ୟ । ଏହାର ଛନ୍ଦ ଏବଂ ପରିପାଟୀରେ ଅଛି ଗାମ୍ଭୀର୍ଯ୍ୟ; ଶୈଳୀରେ ଅଛି ଶବ୍ଦ ସମ୍ଭାର । କାବ୍ୟଟି ଆଦୃତ ହେଲା । ମାତ୍ର କେତେକ ନିନ୍ଦୁକ ମନ୍ତବ୍ୟ ଦେଲେ– ନୀଳକଣ୍ଠ ଦାସ ସଂସ୍କୃତିଆ ପଣ୍ଡିତ; ସେ ଓଡ଼ିଆ ଭାଷାରେ ଲେଖିବେ କିପରି । ନୀଳକଣ୍ଠ ଏହାକୁ ଏକ ଚ୍ୟାଲେଞ୍ଜ ଭାବରେ ଗ୍ରହଣ କଲେ । ପରବର୍ତ୍ତୀ କାଳରେ ସେ ଟେନିସନ୍‌ଙ୍କ ଇନକ୍ ଆର୍ଡ଼େନ ଅବଲମ୍ବନରେ ଲେଖିଲେ ଦାସ ନାଏକ କାବ୍ୟ; ମଧୁର, ଲଳିତ,

Digitized by PPRACHIN, SOA

ସରସ । ଗୋଟିଏ ହେଲେ ସାଧୁଶବ୍ଦ ନାହିଁ; ସଂସ୍କୃତ ଶବ୍ଦ ନାହିଁ । ଭଷାଜ୍ଞାନରେ ନୀଳକଣ୍ଠ ଧୁରନ୍ଧର । ତାଙ୍କର ଶ୍ରେଷ୍ଠ କାବ୍ୟ 'କୋଣାର୍କେ" । ଓଡ଼ିଆ କାବ୍ୟ ସାହିତ୍ୟରେ ଖଣ୍ଡିଏ ହୀରକ । ତାହାର ପ୍ରଥମ ଭଗରେ ଅଛି 'ଗମଚଣ୍ଡୀଠାରେ ରତି" । ଏଥିରେ ଅଛି ୮୬୬ ଧାଡ଼ି । ଏତକଯାକ ନୀଳକଣ୍ଠ ମାତ୍ର ସାତ ଦିନରେ ଶେଷ କରି ଦେଲେ । ତା'ପରେ କାବ୍ୟଟି କିଛିଦିନ ପଡ଼ିରହିଲା । ଦ୍ୱିତୀୟ ଭଗ, "ମାୟାଦେବୀ" ତା'ର ପରିସର ଆହୁରି ବେଶୀ । ତାକୁ ମଧ୍ୟ ସମାପ୍ତ କରିଦେଲେ ଆଉ ଏକ ସପ୍ତାହରେ । କି ଅଲୌକିକ ଶକ୍ତି ! କି ଅସାଧାରଣ ପ୍ରତିଭ ।

କାରବାସରେ ଲେଖିଲେ ଗୀତା ଉପରେ ଏକ ବିରଟ ସନ୍ଦର୍ଭ । ଏଥିରେ ଅଛି ମୌଳିକତା, ତତ୍ତ୍ୱାନୁସନ୍ଧାନ । ଆଉ ଏକ ସନ୍ଦର୍ଭ ଲେଖିଲେ, "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ" । ଏଥିରେ ଅଛି ଓଡ଼ିଶାର ସାହିତ୍ୟ, ଧର୍ମ, ସଂସ୍କୃତି ଏବଂ ଇତିହାସ । ଏଇ ଦୁଇଟି ସନ୍ଦର୍ଭରେ ପ୍ରକଟିତ ହୋଇଛି ପ୍ରଗାଢ଼ ଅଧ୍ୟୟନ ଆଉ ଅଗାଧ ପାଣ୍ଡିତ୍ୟ । ତାଙ୍କ କଥା ଶୁଣିଲେ ସ୍ୱତଃ ମୁଣ୍ଡ ନଇଁଯାଏ ।

ଜଗନ୍ନାଥ ସଂସ୍କୃତିରେ ଥିଲା ତାଙ୍କର ଗଭୀର ଅନୁରକ୍ତି । ଏଇ ଶ୍ରୀକ୍ଷେତ୍ରରେ ଥିଲା ଉଦାରତା, ଆତିଥେୟତା, ଭରତୀୟ ସଂହତି । ଏଇ ଧାମରେ ଜାତିଭେଦ ନ ଥିଲା, ଉଚ୍ଚ-ନୀଚର ବ୍ୟବଧାନ ନ ଥିଲା । ଲୋକଙ୍କଠାରେ ଥିଲା ସେବା-ଧର୍ମ । ଏଇ ପୀଠକୁ ଆସିଥିଲେ ଶୈବ, ଶାକ୍ତ, ବୈଷ୍ଣବ । ଆସିଥିଲେ ଶଙ୍କର, ରାମାନୁଜ, ଚୈତନ୍ୟ, ଇସଲାମ-ଧର୍ମୀ କବିର ଶିଖ ଧର୍ମର ପ୍ରତିଷ୍ଠାତା ନାନକ । ଏହି କ୍ଷେତ୍ରରେ ଶ୍ରୋତ୍ରୀୟ ବ୍ରାହ୍ମଣ ବିଦ୍ୟାପତି ଶବର କନ୍ୟା ଲଳିତାଙ୍କୁ ବିବାହ କରିଥିଲେ । ଏଇ ଧାମରେ ସକଳ ଧର୍ମ, ସମ୍ପ୍ରଦାୟର ସମନ୍ୱୟ ଘଟିଥିଲା । ଏବେ ଭରତର ଏକୀକରଣ ପାଇଁ ନାନା ପ୍ରୟାସ କରାଯାଉଛି । ମାତ୍ର ଜଗନ୍ନାଥ ସଂସ୍କୃତିରେ ଭରତ ଏକୀକୃତ ହୋଇ ରହିଥିଲା ।

ଏ ସମସ୍ତ ବିଶ୍ଳେଷଣ କରିସାରି ସେ ଚୈତନ୍ୟଙ୍କୁ ଆବାହନ କରି ନାହାନ୍ତି । ଚୈତନ୍ୟଙ୍କ ବୈଷ୍ଣବ ଧର୍ମ ଜଗନ୍ନାଥ ସଂସ୍କୃତିକୁ କଳୁଷିତ କରିଛି । ଜଗନ୍ନାଥ ଶ୍ରୀକୃଷ୍ଣ । ମାତ୍ର ସେ ଚୈତନ୍ୟଙ୍କ ଗୋପପୁରର ଆଭୀରୀ ନାରୀଙ୍କ ବଦନ କମଳ ସ୍ୱାଦର ମଧୁପ ନୁହନ୍ତି । ଜଗନ୍ନାଥ ହେଉଛନ୍ତି ଯୋଗୀ ପ୍ରବର, ଗୀତାମୃତପରିବେଷକ, ବୌଦ୍ଧିକତାର ଆଧାର ଶ୍ରୀକୃଷ୍ଣ ।

ନୀଳକଣ୍ଠଙ୍କଠାରେ ଥିଲା ପ୍ରଖର ବୌଦ୍ଧିକତା । ସେଇ ବୌଦ୍ଧିକତାର ନିକଷରେ ସେ ଶାଣିତ କରିଥିଲେ ତାଙ୍କର ଶିକ୍ଷା, ଶୃଙ୍ଖଳା, ସାହିତ୍ୟ, ଦର୍ଶନ ଏବଂ ସମାଜ

Digitized by PPRACHIN, SOA

ସଂସାର । ଯାହା ଯୁକ୍ତିସଙ୍ଗତ ନୁହେ, ସେ ସବୁ ଗ୍ରହଣୀୟ ହୋଇ ନପାରେ । ସେଇ ବୌଦ୍ଧିକତାର ଆଭରେ ପ୍ରଦୀପ୍ତ ହୋଇଥିଲା ତାଙ୍କର ବ୍ୟକ୍ତିତ୍ୱ । ସେଇ ଆଭରେ ଲୋକେ ଈର୍ଷାନ୍ୱିତ ହୁଅନ୍ତି, ବାଧାବିଘ୍ନ ସୃଷ୍ଟି କରନ୍ତି, ଷଡ଼ଯନ୍ତ୍ର କରନ୍ତି । ନୀଳକଣ୍ଠ ଏ ସମସ୍ତର ସମ୍ମୁଖୀନ ହୋଇଥିଲେ । କାଉଁରିଆ କାଠି ଭାଙ୍ଗିଯିବ; ମାତ୍ର ନଇଁବ ନାହିଁ । ନୀଳକଣ୍ଠ କିନ୍ତୁ ଭାଙ୍ଗି ନଥିଲେ କି ନଇଁ ନଥିଲେ ।

୧୯୨୧ ମସିହାରେ ନୀଳକଣ୍ଠ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ, ସେଥିରେ ତାଙ୍କର କୃତିତ୍ୱ ପ୍ରଦର୍ଶନ କଲେ, ୧୯୨୪ ମସିହାରେ କେନ୍ଦ୍ର ଆସେମ୍ବ୍ଲିର ସଭ୍ୟ ହେଲେ । କଂଗ୍ରେସ ଦଳର ସମ୍ପାଦକ ହେଲେ । ଦକ୍ଷତାର ପରିଚୟ ଦେଲେ । ସୁନାମ ଅର୍ଜନ କଲେ । ଗୋପବନ୍ଧୁଙ୍କ ତିରୋଧାନ ପରେ ଓଡ଼ିଶା ରାଜନୀତିର ନେତୃତ୍ୱ ଗ୍ରହଣ କଲେ ତାଙ୍କର ତ୍ୟାଗ, ନିଷ୍ଠା ଦକ୍ଷତା ଏବଂ ବୌଦ୍ଧିକତା ବଳରେ ସେ ହେଲେ କର୍ଣ୍ଣଧାର, ମାତ୍ର ସେଥିରେ ହେଲେ ଚକ୍ରାନ୍ତର ଶରବ୍ୟ । ପ୍ରାଦେଶିକ କଂଗ୍ରେସର ସଭାପତି ଭାବରେ ସେ ୧୯୩୭ ମସିହାରେ ପରିଚାଳନା କଲେ ନିର୍ବାଚନ । କଂଗ୍ରେସ ପ୍ରାର୍ଥୀ ଥିଲେ ୩୭ ଜଣ । ୩୬ ଜଣ ଜୟଯୁକ୍ତ ହେଲେ, ନୀଳକଣ୍ଠ ପ୍ରାର୍ଥୀ ହୋଇ ନଥିଲେ । ନୀଳକଣ୍ଠ ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ । ନିର୍ବାଚନ ଲାଗି କଂଗ୍ରେସ ପାର୍ଟିରୁ ମିଳିଥିଲା ମାତ୍ର ଆଠହଜାର ଟଙ୍କା । ଚକ୍ରାନ୍ତ ଚାଲିଲା । ନୀଳକଣ୍ଠ ଟଙ୍କା ଖାଇଗଲେ ବୋଲି ପ୍ରଚାର ହେଲା, ନିଷ୍ପତ୍ତି ହେଲା ସେ ନିର୍ବାଚିତ ହୋଇ ନାହାନ୍ତି । ତେଣୁ ମୁଖ୍ୟମନ୍ତ୍ରୀ ହୋଇ ପାରିବେ ନାହିଁ । ପରବର୍ତ୍ତୀ କାଳରେ ଅନେକ ଏଭଳି ମୁଖ୍ୟମନ୍ତ୍ରୀ ହୋଇଛନ୍ତି ।

ନୀଳକଣ୍ଠ କ୍ଷୁର୍ଣ୍ଣ ହୋଇଥିବେ । ମାତ୍ର ତାଙ୍କର କଲମ କ୍ଷାନ୍ତ ହେଲନାହିଁ, ଭାଷଣ ନିଷ୍ପ୍ରଭ ହେଲନାହିଁ, ପ୍ରତିଭା ମଳିନ ହେଲନାହିଁ । ଚକ୍ରାନ୍ତ ଆହୁରି ହୀନ ସ୍ତରକୁ ଗଲା, ବନ୍ଦୀ ନୀଳକଣ୍ଠଙ୍କୁ କାରାବାସରେ କାହିଁକି ପ୍ରଥମ ଶ୍ରେଣୀ ମିଳିଲା ବୋଲି ଅଭିଯୋଗ କଲେ ଜଣେ ବ୍ୟବସ୍ଥାପକ, ନୀଳକଣ୍ଠ ଭ୍ରୂକ୍ଷେପ କରିନାହାନ୍ତି ।

ଓଡ଼ିଶା ଆସେମ୍ବ୍ଲିକୁ ନିର୍ବାଚିତ ହେଲେ । ଆସେମ୍ବ୍ଲିର ଅଧ୍ୟକ୍ଷ ସ୍ଥାନ ଅଳଙ୍କୃତ କଲେ । ପାଞ୍ଚବର୍ଷ ପୂରିବା ଆଗରୁ ଆସେମ୍ବ୍ଲି ଭାଙ୍ଗିଗଲା । ତାଙ୍କୁ ଅଧ୍ୟକ୍ଷ ପଦରୁ ଅପସାରିତ କରିବା ପାଇଁ ଉଦ୍ୟମ ହେଲା । ନୀଳକଣ୍ଠ ଅଟଳ ରହିଲେ । ଅନ୍ୟ ଅଧ୍ୟକ୍ଷ ନିର୍ବାଚିତ ହେବା ପର୍ଯ୍ୟନ୍ତ ପୂର୍ବର ଅଧ୍ୟକ୍ଷ ତାଙ୍କ ପଦ ଅଧିକାର କରି ରହିବେ । ସାରା ଭାରତରେ ଚହଳ ପଡ଼ିଲା । ଆଇନ୍ କାନୁନ ଖୋଜାହେଲା । ସମ୍ବିଧାନର ବିଧି ବିଧାନ ଉପରେ ତର୍କ ଚାଲିଲା । ନୀଳକଣ୍ଠଙ୍କ ମତ କାଏମ ରହିଲା । ଭାରତବର୍ଷରେ ସୃଷ୍ଟି ହେଲା ଏକ ସାମ୍ବିଧାନିକ ପରମ୍ପରା । ଚକ୍ରାନ୍ତକାରୀଙ୍କ ମୁହଁ ଶୁଖିଗଲା ।

Digitized by PPRACHIN, SOA

ନୀଳକଣ୍ଠ ସାର ଜୀବନ ସଂଗ୍ରାମ କରିଛନ୍ତି । କାହାରି ପାଖରେ ମୁଣ୍ଡ ନୁଆଇଁ ନାହାନ୍ତି । କାହାରି ଆନୁଗତ୍ୟ ସ୍ୱୀକାର କରିନାହାନ୍ତି । ତାଙ୍କର ପ୍ରଚଣ୍ଡ ପ୍ରତିଭା, ପ୍ରଖର ବୌଦ୍ଧିକତା ତାଙ୍କୁ ମହନୀୟ ସ୍ଥାନରେ ଅଧ୍ୟୁଷିତ କରିଛି । ସମସ୍ତ ଇର୍ଷା, ଅପବାଦ, ଚକ୍ରାନ୍ତକୁ ପରାହତ କରି ସେ ପ୍ରତିଜ୍ଞା ଅପରାଜେୟ ହୋଇ ରହିଛି ।

●

ମୃତ୍ୟୁ ନାଚୁଅଛି ଆପେ କରମେ ବିରମେ;
ଜୀବଂତ, ଜଗତ କି ସେ ମରଣ-ବିଧାନେ !
ଯହିଁ ଉଠେ ତହିଁ ଲୟ ଜଳେ ସ୍ଥଳେ ବ୍ୟୋମେ,
ସ୍ଥିତି ମାତ୍ର ସର୍ଗତଂତ୍ରେ ବିକାଶେ ମରଣେ;
ଦୁଃଖ ପାପ କ୍ଷୟ ଧ୍ୱଂସ,
ଜଗତେ ପ୍ରସ୍ରରେ ଯଶ;
କି ଫଳ ହେ ଅମୃତର ଆତ୍ମ-ଉଦ୍‌ବୋଧନେ ?

(ନୀଳକଣ୍ଠ-ଭକ୍ତିଗାଥା)

# ଦେଶସେବକ ନୀଳକଂଠ ଦାସ

ନିତ୍ୟାନନ୍ଦ ମହାପାତ୍ର

ଶହେ ବର୍ଷ ପୂର୍ବରୁ ଏ ଦେଶରେ ଏଇ ଓଡ଼ିଶାରେ ଜଣେ ପୁରୁଷ ଜନ୍ମ ନେଇଥିଲେ । ତାଙ୍କ ନାଁ ନୀଳକଂଠ ଦାସ । କ୍ଷଣଜନ୍ମା ସେ । ଏଭଳି ପୁରୁଷ କ୍ୱଚିତ ଜନ୍ମଗ୍ରହଣ କରିଥାନ୍ତି କୌଣସି ଦେଶରେ । ଓଡ଼ିଶାର ଗୌରବ ଥିଲେ ସେ । ତାଙ୍କୁ ଦେଶବାସୀ ଚିହ୍ନି ପାରିଲେ ନାହିଁ । ସେ ଆସିଥିଲେ, ଚାଲିଗଲେ ସମସ୍ତଙ୍କ ପରି । କିନ୍ତୁ ତାଙ୍କ ଜୀବନକାଳ ଭିତରେ ସେ ଯେଉଁ କୃତିତ୍ୱ ଦେଖାଇ ଯାଇଛନ୍ତି ତାହା କ୍ୱଚିତ କାହାରିଠାରେ ସମ୍ଭବ ହୋଇଥାଏ । ତାଙ୍କୁ ଏ ଜାତି ତାଂକର ପ୍ରାପ୍ୟ ଦେଇ ନାହିଁ— ଦେଇ ପାରି ନାହିଁ- ପାରି ନ ଥାନ୍ତା । ଏକାଧାରରେ ସେ ବିଦ୍ୱାନ୍ ଥିଲେ, ତତ୍କାଳୀନ ଶ୍ରେଷ୍ଠ ଦେଶସେବୀ, ଜଣେ ସାହିତ୍ୟିକ ଓ ରାଜନୀତିକ ଭାବରେ ।

ଓଡ଼ିଆ ସାହିତ୍ୟର ପୁରୋଦ୍ରଷ୍ଟାରୂପେ ସେ ଯେଉଁ ସାହିତ୍ୟିକ ବାଣୀ ପ୍ରଚାର କରି ଯାଇଛନ୍ତି, ତାହାକୁ ଲକ୍ଷ୍ୟକରି ଓଡ଼ିଆ ସାହିତ୍ୟର ଗୋଟିଏ ସ୍ୱତନ୍ତ୍ର ଦିଗ୍‌ଦର୍ଶନ ବୋଲି ନିଃସନ୍ଦେହରେ କୁହାଯାଇପାରେ । ଗଳ୍ପ ଓ ଉପନ୍ୟାସ ଛାଡ଼ିଦେଲେ ସାହିତ୍ୟର ତତ୍କାଳୀନ ସମସ୍ତ ବିଭାଗକୁ ମଣ୍ଡନକରି ତାଂକର ଲେଖନୀ ପରିଚାଳିତ ହୋଇଛି । ଶିଶୁ ସାହିତ୍ୟରୁ ଆରମ୍ଭ କରି ତାରୁଣ୍ୟ ମଣ୍ଡିତ କଳ୍ପନାମୂଳକ କାବ୍ୟ ଦିଗକୁ ଦୃଷ୍ଟିଦେଇ ବୁଦ୍ଧିର ପ୍ରୌଢ଼ତ୍ୱ ପ୍ରକାଶକରି ଯାଇଛନ୍ତି ସେ, ତାଂକର ଗାମ୍ଭୀର୍ଯ୍ୟପୂର୍ଣ୍ଣ ସନ୍ଦର୍ଭମାନଂକରେ । ତାଙ୍କ ପ୍ରକାଶିତ ସାହିତ୍ୟ ପତ୍ରିକା 'ନବଭାରତ' ତତ୍କାଳୀନ ଓଡ଼ିଆ ସାହିତ୍ୟର ଏକମାତ୍ର ଆଦର୍ଶ ସଂକଳନ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ନବଭାରତ'ର ସଂପାଦକୀୟ ଉଭୟ ସାହିତ୍ୟ ଓ ରାଜନୀତି ଦିଗରେ ବିଦ୍ୱତପୂର୍ଣ୍ଣ ଦିଗ୍‌ଦର୍ଶନ ବୋଲିବାକୁ ହେବ । ତାଙ୍କରଚିତ 'କୋଣାର୍କେ' କବି ନୀଳକଂଠଂକର ସାହିତ୍ୟିକ କୃତିର ପରିଚୟ ଯେ କେବଳ ଦେଇଛି ତା' ନୁହେ, ବିଷୟବସ୍ତୁ ନିର୍ବାଚନରେ ବିଶ୍ଳେଷଣ ଓ ବର୍ଣ୍ଣନାରେ ମଧ୍ୟ ରାଧାନାଥଂକ ଶୈଳୀର ବିଶେଷତ୍ୱ ହେଉଚି ପ୍ରାନ୍ତ ଯମକ ଅର୍ଥାତ୍ କାବ୍ୟ ପଂକ୍ତିର ଶେଷ ଅକ୍ଷରର ମିଳନ ସଙ୍ଗେ ସଙ୍ଗେ ତତ୍ପୂର୍ବ ସ୍ୱରର ମିଳନ ଅବଶ୍ୟକୃତ

Digitized by PPRACHIN, SOA

ରୂପେ ବିବେଚିତ ହେବ । ଏହାକୁ ଉପଧା ମିଳନ ବୋଲି ତତ୍‌କାଳୀନ ଅର୍ଥାତ୍‌ ରାଧାନାଥ ଯୁଗୀୟ ପଣ୍ଡିତମାନଙ୍କ ମୁହଁରେ ଶୋଭାପାଉ ଥିଲା । କିନ୍ତୁ ବ୍ୟାକରଣରେ ଉପଧା ଅର୍ଥାତ୍‌ ଶେଷ ସ୍ୱର । ତେଣୁ ଓଡ଼ିଆରେ ପ୍ରତ୍ୟେକ ଶେଷ ଅକ୍ଷର ଯୁକ୍ତ ଶେଷ ସ୍ୱରର ମିଳନ ଅବଶ୍ୟମ୍ଭାବୀ ହେତୁ ଶେଷ ବ୍ୟଞ୍ଜନର ପୂର୍ବବର୍ତ୍ତୀ ସ୍ୱରର ମିଳନ ପ୍ରତି ଦୃଷ୍ଟି ଦିଆଯାଉ ନ ଥାଏ । ବଙ୍ଗ ଅହମୀୟ କିମ୍ବା ହିନ୍ଦୀ ଦ୍ରକବୋଲିରେ ପ୍ରାୟ ପ୍ରତ୍ୟେକ ଶବ୍ଦର ଶେଷ ଅକ୍ଷର ବ୍ୟଞ୍ଜନବର୍ଣ୍ଣ ହୋଇଥିବାରୁ ଅର୍ଥାତ୍‌ ହଳନ୍ତ ହେବା କାରଣରୁ ଉପଧା ବା ଶବ୍ଦର ଶେଷସ୍ୱର ତତ୍‌ପୂର୍ବବର୍ତ୍ତୀ ସ୍ୱରର ମିଳନ ଅବଶ୍ୟମ୍ଭାବୀ ରୂପେ ଗ୍ରହଣକରିବାକୁ ବାଧ୍ୟବୋଲି ବିବେଚିତ ହୋଇଥାଏ । ଯଥା ପଦ୍ୟର ପ୍ରଥମ ପଂକ୍ତିର ଶେଷ ଶବ୍ଦ 'ସହିତ' ହୋଇଥିଲେ ଦ୍ୱିତୀୟ ପଂକ୍ତିର ଶେଷ ଶବ୍ଦ 'ଆଚରିତ' ହେବା ଉଚିତ । କାରଣ ଉଭୟ ଶବ୍ଦର ଉପଧା ଶବ୍ଦର ଶେଷ ସ୍ୱର 'ଇ' କାରର ମିଳନ ହେଲେ ପଦ ପଡ଼ିପାରୁ ନାହିଁ । ମାତ୍ର ଓଡ଼ିଆରେ 'ସହିତ' ସହ 'ବିକୃତ' ପଦ ପଡ଼ିବାରେ ଅସ୍ୱାଭାବିକତା ନାହିଁ, କାରଣ ଏହାର ଉପଧା ବା ଶବ୍ଦର ଶେଷ ସ୍ୱର 'ଅ'କାର ଅଟେ–ଭାଷାରେ ଶେଷ ଶବ୍ଦର ଶେଷ ସ୍ୱର 'ଇ' କାର ହୋଇଥିବାରୁ ଉପଧା 'ଇ' କାର ଉଭୟ ପଂକ୍ତିର ପଦ ପଡ଼ିବାରେ ଯଥାର୍ଥତା ରହିଛି । ଓଡ଼ିଆରେ 'ସହିତ' ସହ 'ଆଚରିତ' ପଡ଼ିଲେ ତାହା ଯମକ ରୂପେ ଗୃହୀତ ହୋଇପାରେ । ଏ ପ୍ରକାର ଯୁକ୍ତି ନୀଳକଣ୍ଠଙ୍କର ଯଥାର୍ଥ । ତେଣୁ ପଣ୍ଡିତଜୀଙ୍କର କୋଣାର୍କେ କିମ୍ବା ଅନ୍ୟାନ୍ୟ କାବ୍ୟ ଓ ପଦ୍ୟ ମାନଙ୍କରେ ପଦ ବିନ୍ୟାସ ଦୋଷଯୁକ୍ତ ନୁହେଁ ।

ଓଡ଼ିଆ ଭାଷାରେ ଅନ୍ୟ ଏକ ପ୍ରଚଳନର ଆରମ୍ଭ କରିଥିଲେ ପଣ୍ଡିତ ନୀଳକଣ୍ଠ, ସେ ଓଡ଼ିଆରେ ସମସ୍ତ ଅନୁନାସିକ ବର୍ଣ୍ଣ ସଂଯୁକ୍ତ ବ୍ୟଞ୍ଜନମାନଙ୍କୁ ଅନୁସ୍ୱାରପୂର୍ବକ ପ୍ରୟୋଗ କରି ଓଡ଼ିଆ ବର୍ଣ୍ଣମାଳାର ଆଂଶିକ ପରିବର୍ତ୍ତନ ଆଣିବାଦ୍ୱାରା ଅନାବଶ୍ୟକ ଭାରର ହ୍ରାସ କରିବାର ଆଭିମୁଖ୍ୟ ରଖି ଏ ପ୍ରକାର ଚିନ୍ତା କରିଥିଲେ । ମାତ୍ର ସଂସ୍କୃତ ଉପଜାତ ଓଡ଼ିଆ ବର୍ଣ୍ଣମାନଙ୍କରେ ଅନୁନାସିକ ବର୍ଣ୍ଣ ସଂଯୁକ୍ତ ବର୍ଣ୍ଣମାନଙ୍କର ଉଚ୍ଚାରଣାତ୍ମକ ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ । ଯଥା 'ଙ' ବର୍ଣ୍ଣ ସହିତ 'କ ଖ ଗ ଘ' ଓ 'ଞ' ବର୍ଣ୍ଣ ସହିତ 'ଚ ଛ ଜ ଝ' 'ଝ' 'ଣ' ସହିତ 'ଟ ଠ ଡ ଢ,' 'ନ' ସହିତ ତ ଥ ଦ ଧ ଏବଂ 'ମ' ସହିତ 'ପ ଫ ବ ଭ' ଯୋଗ ହୋଇଥାଏ । ଏହାର ଉଚ୍ଚାରଣଗତ ବୈଶିଷ୍ଟ୍ୟ ରହିଛି । ତାହାକୁ ଲୋପ କରିଦେଲେ ପାଶ୍ଚାତ୍ୟ ବର୍ଣ୍ଣମାଳାର ଅନୁକରଣ ହୋଇପାରେ ମାତ୍ର ତାହା ଉଚ୍ଚାରଣଗତ ସାମ୍ୟ ପ୍ରତିପାଦନ କରିପାରିବ ନାହିଁ । ସେ ଯାହାହେଉ, ନୀଳକଣ୍ଠଙ୍କର ସଂଶୋଧନ ଓ ସରଳୀକରଣ ପ୍ରତି ଆଗ୍ରହହିଁ ତାଙ୍କର ମୌଳିକ ଚିନ୍ତାଧାରାର ପ୍ରମାଣ ଏହା ନିଃସନ୍ଦେହରେ କୁହାଯାଇପାରେ ।

Digitized by PPRACHIN, SOA

ନୀଳକଣ୍ଠଙ୍କ ରାଜନୀତିକ ଜୀବନ ଅତି ମହତ୍ତ୍ୱପୂର୍ଣ୍ଣ । ତତ୍କାଳୀନ ରାଜନୀତିର ବାତାବରଣ, ନୀଳକଣ୍ଠଙ୍କ ମହତ୍ତ୍ୱ ଖର୍ବ କରିବାକୁ ଚେଷ୍ଟା କରିବା ଓଡ଼ିଶାରେ ଅତ୍ୟନ୍ତ ସ୍ୱାଭାବିକ । କିନ୍ତୁ ନୀଳକଣ୍ଠଙ୍କର ଚିନ୍ତାରେ କୌଣସି ଆବିଳତା ଥିଲାପରି କୌଣସି ନିରପେକ୍ଷ ବ୍ୟକ୍ତି କଦାପି ସ୍ୱୀକାର କରିବ ନାହିଁ । ଭାରତଛାଡ଼ ଆନ୍ଦୋଳନବେଳେ ନୀଳକଣ୍ଠଙ୍କର ଭୂମିକା ସ୍ୱାଧୀନତା ସଂଗ୍ରାମୀଙ୍କ ମନରେ ସଂଦେହ ସୃଷ୍ଟି କରିଥିଲା । ଅନେକ ବିଶ୍ୱାସ କରିଥିଲେ ଯେ ନୀଳକଣ୍ଠ ଓଡ଼ିଶା କଂଗ୍ରେସରେ ବ୍ୟକ୍ତିଗତ ପ୍ରତିଦ୍ୱନ୍ଦିତା ଯୋଗୁଁ ପାରଳା ମନ୍ତ୍ରୀମଣ୍ଡଳକୁ ସମର୍ଥନ କରିଥିଲେ ବା ଗଢ଼ିଥିଲେ । ମାତ୍ର ନୀଳକଣ୍ଠଙ୍କ ଚରିତ୍ର ସାଧାରଣ କ୍ଷେତ୍ରରେ କିମ୍ବା ରାଜନୀତିକ କ୍ଷେତ୍ରରେ ଅସନ୍ଦିଗ୍ଧ ଥିଲା । ଯିଏ ବୈବାହିକ କ୍ଷେତ୍ରରେ ତତ୍କାଳୀନ କନ୍ୟା ସୁନାକୁ ପ୍ରତ୍ୟାଖ୍ୟାନ କରିଥିଲେ, ସେ ଅର୍ଥ ବଶବର୍ତ୍ତୀ ହୋଇ ରାଜନୀତି କ୍ଷେତ୍ରରେ କଦାପି ସ୍ୱାର୍ଥ ସିଦ୍ଧିର ସ୍ୱପ୍ନ ଦେଖି ନଥିବେ । ଯିଏ ବହୁବର୍ଷ କେନ୍ଦ୍ର ବିଧାନସଭାରେ ବିରୋଧୀ ଦଳର ସଂପାଦକ ରୂପେ ସୁରୁରୁ କାର୍ଯ୍ୟ-ଯୋଜନାରେ ଯଶସ୍ୱୀ ହୋଇଥିଲେ, ତାଙ୍କ ପକ୍ଷରେ ରାଜନୀତିକ ଦୃଷ୍ଟିକୋଣରେ ସଂଦେହ କରିବାର ଅବକାଶ ନଥିଲା । ନେତାଜୀ ସୁଭାଷଙ୍କ କ୍ରିୟାକୁ ଯେ ସଂଦେହାତ୍ମକ ଦୃଷ୍ଟିରେ ଗ୍ରହୁଁଥିଲେ, ସେମାନେ ରାଜନୀତିରେ ନୀଳକଣ୍ଠଙ୍କର ଭୂମିକାକାକୁ ସମର୍ଥନ କରି ନପାରନ୍ତି । ମାତ୍ର ସଂପୂର୍ଣ୍ଣ ଅହିଂସା ଆନ୍ଦୋଳନ ଫଳରେ ଭାରତ ସ୍ୱାଧୀନ ହେଲା ବୋଲି ଯେଉଁମାନେ ବିଶ୍ୱାସ କରନ୍ତି ସେମାନଙ୍କ ଦୃଷ୍ଟିକୋଣକୁ ଶ୍ରଦ୍ଧା ପ୍ରକାଶ କରୁଥିଲେ ହେଁ, ଆଜାଦ୍ ହିନ୍ଦ୍ ଫୌଜର କାର୍ଯ୍ୟ କଳାପ ଫଳରେ ବାରମ୍ବାର ସରକାରଙ୍କର ଭାରତୀୟ ସେନାବାହିନୀରେ ପ୍ରବେଶ କରିଥିବା ମନୋଭାବକୁ ଇଂରେଜ ସରକାର ଯେ ଅସ୍ୱୀକାର କରିପାରି ନଥିଲା ଏହା ଅନସ୍ୱୀକାର୍ଯ୍ୟ । ପୁଣି ଅହିଂସା ଆନ୍ଦୋଳନ କରି ନଥିବା ବର୍ମା ଓ ସିଂହଳରୁ ଯେ ଇଂରେଜୀ ଶାସନ ସେହି ସମୟରେ ହଟିଗଲା ତାର କାରଣ ମଧ୍ୟ ଅହିଂସା ଆନ୍ଦୋଳନ ନୁହେଁ ଏହା ସ୍ପଷ୍ଟ, ସେହି ପରିସ୍ଥିତିରେ ପଣ୍ଡିତ ନୀଳକଣ୍ଠଙ୍କର ରାଜନୀତିକ କ୍ରିୟା ଯେ ସ୍ୱାର୍ଥକଳୁଷିତ ନଥିଲା ଏହା ଅତି ସ୍ପଷ୍ଟ ।

ଅବଶ୍ୟ ନୀଳକଣ୍ଠଙ୍କର ପୁନଃ କଂଗ୍ରେସ ପ୍ରବେଶକୁ ସମାଲୋଚନା କରଯାଇ ପାରେ । ମାତ୍ର ସେ ଯେଉଁ କଂଗ୍ରେସକୁଛାଡ଼ି ନେତାଜୀଙ୍କୁ ଓଡ଼ିଶାକୁ ଡ଼ାକିଆଣିଥିଲେ, ସେହି କଂଗ୍ରେସରେ ସେ ପୁନଃ ପ୍ରବେଶକରି ନାହାନ୍ତି । ସ୍ୱାଧୀନତା ପରେ ଯେଉଁ ନେତାମାନେ ମହାତ୍ମାଗାନ୍ଧିଙ୍କ କଥା ନ ମାନି ସଂଗ୍ରାମଶୀଳ ଭାରତୀୟ ଜାତୀୟ କଂଗ୍ରେସକୁ ଏକ ଦଳୀୟ ଜାତୀୟ ଅନୁଷ୍ଠାନରୁ ଖସାଇ ଆଣିଲେ ସେମାନେ ଅବଶ୍ୟ ସ୍ୱୀକାର କରିବେ ଯେ ସ୍ୱାଧୀନତା ପୂର୍ବ କଂଗ୍ରେସ, ସ୍ୱାଧୀନତା ପର କଂଗ୍ରେସ ଏକ

Digitized by PPRACHIN, SOA

ନୁହନ୍ତି । ତେଣୁ ପଣ୍ଡିତ ନୀଳକଣ୍ଠ ଜାତୀୟ କଂଗ୍ରେସକୁ ଛାଡ଼ି ସ୍ୱାଧୀନତା ଉତ୍ତର କାଳୀନ ସେହି ନାମଧେୟ ନୂତନ ଦଳ ବିଶେଷରେ ଯୋଗ ଦେଇଥିଲେ ମାତ୍ର ।

ପଣ୍ଡିତ ନୀଳକଣ୍ଠ ଓଡ଼ିଶାର ଏକ ଅଦ୍ୱିତୀୟ ପୁରୁଷ–ମଧୁସୂଦନ ଦାସ ଓ ଗୋପାବନ୍ଧୁ ଦାସଙ୍କ ଶ୍ରେଣୀରେ ନୀଳକଣ୍ଠ ଦାସ, ଦେଶର ସେବକତ୍ୱ ଗ୍ରହଣ କରି ଦାସ ପଦକୁ ସାର୍ଥକ କରି ଯାଇଛନ୍ତି । ଜୟ ପଣ୍ଡିତ ନୀଳକଣ୍ଠଙ୍କର ଜୟ ହେଉ ! !

ଜୀବନ ମରଣ ମମ, ସବୁ ସେ ତୁମ୍ଭରି,
ବିଳାସ ବ୍ୟସନ ପାପ ପୁଣ୍ୟ ଅନୁଷ୍ଠାନ;
ନିଗଣ ଅନ୍ତରେ ଯାଏଁ ତବ ଆଶାଧରି,
ଦୁର୍ବଳ ମୁଁ ତବ ବଳେ ମହାବଳୀୟାନ;
ସ୍ମରି ତବ ସେ ବିଭୂତି,
ଦେବାର୍ଚ୍ଚନ କରେ ନିତି,
ନ ଗଣି ସେ ଅର୍ଚ୍ଚନାରେ ଫଳର ଭିଆଣ ।

( ନୀଳକଣ୍ଠ–ଭକ୍ତିଗାଥା )

Digitized by PPRACHIN, SOA

# ଉଦ୍ଦୀପ୍ତ ପ୍ରତିଭା

**ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ**

ଆଧୁନିକ ଓଡ଼ିଶାର ଶିକ୍ଷା–ସଂସ୍କୃତି–ସାହିତ୍ୟ–ରାଜନୀତି ଆଦି ବିଭିନ୍ନ କ୍ଷେତ୍ରରେ ପଣ୍ଡିତ ନୀଳକଣ୍ଠଙ୍କର ଅବଦାନ ଅବିସ୍ମରଣୀୟ । ନବଭାରତ ତଥା ନବୋତ୍କଳର ଜୟ-ଯାତ୍ରାରେ ଅନ୍ୟତମ ସାରଥୀ ରୂପେ ସେ ସୁବିଦିତ ।

ଉତ୍କଳମଣି ଗୋପବନ୍ଧୁ–ପ୍ରତିଷ୍ଠିତ ସତ୍ୟବାଦୀ ବନ ବିଦ୍ୟାଳୟ ଓଡ଼ିଶାରେ ଭାରତୀୟ ଶିକ୍ଷା ସଂସ୍କୃତିର ପୁନରୁଦ୍ଧାର ତଥା ସ୍ୱାଧୀନତା–ସଂଗ୍ରାମର ଶିଳାନ୍ୟାସ କରେ । ତ୍ୟାଗ ନିଷ୍ଠା ମହାପୁରୁଷ ଆଚାର୍ଯ୍ୟ ହରିହର, ପ୍ରତିଭଦୀପ୍ତ ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶ ପ୍ରମୁଖ ସାଧକ, ତ୍ୟାଗୀ, ବିଜ୍ଞ ବ୍ୟକ୍ତିମାନଙ୍କର ସମାବେଶରେ ଜାତୀୟ ଭବଧାରାର ପରିପ୍ରକାଶ ଲାଗି ଏହି ଅନୁଷ୍ଠାନ ଐତିହାସିକ ସ୍ୱୀକୃତି ଲାଭ କରିଛି ।

ଶିକ୍ଷା ସଂସ୍କୃତିର ଅନ୍ୟତମ କର୍ଣ୍ଣଧାରରୂପେ ପୁଣି ଭାରତର ସ୍ୱାଧୀନତା ସଂଗ୍ରାମରେ ଅଗ୍ରଗାମୀ ଶିକ୍ଷାୟତନ ସହିତ ଆଧୁନିକ ଓଡ଼ିଆ ସାହିତ୍ୟର ଭିତ୍ତିଭୂମି ହୁଏ ସତ୍ୟବାଦୀ ବନ ବିଦ୍ୟାଳୟ । ପଣ୍ଡିତ ନୀଳକଣ୍ଠ ସେଇ ଅନୁଷ୍ଠାନର ଅନ୍ୟତମ କର୍ଣ୍ଣ-ଧାରରୂପେ ସୁବିଦିତ ।

ନିଜ ଗ୍ରନ୍ଥାବଳୀର ମୁଖବନ୍ଧରେ ସେ ଲେଖନ୍ତି–

' ମୋର ଗ୍ରନ୍ଥାବଳୀ ଏବେ ବାହାରିବ । ମୋତେ ସେଥିରେ ମୁଖବନ୍ଧ ଲେଖିବାକୁ କୁହାଯାଇଛି, ଏ ବଡ଼ ବିଚିତ୍ର କଥା । ସମସ୍ତଙ୍କ ଭାଗ୍ୟରେ ଏହା ଘଟେନାହିଁ । ସତ୍ୟ-ବାଦୀ ସ୍କୁଲର ମୁଖବନ୍ଧ ବାହାରି ବାରେ ମୋର ପ୍ରାଚୀନ କାଳରୁ ଅଂଶ ଅଛି । ବିଶେଷରେ "ସତ୍ୟବାଦୀ"ରେ ଯେଉଁ ସରସ୍ୱତୀ ଆଉ ଗଣେଶ ପୂଜାହୁଏ, ସେ ଗଣେଶ ଆଉ ସରସ୍ୱତୀ ବିସର୍ଜନ କରାହୁଏ, "କାଂଜିଆନଳା" ପାଖ ମୂଳଗଂଡ଼ଟିରେ । ସେ ପର୍ଯ୍ୟନ୍ତ ଶିକ୍ଷକ ଓ ଛାତ୍ରମାନେ ମୂର୍ତ୍ତିଟି ନିଜେ କାଂଧେଇକରି ନିଅଂତି ଓ ପାଣିରେ ଫିଙ୍ଗି ଦିଅନ୍ତି । ତା'ପରେ ସଂକୀର୍ତ୍ତନର ସ୍ୱରଧରି ପୁଣି ସ୍କୁଲପର୍ଯ୍ୟନ୍ତ ଆସନ୍ତି ।"

Digitized by PPRACHIN, SOA

ନୀଳକଂଠଂଙ୍କ ଲିଖିତ ରଚନାରେ ଏହି ଅନୁସ୍ୱାର ପ୍ରୟୋଗ ଏକ ବିଶେଷତ୍ୱ । ହୁଏତ ତାଳପତ୍ର ପୋଥିରେ ଲୁହା ଲେଖନ ସାହାଯ୍ୟରେ ଏପରି ଲେଖିବା ସହଜ ବୋଲି ଛାପାଖାନା ଆସିବା ଆଗରୁ ଲେଖନ ତାଳପତ୍ର ଲାଗି ଲୋଡ଼ାଥିଲା । ନୀଳକଣ୍ଠ କିନ୍ତୁ ତାଙ୍କର ସବୁ ମୁଦ୍ରିତ ରଚନାରେ ସେହି ରୀତି ଅନୁସରଣ କରିଛନ୍ତି । ଆଜିସୁଦ୍ଧା ତାଙ୍କ ଶୈଳୀର ମୁଦ୍ରଣ ସେଇ ସ୍ୱାତନ୍ତ୍ର୍ୟର ସାକ୍ଷ ଦିଏ । ଏହି ସାମାନ୍ୟ ଉଦାହରଣଟିରୁ ହିଁ ଅସାମାନ୍ୟ ପ୍ରତିଭାର ଆଭାସ ମିଳେନାହିଁ କି ?

ବଳିଷ୍ଠ ଆତ୍ମବିଶ୍ୱାସ, କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ, ଜାତୀୟ ସଂସ୍କୃତି ପ୍ରତିଷ୍ଠାରେ ନେତୃତ୍ୱ, ଓ ସ୍ୱାଧୀନତା ସଂଗ୍ରାମରେ ଆତ୍ମବଳୀ ତାଙ୍କ ଲେଖନୀକୁ ନିର୍ଭୀକ, ନିର୍ମଳ ନିରପେକ୍ଷ ଓ ଶକ୍ତିଶାଳୀ କରି ଫୁଟାଇଛି ।

ଶିକ୍ଷା, ସାହିତ୍ୟ, ରାଜନୀତି ଆଦି ପ୍ରତି କ୍ଷେତ୍ରରେ ନୀଳକଣ୍ଠ–ବ୍ୟକ୍ତିତ୍ୱର ସ୍ୱାତନ୍ତ୍ର୍ୟ ଉଦ୍ଭାସିତ । ତାଙ୍କ ରଚିତ "କୋଣାର୍କେ" କାବ୍ୟର ବୈଶିଷ୍ଟ୍ୟ ଲେଖକ ସ୍ୱର୍ଗତ କବି ଡ଼କ୍ଟର ମାୟାଧର ମାନସିଂହଙ୍କ "ଭୂମିକାରେ" ପରିସ୍ଫୁଟ । ଶିକ୍ଷା, ରାଜନୀତି ପୁଣି କବିତ୍ୱ କ୍ଷେତ୍ରରେ ସତ୍ୟବାଦୀ ଅନୁଷ୍ଠାନ ଏକ ଐତିହାସିକ ଭିତ୍ତି ପ୍ରତିଷ୍ଠା କରିଛି । ତାହାର ପଟାନ୍ତର ଖୋଜି ପାଇବା ଆଜିସୁଦ୍ଧା ଗବେଷଣାର ସାପେକ୍ଷ ହୋଇ ରହିଛି ।

ଆଧୁନିକ ଯୁଗର କବି ସ୍ୱର୍ଗତ ଡ଼କ୍ଟର ମାୟାଧର ମାନସିଂହଙ୍କ "କୋଣାର୍କେ" କାବ୍ୟର ଭୂମିକାରୁ କୀୟଦଂଶ ଏଠାରେ ଉଦ୍ଧାର କରଯାଉ ।

"ପଣ୍ଡିତ ନୀଳକଂଠ ଦାସଙ୍କ "କୋଣାର୍କେ" କାବ୍ୟ ଯୁଗ୍ମରେ ପୁରାଣ ଉତ୍କଳର ପ୍ରାଣବାଣୀ ଯେପରି ସ୍ପଷ୍ଟ ଭାବରେ ମୋର ଶ୍ରୁତି ଗୋଚର ହୋଇଛି, ତାହା ଓଡ଼ିଆ, ଇଂରାଜୀ ବା ଅନ୍ୟ କୌଣସି ଭାଷାର କୌଣସି ଲେଖାଠାରୁ ମୁଁ ପାଇପାରିନି ।

କିଂତୁ " କୋଣାର୍କେ " କାବ୍ୟ; ଇତିହାସ ନୁହେଁ, ମୁଖ୍ୟ ଭାବରେ କାବ୍ୟ, ଇତିହାସ କେବଳ ପୀଠିକା ମାତ୍ର । କାବ୍ୟ-ଉତ୍କର୍ଷ ଫଳରେହିଁ ନୀରସ ଇତିହାସ ଜୀବଂତ ହୋଇ ଉଠିଛି । ମୁଁ ଏ ପୁସ୍ତକ ବାରମ୍ବାର ପଢ଼ିଛି । କାବ୍ୟ ଭାବରେ ମନୋଜ୍ଞ ହୋଇ ନ ଥିଲେ, ଏ ପୁସ୍ତକକୁ ଏତେଥର ପଢ଼ିବା ମୋ ପକ୍ଷରେ ସଂଭବ ହୋଇ ନଥାନ୍ତା । ଭାଷା, ଭାବ, ଚରିତ୍ର–ଚିତ୍ରଣ, କଳ୍ପନା, ବର୍ଣ୍ଣନା, ଉପମା, ଅଳଂକାରାଦି ଯେ କୌଣସି ଦିଗରୁ ବିଚାର କରି ବସିଲେ, "କୋଣାର୍କେ" ଓଡ଼ିଆ ଭାଷାରେ ଅନୁପମ କାବ୍ୟ, ସମୃଦ୍ଧ ବଙ୍ଗଳା ଭାଷାରେ ମଧ୍ୟ ଏପରି ଖଣ୍ଡିଏ କାବ୍ୟ ଏ ପର୍ଯ୍ୟନ୍ତ ମୋ ଆଖିରେ ପଡ଼ିନାହିଁ । "

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠଙ୍କଠାରୁ କିନ୍ତୁ ଉଚ୍ଛ୍ୱସିତ ପ୍ରଶଂସା ଶୁଣିଛି ଉତ୍କଳମଣି ଗୋପବନ୍ଧୁଙ୍କ କଳ୍ପିତ ହୁଏତ "ଧର୍ମପଦ" କବିତା ତାଙ୍କୁ ପ୍ରେରଣା ଆଣି ଦେଇଛି "କୋଣାର୍କ" ରଚନା କ୍ଷେତ୍ରରେ ।

ଶିକ୍ଷା, ସଂସ୍କୃତି, ସାହିତ୍ୟ, ସମାଜନୀତି ବା ରାଜନୀତି କ୍ଷେତ୍ରାଦିରେ ନୀଳକଣ୍ଠ-ପ୍ରତିଭା କିମ୍ବା ଅବଦାନର ମୂଲ୍ୟାୟନ କରିବା ପର୍ବତକୁ ଟେକା ଫିଙ୍ଗିବା କିମ୍ବା ସମୁଦ୍ରକୁ ଶଙ୍ଖେ ପଣାଭଳି ମନେହୁଏ ।

×*×

ମହୀୟସୀ ମାନବ ମନୀଷା,
ତବ ଜ୍ୟୋତି ଲଭି ତିଳେ
ନିରର୍ଥକ ଅହଂକାରେ
ଖୋଜେ ତବ ମହାତତ୍ତ୍ୱ ଅନନ୍ତ ଅନ୍ଧାରେ;
ବାଙ୍ମନ-ଅଗୋଚରେ
ଖୋଜଇ ସେ ଅହଂକାରେ
ବାରବାର ଉଠି, ପଡ଼ିଯାଏ ସେ ଅତଳେ;
ଲୁଚିଯାଏ ମହାଘୋର ସୃଷ୍ଟି-ଅନ୍ତରାଳେ ।
ପଡ଼ିଯାଏ, ଲୁଚିଯାଏ,
ଅନନ୍ତରେ ମିଶିଯାଏ,
ମୁହୂର୍ତ୍ତ ମିଶଇ ଯଥା କାଳ-ପାଇବାରେ ।

(ନୀଳକଣ୍ଠ—ଭକ୍ତିଗାଥା)

Digitized by PPRACHIN, SOA

# ଉତ୍କଳ ବୃହସ୍ପତି ପଣ୍ଡିତ ନୀଳକଣ୍ଠ

ଅଧ୍ୟାପକ ଗୌରୀକୁମାର ବ୍ରହ୍ମା

ଉତ୍କଳମଣି ଗୋପବନ୍ଧୁ ଦାସ ଯଥାର୍ଥରେ କହିଥିଲେ– "କର୍ମେ ଜୀଏଁ ନର" । ପୁଣି ଭାରତର ପଣ୍ଡିତ ସମାଜରେ ଗୋଟିଏ ନୀତିବାକ୍ୟ ବଞ୍ଚିରହିଛି– "କୀର୍ତ୍ତିର୍ଯସ୍ୟ ସ ଜୀବତି" । ଅଭିଜ୍ଞ ଲୋକେ ଜାଣନ୍ତି, ପଣ୍ଡିତ ନୀଳକଣ୍ଠ ଥିଲେ ଜଣେ କର୍ମପଟୁ ଓ କୀର୍ତ୍ତିଶାଳୀ ପୁରୁଷ ପୁଙ୍ଗବ । ତାଙ୍କୁ ଯେଉଁମାନେ ସ୍ୱଚକ୍ଷୁରେ ଦେଖି ନାହାନ୍ତି, କେବଳ ତାଙ୍କ ଜୀବନଗାଥା ଶୁଣି ତାଙ୍କର ଯଥାର୍ଥ ଧାରଣା କରିପାରିବେ ନାହିଁ । ସେ ସହସ୍ରାଧିକ ପୃଷ୍ଠାର ଗ୍ରନ୍ଥ ପ୍ରଣୟନ କରିଛନ୍ତି । କିନ୍ତୁ ଏହି ସାରସ୍ୱତ ସାଧନା ତାଙ୍କ ବହୁମୁଖୀ ପ୍ରତିଭାର ଗୋଟିଏ ଦିଗ ମାତ୍ର । ସେ ରାଜନୀତି କରୁଥିଲେ ମଧ୍ୟ ରାଜା ହୋଇ ନ ଥିଲେ । ସେ ଶାସନ ଦଣ୍ଡ ଚାଳନ କରୁ ନ ଥିଲେ, ସତ, କିନ୍ତୁ ଏକ ସମୟରେ "କିଙ୍ଗ୍ ମେକର" ଭାବରେ ମଧ୍ୟ ପରିଚିତ ଥିଲେ । ସେ ଏଭଳି ଏକ ବ୍ୟକ୍ତି, ଯାହାଙ୍କର ବ୍ୟକ୍ତିତ୍ୱ କଳନା ବଡ଼ କଷ୍ଟକର କଥା । ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ଓଡ଼ିଶାର ତଥା ଭାରତର ନାନା କଥାରେ ସେ ହାତ ଦେଇଥିଲେ । ଅପୂର୍ବ ସାଫଲ୍ୟ ମଧ୍ୟ ଲାଭ କରିଥିଲେ । ନୀତିକାର କହିଛନ୍ତି, ଗୋଟିଏ ସୁବାସିତ ଫୁଲଗଛ ଦ୍ୱାରା ସମଗ୍ର ବନ ମହକି ଉଠେ । ଲୋକେ ବିମୁଗ୍ଧ ହୁଅନ୍ତି । ଶତମୁଖରେ ତାର ପ୍ରଶଂସା ଫୁଟି ଉଠେ । ପଣ୍ଡିତ ନୀଳକଣ୍ଠଙ୍କ କଥା ଠିକ୍ ସେହିପରି । ଶ୍ରୀରାମଚନ୍ଦ୍ରପୁରରେ ଜନ୍ମ । କିନ୍ତୁ ତାଙ୍କର ସୌରଭ ସମଗ୍ର ଓଡ଼ିଆ ଜାତିକୁ ଆନନ୍ଦ ପ୍ରଦାନ କରିଛି । ଶତମୁଖରେ ତାଙ୍କର ପ୍ରଶଂସା । ସେ ଓଡ଼ିଶା ପାଇଁ ଏବଂ ଓଡ଼ିଶାରେ ଥାଇ ଭାରତ ପାଇଁ ଯେଉଁ କର୍ମ କରିଛନ୍ତି, ସେହି କର୍ମ ତାଙ୍କୁ ବହୁ କାଳ ବଞ୍ଚାଇ ରଖିବ । ସେ ଚାଲିଗଲେଣି । କିନ୍ତୁ 'ଯଶୋଦେହେ ଆୟୁଷ୍ମାନ' । କାଳକବଳରେ ତାଙ୍କର ମରଦେହ ଲୀନ ହୋଇଯାଇଛି । କିନ୍ତୁ ତାଙ୍କର ସାଧନାର ସୌରଭ ଲବମାତ୍ର କମି ନାହିଁ । ଏଭଳି ପୁଅ ଯେଉଁ ବାପମାଆଙ୍କ ପୁଣ୍ୟର ଫଳ, ସେ ମଧ୍ୟ ବନ୍ଦନୀୟ ।

ପଣ୍ଡିତ ନୀଳକଣ୍ଠ ଯଥାର୍ଥରେ ଉତ୍କଳ ବୃହସ୍ପତି । ଦେବଗୁରୁ ବୃହସ୍ପତି ଋଗ୍‌ବେଦଠାରୁ ଆରମ୍ଭ କରି ପୁରାଣ ପର୍ଯ୍ୟନ୍ତ ସର୍ବତ୍ର ପରିକୀର୍ତ୍ତିତ । ଦେବରାଜ ଇନ୍ଦ୍ର ମଧ୍ୟ ବୃହସ୍ପତିଙ୍କ ପ୍ରତି ସର୍ବଦା

Digitized by PPRACHIN, SOA

ଅନୁରକ୍ତ । ତାଙ୍କର ପାଣ୍ଡିତ୍ୟ, ପରାମର୍ଶ ଏବଂ ପୁରୋଦୃଷ୍ଟିରେ ଦେବତାମାନେ ବିମୁଗ୍ଧ । ଦେବଲୋକରେ ବିପଦର ଆଶଙ୍କା ହେଲେ ବୃହସ୍ପତିଙ୍କ ଉପଦେଶ ସମସ୍ତଙ୍କର କାମ୍ୟ ହୁଏ । ପଣ୍ଡିତ ନୀଳକଣ୍ଠଙ୍କ କଥା ସେହିପରି ବହୁକ୍ଷେତ୍ରରେ ଦୀର୍ଘକାଳ ଧରି ତାଙ୍କର ଚିନ୍ତା ଓ ପରାମର୍ଶ ବିଶିଷ୍ଟ ନେତାଙ୍କର ମଧ୍ୟ ଏକାନ୍ତ ଧ୍ୟେୟ ଥିଲା । ଏପରି କି ତାଙ୍କର ପାଣ୍ଡିତ୍ୟକୁ ଉତ୍କଳମଣି ଗୋପବନ୍ଧୁ ମଧ୍ୟ ସମ୍ମାନ ପ୍ରଦର୍ଶନ କରୁଥିଲେ । ତାଙ୍କର ପାଣ୍ଡିତ୍ୟର ପ୍ରଖରତା ତାଙ୍କୁ ବେଳେ ବେଳେ ଉଗ୍ର କରି ଦେଉଥିଲା । ଆଲୋଚନା ପ୍ରସଙ୍ଗରେ ତାଙ୍କର ମନ୍ତବ୍ୟ ଅନେକଙ୍କୁ ଉତ୍କଟ ବୋଧ ହେଉଥିଲା । ତେଣୁ ଋଷିପ୍ରତିମ ତାଙ୍କର ଜ୍ଞାନଦୀପ୍ତ ମୁଖମଣ୍ଡଳକୁ ଲକ୍ଷ୍ୟ କରି କେହି କେହି ତାଙ୍କୁ 'ଉତ୍କଳ ଦୁର୍ବାସା" ବୋଲି କହୁଥିଲେ । କିନ୍ତୁ ମୁଖରେ ଯେତେ ରୁକ୍ଷ, ଅନ୍ତରରେ ସେ ଥିଲେ ତେତିକି କୋମଳ । ସତ୍ୟବାଦୀ ଅଞ୍ଚଳର ନାଡ଼ିକେଳ କୁଞ୍ଜରେ ତାଙ୍କର ବାଲ୍ୟଜୀବନ କଟିଥିଲା । ପରବର୍ତ୍ତୀ କାଳରେ ସେ ହେଲେ ନାରିକେଳ ଫଳ ସଦୃଶ । ଉପରଟା କଠିନ, ଭିତରେ ସୁମିଷ୍ଟ ରସ । ତେଣୁ ପଣ୍ଡିତ ନୀଳକଣ୍ଠଙ୍କୁ "ଉତ୍କଳ ଦୁର୍ବାସା" କୁହାଯାଉଥିବେଳେ କେବଳ ତାଙ୍କ ବ୍ୟକ୍ତିତ୍ୱର ଗୋଟିଏ ବିଭାଗରେ କ୍ଷଣିକ ବାସ୍ତବତା ପ୍ରକାଶ ପାଇଥାଏ ।

ଅନୁଭବରୁ ଦିନକର କଥା କହୁଛି । 'ସମାଜ' ସମ୍ପାଦକ ଡ଼କ୍ଟର ରାଧାନାଥ ରଥଙ୍କ ଆମନ୍ତ୍ରଣକ୍ରମେ ପ୍ରାୟ ତିରିଶ ବର୍ଷ ପୂର୍ବେ ପଣ୍ଡିତ ନୀଳକଣ୍ଠ ଆଠଗଡ଼ ଯାଇଥିଲେ । ସେଦିନ ସଭାରେ ବକ୍ତା ଭାବରେ ଯୋଗଦେବା ପାଇଁ ଆଉ ଦୁଇଜଣ ଯାଇଥିଲେ । ଜଣେ ହେଲେ ମୋର ଅଗ୍ରଜକଳ୍ପ ବିଦ୍ୟାବରିଷ୍ଠ ଡ଼କ୍ଟର ଶ୍ରୀରାମଚନ୍ଦ୍ର ଦାଶ ଏବଂ ଆଉ ଜଣେ ହେଲା ଏହି ଲେଖକ । ସେତେବେଳକୁ କାଠଯୋଡ଼ି ଏବଂ ମହାନଦୀରେ ପୋଲ ହୋଇ ନଥିଲା । ତେଣୁ ଆମେ ତିନି ଜଣ ସକାଳବେଳା ତାଳଚେର ଗାଡ଼ିରେ ଗଲୁ ଆଠଗଡ଼ ଷ୍ଟେସନ ପର୍ଯ୍ୟନ୍ତ । ସେଠାରୁ କାର୍ ଯୋଗେ ଆଠଗଡ଼ ଗଲୁ । ସେଦିନ ସକାଳର ଖବରକାଗଜ ପଢ଼ୁ ପଢ଼ୁ ୟୁରୋପର କଅଣ ଗୋଟାଏ ସମ୍ବାଦ ଉପରେ ପଣ୍ଡିତଜୀଙ୍କର ଆଖି ପଡ଼ିଗଲା । ତାକୁ ସେ ଅସଭ୍ୟତା ଓ ବର୍ବରତା ରୂପେ ଚିତ୍ରଣ କଲେ । ଆମେ ଦୁହେଁ ଆଧୁନିକତାର ଧାରା ଅବଲମ୍ବନ କରି ପ୍ରତିକୂଳ ଯୁକ୍ତି ଉପସ୍ଥାପନ କଲୁ । ଆଠଗଡ଼ରେ ପହଞ୍ଚିବା ପରେ ମଧ୍ୟ ଦିନ ଗୋଟାଏ ପର୍ଯ୍ୟନ୍ତ ପ୍ରବଳ ଯୁକ୍ତିତର୍କ ଚାଲିଥିଲା । ସେଦିନ ସନ୍ଧ୍ୟା ୬ଟାରେ ସଭା ଆରମ୍ଭ ହୋଇ ରାତି ଗୋଟାଏ ପର୍ଯ୍ୟନ୍ତ ଚାଲିଲା । କାରଣ ତିନିଜଣ ଯାକ ଅନ୍ତତଃ "ଦୁଇଘଣ୍ଟିଆ ବକ୍ତା" ଭାବରେ ସୁବିଖ୍ୟାତ । ସେଦିନ ମୁଁ ଲକ୍ଷ୍ୟ କରିଛି, ପଣ୍ଡିତଜୀଙ୍କର ଜ୍ଞାନର ଗଭୀରତା ଓ ବ୍ୟାପକତା । ଯୁକ୍ତି ଉପସ୍ଥାପନ କ୍ଷେତ୍ରରେ ସେ ଜଣେ ଯାଦୁକର । ପ୍ରତିପକ୍ଷର ଯୁକ୍ତିକୁ ନେଇ ସେ ଏଭଳି

Digitized by PPRACHIN, SOA

ହଟଚମଟ ବିଦ୍ୟା ଦେଖାଇ ଦିଅନ୍ତି ଯେ, ଖୁବ୍ ବୁଦ୍ଧିମାନ ବ୍ୟକ୍ତି ମଧ୍ୟ ଆହାକାବା ହୋଇଯାଏ ।

ସତ୍ୟବାଦୀର ପଞ୍ଚସଖାଙ୍କ ସଙ୍ଗେ ନିଶ ଦାଢ଼ି ଆଲୋଚନା ବଡ଼ ନିବିଡ଼ ଭାବରେ ସଂଶ୍ଳିଷ୍ଟ । ନିଶ ଏବଂ ଦାଢ଼ି କାଟିବା ଓ ନ କାଟିବା ସମ୍ପର୍କରେ ସେ କାଳର ଚକ୍ଷଣଶୀଳ ପଣ୍ଡିତମାନେ ତାଣ୍ଡବଲୀଳା ଆରମ୍ଭ କରି ଦେଇଥିଲେ । ପଣ୍ଡିତ ନୀଳକଣ୍ଠ କିନ୍ତୁ ଦାଢ଼ି ରଖିଲେ ଏବଂ ତାଙ୍କର ବରେଣ୍ୟ ସହଯୋଗୀ ପଣ୍ଡିତ ଗୋଦାବରୀଶ ମିଶ୍ର ନିଶ ରଖିଲେ । ମନୁସ୍ମୃତିର କେତେକ ଶ୍ଳୋକ ଉଦ୍ଧାର କରି ପଣ୍ଡିତମାନେ ଯୁକ୍ତି କଲେ । ପଣ୍ଡିତ ନୀଳକଣ୍ଠ ସେ ସବୁ କାଟି ଉଡ଼ାଇ ଦେଲେ । ଜଣେ ଅଶୀତିପର ବୃଦ୍ଧଙ୍କଠାରୁ ଶୁଣିଛି, ଯୁକ୍ତି ପ୍ରସଙ୍ଗରେ "ଉପସ୍ଥ" ଶବ୍ଦକୁ ଭିତ୍ତିକରି ପ୍ରବଳଯୁକ୍ତି ହେଲା । ଯୁକ୍ତି ଯାଦୁକର ନୀଳକଣ୍ଠ ସଙ୍ଗେ ସଙ୍ଗେ କହିଲେ, "ଉପରି ସ୍ଥାୟତେ ଇତି ଉପସ୍ଥ" । ସେ ବୁଝାଇଦେଲେ ଯେ, ଏହି ଶବ୍ଦ ମୁଖ ଉପରେ ଥିବା ନିଶ ଦାଢ଼ିକୁ ହିଁ ବୁଝାଇବ । ପ୍ରବଳ ହାସ୍ୟରୋଳ ମଧ୍ୟରେ ପଣ୍ଡିତମାନେ ଥକିଗଲେ । ପଣ୍ଡିତ ନୀଳକଣ୍ଠଙ୍କ ସମ୍ପର୍କରେ ଯେଉଁମାନେ ଆସିଛନ୍ତି, ସେମାନେ ଏହିପରି ଶହ ଶହ ଦୃଷ୍ଟାନ୍ତ ଦେଇପାରିବେ ।

ଉତ୍କଳ ପ୍ରଦେଶ ଗଠିତ ହେଲା ୧୯୩୬ ଖ୍ରୀଷ୍ଟାବ୍ଦରେ । ତାର ଟିକିଏ ପୂର୍ବରୁ ହିନ୍ଦୁଧର୍ମଶାସ୍ତ୍ର ସମ୍ପର୍କରେ ଭାରତରେ ଗଭୀର ଆଲୋଚନା ହୋଇଥାଏ । ଯୁବତୀ ବିବାହ, ବିଧବା ବା ବିବର୍ଗ ବିବାହ ଇତ୍ୟାଦି ଇତ୍ୟାଦି ସମ୍ପର୍କରେ ଭାରତର ମହାନଗରୀମାନଙ୍କରେ ମଧ୍ୟ ତର୍କସଭାମାନ ହେଉଥାଏ । ସେଭଳି କିଛି ଗୋଟାଏ ସଭା କଟକ ଟାଉନହଲରେ ହୋଇଥିଲା । ସେ ସମୟରେ ସମଗ୍ର ଭାରତରେ ଯେଉଁ 'ମଡ଼ର୍ଣ୍ଣ ରିଭ୍ୟୁ' ନାମକ ଇଂରାଜୀ ପତ୍ରିକା ଅସପତ୍ନ ଗୌରବ ଲାଭ କରିଥିଲା, ତାହାର ସୁବିଖ୍ୟାତ ସମ୍ପାଦକ ଶ୍ରୀ ରମାନନ୍ଦ ଚାଟର୍ଜି ସେ ସଭାକୁ ଆମନ୍ତ୍ରିତ ହୋଇଥିଲେ । ସେହି ସଭାରେ ଉପସ୍ଥିତ ଥିବା ଶ୍ରୀଯୁକ୍ତ ବିଶ୍ୱନାଥ ମହାପାତ୍ରଙ୍କଠାରୁ ଶୁଣିଛି, ପଣ୍ଡିତ ନୀଳକଣ୍ଠଙ୍କର ଚମକପ୍ରଦ ପାଣ୍ଡିତ୍ୟର କଥା । ବଙ୍ଗଦେଶରେ ସ୍ମାର୍ତ୍ତ ରଘୁନନ୍ଦନଙ୍କର ଗଭୀର ପ୍ରଭାବ ରହିଅଛି । ରମାନନ୍ଦଙ୍କ ବକ୍ତୃତା ପରେ ପଣ୍ଡିତ ନୀଳକଣ୍ଠ ମନୁ ଏବଂ ପରାଶରଙ୍କ କଥା କହି, ଯେତେବେଳେ ରଘୁନନ୍ଦନଙ୍କ ଗ୍ରନ୍ଥ ସମ୍ପର୍କରେ ଆଲୋଚନା କଲେ, ରମାନନ୍ଦ ବାବୁ ସ୍ତମ୍ଭିତ ହୋଇଗଲେ । ସେ ଥିଲେ ପରମ ଗୁଣଗ୍ରାହକ । ତେଣୁ ପୁଣି ଥରେ ଉଠି ନୀଳକଣ୍ଠଙ୍କ ଭୂୟସୀ ପ୍ରଶଂସା କରିଥିଲେ । ଖାଲି ସେତିକି ନୁହେଁ, "ପଣ୍ଡିତ ଚନ୍ଦ୍ରଶେଖର ବ୍ରହ୍ମା" ନାମକ ପୁସ୍ତକରେ ମଧ୍ୟ ନୀଳକଣ୍ଠଙ୍କ ଅସାଧାରଣ, ଏପରିକି ବିସ୍ମୟକର ପାଣ୍ଡିତ୍ୟ ବାଗ୍ମିତା ଏବଂ ଯୁକ୍ତିପଟୁତାର ବିବରଣ ଦିଆଯାଇଛି । ଗଞ୍ଜାମ ଜିଲ୍ଲାର ବିଶିଷ୍ଟ ବ୍ୟବସାୟ କେନ୍ଦ୍ର "ବେଲଗୁଣ୍ଠା"ଠାରେ ପ୍ରାୟ

Digitized by PPRACHIN, SOA

୫୦ ବର୍ଷ ପୂର୍ବେ ଦୁଇ ପଣ୍ଡିତଙ୍କ ମଧ୍ୟରେ ଯେଉଁ ପାଣ୍ଡିତ୍ୟର ମଲ୍ଲଯୁଦ୍ଧ ଦିନ ଦିନ ଧରି ଚାଲିଥିଲା, ତାହା ସେ କାଳର ଦକ୍ଷିଣ ଓଡ଼ିଶାରେ ଚମକ ସୃଷ୍ଟି କରିଥିଲା । ପାଣ୍ଡିତ୍ୟର ରଣପ୍ରାଙ୍ଗଣରେ ବିଜୟର ଅଧିଦେବୀ ଚିରକାଳ ନୀଳକଣ୍ଠଙ୍କ ପାଖେ ପାଖେ ରହି ଆଶୀର୍ବାଦ ଦେଉଥିଲେ । କୋଟିଏ ଲୋକରେ ଏଭଳି ଗୋଟିଏ ପୁଅ ଜନ୍ମହେବା ଅତ୍ୟନ୍ତ ବିରଳ ।

ପଣ୍ଡିତ ନୀଳକଣ୍ଠ ବହୁ ଗୁଣ ଓ ବହୁ ଯୋଗ୍ୟତାର ସମନ୍ୱିତ ବିଗ୍ରହ । ସେ ଥିଲେ ମହିମାମଣ୍ଡିତ ବା ମହାମହିମ । ଜଣେ ଜଣେ ବ୍ୟକ୍ତି ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ କ୍ଷେତ୍ରରେ, ଯୋଗ୍ୟତାରେ ବା ବିଷୟ ଭିତ୍ତିରେ ବଡ଼ ହୋଇପାରନ୍ତି । କିନ୍ତୁ ଗୋଟିଏ ସ୍ଥାନରେ ବହୁଗୁଣ ଓ ବହୁ ଯୋଗ୍ୟତାର ସମାବେଶ ଅତ୍ୟଳ୍ପ ଦେଖାଯାଏ । ପଣ୍ଡିତ ନୀଳକଣ୍ଠ ତାଙ୍କ ସାଧନାମୟ ଜୀବନର ବହୁ କ୍ଷେତ୍ରରେ ବିଲକ୍ଷଣ କୃତିତ୍ୱ ଦେଖାଇଛନ୍ତି । ସେ ଏକାଧାରରେ କବି ଓ ପଣ୍ଡିତ, ଶିକ୍ଷକ ଓ ସାଧକ, ଜାତୀୟବାଦୀ ଓଡ଼ିଆ ଏବଂ ମହାଜାତୀୟବାଦୀ ଭାରତୀୟ, ବ୍ୟବସ୍ଥାପକ ଓ ସଂସ୍କାରକ, ନିର୍ଭୀକ ମତ ପ୍ରଚାରକ ଓ ନିରଳସ ତତ୍ତ୍ୱ ବିଚାରକ, ଶିକ୍ଷାବିତ୍ ଓ ଜ୍ୟୋତିର୍ବିତ୍, ପ୍ରାଚ୍ୟ ସାହିତ୍ୟ ପରିବେଶକ ଓ ପାଶ୍ଚାତ୍ୟ ସାହିତ୍ୟ ପରିଶୀଳକ, ଓଡ଼ିଆତ୍ୱର ପ୍ରତିଷ୍ଠାପକ ଏବଂ ଓଡ଼ିଆ ସଂସ୍କୃତିର ଏକ-ନିଷ୍ଠ ଉପାସକ, ସଂସ୍କୃତ, ଇଂରାଜୀ ଏବଂ ଓଡ଼ିଆ, ଏହି ତିନି ଭାଷାରେ ଲେଖକ ଏବଂ ଏହିପରି ଅନ୍ୟ ଅନେକ ବିଶିଷ୍ଟ ଯୋଗ୍ୟତାର ଆଧାର । ସେ ଥିଲେ ଛାତ୍ରବତ୍ସଳ, ପଣ୍ଡିତ ପ୍ରିୟ, ଅତିଥିପରାୟଣ, ସ୍ଥଳବିଶେଷରେ ଏକାନ୍ତ ଉଗ୍ରପନ୍ଥୀ ଏବଂ କେତେକ ସ୍ଥଳରେ ଶିଶୁଜନୋଚିତ ସାରଲ୍ୟ ଶୋଭିତ । ଯେଉଁମାନେ ବହୁ କାଳ ଧରି ତାଙ୍କ ସଂସର୍ଗରେ ଆସିଛନ୍ତି, ସେମାନେ ତାଙ୍କୁ ପରିସ୍ଥିତି ଭେଦରେ, ବିଭିନ୍ନ ଭାବରେ ଉପଲବ୍ଧି କରିଛନ୍ତି । ତାଙ୍କର ସାହସ ଥିଲା ଅସୀମ, ପ୍ରତ୍ୟୁତ୍ପନ୍ନମତିତା ଥିଲା ବିସ୍ମୟକର ଓ ଉତ୍କଳପ୍ରୀତି ଥିଲା ଅନୁକରଣୀୟ । ତାଙ୍କର "ଓଡ଼ିଆ ସାହିତ୍ୟର କ୍ରମପରିଣାମ"ରେ ସେ ବୈଷ୍ଣବମାନଙ୍କର ମତବାଦକୁ ପ୍ରବଳ ଭାବରେ ଖଣ୍ଡନ କରିଛନ୍ତି । କିନ୍ତୁ ତହିଁରୁ ତାଙ୍କର ଭକ୍ତିହୀନତା ପ୍ରମାଣିତ ହୁଏ ନାହିଁ । ଭକ୍ତି ଏବଂ ଭକ୍ତଙ୍କ ନାମରେ ସମଗ୍ର ଭାରତରେ, ବିଶେଷ କରି ଉତ୍ତରପୂର୍ବ ଭାରତରେ ଯେଉଁ ସମାଜବିରୋଧୀ ଲୀଳା ସେ ଅଙ୍ଗେ ଲିଭାଇଥିଲେ, ବ୍ୟକ୍ତି ବିଶେଷଙ୍କୁ ଭିତ୍ତି କରି ସେ ଭଣ୍ଡ ଭକ୍ତମାନଙ୍କୁ ଆକ୍ରମଣ କରିଅଛନ୍ତି ମାତ୍ର ।

ଯେଉଁଠାରେ ସେ ହାତ ଦେଇଅଛନ୍ତି, କିଛିନା କିଛି ନୂତନ ତଥ୍ୟ ତଦ୍‌ବିଦ୍‌ମାନଙ୍କୁ ଦେଇଯାଇଛନ୍ତି । ସ୍ୱନାମଧନ୍ୟ ଅଧ୍ୟାପକ ଡ଼କ୍‌ଟର ଆର୍ତ୍ତବଲ୍ଲଭ ମହାନ୍ତି ୧୯୩୨ ଖ୍ରୀଷ୍ଟାବ୍ଦରେ "ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ" ନାମକ ପୁସ୍ତକ ପ୍ରକାଶ କରାଇଥିଲେ । ସେହି

Digitized by PPRACHIN, SOA

ପୁସ୍ତକର ମୁଖବନ୍ଧରେ "କଳଶା ଚଉତିଶା" ଉପରେ ସେ ଆଲୋଚନା କରିଥିଲେ । ଖ୍ରୀଷ୍ଟ କଲେଜରେ ଅଧ୍ୟାପକ ଥିଲବେଳେ ଏହି ଲେଖକ ଆର୍ତ୍ତବାବୁଙ୍କ ପୁସ୍ତକ ପ୍ରକାଶନର ଦୀର୍ଘ ପ୍ରାୟ ପନ୍ଦର ବର୍ଷ ପରେ ପ୍ରଥମ ଥର ପାଇଁ ମତପ୍ରକାଶ କରିଥିଲ ଯେ, "ଆର୍ତ୍ତବାବୁ 'କଳଶା' ଶବ୍ଦର ଯେଉଁଭଳି ଅର୍ଥ ବ୍ୟାଖ୍ୟାନ କରିଛନ୍ତି, ତାହା ଆଦୌ ଯୁକ୍ତିସଙ୍ଗତ ନୁହେଁ ।" ସେହି ସମୟରେ ଅସାମାନ୍ୟ ପ୍ରତିଷ୍ଠାବନ୍ତ ଆର୍ତ୍ତବାବୁଙ୍କର ମତ ବିରୁଦ୍ଧରେ, "ଝଙ୍କାର" ଭଳି ପତ୍ରିକାରେ ପ୍ରବନ୍ଧ ଲେଖିଦେବା ଅଳ୍ପ ଦୁଃସାହସର କଥା ନ ଥିଲ । ଆଜି ୧୯୮୩ର ଓଡ଼ିଆ ଅଧ୍ୟାପକମାନେ ସେ କଥାର ବିଭୀଷିକା ସାମାନ୍ୟ ପରିମାଣରେ ମଧ୍ୟ କଳ୍ପନା କରିପାରିବେ ନାହିଁ । 'ଝଙ୍କାର' ପତ୍ରିକାରେ ଏହି ଲେଖକର ପ୍ରବନ୍ଧ ପ୍ରକାଶ ପାଇବା ପରେ ଓଡ଼ିଶାରେ ଗୁରୁତର ଆଲୋଡନ ସୃଷ୍ଟି ହୋଇଥିଲ । ଏପରି କି ପଣ୍ଡିତ ସଦାଶିବ ରଥଶର୍ମା, ଗୋଦାବରୀଶ ମହାପାତ୍ର, ଫତୁରାନନ୍ଦ ପ୍ରଭୃତି ଅନେକ ସାହିତ୍ୟିକ ଏ ସମ୍ପର୍କରେ ଲେଖିଥିଲେ । ସେହି ହଟଗୋଳ ସମୟରେ ପଣ୍ଡିତ ନୀଳକଣ୍ଠ ତାଙ୍କ କ୍ରମ ପରିମାଣରେ ଗୋଟିଏ ଅଂଶ ଯୋଗକରି 'କଳଶା' ଶବ୍ଦର ଏକ ଅପରିକଳ୍ପିତ ଓ ସମ୍ପୂର୍ଣ୍ଣ ଅଭିନବ ଅର୍ଥ ପ୍ରକାଶ କରିଥିଲେ । ତାଙ୍କ 'କ୍ରମ ପରିଣାମ'ର ସେହି ଅଂଶ ଏ କ୍ଷେତ୍ରରେ ଆମର କୌତୁହଳ ଉଦ୍ଦୀପନ କରେ । ସେହିପରି "କୋଇଲି ସାହିତ୍ୟ"ର "ଲୋ" ଉପରେ ତାଙ୍କର ମତ ମଧ୍ୟ ପ୍ରଣିଧାନ ଯୋଗ୍ୟ ।

ଡ଼କ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ଓଡ଼ିଆ ସାହିତ୍ୟକୁ ଉଚ୍ଚତମ ଶିକ୍ଷା କ୍ଷେତ୍ରରେ ପ୍ରତିଷ୍ଠା କରି ଯେଉଁ କୃତିତ୍ୱ ଅର୍ଜନ କରିଅଛନ୍ତି, ଏ ପର୍ଯ୍ୟନ୍ତ ଓଡ଼ିଶାରେ ତାର ତୁଳନା କଳନା ନାହିଁ । ଅର୍ଦ୍ଧଶତାଧିକ ପ୍ରାଚୀନ କାବ୍ୟ କବିତା ପ୍ରଭୃତି ସେ ପ୍ରକାଶ କରିଥିଲେ, ତାଙ୍କ ପ୍ରତିଷ୍ଠିତ "ପ୍ରାଚୀ ସମିତି" ମାଧ୍ୟମରେ । ଅନେକ ପୁସ୍ତକର ମୁଖବନ୍ଧରେ ସେ ବୈଷ୍ଣବତତ୍ତ୍ୱ ବିଶ୍ଳେଷଣ କରି, ଅଳ୍ପ ବିଦଗ୍ଧତା ଦେଖାଇ ନାହାନ୍ତି । ପଣ୍ଡିତ ନୀଳକଣ୍ଠ ଆର୍ତ୍ତବାବୁଙ୍କର ଏହି ସାଧନାକ୍ଷେତ୍ରକୁ ଆଦର ସହକାରେ ଅବତୀର୍ଣ୍ଣ ହୋଇ, ଓଡ଼ିଶାର ତଥା ଓଡ଼ିଆ ଜାତିର ଗୌରବ ପ୍ରକଟନ ଦିଗରେ ଗୁରୁଗମ୍ଭୀର ଉଦ୍ୟମ କରିଛନ୍ତି । ଆର୍ତ୍ତବାବୁ ଗୌଡ଼ିୟ ବୈଷ୍ଣବ ତତ୍ତ୍ୱ ସହିତ ଉତ୍କଳୀୟ ବୈଷ୍ଣବ ତତ୍ତ୍ୱର ଆଲୋଚନା କରି, ଉତ୍କଳୀୟ ଭବ ଧାରାର ମହତ୍ତ୍ୱ ପ୍ରଦର୍ଶନ କରିଛନ୍ତି । ପଣ୍ଡିତ ନୀଳକଣ୍ଠ ବହୁଗ୍ରନ୍ଥ ଏବଂ ବହୁ ସ୍ମାର୍ତ୍ତିକ ଉଦାହରଣଦ୍ୱାରା ଉତ୍କଳୀୟ ବୈଷ୍ଣବ ଧର୍ମର ଆଉ ଗୋଟିଏ କଥା ପ୍ରଦର୍ଶନ କରିଛନ୍ତି । ତାହା ହେଉଛି, ଇନ୍ଦ୍ରିୟନିଗ୍ରହ, ଇନ୍ଦ୍ରିୟ ସଂଯମ ବା ଯୌନସଂଯମ । ସେ ଓଡ଼ିଶାକୁ କିପରି ଚିହ୍ନିଥିଲେ ଏବଂ ଓଡ଼ିଆ

Digitized by PPRACHIN, SOA

ଘରର ଚଳଣୀ ସହିତ ପ୍ରାଚୀନ ଓଡ଼ିଆ ସାହିତ୍ୟକୁ କିପରି ସମନ୍ୱିତ କରିପାରିଥିଲେ, ଭାବିଲେ ବିସ୍ମିତ ହେବାକୁ ପଡ଼େ । ତାଙ୍କର, ମତ ହେଉଛି ଏହିପରି—'ପ୍ରାଚୀନ ଓଡ଼ିଆ ସାହିତ୍ୟର ମୌଳିକତା, ବିଶେଷତ୍ୱ, ମହତ୍ତ୍ୱ ବା ସ୍ୱାତନ୍ତ୍ର୍ୟ ଜାଣିବାକୁ ହେଲେ, କେବଳ ଧର୍ମଶାସ୍ତ୍ର ବା ପୁରାଣ ପ୍ରଭୃତିର ଉଦାହରଣ ଯଥେଷ୍ଟ ହେବ ନାହିଁ । ସେଥିପାଇଁ ଦରକାର ଏ ଜାତିର ଚଳଣୀ, ଯୁଗ ଯୁଗଧରି ଲୋକଙ୍କ ଭିତରେ ବର୍ତ୍ତିରହିଥିବା ଆଗ୍ରହ ବିଗ୍ରହ । ଯମ ଓ ଯମୀ ଉପାଖ୍ୟାନର ତଥା ବାଲିତୃତୀୟା ବ୍ରତର ଆଧାର ଉପରେ ଓଡ଼ିଆ ଘରର ବିଶେଷତ୍ୱ ସେ ଯେପରି ପ୍ରକାଶ କରିଛନ୍ତି, ସଂସ୍କୃତିଭିତ୍ତିକ ଓଡ଼ିଆ ଆଲୋଚନା ସାହିତ୍ୟରେ ତାହାର ପଟାନ୍ତର ନାହିଁ । ଆଗାମୀ ଯୁଗର ଗବେଷକମାନଙ୍କ ପାଇଁ କ୍ରମ ପରିଣାମରେ ଗଣି ଗଣି ଆଲୋକବର୍ତ୍ତିକା ସତେଯେପରି କି ଜଳିଉଠିଛି ।

ପଣ୍ଡିତ ନୀଳକଣ୍ଠଙ୍କର ସ୍ୱାଧୀନତା ସଂଗ୍ରାମ ତାଙ୍କ ଆତ୍ମଜୀବନୀରେ ଲିପିବଦ୍ଧ ହୋଇରହିଛି । କାରାବରଣ ସମୟରେ ସେ ଗଭୀର ଅଧ୍ୟୟନ ଏବଂ ଏକାନ୍ତ ମନନ ଦ୍ୱାରା ନିଜ ଚିନ୍ତାର ଦିଗ୍‌ବଳୟ ସମ୍ପ୍ରସାରିତ କରିପାରିଥିଲେ । ତାଙ୍କର "ଗୀତାର ଭୂମିକା" ଏହିଭଳି ମନନରୁ ଉଦ୍‌ଭୂତ ହୋଇଅଛି । ଏଥିରେ କେବଳ ଯେ ଗୀତାର କଥା ଅଛି, ତା ନୁହେଁ । ଭାରତୀୟ ଧର୍ମ, ଦର୍ଶନ, ସଂସ୍କୃତି, ଆଧ୍ୟାତ୍ମ ଚେତନା ଏବଂ ଆଦର୍ଶର ଅଖଣ୍ଡତା ସହିତ, କଳିଙ୍ଗର ଜଗନ୍ନାଥ ସଂସ୍କୃତି ଏବଂ ତାହାର ବଳିଷ୍ଠତା ମଧ୍ୟ ଅପୂର୍ବ ଚାତୁର୍ଯ୍ୟ ସହକାରେ ଆଲୋଚିତ ହୋଇଅଛି । ଏଇ ଲେଖକ ମନେକରେ ଯେ ଜଗନ୍ନାଥ ସଂସ୍କୃତିର ମହତ୍ତ୍ୱ ପ୍ରତିପାଦନରେ ନୀଳକଣ୍ଠଙ୍କ ଲେଖନୀ ଥିଲା ନିତ୍ୟମୁଖର ସତତ ଗତିଶୀଳ ।

ପଣ୍ଡିତ ନୀଳକଣ୍ଠଙ୍କର ଓଡ଼ିଶା ପ୍ରୀତି ଥିଲା ଏକାବେଳକେ ଅନନ୍ୟ ସାଧାରଣ । ଗୀତାର ଭୂମିକାରେ ସେ ସମଗ୍ର ମାନବ ଜାତିର ମୂଳଭୂତ ଆଦିବାସୀ ସଭ୍ୟତାକୁ ତୁଙ୍ଗ ଆସନ ଦେଇ, ତାହାର ଚରମ ଓ ପରମ ଲୀଳାଭୂମି ରୂପେ ଜଗନ୍ନାଥ ସଂସ୍କୃତିର ମହତ୍ତ୍ୱ ପ୍ରଦର୍ଶନ କରିଛନ୍ତି । ଯଥାର୍ଥରେ, ସେ ଥିଲେ ଓଡ଼ିଆଜାତୀୟତାର ନବତଲ ପ୍ରାସାଦ, ଓଡ଼ିଆ ବୀରତ୍ୱର କାଠଯୋଡ଼ି ପଥରବନ୍ଧ, ଓଡ଼ିଆ ସାହିତ୍ୟିକ ଉତ୍କର୍ଷର ବିଶ୍ୱ-ବିସ୍ମୟକର କୋଣାର୍କ ଏବଂ ଓଡ଼ିଆ ସଂସ୍କୃତି ଦେବତାର ଶ୍ରୀମନ୍ଦିର ।

ଥରେ ବୋଧହୁଏ ୧୯୪୩–୪୪ ଖ୍ରୀଷ୍ଟାବ୍ଦରେ ସେ ଯାଇଥିଲେ ପାରଳାଖେମୁଣ୍ଡି କଲେଜରେ ଭାଷଣ ଦେବାପାଇଁ । ଯେତେଦୂର ମନେପଡୁଛି, " National War Front " ବା ଜାତୀୟଯୁଦ୍ଧ ସାମ୍ମୁଖ୍ୟର ଓଡ଼ିଶା ମୁଖ୍ୟ ଭାବରେ ସେ ସେଠାରେ ଦ୍ୱିତୀୟ ମହାଯୁଦ୍ଧରେ ଭାରତର ଯୋଗ ସରକାରଙ୍କ ଭୂମିକା ସମ୍ପର୍କରେ ଭାଷଣ ଦେବାର

Digitized by PPRACHIN, SOA

ଥିଲ । ସେହି ବିଭଗରେ ସେତେବେଳେ କାମକରୁଥିବା 'ନିଆଁଖୁଣ୍ଟା' ସମ୍ପାଦକ ଶ୍ରୀ ଗୋଦାବରୀଶ ମହାପାତ୍ର ଏବଂ ପୁରୀର ପ୍ରସିଦ୍ଧ ଗାୟକ ଶ୍ରୀ ଶ୍ୟାମସୁନ୍ଦର ସିଂହାରୀ ମଧ୍ୟ ତାଙ୍କ ସହିତ ସେଠାକୁ ଯାଇଥିବାପରି ମନେପଡୁଛି । ପଣ୍ଡିତଜୀ ପାରଳାରେ ପହଞ୍ଚିବା ପରେ କିଏ ଜଣେ ( ଯଥାସମ୍ଭବ ସ୍ଥାନୀୟ ନେତା– ଶ୍ରୀ ଯୁଗଳକିଶୋର ପାଣିଗ୍ରାହୀ ) ତାଙ୍କୁ କହିଲେ, "ଆପଣ ଗୋର ସରକାର ସପକ୍ଷରେ ଯୁଦ୍ଧବାର୍ତ୍ତା ପ୍ରଚ୍ଚର କରିବାକୁ ଆସିଥିବାରୁ, କଲେଜର ଦଳେ ପିଲ କଲେଜ ସଭରେ ଗଣ୍ଡଗୋଳ କରିବାକୁ ଠିକ କରିଛନ୍ତି" । ପଣ୍ଡିତ ହସି ହସି କହିଲେ, "ହେଉ ଭଲକଥା । ମୁଁ ସେପରି ଗଣ୍ଡଗୋଳ କଥା କହିବାକୁ ଆସିଚି" । ସଭରେ ପ୍ରଥମେ କହିଲେ, 'ମୁଁ ପ୍ରସିଦ୍ଧ ଗଜପତି ମହାରାଜାଙ୍କ କଲେଜରେ ପିଲଙ୍କୁ କେବଳ ଗୋଟିଏ କଥା ମନେପକାଇ ଦେବାକୁ ଆସିଚି । ତାହା ହେଉଛି, ମାଛର କରାମତି । ଆନ୍ଧ୍ର ବ୍ରାହ୍ମଣମାନେ ମାଛଖିଆ ଓଡ଼ିଆ ବ୍ରାହ୍ମଣଙ୍କୁ ବଡ଼ ହୀନଚକ୍ଷୁରେ ଦେଖନ୍ତି । କିନ୍ତୁ ବୀର ଓଡ଼ିଆ ଜାତି ଏକ ମାଛଖିଆ ସଂସ୍କୃତିର ଉପାସକ' । ଏଇ ଛୋଟକଥାରୁ ଭଷଣ ଆରମ୍ଭ କରି ଘନ ଘନ କରତାଳି ମଧ୍ୟରେ ଓଡ଼ିଆ ଜାତିର ବୀରତ୍ୱ ଉପରେ ପ୍ରାୟ ଦେଢଘଣ୍ଟା କାଳ ଭଷଣ ଦେଇ ଉପସଂହାର କଲେ "ସେହି ବୀରତ୍ୱ ଦେଖାଇବା ପାଇଁ ଏବର ଯୁଦ୍ଧ ଓଡ଼ିଆ ଯୁବକଙ୍କ ପ୍ରତି ଏକ ବିଭୁ-ଆଶୀର୍ବାଦ ।" ଯେଉଁ ପିଲଏ ଗଣ୍ଡଗୋଳ କରିବାକୁ ମସୁଧା କରିଥିଲେ ସେମାନେ ଭକୁଆ ହୋଇଗଲେ । ଏହି ଉତ୍କଳ ପ୍ରୀତି ତାଙ୍କ ମନରେ ଏପରି ଗଭୀର ହୋଇ ଉଠିଥିଲ ଯେ, ଗୀତାର ପୁରୁଷୋତ୍ତମ ଯୋଗକୁ ଜଗନ୍ନାଥ ସଂସ୍କୃତି ସହିତ ସାମିଲ କରି ଗୀତାର ପୁରୁଷୋତ୍ତମ ହେଉଛନ୍ତି ଆମର 'ଜଗନ୍ନାଥ" ବୋଲି ସେ ନିବନ୍ଧ ଲେଖିଛନ୍ତି । ଧନ୍ୟ ସେଇ ସ୍ୱଦେଶବାତ୍ସଲ୍ୟ । ଶତଧନ୍ୟ ସେଇ ଅନୁପମ ଅନୁସନ୍ଧିତ୍ସା ।

ସାହିତ୍ୟିକ ନୀଳକଣ୍ଠ ବହୁଭବରେ ନୂତନତାର ଆବାହକ । ତେବେ ତାଙ୍କର ସମସ୍ତ ରଚନା ସମ୍ପର୍କରେ ସାମାନ୍ୟତମ ଆଲୋକପାତ କରିବାପାଇଁ ଏଠାରେ ସ୍ଥାନ ନାହିଁ । କେବଳ ତାଙ୍କର ରଚନା କୌଶଳର ଅଭଗ୍ନ କୋଣାର୍କରୂପୀ "କୋଣାର୍କେ" ସମ୍ପର୍କରେ ପଦେ କହିବି । ୧୯୪୨ ଠାରୁ ତାଙ୍କର ପରଲୋକ ପର୍ଯ୍ୟନ୍ତ ତାଙ୍କ ପାଦତଳେ ବସି ନାନା କଥା ଶିକ୍ଷା କରିବାର ସୌଭଗ୍ୟ ମୋର ଘଟିଥିଲ । "କୋଣାର୍କେ" କାବ୍ୟ ମୁଁ କଲେଜରେ ପଢାଉଥିଲି । ବହୁ ଅଂଶ ମୋର କଣ୍ଠସ୍ଥ ଥିଲ । ଅନେକ ଦିନ କହନ୍ତି "ବନମାଳୀ; (ତାଙ୍କ ପ୍ରେସ୍‌ର ପରିଚାଳକ) ଗୌରୀକୁମାର ଆସିଲେଣି କଇଁଖିଆ ଆଣ" । ଆଜି ଏକଥା ମନେ ପଡ଼ିଲେ, ଅଶ୍ରୁସମ୍ବରଣ କରିହୁଏ ନାହିଁ । ମତେ ବେଳେ ବେଳେ କହନ୍ତି, ତୁମେ କୋଣାର୍କେରୁ ଗାଅ, ମୁଁ ଶୁଣିବି" । ଲକ୍ଷ୍ୟ କରିଚି, ପ୍ରବୁଦ୍ଧ ବୟସରେ

Digitized by PPRACHIN, SOA

ମଧ୍ୟ ମୋତ୍ର ଆବୃତ୍ତି ଶୁଣି ସେ ଭବବିହ୍ୱଳ ହୋଇଉଠନ୍ତି । ବେଳେ ବେଳେ ଆନନ୍ଦାଶ୍ରୁ ନିର୍ଗତ ହୋଇଯିବାର ମଧ୍ୟ ଦେଖିଚି । ସେ ରସିକତା ସେ ସ୍ୱଦେଶପ୍ରୀତି ଓ ସେ ସ୍ନେହଶୀଳତା ଜୀବନରେ ଭୁଲିବାର ନୁହେଁ ।

"କୋଣାର୍କେ" କାବ୍ୟର ପ୍ରଥମାର୍ଦ୍ଧ ସେ ମୁହଁରୁ ଡ଼ାକି ଦେଇଥିଲେ ସାତଦିନରେ । ରାଧାନାଥ ସାହିତ୍ୟର ତୀବ୍ର ଖଣ୍ଡନ କରି ଉତ୍କଳ ଜନନୀକୁ ଶତଗୁଣମଣ୍ଡିତା ବୀରାଙ୍ଗନା ଓ ମୁକ୍ତିଦାତ୍ରୀ ରୂପେ ସେ ବର୍ଣ୍ଣନା କରିଛନ୍ତି । ରାଧାନାଥ ତାଙ୍କ 'ମହାଯାତ୍ରା'ରେ ଯେପରି ଅଗ୍ନିଙ୍କ ମୁଖରେ ଜଗନ୍ନାଥଧାମର ଅସାମାନ୍ୟ ଗୌରବ ଫୁଟାଇଛନ୍ତି, ଠିକ୍ ସେହିପରି ନୀଳକଣ୍ଠ କାଶ୍ମୀର ରଜାଙ୍କ ମୁଖରେ ଉତ୍କଳର ଅଲୌକିକ ପୁଣ୍ୟ ବୈଭବ ବର୍ଣ୍ଣନା କରିଛନ୍ତି । ସମଗ୍ର ଭରତରେ ଏଭଳି କାବ୍ୟ ଅଛି କି ନାହିଁ, ଦେଖିବାର କଥା । ଡ଼କଟର ମାୟାଧର ମାନସିଂହ ଏହି "କୋଣାର୍କେର" ଉପରେ ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାହା ଅକ୍ଷରେ ଅକ୍ଷରେ ସତ୍ୟ ।

ଭଷାତାତ୍ତ୍ୱିକ, ପ୍ରାବନ୍ଧିକ, ଗବେଷକ ଓ ଆର୍ଯ୍ୟସଂସ୍କୃତିର ମହତ୍ତ୍ୱପ୍ରଦର୍ଶକ ଭବରେ ମଧ୍ୟ ନୀଳକଣ୍ଠ ଓଡ଼ିଶାରେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ । ସେ ସବୁର ଆଲୋଚନା ପାଇଁ ଏ ସ୍ଥାନ ନୁହେ ।

କେବଳ ଆଉ ଗୋଟିଏ କଥା କହିବି, ତାଙ୍କର ଓଡ଼ିଆ ଭଷାପ୍ରୀତି କଥା । ଏ ପର୍ଯ୍ୟନ୍ତ ଓଡ଼ିଆ ଭଷାର ବ୍ୟାକରଣ ଲେଖାଯାଇ ନାହିଁ । ଯାହା ଲେଖାଯାଇଛି, ତାହା ହେଉଛି ସଂସ୍କୃତ ଭଷାର ଏକ ଅନୁକରଣ ମାତ୍ର । ଏ ଦିଗରେ ବଳିଷ୍ଠ ଉଦ୍ୟମ ଆରମ୍ଭ କରିଥିଲେ ବୋଲି ପଣ୍ଡିତ ଗୋପୀନାଥ ନନ୍ଦଙ୍କୁ ସେ ଶତମୁଖରେ ପ୍ରଶଂସା କରିଥିଲେ । ନିଜେ ମଧ୍ୟ ପ୍ରାୟ ଗ୍ରିଶ ବର୍ଷ ହେଲେ ଏ ଦିଗରେ ଉଦ୍ୟମ କରିଥିଲେ । ଏହା ଏକ ଜାତୀୟ କାର୍ଯ୍ୟ । ତେଣୁ ତାଙ୍କର ପ୍ରତିଭପୂଜା ଅବସରରେ ଏହି ଉଦ୍ୟମ ପରିପୂର୍ଣ୍ଣତା ସମ୍ପାଦନ ପାଇଁ ଏକ ଯୋଜନା କାର୍ଯ୍ୟକାରୀ ହେବା ଆବଶ୍ୟକ ।

Digitized by PPRACHIN, SOA

# ମୋ ଜୀବନରେ ପଣ୍ଡିତ ନୀଳକଂଠ

**ରାମକୃଷ୍ଣ ନନ୍ଦ**

ଦିନ ଥିଲା, ଯେତେବେଳେ ସତ୍ୟବାଦୀ ବନ ବିଦ୍ୟାଳୟରେ ଅଧ୍ୟୟନ କରିବା ଏକ ଦୁର୍ଲଭ ସୌଭାଗ୍ୟ ରୂପେ ବିବେଚିତ ହେଉଥିଲା । ସ୍ୱତନ୍ତ୍ର ମନୋଜ୍ଞ ପରିବେଶରେ ଅଧ୍ୟୟନ, ଆଦର୍ଶ ନୀତିନିୟମ ଓ ଶୃଙ୍ଖଳା ଏବଂ ସର୍ବୋପରି ସତ୍ୟବାଦୀର ପଞ୍ଚସଖାଙ୍କ ସାନ୍ନିଧ୍ୟ ଲାଭ ଥିଲା ସେ ଅନୁଷ୍ଠାନର ପ୍ରଧାନ ଆକର୍ଷଣ । ସେଥିପାଇଁ ବହୁ ବିଦ୍ୟାର୍ଥୀ ସେହି ଭାଗ୍ୟବାନ ପରିବାରରେ ସ୍ଥାନ ପାଇବାକୁ ଲାଳାୟିତ ହୋଇ ଦୂର ଦୂରାନ୍ତରରୁ ସେଠାକୁ ଆସୁଥିଲେ । ଅସହଯୋଗ ଆନ୍ଦୋଳନ ସମୟରେ ଏହି ଅନୁଷ୍ଠାନ ଜାତୀୟ ବିଦ୍ୟାଳୟ ନାମରେ ନାମିତ ହୋଇଥିଲେହେଁ ସତ୍ୟବାଦୀର ପଞ୍ଚସଖା ପୂର୍ବପରି ଏହାର ଅଧ୍ୟାପନା ଓ ତତ୍ତ୍ୱାବଧାନ କାର୍ଯ୍ୟରେ ସଂପୃକ୍ତ ରହୁଥିଲେ ।

ସେତିକିବେଳେ ମୁଁ ପ୍ରାୟ ଏକ ବର୍ଷକାଳ ଉକ୍ତ ଜାତୀୟ ବିଦ୍ୟାଳୟରେ ଅଧ୍ୟୟନ କରିବାର ସୁଯୋଗ ଲାଭ କରିଥିଲି । ମୁଁ ଅବଶ୍ୟ ନିଜ ଇଛାରେ ସେଠାକୁ ପଢିବାକୁ ଯାଇ ନ ଥିଲି କି ମୋର କେହିଁ ଅଭିଭାବକ ମୋତେ ସେଠାକୁ ପଠାଇ ନ ଥିଲେ । ସଂପୂର୍ଣ୍ଣ ଏକ ଅପ୍ରତ୍ୟାଶିତ ଘଟଣାର ଆବର୍ତ୍ତ ମୋତେ ସେଠାକୁ ଟାଣି ନେଇ ଥିଲା ଏବଂ ମୋ ଯିବାରେ ବିଧି ପ୍ରେରିତରୂପେ ପ୍ରଧାନ ସହାୟକ ହୋଇଥିଲେ ପଣ୍ଡିତ ନୀଳକଣ୍ଠ । ତାଙ୍କ ବିଷୟରେ କିଛି ଲେଖିଲାବେଳେ ମୋ ଜୀବନର ସେହି ଗୁରୁତ୍ୱପୂର୍ଣ୍ଣ ଘଟଣାଟି ସର୍ବପ୍ରଥମେ ମନେ ପଡ଼ିଯାଉଛି । ତେଣୁ ସଂପୂର୍ଣ୍ଣ ବ୍ୟକ୍ତିଗତ ହେଲେ ମଧ୍ୟ ମୁଁ ଏଠାରେ ତାହା ଉଲ୍ଲେଖ ନ କରି ରହି ପାରୁନାହିଁ ।

ଆଜିକି ପ୍ରାୟ ଷାଠିଏ ବର୍ଷ ତଳର ସେ ଘଟଣା । ମୋର ବୟସ ସେତେବେଳେ ଷୋଳ ବର୍ଷର ପାଖା ପାଖି । ପଣ୍ଡିତ ନୀଳକଣ୍ଠ ମୋଠାରୁ ବୟସରେ ବାଇଶି ବର୍ଷ ବଡ଼ ଏବଂ ଗୁରୁପ୍ରତିମ । ସତ୍ୟବାଦୀର ବନ ବିଦ୍ୟାଳୟ ଏବଂ ପଞ୍ଚସଖାଙ୍କ ବିଷୟରେ ପୂର୍ବରୁ କିଛି କିଛି ଶୁଣିଥିଲି । ସ୍କୁଲ ଛାଡ଼ି ଅସହଯୋଗ ଆନ୍ଦୋଳନରେ ଯୋଗ ଦେବାପରେ ପଣ୍ଡିତ ଗୋପବଂଧୁଙ୍କୁ ଅବଶ୍ୟ ବେଶି ଜାଣିବାର ସୁବିଧା ମିଳିଥିଲା ।

Digitized by PPRACHIN, SOA

୧୯୨୨ ମସିହା । ଜଗତ୍‌ସିଂହପୁରର ଅଳକାଶ୍ରମରେ ରହି ମୁଁ କିଛିକାଳ ସୂତାକଟା ଓ ଲୁଗାବୁଣା ଇତ୍ୟାଦି ଶିଖିଲି ଏବଂ ସ୍ୱର୍ଗତ ଗୋପବନ୍ଧୁ ଚୌଧୁରୀଙ୍କ ନିର୍ଦ୍ଦେଶରେ ସେଠାରେ ଥିବା ଖଦୀ କେନ୍ଦ୍ରର କାର୍ଯ୍ୟ ବୁଝାଶୁଝା କରୁଥିଲି । ଇଂରେଜ ସରକାରଙ୍କ କଠୋର ଦମନନୀତି ଫଳରେ ସେ ବର୍ଷ ଆମର ନେତୃବର୍ଗ କାରାଗାରରେ ଆବଦ୍ଧ ରହିଗଲେ । ଆନ୍ଦୋଳନରେ ସାମୟିକ ଶିଥିଳତା ଆସିଲାପରି ଜଣାଗଲା । ଅନ୍ତତଃ ଆମଭଳି ପିଲାମାନଙ୍କୁ ସେହିପରି ବୋଧହେଲା । ପାଠପଢା ଛାଡ଼ିଛୁ, ଘର ଓ ବାପ ମାଆ ଛାଡ଼ିଛୁ । ପ୍ରଥମ ଉଦ୍ଦୀପନା ଶୀତଳ ପଡ଼ିଯିବାରୁ ମୁକୁଳା ମନ ସ୍ଥିର ନ ରହି ଏଣେ ତେଣେ ଉଡ଼ି ବୁଲିଲା । ମୁଁ ଓ ଆଉ ଦୁଇ ତିନିଜଣ ସାଥୀ ମିଶି ସ୍ଥିର କଲୁ ଦେଶ ଛାଡ଼ି ପଳାଇଯିବୁ । କୁଆଡ଼େ ଯିବୁ କିଛି ନିର୍ଦ୍ଦିଷ୍ଟ ନଥିଲା, କିନ୍ତୁ ପଳାଇଯିବା ସ୍ଥିର ଥିଲା ଏବଂ ସେଥିପାଇଁ ଆମ୍ଭେମାନେ ଯଥେଷ୍ଟ ମନବଳ ସଞ୍ଚୟ କରିଥିଲୁ ।

ଆମେ ଯେଉଁ କେତେଜଣ ଏହି ଦୁଃସାହସିକ ସିଦ୍ଧାନ୍ତ ନେଇଥିଲୁ, ସେମାନେ ଏକ ନିରୂପିତ ଦିବସରେ କଟକ ନୟାସଡ଼କସ୍ଥିତ ଡ଼ାକ୍ତର ଅଟଳବିହାରୀ ଆଚାର୍ଯ୍ୟଙ୍କ ସ୍ୱରାଜ୍ୟ ଔଷଧାଳୟରେ ସମବେତ ହେବାର ଯୋଜନା ପୂର୍ବରୁ କରାଯାଇଥିଲା । ମୁଁ ସେହିଦିନ ଜଗତ୍‌ସିଂହପୁରରୁ ଆସି ଉକ୍ତ ଔଷଧାଳୟ ବାରଣ୍ଡାରେ ଗୋଟିଏ ବେଞ୍ଚ ଉପରେ ବନ୍ଧୁମାନଙ୍କ ଆଗମନକୁ ଅପେକ୍ଷା କରି ବସିଥିଲି ଏବଂ ମନଭିତରେ ପରିକଳ୍ପିତ ବିଦେଶଯାତ୍ରାର ଅସ୍ପଷ୍ଟ ଚିତ୍ରମାନ ଆଙ୍କୁଥିଲି ।

ଠିକ୍ ଏତିକିବେଳେ ଗୋଟିଏ ଘୋଡ଼ାଗାଡ଼ି ସେହି ଦୋକାନ ସାମ୍ନାରେ ଅଟକିଲା ଏବଂ ତା ଭିତରୁ ବାହାରିଲେ ପଣ୍ଡିତ ନୀଳକଣ୍ଠ ଦାସ । ସେ ଔଷଧାଳୟ ଭିତରେ ପଶି କିଛି ସମୟ ଅଟଳବାବୁଙ୍କ ସଙ୍ଗେ କଣ କଥାବାର୍ତ୍ତା ହେଲେ । ମୋର ସେ ଦିଗକୁ ନଜର ନଥିଲା, କି ତାଙ୍କ ଗତିବିଧି ଜାଣିବାରେ ଆଗ୍ରହ ନଥିଲା । ସେ ଗୁରୁସ୍ଥାନୀୟ ଏବଂ ଜଣେ ବିଶିଷ୍ଟ ନେତା, ମୁଁ ଜଣେ ନଗଣ୍ୟ ବାଳକ କର୍ମୀ । ପଣ୍ଡିତ ମହାଶୟ କାର୍ଯ୍ୟ ଶେଷକରି ଯେତେବେଳେ ବାହାରି ଆସୁଥିଲେ, ଠିକ୍ ସେତିକିବେଳେ ଅଟଳବାବୁ ମୋତେ ଦେଖାଇ ତାଙ୍କୁ କହିଲେ, "ଏ ପିଲାକୁ ଆପଣଙ୍କ ଜାତୀୟ ବିଦ୍ୟାଳୟକୁ ନେଇଗଲେ ଭଲ ହୁଅନ୍ତା ନାହିଁ ? ପାଠପଢ଼ା ଛାଡ଼ି ଆଶ୍ରମରେ ରହିଛି, ମାତ୍ର ଏତେ ଅଳ୍ପ ବୟସରୁ ସେ କରିବ କଣ ?"

ବେଶି ସମୟ ନଥିଲା ମତବିନିମୟ ପାଇଁ । ପଣ୍ଡିତ ମହାଶୟ ଦୋକାନର ଦ୍ୱାରବନ୍ଧ ଟପି ମୋ ପାଖରେ ପହଞ୍ଚି ଯାଇଥିଲେ । ଅଟଳବାବୁଙ୍କ କଥା ସବୁଶୁଣି ନ ସବୁଶୁଣି ମୁଁ ଅନୁଭବ କଲି ଦୁଇଟି ଉଜ୍ଜ୍ୱଳ ଚକ୍ଷୁ ଓ ଗୋଟିଏ ହାତର ଦୃଢ଼ ଆକର୍ଷଣ ଏବଂ

Digitized by PPRACHIN, SOA

ଶୁଣିଲି ପଦେ ମାତ୍ର କଥା–"ଯିବ ଯଦି ଆସ; ମୁଁ ଏଇ ଯାଉଛି ସତ୍ୟବାଦୀ ।" ସେ ଆହ୍ୱାନ ଏଡ଼ିଦେବାର ସାହସ ମୋର ନଥିଲା । ପଣ୍ଡିତ ନୀଳକଣ୍ଠଙ୍କ ବିରାଟ ବ୍ୟକ୍ତିତ୍ୱର ପ୍ରଭାବରେ ମୁଁ ପୋଷା ବିରାଡ଼ିପରି ତାଙ୍କ ପଛେ ପଛେ ଯାଇ ଗାଡ଼ିରେ ବସିଲି ।

ତାପରେ ମୋ ଜୀବନର ଧାରା ବିଭିନ୍ନ ମାର୍ଗରେ ଗତି କରି ବର୍ତ୍ତମାନ ଅବସ୍ଥାରେ ପହଞ୍ଚିଛି । କିନ୍ତୁ ସେ ଦିନର ଘଟଣା ମୋ ସ୍ମୃତିପଟରୁ ଲିଭିନାହିଁ କି ଲିଭିବ ନାହିଁ । ମୋ ଜୀବନର ସେଇ ବାଟଭଙ୍ଗା ମୁହୂର୍ତ୍ତଟିକୁ ମୁଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେକରେ; କାରଣ ସେଦିନ ପଣ୍ଡିତ ନୀଳକଣ୍ଠ ମୋତେ ସାଙ୍ଗରେ ଧରି ସତ୍ୟବାଦୀ ନେଇଯାଇ ନଥିଲେ ମୋ ଜୀବନ କେଉଁ ପଥରେ ଗତି କରିଥାନ୍ତା କିଏ କହିବ ?

ପଣ୍ଡିତ ନୀଳକଣ୍ଠଙ୍କ ଜନ୍ମ ଶତବାର୍ଷିକୀ ପାଳନ ଉପଲକ୍ଷେ ପ୍ରକାଶ ପାଉଥିବା ଏହି ସ୍ମରଣିକାରେ ତାଙ୍କ ବୈଶିଷ୍ଟ୍ୟ ଓ ଅବଦାନ ସମ୍ପର୍କରେ ଗୋଟିଏ ଲେଖା ଦେବାପାଇଁ ସ୍ମୃତି ସମିତିର ସମ୍ପାଦକ ମୋତେ ଅନୁରୋଧ କରିଥିଲେ । କିନ୍ତୁ ଏତେବେଳଯାଏଁ ମୁଁ କେବଳ ନିଜ କଥାହିଁ ଲେଖିଲି । ପଣ୍ଡିତ ନୀଳକଣ୍ଠ ଜଣେ ଅନନ୍ୟ ସାଧାରଣ ପ୍ରତିଭାଶାଳୀ ବ୍ୟକ୍ତି ଥିଲେ । ଶିକ୍ଷା, ସାହିତ୍ୟ, ଜନସେବା, ରାଜନୀତି, ସାମାଜିକତା ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ତାଙ୍କର ଗଭୀର ଜ୍ଞାନ ଓ ଅସାମାନ୍ୟ କର୍ମପଟୁତାର ନିଦର୍ଶନ ରହିଛି । ତାଙ୍କୁ ଜଣେ ବିଚକ୍ଷଣ ଦାର୍ଶନିକ, ପଣ୍ଡିତ ଗୋପବନ୍ଧୁଙ୍କ ସହକର୍ମୀ, କେନ୍ଦ୍ର ଓ ରାଜ୍ୟ ବ୍ୟବସ୍ଥା ସଭାର ସଦସ୍ୟ, ରାଜ୍ୟ ବିଧାନ ସଭାର ବାଚସ୍ପତି, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରୋ ଭାଇସ୍ ଚାନ୍‌ସେଲର, 'ନବଭାରତ' ମାସିକ ପତ୍ରର ସମ୍ପାଦକ ଅଥବା 'କୋଣାର୍କ'ର ସ୍ରଷ୍ଟା, ଯେପରି ଭାବରେ ଦେଖିଲେ ମଧ୍ୟ ତାଙ୍କ ବିରାଟ ବ୍ୟକ୍ତିତ୍ୱ ଓ ବହୁମୁଖୀ ପ୍ରତିଭା ହୃଦୟଙ୍ଗମ କରିହୁଏ । ମୁଁ ସତ୍ୟବାଦୀର ଜାତୀୟ ବିଦ୍ୟାଳୟରେ ପଢୁଥିଲାବେଳେ ଆଚାର୍ଯ୍ୟ ହରିହର, ପଣ୍ଡିତ କୃପାସିନ୍ଧୁ, ପଣ୍ଡିତ ଲିଙ୍ଗରାଜ ପ୍ରଭୃତି ମନସ୍ୱୀମାନେ ଅଧ୍ୟାପନା କାର୍ଯ୍ୟ କରୁଥିଲେ । ପଣ୍ଡିତ ନୀଳକଣ୍ଠ ସେତେବେଳେ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟଭାଗ ନେଉଥିବାରୁ ତାଙ୍କ ସଙ୍ଗେ ଅଧିକ ପରିଚିତ ହେବାର ସୁଯୋଗ ମୋତେ ମିଳି ନ ଥିଲା । ତାଙ୍କ ରଚନାବଳୀର ବିଶ୍ଳେଷଣାତ୍ମକ ଅଧ୍ୟୟନ ମଧ୍ୟ ମୁଁ କରିନାହିଁ । ତା ନ ହେଲେ ସୁଦ୍ଧା ସେହି ଉଜ୍ଜ୍ୱଳ ଜ୍ୟୋତିଷ୍କର ଆଲୋକ-ଦୀପ୍ତ ପରିଧି ମଧ୍ୟରେ ରହି ପରୋକ୍ଷରେ ତାଙ୍କ ପ୍ରଭାବ ଅନୁଭବ କରିଛି ।

ପଣ୍ଡିତ ନୀଳକଣ୍ଠ ପ୍ରଥମ ଜୀବନରୁ ଜଣେ ଦୃଢ଼ଚେତା ସଂସ୍କାରକ ଥିଲେ । ରକ୍ଷଣଶୀଳତା ବିରୋଧରେ ସ୍ୱର ଉତ୍ତୋଳନ କରି ସେ ନାନା ନିର୍ଯ୍ୟାତନା ଭୋଗ

Digitized by PPRACHIN, SOA

କରିଥିଲେ ସୁଦ୍ଧା ତାଙ୍କ ମତରେ କିପରି ଅଟଳ ରହିଥିଲେ ତାହା ତାଙ୍କ 'ନିଶ' ଆନ୍ଦୋଳନରୁ ପ୍ରମାଣିତ ହୁଏ । ସାହିତ୍ୟ ସମାଲୋଚନା କ୍ଷେତ୍ରରେ ମଧ୍ୟ ତାଙ୍କର ଅନୁରୂପ ଦୃଢ଼ଚିତ୍ତତା ଏବଂ ନିର୍ଭୀକତା ସର୍ବତ୍ର ପ୍ରକାଶ ପାଇଛି । ରାଧାନାଥ ଓ ମଧୁସୂଦନଙ୍କ କବିତାରେ ଉପଧା ମିଳନକୁ ବଙ୍ଗୀୟ ଅନୁକରଣ କହି ସେ ପସନ୍ଦ କରୁ ନ ଥିଲେ । ଏ ସମ୍ପର୍କରେ ସେ ଅନ୍ୟତ୍ର କହିଛନ୍ତି, "ମୂଳତଃ ମୋତେ ଅନୁକରଣ ସୁଖ ଲାଗେନାହିଁ; ଦ୍ୱିତୀୟତଃ ଏପରି ଘରପାଖ ଅନୁକରଣ ମୋର ନିତାନ୍ତ ଅସ୍ୱାଦ୍ୟ ।"

ସେ କଟକରେ ରହୁଥିଲାବେଳେ ଥରେ କେତେଜଣ ବନ୍ଧୁଙ୍କ ସହ ଓଡ଼ିଆ ଲିପି ସଂସ୍କାର ବିଷୟରେ ଆଲୋଚନା କରିବାକୁ ମୁଁ ତାଙ୍କ ନିକଟକୁ ଯାଇଥିଲି । କେତେକ ଯୁକ୍ତାକ୍ଷରକୁ ଅନୁସ୍ୱାର ଦେଇ ଲେଖିବାକୁ ସେ ପକ୍ଷପାତୀ ଥିଲେ । ବହୁପୂର୍ବରୁ 'ଉତ୍କଳ ସାହିତ୍ୟ'ରେ ଏ ବିଷୟରେ ତାଙ୍କ ମତ ପ୍ରକାଶ ପାଇଥିଲା । ସ୍ୱର୍ଗତ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଓ ଗୋପାଳଚନ୍ଦ୍ର ପ୍ରହରାଜ ପ୍ରମୁଖ ବିଦ୍ୱାନମାନେ ଏହାର ପ୍ରତିବାଦ କରିଥିଲେ ମଧ୍ୟ ସେ ତାଙ୍କ ମତରୁ ଓହରି ଯାଇ ନ ଥିଲେ । ଓଡ଼ିଆ ଭାଷାରେ ମୁଦ୍ରଣ ଓ ଟାଇପ୍‌ରାଇଟର-ପାଇଁ ଲିପିରେ ଏ ଜାତୀୟ କେତେକ ସଂସ୍କାର ଯେ ଅତ୍ୟନ୍ତ ଆବଶ୍ୟକ ଏଥିରେ ସନ୍ଦେହ ନାହିଁ । ରେଫ୍ ( ର୍ ) ଯୁକ୍ତ ହେଲେ ବର୍ଣ୍ଣର ଦ୍ୱିତ୍ୱ ବାଧ୍ୟତାମୂଳକ ନୁହେଁ— ଏହି ଯୁକ୍ତି ଦର୍ଶାଇ ଲିପିକୁ ସରଳୀକୃତ କରିବା ଉଦ୍ଦେଶ୍ୟରେ ସେ 'ଅର୍ଜନ', 'ବର୍ତମାନ', 'ପୂର୍ଣ' ପ୍ରଭୃତିକୁ ଶୁଦ୍ଧ ବୋଲି ପ୍ରତିପାଦନ କରିଥିଲେ । କହିବା ବାହୁଲ୍ୟ, ହିନ୍ଦୀ ଓ ବଙ୍ଗଳାରେ ଏ ସଂସ୍କାର ବହୁଦିନୁ ଗୃହୀତ ହୋଇଥିଲେ ହେଁ ଓଡ଼ିଆ ମୁଦ୍ରଣରେ ଏପର୍ଯ୍ୟନ୍ତ ଗୃହୀତ ହୋଇନାହିଁ ।

ଏ ସମ୍ପର୍କରେ ନୀଳକଣ୍ଠଙ୍କର ଆଉ ଗୋଟିଏ କଥା ପ୍ରଣିଧାନ ଯୋଗ୍ୟ । ସେ କହୁଥିଲେ, "ମୋର ଧାରଣା ଓଡ଼ିଆ ଉଚ୍ଚାରଣ ପଦ୍ଧତି ଓ ଲିଖନ ପଦ୍ଧତିରେ ଢେର ତଫାତ୍ ରହିଯାଇଛି ।" ତିନୋଟି ଶ, ଷ, ସ ର ଉଚ୍ଚାରଣରେ ପ୍ରଭେଦ ନ ଥିବା ଦୃଷ୍ଟିରୁ ସେ ବ୍ରାହ୍ମଣମାନଙ୍କ ପାଇଁ 'ଦାଶ' ଏବଂ ଅନ୍ୟମାନଙ୍କ ପାଇଁ 'ଦାସ' ନିୟମକୁ ଅବଜ୍ଞା କରି ନିଜ ନାମକୁ 'ନୀଳକଣ୍ଠ ଦାସ' ବୋଲି ସର୍ବଦା ଲେଖୁଥିଲେ ।

ମୁଁ ବାରିପଦା ହାଇସ୍କୁଲରେ ଶିକ୍ଷକତା କରୁଥିଲାବେଳେ ସତ୍ୟବାଦୀ ବିଦ୍ୟାଳୟର ଅନ୍ୟତମ ଶିକ୍ଷକ ପଣ୍ଡିତ ବାସୁଦେବ ମହାପାତ୍ର ଓ ମୁଁ ପ୍ରବେଶିକା ଶ୍ରେଣୀର ଛାତ୍ର-ମାନଙ୍କ ଉପଯୋଗୀ 'ଓଡ଼ିଆ ରଚନା ଓ ଅନୁବାଦ' ନାମକ ଖଣ୍ଡେ ପୁସ୍ତକ ପ୍ରଣୟନ କରିଥିଲୁ । ସେତିକି ବେଳେ ମୁଁ ବାସୁବାବୁଙ୍କଠାରୁ ଶୁଣିବାକୁ ପାଇଲି ଯେ ପଣ୍ଡିତ ନୀଳକଣ୍ଠ ସତ୍ୟବାଦୀରେ ଖଣ୍ଡେ ଓଡ଼ିଆ ବ୍ୟାକରଣ କାର୍ଯ୍ୟ ଆରମ୍ଭ କରିଥିଲେ ।

Digitized by PPRACHIN, SOA


ସଂସ୍କୃତ ଓ ଓଡ଼ିଆ ଉଭୟ ଭାଷାରେ ଅଗାଧ ବ୍ୟୁତ୍ପତ୍ତି ଅର୍ଜନ କରିଥିବା ପଣ୍ଡିତ ନୀଳକଣ୍ଠ ଯେ ଏପରି କାର୍ଯ୍ୟପାଇଁ ସର୍ବଥା ଉପଯୁକ୍ତ ଏହା ଅସ୍ୱୀକାର କରଯାଇ ନ ପାରେ । ଓଡ଼ିଆ ବ୍ୟାକରଣ ଦୀର୍ଘକାଳ ସଂସ୍କୃତାନୁସାରୀ ହୋଇ ନିଜ ସଂପଦକୁ ଉପେକ୍ଷା କରି ଆସିଥିଲା । ତେଣୁ ନୀଳକଣ୍ଠଙ୍କ ବିଦ୍ରୋହୀ ମନ ଏଭଳି ଏକ କାର୍ଯ୍ୟରେ ବ୍ରତୀ ହେବା ସ୍ୱାଭାବିକ । ସେ ନିଜେ ତାଙ୍କ ଗ୍ରନ୍ଥାବଳୀରେ ଏହି ପୁସ୍ତକ ସମ୍ବନ୍ଧରେ ସୂଚନା ଦେଇ ଲେଖିଛନ୍ତି ସତ୍ୟବାଦୀର କଲେଜ ଶ୍ରେଣୀରେ ସେ ଓଡ଼ିଆ ପଢ଼ାଉଥିଲାବେଳେ ଯେଉଁ ନୋଟ୍ ଦେଉଥିଲେ, ତାକୁ ୧୯୩୦ ରେ ଜେଲରେ ଥିଲାବେଳେ 'ଓଡ଼ିଆ ବ୍ୟାକରଣ' ନାମ ଦେଇ ଛପାଇଥିଲେ । ଏହି ପୁସ୍ତକଟି ବିଜ୍ଞଗୀୟ ଅନୁମୋଦନ ପାଇଥିଲେ ହେଁ ଛାତ୍ରମାନଙ୍କ ଦ୍ୱାରା ଆଦୃତ ହେଲାନାହିଁ । ନ ହେବାର କାରଣ ସ୍ପଷ୍ଟ । ଗତାନୁଗତିକ ଧାରାକୁ ଛାଡ଼ି କୌଣସି ନୂତନ ପଦ୍ଧତିକୁ ଗ୍ରହଣ କରିବାକୁ ଏ ଜାତି ସବୁବେଳେ ପଶ୍ଚାତ୍ ପଦ । ଅନେକଙ୍କର ଧାରଣା, ଭାଷା ବ୍ୟାକରଣର ଅନୁଗାମୀ ହେବା ଉଚିତ । କିନ୍ତୁ ତାହା ଠିକ୍ କି ? ପ୍ରଥମେ ଭାଷା, ପରେ ତାର ବ୍ୟାକରଣ । ଭାଷାରେ ପ୍ରଚଳିତ ବିଭିନ୍ନ ପ୍ରୟୋଗକୁ ବିଗ୍ରହକୁ ନ ନେଲେ ବ୍ୟାକରଣର କିଛି ମୂଲ୍ୟ ରହେ ନାହିଁ ।

ଏଠାରେ ଗୋଟିଏ ଉଦାହରଣ ଦେଲେ କଥାଟି ସ୍ପଷ୍ଟ ହେବ । କର୍ତ୍ତାରେ ଷଷ୍ଠୀ ବିଭକ୍ତିର ପ୍ରୟୋଗ ଦେଖାଇବାକୁ ଯାଇ ନୀଳକଣ୍ଠ ଲେଖିଥିଲେ– 'ତୋର ମୋର ଏ କାମଟି କରିଦେବା ।' 'ତୁ ମୁଁ' ସ୍ଥାନରେ 'ତୋର ମୋର' ପ୍ରୟୋଗ ଆମ ଭାଷାରେ ନୂଆ ନୁହେଁ । ପ୍ରୟୋଗ–ଉପରେ ଆଧାରିତ ତାଙ୍କର ଏହିପରି ଅନେକ ଗୁଡ଼ିଏ ନୂଆ ନିୟମକୁ ଆମେ ଉଭୟ ଲେଖକ ଗ୍ରହଣ କରି ଆମ ବହିରେ ଲିପିବଦ୍ଧ କରିଥିଲୁ ।

ମୁଁ ଅନୁଭବ କରିଛି ପଣ୍ଡିତ ନୀଳକଣ୍ଠଙ୍କ ସମାଲୋଚନାରେ ଏକ ସ୍ୱତନ୍ତ୍ରତା ଅଛି । ବଳିଷ୍ଠ ଯୁକ୍ତି ପ୍ରମାଣ ଦର୍ଶାଇ ସଂକ୍ଷେପରେ ମତ ବ୍ୟକ୍ତ କରିବାରେ ସେ ଧୁରୀଣ ଥିଲେ । ସଂସ୍କାର କାର୍ଯ୍ୟରେ ତାଙ୍କର ନିର୍ଭୀକତା ଅନୁକରଣୀୟ । କଥାରେ ଅଛି 'କାଉଁରିଆ କାଠି ଭାଙ୍ଗିବ ପଛକେ ନଇଁବ ନାହିଁ', କିନ୍ତୁ ନୀଳକଣ୍ଠ କେଉଁଠି ନଇଁ ନାହାନ୍ତି କି ଭାଙ୍ଗି ନାହାନ୍ତି । ପର୍ବତପରି ଅଟଳ ରହି ନିଜ କର୍ତ୍ତବ୍ୟ କରିଯାଇଛନ୍ତି । ତାଙ୍କ କାବ୍ୟ କବିତାର, ରଚନାଶୈଳୀରେ ମଧ୍ୟ ବିଶେଷତ୍ୱ ଅଛି । ଯେଉଁଥିରେ ତାଙ୍କ ପ୍ରତିଭା ଓ ମୌଳିକତାର ସ୍ୱତନ୍ତ୍ର ଛାପ ରହିଥିବାର ଜଣାଯାଏ, ଯେ ତାଙ୍କର ଗୋଟିଏ ଦୁଇଟି କବିତା ବା ପ୍ରବନ୍ଧ ପଢ଼ିଛି, ସେ ତାଙ୍କର ଅନ୍ୟ ରଚନା ଗୁଡ଼ିକ ପଢ଼ିଲେ ତାହା ନୀଳକଣ୍ଠଙ୍କ କୃତିବୋଲି ସହଜରେ ଅନୁମାନ କରିପାରିବ ବୋଲି ମୋର ବିଶ୍ୱାସ । ଏହାହିଁ ପଣ୍ଡିତ ନୀଳକଣ୍ଠଙ୍କର ବୈଶିଷ୍ଟ୍ୟ ।

* *
* *

Digitized by PPRACHIN, SOA



ହେଡ଼ମାଷ୍ଟର ପଣ୍ଡିତ ନୀଳକଣ୍ଠ ଅକ୍ଟୋବର ୧୯୧୧-୧୭-୯-୧୯୧୮

Digitized by PPRACHIN, SOA



ସତ୍ୟବାଦୀରେ ଶତବାର୍ଷିକ ଉତ୍ସବ ପାଳନର ପ୍ରଥମ ଦିନ
ସଭାର ଏକ ଦୃଶ୍ୟ ।

Digitized by PPRACHIN, SOA

# ଆମ ହେଡ଼ମାଷ୍ଟର

ଶ୍ରୀ ଉଦୟନାଥ ଷଡ଼ଙ୍ଗୀ

"ମୂଷଳ ଧାରରେ ଝଟିକା ଦିଏ କରଡ଼ି କେବେ,
ଶୋଇପଡ଼ିଚ ତ ବାପା ହେ ଜାଣୁ ନଥିବ ଲବେ ।
ଆଜି ଯେ କୁଆଁର ପୁନିଅଁ କେତେ ସୁଖ ଶରଧା,
ମାଆ ଭଉଣୀଙ୍କ ଆଦର ନବ ବସନ ପିଂଧା ।
ମନେ ପଡୁନାହିଁ ବାବୁ ହେ ଲଗି ଯାଇଛି ନିଦ,
ମାଆ ଭଉଣୀଏ ଭବନେ ଭଜିଥିବେ ବିଷାଦ ।
ଲୁଗାରେ ହଳଦୀ ଇଗାଇ ଗୁହିଁଥିବେ ଜନନୀ,
ପିଠାପଣା ଖାଉ ନ ଥିବ ସୁଖେ ଆଜି ଭଗନୀ ।

× × ×

ଶୁଅ ଶୁଅ ଧନ, ଆରମେ ଶୋଇ ଥାଅ ରେ ଶିଶୁ,
ପଥଶ୍ରମ କରି ଆସିଚ, ଶ୍ରମେ ବିରମ ମିଶୁ ।"

( କୋଣାର୍କେ—ପଣ୍ଡିତ ନୀଳକଣ୍ଠ )

ଏଇ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ତାଙ୍କ ଜୀବନକାଳ ଭିତରେ ମଧ୍ୟ ଦୁର୍ବାସା ନାମରେ କେତେକ କହୁଥିଲେ । ପୁରଣବର୍ଣ୍ଣିତ ଦୁର୍ବାସା ବଡ଼ କ୍ରୋଧୀ, ସମସ୍ତଙ୍କ ଭୀତିପ୍ରଦ ଥିଲେ । ସେହିପରି ନୀଳକଣ୍ଠଙ୍କର ଦୁଗ୍ଧଫେନନିଭ ଦୀର୍ଘ ଶ୍ମଶ୍ରୁମଣ୍ଡିତ ଗୁରୁଗମ୍ଭୀର ବଦନମଣ୍ଡଳ ହଠାତ୍ ଦର୍ଶକ ମନରେ ତ୍ରାସ ଜନ୍ମାଉଥିଲା । ତେଜୀୟାନ୍ ତୀକ୍ଷ୍ଣ ଚକ୍ଷୁ ଦୁଇଟି ସତେ ଅବା ଆଗନ୍ତୁକର ଅନ୍ତର ଭେଦ କରି ସବୁ ଗୋପନ ରହସ୍ୟ ନିରୀକ୍ଷଣ କରି ନେଉଥିଲା । ମେଘ ଗର୍ଜନ ଭଳି ରେକ୍‌ଠୋକ୍ କଥା ଛାତିକୁ ଥରାଇ ଦେଉଥିଲା । ସମସ୍ତେ ଜାଣୁଥିଲେ ସେ ଖୁବ୍ ରାଗୀ, ତାଙ୍କ ହୃଦୟ କଠୋର । ବୟସ୍କ ଗୁରୁସ୍ଥାନୀୟ ଲୋକେ ଯେପରି, ସମବୟସ୍କ ସହକର୍ମୀମାନେ ମଧ୍ୟ ସେହିପରି ତାଙ୍କ ପାଖରେ ଶଙ୍କିତ ହୋଇ ପଡୁଥିଲେ । କନୀୟାନ ଯୁବକ ଓ ଛାତ୍ରସମାଜ ତ ଭୟରେ ଥରହର । ଅଥଚ ଏଇ ଦୁର୍ବାସାଙ୍କ ମନ ଯେ କେଡ଼େ କୋମଳ, କେତେ ସ୍ନେହପ୍ରବଣ ଓ ସରସ ଥିଲା, 'କୋଣାର୍କେ'ର 'ରମଚଣ୍ଡୀଠାରେ ରତି'ର ପ୍ରଥମ ୮ଟି ସର୍ଗହିଁ ତାର ଯଥେଷ୍ଟ ପରିଚୟ ଦିଏ । ଛାତ୍ରଙ୍କ ଉଦ୍ଦେଶ୍ୟରେ ଲିଖିତ ସେହି କେତୋଟି ପଂକ୍ତିର ସ୍ନେହପ୍ରବଣ ଭଷା ଓ ଭାବର ତୁଳନା ନାହିଁ ।

Digitized by PPRACHIN, SOA

**ସାହିତ୍ୟରେ ହେଡମାଷ୍ଟର :**

ପଣ୍ଡିତ ନୀଳକଣ୍ଠ କର୍ମଜୀବନ ଆରମ୍ଭ କରିଥିଲେ ସତ୍ୟବାଦୀ ବନବିଦ୍ୟାଳୟର ହେଡ଼ମାଷ୍ଟର ଭାବରେ । ତିରୋଧାନ ପର୍ଯ୍ୟନ୍ତ ମଧ୍ୟ ସେ ସେହି ହେଡ଼ମାଷ୍ଟର ହିଁ ରହିଥିଲେ । ଓଡ଼ିଶାର ସବୁ କ୍ଷେତ୍ରରେ––ଶିକ୍ଷା, ସଂସ୍କୃତି, ସଂସ୍କାର, ସାହିତ୍ୟ, ସଂଗଠନ, ଗବେଷଣା, ରାଜନୀତି, ସବୁରେ ତାଙ୍କର ସେଇ ହେଡ଼ମାଷ୍ଟର ପଣିଆର ଗଭୀର ପଦଚିହ୍ନ ସୁସ୍ପଷ୍ଟ । ଇତିହାସ କଦାପି ତାହା ଲିଭାଇଦେଇ ପାରିବ ନାହିଁ । ଜୀବନର ସବୁ କ୍ଷେତ୍ରରେ ଶୃଙ୍ଖଳା ରକ୍ଷାରେ ସେ ଯେପରି କଠୋର ଥିଲେ, ସେହିପରି ଜ୍ଞାନୀ ଲୋକଙ୍କର ଶ୍ରଦ୍ଧା ଓ ଭକ୍ତିର ପାତ୍ର ମଧ୍ୟ ଥିଲେ ।

ଆମ ସମାଜରେ ପୁରାକାଳରୁ ଯେଉଁ ସବୁ କୁସଂସ୍କାର ରହି ଆସିଥିଲା, କାଳକ୍ରମେ ପଲ୍ଲବିତ ହୋଇ ବୃଦ୍ଧି ପାଇଥିଲା, ତାକୁ ଭାଙ୍ଗି ଚୁନା କରିଦେବା ହେଲା ତାଙ୍କର ପ୍ରଥମ କାମ । ସେଥିପାଇଁ ସେ ବୟସ ଗୁରୁସ୍ଥାନୀୟ ସମାଜପତିଙ୍କ ଶତ୍ରୁ ହୋଇଥିଲେ । କେବେ ଦୁଃଖ ନିର୍ଯାତନା ଭୋଗିଥିଲେ । ତଥାପି ନିଜ ନୀତିରୁ ପଛଘୁଞ୍ଚା ଦେଇ ନଥିଲେ । 'ମୋ ନିଶ'ରୁ ଆରମ୍ଭ କରି ଭକ୍ତି ଯୋଗର ଅନ୍ଧାନୁସରଣ, ଛୁଆ ଅଛୁଆଁ ପର୍ଯ୍ୟନ୍ତ ବହୁ ସଂସ୍କାରର ପ୍ରବର୍ତ୍ତକ ସେ । ଗୁଣଗ୍ରାହୀ ବ୍ୟାସ କବି ଫକୀର ମୋହନ ଠିକ୍ ସେଇ ସମୟରେ ଲେଖିଥିଲେ–

"ସଦାଶିବ ନୀଳକଣ୍ଠ ସତତ ସନ୍ୟାସୀ
ଜଗତ ମଙ୍ଗଳେ ଗୋପବନ୍ଧୁ ବ୍ରଜବାସୀ ।
ଗୋଦାବରୀ ଉପକୂଳ ନିୟତ ଉର୍ବର
କୃପାମୟ କୃପାସିନ୍ଧୁ ଜନ ହିତକର ।
କାର୍ଯ୍ୟ ସାଧନରେ ଅବତୀର୍ଣ୍ଣ ଧରାଧାମେ
ସମବେତ ସେମାନେ ତ ସତ୍ୟବାଦୀ ଗ୍ରାମେ ।

× × × ×

ସମଚେତ ସମବେତ ଚତୁର୍ଦ୍ଧା ମୂରତି
ତଡ଼ିଦେବେ କୁସଂସ୍କାର ଦୁର୍ନୀତି ଦୁର୍ଗତି ।

ତତ୍‌ପରେ ଓଡ଼ିଆ ଲିପି ତାଙ୍କ ଦୃଷ୍ଟି ଆକର୍ଷଣ କଲା । ଓଡ଼ିଆ ଅକ୍ଷରକୁ ସରଳ, ସହଜ ସୁନ୍ଦର ଏବଂ ବିଜ୍ଞାନସମ୍ମତ ଯୁଗୋପଯୋଗୀ ରୂପ ଦେବାରେ ସେ ନିଜର ହେଡ଼ମାଷ୍ଟର ଗିରି ଜାହିର କଲେ । ଏଥିପାଇଁ ସେ ସମୟର ସାହିତ୍ୟରଥୀ ବିଶ୍ବନାଥ

Digitized by PPRACHIN, SOA

କର, ଗୋପାଳଚନ୍ଦ୍ର ପ୍ରହରାଜ, ମୃତ୍ୟୁଂଜୟ ରଥ, ଜଳନ୍ଧର ଦେବ ପ୍ରମୁଖଙ୍କର ନାନା ବ୍ୟଙ୍ଗ ବିଦ୍ରୂପ ତାଙ୍କୁ ହଜମ କରିବାକୁ ପଡ଼ିଥିଲା । ସେ ନିଜ ଉଦ୍ୟମରୁ ଟଳି ନ ଥିଲେ । କାରଣ, ଗଡ୍ଡାଳିକା ପ୍ରବାହରେ ଆଖି ବୁଜି ଭସି ଯିବାର ଲୋକ ସେ ନ ଥିଲେ ।

ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ମଧ୍ୟ ପଣ୍ଡିତ ନୀଳକଣ୍ଠ ନିଜର ହେଡ଼ମାଷ୍ଟର ଗିରି ପୂରାପୂରି ଜାହିର୍ କରି ଯାଇ ଅଛନ୍ତି । ଅନୁକରଣ ବା ଅନୁସରଣ ତାଙ୍କ ପକ୍ଷରେ ଏକାବେଳକେ ଅସହ୍ୟ ଥିଲା । ସେଇଥିପାଇଁ କବିବର ରାଧାନାଥ, ଭକ୍ତ କବି ମଧୁସୂଦନଙ୍କର ସେ ନିର୍ଦ୍ଦୟ ସମାଲୋଚକ ଥିଲେ । ଓଡ଼ିଆ ଜାତୀୟତାର ସେ ଥିଲେ ଏକନିଷ୍ଠ ପୂଜକ । ଖାଣ୍ଟି ଓଡ଼ିଆ ଭାଷାରେ ମୌଳିକ ଓଡ଼ିଆ ଚିନ୍ତାଧାରାର ପରିପ୍ରକାଶରେ ଓଡ଼ିଆ ସାହିତ୍ୟ ପ୍ରକୃତରେ ସମୃଦ୍ଧ ହେବ, ଏହା ତାଙ୍କ ଅନ୍ତରର ବିଶ୍ୱାସ ଥିଲା । 'ପ୍ରଣୟିନୀ,' 'ଦାସ ନାଏକ' ଇଂରାଜୀ ସାହିତ୍ୟରୁ ଆସିଥିଲେ ମଧ୍ୟ ସେଥିରେ ପୂରାପୂରି ଓଡ଼ିଆତ୍ୱ ଫୁଟି ଉଠିଛି ତାଙ୍କ ଲେଖନୀରେ । 'ପ୍ରଣୟିନୀ'ର ଭାଷା, ଶବ୍ଦଯୋଜନା, ପ୍ରକାଶ ଭଙ୍ଗି ଯେପରି ଭାବ ଗମ୍ଭୀର, 'ଦାସ ନାଏକ'ର ରଚନା ବିନ୍ୟାସ ଠିକ୍ ତାର ବିପରୀତ । ହେଲେ ମଧ୍ୟ ସ୍ୱକୀୟ ମହିମାରେ ଉଭୟେ ମହିମାନ୍ୱିତ । ସରଳ ତରଳ ଭାଷାରେ ଓଡ଼ିଶାର ନିଜସ୍ୱ ରୀତିରେ 'ଦାସ ନାଏକ' ସମୃଦ୍ଧ । 'ପ୍ରଣୟିନୀ'ର କବି ଯେ 'ଦାସ ନାୟକ'ର ସ୍ରଷ୍ଟା— ଭବିଷ୍ୟତରେ ଗବେଷକ ଏହା ବିଶ୍ୱାସ କରିବା ବୋଧହୁଏ କଷ୍ଟକର ହେବ । 'ଦାସ ନାଏକ' ପ୍ରକାଶ ପରେ ଶଶିଭୂଷଣ ରଥ ତାଙ୍କ 'ଆଶା'ରେ ମତ ଦେଇଥିଲେ— ' ପ୍ରଣୟିନୀ'ର ଲେଖକଙ୍କ ହାତରୁ 'ଦାସ ନାଏକ' ଭଳି ଯେ ସାହିତ୍ୟ ସୃଷ୍ଟି ହେବ, ଏହା ଆମେ ବିଶ୍ୱାସ କରିପାରୁ ନାହୁଁ" । ଏଇ କଥା ପଢି ପଣ୍ଡିତ ନୀଳକଣ୍ଠ ରହସ୍ୟ କରି ପାଖରେ ବସିଥିବା ଯୁବକମାନଙ୍କୁ ପଚାରିଥିଲେ, "ଆଶା' କାହାକୁ ପ୍ରଶଂସା କରିଛନ୍ତି, ଆଉ କାହାକୁ ନ୍ୟୁନ କରିଛନ୍ତି ବୋଲି ଭାବୁଛ ?"

ପଲ୍ଲୀକବି ନନ୍ଦକିଶୋରଙ୍କ ତିରୋଧାନର ଅଳ୍ପ କେତେ ମାସ ପୂର୍ବରୁ କେତେଜଣ ତରୁଣ ସାହିତ୍ୟିକ ତାଙ୍କ ସହିତ ସାହିତ୍ୟ ସମ୍ପର୍କରେ ଆଲୋଚନା କରୁଥିଲେ । ଜଣେ କେହି 'ପ୍ରଣୟିନୀ' ଅତି କ୍ଲିଷ୍ଟ, ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ଭଳି ଦୁର୍ବୋଧ୍ୟ ବୋଲି କହିଦେବାରୁ କବି ନନ୍ଦକିଶୋର ତାର ପ୍ରତିବାଦ କରି ସଙ୍ଗେ ସଙ୍ଗେ ଗାଇ ଉଠିଲେ—

"ସରୋଜେ ଶୈବାଳ ନିନ୍ଦି କୁଞ୍ଚକେଶଦାମ,
ସୋହାଗ—କଟାକ୍ଷ--ଭ୍ରୁରୁ, କଳକଣ୍ଠ ତାନ,
ବରାଙ୍ଗ—ଲତିକା—ଖେଳେ ବିଭ୍ରମର ଭଙ୍ଗି,
କଠୋର କରମ କ୍ଷେତ୍ରେ, ରୁକ୍ଷ—ବିଦ୍ୟାଳୟେ,
କଚନ୍ତା ନିମିଷେ ଆହା ପ୍ରେମ—ରଙ୍ଗଭୂମି" !

Digitized by PPRACHIN, SOA

କେବଳ ଏଇ ଗୋଟିଏ ପଂକ୍ତି ନୁହେଁ, ଏଇପରି ତିନି ଚାରି ଗୋଟି ପଂକ୍ତି ସେ ଗାଇ ଯାଇଥିଲେ ଏବଂ କହିଥିଲେ, "ବାରମ୍ବାର ଏହି କାବ୍ୟଟିକୁ ମୁଁ ଏକାନ୍ତରେ ଓ ବନ୍ଧୁ ମେଳରେ ପଢ଼ିଅଛି । ଭଲ ଲାଗି ନ ଥିଲେ ଏ ପଦ ସବୁ ମୋର ସ୍ମରଣରେ କେବେ ହେଲେ ନ ଥାନ୍ତା । "

କେବଳ କାବ୍ୟ କବିତା ନୁହେଁ, ଓଡ଼ିଆ ଗଦ୍ୟ ସାହିତ୍ୟକୁ ମଧ୍ୟ ସେ ତାଙ୍କ ଗୁରୁ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରେରଣା ଓ ଆଦର୍ଶରେ ସଂସ୍କାର କରି ନୂଆ ନୂଆ ରୂପ ଦେଇଯାଇଛନ୍ତି । ଉଦାହରଣ ଦେଖନ୍ତୁ :-

ସତ୍ୟବାଦୀ ଯୁଗ ପୂର୍ବରୁ ଓଡ଼ିଆ ଗଦ୍ୟ ସାହିତ୍ୟର ରୂପଥିଲା–

"ଯେଉଁ ନାଗାଧିରାଜ ହିମାଳୟର ବିଚିତ୍ରାଦ୍‌ଭୁତ ବର୍ଣ୍ଣନା କରିବାକୁ ଯାଇ ବ୍ୟାସ, ବାଲ୍ମୀକି, କାଳିଦାସ ପ୍ରଭୃତି ମହାକବିମାନଙ୍କର କଳ୍ପନା, ଧାରଣା ପ୍ରକାଶଶକ୍ତି ପରାଜୟ ସ୍ୱୀକାର କରିଅଛି, ତାହାର ଦିଗନ୍ତବ୍ୟାପୀ ମହାଗମ୍ଭୀର, ମହାବିରାଟ, ମହା-ବିସ୍ମୟକର ଦୃଶ୍ୟରାଜିର ଦର୍ଶନରେ କାହାର ମନ ସ୍ତବ୍‌ଧ ହେବ ନାହିଁ ? "

× × ×

"ଊନବିଂଶ ଶତାବ୍ଦୀର ଭାରତୀୟ ନାରୀମାନଙ୍କର ଦୁର୍ଦ୍ଦଶା ଅବଲୋକନ କରି କିଏ ବିଶ୍ୱାସ କରିବ ଯେ, ଏହି ହତଭାଗ୍ୟ ଦେଶ ଏକ ସମୟରେ ସମରବିଳାସିନୀ, ମନସ୍ୱିନୀ ବୀରବାଳାମାନଙ୍କର ବିଳାସ କ୍ଷେତ୍ର ଥିଲା ? "

(ମଧୁସୂଦନ ରାଓ)

ବର୍ତ୍ତମାନର ଓଡ଼ିଆ ଗଦ୍ୟ ସାହିତ୍ୟ ଏହି ଶୃଂଖଳ ଛିନ୍ନ କରି ଯେଉଁଭଳି ସର୍ବବୋଧ୍ୟ ହୋଇ ପାରିଅଛି, କଥିତ ଓ ଲିଖିତ ଭାଷା ଗୋଟିଏ ରୂପ ଧାରଣ କରିଅଛି, ଏହା ସମ୍ଭବ ହୋଇଛି କେବଳ ସତ୍ୟବାଦୀ ଯୁଗର ସଂସ୍କାର ଫଳରେ । ଏଥିରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରତିଭା କିଛି କମ୍ ସାହାଯ୍ୟ କରି ନାହିଁ । ଗୁରୁ ଗମ୍ଭୀର ଦର୍ଶନ ତତ୍ତ୍ୱ କିପରି ସର୍ବବୋଧ୍ୟ ସରଳ ଭାଷାରେ ପ୍ରକାଶ କରାଯିବା ସମ୍ଭବ, ତାହାର ପରିଚୟ ଦିଏ 'ଆର୍ଯ୍ୟଜୀବନ' ।

ଓଡ଼ିଆ ସାହିତ୍ୟରେ ବୋଧହୁଏ ସର୍ବ ପ୍ରଥମ ଶିଶୁ ପାଠୋପଯୋଗୀ ସାହିତ୍ୟ ହେଲା, 'ପିଲାଙ୍କ ରାମାୟଣ' । ଆଗରୁ ଶିଶୁସାହିତ୍ୟର ପରିସର ସୀମାବଦ୍ଧ ଥିଲା କେବଳ ପାଠ୍ୟ ପୁସ୍ତକରେ । ପିଲାଦିନୁ ଭାରତୀୟ ସଂସ୍କୃତି ଓ ପୁରାଣମାନଙ୍କ ଆଖ୍ୟାୟିକା ଦ୍ୱାରା ଉଦ୍‌ବୁଦ୍ଧ କରାଇବା ପାଇଁ ପଣ୍ଡିତ ନୀଳକଣ୍ଠ ଲେଖିଲେ 'ପିଲାଙ୍କ ରାମାୟଣ', 'ପିଲାଙ୍କ ମହାଭାରତ' ଓ 'ପିଲାଙ୍କ ଭାଗବତ' ।

Digitized by PPRACHIN, SOA

ତାଙ୍କରି ମୁହଁରୁ ଶୁଣିବା କଥା–'ପିଲଙ୍କ ମହାଭରତ' ପାଣ୍ଡୁଲିପିରେ ଲେଖା ହୋଇଥିଲା ଧର୍ମରାଜଙ୍କ ଔରସରୁ ଯୁଧିଷ୍ଠିର ଜନ୍ମ ହୋଇଥିଲେ । ପ୍ରୁଫ ଦେଖିଲାବେଳେ, ତାଙ୍କ ମନରେ ଖେଳିଲା, ପିଲାଏ ତ ଔରସ ଶବ୍ଦର ଅର୍ଥ ନିଶ୍ଚୟ ଗୁରୁଜନମାନଙ୍କୁ ପଚାରିବେ । ସେମାନେ ଏହାର କି ଉତ୍ତର ଦେବେ ? ପିଲା ବା ତାହା ବୁଝିବ କିପରି ? ତେଣୁ ସେ ଶବ୍ଦ ବଦଳାଇ ତାହା ସ୍ଥାନରେ ଲେଖିଲେ 'ଅନୁଗ୍ରହ' । କେବଳ ସରଳ ଗାଉଁଲି ଭାଷାରେ କଥା ପ୍ରକାଶ କରିଦେଲେ ଯେ ଶିଶୁ ସାହିତ୍ୟ ହେବ, ତାହା ନୁହେଁ । ପିଲା ମନକୁ ଘେନିଇ ଭଳି ଭବିଚିନ୍ତି ଯେ ଶବ୍ଦ ସଂଯୋଗ କରିବାକୁ ହେବ, ତାହାର ସୂଚନା ଏଥିରୁ ମିଳିଥାଏ ।

ଆବେଗଭରା କାବ୍ୟ କବିତାଠାରୁ ଆରମ୍ଭ କରି ତଳ ଶ୍ରେଣୀର ପାଠ୍ୟ ପୁସ୍ତକ ପର୍ଯ୍ୟନ୍ତ ସାହିତ୍ୟର ସବୁ ବିଭାଗ ତାଙ୍କ ହାତରେ ସଂସ୍କୃତ, ମାର୍ଜିତ ହୋଇଛି । ସବୁଥିରେ ସେ ଯଶସ୍ବୀ ହେଡ଼୍‌ମାଷ୍ଟର ଭଳି କାର୍ଯ୍ୟ କରି ଯାଇଅଛନ୍ତି । ସମସ୍ତେ ତାଙ୍କୁ ମାନିଛନ୍ତି– ତାଂଙ୍କ ପ୍ରତି ଶ୍ରଦ୍ଧାନ୍ୱିତ ହୋଇଛନ୍ତି ।

ସେ ଯେପରି ନିର୍ଭୀକ ସମାଲୋଚକ, ସେହିପରି ଗବେଷଣା କ୍ଷେତ୍ରରେ ମୌଳିକ ଚିନ୍ତାଧାରାର ଅଧିକାରୀ ଥିଲେ । 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ତାର ଜ୍ୱଳନ୍ତ ଦୃଷ୍ଟାନ୍ତ ।

## ରାଜନୀତି କ୍ଷେତ୍ରରେ ହେଡ଼୍‌ମାଷ୍ଟର :

ଓଡ଼ିଆ ରାଜନୀତି କ୍ଷେତ୍ରରେ ମଧ୍ୟ ତାଙ୍କର ହେଡ଼୍‌ମାଷ୍ଟର ପଣିଆ କାହାରିକୁ ଅବିଦିତ ନାହିଁ । ୧୯୨୧ର କଂଗ୍ରେସ ପ୍ରସ୍ତାବରେ ଇଂରେଜ ସରକାରଙ୍କ ସହ ସବୁ ସଂପର୍କ ଛିନ୍ନ କରିବା ସିଦ୍ଧାନ୍ତ ହୋଇଥିଲା । ୧୯୨୪ ରେ ଦଳେ ତୁଙ୍ଗ ନେତା ଆସେମ୍ବ୍ଲି ପାର୍ଲିଆମେଣ୍ଟ ନିର୍ବାଚନରେ ଲଢି ସେଠାରେ ସରକାରର ବିରୋଧ କରିବା ସ୍ଥିର କଲେ । ସେତେବେଳେ ପଣ୍ଡିତ ନୀଳକଣ୍ଠ ଅତି ଅଧିକ ଭୋଟରେ କେନ୍ଦ୍ର ଆସେମ୍ବ୍ଲିକୁ ଗଲେ ଏବଂ ସ୍ୱରାଜ୍ୟ ପାର୍ଟିର ସେକ୍ରେଟେରୀ ମଧ୍ୟ ମନୋନୀତ ହେଲେ । ଦଳର ସଭାପତି ଥିଲେ ପଣ୍ଡିତ ମୋତିଲାଲ ନେହେରୁ ଏବଂ ଅନ୍ୟ ସଭ୍ୟମାନେ ହେଲେ, ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ, ପଣ୍ଡିତ ମଦନମୋହନ ମାଳବ୍ୟ ପ୍ରମୁଖ ସେ ଯୁଗର ସର୍ବ–ମାନ୍ୟ ବ୍ୟକ୍ତିବୃନ୍ଦ । ସୁଦୀର୍ଘ ବ୍ୟବସ୍ଥା ସଭା ଜୀବନ ଭିତରେ ସେ ଦଳର ସଂପାଦକ ଭାବେ ସଭ୍ୟମାନଙ୍କୁ ପରିଗ୍ରହିତ କରିବା ବ୍ୟତୀତ, ସେଠାରେ ନିଜ ଜ୍ଞାନ ଗାରିମାର ଯଥେଷ୍ଟ ପରିଚୟ ଦେଇଛନ୍ତି ।

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲାପରେ ୧୯୩୭ ରେ ଓଡ଼ିଶା ବିଧାନସଭା ପାଇଁ ଯେତେବେଳେ ପ୍ରଥମ ନିର୍ବାଚନ ହେଲା, ସେତେବେଳେ ପଣ୍ଡିତ ନୀଳକଣ୍ଠ ଉତ୍କଳ ପ୍ରଦେଶ

Digitized by PPRACHIN, SOA

କଂଗ୍ରେସ କମିଟିର ସଭାପତି । ତାଙ୍କ ନେତୃତ୍ୱରେ ୬୦ ସଭ୍ୟବିଶିଷ୍ଟ ଓଡ଼ିଶା ଆସେମ୍ବ୍ଲିକୁ କଂଗ୍ରେସ ପକ୍ଷରୁ ୩୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କଲେ ଏବଂ ସେମାନଙ୍କ ମଧ୍ୟରୁ ୩୬ ଜଣ ଜୟଯୁକ୍ତ ହେବାରେ କଂଗ୍ରେସ ସରକାର ଗଠନ କଲା । ପଣ୍ଡିତ ନୀଳକଣ୍ଠଙ୍କର ଏହି ଦୃଢ଼ ସଂଗଠନ ଶକ୍ତି ସମଗ୍ର ଭାରତରେ ଚମକ ଖେଳାଇ ଦେଇଥିଲା । ତାଙ୍କ ନେତୃତ୍ୱକୁ ଅନ୍ୟମାନେ ସହି ପାରିଲେ ନାହିଁ– ବିରୁଦ୍ଧରେ ନାନା ଷଡ଼ଯନ୍ତ୍ର କଲେ- ମାତ୍ର ସେ କାଳ-କାଳକୁ ଏଥିଲାଗି ଜାତିର ନମସ୍ୟ ହୋଇ ରହିଛନ୍ତି ।

ପ୍ରଦେଶ କଂଗ୍ରେସ କମିଟିରେ ଦଳାଦଳି ଅତି ତୀବ୍ର ହେବାରୁ ଜାତୀୟ କଂଗ୍ରେସର ପ୍ରସ୍ତାବ କ୍ରମେ ଡ଼ଃ ରାଜେନ୍ଦ୍ରପ୍ରସାଦ ସେ ସଂପର୍କରେ ତଦନ୍ତ କରିବାକୁ କଟକ ଆସିଥିଲେ । ସେ କୌଣସି ବ୍ୟକ୍ତି ବିଶେଷଙ୍କ ଘରେ ରହି ପଣ୍ଡିତ ମହାଶୟଙ୍କୁ ତାଙ୍କ ପାଖକୁ ଡ଼କାଇ ପଠାଇଲେ । ନୀଳକଣ୍ଠ ସେକ୍‌ଠୋକ୍ ଜବାବ ଦେଲେ, ରାଜେନ୍ଦ୍ରପ୍ରସାଦ କୌଣସି ରେଷ୍ଟହାଉସ ବା ଧର୍ମଶାଳାରେ ନ ରହିଲେ କାହିଁକି ? ମୁଁ କୌଣସି ବ୍ୟକ୍ତି ବିଶେଷଙ୍କ ଘରକୁ ଯିବି ନାହିଁ । ଯେବେ ପ୍ରକୃତ ସତ୍ୟ ବୁଝିବାର ଇଚ୍ଛା, ତେବେ ସେ ମୋ ପାଖକୁ ଆସନ୍ତୁ ।

ରାଜେନ୍ଦ୍ରପ୍ରସାଦ ଚାଲି ଚାଲି ନିମିଚଉଡ଼ିସ୍ଥ 'ନବଭାରତ' ପ୍ରେସକୁ ଆସିଥିଲେ । ଦୁର୍ଭାଗ୍ୟକୁ କଟକ ମ୍ୟୁନିସପାଲ୍‌ଟିର ମେହେନ୍ତରମାନେ ନର୍ଦ୍ଦମା ସଫାକରି ସେଦିନ ସମସ୍ତ ମଇଳା ତାଙ୍କ ପ୍ରେସ ଦୁଆର ମୁହଁ ପାଖରେ ରାସ୍ତା ଉପରେ ଜମାଇ ଦେଇଥିଲେ । (କେହି କେହି ସଂଦେହ କରନ୍ତି, କର୍ତ୍ତୃପକ୍ଷଙ୍କ ଇଙ୍ଗିତରେ ଏହା କରଯାଇଥିଲା, ପଣ୍ଡିତ ମହାଶୟଙ୍କୁ ଅପମାନିତ କରିବା ପାଇଁ) । ଯାହାହେଉ, କେହି ଜଣେ ସେହି ପଙ୍କ ମଇଳା ଚକଟି 'ନବଭାରତ' ଅଫିସ ଭିତରକୁ ଯାଇ ରାଜେନ୍ଦ୍ର-ପ୍ରସାଦ ଆସିଯିବା ସଂବାଦ ଦେବାରୁ ପଣ୍ଡିତ ନୀଳକଣ୍ଠ ନିଜେ ଦୁଆର ମୁହଁ ପର୍ଯ୍ୟନ୍ତ ଆସୁଥିଲେ ତାଙ୍କୁ ପାଛୋଟି ନେବାପାଇଁ । ମାତ୍ର ସେତେବେଳକୁ ରାଜେନ୍ଦ୍ରପ୍ରସାଦ ସେହି ପଙ୍କ ଉପର ଦେଇ ତାଙ୍କ ପାଖକୁ ଉଠିଯାଇଥିଲେ । ଏ ହେଲା ରାଜେନ୍ଦ୍ର-ପ୍ରସାଦଙ୍କର ନୀଳକଣ୍ଠଙ୍କ ପ୍ରତି ଥିବା ସମ୍ମାନର ଏକ ଦୃଷ୍ଟାନ୍ତ ।

ପୁଣି, ତାଙ୍କ 'ଆତ୍ମଜୀବନୀ'ରୁ ଜଣାଯାଏ, ଜେଲରେ ଥିବାବେଳେ ଡ଼ଃ ରାଜେନ୍ଦ୍ର-ପ୍ରସାଦ ମହାତ୍ମାଗାନ୍ଧିଙ୍କ ଲିଖିତ ଗୀତା ଭାଷ୍ୟ ପୁସ୍ତକଟି ତାଙ୍କୁ ପଢ଼ିବାକୁ ଦେଇଥିଲେ । ରାତିଟି ଭିତରେ ପଢ଼ିସାରି ପରଦିନ ବହିଟି ଫେରସ୍ତ ଦେଲାବେଳେ ସେ ରାଜେନ୍ଦ୍ର-ପ୍ରସାଦଙ୍କୁ ପରାମର୍ଶ ଦେଇଥିଲେ, "ଗାନ୍ଧିଜୀଙ୍କୁ କହ, ସେ ଏ ଦିଗରେ ମନ ଦିଅନ୍ତୁ ନାହିଁ । ଉପନିଷଦ ଓ ବ୍ରହ୍ମସୂତ୍ରର ଟୀକା ଲେଖନ୍ତୁ ନାହିଁ ।" ସେ ଯୁଗରେ ଏଭଳି

Digitized by PPRACHIN, SOA

ମନ୍ତବ୍ୟ ଦେବାର ସାହସ ସମଗ୍ର ଭାରତରେ ବୋଧହୁଏ ଆଉ କାହାରି ନଥିଲା । ଗାନ୍ଧିଜୀ ଏ ସବୁର ଟୀକା ନ ଲେଖିବା ପଣ୍ଡିତଜୀଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନର ନିଦର୍ଶନ ମାତ୍ର ।

କ୍ରମେ ରାଜନୀତି ଜଟିଳରୁ ଜଟିଳତର ହେଲା, ଜଟିଳତା ମଧ୍ୟରେ ବି ପଣ୍ଡିତ ନୀଳକଣ୍ଠ ନିଜର ଟେକ ସେହିପରି ବଜାୟ ରଖି ଶେଷ ଜୀବନରେ ବାଚସ୍ପତି ହୋଇଥିଲେ । ଏଥିରେ ମଧ୍ୟ ଉଭୟ ଶାସକ ଓ ବିରୋଧୀ ଦଳର ସଭ୍ୟଙ୍କର ସେ କେବଳ ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହୋଇ ନଥିଲେ, ବିଧାନସଭା ଗୃହର ଆଚରଣରେ ସଂଯତ ଓ ଶୃଙ୍ଖଳିତ ରହିବା ପାଇଁ ସେମାନଙ୍କ ମନରେ ତ୍ରାସ ସଞ୍ଚାର କରିଥିଲେ । ପୁଣି କୌଣସି କାରଣରୁ ଆସେମ୍ବ୍ଲିକୁ ଭାଙ୍ଗି ଦିଆଗଲେ ବାଚସ୍ପତି ପଦ ଯେ ଉଠିଯିବ ନାହିଁ– ଭାରତ ସରକାରଙ୍କ ଏ ସିଦ୍ଧାନ୍ତ ତାଙ୍କରି ଦୃଢ଼ଯୁକ୍ତି ବଳରେ ସମ୍ଭବ ହୋଇଥିଲା । ସବୁ ରାଜ୍ୟ ପାଇଁ ଏହି ଆଦର୍ଶ ଆଇନ୍ ହୋଇ ରହିଅଛି ।

## ନୀଳକଂଠଂକ ମନୀଷା ଓ ସ୍ମୃତିଶକ୍ତି :

ପଣ୍ଡିତ ନୀଳକଣ୍ଠଙ୍କ ମନୀଷା ଯେପରି ଅନନ୍ୟସାଧାରଣ ସ୍ମୃତିଶକ୍ତି ମଧ୍ୟ ସେହିପରି ଅତି ପ୍ରଖର ଥିଲା । ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ବେଳେ ପ୍ରସ୍ତର ସମ୍ମୁଖ ଭାଗରେ ଗୋଟିଏ ସଂସ୍କୃତ ଶ୍ଳୋକ ରହିବା ବିଚାର କରାଗଲା । ସମିତିର ସଭାପତି ଥିଲେ ପଣ୍ଡିତ ନୀଳକଣ୍ଠ । ପୁରୀ ସଂସ୍କୃତ କଲେଜର କେତେକ ବିଶିଷ୍ଟ ପଣ୍ଡିତଙ୍କ ଲିଖିତ ଚାରିଗୋଟି ଶ୍ଳୋକ ଅଣାଗଲା । ସେ ସମସ୍ତ ପଢ଼ି ସଭାପତି ନାପସନ୍ଦ କଲେ ଏବଂ ସଙ୍ଗେ ସଙ୍ଗେ ଅର୍ଦ୍ଧଶାୟିତ ଅବସ୍ଥାରେ ଡ଼ାକିଦେଲେ ।

> "ବିସ୍ତୀର୍ଣ୍ଣ ଯସ୍ୟ କୀର୍ତ୍ତିର୍ନବନବ ଘଟନେ 'ସତ୍ୟବାଦୀ-ବିହାରେ'
> ସାର୍ଥାଙ୍କ୍ୟୋ ଚାପିପତ୍ରେବିପୁଳ ବହୁମତେ 'ସତ୍ୟବାଦୀ,' 'ସମାଜେ'
> ଦୁର୍ଭିକ୍ଷେ ରାଜନୀତୌ ସହଜ ବିକଶିତୋ ଯସ୍ୟ ଦେଶାତ୍ମବୋଧଃ
> ସୋଽୟଂ ଶ୍ରୀ ଗୋପବନ୍ଧୁର୍ଜନହୃଦୟନିଧିର୍ମୂର୍ତ୍ତି ରୂପୋ ବିଭାତି ।"

'ବିପୁଳ ବହୁମତେ'– ଏହା ଦୋଷଦୁଷ୍ଟ ହେବ ନାହିଁ କି– ସଙ୍କୋଚର ସହିତ ପ୍ରଶ୍ନ ଦେବାରୁ ଉତ୍ତର ମିଳିଲା, "କାହିଁକି" ? ମୁହୂର୍ତ୍ତେ ମାତ୍ର ମୌନ ରହି ଅସଂଖ୍ୟ ବହି ରହିଥିବା ର୍ୟାକର ସବା ଉପର ଥାକକୁ ଅଙ୍ଗୁଳି ନିର୍ଦ୍ଦେଶରେ ବରାଦ ଦେଲେ, ସେ ବହି ଖଣ୍ଡକ ଆଣ । ବହି ଉପରେ ଯେତେ ଧୂଳି ଓ ଅଳନ୍ଧୁ ଜମା ହୋଇଥିଲା, ସେଥିରୁ ବହିଟି ଯେ ବହୁକାଳ ହେଲା ବ୍ୟବହୃତ ହୋଇ ନାହିଁ, ତାହା ଜଣାପଡୁଥିଲା । ତପରେ

Digitized by PPRACHIN, SOA

ଆଦେଶ ହେଲା, ଅମୁକ ପୃଷ୍ଠାର ଏତେ ନମ୍ବର ସୂତ୍ରଟି ପଢ଼ । କେଉଁ କେଉଁ କ୍ଷେତ୍ରରେ ପୁନରୁକ୍ତି ଦୋଷ ଲଗିବ ନାହିଁ, ସେଇକଥା ସେଥିରେ ପ୍ରାଂଜଳ ଭାବରେ କୁହାଯାଇଛି ।

ଆଉ ଦିନକର ଘଟଣା– ଜଣେ ବିଦ୍ୱାନ ପଣ୍ଡିତ ବର୍ଣ୍ଣନା କରୁଥିଲେ । ବେଦର କେତେକ ସୂକ୍ତ ଲେଖିବାକୁ କହି ମୁହେଁ ମୁହେଁ ଶ୍ଳୋକଗୁଡ଼ିକ ଡ଼ାକିଗଲେ । ଅନୁଲେଖକ ପଣ୍ଡିତ କହିଲେ, "ବେଦର ଶ୍ଳୋକ । ଭୁଲ ହେବାର ଆଶଙ୍କା ଥାଇପାରେ ।ବହି ଦେଖି ଲେଖିଦେଲେ ହେବ ନାହିଁ ?" ପଣ୍ଡିତ ନୀଳକଣ୍ଠ ତାଙ୍କ ସ୍ୱଭବସିଦ୍ଧ ଗର୍ଜନ ସ୍ୱରରେ କହିଲେ, "ନା" । ତ'ପରେ ନିଜ ଦାଢ଼ିକୁ ହାତରେ ମଳିଦେଇ ରହସ୍ୟରେ କହିଥିଲେ, "ଏ ଦାଢ଼ି ତଳେ ସବୁ ରହିଅଛି । ଭୁଲ କେବେ ହେବନାହିଁ ।"

ଏଇ ହେଉଛନ୍ତି ଆମ ହେଡ଼ମାଷ୍ଟର । ଓଡ଼ିଶାର ଶିକ୍ଷା, ସଂସ୍କୃତି, ସାହିତ୍ୟ, ସେବା, ରାଜନୀତି ସବୁ କ୍ଷେତ୍ରରେ ତାଙ୍କ ହେଡ଼ମାଷ୍ଟର ଗିରି ସେ ଜାହିର କରି ଯାଇଅଛନ୍ତି, ସଫଳତାର ସହିତ । ଆମର ନମସ୍ୟ–ଜାତିର ନମସ୍ୟ ।

କାହିଁ ସେ ଅନନ୍ତ ଧାରା ଏ ପିଣ୍ଡ ଗରଭେ ?
କି ଦେଖି ଉଠଇ ଫୁଲି ପରାଣ ଗରବେ ?
କି ରସେ ଉଠଇ ଭାତି
ଜଡ଼ ପିଣ୍ଡେ ଆତ୍ମଜ୍ୟୋତି ?
ନର ହୃଦ ଭସି ଯାଏ ବିଶ୍ୱ ବଇଭବେ,
ସୀମାବନ୍ତ ଫୁଟି ଉଠେ ଅନନ୍ତ ବିଭବେ ।

(ନୀଳକଣ୍ଠ–ଭକ୍ତିଗାଥା)

Digitized by PPRACHIN, SOA

# ପଣ୍ଡିତ ନୀଳକଂଠଂକ ଓଡ଼ିଶାକୁ ଦାନ

ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)

ବିଗତ ଶତାବ୍ଦୀର ଶେଷ ପାଦରେ ଓଡ଼ିଶାର ପୁନର୍ଜାଗରଣ ଯୁଗରେ ଏକ ସମ୍ଭ୍ରାନ୍ତ ମଧ୍ୟବିତ୍ତ ପରିବାରରେ ପଣ୍ଡିତ ନୀଳକଣ୍ଠଙ୍କର ଜନ୍ମ । ଶୈଶବରୁ ସେ ଥିଲେ ମେଧାବୀ । ଆଦ୍ୟ ଯୌବନରେ ଗୋପବନ୍ଧୁ ଦାସ ଓ ଗୋଦାବରୀଶ ମିଶ୍ରଙ୍କ ସହ ତାଙ୍କର ଆତ୍ମୀୟତାର ସମ୍ପର୍କ ଗଢ଼ି ଉଠିଥିଲା । ଏହି ସମୟରୁହିଁ ସେ ଜନସେବା ଓ ଦେଶର ରାଜନୈତିକ ପରିସ୍ଥିତି ସହ ଆପଣାକୁ ସମ୍ପୃକ୍ତ କରିଥିଲେ । ଗୋପବନ୍ଧୁଙ୍କ ଆଦର୍ଶହିଁ ତାଙ୍କୁ ଏ କ୍ଷେତ୍ରରେ ଦେଇଥିଲା ପ୍ରଚୁର ପ୍ରେରଣା । ଗୋପବନ୍ଧୁଙ୍କ ଗ୍ରାମ ସୁଆଣ୍ଡୋ ନିକଟବର୍ତ୍ତୀ ଭାର୍ଗବୀ ନଦୀ ଶଯ୍ୟାରେ ନିଶାଶେଷରେ ସେମାନେ ସଙ୍କଳ୍ପ କରିଥିଲେ- "ଜୀବନରେ ସରକାରୀ ଚାକିରୀ କରିବେ ନାହିଁ ଓ ସ୍ୱଦେଶର ଉନ୍ନତିରେ ଆତ୍ମ ନିୟୋଗ କରିବେ ।" ନୀଳକଣ୍ଠ ଦର୍ଶନ ଶାସ୍ତ୍ରରେ ଉଚ୍ଚ ଶିକ୍ଷା ଲାଭ କରିଥିଲେ ହେଁ ସରକାରୀ ଚାକିରୀର ମୋହ ତ୍ୟାଗ କରି ଗୋପବଂନ୍ଧୁଙ୍କ ପରିକଳ୍ପିତ ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତାକୁ ବୃତ୍ତି ଭାବେ ଗ୍ରହଣକରି ନେଇଥିଲେ । ଏଇଠି ଶିକ୍ଷକତା କରୁଥିବା ଅବକାଶରେ (୧୯୧୫-୨୦) ତାହାଙ୍କ କବି ପ୍ରତିଭାର ଉନ୍ମେଶ ଓ ବିକାଶ ହୋଇଥିଲା ଓ ସେ ରଚନା କରିଥିଲେ ତିନିଗୋଟି କାବ୍ୟ, 'କୋଣାର୍କେ', 'ଖାରବେଳ', 'ପ୍ରଣୟିନୀ' (୧୯୧୯) ଓ କେତକ ପ୍ରାର୍ଥନା ସଙ୍ଗୀତ ।

ଓଡ଼ିଶାର ଦୁର୍ଭାଗ୍ୟ, ଅନ୍ତର୍ବିବାଦ, ପ୍ରତିକୂଳ ପରିସ୍ଥିତି ଓ ଅନ୍ୟାନ୍ୟ କାରଣରୁ ସତ୍ୟବାଦୀ ସ୍କୁଲ ଭାଙ୍ଗିଗଲା । ନୀଳକଣ୍ଠ ୧୯୨୦ ମସିହାରେ କଲିକତା ବିଶ୍ୱ ବିଦ୍ୟାଳୟରେ ଓଡ଼ିଆ ଓ ତୁଳନାତ୍ମକ ଭାରତୀୟ ସାହିତ୍ୟ ବିଭାଗରେ ଅଧ୍ୟାପନା ଦାୟିତ୍ୱ ଗ୍ରହଣ କରିଥିଲେ । ମାତ୍ର ଅଳ୍ପ କେତେମାସ ପରେ ମହାତ୍ମାଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନର ଆହ୍ୱାନରେ ସେ ଅଧ୍ୟାପନାରୁ ଅବ୍ୟାହତି ନେଇ ସମ୍ବଲପୁର ଚାଲିଗଲେ । ଏହିଠାରୁ ଆରମ୍ଭହେଲା ତାଙ୍କର ରାଜନୈତିକ ଜୀବନ । ସେଠାରେ ସେ ଏହି କାର୍ଯ୍ୟରେ ଆତ୍ମ ନିୟୋଗ କରି ଜନ ସାଧାରଣଙ୍କ ମଧ୍ୟରେ ପ୍ରଚୁର ଉତ୍ସାହ ଓ ଉନ୍ମାଦନା ଖେଳାଇ ପାରିଥିଲେ । ଏହାପରେ ଆରମ୍ଭ ହେଲା ଲବଣ ସତ୍ୟାଗ୍ରହ । ନୀଳକଣ୍ଠ ପୁରୀଜିଲ୍ଲାର ଅସ୍ତରଙ୍ଗ ଅଞ୍ଚଳରେ ଲବଣ ସତ୍ୟାଗ୍ରହ କରିଥିଲେ ଓ କାରାରୁଦ୍ଧ ହୋଇଥିଲେ । ଖ୍ରୀ: ୧୯୨୪ ଠାରୁ

Digitized by PPRACHIN, SOA

ପ୍ରାୟ ୨୦ ବର୍ଷ ମଧ୍ୟରେ ଭାରତୀୟ ତଥା ଓଡ଼ିଶା ରାଜନୀତିର ବହୁ ଉତ୍‌ଥାନପତନ ମଧ୍ୟରେ ତାହାଙ୍କୁ ଗତି କରିବାକୁ ପଡ଼ିଥିଲା । ଅଭିଜ୍ଞତାରେ ସେ ପରିପକ୍ୱତା ଅର୍ଜନ କରିଥିଲେ ହେଁ ଓଡ଼ିଶାର ସାହିତ୍ୟ ଅଥବା ସଂସ୍କୃତିର ବିକାଶ ସାଧନରେ ଆତ୍ମନିୟୋଗ କରିବାକୁ ସମର୍ଥ ହୋଇ ପାରିନଥିଲେ ।

କେନ୍ଦ୍ର ଆସେମ୍ବ୍ଲି କଂଗ୍ରେସର ସ୍ୱରାଜ୍ୟ ଦଳର ସେ ଥିଲେ ସମ୍ପାଦକ । ୧୯୨୩ ଅସହଯୋଗ ଆନ୍ଦୋଳନ ଓ ୧୯୩୦ ଲବଣ ସତ୍ୟାଗ୍ରହରେ ତାଙ୍କୁ ହଜାରିବାଗ ଜେଲରେ କାରାରୁଦ୍ଧ କରଯାଇଥିଲା । ଏଠାରେ ସେ ପ୍ରାୟ ୧ ବର୍ଷ ବନ୍ଦୀ ଜୀବନ ଯାପନ କରିଥିଲେ ଓ ଏହି ସ୍ଥାନରେ ଅବସ୍ଥାନ କରୁଥିବା ସମୟରେ ରଚନା କରିଥିଲେ "ଦାସ ନାୟକ" କାବ୍ୟ ଓ ଉପେନ୍ଦ୍ରଭଞ୍ଜଙ୍କ ଲାବଣ୍ୟବତୀର ଟୀକା ପ୍ରସ୍ତୁତ କରିଥିଲେ । ୧୯୩୪ ରେ ସେ କେନ୍ଦ୍ର ଆସେମ୍ବ୍ଲିକୁ ପୁନର୍ବାର ନିର୍ବାଚିତ ହୋଇଛନ୍ତି । ଏହି ସମୟରେ ସାହିତ୍ୟ ସେବାର ଅବରୁଦ୍ଧ ଆକାଂକ୍ଷା ପୁନଶ୍ଚ ତାହାଙ୍କ ମନରେ ଉଦିତ ହୋଇଛି ଓ ସେ କଟକରେ ନବ-ଭାରତ ପ୍ରେସ ସ୍ଥାପନ କରାଇବା ସଙ୍ଗେ ସଙ୍ଗେ ଏଠାରୁ 'ନବଭାରତ' ନାମକ ଏକ ମାସିକ ସାହିତ୍ୟ ପତ୍ର ସମ୍ପାଦନା କରିଛନ୍ତି । ମାତ୍ର ଏତେବେଳେ ତାହାଙ୍କ ରାଜନୈତିକ ଜୀବନ ହୋଇଛି ଅଧିକ ସକ୍ରିୟ । ୧୯୩୪ ରୁ ୧୯୩୯ ପର୍ଯ୍ୟନ୍ତ ସେ ହୋଇଥିଲେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ଓ ତାହାଙ୍କ ଦକ୍ଷ ପରିଚାଳନା ଓ ନେତୃତ୍ୱ ଯୋଗୁ ୧୯୩୭ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସ ଦଳ ବିପୁଳ ସଂଖ୍ୟା ଗରିଷ୍ଠତା ଲାଭ କରି ବିଜୟୀ ହୋଇ ପାରିଥିଲା । ମାତ୍ର ଏହାପରେ ନୀଳକଣ୍ଠଙ୍କୁ ବିଭିନ୍ନ ରାଜନୈତିକ ଝଡ଼ଝଞ୍ଜାର ଶରବ୍ୟ ହେବାକୁ ପଡ଼ିଥିଲା । ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ନେତୃତ୍ୱ ସେ ହରାଇବାକୁ ବାଧ୍ୟ ହୋଇଛନ୍ତି । ସୁଭାଷବୋଷଙ୍କ ଫରୱାର୍ଡ ବ୍ଲକ ସହ ସମ୍ପର୍କ ସ୍ଥାପନ ଓ ଓଡ଼ିଶାରେ ଶୁଦ୍ଧକାଳୀନ ମିଳିତ ମନ୍ତ୍ରୀମଣ୍ଡଳ ଗଠନରେ ସେ ଥିଲେ ଅନ୍ୟତମ ମୁଖ୍ୟ ପୁରୋଧା ।

ଯାହାହେଉ, ଓଡ଼ିଆ ସାହିତ୍ୟର ସୌଭାଗ୍ୟ–୧୯୪୬ରୁ ୧୯୫୧ ପର୍ଯ୍ୟନ୍ତ ନୀଳକଣ୍ଠଙ୍କୁ ସକ୍ରିୟ ରାଜନୀତିଠାରୁ ଦୂରେଇ ରହି ସାହିତ୍ୟ ରଚନାରେ ମନୋନିବେଶ କରିବାକୁ ପଡ଼ିଥିଲା । ଏହି ସମୟ ମଧ୍ୟରେ ନୀଳକଣ୍ଠ ତାଂକ ଶ୍ରୀମଦ୍‌ ଭଗବଦ୍‌ଗୀତାର ଏକ ପରିବର୍ଦ୍ଧିତ ସଂସ୍କରଣ ଓ କେତେକ ଶିଶୁ ପାଠ୍ୟ ପୁସ୍ତକ ରଚନା କରିଥିଲେ ଓ ପ୍ରାସଙ୍ଗିକ ଭାବେ ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ୧ମ ଓ ୨ୟ ଭାଗ ସଂସ୍କୃତ ଓ "ସଂସ୍କୃତି" ପ୍ରଣୟନ ପୁସ୍ତକସ୍ଥ ବହୁ ପ୍ରବନ୍ଧ ରଚନା କରିଥିଲେ ।

Digitized by PPRACHIN, SOA

ମାତ୍ର ରାଜନୀତିର ନିଶା ଅତୀବ ଉତ୍କଟ । ସେଥିରୁ ମୁକ୍ତ ହେବା ସହଜ ନୁହେଁ । ୧୯୫୧ରେ ନୀଳକଣ୍ଠ 'ସ୍ୱାଧୀନ ଜନସଂଘ' ନାମକ ଏକ ରାଜନୈତିକ ଦଳ ଗଠନ କରିଥିଲେ ଓ ଏହାର ପର ବର୍ଷ ଓଡ଼ିଶା ବିଧାନସଭାକୁ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ । ୧୯୫୭ ମସିହାରେ ପଣ୍ଡିତ ନେହେରୁଙ୍କ ଆହ୍ୱାନ କ୍ରମେ ସେ ପୁଣି କଂଗ୍ରେସ ଦଳରେ ଯୋଗଦେଲେ ଓ ୧୯୫୭ରୁ ୧୯୬୧ ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭାର ସଭ୍ୟ ଓ ବାଚସ୍ପତି ହୋଇଥିଲେ । ମାତ୍ର ସେତେବେଳକୁ ନୀଳକଣ୍ଠ ଭଗ୍ନ ସ୍ୱାସ୍ଥ୍ୟ ଓ ଜରାଗ୍ରସ୍ତ । ତଥାପି ମନରେ ଥିଲା ତାଙ୍କର ଯୁବକ ସୁଲଭ ଉତ୍ସାହ । ରାଜନୀତିରୁ ଅବସର ନେଇ ପ୍ରଶଂସକ ବନ୍ଧୁମାନଙ୍କ ଅନୁରୋଧରେ ସେ ସାହିତ୍ୟ ସେବାରେ ଯଥାଶକ୍ତି ଆତ୍ମ ନିୟୋଗ କରିଥିଲେ । ଏହି ସମୟରେ ତଥା ତାହାଙ୍କ ଅନ୍ତିମ ଜୀବନର ରଚନା, ଯାହା ତାହାଙ୍କଠାରୁ ଶ୍ରୁତଲିଖନ କ୍ରମେ ପ୍ରସ୍ତୁତ ହୋଇପାରିଥିଲା, ତାହା ହେଉଛି ତାହାଙ୍କ 'ଆତ୍ମ ଜୀବନୀ' ( ୧୯୬୩ ) । ସାହିତ୍ୟ ସୃଷ୍ଟି ପାଇଁ ଯେଉଁ ଅନ୍ତର୍ମୁଖୀନତା ଓ ଏକାନ୍ତ ଜୀବନଚର୍ଯ୍ୟା ଆବଶ୍ୟକ, ତାହା ନୀଳକଣ୍ଠଙ୍କ ପକ୍ଷେ ବସ୍ତୁତଃ ସମ୍ଭବ ହୋଇପାରି ନ ଥିଲା । "ସଂସାରକୁ ସେବି" ସେ 'ବାଣୀ-ଆରାଧନା ଠାରୁ କେତେକ ପରିମାଣରେ ଦୂରେଇ ଯାଇଥିଲେ । ବହୁ ପ୍ରତିଭାଶାଳୀ ସାହିତ୍ୟିକଙ୍କ ଜୀବନରେ ଏପରି ଘଟିଛି ଓ ସେମାନେ ଏହା ସ୍ୱୀକାର କରି ଯାଇଛନ୍ତି । ପଲ୍ଲୀ କବି ନନ୍ଦକିଶୋର ସେଥିପାଇଁ ଲେଖିଥିଲେ--

" ବାଣୀ ଆରାଧନା ତେଜି
ସେବିଲି ସଂସାର,
ମନା ହୋଇଗଲା ମୋତେ
ସେ କୋଠ ଭଣ୍ଡାର,
× × × ×
କବିତା ଲୋଡ଼ଇ ସିନା
ଏକାନ୍ତ ଅନ୍ତର,
ନୋହିଲେ କି ହେବ
ଯୋଡ଼ି ଶବଦ ମାତର ।",

କର୍ମ ବହୁଳ ଜୀବନ କାଳ ମଧ୍ୟରେ ବହୁ ଦଳାଦଳି, ରାଜନୈତିକ ଘୂର୍ଣ୍ଣା-ବର୍ତ୍ତ ସତ୍ତ୍ୱେ ନୀଳକଣ୍ଠଙ୍କ ଶାସ୍ତ୍ର ଅଧ୍ୟୟନ ଅଭ୍ୟାସଟି ଅବ୍ୟାହତ ରହିଥିଲା । ଇତିହାସ, ଦର୍ଶନ, ବିଜ୍ଞାନ, ସାହିତ୍ୟ, ବ୍ୟାକରଣ, ଭାଷାତତ୍ତ୍ୱ ପ୍ରଭୃତି ଜ୍ଞାନର

Digitized by PPRACHIN, SOA

ବିବିଧ ରାଜ୍ୟ ଥିଲା ତାହାଙ୍କ ବିଚରଣର କ୍ଷେତ୍ର । ବାଗ୍ମିତା ଓ ପାଣ୍ଡିତ୍ୟ ପାଇଁ ସେ ବହୁ ସମ୍ମାନ ମଧ୍ୟ ଲାଭ କରିଛନ୍ତି । ଓଡ଼ିଶାରେ ଅନେକ ବିଷୟ ବିଜୟରେ ହୁଏ । ୧୯୫୫ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ଡ଼ି. ଲିଟ. ଉପାଧି ପ୍ରଦାନ କରିଥିଲେ । ୧୯୬୩ ମସିହାରେ 'ଆତ୍ମଜୀବନୀ' ଲାଗି ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ମଧ୍ୟ ଲାଭ କରିଥିଲେ । ଲାଭ କରିଥିଲେ 'ପଦ୍ମ ଭୂଷଣ' ଉପାଧି । ସଭାପତି ହୋଇଥିଲେ ଓଡ଼ିଶା ସାହିତ୍ୟ ଏକାଡ଼େମୀର । ଉତ୍କଳ ବିଶ୍ୱବିଦ୍ୟାଳୟର ହୋଇଥିଲେ ପ୍ରୋ ଚାନସେଲର୍ । ୮୩ ବର୍ଷ ବୟସରେ ୧୯୬୭ ମସିହାରେ ସେ ଆମ ଠାରୁ ସବୁଦିନ ପାଇଁ ଦୂରକୁ ଚାଲିଗଲେ । ଏହିପରି ଭାବେ ଓଡ଼ିଶାର ସମାଜସେବା, ଶିକ୍ଷା, ରାଜନୀତି, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ଆଜୀବନ ନିୟୋଜିତ ପ୍ରାୟ ସତୁରି ବର୍ଷର କର୍ମବହୁଳ ଜୀବନର ମୂଲ୍ୟାଙ୍କନ କରିବା ସହଜ ମନେହୁଏ ନାହିଁ । ନୀଳକଣ୍ଠଙ୍କ ରାଜନୈତିକ ଜୀବନ ସଂପର୍କରେ କିଛି କହିବାକୁ ଯିବା ହୁଏତ ମୋ ପକ୍ଷେ ଧୃଷ୍ଟତା ହେବ । ତଥାପି ତାହାଙ୍କ ରଚିତ ସାହିତ୍ୟକୁ ଭିତ୍ତି କରି ସାମଗ୍ରିକ ଭାବେ ନୀଳକଣ୍ଠଙ୍କ ଅବଦାନ ସଂପର୍କରେ ସମ୍ୟକ୍ ସୂଚନା ଏଠାରେ ଦିଆଯାଇପାରେ ।

ନୀଳକଣ୍ଠଙ୍କ ଦେହାନ୍ତ ପ୍ରାୟ ସତର ବର୍ଷ ହୋଇଥିଲା । ବହୁ ବର୍ଷ ପରେ ନୀଳକଣ୍ଠଙ୍କ ବ୍ୟକ୍ତିଗତ ଜୀବନର ଦୋଷ ତ୍ରୁଟି, ସାମାଜିକ ସାଫଲ୍ୟ-ବିଫଳତାର ବିଷୟ, ଏପରିକି ତାହାଙ୍କ ରାଜନୈତିକ ଜୀବନବିଷୟ ମଧ୍ୟ ବିସ୍ମୃତି ଗର୍ଭରେ ଲୀନ ହୋଇଯିବ । ମହାକାଳର ଏହାହିଁ ବିଧି । କିନ୍ତୁ ବଞ୍ଚି ରହିବ ତାଙ୍କର କେତେଗୋଟି ସୃଷ୍ଟି-ସମ୍ପଦ ଯାହାକୁ କୁହାଯାଏ "ଅକ୍ଷର ସମ୍ବନ୍ଧା କୀର୍ତ୍ତି" । 'କୀର୍ତ୍ତି ଅକ୍ଷର ସମ୍ବନ୍ଧା ସ୍ଥିର ଭବତି ଭୂତଳେ ।' ଆଜି ଭାବିଲେ ମନେହୁଏ ନୀଳକଣ୍ଠଙ୍କ ଜୀବନ ଏକ ବିରାଟ ଅସମାପିକା । ପ୍ରତିଭାଶାଳୀ ବହୁ ଯୋଗ୍ୟତା ସଂପନ୍ନ ନୀଳକଣ୍ଠ ଯାହା ହୋଇପାରିଥାନ୍ତେ ତାହା ହୋଇ ପାରିଲେ ନାହିଁ; ସେ ଯାହା କରି ପାରିଥାନ୍ତେ ତାହା କରିପାରିଲେ ନାହିଁ । ତାଙ୍କର ବିପୁଳ ଶକ୍ତି, ଯୋଗ୍ୟତା ଯଥାଯଥ ଭାବେ ବିନିଯୁକ୍ତ ହୋଇ ପାରିଲାନାହିଁ । ଏହା ନୀଳକଣ୍ଠଙ୍କ ଦୁର୍ଭାଗ୍ୟ ନୁହେଁ । ଦୁର୍ଭାଗ୍ୟ ଏ ଦେଶର । ଅନେକ ନୀଳକଣ୍ଠଙ୍କୁ ଦୁର୍ବାସା କହିଥିବା ମୁଁ ଶୁଣିଛି । ମାତ୍ର ମହାଭାରତରେ ଅଶ୍ୱତ୍‌ଥମାଙ୍କ ସହ ସେ ଯଥାର୍ଥତଃ ତୁଳନୀୟ ।

ସମସ୍ତ ଶକ୍ତି ଯୋଗ୍ୟତା ସତ୍ତ୍ୱେ ଅଶ୍ୱତ୍‌ଥମା ମହାଭାରତର ଏକ ବ୍ୟର୍ଥକାମ ବ୍ୟକ୍ତି । ଭାରତୀୟ ରାଜନୀତିରେ ଅଂଶ ଗ୍ରହଣ କରିଥିବା ବିଗତ ଓ ଚଳିତ ଶତାବ୍ଦୀର ଭାରତ ଓ ଓଡ଼ିଶାର ବହୁ ମନୀଷୀ ଓ କବିଙ୍କ ସଂପର୍କରେ ମଧ୍ୟ ଉଣାଅଧିକେ ଏହି

Digitized by PPRACHIN, SOA

କଥା କୁହାଯାଇ ପାରେ ! କେବଳ ନୀଳକଣ୍ଠ ନୁହଁନ୍ତି; ଗୋପବନ୍ଧୁ, ଗୋଦାବରୀଶ ପ୍ରମୁଖ ଓଡ଼ିଶାର ବହୁ ପ୍ରତିଭଶାଳୀ ବ୍ୟକ୍ତି ସ୍ୱଦେଶକୁ ପରାଧୀନତା ପାଶରୁ ମୁକ୍ତ କରିବାକୁ ଯାଇ ସାହିତ୍ୟ ରଚନାରେ ପୂର୍ଣ୍ଣ ପ୍ରାଣରେ ମନୋନିବେଶ କରି ପାରି ନାହାନ୍ତି । ବନ୍ଦୀଶାଳାହିଁ ସେମାନଙ୍କ ପକ୍ଷେ ସାମୟିକ ସାହିତ୍ୟ ସାଧନାର କ୍ଷେତ୍ର ହୋଇଛି । ତଥାପି ସେଇ ତ୍ୟାଗୀ ସାଧକମାନଙ୍କ ଦାନରେ ଓଡ଼ିଶା ତଥା ବହୁ ପ୍ରାନ୍ତୀୟ ସାହିତ୍ୟ ହୋଇଛି ସମୃଦ୍ଧ । ପ୍ରାକ୍ ସ୍ୱାଧୀନତା ଯୁଗରେ ଦେଶର ଜ୍ଞାନୀ, ଗୁଣୀ, ବୁଦ୍ଧିଜୀବୀ ଗୋଷ୍ଠୀହିଁ ମୁଖ୍ୟତଃ ରାଜନୀତି କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ଏଣୁ ରାଜନୀତି କ୍ଷେତ୍ରରୁ ସାହିତ୍ୟ ପାଇଁ ସେମାନେ ଉପାଦାନ ସଂଗ୍ରହ କରି ପାରିଥିଲେ । ଅଥବା ରାଜନୈତିକ ଚେତନା ସେମାନଙ୍କ ଲେଖନୀକୁ ଏକ ଭିନ୍ନ ଦିଗାଭିମୁଖୀ କରି ପାରିଥିଲା । ମାତ୍ର ଏବେ ଏଇ ଅବସ୍ଥାର ପରିବର୍ତ୍ତନ ଘଟିଛି । ରାଜନୈତିକ ଜୀବନ ଅଥବା ରାଜନୈତିକ ଚେତନା ସାଂପ୍ରତିକ ସାହିତ୍ୟରେ ପ୍ରତି-ଫଳିତ ହେବା ବିରଳ ହୋଇ ପଡ଼ିଛି । ସ୍ୱାଧୀନ ବିଗ୍ରହଧାରା ଦଳଗତ ଶାସନର ରଥ ଚକ୍ର ତଳେ ନିଷ୍ପେଷିତ ହୋଇ ଯାଇଛି ।

ଏହି ଦୃଷ୍ଟିରୁ ପଣ୍ଡିତ ନୀଳକଣ୍ଠ ଥିଲେ ଏକ ବ୍ୟତିକ୍ରମ । ଆପଣାର ଅଭିଜ୍ଞତା, ଜ୍ଞାନ ଓ ବିଗ୍ରହ ବୁଦ୍ଧିର ମାନଦଣ୍ଡରେ ସେ ଆମର ସମକାଳୀନ ସମାଜ ଓ ସାହିତ୍ୟର ବିଭିନ୍ନ ବିଷୟକୁ ପରୀକ୍ଷା କରିଛନ୍ତି ଓ ନିର୍ଭୀକ ଭାବେ ସେ ସଂପର୍କରେ ନିଜସ୍ୱ ନିଷ୍ପତ୍ତିରେ ଉପନୀତ ହୋଇଛନ୍ତି । ଏଥିପାଇଁ ମହାତ୍ମାଗାନ୍ଧୀ ଓ ଗୋପବନ୍ଧୁଙ୍କ ନିଷ୍ପତ୍ତିକୁ ମଧ୍ୟ ଉପେକ୍ଷା କରିବାକୁ ସେ ପଶ୍ଚାତ୍‌ପଦ ହୋଇ ନାହାନ୍ତି । ରାଜନୈତିକ ଜୀବନର ପ୍ରାରମ୍ଭରୁ ହିଁ ତାଙ୍କର ଏତାଦୃଶ ଦୃଷ୍ଟିଭଙ୍ଗୀ ପରିଲକ୍ଷିତ ହୁଏ । କଂଗ୍ରେସର ସ୍ୱରାଜ୍ୟ ଦଳରେ ଯୋଗଦାନଠାରୁ ଆରମ୍ଭ କରି ସୂତାକଟା, ଲୁଣମାରିବାରେ ଆସ୍ଥା ହୀନତା, ସୁବାଷ ବୋଷଙ୍କ ଫରଓ୍ୱାର୍ଡ଼ ବ୍ଲକ ପ୍ରତି ସମର୍ଥନ, ମିଳିତ ମନ୍ତ୍ରୀମଣ୍ଡଳ ଗଠନ ପ୍ରଭୃତି କାର୍ଯ୍ୟରୁ ଏହା ହିଁ ପ୍ରତିପନ୍ନ ହୁଏ । ନୀଳକଣ୍ଠଙ୍କ ରଚିତ ପ୍ରବନ୍ଧାବଳୀରେ କିପରି ଏହି ଦୃଷ୍ଟିକୋଣ ପ୍ରତିଫଳିତ ତାହା ମଧ୍ୟ ଏଠାରେ ଉଲ୍ଲେଖନୀୟ ।

ନୀଳକଣ୍ଠଙ୍କ ସୃଜନାତ୍ମକ ସାହିତ୍ୟିକ ଜୀବନ ଯେ, ସତ୍ୟବାଦୀ ବନ ବିଦ୍ୟାଳୟରୁ ଆରମ୍ଭ ହୋଇଥିଲା, ତାହା କୁହା ଯାଇଛି । ଏହି ସ୍ଥାନରେ ରଚିତ "କୋଣାର୍କେ" ଓ "ଖାରବେଳ" କାବ୍ୟ ଦୁଇଟି ହିଁ ଓଡ଼ିଆ ସାହିତ୍ୟକୁ ତାଙ୍କର ମହାର୍ଘଦାନ । ଏହା କବିଙ୍କ ତରୁଣ ଜୀବନର ସୃଷ୍ଟି । ରାଧାନାଥଙ୍କ କାଳ୍ପନିକ ପ୍ରଣୟ—ପ୍ରଧାନ କାବ୍ୟର ଆଦର୍ଶକୁ ଉପେକ୍ଷାକରି କବି ଏହି କାବ୍ୟରେ ଏକ ନୂତନ ଚେତନା ଓ ଭାବଲୋକ ସୃଷ୍ଟି

Digitized by PPRACHIN, SOA

କରିପାରି ଅଛନ୍ତି । ରୋମାଣ୍ଟିକ ଚେତନା ସହ ଜାତୀୟ ଚେତନାର ସମନ୍ୱୟ ଏହି କାବ୍ୟରେ ଉତ୍ତମ ରୂପେ ସମ୍ପାଦିତ ହୋଇପାରିଅଛି । 'କୋଣାର୍କେ'ର ପ୍ରଥମାର୍ଦ୍ଧ "ରାମଚଣ୍ଡୀ ଠାରେ ରତି ଓ ସନ୍ଧ୍ୟା"ରେ କବି କଳ୍ପନାରେ ଅତୀତ ଉତ୍କଳର ଯେଉଁ ଗୌରବାବହ ଚିତ୍ର ତ୍ରିଶ ଗୋଟି କବିତା ଗୁଚ୍ଛ ମାଧ୍ୟମରେ ଆଙ୍କିଛନ୍ତି ତାହା ଅତୀବ ମର୍ମସ୍ପର୍ଶୀ । ମାର୍ଜିତ ସୁଷମା ଓ ଛନ୍ଦର ମାଧୁର୍ଯ୍ୟ ଏହାକୁ ଅପୂର୍ବ କାବ୍ୟିକ ସୌନ୍ଦର୍ଯ୍ୟ ଦାନ କରିଛି । ଯେଉଁ ସୁପରିଚିତ୍ତ ଜନପ୍ରିୟ ରାମକେରି ବୃତ୍ତରେ ପ୍ରାଚୀନ କବି ଭକ୍ତ ଚରଣଙ୍କ 'କଳା କଳେବର କହ୍ନାଇ ସଙ୍ଗେ ରୋହିଣୀ ସୁତ' ରଚିତ, କବି ସେହି ବୃତ୍ତରେ ହିଁ ଏହି କାବ୍ୟକୁ ରଚନା କରିଛନ୍ତି ।

"ଆଜି ଯେ କୁଆଁରପୁନିଅଁ
 କେତେ ସୁଖ ଶରଧା ।
ମାଆ ଭଉଣୀଙ୍କ ଆଦର
 ନବ ବସନ ପିନ୍ଧା । "

ଏହି କାବ୍ୟର ଉତ୍ତରାର୍ଦ୍ଧ "ମାୟାଦେବୀ" ରେ ଓଡ଼ିଶାର ରାଜା ନରସିଂହ ଦେବ ଓ ମାୟା ଦେବୀଙ୍କ ପ୍ରଣୟକୁ କବି ଯେପରି ତ୍ୟାଗ ପୂର୍ଣ୍ଣ ସଂଯତ ଆଦର୍ଶ-ନିଷ୍ଠା ରୂପେ ଚିତ୍ରଣ କରିଛନ୍ତି, ସେହିପରି ଧ୍ୱଂସ ଗଡ଼ର ଅଧିପତିଙ୍କୁ ସ୍ୱାଧୀନତାପ୍ରେମୀ ଓ ବିପ୍ଲବୀ ବୀର ରୂପେ ଚିତ୍ରଣ କରିଅଛନ୍ତି ।

କଳ୍ପନାର ଚମତ୍କାରିତା ଓ ଆଦର୍ଶ-ନିଷ୍ଠା ସେହିପରି ତାହାଙ୍କ 'ଖାରବେଳ' କାବ୍ୟର ଖାରବେଳ ଓ ଧୂର୍ଜ୍ଜଟିଙ୍କ ଚରିତ୍ରରେ ପରିଲକ୍ଷିତ ହୁଏ । ନୀଳକଣ୍ଠ ତାହାଙ୍କ ଅଗ୍ରଜ ରୂପ ଓ ପ୍ରଣୟର ଚିତ୍ରକର କବି ରାଧାନାଥଙ୍କ କାବ୍ୟରେ ଏହି ଆଦର୍ଶ ନିଷ୍ଠା, ଉତ୍କଳୀୟ ପରମ୍ପରା ପ୍ରତି ଉପେକ୍ଷାକୁ ଏହି "ରାମଚଣ୍ଡୀଠାରେ ରତି"ରେ ଉଲ୍ଲେଖ କରିଥିଲେ ହେଁ ରାଧାନାଥଙ୍କ କବି ପ୍ରତିଭାର ମହତ୍ତ୍ୱକୁ ସେ ସର୍ବତୋଭାବେ ସ୍ୱୀକାର କରିଅଛନ୍ତି । ଏହା ପୂର୍ବରୁ ସେ କବି ରାଧାନାଥଙ୍କ ସମ୍ପର୍କରେ ଏକ ଚମତ୍କାର ଆଲୋଚନାତ୍ମକ ପ୍ରବନ୍ଧ ମଧ୍ୟ ରଚନା କରିଥିଲେ ।

କଥାବସ୍ତୁ ଆହରଣରେ କବିଙ୍କର ମୌଳିକତା ଫୁଟିଛି 'ଦାସ ନାୟକ' (୧୯୨୩) ଓ ପ୍ରଣୟିନୀ ( ୧୯୧୯ ) କାବ୍ୟରେ । ଦୁଇଟିଯାକ କାବ୍ୟ ଇଂରାଜୀ କବି ଟେନିସନ୍‌ଙ୍କ 'ଦି ପ୍ରିନସେସ୍' ଓ 'ଏନକ୍ ଆର୍ଡେନ୍' କାବ୍ୟ ଅବଲମ୍ବନରେ ଲିଖିତ ।

ପ୍ରାବନ୍ଧିକ ଭାବେ ମଧ୍ୟ ନୀଳକଣ୍ଠ ଯଶସ୍ୱୀ ଓ ଅନନ୍ୟ । ବିଷୟ ବସ୍ତୁ ଓ ରଚନା ରୀତି ଉଭୟ ଦୃଷ୍ଟିରୁ ତାଙ୍କର ଅନନ୍ୟତା ସ୍ୱୀକାର୍ଯ୍ୟ । ଏକ ଆଞ୍ଚଳିକ କଥିତ ଭାଷାର

Digitized by PPRACHIN, SOA

ବାକ୍ ଭଙ୍ଗୀକୁହିଁ ସେ ପ୍ରବନ୍ଧରେ ପ୍ରତିଷ୍ଠା ଦେଇଛନ୍ତି । କଥିତ ଭାଷାରୁ ଶବ୍ଦ ଚୟନ ବା ନିର୍ବାଚନ କରି ତାହାକୁ ପ୍ରୟୋଗ କରିବାରେ ନୀଳକଣ୍ଠଙ୍କ କୃତିତ୍ୱ ଥିଲା ଅସାଧାରଣ । ତାହାଙ୍କ କାବ୍ୟ କ୍ଷୁଦ୍ର ହେଲେହେଁ ଅତୀବ ଭାବ – ପ୍ରକାଶକ୍ଷମ । ଉଦାହରଣ ସ୍ୱରୂପ ସାହିତ୍ୟର ପରିଚୟ ଦେବାକୁ ଯାଇ ସେ ଏହାକୁ 'ସମାଜ ବିକାଶର ପ୍ରକାଶ' ବୋଲି ଅଭିହିତ କରିଛନ୍ତି ଓ ଏହାର ବୈଶିଷ୍ଟ୍ୟ ରହିଛି 'ଚାହାଣି, ଚଳଣି, ଓ ଚମକରେ' ବୋଲି ସଂକ୍ଷେପରେ ଲେଖିଛନ୍ତି । ହୁଏତ ଏଇ କଥାକୁ ଆମେ ଯଥାକ୍ରମେ 'କବିର ଦୃଷ୍ଟିଭଙ୍ଗି ( ଚାହାଣି ), ସାମାଜିକ ଜୀବନଚିତ୍ର' ( ଚଳଣି ), 'ଅଭିନବତ୍ୱ' ( ଚମକ ) ବୋଲି ସାଧାରଣତଃ କହିଥାଉ । ସେହିପରି ଫକୀର ମୋହନଙ୍କ ଉପନ୍ୟାସ ସମ୍ପର୍କରେ ତାଙ୍କର ଅତ୍ୟନ୍ତ ସଂକ୍ଷିପ୍ତ ଅଭିମତ ହେଉଛି, 'ଏଥିରେ ଗାରିମା ଅଛି ମାତ୍ର ଗ୍ରାମ୍ୟତା ନାହିଁ । ଏ ଗୁଡ଼ିକ ଯେ ଖାଣ୍ଟି ଓଡ଼ିଆ ପ୍ରୟୋଗ ଏହା କହିବା ଅନାବଶ୍ୟକ ।

ବିଷୟ ବସ୍ତୁ ଦୃଷ୍ଟିରୁ ତାହାଙ୍କ ପ୍ରବନ୍ଧମାନଙ୍କୁ ଦାର୍ଶନିକ, ସମାଜ ସମସ୍ୟା ମୂଳକ, ସାହିତ୍ୟ ଆଲୋଚନା ମୂଳକ, ରାଜନୈତିକ ଓ ଆତ୍ମନିଷ୍ଠ ଭେଦରେ ପାଞ୍ଚ ଭାଗରେ ବିଭକ୍ତ କରଯାଇପାରେ । ତାହାଙ୍କ ପ୍ରବନ୍ଧାବଳୀ ଓଡ଼ିଆ ସାହିତ୍ୟ ଆଲୋଚନା କ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ଓ ଆଲୋକ ପ୍ରଦର୍ଶନ କରିଛି, ଗବେଷଣା କ୍ଷେତ୍ରରେ ନୂତନ ପନ୍ଥା ଦର୍ଶାଇଛି । ଭାରତ ତଥା ଓଡ଼ିଶାର ସଂସ୍କୃତି, ଧର୍ମ ଚଳଣିକୁ ଧରି ସାହିତ୍ୟର ମର୍ମୋଦ୍‌ଘାଟନରେ ସେ ଆଲୋଚନାରେ ଏକ ନୂତନ ପରମ୍ପରା ପ୍ରବର୍ତ୍ତନ କରି ଅଛନ୍ତି । ତାହାଙ୍କ 'ଆର୍ଯ୍ୟଜୀବନ' ସଂସ୍କୃତ ଓ ସଂସ୍କୃତି" "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ" ପ୍ରଭୃତି ପୁସ୍ତକ ତାହାର ପ୍ରକୃଷ୍ଟ ନିଦର୍ଶନ । ଲେଖକଙ୍କ ବହୁ ବିଷୟକ ଜ୍ଞାନ ଓ ଗଭୀର ପାଣ୍ଡିତ୍ୟର ଯେ ଏହା ପରିଣାମ ଏଥିରେ ସନ୍ଦେହର ଅବକାଶ ନାହିଁ ।

ଏତଦ୍ ବ୍ୟତୀତ ତାହାଙ୍କ ପ୍ରବନ୍ଧ ଓ ଗଦ୍ୟ ରଚନାରେ ଯେଉଁ ନିର୍ଭୀକ, ଯୁକ୍ତିନିଷ୍ଠ ବିଚାର ଧାରା ପ୍ରକାଶ ପାଇଛି ତାହା ଯେପରି ବୈପ୍ଳବିକ ସେହିପରି ଆଧୁନିକ । ଏହାର ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଅଭିନବତ୍ୱ ସ୍ୱୀକାର୍ଯ୍ୟ । ସମାଜର ପ୍ରଚଳିତ ଧାରଣା, ବିଶ୍ୱାସ ଓ ବିଚାର ଧାରା ବିରୁଦ୍ଧରେ ଏହା ଯେପରି ଏକ ଚ୍ୟାଲେଞ୍ଜ ବା 'ଯୁଦ୍ଧଂଦେହି' ଆହ୍ୱାନ । ବୟୋବୃଦ୍ଧ ହେଲେହେଁ ଦୃଷ୍ଟିଭଙ୍ଗିରେ ନୀଳକଣ୍ଠ ଯେ ଥିଲେ ଖୁବ୍ ପ୍ରଗତିଶୀଳ ଏହା ତାହାଙ୍କ ପ୍ରବନ୍ଧାବଳୀରୁ ପ୍ରତିପନ୍ନ ହୋଇଥାଏ । ଯୌବନର ସ୍ୱାଭାବିକ ଧର୍ମ, ପ୍ରାଣର ଆବେଗକୁ ସେ ହାର୍ଦ୍ଦିକ ସମର୍ଥନ ଜଣାଇଛନ୍ତି, ତାହାଙ୍କ 'ଯୌବନର ପ୍ରଭାବ ଓ ପ୍ରତିଷ୍ଠା' ପ୍ରବନ୍ଧରେ । ଆମର ସବୁଥିଲା, ଆମେ ସବୁଠୁ ବଡ଼ ଏଭଳି ରକ୍ଷଣଶୀଳ ମନୋଭାବ ବିରୁଦ୍ଧରେ ସେ ଲେଖିଥିଲେ 'ଅଛୁଁ ଓ ହେବୁ' । ସେହିପରି ତାଙ୍କର ଗଞ୍ଜଲ୍ୟ-କାରୀ ପ୍ରବନ୍ଧ 'ମୋ ନିଶ' ରକ୍ଷଣଶୀଳତା ବିରୁଦ୍ଧରେ ଏକ ପ୍ରଚଣ୍ଡ ବିଷୋଦ୍‌ଗାର ।

Digitized by PPRACHIN, SOA

ତାହାଙ୍କର ମାନବବାଦୀ ଶୋଷଣ ବିରୋଧି ଦୃଷ୍ଟିକୋଣ, ମଧ୍ୟ ବହୁ ପ୍ରବନ୍ଧରେ ଉଚ୍ଚାର୍ଣ୍ଣ । ତାହାଙ୍କ ଭାଷାରେ "ଏଇ ଜଗତର ମାନବର ନୀତି ମାନବ ପାଇଁ ଭର୍ଜିତ ହେବ । ମାନବ ଉପରେ ମାନବର ଅତ୍ୟାଚାର ସେ ନୀତିର ଘୋର ପ୍ରତ୍ୟବାୟ ।" ଏହାତ ସାମ୍ୟବାଦର ଆଦର୍ଶ । ଏହି ଦୃଷ୍ଟିରୁ ତାଙ୍କୁ କେହି ସାମ୍ୟବାଦୀ ବିଚାରିପାରନ୍ତି । ନୀଳକଣ୍ଠ ପାରମ୍ପରିକ, ସଂସ୍କାରବଦ୍ଧ ଏକ ରକ୍ଷଣଶୀଳ ଗୋଷ୍ଠୀରେ ଜନ୍ମ ଗ୍ରହଣ କରିଥିଲେ ହେଁ ତାଙ୍କର ବିଚାରଧାରା ଥିଲା ସଂପୂର୍ଣ୍ଣଭାବେ ସଂସ୍କାରମୁକ୍ତ । ବିଚାର ପୂର୍ବକ ପ୍ରାଚୀନ ପରମ୍ପରା ଓ ଚଳଣିକୁ ପରୀକ୍ଷା କରି ଏହାକୁ ଗ୍ରହଣ ବା ତ୍ୟାଗ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଯଥା; ତାଙ୍କର ଉକ୍ତି—"ଘରଟି ଗଢ଼ିବାଠାରୁ ଭାଙ୍ଗିବା ସହଜ । ତେଣୁ ଯଦି ନୂଆଘର ତୋଳିବା ଉଦ୍ଦେଶ୍ୟ ହୁଏ, ତେବେ ସମସ୍ତ ଉପକରଣ ଠିକ୍ କରି ପୁରୁଣା ଘର ଭାଙ୍ଗିବାକୁ ହେବ ଓ ପୁରୁଣା ଘରୁ ଉପଯୁକ୍ତ ଉପକରଣ ଯେତେ ଆୟୋଜନ କରାଯିବ ସେତେ ଅଳ୍ପ ବ୍ୟୟ ଓ ପରିଶ୍ରମରେ କାର୍ଯ୍ୟଟି ସଂପନ୍ନ ହେବ । ଖାଲି ଘରଟି ଭାଙ୍ଗି ପକାଇଲେ ପଡ଼ିଆ ଡ଼ିହରେ ବିଛୁଆତି ଦୁଦୁରା ଉଠିବା ସ୍ୱାଭାବିକ । ସେଥିରେ କାହାରି ହାତ ନାହିଁ । ସମାଜ ମଧ୍ୟ ସେହିପରି ଗୋଟିଏ ଗୃହ । ତେଣୁ ତାକୁ ଭାଙ୍ଗିବା ପୂର୍ବରୁ ଗଢ଼ିବାର ସରଞ୍ଜାମ ବ୍ୟବସ୍ଥା କରି ରଖିବା ଉଚିତ୍ ।"

ନୀଳକଣ୍ଠଙ୍କ ଦୃଷ୍ଟି କୋଣର ସ୍ୱାତନ୍ତ୍ର୍ୟ ପ୍ରକାଶ ପାଇଛି, ଶ୍ରୀ ଜଗନ୍ନାଥ ତତ୍ତ୍ୱର ନୂତନ ଓ ଯୁଗୋପଯୋଗୀ ବ୍ୟାଖ୍ୟାରେ । ଏହାର ଶ୍ରେଷ୍ଠତ୍ୱ ସେ ତାଙ୍କର ବହୁ ପ୍ରବନ୍ଧରେ ପ୍ରତିପାଦନ କରିଯାଇ ଅଛନ୍ତି । ନୀଳକଣ୍ଠଙ୍କ ସ୍ୱଦେଶ ପ୍ରୀତି ଓ ସଂସ୍କୃତି ଚେତନାର ଏହାହିଁ ଥିଲା କେନ୍ଦ୍ର ବିନ୍ଦୁ । ଏହାର ମାଧ୍ୟମରେ ସେ ଦେଶବାସୀଙ୍କ ପ୍ରାଣରେ ଏକ ଗୌରବବୋଧ ଜାଗ୍ରତ କରିବାକୁ ତଥା ସେମାନଙ୍କ ହୀନମନ୍ୟତା ଦୂର କରିବାକୁ ଚାହିଁବା ସଙ୍ଗେ ସଙ୍ଗେ ଏହା ବିଶ୍ୱସଂସ୍କୃତିକୁ ଓଡ଼ିଶାର ସୁମହତ ଦାନ ବୋଲି ପ୍ରତିପାଦନ କରିଯାଇଛନ୍ତି । ନୀଳକଣ୍ଠଙ୍କ ଭାଷାରେ "ଏହି ଜଗନ୍ନାଥ ହେଉଛି, ଓଡ଼ିଆ ସମାଜ, ସଭ୍ୟତା ଓ ସାହିତ୍ୟ ପରମ୍ପରାରେ ବଳିଷ୍ଠତମ ନିଦର୍ଶନ । ଏପରି ଗୋଟିଏ ପରମ୍ପରାର ନିଦର୍ଶନ ପୃଥିବୀରେ ଅନ୍ୟତ୍ର ଥିବାର ମନେହୁଏ ନାହିଁ । ବୈଷ୍ଣବ ଧର୍ମର ବିଗ୍ରହ ଓ ଆବରଣ ଭିତରେ ଓଡ଼ିଆ ପରମ୍ପରାର ପ୍ରାଣ ଏହିଠାରେ ।" × × ×

"ପୃଥିବୀ ଲୋଡ଼େ ସେହି ଶବର ଦେବ ଜଗନ୍ନାଥଙ୍କ ପ୍ରାଣ ପ୍ରତିଷ୍ଠା । ଓଡ଼ିଆ ପରମ୍ପରାର ମାନବ ସମାଜକୁ ଏହି ଦାନଟି ଦେବାର ଅଛି ।"

ସେହିପରି ଭଗବଦ୍ ଗୀତାର ଏକ ନୂତନ ବ୍ୟାଖ୍ୟା ନୀଳକଣ୍ଠ ମନୀଷାର ଅନ୍ୟତମ କୃତି । ଆପଣା କର୍ତ୍ତବ୍ୟର ସୁଷ୍ଠୁ ସଂପାଦନାକୁହିଁ ସେ ଗୀତାଧର୍ମ ବୋଲି

Digitized by PPRACHIN, SOA

ବ୍ୟାଖ୍ୟା କରିଛନ୍ତି । କୌଣସି କୌଣସି ଅନୁଷ୍ଠାନିକ ଧର୍ମାଚରଣରେ ନୀଳକଣ୍ଠ ଅଙ୍ଗାଂଶୀଭ ନଥିଲେ । ଏଣୁ ସେ ଲେଖିଥିଲେ, "ଏ ଦେଶରେ ଧର୍ମର ଅର୍ଥ ଋତ ଅର୍ଥାତ୍ ବିଶ୍ୱ ସଂସାରେ ନିୟମିତ ବା ନିତ୍ୟ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ । ଲୋକ ବ୍ୟବହାରରେ ଯେଉଁ କର୍ତ୍ତବ୍ୟରେ ସମାଜର ସ୍ଥିତି ଠିକ୍ ରହେ ବା ଜନ ସାଧାରଣର ମଙ୍ଗଳ ହୁଏ, ତାହାହିଁ ଧର୍ମ, ଏଥିରେ ଜନ ସମାଜ ଧୃତ ହୋଇ ରହେ ବୋଲି ଏହାର ନାମ ଧର୍ମ ।"

ନୀଳକଣ୍ଠଙ୍କ ଜୀବନ ଥିଲା ଏକ ଉତ୍ସର୍ଗୀକୃତ ଜୀବନ । ଆଜୀବନ ସେ ସମାଜ ଓ ସାହିତ୍ୟକୁ ସୁଦୃଢ଼ ଓ ସୁପୁଷ୍ଟ କରିବାରେ ଆତ୍ମନିୟୋଗ କରିଥିଲେ । ତାହାଙ୍କ ଭାଷାରେ–"ଆମର ନିଜର ସାହିତ୍ୟ ତଥା ସମାଜକୁ ସୁଦୃଢ଼ ସୁପୁଷ୍ଟ କରିବାହିଁ ଆମର ଭାରତ ସେବା ଓ ସେଇ ସୂତ୍ରରେ ବିଶ୍ୱସେବା । ବିଶ୍ୱ ଶୃଙ୍ଖଳାରେ ଓଡ଼ିଆର ନେବାର ଯେପରି ଅଛି, ଦେବାର ମଧ୍ୟ ସେହିପରି ଅଛି । ଆମ ସାହିତ୍ୟ ଓ ସମାଜର ଦୃଢ଼ତା ଓ ଆତ୍ମବତ୍ତା ବିନା ସେହି ନେବା-ଦେବା ସମ୍ଭବ ହେବନାହିଁ । ଭାରତ ସଭ୍ୟତା ଖଣ୍ଡିତ ହେବ । ବିଶ୍ୱ ସଭ୍ୟତା ସେହି ଭାବରେ ଅପୂର୍ଣ୍ଣ ରହିବ ।' ଏହାହିଁ ବୋଧହୁଏ ସ୍ୱାଭିମାନୀ ନୀଳକଣ୍ଠଙ୍କ ଦେଶବାସୀଙ୍କ ପ୍ରତି ଶ୍ରେଷ୍ଠ ଉପଦେଶ । ଏହା ସ୍ମରଣ କରାଇ ଦିଏ ରବୀନ୍ଦ୍ରନାଥଙ୍କ ଉକ୍ତି–

"ପଶ୍ଚିମ ଆଜ ଖୁଲିଆଛେ ଦ୍ୱାର
ସେଥା ହତେ ସବେ ଆନେ ଉପହାର
ଦିବେ ଆର ନିବେ ମିଳିବେ ମେଲାବେ
ଯାବେନା ଫିରେ
ଏଇ ଭାରତେର ମହାମାନବେର
ସାଗର ତୀରେ ।"

Digitized by PPRACHIN, SOA

# ଓଡ଼ିଶା କଂଗ୍ରେସର ପ୍ରଥମ ବିଜୟ

**ସୁରେନ୍ଦ୍ରନାଥ ଦ୍ୱିବେଦୀ**

ଓଡ଼ିଶାରେ ୧୯୩୫ ଭାରତ ଶାସନ ଆଇନ ଅନୁସାରେ ଯେଉଁ ନିର୍ବାଚନ ହେଲା, ସେଥିରେ କଂଗ୍ରେସ ଯେ ଜିତିପାରିବ, ଏଭଳି ଆଶା ଖୁବ୍ କମ୍ ଲୋକ କରିଥିଲେ । ଧନ ନାହିଁ, ସଙ୍ଗଠନ ନାହିଁ, ଅଥଚ ଅନ୍ୟ ପକ୍ଷରେ ଜମିଦାର ଶ୍ରେଣୀ ଓ ଅନ୍ୟ ପ୍ରତିପତ୍ତିଶାଳୀ ବ୍ୟକ୍ତିଙ୍କ ପକ୍ଷରେ ବ୍ରିଟିଶ୍ ସରକାରର ପୂର୍ଣ୍ଣ ସମର୍ଥନ ରହିଥାଏ । ଲୋକଙ୍କ ଭିତରୁ ପୁରା ସରକାରୀ ଭୟ ଭାଙ୍ଗି ନ ଥାଏ । ସେଇଥିପାଇଁ ବହୁ ପ୍ରତିଷ୍ଠିତ କଂଗ୍ରେସ ଲୋକ ନିର୍ବାଚନରେ ପ୍ରାର୍ଥୀ ହେବା ନିମନ୍ତେ ଅନିଚ୍ଛୁକଥିଲେ । ତାହା ଛଡ଼ା କର୍ମୀଶ୍ରେଣୀର ବ୍ୟକ୍ତି ଯେ ନିର୍ବାଚନରେ ଜୟୀହୋଇ ପାରନ୍ତି, ଏପରି ଭରସା ପାଉ ନଥିଲ । କଂଗ୍ରେସ ଲାଗି ପ୍ରାର୍ଥୀ ମିଳିବା ଥିଲା କାଠିକର ପାଠ । ଆମର ନିର୍ବାଚନ ଅତି ସୀମାବଦ୍ଧ—ଏଥରକ ତାହା ଟିକିଏ ବୃଦ୍ଧି ପାଇଥିଲା । ବାରଅଣା ଚୌକିଦାର ଟିକସ ଦେଉଥିବା ଓ ମାଟ୍ରିକ୍‌ପାସ୍ କରୁଥିବା ବ୍ୟକ୍ତିମାନେ ଭୋଟାଧିକାର ପାଇଲେ । ୧୯୩୫-୩୬ବେଳକୁ ଓଡ଼ିଶାରେ ମାଟ୍ରିକ୍ ପାସ୍ କରିଥିବା ଲୋକେ ମୁଷ୍ଟିମେୟ ଏବଂ ବାରଅଣା ଚୌକିଦାର ଟିକସ୍ ଦେଉଥିବା ଲୋକଙ୍କ ଦୃଷ୍ଟିରେ ଥିଲେ ସଙ୍ଗତି ସମ୍ପନ୍ନ ବ୍ୟକ୍ତି । ସେମାନେ କେତେଦୂର ସରକାର ଭୟ ଭାଙ୍ଗି କଂଗ୍ରେସକୁ ଭୋଟ ଦେବେ, ଏ ବିଷୟରେ ସନ୍ଦେହ ପ୍ରକାଶ ପାଉଥିଲା ।

କଂଗ୍ରେସ ତାର ନିର୍ବାଚନ ଇସ୍ତାହାରରେ କିଛି ଅର୍ଥନୀତିକ କାର୍ଯ୍ୟକ୍ରମର ସୂଚନା ଦେଇଥିଲା । ଆମେ ଓଡ଼ିଶାର ସୋସାଲିଷ୍ଟମାନେ କୃଷି ଅର୍ଥନୀତି ଓ ଜମିଦାରୀ ଉଚ୍ଛେଦ ଆଦି ବିଷୟରେ ନିଖିଳ ଭାରତ ଇସ୍ତାହାରରେ ଯାହାଥିଲା, ତାହାଠାରୁ ଅଗ୍ରଗାମୀ ବ୍ୟବସ୍ଥାମାନ ରଖାଇ ପାରିଥିଲୁ । ମାତ୍ର ଅନ୍ୟ କୌଣସି ସଙ୍ଗଠନ ରାଜନୀତିକ ଦଳ ନିର୍ବାଚନ ନ ଲଢ଼ୁଥିବା ବେଳେ ଇସ୍ତାହାର ଆଦିର ଭଲ ମନ୍ଦ କେଉଁଠି ଆଲୋଚନା ହେବାର ନ ଥିଲା । ମୋଟ କଥା ହେଲା ଦେଶବାସୀ ଇଂରେଜ ପଟକୁ ପରାସ୍ତ କରିବେକି ନାହିଁ । ନିର୍ବାଚନ ଲଢ଼ାଇ ଥିଲା ମୋଟାମୋଟି ରାଜନୀତିକ । ଆମେ ସବୁ ଏହି ନିର୍ବାଚନ ଲାଗି ନବକୃଷ୍ଣ ଚୌଧୁରୀଙ୍କ ପାଇଁ ପୂର୍ବ କଟକ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟ

Digitized by PPRACHIN, SOA

କରୁଥିଲୁ । ସମାଜବାଦ ବିରୁଦ୍ଧରେ ଏତେ ପ୍ରବଳ ପ୍ରଚାର ହେଲା ଯେ ଲୋକେ ସେଥିରେ ବହୁତ ପ୍ରଭାବିତ ହୋଇଥିଲେ । ଏପରିକି ଲୋକେ ଆସି ଆମକୁ ଅନୁରୋଧ କରୁଥିଲେ ତାଙ୍କ ଗ୍ରାମରେ ଯାଇ ସଭା କରିବାକୁ—ତାହା ହେଲେ ଅନ୍ୟ ବହୁଲୋକ ସେଥିରେ ଯୋଗଦେବେ । ମଜାର କଥା ହେଉଛି ଆମମାନଙ୍କୁ ସେମାନଙ୍କ ଗାଁକୁ ଡ଼ାକିଲାବେଳେ ଲୋକେ କହୁଥିଲେ—ଆଜ୍ଞା! ଆମ ଗାଁ ପୂରାପୂରି ଆମ କଂଗ୍ରେସ ପଟକୁ ଆଉଜିଲେଣି, କେବଳ ୨/୪ଟା ସାମ୍ରାଜ୍ୟବାଦୀଙ୍କି ଛାଡ଼ିଦେଲେ ବାକି ସମସ୍ତେ ଆମ ପଟରେ ଅଛନ୍ତି । ଅର୍ଥାତ୍ ନିର୍ବାଚନ ବେଳେ ଯେଉଁମାନେ କଂଗ୍ରେସର ବିରୋଧ କରୁଥିଲେ, ସେମାନଙ୍କୁ ଲୋକେ ସମ୍ରାଜ୍ୟବାଦୀ ବୋଲି କହୁଥିଲେ ।

ଏପରି ପ୍ରତିକୂଳ ପରିସ୍ଥିତିକୁ ପରୁଆ ନ କରି ନୀଳକଣ୍ଠ ଦାସ ଅଦମ୍ୟ ଉତ୍ସାହରେ କଂଗ୍ରେସ ନିର୍ବାଚନ ଲାଗି ପ୍ରସ୍ତୁତ ହୋଇଗଲେ । 'ଲୋକମତ' ବୋଲି ଏକ ସାପ୍ତାହିକ ସମ୍ବାଦ ପତ୍ର ବାହାର କଲେ ଏବଂ ସାରା ପ୍ରଦେଶରେ ଘୁରିଲେ କଂଗ୍ରେସ ପ୍ରାର୍ଥୀ ସଂଗ୍ରହ ଉଦ୍ଦେଶ୍ୟରେ । ଅନେକ ପୁରୁଣା କଂଗ୍ରେସ ଲୋକଙ୍କ ପାଖକୁ ଗଲେ ଏବଂ ବାହାର ଲୋକଙ୍କୁ ମଧ୍ୟ ପ୍ରଭାବିତ କଲେ । ବେଶି ସଂଖ୍ୟାରେ ୧୯୨୦ ବେଳର କଂଗ୍ରେସ ପ୍ରତି ସହାନୁଭୂତି ରହିଥିବା ଓକିଲ ଓ ଅନ୍ୟ ପଦସ୍ଥ ବ୍ୟକ୍ତିଙ୍କୁ ସେ ଟାଣିଆଣି ପାରିଥିଲେ । କୋରାପୁଟ ପରି ଜିଲ୍ଲା ଏକ ପ୍ରକାର ଅଗମ୍ୟ ଥିଲା । ରାଧାକୃଷ୍ଣ ବିଶ୍ୱାସରାୟଙ୍କ ବ୍ୟତୀତ ସେଠାରେ ବିଶେଷ କେହି ରାଜନୀତିକ କ୍ଷେତ୍ରରେ ପରିଚିତ ନଥିଲେ ଏବଂ ଜୟପୁର ମହାରାଜାଙ୍କ ପ୍ରତିପତ୍ତି ବିରୁଦ୍ଧରେ ପ୍ରାର୍ଥୀ ହେବାକୁ କେହି ଆଗ୍ରହୀ ନଥିଲେ । ନୀଳକଣ୍ଠ ବାବୁଙ୍କ ପ୍ରଚେଷ୍ଟାରେ ସଦାଶିବ ତ୍ରିପାଠୀ ଟ୍ରେନିଂ ସ୍କୁଲର ଶିକ୍ଷକତା ଛାଡ଼ିଲେ । କୋରାପୁଟର ୩ଟି ସ୍ଥାନ ଭିତରୁ ରାଧାକୃଷ୍ଣ ବିଶ୍ୱାସରାୟଙ୍କ ବ୍ୟତୀତ ସଦାଶିବ ତ୍ରିପାଠୀ ଓ ରାଧାମୋହନ ସାହୁ ଦୁଇଜଣ ନୂଆ ଲୋକଙ୍କୁ ବାହାର କଲେ । ଏ ତିନିଜଣ ଯାକ ବିଜୟ ଲଭିଲେ । ରାଧାକୃଷ୍ଣ ବିଶ୍ୱାସରାୟ କିଛିଦିନ ମନ୍ତ୍ରୀ ହୋଇଥିଲେ ଏବଂ ସଦାଶିବ ତ୍ରିପାଠୀ ବହୁବର୍ଷ ମନ୍ତ୍ରୀ ଓ ପରେ ମୁଖ୍ୟମନ୍ତ୍ରୀ ମଧ୍ୟ ହୋଇଥିଲେ । କଂଗ୍ରେସ ନାମରେ ପ୍ରାର୍ଥୀ ହେବାଲାଗି ଲୋକଙ୍କର ଏପରି ଅନିଚ୍ଛା ଥିଲା ଯେ ବହୁ କଷ୍ଟରେ ୬୦ ସଭ୍ୟ ବିଶିଷ୍ଟ ଓଡ଼ିଶା ଆସେମ୍ବ୍ଲି ଲାଗି କଂଗ୍ରେସ ମୋଟେ ୩୭ ଜଣ ପ୍ରାର୍ଥୀ ଛିଡ଼ା କରାଇ ପାରିଥିଲା । ଆଜିକାଲି କଂଗ୍ରେସ ପ୍ରାର୍ଥୀ ହେଲେ ଯେପରି ଅଜସ୍ର ଅର୍ଥର ଯୋଗାଡ଼ ହୋଇ ପାରୁଛି, ସେତେବେଳେ ତାହା ସ୍ୱପ୍ନ ଥିଲା । ଟଙ୍କା ମିଳିବା ଦୂରେ ଥାଉ, ନିଜ ହାତରୁ ଜମି ଜାୟାଦ୍ ବିକି ଖର୍ଚ୍ଚ ତୁଲାଇବାକୁ ପଡୁଥିଲା । କେନ୍ଦ୍ରରୁ ମଧ୍ୟ ସେପରି ବିଶେଷ ଆର୍ଥିକ ସାହାଯ୍ୟ ମିଳି ନଥିଲା ।

Digitized by PPRACHIN, SOA

ସେତେବେଳେ ଭୁଲାଭାଇ ଦେଶାଇ କେନ୍ଦ୍ର ଆସେମ୍ବ୍ଲିରେ କଂଗ୍ରେସ ଦଳର ନେତା ଥାଆନ୍ତି । ନୀଳକଣ୍ଠବାବୁ ଥିଲେ ତହିଁର ମେମ୍ବର । ସେ ଓଡ଼ିଶା ପାଇଁ ନୀଳକଣ୍ଠ ବାବୁଙ୍କ ହାତରେ ମାତ୍ର ଆଠହଜାର ଟଙ୍କା ଦେଇଥିଲେ । ସେଇଥିରେ ସାରା ପ୍ରଦେଶର ନିର୍ବାଚନ ପରିଚାଳନା କରାଯାଇଥିଲା । ଅଳ୍ପ କିଛି କିଛି ଅର୍ଥ ସାହାଯ୍ୟ କଂଗ୍ରେସ ପ୍ରାର୍ଥୀ ମାନଙ୍କୁ ଦିଆଯାଇଥିଲା । ମୋର ଯେତେଦୂର ସ୍ମରଣ ହେଉଛି ନବବାବୁଙ୍କୁ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ସକାଶେ ମାତ୍ର ୩୦୦ ଟଙ୍କା ମିଳିଥିଲା । ସେଇଥିରେ ଆମେମାନେ ସେ ନିର୍ବାଚନ ମଣ୍ଡଳୀର ସମସ୍ତ କାର୍ଯ୍ୟ ସଂପାଦନ କରିଥିଲୁ ।

ଏହି ନିର୍ବାଚନରେ ପ୍ରକୃତରେ ପ୍ରମାଣିତ ହେଲା ଲୋକେ କିପରି ବ୍ରିଟିଶ ବିରୋଧୀ । ସରକାରୀ ଜମିଦାରଙ୍କର ଚକ୍ରାନ୍ତ ପଣ୍ଡ ହେଲା । ଖିରିପୁରି ପିଠା କାମ କଲାନାହିଁ । ୩୭ ସ୍ଥାନରୁ କଂଗ୍ରେସ ୩୬ଟି ସ୍ଥାନ ପାଇପାରିଲା । ସାରା ଭାରତରେ ଓଡ଼ିଶାରେ କଂଗ୍ରେସର ପ୍ରଥମ ବିଜୟ ହେଲା ଏବଂ ଅନ୍ୟ ପ୍ରଦେଶର ଫଳ ବାହାରିବା ପୂର୍ବରୁ ସର୍ବପ୍ରଥମେ ଏହା ପ୍ରକାଶ ପାଇଲା । ତେଣୁ ଭାରତ ରାଜନୀତିରେ ଓଡ଼ିଶା ଗୌରବମୟ ସ୍ଥାନ ଲାଭକଲା ।

(ସପ୍ତାହିକ ଅଭିମତ)

ବିଜ୍ଞାନର ଗବେଷଣା, ଦର୍ଶନ ଗରବ,
ଅତଳ ବାରିଧି ଲେଡ଼ି କରେ ପରିମାଣ;
ଗଣିପାରେ ସିକତାର ଅନଂତ କଣିକା;
ସହସ୍ର–ଦୀଧିତି–କର କଳିପାରେ ହେଳେ;

କିଂତୁ ହେ ପରମ ଦେବ !
ଅଗମ୍ୟ ମହିମା ତବ

କି ଦର୍ଶନେ ଭେଦିବ ସେ କିବା ଆଇଂବନେ ?
କାହିଁତବ ମାନଦଂଡ଼ ଏ ତିନି ଭୁବନେ ?

(ନୀଳକଂଠ–ଭକ୍ତିଗାଥା)

Digitized by PPRACHIN, SOA

# ଓଡ଼ିଶା ପ୍ରଦେଶ ଗଠନରେ ପଣ୍ଡିତ ନୀଳକଣ୍ଠଙ୍କ ଭୂମିକା

ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ

ପଣ୍ଡିତ ନୀଳକଣ୍ଠ ଏକାଧାରରେ ଜଣେ ବିଶିଷ୍ଟ ଦେଶସେବୀ, ସାହିତ୍ୟିକ ଓ ବିଚକ୍ଷଣ ରାଜନୀତିଜ୍ଞ ଭାବରେ ସୁପରିଚିତ । ତା'ଛଡ଼ା ତାଙ୍କର ଥିଲା ବିରାଟ ବ୍ୟକ୍ତିତ୍ୱ ଏବଂ ସେ ଥିଲେ ଏକ ପ୍ରକାଣ୍ଡ ଅନୁଷ୍ଠାନ ଓ ଜଣେ ସମର୍ଥ ସ୍ରଷ୍ଟା । ଜୀବନର ପ୍ରାରମ୍ଭରେ ପଣ୍ଡିତ ଗୋପବନ୍ଧୁଙ୍କ ସହିତ ଦେଶ ସେବାର ସଙ୍କଳ୍ପ ନେଇ ସତ୍ୟବାଦୀରେ ଯେଉଁ ବନ ବିଦ୍ୟାଳୟ ସ୍ଥାପନ କରିଥିଲେ, ତାର ଲକ୍ଷ୍ୟ ଥିଲା 'ମଣିଷ' ତିଆରି କରିବା, କାରଣ ସେମାନେ ବୁଝିଥିଲେ ଦେଶର ଉନ୍ନତି ପାଇଁ ଏହା ସର୍ବପ୍ରଥମେ ଦରକାର । ବନବିଦ୍ୟାଳୟର ପ୍ରଧାନଶିକ୍ଷକ ରୂପେ ଦୀର୍ଘ ୭ ବର୍ଷ ମଧ୍ୟରେ ସତ୍ୟବାଦୀରୁ ସେ ଯେଉଁ ମଣିଷ ସବୁ ସୃଷ୍ଟି କରି ଯାଇଥିଲେ, ସେମାନେ ଏବେ ମଧ୍ୟ ସମାଜରେ ବାରି ହୋଇ ପଡ଼ନ୍ତି ।

ନୀଳକଣ୍ଠ ପୁରୀ ଜିଲ୍ଲା ସ୍କୁଲ ଛାତ୍ର ଥିଲାବେଳୁ ଉତ୍କଳ ସମ୍ମିଳନୀ ସହିତ ସଂପୃକ୍ତ ଥିଲେ । ୧୯୦୩ ମସିହା ଡ଼ିସେମ୍ବରରେ କଟକଠାରେ ହୋଇଥିବା ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଜଣେ ଦର୍ଶକ ଭାବରେ ଯୋଗ ଦେଇଥିଲେ । ତାର ଅଳ୍ପଦିନ ପରେ ପୁରୀଠାରେ ମଧୁବାବୁଙ୍କର ବିରାଟ ସମ୍ମିଳନୀ ସଭାରେ "ବିଦେଶୀ ବର୍ଜନ ଓ ସ୍ୱଦେଶୀ ବ୍ୟବହାର"ର ପ୍ରତିଜ୍ଞା ପତ୍ରରେ ପ୍ରବଳ ପରାକ୍ରମୀ ଇଂରେଜ ଶାସନ ଓ ଦୃପ୍ତ ପୋଲିସଙ୍କ ଭୟରେ କେହି ଦସ୍ତଖତ ଦେଉ ନଥିବା ବେଳେ ନୀଳକଣ୍ଠ ଏସବୁ ପ୍ରତି ଖାତିର ନକରି ପ୍ରଥମେ ଦସ୍ତଖତ ଦେଲେ । ସେ ଏହାଦ୍ୱାରା ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନଙ୍କ ସୁନଜରରେ ଆସିଲେ । ଏହା ପରେ ସତ୍ୟବାଦୀ ସ୍କୁଲ ଛାତ୍ରମାନଙ୍କୁ ନେଇ ନୀଳକଣ୍ଠ କଟକରେ ଉତ୍କଳ ସମ୍ମିଳନୀର ଅଧିବେଶନ ସୁଶୃଙ୍ଖଳିତ ଭାବରେ ପରିଚାଳନା କରିବାରେ ଯେଉଁ ସାହାଯ୍ୟ ଦେଇଥିଲେ, ମଧୁବାବୁ ତାଙ୍କର ସେ କାର୍ଯ୍ୟଦକ୍ଷତାରେ ବିଶେଷ ମୁଗ୍ଧ ହୋଇ ପଡ଼ିଥିଲେ । ପରେ ୧୯୧୭ ମସିହା ପୁରୀ ସମ୍ମିଳନୀରେ ମଧୁବାବୁ ପଣ୍ଡିତ ଗୋପବନ୍ଧୁ ଓ ପଣ୍ଡିତ ନୀଳକଣ୍ଠଙ୍କ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ ।

Digitized by PPRACHIN, SOA

୧୯୧୭ ମସିହାରେ ପଣ୍ଡିତ ନୀଳକଣ୍ଠ ଉତ୍କଳ ସମ୍ମିଳନୀର ମଞ୍ଜୁଷା ଅଧିବେଶନରେ ସଭାପତିତ୍ୱ କରି ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ଦାବୀକୁ ଆହୁରି ଦୃଢ଼ୀଭୂତ କରିଥିଲେ । ଏତେବେଳେ ସତ୍ୟବାଦୀ ସ୍କୁଲର ହେଡ଼ମାଷ୍ଟର ଥିଲେ ହେଁ ବସ୍ତୁତଃ ପଣ୍ଡିତ ନୀଳକଣ୍ଠ ଉତ୍କଳ ସମ୍ମିଳନୀର ଦେଶମିଶ୍ରଣ ସମେତ ସମସ୍ତ କାର୍ଯ୍ୟରେ ସାହାଯ୍ୟ କରୁଥିଲେ ।

୧୯୨୭ ମସିହା ଫେବୃୟାରୀ ୮ ତାରିଖ ଓଡ଼ିଶାବାସୀଙ୍କ ପକ୍ଷରେ ଏକ ସ୍ମରଣୀୟ ଦିବସ । ଏ ଦିନ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ପଣ୍ଡିତ ନୀଳକଣ୍ଠ ଗୋଟିଏ ପ୍ରସ୍ତାବ ଆକାରରେ ଦାବୀ ଉପସ୍ଥାପନ କରିଥିଲେ ଓ ବିଧିବଦ୍ଧ ଭାବରେ ଏହାର ଅନୁଧ୍ୟାନ କରିବାରେ ଲାଗି ରହିଥିଲେ । ଏହା ସପକ୍ଷରେ ବ୍ୟବସ୍ଥାସଭାରେ ବଳିଷ୍ଠ ଯୁକ୍ତିମାନ ଦର୍ଶାଇବା ବ୍ୟତୀତ ବମ୍ବେ ଦିଲ୍ଲୀ ଓ ମାନ୍ଦ୍ରାଜର ପତ୍ରପତ୍ରିକାମାନଙ୍କରେ ଏ ସମ୍ପର୍କୀୟ ବହୁ ତଥ୍ୟ ମୂଳକ ପ୍ରବନ୍ଧ ପ୍ରକାଶ କରାଇ ସେ ସରକାରଙ୍କ ଉପରେ ଏଥିପାଇଁ ଯଥେଷ୍ଟ ଚାପ ପକାଇଥିଲେ ।

ପଣ୍ଡିତ ଗୋପବନ୍ଧୁ ନୀଳକଣ୍ଠଙ୍କର ଏ କାର୍ଯ୍ୟକୁ ଏପରି ଗର୍ବ ଓ ଗୌରବର ସହିତ ଗ୍ରହଣ କରୁଥିଲେ ଯେ ନୀଳକଣ୍ଠଙ୍କର କେନ୍ଦ୍ର ଆସେମ୍ବ୍ଲିରେ ଉପରୋକ୍ତ ପ୍ରସ୍ତାବ ଉପରେ କଲିକତାର ଷ୍ଟେଟ୍ସମ୍ୟାନ ପତ୍ରିକା ଯେଉଁ ଅଗ୍ରଲେଖା ବାହାର କରିଥିଲା ତାକୁ ଦେଖାଇ ପଣ୍ଡିତ ଗୋପବନ୍ଧୁ କଟକ ସହରଯାକ ବୁଲି ବୁଲି ଏ କଥା ପ୍ରଚାର କରୁଥିଲେ । ଏ ସବୁର ଫଳ ସ୍ୱରୂପ ୧୯୨୯ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ବିଷୟ ଭାରତ ସରକାରଙ୍କ କ୍ୟାବିନେଟ୍‌ରେ ବିଚାର ହେଲା ଓ ୧୯୩୧ ମସିହାରେ ବିଷୟଟିର ସମାଧାନ ପାଇଁ ଓଡ଼ନେଲ କମିଟି ଗଠିତ ହେଲା । ପଣ୍ଡିତ ନୀଳକଣ୍ଠ ଏ କମିଟିକୁ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ଭାବରେ ଗୋଟିଏ ଦୀର୍ଘ ସ୍ମାରକ ପତ୍ର ( Memorandum ) ଦେଇଥିଲେ । ମାତ୍ର କଂଗ୍ରେସର ଆଞ୍ଚଳିକ ଅଧ୍ୟକ୍ଷ ଭାବରେ ଡ଼ଃ ରାଜେନ୍ଦ୍ରପ୍ରସାଦ ଉକ୍ତ କମିଟିକୁ ବର୍ଜନ କରିବା ନିମନ୍ତେ ଆଦେଶ ଦେବା ହେତୁ ପଣ୍ଡିତ ନୀଳକଣ୍ଠ କମିଟି ଆଗରେ ଏଥିପାଇଁ ସାକ୍ଷ୍ୟ ଦେଇପାରି ନଥିଲେ । ତଥାପି ସେତେବେଳେ ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ଆସେମ୍ବ୍ଲିର ବିରୋଧୀ ( କଂଗ୍ରେସ ) ଦଳ ସେକ୍ରେଟାରୀ, ତାଙ୍କୁ ବାଦ ଦେଇ ସରକାର ଏ ବିଷୟରେ କୌଣସି ଏକ ନିଷ୍ପତ୍ତି ନେବାକୁ ସାହସ କରି ନ ଥିଲେ । ସରକାରଙ୍କର ଇଚ୍ଛା ଥିଲା ଓଡ଼ିଆ ଭାଷାଭାଷୀ ବିଚ୍ଛିନ୍ନ ଅଞ୍ଚଳକୁ ଏକତ୍ର କରି ଗୋଟିଏ ଉପପ୍ରଦେଶ ଗଠନ କରାଇ ବିଷୟଟିର ସମାଧାନ କରାଇନେବା । ଏ ପ୍ରସ୍ତାବରେ ନୀଳକଣ୍ଠଙ୍କୁ ରାଜି କରାଇବା ନିମନ୍ତେ

Digitized by PPRACHIN, SOA

ଭାରତ ସରକାରଙ୍କ ଅର୍ଥ ସଚିବ ମୁଡ଼ିମାନ ସାହେବ ନୀଳକଣ୍ଠଙ୍କ ବସାକୁ ଆସି ତାଙ୍କ ସହିତ ବାରମ୍ବାର ଆଲୋଚନା କରିଥିଲେ । ଶେଷରେ ସେ ନୀଳକଣ୍ଠଙ୍କୁ "ସାର୍" ଉପାଧି ଦିଆଯିବାର ପ୍ରଲୋଭନ ମଧ୍ୟ ଦେଖାଇଥିଲେ । ପଣ୍ଡିତଜୀ ତାଙ୍କୁ You have come to a wrong door କହି ଫେରାଇ ଦେବା ପରେ ସରକାରଙ୍କର ଓଡ଼ିଶାକୁ ଉପପ୍ରଦେଶ କରାଇବା ଚେଷ୍ଟା ବିଫଳ ହେଲା ଓ ଏହାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରାଯିବା ବିଷୟରେ ସରକାର ଘୋଷଣା କରିବାକୁ ବାଧ୍ୟ ହେଲେ । ପରିଶେଷରେ ଓଡ଼ିଶାକୁ ବାର୍ଷିକ ମାତ୍ର ୪୦ ଲକ୍ଷ ଟଙ୍କା ଦେବା ସର୍ତ୍ତରେ ପଣ୍ଡିତଜୀଙ୍କୁ ରାଜି କରାଇ ଓଡ଼ନେଲ କମିଟିଙ୍କ ରିପୋର୍ଟ ଚୂଡ଼ାନ୍ତ କରାଇଲେ । ଏ ସଂପର୍କରେ ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି– "୧୯୨୯ ମସିହାରେ ବୋଧହୁଏ କ୍ୟାବିନେଟ୍‌ରେ ବିଚାର କରି ମୁଡ଼ିମାନ ସାହେବ ମୋ ସଙ୍ଗେ ଉପପ୍ରଦେଶ ପାଇଁ ପତ୍ରାଳାପ କରିଥିଲେ ଓ ସେଇ ଆଲୋଚନା ଫଳରେ ଭାରତ ସରକାରଙ୍କର ଅର୍ଥମନ୍ତ୍ରୀ ମତେ କହିଲେ ଯେ, ଓଡ଼ିଶା କେନ୍ଦ୍ର ସରକାରଙ୍କ ଠାରୁ ବର୍ଷକୁ ୪୦ ଲକ୍ଷ ଟଙ୍କା ପାଇ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେଉ, ଏଇ ସର୍ତ୍ତରେ ସେ ମୋତେ ଓଡ଼ିଶା ପ୍ରଦେଶ ଗଢ଼ିବାକୁ ରାଜି ହେବାପାଇଁ ପ୍ରବର୍ତ୍ତାଇ ଥିଲେ । ମାତ୍ର ଓଡ଼ିଶାର ଉନ୍ନତି ପାଇଁ ବର୍ଷକୁ ୮୦ ଲକ୍ଷ ଟଙ୍କା ଦିଅନ୍ତୁ ବୋଲି ମୁଁ ଜିଦ୍ ଧରିଥିଲି । କିନ୍ତୁ ଭୁବନାନନ୍ଦ ବାବୁ ମଧ୍ୟ ଆସେମ୍ବ୍ଲି ଭିତରେ ବହୁତ ମତାଇଲେ ଏବଂ ଏଇ ସର୍ତ୍ତରେ ରାଜି ହେବା ପାଇଁ କହିଲେ । ମୁଁ ବାଧ୍ୟ ହୋଇ ଅର୍ଥ ସଚିବଙ୍କ ଆଗରେ ହଁ କଲି । ଏ ୧୯୩୩–୩୪ ସାଲର କଥା । ସେଥିରେହିଁ ଓଡ଼ନେଲ କମିଟି ରିପୋର୍ଟ ଅନୁସାରେ ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ସଙ୍ଗେ ଜୟପୁରକୁ ମିଶାଇ ଓଡ଼ିଶା ପ୍ରଦେଶ ଗଢ଼ା ହେବାର ଇଂରେଜ ସରକାର ସ୍ଥିର କଲେ । ୧୯୩୬ ମସିହା ଏପ୍ରିଲ ପହିଲରେ ତାହା କାର୍ଯ୍ୟକାରୀ ହେଲା ।" ( ଆତ୍ମଜୀବନୀ ୨୯୬–୨୯୭ ପୃଷ୍ଠା )

ଓଡ଼ିଶା ପ୍ରଦେଶ ଗଠନ ପରେ ଶିକ୍ଷାର ପ୍ରସାର ଲାଗି ନୀଳକଣ୍ଠ ଉତ୍କଳ ବିଶ୍ୱବିଦ୍ୟାଳୟର ପରିକଳ୍ପନା କଲେ ଏବଂ ରାଜ୍ୟର ତତ୍କାଳୀନ ପାରଳା ସରକାରଙ୍କ ଅର୍ଥାଭାବର ଦୁହାଇ ସହିତ ଦୃଢ଼ ମୁକାବିଲା କରି ନାନା ବଳିଷ୍ଠ ଯୁକ୍ତି ସାହାଯ୍ୟରେ ଏହା ଅବଶ୍ୟ କରଣୀୟ ବୋଲି ପ୍ରତିପାଦନ କଲେ । ଶେଷରେ ୧୯୪୩ ମସିହାର ମନ୍ତ୍ରୀମଣ୍ଡଳର ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶଙ୍କ ଦ୍ୱାରା ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଇଲେ ।

ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଉଦ୍ୟମ କରିଥିବା ନେତୃବର୍ଗଙ୍କ ମଧ୍ୟରୁ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ ଓଡ଼ିଶା ପ୍ରଦେଶ ଗଠନ ବେଳକୁ

Digitized by PPRACHIN, SOA

ଇହଧାମରେ ନ ଥିଲେ । ସ୍ୱତନ୍ତ୍ର ପ୍ରଦେଶ ଗଠନର ଅନ୍ୟତମ ପ୍ରଧାନ ସହଯୋଗୀ ପାରଳା ଖେମୁଣ୍ଡି ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କୁ ପଣ୍ଡିତ ନୀଳକଣ୍ଠ ୧୯୪୩ ମସିହାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ପଣ୍ଡିତ ଗୋଦାବରୀଶଙ୍କୁ ଶିକ୍ଷାମନ୍ତ୍ରୀ ପଦରେ ଅଧିଷ୍ଠିତ କରାଇ ସେମାନଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରି ଯାଇଛନ୍ତି ।

ଏହି ଦେଶପ୍ରାଣ ଜନନେତାଙ୍କ ସହିତ ଓଡ଼ିଶା ପ୍ରଦେଶର ଅନ୍ୟତମ ସ୍ରଷ୍ଟା ରୂପେ ପଣ୍ଡିତ ନୀଳକଣ୍ଠ ଓଡ଼ିଶାବାସୀଙ୍କର ଚିର ନମସ୍ୟ ହୋଇ ରହିଥିବେ ।

# ଓଡ଼ିଶା ଓ ନୀଳକଂଠଙ୍କ ପ୍ରତି ସୁଭାଷଚନ୍ଦ୍ରଙ୍କ ଅନୁରକ୍ତି

ଶ୍ରୀ ତ୍ରିବିକ୍ରମ ମିଶ୍ର

ନେତାଜୀ ସୁଭାଷଚନ୍ଦ୍ରଙ୍କ ବିଷୟରେ ଜଣେ ଲେଖକ ଲେଖିଛନ୍ତି, "ଯଦି ନେତାଜୀଙ୍କୁ ପ୍ରଶ୍ନ କରଯାଇଥାନ୍ତା, ତାଙ୍କ ଜନ୍ମଭୂମି ଓଡ଼ିଶା ଅଥବା ବଙ୍ଗଳା, ସେ କେଉଁ ପରିସ୍ଥିତିରେ ପହଞ୍ଚିଥାନ୍ତେ ।" ନେତାଜୀ ଥରେ ଭାବାବେଶରେ କହିଥିଲେ, "କଟକ ପୃଥିବୀରେ ଏପରି ଏକ ସହର ଯେଉଁଠି ଶିଶୁ ଓ କିଶୋର ପ୍ରାଣ ଉତ୍ତମ ହୋଇ ଗଢିଉଠେ ।" ସୁଭାଷଚନ୍ଦ୍ର ନିଜେ କେବଳ କଟକରେ ଜନ୍ମଗ୍ରହଣ କରି ନଥିଲେ, ତାଙ୍କ ପିତା ଶ୍ରୀଯୁକ୍ତ ଜାନକୀନାଥ ବୋଷ କଟକର ଜଣେ ନାମଜାଦା ଓକିଲ ଥିଲେ ଏବଂ ସେ ସତ୍ୟବାଦୀ ସ୍କୁଲ ଓ ଏହାର କର୍ମକର୍ତ୍ତାଙ୍କ ସହିତ ବିଶେଷ ଭାବରେ ସଂପୃକ୍ତ ଥିଲେ । ତେଣୁ ସୁଭାଷ କୈଶୋରରୁ ସତ୍ୟବାଦୀର ସାଧକମାନଙ୍କ ସମ୍ବନ୍ଧରେ ଉଚ୍ଚ ଧାରଣା ପୋଷଣ କରିବା ସ୍ୱାଭାବିକ । ସେତେବେଳକୁ ପୁଣି କଟକରେ ଗୋପବନ୍ଧୁ, ନୀଳକଣ୍ଠ, ହରିହର ପ୍ରଭୃତି 'କର୍ତ୍ତବ୍ୟ ବୋଧିନୀ' ସମାଜ କରିଥାରେ ଓ ରୋଗୀ ସେବା ତଥା ଶବସଂସ୍କାର, ବନ୍ୟା ସାହାଯ୍ୟ ପ୍ରଭୃତି ଜନ ହିତକର କାର୍ଯ୍ୟ କରି ସୁନାମ ଅର୍ଜିଥିଲେ–

Digitized by PPRACHIN, SOA

ଏଥିଲାଗି ସୁଭାଷ ସତ୍ୟବାଦୀ ଦଳଙ୍କ ପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲେ । ମନେହୁଏ, ଏହା ସୁଭାଷଙ୍କୁ ଉତ୍ତମ ନାଗରୀକ ରୂପେ ଗଢ଼ି ତୋଳିବାର ଏକ ଉତ୍କୃଷ୍ଟ ବାତାବରଣ ସୃଷ୍ଟି କରିଥିଲା । ତା'ବ୍ୟତୀତ ସୁଭାଷ କଟକରେ ମାଟ୍ରିକ ପଢ଼ିବାବେଳେ କ୍ଲାସରେ ପ୍ରଥମ ସ୍ଥାନ ଅଧିକାର କରୁଥିଲେ । ଏ ସବୁ କାରଣହିଁ ତାଙ୍କର ଉପରୋକ୍ତ ମନ୍ତବ୍ୟ ପଛରେ ରହିଥିବା ଅନୁମାନ କରଯାଇପାରେ ।

ପରକାଳରେ ଏହି ସତ୍ୟବାଦୀ ଦଳ ପ୍ରତି ତାଙ୍କର ଶ୍ରଦ୍ଧା ସେହିପରି ଅକ୍ଷୁର୍ଣ୍ଣ ଥିଲା । ଗୋପବନ୍ଧୁଙ୍କ ମୃତ୍ୟୁପରେ ସେ ନୀଳକଣ୍ଠଙ୍କ ସହିତ ବିଶେଷ ଯୋଗାଯୋଗ ରକ୍ଷା କରୁଥିଲେ । ୧୯୨୯ରେ ସୁଭାଷ ବୋଷ ଜାମସେଦ୍‌ପୁର ଶ୍ରମିକମାନଙ୍କୁ ସଂଗଠିତ କରିବାରେ ନୀଳକଣ୍ଠଙ୍କର ସହାୟତା ଲୋଡ଼ିଥିଲେ ଏବଂ ଜାମସେଦ୍‌ପୁରର ଟିନ୍ ପ୍ଲେଟ ଧର୍ମଘଟ ସେତେବେଳେ ଯେଉଁ ବିରାଟ ସାଫଲ୍ୟ ଅର୍ଜନ କରିଥିଲା, ସେଥିରେ ନୀଳ-କଣ୍ଠଙ୍କର ଅବଦାନ କିଛି କମ୍ ନଥିଲା । ଏ ସଂପର୍କରେ ପଣ୍ଡିତ ନୀଳକଣ୍ଠ ଉଲ୍ଲେଖ କରିଛନ୍ତି—"ଏଥି ମଧ୍ୟରେ ୧୯୨୯ ସିମଳା ଅଧିବେଶନରେ ମୁଁ ଜାମସେଦ୍‌ପୁରର ଟିନ୍-ପ୍ଲେଟ୍ ଷ୍ଟ୍ରାଇକ୍ ବିଷୟରେ ପ୍ରସ୍ତାବ ଆଣିଥିଲି । ସେଇ ପ୍ରସ୍ତାବ ଆଲୋଚନାବେଳେ ଜହରଲାଲ ପ୍ରଭୃତି ଗ୍ୟାଲେରିରେ ବସିଥିଲେ । ମୁଁ ନାନା ଭାବରେ ସେଇ ଜହରଲାଲଙ୍କ କଥା ସହିତ ସୁଭାଷ ବୋଷଙ୍କ କଥାକୁ ମିଶାଇ ସେଇ ଟିନ୍-ପ୍ଲେଟ ସମ୍ବନ୍ଧରେ ବକ୍ତୃତା ଦେଇଥିଲି । ଏଇ ପ୍ରସ୍ତାବ ବିରୁଦ୍ଧରେ ସୁଖର କଥା, ତିନୋଟି ଭୋଟରେ ସରକାର ପରାସ୍ତ ହୋଇଥିଲେ । ବୁଝିବାର ଅଛି, ସେତେବେଳେ ସରକାରଙ୍କ ପକ୍ଷର ବହୁ ପକ୍ଷ ସେଇ ସଭରେ ଥିଲେ । ବୋଧହୁଏ ଏଇ ଷ୍ଟ୍ରାଇକ୍‌ରେ କୃତକାର୍ଯ୍ୟ ହେବା ଏହା ସେପରି ଆସେମ୍ବ୍ଲିରେ ପ୍ରଥମ ଘଟଣା ।" ( ଆତ୍ମଜୀବନୀ—ପୃ ୨୯୭ )

ନେତାଜୀ ଓଡ଼ିଶାକୁ କେତେଦୂର ସୁଖ ପାଉଥିଲେ ଓ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତି ତାଙ୍କର କେତେ ମମତା ଓ ଶ୍ରଦ୍ଧା ଥିଲା, ସେ ସମ୍ବନ୍ଧରେ ମୋ ନିଜ ଅନୁଭୂତିରୁ ଗୋଟିଏ ଘଟଣା ଏଠାରେ ଉଲ୍ଲେଖ କରୁଚି ।

୧୯୩୪ ସାଲର ଘଟଣା ମୋର ବୟସ ସେତେବେଳକୁ ୧୯ ବର୍ଷ ମାତ୍ର । ମୁଁ ପୁରୀର ଦୋଳମଣ୍ଡପ ସାହିରେ ଥିବା 'ଗୋପବନ୍ଧୁ ଭୋଜନାଳୟ'ରେ ରହୁଥିଲି । ସ୍ୱର୍ଗତ ପଣ୍ଡିତ ନୀଳକଣ୍ଠ ଦାସ ପୁରୀ ଗଲେ ଅନେକ ସମୟରେ ସେଠାରେ ରହନ୍ତି । ସେତେବେଳେ ସେ ଥିଲେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି । ସେହି ସମୟରେ ନେତାଜୀ ବିଦେଶ ଗସ୍ତରେ ଥିଲେ । ଦିନେ ଭିଏନାରୁ ପଣ୍ଡିତ ମହାଶୟଙ୍କ ଠିକଣାରେ ନେତାଜୀଙ୍କ ଠାରୁ ଚିଠି ଖଣ୍ଡିଏ ଆସିଲା । ମୁଁ ତାହା ଡ଼ାକ ପିଅନଠାରୁ

Digitized by PPRACHIN, SOA

ନେଇ ପଣ୍ଡିତ ମହାଶୟଙ୍କ ହସ୍ତରେ ଦେଲି । ସେ କିନ୍ତୁ ଲେଖାଲେଖିରେ ଏପରି ବ୍ୟସ୍ତ ଥିଲେ ଯେ ମୋତେ ପଢ଼ିବାକୁ କହିଲେ । ତାଙ୍କ ଆଦେଶ ମାନି ମୁଁ ତାହା ପାଠ କଲି । ସୁଦୂରରୁ ନେତାଜୀ ତାହା ନିଜ ହସ୍ତରେ ଲେଖିଥିବାର ଦେଖି ପଣ୍ଡିତ ନୀଳକଣ୍ଠଙ୍କ ପ୍ରତି ତାଙ୍କର କିପରି ମମତା ଥିଲା ତାହା ଉପଲବ୍ଧି କରିଥିଲି । ଏବେ ଚିଠିଟିର ପ୍ରଥମ ଓ ଶେଷ ଅଂଶ ମୋର ପୂରା ଠିକ୍ ଭାବେ ମନେପଡୁନାହିଁ, ଯେଉଁଥିରେ ପଣ୍ଡିତଜୀଙ୍କ ପ୍ରତି ସୁଭାଷବାବୁ ବିଶେଷ ଶ୍ରଦ୍ଧା ଜ୍ଞାପନ କରିଥିଲେ । କିନ୍ତୁ ମଝି ଲେଖାତକ ପୂର୍ଣ୍ଣ ମାତ୍ରାରେ ମନେ ଅଛି । ତାହା ହେଲା,—

"I am born and brought up in the soil of Orissa and to that soil, I am passionately devoted."

କଥା ଅଛି, Birds of the same feather, flock together. ସୁଭାଷବାବୁଙ୍କ ପରି ପଣ୍ଡିତ ନୀଳକଣ୍ଠ ଥିଲେ ଆଜନ୍ମ-ବିପ୍ଳବୀ—ତେଣୁ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ଦିନୁ ଦିନ ନିବିଡ଼ରୁ ନିବିଡ଼ତର ହୋଇ ଉଠିବା ସ୍ୱାଭାବିକ । ଏହା ପରେ ସୁଭାଷବାବୁ କଂଗ୍ରେସର ସଭାପତି ପଦପାଇଁ ପ୍ରାର୍ଥୀହେଲେ, ପଣ୍ଡିତ ନୀଳକଣ୍ଠ ତାଙ୍କୁ ସମର୍ଥନକଲେ । ସେ ମହାଜାତୀୟ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହେଲେ, ମାତ୍ର ସେ ନୀଳକଣ୍ଠ ବାବୁଙ୍କୁ କଂଗ୍ରେସ କାର୍ଯ୍ୟକାରୀ କମିଟିରେ ନେଇ ନ ଥିଲେ । ମହତାବ ବାବୁଙ୍କୁ ଯୁବନେତା ଭାବେ ମେମ୍ବର କରି ନେଲେ । ଏଥିଲାଗି ସୁଭାଷବାବୁ ପରେ ପଣ୍ଡିତଜୀଙ୍କ ଆଗେ ଅନୁତାପ ପ୍ରକାଶ କରିଥିଲେ ବୋଲି ଶୁଣାଯାଏ । ଯାହାହେଉ, ୨ୟ ବିଶ୍ୱଯୁଦ୍ଧ ପୂର୍ବରୁ ଭାରତକୁ ସ୍ୱାଧୀନତା ଦେବାଲାଗି ଇଂରେଜଙ୍କୁ ୬ମାସର ନୋଟିସ ଦେବା କଥାରେ ଗାନ୍ଧିଜୀ ଓ ସୁଭାଷବାବୁଙ୍କର ମତ ଦ୍ୱୈଧ ହେଲା । ସୁଭାଷ ବାବୁଙ୍କୁ କଂଗ୍ରେସ ସଭାପତି ପଦ ଛାଡ଼ିବାକୁ ପଡ଼ିଥିଲା । ସେ ନୀଳକଣ୍ଠ ବାବୁଙ୍କ ଆଡ଼କୁ ପୁଣି ମୁହଁ ଫେରାଇଲେ । ନୀଳକଣ୍ଠ ତାଙ୍କୁ ଅକୁଣ୍ଠ ସାହାଯ୍ୟ ଦେବାର ପ୍ରତିଶ୍ରୁତି ଦେଲେ । ସୁଭାଷ ବାବୁ କଟକ ଆସିଲେ, ପଣ୍ଡିତ ନୀଳକଣ୍ଠ ପ୍ରଦେଶ କଂଗ୍ରେସ କମିଟିର ସଭାପତି, ତଥାପି ଏତେବେଳକୁ ସୁଭାଷଙ୍କ ପ୍ରତି କଂଗ୍ରେସ ଲୋକଙ୍କର ଘୋର ବିତୃଷ୍ଣା । ପଣ୍ଡିତ ନୀଳକଣ୍ଠ ତାଙ୍କୁ ନାହିଁ ନଥିବା ସମ୍ବର୍ଦ୍ଧନା ଜ୍ଞାପନ କଲେ । ହାତୀରେ ବସାଇ କଟକ ସହର ବୁଲାଇଲେ । ପୁରୀ, ବ୍ରହ୍ମପୁରରେ ସମ୍ବର୍ଦ୍ଧନା ସଭାର ଆୟୋଜନ କଲେ । କଂଗ୍ରେସ ଉଚ୍ଚକର୍ତ୍ତା ନୀଳକଣ୍ଠଙ୍କୁ କୈଫିୟତ ମାଗିଲେ । ସମସ୍ତେ ମନେ କରିଥିଲେ ନୀଳକଣ୍ଠଙ୍କର ଏହି କଂଗ୍ରେସ ଦ୍ରୋହ କାର୍ଯ୍ୟରେ ତାଙ୍କୁ କଂଗ୍ରେସରୁ ବିତାଡ଼ିତ କରାଯିବ । ମାତ୍ର ସେ ନୀଳକଣ୍ଠ-ତାଙ୍କର ଯୁକ୍ତି ଥିଲା, ଜଣେ ପୂର୍ବତନ

Digitized by PPRACHIN, SOA

ଜାତୀୟ କଂଗ୍ରେସ ସଭପତିଙ୍କୁ ସମ୍ବର୍ଦ୍ଧନା ଜଣାଇବାରେ ମୁଁ କି ପାପ କରିଚି, ବୁଝି ପାରୁନାହିଁ ।" କୈଫିୟତ ସେଇଠି ରହିଲା ।

ବିଶ୍ୱଯୁଦ୍ଧ ଆସନ୍ନ ବୁଝିପାରି ଭରତ ସ୍ୱାଧୀନତାର ସ୍ୱପ୍ନ ସୁଭାଷ ବାବୁଙ୍କୁ ଘାରୁ-ଥାଏ । ସେ ନୀଳକଣ୍ଠଙ୍କୁ କଲିକତା ଡ଼କାଇ ପଠାଇଲେ, ନୀଳକଣ୍ଠଙ୍କ ସହିତ ଦୀର୍ଘ ଆଲୋଚନା କଲେ । ଉଭୟେ ଏକମତ ହେଲେ ଯେ ଅହିଂସା ଉପାୟରେ ହେଉ ବା ହିଂସାତ୍ମକ କାର୍ଯ୍ୟକଳାପ ମାଧ୍ୟମରେ ହେଉ, ଯୁଦ୍ଧ ବେଳେ ଭାରତର ସ୍ୱାଧୀନତା ନମିଳିଲେ, ପରେ ଇଂରେଜମାନଙ୍କଠାରୁ ତାହା ହାସଲ କରିବା ଆଉ ସହଜ ସାଧ୍ୟ ହେବ ନାହିଁ । ତେଣୁ କଥା ହେଲା, ଯୁଦ୍ଧରେ ଶତ୍ରୁପକ୍ଷ ପୂର୍ବପଟୁ ମାଡ଼ି ଆସିଲା ବେଳକୁ ତାଙ୍କୁ ସାହାଯ୍ୟ କରିବାପାଇଁ ଆସାମ, ବଂଗଳା, ବିହାର ଓ ଓଡ଼ିଶା ପ୍ରଦେଶମାନଙ୍କରେ ଶାସନକ୍ଷମତା ଆମ ହାତରେ ଥିବା ଦରକାର । ସୁଭାଷବାବୁ ଓଡ଼ିଶାରେ ନୀଳକଣ୍ଠଙ୍କୁ ମନ୍ତ୍ରୀମଣ୍ଡଳ ଗଠନର ଭାର ଦେଲେ । ପରେ ପରେ ସେ ଭାରତରୁ ଅନ୍ତର୍ଦ୍ଧାନ ହୋଇଗଲେ । କଂଗ୍ରେସ ବିରୁଦ୍ଧରେ ମନ୍ତ୍ରୀମଣ୍ଡଳଟିଏ ଗଠନ କରଇବାରେ ନୀଳକଣ୍ଠଙ୍କୁ କେତେ ଯେ ରାଜନୈତିକ କୌଶଳ ଓ କୁଟ ବୁଦ୍ଧି ପ୍ରୟୋଗ କରିବାକୁ ପଡ଼ିଥିବ ତାହା ଅନୁମାନର ବିଷୟ । ମନ୍ତ୍ରୀମଣ୍ଡଳ ପ୍ରତିଷ୍ଠିତ ହେଲା, ନୀଳକଣ୍ଠ ଓ ତାଙ୍କ ଦଳ ପ୍ରକାରାନ୍ତରେ ଭାରତର ସ୍ୱାଧୀନତା ପ୍ରାପ୍ତିରେ କିପରି ସହାୟକ ହୋଇଥିଲେ ସେ କଥା ନବୁଝି କେତେକ ବ୍ୟକ୍ତି ଏଥିଲାଗି ଏମାନଙ୍କୁ ଦୋଷ ଦେଇଥାନ୍ତି—ଅତ୍ୟନ୍ତ ପରିତାପର ବିଷୟ ।

ଦୁର୍ଭାଗ୍ୟକୁ ନେତାଜୀ ଉଡ଼ାଜାହାଜ ଦୁର୍ଘଟଣାରେ ନିହତ ହେଲେ—ଯୁଦ୍ଧର ଗତି ମଧ୍ୟ ବଦଳିଗଲା, ତା ନହୋଇ ଜନ୍ମଭୂମିକୁ ସେ ବାହୁଡ଼ି ଆସିଥିଲେ ଦେଶରେ ଏମାନଙ୍କ ପକ୍ଷରେ ଅପୂର୍ବ ଉନ୍ମାଦନା ସୃଷ୍ଟି ହୋଇଥାନ୍ତା । ଅପର ପକ୍ଷରେ ନୀଳକଣ୍ଠ ଓ ତାଙ୍କ ସହକର୍ମୀଗଣ ଜୀବନକୁ ପଣ କରି ଯୁଦ୍ଧ କାଳରେ ଗୁପ୍ତ ସଂଗଠନ କରିଥାରେ ଯେଉଁ ସବୁ ମାରାତ୍ମକ କାର୍ଯ୍ୟମାନ ଚଳାଇଥିଲେ , ଦେଶ ପ୍ରୀତିର ସେ ଅଧ୍ୟାୟ ଭବିଷ୍ୟତର ଇତିହାସ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିବ—ଏଥିରେ ସନ୍ଦେହ ନାହିଁ ।

Digitized by PPRACHIN, SOA

# ଓଡ଼ିଶାରେ ଫରଓ୍ୱାଡ଼ ବ୍ଲକ, ମିଳିତ ମନ୍ତ୍ରୀମଣ୍ଡଳ ଓ ପଣ୍ଡିତ ନୀଳକଣ୍ଠ

ଶ୍ରୀ ଯୁଗଳ କିଶୋର ପାଣିଗ୍ରାହୀ

ସୁଭାଷଚନ୍ଦ୍ର ବୋଷ ଦ୍ୱିତୀୟ ଥର ପାଇଁ ଜାତୀୟ କଂଗ୍ରେସର ସଭାପତି ନିର୍ବାଚିତ ହେବା ପରେ ୬ ମାସ ମଧ୍ୟରେ ଭାରତକୁ ସ୍ୱାଧୀନତା ନ ଦେଲେ ଇଂରେଜ ସରକାରଙ୍କ ବିରୁଦ୍ଧରେ ସବୁ ପ୍ରକାର ଆନ୍ଦୋଳନ କରାଯିବା ଲାଗି ପ୍ରସ୍ତାବ ଆଣିବାକୁ ଚାହିଁଥିଲେ । ମାତ୍ର କଂଗ୍ରେସର ଦକ୍ଷିଣ ପନ୍ଥୀମାନେ ଏଥିରେ ରାଜି ହେଲେନାହିଁ । ନାନା ଚକ୍ରାନ୍ତ ଫଳରେ ସୁଭାଷ ବାବୁ କଂଗ୍ରେସରୁ ବିତାଡ଼ିତ ହେଲେ । ଫରଓ୍ୱାଡ଼ ବ୍ଲକ ନାମରେ ଏକ ଅନୁଷ୍ଠାନ ଗଢ଼ିଲେ । ୧୯୩୯ ମାସ ଅଗଷ୍ଟ ମାସରେ ସେ ଓଡ଼ିଶା ଗସ୍ତରେ ଆସିଲେ । ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜଣାଇଲେ । ଓଡ଼ିଶାର କଂଗ୍ରେସ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ବିଶ୍ୱନାଥ ଦାସ ସମ୍ବର୍ଦ୍ଧନାରେ ଅସହଯୋଗ କଲେ । ତା' ସତ୍ତ୍ୱେ ପଣ୍ଡିତ ନୀଳକଣ୍ଠ ସୁଭାଷ ବାବୁଙ୍କୁ ହାତୀ ଉପରେ ବସାଇ ଏକ ଅଭୂତପୂର୍ବ ଶୋଭାଯାତ୍ରାରେ କଟକ ସହର ପରିକ୍ରମା କରାଇଥିଲେ । ଶୋଭାଯାତ୍ରା କଲେଜ ଛକରେ ପହଞ୍ଚିଲା ବେଳକୁ ଭିଡ଼ରେ କେତେକ ଲୋକ ଚିପିହୋଇ ଯାଇଥିଲେ ଓ ବହୁ ଲୋକ ଆହତ ହୋଇଥିଲେ । ପରେ ସନ୍ଧ୍ୟାରେ ପଣ୍ଡିତ ନୀଳକଣ୍ଠଙ୍କ ସଭାପତିତ୍ୱରେ କଟକରେ ନିଖିଳ ଉତ୍କଳ ଯୁବ ସମ୍ମିଳନୀ ଅନୁଷ୍ଠିତ ହେଲା । ସୁଭାଷ ବାବୁ ଭାଷଣ ଦେଇ କଂଗ୍ରେସ ନୀତିର ଘୋର ସମାଲୋଚନା କରିଥିଲେ । ଶ୍ରୀ ଯଦୁମଣି ମଙ୍ଗରାଜ ଅଭ୍ୟର୍ଥନା ସମିତିର ଚେୟାରମ୍ୟାନ ଥିଲେ । ତା' ପରଦିନ ସୁଭାଷ ବାବୁ ନୀଳକଣ୍ଠଙ୍କ ସହିତ ପୁରୀ ଗଲେ ଓ ବାଟରେ ଚନ୍ଦନପୁରଠାରେ ଏକ ବିରାଟ ଅଭ୍ୟର୍ଥନା ସଭାରେ ଭାଷଣ ଦେଇଥିଲେ । ପୁରୀରେ ମଧ୍ୟ ତାଙ୍କୁ ଅନୁରୂପ ଅଭ୍ୟର୍ଥନା ଜ୍ଞାପନ କରାଯାଇ ଥିଲା । ସେ ଦିନ ସନ୍ଧ୍ୟାରେ ପୁରୀ ସିଂହଦ୍ୱାରଠାରେ ଯେଉଁ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା, ସେପରି ଲୋକାରଣ୍ୟ ପୁରୀ ଇତିହାସରେ ସର୍ବ ପ୍ରଥମ ଓ ବୋଧହୁଏ ଶେଷ । ସଭାରେ ପଣ୍ଡିତ ନୀଳକଣ୍ଠ ଦାସ ଅଧ୍ୟକ୍ଷତା କରିଥିଲେ । ସୁଭାଷବାବୁ ଭାଷଣ ଦେବା ପୂର୍ବରୁ ପୁରୀ କଂଗ୍ରେସର ଅସନ୍ତୁଷ୍ଟ

Digitized by PPRACHIN, SOA

ଗୋଷ୍ଠୀର କେତେଜଣ ବ୍ୟକ୍ତି ସଭା ଭିତରକୁ ବୁଲଷଣ୍ଢ ଛାଡ଼ି ଦେବାରୁ କିଛିକ୍ଷଣ ସଭାରେ ଉତ୍ତେଜନା ସୃଷ୍ଟି ହେଲା । ଏହା ଦେଖି ସୁଭାଷ ବାବୁ ଉଠି କହିଥିଲେ, "ବାସ୍ ସଂଗ୍ରାମ ସୁରୁ କର ଦିଜୀୟେ, ଜଲ୍‌ଦ ସେ ଜଲ୍‌ଦ ଆଜାଦି ମିଲ୍ ଯାଏଗା ।" ଏତିକି ବେଳେ ଜଣେ ଉଠି ତାଙ୍କୁ ପ୍ରଶ୍ନ କଲେ, "ଆପଣ ତ ଏତେକାଳ କଂଗ୍ରେସ ସମର୍ଥନରେ ପ୍ରଚାର କରୁଥିଲେ– ଏବେ ଏପରି ସମାଲୋଚନା କରୁଛନ୍ତି କାହିଁକି ?" ସଭାପତି ନୀଳଦଣ୍ଡ ଦାସ ଉଠି କହିଲେ, "ସେ ପ୍ରଶ୍ନର ଉତ୍ତର ମୁଁ ଦେବି ।"

## ଅଗସ୍ତି ମୁନିଙ୍କ ତପସ୍ୟା ଭଙ୍ଗ

ପଣ୍ଡିତ ନୀଳକଣ୍ଠ ତାଙ୍କ ଭାଷଣ ଆରମ୍ଭରେ ଅଗସ୍ତ ମୁନିଙ୍କ ତପସ୍ୟାଭଙ୍ଗ ଗପଟି ବର୍ଣ୍ଣନା କରି କହିଲେ, "ଅଗସ୍ତି ମୁନି ନିମ୍ବଗଛ ମୂଳେ ବସି ନିଶାର୍ଦ୍ଧରେ ନିମ୍ବ ଛେଲି ଟିକିଏ ଖାଇ ଘୋର ତପସ୍ୟାରେ ମଗ୍ନ ରହୁଥିଲେ । ଇନ୍ଦ୍ରଙ୍କ ଆସନ ଟଳମଳ ହେଲା । ଇନ୍ଦ୍ର ମେନକାଙ୍କୁ ତାଙ୍କ ତପସ୍ୟା ଭଙ୍ଗ ପାଇଁ ପଠାଇଲେ । ସେମାନେ ଅଗସ୍ତି ମୁନି ଖାଉଥିବା ନିମ୍ବଚଛଲେ ମହୁ ବୋଳି ଦେଲେ । ସେ ମହୁ ଖାଇ ଅଗସ୍ତି ମୁନିଙ୍କ ତପସ୍ୟା ଭାଜିଗଲା । ସେ ମେନକାଙ୍କ ରୂପରେ ମୁଗ୍‌ଧ ହୋଇ ତାଙ୍କ ପଛରେ ଗୋଡ଼ାଇଲେ । ସେହିପରି ଏ କଂଗ୍ରେସ ବାଲା ନିମ୍ବଛେଲି ବଦଳରେ ମହୁ ଖାଉଛନ୍ତି, ଏବେ କ୍ଷମତା ମୋହଗ୍ରସ୍ତ ହୋଇ ଦେଶ ମୁକ୍ତିର ପନ୍ଥା ଛାଡ଼ି ସାରିଲେଣି ।" ଏ ଗପଟି ଶେଷ ହେଲା ବେଳକୁ ସଭାସ୍ଥଳ ଏକଦମ୍ ନିର୍ବାକ । ଯେଉଁମାନେ ସଭାକୁ ଷଣ୍ଢ ପୁରାଇ ଥିଲେ ସେମାନେ ମଧ୍ୟ ସଭାରେ ରହି ଏକାଗ୍ର ଚିତ୍ତରେ ଭାଷଣ ଶୁଣୁଥାନ୍ତି । ତାଙ୍କ ନାମ ବର୍ତ୍ତମାନ କହିବା ଉଚିତ ହେବ ନାହିଁ । ପଣ୍ଡିତ ନୀଳକଣ୍ଠ ଓ ସୁଭାଷ ବାବୁଙ୍କ ଭାଷଣରେ ଲୋକେ ବିମୁଗ୍‌ଧ ହୋଇଯାଇ ଥିଲେ । Speeches of Subhash Bose in 1938-39 ବହିରେ ଏହି ବକ୍ତୃତା ଗୁଡ଼ିକର ଉଲ୍ଲେଖ ଅଛି । ଉକ୍ତ ବହିଟି ସେତେବେଳେ କଂଗ୍ରେସ ସରକାର ବାଜ୍ୟାପ୍ତ କରି ଦେଇଥିଲେ ।

ତା'ପରେ ସୁଭାଷ ବାବୁ ବ୍ରହ୍ମପୁର ଗସ୍ତରେ ଗଲେ । ବ୍ରହ୍ମପୁର ଖଲିକୋଟ କଲେଜ ଖେଳ ପଡ଼ିଆଠାରେ ( ବର୍ତ୍ତମାନ ଯେଉଁଠି ଷ୍ଟେଡ଼ିୟମ ଅଛି ) ଗଞ୍ଜାମ ଜିଲ୍ଲା ବୋର୍ଡର ସଭାପତି ଶ୍ରୀ ଦିବାକର ପଟନାୟକ ଓ ତାଙ୍କର ସହକର୍ମୀମାନେ ଜିଲାବୋର୍ଡ ତଥା ଗଞ୍ଜାମବାସୀଙ୍କ ପକ୍ଷରୁ ଏକ ଅଭୁତ ପୂର୍ବ ସମ୍ବର୍ଦ୍ଧନା ଓ ଅଭ୍ୟର୍ଥନା ସୁଭାଷ ବାବୁଙ୍କୁ ଜ୍ଞାପନ କରିଥିଲେ । ତାହା ମଧ୍ୟ ଗଞ୍ଜାମ ଇତିହାସରେ ଅବିସ୍ମରଣୀୟ । ଏହି ଅଭ୍ୟର୍ଥନାପାଇଁ ଜିଲାବୋର୍ଡ ପାଣ୍ଠିରୁ ଯେଉଁ ଟଙ୍କା ଖର୍ଚ୍ଚ ହୋଇଥିଲା, ସେ ଟଙ୍କା କଂଗ୍ରେସର ତତ୍‌କାଳୀନ ବିଶ୍ୱନାଥ ଦାଶ ସରକାର ମଞ୍ଜୁର ନ କରିବାରେ ତାହା

Digitized by PPRACHIN, SOA

ଦିବାକର ବାବୁଙ୍କ ଉପରେ ମୂଳ-ସୁଧ ହୋଇ ବହୁଦିନ ଯାଏ ଗଡ଼ି ଆସୁଥିଲା । ପରେ ଏଥିପାଇଁ ତାଙ୍କୁ ଗିରଫ ଓ୍ବାରେଣ୍ଟ ମଧ୍ୟ ଜାରି ହୋଇଥିଲା । କିନ୍ତୁ ବ୍ରହ୍ମପୁରର ଖ୍ୟାତନାମା ଆଡ଼ଭୋକେଟ୍ ରଘୁନନ୍ଦନ ଗନ୍ତାୟତ ତାଙ୍କୁ ଜାମିନ୍‌ରେ ଖଲାସ କରିଥିଲେ । ଉକ୍ତ ମୂଳ-ସୁଧ ଟଙ୍କାର ଗିରଫ ଓ୍ବାରେଣ୍ଟ ତାଙ୍କ ପଛରେ ବହୁ ବର୍ଷଯାଏ ବୁଲୁଥାଏ ଏବଂ ବହୁବାର ଏପରି କରିତ୍‌କର୍ମା ଲୋକେ ଜାମିନ୍ ରହି ତାଙ୍କୁ ଖଲାସ କରି ଦେଉଥାନ୍ତି ।

ସୁଭାଷ ବାବୁ ଫରଓ୍ବାଡ଼ ବ୍ଲକ ନାମରେ ଯେଉଁ ସଂଗଠନ ଗଢିଥିଲେ, ଉକ୍ତ ସଂଗଠନର ଶାଖା ପ୍ରତ୍ୟେକ ପ୍ରଦେଶରେ ତାଙ୍କ ଅନୁଗାମୀମାନଙ୍କ ଦ୍ୱାରା ଗଠିତ ହେଲା, ଓ ଓଡ଼ିଶାରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ସେଇପରି ଏକ ଶାଖା ଗଢ଼ାହେଲା । ଏହା ଜାତୀୟ କଂଗ୍ରେସର ସମାନ୍ତରାଳ ସଂଗଠନ ରୂପେ କାର୍ଯ୍ୟକଲା । କିନ୍ତୁ ଏହାର ଲକ୍ଷ୍ୟ କଂଗ୍ରେସ ଠାରୁ ଅଧିକ ପ୍ରଗତିଶୀଳ ଥିଲା । ଏଥିରେ ଅଶୋକ ଦାସ, ସୁରଜମଲ ସାହା ପ୍ରଭୃତି ବହୁ ଯୁବକ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ ।

ସୁଭାଷ ବାବୁ ଓଡ଼ିଶା ଗସ୍ତରୁ ଫେରିଯିବା ପରେ ବିଶ୍ୱଯୁଦ୍ଧ ଆସନ୍ନ ଜାଣି ପଣ୍ଡିତ ନୀଳକଣ୍ଠଙ୍କୁ କଲିକତା ତାଙ୍କ ଘରକୁ ଡ଼କାଇଲେ । ନୀଳକଣ୍ଠ ବାବୁଙ୍କ ସହିତ ଗୋଦାବରୀଶ ବାବୁ ଓ ଯଦୁମଣି ମଙ୍ଗରାଜ ମଧ୍ୟ କଲିକତା ଯାଇଥିଲେ । ସୁଭାଷ ବାବୁ ବୁଝାଇଲେ ଯେ ଏ ଯୁଦ୍ଧରେ ଜାପାନ ଜିଣିବାର ବହୁତ ସମ୍ଭାବନା ଅଛି– ତେଣୁ ପୂର୍ବପଟ ରାଜ୍ୟମାନଙ୍କରେ ଶାସନ କ୍ଷମତା ଆମ ହାତରେ ଥିବା ଦରକାର । ଏହା ପରେ ସେ ୧୯୪୦ ମସିହା ଜାନୁଆରୀ ୧୭ ତାରିଖ ଦିନ ଅନ୍ତରୀଣ ବନ୍ଦୀ ଅବସ୍ଥାରେ ସରକାରଙ୍କ ଆଖିରେ ଧୂଳି ଦେଇ କାବୁଲ ବାଟେ ଭାରତ ବାହାରକୁ ଚାଲିଗଲେ ।

## ମିଳିତ ମନ୍ତ୍ରୀମଣ୍ଡଳ ଗଠନ :

ନୀଳକଣ୍ଠ ବାବୁ ଓଡ଼ିଶାକୁ ଫେରି ପାରଳା ମହାରାଜା ଓ ମୁସଲିମ୍‌ଲିଗ୍‌ଙ୍କୁ ଧରି ବହୁ କୌଶଳ ପ୍ରୟୋଗ କରି ଓଡ଼ିଶାରେ ଗୋଟିଏ ମିଳିତ ମନ୍ତ୍ରୀମଣ୍ଡଳ ଗଠନ କରାଇଦେଲା । ପାରଳା ମହାରାଜା ମୁଖ୍ୟମନ୍ତ୍ରୀ ଓ ଗୋଦାବରୀଶ ବାବୁ ଶିକ୍ଷାମନ୍ତ୍ରୀ ହେଲେ । ଅବଶ୍ୟ ଗୋଦାବରୀଶ ବାବୁଙ୍କ ବିରୁଦ୍ଧରେ ଜେଲଦଣ୍ଡ ଥିବା ହେତୁ ତାଙ୍କୁ ଗଭର୍ଣ୍ଣର ଲୁଇସ୍ ସାହେବ ମନ୍ତ୍ରୀମଣ୍ଡଳରେ ନେବାଲାଗି ପ୍ରଥମେ ଅନିଚ୍ଛୁକ ଥିଲେ । ନୀଳକଣ୍ଠ ବାବୁ ପାରଳା ମହାରାଜାଙ୍କୁ ଧରି ତାଙ୍କୁ କୁହାଇଲେ ଯେ ଏପରି ଧରି ବସିଲେ ମନ୍ତ୍ରୀମଣ୍ଡଳ ଗଠିତ ହୋଇ ପାରିବ ନାହିଁ । ମୁସଲିମ୍‌ଲିଗ୍ ଦଳର ନେତା ସୋଭନ ଖାଁ ଆୟ ମନ୍ତ୍ରୀ ହେଲେ ।

Digitized by PPRACHIN, SOA

ମନ୍ତ୍ରୀମଣ୍ଡଳର ଉଦ୍ଦେଶ୍ୟ ରହିଲା, ପୂର୍ବପଟୁ ଜାପାନ ବା ସୁଭାଷ ସେନା ଆସିଲେ ସେମାନେ ଯେପରି ସହଜରେ ଅନୁପ୍ରବେଶ କରି ପାରିବେ, ସେଥିରେ ସହାୟତା କରିବା । ଯୁଦ୍ଧକୁ ସାହାଯ୍ୟ କରିବା ବାହାନାରେ ଯେପରି ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହେଲା, ସେହିପରି ଜାତୀୟ ସମର-ସାମୁଖ୍ୟ ନାମରେ ଗୋଟିଏ ସରକାରୀ ସଂସ୍ଥା ଗଠିତ ହେଲା ଏବଂ ପଣ୍ଡିତ ନୀଳକଣ୍ଠ ଏହାର ସଭାପତି ହେଲେ ।

## କଲିକତା ଗୁପ୍ତ ଛାଉଣି ସହିତ ସଂପର୍କ :

ସୁଭାଷ ବାବୁ ଦେଶ ବାହାରକୁ ଅନ୍ତର୍ଧାନ ହୋଇଗଲା ପରେ କଲିକତାରେ ସୁଭାଷ ବାବୁଙ୍କର ଏକ ଗୁପ୍ତଛାଉଣି ରହିଲା । ଓଡ଼ିଶା ଫର୍‌ଆଡ଼ ବ୍ଲକ ପକ୍ଷରୁ ଏହା ସହିତ ଏକମାତ୍ର ଶ୍ରୀହର୍ଷ ମିଶ୍ରଙ୍କର ଗୁପ୍ତ ସମ୍ପର୍କ ଥିଲା । ସେ ଏହି ଗୁପ୍ତ ଛାଉଣିର ଖୁବ୍ ବିଶ୍ୱସ୍ତ ଥିଲେ ଓ ଏଥିପାଇଁ ବହୁ କାର୍ଯ୍ୟ କରିଥିଲେ ।

ଅନ୍ୟମାନେ ଆତ୍ମଗୋପନ କରି ରହିଥିବା ଫରଓ୍ୱାଡ଼ ବ୍ଲକର ତୁଙ୍ଗ ନେତା ଶୀଳଭଦ୍ରଯାଜୀଙ୍କ ସହିତ ଗୁପ୍ତ ସମ୍ପର୍କ ରଖିଥିଲେ । ଭରତ ବାହାରେ ସୁଭାଷ ବାବୁ ଭାରତ ମୁକ୍ତି ଆନ୍ଦୋଳନକୁ ରୂପ ଦେଇ ସଂଗଠିତ କରି ଆଜାଦ୍‌ହିନ୍ଦ୍ ଫୌଜ ଗଠନ କରିଥିଲେ । ସେ ଜାତୀୟ ଆନ୍ଦୋଳନରେ ଏକ ଗୌରବମୟ କାହାଣୀ ।

## ଜାତୀୟ ସମର ସାମୁଖ୍ୟରେ ନୀଳକଂଠଙ୍କ ଆଭିମୁଖ୍ୟ :

ଜାତୀୟ ସମର ସାମୁଖ୍ୟର ସଭାପତି ପଣ୍ଡିତ ନୀଳକଣ୍ଠ ଦାସଙ୍କ ସଭା ସମିତି-ମାନଙ୍କର ଭାଷଣକୁ ଧରକାରଙ୍କ ସ୍ପେଶାଲ ବ୍ରାଞ୍ଚ ଟିପି ନେଉଥିଲେ । ବିଶେଷରେ କଟକ ଟାଉନହଲ ସଭାରେ Long live the King ପ୍ଲାକାର୍ଡକୁ ପଣ୍ଡିତ ନୀଳକଣ୍ଠ ଦାସ ଯେପରି ଭବରେ ଉଠାଇ ଦେଇ ସେଠାରେ Long live the Nation ପ୍ଲାକାର୍ଡ ମାରିଥିଲେ, ସେଥିଲାଗି ସାର ହଥର୍ଣ୍ଣ ଲୁଇସ, ଜାତୀୟ ସମର ସାମୁଖ୍ୟର କାର୍ଯ୍ୟକୁ ବଡ଼ ସନ୍ଦେହ ଚକ୍ଷୁରେ ଦେଖିଲେ । ପୁରୀ ସିଂହଦ୍ୱାର ସଭାରେ ମଧ୍ୟ ପଣ୍ଡିତ ନୀଳକଣ୍ଠ ଜାତୀୟ ସମର ସାମୁଖ୍ୟର ସଭାପତି ଭାବେ ଉଦବୋଧନ ଦେଇ କହିଥିଲେ, ବ୍ରିଟିଶ୍ ସରକାରଙ୍କ ଏହି ଯୁଦ୍ଧ ଜନ ଯୁଦ୍ଧ (People's war) ନୁହେଁ । ତେଣୁ Long live the Nation ଅର୍ଥାତ୍ ଜାତି ଦୀର୍ଘଜୀବୀ ହେଉ ବୋଲି ଧ୍ୱନି ଦେବାକୁ ହେବ । ପଣ୍ଡିତଜୀଙ୍କ ଦୁଇଟି ସଭାର ପୁରା ବିବରଣୀ ସ୍ପେଶାଲ ବ୍ରାଞ୍ଚ ସରକାରଙ୍କୁ ଦେଇଥାନ୍ତି । ସେହି ରିପୋର୍ଟ ସେତେବେଳେ ମନ୍ତ୍ରୀମଣ୍ଡଳକୁ ଦିଆଯାଉ ନଥାଏ । ଗୋରା ଲାଟ ସାହେବ ଗୁପ୍ତ ରଖୁଥାନ୍ତି ।

Digitized by PPRACHIN, SOA

୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ଦେଶ ଉଚ୍ଛୁଳି ପଡୁଥାଏ । ଦେଶ ବାହାରେ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଆଜାଦ୍‌ହିନ୍ଦ୍ ଫୌଜ ଦ୍ୱାରା ଭାରତ–ମୁକ୍ତି ଦୁନ୍ଦୁଭିରେ ବିଶ୍ୱ ପ୍ରକଂପିତ ହୋଇ ଉଠୁଥାଏ । କଲିକତାରେ ନେତାଜୀଙ୍କ ଗୁପ୍ତ ଛାଉଣି ଭାରତରେ ନେତାଜୀଙ୍କ ଲକ୍ଷ୍ୟ ସାଧନ ପାଇଁ ବ୍ୟାପକ କାର୍ଯକ୍ରମ ପ୍ରସ୍ତୁତ କରିଥାନ୍ତି । ନେତାଜୀଙ୍କ ନିର୍ଦ୍ଦେଶରେ ଶ୍ରୀହର୍ଷ ବାବୁ କଲିକତାସ୍ଥ ଗୁପ୍ତ ଛାଉଣିରେ ଜଣେ ବିଶ୍ୱସ୍ତ କର୍ମୀ ରହି, ଓଡ଼ିଶାରେ ନେତାଜୀଙ୍କ ଲକ୍ଷ୍ୟର ସଫଳ ରୂପାୟନ ପାଇଁ ମିଳିତ ମନ୍ତ୍ରୀମଣ୍ଡଳର ସହାୟତାରେ ସଙ୍ଗଠନ କରୁଥାନ୍ତି ।

## ଓଡ଼ିଶାର ଗୁପ୍ତ ସଂଗଠନ ଓ କଲିକତାସହ ସଂପର୍କ ସ୍ଥାପନ :

ଆତ୍ମଗୋପନ କରି ରହିଥିବା ଫରୱାର୍ଡ ବ୍ଲକର ଅନ୍ୟତମ ନେତା ବିହାରର ଶ୍ରୀଯୁକ୍ତ ରାମନନ୍ଦନ ମିଶ୍ର, କଟକର ତତ୍‌କାଳୀନ ଜିଲ୍ଲାପାଳ ଏଲ୍. ପି. ସିଂହଙ୍କ ଘରେ ଗୋପନରେ ରହି ଓଡ଼ିଶାରେ ନେତାଜୀଙ୍କ ଲକ୍ଷ୍ୟ ସାଧନ ପାଇଁ କଟକ 'ନବଭାରତ' ପ୍ରେସଠାରେ ପଣ୍ଡିତ ନୀଳକଣ୍ଠ, ଯଦୁମଣି ମଙ୍ଗରାଜ, ଦିବାକର ପଟନାୟକ ପ୍ରଭୃତିଙ୍କ ସହ ଗୁପ୍ତ ସାକ୍ଷାତରେ ଆଲୋଚନା କରୁଥାନ୍ତି । ସୁରଜମଲ୍ଲ ସାହା, ବିବୁଧେନ୍ଦ୍ର ମିଶ୍ର, ସତ୍ୟବାଦୀ ପ୍ରଧାନ ପ୍ରଭୃତି ଫରୱାର୍ଡ ବ୍ଲକ କର୍ମୀମାନେ ନେତାଜୀଙ୍କ ଲକ୍ଷ୍ୟ ସାଧନ ଲାଗି ଗୁପ୍ତ ଆନ୍ଦୋଳନ ଚଳାଇଥାନ୍ତି । ଶ୍ରୀହର୍ଷ ବାବୁ ଆନ୍ଦୋଳନ ଆରମ୍ଭରୁ କଲିକତାରେ ଷ୍ଟେଟସ୍‌ମାନ୍ ପତ୍ରିକା ଅଫିସ ନିକଟରେ ଗୋଟିଏ ଛୋଟିଆ ହୋଟେଲରେ ରହୁଥାନ୍ତି ।

## ପୂର୍ବସୀମାନ୍ତରେ ନେତାଜୀଙ୍କ ସହ ସାକ୍ଷାତ ଲାଗି ପ୍ରସ୍ତୁତ ପର୍ବ :

ଭାରତ ବାହାରକୁ ଯାଇ ନେତାଜୀଙ୍କ ସହ ସାକ୍ଷାତ କରିବା ଆବଶ୍ୟକ ପଡ଼ିଲା । ସେଥିପାଇ କଲିକତାସ୍ଥିତ ଗୁପ୍ତ ଛାଉଣିର ନିର୍ଦ୍ଦେଶ କ୍ରମେ ଦିବାକରବାବୁଙ୍କ ସହିତ ଆଲୋଚନା କରିବା ପାଇଁ ଶ୍ରୀହର୍ଷବାବୁ କଟକ ଆସିଲେ ।

ଦିବାକର ବାବୁ ଓଡ଼ିଶାର ପ୍ରଧାନ ମନ୍ତ୍ରୀ ପାରଳା ମହାରାଜାଙ୍କ ସହ ଦେଖା କରି, ବର୍ମା ଫେରନ୍ତା ଓଡ଼ିଆମାନଙ୍କର ନିରାପତ୍ତା ଓ ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ତାଙ୍କୁ ( ଦିବାକର ବାବୁଙ୍କୁ ) ବର୍ମା ସୀମାନ୍ତ ଯାଏ ଓଡ଼ିଶା ସରକାରଙ୍କ ପକ୍ଷରୁ ପଠାଯାଉ ବୋଲି ଜଣାଇଥିଲେ । ଓଡ଼ିଶାର ପ୍ରଧାନମନ୍ତ୍ରୀ ପାରଳା ମହାରାଜା ବଙ୍ଗଳାର ତତ୍‌କାଳୀନ ଲାଟଙ୍କୁ ଖଣ୍ଡିଏ ଚିଠି ଲେଖି ଜଣାଇଲେ, ବର୍ମା ଫେରନ୍ତା ଓଡ଼ିଆମାନଙ୍କର ନିରାପତ୍ତା ଓ ସୁରକ୍ଷା ପାଇଁ ଓଡ଼ିଶା ସରକାର ବିଧାନସଭା ସଦସ୍ୟ ଶ୍ରୀ ଦିବାକର ପଟ୍ଟନାୟକଙ୍କୁ ତାଙ୍କର ଜଣେ ସହାୟକଙ୍କ ସହିତ ବର୍ମା ସୀମାନ୍ତ ଯାଏ ପଠାଇବାକୁ ସ୍ଥିର କରିଅଛନ୍ତି । ଏଥିଲାଗି ସେମାନଙ୍କ ପାଇଁ ବଙ୍ଗଳା ସରକାରଙ୍କ ପକ୍ଷରୁ ସକଳ

Digitized by PPRACHIN, SOA

ପ୍ରକାର ସାହାଯ୍ୟ ଓ ସୁବ୍ୟବସ୍ଥା କରଯାଉ । ବଙ୍ଗଳା ଲଟଙ୍କ ନିର୍ଦ୍ଦେଶରେ ବଙ୍ଗଳା ଚିଫ୍ ସେକ୍ରେଟେରୀ ଏପରି ବ୍ୟବସ୍ଥା କରଯାଇଛି ବୋଲି ଗୋଟିଏ ପତ୍ରରେ ଶ୍ରୀ ପଟ୍ଟନାୟକଙ୍କୁ ଜଣାଇ ଦେଲେ ।

ଏଣେ ଏ ଉଭୟେ ବର୍ମା ସୀମାନ୍ତରେ ପହଞ୍ଚିବା କ୍ଷଣି କିପରି ଓ କି ଭବରେ ଭରତ ବାହାରକୁ ଯିବେ, ତାର ଗୋଟିଏ ସୂଚନା ପତ୍ର କଲିକତା ସ୍ଥିତ ଗୁପ୍ତଛାଉଣି ଶ୍ରୀହର୍ଷ ବାବୁଙ୍କୁ ଦେଇଥିଲେ ।

## ଗୋଏନ୍ଦାଙ୍କ ଶ୍ୟେନ ଚକ୍ଷୁ :

କଟକରୁ ଦିବାକର ବାବୁଙ୍କ ଚିଠି ପାଇ ଶ୍ରୀହର୍ଷ ବାବୁ ହାବଡ଼ା ଷ୍ଟେସନରେ ମାନ୍ଦ୍ରାଜ—ହାବଡ଼ା ମେଲକୁ ଅପେକ୍ଷା କରିଥାନ୍ତି । ସେତେବେଳକୁ ବହୁ ଗୋଏନ୍ଦା ପୋଲିସ୍ ଶ୍ରୀହର୍ଷ ବାବୁଙ୍କ ପାଖେ ପାଖେ ଓ ପ୍ଲାଟଫର୍ମରେ ଭର୍ତ୍ତି ହୋଇ ଯାଇଥିଲେ । ମେଲ୍ ଟ୍ରେନ ଷ୍ଟେସନରେ ପହଞ୍ଚିବା ପରେ ପରେ ଶ୍ରୀହର୍ଷ ବାବୁ, ଦିବାକର ବାବୁଙ୍କୁ ତାଙ୍କ ରହୁଥିବା ହୋଟେଲକୁ ନେଇଗଲେ ।

## ଶ୍ରୀହର୍ଷ ବାବୁଙ୍କ ଗିରଫଦାରୀର ଚାଞ୍ଚଲ୍ୟକର କାହାଣୀ :

ହୋଟେଲରେ ଜିନିଷପତ୍ର ରଖିଦେଇ ଦିବାକର ବାବୁ ଶ୍ରୀହର୍ଷ ବାବୁଙ୍କୁ କହିଲେ, ତୁମେ ଯାଅ, ମୋ ପାଇଁ ଗୋଟିଏ ସାବୁନ ଓ ଗୋଟିଏ ବ୍ଲେଡ଼ କିଣି ଆଣ । ବାହାରେ ତାଲଦେଇ ଚାଲିଯିବ । ଗୁପ୍ତ ଛାଉଣିରୁ ପାଇଥିବା ସୂଚନା-ପତ୍ରଟି ଦିବାକର ବାବୁଙ୍କୁ ଦେଇ ଶ୍ରୀହର୍ଷ ବାବୁ ବସା ବାହାରେ ତାଲ ବନ୍ଦ କରି ପାଖ ଦୋକାନକୁ ଗଲେ ।

ଶ୍ରୀହର୍ଷ ବାବୁ ସାବୁନ ଓ ବ୍ଲେଡ଼ କିଣିଲେ । ବହୁଦିନ ପାଇଁ ବାହାରକୁ ଯିବାକୁ ହେବ, ନିଜ ବାଳଟାକୁ କାଟିନିଏ ବୋଲି ଭବି ସେଲୁନକୁ ଯିବା ଅବସ୍ଥାରେ ଚାରିଜଣ ଗୋଏନ୍ଦା ପୁଲିସ ବର୍ଷାତି କୋଟ ଘୋଡେଇ ତାଙ୍କୁ ମାଡ଼ି ବସିଲେ । ତାଙ୍କ ଭିତରୁ ଜଣେ "ତୁମ ବସା ଚାବି ଦିଅ" କହି ଚାବି ଛଡ଼ାଇ ନେଲେ । ଶ୍ରୀହର୍ଷ ବାବୁଙ୍କୁ ପାଖରେ ଥିବା ମୋଟର ଗାଡ଼ିରେ ବସାଇ ନେଇଗଲେ ।

## ଦିବାକର ବାବୁଙ୍କ କୌଶଳ :

ଦୁଇଜଣ ଗୋଏନ୍ଦା ଚାବି ଖୋଲି ବସା ଭିତରେ ପଶିଲେ । ପରେ ଆଉ ଦୁଇଜଣ ସେଠାରେ ପହଞ୍ଚିଗଲେ ।

ଦିବାକର ବାବୁ ପାଇଖାନାରେ ବସି ସେମାନେ ବର୍ମା ସୀମାନ୍ତରୁ ଭରତ ବାହାରକୁ କିପରି ଯିବେ, ସେ ବିଷୟରେ କଲିକତାସ୍ଥ ଗୁପ୍ତଛାଉଣିରୁ ମିଳିଥିବା ଗୁପ୍ତ

Digitized by PPRACHIN, SOA

ଚିଠିଟି ପଢୁଥାନ୍ତି । ଏଣେ ଗୋଏନ୍ଦାମାନେ ଦିବାକର ବାବୁଙ୍କ ଟଙ୍ଗା ଯାଇଥିବା ପଞ୍ଜାବୀ ପକେଟରୁ ବଙ୍ଗଳା ଚିଫ୍ ସେକ୍ରେଟେରୀଙ୍କ ଚିଠି ପାଇ ପଢ଼ିଲେ ଏବଂ ଜଣେ ଗୋଏନ୍ଦା ସେ ଚିଠିଟି ନେଇ ତାଙ୍କ କେନ୍ଦ୍ର ମନ୍ତ୍ରଣାଳୟକୁ ଚାଲିଗଲେ । ତା'ଛଡ଼ା ଦିବାକର ବାବୁଙ୍କ ବାକ୍ସରୁ ଆଉ କୌଣସି କାଗଜ ପତ୍ର ପାଇ ନଥିଲେ ।

ଏ ମଧ୍ୟରେ ଦିବାକର ବାବୁ ପାଇଖାନାରୁ ନ ଫେରିବା ଦେଖି ଗୋଏନ୍ଦାମାନେ କବାଟକୁ ବାଡ଼େଇଲେ । ଦିବାକର ବାବୁ ଘର ଭିତରେ ଗୋଏନ୍ଦା ପୁଲିସ ପ୍ରବେଶ କରିବା ସନ୍ଦେହ କରି ପାଇଖାନା ଭିତରେ ଗୁପ୍ତ ଛାଉଣିର ସୂଚନା ପତ୍ରଟି ଚୋବାଇ ଗିଳିଦେଲେ ଓ ତା'ପରେ କବାଟ ଖୋଲିଲେ ।

ଦେଖିଲେ ଶ୍ରୀହର୍ଷ ବାବୁ ନାହାନ୍ତି । ଗୋଏନ୍ଦା ପୁଲିସମାନେ ତାଙ୍କ ଆତ୍ମ ପରିଚୟ ଦେଇ, ତାଙ୍କ ଠାରୁ ନାନା ଖବର ବାହାର କରିବାକୁ ଚେଷ୍ଟା କଲେ । ନାନା ପ୍ରକାର ଧମକ ଦେଲେ । ବର୍ବର ଅତ୍ୟାଚାର ମଧ୍ୟ କରିଥିଲେ ।

## ଦିବାକର ବାବୁଙ୍କୁ ବଙ୍ଗ ବାହାର :

କେନ୍ଦ୍ର ମନ୍ତ୍ରଣାଳୟ ବଙ୍ଗଳା ଚିଫ୍ ସେକ୍ରେଟରୀଙ୍କ ଚିଠି ଉପରେ ତନାଘନା ତଦନ୍ତ କରି ଦିବାକର ବାବୁଙ୍କୁ "ବଙ୍ଗଳା ବାହାର" ଆଦେଶ ଦେଇ, ତାଙ୍କୁ ଗାଡ଼ିରେ ବସାଇ ବଙ୍ଗଳାସୀମା ବାହାରେ ଛାଡ଼ି ଦେଇ ଆସିଲେ । ଦିବାକର ବାବୁଙ୍କୁ ଦିଆ-ଯାଉଥିବା "ବଙ୍ଗଳା ବାହାର" ଆଦେଶରେ ଗଞ୍ଜାମର ଜିଲ୍ଲା ବୋର୍ଡର ସ୍ୱରାଜ ପାଟିର ସଭ୍ୟ ସତ୍ୟବାଦୀ ପ୍ରଧାନଙ୍କ ନାମ ମଧ୍ୟ ଉଲ୍ଲେଖ ଥିଲା । କାରଣ, ଏହା ପୂର୍ବରୁ ପାଲୁରଠାରେ ଯେଉଁ ଜାପାନୀ ସୈନ୍ୟ ଓହ୍ଲାଇ ଗିରଫ ହୋଇଥିଲେ, ସେହି ଜାପାନୀ ସୈନ୍ୟ ସହିତ ସତ୍ୟବାଦୀ ବାବୁଙ୍କର ସମ୍ପର୍କ ଥିବା ଖବର ବଙ୍ଗ ସରକାର ଜାଣି ପାରିଥିଲେ । ତେଣୁ "ବଙ୍ଗଳା ବାହାର" ଆଦେଶ ତାଙ୍କୁ ମଧ୍ୟ ଦିଆଯାଇଥିଲା ।

## ଓଡ଼ିଶାରେ ଧର ପଗଡ଼

ଏ ମଧ୍ୟରେ ଗୋଏନ୍ଦା ବିଭାଗ ଓଡ଼ିଶା ସଂଗଠନର ସୁରାକ ପାଇ ତନାଘନା ଅନୁସନ୍ଧାନ ଚଳାଇଲେ । ଏତେବେଳକୁ 'ନବଭାରତ' ପ୍ରେସରେ ବିପ୍ଳବୀ ସୁଭାଷ ବହିର ମୁଦ୍ରଣ କାର୍ଯ୍ୟ ଚାଲିଥାଏ, ପ୍ରେସ ଖାନତଲାସ ହେଲା । ଅଶୋକ ଦାସ, ସୁରଜମଲ ସାହା, ବିବୁଧେନ୍ଦ୍ର ମିଶ୍ର ଓ ହରିହର ପୁଜାପଣ୍ଡାଙ୍କୁ ଗିରଫ କରି ଜେଲରେ ଅଟକ ରଖାଗଲା । ଅଫିସରମାନେ ତାଙ୍କଠାରୁ ଖବର ବାହାର କରିବାପାଇଁ ଟର୍ଚ୍ଚର ( ଅତ୍ୟାଚାର ) ମଧ୍ୟ କରିଥିଲେ । ଓଡ଼ିଶାରେ ସେତେବେଳର ଡ଼ି, ଆଇ,ଜି ପୁଲିସ

Digitized by PPRACHIN, SOA

ରେନେର୍ଭ ସାହେବ ଓ ପୁଲିସ ଆଇ, ଜି, ପେକିଁନ ସାହେବ ମଧ୍ୟ କଲିକତା ଯାଇ ଥିଲେ । ଶ୍ରୀହର୍ଷ ବାବୁଙ୍କ ଠାରୁ ଗୁପ୍ତ ଖବରର ଅଣୁମାତ୍ର ସୂଚନା ନ ପାଇବାରୁ ସେଠାରୁ ଫେରି ବ୍ରହ୍ମପୁର ଜେଲରେ ସୁଗଜମଲ ସାହା ଓ ବିବୁଧେନ୍ଦ୍ର ମିଶ୍ରଙ୍କ ସହ ଦେଖାକଲେ । ମାତ୍ର ବହୁ ଉଦ୍ୟମ କରି ତାଙ୍କଠାରୁ ମଧ୍ୟ କୌଣସି ସୁଚନା ପାଇ ପାରି ନ ଥିଲେ ।

## ପରିଣତିର ଗତି

ଏ ସବୁଥିରୁ ସହଜରେ ଅନୁମାନ କରଯାଇ ପାରେ ଯେ ଦିବାକର ବାବୁ ସେ ଦିନ ପାଇଖାନା ଭିତରେ କଲିକତାସ୍ଥ ଗୁପ୍ତ ଛାଉଣିର ଉପରୋକ୍ତ ସୂଚନା- ପତ୍ରଟି ଗ୍ରେବାଇ ଗିଳି ଦେଇ ନ ଥିଲେ, ଶ୍ରୀହର୍ଷବାବୁ, ଦିବାକର ବାବୁ, ସତ୍ୟବାଦୀ ପ୍ରଧାନ, ପ୍ରଭୃତି ଫରଓ୍ୱାର୍ଡ ବ୍ଲକର ସମସ୍ତେ ଏଥିଲାଗି ଫାଶି ପାଇବା ନିଶ୍ଚିତ ଥିଲା ଏବଂ ଏମାନଙ୍କ ସହିତ ବଡ଼ ବଡ଼ ନେତାମାନଙ୍କୁ ନୀଳକଣ୍ଠ ବାବୁ ଓ ଗୋଦାବରୀଶଙ୍କୁ ମଧ୍ୟ ଫାଶି ଦଣ୍ଡର ସାମନା କରିବାକୁ ପଡ଼ିଥାନ୍ତା ।

ଶ୍ରୀହର୍ଷ ବାବୁ ଦମ୍ ଦମ୍ ଜେଲରେ ଅଟକ ବନ୍ଦୀ ହୋଇ ରହିଲେ । ଦିବାକର ବାବୁ ଓଡ଼ିଶାକୁ ଫେରି ନୀଳକଣ୍ଠ ବାବୁ ଓ ଗୋଦାବରୀଶ ବାବୁଙ୍କୁ ଦେଖା କରି କଲି- କତାରେ ଘଟିଥିବା ସମସ୍ତ ବୃତ୍ତାନ୍ତ ଜଣାଇଲେ ଓ ପରେ ପାରଳା ମହାରାଜାଙ୍କୁ ମଧ୍ୟ ସାକ୍ଷାତ କରି ସବୁ କହିଥିଲେ ।

ଓଡ଼ିଶା ରାଜ୍ୟପାଳ ମିଶ୍ରିତ ମନ୍ତ୍ରୀ ମଣ୍ଡଳର କାର୍ଯ୍ୟକୁ ବଡ଼ ସନ୍ଦେହ ଚକ୍ଷୁରେ ଦେଖିବା କଥା ଗୋଦାବରୀଶ ବାବୁଙ୍କୁ କହିଲେ । ନୀଳକଣ୍ଠ ବାବୁ ଜାତୀୟ ସମର ସାମୁଖ୍ୟ ସଭାପତି ଭାବେ କଟକ ଟାଉନହଲ ଓ ପୁରୀ ସିଂହଦ୍ୱାର ଠାରେ ଦେଇଥିବା ଦୁଇଟି ଭାଷଣ ପ୍ରଧାନ ମନ୍ତ୍ରୀ ପାରଳା ମହାରାଜାଙ୍କୁ ଦେଖାଇ, ତାଙ୍କୁ ସମର ସାମୁଖ୍ୟର ସଭାପତିତ୍ୱରୁ ଅବ୍ୟାହିତ ଦେବାପାଇଁ ଓ ସେ ସ୍ଥାନରେ ପ୍ରଧାନମନ୍ତ୍ରୀ ନିଜେ ରହିବାକୁ ପରାମର୍ଶ ଦେଲେ । ନୀଳକଣ୍ଠ ବାବୁଙ୍କୁ ଏ ବିଷୟ ନ କହି ମହାରାଜା ରାଜ୍ୟପାଳଙ୍କୁ କହିଲେ, " ମୁଁ ଏକା ଉଭୟ କାମ କରି ପାରିବି ନାହିଁ । ଏଥିପାଇଁ ଶ୍ରୀ ଦିବାକର ପଟ୍ଟନାୟକଙ୍କୁ କାର୍ଯ୍ୟକାରୀ ସଭାପତି କଲେ ମୁଁ ସଭାପତି ହୋଇ କାର୍ଯ୍ୟ ଚଳାଇ ନେବି । " କିନ୍ତୁ ରାଜ୍ୟପାଳ ଦିବାକର ବାବୁଙ୍କୁ ଲକ୍ଷ୍ୟ କରି କହିଲେ, "Don't Believe the fellow. He may be a good man at Bombay, but not in Orissa. " ଓ ତାଙ୍କ ପ୍ରସ୍ତାବକୁ ରେକ ଠୋକ ଅଗ୍ରାହ୍ୟ କରି ଦେଲେ ।

Digitized by PPRACHIN, SOA

ମନ୍ତ୍ରୀମଣ୍ଡଳ ସହିତ ସଂପୃକ୍ତ ବ୍ୟକ୍ତିମାନେ ବ୍ରିଟିଶ ସରକାର ବିରୁଦ୍ଧରେ, ବିଶେଷତଃ ନୀଳକଣ୍ଠ ବାବୁ, ଦିବାକର ବାବୁ, ଶ୍ରୀହର୍ଷ ବାବୁ ପ୍ରଭୃତି ଯେଉଁ ମାରାତ୍ମକ କାର୍ଯ୍ୟ ଆରମ୍ଭ କରିଛନ୍ତି ସେ ବିଷୟରେ ଗୋଏନ୍ଦା ପୁଲିସ ଦେଇଥିବା ରିପୋର୍ଟ ମହାରାଜାଙ୍କୁ ଲାଟ ସାହେବ ଦେଖାଇ ସେମାନଙ୍କୁ ଅନ୍ତର କରିବା କଥା କହିଥିଲେ । ମହାରାଜା ଲାଟଙ୍କ ସହ ହୋଇଥିବା ଆଲୋଚନା ଗୋଦାବରୀଶ ବାବୁଙ୍କୁ ଜଣାଇଲେ । ନୀଳକଣ୍ଠ ବାବୁ ଓ ଦିବାକର ବାବୁଙ୍କୁ ବାହାର କରି ମନ୍ତ୍ରୀମଣ୍ଡଳ ଚଳାଇବା ଆଉ ସମ୍ଭବ ନୁହେଁ ବୋଲି ଉପଲବ୍ଧି କରି ମହାରାଜା ପୁରୀ ରାଜ ଭବନଠାରେ ଲାଟ ସାହେବଙ୍କୁ ଇସ୍ତଫା ଦେଇ ଦେଲେ ।

ଯୁଦ୍ଧରେ ଯେଉଁମାନେ ପରାଜିତ ହୁଅନ୍ତି ସେମାନଙ୍କର ପ୍ରତିଭା ଯେପରି ପ୍ରକାଶିତ ଓ ବିକଶିତ ହୋଇ ପାରେ ନାହିଁ, ସେହି ପରି ମିଳିତ ମନ୍ତ୍ରୀମଣ୍ଡଳର ଭାରତ ମୁକ୍ତି ଆନ୍ଦୋଳନରେ ଗୌରବମୟ ପ୍ରତିଭା ବିକଶିତ ହୋଇ ପାରିଲା ନାହିଁ । ମାତ୍ର ଭାରତ ସ୍ୱାଧୀନ ହେବାରେ ସୁଭାଷ ବାବୁଙ୍କ ସହିତ ଯୁଦ୍ଧକାଳର ଏଇ ଅଧ୍ୟାୟଟି ଓ ନୀଳକଣ୍ଠ ବାବୁଙ୍କ ଠାରୁ ଆରମ୍ଭ କରି ହରିହର ପୂଜା ପଣ୍ଡାଙ୍କ ପର୍ଯ୍ୟନ୍ତ କାହାରି ଅବଦାନ ଭୁଲିଯିବାର ନୁହେଁ ।

---

ମାନବର ଜ୍ଞାନ ରେଖା, ତୁମ୍ଭରି ସେ ପ୍ରଭୁ,
ତୁମ୍ଭରି ଏ ନର ଆତ୍ମକଳା;
ବିଜ୍ଞାନ ଗରିମା ବିଶ୍ୱେ, ତୁମ୍ଭରି କରଣୀ,
ଦର୍ପ ତପ ଶାସନ ଶୃଙ୍ଖଳା ।
ଉଠୁ ସେ ବିଜ୍ଞାନକଳା, ଫୁଟୁ ସାଶନ ଶୃଙ୍ଖଳା,
ମହା ଆତ୍ମଜ୍ୟୋତି ଉଠୁ ବିଶ୍ୱ ଅବଗାହି,
ମହିମାର କଳା ଯାଉ ସର୍ଗଚକ୍ରେ ବହି ।
ତୁମ୍ଭରି ସେ ଜ୍ୟୋତିରେଖା, ତୁମ୍ଭ ବିନୁ ପ୍ରହେଳିକା,
ଉତ୍ତୁଙ୍ଗ ବିଜ୍ଞାନେ ତୁମ୍ଭ ବିନୁ ସତ୍ତା ନାହିଁ ।

(ନୀଳକଣ୍ଠ–ଭକ୍ତିଗାଥା)

Digitized by PPRACHIN, SOA

# ବାଚସ୍ପତି ପଣ୍ଡିତ ନୀଳକଣ୍ଠ

ଶ୍ରୀ ହରିହର ବାହିନୀପତି

ସେ ଦିନ ଥାଏ ୧୯୫୭ ଡିସେମ୍ବର ୧୧ । ଦ୍ୱିତୀୟ ସାଧାରଣ ନିର୍ବାଚନରେ ପଣ୍ଡିତ ନୀଳକଣ୍ଠ ଓଡ଼ିଶା ବିଧାନ ସଭାରୁ ଅପ୍ରତିଦ୍ୱନ୍ଦୀ ଭାବରେ ନିର୍ବାଚିତ ହୋଇ ବାଚସ୍ପତି ଆସନରେ ବସିଥାନ୍ତି । ପ୍ରଶ୍ନୋତ୍ତର ପରେ ପରେ ମୁଁ ଏକ ସ୍ୱାଧିକାର ପ୍ରଶ୍ନ ଉତ୍ଥାପନ କଲି ଯେ ସମ୍ବିଧାନର ୧୮୭ ଅନୁଚ୍ଛେଦ ଅନୁଯାୟୀ ବିଧାନ ସଭାର ସଚିବାଳୟକୁ ସରକାରୀ ନିୟନ୍ତ୍ରଣରୁ ମୁକ୍ତ କରାଯାଇ ନ ଥିବାରୁ, ଗୃହର ତଥା ସଭ୍ୟମାନଙ୍କର ସ୍ୱାଧିକାର କ୍ଷୁଣ୍ଣ ହେଉଛି । ଅଧ୍ୟକ୍ଷ ପଣ୍ଡିତ ଦାସ ଏ ଦିଗରେ ବିଚାର କରାଯାଉଛି ଏବଂ ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ନେବେ ବୋଲି ଘୋଷଣା କଲେ । ପରବର୍ତ୍ତୀ ଦିବସରେ ଦିନେ ପୂର୍ବାହ୍ନ ବୈଠକରେ ସ୍ୱାଧିକାର ପ୍ରଶ୍ନର ନିଷ୍ପତ୍ତି ତୁରନ୍ତ ହେବା ପାରମ୍ପରିକ ସଂସଦୀୟ ରୀତି ଥିବାରୁ ମୁଁ ସେହି ପ୍ରଶ୍ନ ପୁନର୍ବାର ଉତ୍ଥାପନ କଲି ଏବଂ ଅପରାହ୍ନରେ ଅଧ୍ୟକ୍ଷ ଏ ସଂପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଦେବାକୁ ଯାଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡ଼କ୍ଟର ହରେକୃଷ୍ଣ ମହତାବ, ବିରୋଧୀ ଦଳର ନେତା ଗଜେନ୍ଦ୍ର ନାରାୟଣ ସିଂହଦେଓ, ଦୀନବନ୍ଧୁ ସାହୁ, ମନ୍ତ୍ରୀ ସର୍ବଶ୍ରୀ ରବୀନ୍ଦ୍ର ମୋହନ ଦାସ, ହରିହର ଦାସ ( ଆସ୍କା ) ଓ ବିଜୟ କୁମାର ପାଣିଙ୍କୁ ନେଇ ଏକ କମିଟି ଗଠନ କଲେ । ଏହି କମିଟିର ସଭାପତି ରହିଲେ ସ୍ୱୟଂ ବାଚସ୍ପତି, ଯାହାକି ବିଧାନ ସଭା କମିଟି ଗଠନର ପାରମ୍ପରିକ ରୀତି ।

ଅଳ୍ପଦିନ ପୂର୍ବରୁ ଏକ କୌତୂହଳପୂର୍ଣ୍ଣ ଘଟଣା ଘଟିଥାଏ । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ମାନ୍ୟବର ଲିଙ୍ଗରାଜ ପାଣିଗ୍ରାହୀ ଅବସର ଗ୍ରହଣ ପରେ ବ୍ରହ୍ମପୁରରୁ ନିର୍ବାଚିତ ହୋଇ ଓଡ଼ିଶାର ମନ୍ତ୍ରୀ ହୋଇଥାନ୍ତି ଏବଂ ତାଙ୍କ ଦାୟିତ୍ୱରେ ରାଜସ୍ୱ, ଶିକ୍ଷା ଇତ୍ୟାଦି କେତେକ ବିଭାଗ ରହିଥାଏ । ସେ ସମୟରେ ଘଟଣା ଚକ୍ରରେ ୩ ବର୍ଷିଆ ଡ଼ିଗ୍ରୀ ପାଠ୍ୟ କ୍ରମର ପ୍ରଚଳନ ନିମନ୍ତେ ପ୍ରସ୍ତାବ ଥାଏ । ମୋର ଏକ ପ୍ରଶ୍ନରେ ଶିକ୍ଷା-ମନ୍ତ୍ରୀ ଉତ୍ତର ଦେଲେ ଯେ ଏହା ସରକାରଙ୍କର ବିଚାରାଧୀନ ଅଛି । କେତେ ସମୟ ପର୍ଯ୍ୟନ୍ତ ଏହା ବିଚାରାଧୀନ ରହିବ ବୋଲି ମୁଁ ଏକ ଅତିରିକ୍ତ ପ୍ରଶ୍ନ ପଚାରିବାରୁ ଶିକ୍ଷା-

Digitized by PPRACHIN, SOA

ମନ୍ତ୍ରୀଙ୍କର ଉତ୍ତର ହେଲା ଯେ ସେ ଜ୍ୟୋତିଷୀ ନୁହନ୍ତି । ଏଥିରେ ମୁଁ ହଠାତ୍ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରି କହିଲି, "ଅନ୍ୟାନ୍ୟ ମନ୍ତ୍ରୀମାନେ ଉତ୍ତର ଦେଲାବେଳେ ତ ଜ୍ୟୋତିଷ ଶିକ୍ଷା ଦରକାର ପଡୁନାହିଁ । ଯଦି ଏହି ମନ୍ତ୍ରୀ ମହାଶୟଙ୍କର ଏହା ଆବଶ୍ୟକ, ତେବେ ସେ ଆଗେ ଜ୍ୟୋତିଷ ବିଦ୍ୟା ଶିକ୍ଷା କରନ୍ତୁ, ପରେ ମନ୍ତ୍ରୀ ହେବେ !" ଯୋଗକୁ ବିଧାନ ସଭାର ସଚିବାଳୟ ସେହି ମନ୍ତ୍ରୀଙ୍କ "ଘରୋଇ" ବିଭାଗ ଅଧୀନରେ ରହିଥାଏ । ଏଠି ସ୍ମରଣୀୟ ଯେ ପୂର୍ବରୁ ମଧ୍ୟ ବିଧାନ ସଭାକୁ ପୃଥକ କରିବା ନିମନ୍ତେ ଏକ ଉଦ୍ୟମ ବିଧାନ ସଭାର ସ୍ୱାଧିକାର କମିଟି ମାଧ୍ୟମରେ ଆରମ୍ଭ ହୋଇ ୧୯୪୭ ଜୁନ୍ ୭ ତାରିଖରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ମାତ୍ର ତତ୍କାଳୀନ ଘରୋଇ ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋଙ୍କ ବିରୋଧ ଯୋଗୁଁ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା । ଏପରି ଅବସ୍ଥାରେ ବିଧାନ ସଭାର ଏଥର ଘରୋଇ ବିଭାଗ ମନ୍ତ୍ରୀ ମାନ୍ୟବର ପାଣିଗ୍ରାହୀ କାର୍ଯ୍ୟାଳୟକୁ ପୁନର୍ବାର ଘରୋଇ ବିଭାଗ ନିୟନ୍ତ୍ରଣରୁ ମୁକ୍ତ କରିବା ଉଦ୍ୟମର ବିରୋଧ କରିବା ସ୍ୱାଭାବିକ । ସେ ସମୟରେ ଏହି ଘଟଣାକୁ କେନ୍ଦ୍ର କରି ମୋର କେତେକ ବନ୍ଧୁ ଅନୁମାନ କଲେ ଯେ ପଣ୍ଡିତ ଦାଂସଙ୍କ ପ୍ରରୋଚନାରେ ମୁଁ ଏପରି ପ୍ରଶ୍ନ ବିଧାନ ସଭାରେ ଉତ୍‌ଥାପନ କରିଥିଲି । କେତେକ ଅନ୍ତରଙ୍ଗ ବନ୍ଧୁ ମୋତେ ସିଧା ସଳଖ ଏ ସମ୍ପର୍କରେ ପଚାରିଥିଲେ । କିନ୍ତୁ ଆଜି ପଣ୍ଡିତଜୀଙ୍କ ଜନ୍ମଦିବସରେ ଶତ-ବାର୍ଷିକୀ ପାଳନର ଅବସରରେ ମୁଁ ସ୍ପଷ୍ଟ କରି ଦେବାକୁ ଚାହେଁ ଯେ ବିଧାନ ସଭାରେ ଏପରି ପ୍ରଶ୍ନ ଉତ୍‌ଥାପନ ସହିତ ମୋର ପଣ୍ଡିତଜୀଙ୍କ ସହ ଆଗରୁ କୌଣସି କଥା-ବାର୍ତ୍ତା ହୋଇ ନାହିଁ । ଭାରତୀୟ ସମ୍ବିଧାନର ସଂପୃକ୍ତ ଅନୁଚ୍ଛେଦ ଓ ବ୍ରିଟିଶ୍ ଶାସନ ଅମଳରେ ତତ୍କାଳୀନ ଭାରତୀୟ ଗଣତନ୍ତ୍ରର ଜନକ କେନ୍ଦ୍ର ବ୍ୟବସ୍ଥା ସଭାର ସଭାପତି ବିଠଲଭାଇ ପଟେଲଙ୍କର ବ୍ରିଟିଶ ଶାସନ ସହିତ ବାଦାନୁବାଦ ପରେ, ୧୯୨୮—୨୯ ରେ ବ୍ରିଟିଶ ଶାସନ ଶ୍ରୀଯୁକ୍ତ ପଟେଲଙ୍କ ପାଖରେ ହାର ମାନିବାର ବିବରଣୀ ମୋତେ ଏହି ପ୍ରଶ୍ନ ଉତ୍‌ଥାପନ କରିବାକୁ ପ୍ରେରଣା ଦେଇଥିଲା ।

ପଣ୍ଡିତଜୀଙ୍କ ବ୍ୟକ୍ତିତ୍ୱ ଓ ଦୃଢ଼ତା ଫଳରେ ଅବଶେଷରେ ବିଧାନ ସଭାର ସଚିବାଳୟ ପ୍ରଶାସନିକ କର୍ତ୍ତୃତ୍ୱରୁ ମୁକ୍ତ ହେଲା, ୧୯୫୮ ସେପ୍ଟେମ୍ବର ୨୬ ତାରିଖରେ । ଏଥିପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶିତ ହେଲା । କମିଟିର ସଭ୍ୟମାନଙ୍କୁ ଦେଇଥିବା ସ୍ମାରକ ପତ୍ରରେ କେନ୍ଦ୍ର, ବିଭିନ୍ନ ରାଜ୍ୟ, ବ୍ରିଟିଶ ପାର୍ଲାମେଣ୍ଟର ପରମ୍ପରା, ଶାସନ ବିଧାୟକ ସଭାର ସଂପୃକ୍ତ ଅନୁଚ୍ଛେଦ ସଂପର୍କରେ ଦେଇଥିବା ଆଲୋଚନା ପ୍ରସଙ୍ଗରେ ଡ଼କ୍ଟର ଆମ୍ବେଦକରଙ୍କ ମତ, ସମ୍ବିଧାନ ପଣ୍ଡିତମାନଙ୍କର ମନ୍ତବ୍ୟ ସହିତ ଘରୋଇ

Digitized by PPRACHIN, SOA

ବିଭଗର ବିରୋଧ ଯୋଗୁଁ ପୂର୍ବତନ ବାଚସ୍ପତି ମାନ୍ୟବର ଲାଲମୋହନ ପଟ୍ଟନାୟକଙ୍କ ଅମଳରୁ ତାଙ୍କ ସମୟ ପର୍ଯ୍ୟନ୍ତ ଏହି ଉଦ୍ୟମ କିପରି ବାଧାପ୍ରାପ୍ତ ହେଉଥିଲା, ସେ ସବୁ ବିସ୍ତୃତ ଭାବରେ ପଣ୍ଡିତ ନୀଳକଣ୍ଠ ଉଲ୍ଲେଖ କରିଥିଲେ । ବିଧାନ–ସଭାର ଗଣତାନ୍ତ୍ରିକ ତଥା ସାମ୍ବିଧାନିକ ମର୍ଯ୍ୟାଦା ରକ୍ଷା ପାଇଁ ପଣ୍ଡିତ ନୀଳକଣ୍ଠ ବାଚସ୍ପତି ଆସନରୁ ବିଧାନ ସଭାକୁ ସ୍ୱାଧୀନତା ଦିଆ ନ ଗଲେ, ତାକୁ ଅସାମ୍ବିଧାନିକ ଘୋଷଣା କରିବା ନିମନ୍ତେ ଚିନ୍ତା କରୁଛନ୍ତି ବୋଲି ମଧ୍ୟ କହିଥିଲେ ଓ ତାହା ସେତେବେଳର ମୁଖ୍ୟମନ୍ତ୍ରୀ ଡ଼ଃ ମହତାବଙ୍କୁ କିପରି ପ୍ରଭାବିତ କରିଥିବ, ଏ କଥା ଅନୁମାନର ବିଷୟ ।

ଖାଲି ବିଧାନ ସଭାକୁ ସ୍ୱତନ୍ତ୍ର କରି ନୁହେଁ, ବିଧାନ ସଭା ଭାଙ୍ଗିଗଲା ପରେ ବି, ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ବାଚସ୍ପତି ଆସନ ଶୂନ୍ୟ ହେବନାହିଁ ବୋଲି ପଣ୍ଡିତ ନୀଳକଣ୍ଠ ପ୍ରଥମେ ଘୋଷଣା କରି ଏବଂ ଭାରତ ସରକାରଙ୍କ ସହିତ ଲଢ଼ି, ଏ ଦେଶରେ ପ୍ରଚଳିତ ପୂର୍ବର ପରମ୍ପରା ଭାଙ୍ଗି ସାରା ଦେଶ ପାଇଁ ଏକ ନୂତନ ସଂଶୋଧିତ ଆଇନ ପ୍ରଚଳନ କରାଇଛନ୍ତି । ଏବଂ ଉଭୟ କ୍ଷେତ୍ରରେ ତାଙ୍କ ଯୁକ୍ତି ଏବଂ ମତ ନିର୍ଭୁଲ ଥିବା ପ୍ରମାଣିତ କରି ଯାଇଛନ୍ତି ।

ବାଚସ୍ପତି ଭାବରେ ପଣ୍ଡିତଜୀଙ୍କର ବିରୋଧୀ ଦଳ ପ୍ରତି ତଥା ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି କିପରି ମର୍ଯ୍ୟାଦାବୋଧ ଥିଲା, ତାର ଅନ୍ୟ ଏକ ଦୃଷ୍ଟାନ୍ତ ଏଠାରେ ଉଲ୍ଲେଖନୀୟ । ଦିନେ ପ୍ରଶ୍ନୋତ୍ତର ପରେ ପରେ ସମ୍ଭବତଃ କୌଣସି ମୁଲତବି ପ୍ରସ୍ତାବକୁ ଗ୍ରହଣ କରିବାର ଦାବି ସମ୍ବନ୍ଧରେ ମୁଁ ବାରମ୍ବାର ଠିଆ ହେବାରୁ ବାଚସ୍ପତି ଆସନରୁ ପଣ୍ଡିତ ନୀଳକଣ୍ଠ କ୍ରୁଦ୍ଧ ସ୍ୱରରେ ମୋତେ ବସିବାପାଇଁ ନିର୍ଦ୍ଦେଶ ଦେଲେ । ଏଥିରେ ମୁଁ କ୍ଷୁଣ୍ଣ ହୋଇ ଏହାର ପ୍ରତିବାଦ ସ୍ୱରୂପ କକ୍ଷ ତ୍ୟାଗ କଲି । ବିରୋଧୀ ଦଳର ସମସ୍ତ ସଭ୍ୟ ମୋତେ ସମର୍ଥନ କରି ଏହାପରେ ମଧ୍ୟ କକ୍ଷ ତ୍ୟାଗକଲେ । ବିରୋଧୀ ଦଳର ଅନୁପସ୍ଥିତିରେ ବିଧାନ ସଭାର କାର୍ଯ୍ୟ ଚାଲୁ ରହିବା ସଙ୍ଗତ ନୁହେଁ ବୋଲି ମନ୍ତବ୍ୟ ଦେଇ ନୀଳକଣ୍ଠ ଗୃହକୁ ହଠାତ୍ ମୁଲତବି କରିଦେଲେ ।

ପଣ୍ଡିତ ନୀଳକଣ୍ଠ ତାଙ୍କର ବହୁବିଧ ପ୍ରତିଭା ସହିତ ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା, ସଂସଦୀୟ ଗଣତନ୍ତ୍ରରେ ବିରୋଧୀ ଦଳ ପ୍ରତି ମର୍ଯ୍ୟାଦାସମ୍ପନ୍ନ ଅଭିରୁଚି ତଥା ସାମ୍ବିଧାନିକ ସ୍ଥିତି ଓ ସଂହତିର ଜାଗ୍ରତ ପ୍ରହରୀ ସ୍ୱରୂପ, ଅନ୍ୟତମ ବିଶିଷ୍ଟ ପ୍ରତିଭାର ଅଧିକାରୀ ଭାବରେ ଚିରକାଳ ସ୍ମରଣୀୟ ହୋଇ ରହିବେ ।

Digitized by PPRACHIN, SOA

# ଓଡ଼ିଆ ସଂସ୍କୃତିର ପୁରୋଦ୍ରଷ୍ଟା ନୀଳକଣ୍ଠ ଓ କଂଗ୍ରେସ ଆନ୍ଦୋଳନ

ଡ଼ଃ ବିକ୍ରମ ଦାସ

ନାଗପୁର କଂଗ୍ରେସ ଅଧିବେଶନରେ ଭାଷା ସୂତ୍ରରେ ପ୍ରଦେଶ ଗଠନ ପ୍ରସ୍ତାବ ଗୃହୀତ ହେବାପରେ ବିହାର–ଓଡ଼ିଶାର--ଓଡ଼ିଶାଖଣ୍ଡ ସହିତ ସମସ୍ତ ବିଚ୍ଛିନ୍ନ ଅଞ୍ଚଳକୁ ଘେନି ଉତ୍କଳ କଂଗ୍ରେସ ଗଢା ଯାଇଥିଲା । ତା'ପରେ ଗୋପବନ୍ଧୁ ଅସହଯୋଗ ଆନ୍ଦୋଳନରେ ଯୋଗ ଦେବାକୁ ସ୍ଥିର କରି ସତ୍ୟବାଦୀ ଶିକ୍ଷା ଅନୁଷ୍ଠାନକୁ ଏକ ଜାତୀୟ ଅନୁଷ୍ଠାନରେ ପରିଣତ କରିବାର ଯୋଜନା କଲେ ।

ଓଡ଼ିଆ ଜାତିକୁ ଉନ୍ନତ କରିବାକୁ ହେଲେ ସମୃଦ୍ଧ ଓଡ଼ିଆ ଭାଷା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ଉପସ୍ଥାପିତ କରିବା ନୀଳକଣ୍ଠଙ୍କର ଲକ୍ଷ୍ୟ ଥିଲା । କଲିକତା ବିଶ୍ୱ ବିଦ୍ୟାଳୟର କୁଳପତି ସାର୍ ଆଶୁତୋଷ ମୁଖର୍ଜୀଙ୍କ ଅନୁରୋଧରେ, ନୀଳକଣ୍ଠ ୧୯୨୦ ଅକ୍ଟୋବରରେ ଓଡ଼ିଆ ଓ ତୁଳନାତ୍ମକ ଭାଷାତତ୍ତ୍ୱ ବିଭାଗରେ ସୋନପୁର ଚେୟାରର ଅଧ୍ୟାପକତ୍ୱ ଦୁଇବର୍ଷ ପାଇଁ ଗ୍ରହଣ କରିଥିଲେ ।

୧୯୨୧ ଜାନୁଆରୀ ପହିଲା ବେଳକୁ ଅସହଯୋଗ ଆନ୍ଦୋଳନର ବାର୍ତ୍ତା ଦେଶସାରା ଚାରିଆଡ଼େ ଖେଳିଗଲା । ଅଧ୍ୟାପକ ନୀଳକଣ୍ଠଙ୍କ କଲିକତା ବସାରେ ସମ୍ବଲପୁରର ଜଣେ ଛାତ୍ର ଶ୍ରୀ ଭଗୀରଥ ମିଶ୍ର ଏକାଠି ରହୁଥିଲେ । ଏହାର ଚଉଦ ପନ୍ଦର ବର୍ଷ ପୂର୍ବରୁ ଓଡ଼ିଆମାନଙ୍କ ଆନ୍ଦୋଳନ ଫଳରେ ମଧ୍ୟପ୍ରଦେଶରୁ କଢ଼ା ହୋଇ ସମ୍ବଲପୁର ଜିଲ୍ଲା ଓଡ଼ିଶା ଡ଼ିଭିଜନ୍‌ରେ ମିଶିଥିଲା । ପଶ୍ଚିମାଞ୍ଚଳର ସିଂହଭୂମି ପ୍ରଭୃତି ଓଡ଼ିଆ ଅଞ୍ଚଳ ଓଡ଼ିଶା ଡ଼ିଭିଜନ୍‌ରେ ମିଶିନଥିଲା । ତେଣୁ ସେ ସବୁ ସ୍ଥାନରେ ଜାତୀୟତା ଆନ୍ଦୋଳନର ଅତ୍ୟନ୍ତ ଆବଶ୍ୟକତା ରହିଥିଲା ଓ ସେ ସବୁ ସ୍ଥାନ ପାଇଁ ସମ୍ବଲପୁରହିଁ ମୂଳପିଣ୍ଡ ଥିଲା ।

ଭାରତର ଚାରିଆଡ଼େ ସ୍ୱାଧୀନତା ପ୍ରାପ୍ତିର ଆକାଂକ୍ଷା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ସମ୍ବଲପୁରର ଅବସ୍ଥା ଅତି ଉତ୍ତେଜିତ ଅବସ୍ଥାରେ ଅଛି ଓ ସେଠାରେ ସରକାରୀ ଦମନ ଲୀଳାର ଚକ୍ରାନ୍ତ ଚାଲିଛି ବୋଲି ଭଗୀରଥ ମିଶ୍ରେ ନୀଳକଣ୍ଠଙ୍କୁ ଆସି ଖବର ଦେଲେ ।

Digitized by PPRACHIN, SOA

ନୀଳକଂଠ ସଙ୍ଗେ ସଙ୍ଗେ ଗୋପବନ୍ଧୁଙ୍କୁ ଟେଲିଗ୍ରାମ କଲେ "ଆପଣ ଆସନ୍ତୁ ସମ୍ବଲପୁର ଯିବା, ସେଠାରେ ହିଁ ମୁଁ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିବି, ତା'ପରେ ଆପଣ ଫେରିଯିବେ । "୧୯୨୧ ଜାନୁଆରୀ ୬ ତାରିଖ ଦିନ ନୀଳକଣ୍ଠ କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ପଦ ତ୍ୟାଗ କରି ଗୋପବନ୍ଧୁ ଓ ଭଗୀରଥଙ୍କ ସହିତ ସଂବଲପୁର ଅଭିମୁଖେ ଯାତ୍ରାକଲେ । ୭ ତାରିଖ ସକାଳୁ ସମ୍ବଲପୁର ଷ୍ଟେସନଠାରୁ ଏମାନଙ୍କୁ ନେଇ ଏକ ବିରାଟ ଶୋଭଯାତ୍ରା ସହର ପରିକ୍ରମା କଲା । ସନ୍ଧ୍ୟାରେ ଗୋପବନ୍ଧୁ ସତ୍ୟବାଦୀ ଫେରିଗଲେ । ନୀଳକଣ୍ଠ ସେହିଠାରେ ରହି ଅସହଯୋଗ ଆନ୍ଦୋଳନ ଆରମ୍ଭ କଲେ ।

ତାଙ୍କ ଅସହଯୋଗ ଡ଼ାକରେ ବହୁ ଛାତ୍ର ସରକାରୀ ସ୍କୁଲ ଛାଡ଼ିଲେ । ସେମାନଙ୍କ ପଢ଼ାର ବ୍ୟବସ୍ଥା ପାଇଁ ନୀଳକଣ୍ଠ ବଂଧୁ ଚନ୍ଦ୍ରଶେଖର ବେହେରଙ୍କ ସାହାଯ୍ୟରେ ଏକ ଜାତୀୟ ସ୍କୁଲ ଆରମ୍ଭ କଲେ ଓ ତାହାର ଅଧ୍ୟକ୍ଷ ହେଲେ ।

ସମ୍ବଲପୁର ଜାତୀୟ ଆନ୍ଦୋଳନରେ ଏପରି ଲିପ୍ତରହୁଥିଲେଯେ ନିଜ ପରିବାରର କୌଣସି ଖବର ବା ଯତ୍ନ ନେଇପାରୁ ନଥିଲେ । ଗୋଟିଏ ବିରାଟ ସାଧାରଣ ସଭାରେ ଭାଷଣ ଦେବାବେଳେ ସେ ତାଙ୍କର ପ୍ରଥମ କନ୍ୟାର ମୃତ୍ୟୁ ସମ୍ବାଦକୁ ଅବିଚଳିତଭାବରେ ଗ୍ରହଣ କରିଥିଲେ । ଘରକୁ ଯିବାକୁ ତାଙ୍କୁ ସମୟ ନଥିଲା । ୭।୮ ବର୍ଷର ଶିଶୁପୁତ୍ର ଅଶୋକକୁ ସମ୍ବଲପୁରରେ ଏକାକୀ ପାଖରେରଖି ତାଙ୍କ ଜାତୀୟ ସ୍କୁଲରେ ପଢ଼ାଇବା ପାଇଁ ତାଙ୍କ ପୂର୍ବତନ ଛାତ୍ର ଚନ୍ଦ୍ରଶେଖର ମିଶ୍ରଙ୍କ ହାତରେ ଡ଼କାଇ ଆଣିଲେ । ପରେ ପରେ ଲୋକସେବା ଓ ସଂବାଦପତ୍ର ପ୍ରକାଶନ ପ୍ରଭୃତିରେ ସେ ଓ ଚନ୍ଦ୍ରଶେଖର ମିଶ୍ର ଅତ୍ୟନ୍ତ ବ୍ୟସ୍ତ ରହିଥିବାରୁ ପୁତ୍ରକୁ ନିଜ ନିକଟରେ ନରଖି, ବନ୍ଧୁ ଗୋଦାବରୀଶଙ୍କ ନିକଟକୁ ସିଂହଭୂମି ଜାତୀୟ ସ୍କୁଲରେ ପଢିବାପାଇଁ ପଠାଇ ଦେଇଥିଲେ ।

ଏତେବେଳେ ମଫସଲ ଗ୍ରାମମାନଙ୍କରେ ହଇଜା ଓ ବସନ୍ତ ପ୍ରଭୃତି ତୀବ୍ର ଭାବରେ ଦେଖା ଯାଇଥିଲା । କାହାକୁ ହଇଜା ହେବାର ଜଣା ପଡ଼ିଲେ ଲୋକେ ସେ ଘର ଆଖପାଖ ଛାଡ଼ି ଚାଲି ଯାଉଥିଲେ । ହଇଜା ରୋଗୀଙ୍କୁ ପାଣି ଟୋପାଏ ଦେବାକୁ କେହି ନଥିଲେ । ଶବ ସତ୍କାର କରି ନପାରି ବେଳେବେଳେ ମୁମୂର୍ଷୁ ହଇଜା ମଲାକୁ ଗୋରୁ ଗୋଡ଼ରେ ବାନ୍ଧି ଦିଆଯାଉଥିଲା । ସେ ମଡ଼ା ଘୋଷାରି ଘୋଷାରି ହୋଇ ବାଟରେ ମରି ଗାଁ ବାହାରକୁ ଚାଲିଯାଉଥିଲା. ସରକାର ସେମାନଙ୍କର କୌଣସି ତତ୍ତ୍ୱ ନେଉ ନଥିଲେ ।

Digitized by PPRACHIN, SOA

ନୀଳକଣ୍ଠ ଏଥିରେ ବିବ୍ରତ ହୋଇ ପଡ଼ିଥିଲେ । ପ୍ରଥମେ ମଫସଲର ଗୋଟିଏ ବଡ଼ ଗ୍ରାମ "ମାନପୁର'ରେ ହଇଜା ଲଗିବା ସମ୍ବାଦ ପାଇ କେତେଜଣ ସ୍କୁଲ ପିଲଙ୍କୁ ସାଙ୍ଗରେ ଧରି, ହୋମିଓପ୍ୟାଥିକ ବାକ୍ସ, ଫିନାଇଲ ଓ ପଟାସ୍ ପରମାଙ୍ଗାନେଟ୍ ନେଇ ସେ ଗ୍ରାମରେ ପହଁଞ୍ଚିଲେ । ଭୟଭୀତ ଲୋକେ ତାଙ୍କୁ ଦେଖି ତଟସ୍ଥ ହେଲେ, କାରଣ ନୀଳକଣ୍ଠଙ୍କ ସଙ୍ଗେ କେବଳ ସହରର ପିଲ ନ ଥିଲେ, ମଫସଲ ଓ ଧନୀ ଘରର ପିଲମାନେ ମଧ୍ୟ ତାଙ୍କ ସଙ୍ଗରେ ଥିଲେ । ସେମାନେ ସମସ୍ତେ ନୀଳକଣ୍ଠଙ୍କ ସଙ୍ଗେ ରୋଗୀଙ୍କ ଘରେ ପଶି ଘର ପରିଷ୍କାର କରି ସେ ଘରେ ଝୁଣାଧୁଆଁ ଓ ଧୂପର ବ୍ୟବସ୍ଥା କଲେ । ରୋଗୀ ପାଖକୁ ଯାଇ ତା ପାଟିରେ ପାଣି ଦେଲେ । ରୋଗୀର ଲୋକଙ୍କୁ ଆଶ୍ୱାସନା ଦେଇ ସେମାନଙ୍କୁ ଫିନାଇଲ ଓ ପଟାସ୍ ପରମାଙ୍ଗାନେଟ ପ୍ରଭୃତିର ବ୍ୟବହାର ଶିଖାଇଲେ ।

ରୋଗୀମାନଙ୍କୁ ନୀଳକଣ୍ଠ ଯେଉଁ ଔଷଧ ଦେଉଥିଲେ, ତାହା ତାଙ୍କ ନିଜ ଭାଷାରେ ନଇବର୍ଦ୍ଧିକୁ ଦିଅଁକ ଗଣ'ପରି ହେଲେ ମଧ୍ୟ ସେଥିରେ ଅଦ୍ଭୁତ ଫଳ ଦେଖା ଯାଇଥିଲ । ବହୁରୋଗୀ ତାଜାହୋଇ ଉଠୁଥିଲେ । ସେ ଗ୍ରାମମାନଙ୍କରେ ନୀଳକଣ୍ଠଙ୍କ ଉପସ୍ଥିତି ଭିମିଆଁ ପରି କାମ କରୁଥିଲ । ସେ ଯେଉଁଠାରେ ଯାହା କହୁଥିଲେ ଲୋକେ ତାକୁ ବେଦରଗାର ପରି ମନେ କରୁଥିଲେ । ଭୟ ଘୃଣା ପ୍ରଭୃତି ଛାଡ଼ି ସେ ଲୋକେ ରୋଗୀ ସେବାରେ ଲଗି ଯାଉଥିଲେ ।

ଲୋକଙ୍କ ମନରୁ ସରକାରୀ ଲୋକ ଓ ରୋଗ ପ୍ରତି ଭୟ ଛଡ଼ାଇବା ପାଇଁ ଓ କଂଗ୍ରେସ ପ୍ରଚାରକୁ ଘରେ ଘରେ ପହଁଚାଇବାକୁ ନୀଳକଣ୍ଠ 'ସେବା' ନାମରେ ଗୋଟିଏ ସାପ୍ତାହିକ ପତ୍ରିକା ୧୯୨୧ ମେ' ମାସ ୧୮ ତାରିଖ ବୁଧବାର ଦିନ ସଖିପୁରରୁ ବାହାର କଲେ । ସେଥିରେ ତାଙ୍କର ପୂର୍ବତନ ଛାତ୍ର ଶ୍ରୀ ଚନ୍ଦ୍ରଶେଖର ମିଶ୍ର ପ୍ରଧାନ ସହକାରୀ ଥିଲେ ।

ସେ କାଗଜର ପ୍ରଥମ ଭାଗ ପ୍ରଥମ ସଂଖ୍ୟାରେ ବାହାରିଥିବା କେତେକ ବିଷୟ ବସ୍ତୁର ଅଂଶ ନିମ୍ନରେ ଦିଆଗଲ

## 'ଅର୍ଚ୍ଚନା'

"ତୁମର ଅନୁଗ୍ରହରେ ବିଧାତା ! ଏତେକାଳ ପରେ ଏ ନବଭବ ଖେଳୁଅଛି । ଭାରତବାସୀ ଆଜି ମାନବ ଜଗତରେ ଶାନ୍ତି ଓ ସ୍ୱାଧୀନତାର ମଂତ୍ର ପ୍ରଚାର କରୁଅଛି । ମାନବ ତୁମର ଶ୍ରେଷ୍ଠ ପ୍ରାଣୀ । ନିଜେ ବୁଝି ବିଚାରି ନିଜର କାର୍ଯ୍ୟ କରିବା ପାଇଁ ତୁମେ ତାକୁ ଅଧିକାର ଦେଇଅଛ । ସେଥିପାଇଁ ତାକୁ ବଳ ମଧ୍ୟ ଦେଇଅଛ । × × × ×

Digitized by PPRACHIN, SOA

ଆଜି ପୃଥିବୀର ଏ ରାକ୍ଷସ ଲୀଳା ବେଳେ ତୁମରି କୃପାରେ ପ୍ରଭୁ, ଏ ଶାଶ୍ୱତ ଭାରତ ଭୂମିରେ ଶାନ୍ତିର ମହାଦୀପ ଉଠୁଅଛି । ତୁମର ଆଦେଶରେ ହରି ସ୍ୱାଧୀନତାର ଏ ମହାଯଜ୍ଞ-ସାଧନାର ଏ ମହାପୂଜା × × × × ତୁମର ଅନନ୍ତ ଶାନ୍ତିର ସ୍ନିଗ୍ଧ ଜ୍ୟୋତିରେ, ସ୍ୱାଧୀନତାର ଅମୃତ ଆଲୋକରେ, ତାହାର ପ୍ରାଣ ସରସ, ସଜୀବ ଓ ପୁଲକିତ ହେଉ । ଭାରତ ବାସୀ, × × × × ତୁମର ଧର୍ମ ବଳରେ, କର୍ମ ଫଳରେ, ବିଶ୍ୱାସ ପ୍ରଭାବରେ ବିଧାତାଙ୍କର ଏ ମଙ୍ଗଳମୟୀ ଇଚ୍ଛା ପୂର୍ଣ୍ଣ ହେଉ । ଏହି ବିଶ୍ୱାସରେ ବିଶ୍ୱାସୀ ଭାରତବାସୀର ଏହି ସଞ୍ଚିତ ପୁଣ୍ୟ ପ୍ରଭାବ ଅନୁଭବ କରି ଆଜି ଆମ୍ଭେମାନେ ଏ 'ସେବା' ଆରମ୍ଭ କରୁଅଛୁ । ଆପଣାର ସୁଖ, ଆପଣାର ଭୋଗ, ଆପଣାର ସନ୍ତୋଷ, ପର ନିମନ୍ତେ ଛାଡ଼ିବାହିଁ ସେବା । ଏହି ସେବା ଜଗତରେ ମାନବର ଶ୍ରେଷ୍ଠ କର୍ମଯୋଗ, ସବୁ ପ୍ରାଣରେ ବିଧାତାଙ୍କୁ ଦେଖି, ପଦେ ପଦେ ବିଧାତାଙ୍କର କରୁଣା ଭିକ୍ଷାକରି, ମାନବର ମୁକ୍ତିରେ ଅଟଳ ବିଶ୍ୱାସ ରଖି, ବିଶ୍ୱପିତାଙ୍କ ଆଶୀର୍ବାଦରେ ଆମ୍ଭମାନଙ୍କର ଏ 'ସେବା' ସାର୍ଥକ ଓ ସାଂଗ ହେଉ ।

ଓଁ ଶାନ୍ତି ଶାନ୍ତି ଶାନ୍ତି ।"

'ସେବା' :

ସପ୍ତାହିକ ଗେଜେଟ । ଭାରତର ଜାତୀୟ ମହାସମିତିର ଉଦ୍ଦେଶ୍ୟ ଓ କାର୍ଯ୍ୟ ପ୍ରଚାର କରିବା ପାଇଁ ସମ୍ବଲପୁରରେ ଏହା ଏକ ମାତ୍ର ଗେଜେଟ । × × × 'ସେବା'ପାଇଁ ସମ୍ବାଦଦାତା ଓ ଏଜେଣ୍ଟ ଦରକାର, ସମ୍ବାଦ ଦେବାପାଇଁ ମଫସଲର ସବୁଠାରୁ ଲୋକ ଦରକାର । କଂଗ୍ରେସ କାମ ପ୍ରସାର ବିଷୟକ ସଂବାଦ ଆଦରରେ ନିଆଯିବ । ସଂବାଦଦାତା ନିଜର ନାମ, ପରିଚୟ ଭଲକରି ଲେଖିବେ । ତାଙ୍କର ନାମ ଅବଶ୍ୟ ପ୍ରକାଶିତ ହେବନାହିଁ । ମାତ୍ର ସଂପାଦକ ସେ ନାମ ଜାଣି ରଖିବା ଦରକାର ।" ସେବାର ସଂପାଦକ; ମିଶ୍ର ପ୍ରେସ୍ ସମ୍ବଲପୁର, (ସଂବାଦ) ଅସହଯୋଗ ପ୍ରସାର, ସମ୍ବଲପୁର । × × ×

ଏବେ ଏ ଜିଲ୍ଲାରେ ଜାତୀୟ ମହାସମିତି କାର୍ଯ୍ୟ ନିୟମିତ ଭାବରେ ଚାଲିଅଛି । ସହରରେ ଜିଲ୍ଲା କଂଗ୍ରେସ କମିଟିର ଗୋଟିଏ କାର୍ଯ୍ୟ ନିର୍ବାହିକା ସମିତି ଅଛି । ସମସ୍ତ କାର୍ଯ୍ୟ ଚଳାଇବା ପାଇଁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଅଫିସ୍ ସହରରେ ହୋଇଅଛି । କ୍ରମେ ଅନ୍ୟାନ୍ୟ କେନ୍ଦ୍ରସ୍ଥାନମାନଙ୍କରେ ସଦର ଅଫିସ୍ ତଳେ ମଧ୍ୟ ଗୋଟିଏ ଗୋଟିଏ ଅଫିସ ହେବ । ଉକ୍ତ କାର୍ଯ୍ୟ ନିର୍ବାହିକା ସମିତିର ଶ୍ରୀ ଅଚ୍ୟୁତାନନ୍ଦ ପୁରୋହିତ–ସଭାପତି । ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଦାସ ଓ ଶ୍ରୀ ଚନ୍ଦ୍ରଶେଖର ମିଶ୍ର ସଂପାଦକ ।

Digitized by PPRACHIN, SOA

ଶ୍ରୀଯୁକ୍ତ ଧରଣୀଧର ମିଶ୍ର (ବାନପ୍ରସ୍ଥ) ହିସାବ ସମୀକ୍ଷକ ଶ୍ରୀଯୁକ୍ତ ଜନାର୍ଦ୍ଦନ ସୂପକାର କୋଷାଧ୍ୟକ୍ଷ ଏବଂ ପଣ୍ଡିତ ଚନ୍ଦ୍ରଶେଖର ବେହେରା, ଶ୍ରୀ ବୈକୁଣ୍ଠନାଥ ବେହେରା, ଶ୍ରୀ ବାସୁଦେବ ପଣ୍ଡା, ରତନ ସିଂ ଭଇ, ପରମେଶ୍ୱର ବେହେରା, ଅର୍ଜ୍ଜୁନ ବରେଇ, ରାମ ଦେବ, ରାମ ପ୍ରତାପ, ସେବକ ଲଇ, ନୀଳକଣ୍ଠ ଦାସ, ଏମାନେ ସମସ୍ତେ ସଭ୍ୟ ।

ପ୍ରାୟ ଦୁଇ ସପ୍ତାହ ହେଲା କେବଳ ସଦର ସବ୍‌ଡ଼ିଭିଜନକୁ ପାଞ୍ଚଜଣ ନେତାଙ୍କ ଭିତରେ ଭାଗକରି ଦିଆଯାଇଛି, ଏବଂ ଭଲେଣ୍ଟିଅରମାନେ ଗାଁ ଗାଁ ବୁଲି କଂଗ୍ରେସ ପ୍ରଚାର କାମ କରୁଛନ୍ତି । ସରକାରୀ ଲୋକ ମିଛରେ ନାନା ପ୍ରକାର ଧମକ ଚମକ ଲୋକଙ୍କୁ ଦେଖାଉଛନ୍ତି । ବେଳେ ବେଳେ ଡ଼େପୁଟି କମିସନର ମଧ୍ୟ ନିଜେ ଯାଉଛନ୍ତି, ଏସବୁ କଥା ହେଉଛି ସତ, କିନ୍ତୁ ଲୋକେ ଭାରତ ମହାସମିତିର ମେମ୍ବର ହେବା ଦ୍ୱାରା କିଛି ଅନ୍ୟାୟ କରୁନାହାନ୍ତି, ଏକଥା ବେଶ୍ ବୁଝୁଛନ୍ତି । କଂଗ୍ରେସ ଉଦ୍ଦେଶ୍ୟ ଗ୍ରହଣ କରି ଲେଖି ଦେଉଛନ୍ତି । ଏହି ଦୁଇ ସପ୍ତାହ ହେବ କଂଗ୍ରେସ ମେମ୍ବର ଗ୍ରହଣ କରିବା ପାଇଁ ଉଦ୍‌ଯୋଗ କରାଯାଇଅଛି । × × × ।

## ଜାତୀୟ ବିଦ୍ୟାଳୟ :

ଗତ ଜାନୁଆରୀ ମାସରେ ସମ୍ବଲପୁର ସହରରେ ଜାତୀୟ ବିଦ୍ୟାଳୟ ବସିଥିବା କଥା ଆପଣମାନେ ଜାଣନ୍ତି । ସତ୍ୟବାଦୀ ସ୍କୁଲର ସୁପରିଚିତ ହେଡ଼ମାଷ୍ଟର ଏବଂ କଲିକତା ବିଶ୍ୱବିଦ୍ୟାଳୟର ଭୂତପୂର୍ବ ଓଡ଼ିଆ ଅଧ୍ୟାପକ ପଣ୍ଡିତ ନୀଳକଣ୍ଠ ଦାସ ସେହି ବିଦ୍ୟାଳୟର ହେଡ଼ମାଷ୍ଟର ଏବଂ ଶ୍ରୀ ଭଗୀରଥ ମିଶ୍ର, ଶ୍ରୀ ଅନନ୍ତରାମ ବେହେରା, ଶ୍ରୀ ଅମ୍ବିକା ମାଧବ ପଟ୍ଟନାୟକ, ଶ୍ରୀ ଚନ୍ଦ୍ରଶେଖର ମିଶ୍ର, ଶ୍ରୀ ବାଳମୁକୁନ୍ଦ ମିଶ୍ର, ଶ୍ରୀ ଶଙ୍କର ପ୍ରସାଦ ପାଢ଼ୀ, ପଣ୍ଡିତ ଶ୍ରୀ ଶିବକୁମାର ମିଶ୍ର, କମଳା ପ୍ରସାଦ ଓ ସୟଦ ଅବଦୁଲ, ଏହି ଅସହଯୋଗୀ ଯୁବକମାନେ ସାହିତ୍ୟ ଓ ଗଣିତ ଆଦି ବିଭାଗରେ ଶିକ୍ଷକ ।

ଶ୍ରୀଯୁକ୍ତ ଗଣେଶ ପ୍ରସାଦ ପାଢ଼ୀ ଓ ଚକ୍ରଧର ପଣ୍ଡା ବିହାର ଇଂଜିନିୟର ସ୍କୁଲରୁ ଅସହଯୋଗ କରିଆସି ଏବେ ଏଇ ବିଦ୍ୟାଳୟରେ ଶିଳ୍ପ ଶ୍ରେଣୀର ଭାର ନେଇ ଅଛନ୍ତି । ... ... ... ଯେପରି ଉନ୍ନତି ହେଉଅଛି ସେଥିରୁ ଜଣାଯାଏ, ଦୁଇବର୍ଷ ଶିକ୍ଷା ପାଇଲେ ଯୁବକମାନେ ନିଜ ଜୀବନ ପାଇଁ ସ୍ୱଚ୍ଛନ୍ଦରେ ରାସ୍ତା କରିପାରିବେ । × × ×

ଚନ୍ଦ୍ରଶେଖର ମିଶ୍ର

ସଂପାଦକ

Digitized by PPRACHIN, SOA

## ଉତ୍କଳ ସ୍ୱରାଜ ଶିକ୍ଷା ପରିଷଦ :

ପ୍ରବେଶିକା ପରୀକ୍ଷା ଫଳ । ବିଭିନ୍ନ କେନ୍ଦ୍ରରୁ ପାରଦର୍ଶିତା ସହିତ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନେ–

କଟକ କେନ୍ଦ୍ର–: ସୁବୋଧ ଚନ୍ଦ୍ର ପଟ୍ଟନାୟକ, ବିଭୁତିଭୂଷଣ ପଟ୍ଟନାୟକ, ଯୁଗଳ କିଶୋର ଦାସ, ମହମ୍ମଦ ଅବଦୁଲ ଲତିଫ ।

ସତ୍ୟବାଦୀ କେନ୍ଦ୍ର :– ଯଦୁମଣି ମିଶ୍ର, ଜଗନ୍ନାଥ ମିଶ୍ର, ହରିବନ୍ଧୁ ପରିଡ଼ା, ଭଗବତ ସୁବୁଦ୍ଧି, ଗଣେଶ ତ୍ରିପାଠୀ, ମର୍ଦ୍ଦରାଜ ରାଏ, ଜନାର୍ଦ୍ଦନ ବିଶ୍ୱାଳ, ଚିନ୍ତାମଣି ମିଶ୍ର ।

ସମ୍ବଲପୁର କେନ୍ଦ୍ର :– ନୀଳମଣି ମହାକୁର, ଜନାର୍ଦ୍ଦନ ପାଣିଗ୍ରାହୀ, କୁଞ୍ଜବିହାରୀ ପଟ୍ଟନାୟକ, ସୟଦ୍ ଅବ୍ଦୁଲ, ଗୌରାଙ୍ଗଚନ୍ଦ୍ର ବେହେରା, ଜଗନ୍ମୋହନ ହୋତା, ତ୍ରିଲୋଚନ ସାଇ, ବ୍ରଜରାଜ ପଣ୍ଡା, ଈଶ୍ୱରଚନ୍ଦ୍ର ମହାପାତ୍ର, ସୁଦର୍ଶନ ମହାକୁର ।

## ସେବା, ୮ମେ ତା ୨୮ ରିଖ

ଅସହଯୋଗ ପ୍ରସାର ସମ୍ବଲପୁର (୨୧ ।୪।୧୯୨୧ ପର୍ଯ୍ୟନ୍ତ) (ସମ୍ବାଦ) × × × ଏହାଛଡ଼ା ପ୍ରଚାରକ ଅନନ୍ତ ମିଶ୍ର, ଶ୍ରୀ ସତ୍ୟବାଦୀ ନନ୍ଦ ଓ ଶ୍ରୀ ଗଣନାଥ ପାଣିଗ୍ରାହୀ ଅତାବିରା ଥାନା ମଧ୍ୟରେ ପ୍ରଚାର କରୁଅଛନ୍ତି । × × ତଳେ ପ୍ରଚାରକ ଅନନ୍ତ ମିଶ୍ରଙ୍କ ରିପୋର୍ଟରୁ ଗୋଟିଏ ଅଂଶ ଦିଆଗଲା । ଏ ଦିନ ରେମଣ୍ଡଠାରେ ଦିନ ୪ଟା ବେଳେ ଗୋଟିଏ ସଭା ହୋଇଥିଲା, ପ୍ରାୟ ୫୦୦ ଲୋକ ଉପସ୍ଥିତ ହୋଇଥିଲେ । ଲୋକମାନଙ୍କୁ କଂଗ୍ରେସ ମେମ୍ବର ହେବା ବିଷୟ ବିଶଦ ଭାବରେ ବୁଝାଇ ଦିଆଗଲା । × × ଲୋକଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖାଗଲା, ତହସିଲଦାର ଓ ନାଏବ ତହସିଲଦାର ସେଠାରେ ଥିଲେ ମଧ୍ୟ ଲୋକେ ସେମାନଙ୍କୁ ଆଦୌ ଭୟ କରି ନଥିଲେ । ଏପରିକି କେହି କେହି ସେମାନଙ୍କ ଆଗରେ ତାଙ୍କ ବସା ହତାରେ ଆସି କଂଗ୍ରେସ ମେମ୍ବର ହୋଇଥିଲେ । ପୁଣି ଜଣେ ଲୋକ ଆମ୍ଭମାନଙ୍କ ସମକ୍ଷରେ ଗୋଟିଏ ଗିନା ବନ୍ଧା ପକାଇ ମେମ୍ବର ଫିସ୍ ଗ୍ରହିଅଣା ଦେଇଥିଲେ, ନାନା ବାଧାବିଘ୍ନ ସତ୍ତ୍ୱେ ୫୫ ଜଣ ମେମ୍ବର ହୋଇଥିଲେ । ××

## ସେବା, ୬ ଜୁଲାଇ ୧୯୨୧, ଜାତୀୟ ଶିକ୍ଷାର ଲାଭ

ଭାରତ କିପରି ଥିଲା, ଆଜିକାଲି ତାର ଅବସ୍ଥା କଅଣ, କାହିଁକି ଏପରି ହେଲା । ଏସବୁ ବିଷୟ ତନ୍ନ ତନ୍ନ କରି ଶିକ୍ଷା କରିବାକୁ ହେବ । ଆହୁରି ମଧ୍ୟ କିପରି ଉପାୟରେ ଏ ଦୀନ ଦଶାରୁ ମୁକ୍ତିଲାଭ କରିବାକୁ ହେବ, ତାହା ସ୍ଥିରକରି ସେହି ଅନୁସାରେ କାର୍ଯ୍ୟ କରିବାକୁ ହେବ । "ଭାରତ ଯଦି ମରେ, ତେବେ ବଞ୍ଚେ କିଏ" ଏହା ଜାତୀୟ

Digitized by PPRACHIN, SOA

ଶିକ୍ଷାର ପ୍ରଥମ ପାଠ । ଯେଉଁଦିନ ସମସ୍ତ ଭାରତବାସୀ ଏ ଶିକ୍ଷା ପାଇବେ, ସେହିଦିନ ଭାରତ ଗୋଲାମୀ ବନ୍ଧନ ଛିଣ୍ଡିଗଲା ବୋଲି ଭାବିବାକୁ ହେବ ।

ଅସହଯୋଗ ଆନ୍ଦୋଳନ ଆରମ୍ଭ ବେଳେ ଦକ୍ଷିଣ ଓଡ଼ିଶାରେ ଶଶୀଭୂଷଣ ରଥଙ୍କ ସମ୍ପାଦକତ୍ୱରେ 'ଆଶା' ଓ ଓଡ଼ିଶାରେ ଗୋପବନ୍ଧୁଙ୍କ 'ସମାଜ' ସାଙ୍ଗକୁ ନୀଳକଣ୍ଠ ପଶ୍ଚିମ ଓଡ଼ିଶାରେ 'ସେବା' ଜରିଆରେ ସ୍ୱାଧୀନତାର ଚେତନା ଅଣାଇଥିଲେ । ଉଚ୍ଚ କୋଟୀର ସମ୍ବାଦ ଓ ଉଦ୍‌ବୋଧନ ଯୋଗୁ ସେ ସମସ୍ତ ଅଞ୍ଚଳରେ 'ସେବା' ପ୍ରତିଷ୍ଠା ଲାଭ କରିଥିଲା । ସମ୍ବଲପୁରରେ ଅସହଯୋଗ ଆନ୍ଦୋଳନର ଦୃଢ଼ ଭିତ୍ତି ପ୍ରତିଷ୍ଠା ପରେ କେନ୍ଦ୍ର ଉତ୍କଳ କଂଗ୍ରେସ ସଂଗଠନପାଇଁ ନୀଳକଣ୍ଠଙ୍କୁ ସମ୍ବଲପୁର ଛାଡ଼ି ଆସିବାକୁ ପଡ଼ିଥିଲା । ଏହି ଆନ୍ଦୋଳନ ତୀବ୍ରତର ହେବା ସଙ୍ଗେ ସଙ୍ଗେ ତାଙ୍କୁ ବହୁବାର କାରା-ଦଣ୍ଡ ଭୋଗ କରିବାକୁ ପଡ଼ିଥିଲା । କାରାଗାରରୁ ଫେରି ୧୯୨୪ ମସିହାରେ ଭାରତୀୟ (କଂଗ୍ରେସ) ସ୍ୱରାଜ ଦଳର ପ୍ରତିନିଧି ଭାବରେ ସେ କେନ୍ଦ୍ର ଆସେମ୍ବ୍ଲିକୁ ନିର୍ବାଚିତ ହେଲେ ଓ ସେ ଦଳର ସାଧାରଣ ସମ୍ପାଦକ ଭାବେ ମନୋନୀତ ହେଲେ । ସେ ସମୟରେ ତାଙ୍କର କାର୍ଯ୍ୟ ଓ ସେଠା ଯୁଗାନ୍ତକାରୀ ଭାଷଣ ସବୁ ସାରା ଭାରତରେ ଚହଳ ପକାଇ ଦେଇଥିଲା ।

ମହାଭାରତୀୟ ଜାତୀୟ ସ୍ରୋତରେ ଭାସିଗଲା ବେଳେ ମଧ୍ୟ ସେ ନିଜର ସ୍ୱତନ୍ତ୍ରତା ହରାଇ ନ ଥିଲେ । ଓଡ଼ିଶା ଓ ଓଡ଼ିଆ ସଂସ୍କୃତିର ସ୍ଥାନ ବଜାୟ ରଖିବା ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ । ୮ ଫେବୃଆରୀ ୧୯୨୮ ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ପାଇଁ ସେ କେନ୍ଦ୍ର ଆସେମ୍ବ୍ଲିରେ ପ୍ରସ୍ତାବ ପାଶ କରାଇବାକୁ ଏକ ସୁଦୀର୍ଘ ସାରଗର୍ଭକ ଭାଷଣ ଦେଇଥିଲେ । ଦିଲ୍ଲୀର 'ହିନ୍ଦୁସ୍ଥାନ ଟାଇମସ୍' କାଗଜରେ ୨୮ ମାର୍ଚ୍ଚ ୧୯୨୮ରେ ପଣ୍ଡିତ ନୀଳକଣ୍ଠ ଦାସଙ୍କର 'ଯୁଦ୍ଧ ଡ଼ାକରା' ଶୀରୋନାମାରେ ଏକ ସୁଦୀର୍ଘ ବିବୃତି ପ୍ରକାଶ ପାଇଥିଲା । ସେହି ବିବୃତିରେ ସେ ସବୁ ଭାରତର ଜାତୀୟବାଦୀ ନେତାଙ୍କୁ ନିଜର ସୌଖୀନ ରାଜନୀତି ଓ ପାଣ୍ଡିତ୍ୟ ପୂର୍ଣ୍ଣ ବିବାଦ ସମ୍ବରଣ କରି ଶୀଘ୍ର ଏକତ୍ର ବସି ଭାଷା ଓ ସାଂସ୍କୃତିକ ଭିତ୍ତିରେ ଦେଶର ରାଜ୍ୟମାନଙ୍କର ପୁନର୍ଗଠନ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।

କଂଗ୍ରେସ ପକ୍ଷରୁ ନେହେରୁ ରିପୋର୍ଟରେ ପଣ୍ଡିତ ମୋତିଲାଲ ନେହେରୁ ଦେଶର ପୁନର୍ଗଠନ ସମ୍ପର୍କରେ କେତେକ ପ୍ରସ୍ତାବ ଦେଇଥିଲେ । ସେ ରିପୋର୍ଟ 'ଲକ୍ଷ୍ନୌ'ର ସର୍ବଦଳୀୟ ସମ୍ମିଳନୀରେ ୧୯୨୮ ଅଗଷ୍ଟ ମାସରେ ବିଚାର ପାଇଁ ପେଶ୍

Digitized by PPRACHIN, SOA

ହୋଇଥିଲା । ଅମୃତବଜାର ପତ୍ରିକାର ମନ୍ତବ୍ୟ ଅନୁସାରେ "ନେହେରୁ ରିପୋର୍ଟକୁ ରାଜନୈତିକ ଦୃଷ୍ଟିକୋଣରୁ ଅତି ଉତ୍କୃଷ୍ଟ ବୋଲି କହିଥିଲେ ମଧ୍ୟ ପଣ୍ଡିତ ନୀଳକଣ୍ଠ ଏହି ରିପୋର୍ଟରେ ଓଡ଼ିଆଙ୍କ ବିଷୟ ବଡ଼ ଅଧାପନ୍ତରିଆ କରି ବିଗ୍ରହ କରଯାଇଛି, ଏବଂ ସର୍ବଦଳୀୟ ସମ୍ମିଳନୀ ସେ ଅଂଶକୁ ବଦଳା ବଦଳି ନକରି ଯଦି ଯେପରି ଅଛି ସେହିପରି ଭାବରେ ଗ୍ରହଣ କରେ, ତେବେ ସମ୍ମିଳନୀ ତାର କର୍ତ୍ତବ୍ୟରେ ହେଳା କରିଛି ବୋଲି ଓଡ଼ିଆମାନେ ମନେ କରିବେ ବୋଲି," ମନ୍ତବ୍ୟ ଦେଇଥିଲେ ।

ଲକ୍ଷ୍ନୌ ସର୍ବଦଳୀୟ ସମ୍ମିଳନୀରେ ନୀଳକଣ୍ଠ ଭାଗ ନେବାପରେ ଅମୃତବଜାର ପତ୍ରିକା'ରେ ସ୍ୱତନ୍ତ୍ର ସମ୍ବାଦ ଦାତାଙ୍କର 'ଓଡ଼ିଆ ନେତାଙ୍କର ସର୍ବଦଳୀୟ ସମ୍ମିଳନୀକୁ ଧନ୍ୟବାଦ" ଶୀର୍ଷକ ନିମ୍ନଲିଖିତ ସମ୍ବାଦଟି ପ୍ରକାଶିତ ହୋଇଥିଲା ।

ଲକ୍ଷ୍ନୌ ଅଗଷ୍ଟ ତା ୩୦ ରିଖ - ପଣ୍ଡିତ ନୀଳକଣ୍ଠ ଦାସ ଏମ.ଏଲ.ଏ ଏବଂ 'ଷ୍ଟାର ଅଫ ଉତ୍କଳ' ପତ୍ରିକାର ସମ୍ପାଦକ ଶ୍ରୀରାଜକୃଷ୍ଣ ବୋଷଙ୍କ ମିଳିତ ବିବୃତି-- "ଏହାବଡ଼ ଆଶ୍ୱସ୍ତିରକଥା ଯେ ବହୁ ଅସୁବିଧା ସତ୍ତ୍ୱେ ସର୍ବଦଳୀୟ ସମ୍ମିଳନୀ, ଗୁରେଟି ବିଭିନ୍ନ ପ୍ରଦେଶରେ ଅଲଗା ଅଲଗା ହୋଇ ପଡ଼ିରହିଥିବା ଓଡ଼ିଆ ଲୋକଙ୍କ ହାର୍ଦ୍ଦିକ ଇଚ୍ଛା ଓ ବହୁଦିନର ଦାବୀକୁ ଗ୍ରହଣ କରିଛନ୍ତି । ଓଡ଼ିଶା ଅଞ୍ଚଳରେ ଲାଗିରହିଥିବା ବନ୍ୟା ଓ ମରୁଡ଼ି ଯୋଗୁଁ ଏ ସବୁ ଅଞ୍ଚଳ ଏକାଠି ହୋଇ ଏକ ପ୍ରଦେଶ ହେଲେ ଆର୍ଥିକ ସ୍ୱଚ୍ଛଳତା ଲାଭ କରି ପାରିବନାହିଁ ବୋଲି ଅନେକଙ୍କ ମନରେ ସନ୍ଦେହ ଜାତ ହୋଇଥିବାରୁ ଓଡ଼ିଶା ପ୍ରଦେଶ ଗଠନ ପ୍ରସ୍ତାବରେ ବାଧା ସୃଷ୍ଟି ହୋଇଥିଲା । ସେହି ସନ୍ଦେହ ମୋଚନକରି ଆମର ଦାବୀକୁ ସାବ୍ୟସ୍ତ କରିବାପାଇଁ ଆମ୍ଭମାନଙ୍କୁ ବହୁ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥିଲା । x x x

ଏହି ସମ୍ପର୍କରେ ଆମକୁ ସାହାଯ୍ୟ କରିଥିବା ସଦସ୍ୟମାନଙ୍କ ଭିତରୁ ବଙ୍ଗଳାର ବିପିନଚନ୍ଦ୍ର ପାଳ, ସୁଭାଷଚନ୍ଦ୍ର ବୋଷ, ଯେ ଏମ୍. ସେନଗୁପ୍ତ, କର୍ଣ୍ଣାଟକ୍‌ର ଦିବାକର ଏବଂ ଆନ୍ଧ୍ର ଅଞ୍ଚଳର ପଟ୍ଟାଭି ସିତାରମାୟାଙ୍କୁ ଆମେ ଧନ୍ୟବାଦ ଅର୍ପଣକରୁଛୁ । ସେମାନଙ୍କର ସହଯୋଗ ଯୋଗୁଁ ଓଡ଼ିଶା ପ୍ରଦେଶ ଗଠନ ପରିଏକ ମୌଳିକ ପ୍ରଶ୍ନର ସମାଧାନ ସମ୍ଭବ ହେଲା ।" ଏହାପରେ ବିଭିନ୍ନ ପ୍ରଦେଶରେ ପଡ଼ିରହିଥିବା ଓଡ଼ିଆ ଅଞ୍ଚଳମାନଙ୍କରୁ ତଥ୍ୟ ସଂଗ୍ରହ କରଗଲା । ବଙ୍ଗଳାର ଓଡ଼ିଆ ଅଞ୍ଚଳ ମିଦନାପୁରର ବୀରେନ ସାସମଲ ବାର୍ ଆଟ୍‌ଲ ମିଦନାପୁର ଅଞ୍ଚଳ ଓଡ଼ିଶାରେ ମିଶିବାର ଘୋର ବିରୋଧ କରି ଗୋଟିଏ Amalgamation ( ମିଶ୍ରଣ ) ବିରୋଧୀ ଦଳଗଢ଼ି ଓଡ଼ିଶାରେ ନ ମିଶିବାପାଇଁ ପ୍ରଚାରକଲେ । ଓଡ଼ିଆମାନଙ୍କୁ ରାତାରାତି ବଙ୍ଗାଳିବୋଲି ଚିହ୍ନିତ କରଗଲା ।

Digitized by PPRACHIN, SOA

ନୀଳକଣ୍ଠ ବୀରେନ୍ ବାବୁଙ୍କୁ ସେପରି ନକରିବାପାଇଁ ଅନୁରୋଧକରି ପୁରୀରେ ବସିବାକୁ ଥିବା କଂଗ୍ରେସ ଅଧିବେଶନରେ ଚେୟାରମ୍ୟାନ ହେବାକୁ ଅନୁରୋଧ ଜଣାଇଲେ । କିନ୍ତୁ ବୀରେନ୍ ସାସମଲ ତାହା ପ୍ରତ୍ୟାଖ୍ୟାନ କରିଥିଲେ । ସେତେବେଳକୁ ମିଦନାପୁରର ଓଡ଼ିଆମାନେ ବଙ୍ଗାଳୀ ହେବାପାଇଁ ନିଜର ଉପାଧି ମହାନ୍ତିକୁ ମାଇତି ଓ ସାମଲଙ୍କୁ ସାସମଲ ପ୍ରଭୃତି କରିସାରିଥିଲେ । ବୀରେନ ବାବୁ ତାଙ୍କ ବକ୍ତୃତାରେ କହୁଥିଲେ, "ଆମ ବାପା ବଡ଼ବାପା ଓଡ଼ିଆ ହୋଇଥାଇନ୍ତି, କିନ୍ତୁ ଆମେ କଲିକତା ମହାନଗରୀକୁ ଛାଡ଼ି କବିଗୁରୁ ରବୀନ୍ଦ୍ରନାଥଙ୍କୁ ଛାଡ଼ି କଟକର ନର୍ଦ୍ଦମାରେଯାଇ ଛିଡ଼ା ହୋଇ ପାରିବୁ ନାହିଁ । ତଥାପି ନୀଳକଣ୍ଠ କଳିଙ୍ଗର ତାମ୍ରଲିପ୍ତ ଥିବା ମିଦନାପୁରର ତଥ୍ୟସବୁ ସଂଗ୍ରହ କରି ଏକ ମେମୋରେଣ୍ଡମ୍ ଲେଖିଲେ । ଦେଶର ରାଜ୍ୟ–ପୁନର୍ଗଠନ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ଆସୁଥିବା ବ୍ରିଟିଶ ପ୍ରତିନିଧିଦଳ ବା ସାତଜଣିଆ ସାଇମନ କମିସନଙ୍କୁ କଂଗ୍ରେସ ପ୍ରତ୍ୟାଖ୍ୟାନ କରିବାରୁ ଓଡ଼ିଶା ପ୍ରଦେଶ ଗଠନ ପାଇଁ ନୀଳକଣ୍ଠ ପ୍ରସ୍ତୁତ କରିଥିବା ଅକାଟ୍ୟ ଯୁକ୍ତି ସମ୍ବଳିତ ତଥ୍ୟ ପୂର୍ଣ୍ଣ ମେମୋରେଣ୍ଡମ୍ ବା ବିବରଣୀଟି ସାଇମନ କମିସନଙ୍କୁ ଦେଇଥିଲେ ମଧ୍ୟ ତାହା ବିଚାରକୁ ଆସି ପାରି ନ ଥିଲା । ତାହା ଫଳରେ ଏସବୁ ଅଞ୍ଚଳ ମିଶି ପୂର୍ଣ୍ଣାଙ୍ଗ ଓଡ଼ିଶା ପ୍ରଦେଶ ଗଠନ ସୁପାରିଶ ହୋଇ ପାରିଲା ନାହିଁ । କଂଗ୍ରେସ ବେଆଇନ ଘୋଷିତ ହେବାରୁ ପୁରୀରେ କଂଗ୍ରେସ ଅଧିବେଶନ ବସି ପାରିଲା ନାହିଁ । ୧୯୩୨ ଜାନୁଆରୀରେ ଅଭ୍ୟର୍ଥନା ସମିତିର ପୁରୋଧା ଭାବରେ ନୀଳକଣ୍ଠ କାରାବରଣ କଲେ । ସେହି ଦୀର୍ଘ କାରାବାସ ଭିତରେ ୧୯୩୨–୩୩ ଭିତରେ ସେ ଭଗବଦ୍ ଗୀତାର ପାଣ୍ଡିତ୍ୟପୂର୍ଣ୍ଣ ଭାଷ୍ୟ ଲେଖିଥିଲେ । ସେଥିରେ ଓଡ଼ିଆ ସଂସ୍କୃତିର ଚିତ୍ରଣ ଓ ଭାରତ ସଂସ୍କୃତିକୁ ଓଡ଼ିଆ ସଂସ୍କୃତିର ଦାନ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଥିଲା ।

୧୯୩୩ର ଶେଷଭାଗରେ କାରାବାସରୁ ଫେରି ପରେ ଉତ୍କଳ କଂଗ୍ରେସର ସଭାପତିର ଦାୟିତ୍ୱ ନେଲେ । ୧୯୩୬ ଏପ୍ରିଲରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଭାବେ ଭାରତ ମାନଚିତ୍ରରେ ସ୍ଥାନ ପାଇଲା, ସେହି ବର୍ଷ ଶେଷ ଆଡ଼କୁ ଭାରତର ସବୁ ପ୍ରଦେଶରେ ବିଧାନସଭା ନିର୍ବାଚନ ହେବାର ସ୍ଥିର ହେଲା । ପୁରୁଣା ଓଡ଼ିଶା ଡିଭିଜନ ସଙ୍ଗେ ମିଶିଥିବା ଗଞ୍ଜାମ ଓ କୋରାପୁଟ ଜିଲ୍ଲାର ଲୋକେ କଟକ, ପୁରୀ, ବାଲେଶ୍ୱର ଓ ସମ୍ବଲପୁର ନେତାଙ୍କ ସାଙ୍ଗେ ବିଶେଷ ପରିଚିତ ନ ଥିଲେ । ଉତ୍କଳ କଂଗ୍ରେସ ସଭାପତି ଭାବରେ ନିର୍ବାଚନ ଭାର ନୀଳକଣ୍ଠଙ୍କ ଉପରେ ପଡ଼ିଲା । ପ୍ରଦେଶ ସାରା ବୁଲି ଅତନ୍ଦ୍ରିତ ଭାବରେ ସେ ସଂଗଠନ ଓ ପ୍ରଚାରରେ ଲାଗିଲେ । 'ଲୋକମତ' ନାମକ ଖଣ୍ଡିଏ ସାପ୍ତାହିକ ପତ୍ରିକା

Digitized by PPRACHIN, SOA

ବାହାର କଲେ । ଧନୀକ ଓ ପ୍ରତିପତ୍ତିଶାଳୀ ସେତବେଳର ସରକାର ସମର୍ଥିତ ପ୍ରାର୍ଥୀଙ୍କ ସଙ୍ଗେ ନିର୍ବାଚନ ଲଢ଼ିବା ପାଇଁ ସେ ଦେଶସେବୀମାନଙ୍କୁ ଅନୁରୋଧ ଜଣାଇଲେ । ନିର୍ବାଚନ ଲଢ଼ିବାକୁ ଥିବା ସମସ୍ତ କଂଗ୍ରେସ ପ୍ରତିନିଧିଙ୍କୁ ଲୋକ ସମ୍ପର୍କ ସ୍ଥାପନ କରିବା ନିମନ୍ତେ ସେ ତାଙ୍କର କଂଗ୍ରେସ ମୁଖପତ୍ର 'ଲୋକମତ'ରେ ନିମ୍ନଲିଖିତ ନିର୍ଦ୍ଦେଶ ଦେଇଥିଲେ ।

'ଲୋକମତ'–ତା ୨୩ । ୯ । ୧୯୩୬

ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ଭାଇ ଓ ଭଉଣୀମାନେ ! ଓଡ଼ିଶାର ଭିନ୍ନ ଭିନ୍ନ ଅଞ୍ଚଳରୁ କଂଗ୍ରେସ ଦଳରୁ ଆସନ୍ତା ନିର୍ବାଚନ ପାଇଁ ଆପଣମାନେ ପାର୍ଥୀ ମନୋନୀତ ହୋଇଛନ୍ତି ବା ହେବେ । କଂଗ୍ରେସ ମେମ୍ବର ହିଁ ଯଥାର୍ଥରେ କଂଗ୍ରେସର ମେରୁଦଣ୍ଡ । ଆପଣମାନଙ୍କ ନିର୍ବାଚନ କ୍ଷେତ୍ରରୁ ଯେତେ ବେଶି କଂଗ୍ରେସ ମେମ୍ବର ହୁଅନ୍ତି, ସେତେ ଆପଣଙ୍କ ପ୍ରତିନିଧିତ୍ୱ ଦୃପ୍ତ ଓ ଜାଗ୍ରତ ହେବ । ଆପଣମାନେ ଜାଣନ୍ତି ଏଇ କଂଗ୍ରେସ ଯୋଗେ ଆପଣମାନେ ଯଥାର୍ଥ ପ୍ରତିନିଧି ହେବେ । ଅତଏବ ଏବେ ଯଥାସାଧ୍ୟ ନିଜ ନିଜର ଶଂସିତ ନିର୍ବାଚନ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଦିନ ମଧ୍ୟରେ ବହୁ ସଂଖ୍ୟାରେ କଂଗ୍ରେସ ମେମ୍ବର କରାଇବାରେ ଲାଗି ଯାଆନ୍ତୁ । ଏ ଶ୍ରମ ଆପଣଙ୍କର ବ୍ୟକ୍ତିତ୍ୱରେ ଅଳଙ୍କାର ହେଉ । X X X

ନୀଳକଣ୍ଠ ଦାସ– ସଭାପତି, ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି

୧୯୩ ବିଧାନସଭା ନିର୍ବାଚନର ତାଙ୍କର ଉଦ୍ୟମ ଚେଷ୍ଟା ଓ ବଳିଷ୍ଠ ନେତୃତ୍ୱ ଯୋଗେ ନିଖୁ ଲଢ଼ୁଆ କଂଗ୍ରେସର ଶେଷ ପର୍ଯ୍ୟନ୍ତ କଂଗ୍ରେସ ସମର୍ଥନ ଥିବା ସମସ୍ତ ପ୍ରାର୍ଥୀ ନିର୍ବାଚିତ ହେଲେ । ବିଧାନ ସଭାରେ କଂଗ୍ରେସ ଦଳ ସଂଖ୍ୟା ଗରିଷ୍ଠ ହୋଇଥିଲା ।

କଂଗ୍ରେସରେ କ୍ଷମତା ରାଜନୀତି ପଶିବା ସଙ୍ଗେ ସଙ୍ଗେ କେନ୍ଦ୍ର କଂଗ୍ରେସ ତାଙ୍କର ମନୋନୀତ କେନ୍ଦ୍ର ପାର୍ଲିଆମେଣ୍ଟାରୀ ବୋର୍ଡ ହାତରେ ସବୁ ପ୍ରଦେଶର ନିର୍ବାଚିତ ମେମ୍ବରମାନଙ୍କୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରିତ କରିବାର ଭାର ଅର୍ପଣ କଲେ । ଆଞ୍ଚଳିକ କଂଗ୍ରେସ କମିଟିମାନଙ୍କୁ ପଙ୍ଗୁ କରିଦେଲେ । ସେମାନଙ୍କ ହାତରେ କଂଗ୍ରେସ ପ୍ରତିନିଧିମାନଙ୍କ ଉପରେ କୌଣସି କର୍ତ୍ତୃତ୍ୱ ରହିଲା ନାହିଁ ।

କେନ୍ଦ୍ର କଂଗ୍ରେସର ସେପରି କାର୍ଯ୍ୟଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ପ୍ରାଦେଶିକ କଂଗ୍ରେସକୁ ନ ଘୁହିଁ କେନ୍ଦ୍ର କଂଗ୍ରେସ ପାର୍ଲିମେଣ୍ଟାରୀ ଦଳର ଗୋଡ଼ାଣିଆ ହୋଇ ଯିବେ ଓ ତଦ୍ୱାରା ପ୍ରାଦେଶିକ ନିର୍ବାଚନ ମଣ୍ଡଳୀମାନଙ୍କ ସ୍ୱାର୍ଥ ରକ୍ଷା ହୋଇ ପାରିବ ନାହିଁ ଉପଲବ୍ଧି କରି ନୀଳକଣ୍ଠ ତା' ପରିବର୍ତ୍ତେ ପ୍ରାଦେଶିକ କଂଗ୍ରେସ ଅନୁଷ୍ଠାନ ନିକଟରେ

Digitized by PPRACHIN, SOA

ନିର୍ବାଚିତ ପ୍ରତିନିଧି ମାନଙ୍କୁ କେତେକ ପରିମାଣରେ ଦାୟୀ ରଖିବାକୁ କେନ୍ଦ୍ର କଂଗ୍ରେସ ନିକଟରେ ଦୃଢ଼ଦାବୀ ଉପସ୍ଥାପିତ କଲେ । କେନ୍ଦ୍ର ନେତାଏ ସେ କଥାକୁ କାନ ଦେଲେ ନାହିଁ । ପରବର୍ତ୍ତୀ କାଳରେ ଆଞ୍ଚଳିକ କଂଗ୍ରେସ କମିଟି ନାମକୁ ମାତ୍ର ଏକ ଭୋଟ ଗୋଟିଆ ଗୋଡ଼ାଣିଆ ଅନୁଷ୍ଠାନରେ ପରିଣତ ହେଲା । ପ୍ରତିନିଧିମାନେ ବେପରୁଆ ଭାବରେ କାର୍ଯ୍ୟକରି କେବଳ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରର ଅନୁଗ୍ରହକୁ ଚାହିଁ ରହିଲେ । ତା' ଫଳରେ କ୍ଷମତାର ଅପବ୍ୟବହାର ଓ ସ୍ୱାର୍ଥାନ୍ୱେଷୀଙ୍କର ପ୍ରଭାବ ବଢ଼ିଲା । ସବୁ ପ୍ରଦେଶରେ କେନ୍ଦ୍ରର ଗୋଡ଼ାଣିଆ ସରକାର ଚାଲିବା ଫଳରେ ଅସନ୍ତୁଷ୍ଟ ଓ ସନ୍ତୁଷ୍ଟ ଗୋଷ୍ଠୀଙ୍କର ସୃଷ୍ଟି ହେଲା । ସଦସ୍ୟ କିଣାବିକା ସହଜ ହେଲା, ଆଞ୍ଚଳିକ ସ୍ୱାର୍ଥକୁ ଖାତିରି ନ କରି ଧନ ଓ କ୍ଷମତା ବଳରେ ନିର୍ବାଚନ ଜିଣି ସରକାର ଗଢ଼ା ଯିବାରୁ ଆଞ୍ଚଳିକ ଦଳମାନ ମୁଣ୍ଡଟେକି ଶେଷରେ ରାଜଗୋପାଳଚାରୀଙ୍କ ବିରାଟ ମାନ୍ଦ୍ରାଜ ପ୍ରଦେଶର ତିନୋଟି ଯାକ ପ୍ରଦେଶ, ତାମିଲ ନାଡୁ, ଆନ୍ଧ୍ର ଓ କର୍ଣ୍ଣାଟକ କଂଗ୍ରେସ ହାତରୁ ଚାଲିଗଲା । ପ୍ରଦେଶ ମାନଙ୍କରେ କେନ୍ଦ୍ରର କମ୍ ବେଶୀ ଅନୁଗ୍ରହ ଯୋଗୁ ସବୁ ପ୍ରଦେଶ ସମାନ ଭାବରେ ଅଗ୍ରଗତି କରି ପାରିଲେ ନାହିଁ ।

ଯେତିକି ବେଳୁ ନୀଳକଣ୍ଠଙ୍କ କଥାକୁ କାନଦେଇ କେନ୍ଦ୍ର କଂଗ୍ରେସ ଯଦି ପ୍ରାଦେଶିକ କଂଗ୍ରେସ ମାନଙ୍କୁ ଟାଣୁଆ କରି ରଖିଥାନ୍ତା, ତେବେ କଂଗ୍ରେସ ଆଞ୍ଚଳିକ ଲୋକ ସମର୍ଥନ ହରାଇ ନଥାନ୍ତା ଓ କଂଗ୍ରେସର ଅଧୋଗତି ହୋଇ ନଥାନ୍ତା, କିମ୍ବା ଓଡ଼ିଶା ପରି ପ୍ରଦେଶମାନ ଅନ୍ୟ ପ୍ରଦେଶମାନଙ୍କ ସହିତ ସମକକ୍ଷ ନ ହୋଇ ଏପରି ଅବହେଳିତ ଅବସ୍ଥାରେ ପଡ଼ି ନ ଥାନ୍ତେ ।

ପ୍ରଥମ ନିର୍ବାଚନରେ କଂଗ୍ରେସ ଦଳକୁ ଜିତାଇବା ପରେ ଓଡ଼ିଶାର ଶିକ୍ଷା ଓ ସଂସ୍କୃତିର ଉନ୍ନତି ପାଇଁ ଏକ ବିଶ୍ୱବିଦ୍ୟାଳୟ ଗଠନ ପାଇଁ ନୀଳକଣ୍ଠ ଉଦ୍ୟମ କରିଥିଲେ । ନିଜର ସଭାପତିତ୍ୱରେ ଗୋଟିଏ କମିଟି ଗଢ଼ାଇଥିଲେ । ସେଥିପାଇଁ ସେ ତଥ୍ୟ ସବୁ ସଂଗ୍ରହ କରି ଯେଉଁ ରିପୋର୍ଟ ଦେଇଥିଲେ, ସେହି ରିପୋର୍ଟ ଉପରେ ପରବର୍ତ୍ତୀ କାଳରେ ଉକ୍ତ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲା ।

ଅସହଯୋଗ ହେଉ, ସହଯୋଗ ହେଉ ସବୁ ଆନ୍ଦୋଳନ ଭିତରେ ସେ ନିଜର ଉତ୍କଳୀୟ ଭାବ ଓ ପରମ୍ପରାକୁ ବଜାଏ ରଖିଥିଲେ । ଉତ୍କଳର ପୂର୍ବ ଗୌରବ ଓ ଜଗନ୍ନାଥ ସଂସ୍କୃତିର ସେ ଜଣେ ଶ୍ରେଷ୍ଠ ପୂଜକ ଥିଲେ । ସୁବିଧା ପାଇଲେ ସଙ୍ଗଠିତ ଓ ସୁଶୃଙ୍ଖଳିତ ଓଡ଼ିଆ ଜାତି ଓ ଉତ୍କଳ ସଂସ୍କୃତି ବିଶ୍ୱକୁ ଦିଗ୍‌ଦର୍ଶନ ଦେଇ ପାରିବ ବୋଲି ତାଙ୍କର ଦୃଢ଼ମତ ଥିଲା ।

Digitized by PPRACHIN, SOA

# ପଣ୍ଡିତ ନୀଳକଂଠଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ

**ଶ୍ରୀ ବିଜୟ କୁମାର ପାଣି**

ଓଡ଼ିଶା ବା କଳିଙ୍ଗର ଏକ ଗୌରବବହ ଇତିହାସ ଥିଲା । ପରେ ଇଂରେଜ ଅଧୀନରେ ଓଡ଼ିଶା ଅବହେଳିତ ହେଲା— ବଢ଼ି, ମରୁଡ଼ି ଓ ଦୁର୍ଭିକ୍ଷର ଏକ ଚରଭୂମି ହେଲା । ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଓଡ଼ିଶାର ଲୁପ୍ତ ଗୌରବର ପୁନରୁଦ୍ଧାର କରିବା ପାଇଁ ଯେଉଁ କେତେଜଣ ମନୀଷୀଙ୍କର ଆବିର୍ଭାବ ହୋଇଥିଲା, ସେମାନଙ୍କ ମଧ୍ୟରେ ପୁରୀ ଜିଲ୍ଲାର ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ଆଚାର୍ଯ୍ୟ ହରିହର ଓ ପଣ୍ଡିତ କୃପାସିନ୍ଧୁ ମିଶ୍ର ମୁଖ୍ୟ ଥିଲେ । ଏମାନେ ଜନସେବା କ୍ଷେତ୍ରରେ ଓଡ଼ିଶାର ପଞ୍ଚସଖା ନାମରେ ଅଭିହିତ ହୋଇଥିଲେ । ଏହି ପଞ୍ଚସଖାଙ୍କ ନେତୃତ୍ୱରେ ନବଜାଗରଣର ପ୍ରଦୀପ ପ୍ରଜ୍ୱଳିତ ହୋଇ ଓଡ଼ିଶାରୁ ଅମାଅନ୍ଧକାର କ୍ରମେ ଦୂର ହେଲା— ଓଡ଼ିଶାବାସୀ ପ୍ରଗତି ପଥରେ ଅଗ୍ରସର ହେଲେ । ଏମାନଙ୍କ ମଧ୍ୟରେ ପଣ୍ଡିତ ନୀଳକଣ୍ଠ ଦୀର୍ଘକାଳ ଧରି ଜୀବିତ ରହି ନିଜର ବଳିଷ୍ଠ ନେତୃତ୍ୱରେ ଓଡ଼ିଶାବାସୀଙ୍କୁ କେବଳ ସ୍ୱାଧୀନତା ସଂଗ୍ରାମରେ ଆଗେଇ ନେଇ ନଥିଲେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପ୍ରଭୃତିରେ ତାଙ୍କର ଅବଦାନ ଅବିସ୍ମରଣୀୟ, ହୋଇ ରହିଅଛି ।

ମୋର ପରମ ସୌଭାଗ୍ୟ, ମୁଁ ପିଲାଟି ବେଳୁ ପଣ୍ଡିତଜୀଙ୍କ ସାନ୍ନିଧ୍ୟ ଲାଭ କରି ତାଙ୍କଠାରୁ ପୁତ୍ର ପ୍ରତିମ ସ୍ନେହ ପାଇବାର ସୁଯୋଗ ପାଇପାରିଥିଲି ।

ପଣ୍ଡିତ ଗୋପବନ୍ଧୁଙ୍କ ସମେତ ସତ୍ୟବାଦୀର ପଞ୍ଚସଖା ସିଂହଭୂମିରେ ଓଡ଼ିଆ ଆନ୍ଦୋଳନର ନେତୃତ୍ୱ ଗ୍ରହଣ କରିଥିଲେ । ଏହିମାନେ ବିଭିନ୍ନ ସମୟରେ ସିଂହଭୂମିକୁ ନିଜର ପ୍ରିୟ କର୍ମକ୍ଷେତ୍ର ରୂପେ ବାଛିନେଇ ଓଡ଼ିଆ ଭାଷା ଓ ସଂସ୍କୃତିର ଜାଗ୍ରତ ରକ୍ଷକଭାବେ କାର୍ଯ୍ୟ କରିଥିଲେ । ଶେଷରେ ୧୯୧୯ ରେ ପଣ୍ଡିତ ଗୋଦାବରୀଶ ଓ ୧୯୨୧ରେ ପଣ୍ଡିତ କୃପାସିନ୍ଧୁ ସିଂହଭୂମିରେ ରହି ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ

Digitized by PPRACHIN, SOA

ଏବଂ ଏହି ବିଦ୍ୟାଳୟ ସତ୍ୟବାଦୀ ଢାଞ୍ଚାରେ ପରିଚାଳିତ ହୋଇଥିଲା । ପରବର୍ତ୍ତୀ କାଳରେ ଏହିସବୁ ବିଦ୍ୟାଳୟ ଜାତୀୟ ସ୍ରୋତରେ ମିଶି ବିଲୀନ ହୋଇ ଯାଇଥିଲା ।

ପଣ୍ଡିତ ନୀଳକଣ୍ଠ ୧୯୨୪ରୁ ୧୯୪୫ ଯାଏ ବଡ଼ଲାଟ ସଭାର ସଭ୍ୟ ଥିଲେ— କେବଳ ସଭ୍ୟ ନୁହେଁ, କଂଗ୍ରେସ ପାର୍ଲ୍ୟାମେଣ୍ଟାରୀ ଦଳର ସେ ଥିଲେ ସେକ୍ରେଟେରୀ । କେନ୍ଦ୍ର ବ୍ୟବସ୍ଥା ସଭାରେ ତାଙ୍କର ପ୍ରଧାନ ପ୍ରଣିଧାନ୍ୟ ବିଷୟ ଥିଲା, ବଙ୍ଗଳା, ମଧ୍ୟପ୍ରଦେଶ, ବିହାର–ଓଡ଼ିଶା ଓ ମାନ୍ଦ୍ରାଜ ପ୍ରଦେଶାଧୀନ ଓଡ଼ିଆମାନଙ୍କର ଭାଷା, ସଂସ୍କୃତି ସୁରକ୍ଷା କରିବା । ୧୯୦୩ରୁ ଉତ୍କଳ ସମ୍ମିଳନୀ ସବୁ ଓଡ଼ିଆ ଅଞ୍ଚଳକୁ ନେଇ ଗୋଟାଏ ପୃଥକ୍ ପ୍ରଦେଶ ଗଠନ କରିବାର ଦାବୀ କରି ଆସୁଥିଲା । ୧୯୨୮ ରେ ପଣ୍ଡିତ ନୀଳକଣ୍ଠ ବଡ଼ଲାଟ ସଭାରେ ନିଜର ବଳିଷ୍ଠ ଯୁକ୍ତି ଦ୍ୱାରା ଓଡ଼ିଶା ପ୍ରଦେଶ ଗଠନର ଯଥାର୍ଥତା ପ୍ରତିପାଦନ କରିଥିଲେ ଓ ନାନା ଭାବରେ ସେଥିପାଇଁ ଲାଗି ପଡ଼ିଥିଲେ । ସିଂହଭୂମି ବାସୀଙ୍କର ଦୁର୍ଭାଗ୍ୟ, ପଣ୍ଡିତ ନୀଳକଣ୍ଠ ସାଇମନ କମିଶନ ଆଗରେ ସାକ୍ଷ୍ୟଦେଇ ସିଂହଭୂମିକୁ ଓଡ଼ିଶାରେ ମିଶାଇବାର ଦୃଢ଼ ଯୁକ୍ତି ଉପସ୍ଥାପିତ କରି ପାରିଲେ ନାହିଁ । ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବେ ସେ ଏଥିପାଇଁ ଗୋଟିଏ ମେମୋରାଣ୍ଡମ୍ ଛପାଇ ଘେନି ୧୯୩୧ ଜାନୁଆରୀରେ ଯାମସେଦପୁର ଯାଇଥିଲେ ମଧ୍ୟ କମିସନ୍‌କୁ Boycut କରିବା ଲାଗି କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ତାରବାର୍ତ୍ତାରେ ପାଇ ସେଠୁ ଫେରିଆସିବାକୁ ବାଧ୍ୟ ହୋଇଥିଲେ । ଏ ସବୁର ଉଲ୍ଲେଖ କରି ତାଙ୍କ ଆତ୍ମଜୀବନୀରେ ଏଥିଲାଗି ସେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି । ଫଳରେ ଓଡ଼ିଶା ପ୍ରଦେଶ ଗଠନର ପଥ ସୁଗମ ହେଲେ ହେଁ ୧୯୩୬ ଅପ୍ରେଲ ପହିଲାରେ ଗୋଟିଏ ପୃଥକ ବିକଳାଙ୍ଗ ପ୍ରଦେଶ ଗଠନ ସମ୍ଭବ ହେଲା ।

ସିଂହଭୂମି ଅଞ୍ଚଳ ପ୍ରତି ପଣ୍ଡିତ ନୀଳକଣ୍ଠଙ୍କର ଅତ୍ୟଧିକ ଶ୍ରଦ୍ଧା ନିହିତ ଥିଲା । କେନ୍ଦ୍ର ଆସେମ୍ବ୍ଲିରେ ଯୋଗଦେବା ଅବସରରେ ସେ ପ୍ରତିବର୍ଷ ସିଂହଭୂମି ଗସ୍ତରେ ଆସୁଥିଲେ । ସିଂହଭୂମିର ଓଡ଼ିଆଙ୍କୁ ଘନିଷ୍ଠ ସୂତ୍ରରେ ଆବଦ୍ଧ କରିବା ପାଇଁ ତାଙ୍କର ଜ୍ୟେଷ୍ଠପୁତ୍ର ଶ୍ରୀ ଅଶୋକ ଦାସଙ୍କୁ ବାଲ୍ୟକାଳରେ ଚକ୍ରଧରପୁରରେ ଆମ ଘରେ ବହୁଦିନ ଧରି ରଖିଥିଲେ । ଫଳରେ ସିଂହଭୂମିର ଓଡ଼ିଆମାନଙ୍କୁ ପଣ୍ଡିତଜୀ ନିଜ ପରିବାର-ଭୁକ୍ତ କରିପାରିଥିଲେ । ସିଂହଭୂମିର ବିଶିଷ୍ଟ ଶିଳ୍ପାଞ୍ଚଳ ଟାଟାନଗରରେ ଶ୍ରମିକମାନଙ୍କୁ ନେତାଜୀ ସୁଭାଷଙ୍କ ସହଯୋଗରେ ସଂଗଠିତ କରିବାରେ ପଣ୍ଡିତଜୀଙ୍କ ଭୂମିକା ଚିରସ୍ମରଣୀୟ ।

Digitized by PPRACHIN, SOA

ଆଜି ମନେପଡ଼େ, ନେତାଜୀଙ୍କ ପରାମର୍ଶ କ୍ରମେ ଦ୍ୱିତୀୟ ମହାସମରବେଳେ ପଣ୍ଡିତଜୀ ଓଡ଼ିଶାରେ ଏକ ମିଳିତ ମନ୍ତ୍ରିମଣ୍ଡଳ ଗଠନ କରିବାରେ ନେତୃତ୍ୱ ନେଇଥିଲେ । ଆସାମ, ବଙ୍ଗଳା ବିହାର ଓ ଓଡ଼ିଶାରେ ନିଜ ଦଳୀୟ ସରକାର ଥିଲେ ଆଜାଦ ହିନ୍ଦ୍ ଫୌଜ ସୁରୁଖୁରୁରେ ଦିଲ୍ଲୀ ଅଭିଯାନର ଜୟଯାତ୍ରାରେ ସାଫଲ୍ୟ ଲାଭ କରିପାରିବେ– ଏହାହିଁ ଥିଲା ମିଳିତ ମନ୍ତ୍ରିମଣ୍ଡଳ ଗଠନର ମୁଖ୍ୟ ଅଭିପ୍ରାୟ । ସେକାଳେ ନେତାଜୀଙ୍କ ସାଥୀ ଓ ଫରଓ୍ୱାର୍ଡ ବ୍ଲକର ନେତା ପଣ୍ଡିତ ଶୀଳଭଦ୍ର ଯାଜୀ ଚକ୍ରଧରପୁରରେ ଆମ ଘରେ ରହୁଥିଲେ । ପରେ ଫରଓ୍ୱାର୍ଡ ବ୍ଲକ ପକ୍ଷରୁ ମୋତେ ସ୍ୱର୍ଗୀୟ ଉମାଚଦ ତ୍ରିପାଠୀ, ଡାକ୍ତର ମୋତିଲାଲ ତ୍ରିପାଠୀ ପଣ୍ଡିତ ଯାଜୀଙ୍କୁ ଭୁବନେଶ୍ୱରରେ ଅବସ୍ଥାପିତ କରାଯାଇଥିଲା । ମୁଁ ଖଣ୍ଡଗିରି ଅଞ୍ଚଳରେ ରହୁଥାଏ । ପଣ୍ଡିତ ନୀଳକଣ୍ଠ ଅନେକ ସମୟରେ ଆମର ସୁବିଧା, ଅସୁବିଧା ବୁଝି ଆମ ପାଖକୁ ଯାଇ ଆମକୁ ନାନା ଭାବରେ ପ୍ରେରଣା ଦେଉଥିଲେ । ସ୍ୱାଧୀନତା ସଂଗ୍ରାମର ସେ ଅଧ୍ୟାୟଟି ଏବେ ମଧ୍ୟ ପୁରାପୁରି ଲୋକ ଲୋଚନକୁ ଆସିପାରି ନାହିଁ, ପରବର୍ତ୍ତୀ ଅଧ୍ୟାୟରେ ୧୯୫୭ ରୁ ୧୯୬୧ ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭାର ଜଣେ ବ୍ୟବସ୍ଥାପକ ରୂପେ ନିର୍ବାଚିତ ହୋଇ ମୁଁ ପଣ୍ଡିତଜୀଙ୍କର ଆହୁରି ନିକଟତର ହେବାର ସୁଯୋଗ ପାଇଥିଲି । ସେଥିରେ ବାଚସ୍ପତି ଭାବେ ସ୍ପିକର ରୂପେ କାର୍ଯ୍ୟ ପରିଚାଳନା କରିବାରେ ପଣ୍ଡିତଜୀଙ୍କର ସହାୟକ ହୋଇଥିବାରୁ ନିଜକୁ ଧନ୍ୟ ମନେ କରୁଛି ।

ଉତ୍କଳ ଜନନୀର ସେ ଜଣେ ବରପୁତ୍ର ଥିଲେ । ଚିରଦିନ ଉତ୍କଳବାସୀଙ୍କର ସେ ନମସ୍ୟ ହୋଇ ରହିବେ– ତାଙ୍କର ତିରୋଧାନରେ ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନେ ତାଙ୍କର ପୂଜ୍ୟ ହିତାକାଂକ୍ଷୀ ନେତାଙ୍କୁ ହରାଇ ବସିଛନ୍ତି ।

Digitized by PPRACHIN, SOA

# ଯେତେ ନିକଟରେ ସେତେ ଦୂରରେ

ଡଃ କୁଞ୍ଜବିହାରୀ ଦାଶ

୧୯୩୯; ଦିଲ୍ଲୀପଥେ ନୀଳକଣ୍ଠ । ହାବଡ଼ା ଷ୍ଟେସନରେ ସେଇ ପ୍ରଥମ ଦେଖା । କଲିକତା ବିଶ୍ୱବିଦ୍ୟାଳୟର ପ୍ରଥମ ଓଡ଼ିଆ ଅଧ୍ୟାପକ ସେ ଥିଲେ, ୧୯୨୦ ମସିହାରେ । ମୁଁ ସେହି ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର, ଅବଶ୍ୟ ୧୯ ବର୍ଷ ପରେ । ତେଣୁ ସେହି ଭବରେ ମୋ ପ୍ରତି ତାଙ୍କର ସ୍ୱତନ୍ତ୍ର ଆଗ୍ରହ । ପାଖକୁ ଲଗାଇ ମତେ ବସାଇଲେ ବି ମତେ ଲାଗୁଥିଲା ସେ ମୋ ଠାରୁ ବହୁତ ଦୂରରେ, ଏକ ବିମୁକ୍ତତର ଚିନ୍ତା ଓ କର୍ମ-ଜଗତର ଅଧିକାରୀ ।

ସ୍ନେହର ଡ଼ୋରିରେ ସେ ଜୀବନସାରା ପାଖକୁ ଟାଣିଛନ୍ତି; ଫଳରେ କୁଟୁମ୍ବର ଜଣେ ପରି ମୁଁ ବିଶ୍ୱସ୍ତ ହୋଇଛି । ତାଙ୍କ ସଂସ୍କୃତିର ଜଣେ ସମଝଦାର ଗ୍ରାହକ ପରି ବର୍ଷ ପରେ ବର୍ଷ ତାଙ୍କ ଆଡ଼କୁ ଚକାଇ ବସିଛି, କିନ୍ତୁ ଶେଷ ପର୍ଯ୍ୟନ୍ତ ଅତ୍ୟୁଜ୍ଜ୍ୱଳ ଚକ୍ଷୁ-ଦୁଇଟିର ସାମ୍ନା କରି ପାରିନାହିଁ । ବାର୍ଦ୍ଧକ୍ୟ ତାଙ୍କର ସମସ୍ତ ତେଜ, ଓଜସ୍ୱିତା ହରଣ କରି ନେଇଥିଲା, କେବଳ ଈଶ୍ୱରଙ୍କ ସ୍ୱତନ୍ତ୍ର ଦାନ, ମନନ ଓ ମନୀଷାଭରା ସୂର୍ଯ୍ୟ ଚକ୍ଷୁ ଦୁଇଟିରେ ହସ୍ତକ୍ଷେପ ନ କରି । ଦିନେ ସେ ହୋଇଥିଲେ ମୋ ପକ୍ଷେ ଶଙ୍କାଶୀଳ—ଏମ. ଏ. ଖାତାର ପରୀକ୍ଷକ; କିନ୍ତୁ ସେ ଭବେ ଏକାନ୍ତ ଉଦାର, ମୋତେ ଦେଇଥିଲେ ଶତକରା ୭୫ ନମ୍ବର । ସେକାଳ ସତ୍ୟବାଦୀ ବନ ବିଦ୍ୟାଳୟର ଜଣେ ଛାତ୍ର, ମୋ ପଡ଼ୋଶୀ ଗ୍ରାମବାସୀ ଭଗିରଥୀ ବାରୀଶଙ୍କୁ ଦିନେ ପଗ୍ଭରିଥିଲେ– ଗୋବର ଗଡ଼ିଆରେ ପଦ୍ମଟାଏ କେମିତି ଫୁଟିଲା ?

ସେହି କର୍ଦ୍ଦମିତ ଗୋବର ଗଡ଼ିଆକୁ ଦିନେ ଆଗ୍ରହ ବଶତଃ ସେ ଯାଇଥିଲେ ଓ ଆମ ଦୁଆରେ ଛିଡ଼ା ହୋଇ ଘର ଆଡ଼କୁ ଗୋଟିଏ ସ୍ନେହଳ ଦୀର୍ଘ ଦୃଷ୍ଟି ପକାଇଥିଲେ ।

ମୋ ସନ୍ଦର୍ଭ 'ଓଡ଼ିଆ ଲୋକଗୀତ ଓ କାହାଣୀ'ର ମଧ୍ୟ ସେ ପରୀକ୍ଷକ ଥିଲେ; କି ମୂଲ୍ୟମାନ କଲେ କେଜାଣି, ପି. ଏଚ୍. ଡ଼ି. ସନ୍ଦର୍ଭକୁ ଦେଇଥିଲେ ଡ଼ି: ଲିଟ୍. ! ମୋ ପ୍ରତି ଚିର ପକ୍ଷପାତୀ ସେ ।

Digitized by PPRACHIN, SOA

ନିତି ନବ ରୂପେ ଜମୁଥିବା ତାଙ୍କ ବିଦ୍ୱତ୍ ସଭର ବହୁବାର ଉପସ୍ଥିତ ଜଣେ ନଗଣ୍ୟ ସଦସ୍ୟ ମୁଁ । ତାଙ୍କ ସହିତ ସଂସ୍କୃତିର ବିଶ୍ୱ ପରିକ୍ରମା ବେଳେ ମୋ ଦୁର୍ବଳ ରଥଚକ୍ର ହୁଗୁଳି ପଡୁଥିଲା ବାରମ୍ବାର । ରୁଟିନ୍ ବନ୍ଧା ଜୀବନ ମୋର । ପଢ଼ିବା ଲେଖିବା ବା ଆଲୋଚନା କରିବା ବେଳେ ନୀଳକଣ୍ଠ କିନ୍ତୁ ମାତ୍ରା ଜ୍ଞାନ- ଶୂନ୍ୟ, ସମୟ ପ୍ରତି ଅସଚେତନ । ଘୂମାଉଁ ଘୁମାଉଁ ଆଲୋଚନା ମଝିରେ ସବୁ ଶୁଣୁଥିଲା ପରି 'ହୁଁ' ମାରୁଥିଲି ମାତ୍ର ।

ବୃତ୍ତି ଜୀବନରେ ମୁଁ ଥିଲି ତାଙ୍କ ସାହିତ୍ୟ ସାଧନାର ସହଚର । ବକ୍ତୃତାରେ ପଣ୍ଡିତଜୀଙ୍କର ପାଣ୍ଡିତ୍ୟ ଜଗନ୍ନାଥରୁ ବାହାରି ଅହୁର୍ ମଜ୍‌ଦାରେ କୁଆଡ଼େ ଲୀନ ହୋଇ ଯାଉଥିଲା । ପ୍ରସ୍ତୁତି ଲୋଡ଼ା ନ ଥିଲା । ସଂସ୍କୃତି ବା ସାହିତ୍ୟ ସଭରେ କିଛି କହିବାକୁ କହିଲେ ସେ ପ୍ରାଚୀରୁ ଅମଡ଼ା ମାଡ଼ି ଯାଇ ପହଞ୍ଚୁଥିଲେ ଟାଇଗ୍ରୀସ ବା ନୀଳନଦୀ କୂଳେ । ବକ୍ତୃତାର ଦୋଳିରେ ସମସ୍ତେ ଦୋଳି ଖେଳୁଥିଲେ ମାତ୍ର ବହୁ ଲୋକେ ଅଗମୂଳ ଧରି ପାରୁ ନ ଥିଲେ ।

ସଂସ୍କୃତ ବିଭଗର ସୁପରିଟେଣ୍ଡେଣ୍ଟ ଥିଲା ବେଳେ ଦୋଗ୍‌ଧାର ଭୂମିକାରେ ପହିଲେ ଦୋହନ କରିଥିଲି – "ସଂସ୍କୃତ ଓ ସଂସ୍କୃତି" ପୁସ୍ତକ, ପଣ୍ଡିତ ହରିହର ଦାସଙ୍କ ଆଶ୍ଚର୍ଯ୍ୟ ଜୀବନ କାହାଣୀ ଏ; ପଣ୍ଡୀତଜୀ ଅତି କ୍ଷୋଭରେ ଲେଖିଥିଲେ– ଯାହା ଉଦ୍ୟମରେ ପୁରୀରେ ସଂସ୍କୃତ କଲେଜ ହେଲା, ତାର ଚିହ୍ନାର୍ଥ ସ୍ମୃତି ରହିଲା ନାହିଁ !

ସେତେବେଳେ ସଂସ୍କୃତ ସମିତିର ସଭପତି ଏମାର ମଠର ମହନ୍ତ ମହାରାଜ ଗଦାଧର ରମାନୁଜ ଦାସ । ସେ ପୁସ୍ତକଟି ଛପାଇବା କଥା ଥିଲା । ପଣ୍ଡିତଜୀ କୃଷ୍ଣଙ୍କୁ ଅସୁର ବୋଲି ଲେଖି ଦେଇଥିବାରୁ ନିତ୍ୟ ଆମୂଳ ଚୂଳ ଭଗବଦ୍ ଗୀତା ଆବୃତ୍ତିକାରୀ ଭକ୍ତ ପ୍ରବର ମହନ୍ତ ମହାରାଜ ଛପାଇବାକୁ ଅମଙ୍ଗ ହେଲେ ।

ଫକୀର ମୋହନ କଲେଜର ଅଧ୍ୟାପକ ଥିଲା ବେଳେ ସଂସ୍କୃତି ସପ୍ତାହକୁ ନିମନ୍ତ୍ରଣ କରି ଲେଖାଇଥିଲି 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ', ୧ମ ଭଗ ।

ମୋର ଶେଷ ଦୋହନ ତାଙ୍କ ଆତ୍ମଜୀବନୀ । ପହିଲେ ପ୍ରଫୁଲ୍ଲ ଦାସ ବୋଲି ଜଣେ ଛାତ୍ରଙ୍କୁ ଏକ ଅଧ୍ୟାୟ ଲେଖାଇଥିଲି; ପଣ୍ଡିତଜୀଙ୍କ ମାନସିକ ଦୁଃସ୍ଥିତି, ଅନିଚ୍ଛା ଓ ଅନାଗ୍ରହ ମଧ୍ୟରେ ଲେଖା ହେଲେ ବି ରଚନା ଉଚ୍ଚ କୋଟୀର ହୋଇ-ଥିଲା । ଅନବଧାନତା ବଶତଃ ଏହା ହଜିଗଲା ।

Digitized by PPRACHIN, SOA

ତା'ପରେ ପଠାଇଥିଲି ଏମ୍. ଏ. ଛାତ୍ର ବୈରାଗୀ ଜେନା ( ଏବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ), ନିତ୍ୟାନନ୍ଦ ଶତପଥୀ ( ଏବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅଧ୍ୟାପକ )ଙ୍କୁ । ସେତେବେଳକୁ ସ୍ମୃତିଭ୍ରଂଶ ଘଟିଲାଣି । ପୁସ୍ତକଟି ଯେପରି ହେବାର ହୋଇପାରିଲା ନାହିଁ । ତଥାପି ଏହା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିବାକୁ ସମର୍ଥ ହେଲା । ସେହି ପୁରସ୍କୃତ ଅର୍ଥରୁ କିଛି ଅଂଶ ସେ ଉତ୍କଳ ସାହିତ୍ୟ ସମାଜକୁ, କିଛି ବିଶ୍ୱସଭୃତ୍ୟ ଗଣେଶଙ୍କୁ ଦେଇ ଦେଇଥିଲେ ।

ନରେନ୍ଦ୍ର ମିଶ୍ରଙ୍କ ପି. ଏଚ୍. ଡ଼ି. ସନ୍ଦର୍ଭର ମୌଖିକ ପରୀକ୍ଷା କରିବା ଓ ମୋ ଅନୁରୋଧରେ ଚୀନା ଭବନରେ ଜଗନ୍ନାଥ ସଂସ୍କୃତି ଉପରେ ଏକ ପ୍ରବନ୍ଧ ପାଠ କରିବା ଲାଗି ବିଶ୍ୱଭାରତୀ ଆସିଥିଲେ । ଟାଗୋର ଫେରି ଆସିଛନ୍ତି ବୋଲି ଏକ ଚହଳ ଗୁରିଆଡ଼େ ପଡ଼ି ଯାଇଥିଲା ।

ତାଙ୍କ ମନକୁ ଖୁବ୍ ମିଳି ଯାଇଥିଲା ବାଗ୍‌ଦା (ବିଛାବାଲିଆ) ଚିଙ୍ଗୁଡ଼ି ଓ ପୁରୁଣା କଉମାଛ; ମୋ ବସାରେ ତାକୁ ତାଙ୍କ ପୂଜାରୀ ନଟବର ବଡ଼ ଯତ୍ନରେ ରାନ୍ଧିଥିଲା । ତାଙ୍କ ମାଛଖିଆ ପ୍ରବାଦ ଶୁଣିଥିଲି । ଏବେ ପ୍ରତ୍ୟକ୍ଷ ଦେଖି ସନ୍ତୋଷରେ ମନ ପୂର୍ଣ୍ଣ ହୋଇଗଲା ।

ତା'ପରେ ଦିନେ "ନନାଙ୍କ ଦେହ ଭଲନାହିଁ, ଦେଖିଯାଅ" ବୋଲି ତାଙ୍କ ପୁତ୍ର ଡ଼ାକ୍ତର ବିକ୍ରମ ଫୋନ୍ କରିଥିଲେ । ମୁଁ ଗଲା ବେଳକୁ କଥା ଶେଷ । କିନ୍ତୁ ମୃତ୍ୟୁର କୌଣସି ଆଘାତ ମୁଖରେ ନଥିଲା ।

ପଣ୍ଡିତଜୀ ମନ୍ଦାର ଫୁଲକୁ ବଡ଼ ସ୍ନେହ ପାଉଥିଲେ ଓ ଝିଅ ସାରୋଦାର ବଗିଚାରେ ଗୋଟିଏ ମନ୍ଦାର ଗଛ ଲଗାଇଥିଲେ । ନିର୍ଜନ ମୁହୂର୍ତ୍ତମାନଙ୍କରେ ସେ ଫୁଟନ୍ତା ମନ୍ଦାର ଗଛକୁ ଚାହିଁ ବସୁଥିଲେ । ସେହି ଗଛର ଫୁଲଗୁଡ଼ିଏ ତୋଳା ହୋଇ ଶବ ଉପରେ ବହୁ ହାର ମଧ୍ୟରେ ଖଞ୍ଜା ହେଲା । କାନ୍ଦ ସ୍ୱରରେ ବୋଲା ହେଉଥିଲା—

କି କରାଳ ଆଜି ରଜନୀ ? ବହେ ଝଂଝା ପବନ,
ତାରା ନ ଦିଶଇ ଗଗନେ, ଶୁଭେ ଘନ ଗର୍ଜନ ।
ମୂଷଳ-ଧାରରେ ଝଟିକା ଦିଏ କରଡ଼ି କେବେ,
ଶୋଇ ପଡ଼ିଛ ତ ବାପା ହେ ଜାଣୁ ନ ଥିବ ଲବେ ।

ତାଙ୍କ ଲେଖା ଏବେ ତାଙ୍କ ପ୍ରତି ସାର୍ଥକ ଭାବେ ପ୍ରଯୁଜ୍ୟ ହୋଇଥିଲା । ସେ କେତେ ସରକାର ଗଢ଼ିଥିଲେ, ଭାଙ୍ଗିଥିଲେ । ଏବେ ଓଡ଼ିଶା ସରକାର ତାଙ୍କୁ ସସମ୍ମାନେ ପଟୁଆରରେ ବୁଲାଇ ସତ୍ୟବାଦୀକି ନେଇଗଲେ ।

Digitized by PPRACHIN, SOA

ସମାଧି ମନ୍ଦିରରେ କେଉଁ ଉକ୍ତିଟି ଉଲ୍ଲିଖିତ ରହିବ, ମୋ ଛାତ୍ର, ପଣ୍ଡିତଜୀଙ୍କ ଜାମାତା ଦ୍ୱାରକାନାଥ ଦାଶ ମୋତେ ପଚାରି ଆସିଥିଲେ, ଏହି ଦୁଇଟି ପଦ ବାଛି ଦେଇଥିଲି–

"କେଉଁ ଗଇଜରୁ ଆସୁଛି ? କହ ବତାସି ମୋରେ,
ଓଡ଼ିଆ–ବୋଇତ–ଖବର କିଛି ଆଣିଛୁ କିରେ ?
ନୀଳ–ବୀଚି ଭଂଗି ଆଣୁଛୁ ତଡ଼ି ବରଷା ଧାର;
କାଳ–ବୀଚି ଭଙ୍ଗି ସ୍ମରଣ ଦୂରେ ଯାଉଛି ପର !

× × ×

"ବଂଚି ଥାଅ କବି ଆଉ କେତେ ଦିନ
ଇତିହାସ ଏହି ଶରୀରେ ଧରି !
ବିଜନ ପୁଲିନେ ଗାଉଥାଅ ଗୀତ;
ତରଂଗେ ଶୁଣିବ ତଟିନୀ–ବାରି !"

*

ଅନନ୍ତ ବିଧାତା ତୁଂଭେ ତୁଂଭେ ବିଶ୍ୱ ପିତା
ତୁଂଭେ କ୍ଷୁଦ୍ର ମାନବର ଗତି;
ଜଗତର କୀଟ ଯେବେ ଚଳଇ ଅବାଟେ,
ତୁଂଭେ ତାରେ ଦେଖାଅ ହେ ନୀତି,
ତୁଂଭରି ମହିମା–ବଳେ ଅନଂତ ବ୍ରହ୍ମାଂଡ଼ ଚଳେ,
ମରଣେ ଉଠଇ ତୁଂଗ ଜୀବନ ବିକାଶ;
କ୍ଷୁଦ୍ର ନର–କର୍ମ ପ୍ରଭୁ ତୁଂଭରି ବିଳାସ ।
ଖେଳାଇ ଚତୁରୀ ନର କରେ କେତେ ଅହଂକାର,
ଅହଂକାରେ ଅହଂକାରେ ତୁଂଭରି ପ୍ରକାଶ ।

(ନୀଳକଣ୍ଠ–ଭକ୍ତିଗାଥା)

Digitized by PPRACHIN, SOA

# ପରଂପରା, ପରିସ୍ଥିତି ଓ ପୂର୍ବୋଦ୍ଦିଷ୍ଟ

ଶ୍ରୀ ଗିରିଜା ଭୂଷଣ ପଟ୍ଟନାୟକ

'ବିଷୁବ ମିଳନ'ରେ ନୀଳକଣ୍ଠ ଭାଷଣ ଦେଉଥାନ୍ତି । ପରମ୍ପରା, ପରିସ୍ଥିତି ଓ ପୂର୍ବୋଦ୍ଦିଷ୍ଟ ଉପରେ ସାହିତ୍ୟ ବିକାଶଲାଭ କରିପାରେ ଜୀବନ ଭଳି, ଏଇ ଥିଲା ତାଙ୍କର ମନ୍ତବ୍ୟ । ଓଡ଼ିଶାର ଦୁର୍ବାସା ନାମରେ ଖ୍ୟାତ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସହିତ ପ୍ରଥମ ସାକ୍ଷାତ ମନେ ପଡୁଥିଲା । ୧୯୪୬–୪୭ ମସିହାର କଥା । କବି ରାଧାମୋହନ ଗଡ଼ନାୟକ ନବଭାରତ ପ୍ରେସର ତଳ ମହଲରେ ରହୁଥ ନ୍ତି । ସେ ଆମର ପାରିବାରିକ ବନ୍ଧୁ । ସେ ନେଇ ପହଞ୍ଚିଲେ ନୀଳକଣ୍ଠଙ୍କ ପାଖରେ । ଦାସନାୟକଙ୍କ ଆଉ 'କୋଣାର୍କେ' ପଢ଼ିଥିଲି । ପଣ୍ଡିତ ନୀଳକଣ୍ଠ ଜୟଦେବଙ୍କ ଉପରେ ଉତ୍‌କ୍ଷିପ୍ତ । ପାଖରେ କେଉଁମାନେ ବସିଥିଲେ, ମନେ ନାହିଁ । ତେବେ ସେମାନଙ୍କୁ ନୀଳକଣ୍ଠ କହୁଥିଲେ "ସେଇଟାକୁ ଯିଏ ମାଗୁଛି, ତାକୁ ଦେଇଦିଅ ।" ଶ୍ରୀକୃଷ୍ଣଙ୍କୁ ନାରୀର କିଙ୍କର ବା ପ୍ରେମିକ ଶିରୋମଣି କରାଇ ଦେଇଥିବା ଯୋଗୁଁ ନୀଳକଣ୍ଠଙ୍କର ଜୟଦେବଙ୍କ ଉପରେ କ୍ରୋଧ । ଶ୍ରୀକୃଷ୍ଣଙ୍କ ଉପରେ ଆପଣାର ବୟାନ ରୂପ ପାଇଛି ତାଙ୍କର ଗୀତା ଭାଷ୍ୟରେ । ମୁଁ ପଣ୍ଡିତ ନୁହେଁ । କିନ୍ତୁ ଗୀତାର ଯେତେ ଭାଷ୍ୟ ମୁଁ ପଢ଼ିଛି ମୋତେ ନୀଳକଣ୍ଠଙ୍କର ଗୀତାଭାଷ୍ୟ ସବୁଠାରୁ ଭଲ ଲାଗେ । ଏଥିପାଇଁ ଯେ ତାହା ହେଉଛି ମହାଭାରତର ଚରିତ୍ରମାନଙ୍କର ଏକ ଐତିହାସିକ ସମୀକ୍ଷାର ପ୍ରଚେଷ୍ଟା ।

ଜୀବନର ସନ୍ଧ୍ୟା ନଇଁ ଆସୁଥିଲା । ନୀଳକଣ୍ଠଙ୍କୁ ନିମନ୍ତ୍ରଣ କରିଥିଲୁ ଭଦ୍ରକରେ ଏକ ଛାତ୍ର ସମ୍ମିଳନୀକୁ । ଦୁଇଟି ଦିନ ତାଙ୍କ ପାଖରେ କଟାଇବାର ସୁଯୋଗ ମିଳିଥିଲା– ତାଙ୍କର ଖାଦ୍ୟର ମେନୁ, ତାଙ୍କର ବକ୍ତୃତା ଦେବାର ଶୈଳୀ, ଜୀବନର ଅପରାହ୍ଣରେ ସ୍ମରଣଶକ୍ତି ସବୁ ଥିଲା ଅନନ୍ୟସାଧାରଣ । ସେଦିନ କିନ୍ତୁ ତାଙ୍କ ପାଖରୁ ଶୁଣିଥିଲି ରାଧାନାଥ ରାୟଙ୍କ ଉପରେ ତାଙ୍କର ଆକ୍ରମଣ । ଓଡ଼ିଆ ଜାତୀୟତାକୁ କଳଙ୍କିତ କରିଛନ୍ତି ବୋଲି ତାଙ୍କ ଉପରେ ଦୋଷାରୋପ । ମାର୍କସ୍‌ବାଦ ଶିକ୍ଷା ଦେଇଛି ମୋତେ ଯେ ଜାତୀୟତା ଦୁଇ ପ୍ରକାରର । ହିଟଲରର ଜାତୀୟତା, ଜର୍ମାନ୍ ବୁର୍ଜୋଆ ବା ଶ୍ରମିକର ଜାତୀୟତା, ଏକା କଥା ନୁହେଁ । ଠିକ୍ ସେଇପରି ଉଚ୍ଚଜାତୀୟ ରାଜପରିବାରର ଜାତୀୟତା ସାଧାରଣ ମଣିଷର ଜାତୀୟତା ନୁହେଁ । ତା'ଛଡ଼ା

Digitized by PPRACHIN, SOA

ଗଜପତିବାର ଭିତରେ ମଧ୍ୟ ମଣିଷର ଦ୍ୟୋତନା ତ ସେ ଦେଇଛନ୍ତି । ମୋର ଯୁକ୍ତି । ଗଜପତିଙ୍କର ଅପମାନ, ଜଗନ୍ନାଥଙ୍କର ଅପମାନ । ଜଗନ୍ନାଥଙ୍କର ଅପମାନ ସାରା ଓଡ଼ିଶାର ଅପମାନ । କିନ୍ତୁ ଜଗନ୍ନାଥ ତ ସୁଦର୍ଶନ ରୂପରେ ସ୍ନେହ କଲେ ପାପୀକୁ, ସେ ଯିଏ ହେଉନା କାହିଁକି । ପଣ୍ଡିତଜୀ କିନ୍ତୁ ଶୁଣିବାକୁ ନାରାଜ । ଉତ୍କଳର ଜାତୀୟତା ତାଙ୍କ ପାଇଁ ଅଖଣ୍ଡ । ସେ ଭିନ୍ନ ସମାଲୋଚକ । କାହାକୁ ଛାଡ଼ିବା ପାଇଁ ସେ ପ୍ରସ୍ତୁତ ନୁହନ୍ତି । ରାଧାନାଥ ଯେପରି ତାଙ୍କର ଶାଣିତ ଯୁକ୍ତିର ତରବାରୀରେ ଚକ୍ରାକ୍ତ, ସେହିପରି ଦୀନକୃଷ୍ଣ ଓ ବହୁକବି ନାରୀ, ନାରୀ, ନାରୀ, ସତେ ଯେପରି ମଣିଷର ଆଉ କୌଣସି ଉପାଦାନ ନାହିଁ । ଓ ଡ଼ର ଲାଗିଲା ସିନା ମୋତେ, ସାଙ୍ଗରେ ଜଣେ ଅପେକ୍ଷାକୃତ କମ ବୟସର ବ୍ୟକ୍ତି ଥିଲେ । ସେ କହିଦେଲେ ଯେ "ସାର୍, କିନ୍ତୁ ଏହା କଣ ସତ୍ୟ ନୁହେଁ ଯେ ନାରୀ ହେଉଛି ସର୍ବଶ୍ରେଷ୍ଠ ଏବଂ ସବୁଠାରୁ ପ୍ରଧାନ ଉପାଦାନ ।" "ଦୁଧ ଦାନ୍ତ ଭାଙ୍ଗିନାହିଁ, ନାରୀ ଦେଖୁଚୁ ... ... ନା କହୁଚୁ ..." ଛାତ୍ରଟି ଡ଼ରି କାକୁସ୍ଥ । ବୟସ ଟିକିଏ ଛୁଇଁବାକୁ ଆରମ୍ଭ କରିଚି ମାତ୍ର ।

× × ×

ସୁଭାଷଚନ୍ଦ୍ର ବୋଷ ଭାରତୀୟ ଜାତୀୟ କଂଗ୍ରେସ ଛାଡ଼ିଛନ୍ତି । ତାଙ୍କୁ ଓଡ଼ିଶାରେ ପୁଣିଥରେ ପରିଚୟ କରାଇବାର ଦାୟିତ୍ୱ ନେଇଛନ୍ତି ନୀଳକଣ୍ଠ ଦାସ ।

ଥରେ ନାରାୟଣଙ୍କୁ ନାରଦ ପଚାରିଲେ, "ନାରାୟଣ, ଆପଣଙ୍କୁ ସମସ୍ତେ ମାୟାବୀ ବୋଲି କହନ୍ତି । ମୁଁ ତ କାହିଁ ଆପଣଙ୍କର ମାୟା କିଛି ଜାଣିପାରିଲି ନାହିଁ ।" ମୁରୁକି ହସି ନାରାୟଣ କହିଲେ, 'ନାରଦ ଭାରି ଶୋଷ କରୁଚି, ଗୁଲ ପାଣି ମୁନ୍ଦାଏ ଆଣିଲ ।" ନାରଦ ପାଣି ଆଣିବାକୁ ଗଲେ । ଆଗରେ ବୋହି ଯାଉଚି ସରୁ ନାଳଟିଏ । ନାଳରୁ ପାଣି ଆଣିବାର ଉପକ୍ରମରେ ନାରଦ ଦେଖିଲେ ଯେ ନାଳ ଆରପାଖରେ କୂଅଟିଏ, ଆଉ ସେଠାରେ ସୁନ୍ଦରୀ ଝିଅଟିଏ ପାଣି କାଢ଼ୁଛି । ନାରଦ ତା'ଠାରୁ ପାଣି ଆଣିବାକୁ ଗଲେ, ଆଉ ସେଇଠି ଅଟକି ଗଲେ, ଝିଅଟିର ପ୍ରଣୟପାଶରେ ଆବଦ୍ଧ ହୋଇ । ତାକୁ ବିଭାହୋଇ ରହିଗଲେ । ପାଣି ଆଣିବାକୁ ଭୁଲିଗଲେ ନାରଦ । ଯଥା ସମୟରେ ତାଙ୍କର ଚାରି ପାଞ୍ଚୋଟି ସନ୍ତାନ ଜନ୍ମ ହେଲେ । ନାରଦ ପାତିଲେ ସଂସାର । ବହୁବର୍ଷ ବିତିଗଲା । ଥରେ ଆସିଲା ପ୍ରବଳ ବନ୍ୟା । ସେଇ ସରୁ ନାଳ କୂଳପ୍ଲାବିନୀ ପାଲଟିଲା । ସବୁ ଘରଦ୍ୱାର ଭସାଇ ନେଇଗଲା । ନାରଦ ପିଲାଛୁଆଙ୍କୁ ଧରି ନଦୀ ପାର ହେବାକୁ ବସିଲେ । ଗୋଟିକ ପରେ ଗୋଟିଏ ପିଲା ଆଉ ସବା ଶେଷକୁ ସ୍ତ୍ରୀ ଭାସିଗଲେ । ନାରଦ ଏକୁଟିଆ ନଦୀ ପାର ହେବାକୁ ବସିଲେ । ନାରଦଙ୍କର ନାକରେ

Digitized by PPRACHIN, SOA

ପାଣି ପଶିଲା, ନାରଦଙ୍କର ହେଲା ଚୈତନ୍ୟୋଦୟ । ନାରଦ ଡ଼ାକିଲେ, "ହେ ନାରାୟଣ, ରକ୍ଷାକର ।" ନଇ ଶୁଖିଗଲା ହଠାତ୍, ନାରଦ ଦେଖିଲେ ନାରାୟଣ ମୁରୁକି ମୁରୁକି ହସୁଛନ୍ତି, ଆଉ ପଚାରୁଛନ୍ତି, "ନାରଦ, ତମକୁ ପର ପାଣି ଆଣିବାକୁ ପଠାଇଥିଲି, ଗଲ କୁଆଡେ ?" ନାରଦ ଉତ୍ତର ଦେଲେ, "ନାରାୟଣ, ମୁଁ ବୁଝିଲି ତୁମର ମାୟା ।"

ନାରଦଙ୍କର ଏଇ ଯେଉଁ ଚୈତନ୍ୟୋଦୟ ହେଲା କଂଗ୍ରେସରେ ସେଇ ଚୈତନ୍ୟ ହେଉଛନ୍ତି ସୁଭାଷଚନ୍ଦ୍ର ବୋଷ । ନୀଳକଣ୍ଠଙ୍କର ବୟାନ ହେଉଛି ଅନନ୍ୟସାଧାରଣ ।

ଓଡ଼ିଶା ଏକ ହତଭାଗ୍ୟ ଦେଶ । ଆମ ଦେଶରେ ଗୋପବନ୍ଧୁ ହେଉଛନ୍ତି "ଉତ୍କଳମଣି," ମଧୁସୂଦନ ଦାସ ହେଉଛନ୍ତି "ଉତ୍କଳ ଗୌରବ ।" ଆମେ ଭାରତ-ବର୍ଷରେ କହିପାରି ନାହୁଁ ଯେ ସାରଙ୍ଗଧର ଦାସ ହେଉଛନ୍ତି ପ୍ରଥମ ଭାରତୀୟ ରାଜନୀତିଜ୍ଞ, ଯେ ଦଳ ଛାଡ଼ିବା ସହିତ ବିଧାନସଭା ପଦବୀରୁ ଇସ୍ତଫା ଦେଇଥିଲେ । ଗଣତାନ୍ତ୍ରିକ ମୂଲ୍ୟବୋଧ ପାଇଁ ମଧୁସୂଦନ ଦାସ ବିନା ଦରମାରେ ମନ୍ତ୍ରୀମାନେ କାମ କରିବା ଉଚିତ ବୋଲି ମତ ଦେଇଥିଲେ । ଭୁବନାନନ୍ଦ ଦାସ ବହୁବର୍ଷ ଧରି ପବ୍ଲିକ ଆକାଉଣ୍ଟସ କମିଟିର ପ୍ରତିଷ୍ଠିତ ଚେୟାରମାନ୍ ଥିଲେ । ସେଇପରି ପଣ୍ଡିତ ନୀଳକଣ୍ଠ ବହୁବର୍ଷ ପର୍ଯ୍ୟନ୍ତ ଦିଲ୍ଲୀର ମାଛବଜାରଠାରୁ ଆରମ୍ଭ କରି ଧୁରୀଣ ପାର୍ଲ୍ୟାମେଣ୍ଟ ସଭ୍ୟମାନଙ୍କ ମଧ୍ୟରେ ସ୍ତୁତ ହୋଇ ରହିଥିଲେ । ତାଙ୍କର ପ୍ରତିକୃତି ପାର୍ଲ୍ୟାମେଣ୍ଟ ଭବନକୁ ଅଳଙ୍କୃତ କରି ନାହିଁ । ତାଙ୍କର ପ୍ରତିମୂର୍ତ୍ତି ପ୍ରତିଷ୍ଠା ହୋଇନାହିଁ ବାଙ୍କାବଜାର ଛକରେ । ବର୍ତ୍ତମାନ ପର୍ଯ୍ୟନ୍ତ "ଅଜଣା" ବକ୍ସି, ଚୌଧୁରୀ ଏବଂ ବାଲୁହିଁ ଆମର ସ୍ମୃତି ପୂଜାର ଆଧାର !

ଏଥିପାଇଁ କାହାକୁ ଦୋଷ ଦେଇ ଲାଭନାହିଁ । ଯେଉଁ ଜାତୀୟତା ବୋଧର ଅହମିକା ସମ୍ପର୍କରେ ଏହା ପୂର୍ବରୁ ଉଲ୍ଲେଖ କରଯାଇଛି, ତାହାର ଅଭାବ ହେଉଛି ଏହାର ଏକମାତ୍ର କାରଣ । ପଣ୍ଡିତ ନୀଳକଣ୍ଠଙ୍କର ସମୀକ୍ଷା ଯେ ହୋଇଛି, ତାହା ନୁହେଁ । ଐତିହାସିକ ସମୀକ୍ଷା ହେଲେହିଁ ଯେଉଁ ନିର୍ଯ୍ୟାସ ବାହାରିବ, ତାହା ଜାତିକୁ ଆଗେଇବାରେ ସାହାଯ୍ୟ କରିବ । ପଣ୍ଡିତ ନୀଳକଣ୍ଠ ହୁଅନ୍ତୁ ବା ଯେ କେହି ହୁଅନ୍ତୁ ସେମାନଙ୍କର ସବୁ କାର୍ଯ୍ୟ ସହିତ ହୁଏତ ଆମେ ଏକମତ ହୋଇନପାରୁ । ହେବାର ଆବଶ୍ୟକତା ମଧ୍ୟ ନାହିଁ । ଚନ୍ଦ୍ରକୁ ଖାଇ ଜାଣିଲେ ବିନ୍ଦୁ ଗଣିବାରେ କିଛି କ୍ଷତି ନାହିଁ । କିନ୍ତୁ ଖାଲି ବିନ୍ଦୁ ଗଣିଲେ ଲାଭ କଣ ?

× × × ×

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠ ବେଶ୍ ହାସ୍ୟପ୍ରିୟ ବ୍ୟକ୍ତି ଥିଲେ । ଥରେ ତାଙ୍କର ନାତି ନାତୁଣୀମାନଙ୍କ ସାଙ୍ଗରେ ସେ ବସିଥିଲେ । ବସିଥିଲେ ତ କହିଲେ ହେବ ନାହିଁ ଆଉଜି ରହିଥିଲେ ଗୋଟିଏ ଆରାମ ଚଉକୀରେ । ମୁଁ ଯାଇ ପହଞ୍ଚିଲି । ମୋର ପରିଚୟ କରାଇ ଦିଆଗଲା । ସେ ହସିଲେ ଏବଂ କହିଲେ ଯେ "ମୁଁ ତାକୁ ଜାଣେ, କିଛି ନୂତନ ପରିଚୟ ଦିଅ ?" ତାଙ୍କର ନାତୁଣୀ କଥା ପ୍ରସଙ୍ଗରେ ମୋର ସ୍ଥିରୀକୃତ ହୋଇଥିବା ସ୍ତ୍ରୀଙ୍କର ନାମ କହିଲେ । ନାତୁଣୀ ଏବଂ ମୋର ଭାବି ସ୍ତ୍ରୀ 'କମଳ' ଏକା ବିଷୟର ଛାତ୍ରୀ । ପଣ୍ଡିତ ନୀଳକଣ୍ଠ ଆରମ୍ଭ କଲେ, କହିଲେ, "ଏଇ ନାମଟି ବିଶେଷ ଉଲ୍ଲେଖଯୋଗ୍ୟ । ଥରେ କ'ଣ ହେଲା ନା, ଜଣେ ଶିକ୍ଷକ କ୍ଲାସରେ ପାଠ ପଢାଉଥିଲେ । ଝରକାବାଟ ଦେଇ ଦେଖା ଯାଉଥିଲା ଗୋଟିଏ ପଦ୍ମ ପୋଖରୀ, ଅସଂଖ୍ୟ ପଦ୍ମଫୁଲ ଫୁଟିଛି । ଆଉ ସେଇ ପୋଖରୀ କୂଳରେ ଘୋଡ଼ାଟିଏ ଚରୁଛି, ହଠାତ୍ ସ୍କୁଲର ପରିଦର୍ଶକ ଆସି ପହଞ୍ଚିଲେ । ପିଲମାନଙ୍କୁ ପ୍ରଶ୍ନ କରିବାକୁ ଯାଇ ତାଙ୍କର ଆଖି ପଡ଼ିଲା ପୋଖରୀ ଉପରେ । ସେ ପିଲଙ୍କୁ ପଚାରିଲେ, 'କମଳ' କାହାକୁ କହନ୍ତି, ପିଲମାନେ କହି ପାରିଲେ ନାହିଁ । ଶିକ୍ଷକ ବିଚରା ବଡ଼ ଅପ୍ରତିଭ, ପରିଦର୍ଶକଙ୍କ ପଛରେ ଛିଡ଼ା ହୋଇ ସେ ଆଙ୍ଗୁଠି ଏବଂ ହାତରେ ପୋଖରୀ ଆଡ଼କୁ ଦେଖାଇ ଯେଉଁ ନିର୍ଦ୍ଦେଶ ଦେଲେ ସେଥିରୁ ପିଲାଏ ବୁଝିଗଲେ ଯେ 'କମଳ' ଅର୍ଥ ହେଉଛି ଅଶ୍ୱର ଯୌନାଙ୍ଗ । ଏକା ସାଙ୍ଗରେ ପିଲମାନେ ପାଟିକରି ଉତ୍ତର ଦେଲେ, 'ଅ' ରେ ବାଡ଼ିଦେଲେ 'ଆ' ବୋଲି ରାହାଙ୍କୀରେ ଯେପରି ପାଟି ଶୁଭେ ।" ସେଦିନ ପରିଦର୍ଶକ ଓ ଶିକ୍ଷକଙ୍କର ଅବସ୍ଥା କଣ ହୋଇଥିଲା ମୁଁ ଜାଣି ନାହିଁ । କିନ୍ତୁ ଆମର ଅବସ୍ଥା ଗୁରୁତର । କେହି ମୁଣ୍ଡଟେକି ଉପରକୁ ଅନାଉ ନାହାନ୍ତି, ଏଣେ ହସିବାକୁ ଡ଼ର ମାଡୁଛି । ଆଗରେ ପଣ୍ଡିତ ନୀଳକଣ୍ଠ । କିନ୍ତୁ ସେ ନିର୍ବିକାର, ନିର୍ଲିପ୍ତ ଭାବରେ କହି ଚାଲିଛନ୍ତି । ହାସ୍ୟରସ ସ୍ଥାନ, କାଳ, ପାତ୍ର ନ ଭାବି କରାଯାଇ ପାରିବ । କିନ୍ତୁ ହାସ୍ୟରସ ବା 'ହ୍ୟୁମର' ଆଜିକାଲି କାହିଁ ? କହୁଛି କିଏ, ବୁଝୁଛି କିଏ ? ଓଡ଼ିଶା ବିଧାନସଭାରେ ପଣ୍ଡିତ ନୀଳକଣ୍ଠ, ଲକ୍ଷ୍ମୀନାରାୟଣ ମିଶ୍ର, କୈଳାସଚନ୍ଦ୍ର ମହାନ୍ତି, ପଣ୍ଡିତ ଗୋଦାବରୀଶ ଏମାନେ ସମସ୍ତେ ବିସ୍ମୃତ ପ୍ରାୟ । ବର୍ତ୍ତମାନ ତ ହ୍ୟୁମର ବୁଝି ନ ପାରିବା ଲୋକ ବେଶୀ ଏବଂ ସେମାନେ ଏହାକୁ ଅପମାନଜନକ ବୋଲି ମନେ କରୁଛନ୍ତି । ଏବେ ନିକଟରେ ମୋର ଜଣେ କଲେଜ ବନ୍ଧୁଙ୍କ ସାଙ୍ଗରେ ଦେଖା ହେଲା । ସେ ଦିନଯାକ ଆମେ ଗପିଲୁ । ଭୁଲିଗଲୁ ଯେ ଆମେ ଗୋଟିଏ କର୍ପୋରେଶନର କର୍ମ କର୍ତ୍ତାଙ୍କ ଘରେ ବା ଅଫିସରେ ବହୁ ଲୋକଙ୍କ ସମାବେଶରେ ବସିଛୁ । ବହୁ ସମୟ ପରେ ଜଣେ ଲୋକ ପଚାରିଲେ ଯେ ଆଜ୍ଞା ଆପଣ ଦୁଇଜଣଙ୍କୁ ଦେଖୁଛି । ବହୁ ସମୟ ହେଲା ଆପଣ

Digitized by PPRACHIN, SOA

ଦୁଇଜଣଙ୍କର କଥୋପକଥନ ଦେଖି ମନେ ହେଉ ନାହିଁ ଯେ ଆପଣ ଭିନ୍ନ ମତବାଦର ଲୋକ । ଆମେ ସଚେତନ ହୋଇ– ଚଲୁ ଏବଂ ଆମ ଗଳ୍ପର ଭଟା ପଡ଼ିଗଲା । ହାସ୍ୟରସ ବିନା ଜୀବନ ଶୁଷ୍କ ମରୁ ପ୍ରାନ୍ତର ।

ପଣ୍ଡିତ ନୀଳକଣ୍ଠଙ୍କୁ ନିମନ୍ତ୍ରଣ କରିବାପାଇଁ ଭୁବନେଶ୍ୱର ଯାଇଥିଲି । ସେ ମାଛ କିଣିବା ପାଇଁ ବଜାରକୁ ବାହାରିଥିଲେ । ମୋତେ ସାଙ୍ଗରେ ନେଇଗଲେ । ମାଛ ବାଲୁଗାଁରୁ ମାଛ କିଣି ଫେରିଲା ବେଳକୁ ମୋର ହୃଦ୍‌ବୋଧ ହେଲା ଯେ ଏଇ ମଣିଷର ମାଛଖିଆ ସଂପର୍କରେ କଲିକତାଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଯେଉଁ ଗଳ୍ପ ସବୁ ପ୍ରଚଳିତ ହୋଇଛି, ତାହା ସତ୍ୟ ବୋଧହୁଏ ; ବାଟଯାକ ଗନ୍ଧ ଗୁଲିଛି । ବୟସର ବାଡ଼ ଡେଇଁ ଯାଇଛି । ବାଟରେ ଗାଡ଼ି ଆଗରେ ଗାଈଟିଏ ଠିଆହେଲା, ବାଟ ଛାଡ଼ିଲା ନାହିଁ । ପଣ୍ଡିତ ନୀଳକଣ୍ଠ ଡ୍ରାଇଭରକୁ କହିଲେ ଯେ ସାବଧାନ, ତା'ର ବହୁତ କ୍ଷମତା ! ଗାଈ ଶାସନ କରୁଛିଟି ? ସେମିତି ହର୍ଣ୍ଣ ବଜାନା ।

ପଣ୍ଡିତ ନୀଳକଣ୍ଠ ଆଉ ନାହାନ୍ତି । ସେ ପରଂପରାରେ ପରିଣତ ହୋଇଛନ୍ତି । ପରିସ୍ଥିତି ଯାହା, ସେଥିରେ ନୀଳକଣ୍ଠଙ୍କର ଦାୟାଦ ବୋଲି କହିବାକୁ ଲାଜ ମାଡୁଛି । ଆଉ ପୁରୋଦୃଷ୍ଟି ଏ ଜାତିର ବର୍ତ୍ତମାନ ପର୍ଯ୍ୟନ୍ତ ନାହିଁ ବୋଲି କହିଲେ ଭୁଲ ହେବନାହିଁ ।

ପୁରୋଦୃଷ୍ଟି ବା ଆତ୍ମାଭିମାନ ଥିଲେ ପାରଦ୍ୱୀପ ବନ୍ଦର ବନ୍ଦ ହୋଇଯିବା ସୁନିଶ୍ଚିତ ଜାଣି ମଧ୍ୟ ଏ ଜାତିର ଉଦ୍‌ବେଗଜନ ନାହିଁ । ଦ୍ୱିତୀୟ ଇସ୍‌ପାତ କାରଖାନା ପ୍ରତିଷ୍ଠିତ ହେବା ଅନିଶ୍ଚିତ ଜାଣି ମଧ୍ୟ ବିକ୍ଷୋଭ ନାହିଁ । ସମ୍ବଲପୁରକୁ ଟ୍ରେନରେ ଯିବାକୁ ହେଲେ ତିନୋଟି ରାଜ୍ୟ ଦେଇ ଯିବାକୁ ହେବ ଏବଂ ସେଇଥିରେ ଜାତୀୟ ସଡ଼କ ପ୍ରତିଷ୍ଠିତ ହେବ– ଏହା ସତ୍ତ୍ୱେ ପ୍ରତିବାଦ ନାହିଁ । ଓଡ଼ିଶାର ଦୁଇ ତୃତୀୟାଂଶ ଦୁର୍ଭିକ୍ଷର ଉପକଣ୍ଠରେ, ଏହା ସତ୍ତ୍ୱେ ବିଦ୍ରୋହ ନାହିଁ । ହିମାଳୟର ବରଫକୁ ଛାଡ଼ି-ଦେଲେ ବାକି ସମଗ୍ର ଭାରତରେ ଯାହା ଅଛି, ଓଡ଼ିଶାରେ ସେ ସବୁ ଥିବା ସତ୍ତ୍ୱେ ଆମର ଅଧିକରୁ ଅଧିକ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ । ଆମେ ବ୍ୟସ୍ତ ରହିଛୁ ଇଏ ଯିବ ନା ସିଏ ଆସିବ ? ସରହଦ ଭିତରେ । ବ୍ୟକ୍ତିର ପରିବର୍ତ୍ତନରେ ସମାଜର ଗୁଣାତ୍ମକ ପରିବର୍ତ୍ତନ ହୋଇଯିବ ନାହିଁ । ଆମର ସମସ୍ୟା ଜାତୀୟ ସମସ୍ୟା, ଦଳ ମତର ଉର୍ଦ୍ଧ୍ୱରେ ଏଇସବୁ ସମସ୍ୟା । ଜାତି ବଞ୍ଚିଲେ ସିନା ଦଳ, କ୍ଷମତା, ମହତ୍ତ୍ୱ ! ଜାତିର ବଞ୍ଚିବା ପାଇଁ ଆବଶ୍ୟକ ଜାତୀୟ ଅଭିମାନ, ଜାତୀୟ ପୁରୋଦୃଷ୍ଟି ।

ପଣ୍ଡିତ ନୀଳକଣ୍ଠ ମନେ ପଡ଼ନ୍ତି ଏତିକି ବେଳେ । ଚିନ୍ତା ଅନ୍ଧକାର ଭିତରେ ବିଜୁଳିଟିଏ ବା ଆକାଶରେ କାବ୍ୟ ତାରାଭଳି । ମଣିଷ ଜୀବନ, ଏଇ ଦେଶ କେବେ ଆଉ କୁଆଁରପୁନେଇରେ ପରିଣତ ହେବ ।

Digitized by PPRACHIN, SOA

# ପଣ୍ଡିତ ନୀଳକଂଠ

ଶ୍ରୀ ଗୋକୁଳ ମୋହନ ରାୟ ଚୁଡ଼ାମଣି

ପଣ୍ଡିତ ନୀଳକଣ୍ଠ ଦାସ ବଞ୍ଚିଥିଲେ ତାଙ୍କୁ ଏବେ ୧୦୦ ବର୍ଷ ହୋଇଥାନ୍ତା । ତେଣୁ ତାଙ୍କ ବିଷୟରେ ଆଲୋଚନା କରିବାକୁ ହେଲେ ଆମକୁ ଶହେ ବର୍ଷ ପଛକୁ ଅନେଇବାକୁ ହେବ ଏବଂ ତାଙ୍କର କର୍ମମୟ ଜୀବନ ବିଷୟରେ ବିଚାର କରିବାକୁ ହେଲେ, ଅନ୍ତତଃ ୮୫ ବର୍ଷ ପୂର୍ବେ ଓଡ଼ିଶା ଏବଂ ଭାରତବର୍ଷର ଅବସ୍ଥାକୁ ବିଚାରକୁ ନେବାକୁ ହେବ ।

୧୦୦ ବା ୮୫ ବର୍ଷ ପୂର୍ବେ ଓଡ଼ିଶା ଏବଂ ଭାରତବର୍ଷ ଇଂରେଜ ସରକାରଙ୍କର ଅମାନୁଷିକ ଶୋଷଣ, ଶାସନ ଓ ଅତ୍ୟାଚାରରେ ଜର୍ଜରିତ; ଗ୍ରାମ୍ୟ ଅର୍ଥନୀତି ବିପର୍ଯ୍ୟସ୍ତ; ଓଡ଼ିଶାର ସଂସ୍କୃତି, ସାହିତ୍ୟ ବିଲୋପ ପାଇବା ଅବସ୍ଥାରେ; ମାନସିକ ଶକ୍ତି ନିମ୍ନଗାମୀ । ଦାସ ମନୋଭାବର ଗଭୀରତ୍ୱ । ବ୍ୟକ୍ତିତ୍ୱ ଓ ସାହସିକତା ସାମ୍ରାଜ୍ୟବାଦୀ ଘାତକର ଖଡ଼୍ଗରେ ଖଣ୍ଡ ବିଖଣ୍ଡିତ, ରକ୍ତାକ୍ତ ।

ସମାଜରେ ରକ୍ଷଣଶୀଳତା ପଟୁମାଟି ଭଳି ବସି ଯାଇଛି । ଅବସ୍ଥାର ଚାହିଦା ଅନୁସାରେ ପନ୍ଥା ଗ୍ରହଣ କରିବାକୁ ସମାଜ ଅକ୍ଷମ ଓ ନାରାଜ । ପୁରାତନର ଆବଦ୍ଧତା ଭିତରୁ ନୂତନର ଜନ୍ମକୁ ଦ୍ୱାରରୁଦ୍ଧ କରାଯାଉଛି । ସମଗ୍ର ସମାଜକୁ ସ୍ଥାଣୁ ଓ ପଙ୍ଗୁ କରି ରଖିବାପାଇଁ ସାମ୍ରାଜ୍ୟବାଦୀ ଶାସକର ଉଦ୍ୟମ ସହିତ ସମାଜପତିମାନେ ହାତ ମିଳାଇଛନ୍ତି ।

ନୀଳକଣ୍ଠ ଦାସଙ୍କ ଜୀବନୀ, ସେହି ସମୟର ସାମୂହିକ ଅବସ୍ଥାରୁ ବିଚ୍ଛିନ୍ନ କରି ଆଲୋଚନା କରାଯାଇ ନପାରେ । ସାମ୍ରାଜ୍ୟବାଦୀ ଶାସନ ଓ ସାମନ୍ତବାଦୀ ସମାଜ ବ୍ୟବସ୍ଥା ଭିତରୁ ପରାଧୀନତାର ନାଗପାଶରେ ଆବଦ୍ଧ ଓ ବିଷଜର୍ଜରିତ ପରିସ୍ଥିତି ଭିତରେ ତାଙ୍କର ଜନ୍ମ ଓ ଯୌବନର ବିକାଶ ।

ତେବେ ସେ ପରିସ୍ଥିତିର ଦାସ ଥିଲେ ନା ନୂତନ ଚେତନାର ଯେଉଁ ଆହ୍ୱାନ ଆସିଥିଲା ତାକୁ ସେ ପରିସ୍ଥିତି ଦୃଷ୍ଟିରୁ ବଦଳାଇ ଆଗକୁ ଅଗ୍ରସର ହେବା ପଥର ପଥିକ ହୋଇଥିଲେ ? ଏ ପ୍ରଶ୍ନର ଉତ୍ତର ତାଙ୍କ ଭିତରେ ଖୋଜିବାକୁ ଗଲାବେଳେ ଆମେ ତାଙ୍କର ଚରିତ୍ରରେ ବହୁ ବିଶେଷତ୍ୱ ଦେଖିବାକୁ ପାଉ ।

Digitized by PPRACHIN, SOA

ବ୍ରିଟିଶ୍ ସାମ୍ରାଜ୍ୟବାଦ ନିଜ ଶାସନକୁ ସୁଦୃଢ଼ ଓ ବଜାୟ ରଖିବାପାଇଁ ପଦପଦବୀ, ଉଚ୍ଚ ଚାକିରୀ, ପୁରସ୍କାର ଓ ନାନା ପ୍ରଲୋଭନରେ ସମାଜପତି ଓ ବିଶିଷ୍ଟ ବ୍ୟକ୍ତି ତଥା ଶିକ୍ଷିତ ଲୋକଙ୍କୁ ବଶୀଭୂତ କରୁଥିଲା । ଯେଉଁମାନେ ଏ ଜାଲରେ ପଡ଼ୁ ନ ଥିଲେ ଅମାନୁଷିକ ଅତ୍ୟାଚାର ଓ ରାଜଦଣ୍ଡଦ୍ୱାରା ସେମାନଙ୍କୁ କାବୁ କରିବାକୁ ଚେଷ୍ଟା କରଯାଉ ଥିଲା । ପଣ୍ଡିତ ନୀଳକଣ୍ଠଙ୍କ ଛାତ୍ର ଜୀବନରେ ଶପଥ ଥିଲା, "ପାଠପଢ଼ା ସାରି ଚାକିରୀ କରିବେ ନାହିଁ । ଦେଶକୁ ଜନ୍ମବେଳେ ଯାହା ଦେଖିଥିଲେ ତାହାଠାରୁ ଅଧିକ ଉନ୍ନତ ଦେଖି ମରିବେ ।"

ଧର୍ମ, ଶାସ୍ତ୍ର, ପୁରାଣ ପ୍ରଭୃତିକୁ ସମାଜର ବିକାଶ ଦିଗରେ ଆବଶ୍ୟକତା ଅନୁଯାୟୀ ପ୍ରୟୋଗ ନ କରି ତାହାକୁ ପ୍ରତିବନ୍ଧକ ଓ ବେଡ଼ି ଭାବରେ ସମାଜର ଗୋଡ଼ରେ କଡ଼ି ବାନ୍ଧି ବ୍ରାହ୍ମଣ ପଣ୍ଡିତ ଓ ସମାଜପତିମାନେ ଐତିହ୍ୟର ଗର୍ବ କରୁଥିଲେ ଓ ନିଜକୁ ଦକ୍ଷ ସମାଜପତି ବୋଲାଇ ଗୌରବ ଅନୁଭବ କରୁଥିଲେ । ନୀଳକଣ୍ଠ ପ୍ରକୃତ ନୀଳକଣ୍ଠ ସାଜି ଏହାରି ବିରୁଦ୍ଧରେ ତାଣ୍ଡବ ନୃତ୍ୟ କରିଥିଲେ । ଜାତି ଭେଦରେ ଯେଉଁ ଅସ୍ପୃଶ୍ୟତା, ସେଥିପ୍ରତି ସେ ଅମାନିଆ ହେଲେ । ଭୋଇ, କଣ୍ଡରା, ପାଣ, ଧୋବା ସମସ୍ତଙ୍କ ସାଙ୍ଗରେ ନୈଷ୍ଠିକ ବ୍ରାହ୍ମଣ ପୁଣି ଖ୍ୟାତନାମା ଶାସନୀ ବ୍ରାହ୍ମଣ ହୋଇ ପଂକ୍ତି ଭୋଜନରେ ନିଜେ ବସି ଖାଇଲେ । ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳକଣ୍ଠ ସବୁ ଜାତିର ପିଲାଙ୍କୁ ଏକା କୋଠରୀରେ ରଖାଇଲେ ଓ ଏକା ସାଙ୍ଗରେ ଖୁଆଇଲେ ।

ଯେଉଁମାନେ ପୁରୁଣାକୁ ଜାବୁଡ଼ି ଧରି 'ନୂତନକୁ' ବିଷ ଦୃଷ୍ଟିରେ ଦେଖନ୍ତି, ସେମାନେ ଏହି ବନ ବିଦ୍ୟାଳୟକୁ ସହି ପାରିଲେ ନାହିଁ, ତାହାକୁ ପୋଡ଼ିଦେଲେ । ଏପରି ବିପର୍ଯ୍ୟୟ ସତ୍ତ୍ୱେ ଛାତ୍ର ଓ ଶିକ୍ଷକମାନଙ୍କର ଉଦ୍ୟମରେ ତାହା ପୁଣି ଗଢ଼ି ଉଠିଲା । ରକ୍ଷଣଶୀଳଙ୍କର ଅନ୍ୟାନ୍ୟ ବହୁ ଅପଚେଷ୍ଟା ପରାଭୂତ ହେଲା ।

ସମାଜ ଓ ଦେଶର ଅନିଷ୍ଟକାରୀ ରକ୍ଷଣଶୀଳତା ବିରୁଦ୍ଧରେ ସଂଗ୍ରାମ, ଝଡ଼ର ବେଗ ବିରୁଦ୍ଧରେ ସଂଗ୍ରାମଠାରୁ ଅଧିକ ଭୀଷଣ । ନିଶ ରଖିବା ସେତେବେଳେ ବ୍ରାହ୍ମଣ ସମାଜରେ ଶାସ୍ତ୍ର– ବିରୋଧୀ ଓ ଧର୍ମ– ବିରୋଧୀ କାର୍ଯ୍ୟ ରୂପେ ବିବେଚିତ ହେଉଥିଲା । ପଣ୍ଡିତ ନୀଳକଣ୍ଠ ନିଶ ରଖି ଏହି କୁସଂସ୍କାର ବିରୁଦ୍ଧରେ ଦୃଢ଼ତାର ସହିତ ଠିଆ ହେଲେ । ବ୍ରାହ୍ମଣ ପଣ୍ଡିତମାନେ ତାଙ୍କୁ ପ୍ରାଣରେ ମାରିବାର ଉଦ୍ୟମ କରୁଥିବା କଥା ପ୍ରଚାର ହୋଇଗଲା । ସେ ଏଥିରେ ବିଚଳିତ ନ ହୋଇ ବ୍ରାହ୍ମଣ ସମାଜର ପଣ୍ଡିତ-ମାନଙ୍କୁ ଏକ ତର୍କ ସଭାକୁ ଆହ୍ୱାନ କଲେ । ପୁରୀକୋଟରେ ବିଭିନ୍ନ ମତାବଲମ୍ବୀ

Digitized by PPRACHIN, SOA

ପଣ୍ଡିତମାନଙ୍କର ଏହିଭଳି ତର୍କସଭା ଅନୁଷ୍ଠିତ ହେବାର ପ୍ରଥା ଥିଲା ଓ ହାରି ଯାଉଥିବା ପଣ୍ଡିତମାନଙ୍କୁ ସମ୍ମୁଖରେ ପ୍ରଜ୍ୱଳିତ ଚିତାଗ୍ନିରେ ଝାସ ଦେବା ସ୍ମରଣ କରାଇ ପୁରୀ ସିଂହଦ୍ୱାର ପାଖରେ ଏକ ତର୍କସଭାର ଆୟୋଜନ କଲେ ଏବଂ ଚିତାଗ୍ନି ଜଳାଇବା ବ୍ୟବସ୍ଥା କରି ବସି ରହିଲେ । କିନ୍ତୁ ମୁକ୍ତିମଣ୍ଡପ ପଣ୍ଡିତମାନେ ବା କେହି ତାଙ୍କର ଏହି ତର୍କସଭାକୁ ଆସିଲେ ନାହିଁ । ଶହ ଶହ ଲୋକ ଏହି ଦୃଶ୍ୟ ଦେଖିବାକୁ ରୁଣ୍ଡ ହୋଇଥିଲେ । ଶେଷରେ ପଣ୍ଡିତ ନୀଳକଣ୍ଠ ତାଚ୍ଛଲ୍ୟ କରି କହିଲେ, "ପଣ୍ଡିତମାନେ ଶୃଗାଳ ଭଳି ଜଙ୍ଗଲ ଝାଡି ଭିତରେ ପଶିଲେ, ତର୍କପାଇଁ ଆସିଲେ ନାହିଁ ।" ବହୁ ସମୟ ଅପେକ୍ଷା କଲାପରେ ତାଙ୍କ ସହଯୋଗୀମାନଙ୍କ ଗହଣରେ ସେଠାରୁ ଚାଲି ଯାଇଥିଲେ ।

ଏହି ବନ ବିଦ୍ୟାଳୟ ଅନ୍ୟାନ୍ୟ ବିଦ୍ୟାଳୟମାନଙ୍କ ଠାରୁ ତଫାତ୍ ଥିଲା ଗୁଣାତ୍ମକ ଭାବରେ । ଏହି ତଫାତ୍ କେଉଁଠି, ତାହା ଇଂରେଜ ସରକାର ଭଲ ଭାବରେ ବୁଝି-ପାରିଥିଲେ । ଆମେ ଏବେ ବି ତାହାର ତାତ୍ପର୍ଯ୍ୟ ଉପଲବ୍ଧି କରିପାରି ନାହୁଁ । ତାହାର ଆତ୍ମାକୁ ଦେଖି ପାରିନାହୁଁ । ତା' କରି ପାରିଥିଲେ ସ୍ୱାଧୀନତାର ୩୮ ବର୍ଷ ପରେ ଶିକ୍ଷାର ମାନ ଓ ଅବସ୍ଥା ଆଜି ଏପରି ନିମ୍ନ ସ୍ତରରେ ନ ଥାନ୍ତା । ସତ୍ୟବାଦୀ ବନ-ବିଦ୍ୟାଳୟ ଥିଲା ଦେଶ ପ୍ରେମରେ ଉଦ୍‌ବୁଦ୍ଧ, ସମାଜର ସେବା ପାଇଁ ଉଦ୍ଦିଷ୍ଟ ଏବଂ ଥିଲା, ମାନବଧର୍ମୀ, ନିର୍ଭୀକ, ଚରିତ୍ରବାନ, ସ୍ୱାଧୀନଚେତା, ବିଦ୍ୱାନ, ଜ୍ଞାନ ଅନ୍ୱେଷଣକାରୀ ବଳିଷ୍ଠ ଶିକ୍ଷିତ ଯୁବକ ଗୋଷ୍ଠୀ ଗଢିବାର ଏକ ସାମୂହିକ ବିଜ୍ଞାନାଗାର । ଯେଉଁମାନେ ମାତ୍ର କେତେବର୍ଷ ପରେ ସମଗ୍ର ଉତ୍କଳର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ କର୍ଣ୍ଣଧାର ହେଲେ, ସେହିମାନେ ଏହିଠାରେ ଶିକ୍ଷକତା କରୁଥିଲେ । ଏଥିରୁ ସ୍ପଷ୍ଟ ମନେହୁଏ, ଭବିଷ୍ୟତ ଉତ୍କଳର ନେତୃତ୍ୱ ବା ସଂଗ୍ରାମର ସେନାପତିମାନଙ୍କର ଏହି ବିଦ୍ୟାଳୟ ଥିଲା ଏକ ତାଲିମ କେନ୍ଦ୍ର । ବାସ୍ତବ ଘଟଣା ତାହାହିଁ ପ୍ରମାଣ କରିଛି । ଏହିପରି ଏକ ବିଦ୍ୟାଳୟର ପ୍ରାଣପିଣ୍ଡ ଥିଲେ ପଣ୍ଡିତ ଗୋପବନ୍ଧୁ । ସେ ଆର୍କିଟେକ୍ଟ ଡିଜାଇନର ଥିଲେ ସତ, କିନ୍ତୁ ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର, ଗୋଦାବରୀଶ,-କୃପାସିନ୍ଧୁ ପ୍ରଭୃତି ଥିଲେ ତାହାକୁ ରୂପ ଦେବାରେ କାରିଗର । ପୁଣି ପଣ୍ଡିତ ନୀଳକଣ୍ଠ ଥିଲେ ଏହିଭଳି ଏକ ଶିକ୍ଷା ଶିବିରର ଅଧ୍ୟକ୍ଷ ।

୧୯୦୯ ରେ ଏହି ବିଦ୍ୟାଳୟ ଆରମ୍ଭ ହୋଇଥିଲା । ୧୯୧୯ ରେ ମହାତ୍ମାଗାନ୍ଧି ଭାରତର ରାଜନୀତିର ନେତୃତ୍ୱ ନେଲେ । କିନ୍ତୁ ଏହାର ୧୦ ବର୍ଷ ପୂର୍ବରୁ ପଣ୍ଡିତ ଗୋପବନ୍ଧୁ, ଓ ନୀଳକଣ୍ଠ, ଭବିଷ୍ୟତ ଦ୍ରଷ୍ଟା ସ୍ୱରୂପ ଏହି ଶିକ୍ଷା ଶିବିର ସତ୍ୟବାଦୀ

Digitized by PPRACHIN, SOA

ବନବିଦ୍ୟାଳୟ ସ୍ଥାପନ କରିଥିଲେ । ଏଥିରୁ ଉତ୍କଳରେ ଓଡ଼ିଶାର ନେତୃତ୍ୱ ପ୍ରତିଫଳିତ ହୁଏ ନାହିଁ କି ? ସମାଜର ବିକାଶ ଓ ଅଗ୍ରଗତି ପାଇଁ ଶିକ୍ଷା ଯେ ମୌଳିକ ପ୍ରଶ୍ନ, ଏହା ସେତେବେଳେ ସେମାନେ ଉପଲବ୍ଧି କରିଥିଲେ, ଯାହା ଏବେ କଥାରେ ରହିଛି, କାର୍ଯ୍ୟରେ ପ୍ରକାଶ ପାଉନାହିଁ ।

ତନ୍ତବୁଣା ଲୁଗା ପିନ୍ଧିବା ପାଇଁ ସେତେବେଳେ ଏହି ମନୀଷୀମାନେ ପ୍ରତିଜ୍ଞାବଦ୍ଧ ହୋଇଥିଲେ ଓ ଅନ୍ୟମାନଙ୍କୁ ପ୍ରଭାବିତ କରିଥିଲେ । ଏହା ମୂଳରେ ଥିଲା ଓଡ଼ିଶାର କୁଟୀର ଶିଳ୍ପକୁ ରକ୍ଷା କରିବା ସଙ୍ଗେ ବିଦେଶୀ ଜିନିଷ ପ୍ରତି ବିତୃଷ୍ଣା ସୃଷ୍ଟି କରିବା ଓ ଇଂରେଜ ସରକାର ପ୍ରତି ବିରୋଧ ମନୋଭାବ ଜାଗ୍ରତ କରିବା । ମହାତ୍ମାଗାନ୍ଧି ୧୯୨୦ ରେ ଖଦଡ଼ କଥା କହିଥିଲେ, କିନ୍ତୁ ତା'ର ଏକ ଦଶନ୍ଧି ପୂର୍ବରୁ ପଣ୍ଡିତ ଗୋପବନ୍ଧୁ ଓ ନୀଳକଣ୍ଠ ଓଡ଼ିଶାରେ ଏହାର ସୂତ୍ରପାତ କରିଥିଲେ ।

ପଣ୍ଡିତ ନୀଳକଣ୍ଠଙ୍କର ପଢ଼ିବା ଛାତ୍ର ଜୀବନରେ ଶେଷ ହୋଇ ନ ଥିଲା । ସେତେବେଳେ ସେ ଯେତେ ସମୟ ପଢୁଥିଲେ, ତାହାଠାରୁ ଅଧିକ ସମୟ ଗତିସାରା ଅନିଦ୍ରା ହୋଇ ପଢ଼ୁଥିବା ପରବର୍ତ୍ତୀ ଜୀବନରେ ଦେଖିବାକୁ ମିଳେ । ତାଙ୍କର ଲେଖା, ସାମନ୍ତବାଦୀ ସମାଜର ଗଣ୍ଡି ଭିତରେ ମଧ୍ୟ ପ୍ରଗତିଶୀଳ ଥିଲା । ତାଙ୍କର 'ଗୀତା ଭାଷ୍ୟ' ଏକ ନୂତନ ଦୃଷ୍ଟି କୋଣରୁ ଓ ଯୁକ୍ତିସନ୍ଦଳିତ ଲେଖା । 'ନବ ଭାରତ'ରେ ମଧ୍ୟ ତାଙ୍କର ଲେଖାସବୁ ପ୍ରଗତିଶୀଳ ଥିଲା । ସେ ସୁବକ୍ତା, ସୁସଂଗଠକ ଓ ଜଣେ ବିଶିଷ୍ଟ ରାଜନୀତିଜ୍ଞ ଥିଲେ । ପୁରୀ ଜିଲାରେ ୧୯୩୦ ରେ ଲବଣ ସତ୍ୟାଗ୍ରହ ଓ କଂଗ୍ରେସ ଅଧିବେଶନର ପ୍ରସ୍ତୁତି ତଥା ୧୯୩୭ ଓଡ଼ିଶା ବିଧାନସଭା ନିର୍ବାଚନରେ ସେ ଏହା ପ୍ରମାଣ କରିଥିଲେ ।

୧୯୩୦ ଓ' ୩୧ ଆଇନ ଅମାନ୍ୟ ଆନ୍ଦୋଳନ ବେଳେ ତାଙ୍କର ପ୍ରତାପ ଓ ପ୍ରଚଣ୍ଡତାରେ ସରକାରୀ ଉଚ୍ଚପଦସ୍ଥ ଅଫିସରମାନେ ଶଙ୍କି ଯାଉଥିଲେ । ଜନସାଧାରଣ ତାଙ୍କର ବକ୍ତୃତାରେ ମୋହଗ୍ରସ୍ତ, ଉତ୍ତେଜିତ ଓ ଉତ୍ସାହିତ ହେଉଥିଲେ । କୁଟ, ଜାଲିଆତି ବୁଦ୍ଧି ତାଙ୍କର ନ ଥିଲା । ପେଞ୍ଚପାଞ୍ଚ, ଶଠବୁଦ୍ଧି, ଧପାବାଜି, ଖୋସାମତି ପ୍ରଭୃତି ଯେଉଁ ପ୍ରକାର ଗୁଣ ଥିଲେ ଅନ୍ୟକୁ ଠକି ଅଯୋଗ୍ୟ ଲୋକ ଯୋଗ୍ୟ ବିବେଚିତ ହୁଅନ୍ତି ଏବଂ ଉଚ୍ଚରୁ ଉଚ୍ଚତର ଆସନକୁ ଉଠନ୍ତି, ପଣ୍ଡିତ ନୀଳକଣ୍ଠଙ୍କୁ ସେ ବିଦ୍ୟା ଓ କୌଶଳ ଅଜଣା ଥିଲା । ସେ ଥିଲେ ସରଳ ପ୍ରକୃତିର ଓ ସରଳ ବିଶ୍ୱାସୀ । ଅନେକେ ତାଙ୍କର ସରଳ ବିଶ୍ୱାସର ସୁଯୋଗ ନେଇଛନ୍ତି ଓ ବିଶ୍ୱାସରେ ବିଷ ଦେଇଛନ୍ତି ।

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠ ଦାସ କେନ୍ଦ୍ର ବ୍ୟବସ୍ଥା ସଭର ସଭ୍ୟ ଥିଲାବେଳେ କମ୍ୟୁନିଷ୍ଟ ଆନ୍ଦୋଳନ ଓ ସଙ୍ଗଠନକୁ ଦମନ କରିବାପାଇଁ ଇଂରେଜ ସରକାର ଯେତେବେଳେ ଏକ ବିଲ୍ ଆଣିଥିଲେ, ସେତେବେଳେ ସେ ତା'ର ବିରୋଧ କରି ଯେଉଁ ବକ୍ତୃତା ଦେଇଥିଲେ ତାହା ପ୍ରଣିଧାନ ଯୋଗ୍ୟ । କାରଣ କମ୍ୟୁନିଜମ୍‌କୁ ସେ ନୂତନ ଆଦର୍ଶର ବିଶ୍ୱ ସଭ୍ୟତାର ବାହକ ଏବଂ ଏହା ନିଶ୍ଚୟ ପରିବ୍ୟାପ୍ତ ହେବ ବୋଲି ମତବ୍ୟକ୍ତ କରିଥିଲେ । 'କମୁନିଜମ୍ ଆସିଛି ଓ ଅସ୍ପୃ' ବୋଲି କହିବାକୁ ସେ କୁଣ୍ଠାବୋଧ କରିନାହାନ୍ତି । ଏତ. ୧୯୨୯ ମସିହା କଥା ।

୧୯୩୪ ରେ ଯେତେବେଳେ ଭଗବତୀ ପାଣିଗ୍ରାହୀଙ୍କ ନେତୃତ୍ୱରେ 'ନବଯୁଗ ସାହିତ୍ୟ ସଂସଦ' ସ୍ଥାପିତ ହେଲ, ସେତେବେଳେ ନୂତନ ଭବଧାର ଉପରେ କମ୍ୟୁନିଜମ୍ ଦର୍ଶନକୁ ଆଧାର କରି ଯେଉଁ ଲେଖାସବୁ "ନବଭାରତ"ରେ ସେ ପ୍ରକାଶ କରିଥିଲେ, ତାହା ତାଙ୍କ ପ୍ରଗତିଶୀଳ ଓ ବିପ୍ଲବୀ ମନୋଭବର ପରିଚ୍ଚୟକ ମାତ୍ର ।

ପଣ୍ଡିତ ନୀଳକଣ୍ଠଙ୍କର କେତେ ଗୁଡ଼ିଏ କଥା ମୋ ମନରେ ବିଦ୍ଧ ହୋଇ ଏବେ ବି ରହି ଯାଇଛି । ସେ କହିଥିଲେ "ଯେଉଁ ବିଗ୍ରହରେ ମୁକ୍ତି ନାହିଁ, ସେ ବିଗ୍ରହରେ କାର୍ଯ୍ୟକଲେ ଧର୍ମ ହାନି ହୁଏ । ଧର୍ମ କହିଲେ ବିଶ୍ୱବ୍ୟବସ୍ଥାରେ ନିୟମିତ ବା ନିତ୍ୟ କର୍ତ୍ତବ୍ୟ । ଯେଉଁ କର୍ତ୍ତବ୍ୟରେ ସମାଜର ସ୍ଥିତି ଠିକ୍ ରହେ ବା ଜନସାଧାରଣଙ୍କର ମଙ୍ଗଳ ହୁଏ, ତାହା ହିଁ ଧର୍ମ ।"

ସେ ଓଡ଼ିଶା କାହିଁକି, ଭରତର ଜଣେ ଶ୍ରେଷ୍ଠ ଜାତୀୟବାଦୀ ନେତା ଥିଲେ ଏବଂ ଭରତର ଅନ୍ୟାନ୍ୟ ଜାତୀୟବାଦୀ ନେତାମାନଙ୍କଠାରୁ କୌଣସି ଗୁଣରେ କମ୍ ନ ଥିଲେ; ବରଂ ଅନେକଙ୍କଠାରୁ ଅଧିକ ଥିଲେ ।

ତେବେ ପଂଡ଼ିତ ନୀଳକଣ୍ଠ ଭରତରେ ତଥା ଓଡ଼ିଶାରେ ଶାସକ ଭବରେ ପ୍ରତିଷ୍ଠିତ ହୋଇ ନ ପାରିଲେ କାହିଁକି ? ଏ ଦେଶରେ ପ୍ରବଞ୍ଚନା ଓ ପ୍ରତାରଣା ଭରି ରହିଛି । ନୀଳକଣ୍ଠ ଥିଲେ ସରଳ ପ୍ରକୃତିର ଓ ସରଳ ବିଶ୍ୱାସୀ । ତା' ଛଡ଼ା ସେ ଥିଲେ ଯୁକ୍ତି ପାଖରେ ମୁଣ୍ଡ ନୋଇବା ବ୍ୟକ୍ତି— ବ୍ୟକ୍ତି ପାଖରେ ମୁଣ୍ଡ ନୋଇବା ବ୍ୟକ୍ତି ନ ଥିଲେ । ତାଂକର ଆଦର୍ଶ ଆଜିର ଜନସମାଜକୁ ଉଦ୍‌ବୁଦ୍ଧ କରୁ ।



Digitized by PPRACHIN, SOA

# କ୍ୱ ନୀଳକଂଠ ! ବ୍ରଜସି

ଶ୍ରୀ ନେଣ୍ଟୁଧର ରାଉତ

ହେ ମନସି ! ହେ ମନୀଷୀ ! ହେ ନୀଳକଂଠ ! ଆପଣ ଆଂଭମାନଂକୁ– ଆପଣଂକ ଦେଶବାସୀଂକୁ, ଜଗନ୍ନାଥ ଦେଶକୁ–ଆପଣଂକ ପ୍ରିୟ ଉତ୍କଳ ଭୂମିକୁ ଛାଡ଼ିଦେଇ ଗଲେ ! ହେ ସଂଗ୍ରାମି ! ଆପଣଂକର ଦୀପ୍ତୋଜ୍ଜ୍ୱଳ ଜୀବନର ପ୍ରାଭାତିକ କାଳରେ ସତ୍ୟବାଦୀର ପବିତ୍ର ପୀଠ– ସେଇ ବନାଶ୍ରମରେ ପୁଣ୍ୟଶ୍ଳୋକ ଗୋପବଂଧୁଙ୍କ ନେତୃତ୍ୱରେ ପରାଧୀନତାର ନାଗପାଶ ଜ୍ୱାଳାରୁ ମୁକ୍ତି ପାଇବାକୁ ଯେଉଁ ଉଦାତ୍ତ ବୈଦିକ ମଂତ୍ର ସମସ୍ୱରରେ ଗାଇଥିଲେ– 'ଯେତେମହି ସ୍ୱରାଜ୍ୟେ'– ଆମେ ସ୍ୱରାଜ୍ୟପ୍ରାପ୍ତି ପାଇଁ ଯତ୍ନ କରିବୁ, ତଥା (ସେ ଶୁଭ ମୁହୂର୍ତ୍ତରେ ମହର୍ଷି ଅଂଗିରାଂଙ୍କ ପ୍ରତିଧ୍ୱନିରେ) 'ସଂଚରି ଉଠିଲାଣି ପରାଣ ଓ ନିଶ୍ୱାସ, ଜାଗ ହେ ! / ଦୀପ୍ତିର ପରକାଶ ପୋଛିଲାଣି ଅଂଧାର ନିବହେ' *– ସେଇ ମୁକ୍ତି, ସେଇ ସ୍ୱରାଜ୍ୟକୁ ସିଦ୍ଧି ରୂପେ ଲାଭ କରି ଆପଣ ତ ଏବେ ଛାଡ଼ିଦେଇ ଚାଲିଗଲେ ! ଏଇ ବୈଦିକ ବିଶ୍ୱାସରେ ଆପଣମାନେ ପ୍ରତ୍ୟେକେ ବି ଘୋଷଣା କରୁ ନ ଥିଲେ କି– 'ଅହମିଂଦ୍ରୋ ନ ପରାଜିଗ୍ୟେ'– ମୁଁ ଆତ୍ମା, ମତେ କେହି ବାଂଧି ପାରେନା, ପୁନଶ୍ଚ ଉଦ୍‌ବୋଧନାରେ 'ବୟଂ ରାଷ୍ଟ୍ରେ ଜାଗୃୟାମ ପୁରୋହିତାଃ'– ଆମେ ଆମ ରାଷ୍ଟ୍ରରେ ସାବଧାନ ପୁରୋହିତ ହେବା, ନେତୃତ୍ୱ ନେବା । ବସ୍ତୁତଃ ଏଇ ସ୍ୱାମୀ ଦୟାନଂଦୀୟ ବୈଦିକ ପ୍ରତ୍ୟୟ ଯେ ସେଇ ବନାଶ୍ରମରେ ଆପଣମାନଂକ ପ୍ରାଣରେ ଏତେ ମଜ୍ଜାଗତ ଭାବରେ ସ୍ଫୁରିତ ଓ ପ୍ରକଟିତ ତଥା ସିଦ୍ଧିସାଧନକ୍ଷମ, ଏ କମ୍ ଆଶ୍ଚର୍ଯ୍ୟ ବିଷୟ ନୁହେଁ । ଇଏତ ସାମୂହିକ ପରିପ୍ରେକ୍ଷିତରେ କୁହାଯାଉଛି; କିଂତୁ ବୈୟକ୍ତିକ ପରିପ୍ରେକ୍ଷିତରେ ମଧ୍ୟ ଆପଣ ସତେ ଯେପରି ଏଇ ଏକନିଷ୍ଠ ପ୍ରତ୍ୟୟର ଫଳ ଅନ୍ୟଧା ଗ୍ରହଣ କରିଛଂତି– 'ଜରଜର୍ଜରତାର (ଅନୁଭବ) ପୂର୍ବରୁ ମରନାହିଁ– ମରନାହିଁ ।' ଅଥର୍ବବେଦୀୟ ଏଇ ଦୀର୍ଘ ଜୀବନର ବିଶ୍ୱାସକୁ ଆପଣ ସାର୍ଥକ କରିଛଂତି, ବର୍ଷାଧିକ କାଳ ସେଇ କାରଣରୁ ଆପଣ ସତେ ଯେପରି ବିଶ୍ୱାସଭଂଗ ନ ହେବା ପାଇଁ ମୃତ୍ୟୁ ସହିତ ସଂଗ୍ରାମ କରିଛଂତି; କିଂତୁ ଆପଣଂକ ମୃତ୍ୟୁରେ ସୁଦ୍ଧା ଏ ସାର୍ଥକତାର ବିଶ୍ୱାସ ଆମେ କରିବୁଁ କିପରି ? କାହିଁକି ନା, ମନେ ହେଉଛି, ଆପଣଂକର ସମୂର୍ତ୍ତ ବିଗ୍ରହ

* ଉଷା; ପିଂଗଳାର ସୂର୍ଯ୍ୟ ।

Digitized by PPRACHIN, SOA

ଦର୍ଶନ ବ୍ୟତିରେକେ ସତେ ଯେମତି ଆପଣଂକ ଚରିତବାହୀ ଲିପିମାଳା– 'ଅକ୍ଷରତ୍ୱ' ସତ୍ତ୍ୱେ– ଆମକୁ-ସନ୍ଦିଗ୍ଧ କରିଦେବେ ଆପଣଂକର ସୁଦୀର୍ଘ, ମହାନ୍ ଓ ଆସନ୍ନଶତକ ଜୀବନର ସ୍ଥିତି ସମ୍ପର୍କରେ !

ଆଜି ସ୍ୱପ୍ନ ପରି ଲାଗୁଛି, ସତ୍ୟବାଦୀ ବନବିଦ୍ୟାଳୟ–– ସେଇ ବନାଶ୍ରମ । ଏବେ ବି କେଉଁଠି ବାରିହୋଇ ପଡୁଥିବା କୌଣସି ଆତ୍ମନିର୍ଭରଶୀଳ, ନିଷ୍ଠାପର ବ୍ୟକ୍ତିଟିଏ ଦେଖିଲେ ପ୍ରଥମେ ତର୍କଣା ହୁଏ, ସେ ସତ୍ୟବାଦୀର ଛାତ୍ର କି ! ଏ ସ୍ୱତଃସନ୍ଦେହ ପ୍ରାୟ ସତ ହୁଏ । ତାହାର ଆପଣଂକ ପରି ଶିକ୍ଷକବୃନ୍ଦଂକର ପ୍ରଭାବ– ପରିଣାମ । ଶିକ୍ଷକ ସମ୍ପର୍କରେ କୁହାଯାଇଛି, କେହି କେହି ଅତ୍ୟଂତ ଜ୍ଞାନୀ; କିଂତୁ ସେଇ ଜ୍ଞାନ ପ୍ରକାଶ କରିବାର ବିଶେଷ କ୍ଷମତା ତାଂକର ନାହିଁ, କେହି କେହି ଅଳ୍ପଜ୍ଞ, କିଂତୁ ତାହା ମନୋରଂଜକ ଭାବରେ ପ୍ରକାଶ କରିବାର ବିଶେଷ କ୍ଷମତା ତାଂକର ଥାଏ । ଯେ ଉଭୟତଃ ସମର୍ଥ, ଅର୍ଥାତ୍ ସୁଜ୍ଞାନୀ ଏବଂ ମନୋରଂଜକ ରୂପେ ପ୍ରକାଶକ୍ଷମ ବକ୍ତା, ସେ ହିଁ ଶ୍ରେଷ୍ଠ ଶିକ୍ଷକ ! କାଳିଦାସଂକର ଏ ଶିକ୍ଷକ ପରିଭାଷା ଆପଣଂକଠାରେ ସାର୍ଥକ । ବରଂ ଆଉ ଗୋଟିଏ ଅଧିକ ଗୁଣ,–ଛାତ୍ରବତ୍ସଳତା, ପକ୍ଷାଂତରେ, ପିତୃହୃଦୟ ଆପଣଂକ ଶିକ୍ଷକତା ସହିତ ଜଡ଼ିତ ଥିଲା । 'କୋଣାର୍କେ' କାବ୍ୟର ରାମଚଂଦ୍ରୀ ତା'ର ଲାଂଛନ ଏ ଅବଧି ବହନ କରିଛି; ଆଗାମୀ କାଳରେ ମଧ୍ୟ ଏ ସ୍ମୃତି ତା'ପାଖରେ ଜୀବଂତ ରହିବ–– ତିଲିକାରେ 'କାଳିଯାଇ' ପରି । ତେଣୁ ରଷିକୁଳର ବ୍ରହ୍ମଚର୍ଯ୍ୟ ଉପରେ ଗୁରୁଂଙ୍କ ପ୍ରଭାବ ପରି ସତ୍ୟବାଦୀ ପୀଠର ଗୁରୁପ୍ରଭାବ ଏ ଶତାବ୍ଦୀରେ ଗୋଟାଏ ଦର୍ଶନୀୟ ବ୍ୟାପାର, ମାତ୍ର ସେ ପୀଠ କ'ଣ କେବଳ ଶିକ୍ଷାର ଥିଲା ? ଗୋପବଂଧୁ-ନିୟମିତ, ( 'ସତ୍ୟବାଦୀ' ପତ୍ରିକାର ପ୍ରଚ୍ଛଦ ପୃଷ୍ଠାଂକିତ 'ସତ୍ୟଂ ବଦିଷ୍ୟାମି, ଋତଂ ବଦିଷ୍ୟାମି ......' କେବଳ ସାଧାରଣ–ବ୍ୟବହୃତ ଓ ଅବଧାରିତ ସତ୍ୟର ମଟୋ ଥିଲା ? ମନେ- ହୁଏ, ଏ ମଟୋର ଅର୍ଥ ଆହୁରି ଊର୍ଦ୍ଧ୍ୱରେ ଓ ଆହୁରି ବ୍ୟାପ୍ତିରେ ସାଧ୍ୟ ଥିଲା; ତାହା ନିଜ ଜୀବନ ପାଇଁ ତଥା ସମଗ୍ର ଜାତିର ଜୀବନ ପାଇଁ । ତା'ର ଭାଷ୍ୟ ଯେପରି ଅନ୍ୟାନ୍ୟ ସୂକ୍ତିରେ ସଂକ୍ରମିତ,–'ଜପ ସର୍ପ ମାତରଂ ଭୂମିମ୍' ବା 'ଅହମିଂଦ୍ରୋ ନ ପରାଜିଗ୍ୟେ' । ଏ ଆଶ୍ରମ ତ ଦେଶର ମୁକ୍ତି ପାଇଁ ଯୋଦ୍ଧୃଶିବିର, ସାଧନା ପୀଠ ! ତହିଁରେ ଆପଣଂକ ନିୟମ, ଶୃଂଖଳା, ସଂଯମ, ନ୍ୟାୟବୋଧ ଆଦି ଅସିଧାର–ନ୍ୟାୟ ବହୁ ଅବଧାନ–ଓ–ସାଧନାସାପେକ୍ଷ । ଏ ଭଳି ଶତଶିଖାର ସୂର୍ଯ୍ୟର ବ୍ୟକ୍ତିତ୍ୱରେ ଆପଣ ନିଜେ ଜଳୁଥିଲେ ଏବଂ ଶିଷ୍ୟବର୍ଗଙ୍କୁ ଆଲୋକିତ ଓ ନିୟଂତ୍ରିତ କରୁଥିଲେ । ଅନ୍ୟାନ୍ୟଂକର ମହାନ୍ ବ୍ୟକ୍ତିତ୍ୱ–କାହାର ବ୍ୟାପ୍ତିର ଉଦାରତା ତ କାହାର କରୁଣା ଓ କ୍ଷମାର,

Digitized by PPRACHIN, SOA

ତାହାର ଅତୁଟ ସେବା-ନିଷ୍ଠାର । ଏପରି ସମସ୍ତଂଙ୍କ ଶବଳିତ ବ୍ୟକ୍ତିତ୍ୱର ସତ୍‌ପାତ୍ର ଥିଲ ମୂର୍ତ୍ତି– ଛାତ୍ର, ଛାତ୍ର-- ସୈନିକ ।

ଏଇ ସତ୍ୟବାଦୀ ପୀଠହିଁ–ଆପଣମାନଂଙ୍କ ବହୁମୁଖୀ ବ୍ୟକ୍ତିତ୍ୱର ଉତ୍ସ ତଥା ପୋଷକ । କେବଳ ପରିନିଷ୍ଠିତ ଜୀବନ ବା ସ୍ୱରାଜ୍ୟ ଯେ ସେଠି କାମ୍ୟ ଥିଲ, ତାହା ନୁହେଁ, ଅନ୍ୟାନ୍ୟ ବହୁ ସଂସ୍କାର ପାଇଁ ଆପଣ ସତ୍ୟଭଷୀ, ଋତଭଷୀ ଥିଲେ । 'ମୋ ନିଶ' ଆଂଦୋଳନ କଲେ ଆପଣ । ବ୍ରାହ୍ମଣ ନିଶ ରଖିବାରେ କୌଣସି ଶାସ୍ତ୍ରୀୟ ବା ଯୌକ୍ତିକ ବାଧା ନାହିଁ । ଲୋକାଗ୍ରହ ଦୂଷିତ ହେଲେ ଅଗ୍ରାହ୍ୟ ହେବା ଉଚିତ । ଅବଶ୍ୟ ନିଶ ରଖିବାରେ ବ୍ରାହ୍ମଣଂଙ୍କ ଲାଭ ଅଛି କି ନାହିଁ ଆପଣ କହିନାହାଂତି; ଏ କେବଳ ଅଂଧପରଂପରାକୁ ଭଂଗିବାପାଇଁ ଗୋଟାଏ ଅନୁଭୂତ ପ୍ରୟୋଜନ । ସେଇପରି ବ୍ରାହ୍ମଣ ସଂଜ୍ଞାର 'ଦାଶ' ଲେଖିବା ମଧ୍ୟ ଅର୍ଥହୀନ । କିଂବା ଏଥିପାଇଁ ପ୍ରାକ୍‌ତନ ଯୁକ୍ତି କିଛି ନାହିଁ । 'ଦାସ' କହିଲେ ଧୀବର ବୁଝାଯାଏ ବୋଲି ଯଦି ଏହା କରଯାଇଛି – 'ଦାସ'ର ବିକଳ୍ପ ବନାନ ମଧ୍ୟ 'ଦାଶ' । ତେଣୁ ଗୋପବଂଧୁ, ହରିହର ସମେତ ଆପଣ ଆପଣମାନଂଙ୍କ ସଂଜ୍ଞା ଲେଖିଲେ 'ଦାସ' ବନାନରେ । ଏଥିରେ ମଧ୍ୟ ସେ କାଳର ବ୍ରାହ୍ମଣ ସ୍ତୁଷ୍ଟ ପାଇ ନ ଥିବେ, ଯଦିଚ ଦାସ'ରେ ଦାସତ୍ୱ ସୂଚିତ ନ ହୋଇ ବରଂ ବିନୟ ସୂଚିତ । ବ୍ରାହ୍ମଣ ଜ୍ଞାନୀ; ଜ୍ଞାନ ବିନୟ ଦିଏ, ବ୍ରହ୍ମସେବକତାର ଭବ ଦିଏ । ଏହା ସୁନ୍ଦର, କେହି କେହି 'ଦାଶ'ର ଦାନ ଦେବା କାରଣରୁ ନେୟାର୍ଥ କଲେ, ଆପଣଂଙ୍କ ମୁକ୍ତ ସଂସ୍କାରବୋଧକ କହେ–ଅନ୍ୟ ପଂଚ କର୍ମ ଗଲେ କୁଆଡ଼େ ? ପ୍ରତିଗ୍ରହ କରୁଥିବା ବ୍ରାହ୍ମଣ କ'ଣ ସଂଜ୍ଞା ଲେଖେ ପ୍ରତିଗ୍ରହୀ ବା ଗ୍ରାହୀ ? ସେପରି, ବ୍ରହ୍ମଜ୍ଞ ବା ସର୍ବତ୍ର-ସମଦର୍ଶୀ ହେଲେ ବ୍ରାହ୍ମଣ ବୋଲି ଅଭିଧେୟ; ନିଶ ସହିତ ବ୍ରହ୍ମଜ୍ଞତା ବା ସମଦର୍ଶିତାର କି ସଂପର୍କ ? ପୁନଶ୍ଚ, ସେପରି ଭଷା ଓ ସାହିତ୍ୟ କ୍ଷେତ୍ରରେ, ଗଦ୍ୟରେ ଦେଲେ ଗୋଟାଏ ସ୍ୱତଂତ୍ର ଭଂଗୀ । ଉଚ୍ଚ ଚିଂତାର ଧାରଣ ଓ ପ୍ରକାଶକ୍ଷମ ଆଧାରଣ । ଗୋପବଂଧୁ ବୋଧହୁଏ ସେଥିପାଇଁ ଲେଖକମାନଂଙ୍କୁ ( 'ସତ୍ୟବାଦୀ'ରେ ) ଡ଼ାକ ଦେଲେ ଯେ ସେମାନେ ଗଦ୍ୟରେ ଚିଂତା ପରିବେଷଣ କରଂତୁ, ଯେହେତୁ 'ଗଦ୍ୟଂ କବୀନାଂ ନିକଷଂ ବଦଂତି',–ସାହିତ୍ୟର ଏ ଦିଗରେ ଅଭବ ପୂର୍ଣ ହେବ । ପଦ୍ୟ ବା କାବ୍ୟ-ବାହୁଲ୍ୟ ଆଉ ଲୋଡ଼ାନାହିଁ । ରାଧାନାଥଂକ ପରି ସମୃଦ୍ଧ କବିକୋଟୀକି ଛୁଇଁବାର ନିରର୍ଥକ ମୋହ କିଛିକାଳ ପାଇଁ ସେମାନେ ଭଂଗଂତୁ । ଏ ଡ଼ାକ ପ୍ରତି ଫକୀର ମୋହନ ମଧ୍ୟ ସମର୍ଥନ ଜଣାଇଥିଲେ । ରମ୍ୟ ରଚନା ଲେଖିଥିଲେ 'ସତ୍ୟବାଦୀ'ରେ । ଆପଣ ପଦର ବନାନ ପ୍ରସଂଗରେ ରେଫ୍ ଥିବା ବର୍ଣର ଦ୍ୱିତ୍ୱ ହେବା ନିଷ୍ପ୍ରୟୋଜନ ବୋଲି ଏବଂ ଅନୁନାସିକ ବର୍ଣଯୋଗରେ

Digitized by PPRACHIN, SOA

ସେଇ ଯୁକ୍ତାକ୍ଷରର ପୂର୍ବରେ ଅନୁସ୍ୱାର ରହୁ ବୋଲି କହିଲେ ( ଓ ଲେଖିଲେ ) ଛପା ସୁବିଧା, ପରିଚ୍ଛନ୍ନତା ଆଦି କେତେକ କାରଣରୁ । ଆମର ବିଜ୍ଞ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ବି କହିଲେ–ନୀଳକଂଠିଆ ବନାନ; କିଂତୁ ତା ଯେ ବ୍ୟାକରଣ·ସମ୍ମତ ଏ କଥା ହେଜିଲେ ନାହିଁ । ଅବଶ୍ୟ କେତେକେ, ତତ୍ତ୍ୱ ଜାଣି ହେଉ ବା ନ ଜାଣି ହେଉ, ଆପଣଙ୍କର ଏ ସଂସ୍କାରଶୀଳତା ଗ୍ରହଣ କରିଛଂତି । ଏଇପରି ସାନ ବଡ଼ ବହୁକ୍ଷେତ୍ରରେ ଆପଣଂକ ବ୍ୟକ୍ତିତ୍ୱ ସଂସ୍ଫୁରଣର ଅବକାଶ ରହିଛି ।

ଆପଣ ସ୍ୱଷ୍ଟ ଚିଂତାବାଦୀ ତଥା ବହୁପାଠୀ ମନୀଷୀ । ଆପଣଂକର ଦୁଇଟି ଚିଂତା-ବିଗ୍ରହ ଉତ୍କଳର ସୁଧୀସମାଜର ଚିଂତନକୁ ସକ୍ରିୟ କରିଛି । ଓଡ଼ିଆଙ୍କର ଜଗନ୍ନାଥ ଧର୍ମ– ପ୍ରତିଷ୍ଠିତ ସାମ୍ୟ, ମୈତ୍ରୀ, ସାଧନାଦିର ଭିତ୍ତିରେ ଶୁଚିବାଦୀ (Puritan) ମହତ୍ତ୍ୱ ତଥା ଭଂଜୀୟ ସାହିତ୍ୟରେ ସ୍ୱକୀୟ ପ୍ରୀତିନିଷ୍ଠାରେ ସେଇ ଶୁଚିବୋଧକ ସଂସ୍କୃତି, ଏବଂ ଗୌଡ଼ୀୟ ବୈଷ୍ଣବ ଧର୍ମ ଓ ସାହିତ୍ୟରେ ପରକୀୟା ପ୍ରୀତିକେଂଦ୍ରିତ ସ୍ୱୈରତା, ଭ୍ରଷ୍ଟାଗ୍ରହ ବା ଅସାମାଜିକତା ଇତ୍ୟାଦି । ଏ ପ୍ରସଂଗରେ କୁହାଯାଇପାରେ– ଏ ସମସ୍ତ ଆପଣଂକର ମତ । ଏହା କାହାର ଗ୍ରାହ୍ୟ ହୋଇପାରେ ବା ହୋଇ ନ ପାରେ । ଆପଣ ମନୀଷୀ ଓ ପଂଡିତ ବୋଲି ଆପଣ ଯାହା କହିବେ ଅନ୍ୟମାନେ ନିର୍ବିଘ୍ନରେ ଗ୍ରହଣ କରିଯାଂତୁ ବୋଲି ଆପଣ କେଉଁଠି କହିନାହାଂତି, କିଂବା କେହି ଗ୍ରହଣ ନ କଲେ ଆଦୌ ଅସହିଷ୍ଣୁ ହୋଇନାହାଂତି । ବରଂ ଯଥାଯଥ ବିରୋଧ କଲେ ଆପଣ ଆନଂଦିତ ତଥା ବିଗ୍ରହଶୀଳ ହୋଇଥାଂତି । କାରଣ ଆପଣ ମୁକ୍ତ ଚିଂତା ଓ ସ୍ୱଷ୍ଟ ଚିଂତନର ପୋଷକ । ତେଣୁ 'ପ୍ରଥମ ଓଡ଼ିଆ ନାଟକ' ନାମକ ପ୍ରବଂଧରେ ଆପଣଂକର ଗୌଡ଼ୀୟ ବୈଷ୍ଣବ ଧର୍ମ–ସଂପର୍କୀୟ ମତକୁ ଏବଂ 'ପାଶ୍ଚାତ୍ୟ ସାହିତ୍ୟରୁ ଗଧାନାଥଂକ ଆହରଣ ଏବଂ 'ବୈଶିଷ୍ଟ୍ୟ' ନାମକ ପ୍ରବଂଧରେ ଆପଣଂକର ଭଂଜସାହିତ୍ୟର ସ୍ୱକୀୟ ପ୍ରେମ–ନିଷ୍ଠାରେ ଓଡ଼ିଆଂକ ସଂସ୍କୃତି ବୈଶିଷ୍ଟ୍ୟ ସଂପର୍କୀୟ ମତକୁ ସମାଲୋଚନା ଓ ଖଂଡ଼ନଚେଷ୍ଟା କରି-ଥିବା ଲେଖକଙ୍କୁ ଆପଣ ସଂବର୍ଦ୍ଧନା ଓ କଲ୍ୟାଣ କରିଛଂତି । ନିଜର ଚିଂତାକୁ ଅକପଟ ଭାବରେ ପ୍ରକାଶ କରିବାକୁ ପ୍ରେରଣା ଦେଇଛଂତି । ଇଏ ଜ୍ଞାନୀ ପକ୍ଷେ କମ୍ ଉଦାର-ତାର ବିଷୟ ନୁହେଁ । ଏପରି କି କନିଷ୍ଠଂକ ପ୍ରତି ଉଦାରତା ସଂଗେ ସଂଗେ ତାଂକଠାରେ ନୂଆ କଥା କିଛି ମିଳିଗଲେ ତାକୁ ଗ୍ରହଣ କରି ନେବାର ବୟସ–ନିର୍ବିଶେଷ ବୈଦିକ ଶିଷ୍ୟର ଲକ୍ଷଣ ଏବଂ ମହତ୍ତ୍ୱ ମଧ୍ୟ ଆପଣଂକର ଥିଲା । ଏଭଳି ଘଟଣାର ଦୃଷ୍ଟାଂତ ମଧ୍ୟ ବହୁତ ଅଛି ।

Digitized by PPRACHIN, SOA

ତଥାପି ଆପଣଂକୁ ଅନେକେ ଆତ୍ମକେଂଦ୍ରିକ ଓ ଅହଂକାରୀ କହଂତି । ତା ସତ ହେଲେ ସେ ଅହଂକାରକୁ ଆନଂଦରେ ଓ ମୁକ୍ତଚିଂତାରେ ସ୍ୱୀକାର କରଯାଇପାରେ । କାରଣ ସୂର୍ଯ୍ୟ ତା'ର ଅସନ୍ତ୍ୟ ତେଜ ବା ଅହଂକାରରେ ଏପରିକି ଛାୟାବୃତ ଅଂଚଳକୁ ଆଲୋକିତ ଓ ସ୍ନିଗ୍ଧ କରିବାର ଉଦାରତା ବହନ କରିଛି । ତା'ର ତେଜ ତ ଛାୟାକୁ ତଡ଼ି ଦେବାର ସ୍ପୃହା କରେନାହିଁ, ବରଂ ତାକୁ ସ୍ୱୀକାର କରେ । ତେଣୁ ଅନ୍ୟ–ସହିଷ୍ଣୁ ଉଜ୍ଜ୍ୱଳ ଅହଂକାର ପଶ୍ଚାଂତରେ ପ୍ରମୂର୍ତ୍ତ ଆତ୍ମବିଶ୍ୱାସ । ସେଥିପାଇଁ ଉକ୍ତ ଦୋଷାରୋପ ଆପଣଂକୁ 'କଳାବମୂଷ୍ଟ ମଣିପ୍ରଦୀପଃ' ଓ 'ଶଳାଭିଯୁକ୍ତାଽପି କବୀଂଦ୍ରବାଣୀ' ପରି ସାର୍ଥକସ୍ପଂଦନ କରୁଛି ।

ରାଜନୀତି କ୍ଷେତ୍ରରେ ଆପଣ 'ପୁରୋହିତ' ବା ନେତା ହୋଇଛଂତି କି ନା, ତା ବଡ଼ କଥା ନୁହେଁ, କିଂତୁ ସ୍ୱାଧୀନତୋତ୍ତର ସାହିତ୍ୟ କ୍ଷେତ୍ରରେ ସଂସ୍କାରଶୀଳତା, ଶୁଚିବୋଧ ଓ ମୁକ୍ତ ଚିଂତାର ଆପଣ ଯେ ପ୍ରମୁଖ, ବୟୋଜ୍ୟେଷ୍ଠ ଅଧିନାୟକ ଉଦ୍‌ଗାତା ଏଥିରେ ସଂଦେହ ନାହିଁ । ଏ ଚିଂତା– ସ୍ୱଚ୍ଛତାର ଲାଂଛନ ଆର୍ଯ୍ୟଜୀବନ, ଶ୍ରୀମଦ୍ ଭଗବଦ୍-ଗୀତାର ମୁଖବନ୍ଧ, ଓଡ଼ିଆ ସାହିତ୍ୟର କ୍ରମପରିଣାମ ଇତ୍ୟାଦି ଆପଣଂକ କୃତିମାଳାରେ ଅଂକିତ । ଏପରିକି ଆର୍ଯ୍ୟଜୀବନରେ ଥିବା ତତ୍‌କାଳୀନ ଆପଣଂକ ଧାରଣାର ସଂଶୋ– ଧନ ଓ ପରିବର୍ତ୍ତନ ଆପଣ ଚାହୁଁଥିଲେ । ଅଥଚ ଅନ୍ୟାନ୍ୟ କେତୋଟି ପ୍ରାରଂଭିକ ମତରେ ଆପଣ ଶେଷଯାଏ ଅଟଳ ଥିଲେ । ଆପଣ ଜଣେ ବିଶିଷ୍ଟ– କୋଟୀର କବି; ନିଜର ସ୍ୱତଂତ୍ର ଶୈଳୀରେ ଅତୀତ ଉତ୍କଳର ଗୌରବକୁ ସଂଜୀବିତ କରିଛଂତି । ଏ କେବଳ ଜାତିର ଛବିଟିଏ ତ ନୁହେଁ, ସତେ ଯେପରି ଇଏ ଜାତିର ଗୋଟାଏ ପ୍ରାକ୍ତନ ଜନ୍ମାଂତର– ବେଦନାରଂଜିତ ସଂଗୀତ, ତଥା ସଂଗୀତସ୍ପୃଷ୍ଟ ପରି ଜାତିପକ୍ଷରେ ଏକାଂତ ପବିତ୍ର । ଆପଣଂକ ଅନ୍ୟାନ୍ୟ ଦାନ ସହିତ ଇଏ ଗୋଟିଏ ବିଶିଷ୍ଟ ବିଭବରୂପେ ଜାତିର ପ୍ରାଣକୋଷରେ ରହିଲା ।

ଏବଂ ଆପଣ ଆତ୍ମବିଶ୍ୱାସୀ ଥିଲେ । ଆପଣଂକର ମୁକ୍ତଚିଂତା, ଆତ୍ମବିଶ୍ୱାସ, ରଚଭଙ୍ଗିତା ଆମକୁ ପ୍ରେରଣା ଦେଉ, ଆପଣଂକର ସାଧିତ ମଂତ୍ରରେ– ଅହମିଂଦ୍ରୋ ନ ପରାଜିଗ୍ୟେ– ମୁଁ ଆତ୍ମା, ମୁଁ ପରାଜିତ ହୋଇ ପାରେ ନା । ଲାଗୁଛି, କୌଣସି ଧାମରୁ ଏହା ହିଁ ଯେମିତି ଆପଣ ବିଘୋଷଣା କରୁଛଂତି ।

ହେ ମହାନ୍ ନୀଳକଂଠ ! ଆମର ବିନମ୍ର ପ୍ରଣତି ଘେନଂତୁ ।

( ସଂପାଦକୀୟ, ଝଙ୍କାର– ୧୯୬୭ ଡିସେମ୍ବର )

Digitized by PPRACHIN, SOA

# ଲିପି ସଂସ୍କାର

ବହୁ ବର୍ଷ ଧରି ଚଳି ଆସୁଥିବା ଲିପିରେ କେତେକ ସଂସ୍କାର ଯେ ବୈଜ୍ଞାନିକ ପଦ୍ଧତିରେ ଲୋଡ଼ା, ଏହା ସ୍ୱୀକାର୍ଯ୍ୟ । ସେଥିଲାଗି ସତ୍ୟବାଦୀ ଯୁଗର ସାହିତ୍ୟରେ ୧୯୧୩ ମସିହାରେ ଲିପି ବିପ୍ଲବ ଆରଂଭ କଲେ, ସତ୍ୟବାଦୀ ବିହାରର ଶିକ୍ଷକମାନେ ଓ ଏଥିରେ ଅଗ୍ରଣୀ ଥିଲେ, ପଣ୍ଡିତ ନୀଳକଂଠ । ସେ ତାଂକ 'ଆତ୍ମ ଜୀବନୀରେ ଲେଖିଚଂତି,–

''ମୁଁ ପ୍ରଥମେ ସେକାଳ 'ଉତ୍କଳ ସାହିତ୍ୟ'ରେ ଓଡ଼ିଆରେ ଅନୁସ୍ୱାର ଦେଇ ସମସ୍ତ ବର୍ଗୀୟ ପଂଚମବର୍ଣ୍ଣ ପ୍ରକାଶ କରିବାର ଲିପି ଆରଂଭ କରି ଦେଇଥିଲି । ଏ ବିଷୟରେ କିନ୍ତୁ ସେକାଳର ପ୍ରସିଦ୍ଧ ଶ୍ରୀ ଗୋପାଳଚଂଦ୍ର ପ୍ରହରାଜ ଓ ମୃତ୍ୟୁଂଜୟ ରଥଂକ ନେତୃତ୍ୱରେ 'ଉତ୍କଳ ସାହିତ୍ୟ' ପ୍ରଭୃତିରେ ଖୁବ୍ ପ୍ରତିବାଦ ଆରଂଭ ହୋଇ ଯାଇଥିଲା । ପରେ ସେଇ ଆଂଦୋଳନ ଫଳରେ ବିହାର ଓଡ଼ିଶାର ଶିକ୍ଷା ବିଭାଗ ( ସେତେବେଳେ ବିହାର ଓଡ଼ିଶା ଏକ ପ୍ରଦେଶ ଥିଲା ) ମୋ ନୀତିକୁ ଅତି ଆଗ୍ରହର ସହିତ ଶିକ୍ଷା ବିଭାଗ ପାଇଁ ଗ୍ରହଣ କରିଥିଲେ; କିଂତୁ ଏବେ ମଧ୍ୟ ତାହା ପୁରାପୁରି ପ୍ରଚଳିତ ହୋଇ ନାଇ । ଏବେ କିଂତୁ ଓଡ଼ିଆରେ ଟାଇପ୍ ରାଇଟର ସେଇ ନୀତି ପ୍ରୟୋଗ କରି ଲେଖିଲେ ସୁବିଧା ହେବ ବୋଲି ସମସ୍ତେ ଅନୁଭବ କରିଛନ୍ତି । ଟାଇପ୍ ରାଇଟର ନିମଂତେ ଏହି ନୀତି ସଂବଳିତ ଅକ୍ଷର ତିଆରି ହେବାପାଇଁ କଥା ହେଉଥିବାର ମୁଁ ଶୁଣିଚି । ମୋର ଯେପରି ଧାରଣା ଓଡ଼ିଆ ଲିପିର ଉଚ୍ଚାରଣ ପଦ୍ଧତି ଓ ଲିଖନ ପଦ୍ଧତିରେ ଢେର ତଫାତ୍ ରହି ଯାଉଚି । ଆମେ ଉଚ୍ଚାରଣ କଲାବେଳେ 'ନୀଳକଂଠ' କହି ଲେଖିଲା ବେଳେ 'ନୀଳକଣ୍ଠ' ଲେଖିବାର ତାତ୍ପର୍ଯ୍ୟ କେଉଁଠି ? ସବୁ ଓଡ଼ିଆ ଯୁକ୍ତାକ୍ଷର ସଂବଂଧରେ ମୋର ଏଇ ମତ । ପୁଣି ଉଚ୍ଚାରଣରେ 'ସ', 'ଶ' ଓ 'ଷ'ର ପାର୍ଥକ୍ୟ ବାରି ନ ପାରି ମୁଁ ବହୁତ ଦିନୁ 'ନୀଳକଂଠ ଦାସ' ବୋଲି ଲେଖି ଆସୁଚି । ମତେ ଜାଣି ନ ଥିବା ଲୋକେ କରଣ ବୋଲି ଏଥିରୁ ଠଉରାଉଥିବେ; କିନ୍ତୁ ଲିପି ସଂସ୍କାର ଅଂତରାଳରେ ମୁଁ ଜାତିଜାତିର ଅଯଥା ବିଭେଦକୁ ଏଥିରେ ଲୋପ କରିବାର ପ୍ରୟାସ କରିଚି । ବ୍ରାହ୍ମଣ ଜାତିର ବିଶେଷତ୍ୱ ଏଇ ଢେଙ୍ଗା 'ଶ' ରେ ନାଇ; ଅଥଚ ବ୍ରାହ୍ମଣମାନେ କି ଧାରଣାରେ କେଜାଣି ବହୁକାଳରୁ 'ଦାସ' ନ ଲେଖି 'ଦାଶ' ଲେଖୁଛଂତି । ଇଂରାଜୀରେ ପୁଣି ଉଚ୍ଚାରଣର କୌଶଳ ସଂପୂର୍ଣ୍ଣ ଅଲଗା ଥିଲାବେଳେ,

Digitized by PPRACHIN, SOA

ଏଇ ପ୍ରତିଷ୍ଠିତ ଧାରଣାକୁ ସେଥିରେ ରୂପ ଦେଇ 'Das' ସ୍ଥାନରେ 'Dash' ଲେଖୁ ବସୁଛନ୍ତି ମୋ ମତରେ ଏ ଗୋଟାଏ ସାମାଜିକ ବ୍ୟାଧି । ସେତିକିବେଳେ ପୁରୀ ସଂସ୍କୃତ କଲେଜ ଅଧ୍ୟକ୍ଷ ପଂଡ଼ିତ ଶ୍ରୀ ବିଶ୍ୱନାଥ ମହାପାତ୍ର ବାହାର କଲେ ବ୍ରାହ୍ମଣ ଦାସ' ହେଲେ 'ଶ' ହେବ । ଏ ବିଷୟରେ ମୋର ଗୋଟିଏ କୌତୁକପ୍ରଦ କଥା ମନେ ପଡୁଛି । ପଂଡ଼ିତ ଗୋପବଂଧୁ ଦାସ ଏଇ 'ଶ'କୁ ସବୁବେଳେ 'ସ' ବୋଲି ଲେଖୁଥିଲେ । ଥରେ ସେ ଇସ୍କୁଲ ବାରଣ୍ଡାରେ ବସି ଲେଖୁଥିଲେ, ଆମେ କହିଲୁ, ବିଶ୍ୱନାଥ ମହାପାତ୍ରଂକ ପରି ସୁପଂଡ଼ିତ ବ୍ରାହ୍ମଣ 'ଦାସ'କୁ 'ଦାଶ' ଲେଖୁଛଂତି । ଆପଣ କାହିଁକି ସେହିପରି ଲେଖୁନାହାଂତି ? ସେଠାରୁ ଦାସେ ଆପଣେ ଟିକିଏ ଅନ୍ୟମନସ୍କ ହେଲପରି ରହିଲେ ଓ କହିଲେ, "ତେବେ କହୁଚ ଦଂତ୍ୟ 'ସ' ଓ ତାଲବ୍ୟ 'ଶ' ମଧ୍ୟରେ କଳି ?" ସେ ତେଣୁ ମୂର୍ଦ୍ଧଣ୍ୟ ଷ'ରେ 'ଗୋପବଂଧୁ ଦାଷ' ବୋଲି ଦସ୍ତଖତ୍ କଲେ, କିଂତୁ ଯଥାର୍ଥରେ ବ୍ରାହ୍ମଣ 'ଦାସ' ବି 'ସ' ପ୍ରାଚୀନ ହାତଲେଖାମାନଂକରେ ବରବର ଅଛି । ସ୍ୱର୍ଗୀୟ ପଂଡ଼ିତ ହରିହର ଦାସ ମଧ୍ୟ ନିଜ ନାମ 'ସ'ରେ ଦସ୍ତଖତ୍ କରୁଥିଲେ । ମୋ ନନା ବି ବରବର 'ଆନଂଦ ଦାସ' ବୋଲି ଲେଖୁଥିଲେ ।"


ପୁଣି ୧୯୩୯ ଜୁଲାଇ ମାସ 'ନବଭାରତ' ରେ ପଂଡ଼ିତ ନୀଳକଂଠ ଲେଖିଥିଲେ, 'ଲିପିର ଆଜି ସଂସ୍କାର କରିବାକୁ ହେଲେ ସାରା ଓଡ଼ିଆ ଭାଷାଭାଷୀ ମୂଳକରେ ସାଧାରଣ ସାକ୍ଷର ଲୋକେ ବୁଝି ଏଥିପାଇଁ ମତ ଦେବା ଉଚିତ । କାରଣ ହଠାତ୍ ଲିପିର ଘୋର ବିପ୍ଲବ ଆରଂଭ କରିଦେଲେ ଭାଷାର ପ୍ରକାଶ ରାଜ୍ୟରେ ଏହା ଗୋଟିଏ ତୁମୁଳ ବିପ୍ଲବ ସୃଷ୍ଟି କରିବ ।"

ଏ ସଂବଂଧରେ କେନ୍ଦ୍ରାପଡ଼ାର ପୂର୍ବତନ M L.A. ଶ୍ରୀଯୁକ୍ତ ପୁରୁଷୋତ୍ତମ ନାୟକ M.A. 'ପ୍ରଜାତଂତ୍ର'ରେ ଏକ ନିବଂଧ ପ୍ରକାଶ କରି ସେଥିରେ ପଂଡ଼ିତ ନୀଳକଂଠଂକ ଅନୁସୃତ ପଂଥାର ଯଥାର୍ଥତା ପ୍ରତିପାଦନ କରିଥିଲେ ଓ ତାହାକୁ ଭିତ୍ତି କରି ନୀଳକଂଠଂକ ଶତବାର୍ଷିକୀ ମଧ୍ୟରେ ଲିପି ସଂସ୍କାର ପ୍ରଚଳନ କରାଇ ତାଂକ ପ୍ରତି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବା ନିମଂତେ ସରକାରଂକୁ ଅନୁରୋଧ କରିଥିଲେ । ଏବେ ସରକାରଂକ ଦ୍ୱାରା ଗଠିତ କମିଟି ସେମାନଂକ ସୁପାରିଶମାନ ଦେଇଥିବା ଓ ତଦନୁସାରେ ଓଡ଼ିଆ ଟାଇପ ରାଇଟର୍‌ମାନ ତିଆରି ହୋଇ, ଓଡ଼ିଆ ସରକାରୀ ଭାଷା ରୂପେ ଆସନ୍ତା ଅପ୍ରେଲ ମାସରୁ ପ୍ରଚଳନ କରାଯିବ ବୋଲି ସରକାର ଜଣାଇଛଂତି । ଆମେମାନେ ତାକୁ ସ୍ୱାଗତ କରିବୁ ।

Digitized by PPRACHIN, SOA

## ପଂଡ଼ିତ ନୀଳକଂଠଂକ ହସ୍ତଲିଖିତ ଚିଠି :

ପଂଡ଼ିତ ନୀଳକଂଠ ତା ୬ । ୪ । ୪୯ ରେ ସେତେବେଳର ପୁରୀ ଜିଲ୍ଲା ଟାଂଗୀ ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ଶ୍ରୀ ଗଂଗାଧର ମହାପାତ୍ରଂକ ନିକଟକୁ ତାଂକ ଚିଠିର ଉତ୍ତରରେ ଲେଖିଥିବା ଚିଠିର ଫଟୋଚିତ୍ର ନିମ୍ନରେ ପ୍ରଦତ୍ତ ହେଲା ।



Digitized by PPRACHIN, SOA

ପଣ୍ଡିତ ନୀଳକଂଠ ସ୍ମୃତି ସମିତିର ସଂପାଦକ ମହୋଦୟଙ୍କୁ,

ମହାଶୟ,

ବହୁତ ଦିନ ତଳେ ଆପଣଂକର ସ୍ମୃତି ସମିତି ତରଫରୁ ପଣ୍ଡିତଜୀଂକର ଫଟୋଚିତ୍ରଟି ପାଇ ଉପକୃତ ହୋଇଛି । ସେତେବେଳେ ଆପଣଂକୁ ଜଣାଇଥିଲି ଯେ ମୁଁ ମୋ ପାଖରେ ପଣ୍ଡିତଜୀଂକର ସ୍ୱହସ୍ତ ଲିଖିତ ପତ୍ର ଖଂଡ଼ିଏ ଅତି ଯତ୍ନର ସହ ରଖିଅଛି । ଆପଣଂକ ଅନୁରୋଧ ସତ୍ତ୍ୱେ ଉକ୍ତ ପତ୍ରଟିକୁ ପଠାଇବାରେ ବହୁତ ଡେରି ହୋଇଗଲା । ପତ୍ରଟି ମୋ ପାଖରେ ଆଜି ପର୍ଯ୍ୟଂତ ଗୋଟିଏ ରତ୍ନ ସ୍ୱରୂପ ଥିଲା । ଆଜି ମୋର ହାତ ଛଡ଼ା ହେଲା । ଯେବେ ଯେବେ ମୋ ପିଲାମାନଂକୁ ଓ ବନ୍ଧୁ ବାନ୍ଧବମାନଂକୁ ଏ ପତ୍ରଟି ଦେଖାଏ, ମୋର ଗର୍ବର ଅତୀତକୁ ବଖାଣି ବସେ । ଓଃ, ସେତେବେଳେ ମୋର ବୟସ ଆଉ ତିରିଶି ବର୍ଷ ତଳକୁ ଖସିଗଲା ପରି ଲାଗେ । ଆଜି ସେଇ ରତ୍ନଟିକୁ ଆପଣଂକ ପାଖକୁ ପଠାଉଛି । ମୁଁ ଯେତେ ଶ୍ରଦ୍ଧାରେ ଓ ଭକ୍ତିରେ ଏ ରତ୍ନଟିକୁ ସାଇତି ରଖିଛି, ମୋ ପରେ ମୋ ପିଲାମାନେ କଦାପି ପଣ୍ଡିତଜୀଂକର ଏଇ ପତ୍ରଟିକୁ ସେଇ ସମ୍ମାନ ଦେବେ ନାହିଁ । ବହୁତ ଦିନ ହେଲା ଏହା ଭାବି ଭାବି ଆଜି ଆପଣଂକ ପାଖକୁ ଉକ୍ତ ପତ୍ରଟିକୁ ପଠାଇଲି । ଆପଣଂକ ପରି ମହତ ଲୋକଂକ ହାତରେ ପଡ଼ିଲେ ନିଶ୍ଚୟ ଏ ରତ୍ନହିଁ ଉତ୍ତମରୂପେ ସୁରକ୍ଷିତ ହେବ ।

କେଉଁ କାରଣରୁ ପଣ୍ଡିତଜୀ ମୋ ପାଖକୁ ଉକ୍ତ ପତ୍ରଟି ଲେଖିଥିଲେ, ସେ ସବୁ ଆପଣଂକର ଜାଣିବା ନିମଂତେ ବୁଝାଇ ଲେଖିଲି ।

୧୯୪୯ ମସିହା, ମୁଁ ପୁରୀଜିଲ୍ଲା ଟାଂଗି ଉଚ୍ଚ ଇଂରାଜୀ ବିଦ୍ୟାଳୟର ୯ମ ଶ୍ରେଣୀରେ ପଢୁଥାଏ । ଆମ କ୍ଲାସ ଏବଂ ଅନ୍ୟ ଉପର କ୍ଲାସର ସାହିତ୍ୟ ଶିକ୍ଷକ ଥାଆଂତି– ଶ୍ରୀ ଜଗନ୍ନାଥ ମିଶ୍ର । ହାଇସ୍କୁଲରେ ସାହିତ୍ୟ ପଢ଼ାଇବାରେ ତାଂକର ଅଗାଧ ପାଂଡ଼ିତ୍ୟ ଥାଏ ବୋଲି ସେ ପରିଚିତ ହୋଇଥାଆଂତି । ସେ ଯାହାହେଉ, ଦିନେ ଉକ୍ତ ଶିକ୍ଷକ ଜଗନ୍ନାଥ ବାବୁ, ଆମ କ୍ଲାସରେ ପଢ଼ାଉଥିବା ବେଳେ, ବ୍ଲାକ ବୋର୍ଡରେ ଅନ୍ୟାନ୍ୟ କଥା ଲେଖିବା ଭିତରେ 'ସଙ୍ଘ' ବୋଲି ଲେଖିଲେ । ମୁଁ ଠିଆ ହୋଇ ଶିକ୍ଷକ ମହାଶୟଂକୁ ଉକ୍ତ ଶବ୍ଦଟି ଲେଖିବା ଭୁଲ ହୋଇଗଲା ବୋଲି କହିଲି, " 'ଘ'ରେ ତିନୋଟି ପୁଡ଼ା ଲେଖାହୋଇ ଅନୁସ୍ୱାର ଦିଆଯିବାର କଥା ।" ସେ ଆଦୌ ମାନିଲେନି । ବହୁ ସାଥୀ ଓ ଶିକ୍ଷକଂକ ବିରୁଦ୍ଧରେ ପଣ୍ଡିତଜୀଂକ ପାଖକୁ ଚିଠିଟିଏ ଲେଖିଲି । ଚିଠିଟି ଦେଇଦେଲି ସିନା । କିନ୍ତୁ ସେତେବେଳକୁ ପଣ୍ଡିତଜୀଂକର ଓଡ଼ିଶା ତଥା ଭାରତରେ ଯେଉଁ ସମ୍ମାନ ଥାଏ, ତା ଭାବି ମୋ ମନରେ ପ୍ରତ୍ୟୁତ୍ତର ପାଇବାରେ

Digitized by PPRACHIN, SOA

ସଂଦେହ ଜାତ ହେଉଥାଏ । କିଂତୁ ଠିକ୍ ତିନି ଚାରି ଦିନ ପରେ ପଣ୍ଡିତଜୀଂଙ୍କ ଠାରୁ ଉକ୍ତ ପତ୍ରଟି ପାଇଲି, ମୋର ଆନଂଦ ଆଉ କହିଲେ ନ ସରେ । ଏତେ ପ୍ରାଣ ପ୍ରାଚୁର୍ଯ୍ୟ ଆନଂଦ ଆଉ କହିଲେ ନ ସରେ । ଏତେ ପ୍ରାଣ ପ୍ରାଚୁର୍ଯ୍ୟ ଆନଂଦ ପାଇବା ବୋଧେ ମୋ ଜୀବନରେ ପ୍ରଥମ ଓ ଶେଷ ! ଗର୍ବରେ ମୋର ଛାତି ଫାଟି ପଡୁଥାଏ । ଚିଠିଟିକୁ ବାରଂବାର ପଢ଼ିଲେ ବି ମନ ବୋଧ ହେଉ ନଥାଏ । ଧାଇଁ ଆସିଲେ ଅନେକ ପିଲା ଓ ଶିକ୍ଷକଗଣ । ଏ ହାତରୁ ସେ ହାତ ଚିଠିଟି ଖାଲି ଯିବାରେ ଲଗିଥାଏ । ଛାଲେ ଚିରିଯିବ ବୋଲି ମୁଁ ବ୍ୟାକୁଳରେ ଚିଠି ପଛେ ପଛେ ଧାଇଁ ଥାଏ । ସମସ୍ତେ ପଢ଼ିବାରେ ଲଗିଥାଂତି, ଓଡ଼ିଶାର ଅଦ୍ବିତୀୟ ପଣ୍ଡିତଂକର ସ୍ବହସ୍ତଲିଖିତ ଚିଠି–ହାତଲେଖା ବୋଲି ବି ବିଶ୍ୱାସ କରି ହେଉନଥାଏ । ମୁଁ ହସି ହସି ଅଣଆୟତ୍ତ ହୋଇଯାଉଥାଏ । ଶିକ୍ଷକ ଜଗନ୍ନାଥ ବାବୁ ଚିଠିଟି ପଢ଼ି ମୁହଁ ଶୁଖାଇ ଦେଲେ । ମୁହଁରେ ମ୍ଳାନ ହସ ଟିକିଏ ଫୁଟାଇ ସମବେତ ପିଲଂକୁ କହିଲେ, "ଗଂଗାଧର କଥା ଠିକ୍ ହେଲା ।"

ସେଇଦିନ୍ ଆଜିକୁ ୩୩ ବର୍ଷ ହେଲା, ପଣ୍ଡିତଜୀଂକର ଉକ୍ତ ପତ୍ରଟିକୁ ସାଇତି ରଖିଥିଲି । ଆଜି ସମସ୍ତଂକ ଗୋଚରକୁ ଆଣିବା ପାଇଁ ଉକ୍ତ ରତ୍ନଟିକୁ ଆପଣଙ୍କୁ ପଠାଇଲି ।

ଆପଣଂକର ଗୁଣମୁଗ୍ଧ

ଗଂଗାଧର ମହାପାତ୍ର

ହେଗ ଗୋହିରୀ ସାହି, ପୁରୀ

*

ଆକାଶେ ଜ୍ୟୋତିଷ୍କ ତୁଂଭେ, ଅନ୍ତରୀକ୍ଷେ ବାୟୁ,
ଯଜ୍ଞପୀଠେ ହୁତାସନ, କଳସେ ପବିତ୍ର ସୋମ,
ନରଲୋକେ ବରଲୋକେ ଯଜ୍ଞେ ବ୍ୟୋମଧାମେ,
ଜଳେ ସ୍ଥଳେ ପର୍ବତେ ବା ଯଜ୍ଞ ଆହୁତିରେ
ସାର ସୃଷ୍ଟିମୟ ଯାହା ସବୁ ବ୍ୟାପି
ରହିଛ ହେ ସତ୍ୟରୂପୀ ଭୂମା ।

(ନୀଳକଣ୍ଠ–ଭକ୍ତିଗାଥା)

Digitized by PPRACHIN, SOA

# ସତ୍ୟବାଦୀ ସ୍କୁଲ, ଉତ୍କଳ ସମ୍ମିଳନୀ ଓ ପଣ୍ଡିତ ନୀଳକଂଠ

ଶ୍ରୀ ଦିଗମ୍ବର ରଥ (ବ୍ରହ୍ମପୁର)

ମୋ ପୂର୍ବ ସ୍ମୃତିର କଥା - ୧୯୧୨ ସାଲରେ ବ୍ରହ୍ମପୁର ଟାଉନ୍ ହଲରେ ଉତ୍କଳ ସମ୍ମିଳନୀର ଅଧିବେଶନ ଚିକିଟିର ସ୍ୱର୍ଗତ ରାଜକବି ରାଧାମୋହନ ରାଜେନ୍ଦ୍ର ଦେଓଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ପ୍ରାକୃତିକ ଉତ୍କଳର ଅଧିକାଂଶ ରଜା ମହାରଜା ଏବଂ ନେତାମାନେ ଉକ୍ତ ଅଧିବେଶନରେ ଯୋଗ ଦେଇଥିଲେ । ସେଇଠି ମଧୁସୂଦନ ଦାସ, ବ୍ରଜସୁନ୍ଦର ଦାସ, ସୁଦାମ ଚରଣ ନାୟକ, ଭିକାରୀ ଚରଣ ପଟ୍ଟନାୟକ, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ ପ୍ରଭୃତି ନେତୃବର୍ଗଙ୍କୁ ଦେଖିବା ସୁଯୋଗ ପାଇଥିଲି ।

ଅନ୍ୟାନ୍ୟ ବୟସ୍କ ନେତାମାନେ ଚିକିଟି ରଜାଙ୍କ ବଙ୍ଗଳାରେ ରହୁଥାନ୍ତି । ମୋର ବଡ଼ଭାଇନା ଅନନ୍ତରାମ ରଥ ଏବଂ ମଦନମୋହନ ରଥଙ୍କ ସହିତ ଗୋପବନ୍ଧୁ ଦାସ ଓ ନୀଳକଣ୍ଠ ଦାସଙ୍କର ଘନିଷ୍ଠ ସମ୍ପର୍କ ଥିବାରୁ ସେମାନେ ଆମ ଘରେ ରହୁଥିଲେ । ନୀଳକଣ୍ଠ ଦାସ ସତ୍ୟବାଦୀ ସ୍କୁଲର ହେଡ଼ମାଷ୍ଟର୍ ବୋଲି ମୁଁ ଆଗରୁ ଶୁଣିଥିଲି । ତାଙ୍କର ନିଶ ଥିଲା । ଖଲ୍ଲିକୋଟ କଲେଜର ହେଡ଼ମାଷ୍ଟର୍ ଜଣେ ନିଶୁଆ ବ୍ରାହ୍ମଣ ଥିଲେ । ସେ ଭରି କଡ଼ା ଲୋକ । ମୋର ଧାରଣା ହେଲା ଯେ, ହେଡ଼ମାଷ୍ଟର୍ ସମସ୍ତେ ନିଶ ରଖନ୍ତି ଓ କଡ଼ାଲୋକ ହୁଅନ୍ତି । ନୀଳକଣ୍ଠ ଦାସଙ୍କର କଥା ବାର୍ତ୍ତାରୁ ଏବଂ ବକ୍ତୃତାରୁ ମୋର ସେ ଧାରଣା ଦୃଢ଼ୀଭୂତ ହେଲା ।

ସେହି ସମୟରେ ସତ୍ୟବାଦୀ ସ୍କୁଲରେ ପଢ଼ିବା ସକାଶେ ଗଞ୍ଜାମରୁ ଏବଂ ଓଡ଼ିଶାର ଗଡ଼ଜାତ ଅଞ୍ଚଳରୁ ପିଲମାନେ ବହୁ ଆଗ୍ରହରେ ଯାଉଥାଆନ୍ତି । ମତେ ସେ ସ୍କୁଲକୁ ପଠାଇବା ସକାଶେ ଭାଇନାମାନେ ଇଚ୍ଛା କରୁଥିଲେ, କିନ୍ତୁ ମୋର ବୋଉ ଅନିଚ୍ଛୁକା ଥିବାରୁ ମୁଁ ସେତେବେଳେ ସତ୍ୟବାଦୀ ଯାଇପାରି ନଥିଲି । ସତ୍ୟବାଦୀ ସ୍କୁଲ ଗୃହ ପୋଡ଼ି ଯାଇଥିବାରୁ, ସ୍କୁଲର ଗୃହ ନିର୍ମାଣ ପାଇଁ ଅର୍ଥ ସଂଗ୍ରହ କରିବା ସକାଶେ ହେଡ଼ମାଷ୍ଟର ନୀଳକଣ୍ଠ ବାବୁ, ସ୍କୁଲ ଶିକ୍ଷକ ଗୋଦାବରୀଶ ବାବୁ ଓ ହରିବାବୁ ଗଞ୍ଜାମ ଆସି ବେଳେ ବେଳେ ଆମ ଘରେ ରହୁଥାନ୍ତି । ସତ୍ୟବାଦୀ ସ୍କୁଲକୁ ମତେ ନେବା ସକାଶେ ସେମାନେ ରହିଥିଲେ । ଶେଷକୁ ମୋର ଯିବା ସ୍ଥିର ହେଲା । ସେହି ସମୟରେ ଗଞ୍ଜାମର ସ୍କୁଲମାନଙ୍କରେ

Digitized by PPRACHIN, SOA

ସଂସ୍କୃତ ପଢ଼ା ଯାଉନଥିଲା । ମୋର ସଂସ୍କୃତରେ ପ୍ରବେଶ ନଥିବାରୁ ମୁଁ ଦୋ ଦୋ ପାଞ୍ଚ ହେଉଥିଲି । ନୀଳକଣ୍ଠ ଦାସ କହିଲେ, "ସଂସ୍କୃତ ପଣ୍ଡିତମାନଙ୍କ ଘରର ପିଲା ହୋଇ ସଂସ୍କୃତ ପାଠକୁ ଡରୁଛୁ କିଆଁ ? ମୁଁ ଦୁଇ ମାସରେ ମେଟ୍ରିକ୍ କ୍ଲାସର ସଂସ୍କୃତ ଜ୍ଞାନ ଯାଏ ତତେ ପଢ଼େଇ ଦେବି ।" ତା ପରେ ମୁଁ ସତ୍ୟବାଦୀ ଗଲି ଓ ସେଠି ନାମ ଲେଖାଇଲି । ଦେଖିଲି, ସେଠାରେ ପ୍ରାୟ ସମସ୍ତ ଛାତ୍ର ଶିକ୍ଷକମାନଙ୍କ ଗୋଡ଼ତଳେ ପଡ଼ି ପ୍ରଣାମ ଜଣାନ୍ତି । ମୋର କିନ୍ତୁ ତାହା ହୋଇ ପାରିଲା ନାହିଁ—ନୀଳକଣ୍ଠ ବାବୁ ଓ ଗୋଦାବରୀଶ ବାବୁ ଭଉଣୀ ମାନଙ୍କର ସାଙ୍ଗ ହୋଇଥିବାରୁ, ମୁଁ ତାଙ୍କୁ ମୋ ଭଉଣୀ ଭଳି ବ୍ୟବହାର କରୁଥିଲି । ମୋ ବୋଉ ଖାଇବା ସମୟରେ ପିନ୍ଧିବା ପାଇଁ ଖଣ୍ଡିଏ ମଠା ଦେଇଥିଲେ । କିନ୍ତୁ ସେଠାର ପଂକ୍ତି ଭୋଜନରେ ତାହାକୁ ବ୍ୟବହାର କରିବା ସଂଭବ ହୋଇ ନ ଥିଲା । ମତେ ଅତି ଅଳ୍ପ ଦିନରେ ମାଟ୍ରିକ୍ ଷ୍ଟାଣ୍ଡାଡ୍ ପର୍ଯ୍ୟନ୍ତ ସଂସ୍କୃତ ପଢ଼ାଇବାରେ ନୀଳକଣ୍ଠ ବାବୁଙ୍କର ପାଣ୍ଡିତ୍ୟର ଅଟକଳ କରଯାଇ ନ ପାରେ । ତାଙ୍କ ସହକାରୀ ଗୋଦାବରୀଶ ବାବୁଙ୍କୁ ସେ ଯେପରି ୭ ଦିନରେ ପଢାଇ ବି. ଏ. ପାଶ କରାଇ ଥିବାର ଗୋଦାବରୀଶ ବାବୁ ନିଜେ ଲେଖି ଯାଇଛନ୍ତି, ସେଥିରୁ ତାଙ୍କ ପାଣ୍ଡିତ୍ୟର କିଂଚିତ୍ ଆଭସ ମିଳେ ।

ସତ୍ୟବାଦୀ ସ୍କୁଲର ମଂଜୁର ପ୍ରାପ୍ତି ପାଇଁ ନୀଳକଂଠ ଦାସଙ୍କୁ B.T. ପାଶ୍ କରିବାକୁ ହେବ ବୋଲି ଶିକ୍ଷା ବିଭାଗ ପରିଦର୍ଶକ କହିବାରୁ, ସେ କହିଲେ, "ମୁଁ B.T. କ୍ଲାସ ପିଲାଙ୍କୁ ପାଠ ପଢ଼ାଇ ପାରେ, ମୁଁ କଅଣ B.T. ପଢ଼ିବାକୁ ଯିବି ।"

ମୋର ଛାତ୍ର ଅବସ୍ଥାର ଗୋଟିଏ ଘଟଣା ଏଠାରେ ପ୍ରକାଶ କରିବା ଅବାନ୍ତର ହେବ ନାହିଁ । ମାଟ୍ରିକ୍ ପରୀକ୍ଷା ଦେଇ ଘରକୁ ଆସିଲା ବେଳେ ମୋର ଜଣେ ସହପାଠୀ ମତେ କହିଲେ, "ହେଡ଼ମାଷ୍ଟରଙ୍କ ଠାକୁ ଆମର ପରୀକ୍ଷା କାଗଜ ଆସିଛି । ତୁମର ତାଙ୍କ ସହିତ ଭଲ ଜଣା । ତୁମେ ନମ୍ବର ଜାଣିବାପାଇଁ ଚେଷ୍ଟା କର ।" ମୁଁ ତାଙ୍କ କଥାରେ ପଡ଼ି ସିଧା ନୀଳକଣ୍ଠ ବାବୁ ହେଡ଼ମାଷ୍ଟରଙ୍କୁ ଏ ବିଷୟରେ କାର୍ଡ ଖଣ୍ଡେ ଲେଖି ଦେଲି । ତାର ଯେଉଁ ଉତ୍ତର ପାଇଲି, ସେଥିରେ ମୋର 'ଗୀତା'ର ନିମ୍ନ ପଂକ୍ତି ଗୁଡ଼ିକ ମନେ ପଡ଼ିଗଲା ।

"ସଖେତି ମତ୍ୱା ପ୍ରସଭଂ ଯଦୁକ୍ତଂ
ହେ କୃଷ୍ଣ ହେ ଯାଦବ ହେ ସଖେତି ।
ଅଜାନତା ମହିମାନଂ ତବେଦଂ
ମୟା ପ୍ରମାଦାତ୍ ପ୍ରଣୟେନ ବାପି ।

× × ×

Digitized by PPRACHIN, SOA

ଏକୋଃଥବାପ୍ୟଚ୍ୟୁତ ତତ୍ ସମକ୍ଷଂ

ତତ୍ କ୍ଷାମୟେ ତ୍ୱାମହମପ୍ରମେୟମ୍ ।

(ଅର୍ଥ–ସଖାମଣି. ଏ ମହିମା ନ ଜାଣି ହେ ତବ, ପ୍ରଣୟେ ବା ଭ୍ରମେ ପଡ଼ି, ସଖ୍ୟ ଅବହେଳେ, ହେ କୃଷ୍ଣ, ହେ ଯାଦବ, ହେ ସଖା, ବୋଲି ଯାହା ଡ଼ାକିଚି, କରିଚି ପୁଣି ଅବଜ୍ଞା ହେ ଯେତେ । ହେ ଅଚ୍ୟୁତ, ଜାହିଁ ତବ କଳନା ଏ ବିଶ୍ୱେ [ କି ଆଉ କହିବି ? ] କ୍ଷମା ମାଗୁଚି ସେ ଦୋଷ ।

ତାଙ୍କର କି ନିଷ୍ଠା ଏବଂ ଛାତ୍ରଙ୍କ ପ୍ରତି କି ଉପଦେଶ । ନୀଳକଂଠ ବାବୁ ନିଜେ ମତେ ପଠାଇଥିବା ଚିଠିରୁ ତାହା ସ୍ପଷ୍ଟ ହେବ ।

ଆଜି କାଲିର ଛାତ୍ରମାନେ ପରୀକ୍ଷକମାନଙ୍କୁ ନମ୍ବର ଜଣାଇବା ଛଡ଼ା ନମ୍ବର ବଢ଼ାଇବା ପାଇଁ ମଧ୍ୟ ପ୍ରବର୍ତ୍ତାଇ ପାରୁଛନ୍ତି ବୋଲି କିଏ ନ ଜାଣେ ? ନୀଳକଂଠ ବାବୁ ଦେଇଥିବା ଉତ୍ତରଟି ନିମ୍ନରେ ଉଦ୍ଧାର କଲି ।

Satyabadi
13. 4

My dear Digambar,

Recd. your P. C. today. I am glad you think of coming here on the day of his Honours visit to our school. His Honour visits the school on the 16th this month, ie. 2 days after tomorrow at 8 o, clock in the morning.

Appointment of examiners is a confidential matter and I am not expected to know the names of examiners on Various, subjects, nor it is good to have a desire to know things, which are a secret to any body.

Hope you are all right.

*yours affly.*
**Nilakantha Das**

Babu Digambar Rath
C/o Babu Madan Mohan Rath, B.A.L.T.
Head Master, High School
Chatrapur, ( Ganjam ).

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠଙ୍କୁ ମୁଁ ଯାହା ଜାଣିଚ

ଶ୍ରୀ ଚନ୍ଦ୍ରମଣି ମହାପାତ୍ର– ପୁରୀ

ଗୋପବନ୍ଧୁ, ନୀଳକଣ୍ଠ, ଆଚାର୍ଯ୍ୟ ହରିହର ଓ ପ୍ରଚାରକ ଅନନ୍ତ ମିଶ୍ର ଅଜ୍ଞତା, ଦାରିଦ୍ର୍ୟ ଦୂର କରିବାପାଇଁ ଭାର୍ଗବୀ ନଦୀ କୂଳରେ ଯେଉଁ ଶପଥ ନେଇଥିଲେ, ତାହାରି ଅନୁପ୍ରେରଣାରେ ସତ୍ୟବାଦୀଠାରେ ଗୋଟିଏ ବିଦ୍ୟାଳୟ ସ୍ଥାପନ କରିବାରେ ପ୍ରୟାସୀ ହେଲେ । ଗୋପବନ୍ଧୁ ଓ ନୀଳକଣ୍ଠ ଶଗଡ଼େ ଇଟା ଧରି ଦେଉଳ ପଛପଟେ ଛୁରିଅନା, ବକୁଳ ବନ ମଧ୍ୟରେ ଏହାର ମୂଳଭିତ୍ତି ପକାଇଲେ । ନୀଳକଣ୍ଠଙ୍କ ଗାଁ ଶ୍ରୀରାମଚନ୍ଦ୍ରପୁର ମଡ଼ିଲ୍ ଭର୍ଣ୍ଣାକୁଲାର ସ୍କୁଲର ଶିକ୍ଷକ, ଛାତ୍ରଙ୍କଠାରୁ ଆରମ୍ଭ କରି ସମସ୍ତ ସରଂଜାମ ଆଣି ବିଦ୍ୟାଳୟଟି ୧୯୦୯ ମସିହା କୁମାର ପୂର୍ଣ୍ଣିମା ଦିନ ଆରମ୍ଭ କଲେ । ଉଦ୍ଦେଶ୍ୟ ଥିଲା ସେଠି ପ୍ରକୃତ ମଣିଷ ତିଆରି କରିବେ । ଏଥିଲାଗି ଅଧିକ ଯୋଗ୍ୟତା ହାସଲ କରିବା ନିମନ୍ତେ ନୀଳକଣ୍ଠ ଏମ୍.ଏ. ପଢ଼ିବା ପାଇଁ କଲିକତା ବାହାରିଗଲେ । ସେ ୧୯୧୧ ରେ ଆସି ଏଥିରେ ପ୍ରଧାନ ଶିକ୍ଷକ ହେଲେ । ଏହା ପରେ ହାଇସ୍କୁଲ ହେବାର ଉଦ୍ୟମ ହେଲା । ସେଠାରେ ନିର୍ଦ୍ଧାରିତ ପାଠ୍ୟକ୍ରମ ବ୍ୟତୀତ ଆଉ ଅନେକ ବିଷୟରେ ଶିକ୍ଷା ଦିଆଯାଉଥିଲା । ସେଥିରେ ସମାଜସେବା, ରୋଗୀସେବା ଓ ଭବିଷ୍ୟତ ଜୀବନ ଯାପନ ଲାଗି ଆତ୍ମନିର୍ଭରଶୀଳତା ମୁଖ୍ୟ ଥିଲା ।

ସତ୍ୟବାଦୀର ଶିକ୍ଷକବୃନ୍ଦ ପ୍ରତ୍ୟେକେ ସ୍ୱ ସ୍ୱ କ୍ଷେତ୍ରରେ ଧୁରନ୍ଧର ହେଲେହିଁ ତାହାଙ୍କୁ ଊଣା ନଥିଲେ । ଜଣକୁ ଜଣେ ବଳିଆର । ସାଧାରଣ ଜନତାର ଦୁଃଖରେ ଦ୍ରବୀଭୂତ ହୋଇ ଦେଶ ଓ ଜାତିପାଇଁ କଠୋର ସାଧନାରେ ସବୁବେଳେ ବ୍ରତୀ ଥିଲେ । ଏମାନଙ୍କର ନିରାଡ଼ମ୍ବର ଜୀବନ ଯାପନ ଓ ମହାମାନବୀୟଭାବ ଯେ ଦେଖିଛନ୍ତି, ସେହିମାନେ କେବଳ ତାଙ୍କୁ କଳି ପାରିବେ । ଅନ୍ୟମାନଙ୍କ ପକ୍ଷରେ ଏ ସବୁ ଇତିହାସର ବିଷୟବସ୍ତୁ । ଏହି ପୀଠରେ ପଣ୍ଡିତ ଗୋପବନ୍ଧୁ ଦାସ ଥିଲେ ସେନାର ଉତ୍ସ ଏବଂ ନିଷ୍ଠାପର ସେନାପତି । ଶିକ୍ଷକମାନଙ୍କ ଭିତରେ ପଣ୍ଡିତ ନୀଳକଣ୍ଠ ଥିଲେ ଅଗ୍ରଣୀ ଓ ଯଥାର୍ଥ ହେଡ଼ମାଷ୍ଟର । ତାଙ୍କର କର୍ମ କୁଶଳତା ଖାଲି ଓଡ଼ିଶା କାହିଁକି, ସାରା ଭାରତରେ ବ୍ୟାପ୍ତ ହୋଇଗଲା ।

Digitized by PPRACHIN, SOA

## ନିର୍ବାଚନ ପ୍ରଚାର :

୧୯୩୭ ମସିହାର କଥା । ନୀଳକଣ୍ଠ ଖଣ୍ଡିଏ ଧଚଡ଼ା ମଟର ଯୋଗାଡ଼ କଲେ । ବାତଜ୍ୱର ନିବାରକ କେତେକୋଳା ରସୁଣ ଓ ମାଲେରିଆ ନିବାରକ ଔଷଧ ପକେଟରେ ପୁରାଇ ଦିନ ରାତି ଓଡ଼ିଶାର ଅନ୍ଦି କନ୍ଦି ବୁଲି ନିର୍ବାଚନ ପ୍ରଚାର ଚଳାଇଲେ । ତାହା ତାଙ୍କ ଜୀବନର ଏକ ଅପୂର୍ବ ସାଫଲ୍ୟ ।

ଦିନେ ଆମଗାଁ ଚନ୍ଦନପୁର ବଜାରକୁ ପଣ୍ଡିତ ନୀଳକଣ୍ଠ ନିର୍ବାଚନ ସଭା ଡ଼କାଇଥାନ୍ତି । ନିର୍ଦ୍ଦିଷ୍ଟ ସଭାବେଳକୁ ଅର୍ଥାତ୍ ୬ଟା ବେଳକୁ ଥାଳି ମାରି ଦେଲେ ଥାଳି ଗଳିଯିବା ଭଳି ଲୋକ ରୁଣ୍ଡ ହୋଇଗଲେ । କିନ୍ତୁ ରାତି ୯ଟା ଯାଏ ପଣ୍ଡିତଜୀଙ୍କର ଦେଖା ମିଳିଲା ନାହିଁ । ହେଲେହେଁ ଲୋକେ ତାଙ୍କୁ ନ ଦେଖିଲେ ନ ଯାଆନ୍ତି । ସଭା ସ୍ଥଳରେ ଉହଂଠାରେ ବସି ରହିଲେ । ସେଦିନ ପଣ୍ଡିତଙ୍କର ଏଠା ନିର୍ବାଚନ ସଭା ୫ମ ସ୍ଥାନ ଗ୍ରହଣ କରିଥାଏ । ପଣ୍ଡିତ ନୀଳକଣ୍ଠ ସଭା ସ୍ଥଳରେ ପହଞ୍ଚି କଂଗ୍ରେସ ପକ୍ଷରେ ଭୋଟ ଦେବାକୁ ବୁଝାଇଦେଲେ । କାହାର କଣ ପଚାରିବାର ଥିଲେ ପଚାରନ୍ତୁ ବୋଲି ଶୁଣାଇ ଦେଲେ । ମୋ ଭଉଣୀ ମୃତ୍ୟୁଂଜୟ (ବେଙ୍ଗ) ମହାପାତ୍ର ସଭାରେ ଛିଡ଼ା ହୋଇ ଦୁଇଟି ପ୍ରଶ୍ନ କଲେ ।

୧ମ–ଯାହାଙ୍କୁ ଭୋଟ ଦେବା ସେ ଯଦି ଆମର ହିତ ନ କଲେ ତେବେ କଣ କରାଯିବ ?

୨ୟ–କଂଗ୍ରେସ ବିରୋଧୀ ଲୋକେ ଭୋଟରମାନଂକୁ ନାନା ପ୍ରଲୋଭନ ଦେଖାଉଛନ୍ତି । ଆମେ ସେମାନଙ୍କଠାରୁ ପଇସାପତ୍ର ନେଇ କଂଗ୍ରେସକୁ ଭୋଟ ଦେଲେ କ୍ଷତି କ'ଣ ?

ପଣ୍ଡିତେ ଉତ୍ତର ଦେଲେ–"ଏ ଭୋଟ ମାତ୍ର ୫ବର୍ଷ ପାଇଁ ଦିଆଯାଉଛି । ଏବେ ଆମେ ଭଲ ଦେଶପ୍ରାଣ ଲୋକ ଏଥିପାଇଁ ବାଛିଚୁ । ୫ ବର୍ଷ ଶେଷରେ କିଏ ଭଲ କିଏ ଭେଲ, ତା' ବେଶ୍ ବାରି ହୋଇଯିବ । ଆରଥରକୁ ସେମାନଙ୍କୁ ବା ଅନ୍ୟ କାହାକୁ ଭୋଟ ଦେବା ନ ଦେବା କଥା ବିଗ୍ରହକୁ ଆସିବ । ନଡ଼ିଆକୁ ନଡ଼ିଆ– ପରୀକ୍ଷାରୀ ଯେପରି ବଜାଏ, ଭଲକୁ ନଡ଼ିଆ ଗଦାକୁ ପକାଇ ମାରକୁ ବାହାରକୁ ଫୋପାଡ଼ି ଦିଏ, ଆମକୁ ଆସନ୍ତା ନିର୍ବାଚନ ବେଳେ ଠିକ୍ ଏହି ପନ୍ଥା ଗ୍ରହଣ କରିବାକୁ ହେବ । ୫ଟା ବର୍ଷ ଜାତିର ଜୀବନରେ କେତେ କାଳ ।"

ଦ୍ୱିତୀୟ ପ୍ରଶ୍ନର ଉତ୍ତରରେ କହିଲେ– "ଆମକୁ ଶୋଷ ହେଲେ ଆମକୁ କେହି ନଳାପାଣି ଯାଚିଲେ ଆମେ କଣ ସେ ନଳାପାଣି ପିଉଥାଉଁ ? ଆମର ନିର୍ମଳ ପାଣି

Digitized by PPRACHIN, SOA

ସିନା ଲେଡ଼ା । ଠିକ୍ ସେହିଭଳି ଆମେ ଅନ୍ୟାୟ ଭାବରେ ଯଗ୍ମ ହେଉଥିବା ଧନକୁ ନଛାପାଣି ବୋଲି ବିଗ୍ୱରିବା ଉଚିତ ।” ସଭା ଲୋକେ ଠିକ୍ ଠିକ୍ କହି ତାଳି ମାରୁଥିଲେ । ପଣ୍ଡିତ ନୀଳକଂଠଂକର ଏଇଥିଲା ନିର୍ବାଚନ ପ୍ରଗ୍ୱରର ଢଙ୍ଗ ।

## ଚନ୍ଦନପୁରଠାରେ ମଂତ୍ରୀ ଗୋଦାବରୀଶଂକୁ ସମ୍ବର୍ଦ୍ଧନା ସଭା :

୧୯୪୩, ପାରଳା ରଜାଙ୍କ ମିଳିତ ମନ୍ତ୍ରୀମଣ୍ଡଳରେ ପଣ୍ଡିତ ଗୋଦାବରୀଶ ଶିକ୍ଷା ଓ ଅର୍ଥମନ୍ତ୍ରୀ ଥାଆନ୍ତି । ସେ କାହାସଙ୍ଗେ ଆଲୋଚନା ନ କରି ସମ୍ବଲପୁରକୁ ତାଙ୍କର ପ୍ରଥମ ସରକାରୀ ଗସ୍ତକ୍ରମ ପକାଇଥାନ୍ତି । ସେତେବେଳେ ପଣ୍ଡିତ ନୀଳକଂଠ ମିଳିତ ମନ୍ତ୍ରୀମଣ୍ଡଳ ଗଠନ ପରବର୍ତ୍ତୀ ଦଳୀୟ ଆଂଚଳିକ କାର୍ଯ୍ୟକ୍ରମ ସ୍ଥିର କରିବା ପାଇଁ ଗୋଟିଏ ବୈଠକ ତାଙ୍କ ଗାଁକୁ ଡ଼କାଇଥାନ୍ତି ।

ବୈଠକରେ ନାନା ଆଡୁ ନାନା ଆଲୋଚନା ପଡ଼ିଲା । ଶେଷରେ ବିନା ବିଗ୍ୱରରେ କେହି କେହି ଗୋଦାବରୀଶ ବାବୁଙ୍କର ସମ୍ବଲପୁର ଗସ୍ତକ୍ରମ ଠିକ୍ ହେଲା ନାହିଁ ବୋଲି ମତ ଦେଲେ । ପଣ୍ଡିତେ ମତେ କହିବାକୁ କହିବାରୁ ମୁଁ କହିଲି, “ଗୋଦାବରୀଶ ବାବୁଙ୍କର ଆଗ ନିଜ ଜିଲ୍ଲା ମଧ୍ୟରେ ଗସ୍ତ କରିବା ଉଚିତ ଥିଲା । ନିଜ ସ୍ଥାନରେ ଲୋକେ ତାଙ୍କୁ କିପରି ଗ୍ରହଣ କରୁଛନ୍ତି, ତା’ କଳିବାର କଥା । ଯଦି ସମ୍ବଲପୁରରେ ତାଙ୍କୁ କଳା ପତାକା ଦେଖାନ୍ତି, ତେବେ ଓଡ଼ିଶାର ସର୍ବତ୍ର ସେହି କଳାପତକା ଦେଖା ଗ୍ୱଲିବ ।” ଗୋଦାବରୀଶ ବାବୁଙ୍କୁ ଶୀଘ୍ର ଫେରିଆସିବା ପାଇଁ ଟେଲିଗ୍ରାମ କରଗଲା ଓ ପ୍ରଥମେ ଚନ୍ଦନପୁରଠାରେ ସମ୍ବର୍ଦ୍ଧନା ସଭାର ଆୟୋଜନ ହେବାର ସ୍ଥିର ହେଲା ।

ଯଥାକାଳରେ ଗୋଦାବରୀଶ ବାବୁ ସମ୍ବଲପୁରରୁ ଫେରି ଆସିଲେ । ଚନ୍ଦନ-ପୁରଠାରେ ଖୁବ୍ ଜାକ ଜମକରେ ପଣ୍ଡିତ ନୀଳକଣ୍ଠଙ୍କ ସଭାପତିତ୍ୱରେ ଏକ ବିରଟ ଅଭ୍ୟର୍ଥନା ସଭା ହେଲା । ତାଙ୍କ ସ୍ୱଭାବ ସୁଲଭ ଢଙ୍ଗରେ ନୀଳକଣ୍ଠ ଲୋକଙ୍କୁ ପରିଷ୍କାର କରି ବୁଝାଇ ଦେଲେ କିପରି ଓଡ଼ିଶା ମିଳିତ ମନ୍ତ୍ରୀମଣ୍ଡଳ ଏ ଦେଶ ହିତକୁ ଆଖିରେ ରଖି ଗଠନ କରଯାଇଛି । ଲୋକେ ବୁଝିଗଲେ ।

## ବନବିଦ୍ୟାଳୟରେ ସାଧନା ମାର୍ଗ—‘ଖିଆଲ’

ବସନ୍ତକାଳ ହୋଇଥାଏ । ଦାସେ ଆପଣେ ଓ ପଣ୍ଡିତ ନୀଳକଣ୍ଠ ସ୍କୁଲ ବାରଣ୍ଡାରେ ବସି କଥାଭାଷା ହେଉଥାନ୍ତି । ନୀଳକଣ୍ଠଙ୍କୁ ଗ୍ୱହିଁ ଗୋପବନ୍ଧୁ କହିଲେ, “ଦେଖିଲ, ଏ ବଉଳଗଛ କିପରି ପଲ୍ଲବିଚି ! ପତ୍ର ଗୁଡ଼ିକ କେଡ଼େ କଅଁଳ ଦେଖା

Digitized by PPRACHIN, SOA

ଯାଉଚି ।" ନୀଳକଣ୍ଠ କହିଲେ, "ହଁ ଆପଣ କ'ଣ କହୁଚନ୍ତି ଯେ ?" ଦାସେ ଆପଣେ କହିଲେ "ଏହା ଶାଗ ହୁଅନ୍ତା ନାହିଁ ? ତୁମେ କେବେ ଖାଇଚ ?" ନୀଳକଣ୍ଠ ତାଙ୍କ ହରି ଘଇନାଙ୍କୁ ଡ଼କାଇ ପଠାଇଲେ । ସେ ଆସିବାରୁ ନୀଳକଣ୍ଠ କହିଲେ, "ମେସ୍‌ରେ ଆଜି ଏ କଅଁଳ ବଉଳ ପତ୍ର ଶାଗ ହେବ । ସେଥିରେ ଲୁଣ ପଡ଼ିବନି କି ଫୁଟଣ ଫୁଟା ହେବନି । ସିଝିଲେ ଲଗାଇ ସେ ପତ୍ର ତୋଳା ହେଲା ଏବଂ ନୀଳକଣ୍ଠଙ୍କ ବରଦ ମୁତାବକ ରନ୍ଧାଗଲା । ସେ ଶାଗ ଦାସେ ଆପଣଙ୍କ ସହିତ ଅନ୍ତେବାସୀ ଶିକ୍ଷକ ଓ ଛାତ୍ରମାନଙ୍କୁ ଖାଇବାକୁ ଦିଆଗଲା । ବଉଳପତ୍ର ତ ଅତି କଷା, ତହିଁରେ ପୁଣି ଲୁଣ କି ଫୁଟଣ କିଛି ପଡ଼ିନି । କେହି କେହି କହିଲେ, "ମୁନି, ଋଷିମାନେ ତ ଏପରି ଖାଉଥିଲେ ।" ଖୁଆଇ ମାଧ୍ୟମରେ ବନବିଦ୍ୟାଳୟ ସାଧକମାନଙ୍କର ଜିଭ ଲହସାକୁ ସଂଯତ କରିବାର ଏ ଗୋଟିଏ ନମୁନା ଥିଲା ।

ମତେ ଥରେ ଗୋଟିଏ ମଉକା ମିଳିଲା । ଆଗ୍ରର୍ଯ ହରିହରଙ୍କୁ ଖାଇବାକୁ ନିମନ୍ତ୍ରଣ କଲି । ତାଙ୍କ ଆଖିକୁ ଦେଖାଯାଉ ନ ଥିବାରୁ ମୋ ସ୍ତ୍ରୀ ତାଙ୍କୁ ଖୁଆଇ ଦେଉଥାନ୍ତି । ସେ କହିଲେ, 'ମା' ଭତରେ ଡ଼ାଲି' ତରକାରି ସବୁ ଗୋଳାଇ ଏକାଠି କରିଦିଅ ।" ମୋ ସ୍ତ୍ରୀ ରାଜି ନ ହୋଇ କହିଲେ, "ସବୁ ଏକାଠି ହେଲେ କେଉଁଟା କି ପ୍ରକାର ସ୍ୱାଦୁ କିପରି ଜାଣିବେ ? ମୁଁ ଗୋଟି ଗୋଟି କରି ଖୁଆଇ ଦେଚି ।" ସେଇପରି ଥରେ ଦିଥର ଖାଇ ଆଗ୍ରର୍ଯ ମହାଶୟ କହିଲେ, "ମୋ ପାଟିକି ତ ସବୁ ଏକାପରି ଲଗୁଚି, ତମେ ଏକାଠି ଗୋଳାଇ ଦିଅ ।" ମତେ ଆଶ୍ଚର୍ଯ ଲଗିଲା । ମାତ୍ର ହଠାତ୍ ବନବିଦ୍ୟାଳୟ କଥାଟି ମୋର ମନେ ପଡ଼ିଗଲା । ବଉଳ ଶାଗ କଥା ପଚାରିଲି । ଆଗ୍ରର୍ଯେ ସାମାନ୍ୟ ମୁଣ୍ଡ ହଲାଇ କହିଲେ, "ହଁ-ହଁ ତାହା ଆମର ଗୋଟିଏ ସାଧନାର ମାର୍ଗ ଥିଲା ।"

## ନାକ ସଳଖା ଯିବା :

ଥରେ ପଣ୍ଡିତ ଗୋପବନ୍ଧୁଙ୍କ ଡ଼କାରପାଇ ପଣ୍ଡିତ ନୀଳକଂଠ ସଙ୍ଗରେ ଆଗ୍ରର୍ଯ ହରିହର ଓ ପଣ୍ଡିତ ଗୋଦାବରୀଶ ପ୍ରଭୃତିଙ୍କୁ ନେଇ ସ୍କୁଆଣ୍ଡ ଯାଇଥିଲେ । ରାତିରେ ସେଠାରେ ରହିଲେ । ସକାଳେ ନିତ୍ୟକର୍ମ ଓ ରାଧୁଆ ପାଧୁଆ ସାରି ପ୍ରସାଦ ଖାଇ ସ୍କୁଲକୁ ବାହାରିଲେ । ନୀଳକଂଠ ବାବୁ କହିଲେ, "ଠିକ୍ ସମୟରେ ଯେପରି ସ୍କୁଲରେ ପହଞ୍ଚି ହେବ ତା' କରିବାକୁ ପଡ଼ିବ ।" ହରିଭାଇ ନା ଅଙ୍କ କଷି ଶୁଣାଇ ଦେଲେ, "ନଇ ବନ୍ଧେ ବନ୍ଧେ ଗଲେ ସ୍କୁଲ ସମୟରୁ ୧୫ ମିନିଟ୍ ଡ଼େରିରେ ପହଞ୍ଚିବା । ବିଲବାଟେ ସିଧା ଗଲେ ୧୫ ମିନିଟ ଆଗରୁ ପହଞ୍ଚି ହେବ ।" ଏ କଥାଟି ନୀଳକଂଠ ବାବୁଙ୍କ

Digitized by PPRACHIN, SOA

ମନକୁ ପାଇଲା । ସେ କହିଲେ, "ତେବେ ଚାଲ, ନାକ ସଳଖା ଯିବା ।" ସେତେବେଳେ ବିଲ ସବୁ ହଳ ହୋଇ ମାଟି ଟେଳାରେ ଭର୍ତ୍ତି । ଗୋଦାବରୀଶ ବାବୁଙ୍କ ଚଟି ଛିଡ଼ି ଗୋଡ଼ ଖଣ୍ଡିଆ ଖାବଗ । ରକ୍ତ ବି ଟିକିଏ ଟିକିଏ ବାହାରୁ ଥାଏ । ତଥାପି ନାକ ଧରି ସେ ଆଗଉଥାନ୍ତି । ତାଙ୍କ ଦଶାରେ ହରିବାବୁ ଟିକିଏ ବିଥେଇ ହେଉଥାନ୍ତି । ନୀଳକଣ୍ଠ ବାବୁ କହୁଥାନ୍ତି, "ଅବାଟରେ ବାଟ ଫିଟାଇବାକୁ ହେଲେ, ଏପରି ସାଧନା ଥିବା ଦରକାର । ଆମକୁ ସ୍କୁଲର ଶୃଙ୍ଖଳା ରକ୍ଷା କରିବାକୁ ପଡ଼ିବ ।"

## ପଣ୍ଡିତଙ୍କ ରହସ୍ୟ :

ପଣ୍ଡିତ ନୀଳକଂଠ ବଡ଼ ରହସ୍ୟପ୍ରିୟ ଥିଲେ । ବେଳେ ବେଳେ ସେ ବଡ଼ ରହସ୍ୟ କଥା କହନ୍ତି ।

ଶ୍ରୀ ଜଗନ୍ନାଥ ରଥ ପୁରୀ ଜିଲ୍ଲାବୋର୍ଡ ଚେୟାରମ୍ୟାନ ଥାନ୍ତି । ମୁଁ ସେତେବେଳେ ତାଙ୍କ ପାଖେ ଥାଏ । ଖବର ଆସିଲା, ପଣ୍ଡିତ ନୀଳକଂଠ, ପଣ୍ଡିତ ଗୋଦାବରୀଶ ଓ ଯଦୁମଣି ମଙ୍ଗରାଜ ଜାଲି କଟକରୁ ସକାଳେ ଆସି ପହଞ୍ଚିବେ ଓ ତାଙ୍କ ବସାରେ ଖାଇବେ । ଜଗନ୍ନାଥ ରଥଙ୍କର ଜିଲ୍ଲାବୋର୍ଡ କାର୍ଯ୍ୟ ଘେନି ବାହାରକୁ ଯିବାର ଥାଏ । ଫେରିବେ ଅପରାହ୍ନକୁ । ଏମାନଙ୍କ ପରିଚର୍ଯ୍ୟାର ଭାର ପଡ଼ିଲା ମୋ ଉପରେ ।

ମୁଁ ସମସ୍ତ ବ୍ୟବସ୍ଥା କରିଥାଏ । ଖାଇବା ପାଇଁ ଗୁଡ଼ିଖଣ୍ଡି ପତ୍ର ପକାଗଲା । ପତ୍ରରେ ଡ଼ାଲି ଲାଗିଲା ବେଳେ ଡାଲି ଟିକିଏ ପାଣିଆ ହୋଇ ଥିବାରୁ ପତ୍ରରେ ବୋହିଗଲା । ସେ ଡ଼ାଲିକୁ ଦେଖି ନୀଳକଂଠ କହିଲେ—'ହଇହୋ, ଗୋଦାବରୀଶ, ଏ ଡ଼ାଲିଟା କିପରି ଦିଶୁଚି କହିଲ—ସେମିତି ଦିଶୁନାହିଁ ?" ଗୋଦାବରୀଶ କହିଲେ— "କିପରି, କହୁନ ?" ନୀଳକଂଠ—"ସେ ଦିନ କଥା ମନେ ନାହିଁ ?" ଗୋଦାବରୀଶ— "ନା ମୋର ତ କିଛି ମନେ ପଡୁନି" ନୀଳକଂଠ—"ତମେ, ମୁଁ ଓ ହରିହରନା ସେ ଗାଁ ରେ ହଇଜା ଲାଗିଚି ଶୁଣି ଚିକିତ୍ସା କରିବା ପାଇଁ ଯାଇଥିଲେଁ, ହରିହରନା ସେ ପିଲାର ଗୋଡ଼ ଦିଟା ଚେକି ଧରଲେ ଓ ତୁମେ ତା ଝାଡ଼ା କିପରି ହେଉଚି ଦେଖିବାକୁ ଲଇଁ ପଡ଼ିଥିଲ, ଠିକ୍ ସେତିକି ବେଳେ ସେ ପିଲା ତମ ମୁହଁକୁ ପିଚିକାରୀ ମାରିଲା ପରି ଝାଡ଼ା ଛାଡ଼ି ଦେଲା, ଏ ଡ଼ାଲି ସେମିତି ଦେଖା ଯାଉନି ?" ଏ କଥାରେ ଠୋ, ଠୋ ହସବୃଷ୍ଟି ହେଲା । ପରେ ଗରମ ଘିଅ ଆଣି ଭାତ ଉପରେ ପୁରାଟା ପକାଇ ଦେଲା । ପଣ୍ଡିତେ ପାଟିକରି ଉଠିଲେ—"ଆରେ, ଆରେ, କଣ କଲୁ ? ସର୍ବନାଶ !" ଆମେ ସମସ୍ତେ ଚମକ । ପ୍ରଶ୍ନ କଲୁ କ'ଣ ହେଲା ? ପଣ୍ଡିତେ— "ଘିଅତକ ପାଣିରେ ଗଲା । ଘିଅତକ ଭାତ ଉପରେ ଦେଇଦେଲା ଯେ ସେତ ସବୁ ଗଳିପଡ଼ି ପତ୍ରରେ ଲାଗିଯିବ ।

Digitized by PPRACHIN, SOA

ଆମେ ଖାଇବା କ'ଣ ? ଡ଼ାଲିରେ ହେଲେ ଦେଇ ଥାନ୍ତା । ଡ଼ାଲି ସଙ୍ଗେ ପେଟକୁ ଚୋପେ ଯାଇଥାନ୍ତା ।" ରହସ୍ୟ ସଙ୍ଗେ ନୀତି ଶିକ୍ଷା ବି ଶୁଣିଲୁ ।

## ନେଲ ସିନା, କ'ଣ ଖାଇ ଜାଣିବ ?

ଆଉ ଗୋଟିଏ ରହସ୍ୟ କଥା– ପଣ୍ଡିତେ କହନ୍ତି–"ତାଙ୍କ ନନା ଖମାର ବାଡ଼ିରେ ଗୋଟିଏ ବାଇଗଣ ବଗିଚା କରିଥିଲେ । ଦିନେ ଦାଣ୍ଡ ପିଣ୍ଡାରେ ବସି ନନା ଅନ୍ୟମାନଙ୍କ ସଙ୍ଗେ ଗପ ସପ ହେଉଛନ୍ତି, ଚାକର ଆସି ଖବର ଦେଲା, 'ଆଜ୍ଞା, ବାଡ଼ିରୁ କିଏ ବାଇଗଣ ଚୋରେଇ ନେଇଚି ।' ଏକଥା ଶୁଣି ନନା ସମସ୍ତଙ୍କୁ ନେଇ ବାଇଗଣ ବାଡ଼ିକୁ ଗଲେ । ସବୁ ଦେଖି କହିଲେ–'ଆହା, ଏତେ କଷ୍ଟ କରି ନେଇସିନା, କ'ଣ ଖାଇ ଜାଣିବ ? ସମସ୍ତେ ଆଶ୍ଚର୍ଯ୍ୟରେ ତାଙ୍କୁ ଚାହିଁଲେ । ନନା କହିଲେ,–"ବୁଝିଲନି କି ? ଦେଖୁଛ, କେଡ଼େ ସୁନ୍ଦର କଞ୍ଚା ଛନଛନିଆ ବାଇଗଣ ! ଯାକୁ ନେଲା ସିନା କ'ଣ ଘିଅ ଚୋପେ ପକେଇ ଭଜି ଜାଣିଥିବ, ନା ଖାଇ ଜାଣିଥିବ । ମତେ କହିଥିଲେ, ମୁଁ ଘିଅ ଦେଇଥାନ୍ତି ଓ କିପରି ଭଜି ବା ପୋଡ଼ି ଖାଇବ, ତା' ବତାଇ ଦେଇଥାନ୍ତି । ମତେ ବାଇଗଣ ଚୋରି ବାଧୁନି ଯେ, ଏଥିପାଇଁ ଦୁଃଖ ଲାଗୁଚି ।"

## ଭାର୍ଗବୀ ହାଇସ୍କୁଲର ପୁରାତନ ଛାତ୍ରସଂଘ

ପଣ୍ଡିତ ନୀଳକଂଠଙ୍କର କେନ୍ଦ୍ର ବ୍ୟବସ୍ଥାସଭାର କାର୍ଯ୍ୟକାଳ ପୂରିଗଲା ୧୯୪୫ ମସିହାରେ । ୧୯୪୬ ନିର୍ବାଚନରେ ପଣ୍ଡିତଜୀ ପ୍ରାର୍ଥୀ ହେବା ଲାଗି ଉତ୍କଳ ପ୍ରଦେଶ କଂଗ୍ରେସକୁ ଦରଖାସ୍ତ କଲେ । ଏହି ଦରଖାସ୍ତ ସହିତ ଟ ୧୦୦ଙ୍କା ଫିସ୍ ଦେବା ସଙ୍ଗେ ଗୋଟିଏ ସତ୍ୟପାଠ ଦେବାକୁ ହୋଇଥାଏ ଯେ ତାଙ୍କ ପ୍ରାର୍ଥୀତ୍ୱ କଂଗ୍ରେସ ଦ୍ୱାରା ଗୃହୀତ ନ ହେଲେ ସେ ଅନୁଷ୍ଠାନ ବିରୁଦ୍ଧରେ ଲଢ଼ିବେ ନାହିଁ । କଂଗ୍ରେସ ପଣ୍ଡିତ ନୀଳକଂଠଙ୍କୁ ଟିକଟ ଦେଲା ନାହିଁ । ବହୁ ସମର୍ଥକଙ୍କ ଅନୁରୋଧ ସତ୍ତ୍ୱେ ସେ ତାଙ୍କର ପ୍ରତିଶ୍ରୁତି ରକ୍ଷାକରି ଉକ୍ତ ନିର୍ବାଚନରେ ଠିଆ ହେଲେ ନାହିଁ । ପୁରାପୁରି ସାହିତ୍ୟ ସାଧନାରେ ରହିଲେ ।

୧୯୪୮ ଜୁନ ୬ ତାରିଖରେ ପୁରୀ ଜିଲ୍ଲା ଭାର୍ଗବୀ ହାଇସ୍କୁଲର ପୁରାତନ ଛାତ୍ରସଂଘର ଗୋଟିଏ ଅଧିବେଶନରେ ସଭାପତିତ୍ୱ କରିବା ଲାଗି ପଣ୍ଡିତଜୀଙ୍କୁ ଡକାଗଲା । ସେ ନିଜର ଘନିଷ୍ଠ ସହକର୍ମୀ ପଣ୍ଡିତ ଗୋଦାବରୀଶଙ୍କୁ ଧରି 'ସମାଜ' ସଂପାଦକ ରାଧାନାଥ ରଥଙ୍କ ସହିତ ଏଥିରେ ଯୋଗଦେଲେ । ଅନ୍ୟମାନଙ୍କ ମଧ୍ୟରେ ମୁଁ ଓ 'ନବଭାରତ' ପ୍ରେସ ମାନେଜର ଶ୍ରୀ ବନମାଳୀ ମିଶ୍ର ଏଥିରେ ଯୋଗ

Digitized by PPRACHIN, SOA

ଦେଇଥିଲୁ । ଏଠି ସୂଚାଇ ଦେବା ଦରକାର ଯେ ତା' ପୂର୍ବରୁ ଓଡ଼ିଶାର ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗି ଯାଇଥାଏ ଓ ନୀଳକଣ୍ଠଙ୍କ ସହିତ ଗୋଦାବରୀଶଙ୍କର କେତେକ ମନୋମାଳିନ୍ୟ ଘଟିଥାଏ । ନୀଳକଣ୍ଠ କହିଥାନ୍ତି, "ମନ୍ତ୍ରୀମଣ୍ଡଳ ପ୍ରତିକ୍ରିୟାଶୀଳ ହେବାରୁ ଏହାକୁ ଭାଙ୍ଗି ଦିଆଗଲା ।" ରାଧାନାଥ ବାବୁ ବା 'ସମାଜ' ସେତେବେଳେ ନୀଳକଣ୍ଠ ବା ଗୋଦାବରୀଶଙ୍କୁ ସେପରି ସମର୍ଥନ କରୁ ନଥାନ୍ତି । ଆମ୍ଭେମାନେ ସତ୍ୟବାଦୀର ଏ ପ୍ରବୀଣ ବ୍ୟକ୍ତିମାନଙ୍କୁ ଏକାଠି ଦେଖି ବଡ଼ ଖୁସି ହେଲୁ । ସଭା ଭାଙ୍ଗିଲା । ସଭାପତି ଅଭିଭାଷଣରେ ପଣ୍ଡିତ ନୀଳକଣ୍ଠ ଓଡ଼ିଶାର ସଭ୍ୟତା, ସଂସ୍କୃତି ଏବଂ ଏବର ଅବସ୍ଥାରେ ଶିକ୍ଷିତ ଓଡ଼ିଆ ଯୁବକ ସଂପ୍ରଦାୟର ଦେଶ ପ୍ରତି କର୍ତ୍ତବ୍ୟ ଇତ୍ୟାଦି ବିଷୟରେ ଯେଉଁ ଉଦ୍‌ବୋଧନ ଦେଇଥିଲେ, ତାହା ଏବେ ମନେ ପଡ଼ିଲେ ସେ ଯେ କେଡ଼େ ବିଜ୍ଞ ପଣ୍ଡିତ ଥିଲେ, ତାହା ଭାବି ବିସ୍ମିତ ହେବାକୁ ପଡ଼େ । କି ଉଦ୍ଦୀପନାମୟୀ ସେ ଭାଷଣ ଓ କି ସେ ଅନର୍ଗଳ ସେ ବକ୍ତୃତା ! ତାର ତୁଳନା ଓଡ଼ିଶାରେ କାହିଁ ?

ପଣ୍ଡିତ ନୀଳକଣ୍ଠ ଆଜି ନାହାନ୍ତି— ମାତ୍ର ତାଙ୍କର ସ୍ମୃତି ଆମପାଇଁ ଅଭୁଲା ହୋଇ ରହିଛି ଓ ଆମ ଜୀବନ ସାରା ରହିବ

●

ଅସତ୍ୟ ଏ ନରଦେହ, ସତ୍ୟରୂପୀ ତୁମ୍ଭେ,
ନିଅ ମୋତେ ସେ ସତ୍ୟ ବିଭବେ,
ଅଂଧକାରେ ମୃତ୍ୟୁ ରାଜ୍ୟେ ପଡ଼ିଅଛି ମୁହିଁ,
ଅମୃତ ସେ ଜ୍ୟୋତିରାଜ୍ୟ ତବ ବିନା
କେବେ କି ସଂଭବେ ?
ଦିଅ ମୋତେ ଦେଖାଦିଅ ପ୍ରାଣର ଦେବତା,
ଭୀମରୂପୀ କୃପା ବହି ପ୍ରସାଦ ମୁଖରେ ତବ
ତାର ଏ ଅଧମେ ।

(ନୀଳକଣ୍ଠ— ଭକ୍ତିଗାଥା)

Digitized by PPRACHIN, SOA

# କେତୋଟି ସ୍ମରଣୀୟ ଘଟଣା

ଶ୍ରୀ ଗଣେଶ୍ୱର ମିଶ୍ର

ମୁଁ ପଣ୍ଡିତ ମହାଶୟଙ୍କ ପାଖରେ ପ୍ରଥମରୁ ୧୫ ଦିନ ରହିଥିଲି, ତାଙ୍କ ପୂଜାରୀ ଛୁଟିରେ ଯାଇଥିବା ହେତୁ । ଏହାର ୩।୪ ମାସ ପରେ ୧୯୫୬ ମସିହା ଆରମ୍ଭରୁ ଆସି ସ୍ଥାୟୀ ଭାବେ ରହିଲି । ସେତେବେଳେ ସେ ଥିଲେ ଏମ୍. ଏଲ୍. ଏ. ଏବଂ ଭୁବନେଶ୍ୱରରେ ତାଙ୍କ ମଝିଆଁ ଜ୍ୱାଇଁ ଇଂ. ମଧୁସୂଦନ ଦାଶଙ୍କ ଘରେ ରହୁଥିଲେ । ପଣ୍ଡିତଜୀଙ୍କ ସେବକ ଭାବେ ଗୋଟିଏ ଯୁଗ ବା ୧୨ ବର୍ଷ କାଳ ମୁଁ ତାଙ୍କ ପାଖେ ରହି ତାଙ୍କର ସେବା କରିଥିଲି । ମୁଁ ତାଙ୍କୁ ମଣିଷ ବୋଲି ଭାବେ ନାହିଁ । ପ୍ରକୃତ ଶିବତୁଲ୍ୟ ବୋଲି ମୋ ହୃଦୟ ଭିତରେ ଜାଣେ– କାରଣ, ତାଙ୍କର ଗୃହାଣୀ, କହିବା ଭଂଗୀ ଓ ଚଳଣୀ ମତେ ଆଶ୍ଚର୍ଯ୍ୟ କରି ଦିଏ ।

କେତେଦିନ ପରେ ପଣ୍ଡିତଜୀ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସ୍‌ଚାନ୍ସେଲର ହେଲେ । ତାଙ୍କୁ ଗୋଟିଏ ଅର୍ଦ୍ଦଳି ମିଳିଲା । ସେ ମତେ ସେଥିରେ ରଖାଇ ଦେଲେ । ମୁଁ ଦରମା ପାଏ ୨୬ ଟଙ୍କା, ସେ ଦେଉଥିଲେ ୩୦ ଟଙ୍କା । ତାଙ୍କର ବହୁମୂତ୍ର ଥିବାରୁ ଏତେବେଳକୁ ତାଙ୍କ ବାଁ ଅଙ୍ଗରେ ପକ୍ଷାଘାତ ହୋଇଥିଲା । ମୋର ଦୈନନ୍ଦିନ କାମ ହେଲା, ପଣ୍ଡିତଜୀଙ୍କୁ ତେଲ ମାଲିସ କରିବା, ଗାଧୋଇ ଦେବା, ଔଷଧ ଓ ଇଂଜେକ୍‌ସନ ଦେବା ଏବଂ ରୋଷେଇ ପ୍ରଭୃତି କରିବା । ତା' ଭିତରେ ରାତି ହେଉ, ଦିନ ହେଉ, ତାଙ୍କୁ ବହିପତ୍ର ଦିଆ ନିଆ କରିବା ଗୋଟିଏ ବଡ଼ କାମ । ପୁଣି ସେ ଯେଉଁଆଡ଼େ ଯିବେ ତାଙ୍କ ସଙ୍ଗେ ସେ ସବୁ ଜାଗାକୁ ଯିବା ।

ପଣ୍ଡିତଜୀଙ୍କ ଖାଇବା ହେଲା ସକାଳେ ୨ଟି ଅଣ୍ଡା, କଫି କପେ । ଦି'ପହରେ ଅଧସେର ମାଛ କିମ୍ବା ଗୋଟିଏ କୁକୁଡ଼ା, ବଡ଼ ଗ୍ଲାସରେ ୨ ଗ୍ଲାସ ଭାତ, ଘିଅ ପ୍ରାୟ ଭାତର ଚାରିଭାଗରୁ ଭାଗେ, ଡାଲି ତରକାରୀ ପ୍ରଭୃତି । ୫ଟା ବେଳେ ଗିଲାସେ ଫଳ ରସ । ୭ଟା ବେଳେ ପାଏ ଛେନା । ରାତିକି ଅଳ୍ପ ମାଛ ଓ ମାଂସ ଖଣ୍ଡ ପୁରୀ । ତା' ସାଥିକୁ ସକାଳ ପରି ତରକାରୀ ଇତ୍ୟାଦି । ରାତି ଶୋଇବା ବେଳକୁ ଗିଲାସେ ଦୁଧ । ତାଙ୍କର ଖାଇବା ଓ ଖୁଆଇବା ଦେଖିବା କଥା । ଖାଇବା ବେଳକୁ କିଏ

Digitized by PPRACHIN, SOA

ଆସିଗଲେ ତାଙ୍କୁ ଖାଇବାକୁ ଦେବା ତାଙ୍କ ଇଚ୍ଛା, ସେ କହନ୍ତି, "ବେଡେ ବାଇଗଣରେ ଗଉଣୀଏ ଷୋରିଷ ଗଛି ପଡ଼ିବନି ?" ନାହିଁ ବା କିଏ କରିବ ?

ମଧୁବାବୁ ଟୁରରେ ଗଲେ ଯେତେ ଟଙ୍କା ପଡୁପଛେ ଶଶୁରଙ୍କ ଲଗି ମାଛ ନିଶ୍ଚୟ ଆସିଥିବ । ମାଛଟି ପଂଡ଼ିତଜୀଙ୍କ ପାଖେ ନେଇ ଥୋଇ ଦେଲେ ତାଙ୍କ ମୁହଁରେ ଉଲ୍ଲାସ ଫୁଟି ଉଠେ । କେତେବେଳେ କେଉଁ ଅଂଚଳର ଓ କେଉଁ ମାଛ କେଡ଼େ ସ୍ୱାଦ, ସବୁ ତାଂକୁ ଜଣା ! ସେ ଉବରେ ଓ ମାଛର ଆକାର ଭେଦରେ ପଂଡ଼ିତଜୀଂକ ମୁହଁର ହସଟା ଆମ ସମସ୍ତଂକର ଉପଭୋଗର କଥା ହୋଇପଡ଼େ । ସାଙ୍ଗେ ସାଙ୍ଗେ ପଚାରିବେ, "କେତେ ପଡ଼ିଲା ?" ଟିକିଏ ବେଶି ଦାମ୍ ଶୁଣିଲେ କହିବେ, "ଅଃ, କଉଡ଼ିଆ ତ ହୋଇଗଲା ! ଆଉ କଣ ସ୍ୱାଦ ଲାଗିବ ?" ତଳେ ଆସନ ପକାଇ ସମସ୍ତେ ଏକା ସାଂଗେ ଖାଇବା ପଂଡ଼ିତଜୀଙ୍କର ଭରି ସଉକ । ଖାଇବା ସମୟରେ କଥା ଭଷାଟା ତାଙ୍କୁ ଭରି ସୁଖ ଲଗେ । ପୁରୀ ହେଉ, ଭୁବନେଶ୍ୱର ହେଉ, ଗାଁରେ ହେଉ, ସେ ଯେଉଁଠି ରହନ୍ତି, ଯେତେଦିନ ବି ରହନ୍ତି ସମସ୍ତେ ଭରି ଖୁସି ହୁଅନ୍ତି । ସମୟ ଯେ କେତେବେଳେ କଟେ, କେହି ଜାଣିପାରୁ ନାହିଁ ।

## ଷଡେଇକଳା ଖରସୁଆଁ ଆନ୍ଦୋଳନ

୧୯୫୬ ମସିହା । ଷଡେଇକଳା ଖରସୁଆଁ ଓଡ଼ିଶାକୁ ଆସିବାପାଇଁ ବଡ଼ ଆନ୍ଦୋଳନ ଓ ଗଣ୍ଡଗୋଳ ହେଲା । ଉତ୍ତେଜନା ଭୀଷଣ ଆକାର ଧରିଲା । ଗାଡ଼ି, ମଟର ପୋଡ଼ାଜଳା, ସରକାରୀ ଘର ଭଙ୍ଗା ରୁଜା ଚାଲିଲା । ସେ ଭିତରେ ସମସ୍ତ ଅଫିସ କାର୍ଯ୍ୟ ମଧ୍ୟ ଅଚଳ ହୋଇଗଲା । ଦିନେ ଭୁବନେଶ୍ୱରରୁ ଗାଁକୁ ଯିବାପାଇଁ ବାହାରିଲୁ । ବାଟରେ ପଣ୍ଡିତେ ଶୁଣିଲେ ପୁରୀରେ ଭରି ଗଣ୍ଡଗୋଳ । ଟ୍ରେନ ଓ ବସ୍ ଚଳାଚଳ ବନ୍ଦ । ବେଙ୍ଗ ପାଣିଆକୁ ଗୁଳି ହୋଇଛି । ସେଠୁ ଗାଁକୁ ନ ଯାଇ 'ପୁରୀଚାଲ' ବୋଲି ନିର୍ଦ୍ଦେଶ ହେଲା- ବାଟରେ କେଉଁଠି ହେଲେ ଗାଡ଼ି ତ ଗାଡ଼ି, ସାଇକେଲ କି ମଣିଷଟିଏ ବି ନାହିଁ । ରାସ୍ତା ଶୂନ୍ୟ । ମତେ ଓ ଡ୍ରାଇଭରକୁ ଭରି ଡ଼ର ମାଡ଼ୁଥାଏ । ଯାହାହେଉ, ପୁରୀରେ ପହଞ୍ଚିଲୁ । ବଡ଼ ଦାଣ୍ଡରେ ଠାଆକୁ ଠାଆ ନିଆଁ ଜଳୁଥାଏ । ପୁଲିସଟିଏ ଦେଖିବାକୁ ସ୍ୱପ୍ନ । ପୁଲିସଙ୍କ ଟୋପି ଠାଏ ଠାଏ ଜଳୁଥାଏ । ପୁରୀ ସହର ଅବସ୍ଥା ଦେଖି ପଣ୍ଡିତଜୀ ବଡ଼ ମର୍ମାହତ ହୋଇ ପଡ଼ିଲେ । ତାଙ୍କ ସାନ ଜ୍ୱାଇଁ ଦ୍ୱାରୀ ବାବୁଙ୍କ ପାଖକୁ ଗଲୁ- ସେ ଆସି ଦାଣ୍ଡ ଦୁଆର ଫିଟାଇଲେ । ପଣ୍ଡିତଜୀ ସେଇ ଦାଣ୍ଡ ଦୁଆରେ ଠିଆ ହୋଇ ପୁରୀ ଘଟଣା କିଛି କିଛି ଶୁଣିଲେ । ପଚାରିଲେ, "କଲେକ୍ଟର ପାତ୍ରଙ୍କ ଅବସ୍ଥା କ'ଣ ?" ଦ୍ୱାରୀ ବାବୁ କିଛି କହି ପାରିଲେନି ।

Digitized by PPRACHIN, SOA

ଆସିଲୁ କଲେକ୍ଟରଙ୍କ ବଙ୍ଗଳାକୁ । ସେଠି ଦେଖିଲୁ, ବଙ୍ଗଳାରେ ନିଆଁ ଜଳୁଛି । ଦୁଇଟି କାର ପୋଡ଼ି ଯାଇଛି । ଘର ମେଲ ଓ କବାଟ ଝରକା ସବୁରେ ନିଆଁ ଲାଗିଛି । ଲୋକେ ହୋ ହା ପାଟି କରୁଛନ୍ତି । ପଚାରିବାରୁ ଜଣେ କିଏ କହିଲା– କଲେକ୍ଟର ସର୍କିଟ ହାଉସରେ ଅଛନ୍ତି । ସର୍କିଟ ହାଉସ ଚାଲୁ । କଲେକ୍ଟର ଉପରୁ ଆସି ଦେଖା କଲେ । ପୁରୀ ଗଣ୍ଡଗୋଳ କଥା ସବୁ କହିଲେ ଓ ପିଲାଙ୍କୁ ଧରି ଚାଲି ଆସି ଥିବା ମଧ୍ୟ କହିଲେ । ପଣ୍ଡିତଜୀ କହିଲେ, 'ତୁମର ପୁରୀ ସହର ଅବସ୍ଥା ଏପରି, ତୁମେ ଆଗରୁ ସାବଧାନ ନ ହେଲ କିଆଁ ? ଏତେ ବଡ଼ ଗଣ୍ଡଗୋଳ ହୋଇଗଲା, ପୁରୀ ସହର ନାର ଖାର କରିଦେଲ ?" ହଉ, ଏଇଲେ ଖବର କ'ଣ ? " କଲେକ୍ଟର କହିଲେ, "ବର୍ତ୍ତମାନ ଗୋଟାଏ ରିଜର୍ଭ ପୁଲିସ ଟ୍ରେନ ଆସି ସାକ୍ଷୀଗୋପାଳ ଠାରେ ଅଟକିଛି । ଲୋକେ ରେଳ ଧାରଣା ଉଠାଉ ଦେଉଛନ୍ତି । ଲାଇନ ଠିକ୍ ହୋଇଗଲେ ସେମାନେ ଆସିଲେ ଯାହା ହେବ ।" ପଣ୍ଡିତଜୀ କହିଲେ, 'ତେବେ ତ ପୁରୀ ଅବସ୍ଥା ଆଉରି ଅସମ୍ଭାଳ ହୋଇ ଯିବ ! ଏଇଠି ଯାଙ୍କୁ ବନ୍ଦ କରିବାକୁ ହେବ । ଲୋକଙ୍କୁ ବୁଝାଇ ଥଣ୍ଡା କରିବାକୁ ପଡ଼ିବ !" ସେଠୁ ବାହାରିଲେ ସାକ୍ଷୀଗୋପାଳ ।

ସାକ୍ଷୀଗୋପାଳ ଲେବୁଲ କ୍ରସିଂ ଗେଟ ପାଖେ ପହଞ୍ଚି ଦେଖୁ ତ ଗେଟ ଡାହାଣ ପଟେ ଗୋଟେ ରେଳଗାଡ଼ି ଓ ବାଁମ ପାଖେ ଲୋକାରଣ୍ୟ । ସେ ପାଖର ରେଳ ଧାରଣା ଉଠାଇଦେଇ ଲୋକେ ରେଳ ରାସ୍ତା ଉପରେ ବସିଛନ୍ତି । ପଣ୍ଡିତଜୀଙ୍କ ଆସିବା ଦେଖି ଆମ ଗାଡ଼ି ପାଖକୁ ସମସ୍ତେ ମାଡ଼ି ଆସିଲେ । କେତେ ଜଣ ସରକାରଙ୍କ ବିରୁଦ୍ଧରେ କହିଗଲେ । ପଣ୍ଡିତ ମହାଶୟ ଲୋକଙ୍କ କଥା ନ ଶୁଣି ଆଗ ଗଲେ ସୈନ୍ୟ ଆସିଥିବା ଟ୍ରେନ ପାଖକୁ । 'ହଲୋ ଗାର୍ଡ, ହଲୋ ଗାର୍ଡ" କହି ଚାଲିଥାନ୍ତି । ମୁଁ ତାଙ୍କ ବାଁ ବାହାଟି ଧରି ଚାଲିଥାଏ । କେତେ ସମୟ ପରେ ଗାର୍ଡ ବାହାରିଲେ । ତାଙ୍କୁ କମାଣ୍ଡର କିଏ ବୋଲି ପଚାରି ବଗି ଦୁଆର ମୁହଁକୁ ଗଲେ । କମାଂଡ଼ର ବାହାରି ଆସିଲେ । ପଂଡ଼ିତଜୀ ପଚାରିବାରୁ ସେ କହିଲେ, "ସାର, ପୁରୀ ଅବସ୍ଥା ସମ୍ଭାଳିବାକୁ ଆମେ ଯାଉଛୁ ।" କମାଂଡ଼ରଙ୍କୁ ତାଙ୍କ ନାଁ ଠିକଣା ଆଦି ପଚାରିଲେ ଓ ନିଜର ପରିଚୟ ଦେଲେ । 'ମୁଁ ଏଠାର ଏମ୍. ଏଲ୍. ଏ. ପଂଡ଼ିତ ନୀଳକଂଠ ଦାସ ।" କମାଂଡ଼ର ବିହାରର ଏବଂ ତାଙ୍କ ବାପାଙ୍କ ନାଁ କହିବାରୁ ପଂଡ଼ିତ ମହାଶୟ କହିଲେ, "ହଉଓ, ତୁମେ ମୋର ଜଣେ ବନ୍ଧୁଙ୍କ ପୁଅ ହୋଇ ମୋରି ଏରିଆରେ ଆଉରି ଗଣ୍ଡଗୋଳ କରିବାକୁ ଚାହୁଁଛ ? ତୁମ ବାପା ଓ ମୁଁ ହଜାରିବାଗ ଜେଲରେ ଏକାଠି ଥିଲୁ ।" କମାଂଡ଼ର ସାଙ୍ଗେ ସାଙ୍ଗେ ମୁଣ୍ଡରୁ ଟୋପି

Digitized by PPRACHIN, SOA

ଏବଂ ପିସ୍ତଲଟି ତଳେ ଥୋଇ ପଣ୍ଡିତଜୀଙ୍କୁ ପ୍ରଣିପାତ ହୋଇ କହିଲେ, "ଆପଣ ଯାହା କହିବେ, ମୁଁ ତାହାହିଁ କରିବି।" ପଣ୍ଡିତ ମହାଶୟ କହିଲେ, "ଏ ସୈନ୍ୟ ପୁରୀ ଯାଇପାରିବେନି। ତୁମେ ଯାଙ୍କୁ ନେଇ ଏଇଠୁ ଫେରିଯାଅ। ମୁଁ ଏଇଲେ କଲେକ୍ଟରଙ୍କ ସଙ୍ଗେ କଥା ହୋଇ ପୁରୀରୁ ଆସୁଚି। ଅବସ୍ଥା ଆଉ ସେପରି ନାଇ। ଥଣ୍ଡା ପଡ଼ି ଗଲଣି। ନାହିଁ ଯଦି ମୋ କଥା ଅମାନ୍ୟ କରିବ, ତେବେ ଦେଖ, ଲୋକେ ରେଳଗସ୍ତା ଉପରେ ଯେପରି ବସିଛନ୍ତି, ମୁଁ ଯାଇ ତାଙ୍କ ସଙ୍ଗେ ସେପରି ବସିବି।" ପଣ୍ଡିତଜୀ ଏକା ଜିଦ୍ ଧରିଛନ୍ତି। କହିଲେ, "ଏମାନେ ତ ସୈନ୍ୟ ! ପୁରୀରେ କ'ଣ ନାଇ କଣ କରିଦେବେ।" ସେଇଆ ହେଲା। ଗାଡ଼ି ପଛୁଆ ଫେରି ଖୋର୍ଦ୍ଧାରୋଡ଼ ଆଡ଼େ ଗଲା।

## ମହତାବଙ୍କ ମୁଖ୍ୟମନ୍ତ୍ରୀ ହେବା :

ଏହା ପରେ ନବକୃଷ୍ଣ ଚୌଧୁରୀ ଆଉ ମୁଖ୍ୟମନ୍ତ୍ରୀ ରହିବେନି ବୋଲି କହିଲେ। ମହତାବ ଥାନ୍ତି ବମ୍ବେ ଗଭର୍ଣ୍ଣର। ଅବସ୍ଥା ବୁଝିବା ପାଇଁ ଜହରଲାଲ ନେହେରୁ ମାଧବନ୍ ନାୟାରଙ୍କୁ ଏଠାକୁ ପଠାଇଥିଲେ। ନାୟାର ପଣ୍ଡିତଜୀଙ୍କ ପାଖକୁ ଆସି ପରାମର୍ଶ ମାଗିଲେ। ଇଏ କହିଲେ, 'ମହତାବଙ୍କୁ ଡାକ। ସେ ନ ଆସିଲେ ଓଡ଼ିଶା ଅବସ୍ଥା ଆଉ କେହି ସମ୍ଭାଳି ପାରିବେନି।" ମହତାବ ଆସିଲେ। ମନେଅଛି, କଟକ ମ୍ୟୁନିସିପାଲଟି ପଡ଼ିଆରେ ସଭା ହେଲା। ପଣ୍ଡିତ ମହାଶୟ ସେ ସଭାରେ ସଭାପତି ହୋଇଥିଲେ। ଦେଶର ଅବସ୍ଥା ଓ ମହତାବଙ୍କ ପାରିଲାପଣିଆ କଥା ବୁଝାଇଲେ। କେତେଦିନ ପରେ ଇଲେକ୍ସନ ହେଲା, ୧୯୫୭ ମସିହାରେ। ପଣ୍ଡିତଜୀ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ। ମହତାବ ମୁଖ୍ୟମନ୍ତ୍ରୀ ହେଲେ। ପଣ୍ଡିତଜୀ ବାଚସ୍ପତି ହେଲେ। ବାଚସ୍ପତି ହେବାରେ ମୁଁ ଇଉନିଭରସିଟି ଛାଡ଼ି ବିଧାନସଭାରେ ଯୋଗ ଦେଲି। ଆସେମ୍ବ୍ଲି ଛୁଟି ହେଲେ ଆମେ ଓ ବେଳେ ବେଳେ ଅନ୍ୟ ଷ୍ଟାଫ୍‌ମାନେ ମଧ୍ୟ ଥରକୁ ଥର ସମସ୍ତେ ତାଙ୍କ ସଙ୍ଗେ ଗାଁକୁ ଯାଉ। ତାଙ୍କ ପାଖେ ଯେ ରହେ ସେ ସେପରିବାରର ଜଣେ ହୋଇଯାଏ। ପଣ୍ଡିତଜୀ ଓ ମା' ସେମାନଙ୍କୁ ଭରି ଆଦର କରନ୍ତି। ଏଇଟା ଏବେ ବି ଲୋକେ ଭୁଲି ପାରି ନାହାନ୍ତି।

## ବିଧାନସଭା ସ୍ୱତନ୍ତ୍ର ହେବା ବିଷୟ :

ପଣ୍ଡିତ ମହାଶୟ ବାଚସ୍ପତି ହେବା ପରେ ଦେଖିଲେ, ହୋମ୍ ଡିପାର୍ଟମେଣ୍ଟ ଅଧୀନରେ ବିଧାନସଭା ଥିବାରୁ ବାଚସ୍ପତି ଯାହା କରିବାକୁ ଚାହୁଁଛନ୍ତି, ହୋମ୍‌ର ଅର୍ଡର ନ ହେବାଯାଏ କିଛି ହୋଇ ପାରୁନି। ଆସେମ୍ବ୍ଲିରେ ଯାହା ପାଶ୍ ହୋଇଛି, ସେ ସବୁ ଦୁଇ ବର୍ଷ ଯାଏ ଛପା ହୋଇପାରି ନଥିବା କଥା ଫାଇଲ୍ ଦେଖିଲେ। ଘରେଇ

Digitized by PPRACHIN, SOA

ବିଭଗରୁ ଆସେମ୍ବ୍ଲିକୁ ଅଲଗା କରିବାପାଇଁ ଲଗିଲେ । ଦିନ ରାତି ପଂଡ଼ିତଜୀଙ୍କ ମୁଂଡ଼ରେ ସେଇ ଚିନ୍ତା । ହୋମ ଗ୍ଭର୍ନ୍‌ମେଂଟ କ୍ଷମତା ଛାଡ଼ିବ । ବାଚସ୍ପତି ଗ୍ରହାନ୍ତି, କ୍ଷମତା ଆଣିବେ । ଏକା ଯିଦ୍ । ଲାଇବ୍ରେରୀରୁ ଗଦା ଗଦା ଆଇନ ବହି ସବୁ ମଗା ହୋଇ ଆସିଲା । ଭାରତରେ ଯେତେ ବିଧାନସଭା ଅଛି ସବୁଠାକୁ ଲେଖାଗଲା । ଦିନ ରାତି ସେ ବହି ସବୁ ପଢୁଥାନ୍ତି । ମୋ କାମ ବହି ଦେ, ବହି ରଖ୍ ।

ଦିନେ ବିଜୁ ପଟ୍ଟନାୟକ ଓ ଆଡ଼ଭୋକେଟ ଦୀନବନ୍ଧୁ ସାହୁ ଅସମୟରେ ଆସି ପହଞ୍ଚିଲେ, ବାଚସ୍ପତିଙ୍କୁ ଦେଖା ହେବାକୁ । ମୁଁ ଆସି ଖବର ଦେଲି ଓ ପରେ କବାଟ ଖୋଲିଦେଲି । ସେମାନେ ଆସିଲେ । ପଂଡ଼ିତଜୀ ଉଠି ପଗ୍ଭରିଲେ—"ଅତି ଅସମୟରେ କ'ଣ ଗ୍ଭଲି ଆସିଲ । ବିଜୁବାବୁ ଆରମ୍ଭ କଲେ, "ଇମିତି ଟିକିଏ ଆସିଲୁଭରି । ଆପଣ ଆସେମ୍ବ୍ଲିକି ସ୍ୱାଧୀନ କରିବାକୁ ଚାହୁଁଛନ୍ତି, ସେ ନେଇ ଆପଣ ଭାରି ବ୍ୟସ୍ତ ହେଲେଣି । ଏ ସମୟରେ ଆପଣ ଆଉ ସେଥିରେ ମୁଣ୍ଡ ଖେଳାନ୍ତୁ ନାହିଁ । ଆପଣଙ୍କର ଷ୍ଟାଫ ଓ ଅନ୍ୟ ଯାହା ଦରକାର କହନ୍ତୁ, ଆମେ ସେ ସବୁର ବ୍ୟବସ୍ଥା କରିଦେବୁ । ଆସେମ୍ବ୍ଲି ପୁରା ସ୍ୱାଧୀନ ହୋଇ ପାରିବନି ।" ଦୀନବନ୍ଧୁ ସାହୁ ଆଣିଥିବା ବହିରୁ କିଛି ପଢ଼ି ଶୁଣାଇଲେ । ତା'ପରେ ବିଜୁ ବାବୁ କହିଲେ, "ଏ ବୟସରେ ଆପଣ ଆଉ ଏପରି ଚିନ୍ତା କରନ୍ତୁ ନାହିଁ । ଏ କଥା ଟୋକାଙ୍କୁ ପାଏ । ଆପଣ ବୁଢା ହେଲେଣି" ଇତ୍ୟାଦି—

ତାଙ୍କ କଥା ଶୁଣି ପଂଡ଼ିତ ମହାଶୟ ମତେ କହିଲେ, "ଆଲମାରୀ ଖୋଲ; କାଢ଼, ୩,୪,୫,୭, ନମ୍ବର ବହି ।" ମୁଁ ସବୁ ନେଇ ଟେବୁଲ ଉପରେ ରଖିଲି । "ପୃଷ୍ଠା ମେଲ, ୩୮୦ ।" ଗୋଟି ଗୋଟି କରି ପୃଷ୍ଠା ସହିତେ ନମ୍ବର ଡ଼ାକୁଥାନ୍ତି । ମୁଁ ତାଙ୍କ ମୁହଁକୁ ଗ୍ଭହିଁ ବହି ପୃଷ୍ଠା ଖୋଲୁଥାଏ । ପ୍ରତ୍ୟେକ ବହିରେ ଏବଂ ହେଡ଼ିଙ୍ଗ୍‌ରେ ନାଲି ପେନ୍‌ସିଲରେ ଗାର ପଡ଼ିଥାଏ । ସେ ସବୁ ଦୀନବନ୍ଧୁ ସାହୁଙ୍କୁ ଦେଇ କହିଲେ, "ପଢ, ତମେ ତ ବହି ଆଣିଛ, ଏସବୁ ବି ସେଇ ଆଇନ ବହି । କେଉଁଟି ଠିକ୍ କେଉଁଟି ଅଠିକ୍, ଦେଖ" ଦୀନବନ୍ଧୁ ସାହୁ ଗୋଟିଏ ବହିରୁ କିଛି ଅଂଶ ପଢ଼ି କହିଲେ, "ମୁଁ କ'ଣ ଆପଣଙ୍କଠାରୁ ଅଧିକ ଜାଣେ ? ତା'ନୁହେଁ, କହିବା କଥା ବୋଲି ଆପଣଙ୍କୁ କହିଦେଲି ।" ସେଠୁ ପଂଡ଼ିତଜୀ କହିଲେ, "ତୁମକୁ ବୋଧେ ମହତାବ ପଠାଇଛନ୍ତି, ତା' ନ ହେଲେ ତୁମେ ସବୁ ଆସି ନ ଥାନ୍ତ । ଯାଅ, ମହତାବଙ୍କୁ ଏସବୁ ବହି କଥା କହିବ ।" ବିଜୁବାବୁ କ'ଣ ବୁଝିଲେ, ହଠାତ୍ ଉଠିପଡ଼ି କହିଲେ— 'ଆସେମ୍ବ୍ଲି ଇଂଡ଼ିପେଂଡ଼େଣ୍ଟ ହୋଇ ପାରିବନି ।" ୩ ଥର କହି, ୩ ଥର ଟେବୁଲ ବାଡ଼େଇ ଦେଲେ । ପଂଡ଼ିତଜୀ ମଧ୍ୟ "ଆସେମ୍ବ୍ଲି ଇନ୍‌ଡ଼ିପେଂଡ଼େଣ୍ଟ ହବ ହବ," ୩ ଥର ଟେବୁଲ ବାଡ଼େଇ କହିଲେ,

Digitized by PPRACHIN, SOA

"ଦେଖ, ମୋ ନାଁ ନୀଳକଂଠ ଦାସ, ମୁଁ ଯଦି ଏ କାମଟି କରି ନ ପାରିବି, ଓଡ଼ିଶାରେ ଆଉ ପୁଅ ନାହିଁ, ଏ କଥା କରିବା ପାଇଁ ।" ସେଠୁ ଦୁହିଁକି ବିଦାୟ ଦେଲେ ।

ଏତେବେଳକୁ ହୋମ୍ ମିନିଷ୍ଟର ଥାନ୍ତି ଲିଙ୍ଗରାଜ ପାଣିଗ୍ରାହୀ । ଆସେମ୍ବ୍ଲି ସ୍ୱାଧୀନ ହେବା ସ୍ଥିର ହୋଇଗଲା । ଅର୍ଡର ହୋଇ ନଥାଏ । ପଂଡ଼ିତଜୀ ପାଣିଗ୍ରାହୀଂକୁ ଫୋନ କଲେ, "ମୁଁ ଆଜି ବ୍ରହ୍ମପୁର ଯିବି ଗଲେ ସର୍କିଟ ହାଉସରେ ଦେଖା ହେବ ।" ବ୍ରହ୍ମପୁରରେ ପହଞ୍ଚିବା ପରେ ପାଣିଗ୍ରାହୀ ଆସିଲେ । ଦୁହିଁଙ୍କର ଅନେକ ଦିନ ଧରି କଥାବାର୍ତ୍ତା ନଥିଲା । ଅନ୍ୟକଥା ଶେଷରେ ଆସେମ୍ବ୍ଲି ସ୍ୱାଧୀନ ହେବା କଥା ଉଠାଇ ପଣ୍ଡିତଜୀ କହିଲେ "ଆମେ ତ ଯାକୁ ଆମ ନିଜ ପାଇଁ କରୁନାହୁଁ, ଭବିଷ୍ୟତକୁ ସବୁରି ପାଇଁ ଏ ହେଉଚି । ବାଚସ୍ପତିଙ୍କର ଗୋଟିଏ ମର୍ଯାଦା ଅଛି । ଜଣେ ମନ୍ତ୍ରୀଂକ ତଳେ ସେ ରହିବ ? ପୁଣି କାଗଜ ପତ୍ର ଛପାଯାଇ ପାରୁନି, କାମ ସବୁ ପଡ଼ି ରହୁଚି । ତୁମର ଏଥିରେ ଆପତ୍ତି କଣ ?" ପାଣିଗ୍ରାହୀ ବାବୁ କହିଲେ, "ନାହିଁ, ଆପତ୍ତି ଆଉ କଣ ?"

ଆସେମ୍ବ୍ଲି ଇନ୍‌ଡ଼ିପେଣ୍ଡେଣ୍ଟ ହେଲା । ପରେ ବିଜୁବାବୁଙ୍କ ମିନିଷ୍ଟ୍ରିରେ ସେଇ ଲିଙ୍ଗରାଜ ପାଣିଗ୍ରାହୀ ବାଚସ୍ପତି ହେଲେ ।

ସେଇ ପ୍ରଥା ଏବେ ବି ଚାଲିଛି ।

## ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଂକ ଆଗମନ :

ରାଷ୍ଟ୍ରପତି ରାଜେନ୍ଦ୍ରପ୍ରସାଦ ଭୁବନେଶ୍ୱର ଆସିଥାନ୍ତି । ତାଙ୍କୁ ଦେଖା ହେବା ପାଇଁ ପଣ୍ଡିତ ମହାଶୟ ଗଭର୍ଣ୍ଣର ହାଉସକୁ ଫୋନ କଲେ । ରାଷ୍ଟ୍ରପତି କହିଲେ, "ମତେ କଣ ଆପଣ ଦେଖା କରିବାକୁ ଆସିବେ ? ମୁଁ ଆପଣଙ୍କୁ ନିଜେ ଯାଇ ଦେଖା କରିବି ।" ପ୍ରୋଗ୍ରାମ ହେଲା । ଲୋକେ ଜାଣିପାରି ଆମ ବଙ୍ଗଳା ପାଖେ ଭରି ଭିଡ଼ କରିଥାନ୍ତି । ଗଭର୍ଣ୍ଣର ଓ ରାଷ୍ଟ୍ରପତି ଦୁହେଁ ଆସିଲେ । ରାଜେନ୍ଦ୍ର ବାବୁ ଆସୁ ଆସୁ ପ୍ରଥମେ ପଣ୍ଡିତଜୀଙ୍କ ଗୋଡ଼ରେ ମୁଣ୍ଡ ଲଗାଇ ସାରି ଗୋଡ଼ ମୋଡ଼ି ବସିଲେ । ପଣ୍ଡିତେ ହିନ୍ଦୀରେ କହୁଥାନ୍ତି, " ଏ କ'ଣ, ତୁ ପରା ଗୋଟେ ରାଷ୍ଟ୍ରପତି ।" ସେ ମାନିଲେନି । "ଏଇ ଗୋଡ଼ ହଜାରିବାଗ ଜେଲରେ କେତେ ଥର ମୋଡ଼ିଥିବି, ଓଡ଼ିଶା ଆସିଛି, ଏ ଗୋଡ଼ ସେବା ନ କରି ଯିବି ?" ତା'ପରେ ବହୁତ ସମୟ ଯାଏ ବସି କଥାବାର୍ତ୍ତା ହେଲେ । ମଝିରେ ଥରେ ଦିଥର ଗଭର୍ଣ୍ଣର ସୁଖଠଣଂକର ରାଷ୍ଟ୍ରପତିଙ୍କୁ ଘଣ୍ଟା ଦେଖାଇ 'ଯିବା, ଡେ଼ରି ହେଉଛି, ରାଷ୍ଟ୍ରପତି କହୁଥାନ୍ତି, "ହଁ ଯିବା ।" ପଣ୍ଡିତଜୀ ପଚାରିଲେ, "ଚା' ଖାଇବ ?" ରାଷ୍ଟ୍ରପତି, "ହଁ, ଖାଇବି" କହିଲେ । ମୁଁ ପଟ୍‌ରେ ଚା ବିସ୍କୁଟ ନେଇ ଥୋଇଲି । ସମସ୍ତେ ଚା

ଖାଇଲେ । ଗଭର୍ଣ୍ଣର ପୁଣି କହିଲେ, "ବହୁତ ଡ଼େରି ହୋଇଯାଉଛି । କଟକ ରାସ୍ତା ଭରି ଭିଡ଼ ହେବ ।" ରାଷ୍ଟ୍ରପତି କହିଲେ, 'ଆମେ ସେଇଆ କହି ଦେବା ।" ତା'ପରେ ଆଉ ପ୍ରାୟ ୫ମିନିଟ ରହି ସେମାନେ କଟକ ଗଲେ ।

## ଲୁଚିଯିବା ବାଟରେ ପୁଲିସ ଜଗୁଆଳ :

ଥରେ ପୁରୀ ଯାଉଚୁ । ବାଟସାରା ପୁଲିସ ଓ ଚଉକିଆ ଠିଆ ହୋଇଥାନ୍ତି । ଗୋଟିଏ ଯାଗାରେ ପୁଲିସ କହିଲା - "ଗାଡ଼ି ସାଇଡ୍ କରି ଦିଅନ୍ତୁ । ଗଭର୍ଣ୍ଣରଙ୍କ ଆସିବା ବେଳ ହୋଇଗଲାଣି ।" ଗାଡ଼ି ସାଇଡ୍ କରାହେଲା । ପଣ୍ଡିତ ମହାଶୟ ପୁଲିସକୁ ଡାକି ପଚାରିଲେ, "ତୁମେ ସବୁ କେତେବେଳୁ ଆସିଛ ?" "ଆଜ୍ଞା ୭ଟାରୁ ଆସିଲୁଣି । ଗଭର୍ଣ୍ଣରଙ୍କର ୧୦ଟା ସମୟରେ ଯିବାର ଥିଲା ।" ପଣ୍ଡିତଜୀ ଘଣ୍ଟା ଦେଖିଲେ ୧୧ଟା ହେଲଣି । କହିଲେ, "ଗଭର୍ଣ୍ଣର ବାଟରେ ସାଇଡ୍ ମାଗିଲେ ଆମେ ଦେଇଦେବୁ ।" ଆମେ ଚାଲିଲୁ । ପୁରୀରେ ଦ୍ୱାରୀବାବୁଙ୍କ ଘରେ ପହଞ୍ଚିଲୁ । ୫ଟା ବେଳକୁ ପଣ୍ଡିତଜୀ ଗଭର୍ଣ୍ଣରଙ୍କୁ ଫୋନ କଲେ ଓ ମତେ କହିଲେ, "ଗଭର୍ଣ୍ଣରଙ୍କ ସଙ୍ଗେ ଦେଖା ହୋଇଯିବା ।" ଗଭର୍ଣ୍ଣର ଥାନ୍ତି ଯଶୋବନ୍ତ ନାରାୟଣ ସୁଖ୍‌ଠଣଂକର । ଗଭର୍ଣ୍ଣଙ୍କ ସଙ୍ଗେ କଥାବାର୍ତ୍ତା ହୋଇ କହିଲେ, "ଆପଣଙ୍କ ଆସିବା ଆଗରୁ ମୁଁ ପୁରୀ ଆସୁଥିଲି, ଭୁବନେଶ୍ୱରଠାରୁ ପୁରୀ ପର୍ଯ୍ୟନ୍ତ ପୁଲିସ ଓ ଚଉକିଆ ସକାଳ ୭ଟାରୁ ଠିଆ ହୋଇଛନ୍ତି । ଏଇଟା ବ୍ରିଟିଶ୍ ଟାଇମରୁ ଚଳି ଆସୁଚି—ଏବେ ଆଉ ଦରକାର କ'ଣ ? ଏ ନିୟମ ଖାଲି ଟାଉନ ପାଇଁ ରହୁ । ଟାଉନରେ ବେଶି ଯାନବାହାନ । ମଫସଲ ପାଇଁ ଏହାର ଆବଶ୍ୟକତା ନାହିଁ । ସେଇଆ ହେଲା । ସୁଖ୍‌ଠଣଂକର ଗଭର୍ଣ୍ଣର ଥିଲା ପର୍ଯ୍ୟନ୍ତ ପୁଲିସ ଖାଲି ଟାଉନ୍‌ରେ ରାସ୍ତା ଡ଼ିଉଟି କରୁଥିଲେ ।

## ବାଚସ୍ପତି ବଙ୍ଗଳା ଛାଡ଼ିବା :

୧୯୬୧ ଫେବ୍ରୁୟାରୀ ଶେଷକୁ ମହତାବ ମିନିଷ୍ଟ୍ରି ଭାଙ୍ଗିଗଲା । ନିୟମ ଥାଏ, ମିନିଷ୍ଟ୍ରି ଭାଙ୍ଗିଲେ ବାଚସ୍ପତିଙ୍କ କାର୍ଯ୍ୟକାଳ ସରିଯିବ । ସରକାରୀ ବଙ୍ଗଳା ଛାଡ଼ିବାକୁ ହେବ । ଏ ଭିତରେ ପଣ୍ଡିତଜୀ ୫।୬ ଦିନପାଇଁ ଗାଁକୁ ଚାଲିଗଲେ । ସେ ମଧ୍ୟରେ ତାଂକ ମଝିଆ ଭାଇ ମଧୁବାବୁ ବିଲାତରୁ ଫେରି ଆସିଲେ । ପଣ୍ଡିତଜୀ ଗାଁରୁ ଫେରି କହିଲେ, "ମୁଁ ଏ ଘର କାଲିକି ଛାଡ଼ି ଦେବି ।" ତାଙ୍କ ଷ୍ଟାଫ ସବୁ ମନାକଲେ, 'ଆପଣ ତ ନୂଆ ମିନିଷ୍ଟ୍ରି ହୋଇ ବାଚସ୍ପତି ନିର୍ବାଚିତ ହେବା ଯାଏ ଏଇ ବାଚସ୍ପତି ରହିବେ ବୋଲି ଲଡୁଛନ୍ତି, ଆପଣ ଏଇଲେ କାହିଁକି ଘର ଛାଡ଼ିବେ ?" ସେ କିଛି ଶୁଣିଲେନି । ଚିଫ୍ ସେକ୍ରେଟେରୀଙ୍କୁ ଚିଠି ଦେଇ ଦେଲେ । ମଧୁବାବୁଙ୍କ ପିଲାମାନେ

Digitized by PPRACHIN, SOA

ବି ତାଙ୍କ ପାଖେ ରହୁଥିଲେ, ସେ ବି ସେ କଥା କହିଲେ । ପଣ୍ଡିତଜୀ କହିଲେ, "ନୀତି ଦୃଷ୍ଟିରୁ ସେଇଟା ମୁଁ ଲଜ୍ଜୁଚି । ମିନିଷ୍ଟି ଭାଙ୍ଗିଲେ ରାଷ୍ଟ୍ରପତି ଶାସନ ହେବ । ଆସେମ୍ବ୍ଲିକୁ ଭାଂଗି ଦିଆଯାଇ ପାରିବ, ମାତ୍ର ସବୁ ସଭ୍ୟଂକ କାର୍ଯ୍ୟକାଳ ପୂରିଗଲେ ମଧ୍ୟ ବାଚସ୍ପତିଂକ ପଦ ଶୂନ୍ୟ ହେବ ନାହିଁ । ବହୁ ଦେଶରେ ଓ ବିଲାତରେ ମଧ୍ୟ ଏଇ ପରଂପରା ଅଛି । ସେଇ ଅନୁସାରେ ଏ ଦେଶର ନିୟମ ଓ ପରଂପରା ବଦଳାଅ । ମୁଁ ଏଇଆ କହୁଚି । ମୁଁ ଯଦି ଏ ଘରେ ରହେ, ଲୋକେ କହିବେ, ମୁଁ ଏ ଘର ଓ ପଦର ଲୋଭ ସମ୍ଭାଳି ନପାରି ସେଥିପାଇଁ ଲଜ୍ଜୁଚି ।" ଚିଫ୍ ସେକ୍ରେଟେରୀ ମଧ୍ୟ ଚିଠି ପାଇ ବସାକୁ ଆସି ତାଙ୍କୁ ଏପରି ବହୁତ ବୁଝାଇଲେ– କିନ୍ତୁ ସେ ମାନିଲେ ନାହିଁ । ନିଜ ଜିନିଷ ସବୁ ଅନ୍ୟ ଆଡ଼େ ପଠାଇବା ବନ୍ଦୋବସ୍ତ କରିବାକୁ ପି. ଏ. ଙ୍କୁ କହି ଆମେ କଟକ ଗଲୁ ତାଂକ ବଡ଼ପୁଅ ଅଶୋକ ବାବୁଂକ ଘରକୁ ।

## ମୁଁ ଚାକିରୀ ଛାଡ଼ି ପଣ୍ଡିତଜୀଙ୍କ ପାଖେ ରହିବା

ଏହାର ଦୁଇ ତିନି ମାସ ପରେ ଆସେମ୍ବ୍ଲି ସେକ୍ରେଟେରୀ ମତେ ଡ଼କାଇ ପଠାଇଲେ । ପଚାରିଲେ, "କ'ଣ କରିବୁ ? ପଣ୍ଡିତଙ୍କ ପାଖେ ରହିଲେ ଚାକିରୀ ଛାଡ଼ିବାକୁ ହେବ ।" ମତେ ଆଉ ବୁଦ୍ଧି ଦିଶିଲାନି । ଛୁଟି ନେଇ ୧୫ ଦିନ ଘରକୁ ଗଲି । ଘରୁ ଫେରି ଅଫିସରେ ଜଏନ କଲି । ସେ ଦିନ ଅଫିସ ପରେ ପଣ୍ଡିତଜୀଙ୍କୁ ଭୁବନେଶ୍ୱରରେ ଥିବା ତାଙ୍କ ବଡ଼ଝିଅଙ୍କ ଘରକୁ ଯାଇ ଦେଖାକଲି । ଦେଖି ମତେ ବଡ଼ କଷ୍ଟ ଲାଗିଲା । ବସି ଗୋଡ଼ ଆଉଁସିଲି । ସେ ମୋ' ଘର ଓ ପିଲାଂକ କଥା ପଚାରିଲେ । ସବୁବେଳେ ଏପରି ପଚାରଂତି । ମା' ବି ଥିଲେ । ମୁଁ କହିଲି, "ମତେ ଶହେଟି ଟଂକା ଦିଅଂତୁ– ମୁଁ ଚାକିରି ଛାଡ଼ି ଦେଇ ବୁଢା ବାବୁଂକ ସେବାରେ ରହିବି ।" ସେଇଆ ହେଲା । ତା' ପରଦିନ ସେକ୍ରେଟେରୀ ଶ୍ରୀ ନୀଳକଂଠ ରଥଂକୁ ମୋ ରିଜାଇନ ପତ୍ରଟି ଦେଇଦେଲି । ସେ ପଢ଼ି କହିଲେ, "ଶୁଣୁ ଗଣେଶ, ତୁ ଆଜି ଯେଉଁ ମହାନ୍ ପୁରୁଷଂକ ସେବାରେ ଚାକିରୀ ଛାଡ଼ି ଯାଉଛୁ, ସେଥିଲାଗି ଭଗବାନ ନିଶ୍ଚୟ ତୋର ମଂଗଳ କରିବେ । ମୁଁ ଯଦି ଏ ସିଟ୍‌ରେ ଥାଏ ଯେତେବେଳେ ହେଲେବି ତୋର ସୁବିଧା କରିବି ।" ମୁଁ ତାଙ୍କୁ ନମସ୍କାରଟିଏ କରି ସେଇଦିନ ପଣ୍ଡିତଜୀଂକ ପାଖକୁ ଆସିଲି । ସେବଠାରୁ ତାଂକ ମୃତ୍ୟୁ ପର୍ଯ୍ୟନ୍ତ ତାଂକରି ପାଖେ ପାଖେ ଛାଇପରି ରହିଥିଲି ।

ପଣ୍ଡିତଜୀ ବଡ଼ ପୁଅଂକ ପାଖେ ୨ ମାସ ଥିଲେ– ସାନପୁଅ ବିକ୍ରମ ବାବୁଂକ ପାଖେ ମଧ୍ୟ ଦୁଇମାସ ଥିଲେ । ସେଇବର୍ଷ ଅଗଷ୍ଟ ଶେଷରେ ସେଠୁ ଆସି ବଡ଼ଝିଅ ସାରଦା ଦେବୀଂକ ପାଖେ ଶେଷ ପର୍ଯ୍ୟନ୍ତ ରହିଥିଲେ । ଏ ମଧ୍ୟରେ ବହୁ ଦୁଃଖର

Digitized by PPRACHIN, SOA

ଘଟଣା ଘଟି ଯାଇଚି– ମନେ ପଡ଼ିଲେ ଏବେ ବି କୋହ ଆସେ । ବହୁମୂତ୍ର ଯୋଗୁ ସ୍ୱାସ୍ଥ୍ୟ ଦିନକୁ ଦିନ ଖରାପ ହେବାକୁ ଲାଗିଲା । ଶେଷକୁ ପଣ୍ଡିତଜୀ ବିଛଣାରେ ପଡ଼ି· ରହିଲେ– ପଞ୍ଜୁରୀରେ ସିଂହପରି ପ୍ରବଳ ପରାକ୍ରମୀ ମହାପୁରୁଷଂକୁ ସେ ଅବସ୍ଥାରେ ଦେଖି କେତେକ ଦୀର୍ଘଶ୍ୱାସ ଛାଡ଼ିଲେ । ଅବଶେଷରେ କରାଳ କାଳ ପାଖରେ ପଣ୍ଡିତଜୀଂକର ସକଳ ସଂଗ୍ରାମ ହାର ମାନିଲା । ନୀଳକଂଠ ନୀଳକଂଠ ( ମହାଦେବ )ଙ୍କ ଦିନ ସୋମବାର କାର୍ତ୍ତିକ ଶୁକ୍ଳ ପକ୍ଷର ପଞ୍ଚମୀ ତିଥିରେ ଚିରଦିନ ପାଇଁ ଆଖି ବୁଜିଦେଲେ ! ମୋର ସକଳ ସେବାର ପରିସମାପ୍ତି ଘଟିଲା, ଯାହା ଗଲା, ଗଲା ! ଜୀବନରେ ସେପରି ଦେବତା ସେବା ଆଉ ମିଳିବନି ! ସେପରି ଦେବତୁଲ୍ୟ ଲୋକ ଆଉ କାହାନ୍ତି ?

ଏବେ ମୁଁ ସେଇ ଆସେମ୍ବ୍ଲିରେ ଚାକିରୀ କରୁଚି । ସ୍ୱାଫମାନେ ବହୁଭାବରେ ପଂଡ଼ିତଜୀଂକୁ ସ୍ମରଣା କରୁଛନ୍ତି ? ସେ ଆଉ ନାହାନ୍ତି ।

●

ତୁଂଭେ ପ୍ରଭୁ ମୂଳମଂତ୍ର ଯୁକ୍ତିର ସବଳ
ଦର୍ଶନର ସାର ମୂଳପିଂଡ଼,
ସର୍ଷ୍ଟି ତତ୍ତ୍ୱ ନିରୀକ୍ଷଣେ ତୁଂଭେ ସାର ସତ୍ୟ,
ବିଜ୍ଞାନର ସ୍ଥିର ମେରୁଦଂଡ ।
ତୁଂଭ କୃତି ଏ ମାନବ, ତୁଂଭେ ଚିନ୍ମୟ ବିଭବ,
ସୀମାରେ ଆବଦ୍ଧ ତୁଂଭେ ହେ ଅନଂତ
ଯୁକ୍ତି ମୂଳାଧାର ତୁଂଭେ ବିଶ୍ୱାସ ସତତ,
କ୍ଷୁଦ୍ରନର ଯୁକ୍ତି–ସାର– ବିଶ୍ୱାସ କରି ଆଦର,
ବୁଝିବ ଅମର ସତ୍ୟ ତବ ବିଶ୍ୱତାତ ।

(ନୀଳକଣ୍ଠ– ଭକ୍ତିଗାଥା)

Digitized by PPRACHIN, SOA

# ଉତ୍କଳୀୟ ଆତିଥେୟତା

ଡକ୍ଟର ସଦାଶିବ ମିଶ୍ର

ପଣ୍ଡିତ ନୀଳକଣ୍ଠ ଭାରତୀୟ ଏବଂ ଉତ୍କଳୀୟ ସଂସ୍କୃତି ସମ୍ବନ୍ଧରେ ବହୁ ଅନୁଧ୍ୟାନ କରିଛନ୍ତି । ଭାରତୀୟ ଦର୍ଶନରେ ଥିଲା ତାଙ୍କର ଅଗାଧ ପାଣ୍ଡିତ୍ୟ । ସଂସ୍କୃତ ଭାଷା ଏବଂ ସାହିତ୍ୟରେ ଥିଲା ଗଭୀର ଅଧ୍ୟୟନ । ଆଉ ଉତ୍କଳ ଇତିହାସରେ ଥିଲା ନିବିଡ଼ ଅନୁଶୀଳନ । ସଂସ୍କୃତିର ବିଚାର କଲାବେଳେ ସେ ଆଚାର ଶୁଦ୍ଧି ଉପରେ ବିଶେଷ ଭାବରେ ଗୁରୁତ୍ୱ ଆରୋପ କରିଥିଲେ ।

ଏ ସକଳ ଆଲୋଚନା କରି ପଣ୍ଡିତ ନୀଳକଣ୍ଠ ଦେଖାଇଛନ୍ତି ଉତ୍କଳୀୟ ସଂସ୍କୃତିରେ ମହନୀୟତା । ଏ ଉତ୍କର୍ଷର ଉତ୍ସ ହେଲା ଉଦାର ଜୀବନଦର୍ଶନ । ଆଉ ପ୍ରାଣପିଣ୍ଡ ଜଗନ୍ନାଥ ଧର୍ମ । ସେଥିରୁ ସମ୍ଭୂତ ହୋଇଥିଲା ସେବାଧର୍ମ ଏବଂ ଆତିଥେୟତା ।

ଏବେ ସଡ଼କ କଡ଼ରେ "ପର୍ଯ୍ୟଟକମାନେ ଆମର ସମ୍ମାନିତ ଅତିଥି" ବୋଲି ଫଳକ ମରାଯାଉଛି । ଲୋକଙ୍କୁ ସଜାଗ କରାଯାଉଛି । ତାଙ୍କର କର୍ତ୍ତବ୍ୟ ବିଷୟରେ ସଚେତନ କରାଯାଉଛି । ମାତ୍ର ବିଭିନ୍ନ ସ୍ଥାନରେ, ନାନା ତୀର୍ଥକ୍ଷେତ୍ରରେ ଅନାଚାର, କଦାଚାର କାହାଣୀ ସମ୍ବାଦପତ୍ରରେ ପ୍ରକାଶ ପାଉଛି । ଲୋକମୁଖରେ ପ୍ରଚାରିତ ହେଉଛି । ସମ୍ବର୍ଦ୍ଧନା ମିଳୁଛି କେଉଁଠାରେ ? ଉତ୍କଳୀୟ ସଂସ୍କୃତିରେ ଆତିଥେୟତା ମୁଖ୍ୟ ହୋଇ-ଥିଲା । ତା'ର ଆଧେୟ ସଙ୍କୁଚିତ ହୋଇ ଯାଉଛି । ଆଧାର କ୍ଷୁର୍ଣ୍ଣ ହୋଇ ପଡ଼ିଛି ।

ପଣ୍ଡିତ ନୀଳକଣ୍ଠ କେତୋଟି ସରଳ ଉଦାହରଣ ଦେଇ ଉତ୍କଳର ଆତିଥେୟତା ପ୍ରତିପାଦନ କରିଛନ୍ତି । ସମଗ୍ର ଭାରତରୁ ସାଧୁ ସନ୍ଥ, ସନ୍ନ୍ୟାସୀ ଆଉ ବହୁ ଯାତ୍ରୀ ପୁରୁଷୋତ୍ତମ କ୍ଷେତ୍ରକୁ ଆସିଥିଲେ । ସେମାନେ ସମସ୍ତେ ଏଠାରେ ଉଚ୍ଛ୍ୱସିତ ଆତି-ଥେୟତା ଗ୍ରହଣ କରିଛନ୍ତି । ନୀଳକଣ୍ଠ ପୁରୀ ଜିଲ୍ଲା ସ୍କୁଲରେ ଛାତ୍ର ଥିଲେ । ଦିନେ ଦେଖିଲେ ତ୍ରିବାଙ୍କୁଡ଼ର ମହାରାଜା ତାଙ୍କର ବହୁ ଅନୁଚରଙ୍କ ସାଙ୍ଗରେ ଆସିଛନ୍ତି ପୁରୀଧାମକୁ । ସାଜସଜ୍ଜାରେ ଆସିଥାନ୍ତି । କେତେକ ଛାତ୍ରବନ୍ଧୁଙ୍କ ସହିତ ନୀଳକଣ୍ଠ ଗଲେ ଦେଖି-ବାକୁ । ଦେଖିଲେ, ଜଗନ୍ନାଥଙ୍କ ପଣ୍ଡା ସେମାନଙ୍କ ସଙ୍ଗେ ସ୍ୱଚ୍ଛନ୍ଦରେ ସେମାନଙ୍କ ଭାଷାରେ କଥାବାର୍ତ୍ତା କରୁଛନ୍ତି । କନ୍ନଡ଼ା ଏବଂ ମାଲୟାଲି ଭାଷାରେ ବୁଝିଲେ ।

Digitized by PPRACHIN, SOA

ମହାରଜା ଏବଂ ତାଙ୍କ ଗ୍ରହଣରେ ଥିବା ସବୁ ଲୋକଙ୍କ ପାଇଁ ପଣ୍ଡା ନିଜ ଖର୍ଚ୍ଚରେ ରସଦ, ଯାନବାହନ ଇତ୍ୟାଦି ବ୍ୟବସ୍ଥା କରିଛନ୍ତି । ପଗ୍ରି ଜାଣିଲେ, ଯେ ଯେଉଁ ଅଞ୍ଚଳ ପାଇଁ ପଣ୍ଡା ସେ ସେଠାର ଭଷା ଭଲକରି ଅଭ୍ୟାସ କରିଥାନ୍ତି, ବିଧିମତେ ଶିକ୍ଷକ ରଖି ଶିକ୍ଷା କରିଥାନ୍ତି । ଯଥାର୍ଥ ଆତିଥେୟ ହେବାର ଏହା ହେଲା ପ୍ରଥମ ସୋପାନ ।

ଜଗନ୍ନାଥ ଭୂମି ପୁରୁଷୋତ୍ତମ ପୁରୀର ଆନ୍ତରିକ ଆତିଥେୟତା ସୁବିଦିତ । ପୁରୀ ପଣ୍ଡାଙ୍କର ଚିରଚରିତ ପ୍ରଥା ଅନୁଯାୟୀ ଯେଉଁଠାରୁ ଯାତ୍ରୀ ଆସିବେ, ସେ ଆସିବା ଦିନଠାରୁ ପୁରୀ ଛାଡ଼ିବା ପର୍ଯ୍ୟନ୍ତ ହେବେ ସମ୍ମାନିତ ଅତିଥି । ଯଥାର୍ଥ ଅତିଥି । ଶାସ୍ତ୍ରରେ ଯେଉଁ ସର୍ବଦେବମୟ ଅତିଥି ବର୍ଣ୍ଣିତ ହୋଇଛନ୍ତି, ସେଇଭଳି ଅତିଥି । ପୁରୀ ପଣ୍ଡା ଏଇ ଅତିଥିଙ୍କର ସବୁ ଖର୍ଚ୍ଚ ବହନ କରିବେ । ଯାତ୍ରୀମାନେ ଏଥିପାଇଁ କିଛି ଦେବେ ନାହିଁ । ଜଗନ୍ନାଥଙ୍କ ଭୋଗ ଏବଂ ଖଇରତି ଲାଗି କୋଇଲି ବୈକୁଣ୍ଠରେ ପଣ୍ଡାଙ୍କୁ ଯାହା "ଆଟିକା" ଦେବେ, ସେତିକି । ସେଥିରେ କୌଣସି ବାଧ୍ୟବାଧକତା ନାହିଁ । କିଏ କେତେ ଦେଲା ସେ କଥା କେହି ଖୋଜିବେ ନାହିଁ, କି କହିବେ ନାହିଁ । ନୀଳକଣ୍ଠ ଲେଖିଛନ୍ତି, ପନ୍ଦର ଦିନ ପୁରୀରେ ପଣ୍ଡାଙ୍କ ଅତିଥି ହୋଇ ମାତ୍ର ଆଠଅଣା ଆଟିକା ଦେବାର ଦୃଷ୍ଟାନ୍ତ ବିରଳ ନୁହେ । ଆବଶ୍ୟକ ହେଲେ ପଣ୍ଡାଙ୍କଠାରୁ ବାଟ ଖର୍ଚ୍ଚ ମଧ୍ୟ ନେଇକରି ଯିବେ । ଯାତ୍ରୀଙ୍କୁ ଜଗନ୍ନାଥ ଦର୍ଶନ କରାଇବା ପଣ୍ଡାଙ୍କର ପବିତ୍ର କର୍ତ୍ତବ୍ୟ ।

"ଏହାହିଁ ଜଗନ୍ନାଥ ଭୂମିରେ ଭାରତ ସଙ୍ଗେ ଚିରନ୍ତନ ଅତିଥି–ଆତିଥେୟତାର ନିତ୍ୟ ସମ୍ବନ୍ଧ । ପ୍ରାଣ–ପ୍ରାଚୁର୍ଯ୍ୟର ପାବନ ପ୍ରତିଷ୍ଠାନ ଉପରେ, ଆଦାନ ପ୍ରଦାନର ଏ ସରଳ, ସରସ ଓ ସ୍ୱଚ୍ଛନ୍ଦ ଲୀଳା କୌଣସି କୃତ୍ରିମ ଧର୍ମ–ସମନ୍ୱୟର ବହୁ ଦୂରରେ ।" ନୀଳକଣ୍ଠଙ୍କର ଏ ଆଲୋଚନାରେ ପ୍ରକଟିତ ହୋଇଛି ଉତ୍କଳୀୟ ସଂସ୍କୃତିର ମହନୀୟତା । ଅଖିଳ ଭାରତୀୟ ସହତିରେ ଉତ୍କଳର ଆତିଥେୟତା ହୋଇଥିଲା ଏକ ସାର୍ଥକ ଅବଦାନ ।

ପ୍ରସଙ୍ଗକ୍ରମେ ପଣ୍ଡିତ ନୀଳକଣ୍ଠ ଗୋଟିଏ ଅନୁଭବ କଥା ଉଲ୍ଲେଖ କରିଛନ୍ତି । ୧୯୩୧ ମସିହା କଥା । କରାଚି କଂଗ୍ରେସ ପରେ ପୁରୀରେ କଂଗ୍ରେସର ଅଧିବେଶନ ବସିବାର କଥା । ପୂର୍ବରୁ ଗୟା, ପ୍ରୟାଗ ପ୍ରଭୃତି ତୀର୍ଥ ସ୍ଥାନରେ କଂଗ୍ରେସ ବସିଥିଲା । ସେଠାରେ ପଣ୍ଡାମାନେ ଏଥିରେ ଯୋଗ ଦେଇ ନ ଥିଲେ, କି ଅଭ୍ୟର୍ଥନା ସମିତିର ସଭ୍ୟ ହୋଇ ନ ଥିଲେ । ସବୁଆଡ଼େ ଲୋକଙ୍କର ଧାରଣା, ପଣ୍ଡାମାନେ ତୀର୍ଥକାକ । ସମାଜର ଦୁଃଖ ସୁଖ, ସମସ୍ୟା ସୌହାର୍ଦ୍ଦ୍ୟ ସହିତ ତାଙ୍କର ସମ୍ବନ୍ଧ ନାହିଁ । ପୁଣି ପୁରୀ କଂଗ୍ରେସ ଅଭ୍ୟର୍ଥନା ସମିତିର ସଭ୍ୟ ହେବା ପାଇଁ ଚନ୍ଦା ଜଣକୁ ପଚିଶ ଟଙ୍କା । ସ୍ୱେଚ୍ଛାସେବକ ଶୁଳ୍କ କିମ୍ବା ମାତ୍ର ସାତ ଟଙ୍କା । ତଥାପି ଉତ୍କଳ ପ୍ରାଦେଶିକ

Digitized by PPRACHIN, SOA

କମିଟି ସ୍ଥିର କଲେ, ପୁରୀରେ କଂଗ୍ରେସ ଅଧିବେଶନ ଅନୁଷ୍ଠିତ ହେବ । ପୁରୀ କଂଗ୍ରେସ ଲୋକଙ୍କର ଚିନ୍ତା ପଡ଼ିଲା, କିପରି ଏ ଦାୟିତ୍ୱ ବହନ କରିବେ ।

ଗୟା କଂଗ୍ରେସରେ, ଗୟାର ପଣ୍ଡାମାନେ ସମ୍ପୃକ୍ତ ହେଲେ ନାହିଁ । ସେଥିରେ ଗୟା ବାହାରୁ ବିହାରୀ ଲୋକେ ଅଧିବେଶନର ସବୁ ଦାୟିତ୍ୱ ଗ୍ରହଣ କରିଥିଲେ । ପୁରୀରେ କଂଗ୍ରେସ ହେବାର ସ୍ଥିର ହୋଇଥିଲା । ୧୯୩୧ ମସିହା ସେପ୍ଟେମ୍ବର ୮ ତାରିଖ ଦିନ ପ୍ରସ୍ତାବ ଗୃହୀତ ହେଲା, ଯେଉଁ ଜିଲ୍ଲାରୁ ଅଭ୍ୟର୍ଥନା ସମିତିର ସଭ୍ୟ ସର୍ବାଧିକ ହେବେ, ସେଇ ଜିଲ୍ଲାରୁ କଂଗ୍ରେସର ନିର୍ବାହ ଲାଗି କର୍ମକର୍ତ୍ତା ନିର୍ବାଚିତ ହେବେ । ନୀଳକଣ୍ଠଙ୍କ ପ୍ରାଣରେ ଆଘାତ ଲାଗିଲା । କଟକ ଜିଲ୍ଲାର ଲୋକସଂଖ୍ୟା ପୁରୀ ଜିଲ୍ଲାର ଅତେଇ ଗୁଣ । କଟକ ଓଡ଼ିଶା ବିଭାଗର ରାଜଧାନୀ । ଓଡ଼ିଶାର ଏକମାତ୍ର କଲେଜ, ଏକମାତ୍ର ଜଜକୋର୍ଟ କଟକରେ । ଏକମାତ୍ର ମେଡ଼ିକାଲ ସ୍କୁଲ ଏକମାତ୍ର ଇଞ୍ଜିନିୟରିଙ୍ଗ୍ ସ୍କୁଲ କଟକରେ । ସବୁ ଅନୁଷ୍ଠାନ ଏଇଠାରେ । କଟକ ଓଡ଼ିଆଙ୍କ ରାଜନୀତିକ ଜୀବନ କେନ୍ଦ୍ର । ପ୍ରସ୍ତାବ ହେଲା, ସେପ୍ଟେମ୍ବର ୨୦ ତାରିଖରେ, ଅର୍ଥାତ ମାତ୍ର ବାରଦିନ ମଧ୍ୟରେ ବିଭିନ୍ନ ଜିଲ୍ଲାର ଅଭ୍ୟର୍ଥନା ସମିତିର ସଂଖ୍ୟା ଅନୁଯାୟୀ କର୍ମକର୍ତ୍ତା ନିର୍ବାଚିତ ହେବେ । ଏ ପ୍ରସ୍ତାବ ଏକ ଷଡ଼ଯନ୍ତ୍ର । ନୀଳକଣ୍ଠ, କିନ୍ତୁ ବିଚଳିତ ହେଲେ ନାହିଁ । ଏହାକୁ ଏକ ଚ୍ୟାଲେଞ୍ଜରୂପେ ଗ୍ରହଣ କଲେ ।

ପୁରୀ ପଣ୍ଡାଙ୍କ ଭିତରୁ ସଭ୍ୟ କରିବାର ସାକ୍ଷାତ ଭାର ନୀଳକଣ୍ଠ ଗ୍ରହଣ କଲେ । ପଣ୍ଡାଙ୍କର ଗୋଟିଏ ସଭା ଡ଼ାକିଲେ । ସେଥିରେ ଉଦ୍‌ବୋଧନ ଦେଲେ ।

ସାରା ଭାରତର ମୁଖ୍ୟ ଲୋକେ କଂଗ୍ରେସ କରିବାକୁ ତମ ଦ୍ୱାରକୁ ଆସିବେ । ଅନେକେ ଜଗନ୍ନାଥ ଦର୍ଶନ କରିବେ । ସେମାନେ ପୁରୀ ଆସିଲେ ତାଙ୍କ ଅଭ୍ୟର୍ଥନା କରିବ କିଏ ? ପୁରୀକୁ ଲୋକେ ଆସିଲେ, ତାଙ୍କୁ ଅଭ୍ୟର୍ଥନା କରିବାର ଭାର ହଜାର ହଜାର ବର୍ଷଧରି ତମେ ନେଇଆସିଛ ।

ନୀଳକଣ୍ଠଙ୍କର ଭଙ୍ଗୀ ଯେ ଦେଖିଛନ୍ତି, ତାଙ୍କର ଭାଷା ଯେ ଶୁଣିଛନ୍ତି, ସେ ତାଙ୍କ ଭାଷଣର ପ୍ରବାହ ସହଜରେ ଉପଲବ୍ଧି କରିପାରିବେ ।

"ଅଭ୍ୟର୍ଥନା କରିବାର ପୁଣ୍ୟ ଅଧିକାର ଏକା ତମରି । ତମରି ସେ ଗୌରବ, ତମରି ଏକା ସେ ପୈତୃକ ଧନ । ଆଜି କ'ଣ ତମେ ସେ ଅଧିକାର, ସେ ଗୌରବ, ସେ ଚିରସଞ୍ଚିତ ଧର୍ମ-ଧନ ଫିଙ୍ଗିଦେବ ? ଆଜି କ'ଣ ସାରା ଭାରତର ଲୋକେ ଏଠି ରୁଣ୍ଡ ହୋଇ ଦେଖିବେ, ଜଗନ୍ନାଥ ପଣ୍ଡାଏ ଅଯୋଗ୍ୟ ଚାର୍ଥ-କାକ ? ତା'ହେଲେ

Digitized by PPRACHIN, SOA

ସେ କ'ଣ କହିବେ ? ତୁମର ପୂର୍ବପୁରୁଷ ହୁଏତ ତମର ଏ ଅକୀର୍ତ୍ତି ଉପରୁ ଦେଖୁବେ, ହୁଏତ ବ୍ୟଥିତ ହେବେ । ତମ ତର୍ପଣର ତିଳୋଦକ ଆଉ ତାଙ୍କୁ ହୁଏତ ରୁଚିବ ନାହିଁ । ମୈତ୍ରୀଦେବ ଜଗନ୍ନାଥ କଳଙ୍କିତ ହେବେ । ମୈତ୍ରୀ ଦେବଙ୍କର ଏ ବିଶ୍ୱସେବା ଧର୍ମ ହେଉଛି ତମ ପୂର୍ବପୁରୁଷଙ୍କ ଶ୍ରେଷ୍ଠ କୀର୍ତ୍ତି । ଏ ବିଶ୍ୱବାସୀ ତମର ଅତିଥି । ତମ ପୂର୍ବପୁରୁଷଙ୍କର ଏ ମହାକୀର୍ତ୍ତି ତମେ କ'ଣ ଲୋପ କରିବ ? ତା' ହେବ ନାହିଁ । ଉଠ, ଧନୁଧର । ପୁରୀରେ ଆଗନ୍ତୁକର ଅଭ୍ୟର୍ଥନା ତମ କାର୍ଯ୍ୟ ।

× × ×

ପଣ୍ଡାଙ୍କ ପ୍ରାଣରେ ଚେତନା ଆସିଗଲା । ତାଙ୍କ ମୁହଁରେ ଜ୍ୟୋତି ଖେଳିଗଲା । ତାଙ୍କ ଭିତରେ ନୂତନ ଜୀବନ ଜାଗରିତ ହୋଇଗଲା । ସେଇ ୧୫ ଦିନ ମଧ୍ୟରେ ସମଗ୍ର ଓଡ଼ିଶାରୁ ୨୫ ଟଙ୍କା ଲେଖାଏଁ ଦେଇ ସଭ୍ୟ ହୋଇଥିଲେ ୫୪୩ ଜଣ । ସେଥିରେ ପୁରୀ ଜିଲ୍ଲାରୁ ହେଲେ ୨୯୭ ଜଣ । ଅର୍ଥାତ୍ ଅଧାରୁ ବେଶି । ଆଉ ସେଥି ମଧ୍ୟରୁ ପୁରୀ ପଣ୍ଡାଙ୍କ ସଂଖ୍ୟା ହେଲା ୧୬୬ ।

ଅପୂର୍ବ ଏ ଉଦ୍ଦୀପନା । ଚିରନ୍ତନ ସଂସ୍କୃତି ନ ଥିଲେ, ହଠାତ୍ ଏ ଜାଗରଣ ସମ୍ଭବ ହୋଇ ନ ଥାନ୍ତା । କାଳସ୍ରୋତରେ ହୁଏତ ସେ ଚେତନା କ୍ଷୁର୍ଣ୍ଣ ହୋଇଯାଇଛି । ତଥାପି ସେ ସଂସ୍କାର ଅପସରି ଯାଇ ନାହିଁ । ଉତ୍କଳର ଏ ଉଦାର ଆତିଥେୟତା ସଂସ୍କୃତିର ଏକ ଜୀବନ୍ତ ପ୍ରବାହ ଅନ୍ତଃସଳିଳ ହୋଇଯାଇଛି ।

ଇନ୍ଦ୍ରଦ୍ୟୁମ୍ନ ମହାରାଜା ଥିଲେ ପରମ ବୈଷ୍ଣବ । ତାଙ୍କର ରାଜ୍ୟ ଉତ୍ତର ଭାରତରେ । ସେ ସ୍ୱପ୍ନରେ କି ଧ୍ୟାନରେ ନୀଳମାଧବଙ୍କ ସଙ୍କେତ ପାଇଲେ । ଅତି ପୁରାଣ କିମ୍ବଦନ୍ତୀ । ମନ୍ତ୍ରୀ ବିଦ୍ୟାପତିଙ୍କୁ ପଠାଇଲେ ଉତ୍କଳ ଭୂମିକୁ । ବିଦ୍ୟାପତି ଗଲେ ନୀଳମାଧବଙ୍କର ସନ୍ଧାନରେ । ବୁଲିବୁଲି ଯାଇ ଶବର ଅଞ୍ଚଳରେ ପହଞ୍ଚିଲେ । ଶବର ବିଶ୍ୱାବସୁଙ୍କର ଅତିଥି ହେଲେ । ସେ ଆତିଥେୟତାର ସୁଯୋଗ ନେଇ ତାଙ୍କ କନ୍ୟାର ପ୍ରଣୟୀ ହେଲେ । ପ୍ରଣୟିନୀର ସହାୟତାରେ ନୀଳମାଧବଙ୍କୁ ଅପହରଣ କରି ନେଇଗଲେ । ଇନ୍ଦ୍ରଦ୍ୟୁମ୍ନ ତାଙ୍କର ମନ୍ତ୍ରୀ ଶୋତ୍ରୀୟ ବ୍ରାହ୍ମଣ ବିଦ୍ୟାପତିଙ୍କୁ ଶବର କନ୍ୟା ସହିତ ଯଥାବିଧି ବିବାହ ଦେଲେ । ଜଗନ୍ନାଥ ଧର୍ମରେ ଦୀକ୍ଷିତ ହେଲେ । ଏଇ ଉତ୍କଳ ଭୂମିରେ ପ୍ରାଚୀନ କାଳରେ ବ୍ରାହ୍ମଣ ଯୁବକ ସହିତ ଆଦିବାସୀ କନ୍ୟାର ପରିଣୟ ହେଉଥିଲା । ଏ ବିବାହର ଉତ୍ପତ୍ତି ବିଶ୍ୱାବସୁଙ୍କର ଆତିଥେୟତାରୁ । ଏହି ଆତିଥେୟତାରେ ଥିଲା ମୈତ୍ରୀବନ୍ଧନ । ଭାରତୀୟ ସଂହତି ଲାଗି ଏହି ଉତ୍କଳୀୟ ସଂସ୍କୃତି ଥିଲା ଏକ ମହନୀୟ ଅବଦାନ ।

* *
* *

Digitized by PPRACHIN, SOA

# ଆର୍ଯ୍ୟ ଋଷିଙ୍କର ବରପୁତ୍ର

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଆଧୁନିକ ଉତ୍କଳ ଭୂମିରେ ପଣ୍ଡିତ ନୀଳକଣ୍ଠ ଥିଲେ ପ୍ରାଚୀନ ଆର୍ଯ୍ୟ ଋଷିମାନଙ୍କ ବରପୁତ୍ର । ତାଙ୍କର ଜ୍ଞାନର ପିପାସା, ସତ୍ୟର ଅନୁସନ୍ଧାନ, ଲକ୍ଷ୍ୟର ଏକାଗ୍ରତା, ସେବାର ବ୍ୟାକୁଳତା, ସାଧନା ଓ ନିଷ୍ଠା, ଦାର୍ଶନିକତା କ୍ୱଚିତ ଦେଖିବାକୁ ମିଳେ ।

ତାଙ୍କର ପ୍ରତିଭା କୌଣସି ଗୋଟିଏ ବାଟରେ ନିୟୋଜିତ ହେବାର ନ ଥିଲା । ଏପରି ବହୁମୁଖୀ ଶକ୍ତିଶାଳୀ ପ୍ରତିଭାର ଅଧିକାରୀ କେବେହେଲେ ସମସ୍ତଙ୍କର ଚଳା-ବାଟରେ ଚାଲି ପାରନ୍ତି ନାହିଁ । ସେ ଚାଲୁ ନ ଥିଲେ । ପରାଧୀନ ଭାରତ ବର୍ଷର ଏକ ଅବହେଳିତ ଅଞ୍ଚଳର ନିଭୃତ କୋଣରେ ସେ ଜନ୍ମ ଗ୍ରହଣ କରିଥିଲେ । ପରାଧୀନ ଭାରତର ସମସ୍ୟା, ତା' ପରେ ପୁଣି ନିର୍ଯ୍ୟାତିତ, ଦରିଦ୍ର ଉତ୍କଳ ଭୂମିର ସମସ୍ୟା । ମୂକ ଜନସାଧାରଣଙ୍କୁ ଏ ସମସ୍ୟା ଘାରେ ନାହିଁ । ଭାଗ୍ୟର ଇଙ୍ଗିତରେ ସେମାନେ କ୍ରୀଡ଼ନକପରି ନିଜକୁ ମନେ କରନ୍ତି । ଏ ସମାଜରେ ଯେଉଁମାନେ ଶିକ୍ଷା ଓ ସଭ୍ୟତାର ଆଲୋକ ଲଭ କରନ୍ତି, ସେମାନଙ୍କ ଆଖିରେ ଦୁଇଟି ପନ୍ଥା– ଗଡ୍‌ଡ଼ାଳିକା; ଯଥା, ଗୋଟିଏ ମେଣ୍ଢା ଯେଉଁବାଟରେ ଯାଉଚି, ପଲକଯାକ ମେଣ୍ଢା ଯିବା ପରି, ସରକାରୀ ଚାକିରୀ ବା ସେହିପରି ସମ୍ଭୋଗର ଜୀବନରେ ପଶିପାଅ ଓ ଯେଉଁ ବାତାବରଣରୁ ତୁମେ ଆସିଚ, ତାକୁ ଭୁଲି ଯାଅ; ଜନସାଧାରଣ ଯେହିପରି ଥାଆନ୍ତୁ; ସେହିପରି ଥାଉ ତାଙ୍କର ଦାରିଦ୍ର୍ୟ, ଅଶିକ୍ଷା, ଅଜ୍ଞାନ ଓ କୁସଂସ୍କାର । ଅନ୍ୟ ପନ୍ଥା ହେଉଚି– ନା, ତାହା ହୋଇ ପାରିବ ନାହିଁ, ଏ ସମାଜକୁ, ଏ ଶାସନକୁ, ଏ ପ୍ରଚଳିତ ଧାରଣାକୁ ବଦଳାଇ-ବାକୁ ହେବ । ସେଥିପାଇଁ ନିଜର ସମସ୍ତ ଶକ୍ତି, ଶିକ୍ଷା, ସାଧନା, ପ୍ରତିଭା ନିୟୋଜିତ କରିବାକୁ ହେବ । ପଣ୍ଡିତ ନୀଳକଣ୍ଠ ଥିଲେ ଏହି ମାର୍ଗର ପଥିକ ।

ଭାର୍ଗବୀ ନଦୀର କୂଳରେ ଗିରିଆଡ଼େ ହଳଦୀ ମଡ଼ା ପୋଡ଼ା ହେଉଥାନ୍ତି । ତାଙ୍କରି ଭାଷାରେ ତାଙ୍କର ଗୁରୁ ଓ ଜୀବନର ସଖା ପଣ୍ଡିତ ଗୋପବନ୍ଧୁଙ୍କ ପାଖରେ ରହି ସେ ପ୍ରତିଜ୍ଞା କଲେ, "ଆମେ ପାଠ ପଢ଼ି ସରକାରୀ ଚାକିରୀ କରିବା ନାହିଁ । ଦେଶପାଇଁ କିଛି କରିବା । ଜନ୍ମବେଳେ ଦେଶକୁ ଯାହା ଦେଖି ଥାଇଁ, ତା' ଠାରୁ ଉନ୍ନତ ଦେଖି ମରିବା ।"

Digitized by PPRACHIN, SOA

ଏହି ଦୃଷ୍ଟିରୁ ପଣ୍ଡିତ ନୀଳକଣ୍ଠଙ୍କର ଜୀବନ ବିଗ୍ଭର କରିବାକୁ ହେବ । ସେ ଥିଲେ କବି, ନିବନ୍ଧ ଲେଖକ, ସାମ୍ବାଦିକ, ସମାଲୋଚକ, ଶିକ୍ଷକ, ଶିକ୍ଷାବିତ୍, ସମାଜ ସଂସ୍କାରକ, ସ୍ୱଦେଶ–ପ୍ରେମୀ, ସ୍ୱାଧୀନତା ସଂଗ୍ରାମର ନେତା, ରାଜନୀତିଜ୍ଞ, ବିଧାୟକ– ଏକ କଥାରେ କହିଲେ ଆଧୁନିକ ଉତ୍କଳର ଅନ୍ୟତମ ଧର୍ମ ଓ କର୍ମଗୁରୁ ।

ଏହି ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ଦାନ ମହନୀୟ ଓ ପ୍ରତ୍ୟେକର ଏକ ମହାନ୍ ଐତିହାସିକ ମୂଲ୍ୟ ଅଛି । କେତେକ କହନ୍ତି, ରାଜନୀତିଜ୍ଞ ନୀଳକଣ୍ଠ ବଞ୍ଚିବେ ନାହିଁ, ସାହିତ୍ୟିକ ନୀଳକଣ୍ଠ ବଞ୍ଚିବେ । ଏଥିରୁ ଖିଅ ଧରି ପୁଣି କେତେକ କହନ୍ତି, ସେ ରାଜ-ନୀତି କ୍ଷେତ୍ରକୁ ଆସି ଭୁଲ୍ କଲେ । ସାହିତ୍ୟ–ସାଧନାରେ ରହିଥିଲେ ଭଲ ହୋଇ ଥାନ୍ତା । ଏହା ଏକ ଭ୍ରମାତ୍ମକ ଯୁକ୍ତି । ଯେଉଁ ଯୁଗରେ, ଯେଉଁ ସମସ୍ୟା–ଜଟିଳ ଭୂମିରେ ତାଙ୍କର ଜନ୍ମ, ସେଥିରେ ସେ ଗୋଟିଏ ଘର କଣରେ ବସି ଖାଲି ସାହିତ୍ୟ ସାଧନା କରିଥାନ୍ତେ, ଏହା କଳ୍ପନା–ବିଳାସ ଛଡ଼ା ଅନ୍ୟ କିଛି ନୁହେଁ ।

ବିଗତ ଅର୍ଦ୍ଧ ଶତାବ୍ଦୀ ଧରି ଭାରତୀୟ ଜୀବନରେ ଆହ୍ୱାନ ହେଉଚି, ସମାଜ ଓ ଜୀବନର ସାମୂହିକ ପରିବର୍ତ୍ତନର ଆହ୍ୱାନ ଏବଂ ଏହି ଆହ୍ୱାନର କେନ୍ଦ୍ରରେ ଅଛି ରାଜନୀତି । ରାଜନୀତିକୁ ଛାଡ଼ି ଦେଇ ଏ ପରିବର୍ତ୍ତନ ଆଣି ହେବ ନାହିଁ । ସେଥିପାଇଁ ଏ ଦେଶର ଶହ ଶହ ବ୍ୟକ୍ତି ଯେଉଁମାନେ କି ଯେ କୌଣସି କ୍ଷେତ୍ରରେ ରହିଥିଲେ ଶୀର୍ଷ ସ୍ଥଳକୁ ଯାଇଥାନ୍ତେ, ସେମାନେ ରାଜନୀତି କ୍ଷେତ୍ରରେ ବା ଅଧିକ ଯୁକ୍ତି ଯୁକ୍ତ ଭାଷାରେ କହିଲେ, ସାଧାରଣ ଜୀବନରେ ପ୍ରବେଶ କଲେ । ପଣ୍ଡିତ ନୀଳକଣ୍ଠ ଯଦି ତାହା କରି ନ ଥାନ୍ତେ, ତା' ହେଲେ ସେ ଯୁଗର ଐତିହାସିକ ଆହ୍ୱାନ ପ୍ରତି ଅବିଗ୍ଭର କରିଥାନ୍ତେ; ଦେଶ ତାଙ୍କଠାରୁ ଯାହା ଆଶା କରିଥିଲା, ତାହା ଅପୂର୍ଣ୍ଣ ରହିଥାନ୍ତା ।

ତାଙ୍କ ଜୀବନରେ ସେ ମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ ହୋଇ ପାରିଲେ ନାହିଁ । ଏଇଟା କଣ ସଫଳତାର ମାପକାଠି ? ତା' ହେଲେ କୁଆଡ଼େ ଯିବେ ମହାତ୍ମାଗାନ୍ଧୀ, ବାଳ ଗଙ୍ଗାଧର ତିଳକ, ପଣ୍ଡିତ ମଦନ ମୋହନ ମାଳବୀୟ ବା ପଣ୍ଡିତ ଗୋପବନ୍ଧୁ ଦାସ ? ରାଜନୀତି କ୍ଷେତ୍ରରେ ରହି ବେଳେ ବେଳେ ସେ ଭୁଲ କରିଛନ୍ତି, ସଠିକ ଦିଗ ନିର୍ଣ୍ଣୟ କରି ପାରି ନାହାନ୍ତି । ଏ ଦେଶର ସାଧାରଣ ଜୀବନରେ ଦୀର୍ଘ ପଚିଶ ବର୍ଷ ରହି କିଏ ଏ ଭୁଲ କରି ନାହିଁ ? ଗାନ୍ଧୀ କରି ନାହାନ୍ତି ? ନେହେରୁ କରି ନାହାନ୍ତି ?

ଅନେକ ତାଙ୍କ ବିରୁଦ୍ଧରେ ଅଭିଯୋଗ କରନ୍ତି ଯେ ସେ ସମାଜ ସଂସ୍କାର ନାମରେ ପ୍ରଚଳିତ ଧର୍ମ–ବିଶ୍ୱାସର ବିରୋଧ କରିଥିଲେ । ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ର କରି

Digitized by PPRACHIN, SOA

ଓଡ଼ିଆର ଯେଉଁ ମହାନ ସଂସ୍କୃତିକୁ ତାଙ୍କର ବଳିଷ୍ଠ ଲେଖନୀରେ ସେ ପ୍ରତିପାଦିତ କରିଥିଲେ, ତାଙ୍କ ବିରୁଦ୍ଧରେ ଏପରି ଅଭିଯୋଗ ବାସ୍ତବିକ ହାସ୍ୟାସ୍ପଦ । ତାଙ୍କର 'ନିଷ୍ଠା' ଆନ୍ଦୋଳନ, ବିଶେଷତଃ ବୈଷ୍ଣବ ଧର୍ମ ନାମରେ କେତେକ ଅସଦାଚାର ବିରୁଦ୍ଧରେ ତାଙ୍କର ବିକ୍ଷୋଦ୍‌ଗାର, କେତେକ କ୍ଷେତ୍ରରେ ଏହିପରି ଧାରଣାକୁ ଜନ୍ମ ଦେଇଛି । କିନ୍ତୁ ତାଙ୍କର ଆଚରଣ ଓ ଜୀବନ ଦର୍ଶନ ପାଇଁ ବୋଧହୁଏ ନୀଳକଣ୍ଠ ଭଗବାନଙ୍କ ନିକଟରେ ଅଧିକ ପ୍ରିୟ ହେବେ ।

ରୁଦ୍ରାକ୍ଷଂ ତୁଳସୀ କାଷ୍ଠଂ
ତ୍ରିପୁଣ୍ଡ୍ରଂ ଭସ୍ମ ଧାରଣମ ।
ଯାତ୍ରା ସ୍ନାନେଚ ହୋମାଗ୍ନି
ଜପୌ ଚ ଦେବ ଦର୍ଶନମ୍ ॥
ନୈତେ ପୁନନ୍ତି ମନୁଜାଂ
ଯଥାଃ ଭୂତ ହିତେରତାଃ ॥

ରୁଦ୍ରାକ୍ଷ, ତୁଳସୀମାଳ, ତିଳକ ଓ ଭସ୍ମଲେପନ, ତୀର୍ଥଯାତ୍ରା, ସ୍ନାନ, ହୋମ, ଜପ, ଦେବ ଦର୍ଶନ ମନୁଷ୍ୟକୁ ଯେଉଁ ପୁଣ୍ୟ ଦାନ କରେ ନାହିଁ, ପ୍ରାଣୀମାନଙ୍କ ମଙ୍ଗଳ ପାଇଁ ଉତ୍ସର୍ଗୀକୃତ ଜୀବନ ତାହା ଦାନ କରେ ।

ତାଙ୍କର ଜୀବନର ସଖା ଓ ଗୁରୁ ଗୋପବନ୍ଧୁଙ୍କ ପରି ପଣ୍ଡିତ ନୀଳକଣ୍ଠଙ୍କୁ ଇତିହାସ ଯେ ନିଶ୍ଚୟ ଉଚ୍ଚସ୍ଥାନ ଦେବ ଏଥିରେ ସନ୍ଦେହ ନାହିଁ । କାରଣ ସେ ଯେଉଁ ଅଭିଶପ୍ତ ଭୂଖଣ୍ଡରେ ଜନ୍ମଗ୍ରହଣ କରିଥିଲେ ତାର ସମସ୍ତ କ୍ଷେତ୍ରରେ ସେ ପରିବର୍ତ୍ତନ ଆଣିଛନ୍ତି ଓ ପରିବର୍ତ୍ତନ ପାଇଁ ଶକ୍ତିଶାଳୀ ଦିଗ୍‌ଦର୍ଶନ ଦେଇ ଯାଇଛନ୍ତି– ସେଥିରେ ସାହିତ୍ୟ, ଶିକ୍ଷା, ରାଜନୀତି, ସମାଜସେବା ସମସ୍ତ ଅନ୍ତର୍ଭୁକ୍ତ ।

ଆଚାର୍ଯ୍ୟ ହରିହରଙ୍କ ମତରେ– "ଜୀବନରେ କୌଣସି ଅବସ୍ଥାରେ କେବେହେଲେ ନଇଁ ଯିବାର ତାକୁ ଦେଖି ନାହିଁ । ଯଦିବ ଥିଲା ଭାଙ୍ଗି ଯିବ ପଛେ ନଇଁବ ନାହିଁ ।"

ସେ ଜୀବନରେ ଯେଉଁ ବ୍ରତ ଗ୍ରହଣ କରିଥିଲେ ତାହା ଏ ଭୂମିରେ ପ୍ରତ୍ୟେକ ଛାତ୍ର ଓ ଯୁବକର ବ୍ରତ ହେଉ ।

Digitized by PPRACHIN, SOA

# ସଂସଦୀୟ ଇତିହାସରେ ପଣ୍ଡିତ ନୀଳକଂଠଂକ ବୈଶିଷ୍ଟ୍ୟ

ବାଙ୍କବିହାରୀ ଦାସ

ପଣ୍ଡିତ ନୀଳକଣ୍ଠଙ୍କର ବହୁମୁଖୀ ପ୍ରତିଭା କଥା ସ୍ମରଣ କଲେ ମନରେ ସ୍ୱତଃ ଭାସିଆସେ ବ୍ୟବସ୍ଥାପକ ହିସାବରେ ତାଂକର ଓଡ଼ିଶାର ବିଧାନସଭକୁ ଅବଦାନ । କେନ୍ଦ୍ର ସଭରେ ୨ୟ ମହାଯୁଦ୍ଧ ପୂର୍ବରୁ ବାରବର୍ଷରୁ ଊର୍ଦ୍ଧ୍ୱ କାଳ ସଭ୍ୟ ରହି ସେହି ଅଭିଜ୍ଞତାକୁ ସାଥିରେ ନେଇ ସେ ୧୯୫୨ ମସିହାରେ ଓଡ଼ିଶାର ବିଧାନସଭରେ ପ୍ରବେଶ କରନ୍ତି । ୧୯୫୭ରୁ ୧୯୬୧ ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭା ସଭ୍ୟ ଓ ଅଧ୍ୟକ୍ଷ ହିସାବରେ ତାଂକର ଅବଦାନ ଅବିସ୍ମରଣୀୟ ।

କେନ୍ଦ୍ର ଆସେମ୍ବ୍ଲିରେ ପଣ୍ଡିତଜୀଂକର ଅବଦାନ ବିଷୟରେ ମୋର ପ୍ରତ୍ୟକ୍ଷ ଜ୍ଞାନର ଅବକାଶ ନଥିଲା । ଛୋଟ ପିଲା ହିସାବରେ ଜାତୀୟ ଆନ୍ଦୋଳନରେ ଓଡ଼ିଶାର ଯେଉଁ କେତେକ ନେତାଂକ ନାମ ଜାଣିବାର ଥିଲା, ସେମାନଂକ ମଧ୍ୟରେ ତାଂକ ନାମ ବହୁଳ ପ୍ରଚାରିତ ଥିଲା । ତାଂକୁ ପ୍ରଥମେ ମ୍ୟୁନିସିପାଲିଟି ପଡ଼ିଆରେ ୧୯୩୭ରେ ନିର୍ବାଚନ ସଭାରେ ପଣ୍ଡିତ ଜହରଲାଲଂକ ସହିତ ଓ ପରେ ୧୯୩୯ରେ ଏକ ସୁଶୋଭିତ ହାତୀ ଉପରେ ସୁଭାଷଚନ୍ଦ୍ର ବୋଷଂକ ସହିତ ଶୋଭାଯାତ୍ରାରେ ଯୁବସମ୍ମିଳନୀ ମଣ୍ଡପକୁ ଆସି ବକ୍ତୃତା ଦେବାର ଦେଖିଥିଲି । ଉଭୟ କ୍ଷେତ୍ରରେ ତାଂକର ବାଗ୍ମୀତା ଓ ବିଶ୍ୱାସପୂର୍ଣ୍ଣ ବକ୍ତୃତା ମୋ ଯୁବକ ପ୍ରାଣରେ ଉନ୍ମାଦନା ସୃଷ୍ଟି କରିଥିଲା ଏବଂ ତାଂକର ସଂଗ୍ରାମୀ ମନୋଭାବ ଓ ବାମପନ୍ଥୀ ଚିନ୍ତାଧାରଦ୍ୱାରା ମୁଁ ଆକୃଷ୍ଟ ହୋଇଥିଲି ।

ପ୍ରଥମ ଥର ତାଂକ ସହିତ ପରିଚୟ ହୁଏ ୧୯୪୬ ମସିହାରେ, ଯେତେବେଳେ ମୁଁ ତାଙ୍କୁ କଂଗ୍ରେସ ସଭ୍ୟ କରଇବାକୁ 'ନବଭାରତ' ପ୍ରେସକୁ ଯାଇଥିଲି । ଯେଉଁ କେତେ ସମୟ ତାଙ୍କ ସହିତ ଆଳାପ ହେଲା, ତାହା ମୋର ଯୁବକ ମନରେ ଗଭୀର ପ୍ରଭାବ ପକାଇଲା । ତାଂକର ପାଣ୍ଡିତ୍ୟ, ଆନ୍ତରିକତା ଏବଂ ଆତ୍ମବିଶ୍ୱାସ ଅନେକାଂଶରେ ମୋତେ ଆକୃଷ୍ଟ କଲା । ତାଂକଠାରେ ସବୁଠାରୁ ବଡ଼କଥା ଦେଖିଲି ଯେ ବୟସର ବିରାଟ ବ୍ୟବଧାନ ସତ୍ତ୍ୱେ ତାଂକର ସ୍ନେହପୂର୍ଣ୍ଣ ବ୍ୟବହାର । ପଣ୍ଡିତଜୀଂକର

Digitized by PPRACHIN, SOA

ଶେଷ ଜୀବନ ପର୍ଯ୍ୟନ୍ତ ଅନେକଙ୍କର ଧାରଣା ଥିଲା ଯେ ସେ ଜଣେ ଅହଂକାରୀ ପୁରୁଷ । ମୋର ମଧ୍ୟ କିଛି ପରିମାଣରେ ସେହିପରି ଧାରଣା ଥିଲା । କିନ୍ତୁ ପ୍ରଥମ ଭେଟରେ ସେହି ଚିତ୍ର ଲିଭି ଆସିଲା ଓ ତାଙ୍କର ଛୋଟ ବୟସର ଲୋକଙ୍କପ୍ରତି ଆନ୍ତରିକ ସ୍ନେହ ସ୍ପଷ୍ଟ ଓ ନିଛକ ବୋଲି ପ୍ରତିଭାତ ହେଲା ।

ଏହି ଅନାବିଳ ସମ୍ପର୍କ ଦୃଢ଼ୀଭୂତ ହୁଏ ବ୍ୟବସ୍ଥାପକ ଜୀବନରେ । ୧୯୫୨ ମସିହାରୁ ୧୯୫୭ ମସିହା ପର୍ଯ୍ୟନ୍ତ ପାଞ୍ଚବର୍ଷ କାଳ ତାଙ୍କର ବ୍ୟବସ୍ଥାପକ ଜୀବନକୁ ପାଖରୁ ଦେଖିଛି ଏବଂ ୧୯୫୭ ରୁ ୧୯୬୧ ପର୍ଯ୍ୟନ୍ତ ବ୍ୟବସ୍ଥାପକ ହିସାବରେ ତାଙ୍କର ଅଧ୍ୟକ୍ଷତାରେ କାର୍ଯ୍ୟ କରିଛି । ପ୍ରଜାତାନ୍ତ୍ରିକ ବ୍ୟବସ୍ଥାର ପ୍ରଚଳନ ପରେ ମୁଁ ପ୍ରଥମ ବିଧାନସଭାର ସଭ୍ୟ ନ ଥିଲେ ହେଁ ସେତେବେଳର ପ୍ରଜା ସୋସାଲିଷ୍ଟ ସଭ୍ୟମାନଙ୍କୁ ବିଧାନସଭା କାର୍ଯ୍ୟରେ ପରାମର୍ଶ ଦେବାର ଦାୟିତ୍ୱ ମୋ ଉପରେ ନ୍ୟସ୍ତ ଥିବାରୁ ଓ ପଣ୍ଡିତଜୀ ବିରୋଧୀ ଦଳର ସଭ୍ୟ ଥିବାରୁ ସବୁ ଆଲୋଚନାରେ ସଂଯୋଗକାରୀ ହିସାବରେ କାର୍ଯ୍ୟ କରିବାକୁ ପଡ଼ିଛି । ସେତେବେଳେ ଯେଉଁମାନେ ବିଧାନସଭାକୁ ନିର୍ବାଚିତ ହୋଇ ଆସିଥାନ୍ତି ଅଳ୍ପ କେତେ ଜଣଂକୁ ଛାଡ଼ିଦେଲେ ଅଧିକାଂଶଙ୍କର ବ୍ୟବସ୍ଥାପକ ହିସାବରେ ଅଭିଜ୍ଞତା ନ ଥାଏ, ଆଉ କେତେ ଜଣଙ୍କର ଅଳ୍ପ ସମୟର । କିନ୍ତୁ ପଣ୍ଡିତଜୀଙ୍କର କେନ୍ଦ୍ରୀୟ ଆସେମ୍ବ୍ଲିର ଅଭିଜ୍ଞତା ପ୍ରଥମ ବିଧାନସଭାପାଇଁ ଏକ ସମ୍ପଦ ଥିଲା ।

ପଣ୍ଡିତଜୀ ଯେତେବେଳେ ଠିଆ ହୋଇଯାଇ ଆଲୋଚନାରେ ଭାଗ ନେଉଥିଲେ, ସେତେବେଳେ ସଭାଗୃହ ଅତି ଉତ୍ସାହ ସହିତ ତାଂକୁ ଯଥୋଚିତ ସମ୍ମାନ ଦେଇ, ନୀରବ ହୋଇ ତାଙ୍କ ଭାଷଣ ଶୁଣୁଥିଲେ । ଦଳୀୟ ରାଜନୀତିର ଚକ୍ରରେ ତାଙ୍କୁ ଯିଏ କଟୁ ସମାଲୋଚନା କରନ୍ତୁ ନା କାହିଁକି; ପଣ୍ଡିତଜୀଙ୍କଠାରୁ ସଂସଦୀୟ ପରମ୍ପରାର ଶିକ୍ଷା ନେବାକୁ କେହି ପଛାଉ ନ ଥିଲେ ।

ପ୍ରଥମ ବିଧାନ ସଭା ବୈଠକର ପ୍ରଥମ ଦିନରୁ ତାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା, ଗୃହପ୍ରତି ସମ୍ମାନ ଓ ମର୍ଯ୍ୟାଦା ! ସମ୍ବିଧାନ ଓ ବିଧାନ ସଭା ନିୟମକୁ ଠିକଣାଭାବରେ କାର୍ଯ୍ୟକାରୀ କରିବାପାଇଁ ସେ ଥିଲେ ଜାଗ୍ରତ ପ୍ରହରୀ । ସେ ତ ନିଜେ କେତେବେଳେ ହେଲେ ଗୃହର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବାକୁ ଯାଉ ନ ଥିଲେ ; ଅନ୍ୟକୁ ମଧ୍ୟ ସେ ସୁଯୋଗ ଦେଉ ନ ଥିଲେ । ଏପରି କି ଭାଷଣରେ ସେ ଯଦି କୌଣସି ତ୍ରୁଟି କରି ପକାଉଥିଲେ ଏବଂ କେହି ତାହା ସୂଚାଇ ଦେଉଥିଲା, ତେବେ ସେ ସଙ୍ଗେ ସଙ୍ଗେ ନିଜର ଭୁଲ ସ୍ୱୀକାର କରି ନେଉଥିଲେ ଏବଂ କ୍ଷମା ଭିକ୍ଷା ମଧ୍ୟ

Digitized by PPRACHIN, SOA

କରୁଥିଲେ । ଅନ୍ୟମାନଙ୍କ ଭଳି କେବେ ହେଲେ ସଫେଇ ଦେଇ ତ୍ରୁଟିକୁ ସମର୍ଥନ କରୁ ନ ଥିଲେ । ଏହା ତାଙ୍କର ମହନୀୟତା ଏବଂ ବିଶାଳ ହୃଦୟର ଏକ ବଡ଼ ଗୁଣ ଥିଲା । ଏହାଦ୍ୱାରା ସେ ତାଂକର ବିରୋଧୀ ପକ୍ଷକୁ ନିରସ୍ତ କରି ପକାଉଥିଲେ ।

ଅନେକ ସମୟରେ ଦେଖାଯାଏ, ସେ ଭଦ୍ରଭାଷାରେ କଠୋର ମନ୍ତବ୍ୟ ଦିଅନ୍ତି । କିନ୍ତୁ ଗଠନ-ମୂଳକ ସମାଲୋଚନା ହିଁ ସବୁ ବକ୍ତବ୍ୟରେ ପରିସ୍ଫୁଟ ହେଉଥିଲା । ଲବଣ କର ବିରୁଦ୍ଧରେ ତାଙ୍କର ମୂଲ୍ୟବାନ କେନ୍ଦ୍ରୀୟ ଆସେମ୍ବ୍ଲି ବକ୍ତୃତା ମୁଁ ପଢ଼ିଛି, ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ସମ୍ପର୍କୀୟ ବକ୍ତୃତା ମଧ୍ୟ ପଢ଼ିଛି । ଓଡ଼ିଶା ବିଧାନସଭାର ପ୍ରଥମ ପାଞ୍ଚବର୍ଷ ମଧ୍ୟରେ ତାଂକର ଅନେକ ଭାଷଣ ଶୁଣିଛି । କିନ୍ତୁ ସେପରି ତଥ୍ୟ-ସମ୍ବଳିତ ଓ ପାଣ୍ଡିତ୍ୟ-ପୂର୍ଣ୍ଣ ଭାଷଣ ଖୁବ୍ କମ୍ ଲୋକଙ୍କ ମୁହଁରୁ ଶୁଣିବାକୁ ମିଳେ । ତାଙ୍କ ସହିତ ଜଣେ ସହମତ ନ ହୋଇ ପାରେ, ଚିନ୍ତା ଓ ଦୃଷ୍ଟିଭଙ୍ଗୀରେ ବିରାଟ ବ୍ୟବଧାନ ରହିପାରେ, କିନ୍ତୁ ତାଙ୍କର ଅକାଟ୍ୟ ଯୁକ୍ତିକୁ ସରଳ ଭାବରେ ଖଣ୍ଡନ କରିହୁଏନା । ''ବିରୋଧ ପାଇଁ ବିରୋଧ'' ଏଥିରେ ତାଙ୍କର ଆଦୌ ବିଶ୍ୱାସ ନ ଥିଲା । ଗଭୀର ଆତ୍ମ ବିଶ୍ୱାସହିଁ ତାଙ୍କର ଗଠନ-ମୂଳକ କଟୁ ସମାଲୋଚନାର କେନ୍ଦ୍ର ବିନ୍ଦୁ ଥିଲା । ମୋର ଅଭିଜ୍ଞତାରୁ ମୁଁ ଜାଣେ, ଯେଉଁ ବିଷୟରେ ଜଣଙ୍କର ଚିନ୍ତାଧାରା ସ୍ପଷ୍ଟ ଓ ନିଜର ଲକ୍ଷ୍ୟ ମଧ୍ୟ ପରିଷ୍କାର, ସେ ବିଷୟରେ ସମାଲୋଚନା ଧ୍ୱଂସ-ଭିତ୍ତିକ ହୋଇ ପାରିବ ନାହିଁ । ଚିନ୍ତାଧାରା ଓ ଲକ୍ଷ୍ୟ ତ୍ରୁଟିପୂର୍ଣ୍ଣ ହେବା ଏକ ସ୍ୱତନ୍ତ୍ର କଥା । ସେଥିପାଇଁ ପଣ୍ଡିତଜୀଙ୍କର ବିଧାନ ସଭା ଭାଷଣ ଏବଂ ବିଭିନ୍ନ ସମୟରେ ତାଙ୍କର ଭୂମିକା ଆଦୃତ ହେଉଥିଲା ।

ଆଉ ଗୋଟିଏ କଥା ମୁଁ ବରାବର ଲକ୍ଷ୍ୟ କରିଛି । ଭାରତୀୟ ସଂସ୍କୃତି, ପରମ୍ପରା ଏବଂ ଐତିହ୍ୟ ଉପରେ ତାଙ୍କର ଗଭୀର ବିଶ୍ୱାସ ଥିଲା । ତାଙ୍କର କୌଣସି ବିଷୟ-ବସ୍ତୁ ପ୍ରତି ସମର୍ଥନ ବା ସମାଲୋଚନା ଏହି ମାପ କାଠିରେ ତଉଲା ଯାଇପାରିବ । ଜମିଜମା ଉପରେ କୁହନ୍ତୁ ମଠ, ମନ୍ଦିର ସମ୍ପର୍କରେ କୁହନ୍ତୁ ବା ଅଟକ ଆଇନ ଉପରେ ତାଙ୍କର କଟୁ ସମାଲୋଚନା କହନ୍ତୁ, ସେ ସବୁର ମୂଳରେ ଉପରୋକ୍ତ ଦୃଷ୍ଟିଭଙ୍ଗୀ ସୁସ୍ପଷ୍ଟ । କେତେକାଂଶରେ ଆମକୁ ଏହା ପ୍ରତିକ୍ରିୟାଶୀଳ ଚିନ୍ତାଧାରା ବୋଲି ମନେ ହେଉଥିଲା । କିନ୍ତୁ ଆଧୁନିକତାର ଆବରଣତଳେ ସବୁକଥା ପ୍ରଗତିଶୀଳ-ଏପରି ଚିନ୍ତାଧାରାର ସେ ସମର୍ଥକ ନ ଥିଲେ । ଭାରତୀୟ ପରମ୍ପରା ଉପରେ ହିଁ ଏକ ଗତିଶୀଳ ସମାଜ ଓ ନୂଆ ଭାରତବର୍ଷ ଗଠିତ ହୋଇ ପାରିବ, ଏଥିରେ ତାଂକର ଦୃଢ଼ ବିଶ୍ୱାସ ଥିଲା ।

ମନରେ ଅଛି- ବିଧାନ ସଭାର ପ୍ରଥମ ଅଧିବେଶନରେ ଏକ ଭାଷଣ କ୍ରମେ ସେ ଯାହା କହିଥିଲେ, ମୁଁ ଭୁଲି ପାରେନା ଯେ ଜମି ଉପରେ ଖଜଣା ଉଠିଯିବା ଉଚିତ୍ ।

Digitized by PPRACHIN, SOA

ଏହା ଭାରତୀୟ ଐତିହ୍ୟର ପରିପନ୍ଥୀ । ସେତେବେଳକୁ ଭାରତୀୟ ପ୍ରଗତିଶୀଳ ଦଳମାନେ ମଧ୍ୟ ଏତେ ବାଟ ଯିବାକୁ ପ୍ରସ୍ତୁତ ନ ଥିଲେ । ତାଙ୍କର ଯୁକ୍ତି ଥିଲା, ପାଣିଉପରେ ଟିକସ ନାହିଁ, କିନ୍ତୁ ପାଣିରୁ ବରଫ ହେଲେ ତା' ଉପରେ ନାନା ଟିକସ ଅଛି । ସେହିପରି ଜମି ଆମର ତିଆରି ନୁହେଁ, ତାହା ଉପରେ ଟିକସ୍ ବଢାଇବା ଘୋର ଅନ୍ୟାୟ । ଜମିରୁ ଉତ୍ପାଦିତ ଜିନିଷ ଉପରେ କର ବଢାଅ, ଜମି ଉପରେ ନୁହେଁ । ଏ କଥା ମୋ ମନକୁ ଭାରି ଛୁଇଁଥିଲା, ଅନେକଙ୍କୁ ମଧ୍ୟ ଛୁଇଁଥିଲା । ବହୁବର୍ଷ ପରେ ଅଧିକାଂଶ ରାଜ୍ୟରେ ଭୂ-ରାଜସ୍ୱ ଉଠିଗଲା ।

ପଣ୍ଡିତଜୀ ଅଟକ ଆଇନରେ ଘୋର ବିରୋଧ କରିଥିଲେ । ବ୍ୟକ୍ତିଗତ ସ୍ୱାଧୀନତା ଖର୍ବକୁ ଘୋର ଘୃଣା କରୁଥିଲେ । ସେ ଅତି ସାହାସୀ ଓ ସ୍ୱାଧୀନଚେତା ଥିଲେ । ଅନେକ ସମୟରେ ଦଳୀୟ ଶୃଙ୍ଖଳାଭିତରେ ମଧ୍ୟ ସେ ଅଶ୍ୱସ୍ତି ମଣୁଥିଲେ । ସେପରି ଲୋକ ବିଧାନ ସଭାରେ ଅଟକ ଆଇନକୁ ସମର୍ଥନ କିପରି ବା କରନ୍ତେ ? ସେତେବେଳେ ସେ ସରକାରଙ୍କୁ ସତର୍କ କରି କହିଥିଲେ, "ଏ ଆଇନକୁ କେବଳ ଅପବ୍ୟବହାର କରାଯିବ କଳାବଜାରୀ, ଲାଞ୍ଚଖୋର, ଏହାର ଶିକାର ହେବେନାହିଁ, ରାଜନୈତିକ ଲୋକମାନେ ବେଶି ପରିମାଣରେ ହେବେ । ଏପରି ଏକ ନୃଶଂସ ଅସ୍ତ୍ର ସରକାର ନ ନିଅନ୍ତୁ ।" ପରବର୍ତ୍ତୀ ଘଟଣାବଳୀ ତାଙ୍କର ଏ ଆଶଙ୍କାକୁ ଦୃଢ଼ୀଭୂତ କଲା ।

ଏହିପରି ଅନେକ ଦୃଷ୍ଟାନ୍ତ ଦେଇ ହେବ ତାଙ୍କର ବିଧାୟକ ଭୂମିକା ସମ୍ବନ୍ଧରେ । ଦ୍ୱିତୀୟ ଅଧ୍ୟାୟ ଆରମ୍ଭ ହେଲା ଯେତେବେଳେ ସେ ପୁନର୍ବାର କଂଗ୍ରେସରେ ଯୋଗ ଦେଲେ ପଣ୍ଡିତ ନେହେରୁଙ୍କ ନିମନ୍ତ୍ରଣ କ୍ରମେ ଏବଂ ବିଧାନ ସଭାକୁ ନିର୍ଦ୍ଦିନ୍ଦରେ ନିର୍ବାଚିତ ହୋଇ ୧୯୫୭ ମସିହାରେ ଓଡ଼ିଶା ବିଧାନ ସଭାର ଅଧ୍ୟକ୍ଷ ହେଲେ ।

ଗମ୍ଭୀର ଓ ସୌମ୍ୟ ମୂର୍ତ୍ତି ବହନ କରି ବିଧାନ ସଭାର ଅଧ୍ୟକ୍ଷ । ଏହାହିଁ ଗୃହର ବାତାବରଣରେ ଏକ ବିରାଟ ପରିବର୍ତ୍ତନ ଆଣି ଦେଲା । କମ୍ କହିବାକୁ ହୁଏ, କାରଣ ବାଚସ୍ପତିଙ୍କୁ ମୂକ ରହିବାକୁ ହେବ । ଦୁଇପାଖ ଖେଳର Empire. ବିରୋଧୀ ପକ୍ଷ ହେଉ ବା ସରକାରୀ ଦଳ ହେଉ, ସମସ୍ତଙ୍କର ସମ୍ମାନ-ଭାଜନ-ବୟସ, ପାଣ୍ଡିତ୍ୟ ଏବଂ ଅଭିଜ୍ଞତା ଯୋଗୁଁ । ତେଣୁ ଦଳୀୟ ଭାବର ଶିକାର ହେବାର ସମ୍ଭାବନା ବଡ଼ କମ୍ । ନିରପେକ୍ଷତାର ବାତାବରଣ ମଧ୍ୟରେ ବିଧାନ ସଭାର କାର୍ଯ୍ୟ ଆନନ୍ଦରେ ଚାଲିଲା । ସମୟେ ସମୟେ ତାଙ୍କର Ruling ବା ନିଷ୍ପତ୍ତି ସହିତ ମୁଁ ଓ ଅନ୍ୟ ବନ୍ଧୁମାନେ ଏକମତ ହୋଇପାରୁ ନ ଥିଲେ, ସୌଜନ୍ୟ ସହକାରେ ଯୁକ୍ତିତର୍କ କରୁ । କିନ୍ତୁ ବ୍ୟକ୍ତିତ୍ୱ ପାଖରେ ମୁଣ୍ଡକୁ ନୁଆଁଇବାକୁ ହୁଏ । ସେପରି ବିଧାନ ସଭାରେ କାର୍ଯ୍ୟ

Digitized by PPRACHIN, SOA

କରିବାରେ ଆନନ୍ଦ ଥାଏ । ସେଥିପାଇଁ ତାଙ୍କର ଓ ମୋ ମଧ୍ୟରେ ବନ୍ଧୁତା ଦୃଢ଼ୀଭୂତ ହେଲା ଏବଂ ଆନ୍ତରିକତା ବୃଦ୍ଧି ପାଇଲା ।

ସେହି ସମୟରେ ତାଙ୍କର ଦୁଇଟି ଅବଦାନ ଭାରତୀୟ ସଂସଦୀୟ ଇତିହାସରେ ସବୁଦିନ ପାଇଁ ରହିଗଲା । ପ୍ରଥମ ହେଲା ଓଡ଼ିଶା ବିଧାନ-ସଭା ସେକ୍ରେଟେରିଏଟ୍‌କୁ ସରକାରୀ ବିଭାଗ ଅଧୀନରୁ ଆଣି ଅଧ୍ୟକ୍ଷଙ୍କ ଅଧୀନରେ ରଖିବା ଏବଂ ଦ୍ୱିତୀୟ ହେଲା, ବିଧାନ ସଭାକୁ ଭାଂଗି ଦିଆଗଲେ ବି ନୂତନ ବିଧାନସଭା ଗଠିତ ନ ହେଲା ପର୍ଯ୍ୟନ୍ତ ଅଧ୍ୟକ୍ଷ ତାଙ୍କ ପଦବୀରେ ସ୍ଥିର ରହିବା ।

ଆମର ସହଯୋଗ ସହିତ ତାଙ୍କର ଅଦମ୍ୟ ଉଦ୍ୟମ ଏବଂ ଶେଷ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କୁ ଧମକ ଦେବା ଯେପରି ବିଧାନ ସଭା ସ୍ୱାତନ୍ତ୍ର୍ୟର ବିଜୟ ଗୌରବ ଆଣି ଦେଇଥିଲା, ବିଧାନ ସଭା ଭାଙ୍ଗିବା ପରେ ବାଚସ୍ପତିଙ୍କ ପଦ ସ୍ଥିର ରହିବାରେ ସେହିପରି ତାଙ୍କର ନିଷ୍ଠା, ସାଧନା ଓ ଭାରତ ସରକାରଙ୍କ ସହିତ ସାଲିସ୍‌ହୀନ ସଂଗ୍ରାମ ତାଙ୍କୁ ବିଜୟଶ୍ରୀରେ ମଣ୍ଡିତ କରିଥିଲା ।

ଏହିପରି ଭାବରେ ତାଙ୍କର ସଂସଦୀୟ ଜୀବନର ପରିସମାପ୍ତି ଘଟିଲା । ପଣ୍ଡିତଜୀ ନାହାନ୍ତି । କେହି ବି ରହିବେ ନାହିଁ । କିନ୍ତୁ ସଂସଦୀୟ ବେଳା-ଭୂମିରେ ଯେଉଁ ପଦଚିହ୍ନ ସେ ରଖି ଯାଇଛନ୍ତି, ତାହା କାଳଜୟୀ ହୋଇ ରହିବ ।


●

ପରାଣ ବାରତା ସତେ ଶୁଣାଇ ପାରିବି ନାହିଁ
କେଉଁଠି ପାଇବି ଦେଖା ଦିନଗତି ଅଛି ଗୁହିଁ ?

କେତେମଂତେ ଏ ପରାଣେ ବାଂଧିଛ ଏ କି ବିଧାନେ—
କହିବି ପରାଣ ଫେଇ ତୁଂଢ଼େ ମୋର ଭାଷା କାହିଁ ?
କେଉଁଦେଶେ କି ବିସ୍ତାରେ ଘେରିରହି ମହାକାଳେ,
ଏ ପିଂଢ଼େ ରହିଛି ପୂରି ସତେକି ପରାଣ ସାଇଁ ?
କରମେ ବିରମେ କିଏ, ଇଂଗିତ ଚଳାଇ ଦିଏ,
ଏ ଜୀବନ ଏ କରମ ଏ ଧିଆନ କାହାପାଇଁ ?
ଦିନ ଯାଉଅଛି ବହି, ଯାଉଚି ମୁଁ ଭସି କାହିଁ
କାହାକୁ ବସିଛି ଗୁହିଁ ଏ ପରାଣେ ଆଶା ବହି ?

(ନୀଳକଣ୍ଠ— ଭକ୍ତିଗାଥା)

Digitized by PPRACHIN, SOA



ଆବିର୍ଭାବ—୫।୮।୧୮୮୪ ତିରୋଭାବ—୭।୧୧।୧୯୬୭

Digitized by PPRACHIN, SOA

# ପଣ୍ଡିତ ନୀଳକଂଠ—ସ୍ୱାଧୀନତା ସଂଗ୍ରାମୀ ଓ ବ୍ୟବସ୍ଥାପକ

ଡ଼ଃ ସତ୍ୟନାରାୟଣ ରଥ

ଓଡ଼ିଶା ଲୋକଂକପାଇଁ ପଣ୍ଡିତ ନୀଳକଂଠ କେବଳ ଏକ ବ୍ୟକ୍ତିବିଶେଷ ନୁହନ୍ତି, ସେ ଏକ ଅନୁଷ୍ଠାନ । ସେ ଜଣେ ପ୍ରତିଭାଶାଳୀ ବ୍ୟକ୍ତି ଥିଲେ ଓ ଜୀବନର ବହୁ କ୍ଷେତ୍ରରେ ନିଜର ଅନନ୍ୟ ସାଧାରଣ ବ୍ୟକ୍ତିତ୍ୱ ପ୍ରଦର୍ଶନ କରି ଯାଇଛନ୍ତି । ପଣ୍ଡିତ ନୀଳକଣ୍ଠ ଯେ କୌଣସି କ୍ଷେତ୍ରରେ ପ୍ରବେଶ କରିଛନ୍ତି, ସେଥିରେ ତାଙ୍କ ବ୍ୟକ୍ତିତ୍ୱର ଅସାମାନ୍ୟ ଛାପ ରହି ଯାଇଚି । ସେହି ବ୍ୟକ୍ତିତ୍ୱର ଚିତ୍ରଣ ବଡ଼ ଦୁରୂହ । କୌଣସି ବ୍ୟକ୍ତି ବିଶେଷ ଏଥିପାଇଁ ଯେତେ ଉଦ୍ୟମ କଲେ ମଧ୍ୟ ତାଙ୍କ ବ୍ୟକ୍ତିତ୍ୱର ଗଭୀରତା ଓ ବିସ୍ତୃତି ଏତେ ଅଧିକ ଯେ ତାହା ତାର କଳ୍ପନାତୀତ ହୋଇପଡ଼େ । ଏଠାରେ କେବଳ ଜାତୀୟ ଜୀବନପ୍ରତି ନୀଳକଣ୍ଠଙ୍କର ଅବଦାନର କେତେକ ବିଭବ ବିଷୟରେ ଆଲୋଚନା କରଯାଇପାରେ ।

ମୋର ମନେହୁଏ, ପଣ୍ଡିତ ନୀଳକଂଠ ନିଜ ଗୁରୁ, ପଥପ୍ରଦର୍ଶକ ଓ ପରାମର୍ଶ-ଦାତା ପଣ୍ଡିତ ଗୋପବଂଧୁ ଏବଂ ସହକର୍ମୀ ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ, ଐତିହାସିକ କୃପାସିଂଧୁଙ୍କ ସହିତ ଓଡ଼ିଶାରେ ଏକ ନବଜାଗରଣର ଯୁଗପୁରୁଷ ରୂପେ ଆବିର୍ଭୂତ ହୋଇଥିଲେ । ଯୌବନରେ ସେମାନେ କୁସଂସ୍କାରପୂର୍ଣ୍ଣ ସମାଜର ପରିବର୍ତ୍ତନ ଲାଗି ଉଦ୍ୟମ କରିଥିଲେ ଓ ତେଣୁ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରି ଓଡ଼ିଶାର ଭବି ନେତୃବୃନ୍ଦ ଓ କର୍ମୀମାନଂକୁ ସୁନାଗରିକ ରୂପେ ଗଢ଼ିବା ଲାଗି ଉପଯୁକ୍ତ ଶିକ୍ଷା ଦେଇଥିଲେ ।

ସତ୍ୟବାଦୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ଯୋଗଦେବା ସମୟରୁହିଁ ସେ ଜଣେ ବିଶିଷ୍ଟ ଗୁରୁ ଓ ସମାଜ ସଂସ୍କାରକ ତଥା ସଂଗ୍ରାମୀ ଭାବେ କାର୍ଯ୍ୟାରମ୍ଭ କରି ଦେଲେ । ଅଂଧବିଶ୍ୱାସମୁକ୍ତ, ଯୁକ୍ତିସିଦ୍ଧ ଓ ଦୃଢ଼ବିଶ୍ୱାସ ଉପରେ ପ୍ରତିଷ୍ଠିତ ସାଂସ୍କୃତିକ ଜୀବନ ପଥରେ ଯେଉଁସବୁ ବାଧାବିଘ୍ନ ଥିଲା ତାହା ବିରୋଧରେ ସଂଗ୍ରାମ କରିବାକୁ ସେ ପଶ୍ଚାଦ୍‌ପଦ ହୋଇ ନ ଥିଲେ ।

Digitized by PPRACHIN, SOA

ସତ୍ୟବାଦୀ ବିଦ୍ୟାଳୟ ଯେଉଁ ଆଦର୍ଶଉପରେ ଆବିର୍ଭୂତ ହୋଇଥିଲା, ପଣ୍ଡିତ ନୀଳକଂଠ ତାକୁ ଯୁକ୍ତିଯୁକ୍ତ ଭିତ୍ତି ଉପରେ ପ୍ରତିଷ୍ଠିତ କରିଥିଲେ । ପଣ୍ଡିତ ଗୋପବଂଧୁଙ୍କର ମୋହନ ନେତୃତ୍ୱରେ ପଣ୍ଡିତ ନୀଳକଂଠ ଓ ତାଙ୍କର ପ୍ରବୀଣ ସହଯୋଗିମାନେ ଓଡ଼ିଆଙ୍କର ସ୍ୱାତନ୍ତ୍ର୍ୟ ପ୍ରତିପାଦନ ଲାଗି ଗବେଷଣା, ଓଡ଼ିଆ ସାହିତ୍ୟର ଉନ୍ନତି ତଥା ଓଡ଼ିଆଙ୍କର ଉନ୍ନତ ଜୀବନ ଯାପନ ଲକ୍ଷ୍ୟରେ ସେବା ମନୋଭାବର ଉଦ୍ରେକ କରିବା ପାଇଁ ସତ୍ୟବାଦୀ ବିଦ୍ୟାଳୟର ତରୁଣ ଛାତ୍ରମାନଙ୍କୁ ଶିକ୍ଷା ଦେଉଥିଲେ । ବିଦ୍ୟାଳୟର ଏହି କାର୍ଯ୍ୟ କଳାପ ଫଳରେ ଜାତୀୟ ଜୀବନରେ ଏକ ନବଜାଗରଣର ଢେଉ ଖେଳିଗଲା । ଦେଶର ସାମାଜିକ, ସାହିତ୍ୟିକ ଓ ସାଂସ୍କୃତିକ ଜୀବନରେ ଏକ ନୂତନ ଜାଗରଣ ଉଦ୍ରେକ କରାଇ ଓଡ଼ିଆ ଲୋକଙ୍କ ମନରେ ପୁନର୍ଜନ୍ମ ଲାଭର ଧାରଣା ସୃଷ୍ଟି ହୋଇଥିଲା । ଉତ୍କଳ ସମ୍ମିଳନୀ ଓଡ଼ିଆ ମୁଲକଗୁଡ଼ିକର ଏକତ୍ରୀକରଣ ପାଇଁ ଯେଉଁ ଆନ୍ଦୋଳନ ଆରମ୍ଭ କରିଥିଲେ ସେମାନେ ସମସ୍ତେ ଏହାକୁ ଯେ ପ୍ରାଣପଣେ ସମର୍ଥନ କରିଥିଲେ, ତାହା କେବଳ ଦୈବକ୍ରମେ ଘଟି ନଥିଲା ।

ତେଣୁ ଯେତେବେଳେ ଓଡ଼ିଶାରେ ନୂତନ ଜାଗରଣର ଜୁଆର ଖେଳିଗଲା, ସେତେବେଳେ ସତ୍ୟବାଦୀ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରମାନେ ତାକୁ ସ୍ୱାଗତ କରି ସେଥିଲାଗି କାର୍ଯ୍ୟାରମ୍ଭ କରିଦେଲେ । ୧୯୨୧ର ଅସହଯୋଗ ଆନ୍ଦୋଳନ ଏହାର ଏକ ସ୍ପଷ୍ଟ ଉଦାହରଣ ରୂପେ ଲକ୍ଷ୍ୟ କରାଯାଇ ପାରେ । ପଣ୍ଡିତ ଗୋପବଂଧୁ ଏହି ଆନ୍ଦୋଳନରେ ଯୋଗଦେବା ପାଇଁ ସ୍ଥିର କରିବା ମାତ୍ରେ ପଣ୍ଡିତ ନୀଳକଣ୍ଠ ସେଥିପାଇଁ ଆଗେଇ ଆସିଲେ ଓ ପରେ ପରେ ସେମାନଙ୍କର ସହକର୍ମୀଗଣ ତଥା ସତ୍ୟବାଦୀ ବିଦ୍ୟାଳୟର ପୂର୍ବତନ ଛାତ୍ରମାନେ ଅସହଯୋଗ ଆନ୍ଦୋଳନକୁ ଡେଇଁ ପଡ଼ିଲେ । ପଣ୍ଡିତ ନୀଳକଣ୍ଠ କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ପଦ ଛାଡ଼ି ଆନ୍ଦୋଳନରେ ଯୋଗଦେଇ ୧୯୨୩ ରେ ଜେଲ ବରଣ କଲେ । ଏତେବେଳକୁ ସେ ଉତ୍କଳ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ କମିଟିର ଜଣେ ତୁଙ୍ଗ ନେତା ହୋଇ ଥିଲେ ।

ପଣ୍ଡିତ ନୀଳକଂଠଙ୍କଲାଗି ଅସହଯୋଗ ଆନ୍ଦୋଳନ ଏକ ନୀତି ବା ଧର୍ମ ( Creed ) ନ ଥିଲା । ଏହା ଦେଶର ସ୍ୱାଧୀନତା ଲାଭର ଏକ ଉପାୟ ମାତ୍ର ବୋଲି ସେ ମନେ କରୁଥିଲେ । ଗାନ୍ଧିଜୀ ଯେତେବେଳେ ହଠାତ୍ ଅସହଯୋଗ ଆନ୍ଦୋଳନ ବନ୍ଦ କରିଦେଲେ, ସେ ସମୟରେ ସହଯୋଗ ମାଧ୍ୟମରେ ଆନ୍ଦୋଳନର ଉଚ୍ଛ୍ୱାସ ବଞ୍ଚାଇ ରଖିବା ପାଇଁ କେତେକ ନେତା ଉପଲବ୍ଧି କଲେ । ବ୍ୟବସ୍ଥା ସଭାଭିତରେ ପଶି ତାହା ମାଧ୍ୟମରେ ଇଂରେଜ ରାଜତ୍ୱ ସହିତ ଲଢେଇ କରିବା ସଙ୍ଗେ ସଙ୍ଗେ

Digitized by PPRACHIN, SOA

୧୯୧୯ ର ଶାସନ ସଂସ୍କାର ବ୍ୟବସ୍ଥାକୁ ଅକାମୀ କରିଦେବା ସ୍ୱରାଜ୍ୟ ଦଳର ଲକ୍ଷ୍ୟ ଥିଲା । ପଣ୍ଡିତ ନୀଳକଣ୍ଠ ଏହି ଦଳର ବ୍ୟବସ୍ଥା ସଭା ପ୍ରବେଶର କାର୍ଯ୍ୟକ୍ରମ ଗ୍ରହଣ କରି ୧୯୨୩ ନଭେମ୍ବର ମାସରେ ଏଥିର ସଭ୍ୟ ରୂପେ କେନ୍ଦ୍ର ବ୍ୟବସ୍ଥା ସଭାକୁ ନିର୍ବାଚିତ ହେଲେ ଓ ଶେଷ ବ୍ୟବସ୍ଥାପକ ଜୀବନ ଯାଏ ଏ ଦଳର ସମ୍ପାଦକ ରହିଲେ । ୧୯୨୬ ରେ ପୁଣି ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ବ୍ୟବସ୍ଥା ସଭାକୁ ଆଉଥରେ ନିର୍ବାଚିତ ହେଲେ । ଜଣେ ବୈଧାନିକ ଭାବରେ ସେ ଉଚ୍ଚ ଗୌରବର ଅଧିକାରୀ ତଥା ବ୍ୟବସ୍ଥା ସଭାର ଜଣେ ଉଚ୍ଚକୋଟିର ବକ୍ତା ରୂପେ ପରିଚିତ ହୋଇଥିଲେ । ବିଭିନ୍ନ ସମସ୍ୟା ଉପରେ ତାଙ୍କ ବ୍ୟବସ୍ଥା ସଭା ବକ୍ତୃତାକୁ ପରୀକ୍ଷା କରି, ତାଙ୍କ ମତବାଦର ମୌଳିକ ନୀତି ନିମ୍ନମତେ ଉପସ୍ଥାପିତ କରଯାଇ ପାରେ ।

(୧) ଜାତୀୟ ବ୍ୟବସ୍ଥାପକ ଦଳର କୌଣସି ପ୍ରତିନିଧି ଭାବେ ଉଭୟ ଜାତୀୟ ଓ ଆଂଚଳିକ ସମସ୍ୟାମାନ ଆଲୋଚନା କରିବାକୁ ଗଲ ବେଳେ ସର୍ବ-ଭାରତୀୟ ସମସ୍ୟା ଓ ପ୍ରାଦେଶିକ ବା ଆଂଚଳିକ ସମସ୍ୟା ଭିତରେ କାହାରି ପ୍ରାଧାନ୍ୟକୁ ଯେପରି ଜଳାଂଜଳି ଦିଆ ନ ହୁଏ, ତାହା ଲକ୍ଷ୍ୟ କରିବା ଦରକାର ।

(୨) ଗରିବ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷାହିଁ ଜଣେ ଲୋକପ୍ରତିନିଧିଙ୍କର ମୁଖ୍ୟ ଦାୟିତ୍ୱ ହେବା ଉଚିତ ।

(୩) ଜାତୀୟ ଆନ୍ଦୋଳନର ଚରମ ଉଦ୍ଦେଶ୍ୟ ପ୍ରତି ଲକ୍ଷ୍ୟରଖି ଯେ କୌଣସି ବ୍ୟବସ୍ଥାପକକୁ କାର୍ଯ୍ୟ କରିବାକୁ ପଡ଼ିବ ।

କେନ୍ଦ୍ର ବ୍ୟବସ୍ଥା ସଭାରେ ଓଡ଼ିଆ ଭାଷାଭାଷୀ ଅଂଚଳକୁ ଏକ ଶାସନାଧୀନରେ ରଖିବାପାଇଁ ଦୃଢ଼ଦାବୀ ଉପସ୍ଥାପିତ କରି ପଣ୍ଡିତ ନୀଳକଣ୍ଠ ଯେଉଁ ବକ୍ତୃତା ଦେଇଥିଲେ, ସେଥିରୁ ଉପରୋକ୍ତ ପ୍ରଥମ ନୀତିର ସ୍ପଷ୍ଟ ସଂକେତ ମିଳିଥାଏ । ୧୯୨୭ ଫେବ୍ରୁୟାରୀ ୮ ତାରିଖରେ କେନ୍ଦ୍ର ବ୍ୟବସ୍ଥା ସଭାରେ ସେ ନିମ୍ନଲିଖିତ ବେସରକାରୀ ପ୍ରସ୍ତାବଟି ଉପସ୍ଥାପିତ କରିଥିଲେ

"ସମସ୍ତ ଓଡ଼ିଆ ଭାଷାଭାଷୀ ଅଂଚଳକୁ ଏକ ଶାସନାଧୀନରେ ରଖିବା କିମ୍ବା ସେ ଦିଗରେ ତୁରନ୍ତ ପଦକ୍ଷେପ ନେବାଲାଗି ଏହି ବ୍ୟବସ୍ଥା ସଭା ବଡ଼ଲାଟଙ୍କୁ ପରାମର୍ଶ ଦେଉଅଛି ।"

ଯୁକ୍ତିବାଦୀ ପଣ୍ଡିତ ନୀଳକଣ୍ଠ ନାନା ଉଦାହରଣ ଓ ଯୁକ୍ତି ଦର୍ଶାଇ ଉଭୟ କେନ୍ଦ୍ର ବ୍ୟବସ୍ଥା-ସଭା ଓ ସରକାରଙ୍କର ହୃଦବୋଧ ଅଣାଇବା ପାଇଁ ଚେଷ୍ଟା କରିଥିଲେ ।

Digitized by PPRACHIN, SOA

ଓଡ଼ିଆ ଭଷାଭାଷୀ ଅଞ୍ଚଳମାନ ପୃଥକ ହୋଇ ରହିବା ଫଳରେ ଓଡ଼ିଆଙ୍କର ଜାତୀୟ ଜୀବନ ଓ ସଂସ୍କୃତି ଲୋପ ପାଇଯିବାର ଘୋର ଆଶଙ୍କା ପ୍ରକାଶ କରି ସେଗୁଡ଼ିକୁ ଏକ ସ୍ୱତନ୍ତ୍ର ଶାସନାଧୀନରେ ରଖିବାର ଆବଶ୍ୟକତା ସେ ପ୍ରାଞ୍ଜଳ ଭବରେ ବୁଝାଇଥିଲେ । ଓଡ଼ିଆଙ୍କ ଲଗି ଗୋଟିଏ ଉପ ପ୍ରଦେଶ ଗଠନର ପ୍ରସ୍ତାବକୁ ପୂରପୂରି ପ୍ରତ୍ୟାଖ୍ୟାନ କରି ସବୁ ଓଡ଼ିଆଭଷୀ ଅଞ୍ଚଳକୁ ନେଇ ଗୋଟିଏ ଅଲଗା ପ୍ରଦେଶ କରିବାକୁ ସେ ଦାବୀ କରିଥିଲେ ଓ ଏହାର ଆବଶ୍ୟକତା ଉପରେ ଜୋର ଦେଇଥିଲେ । ତାଙ୍କ ଓଡ଼ିଶା ପ୍ରଦେଶର ସ୍ୱପ୍ନ ବାସ୍ତବରେ ପରିଣତ ହେବା ପର୍ଯ୍ୟନ୍ତ ସେ ଏହି ଦାବୀରେ ଅଟଳ ରହିଥିଲେ ।

ଫଳରେ ତତ୍‌କାଳୀନ ଇଂରେଜ ବିଭଗ ମନ୍ତ୍ରୀ ସାର ଆଲେକ୍‌ଜାଣ୍ଡାର ମୁଡ଼ିମ୍ୟାନ ନୀଳକଣ୍ଠଙ୍କ ଯୁକ୍ତିରେ ଏପରି ମୁଗ୍ଧ ହୋଇଥିଲେ ଯେ ତାଙ୍କର ଓଡ଼ିଆ ଭାଷୀ ଲୋକଙ୍କ ପ୍ରତି ସହାନଭୂତି ଆସିଥିଲ । ସେ କହିଥିଲେ, "ଏକ ଶାସନାଧୀନରେ ନ ରହିଲେ ମଧ୍ୟ ଓଡ଼ିଆ ଲୋକଙ୍କର ଯେ ଏକ ସ୍ୱତନ୍ତ୍ର ପରମ୍ପର ଓ ସ୍ୱତନ୍ତ୍ର ଭଷାଅଛି ଓ ରହିବ ଏବଂ ଓଡ଼ିଆଙ୍କର ଏକ ସ୍ୱତନ୍ତ୍ର ଲିପି ଓ ସ୍ୱତନ୍ତ୍ର ଶିଳ୍ପକଳା ମଧ୍ୟ ରହିଛି ଓ ରହିବ ଏଥିରେ ସନ୍ଦେହର ଅବକାଶ ନାହିଁ । ତେବେ ସବୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ନୂଆ ପ୍ରଦେଶ ଗଢ଼ିବା ବିଷୟ ଆର୍ଥିକ ଅବସ୍ଥା ଦୃଷ୍ଟିରୁ ଟିକିନିଖି ପରୀକ୍ଷା ପରେ ନିଷତ୍ତି ଗ୍ରହଣ କରଯିବ ଏବଂ ଏ ସମସ୍ତର ଫଳାଫଳ ଷ୍ଟାଚ୍ୟୁଟରୀ କମିସନଙ୍କର ମତାମତ ପାଇଁ ପଠାଯିବ ।"

ତତ୍‌କାଳୀନ ବଡ଼ଲଟ ଶାସନ ପରିଷଦର ଇଂରେଜ ସଭ୍ୟଙ୍କ ଏତାଦୃଶ ମତର ଯଥେଷ୍ଟ ଗୁରୁତ୍ୱ ଥିଲ ଓ ପରେ ଓଡ଼ିଆ ଆନ୍ଦୋଳନର ଯଥାର୍ଥତାକୁ ବଳବତ୍ତର କରିବାରେ ଏହା ସହାୟକ ହୋଇଥିଲ । ଓଡ଼ିଶା ବିଷୟରେ ସେତେବେଳେ କେନ୍ଦ୍ର ବ୍ୟବସ୍ଥା ସଭାର ସଭ୍ୟମାନଂକର ପ୍ରାୟ କୌଣସି ଜ୍ଞାନ ନଥିଲ । ଏପରିକି ଓଡ଼ିଶାର ଅବସ୍ଥିତି ସମ୍ପର୍କରେ ମଧ୍ୟ ସେମାନଂକର ଧାରଣା ସ୍ପଷ୍ଟ ନଥିଲ । ଇଂରେଜ ସଭ୍ୟ ମୁଡ଼ିମ୍ୟାନ୍ ସାହେବଂକର ଓଡ଼ିଆଂକ ଏକ ସ୍ୱତନ୍ତ୍ର ପରଂପରା ଓ ସଂସ୍କୃତି ଥିବା ସ୍ୱୀକାର କରିବାରେ କେନ୍ଦ୍ର ବ୍ୟବସ୍ଥା ସଭର ବହୁ ସଭ୍ୟଂକର ଓଡ଼ିଶା ବିଷୟରେ ଆଖି ଖୋଲି ଯାଇଥିଲ ।

କେନ୍ଦ୍ର ବ୍ୟବସ୍ଥା ସଭରେ ଏପରି କୌଣସି ଗୁରୁତ୍ୱପୂର୍ଣ୍ଣ ବିଲ୍ ବା ପ୍ରସ୍ତାବ ଆସୁ ନଥିଲ, ଇଂରେଜ ସରକାରଂଙ୍କ କୌଣସି ନୀତି, ଭାରତ ଦରିଦ୍ର ଜନସାଧାରଣଂକର ସ୍ୱାର୍ଥର ଅନୁକୂଳ ହେବ ଅଥବା ସ୍ୱାର୍ଥର ବିରୋଧରେ ଯିବ, ଏହି ଦୃଷ୍ଟି କୋଣରୁ ପଣ୍ଡିତଜୀ

Digitized by PPRACHIN, SOA

କେନ୍ଦ୍ର ବ୍ୟବସ୍ଥା ସଭାରେ ସବୁ ବିଷୟ ଆଲୋଚନା କରୁଥିଲେ । ଯଦି କୌଣସି ଏକ ବିଲ୍ ଆଇନ୍‌ରେ ପରିଣତ ହେଲେ ସାଧାରଣ ଲୋକଙ୍କର ଉପକାର ପରିବର୍ତ୍ତେ ଅନିଷ୍ଟ ହେବାର ଆଶଙ୍କା ତାଙ୍କ ମନରେ ଜାତ ହୁଏ, ତେବେ ପଣ୍ଡିତ ନୀଳକଣ୍ଠ ତାର ଘୋର ବିରୋଧ କରୁଥିଲେ ଓ ସେ ସମ୍ପର୍କରେ ସେ ସମାଧାନର ଉପାୟ ମଧ୍ୟ ଉପସ୍ଥାପିତ କରୁଥିଲେ । ୧୯୨୯ ରେ ପଣ୍ଡିତ ନୀଳକଣ୍ଠ ଅର୍ଥ ବିଲ୍‌କୁ ଘୋର ସମାଲୋଚନା କରି ବିଲ୍ ଉପରେ ଏକ ସଂଶୋଧନ ପ୍ରସ୍ତାବ ଆଗତ କରିଥିଲେ । ସ୍ଥାନୀୟ ଉତ୍ପନ୍ନ ଲବଣ ଉପରୁ ସଂପୂର୍ଣ୍ଣ ଭାବେ କର ଛାଡ଼ କରିଦେବା ପାଇଁ ସେ ଦାବୀ କରିଥିଲେ । ସେ ଦୃଢ଼ ମତବ୍ୟକ୍ତ କରି କହିଲେ, 'ଲବଣହିଁ ମୁଖ୍ୟତଃ ଏହି ଅର୍ଥ ବିଲ୍ ଉପରେ ଆପତ୍ତିର କାରଣ ! ତାଙ୍କ ମତରେ ଲବଣ କର ଏକ ପୋଲ୍ ଟ୍ୟାକ୍‌ସ ବା ଏକ ଜିଜିୟା କର । ଏହା ଫଳରେ ଖାଦ୍ୟ ଉପରେ ଟିକସ ବସା ଯାଉଛି । ଫଳରେ ଦରିଦ୍ରତମ ବ୍ୟକ୍ତି ହିଁ ବିଶେଷ କଷ୍ଟ ଭୋଗ କରିବେ ।" ସେ କହିଲେ, "ଲବଣରୁ ରାଜସ୍ୱ ଉଠାଇବା ଉଚିତ ନୁହେଁ । ଅର୍ଥ ବିଲ୍‌ରେ ଯେଉଁ ଟିକସ ବସାଇବାର ପ୍ରସ୍ତାବ ରହିଚି, ସେହି ଟିକସ ଏ ଦେଶରେ ଉତ୍ପାଦିତ ଲବଣ ଉପରେ ନ ବସାଇ ବିଦେଶରୁ ଆମଦାନୀ କରାଯାଉଥିବା ଲବଣ ଉପରେ ବସାଯିବା ଉଚିତ୍ ବୋଲି ସେ ପ୍ରସ୍ତାବ କରିଥିଲେ ।

ଆଉଥରେ ପଣ୍ଡିତଜୀ ଆସାମ ଚା ବଗିଚାରେ କାମ କରୁଥିବା ଗରିବ ଶ୍ରମିକମାନଙ୍କର ଦୁର୍ଦ୍ଦଶା ବର୍ଣ୍ଣନା କରି କେନ୍ଦ୍ର ବ୍ୟବସ୍ଥା ସଭା ସଭ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଚା ବଗିଚା କୁଲିମାନଙ୍କୁ ସର୍ଦ୍ଦାରମାନେ ସଂଗ୍ରହ କରି ଆଣିବାଠାରୁ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରିବା ପର୍ଯ୍ୟନ୍ତ ସେମାନଙ୍କ ଉପରେ ଯେପରି ଅମାନୁଷିକ ଅତ୍ୟାଚାର କରାଯାଉଛି, ତାହା ସେ ବିଶଦ ଭାବରେ ବର୍ଣ୍ଣନା କରି ତହିଁର ଘୋର ସମାଲୋଚନା ଓ ନିନ୍ଦା କରିଥିଲେ ।

ପଣ୍ଡିତ ନୀଳକଣ୍ଠ ବଜେଟ୍ ଆଲୋଚନାରେ ଅନେକ ଥର ଭାଗ ନେଇ ସରକାରଙ୍କ ଟିକସ୍‌ନୀତି ପରିବର୍ତ୍ତନ ଲାଗି ଦୃଢ଼ ଯୁକ୍ତି ଉପସ୍ଥାପିତ କରୁଥିଲେ ।

ଭୂ–ରାଜସ୍ୱ ନୀତିରେ ପରିବର୍ତ୍ତନ କରିବାକୁ ଦାବୀ କରି ସେ ଦୃଢ଼ ସ୍ୱରରେ କହିଥିଲେ ଯେ ଗରିବ ଲୋକଙ୍କୁ ଭୂ–ରାଜସ୍ୱରୁ ଅବ୍ୟାହତି ଦେଇ ସେଇ ବୋଝ ଧନୀକ ଶ୍ରେଣୀ ଉପରେ ଲଦା ଯାଇପାରେ । ଗାଁ ଗହଳରେ ଗରିବ ତନ୍ତୀମାନେ ବ୍ୟବସାୟ କରୁଥିବା ସୂତା ଉପରେ ଟିକସ୍ ଉଠାଇ ଦେବା ଲାଗି ମଧ୍ୟ ସେ ଏକଦା ବହୁ ଯୁକ୍ତି ଉପସ୍ଥାପିତ କରିଥିଲେ । ଗରିବ ଲୋକଙ୍କର ସ୍ୱାର୍ଥ ରକ୍ଷାରେ ବିଶେଷ ଆଗ୍ରହୀ ହୋଇ

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠ ୧୯୩୫ ମସିହାରେ ଲୁଣ, କିରାସିନି ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଉପରୁ ପରୋକ୍ଷ ଟିକସ କମାଇ ଦେବାକୁ ବହୁ ଯୁକ୍ତି ବାଢ଼ିଥିଲେ ।

୧୯୩୫ରେ ଅର୍ଥ ବିଲ୍ ଉପରେ କହିଲା ବେଳେ ଭାରତର ଆମଦାନୀ ଶୁଳ୍କ ନୀତିର ସମାଲୋଚନା କରି ସେ ଦର୍ଶାଇ ଥିଲେ ଯେ ବିଲାତରେ ଉତ୍ପାଦନ ହେଉଥିବା ଶିଳ୍ପଜାତ ଦ୍ରବ୍ୟ ପ୍ରତି ଅଧିକ ସୁବିଧା ଦିଆଯାଉଚି ଏବଂ ଭାରତରେ ଉତ୍ପାଦିତ ଶିଳ୍ପକୁ ଉତ୍ସାହିତ କରଯାଉ ନାହିଁ । ଭାରତୀୟ ଶିଳ୍ପର ବିକାଶ ପାଇଁ କୌଣସି ସରକାରୀ ସାହାଯ୍ୟ ଦିଆ ନଯିବାରେ ସେ ଘୋର ଉଦ୍‌ବେଗ ପ୍ରକାଶ କରିଥିଲେ ।

ସେ ଅର୍ଥନୀତି ଉପରେ ଭାରତୀୟଂକର କର୍ତ୍ତୃତ୍ୱ ଓ ସବୁ ଚାକିରୀରେ କେବଳ ଭାରତୀୟଂକୁ ରଖିବାପାଇଁ ପ୍ରସ୍ତାବ ଦେଇ ବହୁବାର ଏ ସଂପର୍କରେ ବ୍ୟବସ୍ଥା ସଭାରେ ଦାବୀ ଉପସ୍ଥାପନ କରିଥିଲେ ।

ରେଳବାଇ ବଜେଟ୍ ଉପରେ ଭାଷଣ ଦେଇ ପଣ୍ଡିତ ଦାସ ରେଳବାଇ କର୍ମଚାରୀଙ୍କ ପିଲାମାନଂକୁ କେବଳ ଚାକିରୀରେ ରଖିବା ପରିବର୍ତ୍ତେ ବିଜ୍ଞାପନ ଦେଇ ସବୁ ଲୋକଂକୁ ରେଳବାଇ ଚାକିରୀରେ ପଶିବାର ସୁବିଧା ଦେବାକୁ ପ୍ରସ୍ତାବ ଦେଇଥିଲେ । ସେତେବେଳେ ରେଳବାଇ କର୍ମଚାରୀମାନଙ୍କର ଗୃହ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ବିଧାନର ଆବଶ୍ୟକତାପ୍ରତି ମଧ୍ୟ ସେ ସରକାରଂକର ଦୃଷ୍ଟି ଆକର୍ଷଣ କରିଥିଲେ ।

ରେଳବାଇରେ ଯାତ୍ରୀ ଭଡ଼ା ଓ ମାଲ ଭଡ଼ା ସଂପର୍କରେ କହିବା ବେଳେ ଯାତ୍ରୀମାନଂକର ସୁବିଧା ଲାଗି ରିଟର୍ଣ ଟିକେଟ ଓ ନିମ୍ନ ଶ୍ରେଣୀରେ ଯାଉଥିବା ଯାତ୍ରୀଂକୁ କୁପନ ସୁବିଧା ଦେବାପାଇଁ ସେ ଦାବୀ କରିଥିଲେ ।

ପଣ୍ଡିତ ନୀଳକଂଠ କେବଳ ଗଠନମୂଳକ ଭାବେ ସରକାରୀ ନୀତିର ସମାଲୋଚନା କରିଥାନ୍ତି ଏବଂ ସର୍ବଦା ସରକାର ଓ ବ୍ୟବସ୍ଥା ସଭାର ବିଚାରପାଇଁ ବିକଳ୍ପ ପ୍ରସ୍ତାବମାନ ଉପସ୍ଥାପିତ କରନ୍ତି । ସେ ଶିଳ୍ପକୁ ରକ୍ଷା–କବଚ ଦେବାର ଘୋର ବିରୋଧୀ ଥିଲେ–ମାତ୍ର ଭାରତୀୟ ଶିଳ୍ପର ବିକାଶ ଲାଗି ସେ ଗୁଡ଼ିକୁ ଆର୍ଥିକ ସାହାଯ୍ୟ ଦେଇ ଉତ୍ସାହିତ କରିବା ନୀତି ଗ୍ରହଣ କରିବାକୁ ସରକାରଂକୁ ବରାବର ପରାମର୍ଶ ଦେଉଥିଲେ । ପୁଣି ଭାରତୀୟ ଶିଳ୍ପାନୁଷ୍ଠାନ ମାନଂକରୁ ଶିଳ୍ପଜାତ ଦ୍ରବ୍ୟମାନ କିଣିବା ଲାଗି ଦାବୀ କରି ପଣ୍ଡିତ ନୀଳକଂଠ ସେଥିଲାଗି ରେଳବାଇରେ ଗୋଟିଏ ଷ୍ଟୋରସ ପର୍ଚେଜ ଡ଼ିପାର୍ଟମେଣ୍ଟ ଖୋଲିବା ପ୍ରସ୍ତାବ ମଧ୍ୟ ଦେଇଥିଲେ । ବିଲାତରୁ ରେଳବାଇର ରେଳ ଧାରଣା ସବୁର ଖର୍ଚ୍ଚ କରିବା ପାଇଁ ବ୍ୟବସ୍ଥା ନ କରି ଟାଟା କଂପାନୀରୁ ସେସବୁ କିଣା ଯାଇପାରିବ ବୋଲି ସେ ଦର୍ଶାଇଥିଲେ

Digitized by PPRACHIN, SOA

ଅନ୍ୟାନ୍ୟ ମୁଖ୍ୟ ପ୍ରସ୍ତାବ ମଧ୍ୟରେ ପଣ୍ଡିତଜୀ ଏକ ଗୁରୁତ୍ୱପୂର୍ଣ ପ୍ରସ୍ତାବ ଦେଇଥିଲେ ଯେ ସରକାରୀ ରାଜସ୍ୱର ବହୁଳାଂଶ ପରୋକ୍ଷ ଟିକସ ପରିବର୍ତ୍ତେ ପ୍ରତ୍ୟକ୍ଷ ଟିକସର ଅନ୍ତର୍ଭୁକ୍ତ କରଯାଉ– ତା' ହେଲେ ଗରିବ ଲୋକଙ୍କ ଉପରେ ଟିକସ ଭାର କମିଯିବ ବୋଲି ସେ ଦର୍ଶାଇଥିଲେ ।

ଗୋରା ଲୋକଙ୍କୁ ଓ ବିଦେଶୀ ଲୋକଙ୍କୁ ଭାରତର ବିଭିନ୍ନ ଚାକିରୀରେ ରଖିବା ପରିବର୍ତ୍ତେ ଅଧିକରୁ ଅଧିକ ଭାରତୀୟଙ୍କୁ ସେ ସୁବିଧା ଦେବାପାଇଁ ସେ ବାରମ୍ବାର ଯୁକ୍ତି କରୁଥିଲେ । ବିଶେଷତଃ ରେଳବାଇ ଓ କୃଷି ବିଭାଗ ଚାକିରୀରେ କେବଳ ଭାରତୀୟଙ୍କୁ ରଖିବା ଉପରେ ସେ ଅଧିକ ପ୍ରାଧାନ୍ୟ ଦେଉଥିଲେ ।

## ଓଡ଼ିଶାର ସ୍ୱାର୍ଥ

୧୯୩୫ ରେ ଅର୍ଥବିଲ୍ ଉପରେ ଆଲୋଚନା କାଳରେ ଓଡ଼ିଶାକୁ କିପରି ଭାବରେ ଅବହେଳା କରଯାଇଛି, ତାହାର ଏକ ସ୍ପଷ୍ଟ ଚିତ୍ର ସେ ଉପସ୍ଥାପିତ କରିଥିଲେ । ଓଡ଼ିଶାର ମୟୁରଭଞ୍ଜ ଓ କେନ୍ଦୁଝରରେ ଉତ୍କୃଷ୍ଟ ଧରଣର ଲୌହ ସମ୍ପଦ ଥିଲେ ମଧ୍ୟ ଓଡ଼ିଶାକୁ ଶୋଷଣ କରଯାଉଛି ଏବଂ ଓଡ଼ିଶାକୁ ଦିନକୁ ଦିନ ଦରିଦ୍ର କରଯାଉଥିବାର ସେ ନିନ୍ଦା କରିଥିଲେ । ସେ ପ୍ରତିବାଦ ଜଣାଇ କହିଥିଲେ;

"ଏ ସରକାର ଓଡ଼ିଶାକୁ ବିଗତ ଦେଡଶହ ବର୍ଷହେଲା ଅବହେଳା କରି ଆସିଛନ୍ତି ଏବଂ ଓଡ଼ିଶାର ସ୍ୱାର୍ଥପ୍ରତି କୌଣସି ଦୃଷ୍ଟି ଦେଇ ନାହାନ୍ତି । ଫଳରେ ଓଡ଼ିଶା ଏବେ ଏକ ଦରିଦ୍ର ପ୍ରଦେଶରେ ପରିଣତ ହୋଇଛି× × × × । ସରକାରଙ୍କ ତରଫରୁ ଓଡ଼ିଶାକୁ ୨୫, ୩୦ ଲକ୍ଷ ଟଙ୍କା ସାହାଯ୍ୟ ଦିଆଯିବାର କଥା କହିଲାବେଳେ ଆପଣମାନେ ଉପହାସ କରୁଛନ୍ତି । କିନ୍ତୁ ମୁଁ ଏ ଟଙ୍କା ପାଇଁ ଦାବୀ କଲାବେଳେ ଏହା ଯେ ଆମର ଯୁକ୍ତିଯୁକ୍ତ ପାଉଣା ଏହା ଜଣାଇ ଦେବାକୁ ଚାହେଁ । ମୁଁ ସର୍ବଦା ଏଥିଲାଗି ସାହାଯ୍ୟ ଚାହୁଁଛି, କାରଣ, ଆମେ ଦରିଦ୍ର ଓ ସେଥିଲାଗି ଆମକୁ ରକ୍ଷା କରିବା ପାଇଁ ଆମେ ତାର ମୂଲ୍ୟ ଦେଇ ଆସୁଚୁଁ । ଆମ ପ୍ରଦେଶରେ କୌଣସି ଶିଳ୍ପ ନାହିଁ । ଏଠି କେତେକ ଶିଳ୍ପ କାରଖାନା ବସାନ୍ତୁ– ମୁଁ ଖୁସି ହେବି ।" [ କେନ୍ଦ୍ର ବ୍ୟବସ୍ଥା ସଭା ବିବରଣୀ– ତା ୧୩ । ୫ । ୩୫ ]

ଭାରତର କୃଷିଜାତ ଦ୍ରବ୍ୟପାଇଁ ବଜାରର ଉନ୍ନତି ଲାଗି ଏକ ଯୋଜନାପାଇଁ ଅତିରିକ୍ତ ବ୍ୟୟ ବରାଦ ପ୍ରସ୍ତାବର ଆଲୋଚନା ଅବକାଶରେ ପଣ୍ଡିତଜୀ ୧୯୩୬ ରେ ସୃଷ୍ଟି ହେବାକୁ ଯାଉଥିବା ନୂତନ ଓଡ଼ିଶା ପ୍ରଦେଶର ଆବଶ୍ୟକତା ଗୁଡ଼ିକପ୍ରତି ସମସ୍ତ– ଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ବହୁ କାଳର ଅବହେଳା ଓ ଶୋଷଣହିଁ ଓଡ଼ିଶାର

Digitized by PPRACHIN, SOA

ଏପରି ଦୁର୍ଗତିର କାରଣ ବୋଲି ପଣ୍ଡିତ ନୀଳକଣ୍ଠ ଦର୍ଶାଇଥିଲେ । ଓଡ଼ିଶା ସମ୍ପର୍କରେ ସେ କହିଲେ, "ଆମ ପ୍ରଦେଶରେ କୌଣସି ଶିଳ୍ପ କାରଖାନା ନାହିଁ । ସର୍ବଦା ବନ୍ୟା ହେତୁ କୃଷି ଉତ୍ପାଦନ ହ୍ରାସ ହେଉଛି ଏବଂ ତା ଫଳରେ ବାରମ୍ବାର ଦୁର୍ଭିକ୍ଷ ପଡୁଛି । ତେଣୁ ଓଡ଼ିଶାପ୍ରତି ଏବେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଆବଶ୍ୟକ ଏବଂ ଏକ ସ୍ୱତନ୍ତ୍ର ଅନୁଷ୍ଠାନ ଗଢ଼ାଯାଇ ଓଡ଼ିଶାର ଉତ୍ପନ୍ନ ଦ୍ରବ୍ୟର କିଣାବିକାର ସୁବିଧା କରଯିବା ଲୋଡ଼ା ।"
[ କେନ୍ଦ୍ର ବ୍ୟବସ୍ଥା ସଭା ବିବରଣୀ, ୧୯୩୫ Vol. iii ]

## ସ୍ୱାଧୀନତାର ଅଗ୍ରଦୂତ

କେନ୍ଦ୍ର ବ୍ୟବସ୍ଥା ସଭାର ସଭ୍ୟ ଭାବରେ ପଣ୍ଡିତ ନୀଳକଣ୍ଠ ଦାସ ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ବିଷୟ ଭାରତର ସ୍ୱାଧୀନତାଲାଗି ନିଜର କର୍ତ୍ତବ୍ୟ ସମ୍ପର୍କରେ ବରାବର ସଜାଗ ଥିଲେ । ତେଣୁ ତ୍ୟାଗଲାଗି ଜାତୀୟ କଂଗ୍ରେସର ଆହ୍ୱାନ ଆସିବା ମାତ୍ରେ ଦେଶମାତୃକା ପାଇଁ କାର୍ଯ୍ୟ କରିବାକୁ ସେ ତୁରନ୍ତ ଡେଇଁ ପଡୁଥିଲେ । ଲାହୋର କଂଗ୍ରେସର ନିଷ୍ପତ୍ତି ଅନୁଯାୟୀ ୧୯୩୦ ରେ ସେ କେନ୍ଦ୍ର ବ୍ୟବସ୍ଥା ସଭାର ସଭ୍ୟ ପଦ ପରିତ୍ୟାଗ କରିଥିଲେ ।

ପୁଣି ୧୯୩୦ ରେ ପଣ୍ଡିତ ମଦନ ମୋହନ ମାଳବ୍ୟଙ୍କ ଜାତୀୟ ଦଳରେ ଯୋଗ ଦେଇ ସେ କେନ୍ଦ୍ର ବ୍ୟବସ୍ଥା ସଭାକୁ ନିର୍ବାଚିତ ହେଲେ । ମହାତ୍ମାଗାନ୍ଧିଙ୍କ ଦାଣ୍ଡି ଲବଣ ସତ୍ୟାଗ୍ରହର ଆହ୍ୱାନରେ ମାତ୍ର ୧୨ ଦିନ ପରେ ସେ କେନ୍ଦ୍ର ବ୍ୟବସ୍ଥା ସଭାର ସଭ୍ୟ ପଦରୁ ଇସ୍ତଫା ଦେଇ ଦେଲେ । ଓଡ଼ିଶା ଆସି ପଣ୍ଡିତ ନୀଳକଣ୍ଠ ପୁରୀ ଜିଲ୍ଲାର ଅସ୍ତରଙ୍ଗ ଓ କାକଟପୁରଠାରେ ତାଙ୍କର ପୁରାତନ ଛାତ୍ର ଶ୍ରୀ ଜଗନ୍ନାଥ ରଥ ଓ ଅନ୍ୟାନ୍ୟ କଂଗ୍ରେସ କର୍ମୀମାନଙ୍କ ସହଯୋଗିତାରେ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଲେ ।

ଜେଲ ଜୀବନକୁ ବାଦ ଦେଲେ ପଣ୍ଡିତ ନୀଳକଣ୍ଠ ୧୯୨୪ ରୁ ୧୯୪୫ ଯାଏ ନିରବଚ୍ଛିନ୍ନ ଭାବରେ ପ୍ରାୟ ୨୦ ବର୍ଷ ଧରି କେନ୍ଦ୍ର ବ୍ୟବସ୍ଥା ସଭାର ସଭ୍ୟଥିଲେ ।

ସ୍ଥାନାନ୍ତରରେ ତାଙ୍କର ପରବର୍ତ୍ତୀ ବ୍ୟବସ୍ଥାପକ ଜୀବନର ଆଲୋଚନା କରଯିବ । ଏଇ ବିରାଟ ନେତା ଓ ପ୍ରଦେଶର ଅନ୍ୟତମ ସ୍ରଷ୍ଟା ପଣ୍ଡିତ ନୀଳକଣ୍ଠଙ୍କ ସୁଦୂରପ୍ରସାରୀ ବ୍ୟକ୍ତିତ୍ୱ ସମ୍ବନ୍ଧରେ ବହୁଗ୍ରନ୍ଥ ଲେଖାଯାଇ ପାରିଲେ ହେଁ କେନ୍ଦ୍ର ବ୍ୟବସ୍ଥା ସଭାର ସଭ୍ୟ ଭାବେ ପଣ୍ଡିତଜୀଙ୍କର ଅଗଣିତ କୃତିରୁ କିଂଚିତ୍ମାତ୍ର ଏଠାରେ ଉଲ୍ଲେଖ କରାଗଲା ।

* *** *

Digitized by PPRACHIN, SOA

# ରାଷ୍ଟ୍ରନୀତିଜ୍ଞ ନୀଳକଂଠ : ଏକ ପ୍ରାରମ୍ଭିକ ଆଲୋଚନା

ଡଃ ଧ୍ରୁବଗ୍ରାହୀ ମିଶ୍ର

ପଣ୍ଡିତ ନୀଳକଂଠଙ୍କୁ ଜଣେ ରାଷ୍ଟ୍ରନୀତିଜ୍ଞ ଭାବରେ ବିଗ୍ରର କରିବାପାଇଁ ତାଙ୍କର ରାଜନୈତିକ ଜୀବନର କେତୋଟି ନିର୍ଦ୍ଦିଷ୍ଟ ଘଟଣା ସଂପର୍କରେ ପ୍ରଥମେ ସୂଚନା ଦେବା ଆବଶ୍ୟକ । * ଏଇ ସୂଚନାକୁ ଆଖି ଆଗରେ ରଖି "ରାଷ୍ଟ୍ରନୀତିଜ୍ଞ" ଶବ୍ଦର ବ୍ୟାବହାରିକ ସଂଜ୍ଞା ଉପସ୍ଥାପନ କରି ତାଙ୍କର କର୍ମବହୁଳ ଜୀବନର ଘଟଣାବଳୀ ମଧ୍ୟରୁ କେତୋଟି ଦୃଷ୍ଟାନ୍ତ ଉପସ୍ଥାପିତ କଲେ, ଏ କଥା ପ୍ରମାଣ କରାଯାଇ ପାରିବ ଯେ ସେ ଉତ୍କଳରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ଓ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣପାଇଁ ପ୍ରଗାଢ଼ ଉଦ୍ୟମ କରିଥିଲେ ମଧ୍ୟ ସେ କେବଳ ଜଣେ ଓଡ଼ିଆ ନେତା ନଥିଲେ; ସେ ଥିଲେ ଜଣେ ଭାରତୀୟ ରାଷ୍ଟ୍ରନୀତିଜ୍ଞ । ଅନ୍ୟାନ୍ୟ ବହୁ ଭାରତୀୟ ରାଷ୍ଟ୍ରନୀତିଜ୍ଞଙ୍କ ଭଳି ସେ ନିଜ ଜନ୍ମଭୂମି ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି କାମନା କରିବା ଓ ସେଥିପାଇଁ ଆପ୍ରାଣ ଉଦ୍ୟମ କରିବା ଥିଲା ଅତ୍ୟନ୍ତ ସ୍ୱାଭାବିକ । ଏ କ୍ଷେତ୍ରରେ ଓଡ଼ିଶାପ୍ରଦେଶ ଗଠନ ସଂପର୍କରେ ତାଙ୍କର ଡ଼କ୍ଟର ରାଜେନ୍ଦ୍ରପ୍ରସାଦଙ୍କ ସହିତ ଯେଉଁ ବାଦାନୁବାଦ ହୋଇଥିଲା, ତାହା ଦୃଷ୍ଟାନ୍ତ ସ୍ୱରୂପ ଗ୍ରହଣ କରାଯାଇପାରେ ।

ରାଜନୈତିକ ଦଳ ସହିତ ପଣ୍ଡିତ ନୀଳକଂଠଙ୍କର ସଂପର୍କ ବିଷୟରେ ଆଲୋଚନାରୁ ଜଣାଯାଏ ଯେ ଛାତ୍ରାବସ୍ଥାରେ ୧୯୦୩ ମସିହାରେ ପଣ୍ଡିତଜୀ "ଉତ୍କଳ ସମ୍ମିଳନୀ"ର ଏକ ପ୍ରାଦେଶିକ ଅଧିବେଶନରେ ଜଣେ ଦର୍ଶକ ଭାବରେ ଯୋଗ ଦେଇ-

---

*–ଏହି ପ୍ରବନ୍ଧ ରଚନା କାଳରେ ପଣ୍ଡିତ ନୀଳକଂଠ ସ୍ମୃତି ସମିତିର ସମ୍ପାଦକ ଡଃ. ମଧୁସୂଦନ ଦାଶ, ଶ୍ରୀମତୀ ଇନ୍ଦିରା ଦେବୀ, ଏକାମ୍ର କଲେଜର ଅଧ୍ୟାପିକା ଶ୍ରୀମତୀ ଶାନ୍ତିଲତା ମିଶ୍ର ଓ ଉତ୍କଳ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ମୁଖ୍ୟ ଡ଼କ୍ଟର ସତ୍ୟନାରାୟଣ ରଥଙ୍କ ସହ ଆଲୋଚନାରେ ଯେଉଁ ସାହାଯ୍ୟ ମିଳିଛି, ସେଥିପାଇଁ ଲେଖକ କୃତଜ୍ଞ ।

Digitized by PPRACHIN, SOA

ଥିଲେ । ଉତ୍କଳ ସମ୍ମିଳନୀର ରାଜନୈତିକ ଆଭିମୁଖ୍ୟ ଥିଲା ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ । ତେଣୁ ଏହି ସଭାରେ ଯୋଗଦାନ କରିବା ପରେ, ଅଧିବେଶନର ଆଲୋଚନା ପଣ୍ଡିତଜୀଙ୍କୁ କିପରି ପ୍ରଭାବିତ କରିଥିବ, ତାହା ପଣ୍ଡିତଜୀଙ୍କର କର୍ମବହୁଳ ଜୀବନ ଓ ସାହିତ୍ୟ-ସୃଷ୍ଟି ସହିତ ଏକତ୍ର ବିଚାରକୁ ନେଲେ କାହିଁକି ଉତ୍କଳ ଗୌରବ ମଧୁସୂଦନ ନିଜର ମୃତ୍ୟୁ ଶଯ୍ୟାରେ ଆଶା ପ୍ରକାଶ କରିଥିଲେ ଯେ—"ମୋ ପରେ ନୀଳକଂଠହିଁ ଓଡ଼ିଶାପାଇଁ ସବୁ କାମ କରିବ ।" ଏ କଥା ସ୍ପଷ୍ଟ ହୋଇଯିବ । ୧୯୨୧ ମସିହାରେ ପଣ୍ଡିତଜୀ ଅନୁଷ୍ଠାନିକ ଭାବରେ କଂଗ୍ରେସର ସଭ୍ୟ ହେଲେ ଓ ୧୯୨୩ ମସିହାରେ କଂଗ୍ରେସ-ସ୍ୱରାଜ୍ୟ ଦଳର ଏକ ସଭ୍ୟ ଭାବରେ କାର୍ଯ୍ୟ ଆରମ୍ଭ କଲେ । ଏହି ବର୍ଷ ସେ କେନ୍ଦ୍ର ବ୍ୟବସ୍ଥା ସଭାର ସଭ୍ୟ ହେଲେ ଓ କେନ୍ଦ୍ର ବ୍ୟବସ୍ଥା ସଭାରେ କଂଗ୍ରେସ-ସ୍ୱରାଜ୍ୟ ଦଳର ସାଧାରଣ ସମ୍ପାଦକ ମଧ୍ୟ ହେଲେ । ଏଥିରେ ସେ ୧୯୪୫ ପର୍ଯ୍ୟନ୍ତ ରହିଥିଲେ । ୧୯୩୫—୩୬ ମସିହାରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଥିଲେ । ୧୯୩୯ ମସିହାରେ ସେ ଏହି ସଭାପତି ପଦରୁ ଇସ୍ତଫା ଦେଇ ଫରଓ୍ୱାର୍ଡ ବ୍ଲକରେ ଯୋଗଦେଲେ ଓ ୧୯୪୬ ରେ ପୁନର୍ଣ୍ଣ କଂଗ୍ରେସର ସଭ୍ୟ ହେଲେ ।

କଂଗ୍ରେସର ରାଜନୈତିକ ଆଦର୍ଶ ଓ କର୍ମକର୍ତ୍ତାଙ୍କ ସହିତ ମତଦ୍ୱୈଧ ଘଟିବାରୁ ସେ ୧୯୫୧ ମସିହାରେ "ସ୍ୱାଧୀନ ଜନସଂଘ" ନାମକ ଏକ ସ୍ୱାଧୀନ ଦଳ ଗଢ଼ି ସେହି ଦଳର ସଭ୍ୟ ଭାବରେ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହେଲେ ଓ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଆମନ୍ତ୍ରଣ କ୍ରମେ ୧୯୫୫ ମସିହାରେ ପୁନର୍ବାର ଭାରତୀୟ ଜାତୀୟ କଂଗ୍ରେସକୁ ଫେରି ଆସିଲେ । ୧୯୫୫ରୁ ୧୯୬୭ ଯାଏ ଅର୍ଥାତ୍ ମୃତ୍ୟୁ ପର୍ଯ୍ୟନ୍ତ ସେ କଂଗ୍ରେସର ସଭ୍ୟ ଥିଲେ ଓ ୧୯୫୭ରୁ ୧୯୬୧ ପର୍ଯ୍ୟନ୍ତ ଓଡ଼ିଶା ବିଧାନ ସଭାର ବାଚସ୍ପତି ଥିଲେ । ଏହି ସମୟକାଳ ମଧ୍ୟରେ ସେ ବର୍ଷକ ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି ଓ ୧୯୬୨ ପର୍ଯ୍ୟନ୍ତ ୭ ବର୍ଷକାଳ ଉତ୍କଳ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ମଧ୍ୟ ଥିଲେ ।

ଘଟଣା-ବହୁଳ ରାଜନୈତିକ ଜୀବନର ଏହି ସୂଚନା ଉପରେ ଭିତ୍ତି କରି ପଣ୍ଡିତ ନୀଳକଂଠ କେନ୍ଦ୍ର ବ୍ୟବସ୍ଥା ସଭାରେ ଦେଇଥିବା ନିମ୍ନୋକ୍ତ ଦୁଇଟି ଉଦ୍ଧୃତାଂଶ ବିଚାରକୁ ନିଆଯାଉ । ୧୯୩୦ ରେ ଏକ ଭାଷଣ ପ୍ରସଙ୍ଗରେ ସେ କହିଥିଲେ—

(୧) "ଜଣେ ଭାରତୀୟ ସ୍ନାତକ, ବିଶେଷ ଭାବରେ ଜଣେ ସରକାରୀ ରାଜ-କର୍ମଚାରୀ ସାଧାରଣତଃ ଏକ କ୍ରୀତଦାସ ମାତ୍ର । ଚାକିରୀ ବାହାରେ ସେ ନିଜକୁ "ପାଣି ବାହାରେ ଥିବା ମାଛ" ପରି ଅନୁଭବ କରେ । ଚାକିରୀ ଛଡ଼ା ସେ ଅନ୍ୟ କିଛି ବିଷୟ

Digitized by PPRACHIN, SOA

ଜାଣେ ନାହିଁ କିମ୍ବା ଅନ୍ୟ କୌଣସି କାର୍ଯ କରିବାକୁ ସମର୍ଥ ନୁହେଁ । କେବଳ ଇଂରେଜୀରେ ହିସାବପତ୍ର ରଖିବା, ସାକ୍ଷ ଦେଇପାରିବା ଓ କେତେକ କ୍ଷେତ୍ରରେ ନିଷ୍ପତ୍ତି ଦେଇ ପାରିବାପାଇଁ ତାକୁ ଦରମା ଦିଆଯାଏ । ପ୍ରଶାସନ କ୍ଷେତ୍ରରେ ନୀତି ନିୟମ ପ୍ରଣୟନ କରିବାପାଇଁ ତାହାର ଶିକ୍ଷାଗତ ତାଲିମ୍ ଖୁବ୍ କମ୍ । ପୁଣି ଏକ ପ୍ରଗତିବାଦୀ ରାଷ୍ଟ୍ର ନିର୍ମାଣ କରିବାପାଇଁ ଯେଉଁ ବିକାଶୋନ୍ମୁଖୀ ଦୃଷ୍ଟିଭଙ୍ଗୀ ରହିବା କଥା, ତାହା ଏହି କର୍ମଚାରୀ ମାନଙ୍କ ନିକଟରେ ଦେଖାଯାଏ ନାହିଁ ।" (ଅନୁବାଦ–ଲେଖକ)

(୨) "ଭାରତୀୟ ଜୀବନ ନିର୍ବାହ ପ୍ରଣାଳୀ, ଭାରତୀୟ ପ୍ରତିଭା ଓ ପ୍ରକୃତ ଭାରତୀୟ ଅଭୀପ୍ସାକୁ ଆଖି ଆଗରେ ରଖି ଭାରତୀୟ କର୍ମଚାରୀ ମାନଙ୍କର ବେତନ, ପେନ୍‌ସନ୍ ଓ ଚାକିରୀର ଅନ୍ୟାନ୍ୟ ସର୍ତ୍ତାବଳୀ ପ୍ରସ୍ତୁତ ହେବା ଆବଶ୍ୟକ । ଆବଶ୍ୟକ ମନେ ହେଲେ, ବିଦେଶରୁ ବିଶେଷଜ୍ଞମାନଙ୍କୁ ନିମନ୍ତ୍ରଣ କରି ନିଯୁକ୍ତି ଦିଆଯାଇ ପାରେ । କିନ୍ତୁ ଏହା ଆମ୍ଭର ସର୍ତ୍ତାଧୀନ ହେବା ଆବଶ୍ୟକ । " (ଅନୁବାଦ–ଲେଖକ)

ଏହି ଦୁଇଟି ଉଦ୍ଧୃତିରୁ ଉପଲବ୍ଧି କରି ହୁଏ ଯେ ସ୍ୱାଧୀନ ଭାରତର ଭବିଷ୍ୟତ ସମ୍ପର୍କରେ ଚିନ୍ତାଶୀଳ ପଣ୍ଡିତ ନୀଳକଣ୍ଠ ଭାରତୀୟ ଶିକ୍ଷା ବ୍ୟବସ୍ଥା, ଭାରତୀୟ କର୍ମଚାରୀ ନିର୍ବାଚନ ଓ ଭାରତୀୟ ପ୍ରଶାସନିକ କ୍ଷେତ୍ରରେ ଭାରତୀୟ ପ୍ରତିଭାର ବିନିଯୋଗ ସମ୍ପର୍କରେ କେବଳ ସଚେତନ ନ ଥିଲେ, ସ୍ୱାଧୀନ ଭାରତର ଭବିଷ୍ୟତ ଗଠନ ଲାଗି ମଧ୍ୟ ବ୍ୟାକୁଳ ଥିଲେ । ଏଠାରେ ସ୍ମରଣ ରଖିବାକୁ ହେବ ଯେ ପଣ୍ଡିତଜୀ ଏ ଚିନ୍ତା ପ୍ରକାଶ କରିଥିଲେ ୧୯୩୦ ମସିହାରେ । ଏଭଳି ସ୍ୱାଧୀନ ଚିନ୍ତା ସେ ସମୟର ରାଷ୍ଟ୍ରନୀତିଜ୍ଞ ମାନଙ୍କର ଚିନ୍ତାଧାରାର ଅନୁରୂପ । କାରଣ ସେତେବେଳେ ଭାରତର ବହୁ ଚିନ୍ତାନାୟକ ସ୍ୱାଧୀନତାର ସ୍ୱପ୍ନ ଦେଖିବା ସଙ୍ଗେ ସଙ୍ଗେ, ସ୍ୱାଧୀନ ଭାବରେ "ଭାରତୀୟ ଦୃଷ୍ଟିଭଙ୍ଗୀ" ସଂପର୍କରେ ନିଜର ସ୍ୱକୀୟ ଚିନ୍ତା ପ୍ରତିଷ୍ଠା କରିବାକୁ ଚେଷ୍ଟା କରୁଥିଲେ ।

ଏହି ପ୍ରାରମ୍ଭିକ ସୂଚନା ଉପରେ ନିର୍ଭର କରି ବର୍ତ୍ତମାନ ଶଂସିତ ପ୍ରବନ୍ଧର ଆଭିମୁଖ୍ୟ ସଂପର୍କରେ ନିଜର ବିଚାରଣା ଉପସ୍ଥାପିତ କରିବାକୁ ଚେଷ୍ଟା କରାଯିବ । ପ୍ରବନ୍ଧ ରଚନାର ମାର୍ଗ ଦୃଷ୍ଟିରୁ ଏହି ଆଲୋଚନା "ରାଜନୈତିକ ମାନବ ବିଜ୍ଞାନ" ( Political Anthropology ) ର ପନ୍ଥାକୁ ଗ୍ରହଣ କରିବ । ଆମ୍ଭେମାନେ ଜାଣୁ ଯେ "ରାଜନୀତି ବିଜ୍ଞାନ" ସାଧାରଣତଃ ୟୁରୋପୀୟ ଓ ଆମେରିକୀୟ ବିଦ୍ବତ୍ତାର ପରଂପରାକୁ ଏକ ସୀମିତ ପରିବେଶ ମଧ୍ୟରେ ଗ୍ରହଣ କରି ଆସିଛି । ତେଣୁ ଭାରତୀୟ ରାଜନୀତି ବିଜ୍ଞାନ କ୍ଷେତ୍ରରେ ଆଲୋଚନାର ଦୃଷ୍ଟିଭଙ୍ଗୀ ଏବେ ବି

Digitized by PPRACHIN, SOA

ୟୁରୋପୀୟ ବା ଆମେରିକୀୟ ମାର୍ଗ ଦ୍ୱାରା ପରିପୁଷ୍ଟ । କିନ୍ତୁ "ନୂତନ ରାଷ୍ଟ୍ର" ମାନଙ୍କରେ ରାଜନୈତିକ ଜୀବନରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତି ବିଶେଷଙ୍କର ବ୍ୟକ୍ତିତ୍ୱ, ବିଭିନ୍ନ ଘଟଣାବଳୀ ଓ ରାଜନୈତିକ କ୍ଷେତ୍ରରେ ମାନବୀୟ ପ୍ରବୃତ୍ତି ଓ ପ୍ରକୃତିର ଅବଧାରଣା ପାଇଁ ପାଶ୍ଚାତ୍ୟ ଦିଗ୍‌ଦର୍ଶନର ପରିସର ବ୍ୟାପକ ନୁହେଁ । ତେଣୁ "ନୂତନ ରାଷ୍ଟ୍ର" ମାନଙ୍କର ଘଟଣା ପ୍ରବାହ, ନେତୃତ୍ୱପାଇଁ ସଂଘର୍ଷ ଓ ରାଜନୈତିକ ଉତ୍‌ଥାନ–ପତନର କାରଣଗୁଡ଼ିକୁ ବିଚାର କଲେ ଜଣାଯାଏ ଯେ ପାଶ୍ଚାତ୍ୟ ବିଚାରଗତ ଦୃଷ୍ଟି-ଭଙ୍ଗୀ ଭାରତୀୟ ନେତୃତ୍ୱ ଓ ବ୍ୟକ୍ତିତ୍ୱକୁ ସଫଳ ଭାବରେ ବିଶ୍ଳେଷଣ କରିବା ଦିଗରେ ସାହାଯ୍ୟ କରିପାରେ ନାହିଁ ।

"ରାଜନୈତିକ ମାନବ ବିଜ୍ଞାନ" ( Political Anthropology ) ର ବିଶ୍ଳେଷଣ ପଦ୍ଧତି "ରାଜନୈତିକ ବିଜ୍ଞାନ" ( Political Science ) ର ବିଚାର-ଧାରାଠାରୁ ସ୍ୱତନ୍ତ୍ର । ଏହି ସ୍ୱାତନ୍ତ୍ର୍ୟ ହେଉଛି– ଜଣେ ମାନବ ବିଜ୍ଞାନୀ ( Anthro-pologist ) ତା'ର ବିଚାର ବିମର୍ଷକୁ ଉପସ୍ଥାପିତ କରିବାପାଇଁ "ବିଷୟ ବସ୍ତୁ"ର ଏକ ବ୍ୟାବହାରିକ ସଂଜ୍ଞା" ( Operational definition ) ଉପସ୍ଥାପିତ କରି-ଥାଏ । ଏହି ସଂଜ୍ଞା ଜରିଆରେ ହିଁ ସେ ମାନବୀୟ ପ୍ରବୃତ୍ତି, ବ୍ୟକ୍ତିତ୍ୱ–ବିକାଶ ସଂପର୍କୀୟ ତତ୍ତ୍ୱ ଓ ମାନବୀୟ ଜୀବନର ବିକାଶଧାରାସହିତ ତା'ର ଯୋଗସୂତ୍ରର ଏକତ୍ର ବିଚାରକୁ ନେଇ ଏକ 'ରାଜନୈତିକ' ବ୍ୟକ୍ତିତ୍ୱକୁ ଅବଧାରଣା କରିବା ଲାଗି ଚେଷ୍ଟା କରିଥାଏ ।

ତେଣୁ ଏହି ପ୍ରବନ୍ଧରେ ରାଷ୍ଟ୍ରନୀତିଜ୍ଞ ଶବ୍ଦର ବ୍ୟାବହାରିକ ସଂଜ୍ଞା ଉପସ୍ଥାପନ କରିବା ପୂର୍ବରୁ, ବିଶ୍ଳେଷଣର କେନ୍ଦ୍ର ବିନ୍ଦୁ ଭାବରେ ରାଜନୈତିକ କ୍ରିୟା ପ୍ରକ୍ରିୟାରେ "କର୍ତ୍ତୃତ୍ୱ" ସ୍ଥାନକୁ ପ୍ରାଧାନ୍ୟ ଦିଆଯାଇଛି । ଅର୍ଥାତ୍ "କର୍ତ୍ତୃତ୍ୱ"ର ଅନୁଧ୍ୟାନହିଁ ରାଜନୈତିକ ନେତୃତ୍ୱ ବିଚାରର ଆଭିମୁଖ୍ୟ ବୋଲି ଧରାଯାଇଛି । ଯେଉଁମାନେ ରାଜନୀତି ବିଜ୍ଞାନର ଅନୁଶୀଳନ ପଦ୍ଧତି ସମ୍ପର୍କରେ ସଚେତନ, ସେମାନେ ଜାଣନ୍ତି ଯେ "କର୍ତ୍ତୃତ୍ୱ" କେବଳ "ନ୍ୟାୟସଙ୍ଗତ କ୍ଷମତା" ଉପରେ ନିର୍ଭରଶୀଳ । କିନ୍ତୁ ଏହି କ୍ଷମତାର ରୂପରେଖ ନିର୍ଦ୍ଦିଷ୍ଟ ସମାଜର "ସାଂସ୍କୃତିକ ଅନୁମୋଦନ" ଉପରେ ପ୍ରତିଷ୍ଠିତ । ବହୁ ପାଶ୍ଚାତ୍ୟ ରାଷ୍ଟ୍ରରେ ଏହାକୁ "ଜୈବିକ ଇଚ୍ଛା"ର ପରିପ୍ରକାଶ ଭାବରେହିଁ ଗ୍ରହଣ କରାଯାଇଥାଏ । ଭାରତୀୟ ପରିପ୍ରେକ୍ଷୀରେ ଏଇ "ଜୈବିକ ଇଚ୍ଛା"ର ବିଚାର ବିଶ୍ଳେଷଣ ପାଇଁ ଅଧିକ ଉପାଦାନ ଥିଲେ ମଧ୍ୟ ସ୍ୱାଧୀନୋତ୍ତର କାଳରେ ରାଜନୀତି ବିଜ୍ଞାନର ତାତ୍ତ୍ୱିକ ଆଲୋଚକମାନେ ଏ ଦିଗରେ ବିଶେଷ ଧ୍ୟାନ ଦେଇଥିବାପରି ମନେ ହୁଏନାହିଁ ।

Digitized by PPRACHIN, SOA

ପଣ୍ଡିତ ନୀଳକଂଠଂଙ୍କର ବ୍ୟକ୍ତିତ୍ୱର କଳନା କଲବେଳେ, ତାଙ୍କ ଜୀବନରେ ଓ ବ୍ୟକ୍ତିତ୍ୱରେ ଯେଉଁ "କର୍ତ୍ତୃତ୍ୱ"ର ସ୍ୱରୂପ ଖୋଜିବା ଆବଶ୍ୟକ ମନେହୁଏ, ତାହା ଭାରତୀୟ ସାଂସ୍କୃତିକ–ଅନୁମୋଦନ–ସିଦ୍ଧ । ଅର୍ଥାତ୍ ପଣ୍ଡିତ ନୀଳକଂଠ ନିଜର "କର୍ତ୍ତୃତ୍ୱ"କୁ ପ୍ରତିଷ୍ଠିତ କରିବାପାଇଁ ଭାରତୀୟ ସାଂସ୍କୃତିକ ଜୀବନର କେବଳ ଚର୍ଚ୍ଚା କରିନାହାନ୍ତି, ରାଜନୈତିକ ଜୀବନରେ ଓ ଜଣେ ଦୂରଦ୍ରଷ୍ଟା ଭାବରେ "ଭାରତୀୟତା"କୁ ପ୍ରତିଷ୍ଠା କରିବାପାଇଁ ସଂକଳ୍ପବଦ୍ଧ ଥିବାପରି ମନେ ହୁଏ । ଅନେକ ସମାଲୋଚକ ପଣ୍ଡିତ ନୀଳକଂଠଂକୁ ଜଣେ "ନିରୀଶ୍ୱରବାଦୀ" ଭାବରେ ବିଚାର କରିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । କିନ୍ତୁ "ଯୁକ୍ତିବାଦୀ" ନୀଳକଂଠ ଧର୍ମାଚରଣ, ପୌତ୍ତଳିକତା ଓ ଅର୍ଥହୀନ ସଂସ୍କାର ଆଦିର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ ମଧ୍ୟ, ସେ ଯେ ଜଣେ ଈଶ୍ୱର ବିଶ୍ୱାସୀ ଥିଲେ ତାହା ତାଙ୍କର କାବ୍ୟ କବିତାରୁ ଅନାୟାସରେ ପ୍ରମାଣ କରଯାଇ ପାରିବ । କିଂତୁ ଏ କଥା ଉପଲବ୍ଧ ହୁଏ ଯେ ସେ ଜଣେ ଭକ୍ତ ନ ଥିଲେ, ଥିଲେ ଜଣେ "ଉପାସକ" । ସେଥିପାଇଁ ସେ ପ୍ରତ୍ୟେକ ଚିଠିର ଆରଂଭରେ "ଜଗନ୍ନାଥେ ଭଲ କରନ୍ତୁ" ଶିରୋନାମା ପରେ ହିଁ ପତ୍ରର ବିଷୟବସ୍ତୁ ଉପସ୍ଥାପିତ କରୁଥିଲେ । ଏଥିରୁ ମନେ ହୁଏ ଯେ ଭାରତୀୟ ରାଜନୀତିର ଦୈନନ୍ଦିନ ଘଟଣାବଳୀ ମଧ୍ୟରେ ସେ ନିଷ୍ପେଷଣ ଓ ସଂଘର୍ଷ-ସମ୍ମୁଖୀନତା ସତ୍ତ୍ୱେ "ଭାରତୀୟ ସାଂସ୍କୃତିକ ଆଦର୍ଶ"କୁ ପୁନରୁଜ୍ଜୀବିତ କରିବାପାଇଁ ସଚେଷ୍ଟ ରହୁଥିଲେ । ଏହି ଭିତ୍ତିଭୂମି ଉପରେ ସାଂସ୍କୃତିକ, ସାହିତ୍ୟିକ, ରାଜନୈତିକ ବା ଶିକ୍ଷା କ୍ଷେତ୍ରରେ "ଜଗନ୍ନାଥ" ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ନିଜର "ନ୍ୟାୟସଂଗତ କ୍ଷମତା" ପ୍ରତିଷ୍ଠା କରି ପାରିଥିଲେ ଓ ତାହାରି ଫଳରେ ଓଡ଼ିଶାର ସାଂସ୍କୃତିକ ଜୀବନ ଓ ଭାରତୀୟ ରାଜନୈତିକ ପରିପ୍ରେକ୍ଷୀରେ ନିଜର "କର୍ତ୍ତୃତ୍ୱ"କୁ ପ୍ରମାଣିତ କରିପାରିଥିଲେ ।

ଏହି ପୃଷ୍ଠଭୂମି ଉପରେ ନିର୍ଭର କରି ବର୍ତ୍ତମାନ ପଣ୍ଡିତ ନୀଳକଂଠଂକୁ ଜଣେ "ରାଷ୍ଟ୍ରନୀତିଜ୍ଞ" ଭାବରେ ବିଚାର କରଯିବ । ସେଥିପାଇଁ "ରାଷ୍ଟ୍ରନୀତିଜ୍ଞ"ର ଏକ ବ୍ୟବହାରିକ ସଂଜ୍ଞା ଏଠାରେ ଉପସ୍ଥାପନ କରଯାଉଛି–

ମୋର ବିଶ୍ୱାସ, "ରାଷ୍ଟ୍ରନୀତିଜ୍ଞ" ଏପରି ଜଣେ ବ୍ୟକ୍ତି ଯେ କି :

୧. ପ୍ରଶାସନିକ ଓ ସରକାରୀ ଅନୁଷ୍ଠାନ ପରିଚାଳନା କ୍ଷେତ୍ରରେ ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିଥାନ୍ତି ।

୨. କୂଟନୀତି ଓ ରାଷ୍ଟ୍ର ପରିଚାଳନାର ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ସ୍ପଷ୍ଟ କୌଶଳ ପ୍ରୟୋଗ କରିଥାନ୍ତି ।

Digitized by PPRACHIN, SOA

୩. ରାଷ୍ଟ୍ରର ଭବିଷ୍ୟତ କର୍ମପନ୍ଥା ବିଗ୍ଭରରେ ଦୂରଦୃଷ୍ଟି ପ୍ରଦର୍ଶନ କରିଥାନ୍ତି ।

୪. ଆନୁଷ୍ଠାନିକ ବ୍ୟାପରରେ ବାସ୍ତବ ଦୃଷ୍ଟିଭଙ୍ଗିର ଅଧିକାରୀ ବୋଲି ନିଜକୁ ପ୍ରମାଣିତ କରିଥାନ୍ତି ।

୫. ସାଧାରଣ ଜୀବନର ମୁଖ୍ୟ ସମସ୍ୟାଗୁଡ଼ିକ ସଂପର୍କରେ ନିଜର ସ୍ୱଚ୍ଛତା ପ୍ରଦର୍ଶନ କରିଥାନ୍ତି ।

ଏଇ ପ୍ରବନ୍ଧରେ ପଣ୍ଡିତ ନୀଳକଂଠଂକର କର୍ମବହୁଳ ଜୀବନର ଘଟଣାବଳୀ ସଂପର୍କରେ ଏ ପର୍ଯ୍ୟନ୍ତ ଯେଉଁ ବିବରଣୀ ମିଳୁଛି, ତାହାକୁ ହିଁ ଭିତ୍ତି କରି ନୀଳକଂଠଂକୁ ଭାରତୀୟ ସାମାଜିକ ଓ ସାଂସ୍କୃତିକ ପରିପ୍ରେକ୍ଷୀରେ ଜଣେ "ରାଷ୍ଟ୍ରନୀତିଜ୍ଞ" ଭାବରେ ବିଗ୍ଭର କରିବାର ପ୍ରୟାସ କରାଯାଇଛି । କୁହାଯାଇଛି, ୧୯୦୩ ମସିହାରେ ପଣ୍ଡିତ ନୀଳକଂଠ ଛାତ୍ରାବସ୍ଥାରେ ପ୍ରଥମେ ଉତ୍କଳସମ୍ମିଳନୀର ଏକ ଅଧିବେଶନରେ ଦର୍ଶକ ଭାବରେ ଯୋଗ ଦେଇଥିଲେ । ୧୯୬୨ ମସିହାରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଉପ–କୁଳାଧିପତି କାର୍ଯ୍ୟରୁ ଅବସର ନେଲେ । ଏହି ସମୟ ମଧ୍ୟରେ ସେ କେନ୍ଦ୍ରୀୟ ବ୍ୟବସ୍ଥା ସଭା (Central Assembly) ରେ ୧୯୨୪ ରୁ ୧୯୪୫ ପର୍ଯ୍ୟନ୍ତ ଜଣେ ସଭ୍ୟ ଥିଲେ । ତା' ସହିତ ମଧ୍ୟ କଂଗ୍ରେସ (ସ୍ୱରାଜ୍ୟ) ଦଳ ସଂପାଦକ ଥିଲେ ଓ ଓଡ଼ିଶା ବିଧାନ ସଭରେ ୧୯୫୨ ରୁ ୧୯୬୧ ପର୍ଯ୍ୟନ୍ତ ସଭ୍ୟ ଓ ବାଚସ୍ପତି ଥିଲେ । ତାଙ୍କର ବ୍ୟବସ୍ଥାପକ ଜୀବନର କୃତି (ଭାଷଣଗୁଡ଼ିକ) ସମସ୍ତ ଏ ପର୍ଯ୍ୟନ୍ତ ସଂକଳିତ ଓ ପ୍ରକାଶିତ ହୋଇ ନାହିଁ । ଏଇ ପ୍ରବନ୍ଧ ରଚନାକାଳ ପର୍ଯ୍ୟନ୍ତ ଯେତିକି ତଥ୍ୟ ଆବିଷ୍କୃତ ହୋଇଛି, ତା'ରି ଉପରେ ନିର୍ଭର କରି, ପ୍ରାରମ୍ଭିକ ଅନୁଶୀଳନରେ ପଣ୍ଡିତ ନୀଳକଂଠଂକର ବ୍ୟକ୍ତିତ୍ୱକୁ ବିଗ୍ଭର କରିବାକୁ ଗଲାବେଳେ, ପ୍ରତୀୟମାନ ହୁଏ ଯେ "ରାଜନୈତିକ ମାନବ ବିଜ୍ଞାନ" ଦୃଷ୍ଟିରୁ ସରକାରୀ ଅନୁଷ୍ଠାନର ପରିଗ୍ଭଳନା ଓ ବାସ୍ତବ ସମସ୍ୟାର ସମାଧାନ କ୍ଷେତ୍ରରେ ଯେଉଁ ଦୂରଦୃଷ୍ଟି ଆବଶ୍ୟକ, ତାହା ପଣ୍ଡିତ ନୀଳକଂଠଂକୁ ଜଣେ ଉଚ୍ଚକୋଟିର "ରାଷ୍ଟ୍ରନୀତିଜ୍ଞ" ଭାବରେ ପ୍ରତିଷ୍ଠିତ କରିଛି ।

ଅନୁଶୀଳନାତ୍ମକ ଦୃଷ୍ଟିରେ ପଣ୍ଡିତ ନୀଳକଣ୍ଠଙ୍କର ଜୀବନ ଓ କର୍ମଧାରାର ଗତି ପ୍ରବାହ ମଧ୍ୟରୁ କେତୋଟି ମାତ୍ର ଦୃଷ୍ଟାନ୍ତ ଦେଇ ନୀଳକଣ୍ଠଙ୍କୁ ଜଣେ "ରାଷ୍ଟ୍ରନୀତିଜ୍ଞ" ଭାବରେ ପ୍ରମାଣ ଉପସ୍ଥାପନ କରାଯିବ । ଏଇ ଆଲୋଚନାତ୍ମକ ପନ୍ଥାରେ 'ରାଜନୀତି"ର ଦୈନନ୍ଦିନ ଘଟଣାବଳୀ, ଉତ୍ଥାନ ପତନ ଭଳି ଗୌଣ ଘଟଣା ଗୁଡ଼ିକୁ ବିଗ୍ଭରକୁ ନିଆଯିବ ନାହିଁ । କାରଣ ଏଠାରେ ନୀଳକଂଠଂକୁ "ରାଜନୀତିଜ୍ଞ" ଭାବରେ ବିଗ୍ଭର କରାଯିବାର ପ୍ରୟାସ କରାଯାଉ ନାହିଁ । ତାହାର ମୂଲ୍ୟାୟନ ଏହି ପ୍ରବନ୍ଧର ସୀମା

Digitized by PPRACHIN, SOA

ବହିର୍ଭୂତ ଓ ସ୍ୱତନ୍ତ୍ର ଆଲୋଚନା ସାପେକ୍ଷ । ରାଜନୈତିକ ଜୀବନରେ ସେ ଅତ୍ୟନ୍ତ ସ୍ୱାଧୀନଚେତା, ନିର୍ଭୀକ, ସ୍ପଷ୍ଟବାଦୀ ଓ ସ୍ୱକୀୟ ଦୃଷ୍ଟିଭଙ୍ଗୀର ଯେଉଁ ସୂଚନା ଦେଇଛନ୍ତି, ସେଥିରୁ ଅନୁମିତ ହୁଏ ଯେ "ସେ ଯେ କୌଣସି ରାଜନୈତିକ ଦଳର" ସଭ୍ୟ ଥାଆନ୍ତୁ ପଛକେ, ରାଜନୈତିକ କ୍ଷେତ୍ରରେ ଯେଉଁ "ଏକ ଦେଶଦର୍ଶୀ" କ୍ଷମତାର ଅପପ୍ରୟୋଗ ଦେଖାଯାଏ, ତାହା ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱ, ନେତୃତ୍ୱ ଓ କର୍ତ୍ତୃତ୍ୱର ମାର୍ଗ ନ ଥିଲା । ତେଣୁ ତାଙ୍କୁ ଜଣେ "ରାଜନୀତିଜ୍ଞ" ଭାବରେ ବିଗ୍ରହ କରିବା ଅର୍ଥ ତାଙ୍କର ବ୍ୟକ୍ତିତ୍ୱକୁ ସୀମାବଦ୍ଧ କରିବା । ବରଂ ତାଙ୍କୁ ଜଣେ "ରାଷ୍ଟ୍ରନୀତିଜ୍ଞ" ଭାବରେ ଅନୁଶୀଳନ କଲେ; ପଣ୍ଡିତ ନୀଳକଣ୍ଠ ରାଜନୈତିକ ଜୀବନରେ ଯେଉଁ–"କର୍ତ୍ତୃତ୍ୱ"ର ଅଧିକାରୀ ଥିଲେ, ତାହା ଅଧିକ ସୁସ୍ପଷ୍ଟ ହେବ । ସାଧାରଣ ଭାଷାରେ କହିଲେ, ପଣ୍ଡିତ ନୀଳକଣ୍ଠ ଭାରତୀୟ ରାଜନୈତିକ ଜୀବନରେ ଥିଲେ ଜଣେ "ଛାତ୍ର ଓ ମୁକୁଟ ବିହୀନ ସମ୍ରାଟ" ଓ ତାଙ୍କ ଜୀବନର ଆଦର୍ଶ ଥିଲା–"ଜଗନ୍ନାଥେ ଭଲ କରନ୍ତୁ" ।

କେନ୍ଦ୍ରୀୟ ବ୍ୟବସ୍ଥା ସଭାରେ ପ୍ରଦତ୍ତ ତାଙ୍କର ଭାଷଣଗୁଡ଼ିକୁ ମୁଖ୍ୟତଃ ଆଠୋଟି ବିଭାଗରେ ବିଭକ୍ତ କରାଯାଇପାରେ । ଅର୍ଥ, ରାଜ୍ୟସୀମା ନିର୍ଦ୍ଧାରଣ, ଆଇନ, କୃଷି, ଶିଳ୍ପ ଓ ବାଣିଜ୍ୟ, ରେଳରାସ୍ତା, ଶିକ୍ଷା ଓ ସମାଜସଂସ୍କାର । ତାଙ୍କର ସାହିତ୍ୟିକ କୃତିମାନଙ୍କ ମଧ୍ୟରେ ଏ ସବୁ ବିଷୟର କିୟଦଂଶ ମଧ୍ୟ ସ୍ଥାନ ପାଇଛି । ତେଣୁ ଉପରେ "ରାଷ୍ଟ୍ର-ନୀତିଜ୍ଞ"ର ଯେଉଁ ବ୍ୟବହାରିକ ସଂଜ୍ଞା ଉପସ୍ଥାପନ କରାଯାଇଛି, ସେହି ଦୃଷ୍ଟିରୁ ଏଇ ପ୍ରବନ୍ଧର ସୀମିତ କଳେବର ମଧ୍ୟରେ ସଂଜ୍ଞା ନିର୍ଦ୍ଧାରିତ ପାଞ୍ଚଟି ବୈଶିଷ୍ଟ୍ୟକୁ ସ୍ୱତନ୍ତ୍ର ଭାବରେ ବିଗ୍ରହକୁ ନେଇ, ପ୍ରତ୍ୟେକ ବୈଶିଷ୍ଟ୍ୟର ଆଲୋଚନାପାଇଁ ଉପରୋକ୍ତ ଆଠୋଟି ବିଷୟମଧ୍ୟରୁ ଅଳ୍ପ କେତୋଟି ବିଷୟର ଏକ ବିବରଣୀ ଉପସ୍ଥାପନ କରାଯାଉଛି ।

## ସଂଜ୍ଞା ଦୃଷ୍ଟିରୁ :

୧. **ଦକ୍ଷତା**–କେନ୍ଦ୍ରୀୟ ବ୍ୟବସ୍ଥା ସଭାରେ ନିଜର ବ୍ୟକ୍ତିତ୍ୱ ଓ ଦକ୍ଷତା ଯୋଗୁଁ କଂଗ୍ରେସ ସ୍ୱରାଜ୍ୟ ପାର୍ଟିରେ ପଣ୍ଡିତ ମୋତିଲାଲ ନେହୁରୁଙ୍କ ଅଧ୍ୟକ୍ଷତାରେ ଦଳୀୟ ସାଧାରଣ ସଂପାଦକ ଭାବରେ କୃତିତ୍ୱ ପ୍ରଦର୍ଶନ । ଏଇ ପରିପ୍ରେକ୍ଷୀରେ ସେ ଓଡ଼ିଶାପାଇଁ ଏକ ସ୍ୱତନ୍ତ୍ର ରାଜ୍ୟ ଓ ସେ ରାଜ୍ୟର ସୀମା ନିର୍ଦ୍ଧାରଣ, ଶିଳ୍ପ, ବାଣିଜ୍ୟ ଓ ସମାଜ ସଂସ୍କାର ସଂପର୍କୀୟ ଯେଉଁ ଭାଷଣ ସବୁ ଦେଇଥିଲେ, ତାହା ଦ୍ରଷ୍ଟବ୍ୟ । ପୁଣି ଓଡ଼ିଶା ବିଧାନ ସଭାରେ "ବାଚସ୍ପତି"ଙ୍କର ସ୍ୱାଧୀନତା ସଂପର୍କରେ ଯେଉଁ ବ୍ୟବସ୍ଥା ଗ୍ରହଣ କରିଥିଲେ ତାହା ମଧ୍ୟ ଅନୁଧ୍ୟାନ ଯୋଗ୍ୟ ।

Digitized by PPRACHIN, SOA

୨· **କୌଶଳ**– ରାଜ ନୈତିକ ଆଦର୍ଶ ଓ ତାତ୍ତ୍ୱିକ ବିଗ୍ଭରରେ ପଣ୍ଡିତ ନୀଳକଣ୍ଠ ଭାରତୀୟ ରାଜନୈତିକ ଜୀବନରେ "ସାମ୍ୟବାଦ (Communism)ର ଅନୁପ୍ରବେଶ" ସଂପର୍କରେ ଯେଉଁ ଭାଷଣ ଦେଇଥିଲେ, ତାହା ଏଠାରେ ଉଲ୍ଲେଖଯୋଗ୍ୟ । ଏହା ଆଇନ୍, ଶିକ୍ଷା ଓ ସମାଜ ସଂସ୍କାର ବିଷୟବସ୍ତୁ ସହିତ ସଂପୃକ୍ତ । ୧୯୩୭ରେ ଭାରତରେ ପ୍ରଥମ କରି ଓଡ଼ିଶାରେ ଅନୁଷ୍ଠିତ ହୋଇଥିବା ପ୍ରାଦେଶିକ ନିର୍ବାଚନରେ ତାଙ୍କର କୌଶଳ ଓ ଦକ୍ଷତା ସର୍ବବାଦୀ–ସମ୍ମତ ।

ରାଷ୍ଟ୍ରୀୟ ଯୁଦ୍ଧକାଳୀନ ମନ୍ତ୍ରିମଣ୍ଡଳଗଠନ କ୍ଷେତ୍ରରେ ତାଙ୍କର ଭୂମିକା ପ୍ରଣିଧାନଯୋଗ୍ୟ । "ରାଜା ଦୀର୍ଘଜୀବୀ ହୁଅନ୍ତୁ" ପ୍ଲାକାର୍ଡ ବଦଳରେ "ରାଷ୍ଟ୍ର ଦୀର୍ଘଜୀବୀ ହେଉ" ସ୍ଲୋଗାନର ଜନକ ଭାବରେ ତାଙ୍କର କଟକ ସଭାରେ ଭାଷଣ ଏକ ଉଲ୍ଲେଖଯୋଗ୍ୟ ଘଟଣା ।

୩. **ଦୂରଦୃଷ୍ଟି**–ଏ କ୍ଷେତ୍ରରେ ପଣ୍ଡିତ ନୀଳକଣ୍ଠଙ୍କର "ଶିଳ୍ପୀକରଣ" ସଂପର୍କରେ ପ୍ରଦତ୍ତ ଭାଷଣ, "ଶିକ୍ଷା ସଂସ୍କାର" ସଂପର୍କରେ ସୁଚିନ୍ତିତ ପରାମର୍ଶ ଓ "ରାଜ୍ୟ ସୀମା ନିର୍ଦ୍ଧାରଣ" ସଂପର୍କରେ ଥିବା ରଚନାଗୁଡ଼ିକ ଅନୁଶୀଳନଯୋଗ୍ୟ ।

ଶିକ୍ଷା କ୍ଷେତ୍ରରେ ସେ ଶିକ୍ଷାର "ଭାରତୀୟ କରଣ" ଉପରେ ପ୍ରାଧାନ୍ୟ ଦେଇଛନ୍ତି ।

ରାଜ୍ୟ ସୀମା ନିର୍ଦ୍ଧାରଣ କ୍ଷେତ୍ରରେ ସେ ଭାଷାଭିତ୍ତିକ ସଂଘର୍ଷ ଫଳରେ ଯେଉଁ "ଆଞ୍ଚଳିକ ସାମ୍ପ୍ରଦାୟିକତା" (Territorial Communalism) ଦେଖା ଦେବ, ତାହା ଭାରତୀୟ ରାଷ୍ଟ୍ରର ଭବିଷ୍ୟତକୁ କିପରି ବିପଦାପନ୍ନ କରିବ, ତାହାର ସୂଚନା ଦେଇଛନ୍ତି । ୨ୟ ବିଶ୍ୱଯୁଦ୍ଧ ସମୟରେ ଓଡ଼ିଶାରେ ବେକଂଗ୍ରେସ ମନ୍ତ୍ରିମଣ୍ଡଳଗଠନ, ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଯେ ପରୋକ୍ଷ ଭାବରେ ସହାୟକ ଥିଲା, ତାହା ସ୍ୱୀକାର୍ଯ୍ୟ ।

୪. **ବାସ୍ତବ ଦୃଷ୍ଟିଭଙ୍ଗୀ**– ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବରେ ତାଙ୍କର ଦକ୍ଷତା ଓ ୧୯୩୬ ମସିହାରେ ଓଡ଼ିଶାରେ ନିର୍ବାଚନ ପାଇଁ କଂଗ୍ରେସକୁ ଅବତୀର୍ଣ୍ଣ କରାଇବା ଓ ତାର ପରିଗ୍ଭଳନା କ୍ଷେତ୍ରରେ ତାଙ୍କର କୃତିତ୍ୱ ସଂପର୍କରେ ମଧ୍ୟ ଆଲୋଚନା କରାଯାଇପାରେ ।

୫. **ବିଜ୍ଞତା**–– ସାଧାରଣ ଜୀବନର ମୁଖ୍ୟ ସମସ୍ୟାଗୁଡ଼ିକର ସମାଧାନପାଇଁ ପଣ୍ଡିତ ନୀଳକଣ୍ଠଙ୍କର ବିଜ୍ଞତା ସଂପର୍କରେ "ଶିଳ୍ପ ପ୍ରସାର" କ୍ଷେତ୍ରରେ ଲୌହ ଉତ୍ପାଦନ ମିଲ୍,

Digitized by PPRACHIN, SOA

ଟିଣ ଶିଳ୍ପ ବିଲ୍, ଓ ଲବଣ ଶିଳ୍ପ ବିଲ ସଂପର୍କୀୟ ବକ୍ତୃତା ଅନୁଧ୍ୟାନ ଯୋଗ୍ୟ । "ଶିକ୍ଷା ବିସ୍ତାର" ସଂପର୍କରେ ସତ୍ୟବାଦୀଠାରେ ପ୍ରତିଷ୍ଠିତ ବନ ବିଦ୍ୟାଳୟ, ଜାତୀୟ ବିଦ୍ୟାଳୟ, ଗ୍ରନ୍ଥାଗାର ଆନ୍ଦୋଳନ, ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାପାଇଁ ପ୍ରଦତ୍ତ ରିପୋର୍ଟ ଓ ଉପକୁଳାଧିପତି ଭବରେ ବିଶ୍ୱବିଦ୍ୟାଳୟ ଆଇନରେ ଅଣ– ଅଧ୍ୟାପକ "ଡ଼କ୍ଟରେଟ୍" ନିବନ୍ଧର 'ନିର୍ଦ୍ଦେଶକ' ହେବାର ବ୍ୟବସ୍ଥା ଗ୍ରହଣକୁ ସ୍ୱତନ୍ତ୍ର ବିଗ୍ରହକୁ ନିଆଯାଇ ପାରେ ।

'ସମାଜ ସଂସ୍କାର କ୍ଷେତ୍ର' ରେ– ୧୯୧୧ ରେ ଅସ୍ପୃଶ୍ୟତା ନିରାକରଣ ପାଇଁ ବନ ବିଦ୍ୟାଳୟରେ ବ୍ୟବସ୍ଥା ଗ୍ରହଣ, ୧୯୨୯ ରେ ବାଲ୍ୟ ବିବାହ ବ୍ୟବସ୍ଥା ସଂପର୍କରେ ବିଲ୍ ଆନୟନ ଓ "ଜାତିଆଣ ବିରୋଧୀ" ଭୂମିକାରେ 'ମୋ ନିଶ' ଆନ୍ଦୋଳନ ପ୍ରବନ୍ଧ ଦ୍ରଷ୍ଟବ୍ୟ । ଧର୍ମ–ଦର୍ଶନ କ୍ଷେତ୍ରରେ 'ଗୀତା' ର ଭାଷ୍ୟ ମଧ୍ୟ ଉଲ୍ଲେଖଯୋଗ୍ୟ ।

## ଉପସଂହାର–

୧୯୫୫ ମସିହାରେ ପଣ୍ଡିତ ଜବାହରଲାଲଙ୍କ ଆମନ୍ତ୍ରଣ କ୍ରମେ ପଣ୍ଡିତ ନୀଳକଣ୍ଠ ପୁନର୍ବାର ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦେଲେ । ୧୯୫୯ ମସିହାରେ ପଣ୍ଡିତ ନେହରୁ ଲେଖିଥିଲେ× × × 'ପଣ୍ଡିତ ନୀଳକଣ୍ଠ ଦାସ ଭାରତୀୟ ରାଜନୀତି କ୍ଷେତ୍ରରେ ଏକ ପ୍ରଧାନ ଭୂମିକା ଗ୍ରହଣ କରିଥିଲେ । ଏହା ଛଡ଼ା ସାହିତ୍ୟ କ୍ଷେତ୍ରରେ ମଧ୍ୟ ତାଙ୍କର ଭୂମିକା ସ୍ୱୀକାର୍ଯ୍ୟ ।'

ମୋ ବିଗ୍ରହରେ ପଣ୍ଡିତ ନୀଳକଣ୍ଠ ଜଣେ ଓଡ଼ିଆ ନେତା, ବଙ୍ଗାଳୀ ନେତା ବା ବିହାରୀ ନେତା ନ ଥିଲେ । ସେ ପ୍ରକୃତରେ ଥିଲେ ଜଣେ "ରାଷ୍ଟ୍ରୀୟ ନେତା" । ବହୁ ଭାରତୀୟ ନେତୃବର୍ଗ ଯେପରି ନିଜ ନିଜ ଅଞ୍ଚଳରେ ଉନ୍ନତି ମୂଳକ କାର୍ଯ୍ୟକ୍ରମ ସହିତ ସଂଶ୍ଳିଷ୍ଟ ଥିଲେ, ପଣ୍ଡିତ ନୀଳକଣ୍ଠ ସେହିପରି ଭାରତୀୟ ରାଷ୍ଟ୍ରର ପରିସୀମା ମଧ୍ୟରେ "ଓଡ଼ିଆ ଭାଷାଭାଷୀ ଅଞ୍ଚଳର" ବିକାଶପାଇଁ ନିଜର ଦକ୍ଷତା, କୌଶଳ, ଦୂରଦୃଷ୍ଟି, ବାସ୍ତବ ଦୃଷ୍ଟିଭଙ୍ଗୀ ଓ ବିଜ୍ଞତା ପ୍ରଦର୍ଶନ କରିଥିଲେ ।

'ଉପାଧି" ପରୀକ୍ଷା ପାଇଁ ସେ "ରସାୟନ ଶାସ୍ତ୍ର"ର ଓ ସ୍ନାତକ ପରୀକ୍ଷା ପାଇଁ ଦର୍ଶନ ଶାସ୍ତ୍ରର ଛାତ୍ର ଥିଲେ । ତେଣୁ ଉଭୟ ଅନୁଶୀଳନାତ୍ମକ ଦୃଷ୍ଟିଭଙ୍ଗୀ ଓ ସମନ୍ୱୟବାଦୀ ସିଦ୍ଧାନ୍ତ ପ୍ରତିଷ୍ଠା କ୍ଷେତ୍ରରେ ଛାତ୍ର ଜୀବନର ଶିକ୍ଷା, ଶିକ୍ଷକ ଜୀବନର ଅଭିଜ୍ଞତା ଓ ବ୍ୟବସ୍ଥାପକ ଜୀବନର ଦାୟିତ୍ୱବୋଧ ତାଙ୍କର ବ୍ୟକ୍ତିତ୍ୱକୁ ପ୍ରଭାବିତ ଓ ପରିପୁଷ୍ଟ କରିଥିଲା । ଚିନ୍ତା କ୍ଷେତ୍ରରେ ସେ ବ୍ରାହ୍ମଣ୍ୟ ଧର୍ମର ନୀତିବାଦୀ ଦୃଷ୍ଟିଭଙ୍ଗୀ, ଓ ଉଦାର ମାନବବାଦ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିବାକୁ ଚେଷ୍ଟା

Digitized by PPRACHIN, SOA

କରିଥିଲେ । ରାଜନୈତିକ ଆଦର୍ଶ କ୍ଷେତ୍ରରେ ସେ ଥିଲେ ଜଣେ ଅନୁସନ୍ଧିତ୍ସୁ । ମୋର ମନେହୁଏ, ରାଜନୈତିକ ଆଦର୍ଶବାଦ ଦୃଷ୍ଟିରୁ ତାଙ୍କୁ ଜଣେ "ପ୍ରଗତିଶୀଳ ମାନବବାଦୀ" ଭାବରେ ବିଚାର କରଯାଇ ପାରେ ।

ଜଣେ ରାଷ୍ଟ୍ରନୀତିଜ୍ଞ ଭାବରେ ତାଙ୍କର ନେତୃତ୍ୱର ଭୂମିକା, ବିଧାନସଭା ଗୃହରେ ଓ ଆନୁଷ୍ଠାନିକ ରାଜନୈତିକ ରଣାଙ୍ଗନରେ ତାଙ୍କର ଦକ୍ଷତା, ତାଙ୍କର ବ୍ୟକ୍ତିତ୍ୱର ଅନନ୍ୟ ଚାରିତ୍ରିକ ବୈଶିଷ୍ଟ୍ୟ ପ୍ରତିପାଦନ କରିଥାଏ । ଏଇ ଚାରିତ୍ରିକ ବୈଶିଷ୍ଟ୍ୟ ତାଙ୍କର ଦାୟିତ୍ୱଜ୍ଞାନ, ମୌଳିକ ଓ ବିଜ୍ଞ ଦୃଷ୍ଟିଭଙ୍ଗୀ, ପରିପକ୍ୱ ବିଚାର ବୁଦ୍ଧିର ସ୍ପଷ୍ଟ ସଂକେତ ଲିପିବଦ୍ଧ କରିଛି । ଏହାରି ଫଳରେ ସେ ଭାରତୀୟ ରାଜନୈତିକ, ସାଂସ୍କୃତିକ ଓ ସାମାଜିକ ଜୀବନରେ "ମାନବିକ ମୂଲ୍ୟବୋଧ" କୁ ନିୟନ୍ତ୍ରଣ କରିବାରେ ସମର୍ଥ ହୋଇ ପାରିଥିଲେ ଓ ଜଣେ "ରାଷ୍ଟ୍ରନୀତିଜ୍ଞ" ଭାବରେ "ନ୍ୟାୟସଙ୍ଗତ କ୍ଷମତା"ର ଅଧିକାରୀ ହୋଇ ପାରିଥିଲେ । ଏହାହିଁ ଭାରତୀୟ "ସାଧାରଣ ଜୀବନ" କ୍ଷେତ୍ରରେ ତାଙ୍କର "କର୍ତ୍ତୃତ୍ୱ"କୁ ପ୍ରତିଷ୍ଠା କରି ପାରିଥିଲା । *

---

*ଉତ୍କଳ ବିଶ୍ୱ ବିଦ୍ୟାଳୟ ଅନୁକୂଲ୍ୟରେ ପଣ୍ଡିତ ନୀଳକଣ୍ଠଙ୍କ ସଂପର୍କରେ "ରାଜନୀତି ବିଜ୍ଞାନ ଆଲୋଚନା ଚକ୍ର"ରେ ପଠିତ ଇଂରାଜୀ ପ୍ରବନ୍ଧର ପରିବର୍ତ୍ତିତ ଓଡ଼ିଆ ରୂପାନ୍ତର ।

## ସହାୟକ ଗ୍ରନ୍ଥସୂଚୀ


1. Speeches and Remarks of Pandit Nilakantha Das.
2. Unpublished manuscripts of Pandit Nilakantha Smruti Samiti.
3. ମିଶ୍ର ନରେନ୍ଦ୍ରନାଥ, ପଣ୍ଡିତ ନୀଳକଂଠ–ଜୀବନୀ ଓ କୃତି (ଭୁବନେଶ୍ୱର-୧୯୮୩)
4. Dikson, Eric, "Gandhi's Truth" (Newyork-1969)
5. Mandelbaurn, David, G, "The study of life History: Gandhi." Current Anthropology, 14,3 (Chicago 1973)
6. Misra Bhabagrahi (Ed) Carpenter's Country ( Mayur: 1982)
7. Misra Bhabagrahi, Vernier Elwin (Newyork, 1974)
8. Perl Mutter, Morden Authoritarianism (New Haven, 1981)


Digitized by PPRACHIN, SOA

# ରାଜନୀତିଜ୍ଞ ପଣ୍ଡିତ ନୀଳକଣ୍ଠ- ଏକ ବ୍ୟତିକ୍ରମ

ଡଃ. ମଧୁସୂଦନ ଦାଶ

ଗତାନୁଗତିକ ପଂଥାରେ ରାଜନୀତି କରିବା ଏ ଦେଶର ଏକ ସାଧାରଣ ପ୍ରଥା । ଯେଉଁ କେତେକ ମନୀଷୀ ଭାରତରେ ଏଥିର ବ୍ୟତିକ୍ରମ ଥାଇ ନିଜର ଯୁକ୍ତିସିଦ୍ଧ ଓ ବିଚାରସିଦ୍ଧ ପଂଥା ବାଛି ନେଇ ରାଜନୀତି କରିଚଂତି ବା ରାଜନୀତିକୁ ନିୟଂତ୍ରଣ କରିଚଂତି, ସେମାନଂକ ମଧ୍ୟରେ ପଣ୍ଡିତ ନୀଳକଂଠ ଦାସ ଅନ୍ୟତମ । ପଣ୍ଡିତ ନୀଳକଂଠ ଥିଲେ ବାସ୍ତବରେ ଓଡ଼ିଶାର ଜଣେ ଟାଣୁଆ ଜନନେତା ଓ ରାଜନୀତିରେ ଆଦର୍ଶ ପଥ ପ୍ରଦର୍ଶକ । ସେ କହୁଥିଲେ, "ମୁଁ ନେତା ହେବ, 'ନୀତ' ହେବ ନାହିଁ ।" ସହଜ ଲୋକ-ପ୍ରିୟତା ଅର୍ଜନ କରିବା କେବେ ତାଂକର ଉଦ୍ଦେଶ୍ୟ ନ ଥିଲା । ଏହା ତାଂକ ବ୍ୟକ୍ତିଗତ ଜୀବନର ଏକ ଅଂଗ ଓ ବ୍ୟକ୍ତିତ୍ୱର ଏକ ଲକ୍ଷଣ । ଜନସାଧାରଣଙ୍କୁ ଓ ତାଙ୍କର ସହକର୍ମୀମାନଙ୍କୁ ସେ ନିଜର ଆଦର୍ଶରେ ଉଦ୍‌ବୁଦ୍ଧ କରିଚଂତି– ମିଛ କହି, ଲାଂଚଦେଇ, ସେମାନଂକର ସମର୍ଥନ ଲାଭ କରିବା ପ୍ରୟାସ ସେ କେବେ ହେଲେ କରି ନାହାଂତି । ଅପରଂତୁ, ତାଂକ ଅପ୍ରିୟ ସତ୍ୟ ଓ ସ୍ପଷ୍ଟ କଥାରେ ଅସଂତୁଷ୍ଟ ହୋଇ ତାଙ୍କର ଘନିଷ୍ଠ ସହକର୍ମୀମାନେ କେତେକ କ୍ଷେତ୍ରରେ ତାଙ୍କୁ ପ୍ରତାରଣା କରିଚଂତି; ନୀଳକଣ୍ଠ କଦାପି ସେମାନଙ୍କର ସମର୍ଥନ ଲାଭ ଆଶାରେ କୌଣସି ନୀଚ ପନ୍ଥା ଅନୁସରଣ କରିନାହାନ୍ତି । ପୁଣି ଭାରତର ରାଷ୍ଟ୍ର ନେତାମାନଙ୍କୁ ସନ୍ତୁଷ୍ଟ କରିବାପାଇଁ ସେ କୌଣସି ଅସଦୁପାୟ ଅବଲମ୍ବନ କରିବାର ଚିଂତା ମଧ୍ୟ କରି ନାହାଂତି । ରାଜନୀତିର ଘୋର ଘନଘଟା ମଧ୍ୟରେ ଅତ୍ୟଂତ ଦୁଃସମୟରେ ମଧ୍ୟ ସେ କୌଣସି ଲାଭ ବା ଲୋଭର ବଶବର୍ତ୍ତୀ ହୋଇ ନିଜର ଅନୁସୃତ ପନ୍ଥାରୁ ତିଳେ ହେଲେ ବିଚ୍ୟୁତ ହୋଇ ନାହାଂତି ।

ତାଂକର ତୀକ୍ଷ୍ଣ ବୁଦ୍ଧି, ବିଚକ୍ଷଣ ବିଚାର, କର୍ମକୁଶଳତା ଓ ଅଦ୍ଭୁତ ସଂଗଠନ ଶକ୍ତିରେ ମୁଗ୍ଧ ହୋଇ କେହି କେହି ତାଙ୍କୁ ଶ୍ରୀଯୁକ୍ତ ରାଜଗୋପାଳଚାରୀଂକ ସହିତ ତୁଳନା କରନ୍ତି ତ କେହି କେହି ମଧ୍ୟ ପଣ୍ଡିତ ନୀଳକଂଠ ତାଂକର ପ୍ରତିଦ୍ୱନ୍ଦୀ ମାନଙ୍କର ବିରୋଧାତ୍ମକ କାର୍ଯ୍ୟକଳାପ ବ୍ୟତିରେକ ଡଃ ରାଜେନ୍ଦ୍ର ପ୍ରସାଦଂକ ପୂର୍ବରୁ

Digitized by PPRACHIN, SOA

ଭାରତର ରାଷ୍ଟ୍ରପତିର ପଦ ମଣ୍ଡନ କରିଥାଂତେ ବୋଲି ମତ ପ୍ରକାଶ କରିଥାଂତି । ସେ ଯାହା ହେଉ ପଛକେ, ଗଭୀର ଆତ୍ମବିଶ୍ୱାସ ନେଇ ନୀଳକଣ୍ଠ ଜନନେତାର ଯେଉଁ ଆଦର୍ଶ ଆମ ଆଗରେ ଦେଖି ଯାଇଚଂତି, ତାହା ଆମର ଗର୍ବର ବିଷୟ ଓ ପଦ ପଦବୀଠାରୁ ଅଧିକ ମର୍ଯ୍ୟାଦାପୂର୍ଣ୍ଣ ।

ଏହି ନିର୍ଭୀକ ଚିଂତାନାୟକ ଦେଶର ମଂଗଳ ନିମଂତେ ନିଜର ଯୁକ୍ତିସିଦ୍ଧ ପଂଥା ଅନୁସରଣରେ ଯାହାସବୁ କରିଯାଇଛଂତି, ତାହା ଅନେକ କ୍ଷେତ୍ରରେ ସ୍ୱଳ୍ପ ଜ୍ଞାନ-ସଂପନ୍ନ ଲୋକଙ୍କଂର ସହଜ-ବୋଧ୍ୟ ହୁଏନାହିଁ ଓ ସେମାନେ ଅଯଥା ପଂଡ଼ିତ ନୀଳକଂଠଙ୍କଂର ବ୍ୟକ୍ତିତ୍ୱ ଓ କୃତିତ୍ୱକୁ ସହି ନ ପାରି ନାନା ଭାବରେ ତାଂକର ସମାଲୋଚନା କରିଥାଂତି, ମାତ୍ର ସେ ଯେ ଡ଼ଃ. ମହତାବଂଙ୍କ ଭାଷାରେ "ରାଜନୀତି, ସାହିତ୍ୟ ଓ ସାଂସ୍କୃତିକ କ୍ଷେତ୍ରରେ ତାଂକ ସମୟରେ ଓଡ଼ିଶାର ସର୍ବଶ୍ରେଷ୍ଠ ଶକ୍ତିଶାଳୀ ବ୍ୟକ୍ତିଥିଲେ" ଏହା ସ୍ୱୀକାର୍ଯ୍ୟ ଏବଂ ଏହା ପଛରେ ଥିଲା ତାଂକର ଧୀଶକ୍ତି, ତ୍ୟାଗ, ନିଷ୍ଠା ଓ ଅଦମନୀୟ ଅକଳଂକ ସଂଗଠନ ଶକ୍ତି । ଆଜି କାଲିର ଥୁଆ ହେବା ନେତାଂକପରି ସେ କାହାରି ଦୟା ବା ଅନୁଗ୍ରହରେ ନେତା ସାଜି ନ ଥିଲେ ।

ତାଙ୍କ ରାଜନୈତିକ ଜୀବନର ପ୍ରତ୍ୟେକଟି ପ୍ରଧାନ ଘଟଣା ଅନୁଧ୍ୟାନ କଲେ ନେତା ସାଜିବାପାଇଁ ସାଧାରଣତଃ ଯେଉଁ ସବୁ ପଂଥା ଅନୁସରଣ କରାଯାଏ, ସେ ଯେ ତହିଁରୁ କିପରି ଏକ ବ୍ୟତିକ୍ରମ, ତାହା ସହଜରେ ଉପଲବ୍ଧି କରିହୁଏ ।

## ବ୍ୟତିକ୍ରମରେ ହିଁ ନୀଳକଣ୍ଠଙ୍କ ରାଜନୈତିକ ଜୀବନର ଆରମ୍ଭ

ପଣ୍ଡିତ ନୀଳକଣ୍ଠ ଗୋପବନ୍ଧୁଙ୍କ ପ୍ରେରଣା ଘେନି ଦେଶର ଉନ୍ନତି ପାଇଁ ସତ୍ୟବାଦୀ ବନବିଦ୍ୟାଳୟରେ ଦେଶାତ୍ମବୋଧରେ ଉଦ୍‌ବୁଦ୍ଧ ପ୍ରକୃତ ମଣିଷ ତିଆରି କରିବା ଲକ୍ଷ୍ୟରେ ଅଧ୍ୟକ୍ଷତା କରିଥିଲେ । ସେଇ ଅନୁକ୍ରମେ ଓଡ଼ିଆ ଭାଷାର ପ୍ରସାର ନିମନ୍ତେ ପରେ ମଧ୍ୟ ଗୋପବଂଧୁଂଙ୍କ ନିର୍ଦ୍ଦେଶ ଓ ଅନୁମତିରେ ସେ କଲି-କତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଓ ତୁଳନାତ୍ମକ ଭାଷାତତ୍ତ୍ୱରେ ୨ବର୍ଷ ଲାଗି ଅଧ୍ୟାପନା କରିବାର ଦାୟିତ୍ୱ ଗ୍ରହଣ କରିଥିଲେ । ମାତ୍ର ସାଢେ ତିନିମାସ ପରେ ଯେତେବେଳେ ଦେଶରେ ମହାତ୍ମାଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା, ନୀଳକଣ୍ଠ ଥୟଧରି ପାରିଲେ ନାହିଁ । ଗୋପବଂଧୁ ସେତେବେଳେ ନିଜେ ଏକା ଏକା ଏଇ ଆଂଦୋଳନରେ ଯୋଗଦେବା କଥା କହିଥିଲେ ଏବଂ ନୀଳକଂଠଂକୁ ବରଂ 'ସତ୍ୟବାଦୀର ନେତୃତ୍ୱ ଗ୍ରହଣ କରି ସେଠାରେ ରହ' ବୋଲି ଉପଦେଶ ଦେଇଥିଲେ । (ଆତ୍ମଜୀବନୀ—ପୃ ୧୨୨) ପଣ୍ଡିତ ନୀଳକଂଠ ସଂଗେ ସଂଗେ ତାର ବିରୋଧ କରିଥିଲେ । ଦେଶପାଇଁ କିଛି କରିବା

Digitized by PPRACHIN, SOA

ଥିଲା ତାଂକର ଭାର୍ଗବୀ ନଦୀ କୂଳର ଶପଥ । ସତ୍ୟବାଦୀର ସମସ୍ତ ମମତା ଓ କଲିକତା ବିଶ୍ୱବିଦ୍ୟାଳୟ ଅଧ୍ୟାପକତ୍ୱର ସମସ୍ତ ମୋହ ପରିତ୍ୟାଗକରି ଦେଶ କାମରେ ଆତ୍ମୋତ୍ସର୍ଗ କରିବାପାଇଁ ସେ ସଙ୍ଗେ ସଙ୍ଗେ ନିଷ୍ପତ୍ତିନେଲେ ଓ ଅସହଯୋଗରେ ଝାସଦେବେ ବୋଲି ଗୋପବଂଧୁଙ୍କୁ ଜଣାଇଦେଲେ । ଅବଶ୍ୟ ଭାରତର ବହୁବ୍ୟକ୍ତି ଓ ପରେ ଓଡ଼ିଶାରେ ମଧ୍ୟ ଏଥିଲାଗି କେତେକ ବ୍ୟକ୍ତି ସରକାରୀ ଚାକିରୀର ମୋହ ପରିତ୍ୟାଗ କରିଚଂତି । ମାତ୍ର ଏଠି ଲକ୍ଷ୍ୟ କରିବାର କଥା ଯେ ନୀଳକଂଠ ତାଙ୍କର ପ୍ରିୟ ଓଡ଼ିଆ ଭାଷାର ପ୍ରସାରର ସୁଯୋଗ ଏଡ଼ି, ତାଙ୍କ ଜୀବନର ଗୁରୁ ପଣ୍ଡିତ ଗୋପବଂଧୁଂକ ନିର୍ଦ୍ଦେଶକୁ ଗ୍ରହଣ ନକରି ତାଂକୁ ମନାଇ ନୀଳକଣ୍ଠ ଜୀବନର ଏଇ କଂଟକମୟ ପଂଥା ବାଛି ନେଇଥିଲେ । ଏହି-ଠାରେହିଁ ରାଜନୈତିକ ଜୀବନ ପାଇଁ ତାଙ୍କର ପ୍ରଥମ ବ୍ୟତିକ୍ରମ ।

ପରେ ପରେ ଭାରତରେ ଅସହଯୋଗ ଆଂଦୋଳନ ଆରମ୍ଭ ହେବାର ସପ୍ତାହକ ମଧ୍ୟରେ ସେ ଗୋପବଂଧୁବାବୁଙ୍କୁ ଟେଲିଗ୍ରାମରେ କଲିକତା ଡ଼କାଇ ସେଠାରୁ ଆଂଦୋଳନ କରିବାଲାଗି ସମ୍ବଲପୁର ଚାଲିଲେ ।

ଶିକ୍ଷକତା ଓ ଅଧ୍ୟାପନାରେ ସେ ଯେପରି ପାରଂଗମତା ଦେଖାଇ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତି ସାରା ଭାରତର ଦୃଷ୍ଟି ଆକର୍ଷଣ କରି ପାରିଥିଲେ, ସମ୍ବଲପୁରରେ ଅସହଯୋଗ ଆଂଦୋଳନରେ ମଧ୍ୟ ତାହା ପ୍ରକାଶ ପାଇଥିଲା । ଏଠାରେ ୯ ମାସ ଏହି ଆଂଦୋଳନ ଚଳାଇ ଉତ୍କଳ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ କମିଟିର ଜଣେ ତୁଂଗନେତା ଭାବରେ ପରିଗଣିତ ହୋଇଥିଲେ । ତେଣୁ ପ୍ରଦେଶ କଂଗ୍ରେସର ସଂଗଠନ କାର୍ଯ୍ୟରେ ସହାୟତା କରିବା ଲାଗି ପଣ୍ଡିତ ଗୋପବଂଧୁ ତାଂକୁ ସମ୍ବଲପୁରରୁ ଡ଼କାଇ ଆଣିଲେ । ଏତେବେଳକୁ ସତ୍ୟବାଦୀ ଜାତୀୟ ବିଦ୍ୟାଳୟରେ ମହାତ୍ମାଗାଂଧିଂକ "ସୂତା ଖିଅକ ଅଗରେ ସ୍ୱରାଜ୍ୟ ଝୁଲୁଛି" ଆହ୍ୱାନରେ ସୂତା କଟାକୁ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ କରଯାଇଥାଏ ।

## ସୂତାକଟା ନେଇ ଗାଂଧିଜୀଂଙ୍କ ସହ ବିତର୍କ :

ପଣ୍ଡିତ ନୀଳକଂଠ ଗାଂଧିଜୀଂକ ଉପରୋକ୍ତ ଉକ୍ତି ଉପରେ ଆଦୌ ବିଶ୍ୱାସ ସ୍ଥାପନ କରିପାରୁ ନଥାଂତି । ତେଣୁ ଯେତେବେଳେ ୧୯୨୧ରେ ମହାତ୍ମାଗାଂଧି ସତ୍ୟବାଦୀ ଆସି-ଥିଲେ, ନୀଳକଣ୍ଠ ତାଙ୍କ ସହିତ ଦୀର୍ଘ ସମୟ ଧରି ଯୁକ୍ତିକଲେ ଯେ ଏହାଦ୍ୱାରା ଦେଶର ଆର୍ଥିକ ସମସ୍ୟାର ସମାଧାନ ହୋଇ ପାରିବନାଇ ଏବଂ ଗାନ୍ଧିଜୀ ତାଙ୍କୁ ଶେଷ ପର୍ଯ୍ୟନ୍ତ ସନ୍ତୁଷ୍ଟ କରି ପାରି ନାହାଂତି ବୋଲି ସେ ନିର୍ଭୟରେ ଭାରତର ଏହି ଶ୍ରେଷ୍ଠ ଭାବୁକ ତଥା ଜନନେତାଙ୍କୁ ଜଣାଇ ଦେଇଥିଲେ । ଏ ବିଷୟରେ ପଣ୍ଡିତ ନୀଳକଣ୍ଠ ନିଜ ଆତ୍ମଜୀବନୀରେ ବିଶଦ ଭାବରେ ଉଲ୍ଲେଖ କରି କହିଛନ୍ତି, "ମୋର ସେତେବେଳକୁ ଆଉ ଯୁକ୍ତି ଛାଡ଼ି

Digitized by PPRACHIN, SOA

Belief ରେ ଭୁଲିବା ପାଇଁ ଅବସ୍ଥା ଚହଲି ଆସିଥିଲା । ମୁଁ ସେଠାରୁ ନମସ୍କାର କରି ଉଠି ଆସିଲି ।"

ରାଜନୈତିକ ଜୀବନ-ଯାପନ କରିବାକୁ ଯାଇ ପ୍ରଥମରୁ ଭାରତର ସର୍ବଶ୍ରେଷ୍ଠ ଜନନେତା ମହାତ୍ମା ଗାନ୍ଧୀଙ୍କସହ ଯୁକ୍ତିତର୍କ ଓ ତାଙ୍କୁ ଠେକ୍‌ଠୋକ୍ ଜବାବ ଦେବା ସାଧାରଣ ରାଜନୀତିକ ବ୍ୟକ୍ତିଙ୍କଠାରୁ ବ୍ୟତିକ୍ରମ ନୁହେ କି ?

## ସ୍ୱରାଜ୍ୟ ଦଳରେ ଯୋଗଦାନ

ଅସହଯୋଗ ଆନ୍ଦୋଳନରେ ଗିରଫ ହୋଇ ନୀଳକଣ୍ଠ କାରାଦଣ୍ଡ ଭୋଗୁଥିବା ବେଳେ ସରକାର ୧୯୧୯ର ଶାସନ ବିଧାନ ଅନୁସାରେ କେନ୍ଦ୍ର ଆସେମ୍ବ୍ଲିପାଇଁ ନିର୍ବାଚନ ଘୋଷଣା କଲେ । ଆସେମ୍ବ୍ଲିରେ ପ୍ରବେଶ କରିବା ଓ ନ କରିବା ଏଇ ନୀତି ଉପରେ କଂଗ୍ରେସ No- changer ଓ Pro- changer ଦଳରେ ବିଭକ୍ତ ହୋଇଗଲା । ୧୯୨୩ ର ଲକ୍ଷ୍ନୌ କଂଗ୍ରେସରେ ଏଥିପାଇଁ ଯେଉଁ ସ୍ୱତନ୍ତ୍ର କମିଟି ନିଯୁକ୍ତ ହୋଇଥିଲା, ସେଥିରେ ରାଜଗୋପାଳାଚାରୀ ଓ ନୀଳକଣ୍ଠଙ୍କ ଘନିଷ୍ଠ ବନ୍ଧୁ ଡ଼ଃ ରାଜେନ୍ଦ୍ର ପ୍ରସାଦ ପ୍ରଭୃତି କୌଣସି ପରିବର୍ତ୍ତନ ଚାହିଁ ନ ଥିଲେ । ଆଜନ୍ମ- ବିପ୍ଳବୀ ନୀଳକଣ୍ଠ ସ୍ଥିରକଲେ ବ୍ୟବସ୍ଥା ସଭାରେ ପ୍ରବେଶ କରି ତା' ମାଧ୍ୟମରେ ଅମଲାତନ୍ତ୍ରକୁ ଅକାମୀ କରିଦେବା ଓ ତଦ୍ୱାରା ସ୍ୱରାଜ୍ୟ ପ୍ରାପ୍ତିର ଉଦ୍ୟମ କରିବା ହେବ ଉପଯୁକ୍ତ ପନ୍ଥା । ନୀଳକଣ୍ଠ, ମୋତିଲାଲ ନେହୁରୁ ଓ ଚିତ୍ତରଞ୍ଜନ ଦାସ ପ୍ରଭୃତିଙ୍କ Pro- changer ଦଳରେ ଯୋଗଦେଲେ । ଜେଲ ମୁକ୍ତ ପରେ ସେ ଏହି ମତବାଦ ପ୍ରଚାର କରି ପ୍ରଥମ ଥର ନିର୍ବାଚନରେ ଜୟଯୁକ୍ତ ହେଲେ ଏବଂ କେନ୍ଦ୍ର ବ୍ୟବସ୍ଥା ସଭାରେ ପ୍ରବେଶ କଲେ । ସେଠାରେ ନିଜର ପ୍ରତିପତ୍ତି ବିସ୍ତାର କଲେ । ମୋତି- ଲାଲ ନେହୁରୁଙ୍କ ସଭାପତିତ୍ୱରେ ଗଠିତ କଂଗ୍ରେସ ସ୍ୱରାଜ ଦଳର ସମ୍ପାଦକ ହେଲେ । ବ୍ୟବସ୍ଥା ସଭାରେ ଏକମାତ୍ର ଅଧ୍ୟାପକଙ୍କର ସମ୍ମାନ ବଜାୟ ରଖିଲେ । ଏହି ପଦ ମର୍ଯ୍ୟାଦା ଓ ପ୍ରତିପତ୍ତି ବଳରେ ସେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବା ଲାଗି ଉଭୟ ବ୍ୟବସ୍ଥା ସଭା ଭିତରେ ଓ ବାହାରେ ଯେଉଁ ଭୂମିକା ନେଇଥିଲେ, ତାର ବିଚାର ସ୍ୱତନ୍ତ୍ର ।

## କମ୍ୟୁନିଜିମ୍ ଭାରତକୁ ଆସୁ ବୋଲି ଯୁକ୍ତି ବାଢ଼ିବା

କେନ୍ଦ୍ର ବ୍ୟବସ୍ଥା ସଭାର ସଭ୍ୟ ଭାବରେ ନୀଳକଣ୍ଠ ନିଜକୁ ଜଣେ ଉଚ୍ଚକୋଟିର ବିପ୍ଳବୀ ମନୋଭାବାପନ୍ନ ମୌଳିକ ଚିନ୍ତାନାୟକ ଭାବେ ଦେଶରେ ପରିଚିତ କରାଇ ପାରିଥିଲେ । ଏପରିକି କମ୍ୟୁନିଜିମ୍ ବିରୋଧରେ ଇଂରେଜ ସରକାର ଯେଉଁ

Digitized by PPRACHIN, SOA

ଜାତୀୟ ନିରପତ୍ତା ବିଲ୍ କେନ୍ଦ୍ର ବ୍ୟବସ୍ଥା ସଭରେ ଆଣିଥିଲେ, ନୀଳକଣ୍ଠ ତାର ଘୋର ସମାଲୋଚନା କରିଥିଲେ ଓ କମ୍ୟୁନିଜମ ଭାରତକୁ ଆସୁ ବୋଲି ଯୁକ୍ତି ବାଢ଼ିଥିଲେ । ଏହା ତାଙ୍କର ଅନେକ ସହ-ସଭ୍ୟମାନଙ୍କୁ ସୁଖ ଲାଗି ନ ଥିଲା, ମାତ୍ର ତାହାହିଁ ଥିଲା ନୀଳକଣ୍ଠଙ୍କ ନିଜର ବୈପ୍ଳବିକ ଚିନ୍ତାଧାରା ଓ ସାଧାରଣ ରାଜନୀତିକ ଜୀବନରୁ ଏକ ବ୍ୟତିକ୍ରମ ।

## କଂଗ୍ରେସକୁ ପ୍ରାଦେଶିକ ନିର୍ବାଚନରେ ଅବତୀର୍ଣ୍ଣ କରାଇବା :

ନୂତନ ପ୍ରଦେଶ ଗଠନ ପରେ ପ୍ରାଦେଶିକ ଆସେମ୍ବ୍ଲି ନିର୍ବାଚନରେ ନୀଳକଂଠ କଂଗ୍ରେସକୁ ନିର୍ବାଚନ ରଣକ୍ଷେତ୍ରରେ ଅବତୀର୍ଣ୍ଣ କରାଇଲେ । ଜମିଦାରମାନଙ୍କ ପ୍ରାଧାନ୍ୟ ଥିବା ଓ ନୂଆ ହୋଇ ଓଡ଼ିଶା ସହିତ ମିଶିଥିବା ଗଂଜାମ କୋରାପୁଟ ଜିଲ୍ଲାରେ ସେକାଳର ଦୁର୍ଗମ ଓ ଅଗମ୍ୟ ଅଂଚଳମାନଂକରେ ମଧ୍ୟ କଂଗ୍ରେସ ସଭ୍ୟ ଠିଆ କରାଇଲେ । ତାଂକ ବିଦ୍ୱେଷୀମାନେ ତାଂକୁ ମନାକଲେ । ନୀଳକଂଠ କାହାକଥା ଶୁଣିଲେ ନାହିଁ, ସଫଳତାର ସହିତ ଭୋଟ ପ୍ରଚାର ଚଳାଇ ନୀଳକଂଠ କଂଗ୍ରେସର ମୋଟ ୩୭ ଜଣ ପ୍ରାର୍ଥିଂକ ମଧ୍ୟରୁ ୩୬ ଜଣଂକୁ ଜୟଯୁକ୍ତ କରାଇଲେ । ଓଡ଼ିଶାରେ ଗୋଟିଏ କଂଗ୍ରେସ ମଂତ୍ରୀମଣ୍ଡଳ ଗଠିତ ହେଲା । ଓଡ଼ିଶାର ପ୍ରଥମ ବିଜୟରେ ଲୌହମାନବ ସର୍ଦ୍ଦାର ପଟେଲଂକଠାରୁ "Bravo Orissa, Go ahead, Rest of India will follow you" ର ସମ୍ମାନ ଅଣାଇଲେ । ପୁଣି, ପଣ୍ଡିତ ନେହରୁ ଓଡ଼ିଶାରେ ନିର୍ବାଚନ ପ୍ରଚାର ବେଳେ ପଣ୍ଡିତ ନୀଳକଂଠଂକ ପ୍ରଚାରର ବୈଶିଷ୍ଟ୍ୟ ହୃଦୟଂଗମ କରି ଉତ୍ତର ପ୍ରଦେଶର ସାଧାରଣ ନିର୍ବାଚନ ପ୍ରଚାରରେ ସାହାଯ୍ୟ କରିବା ଲାଗି ତାଂକୁ ଡ଼ାକି ନେଇଥିଲେ । ଏ ସମସ୍ତ ଗୌରବଲାଗି ତାଂକର ଅଦମ୍ୟ ଚେଷ୍ଟା, ଅସାଧାରଣ ବିଚକ୍ଷଣତା ତଥା ସଂଗଠନ କୁଶଳତା ଯେତିକି ଦାୟୀ, ସାଧାରଣ ରାଜନୀତି ଜୀବନରୁ ବାହାରି ପଡ଼ି ଦେଶରହିତ ପାଇଁ ବିଭିନ୍ନ ପଂଥା ଅନୁସରଣ କରିବାର ଦୁଃସାହସ ତା'ଠାରୁ କମ୍ ନୁହେ । ସେତେବେଳର ଓଡ଼ିଶାର ରାଜନୈତିକ ଅବସ୍ଥା ପ୍ରତି ଲକ୍ଷ୍ୟ କଲେ ଯେ କୌଣସି ରାଜନୀତିକ ନେତା ଯେ ଏତେ ବଡ଼ ଦୁଃସାହସ କରି ନଥାଂତା, ଏହା ସହଜରେ ହୃଦୟଂଗମ କରି ହେବ ।

## ଅତ୍ୟଂତ ଦୁଷ୍କାଳରେ ମଧ୍ୟ କାହାପାଖେ ମୁଣ୍ଡ ନ ନୁଆଁଇବା :

ନିର୍ବାଚନ ପରେହିଁ ପଣ୍ଡିତ ନୀଳକଣ୍ଠ ନାନା ଷଡ଼ଯନ୍ତ୍ରର ଶିକାର ହେଲେ । ପୂର୍ବରୁ ଗୋପବଂଧୁ ମଧ୍ୟ ଗୋଟିଏ ରୋଷ୍ଟାର ଶରବ୍ୟ ହୋଇଥିଲେ—'ବଡ଼ କଉଡ଼ି ଖାଇପିବା'

Digitized by PPRACHIN, SOA

ଅଭିଯୋଗରେ ସେ କାନ୍ଦି କାନ୍ଦି କହିଥିଲେ, "ମୁଁ ଆଉ କଟକ ଫେରିବି ନାହିଁ ।" ବସ୍ତୁତଃ ତାଙ୍କର ଅକାଳ ମୃତ୍ୟୁ ହେବାରେ, ସେ ଆଉ ବୋଧହୁଏ କଟକ ଫେରିନାହାନ୍ତି । ୧୯୨୮ ରେ ତାଂକର ମୃତ୍ୟୁ ହେଲା । ୧୯୩୪ ରେ କୁଳବୃଦ୍ଧ ମଧୁସୂଦନ ସ୍ୱର୍ଗାରୋହଣ କଲେ । ମୃତ୍ୟୁର ପ୍ରାକ୍କାଳରେ ମଧୁସୂଦନ କହିଥିଲେ, "ମୋ ପରେ ନୀଳକଣ୍ଠ ରହିବ । ସେ ଓଡ଼ିଶାର ସବୁକାମ କରିବ । ସମସ୍ତେ ତାକୁ ଧରି ଚଳିବ ।" (ଆଡଭୋକେଟ୍ ନବକିଶୋର ଦାସ, ନୀଳକଣ୍ଠ ସ୍ମାରକୀ-ପୃ ୮୫) ତେଣୁ ନୀଳକଣ୍ଠ ହିଁ ହେଲେ ଓଡ଼ିଶାର ଏକମାତ୍ର ନେତା ଓ ମଧୁସୂଦନଙ୍କ କଳ୍ପନାରେ ଏ ଜାତିର କର୍ଣ୍ଣଧାର ହେବାର ଯୋଗ୍ୟତମ ପୁରୁଷ ।

ନିର୍ବାଚନର ସଫଳତା ପରେ ତାଂଙ୍କ ପ୍ରତି ଅସୂୟା ଓ ଈର୍ଷା ଘନୀଭୂତ ହେଲା– କେବଳ କଟକ ଗୋଷ୍ଠୀ କାହିଁକି, ତାଂକ ନିଜ ସତ୍ୟବାଦୀ ଗୋଷ୍ଠୀ ବା ଗୋପବଂଧୁଙ୍କ ପ୍ରତିଷ୍ଠିତ 'ସମାଜ' ମଧ୍ୟ ତାଂକ ପ୍ରତିଷ୍ଠାକୁ ସହିପାରି ନ ଥିଲେ । ମଧୁବାବୁଙ୍କର ଉପରୋକ୍ତ ଉକ୍ତି ଓ କାମନା 'ସମାଜ'ରେ ପ୍ରକାଶ ପାଇ ନ ଥିଲା– ବହୁ ବ୍ୟକ୍ତିଙ୍କର ସନିର୍ବଂଧ ଅନୁରୋଧ ସତ୍ତ୍ୱେ । ପଣ୍ଡିତ ନୀଳକଣ୍ଠ ତାଙ୍କ 'ଆତ୍ମଜୀବନୀ'ରେ ଏହା ଉଲ୍ଲେଖ କରି ଯାଇଛନ୍ତି । ନିର୍ବାଚନ ପରେ ଷଡ଼ଯନ୍ତ୍ର ମଧ୍ୟ ତୀବ୍ରତର ହେଲା । ନିର୍ବାଚନ ସାଫଲ୍ୟର ସମସ୍ତ କୃତିତ୍ୱ ତାଂକର–ତାଙ୍କ ସପକ୍ଷରେ ୩୬ ଜଣଙ୍କ ମଧ୍ୟରୁ ୨୧ ଜଣଙ୍କର ସମର୍ଥନ ଥିଲା । ନାନା ଆଳରେ ତାଙ୍କୁ 'ପ୍ରଧାନମନ୍ତ୍ରୀ' କରାଇ ଦିଆଗଲା ନାହିଁ– ରାଜ୍ୟ କଂଗ୍ରେସ ସଭାପତି ପଦରୁ ମଧ୍ୟ ଅନ୍ତର କରାଗଲା । ପୁଣି ତେଣେ କଂଗ୍ରେସ କାର୍ଯ୍ୟକାରୀ କମିଟିରେ ରହି ନ ପାରିବାର ଉଦ୍ୟମ କରାଗଲା । କଂଗ୍ରେସର ତୁଙ୍ଗ ନେତାମାନଂକୁ ତାଙ୍କ ବିରୁଦ୍ଧରେ ବିଗାଡ଼ି ଦିଆଗଲା ।

ନୀଳକଣ୍ଠଙ୍କ ସ୍ୱଭାବ ପୂର୍ବରୁ ବର୍ଣ୍ଣନା କରାଯାଇଛି । ଶଠତା, କପଟତା, ମିଥ୍ୟା, ପ୍ରବଂଚନା ପ୍ରଭୃତି ରାଜନୈତିକ କୌଶଳକୁ ସେ ଘୃଣା କରୁଥିଲେ–ସେ ହୁଏତ ଏସବୁରେ ଅପାରଗ ଥିଲେ । କୁହାଯାଇଚି, ପଣ୍ଡିତ ନୀଳକଣ୍ଠ ଖୋଷାମଦକାରୀ ନଥିଲେ । ଡ଼ଃ ରାଜେନ୍ଦ୍ର ପ୍ରସାଦ ତାଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗର ତଦନ୍ତ କରିବା ଲାଗି କଟକ ଆସିଲେ–ତାଙ୍କୁ ଡ଼କାଇ ପଠାଇଲେ । ସ୍ୱାଭିମାନୀ ନୀଳକଣ୍ଠ କହିଲେ, ଡ଼ଃ. ପ୍ରସାଦ ବ୍ୟକ୍ତି ବିଶେଷଙ୍କ ଘରେ ରହୁଥିବା ହେତୁ ସେଠାକୁ ଯିବା ତାଙ୍କ ଆତ୍ମ ସମ୍ମାନରେ ବାଧା ଆଣିବ । ରାଜେନ୍ଦ୍ର ପ୍ରସାଦ ତାଙ୍କ 'ନବଭାରତ' ପ୍ରେସକୁ ଆସିଲେ । ଏହାହିଁ ଥିଲା, ନୀଳକଣ୍ଠଙ୍କର ବ୍ୟକ୍ତିତ୍ୱ ଓ ସାଧାରଣ ରାଜନୀତିକ ବ୍ୟକ୍ତିଙ୍କଠାରୁ ବ୍ୟତିକ୍ରମ । ଜୀବନରେ କୌଣସି କ୍ଷେତ୍ରରେ ସେ ମୁଣ୍ଡ ନୁଆଇଁ ନାହାନ୍ତି ।

Digitized by PPRACHIN, SOA

ନୀଳକଣ୍ଠ ବହୁ ବିଷ ପାନ କରିଚନ୍ତି– ଅସାଧାରଣ ପ୍ରତିଭା, ମୌଳିକ ଚିନ୍ତା ବଳରେ ନିଜର ଯୁକ୍ତି ସିଦ୍ଧ ପନ୍ଥାହିଁ ଅନୁସରଣ କରିଚନ୍ତି । ରାଜ୍ୟର ପ୍ରଧାନ ମନ୍ତ୍ରୀ ବା ଏ ଦେଶର ରାଷ୍ଟ୍ରପତି ହୋଇ ପାରି ନାହାନ୍ତି, ସତ୍ୟ, ମାତ୍ର ପଣ୍ଡିତ ନୀଳକଣ୍ଠ ପ୍ରଚଣ୍ଡ ପ୍ରତିଭା–ଦୀପ୍ତ ବ୍ୟକ୍ତି ରୂପରେ ପ୍ରତିଭାତ ହୋଇଛନ୍ତି ।

## ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଓଡ଼ିଶାରେ ଏକ ମିଳିତ ମନ୍ତ୍ରୀମଣ୍ଡଳ ଗଠନ :

୧୯୩୯ ମସିହାରେ ୨ୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ପଣ୍ଡିତ ନୀଳକଣ୍ଠ ନିଜର ସ୍ୱାଭାବିକ ବୈପ୍ଳବିକ ମନୋବୃତ୍ତି ଘେନି ଫରୱାର୍ଡ ବ୍ଳକ ନେତା ସୁଭାଷ ବୋଷଂକ ସହିତ ଯୁଦ୍ଧକାଳୀନ ରାଜନୈତିକ କର୍ମପନ୍ଥାରେ ଏକମତ ହେଲେ । ଏଠି ଉଲ୍ଲେଖ ଯୋଗ୍ୟ ଯେ କଂଗ୍ରେସ ସଭାପତି ସୁଭାଷ ବୋଷଙ୍କ ସହିତ ଯେତେବେଳେ ଗାନ୍ଧିଜୀ ଓ କଂଗ୍ରେସର ମତଦ୍ୱୈଧ ହେଲା, ସେତେବେଳେ ଏକମାତ୍ର ଓଡ଼ିଶା ପ୍ରଦେଶ କଂଗ୍ରେସର ସଭାପତି ପଣ୍ଡିତ ନୀଳକଣ୍ଠ ସୁଭାଷ ବୋଷଙ୍କୁ ସମର୍ଥନ କରିଥିଲେ ଓ ସୁଭାଷଙ୍କ ପରାମର୍ଶରେ ସେ ଯୁଦ୍ଧରେ ଇଂରେଜ ସରକାରଙ୍କୁ ସାହାଯ୍ୟ ଦେବା ବାହାନାରେ ଓଡ଼ିଶାରେ ଏକ ମିଳିତ ମନ୍ତ୍ରୀମଣ୍ଡଳ ଗଠନ କରାଇଥିଲେ ଏବଂ ନୀତି ଦୃଷ୍ଟିରୁ ପ୍ରଦେଶ କଂଗ୍ରେସର ସଭାପତିତ୍ୱ ମଧ୍ୟ ପରିତ୍ୟାଗ କରିଥିଲେ । ମନ୍ତ୍ରୀମଣ୍ଡଳ ଲାଗି ଏବେ ମଧ୍ୟ ବହୁ ଲୋକ ନୀଳକଣ୍ଠଙ୍କୁ କଟୁ ସମାଲୋଚନା କରିଥାନ୍ତି । ମାତ୍ର ଏତିକି ସେମାନେ ମନେ ରଖିବା ଆବଶ୍ୟକ ଯେ କଂଗ୍ରେସ ନେତାମାନଙ୍କ ପରି ସଦ୍ୟ ଗଠିତ ଫରୱାର୍ଡ ବ୍ଳକର ନେତା ସୁଭାଷ ଚନ୍ଦ୍ର ବୋଷଙ୍କୁ ମଧ୍ୟ ବ୍ରିଟିଶ୍ ସରକାର ଯେତେବେଳେ ଭାରତକୁ ସ୍ୱାଧୀନତା ଦେବା କଥାରେ କୌଣସି ପ୍ରକାର ନିର୍ଭର ପ୍ରତିଶ୍ରୁତି ଦେଲେ ନାହିଁ; ସେତେବେଳେ ସୁଭାଷ ବୋଷ ଏଥିଲାଗି ଶତ୍ରୁ ପକ୍ଷର ସାହାଯ୍ୟ ଲୋଡ଼ିଲେ । ନିଜେ 'ନଜର' ବନ୍ଦୀ'ରୁ ଖସି ଭାରତରୁ କାବୁଲ ବାଟେ ଲୁଚି ପଳାଇଲେ । ଶତ୍ରୁ ପକ୍ଷର ସହଯୋଗୀ ଜାପାନ ସହିତ ମିଶି ଭାରତ ସ୍ୱାଧୀନତାର ପନ୍ଥା ବାହାର କଲେ, ପୂର୍ବ ସୀମାନ୍ତରେ I. N. A. ଗଠନ କଲେ; 'ଦୀଲ୍ଲି ଚଲୋ' ଧ୍ୱନି ଦେଇ ଏଇ ସୈନ୍ୟଙ୍କ ଭିତରେ ଅପୂର୍ବ ଜାଗରଣ ସୃଷ୍ଟି କଲେ । ଏଣେ କଂଗ୍ରେସ ଇଂରେଜଙ୍କୁ ଯୁଦ୍ଧରେ ସାହାଯ୍ୟ କରିବେ ନାହିଁ ବୋଲି ପ୍ରାଦେଶିକ ମନ୍ତ୍ରୀମଣ୍ଡଳ ମାନଙ୍କୁ ଇସ୍ତଫା ଦିଆଇବା ସତ୍ତ୍ୱେ ଇଂରେଜଙ୍କ ଯୁଦ୍ଧ ଉଦ୍ୟମ ଶିଥିଳ ହୋଇ ନ ଥିଲା । ଭାରତୀୟ ସୈନ୍ୟମାନେ ପୂର୍ବ ସୀମାନ୍ତରେ ଭାରତ ବାହାରେ ଇଂରେଜ ତଥା ମିତ୍ର-ପକ୍ଷଙ୍କ ସପକ୍ଷରେ ଲଢ଼ାଇ କରୁଥିଲେ । ସେଇ ସବୁ ରଣାଂଗନ ଆମ ଦେଶର ସୈନ୍ୟ-

Digitized by PPRACHIN, SOA

ମାନେ ଯେତେବେଳେ ଦେଖିଲେ ଯେ ନିଜ ଦେଶର ସ୍ୱାଧୀନତା ପାଇଁ ଲଢ଼ୁଥିବା I.N.A. ଫୌଜ୍‌ଙ୍କ ସହିତ ସେମାନଙ୍କୁ ଯୁଦ୍ଧରେ ବ୍ୟାପୃତ କରାଯାଉଛି, ସେମାନଙ୍କ ଭିତରେ ଚହଳ ପଡ଼ିଗଲା । ଫଳରେ ଏହା ବ୍ରିଟିଶ୍ ସରକାରଙ୍କପ୍ରତି ଏକ ଚେତାବନୀ ହୋଇ ପଡ଼ିଥିଲା, ଯେଉଁଥିପାଇଁ ସେମାନେ ଯୁଦ୍ଧରେ ଜୟଲାଭ କରିବା ସତ୍ତ୍ୱେ ସ୍ୱାଧୀନତା ଦେଇ ମାନେ ମାନେ ଚାଲିଯିବା ସକାଶେ ସ୍ଥିର କଲେ । ବାସ୍ତବରେ ଏହା ସୁଭାଷ ବୋଷ ତଥା ତାଙ୍କ ସହଗାମୀ ପଣ୍ଡିତ ନୀଳକଣ୍ଠ ପ୍ରଭୃତିଙ୍କର ଏକ ଷଡ଼ଯନ୍ତ୍ର ମୂଳକ ଚତୁର ଉଦ୍ୟମ ଥିଲା ବୋଲି କହିବାକୁ ହେବ । ଏଠି ସୂଚାଇ ଦେବା ଆବଶ୍ୟକ ଯେ, ଅଳ୍ପକାଳ ପୂର୍ବରୁ ଓଡ଼ିଶାର ପ୍ରଥମ ନିର୍ବାଚନରେ ନୀଳକଣ୍ଠ ଅଚିନ୍ତନୀୟ ସଫଳତା ଅଣାଇଥିବା ସତ୍ତ୍ୱେ ସୁଭାଷ ବୋଷ ତାଙ୍କୁ କଂଗ୍ରେସ କାର୍ଯ୍ୟକାରୀ କମିଟିରେ ଗ୍ରହଣ କରି ନ ଥାନ୍ତି । ନୀଳକଣ୍ଠ ଏଥିରେ ବିଚଳିତ ନ ହୋଇ ତାଙ୍କ ଉପରେ ଅଭିମାନ ମଧ୍ୟ ନ କରି ଯେତେବେଳେ ସୁଭାଷ ବୋଷ ତାଙ୍କୁ କଲିକତାକୁ ଡ଼କାଇ ତାଙ୍କ ସହିତ ପରାମର୍ଶ କଲେ, ନୀଳକଣ୍ଠ ତାଙ୍କ ଚିନ୍ତାଧାରାକୁ ପୂର୍ଣ୍ଣ ସମର୍ଥନ ଜଣାଇ ଥିଲେ ।

## ରାଜ୍ୟ ଶାସନ ପଛରେ ପାର୍ଲିଖିଣ୍ଡି :

ନୀଳକଣ୍ଠ ଓଡ଼ିଶାରେ ଏକ ମନ୍ତ୍ରୀମଣ୍ଡଳ ଗଠନର ଭାର ନେଲେ ଏବଂ ଏହାଥିଲା ଫାଶି କାଠକୁ ସାମ୍ନା କରି ମନ୍ତ୍ରୀମଣ୍ଡଳ ଗଠନର ରାଜନୀତି ବା କୂଟନୀତି । ଯେଉଁମାନେ ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶଙ୍କ ସେତେବେଳର କାର୍ଯ୍ୟକଳାପ ଅନୁଧ୍ୟାନ କରିଛନ୍ତି ବା କରିବେ, ସେମାନେ ନିଶ୍ଚିତ ହେବେ ଯେ, ଇଂରେଜ ସରକାରଙ୍କୁ ବାସ୍ତବରେ ସାହାଯ୍ୟ କରିବା ବା ମନ୍ତ୍ରୀମଣ୍ଡଳ ମାଧ୍ୟମରେ ଲାଭବାନ ହେବା, ଏମାନଙ୍କର ଉଦ୍ଦେଶ୍ୟ ନ ଥିଲା । ଏମାନେ ସେତେବେଳେ ଅଣ୍ଡରଗ୍ରାଉଣ୍ଡରେ ଥିବା ଦେଶର ଯୁବଗୋଷ୍ଠୀକୁ ଲୁକ୍‌କାୟିତ ଭାବରେ ସମସ୍ତ ପ୍ରକାର ସାହାଯ୍ୟ କରୁଥିଲେ ଓ ତଦ୍ୱାରା I. N. A. ଫୌଜଙ୍କର ଭାରତ ଅନୁପ୍ରବେଶର ଦ୍ୱାରକୁ ଉନ୍ମୁକ୍ତ ରଖିବାରେ ପ୍ରୟାସୀ ଥିଲେ । ତା' ବ୍ୟତୀତ ଏହି ଅବସରରେ ଭାରତୀୟ ସୈନ୍ୟମାନଙ୍କପାଇଁ ଯୁଦ୍ଧର ରଣକୌଶଳ ଶିକ୍ଷାର ସୁଯୋଗ ସୃଷ୍ଟି କରିବା ମଧ୍ୟ ଏମାନଙ୍କର ଅନ୍ୟତମ ଲକ୍ଷ୍ୟ ଥିଲା, ଯାହାକି ସ୍ୱାଧୀନତା ପ୍ରାପ୍ତି ପରେ ମଧ୍ୟ ଭାରତ ପକ୍ଷରେ ବିଶେଷ ଲୋଡ଼ା ଥିଲା । କଟକ ଟାଉନ୍‌ହଲ ଯୁଦ୍ଧସାମୁଖ୍ୟ ସଭାରେ ମରାହୋଇଥିବା "God save the King" ପଟାକୁ ଫିଙ୍ଗିଦେଇ ପଣ୍ଡିତ ନୀଳକଣ୍ଠ ତା' ଜାଗାରେ God save the Nation ପ୍ଲାକାର୍ଡଟି ଝୁଲାଇବାର ଆଦେଶ ଦେବାରେ ଏହା ପ୍ରକାଶ୍ୟରେ ସୁସ୍ପଷ୍ଟ ଥିଲା–ମାତ୍ର ଗୁପ୍ତ ସଗଠନ ମାଧ୍ୟମରେ ବର୍ମାରୁ ଯୁଦ୍ଧ ଫେରନ୍ତା ଓଡ଼ିଆମାନଙ୍କର ନିରାପତ୍ତା

Digitized by PPRACHIN, SOA

ଓ ସୁରକ୍ଷାର ବ୍ୟବସ୍ଥା ବାହାନାରେ ରଣାଂଗନରେ ସୁଭାଷ ବୋଷଂକ ସହିତ ସମ୍ପର୍କ ରକ୍ଷାର ଯେଉଁ ସୁପରିକଳ୍ପିତ ଷଡ଼ଯନ୍ତ୍ର କରାଯାଇଥିଲା, ତହିଁର ସେମାଂଚକର ତଥ୍ୟାବଳୀ ସାଧାରଣଂକୁ ତ ଦୂରର କଥା, ଯୁଦ୍ଧକାଳୀନ ଶୃଙ୍ଖଳିତ ସରକାରଂକୁ ମଧ୍ୟ ଜଣା ପଡ଼ିନଥିଲା । ତା' ହୋଇଥିଲେ ଯୁଦ୍ଧକାଳର ପରିସ୍ଥିତିରେ ଏମାନଂକ ଲାଗି ଫାସିଦଣ୍ଡ ଆଉ କେତେ ଦୂର ଥିଲା ?

ମାତ୍ର ତାହାହିଁ ଥିଲା, ପଣ୍ଡିତ ନୀଳକଣ୍ଠ ଓ ତାଙ୍କ ସାଥୀମାନଙ୍କର ଦେଶପାଇଁ ଜୀବନ ଉତ୍ସର୍ଗ ସଂକଳ୍ପର ଇତିହାସ ଏବଂ ନୀଳକଣ୍ଠଙ୍କ ରାଜନୀତିର ଏକ ଗ୍ରନ୍ଥିଳୟକର କାହାଣୀ ଓ ସାଧାରଣ ରାଜନୀତିରୁ ବ୍ୟତିକ୍ରମ ।

## ବିଧାନସଭା ବିରୁଦ୍ଧ ଦଳରେ ନୀଳକଣ୍ଠ ଏକ ବ୍ୟତିକ୍ରମ :

୧୯୫୧ ମସିହାରେ ନୀଳକଣ୍ଠ ସାଥୀ ଗୋଦାବରୀଶଂକୁ ଧରି ସ୍ୱାଧୀନ ଜନସଂଘ ନାମରେ ଗୋଟିଏ ପ୍ରାଦେଶିକ ଦଳ ଗଠନ କଲେ । ଏହି ଦଳରୁ ନିଜ ସହିତ ୪ ଜଣ ପ୍ରାର୍ଥୀ ନିର୍ବାଚନରେ ଠିଆ ହୋଇ ସମସ୍ତେ ଜୟଯୁକ୍ତ ହେଲେ । ପରେ ଅବଶ୍ୟ ନିର୍ବାଚନ ମକଦମାରେ ୨ ଜଣଙ୍କର ସଭ୍ୟ ପଦ କଟିଗଲା । ଯାହାହେଉ ପଣ୍ଡିତ ନୀଳକଣ୍ଠଙ୍କର ମତ ଥିଲା, ରାଜ୍ୟର ହିତହିଁ ପ୍ରତ୍ୟେକ ନିର୍ବାଚିତ ସଭ୍ୟଙ୍କର ଧ୍ୟେୟ ହେବା ଉଚିତ । ଏହି ଲକ୍ଷ୍ୟ ରଖି ସେ କହୁଥିଲେ, ସରକାରଙ୍କର ଜନମଙ୍ଗଳ ପ୍ରସ୍ତାବ ଗୁଡ଼ିକୁ ସମର୍ଥନ ଜଣାଇବା ଓ ଅନ୍ୟଗୁଡ଼ିକୁ ବିରୋଧ କରିବା ବିରୁଦ୍ଧଦଳ ସଭ୍ୟଙ୍କର କର୍ତ୍ତବ୍ୟ ! ବିରୁଦ୍ଧ ଦଳଭୁକ୍ତ ବୋଲି ସରକାରଙ୍କର ପ୍ରତ୍ୟେକ ପ୍ରସ୍ତାବକୁ ବିରୋଧ କରିବା ଅନୁଚିତ । ପୁଣି କୌଣସି ପ୍ରସ୍ତାବକୁ ବିରୋଧ କଲାବେଳେ, ତାହାର ବିକଳ୍ପ ବ୍ୟବସ୍ଥା ମଧ୍ୟ ସରକାରଙ୍କୁ ଜଣାଇବା ଆବଶ୍ୟକ ।

ପଣ୍ଡିତ ନୀଳକଣ୍ଠଙ୍କର ଏହି ଆଭିମୁଖ୍ୟକୁ ସେତେବେଳର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଅତ୍ୟନ୍ତ ପସନ୍ଦ କରୁଥିଲେ ଓ ତାଙ୍କର ବହୁ ପ୍ରସ୍ତାବ ମଧ୍ୟ ସେ ଗ୍ରହଣ କରି ଯାଉଥିଲେ । ଅବଶେଷରେ ତାଙ୍କରି ପ୍ରଚେଷ୍ଟାରେ ପ୍ରଧାନମନ୍ତ୍ରୀ ନେହେରୁ ପଣ୍ଡିତ ନୀଳକଣ୍ଠଙ୍କୁ କଂଗ୍ରେସକୁ ଫେରିଯିବାକୁ ଓ ତାଙ୍କର ବିଜ୍ଞ ପରାମର୍ଶ ଦେଇ ସାହାଯ୍ୟ କରିବାକୁ ଅନୁରୋଧ ଜଣାଇଲେ ।

## କଂଗ୍ରେସକୁ ଫେରିବା ପୂର୍ବରୁ ନିର୍ବାଚନ ମଣ୍ଡଳୀର ମତନେବା :

ନେହେରୁଙ୍କର ଅନୁରୋଧ ପତ୍ର ପାଇ ପଣ୍ଡିତ ନୀଳକଣ୍ଠ ତାଙ୍କ ନିର୍ବାଚନ ମଣ୍ଡଳୀକୁ ଗଲେ—ବିଭିନ୍ନ ଅଞ୍ଚଳରେ ସଭାସମିତିମାନ କରି ଓ ବିଭିନ୍ନ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି-

Digitized by PPRACHIN, SOA

ମାନଙ୍କର ମତ ନେଇ କଂଗ୍ରେସକୁ ଫେରିଗଲେ, ସାଧାରଣ ରାଜନୈତିକ ଜୀବନରେ ଏହା କେବଳ ଏକ ବ୍ୟତିକ୍ରମ ନୁହେଁ–ଏହା ଏବେ ମଧ୍ୟ ଏକ ଆଦର୍ଶ ହୋଇ ରହିଛି, ଫଳରେ ଏହାର ପର ନିର୍ବାଚନରେ ୧୯୫୭ ମସିହାରେ ପଣ୍ଡିତ ନୀଳକଣ୍ଠ ତାଙ୍କର ଏହି ନିର୍ବାଚନ ମଣ୍ଡଳୀ ସତ୍ୟବାଦୀରୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହେଲେ । ଏହା ତାଙ୍କ ଆଭିମୁଖ୍ୟ ପ୍ରତି ଲୋକ ସମର୍ଥନର ମଧ୍ୟ ଏକ ପ୍ରମାଣ ।

## ଓଡ଼ିଶା ବିଧାନ ସଭାର ବାଚସ୍ପତି ଭାବରେ :

୧୯୫୭ ମସିହାରେ ପଣ୍ଡିତ ନୀଳକଣ୍ଠ ଓଡ଼ିଶା ବିଧାନ ସଭାର ବାଚସ୍ପତି ପଦ ମଣ୍ଡନ କରିଥିଲେ । ସେଥିରେ ତାଙ୍କର ଯେଉଁ ୨ଟି ଉଲ୍ଲେଖନୀୟ ଅବଦାନ ରହିଛି ଓ ସାରାଦେଶରେ ନୂତନ ପରମ୍ପରା ସୃଷ୍ଟି କରିଛି, ତାହା ତାଙ୍କର କେବଳ ଗତାନୁଗତିକ ପନ୍ଥା ଅନୁସରଣ ପରିବର୍ତ୍ତେ ନିଜ ମୌଳିକ ଚିନ୍ତାଧାରାର ପରିଚାୟକ ନୁହେଁ, ରାଜନୈତିକ ଜୀବନରେ ଦୁଃସାହସିକ ବ୍ୟତିକ୍ରମ ମଧ୍ୟ ।

### (କ) ବିଧାନ ସଭାକୁ ସ୍ୱତନ୍ତ୍ର କରିବା

ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରୁ ଖସାଇଦେବା ବା କେବଳ ନିଜ ଦପ୍ତରର ସ୍ୱାତନ୍ତ୍ର୍ୟ ପ୍ରାପ୍ତିର ଉଦ୍ଦେଶ୍ୟ ନେଇ ସେ ବିଧାନସଭାକୁ ଘରୋଇ ବିଭାଗଠାରୁ ପୃଥକ କରି ନ ଥିଲେ ବା ବିଧାନ ସଭାର ଅଧ୍ୟକ୍ଷଙ୍କ ମର୍ଯ୍ୟାଦା କ୍ୟାବିନେଟ ପାହ୍ୟାର ମନ୍ତ୍ରୀଙ୍କଠାରୁ ଉଚ୍ଚରେ ରହିବା ଉଚିତ ବୋଲି ସେ ଏହା କରି ନ ଥିଲେ । ଗୋଟିଏ ମୌଳିକ ପ୍ରଶ୍ନ ତାଙ୍କୁ ଘାରିଥିଲା ଯେ, ଯେଉଁ ବିଧାନସଭା ଆଇନ ପ୍ରଣୟନ କରିବ, ସେ ଦପ୍ତରକୁ ଆଇନଗୁଡ଼ିକୁ ପ୍ରକାଶ କରି ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିବା ସରକାରୀ ଦପ୍ତର, ନିୟନ୍ତ୍ରଣ କରିବା ଅଯୌକ୍ତିକ; ଯେହେତୁ କୌଣସି କାରଣରୁ ପରବର୍ତ୍ତୀ ସମୟରେ ସରକାର ବା ବିଭାଗୀୟ ମନ୍ତ୍ରୀ କୌଣସି ଆଇନକୁ କାର୍ଯ୍ୟକାରୀ କରିବାକୁ ଅନିଚ୍ଛୁକ ହେଲେ, ବିଧାନ ସଭାର ଅନୁମୋଦନ ସତ୍ତ୍ୱେ ଉକ୍ତ ଆଇନକୁ ପ୍ରକାଶ କରିବାରେ ସେମାନେ ଅଯଥା ବିଳମ୍ବ ସୃଷ୍ଟି କରି ପାରିବେ, ଯାହା ଫଳରେ ସମୟ ସ୍ରୋତରେ ତାହାର ପ୍ରାଧାନ୍ୟ ଓ ଆବଶ୍ୟକତା ଲୋପ ପାଇଯିବ । ଫଳରେ ବିଧାନ ସଭାରେ ଅନୁମୋଦିତ ଆଇନଗୁଡ଼ିକ କାଗଜ କଲମରେ ହିଁ ରହିଯିବ । ଏହି ଚିନ୍ତାଧାରାରେ ପ୍ରଭାବିତ ହୋଇ ନୀଳକଣ୍ଠ ତାଙ୍କ ଦପ୍ତରଟିକୁ ଘରୋଇ ବିଭାଗରୁ ସ୍ୱତନ୍ତ୍ର କରାଇବାକୁ ଉଦ୍ୟମ କଲେ । ସେ କହିଛନ୍ତି, "ଏଥିପାଇଁ ମୋତେ ୨ ବର୍ଷକାଳ ବହୁ ଶ୍ରମ କରିବାକୁ ପଡ଼ିଥିଲା ।" ଶେଷ ପର୍ଯ୍ୟାୟରେ ନୀଳକଣ୍ଠ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡ଼ଃ ମହତାବଙ୍କୁ ଧମକ ଦେଇ କହିଥିଲେ,

Digitized by PPRACHIN, SOA

"ଆସେମ୍ବ୍ଲିର ଗ୍ରବିକାଠି ମୋ ହାତରେ– ପ୍ରଶ୍ନର ମୀମାଂସା ନ କଲେ ମୁଁ ଆସେମ୍ବ୍ଲିକୁ ଗ୍ରବି ପକାଇ ଦେବି ।" ରାଜ୍ୟର ମୁଖ୍ୟମନ୍ତ୍ରୀ ନୀଳକଣ୍ଠଙ୍କର ଏ ଧମକରେ ଦବି ନ ଯାଇ, ହୁଏତ ତାଙ୍କ ଦଳର ଭୋଟାଧିକାର ବଳରେ ନୀଳକଣ୍ଠଙ୍କୁ ବାଚସ୍ପତି ପଦରୁ ଅନ୍ତର କରିଦେଇ ପାରିଥାନ୍ତେ । ସେଥିପ୍ରତି ଖାତିର ନ କରି ନୀଳକଣ୍ଠଙ୍କର ଏପରି ଉଦ୍ୟମ ଓ ଜୀବନର ଶେଷ ପର୍ଯ୍ୟାୟରେ ଏପରି ଦମ୍ଭୋକ୍ତି ଯେ ସାଧାରଣ ରାଜନୀତିକ ଜୀବନର ଏକ ବ୍ୟତିକ୍ରମ, ଏଥିରେ ସନ୍ଦେହର ଅବକାଶ କାହିଁ ?

## (ଖ) ମନ୍ତ୍ରୀମଣ୍ଡଳର ପତନ ସହିତ ବାଚସ୍ପତିଙ୍କର ଅନ୍ତର ନ ହେବା ପରମ୍ପରା ସୃଷ୍ଟି :

ଏହାପରେ ନୀଳକଣ୍ଠ ରାଜ୍ୟରେ ପ୍ରତିଷ୍ଠିତ ସରକାର ବିଧାନ ସଭାରେ ନିଜର ସଂଖ୍ୟା ଗରିଷ୍ଠତା ହରାଇ ଇସ୍ତଫା ଦେବାରେ ବିଧାନ ସଭାକୁ ଭାଙ୍ଗି ଦିଆଗଲେ ବାଚସ୍ପତିଙ୍କ କାର୍ଯ୍ୟକାଳ ସ୍ୱଭାବତଃ ପୂରିଯାଉଥିବା ପ୍ରଚଳିତ ପ୍ରଥାର ପରିବର୍ତ୍ତନ କରାଇ ପାରିଥିଲେ । ତାଙ୍କ ପୂର୍ବରୁ ଯେତେସବୁ ରାଜ୍ୟରେ ଏପରି ପରିସ୍ଥିତିରେ ବାଚସ୍ପତି-ମାନଙ୍କୁ ସେମାନଙ୍କ ପଦରୁ ଅନ୍ତର କରାଯାଇଥିଲା, କେହି ସେପରି ଉଦ୍ୟମ କରି ନ ଥିଲେ ।

ନୀଳକଣ୍ଠ ଏ ପ୍ରଥା ବିରୋଧରେ ଲଢିଲେ । ଓଡ଼ିଶା ସରକାରଙ୍କୁ ଜଣାଇଲେ । ସେମାନେ ଦେଖିଲେ ଯେ ଏ ଭଳି ପରିସ୍ଥିତିରେ ଏହା ପୂର୍ବରୁ କେରଳ ଓ ପଞ୍ଜାବ ରାଜ୍ୟ ମାନଙ୍କରେ ବାଚସ୍ପତିମାନଙ୍କୁ ଅଂତର କରି ଦିଆଯାଇଛି । ନୀଳକଣ୍ଠ ବ୍ରିଟିଶ ପାର୍ଲାମେଣ୍ଟର ନଜିର ଓ ତଦନୁକ୍ରମେ ରଚିତ ଭାରତ ସମ୍ବିଧାନର ନିୟମମାନ ଦର୍ଶାଇଲେ । ସେମାନଙ୍କର ଯୁକ୍ତି ହେଲା "ରାଜ୍ୟପାଳଙ୍କ ଆଦେଶ ବଳରେ ଆସେମ୍ବ୍ଲି ଭାଙ୍ଗି ଦିଆଯିବା ଫଳରେ ବିଧାନ ସଭାର ସମସ୍ତ ସଭ୍ୟଂକର ସଭ୍ୟପଦ କଟିଯାଇଛି–ତେଣୁ ଆସେମ୍ବ୍ଲି ସଭ୍ୟ ନ ଥିବା ବ୍ୟକ୍ତି ଆସେମ୍ବ୍ଲିର ବାଚସ୍ପତି ରହିବ କିପରି ?" ଆପାତତଃ ବଡ଼ ଯୁକ୍ତି ଯୁକ୍ତ କଥା !

ମାତ୍ର ନୀଳକଂଠ ଦବି ଯିବାର ଲୋକ ନୁହନ୍ତି, ଏଥିଲାଗି ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲଂକର ନିଶ୍ଚୟ ବିରାଗ ଭାଜନ ହୋଇ ପଡ଼ିବାର କଥା । ସେଥିପାଇଁ ଖାତିର ନ କରି ସେ ଭାରତ ସରକାରଙ୍କୁ ଭାରତ ସମ୍ବିଧାନର ୧୭୯ (ଗ) ଉପଧାରା ଦର୍ଶାଇ ଗୋଟିଏ Representation (ଦାବୀପତ୍ର) ଦେଲେ । ପଣ୍ଡିତ ଜବାହରଲାଲଙ୍କୁ ଏ ବିଷୟ ଜଣାଇଲେ । ବଙ୍ଗଳାର ମୁଖ୍ୟମନ୍ତ୍ରୀ ( ତାଂକ ବଂଧୁ ) ବିଧାନଚନ୍ଦ୍ର ରାୟଂକୁ କହିଲେ, ଏମାନେ ଏତ ମତେ ଅନୁସୃତ ପରଂପରା ଦେଖାଉଛନ୍ତି । ପରଂପରାରେ

Digitized by PPRACHIN, SOA

ଚଳିବା ନା ଆଇନରେ ଚଳିବା ? ମୁଁ ଜବାହରଲାଲଙ୍କୁ ସେଇଆ ଲେଖୁଚି । ଯଦି ପରମ୍ପରାରେ ଚଳିବାକୁ ହେବ, ତେବେ ସମ୍ବିଧାନ ବଦଳାଅ ।" ଭାରତ ସରକାରଙ୍କ ଆଇନ ବିଭାଗରେ ଚହଳ ପଡ଼ିଗଲା– ଏକ ଭ୍ରମାତ୍ମକ ପରଂପରା ସୃଷ୍ଟି ହୋଇଗଲାଣି । ଶେଷରେ ସ୍ଥିର ହେଲା, ଓଡ଼ିଶା ବାଚସ୍ପତିଙ୍କ ଦାବୀ ଯୁକ୍ତିଯୁକ୍ତ । ନୀଳକଣ୍ଠଙ୍କର ବିଜୟ ହେଲା । ଓଡ଼ିଶା ସରକାର ପୂର୍ବ ଆଦେଶ ପ୍ରତ୍ୟାହାର କଲେ । ପଣ୍ଡିତ ନୀଳକଣ୍ଠ ନୂତନ ବିଧାନ ସଭାର ବାଚସ୍ପତି ନିର୍ବାଚିତ ହେବା ଯାଏ, ତା ୧ । ୭ । ୬୧ ଯାଏ ବାଚସ୍ପତି ପଦରେ ଅଧିଷ୍ଠିତ ହୋଇ ରହିଲେ ।

ବହୁ ମଧ୍ୟରୁ ଏଇ କେତୋଟି ବିଷୟ ବିଶ୍ଳେଷଣ କରି ବୁଝି ବସିଲେ, ପଣ୍ଡିତ ନୀଳକଣ୍ଠଙ୍କର ବୈପ୍ଳବିକ ଚିନ୍ତାଧାରା ସମ୍ବନ୍ଧରେ ଉପଲବ୍ଧି କରିହୁଏ ଏବଂ ଏ ଦେଶର ପ୍ରଚଳିତ ରାଜନୈତିକ ଜୀବନଠାରୁ ସେ କିପରି ଏକ ବ୍ୟତିକ୍ରମ ଥିଲେ ତାହା ସ୍ପଷ୍ଟ ହୋଇଯାଏ ।

ଏ ସମସ୍ତ ପର୍ଯ୍ୟାଲୋଚନାରୁ ଆଉରି ସ୍ପଷ୍ଟ ହେବ ଯେ ନୀଳକଣ୍ଠଙ୍କ ଜୀବନର ସମସ୍ତ ସଫଳତା ବା ବିଫଳତା ମୂଳରେ ତାଙ୍କ ନିଜ ଯୁକ୍ତିସିଦ୍ଧ ପଂଥାରୁ କୌଣସି ଭୟ ବା ଲୋଭର ବଶବର୍ତ୍ତୀ ହୋଇ ବିଚ୍ୟୁତ ନ ହେବାହିଁ ଏକ ପ୍ରଧାନ କାରଣ ଥିଲା । ସେ ନିଶ୍ଚୟ ବହୁ ଷଡ଼ଯଂତ୍ରର ଶିକାର ହୋଇଛନ୍ତି– ମାତ୍ର ଯେତେବେଳେ ହେଲେ କାହାକୁ ସାମାନ୍ୟ ତୋଷାମଦ କରିବା ଦୂରେ ଥାଉ, କାହାଠାରେ ସାମାନ୍ୟ ମୁଣ୍ଡ ନୁଆଇଁ ମଧ୍ୟ ଉଚ୍ଚତର ଆସନ ଅଧିକାର କରିବାର ସୁଯୋଗ ଲୋଡ଼ି ନାହାନ୍ତି ବା ନେଇ ନାହାନ୍ତି ।

ଏହାହିଁ ଥିଲା ପଣ୍ଡିତ ନୀଳକଣ୍ଠଙ୍କ ରାଜନୈତିକ ଜୀବନର ପ୍ରଧାନ ମହତ୍ତ୍ୱ ।

---

* ପଣ୍ଡିତ ନୀଳକଣ୍ଠଙ୍କ ଶତବାର୍ଷିକୀ ଉପଲକ୍ଷେ ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଅନୁଷ୍ଠିତ ପାଠଚକ୍ରରେ ଆଲୋଚିତ ପ୍ରବନ୍ଧ । *

Digitized by PPRACHIN, SOA

# ମନୀଷୀ ନୀଳକଂଠଙ୍କ ରାଜନୈତିକ କୃତି ଓ ବକ୍ତୃତାଧାରା

ଶ୍ରୀ ପଠାଣି ପଟ୍ଟନାୟକ

## ରାଜନୀତି ନା ସାହିତ୍ୟ !!

ପଣ୍ଡିତ ନୀଳକଂଠଙ୍କୁ ଚିହ୍ନି ଚିହ୍ନାଇବାରେ କେଉଁ ଦିଗଟି ଅଧିକ ଧେୟ ହେବା ଉଚିତ ? ସାହିତ୍ୟସେବୀଗଣ ନୀଳକଣ୍ଠଙ୍କୁ ଆଜି ପର୍ଯ୍ୟନ୍ତ ଆଲୋଚନା କରି ଆସିଥିବାରୁ ତାଙ୍କର ସାହିତ୍ୟ- କୃତି ସଂପର୍କରେ ଅଧିକ ଆଲୋକପାତ କରାଯାଉଛି । ନୀଳକଣ୍ଠ ଜଣେ ଶକ୍ତିଶାଳୀ ଲେଖକ । ତାଙ୍କର ଗ୍ରନ୍ଥାବଳୀ ଏକାଧିକ ଭାଗରେ ପ୍ରକାଶିତ ହୋଇଅଛି । ତେଣୁ ଓଡ଼ିଆ ସାହିତ୍ୟକୁ ତାଙ୍କର ଦାନ ସଂପର୍କରେ ଆଲୋଚନା କରିବା ଅତ୍ୟନ୍ତ ସହଜ ହୋଇ ପଡ଼ିଛି । ସାଂପ୍ରତିକ କାଳର ଓଡ଼ିଶାର ରାଜନୈତିକ ଜୀବନ ସଂପର୍କରେ ସବିଶେଷ ଆଲୋଚନା ହୋଇ ପାରିନାହିଁ । ଓଡ଼ିଶାର ଐତିହାସିକଗଣ ଏ ଦିଗପ୍ରତି ବିଶେଷ ଧ୍ୟାନ ଦେଇପାରି ନାହାନ୍ତି । ତେଣୁ ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱ ଅବଧାରଣ କରିବାପାଇଁ ଉପଯୁକ୍ତ ନ୍ୟାୟ ଦିଆ ଯାଇନାହିଁ ବୋଲି ସ୍ୱୀକାର କରିବାକୁ ହେବ ।

ନୀଳକଣ୍ଠ ଶତବାର୍ଷିକୀ ପାଳନ ଅବସରରେ 'ଝଙ୍କାର" ପତ୍ରିକାର ସମ୍ପାଦକ ପ୍ରବୀଣ ରାଜନୀତିଜ୍ଞ ଏବଂ ସାହିତ୍ୟିକ ଡ଼ଃ ହରେକୃଷ୍ଣ ମହତାବ ସମ୍ପାଦକୀୟ ଟିପ୍ପଣୀରେ ଯାହା ଉଲ୍ଲେଖ କରିଛନ୍ତି, ତାହା ଏଠାରେ ପ୍ରଣିଧାନଯୋଗ୍ୟ ।

"ପଣ୍ଡିତ ନୀଳକଣ୍ଠଙ୍କ ଶତବାର୍ଷିକୀ ବର୍ତ୍ତମାନ ପାଳିତ ହେଉଛି । ଏ ସମ୍ବନ୍ଧରେ ଏକ ସାଧାରଣ ମନ୍ତବ୍ୟ ପ୍ରକାଶ କରିବା ସମୀଚୀନ ହେବ ବୋଲି ମନେ କରୁଁ । ବ୍ୟକ୍ତିବିଶେଷଙ୍କ ଜୀବନୀ ପର୍ଯ୍ୟାଲୋଚନା କଲେ ତାଙ୍କର ବ୍ୟକ୍ତିତ୍ୱର ବିଶେଷତ୍ୱ ପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ । ତାହାହିଁ କେନ୍ଦ୍ର କରି ଜୀବନୀ ପର୍ଯ୍ୟାଲୋଚିତ ହେଲେ ତାହା ଭବିଷ୍ୟତ ବଂଶଧରମାନଙ୍କ ପକ୍ଷରେ ଦିଗ୍‌ଦର୍ଶନ ହେବ । ଯଥା— ମହାତ୍ମା ଗାନ୍ଧୀଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ ହେଉଛି ଜୀବନରେ ସତ୍ୟ ଓ ଅହିଂସାର

Digitized by PPRACHIN, SOA

ସାଧନା । ଏହାକୁହିଁ କେନ୍ଦ୍ରକରି ତାଙ୍କର ଜୀବନ ଆଲୋଚନା କରିବାକୁ ହେବ । ସେହିପରି ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ ହେଉଛି ଯେ ସେ ଜଣେ ସାହିତ୍ୟିକ । ତାଙ୍କ ରାଜନୈତିକ ଜୀବନର ଗୁରୁତ୍ୱ ତୁଳନାରେ ତାଙ୍କର ସାହିତ୍ୟିକ ଜୀବନର ଗୁରୁତ୍ୱ ବହୁ ଗୁଣରେ ବେଶୀ । × × ଓଡ଼ିଶାର ଦୁର୍ଭାଗ୍ୟ ଯେ ସେ ଗୋପବନ୍ଧୁଙ୍କ ଉତ୍ତରାଧିକାରୀ ହୋଇପାରିଲେ ନାହିଁ; ହୋଇଥିଲେ ଆଜି ସାମାଜିକ ଭାବଧାରା ଆହୁରି ଉନ୍ନତ ହୋଇଥାନ୍ତା । (ଝଙ୍କାର- ସଂପାଦକୀୟ- ଅଗଷ୍ଟ- ୧୯୮୩)

ଡ଼ଃ ମହତାବଙ୍କ ପରି ଜଣେ ସର୍ବମାନ୍ୟ ରାଜନୀତିଜ୍ଞଂକର ଏହି ମନ୍ତବ୍ୟ ପାଠ କରି ଏ ଯୁଗର ତରୁଣସମାଜ ରାଜନୀତିକ ନୀଳକଣ୍ଠଂକର ପ୍ରକୃତ ମୂଲ୍ୟାୟନ କରି ନ ପାରିବାର ବହୁ ଅବକାଶ ରହିଛି । କାରଣ ସେମାନେ ସାହିତ୍ୟିକ ନୀଳ· କଂଣ୍ଠଙ୍କୁ ଅବଧାରଣ କରିବା ପାଇଁ ଯେତିକି ସୁଯୋଗ ପାଉଛନ୍ତି, ରାଜନୀତିକ ନୀଳକଣ୍ଠଙ୍କୁ ଅଧ୍ୟୟନ କରିବାପାଇଁ ସେହି ପରିମାଣରେ ଉପାଦାନ ସେମାନଙ୍କୁ ଯୋଗାଇ ଦିଆଯାଇନାହିଁ । ତାଙ୍କ ରାଜନୀତିକ ଜୀବନର ବହୁ ଉପାଦାନ ରହିଚି, ଯହିଁର ଚର୍ଚ୍ଚା ଓ ଗବେଷଣା ଏ ପର୍ଯ୍ୟନ୍ତ ହୋଇ ପାରିନାହିଁ– ତେଣୁ ସାଧାରଣଙ୍କ ଆଖିରେ ସାହିତ୍ୟିକ ନୀଳକଣ୍ଠହିଁ ଏକ କୃତି ପୁରୁଷ ରୂପେ ପ୍ରତିଭାତ ହୁଅନ୍ତି । ମାତ୍ର ତାଙ୍କର ପ୍ରଚଂଡ଼ ପ୍ରତିଭା ରାଜନୈତିକ ଜୀବନରେହିଁ ଯାହାକି ପୂର୍ଣ୍ଣତଃ ବିକାଶ ଲାଭ କରିଥିଲା, ତହିଁର ଅନୁଶୀଳନ ଏବେ ଏକାନ୍ତ ପ୍ରୟୋଜନ ।

ଏଠି ଗୋଟିଏ କଥା ସ୍ମରଣ ଦିଆଯାଇପାରେ ଯେ ପଂଡ଼ିତ ନୀଳକଣ୍ଠ କେନ୍ଦ୍ର ବ୍ୟବସ୍ଥା ସଭାରେ କଂଗ୍ରେସ ସ୍ୱରାଜ୍ୟ ଦଳର ସଭାପତି ପଂଡ଼ିତ ମୋତିଲାଲଙ୍କ ଅଧ୍ୟକ୍ଷତାରେ ଦଳୀୟ ସାଧାରଣ ସଂପାଦକ ହେବାଠାରୁ ଓଡ଼ିଶାର ପ୍ରଥମ ନିର୍ବାଚନ ପରିଗ୍ରହଣା ଇତ୍ୟାଦି ପର୍ଯ୍ୟନ୍ତ ବହୁ କ୍ଷେତ୍ରରେ ପଂଡ଼ିତ ଜବାହରଲାଲ ନେହେରୁ- ଙ୍କର ଘନିଷ୍ଠ ସଂପର୍କରେ ଆସିଥିଲେ । ତେଣୁ ନୀଳକଣ୍ଠଙ୍କ ସଂବଧରେ ତାଂକର ମନ୍ତବ୍ୟ ମଧ୍ୟ ପ୍ରଣିଧ୍ୟାନ ଯୋଗ୍ୟ । ନୀଳକଣ୍ଠଙ୍କୁ ଶ୍ରଦ୍ଧା ଜ୍ଞାପନ କରି ଭାରତର ତଦାନୀନ୍ତନ ପ୍ରାଧାନମନ୍ତ୍ରୀ ନେହେରୁ ତାଂକ ବାର୍ତ୍ତାରେ ଯଥାର୍ଥରେ କହିଥିଲେ– "For half a century, Pandit Nilakantha Das has played a dominant role in Orissa in the field of politics as well as that of literature. It has been my privilege to know him for many years." (June 8th 1959—Speeches and Remarks of Pandit Nilakantha Das) ଏଥିରୁ ପଂଡ଼ିତ ନେହେରୁଂଙ୍କ

Digitized by PPRACHIN, SOA

ବିଗ୍ରହରେ ପଂଡ଼ିତ ନୀଳକଣ୍ଠଙ୍କ ରାଜନୈତିକ କୃତି ଯେ ସାହିତ୍ୟିକ ଅବଦାନଠାରୁ ଅଧିକ ଥିଲା, ତାହା ସ୍ପଷ୍ଟ ।

ପଂଡ଼ିତ ନେହେରୁ ନୀଳକଣ୍ଠଙ୍କ ସମଗ୍ର ସାହିତ୍ୟିକ କୃତି ସଂବଧରେ ବିଶେଷ ଅବହିତ ନ ଥିଲେ ବୋଲି କୁହାଯାଇପାରେ । ମାତ୍ର ଭାରତୀୟ ଜୀବନ ଦର୍ଶନ ଉପରେ ପଡ଼ିଂତଜୀଂକର ସର୍ବଶ୍ରେଷ୍ଠ ଅବଦାନ 'ଗୀତାର ଭାଷ୍ୟ' ସଂବଧରେ ସେ ନିଶ୍ଚୟ ସମ୍ୟକ ଧାରଣା ପାଇଥିବେ । ଯେହେତୁ ତାହା ନୀଳକଣ୍ଠଙ୍କ ଜେଲ ଜୀବନ ଓ ବ୍ୟବସ୍ଥା ସଭାର ସିମଲା ଅଧିବେଶନ ବେଳର ଲେଖା ଏବଂ ଏହା ଜାଣି ଗାଂଧିଜୀ ମଧ୍ୟ ତାଙ୍କ ନିଜ ଗୀତାର ଟୀକା ଉପରେ ନୀଳକଣ୍ଠଙ୍କ ମତାମତ ଜାଣିବାଲାଗି ଡ଼ଃ ରାଜେନ୍ଦ୍ର ପ୍ରସାଦଂକ ହାତେ ତାହା ନୀଳକଣ୍ଠଙ୍କ ପାଖକୁ ପଠାଇ ଦେଇଥିଲେ । ପଂଡ଼ିତ ନୀଳକଣ୍ଠ ପଢ଼ି ତା' ପରଦିନ ତାହା ଫେରାଇ ଦେଇଥିଲେ ଓ ଡ଼ଃ ପ୍ରସାଦଙ୍କୁ କହିଥିଲେ "ଗାଂଧିଜୀଂକୁ ମନାକର, ସେ ଏପରି ନକରନ୍ତୁ ।" ଗାଂଧିଜୀଂକର ବ୍ରହ୍ମସୂତ୍ର ଓ ଉପନିଷଦ ଉପରେ ଆଉ ଟୀକା ରଚିତ ହୋଇନାଇ ବୋଲି ପଂଡ଼ିତ ନୀଳକଣ୍ଠ ତାଂକ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି । ପୃ୧୭୬

ତେବେ ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟିକ ଓ ରାଜନୈତିକ କୃତିର ତୁଳନାତ୍ମକ ବିଗ୍ରହପାଇଁ ସେପରି କୌଣସି ମାନଦଂଡ଼ ନାହିଁ ଓ ଏ କଥା ସ୍ୱୀକାର୍ଯ୍ୟ ଯେ ପଂଡ଼ିତ ନୀଳକଣ୍ଠ ଜଣେ ବିରାଟ ପ୍ରତିଭାବାନ୍ କୃତୀ ପୁରୁଷ ଥିଲେ । ଯଥାର୍ଥରେ ଡ଼ଃ ମହ-ତାବଂକ ଭାଷାରେ "ଓଡ଼ିଶାର ରାଜନୀତି, ସାହିତ୍ୟ ଓ ସାଂସ୍କୃତିକ କ୍ଷେତ୍ରରେ ପଂଡ଼ିତ ନୀଳକଣ୍ଠ ତାଂକ ସମୟରେ ସର୍ବଶ୍ରେଷ୍ଠ ଶକ୍ତିଶାଳୀ ବ୍ୟକ୍ତି ଥିଲେ । (ନୀଳକଣ୍ଠ ସ୍ମାରକୀ—ପୃ ୧୦)

ଏଥିରେ ଡ଼ଃ ମହତାବ ମଧ୍ୟ ପଣ୍ଡିତ ନୀଳକଣ୍ଠଙ୍କ ରାଜନୈତିକ ବ୍ୟକ୍ତିତ୍ୱକୁ ଅଗ୍ରାଧିକାର ଦେଇଛନ୍ତି ଓ ପରିଶେଷରେ ଲେଖିଛନ୍ତି, "ଅତ୍ୟନ୍ତ ଦୁଃଖର ବିଷୟ ଏହି ପଂଡ଼ିତ ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱ ଇତିହାସରେ ଯେପରି ଜୀବନ୍ତ ହୋଇ ରହିବା କଥା, ତାହା ହୋଇପାରି ନାହିଁ । କିନ୍ତୁ ଦିନେ ତାହା ହେବ"ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

ସେଇ ଆଶାନେଇ ଏ ପ୍ରବଂଧର ଅବତାରଣା ।

ଦେଶକୁ ଉନ୍ନତତର କରିବା ଉଦ୍ଦେଶ୍ୟରେ ସତ୍ୟବାଦୀଠାରେ ଯେଉଁ ବନ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା, ପଂଡ଼ିତ ନୀଳକଣ୍ଠ ତାଂକ ତରୁଣ ବୟସରେ ଦୀର୍ଘ ୭ବର୍ଷ ଧରି ତାହାର ପ୍ରଧାନ ଶିକ୍ଷକ ଥିଲେ । ସେତେବେଳେ ସାହିତ୍ୟ

Digitized by PPRACHIN, SOA

ସାଧନାକୁ ଜୀବନର ବ୍ରତ ରୂପେ ଗ୍ରହଣ କରିଥିଲେ । ମାତ୍ର ସେ ସ୍ୱପ୍ନବିଳାସୀ କବି ନଥିଲେ କିମ୍ବା ସାହିତ୍ୟିକ ସ୍ୱୀକୃତି ଅଥବା ପରିପ୍ରଗ୍ରହ ଉଦ୍ଦେଶ୍ୟରେ ଲେଖନୀ ଧାରଣ କରି ନଥିଲେ । ତାଂକର ସାହିତ୍ୟ ସାଧନା ଥିଲା ଦେଶାତ୍ମବୋଧରୁ ଉଦ୍‌ଭୂତ ଓ ସାହିତ୍ୟିକ କୃତି ଥିଲା ତହିଁରେ ରଂଜିତ । 'କୋଣାର୍କେ' ଓ 'ଖାରବେଳ' ତାହାର ପ୍ରକୃଷ୍ଟ ଦୃଷ୍ଟାନ୍ତ ।

ଏଠି ଲକ୍ଷ୍ୟ କରିବାର କଥା, ସାହିତ୍ୟିକ ନୀଳକଣ୍ଠ ପୁଣି ଜଣେ ଉଗ୍ର ସମାଜ ସଂସ୍କାରକ ଥିଲେ । ମହାତ୍ମାଗାନ୍ଧିଂକର ହରିଜନ ଆନ୍ଦୋଳନର ଦୁଇ ଦଶନ୍ଧି ପୂର୍ବରୁ ସତ୍ୟବାଦୀ ସ୍କୁଲରେ ସେ ହରିଜନ ଛାତ୍ରଂକ ସହିତ ଉଚ୍ଚକୁଳ ସମ୍ଭୂତ ବ୍ରାହ୍ମଣ ଛାତ୍ରଂକର ପଂକ୍ତି ଭୋଜନର ବ୍ୟବସ୍ଥା କରିଥିଲେ । ପୁଣି, ସମାଜରେ ଯେତେ ସବୁ କୁସଂସ୍କାର, ତହିଁର ଦୂରୀକରଣାର୍ଥେ ଏହି ସମୟରେ 'ନିଶ ଆନ୍ଦୋଳନ' ନାମରେ ଯେଉଁ ସଂଗ୍ରାମ ସେ ଆରମ୍ଭ କରିଥିଲେ, ତାହା ତାଂକ ଦୃଢ଼ଂଡ଼ ପ୍ରତିଭାର ନିଦର୍ଶନ ଓ ସେତେବେଳେ ଓଡ଼ିଶାରେ ଏକ ତୁମୁଳ ସାମାଜିକ ବିପ୍ଳବ ସୃଷ୍ଟି କରିଥିଲା ।

ପରକାଳରେ ତାଂକର ଏଇ ପ୍ରତିଭା ପ୍ରତିଫଳିତ ହୋଇଥିଲା, ରାଜନୀତିକ ଜୀବନର ପ୍ରତ୍ୟେକ ସ୍ତରରେ । କଲିକତା ବିଶ୍ୱବିଦ୍ୟାଳୟର କୁଳପତିଙ୍କ ପ୍ରରୋଚନାରେ ସେ ଉକ୍ତ ବିଶ୍ୱ ବିଦ୍ୟାଳୟରେ ଅଧ୍ୟାପନା କାର୍ଯ୍ୟ କରିଥିଲେ ଏବଂ ଅଳ୍ପଦିନ ପରେ ମହାତ୍ମାଗାନ୍ଧିଙ୍କ ଆହ୍ୱାନରେ ଗୋପବନ୍ଧୁଙ୍କ ପ୍ରେରଣା ଘେନି ରାଜନୀତି-ସାଗରକୁ ଲଂଫ ପ୍ରଦାନ କରିଥିଲେ, ୧୯୨୧ ସାଲରେ ।

ସାହିତ୍ୟ ସାଧନା ଥିଲା ପଣ୍ଡିତ ନୀଳକଣ୍ଠଙ୍କର ଏକ ତପସ୍ୟା । ରାଜନୀତି ତାଙ୍କର ପେଶା ନ ଥିଲା । ତାହା ଥିଲା ସେବାଜରେ ଚରମ ଆତ୍ମତ୍ୟାଗର ସାଧନା । ଜୀବନର ଏହି ସଂଘର୍ଷମୟ ଆଭିମୁଖ୍ୟର ସ୍ମୃତିଚାରଣ କରି ୨୩ । ୪ । ୧୯୩୮ ତାରିଖରେ ଅନୁଷ୍ଠିତ ନିଖିଳ ଉତ୍କଳ ସାହିତ୍ୟ ସମ୍ମିଳନୀର ସଭାପତିର ଅଭିଭାଷଣରେ ପଣ୍ଡିତଜୀ କହିଛନ୍ତି "ସାରସ୍ୱତ ସେବା ବ୍ରତକରି ଜୀବନ ଆରଂଭ କରିଥିଲି । ଯୌବନର ଅନଂତ ସୂଚନାରେ ସେଇ ଅଭିଳାଷକୁ ପ୍ରେରଣାର ଭିତ୍ତି କରିଥିଲି । ମାତ୍ର ସମୟ ଆସିଲା, ସେତେବେଳେ ମୁଁ ବୁଝିଲି ଜାତି ବା ସମାଜର ସ୍ୱାସ୍ଥ୍ୟ ଓ ସ୍ଥାୟିତ୍ୱ ଲାଗି ରାଜା-ରୟତ, ମୂର୍ଖ-ପଣ୍ଡିତ, ପୋଷ୍ୟ-ପାଳକ ସମସ୍ତଙ୍କୁ ଏକ କ୍ଷେତ୍ରରେ ମା ଚଣ୍ଡିକାଙ୍କ କର୍ମଭୂମିର ପ୍ରେତକଂକାଳ ତାଣ୍ଡବରେ ଯୋଗ ଦେବାକୁ ହେବ । ଜଗତର ଜାତି ଓ ସମାଜରେ ଏବେ ଏହିପରି ସମୟ ଆସୁଛି । ଚଣ୍ଡିକା ଲକ୍ଷ୍ମୀ-ଦେବୀଙ୍କ ଏଇ ପ୍ରେତ ତାଂଡ଼ବରେ ଆଜନ ଷ୍ଟାଇନଂକ ପରି ତତ୍ତ୍ୱଜ୍ଞଙ୍କଠାରୁ ବୁଖାରିନ୍‌ଙ୍କ

Digitized by PPRACHIN, SOA

ପରି ଲୋକନିୟନ୍ତା ମଧ୍ୟ କ୍ରୀଡ଼ନକ ପରି ଚତ୍‌କ୍ଷିପ୍ତ ଓ ଧ୍ୱସ୍ତ ହେଉଛନ୍ତି । ଏଇ ଚଞ୍ଚଳାଂକ ପ୍ରେତ ନୃତ୍ୟ ବା ପଲିଟିକ୍‌ସ ଏ ଦେଶରେ ପୁଣି ଏକ ବିରାଟ ହଟ-ଯୋଗର କୁହୁକଲୀଳା । ଏଥିରେ ଭାରତୀୟକଳାର ଲାସ୍ୟ ନାହିଁ କିଂବା ପାଶ୍ଚାତ୍ୟ ଅଭିଯାନର ତାଂଡ଼ବ ନାହିଁ; ଅଛି ଏକ ଅନିର୍ଦ୍ଦିଷ୍ଟତା ଓ ଏ ଅନିର୍ଦ୍ଦିଷ୍ଟତା ଭିତରେ ଆତ୍ମବିସ୍ମୃତି ।" (ନବଭାରତ–ମୀନ, ୧୩୪୫)

ଭାର୍ଗବୀ ନଦୀକୂଳରେ ଦେଶ ସେବାର ସଂକଳ୍ପ ନେଇଥିବା ଯୁବକଙ୍କ ମନ ଏଥିରେ ଚଞ୍ଚଳ ହୋଇଉଠିବା ସ୍ୱାଭାବିକ । ତେଣୁ କଲିକତାର ଅଧ୍ୟାପକ ପଦ ପରିତ୍ୟାଗ କରି ସଙ୍ଗେ ସଙ୍ଗେ ନୀଳକଂଠ ସମ୍ବଲପୁର ଆସି ସେଠି ଅସହଯୋଗ ଆଂଦୋଳନ ଆରଂଭ କଲେ ଓ ସେଠାରେ 'ସେବା' ନାମରେ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କରି ଅସହଯୋଗର ବାର୍ତ୍ତା ପ୍ରଚାର କଲେ । ସମ୍ବଲପୁରରେ ସେ ଆନ୍ଦୋଳନ ଏପରି ଉଗ୍ର ରୂପ ଧାରଣ କରିଥିଲା ଯେ ଓଡ଼ିଶା ବାହାରର ଲୋକେ ମଧ୍ୟ ସେଥିରୁ ପ୍ରେରଣା ଲାଭ କରିଥିଲେ । କର୍ମଧାରାର ସେହି ସ୍ରୋତରେ ଗୋପବନ୍ଧୁଙ୍କ ନିର୍ଦ୍ଦେଶରେ ନୀଳକଣ୍ଠ ତାଂକର କର୍ମକ୍ଷେତ୍ର କଟକ ଓ ପୁରୀ ଅଞ୍ଚଳକୁ ଘୁଞ୍ଚାଇ ଆଣନ୍ତି ଓ କଂଗ୍ରେସ ସଂଗଠନ କାର୍ଯ୍ୟ ସହିତ ସତ୍ୟବାଦୀ ଜାତୀୟ ମହାବିଦ୍ୟାଳୟରେ ଅଧ୍ୟାପନା କାର୍ଯ୍ୟ ମଧ୍ୟ କରନ୍ତି । ଏହି ଅସହଯୋଗ ଆନ୍ଦୋଳନରେ ସେ ୧୯୨୩ ରେ ପ୍ରଥମ ଥର ପାଇଁ କାରବରଣ କରନ୍ତି ।

ଏତେବେଳେ ଦେଶରେ ଆଉ ଏକ ଘଡ଼ିସନ୍ଧି ସମୟ ଆସେ, ଯେତେବେଳେ କଂଗ୍ରେସ ମଧ୍ୟରେ ପରିବର୍ତ୍ତୀ କାର୍ଯ୍ୟକ୍ରମ ଘେନି ମତଦ୍ୱୈଧ ଦେଖାଯାଏ । ୧୯୨୯ରେ ଶାସନ ବିଧାନ ଅନୁସାରେ ଦେଶରେ କେନ୍ଦ୍ର ଆସେମ୍ବ୍ଲିପାଇଁ ନିର୍ବାଚନ ଘୋଷଣା ହୁଏ ଓ ଚିତ୍ତରଞ୍ଜନ ଦାସ, ମୋତିଲାଲ ନେହୁରୁ, ବିଠଲଭାଇ ପଟେଲ ପ୍ରଭୃତି Pro-Changer ବା ପରିବର୍ତ୍ତନବାଦୀ ଦଳ ଆସେମ୍ବ୍ଲି ପ୍ରବେଶ ମାଧ୍ୟମରେ ବିଦେଶୀ ଶାସନକୁ ଅଚଳ କରିବା କାର୍ଯ୍ୟକ୍ରମ ଗ୍ରହଣ କଲେ । ଆଜନ୍ମ–ସଂଗ୍ରାମୀ ନୀଳକଣ୍ଠ ଏହି ଦଳରେ ଯୋଗଦେଲେ– ନିର୍ବାଚନରେ ଜୟଲାଭ କରି କେନ୍ଦ୍ର ଆସେମ୍ବ୍ଲିର ସଭ୍ୟ ହେଲେ । ୧୯୨୪ରୁ ଜେଲ ଜୀବନ ବ୍ୟତୀତ ୧୯୪୫ ଯାଏ ସେ ଏଠାରେ ସଭ୍ୟ ହୋଇ ରହି ଆସିଛନ୍ତି ଓ ସବୁ ସମୟରେ ଏହି ଦଳର ସାଧାରଣ ସଂପାଦକ ମଧ୍ୟ ରହିଥିଲେ । ଏହି ଦୀର୍ଘ ସମୟ ଭିତରେ ସେ ବ୍ୟବସ୍ଥା ସଭା ଭିତରେ ଓ ବାହାରେ ଯେଉଁ ସବୁ କାର୍ଯ୍ୟ କରିଛନ୍ତି ବା ବକ୍ତୃତାମାନ ଦେଇଛନ୍ତି, ସେଥିରୁ ରାଜନୀତିର ପ୍ରତି କ୍ଷେତ୍ରରେ ତାଂକର ବିଚାର ଧାରା ବଡ଼ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି ତାହାର ସମ୍ୟକ୍ ଆଲୋଚନା ଏଠାରେ କରାଯିବ ।

Digitized by PPRACHIN, SOA

## ଭାରତରେ କମ୍ୟୁନିଜମ୍‌ର ପ୍ରବେଶ ଆତଙ୍କର କାରଣ ନୁହେ :

ପଣ୍ଡିତ ନୀଳକଣ୍ଠ ୧୯୨୯ ମସିହା ଫେବୃଆରୀ ୫ରି ତାରିଖ ଦିନ Public Safety Bill କୁ ବିରୋଧ କରି ଯେଉଁ ଭାଷଣ ଦେଇଥିଲେ, ଭାରତର ବିଧାନସଭା ଇତିହାସରେ ତାହା ସ୍ମରଣୀୟ ହୋଇ ରହିଛି । ଇଂରେଜ ରାଜତ୍ୱ କାଳରେ କେନ୍ଦ୍ର ଆଇନ ସଭା ପ୍ରାୟତଃ ଦେଶର ଧନୀ, ଜମିଦାର ଓ ପୁଞ୍ଜପତି ଗୋଷ୍ଠୀଙ୍କୁ ପ୍ରତିନିଧିତ୍ୱ କରୁଥିଲା । ସେ କାଳରେ ବିପ୍ଳବୀ ନୀଳକଣ୍ଠ ଅତ୍ୟନ୍ତ ନିର୍ଭୀକ ଚିତ୍ତରେ ଘୋଷଣା କରିଥିଲେ—

I say communism has come in. Let it come, and we are here to face it,' କାଳ କାଳ ଧରି ନୂଆ ଭାବନା ପ୍ରାଚୀନ ଧାରଣାକୁ ଧକ୍‌କାଦିଏ । ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ସର୍ବଦା ଏହି ନୂତନ ଧାରଣାକୁ ପ୍ରତିରୋଧ କରିଥାନ୍ତି । କିନ୍ତୁ ଇତିହାସ ସବୁକାଳେ ନୂତନ ଧାରଣାକୁ ସ୍ୱାଗତ କରି ତାହାର ଜୟଗାନ କରି ଆସିଛି । ଇଂଲଣ୍ଡର ଟିଉଡର ରାଜବଂଶର ରକ୍ତପିପାସୁ ରାଣୀ ମେରୀ ପ୍ରୋଟେଷ୍ଟାଣ୍ଟ ମାନଙ୍କୁ ପୋଡ଼ି ମାରିପକାଇଲେ । ମାତ୍ର ପରିଶେଷରେ ପ୍ରୋଟେଷ୍ଟାଣ୍ଟ ଧର୍ମର ହିଁ ଜୟ ଜୟକାର ଘୋଷିତ ହେଲା । ସେ ଦିନ ଦାର୍ଶନିକ ଗାଲିଲିଓ ନୂତନ କଥା କହିବାରୁ ଜେଲ ବରଣ କଲେ । ମାତ୍ର ପରିଶେଷରେ ତାଙ୍କର ଆଦର୍ଶ ହିଁ ବଞ୍ଚି ରହିଲା । ଠିକ୍ ସେହିପରି କମ୍ୟୁନିଷ୍ଟବାଦକୁ କେହି କଣ ସାଇବେରିଆରେ ବନ୍ଦୀ କରି ରଖିପାରିବ ?" ନୀଳକଣ୍ଠ ଉଦାର କଣ୍ଠରେ ପୁଣି ଘୋଷଣା କରିଥିଲେ, "ଦମନ ଦ୍ୱାରା ନୂତନ ଆଦର୍ଶକୁ କେହି ଚପାଇ ଦେଇ ପାରିବ ନାହିଁ ।"

**ବାସ୍ତବ ସାମ୍ୟବାଦ :–** ଏହା ସତ୍ତ୍ୱେ, ନୀଳକଣ୍ଠ ସାମ୍ୟବାଦୀ ଆଦର୍ଶର ଅନ୍ଧ ସ୍ତାବକ ନଥିଲେ । ଦଳ ରକ୍ଷଣ ନାମରେ ଆଜି ଜନ-ଶୋଷଣ ଚାଲିଛି । ନିଜର ମତବାଦକୁ ଜାହିର କରି ଦାବୀ ଉପସ୍ଥାପିତ କରିବାକୁ ଯାଇଁ ବିଭିନ୍ନ ରାଜନୈତିକ ଦଳ ଦେଶର ଯୁବକ ଗୋଷ୍ଠୀକୁ ଯେପରି ସ୍ୱେଚ୍ଛାଚାରୀ କରି ଦେଉଛନ୍ତି, ତାହା ସମାଜ ପକ୍ଷରେ ଆଦୌ ଶୁଭଙ୍କର ନୁହେଁ । ସେ ଲେଖିଥିଲେ—"ଆଜି ଚାଷୀ ମୂଲିଆଙ୍କୁ କଥା କଥାକେ ରାଜ୍ୟ ଦିଆଯାଉଛି । ଯୁବକ /ଯୁବତୀଙ୍କୁ ସ୍ୱେଚ୍ଛାଚାରରେ ସ୍ୱାଧୀନତା ଶିଖାଯାଉଛି । ସ୍କୁଲ କଲେଜରେ ଛାତ୍ରଙ୍କୁ ଧର୍ମଘଟ ମାତ୍ରରେ ମନୁଷ୍ୟ କରିବାର ପ୍ରଚେଷ୍ଟା ହେଉଛି ; ପୃଥିବୀ ଖାଦ୍ୟ ଓ ବ୍ୟବହାର୍ଯ୍ୟ ବସ୍ତୁର ଏକାନ୍ତ ଅଭାବବେଳେ ମୂଲିଆଙ୍କୁ ଧରି କାମ ବନ୍ଦ କରା ଯାଉଛି । କୌଣସିଠାରେ ମଧ୍ୟ ଦର୍ଶନର ଭିତ୍ତି ନାହିଁ, କି ଉପେକ୍ଷାର କଳନା ନାହିଁ ।

( ନବଭାରତ– ନୂଆପର୍ଯ୍ୟାୟ ୧ମଭାଗ ୮ମ ସଂଖ୍ୟା )

Digitized by PPRACHIN, SOA

ଏ ବିଷୟରେ ନୀଳକଣ୍ଠ ପୁଣି ଲେଖିଥିଲେ, "ଶାସକ ନେତାମାନେ ଏହା ଦେଖି ଜନସେବାରେ ଲଗିବା ଉଚିତ। ଯଥାର୍ଥ ଜନସେବା ଓ ଦେଶ ଗଠନଇ କମ୍ୟୁନିଷ୍ଟ ଭବ ପ୍ରସ୍ତରର ପ୍ରତିକାର । ଭୟରେ ଦମନ କଲେ ନିଜର ଦୁର୍ବଳତା ମାତ୍ର ପ୍ରକାଶ ପାଏ ଓ ସେଇ ଦୁର୍ବଳତା ବଢ଼ି ବଢ଼ି ପିଶାଚ ପରି ସେଇ ଦୁର୍ବଳ ଲୋକକୁ ଗ୍ରାସ କରେ। " (ନବଭାରତ– ନୂଆପ୍ରସ୍ଥ– ପ୍ରଥମ ବର୍ଷ, ୨ୟ, ୩ୟ ସଂଖ୍ୟା ୧୩୫୬ ),

## ତରୁଣ ସାମ୍ୟବାଦୀ ସାହିତ୍ୟିକମାନଙ୍କୁ ନୀଳକଣ୍ଠଙ୍କର ଉତ୍ସାହ ପ୍ରଦାନ :

୧୯୩୫ ମସିହାରେ ଓଡ଼ିଶାରେ ନୂତନ ସାମ୍ୟବାଦୀ ଦଳର ତରୁଣ ସାହିତ୍ୟିକଗଣ "ନବଯୁଗ ସାହିତ୍ୟ ସଂସଦ" ନାମରେ ଏକ ସାହିତ୍ୟ ଅନୁଷ୍ଠାନ ଗଢ଼ିଥିଲେ। ଏହି ତରୁଣମାନଙ୍କ ଆଗରେ ଥିଲା ଏକମାତ୍ର ଋଷର ସାମ୍ୟବାଦୀ ଆଂଦୋଳନ ଓ ଆନ୍ତର୍ଜାତୀୟତା। ପଣ୍ଡିତ ନୀଳକଂଠ ସେ କାଳରେ ଏହି ତରୁଣ ସାହିତ୍ୟ ସେବୀମାନଙ୍କର ସାଂସ୍କୃତିକ ଆଂଦୋଳନକୁ ଆଶୀର୍ବାଦ ଜଣାଇ ଉତ୍ସାହିତ କରିଥିଲେ ଏବଂ ତାଙ୍କ ସଂପାଦିତ 'ନବଭାରତ'ର' ଏକ ସ୍ୱତନ୍ତ୍ର ସଂଖ୍ୟା ଏହି ଉଦ୍ଦେଶ୍ୟରେ ପ୍ରକାଶ କରିଥିଲେ। ସେଥିରେ ସେ ଲେଖିଥିଲେ,

"ଆମେ କେବଳ, ଆମର ଅତୀତ ପ୍ରୀତି ଘେନି ମାନବ ସଭ୍ୟତାର ଗତିଶୀଳତା ପ୍ରତି ଲକ୍ଷ୍ୟ ନ ରଖି ନିଜକୁ କ୍ଷୁଦ୍ର ପରିସର ଭିତରେ ଆବଦ୍ଧ କରି ରଖିଛୁ । ସ୍ୱାଧୀନଚିନ୍ତା ଓ ଉଦାର ମନୋଭାବ ହେଉଚି ଆମର ପ୍ରାଧାନ ଅଭାବ । ତେଣୁ ଦେଶରେ ନବସଂସ୍କୃତି ଓ ନବ ସଭ୍ୟତାର ସ୍ରୋତ ଖେଳାଇ ଦେବାହିଁ ହେଉଚି ସଂସଦର ଉଦ୍ଦେଶ୍ୟ । (ନବଯୁଗ ସାହିତ୍ୟ ସଂସଦ–ପଣ୍ଡିତ ନୀଳକଣ୍ଠ ଦାସ, ନବଭାରତ –୧୯୪୨)

## ଓଡ଼ିଶା ପାଇଁ ନୂତନ ପ୍ରଦେଶ :

ସମସ୍ତ ଓଡ଼ିଆ ଭଷାଭଷୀ ଅଞ୍ଚଳକୁ ଏକ ଶାସନାଧୀନରେ ରଖିବା ନିମନ୍ତେ ୧୯୨୭ ଫେବୃୟାରୀ ୮ ତାରିଖ ଦିନ ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ବ୍ୟବସ୍ଥା ସଭରେ ଯେଉଁ ବିଲ୍ ଆଣିଥିଲେ ଓ ଯାହା ଫଳରେ ୧୯୩୬ ଅପ୍ରେଲ ପହିଲରେ ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବାର ପଥ ସୁଗମ ହୋଇଥିଲା ତାହା ସମସ୍ତଙ୍କୁ ଜଣା। ଏଠି ତାର ସବିଶେଷ ଆଲୋଚନା ଅନାବଶ୍ୟକ । ତେବେ ଏତିକି ସୂଚାଇ ଦିଆଯାଇପାରେ ଯେ ଏ ସଂପର୍କରେ ନୀଳକଣ୍ଠଙ୍କୁ ଏକ ଉପ ପ୍ରଦେଶ ଗଠନ କଥାରେ ରାଜି କରାଇବାପାଇଁ ବ୍ରିଟିଶ ସରକାରଙ୍କ ଅର୍ଥ ସଚିବ ହଡ଼ସନ୍ ସାହେବ ତାଙ୍କୁ ବସାକୁ

Digitized by PPRACHIN, SOA

ଆସିଥିଲେ ଓ ତା’ ହେଲେ ସରକାର ତାଙ୍କୁ Knight hood ପଦ ଦେବାଲାଗି ସ୍ଥିର କରିଛନ୍ତି ବୋଲି କହିଥିଲେ । ପଣ୍ଡିତଜୀ ସଂଗେ ସଂଗେ “You have come to a wrong door” କହି ତାଙ୍କୁ ଫେରାଇ ଦେଇଥିଲେ । ଶେଷରେ ବର୍ଷକୁ ୪୦ ଲକ୍ଷ ଟଙ୍କା ପାଇ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଉ ବୋଲି ମଧ୍ୟ ପ୍ରସ୍ତାବ ହେଲା– ପଣ୍ଡିତ ନୀଳକଣ୍ଠ ୮୦ ଲକ୍ଷ ପାଇଁ ଜିଦ୍ ଧରିଥିଲେ– ମାତ୍ର ପରେ ଭୁବନାନନ୍ଦ ଦାସଙ୍କ ପ୍ରବର୍ତ୍ତନାରେ ସେ ଏଥିରେ ‘ହଁ’ ଭରିଦେଇଥିଲେ ଓ “ସେଥିରେ ହିଁ ଓଡ଼ନେଲ କମିଟି ରିପୋର୍ଟ ଅନୁସାରେ ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର ଗଞ୍ଜାମ ସଂଗେ କୋରାପୁଟକୁ ମିଶାଇ ଓଡ଼ିଶା ପ୍ରଦେଶ ଗଢ଼ା ହେବାର ଇଂରେଜ ସରକାର ସ୍ଥିର କଲେ ।” (ଆତ୍ମଜୀବନୀ ୨୯୬–୨୯୭ ପୃଷ୍ଠା ) । ଏଠି ଲକ୍ଷ୍ୟ କରିବାର ଅଛି, ପଣ୍ଡିତ ନୀଳକଣ୍ଠ ସେତେବେଳେ କଂଗ୍ରେସ (ସ୍ୱରାଜ୍ୟ ଦଳର ସାଧାରଣ ସଂପାଦକ ଥିଲେ ଓ ତାଙ୍କୁ ନ ମନାଇ ତାଙ୍କର ଉପରୋକ୍ତ ବିଲ୍ ଚୂଡ଼ାନ୍ତ କରାଯାଇ ପାରୁ ନ ଥିଲା ।

## ଓଡ଼ିଶାର ପ୍ରଥମ ନିର୍ବାଚନ :

୧୯୩୬ ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । ତାର ବହୁ ପୂର୍ବରୁ ପଣ୍ଡିତ ଗୋପବନ୍ଧୁ ଇହଧାମ ତ୍ୟାଗ କରିଥିଲେ । “ନୀଳକଣ୍ଠ ମୋ ପରେ ଓଡ଼ିଶାର ସବୁ କାମ କରିବ” ବୋଲି କହି କୁଳବୃଦ୍ଧ ମଧୁସୂଦନ ୧୯୩୪ ରେ ଆଖି ବୁଜି ଦେଲେ । ୧୯୩୭ ରେ ଭାରତରେ ପ୍ରଥମ ପ୍ରାଦେଶିକ ନିର୍ବାଚନ । ପ୍ରଦେଶ ନୂତନ ହୋଇ ଗଠିତ ହୋଇଚି– ନୂଆ ହୋଇ ମିଶିଥିବା ଅଂଚଳମାନଙ୍କରେ କଂଗ୍ରେସର ସଂଗଠନ ନାହିଁ କହିଲେ ଚଳେ– ଇଂରେଜ ସରକାରଙ୍କ ପୃଷ୍ଠ ରାଜା, ଜମିଦାରମାନଙ୍କର ପ୍ରତିପତ୍ତି ଅକଳନୀୟ ।

କଂଗ୍ରେସ ନିର୍ବାଚନରେ ଲଢ଼ିବାପାଇଁ ପ୍ରାର୍ଥୀ ପାଇବା ତ ଦୂରର କଥା– କଂଗ୍ରେସ ସଭାକୁ ଆସିବାକୁ ମଧ୍ୟ ଲୋକେ ଲାଲ ପଗଡ଼ିଙ୍କ ଉପସ୍ଥିତିରୁ ଆତଙ୍କ ମଣୁଥାନ୍ତି ।

ପଣ୍ଡିତ ନୀଳକଣ୍ଠ ଓଡ଼ିଶା କଂଗ୍ରେସର ସଭାପତି–ନିଷ୍ପତ୍ତି ନେଲେ କଂଗ୍ରେସ ନିର୍ବାଚନ ଲଢ଼ିବ । ୩୭ ଜଣ ପ୍ରାର୍ଥୀ ଠିଆକଲେ–ଦିନରାତି ଅବିଶ୍ରାନ୍ତ ଭାବରେ ନିର୍ବାଚନ ପ୍ରଚାର ଚଳାଇଲେ–ତାଙ୍କ ଜ୍ୱାଳାମୟୀ ଭାଷଣରେ ଲୋକେ ତରଳିଗଲେ– ୩୭ରୁ ୩୬ ଜଣ ନିର୍ବାଚନ ଜିଣିଲେ । ୩୬ ଜଣଙ୍କ ଭିତରୁ ନୀଳକଣ୍ଠଙ୍କ ପକ୍ଷରେ ଥିଲେ ୨୧ ଜଣ । ନିର୍ବାଚନର ସଫଳତା ଉଚ୍ଚତମ କଂଗ୍ରେସ କର୍ତ୍ତୃପକ୍ଷଙ୍କୁ ଅଭିଭୂତ କଲା–ସେମାନେ ନୀଳକଣ୍ଠଙ୍କୁ ବଧାଇ ଜଣାଇ “Bravo Orissa, Go ahead, Rest of India will follow you” ତାରବାର୍ତ୍ତା ପଠାଇଲେ । ନୀଳକଣ୍ଠ ଓଡ଼ିଶାର ଟେକ

Digitized by PPRACHIN, SOA

ରଖିଲେ । ମାତ୍ର ତାଙ୍କ ବିରୁଦ୍ଧରେ ଈର୍ଷା ଓ ବିଦ୍ୱେଷର ବହ୍ନି ଜଳି ଉଠିଲା । ନାନା ଷଡ଼ଯନ୍ତ୍ର କରାଗଲା--ନୀଳକଣ୍ଠ ମୁଖ୍ୟମନ୍ତ୍ରୀ ହୋଇ ପାରିଲେ ନାହିଁ ।

## ଔପନିବେଶିକ ସ୍ୱାଧୀନତା ପଣ୍ଡିତ ନୀଳକଣ୍ଠଙ୍କର ଲକ୍ଷ୍ୟ ନଥିଲା :

୧୯୨୯ ଡ଼ିସେମ୍ବରରେ ପଣ୍ଡିତ ଜବାହରଲାଲ ନେହୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତା କଂଗ୍ରେସର ଲକ୍ଷ୍ୟ ବୋଲି ଘୋଷଣା କରାଗଲା । ତା' ପୂର୍ବରୁ କେତେକ କଂଗ୍ରେସ ନେତୃବର୍ଗ ଔପନିବେଶିକ ସ୍ୱାଧୀନତାର ଦାବୀ ଉପସ୍ଥାପିତ କରିଥିଲେ ଓ ସେତେବେଳେ ପୂର୍ଣ୍ଣ ସ୍ୱାଧୀନତା କଂଗ୍ରେସର କଳ୍ପନାର ବହିର୍ଭୂତ ଥିଲା । ମାତ୍ର ୧୯୨୯ ଅପ୍ରେଲ ୧୬ ତାରିଖ ଦିନ ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ବ୍ୟବସ୍ଥା ସଭରେ ଯେଉଁ ବକ୍ତୃତା ଦେଇଥିଲେ ତାହା ଏ ସଂପର୍କରେ ବଡ଼ କୌତୂହଳ-ପୂର୍ଣ୍ଣ ମନେହେବ । ପଣ୍ଡିତ ନୀଳକଣ୍ଠ ରେଳବାଇ ବଜେଟ୍ ଆଲୋଚନା ପ୍ରସଂଗରେ କହିଥିଲେ, " ସେଦିନ ମୋର ବଂଧୁ କର୍ଣ୍ଣେଲ କ୍ରାପୋର୍ଡ କଥା ପ୍ରସଂଗରେ ଜାଣିବାକୁ ଚାହିଁଥିଲେ, 'ଔପନିବେଶିକ ସ୍ୱାଧୀନତା ପାଇଗଲେ, ଆମେ କ'ଣ ଆଉ ସ୍ୱାଧୀନତା ପାଇଁ ଆଂଦୋଳନ ଅବ୍ୟାହତ ରଖିବୁ କି ? ' ଏହାର ଉତ୍ତରରେ ପଣ୍ଡିତ ନୀଳକଣ୍ଠ କହିଥିଲେ, "ମୋ ନେତାମାନେ ଭିକ୍ଷାଝୁଲି ଧରି ତୁମକୁ ହାତ ପତାଉ ନାହାନ୍ତି । ସେମାନେ ସମୟକ୍ରମେ କେତେକ ଉଦାରତା ମାତ୍ର ପ୍ରକାଶ କରିଛନ୍ତି × × × ସୁତରାଂ ମୁଁ କହେ, ଆମେ ପ୍ରଜା ଓ ପରାଧୀନ । ଆମେ ପରିଣତି ବିଷୟରେ ବିଚାର ନ କରି ଯେ କୌଣସି ମତେ ସ୍ୱାଧୀନତା ଲାଭ ପାଇଁ ସଂଗ୍ରାମ କରୁଛୁ । କେହି ଯଦି ଆମ ସହିତ ସୌହାର୍ଦ୍ଦ୍ୟ ସ୍ଥାପନକରି ରହିବାକୁ ଆଗ୍ରହୀ, ତା' ହେଲେ ଔପନିବେଶିକ ସ୍ୱାଧୀନତା ବା ଆଉ ଯାହାକିଛି କହ, ତାହା ସେମାନଙ୍କର ସମସ୍ୟା ଓ ସେଥିଲାଗି ସେମାନେ ଆଗେଇ ଆସିବା ଉଚିତ । ସେତିକିବେଳେ ସେ ବିଷୟ ବିଚାର କରି ଆବଶ୍ୟକ ମନେକଲେ ଆମେ ସେଥିପାଇଁ ଆମର ସର୍ତ୍ତ ଉପସ୍ଥାପିତ କରିବୁ । "

(Speeches & Remarks of Pandit Nilakantha Das. p-44-45)

ଏଥିରୁ ମନେହୁଏ ପୂର୍ଣ୍ଣ ସ୍ୱାଧୀନତା ବ୍ୟତୀତ ଅନ୍ୟ କିଛିରେ ଆପୋଷ କରିବାପାଇଁ ନୀଳକଣ୍ଠଙ୍କର ବୈପ୍ଳବିକ ହୃଦୟ ରାଜି ହୋଇନାହିଁ । ସେ ପୁଣି ସେଇ ଭାଷଣରେ ଘୋଷଣା କରିଥିଲେ ଯେ ଆମେ କେବେହେଲେ ଜାତିର ଅପମାନ କରି କୌଣସି ପ୍ରସ୍ତାବ ଗ୍ରହଣ କରିପାରିବୁ ନାହିଁ । ଆମେ ଏପରି ଅପମାନିତ ଅବସ୍ଥାରେ ବଞ୍ଚିବା ଅପେକ୍ଷା ମରଣକୁ ବରଂ ଶ୍ରେୟ ମନେକରୁ । ଭାଷଣ ପ୍ରସଙ୍ଗରେ ସେ ପୁଣି

Digitized by PPRACHIN, SOA

କହିଥିଲେ, ଇଂରେଜ ସାମ୍ରାଜ୍ୟବାଦୀଗଣ ଭାରତକୁ ତାଙ୍କର ହସ୍ତମୁଦି ମାହାଲ କରି ଅଧିକକାଳ ଆଉ ରଖିପାରିବେ ନାହିଁ । ସେମାନଙ୍କର ଅବିଚ୍ଛିନ୍ନ ଶୋଷଣ ଅତ୍ୟାଚାରକୁ ଭାରତୀୟମାନେ ଆଉ ବରଦାସ୍ତ କରିପାରିବେ ନାହିଁ । ସେ ଅକୁଣ୍ଠ ଚିତ୍ତରେ ଘୋଷଣା କରିଥିଲେ– "ତୁମେସବୁ ଭାରତ ସାମ୍ରାଜ୍ୟକୁ ବ୍ରିଟିଶ ପୁଂଜିବାଦୀଙ୍କର ଅନ୍ତଃପୁର ବା 'ରକ୍ଷିତାଆବାସ' କରି ରଖି ଆଉ ଅନ୍ଧକାରରେ ଶୋଷଣ କରିପାରିବ ନାହିଁ ।"

## ସ୍ୱାଧୀନତାର ପ୍ରାକ୍‌କାଳରେ ଚେତାବନୀ :

### (କ) ମୁସଲମାନଙ୍କ ସହିତ ସୌହାର୍ଦ୍ଦ୍ୟ ସ୍ଥାପନର ଆବଶ୍ୟକତା

୧୯୪୬ ମସିହା ମେ ମାସ ୧୬ ତାରିଖ ଦିନ ପଣ୍ଡିତ ନୀଳକଣ୍ଠ ପୁରୀ କଲେଜରେ ଭାଷଣ ଦେବାକୁ ଯାଇଥାନ୍ତି । ବିଲାତରେ କ୍ୟାବିନେଟ ମିସନ ଭାରତରେ ପରିଭ୍ରମଣ କରି ସେମାନଙ୍କର ପରାମର୍ଶ ଦେଇ ସାରିଥାନ୍ତି । ଆଉ ଅଳ୍ପ ଦିନ ମଧ୍ୟରେ ସ୍ୱାଧୀନତା ମିଳିଯିବ ବୋଲି ଆଶାର ଆଲୋକ ଦେଶସାରା ଖେଳି ବୁଲୁଥାଏ । ତଥାପି ବହୁ ଆଶା ଓ ନୈରାଶ୍ୟ ମଧ୍ୟରେ ଦେଶବାସୀଙ୍କର ଅନାଗତ ଭବିଷ୍ୟତର ଅନ୍ଧକାର ଗର୍ଭକୁ ଲକ୍ଷ୍ୟ କରିବା ବ୍ୟତୀତ ଆଉ ଉପାୟ ନଥାଏ । ହଠାତ୍ ଖବର ଆସି ପହଞ୍ଚିଗଲା ଯେ କଲିକତାର ରାଜଦାଣ୍ଡରେ ରକ୍ତର ହୋରି ଖେଳ ଚାଲିଛି । ଦେଶର ବିଭିନ୍ନ ସ୍ଥାନରେ ସାମ୍ପ୍ରଦାୟିକ ଦଙ୍ଗା ଆରମ୍ଭ ହୋଇଯାଇଛି । ପଣ୍ଡିତଜୀଙ୍କୁ ଘେରି ରହିଥିବା ଶ୍ରୋତାଗଣ ବିଚଳିତ ହୋଇ ପଡ଼ିଲେ । ମାତ୍ର ସ୍ୱାଧୀନତା ସଂଗ୍ରାମର ପ୍ରମୁଖ ସେନାପତି ନୀଳକଣ୍ଠ ନିଜର ଦାଢ଼ୀ ଉପରେ ହାତ ବୁଲାଇ ଆନନ୍ଦରେ ଲୁହ ଢ଼ାଳିଦେଲେ– ତାଙ୍କର ପ୍ରାଣର ପ୍ରତିକ୍ରିୟା ଥିଲା ଏହିପରି– "ଯାହା ହେଉ, ମୋର ବଞ୍ଚିବାର ସୌଭାଗ୍ୟ ହେଲା ଏ ସବୁ ଦେଖିଯିବାପାଇଁ । ଆମ ଭୂମିରେ ଅନ୍ତତଃ ଆମେ ହଣାମରା ହେବାପାଇଁ ଅଧିକାର ପାଇ ପାରିଲୁ । ଏ ଅଧିକାର ଆମଠାରୁ ଆଉ କେହି ଛଡ଼ାଇ ନେଇ ପାରିବେ ନାହିଁ । ଏ ଦେଶରେ ଆଉ ଦଣ୍ଡେ ହେଲେ ବିଦେଶୀ ଶାସନ ରହି ପାରିବ ନାହିଁ । ଆମେ ଆସନ୍ତାକାଲି ଅବଶ୍ୟ ମିଳିମିଶି ଚଳିବୁ । ଆମର ସ୍ୱାଧୀନତା ଆଉ କେହି ଅଟକାଇ ପାରିବେ ନାହିଁ ।"

ଏହି ପ୍ରସଙ୍ଗରେ ଆଲୋଚନା କରି ନିଜ ସମ୍ପାଦିତ 'ନବଭାରତ' ପତ୍ରିକାର ସମ୍ପାଦକୀୟରେ ସେ ଲେଖିଥିଲେ–

"ତେଣୁ ଇଂରେଜ ଛାଡ଼ିଯିବା କଥାରେ ଆଉ ସନ୍ଦେହ କରିବାର ନାହିଁ । ସେମାନେ ଛାଡ଼ିଗଲାବେଳେ ଅବସ୍ଥା କଣ ହେବ, ତାହାହିଁ ଏବେ ଭାବିବାର କଥା ।

Digitized by PPRACHIN, SOA

ଅବସ୍ଥା ଏପରି ହୋଇପାରେ, ଇଂରେଜ ଶାସକ ଭାରତରେ ନ ରହିଲେ ମଧ୍ୟ ତାଙ୍କର ପ୍ରଭାବ ରହିପାରେ । ପ୍ରଥମ କଥା, ସାମ୍ପ୍ରଦାୟିକ ବିବାଦ । ଏ କ୍ଷେତ୍ରରେ କଂଗ୍ରେସ କି ପନ୍ଥା ଧରିବେ, ଠିକ୍ କରନ୍ତୁ । ଯେବେ କିଛି ନ ମାନି ଆଦର୍ଶବାଦରେ ଚାଲିବେ ତେବେ ଏଣିକି ଗୃହଯୁଦ୍ଧ ପାଇଁ ପ୍ରସ୍ତୁତ ହୁଅନ୍ତୁ । ନତୁବା ମୁସଲିମ୍‌ଲିଗ୍‌କୁ ଆପଣାର କରିବା ଭଳି ସ୍ପଷ୍ଟ ଓ ବିଶ୍ୱାସଭାଜନ କ୍ରିୟା ପନ୍ଥା ଧରନ୍ତୁ । ସେଇ କ୍ରିୟା ପନ୍ଥା ହେଉଛି ଆଗ ନିଜ ଭିତରେ ସବୁ ଦଳ, ମତକୁ ଜନମତ ବୋଲି ଖାତିର କରି ତାଙ୍କ ସଙ୍ଗେ ମିଳିମିଶି ବିଶ୍ୱାସ ଜନ୍ମାଇ କାମ କରିବା । ଯାହା କଷ୍ଟ ପଡୁ ପଛକେ, ଭିନ୍ନ ଭିନ୍ନ ମତବାଦୀ ଓ ବିଶେଷରେ ହିନ୍ଦୁ ବହୁଳ ପ୍ରଦେଶମାନଙ୍କରେ ମିଳିତ ମନ୍ତ୍ରୀମଣ୍ଡଳମାନ ବସାଇ ଦେବା । ଏ କ୍ଷେତ୍ରରେ ବହୁତ ଭୁଲ କରା ଯାଇଛି । ଏବେ ସେ ଭୁଲ ସଂଶୋଧନ କରାଯାଇ ପାରେ । [ ନବଭାରତ– ନୂଆପର୍ଯ୍ୟ– ପ୍ରଥମବର୍ଷ, ୫ମ ସଂଖ୍ୟା, ଫେବୃଆରୀ ୧୯୪୭ ପୃ. ୨୪୨–୨୪୩ ]

### (ଖ) ବିଶ୍ୱଯୁଦ୍ଧ ବେଳର ଓଡ଼ିଶାରେ ମିଳିତ ମନ୍ତ୍ରୀମଣ୍ଡଳ :

ଏଠାରେ ସ୍ମରଣ କରାଇ ଦିଆଯାଇ ପାରେ ଯେ ଦ୍ୱିତୀୟ ମହାଯୁଦ୍ଧ କାଳରେ ପଣ୍ଡିତ ନୀଳକଣ୍ଠ ସୁଭାଷଚନ୍ଦ୍ର ବୋଷଙ୍କ ପ୍ରେରଣା ଓ ପରାମର୍ଶରେ ଏହି ଭାବନାର ବଶବର୍ତ୍ତୀ ହୋଇ ଓଡ଼ିଶା ମୁସଲିମ ଲିଗର ସେକ୍ରେଟରୀ ସୋଭାନ ଖାଁଙ୍କୁ ନେଇ ଓଡ଼ିଶାରେ ଏକ ମିଳିତ ମନ୍ତ୍ରୀମଣ୍ଡଳ ଗଠନ କରାଇଥିଲେ । ସେତେବେଳେ ତାଙ୍କର ଏ ଅଭିମୁଖ୍ୟ ଅନେକେ ବୁଝି ନ ଥିଲେ । ତାଙ୍କୁ ଦେଶ–ଦ୍ରୋହୀ ଓ କ୍ଷମତା ଲୋଭୀ ବୋଲି ନିନ୍ଦିତ ହେବାକୁ ପଡ଼ିଥିଲା । ଏବେ ଅବଶ୍ୟ ଏହା କ୍ରମେ ସ୍ପଷ୍ଟ ହୋଇଗଲାଣି ଯେ ତାଙ୍କର ଏହି ପଦକ୍ଷେପ ହିନ୍ଦୁ–ମୁସଲମାନ ସମସ୍ୟାର ସମାଧାନ ବ୍ୟତୀତ ସ୍ୱାଧୀନତା ସଂଗ୍ରାମର ଏକ ଅଙ୍ଗଥିଲା ଏବଂ ସୁଭାଷ ବାବୁଙ୍କର ଉପରୋକ୍ତ ଉପଦେଶ ଭାରତରେ ସୁଭାଷ ସେନାଙ୍କର ଅନୁପ୍ରବେଶ ପାଇଁ ଅଭିପ୍ରେତ ଥିଲା । ପୁଣି ସୁଭାଷ ବାବୁଙ୍କର ଏହି ଉଦ୍ଦେଶ୍ୟ ନେଇ ଭାରତ ଛାଡ଼ି ଚାଲିଯିବା ମଧ୍ୟ ମହାତ୍ମାଜୀଙ୍କୁ 'ଭାରତଛାଡ଼ ଆନ୍ଦୋଳନ' ଲାଗି ଆହ୍ୱାନ ଦେବାକୁ ପ୍ରଭାବିତ କରିଥିଲା ।

### ସ୍ୱାଧୀନ ଜାତିକୁ ଚେତାବନୀ :

( ୧ ) ଦୀର୍ଘକାଳର ପରାଧୀନତାର ଅମା ଅନ୍ଧକାର ଅପସାରିତ ହୋଇ ସ୍ୱାଧୀନତାର ସୂର୍ଯ୍ୟ ଉଦିତ ହେଲେ– ଭାରତ ସ୍ୱାଧୀନ ହେଲା । ଅନେକ କ୍ଷେତ୍ରରେ ସ୍ୱାଧୀନତା ଉଚ୍ଛୃଂଖଳତାରେ ପରିଣତ ହୁଏ । ଜାତି ହୁଏ ଲକ୍ଷ୍ୟଭ୍ରଷ୍ଟ ଓ ଜନ ଜୀବନ ହୁଏ ଅସୀମ ଦୁଃଖ ଦୁର୍ଦ୍ଦଶାର ସମ୍ମୁଖୀନ । ଜାତୀୟ ଜୀବନ ହୁଏ ବିଡ଼ମ୍ବିତ

Digitized by PPRACHIN, SOA

ଏବଂ ଦୁର୍ନୀତିର ଭସ୍ମାସୁର ସମଗ୍ର ଦେଶର ମେରୁଦଣ୍ଡକୁ ଗ୍ରାସ କରିବା ପାଇଁ ହୁଏ ବଦ୍ଧପରକର । ଏଥିପାଇଁ ଗୋପ ଧନ, ଗୋପ ବଜାର ଓ ଦୁର୍ନୀତି ବିରୁଦ୍ଧରେ ବୈପ୍ଳବିକ ପରିବର୍ତ୍ତନର ଆହ୍ୱାନ ଜଣାଇ ଦୂରଦ୍ରଷ୍ଟା ନୀଳକଣ୍ଠ 'ନବଭାରତ'ରେ ଲେଖିଲେ–

"ଘରେ ନିଆଁ ଲଗିବା ଆରମ୍ଭ ହେଲେ ଅନୁସନ୍ଧାନ କରଯାଏ ନାହିଁ । ସେଇ ଦୃଷ୍ଟିରେ କାମ କରିବାକୁ ହେବ । ଅତିଶୀଘ୍ର ପନ୍ଥା ବିଶ୍ଳ ।" [ ନବଭାରତ– ନୂଆପର୍ଯ୍ୟ– ୨ୟ ବର୍ଷ, ୨ୟ ଓ ୩ୟ ସଂଖ୍ୟା– ୧୯୪୯ ] "ଭାରତର ନେତାଏ ସାବଧାନ ହୁଅନ୍ତୁ" ବୋଲି ନିର୍ଦ୍ଦେଶ ଦେଇ ନୀଳକଣ୍ଠ ପୁଣି ଲେଖିଥିଲେ,–

"ଭାରତ ଆଜି ନୂଆ ହୋଇ ସ୍ୱାଧୀନ ହୋଇଛି । ନେତା ଓ ଶାସକ ମାନଙ୍କର ଏତେବେଳେ ଅତ୍ୟନ୍ତ ସାବଧାନ ହେବା ଉଚିତ । 'ମୁଁ ସ୍ୱାଧୀନ ହୋଇଛି,' ଅତଏବ ମୁଁ ଲଙ୍ଗଳା ହୋଇ ଦାଣ୍ଡରେ ଗ୍ଳଲେ କିଏ କଣ କରିବ ।" ଏହା ସ୍ୱାଧୀନତାର ମନୋଭାବ ନୁହେଁ । ସଂଯମଇ ସ୍ୱାଧୀନତାର ପ୍ରାଣ । ପୁଣି ନିସ୍ୱାର୍ଥପରତା ଓ ଯଥାର୍ଥ ସ୍ୱାର୍ଥତ୍ୟାଗ ହେଉଛି ସ୍ୱାଧୀନତାର ମେରୁଦଣ୍ଡ । ଏଥିରେ ଭୁଲ କଲେ ସ୍ୱାଧୀନତା ଘୋର ପରାଧୀନତାରେ ପରିଣତ ହେବ । କେତେକ ଲୋକ ସ୍ୱାଧୀନତା ଭୋଗ କରୁ କରୁ ଜନତା ପରାଧୀନତାରେ ସଢ଼ି ଯାଇ 'କ୍ଷିପ୍ତ' ହୋଇ ଉଠିବ । ସେତେବେଳେ ସେ କ୍ଷିପ୍ତତାର ବେଗ ସମ୍ଭାଳିବା ହୁଏତ ସମ୍ଭବ ହେବ ନାହିଁ ।"
[ ତତ୍ରୈବ– ପୃ. ୧୧୫ ]

(୨) ସ୍ୱାଧୀନତାର ଅବ୍ୟବହିତ ପରେ ଜାତିର ପିତା ମହାତ୍ମାଗାନ୍ଧି ପରାମର୍ଶ ଦେଇଥିଲେ, କଂଗ୍ରେସ ଅନୁଷ୍ଠାନକୁ ଭାଙ୍ଗି ଦିଆଯାଉ ଏବଂ ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ନୂତନ ଢାଞ୍ଚାରେ ଏକ ନୂତନ ରାଜନୈତିକ ଦଳ ଗଠିତ ହେଉ । କାରଣ ତାଙ୍କ ମତରେ କଂଗ୍ରେସ ଥିଲା ସର୍ବଭାରତୀୟ ଜାତୀୟ ରଙ୍ଗମଞ୍ଚ–ତାହାକୁ ଏକ ରାଜନୈତିକ ଦଳରେ ପରିଣତ କରାଗଲେ, ଜାତୀୟ ରଙ୍ଗମଞ୍ଚର ଅବମାନନା ହେବ । ନିର୍ବାଚନ ଜିଣିବାର ଇଚ୍ଛା ରଖି ସେ କାଳରେ ନେତୃବର୍ଗ ଗାନ୍ଧିଜୀଙ୍କ ଉପଦେଶକୁ ଗ୍ରହଣ କଲେ ନାହିଁ । ଫଳରେ ଆଜି ଜାତୀୟ କଂଗ୍ରେସ ରଙ୍ଗମଞ୍ଚ ବହୁଧା ବିଭକ୍ତ ହୋଇ ବ୍ୟକ୍ତି-ସର୍ବସ୍ୱ ଦଳ ଭାବରେ ଚିହ୍ନିତ ହେଲା । ଦେଶର ଲକ୍ଷ୍ୟ ହାସଲ ଦିଗରେ ଏହି ଦଳଗୁଡ଼ିକ କୌଣସି ବୈପ୍ଳବିକ ଭୂମିକା ଗ୍ରହଣ କରିପାରୁ ନାହାନ୍ତି । ଧନୀ ଓ ଦରିଦ୍ର ମଧ୍ୟରେ ପାର୍ଥକ୍ୟ ବେଳୁ ବେଳ ବଢ଼ିବାରେ ଲାଗିଚି ।

ନୀଳକଣ୍ଠ ଥିଲେ ବିଚକ୍ଷଣ ରାଜନୀତିଜ୍ଞ– ସେ ଭବିଷ୍ୟତର ଅନ୍ଧକାରକୁ ଲକ୍ଷ୍ୟ କରି ପାରିଥିଲେ । 'ନବଭାରତ'– ନୂଆପର୍ଯ୍ୟ, ୩ୟ ବର୍ଷ ପ୍ରଥମ ସଂଖ୍ୟାରେ ପ୍ରକାଶିତ

Digitized by PPRACHIN, SOA

'ବିପ୍ଳବ ପରେ' ଶୀର୍ଷକ ଶ୍ରୀ ନବକିଶୋର ଦାସଙ୍କ ଏକ ପ୍ରବଂଧର ଉତ୍ତରରେ ସେହି ସଂଖ୍ୟାରେ 'ଆଲୋଚନା' ପ୍ରସଂଗରେ ନୀଳକଣ୍ଠ ଲେଖିଛନ୍ତି, "ଜନତାକୁ ଆଗ ସ୍ୱାଧୀନ କରିବାକୁ ହେବ, ତାଙ୍କ ଭିତରେ ସ୍ୱାଧୀନତା ଭାବ ଖେଳାଇବାକୁ ହେବ । ସେ କଥାରେ ଦେଶର ମାଲିକ, କାର୍ଯ୍ୟରେ ଆଗ ବୁଝନ୍ତୁ ସେଇ ଏକା ମାଲିକ । ତାଂକର ଅବାଂଛନୀୟ କେହି ପ୍ରତିନିଧି ବା ମନ୍ତ୍ରୀ ହୋଇ ରହି ପାରିବେ ନାଇ– ହେଲେ, ଗାଦିରେ ରହି ପାରିବେ ନାଇ । ନିସ୍ୱାର୍ଥ ଜନ ସେବାର ପ୍ରଥମ ସୋପାନ ହେଉଚି, ଲୋକଙ୍କୁ ଏହା ଶିଖାଇବା ।"

## ସ୍ୱାଧୀନତା-ଲୋକ ସ୍ୱାଧୀନତା :

ଦୀର୍ଘକାଳର ପରାଧୀନତା ପରେ ଇଂରେଜମାନଙ୍କୁ ବିତାଡ଼ିତ କରି ଦେଶ ସ୍ୱାଧୀନତା ହାସଲ କରିଛି । ସାମନ୍ତବାଦୀ ସମାଜକୁ ଆଉ ପ୍ରଶ୍ରୟ ଦେବାର ଅବକାଶ ନାହିଁ । ମାତ୍ର ପ୍ରତିକ୍ରିୟାଶୀଳ ଶାସକଗଣ ସ୍ୱାଧୀନ ରାଷ୍ଟ୍ରର ଶାସକର ମୁଖାପିନ୍ଧି ସାମନ୍ତବାଦୀ ଶାସନ ଜାହିର କରିବା ପାଇଁ ପ୍ରସ୍ତୁତ । ସେଥିପାଇଁ ନୀଳକଣ୍ଠ ଚେତାବନୀ ଶୁଣାଇଛନ୍ତି–

"କିନ୍ତୁ ମନେରଖିବାର ଅଛି । ସେ ସ୍ୱାଧୀନତା ଆଜି ପୃଥିବୀର ଲକ୍ଷ୍ୟ ନୁହେ, ଆଜି ପୃଥିବୀର ଲକ୍ଷ୍ୟ–ଲୋକ ସ୍ୱାଧୀନତା । ଏଥିରେ ପ୍ରତ୍ୟେକ ଲୋକ ସ୍ୱାଧୀନ ହେବ ଓ ସେ ସ୍ୱାଧୀନତା ସେ ଭୋଗ କରୁଛି ବୋଲି ବୁଝିବ । ଇତିହାସର ସ୍ୱାଧୀନତାରୁ ଏ ନବଯୁଗର ସ୍ୱାଧୀନତା କିପରି ଫୁଟାଇବାକୁ ହେବ, ସେ ଦର୍ଶନ ଓ ଯୋଜନା ଠିକ୍ କରି, ସ୍ପଷ୍ଟ ଭାବରେ କଳନା କରି କାମରେ ତେବେ ଲାଗିଯାନ୍ତୁ । ତା ନକରି ଗ୍ରାମ୍ୟ କଳହରେ ଲୋକେ କହିଲା ପରି ନେତା ବୋଲାଇ ଏପରି ଦେଶ ଓ ଜାତିକୁ ସର୍ବନାଶ ଆଡ଼ିକି ଟାଣିବାର ପରିକ୍ରିୟା ବନ୍ଦ ହେବା ଉଚିତ ।" (ନବଭାରତ-ବୃଷ, ୧୩୫୫)

ପୁଣି ନବଭାରତ– ବିଛା ୧୩୫୭ ସାଲରେ ଲେଖିଛନ୍ତି–

"ପ୍ରତ୍ୟେକ ଲୋକର ସ୍ୱାଧୀନ ହେବାର ଆଦର୍ଶ ଦେଶରେ ଖେଳି ନଗଲେ, ସ୍ୱାଧୀନତାର ବାୟୁମଣ୍ଡଳ ସୃଷ୍ଟି ହେବ ନାହିଁ । ଆଗେ ସବ୍ ଡେପୁଟିଠାରୁ ଲାଟଙ୍କ ଯାଏ ଖୋସାମୋଦ କରୁଥିଲେ । ଏବେ ଆମ ଶାସକ ଲୋକଙ୍କର ସେଇ ପରଂପରା ଓ ସେଇ ଚିରଚରିତ ଅଭ୍ୟାସକୁ କରିଛନ୍ତି, ନିଜର କ୍ରୁର ଆତ୍ମଲାଭରେ ବୁଝାଅ । ଫଳରେ ସର୍ବାନ୍ତଃକରଣରେ ଭକ୍ତର ସ୍ତୁତିଗାନ,

Digitized by PPRACHIN, SOA

ଓ ତହିଁ ସଙ୍ଗେ ଭକ୍ତିରେ 'ପତ୍ରଂ ପୁଷ୍ପଂ ଫଳଂ ତୋୟଂ' ପ୍ରଭୃତି ଷୋଡ଼ଶୋ– ପଚାରରେ ନୈବେଦ୍ୟ ଦେଇ ଶାସକ ତୋଷଣରେ ଲାଗିବା ଛଡ଼ା ଅନ୍ୟ କୌଣସି ଫନ୍ଦା ଆମର ଫଳୁନାହିଁ । ଗ୍ରାମପ୍ରଚାରକଙ୍କ ଠାରୁ ଆମର ଲାଗିଚି ସେଇ ଖୋସାମୋଦ– ସେଇ ତୋଷଣ । ସବୁବେଳେ ପୁଣି ଡ଼ର ଖାଉଛି, ସତ୍ୟପୀରଙ୍କୁ ଶିରିଣି ନ ଦେଲେ ସେ କଣ କରି ନ ପାରନ୍ତି ? ଏଇପରି ରାଷ୍ଟ୍ର ଶାସନ, କାର୍ଯ୍ୟରେ ଏକଛତ୍ର ମୋଗଲ ଶାସନ ଓ ନୀତିରେ ତିଆରି ଲୋକମତରେ ପ୍ରତିଷ୍ଠିତ ହିଟଲର୍‌ଙ୍କ ନାତ୍ସୀବାଦକୁ ବଳିବାରେ ଲାଗିଛି । ଏଥିରେ ସାବାଳକ ଭୋଟର ଯେତେ ଦୁଆ ଉଠାଇଲେ ମଧ୍ୟ ଲୋକେ ନିଜକୁ ସ୍ୱାଧୀନ ବୋଲି ବୁଝିବେ ନାହିଁ, କି କାର୍ଯ୍ୟରେ ସ୍ୱାଧୀନ ହେବେନାଇ । ବରଂ ଏହାକୁଇ ଯଦି ସ୍ୱାଧୀନତା ବୋଲି ବୁଝିଯାନ୍ତି, ତେବେ କ୍ରମେ ପଶୁ ହେବେ– ଧ୍ୱଂସ ହେବେ ।"

## ଶେଷ ରାଜନୈତିକ ଜୀବନ :

ପଣ୍ଡିତ ନୀଳକଣ୍ଠ ତାଙ୍କ ଶେଷ ରାଜନୈତିକ ଜୀବନରେ ପ୍ରଥମେ ୫ବର୍ଷ ଲାଗି ଓଡ଼ିଶା ବିଧାନ ସଭାର ସଭ୍ୟ ଭାବରେ ଓ ପରେ ଆଉ ୫ବର୍ଷ ଲାଗି ବିଧାନ ସଭାର ବାଚସ୍ପତି ଭାବରେ ଓଡ଼ିଶାର ସେବା କରି ଯାଇଛନ୍ତି । ସର୍ବତ୍ର ତାଙ୍କ ବିଚାର ଧାରା ସ୍ପଷ୍ଟ ଓ ସ୍ୱତନ୍ତ୍ର ।

ନିଜ ପ୍ରତିଷ୍ଠିତ 'ସ୍ୱାଧୀନ ଜନସଂଘ' ଦଳ ପକ୍ଷରୁ ବିରୋଧୀ ଦଳର ସଭ୍ୟ ଭାବରେ ତାଙ୍କର ବିଚାରଧାରା ଥିଲା, କେବଳ ବିରୋଧ ଲାଗି ସରକାରଙ୍କର ସମସ୍ତ କାର୍ଯ୍ୟକୁ ବିରୋଧ କରିବା ଉଚିତ ନୁହେଁ । ସରକାରଙ୍କର ଜନମଂଗଳ କାର୍ଯ୍ୟକୁ ସମର୍ଥନ ଜଣାଇବା ଆବଶ୍ୟକ ଓ ତା' ସଙ୍ଗେ ସଙ୍ଗେ ସରକାରଂକର ଯେଉଁ ପ୍ରସ୍ତାବଗୁଡ଼ିକୁ ବିରୋଧ କରାଯିବ, ସେଥିଲାଗି ବିକଳ୍ପ ପ୍ରସ୍ତାବମାନ ମଧ୍ୟ ଦର୍ଶାଇବା ବିରୋଧୀ ଦଳ ସଭ୍ୟ ମାନଙ୍କର କର୍ତ୍ତବ୍ୟ ହେବା ଉଚିତ ।

ଅନ୍ୟ ଏକ ବିଚାର ଥିଲା, ପ୍ରତ୍ୟେକ ଲୋକ ପ୍ରତିନିଧି ଭୋଟ ପାଇବାପରେ ମଧ୍ୟ ନିର୍ବାଚନ ମଣ୍ଡଳୀର ଆସ୍ଥାଭାଜନ ହୋଇ ରହିବା ଆବଶ୍ୟକ । ସେଥିଲାଗି ଯେତେବେଳେ ପଣ୍ଡିତ ନେହୁରୁ ନୀଳକଣ୍ଠଙ୍କୁ କଂଗ୍ରେସକୁ ଫେରି ଆସିବା ଲାଗି ଅନୁରୋଧ ଜଣାଇ ପତ୍ର ଲେଖିଲେ, ପଣ୍ଡିତଜୀ ନେହୁରୁଙ୍କର ସେଇ ଚିଠି ନେଇ ନିଜ ନିର୍ବାଚନ ମଣ୍ଡଳୀ ଗସ୍ତରେ ଗଲେ– ସେଠି ସଭାସମିତି କରିଆରେ ଲୋକମତ

Digitized by PPRACHIN, SOA

ସଂଗ୍ରହ କଲେ ଓ ନିର୍ବାଚନ ମଣ୍ଡଳୀର ସମ୍ମତି ଓ ସମର୍ଥନ ଆଣି କଂଗ୍ରେସରେ ଯୋଗ-ଦେଲେ । ରାତିକ ଭିତରେ ନାନା ପ୍ରଲୋଭନର ବଶବର୍ତ୍ତୀ ହୋଇ ଦଳ ବଦଳ ପ୍ରତି ତାଙ୍କର ଘୋର ବିତୃଷ୍ଣା ଥିଲା ।

ଶେଷ ଜୀବନରେ ବାଚସ୍ପତି ଭାବରେ ଓଡ଼ିଶା ବିଧାନସଭାକୁ ରାଜ୍ୟ ସରକାରଙ୍କ କର୍ତ୍ତୃତାଧୀନରୁ ଅଲଗାକରିବା ତାଙ୍କର ଏକ ଅବିସ୍ମରଣୀୟ କୃତି । ବିଧାନ ସଭାର ମର୍ଯାଦା ହିଁ ବାସ୍ତବରେ ଲୋକମତର ମର୍ଯାଦା । ଏହାଦ୍ୱାରା ବିଧାନ ସଭାର ସମ୍ମାନ ଯେ ବହୁ-ଗୁଣରେ ବୃଦ୍ଧି ପାଇଚି, ଏହା ଅନସ୍ୱୀକାର୍ଯ !

## ଉପସଂହାର:

ଉପରେ ପଣ୍ଡିତ ନୀଳକଣ୍ଠଙ୍କ ରାଜନୈତିକ କୃତିର କେତେକ ବିଷୟ ସୂଚନାରେ ମାତ୍ର ଦର୍ଶାଯାଇଛି ଓ କେତେକ ପ୍ରଧାନ ପ୍ରଧାନ ରାଜନୈତିକ ସମସ୍ୟା ଉପରେ ତାଂକ ବିଚାର ଧାରାର କିଂଚିତ ଆଭାସ ମୁଖ୍ୟତଃ ତାଙ୍କ କେନ୍ଦ୍ର ବ୍ୟବସ୍ଥା ସଭାର ବକ୍ତୃତା ଓ ତାଙ୍କ ସଂପାଦିତ 'ନବଭାରତରେ' ପୃଷ୍ଠାରୁ ଉଦ୍ଧାର କରାଯାଇଛି । ଏ ପ୍ରବନ୍ଧର କଳେ-ବର ମଧ୍ୟରେ ଏବଂ ପଣ୍ଡିତ ନୀଳକଣ୍ଠ ଭାବଧାରାର ସମ୍ୟକ ଅନୁଶୀଳନ କରି ନଥିବା ବ୍ୟକ୍ତି ପକ୍ଷରେ ଅଧିକ ଆଲୋଚନା ସମ୍ଭବ ନୁହେଁ । ଯେଉଁ ଅସାଧାରଣ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱ ଭାର୍ଗବୀ ନଦୀ କୂଳର ଶପଥ ଅନୁକ୍ରମେ ଗୋଟିଏ ଶତାବ୍ଦୀର ଦୁଇ ତୃତୀୟାଂଶ ଦେଶ ମାତୃକାର ସେବାରେ ନିଜକୁ ଅହରହ ନିୟୋଜିତ କରିଥିଲେ, ଏପରି ଭାବରେ ତାଙ୍କ କୃତିର କଳନା କରିବା କିମ୍ବା ତାଙ୍କ ଭାବଧାରାର ଚିତ୍ର ପରିବେଷଣ କରିବାର ପ୍ରୟାସ ବୃଥା ! ସେ ଉଦ୍ୟମ କେବଳ ସମୁଦ୍ର ଗର୍ଭରେ ଭାସମାନ ବରଫ ପାହାଡ଼ର ଉପରି ଭାଗକୁ ଦେଖି ସମୁଦାୟ ପାହାଡ଼ର ଆୟତନ କଳନାକରିବା ସଂଗେ ସମାନ । ସେଥିପାଇଁ ବ୍ୟାପକ ଅନୁଶୀଳନ ଓ ବିସ୍ତୃତ ଗବେଷଣା ଦରକାର ।

ଦିନ ଥିଲା, ଯେତେବେଳେ ରାଜନୀତି ଏ ଦେଶରେ ଏପରି କଳୁଷିତ ହୋଇଥିଲା ଯେ ପଣ୍ଡିତ ନୀଳକଣ୍ଠଙ୍କୁ ଜଣେ ଓଡ଼ିଶାର କୃତୀ ସାହିତ୍ୟିକ ରୂପେ ସ୍ୱୀକାର କରିବାକୁ ମଧ୍ୟ ଏ ରାଜ୍ୟ ସରକାର ଚାହିଁ ନଥିଲେ । ଯେଉଁ ପ୍ରଥମ କଂଗ୍ରେସ ମନ୍ତ୍ରୀମଣ୍ଡଳ ପଣ୍ଡିତ ନୀଳକଣ୍ଠଙ୍କ ଆପ୍ରାଣ ଉଦ୍ୟମର ଫଳ, ସେଥିର 'ପ୍ରଧାନ ମନ୍ତ୍ରୀଙ୍କ' ଦୃଷ୍ଟିକୁ ନୀଳକଣ୍ଠ ଓଡ଼ିଶାର ଜଣେ ବିଶିଷ୍ଟ ସାହିତ୍ୟିକ ରୂପେ ପ୍ରତିଭାତ ହୋଇ ନଥିଲେ । ''ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁର ଓଡ଼ିଶା ଆସି ପୁରୀରେ ଅବସ୍ଥାନ କରୁଥିବା ସମୟରେ ଓଡ଼ିଶାର କୋଣସି ସାହିତ୍ୟିକଙ୍କୁ ଦେଖାକରିବାକୁ ଚାହିଁବାରୁ ଓଡ଼ିଶା ସରକାର ବହୁତ ଖୋଜି ସଂବଲପୁରରୁ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କୁ ଓଡ଼ିଶାର ଶ୍ରେଷ୍ଠ ସାହିତ୍ୟିକ ବୋଲି ଅଣାଇ ରବୀନ୍ଦ୍ରନାଥଙ୍କ

Digitized by PPRACHIN, SOA

ସଂଗେ ଭେଟାଇ ଥିଲେ । କିଂତୁ ରବିନ୍ଦ୍ରନାଥ ତାଙ୍କ ସଂଗେ ଆଳାପକରି ସଂତୁଷ୍ଟ ହୋଇ ନଥିଲେ । ” ‘ନବଭାରତ’ ମିଥୁନ, ୧୩୪୯ ।

ଏ ସଂବଂଧରେ ଖେଦୋକ୍ତି ପ୍ରକାଶ କରି ପଣ୍ଡିତ ନୀଳକଂଠ ତାଙ୍କ ନବଭାରତର, ସେଇ ୧୩୪୯, ମିଥୁନ ସଂଖ୍ୟାରେ ପୁଣି ଲେଖିଛନ୍ତି, “ଆମର ନିଜର ଯଦି ଏହାହିଁ ଅବସ୍ଥା ହୁଏ, ତେବେ କେହି ଆମ ସାହିତ୍ୟ ବା ଭାଷାକୁ ଅନାଦର କଲେ ଦୁଃଖ କରିବାର କ’ଣ ଅଛି ? ”

ସ୍ୱର୍ଣ୍ଣକାତର, ହୀନମନ୍ୟତା ଗ୍ଲାନିରେ ଜର୍ଜରିତ ଜାତି ସହଜରେ ସତ୍ୟର ଉଦ୍‌ଘାଟନ କରନ୍ତି ନାଇ । ତାହାହିଁ ଡ଼ଃ ମହତାବଙ୍କ ପୂର୍ବୋକ୍ତ ଉକ୍ତିରୁ ସ୍ପଷ୍ଟ । ସୁଖର କଥା, ପଣ୍ଡିତ ନୀଳକଣ୍ଠ ଏ ଦେଶର ଜଣେ ଅଦ୍ୱିତୀୟ ସାହିତ୍ୟିକ, ରାଜନୀତିକ ଓ ଦାର୍ଶନିକ ଭାବରେ ପ୍ରତିଷ୍ଠାଲଭ କଲେଣି । ତେବେ ଡ଼ଃ ମହତାବଙ୍କ ସହିତ ସହମତ ହୋଇ ଆମେ ପଣ୍ଡିତ ନୀଳକଣ୍ଠଙ୍କ ଶତବାର୍ଷିକୀ ଅବସରରେ ଆଶାରଖିବୁ ‘ପଣ୍ଡିତ ନୀଳକଣ୍ଠ ଇତିହାସରେ ଜୀବନ୍ତ ହୋଇ ରହିବେ । ”

ବିଶାଳ ମଂଦିରେ କାହିଁ ମହା-ଧର୍ମ-ଲୀଳା,
ଧାର୍ମିକ ବସଇ ସ୍ଫୀତ କଷାୟ-ବସନେ,
ଧୂପେ, ଘଂଟା ନାଦେ, ଯେତେ ପୁରଣ ଶୃଙ୍ଖଳା
ବିକାଶଇ ମଦେ ପଦେ ଗୁରୁ ଦେବାର୍ଚ୍ଚନେ,
ଅର୍ଚ୍ଚନାର ସେ ଚହଳେ
ପଶିବି କି ସେ ମଂଦିରେ,
ଲେଡ଼ିବାରେ ତବ ସେହୁ ମଂଗଳ ନିଦାନେ ?

( ନୀଳକଣ୍ଠ– ଭକ୍ତିଗାଥା )

Digitized by PPRACHIN, SOA

# ବାଚସ୍ପତି ପଦରେ ପଣ୍ଡିତ ନୀଳକଣ୍ଠ

ଶ୍ରୀ ଦୀନକୃଷ୍ଣ ପଟ୍ଟନାୟକ

ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଶା ବିଧାନ ସଭାରେ ଚତୁର୍ଥ ବାଚସ୍ପତି । ଜଣେ ଆଦର୍ଶ ଶିକ୍ଷକ, ବିଶିଷ୍ଟ ଶିକ୍ଷାବିତ୍, ଧୁରୀଣ ସମାଜ ସଂସ୍କାରକ, ପ୍ରବୀଣ ରାଜନୀତିଜ୍ଞ ତଥା ଉଚ୍ଚକୋଟିର ସମାଲୋଚକ, ସାହିତ୍ୟିକ, କବି ତଥା ବ୍ୟବସ୍ଥାପକ ଭାବରେ ସେ ଓଡ଼ିଶାରେ ବହୁକାଳରୁ ସୁପରିଚିତ । ତେଣୁ ପଣ୍ଡିତଜୀ ବାଚସ୍ପତି ହେବାରେ ବିଧାନ ସଭାର ଗୌରବ ବୃଦ୍ଧି ପାଇବ, ଏହି ଆଶାରେ ସମସ୍ତେ ଆଶାନ୍ୱିତ ହେବା ସ୍ୱାଭାବିକ । ସେ ଆଶା ପୂର୍ଣ୍ଣ ହୋଇଛି । ବିଧାନ ସଭାରେ ବହୁ କ୍ଷେତ୍ରରେ ବହୁ ଭାବରେ ତାଙ୍କର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ତଥା ଅଲୌକିକ ବୈଶିଷ୍ଟ୍ୟ ଲକ୍ଷ୍ୟ କରାଯାଇଥିଲା । ଏଠାରେ ତାହାର ସମ୍ୟକ୍ ଆଭାସ ମାତ୍ର ଦେବାର ପ୍ରୟାସ କରାଯାଉଛି ।

## ବାଚସ୍ପତି ନିର୍ବାଚନ :

ପଣ୍ଡିତ ନୀଳକଣ୍ଠ ନିର୍ଦ୍ଦ୍ୱନ୍ଦ୍ୱରେ କଂଗ୍ରେସ ପକ୍ଷରୁ ସତ୍ୟବାଦୀରୁ ନିର୍ବାଚିତ ହୋଇଥିଲେ । ୧୯୫୭ର ନିର୍ବାଚନରେ କଂଗ୍ରେସ ୧୪୦ଟି ଆସନରୁ ମାତ୍ର ୫୬ଟି ଆସନ ଅଧିକାର କରି ଏକକ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା ଏବଂ କେତେକ ସ୍ୱାଧୀନ ସଭ୍ୟଙ୍କ ସମର୍ଥନରେ ଡ଼ଃ ହରେକୃଷ୍ଣ ମହତାବ ଗୋଟିଏ ମନ୍ତ୍ରିମଣ୍ଡଳ ଗଠନ କଲେ । ନିର୍ବିବାଦରେ ଅଗାଧ ପାଣ୍ଡିତ୍ୟର ଅଧିକାରୀ ପଣ୍ଡିତ ନୀଳକଣ୍ଠଙ୍କ-ପରି ଜଣେ ପ୍ରବୀଣ ବର୍ଷୀୟାନ୍ ବ୍ୟବସ୍ଥାପକ ଓ ଜନନେତା ଅବଶ୍ୟ ବାଚସ୍ପତି ପଦ ମଣ୍ଡନ କରି ପାରିଥାନ୍ତେ, ମାତ୍ର କଂଗ୍ରେସ ଦଳ ବିରୋଧୀ ଦଳକୁ ନ ପଚାରି ବାଚସ୍ପତି ପାଇଁ ପଣ୍ଡିତଜୀଙ୍କ ନାମ ପ୍ରସ୍ତାବ କରିବାରୁ କେବଳ ତାରି ପ୍ରତିବାଦରେ ବିରୋଧୀ ଦଳ ସୁସାହିତ୍ୟିକ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ରଙ୍କୁ ତାଙ୍କ ବିରୋଧରେ ପ୍ରାର୍ଥୀ କରାଇଲେ । ଏକଥା ମଧ୍ୟ ବିରୋଧୀ ଦଳର ନେତା ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ବାଚସ୍ପତି ନିର୍ବାଚନ ପରେ ପ୍ରକାଶ କରିଥିଲେ ଓ ବାଚସ୍ପତିଙ୍କୁ ଅଭିନନ୍ଦନ ଜଣାଇବାକୁ ଯାଇ ସେହି କଥାକୁ ଲକ୍ଷ୍ୟ କରି ପରାଜିତ ପ୍ରାର୍ଥୀ ଶ୍ରୀଯୁକ୍ତ ମହାପାତ୍ର କହିଥିଲେ, "ମୁଁ ଆପଣଙ୍କ ଜୟଠାରୁ ନିଜର ପରାଜୟରେ ଅଧିକ ଗୌରବାନ୍ୱିତ ହୋଇଛି ।" ଗୃହର ନେତା

Digitized by PPRACHIN, SOA

ଡ଼ଃ ମହତାବ ନବନିର୍ବାଚିତ ବାଚସ୍ପତିଙ୍କୁ ଅଭିନନ୍ଦନ ଜଣାଇ କହିଲେ, "ବର୍ତ୍ତମାନ ଆପଣ ଯେଉଁ ଆସନ ଗ୍ରହଣ କଲେ, ତାହା ଆପଣଙ୍କ ପ୍ରତି ଉପଯୋଗୀ । ତାହାଛଡ଼ା ୧୯୨୪ ସାଲରୁ ପାର୍ଲ୍ୟାମେଣ୍ଟାରୀ ବ୍ୟାପାରରେ ଆପଣଙ୍କର ଅଭିଜ୍ଞତା ଅଛି । ମୁଁ ପୁରାତନ ଇତିହାସ କଥା କହୁଛି । ଯେତେବେଳେ No-changers, Swarajists ପ୍ରଭୃତି ଆନ୍ଦୋଳନ ଗୁଡ଼ିକ, ସେତେବେଳୁ ଆପଣ ଓଡ଼ିଶାରୁ ପାର୍ଲ୍ୟାମେଣ୍ଟାରୀ ସଭ୍ୟ ହୋଇ ଆସିଛନ୍ତି । ଆପଣଙ୍କ ବିଦ୍ୱତ୍ତା ସମ୍ବନ୍ଧରେ କହିବା ନିଷ୍ପ୍ରୟୋଜନ । ××× ଅନ୍ୟାନ୍ୟ ସାଧାରଣ କ୍ଷେତ୍ରରେ ଆପଣଙ୍କର ବହୁ ଅଭିଜ୍ଞତା ଅଛି । କହିବାକୁ ଗଲେ ସ୍ୱର୍ଗୀୟ ଗୋପବନ୍ଧୁ ଦାସଙ୍କ ସ୍ଥାନ ଆପଣହିଁ ପୂରଣ କରିଛନ୍ତି ।"

ବିଧାନସଭାର ପରମ୍ପରା ଅନୁସାରେ ଅନ୍ୟାନ୍ୟ ଦଳର ସଭ୍ୟମାନେ ମଧ୍ୟ ବାଚସ୍ପତିଙ୍କୁ ଅଭିନନ୍ଦନ ଜ୍ଞାପନ କରି ତାଙ୍କ ପାଣ୍ଡିତ୍ୟ ତଥା ଆଦର୍ଶ ଓ ଅଭିଜ୍ଞତାର ଭୂରି ଭୂରି ପ୍ରଶଂସା କରିଥିଲେ ।

ପଣ୍ଡିତଜୀ ତା ୨୭ । ୫ । ୫୭ ରେ ବାଚସ୍ପତି ନିର୍ବାଚିତ ହେଲେ ଓ ସଙ୍ଗେ ସଙ୍ଗେ ସେ ବିଧାନ ସଭାର କଂଗ୍ରେସ ଦଳରୁ ଇସ୍ତଫା ଦେଇ ଏକ ନୂତନ ପରମ୍ପରା ସୃଷ୍ଟି କଲେ ଯେ ବାଚସ୍ପତି କୌଣସି ଦଳଭୁକ୍ତ ନ ରହିବା ଉଚିତ ।

## ବିଧାନ ସଭାର ସ୍ୱାତନ୍ତ୍ର୍ୟ ଆନୟନ:

ଏହା ପରେ ପରେ ପଣ୍ଡିତଜୀ ଜାଣିବାକୁ ପାଇଲେ ଓଡ଼ିଶା ଆସେମ୍ବ୍ଲି ବିଭାଗ ତଥା ନିଜେ ବାଚସ୍ପତି ରାଜ୍ୟ ସରକାରଙ୍କର ଘରୋଇ ବିଭାଗର ନିୟନ୍ତ୍ରଣରେ ପରିଗଣିତ ହୁଅନ୍ତି ଓ ଓଡ଼ିଶା ସର୍ଭିସ କୋଡ଼ର ବ୍ୟବସ୍ଥା ଅନୁଯାୟୀ ସେ ଜଣେ ବିଭାଗୀୟ ମୁଖ୍ୟ ଭଳି ବିବେଚିତ ହୁଅନ୍ତି । ଏହାଦ୍ୱାରା ବାଚସ୍ପତିଙ୍କ ପଦମର୍ଯ୍ୟାଦାର ଅବମାନନା କରାଯାଇଛି ବୋଲି ପଣ୍ଡିତଜୀ ଅନୁଭବ କଲେ । ନୀଳକଣ୍ଠ ଆଜନ୍ମ ସଂଗ୍ରାମୀ । ସେ ଏହି ବିଷୟରେ ରାଜ୍ୟ ସରକାରଙ୍କ ସହ ପତ୍ରାଳାପ କଲେ । ଇତି ମଧ୍ୟରେ ବିଧାନ ସଭାରେ ଏ ସଂକ୍ରାନ୍ତରେ ଏକ ସ୍ୱାଧିକାର ପ୍ରଶ୍ନ ଉଠିଲା । ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳର ନେତା, ଘରୋଇ ମନ୍ତ୍ରୀ ଓ ଅନ୍ୟାନ୍ୟ କେତେ ଜଣଙ୍କୁ ନେଇ ଗୋଟିଏ କମିଟି ଗଢାହେଲା । ଏହି କମିଟିର ବୈଠକ ତା ୨ । ୧ । ୫୮ରୁ ତା ୧୦ । ୪ । ୫୮ ମଧ୍ୟରେ ୬ ଥର ବସିଲା ଓ ବାଚସ୍ପତିଙ୍କ ଲିଖିତ ଏକ ସ୍ମାରକପତ୍ର ଉପରେ କମିଟି ଗୋଟିଏ ରିପୋର୍ଟ ପ୍ରସ୍ତୁତ କଲେ । ତା ୨୫ । ୮ । ୫୮ ରେ ଉକ୍ତ ରିପୋର୍ଟ ଆସେମ୍ବ୍ଲି ସଭାରେ ଉପସ୍ଥାପିତ ହେଲା ଓ ଏହି ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଆସେମ୍ବ୍ଲି ଅଧିବେଶନରେ ବାରମ୍ବାର ଦାବୀ ହେଲା । ବିଷୟଟି ଉପରେ କୌଣସି ନିଷ୍ପତ୍ତି ନିଆଯାଇ ନଥିବା ହେତୁ ବାଚସ୍ପତି ଥରକୁ ଥର ଆଲୋଚନାର

Digitized by PPRACHIN, SOA

ଦିନ ଗଡ଼ାଇଲେ । ଶେଷରେ ତା ୨୬ । ୯ । ୫୮ ରେ ବାଚସ୍ପତିଙ୍କର ଗୋଟିଏ ବିବୃତି ତାଙ୍କର ଅସୁସ୍ଥତା ଜନିତ ଅନୁପସ୍ଥିତି ଯୋଗୁଁ ଉପବାଚସ୍ପତି ବିଧାନ ସଭାରେ ପାଠ କରି-ଥିଲେ । ଏ ବିବୃତିରେ ବାଚସ୍ପତି ସରକାରଙ୍କୁ ମୃଦୁ ଧମକ ଦେଇଥିଲେ ବୋଲି ପ୍ରକାଶ ପାଇଲା ଓ କୁହାଗଲା ବାଚସ୍ପତି ନୀଳକଣ୍ଠ ଏବର ବିଧାନ ସଭାକୁ ଅଗଣତାନ୍ତ୍ରିକ ବୋଲି ଉପଲବ୍ଧି କରି ତହିଁର ଅଧିବେଶନକୁ ବନ୍ଦ କରିଦେବା ବିଷୟ ଚିନ୍ତା କରୁଛନ୍ତି । ଏହିପରି ଏକ ଉତ୍ତେଜନା ପୂର୍ଣ୍ଣ ବାତାବରଣ ଭିତରେ ସେହିଦିନ ମୁଖ୍ୟମନ୍ତ୍ରୀ ଡ଼କଟର ମହତାବ ଘରେଇ ବିଭାଗର ଏକ ଆଦେଶନାମା ଆଣି ପାଠ-କଲେ । ଏହି ଆଦେଶନାମା ଅନୁଯାୟୀ ଆସେମ୍ବ୍ଲି ବିଭାଗ ରାଜ୍ୟ ସରକାରଙ୍କ ଘରେଇ ବିଭାଗର ଅଧସ୍ତନ ନ ହୋଇ ଗୋଟିଏ ସ୍ୱତନ୍ତ୍ର ବିଭାଗର ମର୍ଯ୍ୟାଦା ଲାଭ କଲା । ବିଧାନ ସଭାର ବାଚସ୍ପତି ଓ ସଚିବ ଯଥାକ୍ରମେ ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ପାହିଆ ମନ୍ତ୍ରୀ ଓ ସଚିବର ମର୍ଯ୍ୟାଦା ପାଇଲେ ଏବଂ ବିଧାନ ସଭା ବିଭାଗ ରାଜ୍ୟ ସରକାରଙ୍କର ଅନ୍ୟାନ୍ୟ ବିଭାଗ ପରି ଅର୍ଥନୈତିକ କ୍ଷମତାରେ ମଧ୍ୟ ସ୍ୱାତନ୍ତ୍ର୍ୟ ଲାଭ କଲା । ସେବଠାରୁ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣମୁକ୍ତ କର୍ମଚାରୀ ଗୋଷ୍ଠୀ ବାଚସ୍ପତିଙ୍କ ପ୍ରଶାସନିକ ନିୟନ୍ତ୍ରଣରେ ରହିଲେ ।

ଏଠି ଉଲ୍ଲେଖ ଯୋଗ୍ୟ, କେନ୍ଦ୍ର ପାର୍ଲିଆମେଣ୍ଟ ୧୯୨୮--୨୯ରୁ ସ୍ୱାତନ୍ତ୍ର୍ୟ ହାସଲ କରିଥିଲେହେଁ ଉତ୍ତର ପ୍ରଦେଶ ଓ ବମ୍ବେ ଛଡ଼ା ଅନ୍ୟ କୌଣସି ରାଜ୍ୟର ବିଧାନ ସଭା ସରକାରୀ କର୍ତ୍ତୃତ୍ୱରୁ ମୁକ୍ତ ନଥିଲେ । ଓଡ଼ିଶା ବିଧାନ ସଭାର ଏହି ସ୍ୱାତନ୍ତ୍ର୍ୟ କେବଳ ନୀଳକଣ୍ଠଙ୍କର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ତଥା ବ୍ୟବସ୍ଥାପକ ଦକ୍ଷତା ହେତୁ ଯେ ସଂଭବ ହୋଇଥିଲା, ଏଥିରେ ସନ୍ଦେହ ନାହିଁ । ଏଥିଲାଗି ତାଂକୁ କାର୍ଯ୍ୟଭାର ଗ୍ରହଣ କରିବାର ୧୭ ମାସ କାଳ ବହୁ ଉଦ୍ୟମ କରିବାକୁ ପଡ଼ିଥିଲା ଓ ପ୍ରକାରାନ୍ତରରେ ତାଂକୁ ବହୁ ବାଧା, ଓ ଧମକର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେସବୁ ଏବେ ଖୋଳି ବାହାର କରିବା ଅନାବଶ୍ୟକ ।

କୁହାଯାଏ, ବାଚସ୍ପତି କେବଳ ନିରପେକ୍ଷ ହେବେ ନାହିଁ, ବ୍ୟବସ୍ଥା ସଭାର ସୁପରିଚାଳନା ଲାଗି ସେ ନିରପେକ୍ଷ ବୋଲି ଜଣାଯିବା ଆବଶ୍ୟକ । ପଣ୍ଡିତ ନୀଳକଣ୍ଠ ପ୍ରଥମରୁ କଂଗ୍ରେସ ଦଳରୁ ଇସ୍ତଫା ଦେଇଥିବା କଥା ପୂର୍ବରୁ କୁହାଯାଇଛି । ତାଙ୍କର ପ୍ରଖର ପ୍ରତିଭା, ଗଭୀର ପାଣ୍ଡିତ୍ୟ, ଅସାଧାରଣ ବାଗ୍ମିତା ଓ ବ୍ୟବସ୍ଥାପକ ଜୀବନର ସୁଦୀର୍ଘ ଅନୁଭୂତି ହେତୁ ବ୍ୟବସ୍ଥା ସଭା ପରିଚାଳନା କରିବା ତାଙ୍କ ପକ୍ଷରେ ଅତି ସୁଗମ ହୋଇଥିଲା । ସେ ସରକାରୀ ତଥା ବିରୋଧୀ ଦଳକୁ ବହୁ ସମୟରେ ମୃଦୁ

Digitized by PPRACHIN, SOA

ଭର୍ତ୍ସନା ତଥା ହାସ୍ୟୋଦ୍ଦୀପକ କଥା ଗୃତୁରୀରେ ଅଥବା ପାଣ୍ଡିତ୍ୟପୂର୍ଣ୍ଣ ଯୁକ୍ତିଦ୍ୱାରା ସଂଯତ କରି ପାରୁଥିଲେ । ଥରେ ଜଣେ ବିରୋଧୀ ଦଳ ସଭ୍ୟ ଆଇନ ବିଭାଗ ବଜେଟ୍ ଉପରେ ଆଲୋଚନା ବେଳେ, ଏ ସଭାରେ କେତେକ 'ଟାଉଟର' ପଶି ଯାଇଛନ୍ତି ବୋଲି କହିବାରେ ସରକାରୀ ଦଳ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କଲେ । ବାଚସ୍ପତି କହିଲେ "ଏଇଟା ପ୍ରଶ୍ନୋତ୍ତର ସମୟ ନୁହେଁ, ଏଇଟା ବାଦନୁ-ବାଦ ବା ଇଂରାଜିରେ ଯାହାକୁ କହନ୍ତି Debates, ସେଇ ସମୟ । ସେ ଯଦି କହିଥାନ୍ତି, ଆପଣମାନେ ମଧ୍ୟ ଉତ୍ତରରେ କହି ପାରିବେ । ନିତାନ୍ତ ଗର୍ହିତ କଥା କହିଲେ ବାରଣ କରି ଦିଆଯିବ ।" ତା'ପରେ ସେତେବେଳର ଘରୋଇମନ୍ତ୍ରୀ ଓ ଓଡ଼ିଶା ହାଇକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ କହିଲେ, "ମାନ୍ୟବର ସଭ୍ୟ ଯେପରି ଗର୍ହିତ କଥା କହିଛନ୍ତି ।" ବାଚସ୍ପତି କହିଲେ, "ତା' ହେଲେ ସେପରି କହିବା ଭୁଲ ହୋଇଚି ।" ବାଚସ୍ପତିଙ୍କର ଏତିକି ମାତ୍ର ମନ୍ତବ୍ୟରେ ଉଭୟ ପକ୍ଷ ନିରବ ରହିଲେ ।

ଆଉ ଥରକର କଥା - ଶ୍ରମ ସମସ୍ୟା ଆଲୋଚନା ବେଳେ ଶ୍ରମ ମନ୍ତ୍ରୀ ଇଂରେଜିରେ ଉତ୍ତର ଦେଉଥାନ୍ତି । ପ୍ରକୃତ ପକ୍ଷେ ବିଧାନ ସଭାରେ ଯେଉଁ ସଭ୍ୟମାନେ ଶ୍ରମିକ ସମସ୍ୟା ଓ ଆନ୍ଦୋଳନ ସହିତ ସଂପୃକ୍ତ ସେମାନଙ୍କର ଇଂରାଜୀ ଭାଷା ଭଲରୂପେ ବୁଝିବା ପାଇଁ ଜ୍ଞାନର ଅଭାବ ବାଚସ୍ପତି ନିଜେ ଅନୁଭବ କଲେ । ସଙ୍ଗେ ସଙ୍ଗେ ବାଧାଦେଇ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଲେ, "ମୁଁ ଆପଣଙ୍କୁ ଗୋଟିଏ ସୂଚନା ଦେବି । ଅବଶ୍ୟ ଆପଣଙ୍କୁ ଇଂରାଜୀରେ କହିବା ସହଜ ହେଉଥିବ । କିନ୍ତୁ ଯେଉଁମାନେ ଏଥିରେ ସଂପୃକ୍ତ, ସେମାନେ ହୁଏତ ଇଂରାଜି ଭଲଭାବେ ବୁଝିପାରୁ ନଥିବେ । ଆପଣ ପରିଶ୍ରମ କରି ଯଦି ଓଡ଼ିଆରେ କହନ୍ତେ ଭଲ ହୁଅନ୍ତା ।" ବାଚସ୍ପତିଙ୍କ ଏତାଦୃଶ ରୁଚିସଂପନ୍ନ ମନ୍ତବ୍ୟ ପରେ ମନ୍ତ୍ରୀ ମହୋଦୟ ସଙ୍ଗେ ସଙ୍ଗେ ଓଡ଼ିଆରେ ଉତ୍ତର ଦେଇଥିଲେ । ଏହିପରି ବହୁ ସମୟରେ ବାଚସ୍ପତି ମନ୍ତ୍ରୀମାନଙ୍କୁ ନାନା ବିଷୟରେ ଉପଦେଶ ଦେଉଥିଲେ ଏବଂ ମନ୍ତ୍ରୀମାନେ ତାଙ୍କର ନିର୍ଦ୍ଦେଶ ବିନା ଦ୍ୱିଧାରେ ଗ୍ରହଣ କରି ଯାଉଥିଲେ ।

ଆଉଥରେ ଜଣେକ ସଭ୍ୟ 'ଗଣ୍ଡ' ଓ 'ମାଇପ' ଶବ୍ଦ ବ୍ୟବହାର କରିବାରେ ଅନ୍ୟ ଜଣେ ଏ ସବୁ ଶବ୍ଦ ରୁଚି ଗର୍ହିତ ( unparliamentary ) ବୋଲି ପ୍ରତିବାଦ ଜଣାଇଲେ । ବାଚସ୍ପତି ପଣ୍ଡିତ ନୀଳକଣ୍ଠ କହିଲେ, "ଏ ଦୁଇଟି 'ରୁଚି ଗର୍ହିତ' ବା 'ଭୁଲ' (Incorrect) ନୁହେଁ । ଯଦି କୁହାଯାଏ, ସେ ଦୁଇଟା

Digitized by PPRACHIN, SOA

'ଗଣ୍ଡ' ରଖିଛି ବା ଅମୁକ ଲୋକର ଝିଅକୁ 'ମାଇପ' କରି ରଖିଛି, ତାହା ସଙ୍ଗତ ନୁହେଁ । କିନ୍ତୁ ଯେପରି ଭାବରେ ଏ ଦୁଇଟି ଶବ୍ଦ ବ୍ୟବହାର କରାଗଲା, ସେଥିରେ ସେ ସବୁ ଶବ୍ଦ 'ଭୁଲ' ବା 'ରୁଚି ଗର୍ହିତ' ନୁହେଁ । ସେଇପରି ପ୍ରବୀଣ ସାହିତ୍ୟିକ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ଥରେ 'ଘଇତା' 'ମାଇପ' ଶବ୍ଦ ଉଚ୍ଚାରଣ କରିବାରେ ବିଧାନ ସଭା 'Withdraw', 'withdraw,' ଶବ୍ଦରେ ଉଚ୍ଛୁଳି ପଡ଼ିଲା । ବାଚସ୍ପତି ପଣ୍ଡିତ ନୀଳକଣ୍ଠ ଏହାକୁ unparliamentary ନ କହି, "ମାନ୍ୟବର ସଭ୍ୟ ଏଥିପାଇଁ ଅନ୍ୟ ଶବ୍ଦ ବ୍ୟବହାର କରି ପାରନ୍ତି" ବୋଲି ନିର୍ଦ୍ଦେଶ ଦେବାରେ ସଭାର ହଟ୍ଟଗୋଳ ବନ୍ଦ ହୋଇ ଯାଇଥିଲା । ଏଠି ପଣ୍ଡିତ ନୀଳକଣ୍ଠଙ୍କ ବାଚସ୍ପତି ହେବା ପୂର୍ବରୁ ଗୋଟିଏ କଥା ମନେ ପଡ଼ୁଛି । ବୋଧ ହୁଏ ୧୯୫୫ ମସିହାର ଜମିଜମା ସଂକ୍ରାନ୍ତ ବିଲ ଉପରେ ଭାରି ସରଗରମ ଆଲୋଚନା ଚାଲିଥାଏ । ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶ ଦୁହେଁ ସ୍ୱାଧୀନ ଜନସଂଘର ବିଧାନ ସଭା ସଭ୍ୟ ଥାନ୍ତି । ପଣ୍ଡିତଜୀଙ୍କର ସେତେବେଳକୁ ପକ୍ଷାଘାତ ହୋଇ ସାରିଥାଏ । ତେଣୁ ତାଙ୍କୁ ବସିବା ପାଇଁ ଗୋଟିଏ ଆରାମ ଚୌକି ଦିଆ ଯାଇଥାଏ ; ସେ ସେଥିରେ ଅର୍ଦ୍ଧଶାୟିତ ଭାବେ ବସିଥାନ୍ତି ଓ ତାଙ୍କ ବାଁ କଡ଼କୁ ଗୋଦାବରୀଶ ବାବୁଙ୍କ ବସିବା ସିଟ୍‌ଟି ପଡ଼ିଥାଏ । ଯେହି ବିଲ୍ ଉପରେ ଆଲୋଚନା ବେଳେ ଗୋଦାବରୀଶ ବାବୁ ଠିଆହୋଇ କହୁକହୁ କହିଲେ ସରକାରଙ୍କର ଏ ବିଲ୍‌ରେ 'ଗାଣ୍ଡି ମୁଣ୍ଡ' କିଛି ଠିକ୍ ନାହିଁ । ଏତିକି କହୁ କହୁ କଂଗ୍ରେସ ପକ୍ଷରୁ 'ଅଶ୍ଳୀଳ, ଅଶ୍ଳୀଳ' ବୋଲି ହଟ୍ଟଗୋଳ ଆରମ୍ଭ ହୋଇ ଚାଲିଲା ଟେବୁଲ ବାଡ଼ିଆ । ଗୋଦାବରୀଶବାବୁ ଟିକିଏ କୌତୂହଳିଆ ଦୃଷ୍ଟିରେ ଚାରିଆଡ଼କୁ ଚାହିଁ ଧୀର ହୋଇ ବସି ପଡ଼ିଲେ । ନୀଳକଣ୍ଠ ଅର୍ଦ୍ଧଶାୟିତ ଅବସ୍ଥାରୁ ଉଠି ଆରାମ ଚୌକିର ପାହିଆ ଉପରେ ଦି ହାତକୁ ଭରା ଦେଇ ସିଧା ହୋଇ ବସିଲେ । ତା'ପରେ ପ୍ରତିବାଦ କରି କହିଲେ, "ଏ ଶବ୍ଦ ମୋତେ ଅଶ୍ଳୀଳ ନୁହେଁ । ତା' ହୋଇଥିଲେ ବଡ଼ ବଡ଼ କବିମାନେ ଏ ଶବ୍ଦ କେଭେ ବ୍ୟବହାର କରି ନ ଥାନ୍ତେ । କୃଷ୍ଣସିଂହ ମହାଭାରତର ସଭାପର୍ବରେ ସଫା ଲେଖିଛନ୍ତି,

"ସଭାରେ ବସିଛନ୍ତି କର୍ପୂର ମାଳିଆ
ଗାଣ୍ଡିଚା ମାନ ତାଙ୍କ ଯେସନେ ଓଳିଆ ।"

ତଥାପି ବାଚସ୍ପତି ଶ୍ରୀ ନନ୍ଦକିଶୋର ଦାସ ଏ ଶବ୍ଦ ଅଶ୍ଳୀଳ କହି ବ୍ୟବହାର କରିବାକୁ ଅନୁମତି ଦେଲେ ନାହିଁ । ସଭା ଗୃହ ଟିକଏ ଶାନ୍ତ ପଡ଼ିବାରୁ ଗୋଦାବରୀଶ ବାବୁ ପୁଣି ଉଠି ଅଳ୍ପ ଗମ୍ଭୀର ହୋଇ କହିଲେ, "ମୋ କହିଥିବା ଶବ୍ଦ ତ ଅଶ୍ଳୀଳ ହୋଇ

Digitized by PPRACHIN, SOA

ଗଲ, ତା ପରିବର୍ତ୍ତେ ଆଉ କ'ଣ ବ୍ୟବହାର କରିବି ଭାବୁଥିଲି । ଏବେ ଦେଖୁଚି ଏ ବିଲ୍‌ରେ ସରକାରଙ୍କତ ମୁଣ୍ଡ ଓ ମଳଦ୍ୱାର କିଛି ଠିକ୍ ନାହିଁ ।" ଏତିକି କହୁ କହୁ ଭଲିଲା ହାସ୍ୟ ଦେଲ ।

ଏହିପରି ପଣ୍ଡିତଜୀଙ୍କ ସେ ସମୟରେ ବିଧାନ ସଭାରେ ବିଭିନ୍ନ ଶବ୍ଦାବଳୀର ତାତ୍ତ୍ୱିକ ଓ ବ୍ୟବହାରିକ ଉଦାହରଣ ଦେଇ ଗୃହରେ ହାସ୍ୟରୋଳ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ସଭ୍ୟମାନଙ୍କର ଜ୍ଞାନବୃଦ୍ଧିରେ ନାନା ଭାବରେ ସାହାଯ୍ୟ କରିଥିଲେ । ଓଡ଼ିଶା ବିଧାନ ସଭାର ବିବରଣୀରେ ପଣ୍ଡିତ ନୀଳକଣ୍ଠଙ୍କର ବାଚସ୍ପତି ଭାବେ କାର୍ଯ୍ୟ ଦକ୍ଷତାର ଏଠାରେ ବହୁ ଉଦାହରଣ ଦିଆଯାଇ ପାରେ ।

ଶେଷରେ ୧୯୬୧ ଫେବୃୟାରୀ ମାସରେ ଲଟ ସାହେବଙ୍କ ନିର୍ଦ୍ଦେଶରେ ବିଧାନ ସଭା ଭାଙ୍ଗିଗଲା । ଫଳରେ ସବୁରି ସଭ୍ୟପଦ ଛୁଟିଗଲା । ପଣ୍ଡିତ ନୀଳକଣ୍ଠ ଏତିକି ବେଳେ ଭାରତ ସଂବିଧାନରୁ ନିୟମ କାଢ଼ି ତର୍ଜମା କଲେ, ବିଧାନ ସଭା ଭାଙ୍ଗିଗଲେ ମଧ୍ୟ ନୂଆ ବିଧାନ ସଭା ଗଢ଼ାହୋଇ ନୂଆ ବାଚସ୍ପତି ନିର୍ବାଚନ ପର୍ଯ୍ୟନ୍ତ ପୂର୍ବର ବାଚସ୍ପତିଙ୍କ କାର୍ଯ୍ୟକାଳ ବଳବତ୍ତର ରହିବ । ଏହା ପୂର୍ବରୁ କେରଳ ଓ ପଂଜାବରେ ବିଧାନ ସଭା ଭାଙ୍ଗି ଯିବାରେ ବାଚସ୍ପତିଙ୍କ କାର୍ଯ୍ୟକାଳ ଶେଷ କରି ଦିଆ ଯାଇଥିଲା । ତେଣୁ ପଣ୍ଡିତ ନୀଳକଣ୍ଠଙ୍କର ଏ ଯୁକ୍ତି ଏଠା ସରକାରରେ କେହି ଶୁଣିଲେ ନାହିଁ । ସେମାନଙ୍କର ଯୁକ୍ତି ହେଲା, ଲଟ ସାହେବଙ୍କ ଆଦେଶ ଫଳରେ ବାଚସ୍ପତିଙ୍କ ସମେତ ସମସ୍ତ ସଭ୍ୟଙ୍କର ତ ସଭ୍ୟପଦ ଛୁଟିଗଲା, ତେଣୁ ଆସେମ୍ବ୍ଲି ସଭ୍ୟ ନ ଥାଇ ସେ କିପରି ବାଚସ୍ପତି ପଦରେ ରହିପାରିବେ ? ପଣ୍ଡିତଜୀ ଦର୍ଶାଇଲେ ଯେ ୧୯୫୨ ଭାରତ ସଂବିଧାନରୁ ୧୭୯ (ଗ) ଉପଧାରାର ୨ୟ ପ୍ରୋଭିଜନରେ ସ୍ପଷ୍ଟ ଲେଖାଅଛି, 'ବାଚସ୍ପତି, ବାଚସ୍ପତି ହୋଇ ରହିବେ, ନୂଆ ବାଚସ୍ପତି ନିର୍ବାଚନ ପର୍ଯ୍ୟନ୍ତ ।' ଶେଷରେ ନୀଳକଣ୍ଠ ଭାରତ ସରକାରଙ୍କୁ ଲେଖିଲେ । ଭାରତ ସରକାରଙ୍କ ଆଇନ ବିଭାଗରେ ଦୀର୍ଘଦିନ ଧରି ପଣ୍ଡିତଜୀଙ୍କ ଯୁକ୍ତିର ପରୀକ୍ଷା ନିରୀକ୍ଷା କରାଗଲା । ୬ମାସ ପରେ ଏହା ଆଇନ ସଂଗତ ବୋଲି ସେମାନେ ମତ ଦେଲେ । ଫଳରେ ପଂଡ଼ିତ ନୀଳକଣ୍ଠ ନୂତନ ବାଚସ୍ପତି ନିର୍ବାଚନ ହେବା ପର୍ଯ୍ୟନ୍ତ କେବଳ ବାଚସ୍ପତିର ସମ୍ମାନ ଲାଭ କରି ନଥିଲେ, ପ୍ରଚଳିତ ପରଂପରାକୁ ଭାଙ୍ଗି ଭାରତରେ ଏପରି ଏକ ଗୁରୁତର ସାଂବିଧାନିକ ପରଂପରା ସୃଷ୍ଟି କରି ପାରିଥିଲେ । ତେଣୁ କୁହାଯାଏ ସାଂବିଧାନିକ ଇତିହାସରେ ସେ ଚିର ସ୍ମରଣୀୟ ହୋଇ ରହିବେ ।

⁂

Digitized by PPRACHIN, SOA

# ପଣ୍ଡିତ ନୀଳକଂଠ ଦୁର୍ବାସାଂକ ପରି ଥିଲେ କି ?

ଶ୍ରୀମତୀ ଇନ୍ଦିରା ଦେବୀ

ପଣ୍ଡିତ ନୀଳକଣ୍ଠଙ୍କୁ କେତେକେ ଦୁର୍ବାସା ବୋଲି କହିଥାନ୍ତି । କିନ୍ତୁ ପଣ୍ଡିତ ନୀଳକଣ୍ଠ ଥିଲେ ଦୁର୍ବାସାଙ୍କ ଆଚରଣର ପୂରା ବିପରୀତ– Great contrast, ପଣ୍ଡିତ ନୀଳକଣ୍ଠଙ୍କ ପ୍ରତି ଏ ପ୍ରକାର ବିଶ୍ଳେଷଣ ଯେବେ, ଯେଉଁଠାରୁ ଓ ଯେପରି ଉତ୍ପତ୍ତି ଲାଭ କରିଥାଉ ପଛକେ ଏହା ଯେ ତାଙ୍କପରି ମନୀଷୀଙ୍କ ପ୍ରତି ଘୋର ଅନ୍ୟାୟ ଏଥିରେ ସଂଦେହ ନାହିଁ ।

ଦୁର୍ବାସା ମୁନିଋଷିମାନଙ୍କ ଭିତରେ ଥିଲେ ସବୁଠାରୁ ବଡ଼ କୋପୀ । ତାଙ୍କ କୋପ ଲାଗି ଅନେକଙ୍କୁ ଦୁର୍ଦ୍ଦଶାଗ୍ରସ୍ତ ହେବାକୁ ପଡ଼ୁଥିଲା । ଏପରିକି ଦେବତାମାନେ ମଧ୍ୟ ସେ କୋପରୁ ବାଦ୍ ପଡ଼ି ନ ଥିଲେ । ମନୁଷ୍ୟ ତ ଛାର !

ଥରେ ଦୁର୍ବାସା ଜଣେ ବିଦ୍ୟାଧରୀଙ୍କଠାରୁ ପାଇଥିବା ସୁନ୍ଦର ମାଳାଟିଏ ନେଇ ଇନ୍ଦ୍ରଙ୍କୁ ଦେଲେ । ଇନ୍ଦ୍ର ତାଙ୍କ ଐରାବତକୁ ଅତ୍ୟନ୍ତ ସୁଖ ପାଉଥିବାରୁ ମାଳାଟି ତାକୁ ପିନ୍ଧାଇ ଦେଲେ । ଏଥିରେ ଦୁର୍ବାସା ଭୀଷଣ ରାଗି ଇନ୍ଦ୍ରଙ୍କୁ ଅଭିଶାପ ଦେଲେ । ଇନ୍ଦ୍ର ଶ୍ରୀଭ୍ରଷ୍ଟ ହୋଇଗଲେ ।

ଦୁର୍ବାସାଙ୍କ ସ୍ତ୍ରୀଙ୍କୁ ମଧ୍ୟ ସ୍ୱାମୀଙ୍କ କୋପର ଫଳ ଭୋଗ କରିବାକୁ ପଡ଼ିଥିଲା । ଚୁକ୍ତି ଅନୁସାରେ ସ୍ତ୍ରୀଙ୍କର ଶହେ ପର୍ଯ୍ୟନ୍ତ ତ୍ରୁଟି ଛାଡ଼ିଦେବା ପରେ ଦୁର୍ବାସା ସ୍ତ୍ରୀଙ୍କୁ ଶାପ ଦେଇଥିଲେ । ମାତ୍ର କାର୍ଯ୍ୟରେ ତ୍ରୁଟି ଧରି ବସିଲେ ତ ସର୍ବଦା ତ୍ରୁଟି ପରିଲକ୍ଷିତ ହୁଏ ।

ପୁରାଣମାନଙ୍କରେ ଦୁର୍ବାସାଙ୍କ କୋପ ବିଷୟରେ ଅନେକ ବର୍ଣ୍ଣନା ଦିଆଯାଇଛି । ସେଥିରୁ କେତୋଟି ମାତ୍ର ଏଠାରେ ଦେଲେ ଯଥେଷ୍ଟ ହେବ ।

ରାଜା ଦୁଷ୍ମନ୍ତ କଣ୍ୱ ମୁନିଙ୍କ ଆଶ୍ରମରେ ଶକୁନ୍ତଳାଙ୍କୁ ଗାନ୍ଧର୍ବ ମତେ ବିବାହ କଲେ । ଆଶ୍ରମରେ ମୁନିଙ୍କ ଅନୁପସ୍ଥିତି ଯୋଗୁଁ ଦୁଷ୍ମନ୍ତ ଶକୁନ୍ତଳାଙ୍କୁ ସଙ୍ଗରେ ନ ଆଣି ରାଜଧାନୀ ଫେରି ଆସିଲେ । ଦିନେ ଶକୁନ୍ତଳା ଦୁଷ୍ମନ୍ତ କାହିଁକି ତାଙ୍କୁ କଥା ଦେଇ

Digitized by PPRACHIN, SOA

ନେଉ ନାହାନ୍ତି, ଏହା ଭବି କୁଟୀର ପିଣ୍ଡାରେ ଅନ୍ୟମନସ୍କ ହୋଇ ବସିବାବେଳେ ଦୁର୍ବାସା ପହଞ୍ଚିଲେ । ଅନ୍ୟମନସ୍କ ଥିବା ହେତୁ ତାଙ୍କ ଆସିବା ଜାଣି ନ ପାରି ଶକୁନ୍ତଳା ଦୁର୍ବାସାଙ୍କ ଚର୍ଚ୍ଚା କରି ପାରିଲେ ନାହିଁ । ଏତିକି ମାତ୍ର ଦୋଷରେ ଦୁର୍ବାସା ତାଙ୍କୁ ଅଭିଶାପ ଦେଲେ । ଫଳରେ ଶକୁନ୍ତଳାଙ୍କୁ ଯାହା କଷ୍ଟ ସହିବାକୁ ପଡ଼ିଥିଲା, ତା' ପ୍ରାୟ ସମସ୍ତଙ୍କୁ ଜଣା ।

ଆଉ ଗୋଟିଏ ଘଟଣା ହେଉଛି, ରଜା ଅମ୍ବରୀଷ ଥରେ ଗୋଟିଏ ବ୍ରତ ଉପଲକ୍ଷେ ଉପବାସରେ ଥିଲେ । ଉପବାସର ପାରଣା (ବ୍ରତଭଙ୍ଗ) କରି ଭୋଜନରେ ବସିବା ବେଳେ ଦୁର୍ବାସା ତାଙ୍କ ନିକଟରେ ପହଞ୍ଚିଲେ । ଅମ୍ବରୀଷ ତାଙ୍କୁ ଭୋଜନ ନିମନ୍ତେ ନିମନ୍ତ୍ରଣ କରିବାରେ ଦୁର୍ବାସା ସ୍ନାନାହ୍ନିକ ସାରି ଆସୁଛି କହି ବାହାରିଗଲେ । ତାଂକର ଫେରିବାକୁ ବିଶେଷ ବିଳମ୍ବ ହେବାରୁ ବ୍ରତ ଭଙ୍ଗର ସମୟ ଗଡ଼ିଗଲେ ଅଧର୍ମ ଆଶଂକାରେ ପଣ୍ଡିତମାନଂକ ପରାମର୍ଶ କ୍ରମେ ରଜା ଟିକିଏ ଜଳ ତୁଳସୀ ସେବନ କଲେ । ଠିକ୍ ଏତିକି ବେଳକୁ ଦୁର୍ବାସା ପହଞ୍ଚିଗଲେ । ନିମନ୍ତ୍ରିତ ଅତିଥି-ପାଇଁ ଅପେକ୍ଷା ନ କରି ରଜା ଜଳ ତୁଳସି ସେବନ କରୁଥିବା ଦେଖି ଦୁର୍ବାସା କ୍ରୋଧାନ୍ଧ ହୋଇ ରଜାଂକ ବଧ ମାନସରେ ଗୋଟିଏ ଜଟା ଛିଣ୍ଡାଇ ତଳେ ଫିଙ୍ଗି ଦେଲେ । ସେଥିରୁ ଉଦ୍‌ଭୂତ ହେଲା ଏକ ଉଗ୍ରମୂର୍ତ୍ତି । ସେ ଅମ୍ବରୀଷଂକ ଉପରକୁ ଡେଇଁଲା । ମାତ୍ର ଅମ୍ବରୀଷ ଥିଲେ ବଡ଼ ବିଷ୍ଣୁ ଭକ୍ତ । ସଙ୍ଗେ ସଙ୍ଗେ ବିଷ୍ଣୁଂକ ଚକ୍ର ସେ ଉଗ୍ରମୂର୍ତ୍ତିକୁ ବଧ କରି ଦୁର୍ବାସାଙ୍କ ଆଡ଼କୁ ଧାଇଁଲା । ଚକ୍ରଠାରୁ ରକ୍ଷା ପାଇବା ପାଇଁ ଦୁର୍ବାସା ବ୍ରହ୍ମା, ବିଷ୍ଣୁ ଶିବଙ୍କୁ ଶରଣ ମାଗି ନିରାଶ ହେଲେ । ଅବଶେଷରେ ଅମ୍ବରୀଷହିଁ ତାଙ୍କୁ ସେଥିରୁ ରକ୍ଷା କଲେ ।

ପାଣ୍ଡବମାନେ ୧୨ ବର୍ଷ ବନରେ ଥିବାବେଳେ ଯୁଧିଷ୍ଠିର ସୂର୍ଯ୍ୟଂକଠାରୁ ଖଣ୍ଡିଏ ଆଶ୍ଚର୍ଯ୍ୟ ଥାଳି ପାଇଥିଲେ, ଯାହାକି ଦ୍ରୌପଦୀ ଅଭୁକ୍ତ ଥିବାଯାଏ ସେ ଥାଳିକୁ ଯେତେ ଓ ଯେଉଁ ଖାଦ୍ୟ ମାଗିବେ ତା' ପାଇବେ । ଦିନେ ଦୁର୍ଯ୍ୟୋଧନଂକ ପ୍ରରୋଚନାରେ ଦୁର୍ବାସା ୧୦ ହଜାର ଶିଷ୍ୟଙ୍କୁ ଘେନି ଦ୍ରୌପଦୀଂକ ଖାଇବାପରେ ଯୁଧିଷ୍ଠିରଂକ ପାଖରେ ପହଞ୍ଚି ଶିଷ୍ୟଂକ ସହ ନିଜ ଭୋଜନ ମାଗିଲେ । ଯୁଧିଷ୍ଠିର ଆତଙ୍କିତ ହୋଇ ନିଜକୁ ନିରୁପାୟ ମନେ କରି ଶିଷ୍ୟମାନଂକ ସହିତ ନଦୀରେ ସ୍ନାନ ସାରି ଆସିବାକୁ ତାଙ୍କୁ ଅନୁରୋଧ କଲେ । ଦୁର୍ଯ୍ୟୋଧନ ମନେ କରିଥିଲେ ଯେ ଭୋଜନ ନ ପାଇଲେ ଦୁର୍ବାସା ରାଗରେ ଅଭିଶାପ ଦେଇ ପାଣ୍ଡବମାନଙ୍କୁ ଭସ୍ମ କରିଦେବେ । ମାତ୍ର ଦ୍ରୌପଦୀଂକ ଆତୁର ଡ଼ାକରେ ଶ୍ରୀକୃଷ୍ଣ ଆସି ପାଣ୍ଡବମାନଙ୍କୁ ଦୁର୍ବାସାଂକ ନିଶ୍ଚିତ ଅଭିଶାପରୁ ରକ୍ଷା କରିଥିଲେ ।

Digitized by PPRACHIN, SOA

ଏହିପରି ବହୁ ବହୁ ଉଦାହରଣ ପୁରାଣ ମାନଂକରୁ ତାଂଙ୍କ ବିଷୟରେ ଦିଆଯାଇପାରିବ ! ଏପରିକି ଦୁର୍ବାସା ଆସିଛନ୍ତି ଶୁଣିଲେ ଦେବଲୋକ ଓ ମର୍ତ୍ତ୍ୟ ଲୋକରେ ଆତଙ୍କ ଘୋଟି ଯାଉଥିଲା ।

ଏ ସମସ୍ତରୁ ଦେଖାଯିବ ଯେ ଦୁର୍ବାସା କେବଳ ଯେ କ୍ରୋଧୀ ଥିଲେ ବା ଅଭିଶାପ ଦେବାରେ ନ୍ୟାୟ ଅନ୍ୟାୟ ବିଚାରଜ୍ଞାନ ହରାଇ ବସୁଥିଲେ ତା' ନୁହେଁ, ସେ ବହୁ ଷଡ଼ଯନ୍ତ୍ର ସହିତ ମୂଳରୁ ସଂପୃକ୍ତ ମଧ୍ୟ ରହୁଥିଲେ । ଅଥଚ ସେ ଥିଲେ ଜଣେ ଋଷି, ଜଟାଜୁଟଧାରୀ ବ୍ରାହ୍ମଣ ! ଏହି ବ୍ରାହ୍ମଣଂକ ପରି ନୀଳକଣ୍ଠ କାହାର ଆତଙ୍କର କାରଣ ଥିଲେ କି ?

ପୁରାଣ ବର୍ଣ୍ଣିତ ଅମଙ୍ଗଳ ବହନକାରୀ ଦୁର୍ବାସାଙ୍କୁ କେହି କେବେ ଦେଖିନାହିଁ– ତାଂକ ରୂପଗୁଣର ବର୍ଣ୍ଣନା ଯାହା କରାଯାଇଥାଉ ପଛକେ ଗୁଣୀ ନୀଳକଣ୍ଠଙ୍କୁ ତାଂକ ସହିତ ସମାନ କରିବା ଅତ୍ୟନ୍ତ ଅସମୀଚୀନ । ପଣ୍ଡିତ ନୀଳକଣ୍ଠ କୋପୀ ନ ଥିଲେ, ଥିଲେ କ୍ଷଣକୋପୀ । କାହାରି ଅନିଷ୍ଟ ବା ଅମଙ୍ଗଳ ସେ କରୁ ନଥିଲେ । ସେ ଚିନ୍ତା ବି ତାଂକର ନଥିଲା । ଦେଶର ସମସ୍ତଂକର ମଙ୍ଗଳ କରିବା ଥିଲା ତାଂକର ପରମ ଅଭିଳାଷ । ସେହି ବ୍ରତ ପାଳନ କରିବାକୁ ସେ ଛାତ୍ରାବସ୍ଥାରୁ ଭାର୍ଗବୀ ନଦୀ କୂଳରେ ଶପଥ ନେଇଥିଲେ ।

ତାଙ୍କ ନିଜର ଆତ୍ମଜୀବନୀରେ ମଧ୍ୟ ସେ ଏହାର ସୂଚନା ଦେଇ ଲେଖିଛନ୍ତି, "ମୋର କ୍ଷଣକୋପ ଓ ଦଣ୍ଡଦେବା କାଳରେ ନିଷ୍ଠୁରତା ଦେଖି କେତେକ ନବାଗତ ଛାତ୍ର ମତେ ଅତ୍ୟନ୍ତ ଭୟ କରୁଥିଲେ । କିନ୍ତୁ ମୋର ନିବିଡ଼ ପରିଚୟରେ ଆସିଥିବା ଛାତ୍ରମାନେ ମୋର ପରିଶ୍ରମ ଓ ଅଧ୍ୟୟନର ଅଭ୍ୟାସ ଦେଖି ମତେ ଅସାଧାରଣ ମଣିଷ ବୋଲି ଭାବୁଥିଲେ । ମୋ ସମ୍ମୁଖ ରାସ୍ତାରେ ଛାତ୍ରମାନେ ଅତି ବିନୀତ ଓ ଧୀରସ୍ଥିର ଭାବରେ ଅଳ୍ପ ଆନତ ହୋଇ ଚାଲିଯାଉଥିବାର ଦେଖିଲେ ମୁଁ ମନେ ମନେ ବହୁତ ହସେ । " × × × "ମୁଁ ଅତି ଗମ୍ଭୀର ଥିଲି ଓ ପିଲମାନେ କିପରି ଭଲ ପାଠ ପଢ଼ିବେ, ଶୁଣିବାମାତ୍ରେ ଶିଖି ଦେଇ ମନେରଖି ପାରିବେ ଓ ପ୍ରାଂଜଳ ଭାବରେ ଭାବ ବ୍ୟକ୍ତ କରି ପାରିବେ, ସେଥିପାଇଁ ମୁଁ ଅତି ତତ୍ପର ଥିଲି । ଏଥିପାଇଁ ଅନେକ ସମୟରେ ବଡ଼ ଅସହିଷ୍ଣୁ ହେବାକୁ ପଡୁଥିଲା । "

ଏଠି ଗୁରୁ ଧୌମ୍ୟ ଓ ଶିଷ୍ୟ ଉପମନ୍ୟୁଙ୍କ ବିଷୟର ଅବତାରଣା ଅବାନ୍ତର ହେବନାହିଁ । ଗୁରୁ ଧୌମ୍ୟ ଉପମନ୍ୟୁଙ୍କୁ ଦିନ ଦିନ ଧରି ସମସ୍ତ ପ୍ରକାର ଖାଦ୍ୟ ମନା କରିଦେଲେ । ଅବଶେଷରେ ଉପମନ୍ୟୁ ବାଛୁରୀ ମୁହଁର ଫେଣ ଖାଇ ଜୀବନ ଧାରଣ

Digitized by PPRACHIN, SOA

କଲେ । ସେ କଥା ଜାଣି ତାହା ମଧ୍ୟ ନ ଖାଇବାକୁ ଗୁରୁଙ୍କର କଠୋର ଆଦେଶ ହେଲା । ଉପମନ୍ୟୁ ଭୋକର ଜ୍ୱାଳା ସହି ନପାରି ଅରଖ ଗଛର କ୍ଷୀର ଖାଇଲେ । ଅନ୍ଧ ହୋଇ ସେ କୂଅରେ ଗଳି ପଡ଼ିଲେ । ଗୁରୁଙ୍କର ଏ ଯେଉଁ କଠୋରତା ତାହା ଥିଲା ଶିଷ୍ୟ ଚରିତ୍ରରେ ସଂଯମ ଆଣିବା ଲାଗି ଏବଂ ଏହାର ଫଳ ସ୍ୱରୂପ ସେ ଗୁରୁଙ୍କର ଆଶିର୍ବାଦ ଲାଭ କରିଥିଲେ ।

ଏଥିରୁ ସ୍ପଷ୍ଟ ହୁଏ ଯେ ଶିକ୍ଷକର ଛାତ୍ର ପ୍ରତି କଠୋରତା ବା ନିଷ୍ଠୁର ଆଦେଶ ଛାତ୍ରକୁ ସୁମାର୍ଗରେ ପରିଚାଳିତ କରିବା ପାଇଁ ଅଭୀଷ୍ଟ ଓ ତାହା ଗୁରୁଙ୍କର ଶିଷ୍ୟ ପ୍ରତି ଶୁଭାକାଂକ୍ଷାର ଅଭିବ୍ୟକ୍ତି ମାତ୍ର । ପ୍ରତ୍ୟେକ ମନୀଷୀ ଅନ୍ୟର ଭୁଲ୍ ବା ତ୍ରୁଟିପାଇଁ ଅସହିଷ୍ଣୁତା ଓ କଠୋରତା ପ୍ରକାଶ କରିଥାନ୍ତି । ତା' ବୋଲି ସେମାନଙ୍କୁ ଦୁର୍ବାସା କୁହାଯାଉଛି କି ?

ନାଳନ୍ଦାରୂପ ସତ୍ୟବାଦୀ ବନବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଭାବରେ ଦେଶପାଇଁ, ଜାତିପାଇଁ ଉପଯୁକ୍ତ ଭାବେ ମଣିଷ ଗଢ଼ିବା ଥିଲା, ଗୋପବନ୍ଧୁଙ୍କ ପ୍ରେରଣାରେ ନୀଳକଣ୍ଠଙ୍କର ଉଦ୍ଦେଶ୍ୟ ଓ ଦାୟିତ୍ୱ । ତେଣୁ ତାଙ୍କର କଠୋରତା ଥିଲା ଛାତ୍ରଙ୍କ କଲ୍ୟାଣ ପାଇଁ ଏବଂ ନୀଳକଂଠଙ୍କର ସେଇ କଠୋରତା ମଧ୍ୟରେ ଥିଲା ନାରିକେଳର ଭିତର ପରି ସ୍ନେହପ୍ରବଣ ହୃଦୟଟିଏ । ସେଥିରେ ଛାତ୍ରମାନଙ୍କପାଇଁ ଯେଉଁ ବାତ୍ସଲ୍ୟ ମମତା ପୂରି ରହିଥିଲା, ତାହା ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ନୀଳକଂଠ ଛାତ୍ରମାନଙ୍କୁ ନେଇ ଶରତ୍ କାଳରେ ଭାରତଗୌରବ କୋଣାର୍କ ଦେଖାଇବାକୁ ଯାଇଥିଲେ । ସେଦିନ ଥାଏ କୁମାର ପୂର୍ଣ୍ଣିମା । ଦୁର୍ଭାଗ୍ୟକୁ ଘୋର ତୋଫାନ ଓ ଝଡ଼ ବର୍ଷା ହେତୁ ତାଙ୍କର ଉଦ୍ଦେଶ୍ୟ ବିଫଳ ହେଲା ଓ ସେମାନେ ଆଶ୍ରୟ ନେଲେ ରାମଚଣ୍ଡୀ ମନ୍ଦିରରେ । ପିଲାମାନଙ୍କ ଏଇ ଦୁଃଖ ଓ ନୈରାଶ୍ୟକୁ ଅନୁଭବରେ ଆଣି ସେ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି—''ପିଲା-ମାନଙ୍କ ସଙ୍ଗେ ସେଠାରେ ବସିଚି । କୋଣାର୍କର ଅପାସୋର ଛିନ୍ନ ସ୍ମୃତି ମୋତେ ଦୋହଲାଉ ଥାଏ । ପିଲାମାନେ ମା' ଭଉଣୀଙ୍କୁ ଛାଡ଼ି ଆଜି ଦୂରରେ । ଗ୍ରାମରେ ଥିଲେ ଆଜି ଡେଉଁଥାନ୍ତେ, ଖେଳୁଥାନ୍ତେ, କେତେ ମଉଜ କରୁଥାନ୍ତେ ।'' ତାଙ୍କର ସେହି ସ୍ନେହ-କୋମଳ ହୃଦୟର ଭାବ ରୂପ ନେଇଥିଲା, 'ରାମଚଣ୍ଡୀଠାରେ ରାତି' ର କେତେକ ଅଧ୍ୟା-ୟରେ । ସେଥିରୁ ଏଠାରେ ଦୁଇଟି ମାତ୍ର ପଦ ଉଦ୍ଧାର କରଗଲା ।

''ଫାଟି ଯାଉଥିବ ଜାହାଜ ତାଙ୍କ ହୃଦ ସାଗରେ ।
ନିରାଶାରେ ଆଶା-ଚମକେ ଥିବେ ସେ ଦୁଃଖାଗରେ ।

× × × ×

Digitized by PPRACHIN, SOA

ଶୁଅ ଶୁଅ ଧନ, ଆଗମେ ଶୋଇ ଥାଅରେ ଶିଶୁ;
ପଥଶ୍ରମ କରି ଆସିଛ, ଶ୍ରମେ ବିରାମ ମିଶୁ । ''

ଏଥିରେ ଶିକ୍ଷକ ନୀଳକଂଠଂକର କେବଳ ଛାତ୍ରଙ୍କ ପ୍ରତି ମମତା ନୁହେଁ, ସେମାନଙ୍କ ମା' ଭଉଣୀଙ୍କ ପ୍ରାଣର ବେଦନା ଲାଗି ଅଭିଭୂତ ହୋଇ ପଡ଼ିଥିବା ମଧ୍ୟ ସ୍ପଷ୍ଟ ।

## ଜନସେବା

ଯେଉଁ ନୀଳକଂଠ ଛାତ୍ରମାନଂକ ପାଠ ଆହରଣରେ ବିଳମ୍ବ ଦେଖିଲେ ଅସହିଷ୍ଣୁ ହୋଇ ପଡ଼ୁଥିଲେ ବୋଲି ଲେଖି ଯାଇଛନ୍ତି, ସେ ଛାତ୍ର ବା ସେମାନଂକ ପରିବାର ବର୍ଗଙ୍କ ଦୁଃଖରେ ଅଭିଭୂତ ହେବା ବ୍ୟତୀତ ଦେଶର ଦଳିତ, ନିଷ୍ପେସିତ, ଦୀନ, ଦରିଦ୍ର, ରୋଗୀ, ଭୋକୀଙ୍କ ଦୁଃଖ ଦୂର କରିବାରେ ସତତ ବ୍ରତୀ ଥିଲେ । ଦେଶବାସୀଙ୍କୁ ଦୁଃଖ, ଦୈନ୍ୟ ଅଶିକ୍ଷାରୁ ମୁକ୍ତ କରିବା ଥିଲା ତାଙ୍କର ଶପଥ ଓ ଜୀବନର ଲକ୍ଷ୍ୟ । ସେଥିପାଇଁ ରୋଗୀ ସେବା, ଦୁସ୍ଥର ସେବା ଓ ସମାଜ ସେବାରେ ସେ ନିଜକୁ ନିୟୋଜିତ କରିଥିଲେ । ବନ୍ୟା, ଦୁର୍ଭିକ୍ଷ, ହଇଜା ବା ବସନ୍ତ ବେଳେ ପ୍ରପୀଡ଼ିତର ସେବା କରିବାରେ ଛାତ୍ର ଜୀବନରୁ ନୀଳକଂଠ ଥିଲେ ଗୋପବନ୍ଧୁଙ୍କର ପ୍ରଧାନ ସାଥୀ ।

ନୀଳକଂଠଂକ ଆତ୍ମଜୀବନୀରୁ ଜଣାଯାଏ ସତ୍ୟବାଦୀ ସ୍କୁଲର ହେଡ୍‌ମାଷ୍ଟର ଥିବାବେଳେ ସେ ୨୨ଜଣ ହଇଜା ମଲୁଙ୍କର ଚିକିତ୍ସା କରିବା ସଙ୍ଗେ ସଙ୍ଗେ ଘରୁ ନିଜେ ବାର୍ଲି ରାନ୍ଧି ନେଇ ପଥ୍ୟ ଖୁଆଇ ସେମାନଂକର ସେବା କରିଥିଲେ । ନୀଳକଂଠଂକୁ ଦେଖି କିଂବା କଂଠ ଆସିଲାଣି ଶୁଣି ମଧ୍ୟ ରୋଗୀଙ୍କ ମନର ଦମ୍ଭ ଫେରି ଆସୁଥିଲା ଓ ସେମାନେ ଆଶ୍ଚର୍ଯ୍ୟଜନକ ଭାବେ ରୋଗ ମୁକ୍ତ ହେଉଥିଲେ ।

୧୯୨୧ରେ ସମ୍ବଲପୁରରେ ଅସହଯୋଗ ଆନ୍ଦୋଳନରେ ଲିପ୍ତ ଥାଇ ମଧ୍ୟ ଆବଶ୍ୟକ ବେଳେ ନୀଳକଂଠ ରୋଗୀ ସେବା କାର୍ଯ୍ୟ ପଛକୁ ପକାଉ ଦେଇ ନଥିଲେ । ସେଠାରେ ହଇଜା, ବସନ୍ତ ପ୍ରଭୃତି ମହାମାରୀକୁ ସେତେବେଳେ ଲୋକେ ଭୀଷଣ ଭୟ କରୁଥିଲେ । କାହାର ହଇଜା ହେବା ଶୁଣିଲେ ଘର ପାଖ ଆଖ ଛାଡ଼ି ପଳାଉଥିଲେ । ରୋଗୀକୁ ପାଣି ମୁନ୍ଦାଏ ମଧ୍ୟ ଦେବାକୁ କେହି ରହୁ ନଥିଲେ । ବେଳେ ବେଳେ ଗୋରୁରେ ଦଉଡ଼ି ବାନ୍ଧି ମଲୁଙ୍କୁ ନେଇଥିଲେ ବାନ୍ଧି ଛାଡ଼ି ଦେଉଥିଲେ । ମଲୁ ଘୋଷାରି ଘୋଷାରି ହୋଇ ବାଟରେ ମରି ଗାଁ ବାହାରକୁ ଗଳି ଯାଉଥିଲା । ନୀଳକଂଠ ଲେଖିଛନ୍ତି– ''ଶୁଣିଲି ମଫସଲର ବଡ଼ଗାଁ ମାନପୁରରେ ହଇଜା ଲାଗିଛି । ସ୍କୁଲ ପିଲାଙ୍କୁ ସାଙ୍ଗରେ ଧରି ମୁଁ ହୋମିଓପାଥି ବାକ୍ସ, ଫିନାଇଲ୍, ପଟାସପରମାଙ୍ଗାନେଟ୍ କିଛି ଧରି ସେ ଗାଁକୁ ଗଲିଲି । ଲୋକେ ତଟସ୍ଥ । × × × । ମୁଁ ଯାଇ ରୋଗୀମାନଙ୍କୁ ଘରେ ଦେଖି ସବୁ ପରିଷ୍କାର କରି, ଧୂପ ଦେଇ, ରୋଗୀମାନଙ୍କୁ ପାଣି ଦେଲି ତାଙ୍କ କଲି । ''

Digitized by PPRACHIN, SOA

୧୯୧୯–୨୦ ରେ ପୁରୀଜିଲ୍ଲାର ଭୟଙ୍କର ଦୁର୍ଭିକ୍ଷ ଲୋକଙ୍କରେ ଅବିଦିତ ନୁହେଁ । ନୀଳକଣ୍ଠ ସେଠାରେ ୨ମାସ ରହି ଦୁର୍ଭିକ୍ଷ ପ୍ରପୀଡ଼ିତ ଦୁସ୍ଥ ଲୋକଙ୍କର ସେବାରେ ଅହରହ ଲାଗିଥିଲେ । ସେ ଲେଖିଛନ୍ତି– "ଏ ଅନାହାର ମୃତ୍ୟୁ ମୁଁ ଯାହା ଦେଖିଚି, ତା' ଆଉ ଭୁଲି ପାରିବି ନାଇ । ଦୋଳ ପୂର୍ଣ୍ଣମୀ ଦିନ ରାତିରେ ମୁଁ ପିଲାମାନଙ୍କୁ ମୁଢ଼ି ବାଣ୍ଟୁଥାଏ । ହଠାତ୍ ଗହଳି ଭିତରୁ ଜଣେ ବାଳିକାକୁ ଧରି ଉଠାଇ କହିଲି, " ତୁ ବୁଢ଼ୀଟାଏ, ଏଥିରେ କାହିଁକି ବସିଚୁ ? ତୁ ଉଠିଯା । " ସେ ମୋ ଆଡ଼କୁ କାନ୍ଦି କାନ୍ଦି ଗ୍ଲାହିଁଲା । ଅଳ୍ପ କଅଁଳିଆ ଚନ୍ଦ୍ର ଆଲୁଅ । ସେଥିରେ ମୁଁ ଦେଖିପାରୁ ନଥାଏ । ଗ୍ରାମବାସୀମାନେ ହଠାତ୍ କହିଲେ– "ସେ ତ ପିଲଟାଏ, ଆପଣ ତାକୁ ବାହାର କରି ଦେଉଚନ୍ତି କାହିଁକି ? ସେଠାରୁ ମତେ ଦେଖି କାନ୍ଦ ମାଡ଼ିଲା । ଜାଣିଲି ସେ ଏକ ନବୀନା ତରୁଣୀ । ହେଲେହେଁ, ସେ ଏକ ଛୋଟ ବାଳିକା ପରି ଦେଖାଯାଉଚି । "

'ନୀଳକଣ୍ଠଙ୍କ ପରି ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ପର–ଦୁଃଖରେ କିପରି ବିହ୍ୱଳିତ ହୋଇ ପଡୁଥିଲେ, ଏଥିରୁ ତାହା ସ୍ପଷ୍ଟ । ଦୁର୍ଗତଙ୍କର ସେବା କରିବା ଓ ପରଦୁଃଖରେ ଏପରି ବିହ୍ୱଳିତ ହୋଇ ପଡ଼ିବା, ଦୁର୍ବାସାଙ୍କର ଥିଲା କି ?

## ନିଜର ଦୁଃଖ, ବିପଦକୁ ଗୌଣଜ୍ଞାନ ଦେବା :

୧୯୨୧ ରେ ସମ୍ବଲପୁରରେ ପଣ୍ଡିତ ନୀଳକଣ୍ଠ ଅସହଯୋଗ ଆନ୍ଦୋଳନ ଚଳାଉଥାନ୍ତି । ନଇବାଲିରେ ଏକ ବିରାଟ ସାଧାରଣ ସଭାରେ ଭାଷଣ ଦେବା ମଝିରେହିଁ ନୀଳକଣ୍ଠ ତାଙ୍କର ପ୍ରଥମ କନ୍ୟା 'ଭାରତୀ'ର ମୃତ୍ୟୁ ଖବର ପାଇଲେ । ଖବର ଦେବା ବ୍ୟକ୍ତିଙ୍କୁ 'ହଉ' କହି ପୁଣି ଭାଷଣ ଦେବାରେ ଲାଗିଲେ ।

୧୯୨୩ ରେ ପୁରୀରୁ ହଜାରିବାଗ ଜେଲକୁ ଯିବା ବେଳେ ସତ୍ୟବାଦୀ ଷ୍ଟେସନରେ ଆଚାର୍ଯ୍ୟ ହରିହର ନୀଳକଣ୍ଠଙ୍କୁ ତାଙ୍କ ଦ୍ୱିତୀୟ କନ୍ୟା 'ବାସନ୍ତୀ'ଟିର ମୃତ୍ୟୁ ଖବର ଦେଲେ । ତାଙ୍କର ପ୍ରଶ୍ନ ହେଲା– "ସବୁ ଚିକିତ୍ସା ହୋଇଥିଲା ତ ?" × × × । "ହଉ, ଆଉ କଣ କରେ । " ଏତିକିରେ ତାଙ୍କ ଗହଣରେ ଥିବା ପୋଲିସ କର୍ମଚାରୀଙ୍କ ସଙ୍ଗେ କଥାବାର୍ତ୍ତାରେ ମନୋନିବେଶ କଲେ । ଘର ବା ପରିବାର ବିଷୟରେ ସେ କୌଣସି ପ୍ରଶ୍ନ କରି ନଥିଲେ । ଅଥଚ ଘରେ ତାଙ୍କ ସ୍ତ୍ରୀ ୨ବର୍ଷ ବ୍ୟବଧାନରେ ଦୁଇଟି କନ୍ୟା ହରାଇ 'ବାସନ୍ତୀ'ର ମୃତ୍ୟୁ ବେଳୁ ଦାନ୍ଦକିଆ ଶେଷ ପର୍ଯ୍ୟନ୍ତ ଜ୍ଞାନ ହରାଇ ପଡ଼ିଥିଲେ । ନୀଳକଣ୍ଠଙ୍କର ଏପରି ବ୍ୟବହାରରେ ପୋଲିସ କର୍ମଚାରୀମାନେ ଆଶ୍ଚର୍ଯ୍ୟ ହୋଇ କହିଥିଲେ, "ଆପଣ ମଣିଷ ନା ଦେବତା " ସେମାନେ ତାଙ୍କଠାରେ ରକ୍ଷିତ୍

Digitized by PPRACHIN, SOA

ଆରୋପ ନ କରି ଦେବତ୍ୱ ଆରୋପ କରିଥିଲେ । ଏଠି ନୀଳକଣ୍ଠ ଦେଶର ସ୍ୱାର୍ଥ-ନିକଟରେ ନିଜର ଦୁଃଖକୁ ଅତି ଗୌଣ ବୋଲି ମନେ କରିଥିଲେ । ଏ ନୀଳକଣ୍ଠଙ୍କୁ ଦୁର୍ବାସା ଆଖ୍ୟା ଦିଆଯାଇ ପାରେ କି ?

## ଅତିଥି ପରାୟଣତା ଓ ଶତ୍ରୁପ୍ରତି ଉଦାରତା :

ଯେ କେହି ଅତିଥି ଧନୀ ବା ଗରିବ ବନ୍ଧୁ ହୁଅନ୍ତୁ ପଛକେ ତାଙ୍କୁ ପାଖରେ ବସାଇ ଖୁଆଇବାରେ ନୀଳକଣ୍ଠଙ୍କର ହେଉଥିଲା ଅସୀମ ଆନନ୍ଦ । ଅତିଥିପ୍ରତି ଆଦର ଓ ଶତ୍ରୁପ୍ରତି ଉଦାରତା ଥିଲା ନୀଳକଣ୍ଠଙ୍କର ଗୋଟିଏ ବଡ଼ ଗୁଣ । ଗୋଟିଏ ଦୃଷ୍ଟାନ୍ତରୁ ତାହା ସ୍ପଷ୍ଟ ହୋଇ ପାରିବ ।

କୌଣସି ସାଂସ୍କୃତିକ ଅନୁଷ୍ଠାନରେ ସଭପତି ହେବାପାଇଁ ଶ୍ରୀ କ୍ଷୀରୋଦ ଚନ୍ଦ୍ର ବର୍ମନ୍ ନୀଳକଣ୍ଠଙ୍କୁ ଡ଼ାକି ଆସିଥାନ୍ତି 'ନବଭାରତ' ପ୍ରେସକୁ । ରାତି ପ୍ରାୟ ଆଠଟା । ଭୋର ୫ଟାରେ ଯିବାକୁ ହେବ । ସେ ଖାଇ ଆସିଥିବା ସତ୍ତ୍ୱେ ତାଙ୍କ ଖାଇବା ବିଷୟ ବୁଝି ବାଧ୍ୟ କରି ତାଂକୁ ଆଉ କିଛି ଖୁଆଇଲେ ଓ ସେଇ ଘରେ ଶୋଇବ କୁ କହିଲେ । କ୍ଷୀରୋଦ ବାବୁ ଲେଖିଛନ୍ତି,– " ସେ ଡ଼ିସେମ୍ବର ରାତିଟି ମୋ ଜୀବନରେ ପୁଣ୍ୟାହ ! ସେ ଶୋଇଲେ ଖଟ ଉପରେ । ମୁଁ ତଳେ ବିଛଣା ପକାଇଲି । × × × । ମୋର ପତଳା ଆଲୁଆନ ଭିତରେ ଶୀତଗୁଡ଼ାକ ପଶିଯିବାର ଉଦ୍ୟମ କରୁଥାନ୍ତି । ମୁଁ ଚିଙ୍ଗୁଡ଼ି ମାଛ ଭଳି ମୋଡ଼ି ହୋଇ ଶୋଇ ପଡ଼ିଲି । ଅଧରାତିରେ ନିଦ ଭାଙ୍ଗିଗଲା । ଉଠି ଦେଖିଲି, ମୋ ଉପରେ ଖଣ୍ଡିଏ କମ୍ବଳ ଘୋଡ଼ା ହୋଇଛି । ମୋର ଶୀତକୋଚରତାକୁ କିଏ ଅନୁଭବ କଲା– କିଏ କମ୍ବଳ ଘୋଡ଼େଇଲା ? "

ନୀଳକଣ୍ଠ ରାଜନୀତିରେ ବହୁ ନିର୍ଯାତନା ସହିଚନ୍ତି– ରାଜନୀତିକ ପ୍ରତିଦ୍ୱନ୍ଦ୍ୱୀ ଶତ୍ରୁଙ୍କ ପ୍ରତି ମଧ୍ୟ ନୀଳକଣ୍ଠ କିପରି ଉଦାର ହୃଦୟ ଥିଲେ ତାର ଉଦାହରଣ ଏଠାରେ ଦେବା ଅବାନ୍ତର ହେବ ନାଇ ।

ଉଦୁଉଦିଆ ଖରବେଳେ ଜଣେ ଚିହ୍ନାଜଣା ରାଜନୈତିକ ନେତା ତାଙ୍କପାଖକୁ କିଛି ଟଙ୍କା ଧାର ମାଗିବା ପାଇଁ ଆସିଲେ । ସେ ବ୍ୟକ୍ତି ଅଳ୍ପଦିନ ଆଗରୁ ନୀଳକଣ୍ଠଙ୍କୁ ରାଜନୀତି କ୍ଷେତ୍ରରେ ଶତ୍ରୁତା କରି ବହୁ ଅପମାନ ଓ ଅପଦସ୍ଥ କରିଥିଲେ । ସେତେ-ବେଳେ ପଣ୍ଡିତ ନୀଳକଣ୍ଠଙ୍କର ବ୍ୟାଙ୍କରେ ମାତ୍ର ୩୧୦ କି ୩୧୫ ଟଙ୍କା ଥାଏ । ସେଥିରୁ ୩୦୦ ଟଙ୍କାର ଗୋଟିଏ ଚେକ୍ କାଟି ସେ ସଙ୍ଗେ ସଙ୍ଗେ ସେହି ଭଦ୍ରବ୍ୟକ୍ତିଙ୍କୁ ବଢାଇ ଦେଲେ । ତାହା ଦେଖି ତାଙ୍କ ପାଖେ ଥିବା ଏକର ଆଡ଼ଭୋକେଟ ଶ୍ରୀ ଯଦୁମଣି ଦାଶ ବଡ଼ ବିରକ୍ତ ହୋଇ ପ୍ରେସ ଲୋକଙ୍କୁ କିପରି ମଜୁରି ଦିଆହେବ ଓ ବଜାର

Digitized by PPRACHIN, SOA

ସଉଦା ହେବ ବୋଲି ପଚାରିଲେ । ପଣ୍ଡିତ ନୀଳକଣ୍ଠ ତାଙ୍କ ପାଖରେ ଥିବା ମାତ୍ର ୧୦ ଟି ଟଙ୍କା କାଢ଼ି ତାଙ୍କୁ ଦେଇ କହିଲେ- "ନିଅ, ଆପାତତଃ ଏଥିରେ କାମ ଚଳାଅ; ପରେ ଦେଖିବା ।" ଯଦୁମଣି ବାବୁ ଲେଖିଚନ୍ତି- "ମୁଁ କହିଲି, ନିର୍ବିଚାର ଦାନ ଭଲ ନୁହେଁ । କାରଣ, ଆଉଲୋକଙ୍କର ନୀଳକଣ୍ଠଙ୍କ ସହ ବିରୋଧ କଥା ମୁଁ ଜାଣିଥିଲି ଓ ସେ କଥା କହିଲି ମଧ୍ୟ । ସେ ସାମାନ୍ୟ ହସି କହିଲେ, "ତାର ସେପରି ଅସୁବିଧା ପଡ଼ି ନ ଥିଲେ, ସେ ଏଇ ମୁଣ୍ଡଫଟା ଖରାରେ ମୋ ପାଖକୁ ଆସି ନ ଥାନ୍ତା । ମୋ ବିରୋଧରେ ତାର କାର୍ଯ୍ୟ ଓ ପ୍ରଚାର କଥା ଯାହା ତୁମେ କହୁଚ, ସେ ସବୁ କରି ଓ ମୁଁ ସେ ସବୁକୁ ଜାଣେ ବୋଲି ଜାଣି ମଧ୍ୟ, ମୁଁ ଯେ ତାକୁ ନିଶ୍ଚୟ ସାହାଯ୍ୟ କରିବି, ଏହା ଭାବି ସେ ଆସିଚି । ସେ ମୋ ଉଦାରତା ଉପରେ ଆସ୍ଥା ରଖିଥିବା ବେଳେ ତୁମେ ମତେ କହୁଚ, ମୁଁ ତାକୁ ଜଣାନ୍ତି ଯେ ସାଧାରଣ ନୀଚତା ମୋଠାରେ ଅଛି ? ଇଏତ ଭଲ ପରାମର୍ଶ ନୁହେଁ । ଏହା ବାଇବେଲ୍‌ର ସଏତାନର ପରାମର୍ଶ ।" ଯଦୁମଣି ବାବୁ ପୁଣି ଲେଖିଚନ୍ତି- ମୁଁ କହିଲି, ଝୁଣିବାର ଉଦାରତା ଥିଲେ ହେଲା ।" ସେ ସାଙ୍ଗେ ସାଙ୍ଗେ କହିଲେ- "ମୁଁ ଜାଣେ, ସେ ମୋଠାରୁ ଧାର ନେଇଥିବା ବିଷୟ ଯଥା ଶୀଘ୍ର ପାସୋରି ଦେବାକୁ ଚେଷ୍ଟା କରିବ । ଝୁଣିବାତ ଦୂରର କଥା ।"

ଏହାହିଁ ଥିଲା ପଣ୍ଡିତ ନୀଳକଣ୍ଠଙ୍କ ଚରିତ୍ରର ଆଦର୍ଶ । ଶତ୍ରୁପ୍ରତି ଅସମୟରେ ସହାନୁଭୂତି ଓ ଉଦାରତା ଦେଖାଇବା ଥିଲା ତାଙ୍କର ମାନବିକତା । ଏହିପରି ବହୁ ସଦ୍‌ଗୁଣର ଅଧିକାରୀ ପଣ୍ଡିତ ନୀଳକଣ୍ଠଙ୍କର ରାଗକୁ ଏକ ଦୋଷ ବୋଲି ଚିତ୍ରଣ କରି ଦୁର୍ବାସାଙ୍କ ସହ ତାଙ୍କର ତୁଳନା କରିବା ବ୍ୟକ୍ତିମାନେ ଭୁଲିଯିବା ଉଚିତ ନୁହେଁ ଯେ ସେପରି ଦୋଷ ଅନେକଙ୍କର ଥିଲା । ଏପରି କି ପଣ୍ଡିତ ଜହରଲାଲ ନେହେରୁ ମଧ୍ୟ ଅତ୍ୟନ୍ତ କୋପୀ ଥିଲେ । ବଶିଷ୍ଠ ବିଶ୍ୱାମିତ୍ରଙ୍କ ପରି ସଦାଚାରୀ ଋଷିଙ୍କର କୋପ ବିଷୟରେ ମଧ୍ୟ ପୁରାଣରେ ବହୁତ ବର୍ଣ୍ଣନା ଅଛି । ସେ ସବୁର ଆଲୋଚନା ଏଠାରେ ନିଷ୍ପ୍ରୟୋଜନ ।

ତାଙ୍କର ସହକର୍ମୀ ଓ ବନ୍ଧୁ ପଣ୍ଡିତ ଗୋଦାବରୀଶ ତାଙ୍କ ସହିତରେ ବହୁ ଦିନ କଟାଇଛନ୍ତି । ଦୁହିଁଙ୍କର ଘନିଷ୍ଠତା ଓ ମତାନ୍ତର ବହୁତ ହୋଇଛି । ନୀଳକଣ୍ଠଙ୍କ ସମ୍ବନ୍ଧରେ ଗୋଦାବରୀଶଙ୍କ ବକ୍ତବ୍ୟ ନିଶ୍ଚୟ ପ୍ରଣିଧାନ ଯୋଗ୍ୟ । ସେ ଲେଖିଛନ୍ତି, "ଶ୍ରେୟ ଓ ପ୍ରେୟ ମଧ୍ୟରୁ ତାଙ୍କର ଆଦର୍ଶ ଥିଲା ଶ୍ରେୟ ।" କୌଣସି ଅପାଟକ ମିଥ୍ୟା ବା ମିଥ୍ୟାଚାର ଦେଖିଲେ ସେ ଅସହିଷ୍ଣୁ ହୋଇ ପଡୁଥିଲେ । ଭକ୍ତିକମିଥ୍ୟା ଓ ଗୌଡ଼ୀୟ ବୈଷ୍ଣବଙ୍କ ସହଜିଆ ଧର୍ମକୁ ସେ ଦୃଢ଼ ଭାବରେ ବିରୋଧ କରୁଥିଲେ ।

Digitized by PPRACHIN, SOA

କାରଣ, ସେ ଉପଲବ୍ଧି କରୁଥିଲେ ତଦ୍ଦ୍ୱାରା ସମାଜ ଘୋର ନୀତିବିରୋଧ କାର୍ଯ୍ୟରେ ବୁଡ଼ି ଯାଉଛି । ସେହିପରି ସେ ରାଧାନାଥଙ୍କ ସାହିତ୍ୟରେ ପ୍ରକୃତି ଚିତ୍ରଣର ଭୂୟସୀ ପ୍ରଶଂସା କରିଥିଲେହେଁ କଳଙ୍କିତ ଚରିତ୍ର ଚିତ୍ରଣକୁ ଘୋର ସମାଲୋଚନା କରିଚନ୍ତି । ତାଙ୍କ ପରି ମନୀଷୀ ଜାତୀୟ ଓ ଭାରତୀୟ ସଂସ୍କୃତି ଓ ପରଂପରା ଉପରେ ଆଘାତକୁ ସହଜରେ ସହ୍ୟ କରି ପାରୁ ନଥିଲେ । ଏଥିଲାଗି ବହୁ ସମାଲୋଚକ କହନ୍ତି, ତା' ନକରିଥିଲେ ଜାତୀୟ ସଂସ୍କୃତିର ଜଣେ ଜାଗ୍ରତ ପ୍ରହରି ସ୍ୱରୂପ ନୀଳକଂଠ ଜନ-ସମାଜରେ ପ୍ରତିଭାତ ହୋଇ ନଥାନ୍ତେ ।

ପଣ୍ଡିତ ନୀଳକଂଠଂଙ୍କ ବ୍ୟକ୍ତିତ୍ୱପାଖରେ ଲୋକେ ଶଙ୍କି ଯାଉଥିଲେ । ତେଣୁ ମନେହୁଏ, ତାଙ୍କ ବଳିଷ୍ଠ ଯୁକ୍ତିଆଗରେ ତିଷ୍ଠି ନପାରି କେହି କେହି ତାଙ୍କୁ ଦୁର୍ବାସା କହି ଅପପ୍ରଚାର କରିବାକୁ ଚେଷ୍ଟା କଲେ ।

ଏବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ 'ନୀଳକଂଠ ସ୍ମାରକୀ ବକ୍ତୃତାମାଳା'ରେ ଭାଷଣ ଦେଇ ଓଡ଼ିଶାର ବିଶିଷ୍ଟ ଗବେଷକ ଡ଼ଃ. ସତ୍ୟନାରାୟଣ ରାଜଗୁରୁ କହିଛନ୍ତି, "ସତ୍ୟବାଦୀ ବିଦ୍ୟାଳୟର ସୁନାମ ସର୍ବତ୍ର ପ୍ରଚରିତ ହେଲା । ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ ପ୍ରତିଷ୍ଠିତ 'ଗୁରୁକୁଳ'ପରି ଗୁରୁ–ଛାତ୍ରଙ୍କ ମଧ୍ୟରେ ଭକ୍ତି, ସ୍ନେହ–ସୌହାର୍ଦ୍ଦ୍ୟର ପ୍ରତିଷ୍ଠା ହେତୁ ଶିକ୍ଷା ପଦ୍ଧତିର କଠୋର ନିୟମରେ କୌଣସି ବ୍ୟତିକ୍ରମ ଦେଖାଗଲା ନାହିଁ । ଏ ସମସ୍ତ କୃତୀ ପଣ୍ଡିତ ନୀଳକଂଠଂଙ୍କ ବ୍ୟକ୍ତିତ୍ୱ, ଆଗ୍ରହ ଓ କର୍ତ୍ତବ୍ୟନିଷ୍ଠାର ପରିଣାମ । ସେ ଥିଲେ ଭୀଷ୍ମଙ୍କ ପରି ଦୃଢ଼ପ୍ରତିଜ୍ଞ ଓ ବିଶ୍ୱାମିତ୍ରଙ୍କ ପରି ସଂଯତ ଓ କଠୋର କର୍ମନିଷ୍ଠ ।"

ମନେପଡ଼େ, ୧୯୮୨ରେ ରବୀନ୍ଦ୍ର ମଣ୍ଡପଠାରେ ପଣ୍ଡିତ ନୀଳକଂଠଂଙ୍କ ଜୟନ୍ତୀ ସଭାରେ ଅଧ୍ୟାପକ ଡ଼ଃ ଚନ୍ଦ୍ରଶେଖର ରଥ ଭାଷଣ ଦେଇ କହିଥିଲେ "ମୋ ପୂର୍ବର ବକ୍ତା ନୀଳକଂଠଂକୁ ଦୁର୍ବାସା ବୋଲି ଉଲ୍ଲେଖ କଲେ–କିନ୍ତୁ ମତେ ଲାଗେ ତାଙ୍କର ସେ ଭବ୍ୟମୂର୍ତ୍ତିରେ ହୁଏତ କିଛିକିଛି ଦେବ, କିଛି ଟଲଷ୍ଟୟ, କିଛି ପ୍ଲାଟୋ ମିଶିଯାନ୍ତି । ସେ ହେଉଛନ୍ତି 'ଜାତିର ବଶିଷ୍ଠ' । ଶୁଦ୍ଧପୂତ, ସଦାଚାରୀ, ପଣ୍ଡିତ, ଦିବ୍ୟ ଦୃଷ୍ଟିସଂପନ୍ନ, ନିର୍ଭୀକ ଜଣେ ବ୍ରାହ୍ମଣ ।

ମନେହୁଏ, ଉପରୋକ୍ତ ମତ ଦ୍ୱୟହିଁ ଅସୀମ ଜ୍ଞାନ, ପାଣ୍ଡିତ୍ୟ, ପ୍ରଜ୍ଞା, ଧୀଶକ୍ତି, ଧୁରୀଣତା, ଦୂରଦୃଷ୍ଟି ଓ ସର୍ବୋପରି ବିରାଟ ବ୍ୟକ୍ତିତ୍ୱର ଅଧିକାରୀ ପଣ୍ଡିତ ନୀଳକଂଠଂଙ୍କର ପ୍ରକୃତ ମୂଲ୍ୟାୟନ ।

●

Digitized by PPRACHIN, SOA

# ଶିକ୍ଷାୟତନରେ ଗ୍ରନ୍ଥାଗାର, ଆନ୍ଦୋଳନ ଓ ପଣ୍ଡିତ ନୀଳକଣ୍ଠ ମହାବିଦ୍ୟାଳୟ

ଅଧ୍ୟାପକ ଶକ୍ତିକାନ୍ତ ମିଶ୍ର

(ପଣ୍ଡିତ ନୀଳକଣ୍ଠ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ମହାବିଦ୍ୟାଳୟ-ଭୁବନେଶ୍ୱର)

ଏ ଦେଶରେ ୧୯୨୪ ମସିହା ପୂର୍ବରୁ କୌଣସି ବିଜ୍ଞାନ–ସମ୍ମତ ପନ୍ଥାରେ ଗ୍ରନ୍ଥାଗାରର ପରିଗ୍ରହଣ ଆରମ୍ଭ ହୋଇ ନ ଥିଲା । ଡ଼ଃ ଏସ୍. ଆର. ରଙ୍ଗନାଥନ୍ ଗ୍ରନ୍ଥାଗାର ବିଜ୍ଞାନର ଜନକ ରୂପେ ନାନା ଅନୁଶୀଳନ ପରେ ଗ୍ରନ୍ଥାଗାରମାନ କିପରି ଭାବରେ ଦେଶରେ ଜ୍ଞାନ ପ୍ରସାରର ଉପଯୁକ୍ତ ମାଧ୍ୟମ ହୋଇ ପାରିବ, ସେ ବିଷୟରେ ୫ଟି ସୂତ୍ର ବାହାର କଲେ । ତାହାହିଁ ଏବେ ଗ୍ରନ୍ଥାଗାର ପରିଗ୍ରହଣାର ସର୍ବଶ୍ରେଷ୍ଠ ଉପାୟ ବୋଲି ବିବେଚିତ ହେଉଛି । ଯେଉଁଗୁଡ଼ିକ ହେଲା–

୧– Books are for use- ପୁସ୍ତକ ଗୁଡ଼ିକ ବ୍ୟବହାର ପାଇଁ ।

୨– Every Reader- his or her Book- ପ୍ରତ୍ୟେକ ପାଠକ ଓ ତାର ପୁସ୍ତକ ।

୩– Every Book and it's Readers- ପ୍ରତ୍ୟେକ ପୁସ୍ତକ ଓ ତାହାର ପାଠକମାନେ ।

୪– Save the time of Reader- ପାଠକର ସମୟ ବଞ୍ଚାଅ ।

୫– Library is a growing organism- ଗ୍ରନ୍ଥାଗାର ଏକ କ୍ରମ-ବର୍ଦ୍ଧିଷ୍ଣୁ ସଂସ୍ଥା (ଜୀବପରି)

ପଣ୍ଡିତ ନୀଳକଣ୍ଠ ୧୯୧୧ ମସିହାରେ କଲିକତାରୁ ଏମ୍. ଏ. ପାସ କରି ଆସି ସତ୍ୟବାଦୀ ସ୍କୁଲରେ ଯୋଗଦେଲେ । ତା' ପରେ ପରେ ୧୯୧୨ ମସିହାରେ ଏହାକୁ ହାଇସ୍କୁଲରେ ପରିଣତ କରଗଲା । ସତ୍ୟବାଦୀ ସ୍କୁଲର ଉଦ୍ଭବ ହେଉଛି ଶ୍ରୀରାମଚନ୍ଦ୍ରପୁରରେ ଥିବା ମିଡ଼ିଲ୍ ଭର୍ଣ୍ଣାକ୍ୟୁଲର ସ୍କୁଲର ଆସବାବପତ୍ର ବେଞ୍ଚ ଚଉକୀ, ଦୁଆତ, କଲମଠାରୁ ଆରମ୍ଭ କରି ପେନ୍‌ସିଲ୍ କଟାଛୁରୀ ଏପରିକି ଲାଇବ୍ରେରୀ ଓ ଶିକ୍ଷକ

Digitized by PPRACHIN, SOA

ମାନଙ୍କ ପର୍ଯନ୍ତ । ସମସ୍ତ ସାମଗ୍ରୀର ଲାଇବ୍ରେରୀଟିକୁ ପୁରୀ ସଂସ୍କୃତ ମହାବିଦ୍ୟାଳୟର ପ୍ରତିଷ୍ଠାତା ଶ୍ରୀରାମଚନ୍ଦ୍ରପୁରର ପଣ୍ଡିତ ହରିହର ଦାସଙ୍କ ସ୍ମୃତି ପୂର୍ତ୍ତି ବିଦ୍ୟାଳୟଟିର ସଂକେତ ସ୍ୱରୂପ 'ହରିହର ଲାଇବ୍ରେରୀ' ନାମକରଣ କରାଯାଇଥିଲା । ନୀଳକଂଠଙ୍କ ବ୍ୟକ୍ତିଗତ ପୁସ୍ତକଗୁଡ଼ିକ ମିଶି ଏଥିରେ ସେ ସମୟରେ ପ୍ରାୟ ଟ ୫୦୦୦ ଙ୍କା ମୂଲ୍ୟର ପୁସ୍ତକ ରଖା ଯାଇଥିଲା ।

ଇନ୍‌ସ୍‌ପେକ୍‌ଟର ଡ଼ିଉକ୍ ସାହେବଙ୍କ ପରିଦର୍ଶନରୁ ଜଣାଯାଏ ୧୯୧୫ ମସିହା ବେଳକୁ ଏହି ଲାଇବ୍ରେରୀରେ ୧୪୨୫ ଖଣ୍ଡ ବହି, ୧୬ଟି ମ୍ୟାପ୍ ଓ ୩ଟି ଗ୍ଲୋବ ଥିଲା ଏବଂ ମାସକୁ ପ୍ରାୟ ୪୦ ଖଣ୍ଡି ନୂଆ ବହି ଆସୁଥିଲା ।

ପଣ୍ଡିତ ନୀଳକଣ୍ଠ ଉଲ୍ଲେଖ କରିଛନ୍ତି– " ପିଲାମାନେ କିପରି ଭଲ ପାଠ ପଢ଼ିବେ, ଶୁଣିଲା ମାତ୍ରକେ ଗିଳି ପକାଇ ମନେ ରଖି ପାରିବେ ଓ ପ୍ରାଂଜଳ ଭାବରେ ଭାବ ବ୍ୟକ୍ତ କରି ପାରିବେ, ସେଥିପାଇଁ ମୁଁ ଅତି ତତ୍ପର ଥିଲି । × × × ପାଠ–ପଢ଼ାରେ ପିଲାମାନଙ୍କର ଅତ୍ୟନ୍ତ ଆଗ୍ରହ ଦେଖି ମୁଁ କ୍ଲାସ ଲାଇବ୍ରେରୀର ବ୍ୟବସ୍ଥା କରି ଦେଲି । " ପ୍ରତ୍ୟେକ ଶ୍ରେଣୀର ଉପଯୋଗୀ ପୁସ୍ତକଗୁଡ଼ିକ ପ୍ରତି ଶ୍ରେଣୀ ଗୃହରେ ଗୋଟିଏ ଗୋଟିଏ ଛୋଟ ଆଲମାରୀରେ ରଖାଯାଇଥିଲା । ବ୍ୟବସ୍ଥା କରାହେଲା ଯେ ପ୍ରତି କ୍ଲାସର ଶିକ୍ଷକମାନେ ଛାତ୍ରର ମାନସିକ ରୁଚି ଓ ବିଷୟ ଗ୍ରହଣ କରିବାର କ୍ଷମତା ଜାଣି ତାକୁ ତା' ଉପଯୋଗୀ ପୁସ୍ତକ ଦେବେ ଏବଂ ସେ ବହି ପଢ଼ି "ଫେରାଇ ଦେଲେ ତା' ଠାରୁ ପାଠ ଆଦାୟ କରିବେ । " ଏଥିପାଇଁ ଛାତ୍ରମାନେ ଗ୍ରନ୍ଥାଗାର ନିମନ୍ତେ ଗୋଟିଏ ଲେଖାଏଁ ନୋଟ୍‌ଖାତା ରଖୁଥିଲେ ଏବଂ ପଠିତ ପୁସ୍ତକର ସାରାଂଶ ସେଥିରେ ଲେଖି ରଖୁଥିଲେ । ଏ ପଦ୍ଧତିରେ ଛାତ୍ରମାନଙ୍କୁ ଶୃଂଖଳିତ ଭାବରେ ଜ୍ଞାନ–ଆହରଣର ପନ୍ଥା ପ୍ରଦର୍ଶନ କରା ଯାଉଥିଲା ।

ଏହି ବ୍ୟବସ୍ଥା ଦେଖି ଓଡ଼ିଶାର ତତ୍କାଳୀନ ଶିକ୍ଷା ବିଭାଗର ଇନ୍‌ସ୍‌ପେକ୍‌ଟର ମିଷ୍ଟର ମ୍ୟାକୋଂବି ସାହେବ ଅତ୍ୟନ୍ତ ପ୍ରୀତ ହୋଇଥିଲେ ଏବଂ ଓଡ଼ିଶାର ଅନ୍ୟାନ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକମାନଙ୍କୁ ଏହି ପ୍ରଥା ପ୍ରଚଳନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ୧୯୧୭ ମସିହାରେ ବିହାର–ଓଡ଼ିଶାର ସ୍କୁଲ ବିଭାଗର ଡ଼ିରେକ୍‌ଟର ଡ଼େନିଂଗ୍ ସାହେବ ମଧ୍ୟ ସାରା ବିହାର ଓଡ଼ିଶାରେ ଏ ପ୍ରଥାର ପ୍ରଚଳନପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଯେଉଁ ୫ଟି ସୂତ୍ର ଏ ଦେଶରେ ଗ୍ରନ୍ଥାଗାର ପରିଚାଳନା ପାଇଁ ଏ ପର୍ଯନ୍ତ ବିଜ୍ଞାନସମ୍ମତ ଉତ୍କୃଷ୍ଟ ସୂତ୍ର ରୂପେ ବିବେଚିତ ହେଉଛି, ସେଗୁଡ଼ିକ ସେତେବେଳେ

Digitized by PPRACHIN, SOA

ବାହାରି ନଥିଲେ ମଧ୍ୟ ପଣ୍ଡିତ ନୀଳକଣ୍ଠ କେତେଦୂର ତାଙ୍କ ନିଃସୃତ ପ୍ରଣାଳୀରେ ଅଭକ୍ଷରେ ସେ ସବୁ ଅବଲମ୍ବନ କରିଥିଲେ ତାହା ଦେଖାଯାଉ ।

ଯେଉଁ ସବୁ ପୁସ୍ତକ ଛାତ୍ର ଓ ଶିକ୍ଷକମାନଙ୍କର ବ୍ୟବହାରରେ ଲଗିବ, ଏବଂ ନିଶ୍ଚିତ ଭାବରେ ଶିକ୍ଷଣୀୟ ହୋଇଥିବ, ସତ୍ୟବାଦୀର ଗ୍ରନ୍ଥାଗାର ଲାଗି ସେଇପରି "ଉପଯୋଗୀ" ପୁସ୍ତକମାନ ସଂଗ୍ରହ କରାଯାଉଥିଲା । ଏହାହିଁ ପ୍ରଥମ ସୂତ୍ରର ଉଦ୍ଦେଶ୍ୟ ।

ଛାତ୍ରର ମାନସିକ ରୁଚି ଓ ବିଷୟ ଗ୍ରହଣ କ୍ଷମତାର କଳନା କରି ତାକୁ ସେଇପରି ପୁସ୍ତକମାନ ଯୋଗାଇ ଦିଆଯାଉଥିବା କଥା ଉପରେ ଉଲ୍ଲେଖ କରା ଯାଇଛି । ଏଥିଲାଗି ଶିକ୍ଷକମାନଙ୍କୁ ପୁସ୍ତକର ବିଷୟବସ୍ତୁ ପୂର୍ବରୁ ଜାଣିବା ଦରକାର ବୋଲି କହିବା ଅନାବଶ୍ୟକ । ଶ୍ରେଣୀ ଶିକ୍ଷକମାନେ ତାହା ଜାଣି ରଖୁଥିଲେ ଏବଂ ସ୍କୁଲ ଓ କ୍ଲାସ ଲାଇବ୍ରେରୀମାନଙ୍କରେ ଏପରି ପୁସ୍ତକ ନଥିଲା, ଯାହା ପଣ୍ଡିତ ନୀଳକଣ୍ଠ ନିଜେ ପଢ଼ି ନଥିଲେ ।

ଯେତେବେଳେ ଡ୍ରେନିଂ ସାହେବ ଲାଇବ୍ରେରୀ ପରିଦର୍ଶନ କଲେ, ପଣ୍ଡିତ ନୀଳକଣ୍ଠଙ୍କୁ ପଚାରି ତାଂକଠାରୁ କୃତି ପୁସ୍ତକର କେବଳ ଯେ ବିଷୟବସ୍ତୁ ବୁଝି ପାରିଥିଲେ ତା' ନୁହେଁ, ପୁସ୍ତକମାନଙ୍କର ପ୍ରତି ପୃଷ୍ଠାରେ ପଣ୍ଡିତ ନୀଳକଣ୍ଠଙ୍କ ଟିପ୍ପଣୀ ଦେଖି ସେ ନୀଳକଣ୍ଠଙ୍କ ପାଣ୍ଡିତ୍ୟ ଓ ଅଧ୍ୟବସାୟରେ ମୁଗ୍ଧ ହୋଇ ଯାଇଥିଲେ । ନିଜର ଅନୁସନ୍ଧିତ୍ସା ବ୍ୟତୀତ ଶିକ୍ଷକମାନଙ୍କ କାର୍ଯ୍ୟ ତଦାରଖ କରିବାର ତାଙ୍କର ଦାୟିତ୍ୱବୋଧ ଏହାର କାରଣ ଥିଲା ।

ଛାତ୍ରମାନେ ପୁସ୍ତକରୁ କିପରି ଜ୍ଞାନ ଆହରଣ କରି ପାରିଛନ୍ତି, ତାହା ପୁସ୍ତକ ଫେରାଇବା ବେଳେ ଶିକ୍ଷକମାନେ ପଚାରି ବୁଝୁଥିଲେ ଓ ସେଥିରେ ତାର ଜ୍ଞାନ ଆହରଣ ପୂରା ହୋଇ ନଥିଲେ ପୁସ୍ତକଟି ତାକୁ ଆଉ ଥରେ ପଢ଼ିବା ନିମନ୍ତେ ଫେରାଇ ଦିଆଯିବା ପୂର୍ବ ବର୍ଣ୍ଣିତ ୨ୟ ଓ ୩ୟ ସୂତ୍ରର ଉଦ୍ଦେଶ୍ୟ ।

ପୂର୍ବରୁ ସୂଚାଇ ଦିଆଯାଇଛି ଯେ, ପିଲାମାନେ କିପରି ଭଲ ପଢ଼ିବେ ଓ ଶୁଣିବା ମାତ୍ରେ ଗିଳିପକାଇ ମନେ ରଖିବେ, ଅର୍ଥାତ ଅଳ୍ପ ସମୟ ମଧ୍ୟରେ କିପରି ଅଧିକ ଜ୍ଞାନ ଅର୍ଜନ କରିପାରିବେ, ଏହା ହେ: ମା: ନୀଳକଂଠଂକର ଲକ୍ଷ୍ୟ ଥିଲା ଓ ତାହାହିଁ ୪ର୍ଥ ସୂତ୍ରର ଉଦ୍ଦେଶ୍ୟ ।

ଡ୍ରିଉକ୍ ସାହେବଙ୍କ ଉପରୋକ୍ତ ପରିଦର୍ଶନ ରିପୋର୍ଟରୁ ଜଣାଯାଏ ଯେ ସେ କାଳରେ ସତ୍ୟବାଦୀ ବନବିଦ୍ୟାଳୟରେ ମାସକୁ ପ୍ରାୟ ୪୦ ଖଣ୍ଡ ନୂଆ ବହି ସଂଗ୍ରହ କରା ଯାଉଥିଲା—ଏହା ଯେ କ୍ରମବର୍ଦ୍ଧିଷ୍ଣୁ ସଂସ୍ଥାର ଏକ ଉତ୍ତମ ଦୃଷ୍ଟାନ୍ତ ଏଥିରେ

Digitized by PPRACHIN, SOA

ସନ୍ଦେହ ନାହିଁ ଓ ଏହା ୫ମ ସୂତ୍ରର ଲକ୍ଷ୍ୟ । ଏହିପରି ପଣ୍ଡିତ ନୀଳକଂଠ ତାଂକ ଅଲକ୍ଷ୍ୟରେ ଯେ ସେକାଳରେ ଏତଲ ବିଜ୍ଞାନ ସମ୍ମତ ପନ୍ଥାର ୫ଟି ଯାକ ସୂତ୍ର ପାଳନ କରି ପାରିଥିଲେ ଏହା ଆଶ୍ଚର୍ଯ୍ୟର କଥା ଓ ତାଂକ ପ୍ରତିଭାର ଏକ ଦୃଷ୍ଟାନ୍ତ ।

ଶିକ୍ଷାୟତନମାନଙ୍କରେ ସେତକୁ ଲାଇବ୍ରେରୀ ପ୍ରଥା ଯଥାରୀତି ପ୍ରଚଳନ ଥିଲେହେଁ ଓ ବ୍ୟକ୍ତିଗତ ପ୍ରଚେଷ୍ଟାରେ ଓଡ଼ିଶାର କୌଣସି କୌଣସି ସହର-ମାନଂକରେ ଉତ୍କୃଷ୍ଟ ଲାଇବ୍ରେରୀ ମାନ ଗଢି ଉଠି ଥିଲେହେଁ ଓଡ଼ିଶାପରି ଏକ ପଲ୍ଲୀ ବହୁଳ ରାଜ୍ୟରେ ଜନ ସାଧାରଣଂକ ଜ୍ଞାନର ପରିସର ବୃଦ୍ଧି ନିମନ୍ତେ ବହୁ କାଳ ଯାଏଁ ସେପରି କୌଣସି ବିଧିବଦ୍ଧ ଉଦ୍ୟମ ହୋଇ ନଥିଲା । ଏହି ଉଦ୍ଦେ-ଶ୍ୟରେ ୧୯୪୪ ମସିହାରେ ପୁରୀ ଜିଲାର ନୟାଗଡ଼ଠାରେ Utkal Library Association ନାମରେ ଏକ ସଂସ୍ଥା ଗଠିତ ହେଲା ଓ ପଣ୍ଡିତ ନୀଳକଂଠ ଏହାର ଅନ୍ୟତମ କର୍ଣ୍ଣଧାର ରୂପେ ଲାଇବ୍ରେରୀ ଆନ୍ଦୋଳନ କରି ଆରେ ରାଜ୍ୟରେ ଜ୍ଞାନର ପ୍ରସାର ଦିଗରେ ବହୁ ଉଦ୍ୟମ କରିଥିଲେ ।

ଏବର ଛାତ୍ର ତଥା ସମାଜର ନୈତିକ ମାନର ଉନ୍ନତି ପାଇଁ ଯେଉଁମାନେ ଚିନ୍ତାଶୀଳ, ସେମାନେ ନିଶ୍ଚୟ ବୁଝିପାରୁ ଥିବେ ଯେ ସମାଜକୁ ସୁମାର୍ଗରେ ପରି-ଚାଳିତ କରିବା ନିମନ୍ତେ ଉତ୍ତମ Library ପ୍ରଥାର ପ୍ରଚଳନ ଏକ ଉତ୍କୃଷ୍ଟ ପନ୍ଥା ଓ ସେ ହିସାବରେ ସାମାଜରେ ପାଠାଗାର ଓ ସୂଚନା ବିଜ୍ଞାନ ଶିକ୍ଷା ଅନୁଷ୍ଠାନ ମାନଙ୍କର ଯଥେଷ୍ଟ ଆବଶ୍ୟକତା ରହିଛି ।

ଉକ୍ତ ଲାଇବ୍ରେରୀ ଆସୋସିଏସନ୍ ୧୯୪୯ ମସିହାରେ ସରକାରଙ୍କ ରେଜେଷ୍ଟ୍ରି-ଭୁକ୍ତହେଲା ଓ ଡ଼ଃ ହରେକୃଷ୍ଣ ମହତାବ ଏହାର ସଭାପତି ରହିଲେ । ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ଏହି Library Association ର ତତ୍ତ୍ୱାବଧାନରେ ୧୯୭୮ ମସି-ହାରେ ଭୁବନେଶ୍ୱରରେ ଏକ ଗ୍ରଂଥାଗାର ଓ ସୂଚନା ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠିତ ହେଲା । ଉପରୋକ୍ତ ପଞ୍ଚସୂତ୍ରୀ ନିୟମର ଅନୁସରଣରେ ବିଜ୍ଞାନସମ୍ମତ ଭାବରେ ଲାଇବ୍ରେରୀ ଗୁଡ଼ିକର ସୁପରିଚାଳନା ପାଇଁ ଉପଯୁକ୍ତ ତାଲିମ୍ ଦେବା ଏ ମହାବିଦ୍ୟାଳୟର ଲକ୍ଷ୍ୟ ।

୧୯୮୨ ମସିହାରେ ପଣ୍ଡିତ ନୀଳକଂଠଂକ ୧୫ଶ ଶ୍ରାଦ୍ଧ ଦିବସରେ ରାଜ୍ୟରେ ଲାଇବ୍ରେରୀ ପ୍ରଥାର ଜନକ ସ୍ୱରୂପ ପଣ୍ଡିତ ନୀଳକଂଠ ସ୍ମୃତି ପ୍ରତି ଯତ୍କିଂଚିତ ସମ୍ମାନ ପ୍ରଦର୍ଶନପୂର୍ବକ ଏହାକୁ ତାଂକ ନାମରେ ନାମିତ କରାଗଲା ଓ ଭାରତର ଉଚ୍ଚତମ ନ୍ୟାୟା-ଳୟର ନିର୍ଦ୍ଦେଶ ଘେନି ଉତ୍କଳ ବିଶ୍ୱବିଦ୍ୟାଳୟ ପଣ୍ଡିତ ନୀଳକଂଠ ଜନ୍ମ ଶତ ବାର୍ଷିକୀର ପ୍ରାକ୍କାଳରେ ଏହାକୁ ସ୍ୱୀକୃତି ଦେଇ ଆମ୍ଭମାନଙ୍କର ଧନ୍ୟବାଦାର୍ହ ହୋଇଛନ୍ତି ।

* * *

Digitized by PPRACHIN, SOA

# ବିପ୍ଳବୀ ନୀଳକଣ୍ଠଙ୍କ ସଫଳ ସାଧନା

ଅଧ୍ୟାପକ : ବନମାଳୀ ମିଶ୍ର

ଓଡ଼ିଆ ସାହିତ୍ୟ ତଥା ରାଜନୀତି କ୍ଷେତ୍ରରେ ପଣ୍ଡିତ ନୀଳକଣ୍ଠଙ୍କ ପ୍ରଭାବ, ପ୍ରତିଷ୍ଠା ଓ ପ୍ରତିପତ୍ତି ଆଜି ଜୀବନ୍ତ । ତାଙ୍କର କୃତି ବହୁମୁଖୀ ଓ ଦିଗନ୍ତପ୍ରସାରୀ । ତାର ଅନୁଶୀଳନ ଲାଗି ଆବଶ୍ୟକୀୟ ସମସ୍ତ ଉପାଦାନ ମିଳିବା ସହଜସାଧ୍ୟ ନୁହେଁ । ହେଲେହେଁ, ପଣ୍ଡିତ ନୀଳକଣ୍ଠଙ୍କ ଭାଷାରେ "ଭାବର ମୃତ୍ୟୁ ନାହିଁ" । ସେ ତାଙ୍କର ଅନନ୍ତ ସାଧନା ଭିତରେ ଯେଉଁ ଭାବଧାରା ଓ ଦିଗ୍‌ଦର୍ଶନର ସଂକେତ ତଥା ମୌଳିକ ମାର୍ଗମାନ ପ୍ରଦର୍ଶନ କରିଯାଇଚନ୍ତି, ତାହା କେବେହେଲେ ଲୋପ ପାଇବନାହିଁ ।

ଜାତିର ମଙ୍ଗଳ ଓ ପ୍ରାଣ ପ୍ରତିଷ୍ଠାକଳ୍ପେ ତାଙ୍କ ସାଧନାର ମାର୍ଗ, ତାଙ୍କ ଚିନ୍ତା, କର୍ମ ତଥା କଳ୍ପନାରେ ବିସ୍ତାରିତ ହୋଇଥିଲା ।

ପୁଣ୍ୟଶ୍ଳୋକ ନୀଳକଣ୍ଠଙ୍କ ଜୀବନ ଏକ ସାଧକର ଜୀବନ । ଛାତ୍ର ଜୀବନରୁ ମୃତ୍ୟୁ ପର୍ଯ୍ୟନ୍ତ ସିଦ୍ଧି ଲାଭ ପାଇଁ ତାଙ୍କର ଯେଉଁ ଦୃଢ଼ ସଂକଳ୍ପ ଓ କଠୋର ସାଧନା ତଥା କର୍ମ-ତତ୍‌ପରତା, ତାହା କଳ୍ପନାତୀତ । "ଦେଶକୁ ଯାହା ଦେଖୁଚୁଁ, ତାହାଠାରୁ ଉନ୍ନତତର ଦେଖି ମରିବୁଁ"–ଏହା ଥିଲା ତାଙ୍କର ପ୍ରଥମ ଜୀବନର ବ୍ରତ ଓ ସେହି ବ୍ରତକୁ ରୂପାୟିତ କରିବା ପାଇଁ ସେ ସତତ ପ୍ରଗାଢ଼ ଉଦ୍ୟମ କରି ଯାଇଛନ୍ତି । ତତ୍‌କାଳୀନ ସମାଜରେ ରହିଥିବା କୁସଂସ୍କାର, ଅନୀତି, ଶୋଷଣ ବିରୋଧରେ ତାଙ୍କର ବିପ୍ଳବୀ ପ୍ରାଣ ଅଧୀର ହୋଇ ଉଠିଚି ଏବଂ ସେ ଏ ସମସ୍ତ ବିରୋଧରେ ଦୃଢ଼ ସ୍ୱରୋତ୍ତଳନ କରିଛନ୍ତି । ତାଙ୍କ ଜୀବନର ସମସ୍ତ କୃତି ଓ କର୍ମମୟ ଜୀବନ ବୃତ୍ତାନ୍ତ ପର୍ଯ୍ୟାଲୋଚନା କଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ସେ ଯେଉଁ ସବୁ ସାଫଲ୍ୟ ଅର୍ଜନ କରିଛନ୍ତି, କୌଣସିଟି ତାଙ୍କ ପକ୍ଷରେ ସହଜଲଭ୍ୟ ହୋଇନାହିଁ । ବହୁ ଈର୍ଷା, ବିଦ୍ୱେଷ, ବିରୋଧ ଓ କୁଚକ୍ରର ତାଙ୍କୁ ମୁକାବିଲା କରିବାକୁ ପଡ଼ିଚି – କେବେହେଲେ କୌଣସି ଅପଚାରରେ ସେ ଭାଙ୍ଗି ପଡ଼ିନାହାନ୍ତି । ବୀର ଦର୍ପରେ ସମସ୍ତ କ୍ଷେତ୍ରରେ ହୁଏତ ତାଙ୍କୁ ବହୁକାଳଧରି କଠୋର ସଂଗ୍ରାମ କରିବାକୁ ପଡ଼ିଚି । ମାତ୍ର ପ୍ରାୟ ସବୁ କ୍ଷେତ୍ରରେ ଶେଷକୁ ତାଙ୍କ ଲଲାଟରେ ବିଜୟ ଟୀକା ସେ ଘେନିଚନ୍ତି ।

Digitized by PPRACHIN, SOA

## ଦେଶ ମିଶ୍ରଣରେ ସଫଳ ଅଭିଯାନ :

ସେକାଳେ ଓଡ଼ିଶା ବୋଲି ଗଜ୍ୟଟିଏ ତ ନ ଥିଲା– ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ବୋଲି ସ୍ୱୀକୃତି ମଧ୍ୟ ପାଇ ନ ଥିଲା । ନୀଳକଂଠ ଛାତ୍ରାବସ୍ଥାରେ ୧୯୦୩ରେ ପ୍ରଥମ ଉତ୍କଳ ସମ୍ମିଳନୀରେ ଜଣେ ଦର୍ଶକ ରୂପେ ଯୋଗଦେଇ ଦେଶ ମିଶ୍ରଣକୁ ଜୀବନର ପ୍ରଥମ ଦୀକ୍ଷା ରୂପେ ଗ୍ରହଣ କରିଚନ୍ତି ଓ ସେଇ ଲକ୍ଷ୍ୟ ରଖି ପର ଜୀବନରେ ବିଚ୍ଛିନ୍ନା-ଞ୍ଚଳରେ ଦେଶ ମିଶ୍ରଣ ଆଂଦୋଳନ ଚଳାଇଛନ୍ତି । କେଂନ୍ଦ୍ର ବ୍ୟବସ୍ଥା ସଙ୍ଗରେ ଗୋଟିଏ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଦାବୀ ଉପସ୍ଥାପନ କରି ଓ ଭାରତର ବିଭିନ୍ନ ସଂବାଦ ପତ୍ରରେ ତା' ସପକ୍ଷରେ ସୁଚିନ୍ତିତ ପ୍ରବନ୍ଧମାନ ପ୍ରକାଶ କରି ଦେଶମିଶ୍ରଣର ଆବଶ୍ୟକୀୟ ପନ୍ଥା ଅନୁସରଣ ପୂର୍ବକ ସେ ଦେଶମିଶ୍ରଣର ଅନ୍ୟତମ ପୁରୋଧା ରୂପେ ପ୍ରତିଭାତ ହୋଇଛନ୍ତି । ଅବଶେଷରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠିତ ହେବାର ଗୌରବରେ ସେ ଗୌରବାନ୍ୱିତ ହୋଇଛନ୍ତି ।

## ସମାଜ ସଂସ୍କାର ଆନ୍ଦୋଳନର ସାଫଲ୍ୟ

ଛାତ୍ରାବସ୍ଥାରୁ ଦେଶ ସେବାହିଁ ଥିଲା ତାଙ୍କ ଜୀବନର ପ୍ରଥମ ସଂକଳ୍ପ । ସେହି ସଂକଳ୍ପର ଅନୁସରଣରେ କାର୍ଯ୍ୟ କରିବାରେହିଁ ତାଙ୍କ ଜୀବନର ଗତି ଓ ମୁକ୍ତି ବୋଲି ସେ ମନେ କରୁଥିଲେ ।

ଦେଶସେବା ନିମନ୍ତେ ସେ ଯେଉଁ ଉତ୍ସର୍ଗୀକୃତ ଜୀବନ ଆରମ୍ଭ କରିଥିଲେ, ତାରି ଅନୁସରଣରେ କଲିକତାରୁ ଏମ୍. ଏ. ପାଶ୍ କରି ନୀଳକଣ୍ଠ ସେ କାଳର ଉଚ୍ଚ ଚାକିରୀର ମୋହ ପରିତ୍ୟାଗ ପୂର୍ବକ ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କରନ୍ତି ଓ ଗୋପବନ୍ଧୁଙ୍କ ପରାମର୍ଶରେ ଏଥିରେ ପ୍ରଧାନ ଶିକ୍ଷକ ଭାବେ ଦେଶପ୍ରାଣ ଶିକ୍ଷିତ ଯୁବ-ଗୋଷ୍ଠି ତିଆରି କରିବାର ଦାୟିତ୍ୱ ବହନ କରନ୍ତି । ସମାଜରେ ଥିବା କୁସଂସ୍କାରମାନ ଦେଶର ଅଗ୍ରଗତିରେ ପ୍ରଧାନ ଅନ୍ତରାୟ ବୋଲି ସେ ଉପଲବ୍ଧି କରୁଥିଲେ ଓ ତାଙ୍କର ବିଦ୍ରୋହୀ ମନ ସେ ସବୁର ଯାବତୀୟ ପ୍ରତିବାଦ କରିଛି । ତେଣୁ ଶିକ୍ଷକ ଜୀବନର ପ୍ରାରମ୍ଭରେହିଁ ସମାଜ ସେବା, ରୋଗୀ ସେବା ସହିତ ସମାଜରେ ଥିବା ଏ ସମସ୍ତ କୁସଂସ୍କାର ବିରୋଧରେ ସେ ଖଡ୍ଗ ଉତ୍ତୋଳନ କରିଛନ୍ତି । 'ନିଶା' ଓ 'ମୋନିଶା' ଆମର ଥିଲା ଓ କାରଣ ଥାଇପାରେ' ପ୍ରଭୃତି ବିଦ୍ରୂପାତ୍ମକ ପ୍ରବନ୍ଧମାନ ଲେଖି ସମାଜପତି ମାନଙ୍କର ବିଷ ଦୃଷ୍ଟିରେ ପଡ଼ିଚନ୍ତି । ବିଦ୍ୟାଳୟର ଛାତ୍ରାବାସରେ ହରିଜନ ଛାତ୍ରଙ୍କୁ ବ୍ରାହ୍ମଣ ଛାତ୍ରଙ୍କ ସହିତ ଏକା ପଂକ୍ତିରେ ଭୋଜନର ବ୍ୟବସ୍ଥା କରିବା ଦ୍ୱାରା ଏବଂ ବ୍ରାହ୍ମଣ ହୋଇ ନିଜେ ଓ ତାଙ୍କ ସହଯୋଗିମାନେ ନିଶ ରଖିଥିବା ଫଳରେ ସମାଜପତିମାନେ ତାଙ୍କ ପ୍ରତି

Digitized by PPRACHIN, SOA

ଉତ୍କ୍ଷିପ୍ତ ହୋଇ ଉଠିଛନ୍ତି । ଏପରିକି ତାଙ୍କର ୮୦ ବର୍ଷ ବୟସର ବୃଦ୍ଧ ପିତାଙ୍କୁ ଏକ ଦୂର ଗ୍ରାମର ଭେଜିସଭରୁ ଅଧଗତିରେ ଅଖୁଆ ଉଠାଇ ଦେଇଚନ୍ତି । ତାଙ୍କର ପ୍ରାଣ-ପ୍ରତିମ ଲାଇବ୍ରେରୀଟିକୁ ବିଦ୍ୟାଳୟ ସମେତ ପୋଡ଼ି ଦେଇଚନ୍ତି । କିନ୍ତୁ କୌଣସିଥିରେ ସେ ଦବି ଯାଇ ନାହାନ୍ତି । ଅଦମ୍ୟ ଉତ୍ସାହର ସହିତ ସେ ସବୁର ମୁକାବିଲ କରିଚନ୍ତି– ସମାଜପତିମାନଙ୍କୁ ନିରସ୍ତ କରିଚନ୍ତି । ପରିଶେଷରେ ଜଣେ ରୁଚିବନ୍ତ ସମାଜ ସଂସ୍କାରକ ଭବେ ନୀଳକଣ୍ଠ ସାରା ଦେଶରେ ପ୍ରତିଷ୍ଠା ଲାଭ କରିଚନ୍ତି ।

## ସତ୍ୟବାଦୀର ସଫଳତା

ସ୍ମରଣ ରଖିବାର ଅଛି, ସତ୍ୟବାଦୀ ବନବିଦ୍ୟାଳୟହିଁ ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ ସମେତ ପଞ୍ଚସଖାଙ୍କର ଦେଶ ସେବାର ଏକ କର୍ମଶାଳା ଥିଲା । ଏହିଠାରେ ପ୍ରକୃତ ମଣିଷ ତିଆରି କରିବା ଥିଲା ସେମାନଙ୍କର ଲକ୍ଷ୍ୟ । ସେ ଥିଲା ଇଂରେଜ କାଳ । ବର୍ଡ଼ି, ମରୁଡ଼ି, ମହାମାରୀରେ ଦୁର୍ଗତ ଲୋକଙ୍କ ସେବାଲାଗି ସରକାରୀ ଉଦାସୀନତାରେ ଗୋପବନ୍ଧୁଙ୍କ ପରି ନୀଳକଣ୍ଠଙ୍କ ହୃଦୟ ମଧ୍ୟ ଫାଟି ଯାଇଚି । ଏହି ସେବା କାର୍ଯ୍ୟରେ କେବଳ ଯେ ସେ ନିଜେ ଯୋଗ ଦେଇଚନ୍ତି, ତା' ନୁହେଁ, ଏଥିପାଇଁ ବିଦ୍ୟାଳୟର ଛାତ୍ରମାନଙ୍କୁ ନେଇ ହଇଜା, ବସନ୍ତ ପ୍ରଭୃତି ରୋଗୀଙ୍କର ଚିକିତ୍ସାରେ ବହୁ ବିନିଦ୍ର ରଜନୀ ଅତିବାହିତ କରିଛନ୍ତି ।

ବିଦ୍ୟାଳୟର ପାଠ୍ୟକ୍ରମ, ଶିକ୍ଷକ ଓ ଛାତ୍ରମାନଙ୍କର ସରଳ ଓ ଆଦର୍ଶ ଜୀବନ ଯାପନ, ଓଡ଼ିଆ ଭଷା ଓ ସାହିତ୍ୟର ସାଧନା ତଥା ସମାଜ ସେବା ନେଇ ବନ-ବିଦ୍ୟାଳୟର ପ୍ରଶଂସା ଓ ତା' ସହିତ ହେ: ମା: ନୀଳକଣ୍ଠଙ୍କର କୃତିତ୍ୱ ସାରା ଓଡ଼ିଶା ଓ ଭରତର ବହୁ ପ୍ରାନ୍ତରେ ଉଚ୍ଛୁରିତ ହେଲା । ଓଡ଼ିଶାର ପ୍ରବୀଣ ନେତା ଓ ସାହିତ୍ୟିକମାନଙ୍କ ବ୍ୟତୀତ ବଙ୍ଗଳାର ବିଶିଷ୍ଟ ବ୍ୟକ୍ତିମାନେ ତଥା ବିଦ୍ୟାଳୟର ପରିଦର୍ଶକମାନେ ସ୍କୁଲର ସୁନାମ ଗାଇବାରେ ଶତମୁଖ ହୋଇ ଉଠିଲେ । ନୀଳକଣ୍ଠଙ୍କ ପାଣ୍ଡିତ୍ୟ ଓ କର୍ମନିପୁଣତାରେ ମୁଗ୍ଧ ହୋଇ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ତାଙ୍କ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିବା ନିମନ୍ତେ ତାଙ୍କୁ ଅନୁରୋଧ ଜଣାଇଲେ ଓ ନୀଳକଣ୍ଠ ସ୍ୱଳ୍ପ ସମୟର ରହଣିରେ ସମସ୍ତଙ୍କୁ ମୁଗ୍ଧ କରିଥିଲେ ।

ଅପର ପକ୍ଷରେ ବିଦ୍ୟାଳୟର ସୁଶୃଙ୍ଖଳିତ କାର୍ଯ୍ୟକ୍ରମ ଓ ସମାଜସେବା ନିମନ୍ତେ ଗଠିତ ସେବକ ବାହିନୀ ଉପରେ ଇଂରେଜ ସରକାରଙ୍କର ଏଇ ଶିକ୍ଷାନୁଷ୍ଠାନ ପ୍ରତି ସଂଦେହ ଉପୁଜିଲା । କାରଣ, ତାହା ଥିଲା ବଙ୍ଗ ସଂତ୍ରାସବାଦୀଙ୍କ ଯୁଗ । ପୁଣି ବିଦ୍ୟାଳୟ କର୍ତ୍ତୃପକ୍ଷ ବହୁଦିନ ଧରି ସରକାରୀ ସାହାଯ୍ୟ ବା ଗ୍ରାଣ୍ଟ–ଇନ୍–ଏଡ୍

Digitized by PPRACHIN, SOA

ପ୍ରତ୍ୟାଖ୍ୟାନ କରିଥିଲେ । ଏଥିରେ ଗୁରିଚକ୍ଷୁ ଇଂରେଜଙ୍କର ବିଦ୍ୟାଳୟ ପ୍ରତି ସନ୍ଦେହ ଉପୁଜିବା ସ୍ୱାଭାବିକ । ବିଦ୍ୟାଳୟର କାର୍ଯ୍ୟ ପ୍ରତି ଗୋଇନ୍ଦା ପୋଲିସର ସତର୍କ ଦୃଷ୍ଟି ରହିଲା । ପୋଲିସ କର୍ତ୍ତୃପକ୍ଷଙ୍କ ନିକଟରେ ବନବିଦ୍ୟାଳୟ ନାମରେ ଏଠାରେ ବୋମା ତିଆରି ହେଉଛି ବୋଲି ରିପୋର୍ଟ ହେଲା । ଜଣେ ପରିଦର୍ଶକ ଏ ବିଷୟରେ ପ୍ରଶ୍ନ କରିବାରୁ ଉତ୍ତରରେ ନୀଳକଣ୍ଠ କହିଲେ, "ଏଠାରେ ଯେଉଁ ବୋମା ତିଆରି ହେଉଛି, ତାହା ଫୁଟିଲା ବେଳେ ସମଗ୍ର ଦେଶରେ ବିସ୍ତାରିତ ହୋଇଯିବ ।" ନୀଳକଣ୍ଠଙ୍କର ଏହି ଛଳୋକ୍ତି କିନ୍ତୁ ଭବିଷ୍ୟତରେ ସତ୍ୟ ହୋଇଥିଲା । ସତ୍ୟବାଦୀ ବନବିଦ୍ୟାଳୟ ସମୟକ୍ରମେ ଭାଙ୍ଗିଗଲା । ମାତ୍ର ୧୯୨୧ରେ ଅସହଯୋଗ ଆନ୍ଦୋଳନ ବେଳେ ଏହି ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରମାନେ ଏଥିର ନେତୃତ୍ୱ ଗ୍ରହଣ କରି ପଲ୍ଲୀ ଓ ସହର ମାନଙ୍କରେ ଉନ୍ମାଦନା ସୃଷ୍ଟି କରିପାରିଥିଲେ ।

## ରାଜନୀତିକ ବିଦ୍ୱେଷ ସତ୍ତ୍ୱେ ସାହିତ୍ୟିକର ସ୍ୱୀକୃତି ଲାଭ

ଏହି ସତ୍ୟବାଦୀ ବିଦ୍ୟାଳୟରୁ ପଣ୍ଡିତ ଗୋପବନ୍ଧୁଙ୍କ ନେତୃତ୍ୱରେ ସାହିତ୍ୟର ଯେଉଁ ନୂତନ ଧାରା ଆରମ୍ଭ ହେଲା, ସେଥିରେ ନୀଳକଣ୍ଠ, ଗୋଦାବରୀଶ ଓ କୃପାସିନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ । ଏଠି ସାହିତ୍ୟ ମାଧ୍ୟମରେହିଁ 'ସତ୍ୟବାଦୀ ଯୁଗ'ର ସୃଷ୍ଟି ହୁଏ ।

ପଣ୍ଡିତ ନୀଳକଣ୍ଠ ପ୍ରଥମାବସ୍ଥାରେ କବି ରାଧାନାଥଙ୍କର ପ୍ରଶଂସା କରିଥିଲେ ହେଁ, ରାଧାନାଥ ସାହିତ୍ୟର ଗଭୀର ଅନୁଶୀଳନ ପରେ ରାଧାନାଥ ଉତ୍କଳୀୟ ତଥା ପ୍ରାଚ୍ୟ ସଂସ୍କୃତିର ଅତ୍ୟନ୍ତ ଅବମାନନା କରିଥିବା ଜାଣି, ତାଙ୍କ ପ୍ରତି ଘୋର ବିତୃଷ୍ଣା ପୋଷଣ କଲେ ଓ ତାଙ୍କ ସାହିତ୍ୟର କଟୁ ସମାଲୋଚନା ମଧ୍ୟ କରିଥିଲେ । ତେଣୁ 'ସତ୍ୟବାଦୀ ଯୁଗ' ପ୍ରବର୍ତ୍ତକ ମାନଙ୍କପ୍ରତି ଏ ରାଜ୍ୟରେ କେତେକ ବିରୋଧ ପ୍ରକାଶ ପାଇଲା । ବିରୋଧ ଏପରି ତୀବ୍ର ହୋଇଥିଲା ଯେ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ମୃତ୍ୟୁରେ 'ଉତ୍କଳ ସାହିତ୍ୟ ସମାଜ' ପରି ଏକ ସାହିତ୍ୟ ଅନୁଷ୍ଠାନରେ ଆଗତ କରହୋଇଥିବା ଶୋକ ପ୍ରସ୍ତାବ ମଧ୍ୟ ଗୃହୀତ ହୋଇ ପାରି ନଥିଲା । 'ନବଭାରତ' ୧ମଖଣ୍ଡ—୩ୟ ସଂଖ୍ୟା ୧୩୪୧, କକଡ଼ା-ପୃ, ୧୫୧ରେ ପଣ୍ଡିତ ନୀଳକଣ୍ଠ ଏହାର ସବିଶେଷ ଆଲୋଚନା କରିଛନ୍ତି । ଅବଶ୍ୟ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ––ଯୁଗ ପ୍ରବର୍ତ୍ତକ ମାନଙ୍କର ଏହି ଦଶାହିଁ ହୋଇଥାଏ ; ଗୋପବନ୍ଧୁଂକ ପ୍ରତି ଆରମ୍ଭ ହୋଇଥିବା ବିଦ୍ୱେଷ ରାଜନୀତି ପ୍ରବାହରେ ନୀଳକଣ୍ଠଙ୍କ ପ୍ରତି ମଧ୍ୟ କାର୍ଯ୍ୟକାରୀ କରଯାଉଥିଲା । ରାଜନୀତିକ ଗୋଷ୍ଠୀ ବିଦ୍ୱେଷ ଏପରି ପ୍ରବଳ ହୋଇଥିଲା ଯେ ବିଶ୍ୱକବି ରବୀନ୍ଦ୍ରନାଥଙ୍କର

Digitized by PPRACHIN, SOA

ଓଡ଼ିଶା ଆଗମନ ବେଳେ ସେ ଓଡ଼ିଶାର ଜଣେ ବିଶିଷ୍ଟ ସାହିତ୍ୟିକଂକ ସଙ୍ଗେ ଆଳାପ କରିବାକୁ ଗ୍ରହିବାର ଓଡ଼ିଶାର ତତ୍‌କାଳୀନ ପ୍ରଧାନ ମନ୍ତ୍ରୀ ବିଶ୍ୱନାଥ ଦାଶ ସମ୍ବଲପୁରରୁ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କୁ ଅଣାଇ ତାଙ୍କ ସଙ୍ଗେ ଭେଟ କରାଇ-ଥିଲେ । ରବୀନ୍ଦ୍ରନାଥ କିଂତୁ ତାଙ୍କ ସଙ୍ଗେ ଆଳାପ କରି ସଂତୁଷ୍ଟ ହୋଇ ନ ଥିଲେ । ନୀଳକଂଠଂକୁ ଓଡ଼ିଶାର ଜଣେ ବିଶିଷ୍ଟ ସାହିତ୍ୟିକ ରୂପେ ସ୍ୱୀକୃତି ମଧ୍ୟ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସରକାର ଦେଇ ନଥିଲେ । ନୀଳକଣ୍ଠ ଏଥିରେ କ୍ଷୋଭ ପ୍ରକାଶ କରିଥିଲେ । କିନ୍ତୁ ନୀଳକଣ୍ଠଙ୍କ ପ୍ରତିଭା ଲୁଚିବାର ନୁହେଁ । ସାହିତ୍ୟ କ୍ଷେତ୍ରରେ ସେ ସମଗ୍ର ଓଡ଼ିଶାରେ ଅଦ୍ୱିତୀୟ ସାହିତ୍ୟିକ ଭାବେ ସୁପ୍ରତିଷ୍ଠିତ ହେଲେ । ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରଥମ ସଭାପତିର ଗୌରବ ଲାଭ କରିଥିଲେ । ପୁଣି ନିଜ ଆତ୍ମଜୀବନୀ ପାଇଁ ଭାରତ ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲେ । ତେଣୁ 'ସତ୍ୟବାଦୀ ଯୁଗ'ର ଜଣେ ବିଶିଷ୍ଟ ପୁରୋଧା ରୂପେ ନାନା ଭାବରେ ସେ ଜାତୀୟ ସ୍ୱୀକୃତି ଓ ଗୌରବ ଲାଭ କରିଥିଲେ ।

## ଓଡ଼ିଶାରେ ପ୍ରଥମ ଅସହଯୋଗ ଆନ୍ଦୋଳନର ପୁରୋଧା

ପଣ୍ଡିତ ନୀଳକଣ୍ଠଙ୍କ ସକ୍ରିୟ ରାଜନୀତିକ ଜୀବନ ୧୯୨୧ରୁ ଆରମ୍ଭ ହୁଏ ।- ଗାନ୍ଧିଜୀଙ୍କ ଅସହଯୋଗ ଆହ୍ୱାନରେ ସେ ପଣ୍ଡିତ ଗୋପବନ୍ଧୁଙ୍କ ପରାମର୍ଶରେ କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ପଦ ଛାଡ଼ି ସମ୍ବଲପୁରରେ ଅସହଯୋଗ ଆନ୍ଦୋଳନ ଆରମ୍ଭ କଲେ । ୯ମାସ ଭିତରେ ସମ୍ବଲପୁର ଜିଲାରେ ଗାନ୍ଧିଜୀଙ୍କ ଈପ୍‌ସିତ ମାର୍ଗରେ ଆନ୍ଦୋଳନକୁ ଯଥାର୍ଥ ଭାବେ ପରିଚାଳନା କରି ସମଗ୍ର ଓଡ଼ିଶାରେ ଏହାର ପ୍ରଭାବ ପକାଇଥିଲେ । ନୀଳକଣ୍ଠଙ୍କର ଆହ୍ୱାନରେ ଛାତ୍ରମାନେ ଏବଂ ଓଡ଼ିଶାରେ ପ୍ରଥମ କରି ବହୁ ସରକାରୀ କର୍ମଚାରୀ ମଧ୍ୟ ତାଙ୍କ ସରକାରୀ ଦପ୍ତର ମାନ ବର୍ଜନ କରିଥିଲେ । ନୀଳକଣ୍ଠଙ୍କ ଅଧକ୍ଷ୍ୟତାରେ ଓଡ଼ିଶାର ପ୍ରଥମ ଜାତୀୟ ବିଦ୍ୟାଳୟ ସମ୍ବଲପୁରରେହିଁ ପ୍ରତିଷ୍ଠା ହୋଇପାରି ଥିଲା । ସେବହୁଁ ସେ ଉତ୍କଳ କଂଗ୍ରେସର ଜଣେ ଟାଣୁଆ ନେତା ରୂପେ ପରିଗଣିତ ହେଲେ । କଂଗ୍ରେସରେ ତାଙ୍କର ସଂଗଠନ ଶକ୍ତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କଲା । ଏହି ଆନ୍ଦୋଳନରେ ଅନ୍ୟାନ୍ୟମାନଙ୍କ ସହ ପଣ୍ଡିତ ନୀଳ-କଣ୍ଠ ଜେଲ ବରଣ କଲେ ।

## ରାଜନୀତିରେ ଉତ୍‌ଥାନ ପତନ

ଉତ୍କଳ କଂଗ୍ରେସ ପ୍ରଥମ ଅଧିବେଶନରେ ପ୍ରତ୍ୟକ୍ଷ ଗୋଷ୍ଠୀବିବାଦ : ବ୍ୟବସ୍ଥା ସଭାରେ ପ୍ରବେଶ ନେଇ କଂଗ୍ରେସରେ ଦୁଇଟି ଗୋଷ୍ଠୀ ସୃଷ୍ଟି ହୁଏ ।

Digitized by PPRACHIN, SOA

ଗାନ୍ଧିଜୀ ଆସେମ୍ବ୍ଲିରେ ପ୍ରବେଶର ବିରୋଧୀ ଥିଲେ । କିନ୍ତୁ ୧୯୨୨ରେ ଅସହଯୋଗ ଆନ୍ଦୋଳନ ବନ୍ଦ ହେବାପରେ ଦେଶବନ୍ଧୁ ଚିତ୍ତରଞ୍ଜନ ଓ ପଣ୍ଡିତ ମୋତିଲାଲ ବ୍ୟବସ୍ଥା ସଭାରେ ପ୍ରବେଶ କରି ତାହା ମାଧ୍ୟମରେ ସରକାରୀ କଳକୁ ଅଚଳ କରିବାକୁ ଚାହିଁଥିଲେ । ସେଥିପାଇଁ ଚିତ୍ତରଞ୍ଜନଙ୍କ ନେତୃତ୍ୱରେ କଂଗ୍ରେସ ଭିତରେ ସ୍ୱରାଜ୍ୟ ଦଳର ସୃଷ୍ଟି ହୁଏ । ଜେଲ ମୁକ୍ତି ପରେ ନୀଳକଂଠ ଏହି ସ୍ୱରାଜ୍ୟ ଦଳରେ ଯୋଗ ଦେଇ ୧୯୨୩ ନଭେମ୍ବର ନିର୍ବାଚନରେ କେନ୍ଦ୍ର ବ୍ୟବସ୍ଥା ସଭାକୁ ନିର୍ବାଚିତ ହୁଅନ୍ତି । ଏହାପରେ ପ୍ରାଦେଶିକ କଂଗ୍ରେସରେ ସ୍ୱରାଜ୍ୟ ଦଳ ଓ ଗାନ୍ଧିବାଦୀ ଦଳଙ୍କ ଭିତରେ ସଂଘର୍ଷର ସୂତ୍ରପାତ ହୁଏ । ୧୯୨୪, ଜୁନ ୨୪ ଓ ୨୫ ତାରିଖରେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ଯେଉଁ ପ୍ରଥମ ବୈଠକ ଆଚାର୍ଯ୍ୟ ପ୍ରଫୁଲ୍ଲ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା, ସେଥିରେ ଅସହଯୋଗ ନୀତିରେ ସବୁ କଂଗ୍ରେସ ଲୋକ କାର୍ଯ୍ୟ କରିବା ପାଇଁ ଗୋଟିଏ ପ୍ରସ୍ତାବ ଆଗତ ହୁଏ । ନୀଳକଂଠ ଏହି ପ୍ରସ୍ତାବର ବିରୋଧ କରି ଏକ ସଂଶୋଧନ ପ୍ରସ୍ତାବ ଦେଲେ । ସେ କହିଲେ, "ଅସହଯୋଗ ନୀତି ସମସ୍ତେ ଗ୍ରହଣ କଲେ, ଇଂରେଜ ଏ ଦେଶରେ ମୁହୂର୍ତ୍ତେ ରହିପାରିବେ ନାହିଁ । କିନ୍ତୁ ସେଥି-ପାଇଁ ଦେଶ ପ୍ରସ୍ତୁତ ନଥିବା ଜାଣି ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନ ବନ୍ଦ କରିଚନ୍ତି । ସ୍କୁଲ, କଲେଜ ସଙ୍ଗେ ଅସହଯୋଗ କରି ଜାତୀୟ ଶିକ୍ଷା ଅନୁଷ୍ଠାନ ସବୁ ଗଠିତ ହୋଇ ପାରିଲନି । କୋର୍ଟ, କଚେରୀକୁ ଛାଡ଼ି ପଞ୍ଚାୟତରେ ସବୁ ବିଚାରର ବ୍ୟବସ୍ଥା ହୋଇ ପାରିଲନି । ଏହି ଦୃଷ୍ଟିରୁ ଆନ୍ଦୋଳନ ବନ୍ଦ କରା ହୋଇଚି ।" ଠିକ୍ କଥାଟି ବୁଝି ପ୍ରସ୍ତାବରେ ସମ୍ମତି ଜଣାଇବାପାଇଁ ନୀଳକଂଠ ନିବେଦନ କଲେ । ନୀଳକଣ୍ଠ-ଙ୍କର ଏହି ସଂଶୋଧନ ପ୍ରସ୍ତାବଟିକୁ ମିଃ ମଧୁସୂଦନ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ଶ୍ରୀଯୁକ୍ତ ଶଶୀଭୂଷଣ ରଥ ଗୋପାଳ ଚନ୍ଦ୍ର ପ୍ରହରାଜ ପ୍ରମୁଖ ବିଜ୍ଞ ବ୍ୟକ୍ତିମାନେ ଅନୁମୋଦନ କଲେ । ତଥାପି ନୀଳକଂଠଙ୍କର ସଂଶୋଧନ ପ୍ରସ୍ତାବଟି କଂଗ୍ରେସ କମିଟିରେ ଗୃହୀତ ହୋଇ ପାରି ନଥିଲା । ଏଥିରେ ସେତେବେଳର ବିଖ୍ୟାତ 'ଉତ୍କଳ ଦୀପିକା' ସଂପାଦକୀୟରେ ଲେଖିଲେ, ''ବାସ୍ତବରେ ଗାନ୍ଧିଜୀଙ୍କ ପଞ୍ଚବିଧ ବର୍ଜନ ନୀତି ଅନୁସାରେ ଚଳିବା ଏକାବେଳକେ ଅସମ୍ଭବ । ଉତ୍କଳର ବିଶିଷ୍ଟ ତ୍ୟାଗୀ, ଅସହଯୋଗୀ ଶ୍ରୀମାନ୍ ନୀଳକଣ୍ଠ ଅନ୍ୟତ୍ର ପ୍ରକାଶିତ ତାଙ୍କ ବକ୍ତୃତାରେ ସ୍ପଷ୍ଟ ସ୍ୱୀକାର କରି ଅଛନ୍ତି । x x x ସମ୍ମିଳନୀରେ ଯେବେ ସମସ୍ତେ ଭାବିଚିନ୍ତି ହୃଦୟ ପରୀକ୍ଷାକରି ଗୋଟିଏ ସୁନ୍ଦର ପ୍ରସ୍ତାବ କରିଥାନ୍ତେ, ତା'ହେଲେ ଓଡ଼ିଶା ପକ୍ଷରେ ବଡ଼ ଗୌରବର ବିଷୟ ହୋଇଥାନ୍ତା । କିନ୍ତୁ ଆମ୍ଭେମାନେ ତାହା ଦେଖିଲୁ ନାହିଁ । ପ୍ରତିନିଧିଙ୍କ ମଧ୍ୟରେ

Digitized by PPRACHIN, SOA

ଅନେକଙ୍କ ପୁଅ, ଭଲ ସରକାରୀ ସ୍କୁଲ, କଲେଜରେ ପଢନ୍ତି । ଅନେକ ମ୍ୟୁନିସିପାଲିଟି, ଡିଷ୍ଟ୍ରିକ୍ଟ ବୋର୍ଡ ଓ କାଉନ୍ସିଲର ସଭ୍ୟ ପ୍ରସ୍ତାବ ପକ୍ଷରେ ଭୋଟ ଦେଲେହେଁ କେବେହେଁ ବର୍ଜନ ନୀତ ଅନୁସାରେ କାର୍ଯ୍ୟ କରିବେ ନାହିଁ । x x ଜଣେ ବିଶିଷ୍ଟ ଓକିଲଙ୍କ ମତରେ ତାଙ୍କର ମକ୍‌କିଲଙ୍କ ମଧ୍ୟରୁ ଅଶୀ, ନବେ; ଭାଗ ଅସହଯୋଗୀ ଏପରିକି ମଫସଲର ଯେଉଁ ପ୍ରତିନିଧିମାନେ ପ୍ରସ୍ତାବ ପକ୍ଷରେ ଭୋଟ ଦେଲେ, ସେମାନଙ୍କ ମଧ୍ୟରୁ କେତେଜଣ ସନ୍ଧ୍ୟାବେଳକୁ ତାଙ୍କ ବସାକୁ ଯିବାର କଥା । ଏପରି ଅବସ୍ଥାରେ ଗୃହୀତ ପ୍ରସ୍ତାବର ମୂଲ୍ୟ କ'ଣ ? " (ଉତ୍କଳ ଦୀପିକା ତା ୫. ୭. ୧୯୨୪) ଉତ୍କଳ କଂଗ୍ରେସର ଏହି ପ୍ରଥମ ଅଧିବେଶନରେ ସ୍ପଷ୍ଟବାଦୀ ନୀଳକଂଠ 'ହୋ ରେ ନ ମାତି' ଠିକ୍ କଥା କହିଥିଲେ ମଧ୍ୟ, ତାଙ୍କ କଥା ରହି ନଥିଲା । ଉତ୍କଳ କଂଗ୍ରେସର ପ୍ରଥମ ଅଧିବେଶନରେ ଏହିପରି ବିରୋଧ ଆରମ୍ଭ ହୁଏ ।

## ଗୋଷ୍ଠୀ ବିରୋଧର ପରିଣତି

ପଣ୍ଡିତ ଗୋପବନ୍ଧୁ ୧୯୨୧ରୁ ମୃତ୍ୟୁ ପର୍ଯ୍ୟନ୍ତ ଉତ୍କଳ କଂଗ୍ରେସ ସଭାପତି ଥିଲେ । ମାତ୍ର କଂଗ୍ରେସ ରାଜନୀତିରେ ଗୋପବନ୍ଧୁଙ୍କ ବିରୋଧରେ କିପରି ନାନା ଚକ୍ରାନ୍ତ ହୋଇଥିଲା, ତାହା ସର୍ବଜନ ବିଦିତ । ଦୁଃଖୀ, ଦୁର୍ଗତଙ୍କ ସେବକ ପଣ୍ଡିତ ଗୋପବନ୍ଧୁ ବର୍ଡ଼ି କଉଡ଼ି ଖାଇଯିବା କଥା ପୁଣି Young Utkal ରେ ପ୍ରକାଶ ପାଇଥିଲା । ପଣ୍ଡିତ ନୀଳକଣ୍ଠ ଏ ସମ୍ବନ୍ଧରେ ଲେଖିଛନ୍ତି, "ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ଭାବରେ ଶେଷକୁ କଟକରେ କେତେକ ଉପନେତା ଗୋପବନ୍ଧୁ ଦାସଙ୍କୁ ସହି ନଥିଲେ । ସେଥିପାଇଁ କୋମଳପ୍ରାଣ ଗୋପବନ୍ଧୁ ସେ କମିଟିରୁ ବାରମ୍ବାର କାନ୍ଦି କାନ୍ଦି ଫେରୁଥିଲେ । ତୃତୀୟଥର କାନ୍ଦି କରି ଫେରିବାପରେ ସେ ସଙ୍କଳ୍ପ କଲେ, ଆଉ ସଭାପତି ଭାବରେ ପ୍ରାଦେଶିକ କଂଗ୍ରେସ କମିଟିକୁ ଯିବେନାହିଁ । ସେଇଦିନ କାନ୍ଦି କାନ୍ଦି ଆସି ବ୍ରଜସୁନ୍ଦର ଦାସଙ୍କ ଘରେ ତାଙ୍କୁ ଆବେଗପୂର୍ଣ୍ଣ ସ୍ୱରରେ କହିଥିଲେ, "ଦାସେ, ସତ୍ୟବାଦୀ ଯାଉଛି, ଆଉ କଟକ ଫେରିବି ନାହିଁ ।" ବସ୍ତୁତଃ ସେ ଆଉ କଟକକୁ ଫେରି ନାହାନ୍ତି ବୋଲି ମନେ ହେଉଛି । ସେ ଯାହାହେଉ, ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ଭାବରେ ଆଉ ଫେରି ନାହାନ୍ତି । " ( ଆତ୍ମଜୀବନୀ ପୃ ୨୮୦ )

ଏ ସଙ୍କ୍ରାନ୍ତରେ ଗୋପବନ୍ଧୁ ୧୯୨୭ରେ ଗାନ୍ଧିଜୀଙ୍କୁ ଏକ ପତ୍ରରେ ଲେଖିଥିଲେ, "ବିବାଦ ବିସମ୍ବାଦ ଯୋଗୁଁ ମୁଁ ଅତି ବ୍ୟଥିତ । ଅନେକ ସମୟରେ ଭାବୁଛି,

Digitized by PPRACHIN, SOA

କୌଣସି ଦୂର ଗ୍ରାମକୁ ଯାଇ ସେଠି ପଡ଼ିରହିବାପାଇଁ । ”

[ Young India, 2. 12. 27—ଡ଼ଃ ମହତାବ-ଗାନ୍ଧିଜୀ ଓ ଉତ୍କଳ—ପୃ. ୫୨ ]

## ପ୍ରଦେଶ କଂଗ୍ରେସରେ ନୀଳକଣ୍ଠଙ୍କର ବିଜୟ

ଗୋପବନ୍ଧୁଙ୍କ ବିରୁଦ୍ଧରେ ଏପରି ଯେଉଁ ରାଜନୀତିକ ଚକ୍ରାନ୍ତ ଗ୍ଭଲିଥିଲା, ଏଥିପାଇଁ ଦେଶପ୍ରାଣ ଗୋପବନ୍ଧୁ ସକ୍ରିୟ ରାଜନୀତିରୁ କରଛଡ଼ା ଦେବାକୁ ବସିଥିଲେ। ତାଙ୍କର ସୌଭାଗ୍ୟକୁ ଓ ଓଡ଼ିଶାର ଦୁର୍ଭାଗ୍ୟକୁ ସେ ଆଉ ବେଶିଦିନ ଇହଧାମରେ ନଥିଲେ । ଉପରୋକ୍ତ ଚିଠି ଲେଖିବାର ପ୍ରାୟ ୬ମାସ ପରେ ତାଙ୍କର ମହାପ୍ରୟାଣ ହୋଇଗଲା । ଗୋପବନ୍ଧୁଙ୍କ ପରେ ନୀଳକଣ୍ଠ ରାଜନୀତିରେ ଯଥାର୍ଥ ନେତୃତ୍ୱ ନେଇ 'ବିରୋଧ ଚକ୍ର'ର ଶରବ୍ୟ ହେଲେ । ଫଳରେ ନୀଳକଣ୍ଠଙ୍କର ଓଡ଼ିଶାର ନେତୃତ୍ୱ ଲାଗି ଯଥେଷ୍ଟ ପାରଙ୍ଗମତା ତଥା ଦୂରଦୃଷ୍ଟି ଥିଲେ ମଧ୍ୟ ସେ ଗୋପବନ୍ଧୁଙ୍କ ପରେ ପରେ ଉତ୍କଳ କଂଗ୍ରେସର ସଭାପତି ହୋଇପାରି ନଥିଲେ । ୧୯୨୯ରେ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ଓ ୧୯୩୦—୩୧ରେ ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ କଂଗ୍ରେସର ସଭାପତି ହେଲେ । ୧୯୩୧ ମାସରେ ଆଚାର୍ଯ୍ୟ ହରିହରଙ୍କୁ ପ୍ରଦେଶ କଂଗ୍ରେସର ସଭାପତି କରାଗଲା । ୧୯୩୨ରେ ପୁରୀରେ ଭାରତୀୟ ଜାତୀୟ କଂଗ୍ରେସର ଯେଉଁ ଅଧିବେଶନ ବସିବାର ସ୍ଥିର ହୋଇଥିଲା, ନୀଳକଣ୍ଠ ଯେପରି ତହିଁର ଅଭ୍ୟର୍ଥନା ସମିତି ସଭାପତି ହୋଇ ନପାରିବେ, ସେଥିପାଇଁ ନାନା ଷଡ଼ଯନ୍ତ୍ର ଓ ଚକ୍ରାନ୍ତ କରାଗଲା । ଶେଷରେ ପୁରୀର ଲୋକସଂଖ୍ୟା କଟକର ପ୍ରାୟ ଷଡକଡ଼ା ୪୫ଭାଗ ହେଲେହେଁ ନୀଳକଣ୍ଠ ନିଜର ଅସାଧାରଣ ସଂଗଠନ କୌଶଳ ଦ୍ୱାରା କଟକର ୨୬୦ ସ୍ଥଳେ ପୁରୀଜିଲ୍ଲାରୁ ପ୍ରାୟ ୩୦୦ ଜଣକୁ ଅଭ୍ୟର୍ଥନା ସମିତିର ସଭ୍ୟ ଭାବେ ସଂଗ୍ରହ କରି ତାଙ୍କ ବିରୋଧରେ ହୋଇଥିବା ସମସ୍ତ କୁଚକ୍ରକୁ ଭେଦ କରି ଅଭ୍ୟର୍ଥନା ସମିତି ସଭାପତିର ପଦ ଲାଭ କରିଥିଲେ । କଂଗ୍ରେସର ଅନୁଷ୍ଠାନରେ ନୀଳକଣ୍ଠଙ୍କର ଏହାହିଁ ପ୍ରଥମ ବିଜୟ ।

୧୯୩୨ ଜାନୁୟାରୀ ୪ ତାରିଖରୁ କଂଗ୍ରେସ ବେଆଇନ ଘୋଷିତ ହେଲା । ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ ପ୍ରଭୃତି ଉତ୍କଳ କଂଗ୍ରେସ ନେତୃବର୍ଗ ଜେଲ ଗଲେ ତେଣୁ ୧୯୩୪ ଯାଏ ଆଉ ସଭାପତି ନିର୍ବାଚନ ହୋଇପାରି ନଥିଲା ।

ଏହାପରେ ବହୁ ବିରୋଧ ଓ ଷଡ଼ଯନ୍ତ୍ର ସତ୍ତ୍ୱେ ୧୯୩୫ ଓ ୧୯୩୬ ରେ ନୀଳକଣ୍ଠ ଓଡ଼ିଶା କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହୋଇ ପାରିଥିଲେ । ସ୍ମରଣ ରଖିବାର ଅଛି ପଣ୍ଡିତ ନୀଳକଣ୍ଠ ୧୯୨୪ରୁ ବରାବର କଂଗ୍ରେସ (ସ୍ୱରାଜ୍ୟ)

Digitized by PPRACHIN, SOA

କେନ୍ଦ୍ର ବ୍ୟବସ୍ଥାପକ ଦଳର ସଂପାଦକ ରହି ଆସିଥିଲେ ଏବଂ ୧୯୨୪ରୁ ୧୯୩୦ ପର୍ଯ୍ୟନ୍ତ ଏହି କାର୍ଯ୍ୟରେ ସେ ଦିଲ୍ଲୀଠାରେ ବିଶେଷ ବ୍ୟସ୍ତ ରହୁଥିଲେ ଓ ୧୯୩୦ରୁ ୧୯୩୩ ଭିତରେ ୩ ଥରରେ ମୋଟ ୨ବର୍ଷରୁ ଅଧିକ କାଳ ଲାଗି କାରା ବରଣ କରିଥିଲେ । ଏହିପରି ପ୍ରତିକୂଳ ପରିସ୍ଥିତି ଓ ପୂର୍ବୋକ୍ତ ଗୋଷ୍ଠୀ ବିବାଦ ହେତୁ ଗୋପବଂଧୁଙ୍କ ମୃତ୍ୟୁ ପରେ ଭୋଟରେ ଜିଣି ପ୍ରାଦେଶିକ କଂଗ୍ରେସର ସଭାପତି ହେବା ନୀଳକଂଠଂକ ପକ୍ଷରେ ସମ୍ଭବ ହୋଇ ନ ଥିଲା । ୧୯୩୪ରେ 'ନବଭାରତ ପ୍ରେସ୍' ପ୍ରତିଷ୍ଠିତ ହୋଇ ତହିଁରୁ 'ମାସିକ ନବଭାରତ' ପ୍ରକାଶିତ ହେଲା । ଫଳରେ ଓଡ଼ିଶା ରାଜନୀତିର କେନ୍ଦ୍ରସ୍ଥଳ କଟକ ସହରରେ ରହି ନୀଳକଂଠଙ୍କୁ ପ୍ରାଦେଶିକ ରାଜନୀତିରେ ଫଳପ୍ରଦ କାର୍ଯ୍ୟ କରିବାର ସୁଯୋଗ ମିଳିଲା । ତେଣୁ କୁଶଳୀ ସଂଗଠକ ନୀଳକଂଠ ଲଗ ଲଗ ୨ବର୍ଷ ପାଇଁ ୧୯୩୫ ଓ ୧୯୩୬ରେ ପ୍ରଦେଶ କଂଗ୍ରେସର ସଭାପତି ପଦ ମଣ୍ଡନ କରି ପାରିଥିଲେ ।

ପଣ୍ଡିତ ନୀଳକଣ୍ଠଙ୍କ ସଭାପତିତ୍ୱ କାଳରେ ଓଡ଼ିଶାରେ ୧୯୩୬ରେ ପ୍ରଥମ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୁଏ ଓ ଏହା ନିଶ୍ଚିତ ଭାବେ ନୀଳକଣ୍ଠଙ୍କ ରାଜନୀତିକ ସାଫଲ୍ୟର ଅନ୍ୟ ଏକ ଉଲ୍ଲେଖନୀୟ ତଥା କୌତୁହଳ-ଜନକ ସମୟ ।

## ଓଡ଼ିଶାର ପ୍ରଥମ ସାଧାରଣ ନିର୍ବାଚନ :

ସେତେବେଳେ ଇଂରେଜଙ୍କ ଭୟରେ କଂଗ୍ରେସ ପ୍ରାର୍ଥୀ ହେବାପାଇଁ ଲୋକ ମିଳୁ ନ ଥିଲେ । ଏପରିକି ଏହି ଦୃଷ୍ଟିରୁ ସେ ସମୟର ବହୁ କଂଗ୍ରେସ ଲୋକେ ଅନ୍ୟ ଦଳ ସହିତ ମିଶି ନିର୍ବାଚନ ଲଢ଼ିବାକୁ ଚାହୁଁଥିଲେ ଓ କଂଗ୍ରେସ ଦଳପକ୍ଷରୁ ନିର୍ବାଚନ ଲଢ଼ିବାର ଦୁଃସାହସ ନ କରିବା ଲାଗି ମତ ଦେଉଥିଲେ । ମାତ୍ର ଉତ୍କଳ କଂଗ୍ରେସର ସଭାପତି ନୀଳକଂଠଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ କଂଗ୍ରେସ ନିର୍ବାଚନରେ ଏକାକୀ ଲଢ଼ି ଜୟଯୁକ୍ତ ହୋଇ ପାରିବ । ସେ ବହୁ କଷ୍ଟରେ ବାଛି ବାଛି ସବା ସଚ୍ଚୋଟ ୩୭ ଜଣ ଲୋକଙ୍କୁ ବିଭିନ୍ନ ଜିଲ୍ଲାରୁ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ଲାଗି ମନୋନୀତ କଲେ ଓ ତାଙ୍କ ଏକକ ଉଦ୍ୟମରେ କଂଗ୍ରେସକୁ ନିର୍ବାଚନରେ ଜୟଯୁକ୍ତ କରାଇଲେ ।

## ନୀଳକଂଠ ଈର୍ଷା ଓ ବିଦ୍ୱେଷର ଶିକାର ହେଲେ :

ନିର୍ବାଚନରେ ନୀଳକଂଠଂକର ଅଦ୍ଭୁତ ସାଫଲ୍ୟ ବିରୋଧୀ ଗୋଷ୍ଠୀକୁ ଅଧିକ କର୍ମ ତତ୍ପର କଲା । ସେମାନେ ନୀଳକଣ୍ଠଙ୍କୁ ମୁଖ୍ୟମନ୍ତ୍ରୀ କରାଇ ନ ଦେବାପାଇଁ ନାନା ପ୍ରକାର ଅନ୍ତରାୟ ସୃଷ୍ଟି କଲେ । ଯୁକ୍ତି କରାଗଲା, ସେ ପ୍ରାଦେଶିକ ବ୍ୟବସ୍ଥା ସଭାର ସଭ୍ୟ ନ ଥିବା ହେତୁ ଓଡ଼ିଶାର ପ୍ରଧାନମନ୍ତ୍ରୀ ଲାଗି ସେ ପ୍ରତିଦ୍ୱନ୍ଦିତା କରି ପାରିବେ

Digitized by PPRACHIN, SOA

ନାହିଁ । ଫଳରେ ନୀଳକଣ୍ଠଙ୍କ ପକ୍ଷରେ ବହୁ ସଭ୍ୟଙ୍କର ସମର୍ଥନ ଥାଇ ସୁଦ୍ଧା ସେ ମୁଖ୍ୟମନ୍ତ୍ରୀ ହୋଇ ପାରିଲେ ନାହିଁ । ତାଙ୍କ ମନୋନୀତ ପ୍ରାର୍ଥୀ ବିଶ୍ୱନାଥ ଦାଶ ମୁଖ୍ୟମନ୍ତ୍ରୀ ହେଲେ, ମାତ୍ର ଯେଉଁ ସର୍ତ୍ତରେ ମୁଖ୍ୟମନ୍ତ୍ରୀ ହେବା ଲାଗି ନୀଳକଣ୍ଠଙ୍କ ସମର୍ଥକମାନେ ତାଙ୍କୁ ସମର୍ଥନ କରିଥିଲେ, ମୁଖ୍ୟମନ୍ତ୍ରୀ ହେବା ପରେ ସେସବୁ ଆଉ ତାଙ୍କ ମନେ ରହିଲା ନାହିଁ ବୋଲି ନୀଳକଣ୍ଠ ଉଲ୍ଲେଖ କରି ଯାଇଛନ୍ତି । ଏହାପରେ ବିଶ୍ୱନାଥ ଦାଶେ ବିରୋଧୀ ଗୋଷ୍ଠୀଙ୍କ ହାତରେ ରହିଲେ । ସେଥିରେ ନୀଳକଣ୍ଠଙ୍କୁ ବହୁ ନିର୍ଯ୍ୟାତନା ସହିବାକୁ ପଡ଼ିଥିଲା । ପୂର୍ବୋକ୍ତ ରବୀନ୍ଦ୍ର ନାଥଙ୍କ ଓଡ଼ିଶା ଆଗମନ ବେଳେ ସାହିତ୍ୟିକ ଭାବେ ନୀଳକଣ୍ଠଙ୍କୁ ଉପେକ୍ଷା କରାଯାଇ-ଥିବା ଏହି ବିଦ୍ୱେଷର ଫଳ ।

ଏହାପରେ ୧୯୩୭ର ପ୍ରାଦେଶିକ କଂଗ୍ରେସ ସଭାପତି ନିର୍ବାଚନ ବେଳକୁ ପୁରୀ ଜିଲ୍ଲାର ଶ୍ରୀ ମୋହନ ଦାଶଙ୍କ ସମେତ ପଣ୍ଡିତ ନୀଳକଣ୍ଠଙ୍କର କେତେକ ଅନୁ-ଗାମୀ ଓ ଘନିଷ୍ଠ ସହକର୍ମୀ ବିରୁଦ୍ଧ ଚକ୍ରର କରଗତ ହୁଅନ୍ତି ଓ ନୀଳକଣ୍ଠଙ୍କୁ ଅପ୍ରତ୍ୟାଶିତ ଭାବେ ପ୍ରତାରିତ କରିବାରେ ନୀଳକଣ୍ଠ ସଭାପତି ନିର୍ବାଚନରେ ୧୨/୧୩ ଭୋଟରେ ବାଲେଶ୍ୱରର ଯୁବ କଂଗ୍ରେସ ନେତା ଶ୍ରୀ ହରେକୃଷ୍ଣ ମହତାବଙ୍କ ଦ୍ୱାରା ପରାଜିତ ହୁଅନ୍ତି ।

## ପରାଜୟ ପରେ ବିଜୟ :

ଏ ସମସ୍ତର ସମ୍ମୁଖୀନ ହୋଇ ନୀଳକଣ୍ଠ ୧୯୩୯ରେ ପୁଣି ପ୍ରଦେଶ କଂଗ୍ରେସ ସଭାପତିର ଆସନ ଅଧିକାର କରନ୍ତି । ମାତ୍ର ତାଙ୍କ ବିରୋଧରେ ଈର୍ଷା, ଦ୍ୱେଷ ଅଧିକ ଘନୀଭୂତ ହୁଏ । ସେ କେନ୍ଦ୍ର ବ୍ୟବସ୍ଥା ସଭା ଅଧିବେଶନରେ ସକ୍ରିୟ ଅଂଶ ଗ୍ରହଣ କରିବା ଓ ଦଳ ସଂପାଦକର ଦାୟିତ୍ୱ ତୁଲାଇବା ନିମନ୍ତେ ବର୍ଷର ଅଧିକାଂଶ ସମୟ ଦିଲ୍ଲୀରେ ରହିବା ଫଳରେ ପ୍ରାଦେଶିକ ସରକାରଙ୍କ ସମର୍ଥିତ ଗୋଷ୍ଠୀଙ୍କର ମୁକାବିଲା କରିବା ତାଙ୍କ ପକ୍ଷେ କଷ୍ଟସାଧ୍ୟ ହୋଇ ଉଠେ । ଘନ ଘନ ବରଦୀ ବୈଠକ ଆହ୍ୱାନ କରିବା ପାଇଁ ଦାବୀ ହୁଏ । ୨ଥର ଏହାର ସମ୍ମୁଖୀନ ହେବା ପରେ ପଣ୍ଡିତ ନୀଳକଣ୍ଠ ବିବ୍ରତ ହୋଇ ପଡ଼ନ୍ତି । ଏଣେ ପୁଣି ପ୍ରାଦେଶିକ କଂଗ୍ରେସ କମିଟି ସଭାପତି ନୀଳକଣ୍ଠଙ୍କର ପ୍ରଦେଶ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାଶଙ୍କ ସହିତ କେତେକ ବିଷୟରେ ନୀତିଗତ ମତଭେଦ ଦେଖାଦେଲା । ନୀଳକଣ୍ଠଙ୍କର ସ୍ପଷ୍ଟ ମତ ଥିଲା, ପ୍ରଦେଶ କଂଗ୍ରେସ ଉଦ୍ୟମରେ ଜୟଯୁକ୍ତ ହୋଇ ବିଧାନ ସଭାରେ ପ୍ରତିନିଧିତ୍ୱ କରୁଥିବା ମୁଖ୍ୟମନ୍ତ୍ରୀ ପ୍ରଦେଶର ସ୍ୱାର୍ଥ ଦୃଷ୍ଟିରୁ ପ୍ରାଦେଶିକ କଂଗ୍ରେସର ନୀତି ଓ ମତାମତ ଘେନି କାମ କରିବା ଆବଶ୍ୟକ । କିନ୍ତୁ ପଣ୍ଡିତଜୀଙ୍କର ଏଇ

Digitized by PPRACHIN, SOA

ଯୁକ୍ତି ଓଡ଼ିଶା ନେତା ବା କେନ୍ଦ୍ର ନେତାଙ୍କୁ ସୁହାଇଲା ନାହିଁ । କ୍ଷମତା ଓ ଅର୍ଥ ପାଖରେ ନୀତି ବା ଆଦର୍ଶର ମୂଲ୍ୟ କିଛି ରହିଲାନାହିଁ । ପରିଣାମରେ ମୁଖ୍ୟମନ୍ତ୍ରୀ ବା ପ୍ରଧାନମନ୍ତ୍ରୀଙ୍କ ନିରଙ୍କୁଶ ନେତୃତ୍ୱ ଆଜି ଭାରତରେ ପ୍ରତିଷ୍ଠିତ ହୋଇଅଛି । ସେଥିରେ କଂଗ୍ରେସ ସଭାପତି ଇଂଲଣ୍ଡର ରାଜାଙ୍କ ପରି କେବଳ ନାମକୁ ମାତ୍ର ରହିଛନ୍ତି ।

## ପଣ୍ଡିତ ନୀଳକଣ୍ଠଙ୍କ ଯୁଦ୍ଧକାଳୀନ ଆଭିମୁଖ୍ୟ :

ଯୁଦ୍ଧକାଳରେ ପଣ୍ଡିତ ନୀଳକଣ୍ଠଙ୍କ ଉଦ୍ୟମରେ ପାରଳା ମହାରାଜାଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଯେଉଁ ମନ୍ତ୍ରୀମଣ୍ଡଳ ଗଢ଼ା ହେଲା ଓ ତା' ପଛରେ ନେତାଜୀ ସୁଭାଷ ଓ ତାଙ୍କ ଫରୱାର୍ଡ୍ ବ୍ଲକର ଯେଉଁ ଆଭିମୁଖ୍ୟ ଥିଲା, ତାହା ଏବେ କ୍ରମେ ପ୍ରକାଶ ପାଉଚି । ଏହା ଯେ ସ୍ୱାଧୀନତା ସଂଗ୍ରାମର ଗୋଟିଏ ଅଙ୍ଗ ଥିଲା, ଏପରିକି ମହାତ୍ମାଗାନ୍ଧିଙ୍କ "ଭାରତ ଛାଡ଼" ଆନ୍ଦୋଳନ ଲାଗି ପ୍ରବର୍ତ୍ତାଇ ଥିଲା, ଏହା ସ୍ପଷ୍ଟତର ହେଉଚି । ମାତ୍ର ସେ ସମୟରେ ନୀଳକଣ୍ଠଙ୍କୁ କ୍ଷମତା ଲୋଭୀ, ଦେଶଦ୍ରୋହୀ ପ୍ରଭୃତି ଆଖ୍ୟା ସହ ବହୁ ଅପମାନର ସମ୍ମୁଖୀନ ହେବାକୁ ପଡ଼ିଚି । ନୀଳକଣ୍ଠ ଅବଶ୍ୟ ସେଥିପ୍ରତି ଭ୍ରୂକ୍ଷେପ କରି ନାହାନ୍ତି । ବୀର ଦର୍ପରେ କାର୍ଯ୍ୟରେ ଆଗେଇ ଯାଇଚନ୍ତି । ଏ ସମ୍ବନ୍ଧରେ ଲୋକଙ୍କୁ ତଥା ସମାଲୋଚକଙ୍କୁ ଉତ୍ତର ଦେବାକୁ ଯାଇ ସେ ଲେଖିଥିଲେ, "ଲୋକେ ଯୁଆଡ଼େ ଭସି ଯାଆନ୍ତି, ସେଇଆଡ଼େ ମତ ଦେଇ ମତାଇବା ଯଥାର୍ଥ ନେତୃତ୍ୱ ନୁହେଁ । ଲୋକେ ସାଧାରଣତଃ ଯାହା ବୁଝି ପାଆନ୍ତି, ଏପରିକି ପରଂ-ପରାରେ ଯାହା କରି ଆସୁଥାନ୍ତି, ନିଜେ ଦୁଃଖ କଷ୍ଟ ସହି ସେଥିରୁ ତାଙ୍କ ମୁହଁ ଫେରାଇ ଗୋଟିଏ ନୀତି ଓ ଆଦର୍ଶ ଆଡ଼କୁ ନେବାର ଚେଷ୍ଟା କରିବାହିଁ ନେତୃତ୍ୱର ମୂଳଦୁଆ । ଲୋକଙ୍କୁ ସୁଖ ଲାଗିବା କଥାରେ ଭସିଯାଇ ଯେ ଲୋକଙ୍କ ନେତା ହେବାକୁ ଲୋଡ଼େ, ସେ ଦୁର୍ବଳ ମାନବ; ସେ ନେତା ହେବାରେ ଲୋକଙ୍କୁ କେବଳ ସତ୍ୟାନାଶ ହେବାଆଡ଼କୁ ଝିଙ୍କେ" ।

( ନବଭାରତ- କୁମାର ପୂର୍ଣ୍ଣିମା ସଂଖ୍ୟା—ତା ୨୪ । ୧୦ । ୪୨ )

ତେଣୁ ଏହା ସତ୍ୟ ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ସୁଭାଷ ଚନ୍ଦ୍ରଙ୍କ ଅନୁ-ମୋଦିତ ପଣ୍ଡିତ ନୀଳକଣ୍ଠଙ୍କର ରାଜନୀତି ଦେଶର ହିତପାଇଁ ଉଦ୍ଦିଷ୍ଟ ଥିଲା ଏବଂ ଭାରତର ସ୍ୱାଧୀନତା ପ୍ରାପ୍ତିରେ ସହାୟକ ହୋଇ ଏଥିପାଇଁ ନୀଳକଣ୍ଠଙ୍କର ସକଳ ସାଧନାକୁ ସାଫଲ୍ୟ ମଣ୍ଡିତ କରିଥିଲା । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ନୀଳକଣ୍ଠଙ୍କୁ ତାଙ୍କ କଂଗ୍ରେସ ବିରୋଧୀ ଆଭିମୁଖ୍ୟ ଓ କାର୍ଯ୍ୟ କଳାପ ଯୋଗୁଁ କେବେହେଲେ

Digitized by PPRACHIN, SOA

କଂଗ୍ରେସ ଦଳରୁ ବହିଷ୍କୃତ କରା ଯାଇନାହିଁ– ଏପରିକି ପ୍ରଦେଶ କଂଗ୍ରେସର ଏ ସଂକ୍ରାନ୍ତ ପ୍ରସ୍ତାବକୁ ଜାତୀୟ କଂଗ୍ରେସ ଗ୍ରହଣ ନ କରି ନୀଳକଣ୍ଠଙ୍କୁ ରାଜନୈତିକ ସମ୍ମାନ ଦେଇଛନ୍ତି ।

## ନିର୍ବାଚନରେ ସାଫଲ୍ୟ :

**(କ) କେନ୍ଦ୍ର ବ୍ୟବସ୍ଥା ସଭା–** ପଣ୍ଡିତଜୀଙ୍କ ସମସ୍ତ ରାଜନୀତିକ ପ୍ରଚେଷ୍ଟା ଲୋକ ସେବା ଲାଗିହିଁ ଅଭିପ୍ରେତ । ତାଙ୍କର ଜନସେବାର ଅଭିମୁଖ୍ୟରେ ଜନତା ଅଭିଭୂତ ଥିଲେ । ଫଳରେ ଇଂରେଜ ରାଜତ୍ୱ କାଳରେ ସେ ଯେଉଁ ୪ଥର କେନ୍ଦ୍ର ବ୍ୟବସ୍ଥା ସଭାପାଇଁ ନିର୍ବଚାନ ଲଢ଼ିଥିଲେ, ସବୁଥର ବହୁ ଅଧିକ ଭୋଟ ପାଇ ସଭ୍ୟ ନିର୍ବାଚିତ ହୋଇଥିଲେ । ପ୍ରଥମ ୨ ଥର ୧୯୨୩ ଓ ୧୯୨୬ରେ କଂଗ୍ରେସର Pro-Changer ବା ସ୍ୱରାଜ୍ୟ ଦଳ ପକ୍ଷରୁ ନିର୍ବାଚିତ ହେଲେ । ୧୯୨୭ ରେ କେନ୍ଦ୍ର ବ୍ୟବସ୍ଥା ସଭା ପ୍ରବେଶକୁ କଂଗ୍ରେସ ଦଳୀୟ କାର୍ଯ୍ୟକ୍ରମ ରୂପେ ଗ୍ରହଣ କରିନେଲା ଓ ୧୯୨୯ର ଲାହୋର ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତା କଂଗ୍ରେସର ଲକ୍ଷ୍ୟ ବୋଲି ଘୋଷଣା କରାଗଲା । ଏହାପରେ ବ୍ୟବସ୍ଥା ସଭାରୁ ଇସ୍ତଫା ଦେବା ଲାଗି କଂଗ୍ରେସ ସଭ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଗଲା । ନୀଳକଣ୍ଠ ଇସ୍ତଫା ଦେଲେ । ଏ ମଧ୍ୟରେ ପଣ୍ଡିତ ମଦନ ମୋହନ ମାଳବ୍ୟଙ୍କ ଦଳ ବ୍ୟବସ୍ଥା ସଭା ମାଧ୍ୟମରେ ସରକାରୀ କଳକୁ ଅଚଳ କରିବା ନୀତି ଗ୍ରହଣ କରିବାରୁ ନୀଳକଣ୍ଠ ଉକ୍ତ ଦଳରେ ଯୋଗ ଦେଇ ନିର୍ବାଚନ ଲଢ଼ିଲେ । ସମସ୍ତେ ଆଶଂକା କରିଥିଲେ ଏହା ମୂଳ କଂଗ୍ରେସ ନିର୍ଦ୍ଦେଶର ପରିପନ୍ଥୀ ହୋଇଥିବା ହେତୁ ନୀଳକଣ୍ଠଙ୍କର ଏଥିରେ ପରାଜୟ ସୁନିଶ୍ଚିତ । ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ମଧ୍ୟ ନୀଳକଣ୍ଠଙ୍କୁ ଭୋଟ ନ ଦେବା ଲାଗି ଲୋକଙ୍କୁ ନିବେଦନ କରିଥିଲେ । ଏସବୁ ସତ୍ତ୍ୱେ ନୀଳକଣ୍ଠ ଏଥିରେ ଜୟଯୁକ୍ତ ହୋଇ କେନ୍ଦ୍ର ଆସେମ୍ବ୍ଲିରେ ଯୋଗ ଦେଲେ । ହେଲେହେଁ, ମହାତ୍ମାଜୀ ଯେତେବେଳେ ଲବଣ ସତ୍ୟାଗ୍ରହର ଆହ୍ୱାନ ଦେଲେ, ନୀଳକଣ୍ଠ ଥୟଧରି ପାରିଲେ ନାହିଁ । ଆସେମ୍ବ୍ଲିରେ ଯୋଗ ଦେବାର ମାତ୍ର ୧୨ ଦିନ ପରେ 'ଲବଣ ସତ୍ୟାଗ୍ରହ' ଉପରେ ଏକ ଓଜସ୍ୱିନୀ ବକ୍ତୃତା ଦେଇ ସଭ୍ୟ ପଦରୁ ଇସ୍ତଫା ଦେଇଦେଲେ । ଏଠି ଉଲ୍ଲେଖ ଯୋଗ୍ୟ ଯେ ସେ ସମୟର ଓଡ଼ିଶାର ଅନ୍ୟତମ ସଭ୍ୟ ଶ୍ରୀଯୁକ୍ତ ଭୁବନାନନ୍ଦ ଦାସ ବ୍ୟବସ୍ଥା ସଭା ସଭ୍ୟ ହୋଇ ରହିଥିଲେ । ନୀଳକଣ୍ଠ ଓଡ଼ିଶା ଆସି ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଲେ ଓ କାରାବରଣ କଲେ । ୧୯୩୦ ରୁ ୧୯୩୩ ମଧ୍ୟରେ ନୀଳକଣ୍ଠ କଂଗ୍ରେସ ଆନ୍ଦୋଳନର ବିଭିନ୍ନ କାର୍ଯ୍ୟ କ୍ରମରେ ୩ ଥରରେ ୨ବର୍ଷ କାଳ କାରାଦଣ୍ଡ ଭୋଗ କରିଛନ୍ତି ।

Digitized by PPRACHIN, SOA

୧୯୩୫ ନିର୍ବାଚନରେ ନୀଳକଣ୍ଠ ୪ର୍ଥ ଥର ଲାଗି କଂଗ୍ରେସ ତରଫରୁ ବ୍ୟବସ୍ଥା ସଭାକୁ ପ୍ରାର୍ଥୀ ହୁଅନ୍ତି ଓ ଅଧିକ ଭୋଟରେ ନିର୍ବାଚିତ ହୁଅଂତି ।

(ଖ) ରାଜ୍ୟ ବିଧାନ ସଭା :

ଦ୍ୱିତୀୟ ବିଶ୍ୱଯୁଦ୍ଧବେଳେ ୧୯୩୯ ଅଗଷ୍ଟରେ ଜାତୀୟ କଂଗ୍ରେସର ପୂର୍ବତନ ସଭାପତି ଫରଓ୍ୱାର୍ଡ଼ ବ୍ଲକର ପ୍ରତିଷ୍ଠାତା ସୁଭାଷ ବୋଷଙ୍କ ସହିତ ସହମତ ହୋଇ ପ୍ରଦେଶ କଂଗ୍ରେସର ସଭାପତି ବିପ୍ଳବୀ ନୀଳକଂଠ ତାଂକୁ ଓଡ଼ିଶାରେ ସ୍ୱାଗତ କଲେ । ସେଥିଲାଗି ଓ ମିଳିତ ମନ୍ତ୍ରୀମଣ୍ଡଳର ପୁରୋଧା ଥିବା ହେତୁ ପଣ୍ଡିତ ନୀଳ-କଣ୍ଠଙ୍କୁ କଂଗ୍ରେସ ତରଫରୁ ନିର୍ବାଚନ ପାଇଁ ପ୍ରାର୍ଥୀତ୍ୱ ମିଳି ନ ଥିଲା ।

ଦେଶପ୍ରାଣ ନୀଳକଣ୍ଠ ୧୯୫୧ରେ ପରିଣତ ବୟସରେ 'ସ୍ୱାଧୀନ ଜନସଂଘ' ନାମରେ ନିଜ ପ୍ରତିଷ୍ଠିତ ଏକ ପ୍ରାଦେଶିକ ଦଳ ପକ୍ଷରୁ ନିର୍ବାଚନ ଲଢ଼ିଲେ । କଂଗ୍ରେସ ସହିତ ତୁମୁଳ ଲଢାଇ ! ନୀଳକଣ୍ଠଙ୍କୁ ହଇରାଣ କରିବା ଲାଗି ତାଙ୍କ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀକୁ ପୁନର୍ଗଠନ ନାମରେ ଭାଂଗି ବହୁ ଦୁର୍ଗମ ଅଂଚଳକୁ ଏଥି ସହ ଯୋଡ଼ି ଦିଆ ଯାଇଥାଏ । ଏଥିରେ କେବଳ ଯେ ନୀଳକଣ୍ଠ ଶଗଡ଼ ଗାଡ଼ିରେ ନିଜ ନିର୍ବାଚନ ଗସ୍ତ ଚଳାଇ ନିଜେ ଜୟଯୁକ୍ତ ହେଲେ, ତା' ନୁହେଁ, ତାଙ୍କ ଦଳର ୪ଜଣ ଯାକ ପ୍ରାର୍ଥୀଙ୍କୁ ମଧ୍ୟ ଜୟଯୁକ୍ତ କରାଇଥିଲେ ।

୧୯୫୭ର ନିର୍ବାଚନ– ଏତେବେଳକୁ ପଣ୍ଡିତ ନୀଳକଣ୍ଠ ଭାରତର ପ୍ରଧାନମନ୍ତ୍ରୀ ଓ କଂଗ୍ରେସ ସଭାପତି ପଣ୍ଡିତ ନେହରୁଙ୍କ ଅନୁରୋଧ କ୍ରମେ ସଭା ସମିତି କରିଆରେ ନିଜ ନିର୍ବାଚନ ମଣ୍ଡଳୀର ମତ ନେଇ କଂଗ୍ରେସକୁ ଫେରି ଆସିଥାନ୍ତି । ତାଙ୍କ ବିରୋଧରେ ତାଙ୍କ ପ୍ରିୟ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରୁ କେହି ପ୍ରତିଦ୍ୱନ୍ଦିତା କଲେ ନାହିଁ । ନୀଳକଣ୍ଠ ଅପ୍ରତିଦ୍ୱନ୍ଦୀ ଭାବରେ ଶେଷଥର ଲାଗି ନିର୍ବାଚନରେ ଜୟଯୁକ୍ତ ହେଲେ । ରାଜ୍ୟ ବିଧାନ ସଭାର ବାଚସ୍ପତିର ଆସନ ଅଳଂକୃତ କଲେ ।

## ଲୋକେ କେବେହେଲେ ନୀଳକଂଠଂକୁ ପ୍ରତ୍ୟାଖ୍ୟାନ କରି ନାହାନ୍ତି

ଏଥିରୁ ସ୍ପଷ୍ଟ ହୁଏ ଯେ କେବେହେଲେ ଲୋକେ ନୀଳକଣ୍ଠଙ୍କୁ ପ୍ରତ୍ୟାଖ୍ୟାନ କରି ନାହାନ୍ତି । କେନ୍ଦ୍ର ଆସେମ୍ବ୍ଲି ଲାଗି ୪ଥର ପ୍ରାର୍ଥୀ ହୋଇ ଦଳ ନିର୍ବିଶେଷରେ ଜୟଯୁକ୍ତ ହୋଇଚନ୍ତି– ରାଜ୍ୟ ବିଧାନ ସଭାକୁ ପ୍ରଥମ ସାଧାରଣ ନିର୍ବାଚନରେ କଂଗ୍ରେସ ତରଫରୁ ୩୭ ଜଣ ପ୍ରାର୍ଥୀ ଠିଆ କରାଇ ୩୬ ଜଣଙ୍କୁ ଅପ୍ରତ୍ୟାଶିତ ଭାବେ ଜୟଯୁକ୍ତ କରାଇଛନ୍ତି ।

Digitized by PPRACHIN, SOA

ପରିଣତ ବୟସରେ ନିଜ ସହିତ ଦଳର ସମସ୍ତ ସଭ୍ୟଙ୍କୁ ନିର୍ବାଚିତ କରାଇଛନ୍ତି ଓ ଶେଷରେ ନିଜେ ଅପ୍ରତିଦ୍ୱନ୍ଦୀ ପାର୍ଥୀ ଭାବେ ନିର୍ବାଚିତ ହୋଇଛନ୍ତି ।

ଏହା ତାଙ୍କର ତ୍ୟାଗ, ସେବା, ଦେଶପ୍ରୀତି, ଆଦର୍ଶ ଓ ସର୍ବୋପରି ତାଙ୍କର ଅଗାଧ ପାଣ୍ଡିତ୍ୟପ୍ରତି ଓଡ଼ିଶା ବାସୀଙ୍କର ସ୍ନେହ, ଆଦର, ଶ୍ରଦ୍ଧା ଓ ଭକ୍ତିର ନିଦର୍ଶନ ମାତ୍ର ।

ଏ ସମସ୍ତରୁ ଦେଖାଯିବ ଯେ ପଣ୍ଡିତ ନୀଳକଣ୍ଠଙ୍କର ଜୀବନ ଏକ ସଫଳ ଜୀବନ । ସମାଜ ସେବା, ସାହିତ୍ୟ ସେବା ତଥା ରାଜନୈତିକ କର୍ମଧାରା ସମସ୍ତରେ ବହୁ ବିରୋଧର ସମ୍ମୁଖୀନ ହୋଇ ଅବଶେଷରେ ସାଫଲ୍ୟ ମଣ୍ଡିତ ହୋଇଛନ୍ତି । ସେ ରାଜ୍ୟର ମୁଖ୍ୟମନ୍ତ୍ରୀ ବା ଦେଶର ରାଷ୍ଟ୍ରପତି ହୋଇ ନାହାନ୍ତି ସତ, ମାତ୍ର ଏ ସମସ୍ତର ଊର୍ଦ୍ଧ୍ୱରେ ପ୍ରଚଣ୍ଡ ପ୍ରତିଭା ସମ୍ପନ୍ନ ପଣ୍ଡିତ ନୀଳକଣ୍ଠ ଭାବରେ ପ୍ରତିଭାତ ହୋଇଛନ୍ତି ।

—※—

ଧର୍ମଶାସ୍ତ୍ର–ପଥଧରି, ତୀର୍ଥ ଦରଶନେ
ଲଭିବି କି ସତ୍ୟର ସେ ଅମୃତ–ସରଣୀ ?
ଜୀବେ ଜୀବେ ନରେ ନରେ ଭେଦି ପ୍ରଖ୍ୟାପନେ,
ଦେଖିବି କି ପୀରତିର କଲ୍ୟାଣ–କରଣୀ ?
କେସନେ ବା ଏ ଜୀବନେ
ତୁଟାଇ କିବା ବଂଧନେ,
ଖୋଜିଲେ ଶୁଣିବି ସେହି ନିତ୍ୟ–ଆଶା–ବାଣୀ ?
(ନୀଳକଣ୍ଠ–ଭକ୍ତ ଗାଥା)

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠଙ୍କ 'ଆର୍ଯ୍ୟଜୀବନ'

ଡକ୍ଟର ଶ୍ରୀ ଗଙ୍ଗାଧର ବଳ

ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ପଣ୍ଡିତ ନୀଳକଣ୍ଠଙ୍କ 'ଆର୍ଯ୍ୟଜୀବନ' ଏକ ଉଚ୍ଚ-କୋଟୀର ଗ୍ରନ୍ଥ । ଏଥିରେ ସେ ଆର୍ଯ୍ୟଜୀବନର ପ୍ରକୃତି, ତା'ର ଅଧିଷ୍ଠାନ, ମୂଳାଧାର (ଆଧ୍ୟାତ୍ମିକତା), ସାଧନା ଓ ଶେଷରେ ତା'ର ଆଦର୍ଶ ସମ୍ପର୍କରେ ଯେପରି ଗଭୀର ମନନଧର୍ମୀ ଆଲୋଚନା କରିଛନ୍ତି, ସାମ୍ପ୍ରତିକ ପରିପ୍ରେକ୍ଷୀରେ ତା'ର ପ୍ରାସଙ୍ଗିକତା ଅନସ୍ୱୀକାର୍ଯ୍ୟ ।

ବେଦ ଓ ଉପନିଷଦର ମନ୍ତ୍ରଦ୍ରଷ୍ଟା ଋଷିମାନେ ଜୀବନରେ ଆଧ୍ୟାତ୍ମିକତା, ଧର୍ମ–ସାଧନା ଏବଂ ଜୀବନର ଆଦର୍ଶ ଆତ୍ମତତ୍ତ୍ୱଉପଲବ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ମଧ୍ୟ ଅନନ୍ତଗର୍ଭା ବିଶ୍ୱପ୍ରକୃତି, ବୈଚିତ୍ର୍ୟମୟୀ ମାନବ ଜୀବନର ସମ୍ଭୋଗ ସମ୍ପର୍କରେ ଉଦାସୀନ ନଥିଲେ । ସେମାନେ ବେଦ, ଉପନିଷଦ ଓ ପରବର୍ତ୍ତୀ କାଳରେ ଗୀତା ଓ ଶ୍ରୀମଦ୍ଭାଗବତ ରଚନା ମଧ୍ୟରେ କେବଳ ନିଜ କାଳର ଚିନ୍ତା ଉପସ୍ଥାପନ କରି ନାହାନ୍ତି, ଅତୀତର ଜ୍ଞାନ ଓ ଅନୁଭୂତିର ଭିତ୍ତିରେ ସ୍ୱ ସ୍ୱ କାଳରେ ପ୍ରତିଷ୍ଠିତ ରହି ସୁଦୂର ଭବିଷ୍ୟତପାଇଁ ଜୀବନ ଓ ଜଗତ୍ ସମ୍ପର୍କରେ ଯେଉଁ ମନ୍ତ୍ର ବା ବାଣୀ ଉଚ୍ଚାରଣ କରିଯାଇଛନ୍ତି, ସେଥିରେ ଯେପରି ରହିଛି ତ୍ୟାଗ ଓ ବୈରାଗ୍ୟର ଦ୍ୟୋତନା, ସେହିପରି ରହିଛି ଜୀବନ ସମ୍ଭୋଗର ବଳିଷ୍ଠ ସଙ୍କେତ । ଏ ଦେଶରେ ଯେଉଁ ଚତୁର୍ବର୍ଣ୍ଣା-ଶ୍ରମର ପରିକଳ୍ପନା କରଯାଇଛି, ତା' ମୂଳରେ ଭାରତୀୟ ଋଷି ପ୍ରଜ୍ଞାନର ଚିନ୍ତନରେ ଔଚିତ୍ୟ ଲକ୍ଷ୍ୟ କରିବାର ବିଷୟ । ସଫଳ ଗାର୍ହସ୍ଥ୍ୟ ଜୀବନ ଯାପନପାଇଁ ପ୍ରୟୋଜନ ପ୍ରଥମ ସୋପାନ ବ୍ରହ୍ମଚର୍ଯ୍ୟାଶ୍ରମ । ଗାର୍ହସ୍ଥ୍ୟାଶ୍ରମରେ ହୁଏ ମାନବ ଜୀବନର ପ୍ରକୃଷ୍ଟ ପରୀକ୍ଷା । ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଜୀବନ ହୁଏ ସାର୍ଥକ । ଗାର୍ହସ୍ଥ୍ୟ ଜୀବନର ସାର୍ଥକତାପାଇଁ ଆମ ବେଦ, ଉପନିଷଦ୍ ଇତ୍ୟାଦିର ସୃଷ୍ଟି । ସଂସାରର ନାନା ଝଞ୍ଜାଳ, ନାନା ଜଟିଳ ପରିସ୍ଥିତି ମଧ୍ୟରେ ଚିତ୍ତରେ ଭାରସାମ୍ୟ ରଖି ଜୀବନର ସଂଯତ ସମ୍ଭୋଗ ଦ୍ୱାରରେ ଜଗତ୍ ଓ ମନୁଷ୍ୟ ଜୀବନର ଶ୍ରେୟପାଇଁ ନିଜର ଜୀବନ ଉତ୍ସର୍ଗ କରି-ଦେବା ଆର୍ଯ୍ୟ ଜୀବନର ବୈଶିଷ୍ଟ୍ୟ । ଜୀବନର ଏକ ସ୍ତରରେ ସାଂସାରିକ ଭୋଗରେ

Digitized by PPRACHIN, SOA

ବିତୃଷ୍ଣା ଆସେ; ସେଥିପାଇଁତ ଜୀବନର ତୃତୀୟ ଓ ଚତୁର୍ଥାଶ୍ରମ ଯଥା ବାନପ୍ରସ୍ଥ ଓ ଗାର୍ହସ୍ଥ୍ୟାଶ୍ରମର ଆବଶ୍ୟକତା ।

ଜୀବନ ସମ୍ପର୍କରେ ଭାରତୀୟ ଋଷିପ୍ରଜ୍ଞାନର ଏ ଅପୂର୍ବ ବ୍ୟବସ୍ଥା କେବଳ ଯୁଗର ଆଭିମୁଖ୍ୟ ବହନ ନ କରି କରିଛି ଯୁଗାତୀତର । ଆଜି ସମଗ୍ର ବିଶ୍ୱରେ ମାନବ ଜୀବନର ସ୍ଥିତି ଓ ଆଭିମୁଖ୍ୟ ଲକ୍ଷ୍ୟ କଲେ ହା ହତୋସ୍ମି ହେବାକୁ ପଡ଼େ । ଭାରତ ଯୁଗ ଯୁଗ ଧରି ସମଗ୍ର ବିଶ୍ୱ ସମକ୍ଷରେ ଜ୍ଞାନ ଓ ଆଧ୍ୟାତ୍ମିକତାର ଭାସ୍ୱର ବର୍ତ୍ତିକା ପ୍ରଜ୍ୱଳିତ କରି ଆସିଛି ବୋଲି ବକ୍ଷ ସ୍ଫୀତ କରୁଁ; କିନ୍ତୁ ସନାତନ ଧର୍ମ ଓ ଆଧ୍ୟାତ୍ମିକତାର ପୀଠ ଭାରତରେ ବର୍ତ୍ତମାନ ଯେଉଁ ଚରମ ନୈତିକ ଅଧୋଗତି ଦେଖାଦେଇଛି, ପ୍ରାଣର ପ୍ରସାର ସ୍ଥାନରେ ନୀଚ ସ୍ୱାର୍ଥ ଓ ଆତ୍ମକେନ୍ଦ୍ରିକତାର ଯେଉଁ ନିର୍ଲଜ୍ଜ ନାଟକ ଅହରହ ଅଭିନୀତ ହେଉଛି, ପୁଣି ବଚନର ଭଙ୍ଗିମା ସ୍ଥାନରେ ଆଚରଣର ଯେଉଁ ଲଘିମା ବା ବୈପରୀତ୍ୟ ଲକ୍ଷ୍ୟ କରୁଛୁ, ତାହା ଭାବିଲେ ବିଗ୍ୱରଶୀଳ ଲୋକର ମସ୍ତକ ଲଜ୍ଜାରେ ନଇଁଯାଏ । ପାଶ୍ଚାତ୍ୟ ଦେଶବାସୀ କ୍ଷମତା, ପ୍ରାଚୁର୍ଯ୍ୟ, ଜୀବନର ଅସଂଯତ ସମ୍ଭୋଗ ମଧ୍ୟରେ ଜୀବନର ବ୍ୟର୍ଥତା ଉପଲବ୍ଧି କରିବା ଅବସରରେ ଯେତେବେଳେ ଏଇ ଋଷି ଓ ସାଧକର ଦେଶ ଭାରତ ପ୍ରତି ଆଶାୟୀ ନେତ୍ରରେ ଗ୍ୱହିଁ ରହିଛନ୍ତି, ପୁଣି ଦଳ ଦଳ ଲୋକ ପ୍ରାଚୁର୍ଯ୍ୟରେ ପଦାଘାତ କରି ସହଜ ନିରଡ଼ମ୍ବର ଦେଶ ଭାରତକୁ ଶାନ୍ତି ଓ ସାନ୍ତ୍ୱନାର ସନ୍ଧାନରେ ଗ୍ୱଲି ଆସୁଛନ୍ତି, ଆଜି ଭାରତ ସେହି ପାଶ୍ଚାତ୍ୟର ଧ୍ୱଂସମୁଖୀ ଅସଂଯତ ଜୀବନ ସମ୍ଭୋଗ-ପାଇଁ ଉନ୍ମତ୍ତ । ଆଜିର ଚରମ ବସ୍ତୁତାନ୍ତ୍ରିକ ଦୃଷ୍ଟିଭଙ୍ଗୀ, ଦେହ ସର୍ବସ୍ୱତା, ସଂକୀର୍ଣ୍ଣ ସ୍ୱାର୍ଥ, ଅନ୍ୟାୟ ଓ ବିଗ୍ୱରହୀନତାର ଯେଉଁ ଅଭିନୟ ଗ୍ୱଲିଛି, ତା'ର କୁପରିଣତି ଦେଶବାସୀ ମର୍ମେ ମର୍ମେ ଭୋଗୁଛନ୍ତି । ସମାଜ ଓ ରାଷ୍ଟ୍ରର ବିଭିନ୍ନ କ୍ଷେତ୍ରରୁ ନ୍ୟାୟ, ନୀତିବୋଧ, ଦକ୍ଷତା, କର୍ତ୍ତବ୍ୟ ତଥା ଶୃଙ୍ଖଳାବୋଧ ବିଦାୟ ନେଇଛି । ଅଳ୍ପ କିମ୍ବା ବିନା ପରିଶ୍ରମରେ ନାନା ଉପାୟରେ ବହୁ ପରିମାଣରେ ସମ୍ପତ୍ତି ଠୁଳ କରିବା ହୋଇଛି ସାମ୍ପ୍ରତିକ ମଣିଷର ପ୍ରବୃତ୍ତି । ଆଜି ଛାତ୍ର ସମାଜ ବିଶୃଙ୍ଖଳ ଓ ଆଦର୍ଶହୀନ କହି ତାଙ୍କ ଉପରେ ଦୋଷ ଲଦୁଛୁ । ବ୍ୟକ୍ତିଗତ ତଥା ସାମାଜିକ ଆଚରଣରେ ନିଜେ ଅନିୟନ୍ତ୍ରିତ ରହି ଅନ୍ୟମାନଙ୍କ ଉପରେ ବଚନସର୍ବସ୍ୱ ଶୃଙ୍ଖଳା ଓ ନୀତିବୋଧର ନିୟନ୍ତ୍ରଣ ଲାଗି କରୁଛୁ । ଦୁର୍ନୀତି ଓ ଭ୍ରଷ୍ଟାଗ୍ୱର ଚୂଡ଼ା ସ୍ପର୍ଶ କଲାଣି । ଭବିଷ୍ୟତ ଅନ୍ଧକାରାଚ୍ଛନ୍ନ ଦେଖୁ ଯୁବସମାଜ ହତାଶ, ଦିଗ୍‌ଭ୍ରଷ୍ଟ । ସବୁସ୍ତରରେ ଅପରାଧର ମାତ୍ରା ଓ ଅପରାଧୀ ସଂଖ୍ୟା

Digitized by PPRACHIN, SOA

ବଢ଼ିବାରେ ଲାଗିଛି । ବ୍ୟକ୍ତି, ସମାଜ ଓ ରାଷ୍ଟ୍ରର ଏ ଅଧୋଗତି ଲକ୍ଷ୍ୟକରି ପାରମ୍ପରିକ ମୂଲ୍ୟବୋଧରେ ବିଶ୍ୱାସୀ ଲୋକେ ନିଜକୁ ନିଃସହାୟ ଓ ଜୀବନ୍ମୃତ ମନେ କରୁଛନ୍ତି ।

ଏ ପରିସ୍ଥିତିରେ ଆମ ଋଷି ପ୍ରଜ୍ଞାନ-ସୃଷ୍ଟ ବେଦ, ସଂହିତା ଓ ଉପନିଷଦର କାଳଜୟୀ ବାଣୀ ଓ ତାର ଅନ୍ତରଙ୍ଗ ଆଚରଣର ଅନୁଶୀଳନ ଏବଂ ଜୀବନରେ ତା'ର ପ୍ରୟୋଗର ଆବଶ୍ୟକତା ଯେ ଜରୁରି ଏଥିରେ ସନ୍ଦେହ ନାହିଁ । ନୀଳକଣ୍ଠଙ୍କର 'ଆର୍ଯ୍ୟ ଜୀବନ'ର ଅନୁସରଣରେ ତା'ର ଆଲୋଚନା କରଯାଉଛି ।

## ଆର୍ଯ୍ୟ ଜୀବନର ପ୍ରକୃତି :

ନୀଳକଣ୍ଠ ଆର୍ଯ୍ୟ ଜୀବନର ପ୍ରକୃତି ସମ୍ପର୍କରେ ଆଲୋଚନା କରି କହିଛନ୍ତି– ଜୀବନ ହେଉଛି ବିକାଶ; କ୍ଷୟ ଓ ବିବର୍ତ୍ତନର ଗୋଟିଏ ନୀତି ବା ନିୟମ, ଗୋଟିଏ ଆଭ୍ୟନ୍ତରୀଣ ଶକ୍ତି । ଏହି ନୀତିର କ୍ରିୟାଶୀଳତାରେ ଗୋଟିଏ ପରମ୍ପରା ଫୁଟିଉଠେ । ଗୋଟିଏ ଆଦର୍ଶ ବା ଲକ୍ଷ୍ୟ ହେଉଛି ତା'ର (ପରମ୍ପରାର) ମେରୁଦଣ୍ଡ । ମୃତ୍ୟୁ ଶେଷ ପର୍ଯ୍ୟନ୍ତ ଜୀବନ୍ତ ମନୁଷ୍ୟ ସେହି ଆଦର୍ଶର ଅନୁସରଣ କରି ଏକ ଲକ୍ଷ୍ୟ ଦିଗରେ ପ୍ରଧାବିତ ହୁଏ । ଏହି ଲକ୍ଷ୍ୟ ବା ଆଦର୍ଶର ଅବସାନ ଘଟିଲେ ଜୀବନର ଅସ୍ତିତ୍ୱ ରହେ ନାହିଁ । ଜୀବନି ରୂପକ ଶକ୍ତି ସହିତ ନୀତି, ପରମ୍ପରା ଓ ଆଦର୍ଶ ତିନୋଟି ଓତପ୍ରୋତ ଭାବରେ ଜଡ଼ିତ; ଏ ତିନୋଟି ବ୍ୟତିରେକେ ଶରୀର ହେଉଛି ଏକ ଜଡ଼ପିଣ୍ଡ । (ଆର୍ଯ୍ୟ ଜୀବନ ପୃ)

ଜୀବନ୍ତ ବସ୍ତୁ ଓ ଅନ୍ୟଠାରେ (ପରିବାର, ସମାଜ, ଧର୍ମ, ଜାତି) ଏହି ନୀତି ଓ ପରମ୍ପରା ଲକ୍ଷିତ ହେଲେ ମଧ୍ୟ ପ୍ରତ୍ୟେକର ବ୍ୟକ୍ତିତ୍ୱ ସ୍ୱତନ୍ତ୍ର । ମନୁଷ୍ୟର ମୃତ୍ୟୁରେ ତା'ର ବ୍ୟକ୍ତିଗତ ଜୀବନର ସମାପ୍ତି ଘଟିଲେ ମଧ୍ୟ ପରିବାରର ବ୍ୟକ୍ତିତ୍ୱ ଓ ଜୀବନର ପରମ୍ପରା ବିନଷ୍ଟ ହୁଏ ନାହିଁ । ବଂଶପରମ୍ପରା କ୍ରମେ ପାରିବାରିକ ବ୍ୟକ୍ତିତ୍ୱର ପ୍ରବାହ ଅପ୍ରତିହତ ଭାବରେ ଚାଲିଥାଏ, ଯେଉଁଥିପାଇଁ ଆମେ ପୂର୍ବ ପୁରୁଷଙ୍କ ପ୍ରତିଷ୍ଠାରେ ନିଜକୁ ଗୌରବାନ୍ୱିତ ମନେ କରୁ । ପାରିବାରିକ ବ୍ୟକ୍ତିତ୍ୱର ଊର୍ଦ୍ଧ୍ୱରେ ରହିଛି ଜାତୀୟ ବ୍ୟକ୍ତିତ୍ୱ । ବ୍ୟକ୍ତି ଓ ପରିବାରର ସମବାୟରେ ଜାତି ଗଠିତ ହେଲେ ମଧ୍ୟ ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ପାରିବାରିକ ପରମ୍ପରାଠାରୁ ଜାତୀୟ ଜୀବନ ସ୍ୱତନ୍ତ୍ର, ଯଦିଓ ପରିବାରର ଓ ବ୍ୟକ୍ତିମାନଙ୍କ କ୍ରିୟା କଳାପରେ ଜାତୀୟ ଜୀବନ-ପରମ୍ପରା ପ୍ରକାଶିତ ହୁଏ; ପୁଣି ବ୍ୟକ୍ତି ଓ ପରିବାରର ବିନାଶରେ ଜାତୀୟ ଜୀବନର ବିନାଶ ଘଟିବା ଦୂରେ ଥାଉ, ବରଂ ତା'ର ଆତ୍ମୋତ୍ସର୍ଗରେ ଜାତୀୟ ଜୀବନ ବର୍ଦ୍ଧିଷ୍ଣୁ ଓ ବଳିଷ୍ଠ ହୁଏ । ତେଣୁ ସମଗ୍ର ଜାତୀୟ ଜୀବନର ସନ୍ଧାନ ନେବାକୁ ହେବ ।

Digitized by PPRACHIN, SOA

ପୃଥିବୀର ବହୁ ଜାତି ଘଟଣା କ୍ରମେ ଅନ୍ୟ ଜାତି ବା ବ୍ୟକ୍ତି ବା ଧର୍ମର ପ୍ରଭାବରେ ନିଜ ପରମ୍ପରା ବିସ୍ମୃତ ହୋଇ ନିଜର ଜାତୀୟ ଜୀବନର ଅଭିନବ ପରିବର୍ତ୍ତନ ଘଟାଇଛନ୍ତି । କିନ୍ତୁ ଭାରତରେ ଯେଉଁ ଜାତୀୟତାର ବିକାଶ ଘଟିଛି, ତା'ର ମୂଳନୀତି ବା ଆଦର୍ଶ ଏକ ପ୍ରକାର ଅପରିବର୍ତ୍ତିତ ରହିଛି । ଏକ ଶାଶ୍ୱତ ଆଦର୍ଶରେ ପ୍ରତିଷ୍ଠିତ ହୋଇଥିବାରୁ ଭାରତରେ କେବଳ ଅସଲ ଆର୍ଯ୍ୟ ସଭ୍ୟତାର ସନ୍ଧାନ ମିଳେ ।

ମିଶର, ବେବିଲନ୍, ଆସିରିଆ ପ୍ରଭୃତି ପ୍ରାଚୀନ ସଭ୍ୟତା କାଳଗର୍ଭରେ ଲୀନ ହୋଇଯାଇଛି । ଖ୍ରୀଷ୍ଟଧର୍ମର ବ୍ୟାପକ ପ୍ରଚାର ହେତୁ ୟୁରୋପରୁ ସକ୍ରେଟିସ୍; ପ୍ଲେଟୋ ଓ ଆରିଷ୍ଟଲ ପ୍ରଭୃତି ପ୍ରାଚୀନ ଗ୍ରୀସ୍ ଦାର୍ଶନିକମାନଙ୍କ ସମୟର ଜାତୀୟ ଆଦର୍ଶ ଅପସରି ଯାଇଛି । କିନ୍ତୁ ଭାରତରେ ତା'ର ବ୍ୟତିକ୍ରମ ଲକ୍ଷ୍ୟକଲେ, ତା'ର ସଂସ୍କୃତି ଓ ଜାତୀୟ ସଭ୍ୟତା ସମ୍ପର୍କରେ ମନରେ ବାସ୍ତବିକ ବିସ୍ମୟ ଜାତ ହୁଏ ।

କାଳର ବିବର୍ତ୍ତନରେ ଭାରତର ସମାଜ ଓ ଧର୍ମରେ ବହୁ ଶାଖା ପ୍ରଶାଖା ଦେଖା ଦେଇଥିଲେ ମଧ୍ୟ ସେ ଗୁଡ଼ିକର ମୂଳରେ ରହିଛି ସନାତନ ଆର୍ଯ୍ୟଧର୍ମ ଓ ବେଦୋକ୍ତ ଆର୍ଯ୍ୟନୀତି । ଶଙ୍କର, ରାମାନୁଜ, ଚୈତନ୍ୟ ପ୍ରଭୃତି ଧର୍ମ ପ୍ରଚାରକମାନେ ଭିନ୍ନ ଭିନ୍ନ ସମ୍ପ୍ରଦାୟ ଗଠନ କଲେ ମଧ୍ୟ ସମସ୍ତେ ହେଉଛନ୍ତି ବୈଦିକ ତତ୍ତ୍ୱର ବ୍ୟାଖ୍ୟାକାର । ପୃଥିବୀର ଅନ୍ୟ ଧର୍ମସମ୍ପ୍ରଦାୟ ପରି ସେମାନଙ୍କ ମଧ୍ୟରେ ସାମ୍ପ୍ରଦାୟିକ ବିଦ୍ୱେଷ ବା ଧର୍ମମତରେ ବିରୋଧ ନାହିଁ । ବହୁତ୍ୱ ମଧ୍ୟରେ ଏକତ୍ୱର ସଙ୍କେତ ଦେଇଛି ଆର୍ଯ୍ୟଧର୍ମ, ସେଥିପାଇଁ ତ ତାହା ସାର୍ବଜନୀନ ଓ ସର୍ବବାଦୀସମ୍ମତ । ପ୍ରେମ, ସେବା, ଅହିଂସା, ଦୟା, ଶରଣାଗତ ପ୍ରଭୃତି ଯେଉଁ ନୀତିଗୁଡ଼ିକ ପୃଥିବୀର ବିଭିନ୍ନ ଧର୍ମର ଅଙ୍ଗୀଭୂତ ଆମର ସନାତନ ଆର୍ଯ୍ୟଧର୍ମ ସେଗୁଡ଼ିକ କ୍ରୋଡ଼ୀଭୂତ କରି ସାର୍ବଜନୀନ ବିଶ୍ୱଧର୍ମର ଗୌରବ ଅର୍ଜ୍ଜନ କରିଛି । କାଳେ କାଳେ ନାନା ପରିବର୍ତ୍ତନ, ନାନା ବିକାର ଓ ପ୍ରଭାବ ମଧ୍ୟରେ ମୌଳିକ ଆର୍ଯ୍ୟନୀତି ନିଷ୍ପ୍ରଭ ହୋଇ ଯାଇ ନାହିଁ । ସମାଜର ବିଭିନ୍ନ ଜାତି ଆଦିମ ଯୁଗରେ ପରମାତ୍ମା ବିଶ୍ୱରୂପୀ ବିରାଟ ପୁରୁଷଙ୍କଠାରୁ ଜାତ ହୋଇଥିଲେ ବୋଲି ଆଜି ମଧ୍ୟ ଆର୍ଯ୍ୟମାନେ ବିଶ୍ୱାସ କରନ୍ତି ।

ବିଭିନ୍ନ ସମୟରେ ବୈଦେଶିକ ଶକ୍ତିମାନଙ୍କର ଆକ୍ରମଣ ଓ ବିଜୟ ଫଳରେ ଭାରତର ମେରୁଦଣ୍ଡ ଭାଙ୍ଗିପଡ଼ି ନାହିଁ; ତା'ର ସଭ୍ୟତାର ସ୍ୱାତନ୍ତ୍ର୍ୟ ଲୋପ ପାଇନାହିଁ । ପୁଣି ଭାରତର ରାଜନୀତିରେ ପରିବର୍ତ୍ତନ ଘଟିଲେ ମଧ୍ୟ ଏହା ବେଦ; ଶ୍ରୁତି, ପୁରାଣର ଆଦର୍ଶରୁ ବିଚ୍ୟୁତ ହୋଇନାହିଁ । ରାଜା ଅଷ୍ଟ ଲୋକପାଳଙ୍କ ଅଂଶରେ ନିର୍ମିତ ହୋଇଛନ୍ତି ବୋଲି ଆର୍ଯ୍ୟ ବିଶ୍ୱାସ କରେ । ଭାରତୀୟ ରାଜା ମଧ୍ୟ ବିଶ୍ୱାସ କରେ ପ୍ରଜାପାଳନ ଓ ପ୍ରକୃତି ରଞ୍ଜନ ପାଇଁ ତା'ର ରାଜତ୍ୱ, ବ୍ୟକ୍ତିଗତ ଭୋଗ ବିଳାସ ପାଇଁ ନୁହେଁ ।

Digitized by PPRACHIN, SOA

ଆର୍ଯ୍ୟ ସଭ୍ୟତା ଅନନ୍ତ ଶାଖାରେ ବିଭକ୍ତ ହୋଇଥିଲେ ମଧ୍ୟ, ବିଭିନ୍ନ ଶାଖାରେ ବିଭିନ୍ନ ବିଭବ ଓ ବାହ୍ୟ ପ୍ରଭବଜ୍ଜ ବିକାର ଦେଖା ଦେଇଥିଲେ ମଧ୍ୟ ଆର୍ଯ୍ୟ ମାନଙ୍କର ସନାତନ ଆଦର୍ଶ ଏବେ ମଧ୍ୟ ଅକ୍ଷୁର୍ଣ୍ଣ ରହିଛି । ଏତନ୍ମଧ୍ୟରେ ତା'ର ଜାତୀୟ ପରମ୍ପରା, ମୌଳିକତା ଓ ଜାତୀୟ ଆଦର୍ଶର ବିକାଶ ଲକ୍ଷ୍ୟଣୀୟ । ଆର୍ଯ୍ୟ ସନ୍ତାନ ଆଜି ତର୍ପଣ କାଳରେ କେଉଁ ଅଜ୍ଞାତ କାଳର ପିତୃ ପୁରୁଷଙ୍କ ସହ ସମ୍ପର୍କ ସ୍ଥାପନ କରି ପ୍ରାଣର ଆବେଗରେ କହେ– ସୋମପାନକାରୀ ପିତୃମାନେ ତୃପ୍ତ ହୁଅନ୍ତୁ । ଅଗ୍ନି ଉପାସକ ପିତୃମାନେ ତୃପ୍ତ ହୁଅନ୍ତୁ, ଯଜ୍ଞ ହୋମ କରୁଥିବା ପିତୃମାନେ ତୃପ୍ତ ହୁଅନ୍ତୁ (୧) । ଭାରତରେ ଆର୍ଯ୍ୟର ସନାତନତ୍ୱ ପ୍ରତିଷ୍ଠିତ ହୋଇଛି ଏହି ଆଦିମ ସ୍ମୃତିରେ ।

ଗ୍ରୀକ୍, ଶକ, ମୁସଲମାନ ଓ ଖ୍ରୀଷ୍ଟିୟାନ ପ୍ରଭୃତିଙ୍କ ଧର୍ମପ୍ରଚାର ଜନିତ ଅପଚେଷ୍ଟାରେ ଭାରତ ଆତ୍ମବିସ୍ମୃତ ହୋଇନାହିଁ; ତା'ର ଜାତୀୟ ଜୀବନକୁ ସେହିପରି ବଳିଷ୍ଠ ରଖିଛି । ଆଜି ପାଶ୍ଚାତ୍ୟର ଭୋଗ–ସର୍ବସ୍ୱ ଦେହାତ୍ମବାଦୀ ସଭ୍ୟତାର ଆପାତ-ମଧୁର ରୂପରେ ଆମର ଜାତୀୟ ଜୀବନର ଆଦର୍ଶ ଯେପରି ବିପନ୍ନ ହେବାକୁ ବସିଛି, ଏ ଅବସ୍ଥାରେ ଆର୍ଯ୍ୟର ସନାତନ ଧର୍ମ ଓ ମୌଳିକ ପରମ୍ପରା ଭାରତୀୟମାନଙ୍କର ହେବ ରକ୍ଷା କବଚ । ନୀଳକଣ୍ଠଙ୍କ ଭାଷାରେ–– 'ଆର୍ଯ୍ୟର ସନାତନ ଧର୍ମ ଓ ସଭ୍ୟତା, ପରମ୍ପରା ବିଧାନର ଅପରିଜ୍ଞେୟ ମୌଳିକତା, କର୍ମମୟ ଜୀବନର ସାଧୁ ସ୍ୱାଭାବିକ ଧର୍ମନିଷ୍ଠା, ସମାଜର ପ୍ରାକୃତିକ ଓ କର୍ତ୍ତବ୍ୟମୟ ପ୍ରତିଷ୍ଠାନ ପ୍ରଭୃତି ଆର୍ଯ୍ୟ ଜୀବନକୁ ଭାରତରେ ଜାଗ୍ରତ ରଖିଅଛି ଓ ରଖିବ । (ଆର୍ଯ୍ୟଜୀବନ–ପୃ ୧୬/୧୭)

ଭାରତୀୟ ଜାତୀୟତା ଓ ଆର୍ଯ୍ୟ ସନାତନ ଧର୍ମର ଆଦର୍ଶ ଅନ୍ୟର ଅତ୍ୟାଚାର ନିକଟରେ ଆତ୍ମସମର୍ପଣ କରିନାହିଁ, ବରଂ ତା'ର ଜାତୀୟତାର ବିଶ୍ୱତୋମୁଖୀ ବ୍ୟକ୍ତିତ୍ୱ ସ୍ୱତଃ ପ୍ରଚାରିତ ହୋଇ ଜଗତରେ ଆଲୋକବର୍ତ୍ତିକା ବିକୀରଣ କରିଛି । ୟୁରୋପ ଓ ଏସିଆର ବିଶାଳ ଭୂଖଣ୍ଡରେ ବୌଦ୍ଧ ଧର୍ମର ସାମ୍ୟନୀତି ଓ ସାଧନାର ସ୍ୱତଃ ପ୍ରଚାର ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ । ଆର୍ଯ୍ୟଜୀବନର ବିଭିନ୍ନ ବିଭାଗ, ତା'ର ତତ୍ତ୍ୱ-ରାଶି ୟୁରୋପକୁ ବିଭିନ୍ନ ସମୟରେ ପ୍ରଭାବିତ କରି ଆସିଛି । ଯେଉଁ ଆଧୁନିକ ୟୁରୋପୀୟ ଦର୍ଶନ ସ୍ପିନୋଜା ଦର୍ଶନର ବିକାଶ ବୋଲି କୁହାଯାଏ, ସେହି ସ୍ପିନୋଜା ଆମ ଭାରତୀୟ ଉପନିଷଦର ଆରବୀୟ ଅନୁବାଦ ବଳରେ ନିଜର ଦାର୍ଶନିକ ମତର ପ୍ରତିଷ୍ଠା ଓ ପ୍ରଚାର କରିଥିଲେ । ଭାରତୀୟ ମୌଳିକ ସଭ୍ୟତାର ଆଲୋଚନା କରି

---

(୧) ସୋମପାଃ ପିତରସ୍ତୃପ୍ୟନ୍ତାଂ, ଅଗ୍ନିଷ୍ୱାତ୍ତାଃ ପିତରସ୍ତୃପ୍ୟନ୍ତାଂ ବର୍ହିଷଦଃ ପିତରସ୍ତୃପ୍ୟନ୍ତାଂ । (ଆର୍ଯ୍ୟଜୀବନ, ପୃ. ୧୪ରୁ ଉଦ୍ଧୃତ)

Digitized by PPRACHIN, SOA

ଗିକ୍ ପରିବ୍ରାଜକ ମେଗାସ୍ଥିନିସ୍, ଜର୍ମାନ୍ ଦାର୍ଶନିକ ସୋପେନହାଓ୍ୱାର ଓ ମାକ୍ସ-ମୁଲର୍ ତା'ର ଭୂୟସୀ ପ୍ରଶଂସା କରିଯାଇଛନ୍ତି ।

ଆର୍ଯଜୀବନ ଯୁଗେ ଯୁଗେ ବିଭିନ୍ନ ଆଦର୍ଶର ପ୍ରଭବରେ ବର୍ଦ୍ଧିଷ୍ଣୁ ହୋଇ ବିଶ୍ୱତୋମୁଖୀ ବିକାଶ ପଥରେ ବିଶ୍ୱରେ ଆଶା ଓ ଅନନ୍ତ ସମ୍ଭାବନାର ଦିଗନ୍ତ ଉନ୍ମୋଚନ କରିବାର ପୁଣ୍ୟ ଅର୍ଜନ କରିଛି ।

## ଆର୍ଯଜୀବନର ବୀଜ :

ଜୀବନ ଓ ଜଗତ୍‌କୁ ଅସ୍ୱୀକାର କରି ନୁହେଁ, ବରଂ ଜୀବନ–ସମ୍ଭୋଗରେ ଆର୍ଯଜୀବନର ବୀଜ ନିହିତ । ଏହି ଜୀବନ ସମ୍ଭୋଗ ହେଉଛି ଆତ୍ମଲାଭ ବା ଆତ୍ମତ୍ୱର ଉପଲବ୍‌ଧି, ଯା'ର ମୂଳରେ ରହିଛି ଜୀବନର ସମଗ୍ର ବିକାଶ ଏବଂ ଅଭବବୋଧହିଁ ଏହି ବିକାଶର ବୀଜ । ଆର୍ଯଦୃଷ୍ଟିରେ ମୃତ୍ୟୁ ଜୀବନର ସମାପ୍ତି ନୁହେଁ, ଜୀବନର ପରପାର ପର୍ଯ୍ୟନ୍ତ ତା'ର ଦୃଷ୍ଟି ସୁଦୂର-ପ୍ରସାରୀ, ଜୀବନର ବିକାଶପାଇଁ ମୃତ୍ୟୁ ସହିତ ତା'ର ଜୀବନର ସମ୍ବନ୍ଧ ଶାଶ୍ୱତ । ଆର୍ଯ ଦୃଷ୍ଟିରେ ସମଗ୍ର ଦୃଶ୍ୟମାନ୍ ଜଗତ୍ ଯେପରିକି ଗୋଟିଏ ଦୀର୍ଘକାଳର ସ୍ୱପ୍ନ, ଏହି ସ୍ୱପ୍ନହିଁ ତା ନିକଟରେ ସତ୍ୟ । ଏହି ଦୃଷ୍ଟିରୁ ଆର୍ଯର ଜୀବନ ଅନନ୍ତ ପ୍ରହେଳିକାରେ ପରିପୂର୍ଣ୍ଣ । ଜୀବନ ମରଣର ପ୍ରହେଳିକାରେ ଆର୍ଯ ଜୀବନର ଶାଶ୍ୱତ ସତ୍ୟ ଓ ଜଗତର ମୂଳତତ୍ତ୍ୱ ଅନ୍ୱେଷଣ କରିବାରେ ସଚେତ । ଜୀବନ ଓ ମରଣ ପରି ସୁଖ ଦୁଃଖ ଅସ୍ଥାୟୀ । ଦେହବନ୍ଧନରୁ ମୁକ୍ତିଲାଭ କରି ନିତ୍ୟସୁଖର ଅନ୍ୱେଷଣ କରିବାକୁ ହେବ– ମାନବାତ୍ମାର ଏହି ଶାଶ୍ୱତଜିଜ୍ଞାସା ଉପନିଷଦ୍‌ତତ୍ତ୍ୱଗୁଡ଼ିକରେ ପ୍ରତିଫଳିତ ହୋଇଛି ।

ଉପନିଷଦ୍ ଓ ଦାର୍ଶନିକ ତତ୍ତ୍ୱ ବିଚାରର ବହୁ ପୂର୍ବରୁ ବିଶ୍ୱର ସମ୍ଭୋଗପାଇଁ ବିଶ୍ୱସତ୍ତାର ଯେଉଁ ସ୍ୱାଭାବିକ ବିକାଶ ଆର୍ଯଋଷିଙ୍କ ପ୍ରାଣକୁ ଶିଶୁସୁଲଭ ଆନନ୍ଦରେ ପ୍ଲାବିତ କରିଥିଲା, ତାହାହିଁ ଆଜି ବେଦଗାନ, ଯେଉଁଥିରେ ପ୍ରତିଫଳିତ ହୋଇଥିଲା ତା'ର ଆଦିମ ଭାବ, ଧର୍ମ ଓ ଆଦର୍ଶ । ଋଗ୍‌ବେଦ ସଂହିତାର ସୂକ୍ତ (ମନ୍ତ୍ର) ଗୁଡ଼ିକରେ ପ୍ରତିଫଳିତ ହୋଇଛି ଆର୍ଯଋଷିଙ୍କ ଜୀବନ ସମ୍ଭୋଗର ସରଳ ଓ ସରସ ଅନୁଭୂତିଗୁଡ଼ିକ । ଇନ୍ଦ୍ର, ଅଗ୍ନି, ଉଷା, ମରୁତ୍ ପ୍ରଭୃତି ଦେବତାଙ୍କ ଉଦ୍ଦେଶ୍ୟରେ ରଚିତ ସୂକ୍ତଗୁଡ଼ିକ ସକାମ ପ୍ରାର୍ଥନାରେ ପରିପୂର୍ଣ୍ଣ, ଯେଉଁଥିରେ ବାସ୍ତବ ଜୀବନପ୍ରତି ଔଦାସୀନ୍ୟ ପରିବର୍ତ୍ତେ ଜୀବନର ସରସତା ଓ ସମ୍ଭୋଗର ଆକାଂକ୍ଷା ପ୍ରତିଫଳିତ । ଜୀବନର ସାତ୍ତ୍ୱିକ ସମ୍ଭୋଗ ଓ ଉପଲବ୍‌ଧିର ଅନନ୍ତ ଲୀଳା ମଧ୍ୟରେ ସେ ଦେବତାର କଳ୍ପନା କରିଛି ।

Digitized by PPRACHIN, SOA

ବୈଦିକ ଋଷିର ସରଳ କଳ୍ପନାରେ ବିଶ୍ୱସତ୍ତା ଓ ବିଶ୍ୱାତ୍ମାର ଇଙ୍ଗିତ ଲକ୍ଷିତ ହୁଏ । ବୈଦିକ ଯାଗ ଯଜ୍ଞ (କ୍ରିୟାକାଣ୍ଡ) ମୂଳରେ ରହିଛି ଜୀବନର ସମ୍ଭୋଗ ଓ ଉପଲବ୍ଧିର ଆନନ୍ଦ । ଦେବତା ଓ ମାନବ ଉଭୟେ ହୋଇଚନ୍ତି ସମ୍ଭୋଗରେ ତୁଲ୍ୟଭାଗୀ, ଦେବତା ହୋଇଛି ମାନବର ଅତିଥି ।

କ୍ରମେ ଜଗତ୍ ଓ ଜୀବନ ସମ୍ପର୍କରେ ଚିନ୍ତାର ବିକାଶ ଘଟି ଅନନ୍ତ ସମ୍ପର୍କରେ ଜିଜ୍ଞାସା ଦେଖା ଦେଇଛି ଉପନିଷଦର ଋଷି କଣ୍ଠରେ ଓ ଦର୍ଶନମାନଙ୍କରେ । ପୁଣି ବେଦାନ୍ତର ବିଶ୍ଳେଷଣରେ ଉପନିଷଦର ଏହି ସତ୍ୟାନୁଭବ ଚୂଡ଼ାନ୍ତ ସୀମା ସ୍ପର୍ଶ କରିଛି । ଧୀରେ ଧୀରେ ଆର୍ଯ୍ୟର ଅନୁଭବ ଆସିଛି । 'ବାସ୍ତବହିଁ ବ୍ରହ୍ମ, ଅନୁଭୂତିହିଁ ସତ୍ୟ, ସମ୍ଭୋଗହିଁ ସାଧନା!' (ଆର୍ଯ୍ୟଜୀବନ ପୃ ୪୭) । ସମୁଚିତ କର୍ମସମ୍ଭୋଗ ହେଉଛି ବେଦାନ୍ତର ସାଧନା । ଜୀବନ ଓ ଜଗତ୍‌ର ସମ୍ଭୋଗ ଜନିତ ତୃପ୍ତିରେ ମୁକ୍ତିଲାଭ ସମ୍ଭବପର, ଦୁଃଖ ଜ୍ଞାନରେ ନୁହେଁ । ସୁଖ ଓ ଦୁଃଖକୁ ସମଜ୍ଞାନ କରି କର୍ତ୍ତବ୍ୟ ସମ୍ପାଦନରେ ସନ୍ତୋଷଲାଭ କରିବାକୁ ହେବ । ବୈଦାନ୍ତିକ ଚିନ୍ତା ଧାରାରେ ନାମରୂପମୟ ବିଚିତ୍ର ବାସ୍ତବ ଜଗତ୍ ହେଉଛି ବ୍ରହ୍ମର ବିକାଶ, ତାହା ଅବାସ୍ତବ ନୁହେଁ । ବାସ୍ତବବିଶ୍ୱ ଆର୍ଯ୍ୟର ଜୀବନକ୍ରିୟାରେ ପ୍ରତିଫଳିତ ହୋଇଛି, କର୍ତ୍ତବ୍ୟ ସମ୍ପାଦନ ତା ପକ୍ଷରେ ଅପରିହାର୍ଯ୍ୟ । ସୁଖଦୁଃଖରେ ସମଭାବନା ପୋଷଣ କରି ଆର୍ଯ୍ୟକୁ ଜୀବନଯାତ୍ରା ନିର୍ବାହ କରିବାକୁ ହେବ ।

## ଆର୍ଯ୍ୟର ଧର୍ମ ଚେତନା :

ନୀଳକଣ୍ଠ ଆର୍ଯ୍ୟ ଜୀବନର ଅଧିଷ୍ଠାନ, ଧର୍ମ ସମ୍ପର୍କରେ ଆଲୋଚନା କରି କହିଛନ୍ତି— Religion ଅର୍ଥରେ ଯେପରି ଖ୍ରୀଷ୍ଟ, ମୁସଲମାନ, ଜୈନ ଓ ବୌଦ୍ଧଧର୍ମ ଇତ୍ୟାଦି ବୁଝାଯାଏ, ଆର୍ଯ୍ୟଧର୍ମ ସେହି ଅର୍ଥରେ ବୁଝିବାକୁ ହୁଏନାହିଁ । ଆର୍ଯ୍ୟଋଷିଙ୍କ ଦୃଷ୍ଟିରେ ଧର୍ମ ମାନବ ଜୀବନର ପ୍ରକୃତି, ଏହା ତା'ର ମାନବତ୍ୱ, ଏହା ସୃଷ୍ଟିର ଉତ୍ପତ୍ତି ଓ ଈଶ୍ୱର ସମ୍ପର୍କୀୟ ବିଭିନ୍ନ ମତବାଦର ପ୍ରହେଳିକା ନୁହେଁ । ଆର୍ଯ୍ୟଋଷି ଯେଉଁ ସତ୍ୟର ଅନୁସନ୍ଧିତ୍ସୁ, ସେ ସତ୍ୟ ତା ନିକଟରେ ସ୍ଥିର । ସେ ଈଶ୍ୱର ବିଶ୍ୱାସ କରେ । ତା' ଦୃଷ୍ଟିରେ ତା'ର ଧର୍ମ ସନାତନ, ଈଶ୍ୱର ପରି ଏକରୂପ, ବିଶ୍ୱପରି ବ୍ୟାପକ ଏବଂ ସୃଷ୍ଟିପରି ନିତ୍ୟ ବିକାଶ ନିୟମର ଅଧୀନ । ଈଶ୍ୱର ଯେଉଁ ସୃଷ୍ଟିର କାରଣ, ବେଦରେ ସେହି ସୃଷ୍ଟି-ନିୟମର ଉଲ୍ଲେଖ ରହିଛି । ଆର୍ଯ୍ୟ ଦୃଷ୍ଟିରେ ସେହି ସୃଷ୍ଟି ନିୟମହିଁ ଧର୍ମ, ଯାହାକି ସ୍ଥିର ଓ ଅପରିବର୍ତ୍ତନୀୟ । ସନାତନ ବିଶ୍ୱଶୃଙ୍ଖଳାରେ ତା'ର ଗଭୀର ବିଶ୍ୱାସ ରହିଛି । ଭଗବାନ୍ ଓ ବିଶ୍ୱନିୟମକୁ ସେ ଏକ ଓ ନିର୍ଦ୍ଦିଷ୍ଟ ମନେ କରେ ।

Digitized by PPRACHIN, SOA

ଯେଉଁ ଈଶ୍ୱର ଓ ଧର୍ମ ସତ୍ୟ, ମନୁଷ୍ୟ ସ୍ୱାଧୀନ ଭବରେ ତା'ର ବ୍ୟାଖ୍ୟା ମାତ୍ର କରୁଛି । ବ୍ୟାଖ୍ୟାରେ ଆପାତତଃ ଭିନ୍ନ ଭିନ୍ନ ମତବାଦ ଦେଖା ଦେଇଥିଲେ ମଧ୍ୟ ଏଗୁଡ଼ିକ ଆର୍ଯ୍ୟର ଧର୍ମ ନୁହନ୍ତି ।

ପୃଥିବୀରେ ଯେଉଁସବୁ ଧର୍ମ ଦେଖାଯାଏ, ସେଗୁଡ଼ିକ ମତବାଦ–ସର୍ବସ୍ୱ । ଜଣେ ଜଣେ ପ୍ରଭବଶାଳୀ ବ୍ୟକ୍ତିଙ୍କର ମତବାଦ ଧର୍ମ ନାମରେ ପ୍ରଚ୍ଚରିତ ହୋଇଛି, ଯାହାକି ଅନ୍ୟମାନେ ସମାଲୋଚନା କରିପାରିବେ ନାହିଁ । ସେଥିରେ ସ୍ୱାଧୀନଚିନ୍ତା ବା ଆଲୋଚନାର ସ୍ଥାନ ନାହିଁ । ଖ୍ରୀଷ୍ଟିୟାନ୍ ଓ ମୁସଲମାନ୍ ଧର୍ମରେ ସ୍ୱାଧୀନଚେତା ଲୋକ ନିଜର ବ୍ୟକ୍ତିଗତ ମତ ପ୍ରକାଶ କରି ବିଧର୍ମୀ ରୂପେ ଚରମ କଷ୍ଟ, ଯନ୍ତ୍ରଣା ଏପରିକି ମୃତ୍ୟୁ ବରଣ କରିଛନ୍ତି; କିନ୍ତୁ ପବିତ୍ର ଆର୍ଯ୍ୟଭୂମି ଭରତରେ ବ୍ୟକ୍ତିଗତ ମତ ବା ଧର୍ମ ପାଇଁ ରକ୍ତପାତ କେବେ ହୋଇନାହିଁ । ଦ୍ୱୈତ, ଅଦ୍ୱୈତ ପ୍ରଭୃତି ନାନା ମତ, ନାନା ଶାଖାମତ ସେହି ଏକ ନିର୍ଦ୍ଦିଷ୍ଟ ସନାତନ ଆର୍ଯ୍ୟ ଧର୍ମର ବ୍ୟାଖ୍ୟା, ଗୋଟିଏ ଧର୍ମର ଅଙ୍ଗ ବୋଲି ଗ୍ରହଣ କରଯାଇଛି ।

ବିଭିନ୍ନ ମତବାଦର ବହୁଳତା ମଧ୍ୟରେ ଆର୍ଯ୍ୟର ସନାତନ ଧର୍ମର ସ୍ୱରୂପ ସମ୍ପର୍କରେ ପ୍ରଶ୍ନ ଉଠେ । ଉତ୍ତରରେ କୁହାଯାଇ ପାରେ, ସମଗ୍ର ବିଶ୍ୱ ଯେଉଁ ଶାଶ୍ୱତ ନିଯମ ଶୃଙ୍ଖଳାରେ ଅଧିଷ୍ଠିତ, ତାହାହିଁ ଧର୍ମ ( ଧ୍ରିୟତେ ଧର୍ମଃ ଇତ୍ୟାହୁ ) ଧର୍ମ ବିଶ୍ୱସୃଷ୍ଟିର ଉଦ୍ଦେଶ୍ୟ ହୋଇଥିବାରୁ ତାହା ଗ୍ରହଣ କରିନେବା ମନୁଷ୍ୟ ପକ୍ଷରେ ସ୍ୱାଭବିକ । ଆର୍ଯ୍ୟଋଷି ବୁଝିଥିଲେ : ଅନନ୍ତ ବିଶ୍ୱ ହେଉଛି ଉଦ୍ଦେଶ୍ୟମୟ, ଚିନ୍ମୟ ପରମାତ୍ମା ଉଦ୍ଦେଶ୍ୟ ରୂପେ ସମସ୍ତ ବିଶ୍ୱରେ ପରିବ୍ୟାପ୍ତ । ଏହି ଆଧ୍ୟାତ୍ମିକ ଦୃଷ୍ଟିରେ ପ୍ରତ୍ୟେକ ସୃଷ୍ଟି ବସ୍ତୁର ନିର୍ଦ୍ଦିଷ୍ଟ ପ୍ରକୃତି, କ୍ରିୟା ଓ ଉଦ୍ଦେଶ୍ୟ ନିତ୍ୟ ଓ ଅବିଚଳିତ । ଆର୍ଯ୍ୟଋଷିଙ୍କର ଆଧ୍ୟାତ୍ମିକତାର ଫଳ ହେଉଛି, ଧର୍ମ ସମ୍ପର୍କରେ ବ୍ୟାପକ ଧାରଣା ଓ ସନାତନତ୍ୱ । ଏହି ଧର୍ମଜ୍ଞାନର ଉଦୟରେ ମନୁଷ୍ୟ ବିଶ୍ୱରେ ଭଗବତ୍‌ସତ୍ତା ଅନୁଭବ କରି ମାୟା ଓ ମୋହ ବନ୍ଧନରୁ ମୁକ୍ତିଲଭ କରେ ।

ଅପୌରୁଷେୟ ବେଦ ଆର୍ଯ୍ୟମାନଙ୍କର ଧର୍ମଗ୍ରନ୍ଥ, ଯା'ର ବିଶ୍ୱାସରେ କୌଣସି ତର୍କର ପ୍ରଶ୍ନ ଉଠେନା । ଆମର ଆଦି ପୂର୍ବପୁରୁଷମାନେ ଯେଉଁ ଧର୍ମ ଓ ସତ୍ୟ ଉପଲବ୍ଧି କରିଥିଲେ, ସରଳ ବୈଦିକ ସୂକ୍ତରେ ତାହା ପ୍ରକାଶ କରିଯାଇଛନ୍ତି । ଏଥିରେ ବିଶ୍ୱୈକପ୍ରାଣତା ଓ ସତ୍ୟଧର୍ମର ପ୍ରତିଷ୍ଠା ହୋଇଛି । ମାକ୍ସମୁଲର୍ ଓ ଫ୍ଲାଇଡ଼ର୍ ପ୍ରଭୃତି ପାଶ୍ଚାତ୍ୟ ଦେଶର ଧର୍ମ–ଦର୍ଶନ–ବିତ୍‌ମାନେ ବୈଦିକ ଧର୍ମ ଧାରଣା ମଧ୍ୟରେ ଅଖଣ୍ଡ ଓ ଅନନ୍ତର ଅନୁଭବ ସ୍ୱୀକାର କରିଛନ୍ତି ।

Digitized by PPRACHIN, SOA

ଆର୍ଯ୍ୟଋଷି ଆଧ୍ୟାତ୍ମିକ ଭାବରେ ପ୍ରତିଷ୍ଠିତ ହୋଇ ସତ୍ୟର ଅନ୍ୱେଷଣ କରିଛି । ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡକୁ ସେ ନିଜର ଆଧ୍ୟାତ୍ମିକ ଦୃଷ୍ଟିରେ ଦେଖିବାରେ ଅଭ୍ୟସ୍ତ । ଅନନ୍ତ ଅନ୍ତର୍ଜ୍ୟୋତି ବା ବ୍ରହ୍ମଜ୍ୟୋତି ବ୍ୟତିରେକେ ତା'ର ଦୃଷ୍ଟିରେ ସମସ୍ତ ବିଶ୍ୱବ୍ରହ୍ମାଣ୍ଡ ସତ୍ତାହୀନ । ନିଜର ନିୟମଶୃଙ୍ଖଳାରେ ସମଗ୍ର ସୃଷ୍ଟିରେ ବିଧାତା ପରିବ୍ୟାପ୍ତ । ଆର୍ଯ୍ୟର ଧର୍ମ ଭାବର ଉତ୍ପତ୍ତି ଏହି ଗଭୀର ଆଧ୍ୟାତ୍ମ-ଦୃଷ୍ଟିଭଙ୍ଗୀରୁ । ପ୍ରତ୍ୟେକ ସୃଷ୍ଟ ବସ୍ତୁରେ ସେ ବିଶ୍ୱ ପିତାଙ୍କର ଏକ ଉଦ୍ଦେଶ୍ୟ ଉପଲବ୍ଧି କରେ । ଏହି ଉଦ୍ଦେଶ୍ୟ ଯେଉଁ ଶୃଙ୍ଖଳାରେ ସାଧିତ ହୁଏ, ତାହା ତା' ଦୃଷ୍ଟିରେ ଧର୍ମ । ଏହି ଧର୍ମ କେବଳ କର୍ତ୍ତବ୍ୟ ନୁହେଁ, ଏହା ସୃଷ୍ଟିର ଜୀବନ, ବିଶ୍ୱପିତାଙ୍କର ଆଦେଶ । ତାଙ୍କ ଠାରେ ଆତ୍ମସମର୍ପଣ କରି ସମସ୍ତେ ଯେପରି ତାଙ୍କର ଆଦେଶ ପାଳନରେ କର୍ମ ନିରତ ।

ଆର୍ଯ୍ୟର ଧର୍ମ ଧାରଣାରେ ଅନନ୍ତ ବିଶ୍ୱତନ୍ତ୍ରରେ ସମସ୍ତେ ନିଜ ନିଜ ନିର୍ଦ୍ଦିଷ୍ଟସ୍ଥାନ ପୂରଣ କରନ୍ତି ମାତ୍ର, ତାହାହିଁ ସ୍ୱଧର୍ମ । ଯେ କୌଣସି ଅବସ୍ଥାରେ ଧର୍ମତ୍ୟାଗ ଆର୍ଯ୍ୟ ପକ୍ଷରେ ଅକ୍ଷମଣୀୟ; ସେଥିପାଇଁ ସର୍ବୋପନିଷଦସାର ଧର୍ମନୀତିର ସାର ସଂଗ୍ରହ ଶ୍ରୀମଦ୍ ଭଗବଦ୍‌ଗୀତା କହେ—

‘ ସ୍ୱଧର୍ମେ ନିଧନଂ ଶ୍ରେୟଃ
ପରଧର୍ମୋ ଭୟାବହଃ ’

ଅର୍ଥାତ୍ ନିଜ ଧର୍ମରେ ମୃତ୍ୟୁ ବରଂ ଶ୍ରେୟସ୍କର, କିନ୍ତୁ ପରଧର୍ମ ବା ଅନ୍ୟ ଧର୍ମ ଆଚରଣ ଅନୁଚିତ ।

ଆର୍ଯ୍ୟର ସ୍ୱାଧୀନ କର୍ମପରମ୍ପରାରେ ଥିଲା ଶୃଙ୍ଖଳା ଓ ସଂଯମ । ସ୍ୱାଧୀନତା ନାମରେ ସେ ସ୍ୱେଚ୍ଛାଚାରିତାକୁ ପ୍ରଶ୍ରୟ ଦେଇନାହିଁ । ତା ଦୃଷ୍ଟିରେ ନିୟମାଧୀନ ସ୍ୱାତନ୍ତ୍ର୍ୟ ହିଁ ସ୍ୱାଧୀନତା । ସେ ସ୍ୱାଧୀନତାର ମର୍ମ ଉପଲବ୍ଧି କରିଥିବାରୁ ଆର୍ଯ୍ୟଭୂମି ଭାରତରେ ସଭ୍ୟତାର ପରମ୍ପରା ପ୍ରତିହତ ହୋଇନାହିଁ । ଅନ୍ୟ ସଭ୍ୟତାର ପ୍ରଭାବରେ ଆର୍ଯ୍ୟ ନିଜସ୍ୱ ହରାଇ ନାହିଁ । ନୀଳକଣ୍ଠଙ୍କ ଭାଷାରେ—‘ନିଜର ସ୍ଥିର ଆଧ୍ୟାତ୍ମିକ ଧାରଣାରେ ବିଶ୍ୱୈକତ୍ୱ ଧାରଣାକରି, ଧର୍ମରେ— ସ୍ୱଧର୍ମରେ ଜୀବନର ଆଦର୍ଶ ଦୃଢ଼ ରଖି ଆର୍ଯ୍ୟ ଯଥେଷ୍ଟ ସ୍ୱାଧୀନତା ଭୋଗ କରି ଆସିଛି’ । ବିଧର୍ମୀର ଅତ୍ୟାଚାର ସତ୍ତ୍ୱେ ଆର୍ଯ୍ୟର ସହିଷ୍ଣୁତା ଓ ଉଦାର ଆତିଥେୟତା ଏକାନ୍ତ ବିସ୍ମୟକର । ତା'ର ଦୃଢ଼ ଧର୍ମ ଧାରଣାହେତୁ ଅନ୍ୟାନ୍ୟ ଜାତି ପରି ବିପ୍ଳବରେ ଆର୍ଯ୍ୟସଭ୍ୟତାର ପରମ୍ପରା ବିଚ୍ଛିନ୍ନ ହୋଇ ଯାଇନାହିଁ ।

Digitized by PPRACHIN, SOA

ଆର୍ଯ୍ୟର ଦୃଢ଼ ବିଶ୍ୱାସ : ବିଧାତା ସୃଷ୍ଟି ଆରମ୍ଭରେ ଯଜ୍ଞ ଅର୍ଥାତ କର୍ମ ବା ଧର୍ମ ସହ ପ୍ରଜାସୃଷ୍ଟିକରି ସେମାନଙ୍କୁ କହିଥିଲେ-- 'କର୍ମ ବା ଧର୍ମର ନିୟମରେ ରହି ସ୍ୱାଧିନତା ଭୋଗକର । ଜୀବସୃଷ୍ଟି ସଙ୍ଗେ ଈଶ୍ୱର କର୍ମସୃଷ୍ଟି କରିଛନ୍ତି, କର୍ମ ବିନା ଜୀବନଧାରଣ କଷ୍ଟକର । ପୁଣି ଗୁଣ ଓ କର୍ମାନୁସାରେ ଚାରିବର୍ଣ୍ଣର ସୃଷ୍ଟି । କର୍ମ ଓ ଧର୍ମ ଭଗବାନଙ୍କ ପରି ନିତ୍ୟ, ଅପରିବର୍ତ୍ତନୀୟ । ଏହା ବିଧାତାଙ୍କର ନିର୍ଦ୍ଦେଶ । ବେଦ ଓ ଆପ୍ତବାକ୍ୟରେ ଏହି ଧର୍ମ, ଏହି ନିର୍ଦ୍ଦେଶର ସନ୍ଧାନ ମିଳେ । ଆର୍ଯ୍ୟଦୃଷ୍ଟିରେ ବେଦ ଓ ଆପ୍ତବାକ୍ୟ ଈଶ୍ୱରବାକ୍ୟ ହୋଇଥିବାରୁ ତାହା ତର୍କର ଅତୀତ ।

## ଆର୍ଯ୍ୟର ଆଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀ :

ଆର୍ଯ୍ୟ ତା'ର ଆଧ୍ୟାତ୍ମିକ ଦୃଷ୍ଟି ହେତୁ ସମସ୍ତ କାର୍ଯ୍ୟରେ ଈଶ୍ୱରଙ୍କ ପ୍ରେରଣା ଲାଭ କରେ । ବିଶ୍ୱନିୟମ ଓ ବିଶ୍ୱଧର୍ମରେ ତା'ର ଗଭୀର ବିଶ୍ୱାସ ଥିବାରୁ ସେ ବିଶ୍ୱମଧ୍ୟରେ ନିଜତ୍ୱ ଓ ନିଜ ମଧ୍ୟରେ ସମଗ୍ର ବିଶ୍ୱକୁ ଉପଲବ୍ଧି କରେ । ତା'ର ଧର୍ମଧାରଣା କେବଳ ପରିବାର, ଜାତି ବା ଦେଶପାଇଁ ନୁହେଁ, ସମଗ୍ର ବିଶ୍ୱବ୍ରହ୍ମାଣ୍ଡ-ପାଇଁ । ଧର୍ମ ରକ୍ଷାକରି କର୍ତ୍ତବ୍ୟ ପାଳନରେ ମୃତ୍ୟୁ ବରଣ କରିବା ତା' ଦୃଷ୍ଟିରେ ଉନ୍ନତ ଜୀବନ ବ୍ୟବସ୍ଥା । ଜନ୍ମାନ୍ତର ଏବଂ ଆତ୍ମାର ସର୍ବବ୍ୟାପିତ୍ୱ ଏବଂ ଅବିନାଶିତ୍ୱରେ ତା'ର ଦୃଢ଼ ବିଶ୍ୱାସ । ଗୋଟିଏ ଜୀବନର ସୁଖ ଦୁଃଖରେ ସେ ବିବ୍ରତ ନୁହେଁ । ତେଣୁ ମୃତ୍ୟୁ ସମ୍ପର୍କରେ ତା'ର ତିଳେମାତ୍ର ଆଶଙ୍କା ନାହିଁ ।

ଆର୍ଯ୍ୟ ନିଜ କାର୍ଯ୍ୟରେ ସମସ୍ତ ବିଶ୍ୱକୁ ପ୍ରତିବିମ୍ବିତ ହୋଇଥିବାର ଦେଖେ ଏବଂ ସମଗ୍ର ବିଶ୍ୱ ନିଜ କାର୍ଯ୍ୟଦ୍ୱାରା ପ୍ରଭାବିତ ବୋଲି ଅନୁଭବ କରେ । ଏଥିରେ ତା'ର ପ୍ରାଣର ଉଦାରତା ପରିସ୍ଫୁଟ ହୁଏ । ଅନନ୍ତ ବିଶ୍ୱତନ୍ତ୍ରରେ କା'ର ସୃଷ୍ଟି ନିରର୍ଥକ ନୁହେଁ ବା ସ୍ୱତନ୍ତ୍ର ଭାବରେ କାହାରି କିଛି ମୂଲ୍ୟ ନାହିଁ । ସମସ୍ତେ ଈଶ୍ୱରଙ୍କଠାରେ ଚିତ୍ତ ଅର୍ପଣ କରି ନିଷ୍କାମକର୍ମ କରି ଚାଲିବା ଉଚିତ । ସେ ବିଶ୍ୱାସ କରେ : କର୍ମରେ ତା'ର ଅଧିକାର, ଫଳରେ ନୁହେଁ । ଫଳ ଯାହାହେଉ, ଧର୍ମ ନିମିତ୍ତ ତା'କୁ କର୍ମ କରିବାକୁ ହେବ । ଏ ସବୁ ଧର୍ମ ଓ କର୍ମ ଆର୍ଯ୍ୟର ଦୈନନ୍ଦିନ ଅଭ୍ୟାସରେ ଦେଖାଯାଏ । ଜୀବନର ପ୍ରତ୍ୟେକ କାର୍ଯ୍ୟ, ପ୍ରତ୍ୟେକ ନିଃଶ୍ୱାସ ଚାଳନାରେ ସେ ଭଗବତ୍ ସତ୍ତା ଅନୁଭବ କରେ ।

ଆର୍ଯ୍ୟ ଦୃଷ୍ଟିରେ ଈଶ୍ୱର ସର୍ବବ୍ୟାପୀ, ବିଶ୍ୱବ୍ରହ୍ମାଣ୍ଡ ତାଙ୍କର ବିଗ୍ରହ । ସେ ସର୍ବଦା ସର୍ବତ୍ର ଈଶ୍ୱରଙ୍କୁ ନିଜ ଭାବରେ ଦର୍ଶନ କରନ୍ତି । ସେଥିପାଇଁ କୌଣସି ଠାରେ ସେ

Digitized by PPRACHIN, SOA

ଭେଦ ଜ୍ଞାନ ରଖେନା । ମତବାଦର ବିଭିନ୍ନତା ସତ୍ତ୍ୱେ ଧର୍ମ ନିତ୍ୟ, ଶାଶ୍ୱତ । ଅନନ୍ତ ବିଶ୍ୱଲୀଳା ମଧ୍ୟରେ ତା'ର ଆସିଛି ଉଦାର ଆତ୍ମବୋଧ । ଆତ୍ମତ୍ତ୍ୱ ଉପଲବ୍ଧିର ସରସତାରେ ତା'ର ଧର୍ମ ପରିପୂର୍ଣ୍ଣ । ନିର୍ମଳ ଅଧ୍ୟାତ୍ମଭାବରେ ଆର୍ଯ୍ୟ ଈଶ୍ୱରଙ୍କ ନିର୍ଦ୍ଦେଶକୁ ନିଜର କର୍ତ୍ତବ୍ୟ ଓ ଧର୍ମ ବୋଲି ଗ୍ରହଣ କରି ସ୍ୱାଧୀନ ଭାବରେ ଆଚରଣ କରୁଛି ବା ଆତ୍ମଲାଭ କରୁଛି ଅନନ୍ତ ବିଶ୍ୱରେ ପରମାତ୍ମା ପ୍ରକାଶିତ ହୋଇ ସତେ ଯେପରି ଆତ୍ମଲାଭ କରୁଛନ୍ତି । ସ୍ୱଧର୍ମରେ ଆତ୍ମଲାଭ ସମ୍ଭବ ବୋଲି ଆର୍ଯ୍ୟଙ୍କର ବିଶ୍ୱାସ । ତେଣୁ ଗୋଟିଏ ଦିଗରୁ ଦେଖିଲେ ଆର୍ଯ୍ୟଧର୍ମ ଯେପରି ଈଶ୍ୱରଙ୍କର ନିର୍ଦ୍ଦେଶ, ଅନ୍ୟ ଦିଗରୁ ସେହିପରି ଆତ୍ମଧର୍ମ ବା ସ୍ୱଧର୍ମ । ସଂଯମ ଆଚରଣ କରି ଧର୍ମ ଓ କର୍ତ୍ତବ୍ୟରେ ଦୃଢ଼ ରହି ଆର୍ଯ୍ୟ ସ୍ୱାଧୀନତା ଭୋଗ କରୁଛି ଏବଂ ପରଂବ୍ରହ୍ମରେ ପ୍ରତିଷ୍ଠିତ ହୋଇଛି । ସମଗ୍ର ବସୁଧାକୁ ନିଜର ପରିବାର ବୋଲି ବା ନିଜକୁ ବିଶ୍ୱ ପରିବାରର ସନ୍ତାନ ବୋଲି ଅନୁଭବ କରିଛି ।

## ଆର୍ଯ୍ୟର ସାଧନା ଆତ୍ମ ପ୍ରସାର :

ଜଗତ୍, ଜୀବନ ଓ ଈଶ୍ୱର ସମ୍ପର୍କରେ ଆର୍ଯ୍ୟ ତତ୍ତ୍ୱ ଦୃଷ୍ଟିରୁ ଯାହା ଉପଲବ୍ଧ କରିଛି, ଜୀବନବ୍ୟାପୀ ସାଧନାରେ ତା'ର ସାର୍ଥକତା ପ୍ରତିପାଦନ କରିଛି । ତା'ର ଜୀବନର ଚୂଡ଼ାନ୍ତ ସାଧନା ହେଉଛି ଆତ୍ମୋତ୍ସର୍ଗ ବା ଆତ୍ମ-ପ୍ରସାରର ସାଧନା । ସଙ୍କୀର୍ଣ୍ଣ ସ୍ୱାର୍ଥର ଉର୍ଦ୍ଧ୍ୱରେ ଜୀବନକୁ ଜଗତ୍‌ର କଲ୍ୟାଣ ପାଇଁ ଉତ୍ସର୍ଗ କରିଦେବା ତା'ର ଅନ୍ତିମ ଲକ୍ଷ୍ୟ । ଏହି ଆତ୍ମୋତ୍ସର୍ଗର ଆଦର୍ଶ ତା'ର ଦୈନନ୍ଦିନ କ୍ରିୟାରେ ଲକ୍ଷିତ ହୁଏ । ସଂସାର କର୍ମଭୂମି ହୋଇଥିବାରୁ କର୍ମହିଁ ତା'ର ସାଧନା, କର୍ତ୍ତବ୍ୟହିଁ ତା'ର ପଥ, ସମଜ୍ଞାନ ବା ସମଦର୍ଶନ ହେଉଛି ତା'ର ସାଧନାରେ ସିଦ୍ଧି । କର୍ମ, ଜ୍ଞାନ ଓ ଭକ୍ତି ପ୍ରଭୃତି ବିଭିନ୍ନ ସାଧନା ଫଳରେ ସମଜ୍ଞାନର ଉପଲବ୍ଧି ହୋଇଥାଏ ।

ଆର୍ଯ୍ୟ ବିଶ୍ୱରେ ନିଜକୁ ପ୍ରସାରିତ କରିଦେବା ଦ୍ୱାରା ବିଶ୍ୱବ୍ରହ୍ମାଣ୍ଡକୁ ନିଜର କରି ପାରିଛି । ନିଜର ଯାହାକିଛି ସାଧନା, ସିଦ୍ଧି ଓ ବିଭୂତି, ତାହା କେବଳ ଅନ୍ୟର କଲ୍ୟାଣ ପାଇଁ । ତା'ର ଜୀବନର ପରମ ଆଦର୍ଶ ବା ଲକ୍ଷ୍ୟ ହେଲା : ନିଜକୁ ସେହି ବ୍ରହ୍ମସ୍ୱରୂପ ବା ସୋଽହଂ ବୋଲି ଉପଲବ୍ଧି କରିବା; ଏହା ସମ୍ଭବ ହୋଇଥାଏ କେବଳ ତା'ର ଆତ୍ମ ପ୍ରସାରର ସାଧନାରେ ।

ଜଗତ୍, ଜୀବନ ଓ ଈଶ୍ୱର ସମ୍ପର୍କରେ ଆର୍ଯ୍ୟ ଋଷିଙ୍କର ଏ ଉଦାର ଚିନ୍ତାଧାରା ଓ ସାଧନା ଭାରତର ସଭ୍ୟତା ଓ ସଂସ୍କୃତିକୁ ବିଶ୍ୱ ସମକ୍ଷରେ ମହୀୟାନ୍ କରି ପ୍ରତିଷ୍ଠିତ

Digitized by PPRACHIN, SOA

କରିଛି । ଆର୍ଯ୍ୟ ଜୀବନର ପ୍ରକୃତି, ଧର୍ମ ଓ ଆଦର୍ଶ ସମ୍ପର୍କୀୟ ଆଲୋଚନାରେ ମନୀଷୀ ନୀଳକଣ୍ଠ ଯେପରି ନିଜର ଗଭୀର ଚିନ୍ତାଶୀଳତାର ପରିଚୟ ଦେଇଛନ୍ତି, ଓଡ଼ିଆ ସାହିତ୍ୟରେ ତାହା ଅନନ୍ୟ । ବିସ୍ମୟକର ବୈଜ୍ଞାନିକ ଉଦ୍ଭାବନ ଚନ୍ଦ୍ର ଯାତ୍ରା ଓ ଅନ୍ୟ ଗ୍ରହ ଗ୍ରହାନ୍ତର ସମ୍ପର୍କୀୟ ଗବେଷଣା ସତ୍ତ୍ୱେ ବିଶ୍ୱରେ ଆଜି ପାରସ୍ପରିକ ବିଦ୍ୱେଷ, ଅବିଶ୍ୱାସ ଓ ହତାଶା ଦିନକୁ ଦିନ ବୃଦ୍ଧି ପାଇ ପୃଥିବୀକୁ ଧ୍ୱଂସ ଆଡ଼କୁ ଟାଣି ନେଉଛି । ନୈତିକତା ଓ ଆଧ୍ୟାତ୍ମିକତାର ଧ୍ୱଂସ ସ୍ତୂପ ଉପରେ ବସ୍ତୁତାନ୍ତ୍ରିକତା ଓ ଦେହାତ୍ମବାଦର ଯେପରି ପୈଶାଚିକୀ ନୃତ୍ୟ ଚାଲିଛି, ତା'ର ବିଷମୟ ଫଳ ପୃଥିବୀବାସୀ ଭୋଗୁଛନ୍ତି । ବିଶ୍ୱର ଏ ସଙ୍କଟ କାଳରେ ଆର୍ଯ୍ୟ ଜୀବନାଦର୍ଶ ଓ ଜୀବନଚର୍ଯ୍ୟାର ବ୍ୟାପକ ପ୍ରଚାର ଓ ସଶ୍ରଦ୍ଧ ଆଚରଣ ଫଳରେ ବିଶ୍ୱ ଯେ ଧ୍ୱଂସ ମୁଖରୁ ରକ୍ଷା ପାଇ ମାନବତ୍ୱର ପ୍ରତିଷ୍ଠା ହୋଇ ପାରିବ, ଏଥିରେ ସନ୍ଦେହ ନାହିଁ ।

---

ସାମ୍ପ୍ରତିକ ପରିପ୍ରେକ୍ଷୀରେ ପଣ୍ଡିତ ନୀଳକଣ୍ଠଙ୍କ 'ଆର୍ଯ୍ୟଜୀବନ' ଗ୍ରନ୍ଥର ପ୍ରାସଙ୍ଗିକତା ବିଚାର ଅବସରରେ ଗ୍ରନ୍ଥଟିର ନିର୍ଯ୍ୟାସ ପ୍ରଦତ୍ତ ହୋଇଛି ।

—※—

ନ ପଚାର 'କାହିଁ ଅଛ' ମୋହ ପାପେ ପଡ଼ି,
ଖୋଜି ଖୋଜି ସର୍ଗଚକ୍ରେ, ଅନ୍ତରୁ ବାହାରି;
ନ ପାଇବ କାହିଁ ଲବେ
ସାଗର କାନନ ନଭେ
ଆତ୍ମଦୀପ ରଖେ ସିନା ଜଗତ ଉଜଳି !
ଅନ୍ଧାରେ ଖୋଜିଲେ, ଭୟେ ଯିବ ପଥ ଚୂଡ଼ି ।

(ନୀଳକଣ୍ଠ–ଭକ୍ତଗାଥା)

Digitized by PPRACHIN, SOA

# ମନୀଷୀ ନୀଳକଂଠଂକ କାବ୍ୟଚେତନା 'ଖାରବେଳ'-ଏକ ଦୃଷ୍ଟିପାତ

**ଅଧ୍ୟାପିକା ମନୋରମା ମହାପାତ୍ର**

"କାହା ଘେନି ଏ ଜୀବନ ମରଣ ମଂଦିରେ
ଫୁଟେ ବିଶ୍ୱ କଳା ବଇଭବ ?
କାହା ଘେନି ନିଷ୍କଳ ଏ ଶୂନ୍ୟ ମହାକାଳେ
ନାଚିଯାଏ ଅନନ୍ତ ବିଭବ ?
କାହା ଘେନି ଜଡ଼ ପିଂଡ଼େ ଫୁଟିଉଠେ ଦ୍ୟୁତି
ବିଶ୍ୱତନ୍ତ୍ର ନିୟତ ଲୋଡ଼ଇ ?
କାହା ଘେନି ବିଶାଳ ଏ ବିଶ୍ୱ ମହାଗୀତି
ଛନ୍ଦେ ଛନ୍ଦେ ବିଶ୍ୱେଯାଏ ବହି ।"

ବହୁ ପ୍ରଶଂସିତ, ବହୁଜନ ଉଚ୍ଚାରିତ ବାରମ୍ବାର ଆବେଗରେ ପଠିତ ମନୀଷୀ ନୀଳକଣ୍ଠଙ୍କ ରଚିତ 'ଖାରବେଳ' କାବ୍ୟର ଅବିସ୍ମରଣୀୟ ଆଦ୍ୟ ଦୁଇ ପଂକ୍ତି! ଗଭୀର ଜୀବନ-ଦର୍ଶନର ମହନୀୟ ଜିଜ୍ଞାସା ଓ ଜ୍ଞାନନିଷ୍ଠର, ସଫଳ ଅଭିବ୍ୟକ୍ତି, ନୀଳକଣ୍ଠଙ୍କ କାବ୍ୟଚେତନା 'ଖାରବେଳ' କାବ୍ୟର ପ୍ରତିଛତ୍ରରେ ବହୁ ଭାବର ସାର୍ଥକ ସମନ୍ୱିତ ରୂପକଳା ନିଜସ୍ୱ ମହିମାରେ ବିରାଜିତ ।

ସତ୍ୟବାଦୀ ଯୁଗର ଅନନ୍ୟସାଧାରଣ ପ୍ରଚଣ୍ଡ ପ୍ରତିଭା 'ମନୀଷୀ ନୀଳକଣ୍ଠ' । ସାହିତ୍ୟ ଓ ସଂସ୍କୃତିରେ ସୁଦୃଢ ବୌଦ୍ଧିକ ଭୂମିକା ରଚନାରେ ସେ ଅଗ୍ରଗାମୀ । ବିସ୍ତିର୍ଣ ତାଙ୍କର ଜ୍ଞାନ ପରିଧି । ସଂସ୍କୃତ, ଓଡ଼ିଆ, ଅନ୍ୟ ଭାରତୀୟ ଭାଷା ତଥା ଆବହମାନ ପାଶ୍ଚାତ୍ୟ ସାହିତ୍ୟରେ ତାଙ୍କ ଭଳି ବିସ୍ତୀର୍ଣ୍ଣ ଓ ଯତ୍ନଲବ୍‌ଧ ପ୍ରଗାଢ ଜ୍ଞାନ ସମଗ୍ର ଉତ୍କଳ ଭୂମିରେ ବିରଳ ଓ ବିସ୍ମୟକର । ସେ ଥିଲେ ଏକାଧାରରେ ପରମ ବିଦ୍ୱାନ, ଧୀମାନ, ସୁଦକ୍ଷ ସମାଲୋଚକ, ସଂସ୍କାରକ, ସ୍ୱମତ ଘୋଷଣାରେ ନିର୍ଭୀକ, ସ୍ୱାଧୀନ-ଚେତା, ସମାଜ ସଚେତକ, କଠୋର କର୍ତ୍ତବ୍ୟାନୁରାଗୀ, ଜାତୀୟବାଦୀ ନେତା ଏବଂ କବି ।

Digitized by PPRACHIN, SOA

ବହୁ ବୈଚିତ୍ର୍ୟର ସମାବେଶରେ ସ୍ୱୟଂ ସଂପୂର୍ଣ୍ଣ ଏହି ବଳିଷ୍ଠ ବ୍ୟକ୍ତିତ୍ୱକୁ କବି ନୀଳକଣ୍ଠ ଭବରେ ସୀମିତ ଦୃଷ୍ଟିକୋଣରୁ ଆଲୋଚନା ଅତ୍ୟନ୍ତ ଦୂରୂହ ।

ଏକାଧାରରେ କବି ଓ ବିଦ୍ୱାନ, ତୀକ୍ଷ୍ଣ ଅନ୍ତର୍ଦୃଷ୍ଟି ସମ୍ପନ୍ନ, ଦକ୍ଷ ସାହିତ୍ୟସ୍ରଷ୍ଟା ଓ ମନସ୍ୱୀ, ସ୍ୱାଧୀନ ରଚନାରେ ଶକ୍ତିଶାଳୀ ଓ ବିଶ୍ୱର ଗ୍ରନ୍ଥରାଜି ଅନୁଶୀଳନରେ କ୍ଲାନ୍ତିହୀନ– ତୃପ୍ତିହୀନ ଅନ୍ୱେଷୀ ଏକ ପ୍ରଚଣ୍ଡ ପାଠକ । ବିଶ୍ୱ ସାହିତ୍ୟ ପ୍ରତି ପ୍ରଗାଢ଼ ଅନୁରାଗ, ସୃଷ୍ଟି କ୍ରିୟାର ରହସ୍ୟ, ସମସ୍ୟାବଳୀ ଉଦ୍‌ଘାଟନ ତଥା ଅନୁଧ୍ୟାନରେ ସଦା ସତର୍କ ଦୃଷ୍ଟି, ଆଧ୍ୟାତ୍ମିକ ଭିତ୍ତି ଭୂମି ଉପରେ ଆଧାରିତ ବୌଦ୍ଧିକ ଚିନ୍ତା ଦର୍ଶନ ଅଧ୍ୟୟନରେ ଗଭୀର ନିଷ୍ଠା, ଯୁକ୍ତିବାଦରେ ଅସମ୍ଭବ ସ୍ପୃହା, ପରିପ୍ରକାଶର ଅନନ୍ୟ ସାଧାରଣ, ପ୍ରତିତୀ ଜାଗ୍ରତକାରୀ ଭଙ୍ଗୀ, ଅଖଣ୍ଡ ଧୀଶକ୍ତି ଓ ବହୁମୁଖୀ ପ୍ରତିଭାର ଯଥାର୍ଥ ନିଦର୍ଶନ । ତେଣୁ ପରମପୂଜ୍ୟ ନୀଳକଣ୍ଠ ମନୀଷୀ ନୀଳକଣ୍ଠ ଭବରେ ସତ୍ୟବାଦୀର ପଞ୍ଚସଖାଙ୍କ ମଧ୍ୟରେ ତଥା ସୁଧୀ ସମାଜରେ ଅଧିକ ସୁପରିଚିତ ଓ ସମାଦୃତ । ତାହାରି ସ୍ମାରକ ତାଙ୍କ ଅଜସ୍ର ସାହିତ୍ୟ କୃତି–

'କୀର୍ତ୍ତି ଅକ୍ଷର ସମ୍ବନ୍ଧାର୍ଷିଗ ଭବତି ଭୂତଳେ'

ସେହି ଅପୂର୍ବ କୀର୍ତ୍ତି ମଧ୍ୟରୁ ତାଙ୍କର ସ୍ୱୟଂ ସଂପୂର୍ଣ୍ଣ ସ୍ୱରୂପ ଉଦ୍‌ଘାଟନ ସମ୍ଭବ!

ବିବିଧ ସାହିତ୍ୟିକ ସାମଗ୍ରୀରେ ଶ୍ରୀମଣ୍ଡିତ ତାଙ୍କର ବିପୁଳ ସୃଷ୍ଟି । ଉଚ୍ଚକୋଟୀର ଗଦ୍ୟ ରଚନାରେ ସେ ସିଦ୍ଧିଲାଭ କରିଥିଲେ । ତାଙ୍କର ଅନ୍ତର୍ଭେଦି ବୁଦ୍ଧିଦୀପ୍ତ ତୀକ୍ଷ୍ଣ ଦୃଷ୍ଟି ସମ୍ପନ୍ନ ମୂଳକ ହାସ୍ୟୋଦ୍ଦୀପକ ନିବନ୍ଧମାଳା ବ୍ୟଙ୍ଗୋକ୍ତି ମାଧ୍ୟମରେ ତୀବ୍ର ଶାଣିତ ସତ୍ୟକଥନର ଦୀପ୍ତିରେ ଓଡ଼ିଆ ସାହିତ୍ୟକୁ ନୂତନ ଆଭିମୁଖ୍ୟ ପ୍ରଦାନ କରିଛି । ଯଦିଓ ଅହେତୁକ ଭାବାବେଗର ବହୁ ଊର୍ଦ୍ଧ୍ୱରେ ଏହି ତୀକ୍ଷ୍ଣଧୀ ସ୍ୱାଧୀନଚେତା ମନୀଷୀ ସତ୍ୟର ଅବତାରଣାନିମିତ୍ତ ସାହସିକ ପଦକ୍ଷେପ ନେବାରେ ସର୍ବଦା ଅଗ୍ରଣୀ ଉତ୍କଳୀୟ ସଂସ୍କୃତିର ବାହକ ଶୁଦ୍ଧ, କଥିତ, ନିତ୍ୟ ବ୍ୟବହୃତ ଶବ୍ଦ ସମୂହ ସଙ୍ଗେ ଅଭିଧାନରେ ଆତ୍ମଗୋପନ କରିଥିବା ମୃତପ୍ରାୟ ଶବ୍ଦର ଉଦ୍ଧାର ଓ ରସାଳ ପ୍ରୟୋଗ ଦ୍ୱାରା ବିଶ୍ୱ ପ୍ରକୃତିର ମହନୀୟ ସ୍ୱରୂପର ସତତ ବିକାଶଜନିତ ସ୍ଥିତି ସମ୍ପର୍କରେ ମାନବକୁ ଅନୁକ୍ଷଣ ସଚେତନ କରିବା ସଙ୍ଗେ ସଙ୍ଗେ ସମାଜ ଓ ବ୍ୟକ୍ତି– ଚିତ୍ତକୁ ସଂଶୟମୁକ୍ତ, ସଂସ୍କୃତ ଓ ପ୍ରସାରିତ କରିବା ନିମନ୍ତେ ତାଙ୍କର ଅଖଣ୍ଡ ଆଗ୍ରହ ଓ ସାଧନା, ତଥାପି ସେହି ଗୁରୁଗମ୍ଭୀର ଭୀମକାନ୍ତି ବ୍ୟକ୍ତିତ୍ୱର ଆବରଣ ମଧ୍ୟରେ ଲୁକ୍କାୟିତ ଏକ ଏକାକୀ ଆବେଗପ୍ରବଣ ସମ୍ବେଦନଶୀଳ କବି ଚେତନା ଯାହାର ସ୍ୱୀକାରୋକ୍ତି ନିଜେ ନୀଳକଣ୍ଠ କହିଛନ୍ତି–'ମୁଁ ଯେତେବେଳେ ଏକାକୀ ରହେଁ, କବିତାରେ

Digitized by PPRACHIN, SOA

ମୋର ବେଳେବେଳେ ସୃଷ୍ଟି କରିବାର ପ୍ରେରଣା ଜାଗିଉଠେ ।'' ଏହି କାବ୍ୟ କବିତା ତାଙ୍କର ଏକାନ୍ତ ନିଜସ୍ୱ । ଏକାକୀତ୍ୱ ତଥା ସ୍ୱପ୍ନବାଦୀ ଚିନ୍ତାଶୀଳ ବ୍ୟକ୍ତି ସ୍ୱରୂପର ସ୍ୱଚ୍ଛନ୍ଦ ଅନାବିଳ ପରିପ୍ରକାଶ । ନିଭୃତ ମନର ସୁପ୍ତ ଭାବରାଜି ବହୁ ବାଦ, ଭାବ ତଥା ଜ୍ଞାନ ଦୀପ୍ତିର ସମ୍ମିଶ୍ରଣରେ ସଂହତି ଓ ଆତ୍ମସ୍ଥ କରିବାର ଏକ ମଧୁର ପ୍ରୟାସରେ ସଂସ୍କୃତି ସଚେତକ ଏହି ଜାତୀୟବାଦୀ ପଣ୍ଡିତ କାବ୍ୟ ଲକ୍ଷ୍ମୀର ଆଶ୍ରୟ ନେଇଛନ୍ତି । ତାଙ୍କ କାବ୍ୟ ଚେତନାକୁ ଏକ ପଦରେ ସେ ନିଜେ ପ୍ରକାଶ କରିଛନ୍ତି । ''ଚିନ୍ତା, ପ୍ରେରଣା ଓ ଦିବାସ୍ୱପ୍ନ ମଧ୍ୟରେ ତାଙ୍କ କାବ୍ୟ ସୃଷ୍ଟି ।'' ତାଙ୍କ କାବ୍ୟ କବିତା ମଧ୍ୟରେ ଏକାଧାରରେ ଏକ ସ୍ୱପ୍ନଦ୍ରଷ୍ଟା, ଐତିହ୍ୟ ସଂସ୍କୃତି ରହସ୍ୟବାଦ-ସଚେତନଶୀଳ, ସଂସ୍କାର ପ୍ରୟାସୀ, ରସମୟ ଓ ପ୍ରାଣବନ୍ତ ସ୍ରଷ୍ଟା ଆତ୍ମପ୍ରକାଶ କରେ । ଯୌବନ ଓ ସୃଷ୍ଟି ଯନ୍ତ୍ରଣାର ରହସ୍ୟଭେଦ ନିମନ୍ତେ ଅଖଣ୍ଡ ଅନିଷା ଯୁଗେ ଯୁଗେ କବିଙ୍କୁ ଦୁର୍ବିସହ କାଳାତୀତ ଗୌରବ ଆଣି ଦେଇଥାଏ ।

ଆଲୋଚିତ 'ଖାରବେଳ' କାବ୍ୟ କବିଙ୍କ ମୌଳିକ କୃତିର ଏକ ସାର୍ଥକ ଆଲେଖ୍ୟ । ଜାତୀୟବାଦୀ ଚିନ୍ତାନାୟକ ନୀଳକଣ୍ଠ ଐତିହ୍ୟ ପ୍ରତି ସଚେତନ କରାଇ ଜାତିପ୍ରାଣରେ ଶକ୍ତି ସଞ୍ଚାର କରିବା ନିମନ୍ତେ ସଂକଳ୍ପବଦ୍ଧ ହୋଇ 'ଖାରବେଳ' କାବ୍ୟ ରଚନା କଲେ ମଧ୍ୟ ତାଙ୍କର ସୌନ୍ଦର୍ଯ୍ୟ—କଳାବୋଧ, ସମ୍ବେଦନଶୀଳ ରସମୟ କାବ୍ୟଚେତନା ଯେ ସମଗ୍ର କାବ୍ୟରେ ମୋହମୁକ୍ତ ହୋଇ ପରିପୂର୍ଣ୍ଣ ପ୍ରକାଶ ନିମନ୍ତେ ବ୍ୟାକୁଳ, ଏ ସତ୍ୟ କେହି ଅସ୍ୱୀକାର କରିପାରିବେ ନାହିଁ । 'ଖାରବେଳ'ର କଥାବସ୍ତୁ କିମ୍ବଦନ୍ତୀ ସମ୍ବଳିତ ।

କଳିଙ୍ଗର ପ୍ରବଳ ପରାକ୍ରମୀ ବୀର ଖାରବେଳ ୧୬ ବର୍ଷ ବୟସରେ ଉତ୍କଳ ଓ ଉତ୍ତରକୁ ଜିଣି ସମସ୍ତ ସୈନ୍ୟ ସହ ପାଂଡ୍ୟ ରାଜ୍ୟ ଅଧିକାର କରି ରାଜାଙ୍କ ସହ ମିତ୍ରତା ସ୍ଥାପନ ପୂର୍ବକ ଅଖଣ୍ଡ ଗୌରବର ଅଧିକାରୀ ହୋଇଥିଲେ । ମାତ୍ର ପାରସ୍ୟ କୂଳରେ ସିକଂଦରଙ୍କ ସେନାପତି ଡ଼ିମେଟ୍ରିଆସ ବା ''ଦତ୍ତିମ'' ବେଲୁଚିସ୍ଥାନ ନିକଟସ୍ଥ 'ବଜିର' ପ୍ରଭୃତି ରାଜ୍ୟ କୂଟଯୁଦ୍ଧରେ ଦଖଲ କରି ଯବନ ଶାସନାଧୀନ କଲେ ଓ କଳିଙ୍ଗ ବଣିକମାନଙ୍କୁ ସଦା—ସନ୍ତାପିତ କରୁଥିଲେ । ''ବଜିର ରାଜା ଓ ରାଜପୁତ୍ର ଅନ୍ୟତ୍ର ଆଶ୍ରୟ ନେଲେ । ମାତ୍ର ଦ୍ରାବିଡ଼ ( ପଟଛର ) କୃଷକ-ପତି ଏକାନ୍ତ ଶ୍ରଦ୍ଧାରେ ବଜିର ରାଜକୁମାରୀ ଧୂସିଙ୍କୁ ନିଜ ଗୃହରେ କୃଷକ କନ୍ୟାଭବରେ ପାଳନ କରୁଥିଲେ । ପଟଛରେ ଛାଉଣି ପକାଇ ଯୁବରାଜ ଖାରବେଳ କୃଷକ ସୈନ୍ୟଙ୍କ ସହାୟତାରେ ଯବନ ରାଜ 'ଦତ୍ତିମ'କୁ ପରାସ୍ତ କରି ସ୍ୱାଧୀନତା ଆଣିବା ପ୍ରୟାସରେ ଥିବା ସମୟରେ

Digitized by PPRACHIN, SOA

ଦିନେ ବୁଲି ବୁଲି ନଦୀତଟରେ ଉପଳଖଣ୍ଡ ଉପରେ ଆସୀନା ଅନିନ୍ଦ୍ୟ ସୁନ୍ଦରୀ ଲାବଣ୍ୟମୟୀ କୃଷକ କନ୍ୟାରୂପେ ବଜ୍ଜିର ବାଳା ଧୃସିଙ୍କୁ ଦର୍ଶନ କରି ବିମୁଗ୍ଧ ହେଲେ । ପ୍ରଥମଦର୍ଶନରେ ଉଭୟଙ୍କ ମଧ୍ୟରେ ଯେଉଁ ଅନୁରାଗ ଜାତ ହେଲା, ତାହା ପରସ୍ପରକୁ ଅଜଣା ଥିଲା । ମାତ୍ର ବୁଦ୍ଧିମତୀ ଯୁଦ୍ଧବିଦ୍ୟା ପାରଦର୍ଶିନୀ, କୂଟନୀତି ନିପୁଣା ସ୍ୱଦେଶପ୍ରୀତିରେ ଉଦ୍‌ବୁଦ୍ଧା, ଖାରବେଳଙ୍କ ପ୍ରତି ଏକାନ୍ତ ଆସକ୍ତା ନୀତିବାଦିନୀ, କର୍ତ୍ତବ୍ୟ-ପରାୟଣା, ଅସୀମସାହସିନୀ, ବଜ୍ଜିରବାଳା ଧୃସି ବୃଦ୍ଧ ପାଳିତ ପିତାଙ୍କ ସହ ମନ୍ତ୍ରଣା କରି ଖାରବେଳଙ୍କୁ ସହାୟତା କରିବା ନିମନ୍ତେ ଛଦ୍ମବେଶ ଧରି ସେନାପତି ଭାବରେ 'ବଜ୍ଜିର ଯୁବକ' ଭୂମିକାରେ ଅବତୀର୍ଣ୍ଣ ହୋଇ ପ୍ରିୟତମଙ୍କ ସାନ୍ନିଧ୍ୟ ଲାଭ ସଙ୍ଗେ ସଙ୍ଗେ ମାତୃଭୂମିକୁ ଯବନ କବଳରୁ କୁଶଳତାର ସହିତ ମୁକ୍ତ କରିପାରିଥିଲେ । ପ୍ରବଳ ପରାକ୍ରମୀ ଖାରବେଳଙ୍କର କୃଷକ କନ୍ୟା ପ୍ରତି ଅନୁରାଗଜନିତ ମର୍ମଦାହ ଯୌବନଦୀପ୍ତ ପ୍ରେମିକ ଚିତ୍ତର ଆବେଗ-ସଂଯମ—ଅନୁରାଗ, କର୍ତ୍ତବ୍ୟବୋଧଜନିତ ଚିତ୍ତ ସଂଘର୍ଷ, ହୃଦୟବାନ, ନୀତିବାଦୀ, ନିଷ୍ପାପର, ଦୟାଶୀଳ, ପରମ ଯୋଦ୍ଧା ସଂସ୍କୃତି ସଚେତନ ପୁରୁଷୋତ୍ତମ ଖାରବେଳଙ୍କ ବଳିଷ୍ଠ ଚରିତ୍ରଚିତ୍ରଣ ଯେଉଁଳି ଅପୂର୍ବ, ଅପରପକ୍ଷରେ ଏକାନ୍ତ ସୁକୁମାରୀ ରୂପସୀ ଅବଳା ଧୃସିଙ୍କର ଆଦ୍ୟ ଅନୁରାଗ,, ତଜ୍ଜନିତ ଅଭୂତପୂର୍ବ ସାହସିକ ପଦକ୍ଷେପ ତଥା ଅପୂର୍ବ ବୀରତ୍ୱପୂର୍ଣ୍ଣ ଯୁଦ୍ଧକୌଶଳ, ଜାତୀୟତାଭାବ, ସ୍ୱଦେଶପ୍ରୀତି, କଠୋର କର୍ତ୍ତବ୍ୟ ପରାୟଣତା ସେଭଳି ମନମୁଗ୍ଧକର । ବଜ୍ଜିର କୁମାରୀ ଚିନ୍ତନା ସ୍ନେହଶୀଳା କଲ୍ୟାଣମୟୀ ପ୍ରେମିକା ନାରୀର ନିବିଡ଼ ପରିପୂର୍ଣ୍ଣ ଆତ୍ମନିବେଦନର ସୁସଂଯତ, ସୁଶାନ୍ତ ମଧୁମୟ ରୀତି ମଧ୍ୟ ଅନୁରୂପ ରୋମାଣ୍ଟିକ ଚେତନାରେ ରସାଣିତ । ଅହିଂସାର ପୀଠସ୍ଥଳୀ ବୁଦ୍ଧ, ମହାବୀରଙ୍କ ଭୂମିରେ ଜୈନ ଖାରବେଳଙ୍କୁ ସତ୍ ପରାମର୍ଶ ଦେବାକୁ ଆସିଛନ୍ତି "ସୁଗତ",-ଯବନରାଜଙ୍କୁ ପ୍ରଭାବିତ କରି ବିନା ରକ୍ତପାତରେ ବଜ୍ଜିର' ରାଜ୍ୟପ୍ରାପ୍ତି ନିମନ୍ତେ ବାଢ଼ିଛନ୍ତି ପ୍ରସ୍ତାବ । ମହନୀୟ ଦୟାଳୁ, ଆର୍ଯ୍ୟ ସଂସ୍କୃତିର ଉପାସକ ନୀତିବାନ ନୃପତି ଏ ପ୍ରସ୍ତାବ ଗ୍ରହଣ କରିଛନ୍ତି । ମାତ୍ର ଚତୁରୀ ନାରୀ ଧୃସି ଯବନର ଚକ୍ରାନ୍ତ ସମ୍ବନ୍ଧରେ ଅନୁମାନ କରି ହୋଇଛନ୍ତି ସତର୍କ । ଜନ୍ମଭୂମି ଦର୍ଶନର ପ୍ରଗାଢ଼ ଲିପ୍ସା ତାଙ୍କୁ ପ୍ରବର୍ତ୍ତିତ କରିଛି 'ବଜ୍ଜିର' ରାଜଧାନୀ ଜନ୍ମଭୂମି 'ସିଂହପଥକୁ' ଯିବା ନିମନ୍ତେ । କପଟତା କରି 'ଦତ୍ତିମ' ଆକ୍ରମଣ କରିଛନ୍ତି କଳିଙ୍ଗ ସେନାଙ୍କୁ ସେ ବିଚିତ୍ର ଅପରିଚିତ 'ସିଂହପଥ'ରେ । ଖାରବେଳ ପ୍ରିୟ ସଖା ବଜ୍ଜିର ଯୁବାଙ୍କ ଅଦର୍ଶନରେ ସନ୍ଦିହାନ ହୋଇ ଏକାକୀ ସମର କରୁଥିବାବେଳେ ଆହତ ହୋଇଚନ୍ତି । ମାତ୍ର କୂଟନୀତି ନିପୁଣା ଯୁଦ୍ଧବିଦ୍ୟାରେ ବିଶାରଦା କ୍ଷତ୍ରିୟ କନ୍ୟା ଅପର ପାର୍ଶ୍ୱର

Digitized by PPRACHIN, SOA

ଯବନସୈନ୍ୟଙ୍କୁ ଆକ୍ରମଣ କରି ପରାଭୂତ କରିଛନ୍ତି । ସ୍ୱାଧୀନତା ଲାଭ ହୋଇଛି । ପିତୃ ମିଳନର 'ମଧୁର ଆନନ୍ଦ ପ୍ରିୟ ବିଚ୍ଛେଦର ମର୍ମନ୍ତୁଦ ଯନ୍ତ୍ରଣା ମଧ୍ୟରେ ଆତ୍ମଗୋପନ କରିଛି । ଛଦ୍ମବେଶୀ ଧୂସି ବସି ରହିଛନ୍ତି ରୋଗଶଯ୍ୟା ପାର୍ଶ୍ୱରେ —ଯୁବକ ଖାରବେଳ ଆହତ, ଅସୁସ୍ଥ ଅବସ୍ଥା ସଙ୍କଟାପନ୍ନ । ସେ କ୍ଷଣରେ ଧୂସିଙ୍କ ମର୍ମବେଦନା ସହିତ ଖାରବେଳଙ୍କ ମାତାଙ୍କ ନିମନ୍ତେ ବ୍ୟାକୁଳତା ପ୍ରକାଶ କରି ମାତୃରୂପିଣୀ କଲ୍ୟାଣମୟୀ ନାରୀର ସାର୍ଥକ ପରିଚୟ ପ୍ରଦାନ କରିଛନ୍ତି କବି । ପୁଣି ପ୍ରିୟଜନ ପାଖେ ସର୍ବସ୍ୱ ସମର୍ପଣ କରିବାର ପରମ ଆକାଂକ୍ଷାକୁ କିଭଳି ପ୍ରେମ-ବିହ୍ୱଳିତ ଚିତ୍ତରେ ପ୍ରକଟ କରିବାକୁ ଅସମର୍ଥ, ସେହି ବିଚିତ୍ର ଆନନ୍ଦ ଯନ୍ତ୍ରଣା ମିଶ୍ରିତ ଅନୁରାଗ କବି ଲେଖନୀରେ ସାର୍ଥକ ଭାବରେ ବ୍ୟକ୍ତ ହୋଇଛି । ପରିଶେଷରେ ଆସିଛି ସେ ଚିରଆକାଂକ୍ଷିତ ଲଗ୍ନ । 'ପଟଳ'ରୁ ବିଦାୟ ନେବାକୁ ପ୍ରସ୍ତୁତ ରୋଗମୁକ୍ତ ରାଜା ଖାରବେଳ ପ୍ରାଣର ଆତିଶଯ୍ୟରେ ପ୍ରିୟତମ ସଖା ବଜ୍ରିର ସେନାପତି ଛଦ୍ମବେଶିନୀ ଧୂସିଙ୍କ ସମ୍ମୁଖରେ ଗୋପନ ଅଭିଳାଷ ଓ ପ୍ରଣୟ ବାର୍ତ୍ତା ବ୍ୟକ୍ତ କରି ସେହି କୃଷକ କନ୍ୟାସହ ଦର୍ଶନ ଲିପ୍ସା ପ୍ରକାଶ କରିଛନ୍ତି । ଜୀବନର ଏହି ଏକାନ୍ତ ଦୁର୍ଲଭ ମୁହୂର୍ତ୍ତରେ ମର୍ମନ୍ତୁଦ ତୃଷା ଦମନ କରି ବୁଦ୍ଧିମତୀ ପ୍ରେମମୟୀ ନୀତିନିପୁଣା ଧୂସି ପତ୍ରରେ ଜଣାଇଛି କୃଷକ ପତି ଗୃହରେ କନ୍ୟାସହ ମିଳନ ହେବ ଖାରବେଳଙ୍କର । ପରିଶେଷରେ କବଚ ଚିହ୍ନ-ଯୁକ୍ତା ଏକଦା ସେନାପତି ହୋଇ ଅନୁକ୍ଷଣ ସୁହୃଦ ସୁଖ ପ୍ରଦାନ କରୁଥିବା କୃଷକ ବାଳିକା ବଜ୍ରିରବାଳା ଧୂସିଙ୍କୁ ସମ୍ମୁଖରେ ଦେଖିଛନ୍ତି ଖାରବେଳ । "ବଦନେ ଆସେ କି ଭାଷା ପ୍ରାଣ ହେଲେ ସୁଖୀ" ଲେଖିଥିଲେ କବି ମାୟାଧର ମାନସିଂହ । କବି ନୀଳକଣ୍ଠ ଏ ଅଭିନବ ବହୁ ଆକାଂକ୍ଷିତ, ଏକାନ୍ତ ଆକସ୍ମିକ ଅପୂର୍ବ ମିଳନ-ଜନିତ ମନୋଭାବକୁ ଅତି ସୁନ୍ଦର ଭାବରେ ବ୍ୟକ୍ତ କରିଛନ୍ତି !

"ପୂରତେ ଭବନେ ଦେଖିଲେ କୁମାର
ବଜ୍ରିର କବଚ ଦିଶଇ ତୋର
କହିଲେ ପ୍ରବୀଣ ଏହି ତବ ବୀର
ବଜ୍ରିର ଯୁବକ, ବଜ୍ରିରବାଳା ।"

ପରମ ପରାକ୍ରମୀ ଖାରବେଳଙ୍କ ମନୋଭାବ ମଧ୍ୟ କବି ଅନୁପମ ଭାଷାରେ ବ୍ୟକ୍ତ କରିଛନ୍ତି ।

Digitized by PPRACHIN, SOA

'ଚିତ୍ର ଲେଖାପରି ଏବେ ଖାରବେଳ
ବହିଯାଏ ସ୍ୱେଦ କୁଟିଳ ଧାର,
ଭେଟି ବୀର ପଦେ କିରୀଟ ଲଳନା
ଥରି ଥରି ଉଠେ ବରଙ୍ଗ ଭର ।'

ମିଳନାତ୍ମକ ପ୍ରେମ ରସସିକ୍ତ, ଜାତୀୟ ଚେତନା, ଐତିହ୍ୟ, ସ୍ୱଦେଶ ପ୍ରୀତିର ବିବିଧ ଧାର ସମନ୍ୱୟରେ ରଚିତ 'ଖାରବେଳ' କାବ୍ୟ ନାରୀ ଜାତିକୁ ଶ୍ରେଷ୍ଠ ସମ୍ମାନ ପ୍ରଦର୍ଶନ କରି ଶକ୍ତିମୟୀ ଆର୍ଯ୍ୟ ନାରୀର ସ୍ୱରୂପ ନିଷ୍ପାପର ଭବରେ ଉଦ୍‌ଘାଟନ କରିଛି ।

ଅନନ୍ୟ ସାଧାରଣ ବ୍ୟକ୍ତିତ୍ୱରେ ପରିପୁଷ୍ଟ ରଣୀହଂସପୁରର ଶିଳାଲିପିରେ ଲିଖିତ ଐର ଖାରବେଳଙ୍କ ରଣୀ ଧୂସି ଯେ ଯଥାର୍ଥ ଶକ୍ତିମୟୀ ନାରୀ ଥିଲେ ଏହା ପ୍ରମାଣିତ । ପ୍ରତ୍ୟେକ ବିରାଟ ପୁରୁଷର ଜୀବନର ପୃଷ୍ଠଭଗରେ ଶକ୍ତିମୟୀ ନାରୀ ବିଦ୍ୟମାନ । ସେ ନାରୀ ଏକାଧାରରେ ସରଳା, ଅବଳା, କଲ୍ୟାଣମୟୀ ଜନନୀ, ଜାୟା, ପ୍ରିୟତମା, ସ୍ୱଦେଶ ବତ୍ସଳା, ବୀରାଙ୍ଗନା ଏବଂ ପରମ ଶକ୍ତି ରୂପିଣୀ ଆଦ୍ୟାଶକ୍ତିର ବହୁବିଧ ସାର୍ଥକ ପରିପ୍ରକାଶ । 'ଖାରବେଳ' କବି ମନୀଷୀ ନୀଳକଣ୍ଠ ଚମତ୍କାର ଭବରେ ଏହି ଚିରନ୍ତନ ସତ୍ୟ ପ୍ରକାଶ କରିଛନ୍ତି । ଉପଳ ଖଣ୍ଡରେ ଆସୀନା ଧୂସି ବାଳିକାର ଚିତ୍ତ ଆଲୋଡ଼ନରେ ସେ ଲେଖିଛନ୍ତି–

"କାହାରେ ରହିଛ ସତି,
ଭଳି ଭଳି କି ନିୟତି,
ତୁଙ୍ଗବୀର ଖାରବେଳ ରଣେ କହି କୁତୂହଳ
ଅବଳା ଗୋ କି ବୁଝିଲ ତହୁଁ ?"

ପୁଣି ସେହି ଅବଳା, ସରଳା, ପ୍ରେମର ଅସାଧ୍ୟ ଶକ୍ତି ବଳରେ ଶସ୍ତ୍ରଧାରିଣୀ ? ବଳିର ସେନାପତି ହୋଇ ଖଡ଼୍‌ଗଧାରଣ ପୂର୍ବକ ସଂଗ୍ରାମ କରିଛି– ନିୟତ ପ୍ରାଣପ୍ରିୟ ଖାରବେଳଙ୍କ ସାନ୍ନିଧ୍ୟ ଲଭ କରି ମଧ୍ୟ ପ୍ରେମାକୁଳଚିତ୍ତ ବିକ୍ଷୋଭକୁ ଏକାନ୍ତ ସଂଯତ କରିବା ନିମନ୍ତେ ସାହସ ବାନ୍ଧି ନିର୍ମମ ଶପଥ ନେଇଛି କବି ଲେଖନୀରେ–

'ଭୁଲି ତ ପାରିବ ବାଳା ପରଣ ତବ,
କ୍ଷଣେ କ୍ଷଣେ ଖାରବେଳ ଯେବେ ଦେଖିବ
ଫଳନ୍ତର ଏ ସାହସ ଯିବଟି ତୁଟି,
ଅଲକ୍ଷ୍ୟ କଟାକ୍ଷ ଯିବା ମରମେ ଫୁଟି ।
ବୃଦ୍ଧ କାହିଁ ବୁଝିବେ ସେ ତରୁଣ ଗତି
ଅନୁରାଗ ଇଙ୍ଗିତର ତରଳ ରୀତି ।

Digitized by PPRACHIN, SOA

ସେ ତରଳରସେ ସତେ ଏ ହିମ ଜଡ଼ି
କେମନ୍ତେ ସହିବ ବାଳା କୁସୁମ କଳି ।"

ଆର୍ଯ୍ୟ ନାରୀର ଅପୂର୍ବ ଶକ୍ତି ସମ୍ପର୍କରେ ସତତ ସଚେତନ ମନୀଷୀ କବି ନୀଳକଣ୍ଠ ସର୍ବଶକ୍ତିମୟୀ ନାରୀର ସ୍ୱରୂପ ଉଦ୍‌ଘାଟନ କରିଛନ୍ତି ।

"ରମଣୀ ରହସ୍ୟ ଭବେ ବିଷମ ବଡ଼,
ସୁକୁମାରୀ ତରୁଣୀର ଅସୀମ ବଳ ।
କାଳୀ, ଚଣ୍ଡୀ ସେହି, ସେହି ଭୁବନେଶ୍ୱରୀ,
ଗିରୀଶ ସଂଯମ ନାଶି ସେହି ଗଉରୀ ।
ଯାଅ ତେବେ ରଣ ରସେ ବଜିର ବାଳା,
ନ ସାଧୁ କରମ କେବେ ନ ଦେବ ଧଗ ।"
କୃଷକ ପତି ମୁଖରୁ ଶୁଣିଛି ସେ ବାଳା ଖାରବେଳ କୀର୍ତ୍ତି ।
"ପରଶେ ପରଶେ କି ବାସେ ମମତା,
ଆଶାରେ ବିକା ଯେ ଦୀପ୍ତ ସ୍ୱାଧୀନତା ।"

ଜାତୀୟବାଦୀ କବି ନୀଳକଣ୍ଠ ପ୍ରେମିକ ଖାରବେଳଙ୍କ ଚିତ୍ତ ଚାଞ୍ଚଲ୍ୟ ତଥା କର୍ତ୍ତବ୍ୟ ନିକଟରେ ହୃଦୟବୃତ୍ତି ନିରୋଧକ ଶକ୍ତିର ପରାକାଷ୍ଠା ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ସ୍ୱାଧୀନତାର ସ୍ୱପ୍ନ କି ଅପୂର୍ବ ତାହା ପ୍ରତିନିୟତ ବ୍ୟକ୍ତ କରିବାକୁ ବ୍ୟାକୁଳ । କୃଷକମାନେ ସମରପାଇଁ ସଜିତ, କବିଙ୍କ ଭାଷାରେ–

"ଫାଟିଉଠେ ପୁଣି କୃଷକ ହୃଦ ଆଶା ଉନ୍ମାଦେ
ସ୍ୱାଧୀନତା ଆହା ସେ କିବା ଅନୁମାନର ସ୍ୱାଦେ ।"

ଏଣେ ବଜିର ବୀର ପରିଚୟ ଜାଣି ନାହାନ୍ତି ଖାରବେଳ । ଯୁବତିଆକାଶରେ ସିନ୍ଧୁ ତଟ ଉପଳଖଣ୍ଡ ଆସୀନା ରୂପସୀ କୃଷକ ବାଳାର ଅପୂର୍ବ ଆଲେଖ୍ୟ । ଅନୁରାଗ ଜନିତ ମଧୁର ସ୍ମୃତିର ରୋମନ୍ଥନ ରୂପୀ ମର୍ମଦାହ । ଅପର ପକ୍ଷରେ ଜାତୀୟତା, ଐତିହ୍ୟ ପ୍ରୀତି, କର୍ତ୍ତବ୍ୟନିଷ୍ଠା ଖାରବେଳଙ୍କ ସ୍ୱଗତୋକ୍ତି କବିଙ୍କ ଭାଷାରେ–

"କଠୋର କରମ ପଡ଼ିଛି ଆଗେ,
ପୀରତିରେ ତାକୁ ଏଡ଼ି ସୋହାଗେ ।
କି ଯଶ ହେବ ? ମୁଁ ରାଜକୁମାର,
ଜଗତେ ତ ମତେ ବୋଲନ୍ତି ବୀର ।"

ପଶ୍ଚିମ ସଭ୍ୟତାର କୂଟନୀତିରେ ସନ୍ଦେହୀ କବି ଚିତ୍ତ 'ସ୍ୱଗତ' ତା ସତ୍ ପରାମର୍ଶ ବ୍ୟର୍ଥ ହେବ ଜାଣି ବଜିର ସେନାପତି ମୁଖରେ କୁହାଇଛନ୍ତି :

Digitized by PPRACHIN, SOA

"ପଶ୍ଚିମ ସଭ୍ୟତାରେ ଏସନ ରୀତି,
କାହୁଁ ବୁଝିବେ ସେହୁ ସ୍ୱଗତ ନୀତି ।
ଜୀବନେ ଜାଣନ୍ତି ସେ ଆପଣା ସୁଖ;
କଥା କହନ୍ତି ସତେ ବଡ ଧାର୍ମିକ ।"

ଆର୍ଯ୍ୟ ସଂସ୍କୃତିର ମୂଳମନ୍ତ୍ର ଉଚ୍ଚାରଣ କରିଛନ୍ତି କବି ;

"ପଶ୍ଚିମେ ସିନା ସେ କୂଟନୀତି ଶୋହେ ?
ଛୁଇଁ ନାହିଁ ତାହା ଆର୍ଯ୍ୟର ବିଗହେ ।"

ପୁନଶ୍ଚ—

"ଗୃହିଁଛନ୍ତି ବୀର କଳିଙ୍ଗର ନେତା,
ବୃଥା ରକ୍ତପାତେ ନାହିଁଟି ମମତା,
ନ ପେଶି ଆୟୁଧ ରହିଛନ୍ତି ଧୀର,
ନର ହନ୍ତା କେବେ ହୁଅଇ କି ବୀର ? "

ଏକ ପକ୍ଷରେ ଐତିହାସିକ ଜାତୀୟ ଭବାପନ୍ନ କବିଚିତ୍ତ ଓଡ଼ିଶା ସଂସ୍କୃତିକୁ ଓ ଐତିହ୍ୟକୁ ଚିହ୍ନି ସାଧାରଣରେ ଚିହ୍ଲାଇବା ପାଇଁ ଏକାନ୍ତ ଭବରେ ଯତ୍ନଶୀଳ, ଅନ୍ୟ ପକ୍ଷରେ କାବ୍ୟ ମାଧୁରୀ କଲ୍ୟାଣମୟୀ ନାରୀ ହୃଦୟର ସୂକ୍ଷ୍ମ ପ୍ରେମାନୁଭୂତି ଖାରବେଳ ଟ୍ରୁସିଙ୍କର ଦେହାତୀତ ଆଦର୍ଶ ସଂଯମସିକ୍ତ ପବିତ୍ର ପ୍ରେମର ମହିମା ମଣ୍ଡିତ ଚରିତ୍ର ଚିତ୍ରଣରେ ସେଭଳି ଆବେଗ ପ୍ରବଣ ହୋଇ କାବ୍ୟ ଗଢ୍ୟରେ ନୂତନ ଆଭିମୁଖ୍ୟ ଆଣିଛନ୍ତି । ମାତ୍ର ଏକ ସ୍ୱତନ୍ତ୍ର ଦୃଷ୍ଟିକୋଣ ନେଇ ଏକାଧାରରେ ପବିତ୍ର ଅନୁରୂପଜନିତ ପ୍ରଣୟରସ ପରିବେଷଣ ସଙ୍ଗେ ଦେଶାଭିମୁଖୀ ଯୁଗୋପଯୋଗୀ ସାଂସ୍କୃତିକ ତଥା ଜାତୀୟତାରେ ପରିପୁଷ୍ଟ ଚିନ୍ତାଧାରର ସମନ୍ୱୟ ଘଟାଇବାକୁ ସେ ନିତ୍ୟ ପ୍ରୟାସୀ ।

ଜାତୀୟ ଜୀବନକୁ ସୁସଙ୍ଗଠିତ କରିବା ପାଇଁ ନୀଳକଂଠଙ୍କ କାବ୍ୟ ପୁରୁଷ ସତତ ସଚେତନ ହେତୁ ଏହି କାବ୍ୟରେ ସ୍ଥଳ ବିଶେଷରେ କେତେ ଗଦ୍ୟଧର୍ମୀ ଶବ୍ଦର ଅନୁପ୍ରବେଶ ଘଟିଛି । ମାତ୍ର ତାଙ୍କ କାବ୍ୟରେ ଉନ୍ନତ ଚିନ୍ତାଧାର, ପାଣ୍ଡିତ୍ୟ, ନୈତିକ ମୂଲ୍ୟବୋଧ ଆଦି ସମସ୍ତ ସଦ୍‌ଗୁଣର ଉପସ୍ଥିତି ସର୍ବଦା ପଦଲାଳିତ୍ୟକୁ ଅଗ୍ରାଧିକାର ଦେଇପାରି ନାହିଁ । ଶବ୍ଦ ସଂଯୋଜନା ଜନିତ ମାଧୁର୍ଯ୍ୟର ସ୍ଥଳ ବିଶେଷରେ ଅଭାବ ତାଙ୍କର ଏକନିଷ୍ଠ ଜାତୀୟତାବାଦ ତଥା ରହସ୍ୟଭେଦ ନିମନ୍ତେ ଆନ୍ତରିକ ଆର୍ତ୍ତୀ ଓ ପାଣ୍ଡିତ୍ୟର ପରିଚୟ ବହନ କରେ । ଖାରବେଳ କାବ୍ୟରେ

Digitized by PPRACHIN, SOA

ଚିନ୍ତା ସଙ୍ଗେ ଭଷାର ସଂଗ୍ରାମ, ଭଷା ସଙ୍ଗେ ଛନ୍ଦର, ଛନ୍ଦସଙ୍ଗେ ଅର୍ଥ ଓ ଇଙ୍ଗିତର ସାର୍ଥକ ସମର ଓ ପରିଶେଷରେ ବିଜୟ ପରିଲକ୍ଷିତ ହୁଏ । "ଖାରବେଳ" ଏକ ରସାତ୍ମକ ସାର୍ଥକ କାବ୍ୟ ଭବରେ ଚିରକାଳ ଆଦୃତ ହେଉଥିବ । କବିଙ୍କ ବାସନା ଏଥି ସାର୍ଥକ ।

"ବିଷମ ଏ ସର୍ଗ ଲୀଳା ସମ କି ଏ ତୁମ୍ଭେ
ରହସ୍ୟର ପୂର୍ଣ୍ଣ ଅନ୍ତରଳେ ?
ସେ ରହସ୍ୟ ପୂର୍ଣ୍ଣ ପୁରେ କ୍ଷୁଦ୍ର ଏ କଳ୍ପନା
ମିଶିଯାଉ ଅନନ୍ତ ସାଗରେ ।"

ଆଜି ଶତବାର୍ଷିକୀରେ ସେ ପ୍ରଚଣ୍ଡ ପ୍ରତିଭ ନିକଟରେ ଏ ଜାତିର ବାରମ୍ବାର ବିନମ୍ର ପ୍ରଣାମ ।

—※—

କାହିଁ ଅଛ, ତେବେ, କହ, କି ପୂର୍ଣ୍ଣ ନିଦେଶେ ?
ଏ ପଗଣେ ଅହଂକାର ଉଠଇ କି ରସେ ?
ଏ କାହା ନିଦେଶ ଘୋର ?
କାହାର ଏ ଅହଂକାର ?
କାହାର ମହିମା ତେବେ ଅନ୍ତରେ ବିକାଶେ ?
କାହିଁ ଅଛ କହ ତେବେ କେଉଁ ଶୂନ୍ୟଦେଶେ ?
( ନୀଳକଣ୍ଠ—ଭକ୍ତି ଗାଥା )

Digitized by PPRACHIN, SOA

# ନୀଳକଣ୍ଠଙ୍କ କାବ୍ୟ କୃତି 'ଦାସ ନାଏକ'- ଏକ ଅଧ୍ୟୟନ

ଡ଼ଃ କୁଞ୍ଜ ବିହାରୀ ତ୍ରିପାଠୀ

## ଟେନିସନ୍‌ଙ୍କ 'ଏନକ ଆଡେ଼ନ୍' :

ପଣ୍ଡିତ ନୀଳକଣ୍ଠ 'ଦାସ ନାଏକ' କାବ୍ୟକୁ ଇଂରେଜ କବି ଟେନିସନ୍‌ଙ୍କ 'ଏନକ ଆଡ଼େନ' କାବ୍ୟର ଅବଲମ୍ବନରେ ରଚନା କରିଥିଲେ । ଏ. ଏଲ୍. ଟେନିସନ୍ ( ୧୮୦୯--୧୮୯୨ ) ଙ୍କ କାବ୍ୟରେ ମୁଖ୍ୟତଃ ତିନୋଟି ଚରିତ୍ର ପରିସ୍ଫୁଟ । ଏନକ, ଫିଲିପ୍ ଓ ଏନୀ । ସମୁଦ୍ରକୂଳ କ୍ଷୁଦ୍ର ବନ୍ଦର ନିକଟ ଏକ ଗାଁର ଏନ୍‌କ ଆଡ଼େନ୍ ବାପ, ମା' ଛେଉଣ୍ଡ ଗୋଟିଏ ଗରିବ ପିଲା; ଫିଲିପ୍ ମାତୃହରା ଧନୀ ବାପର ଏକ ମାତ୍ର ପୁଅ ଓ ଏନୀ ସାଧାରଣ ଘରର ଝିଅଟିଏ । ଏ ତିନିଜଣ ପିଲାଦିନୁ ଖେଳ ସାଥୀ ହୋଇ କ୍ରମେ କ୍ରମେ ବାଲୁତ ବୟସ ଅତିକ୍ରମ କରି ଯୌବନରେ ପଦାର୍ପଣ କରିଛନ୍ତି । ବାଲୁତ ଖେଳରେ ଏନୀ ବୋହୂ ଏବଂ ଏ ଦୁହେଁ କିଏ କେତେ-ବେଳେ ତା'ର ବର ହୁଅନ୍ତି । ଏନକ୍ ଟିକିଏ ବଳୁଆ ଥିବାରୁ ଫିଲିପ୍ ସଙ୍ଗେ କଳି କରି ଅଧିକାଂଶ ସମୟରେ ବର ହୁଏ । ଏଥିରେ ଏନୀ ଦୁଃଖ କରି କହେ, "ତୁମେ କଳି କର ନାହିଁ, ମୁଁ ଦୁହିଁଙ୍କର ବୋହୂ ହେବି ।" ଏନୀର ପିଲାଦିନର ଏଇ ଉଦ୍ଦେଶହୀନ କଥା ତା' ଜୀବନରେ କିପରି ବାସ୍ତବରେ ପରିଣତ ହୋଇଛି, ତାହା ଲକ୍ଷ୍ୟ କରିବାର କଥା । ଯୌବନରେ ଏନୀକୁ ଦୁହେଁ ଚାହୁଁଥିଲେ ହେଁ ଫିଲିପ୍ ତାହା କେବେ ପ୍ରକାଶ କରି ପାରି ନାହିଁ । ଏନୀର ଏନକ୍ ସହ ବିବାହ ହୋଇଛି । ଫିଲିପ୍ ସେମାନଙ୍କଠାରୁ ଦୂରେଇ ଯାଇ ଅବିବାହିତ ରହିଛି । ଏନକ୍ ଓ ଏନୀ ସୁଖର ସଂସାର ଗଢ଼ି ବସନ୍ତି । ଏନକ୍‌ର ନାଉରୀ କାମରେ ଦକ୍ଷତା ଥିବାରୁ ନିଜେ ନାହାଟିଏ କିଣି ସେମାନେ ଭଲରେ ଚଳନ୍ତି । ତାଙ୍କର ପ୍ରଥମେ ଝିଅଟିଏ ଓ ପରେ ଦୁଇଟି ପୁଅ ହୁଅନ୍ତି । ସାନ ପୁଅଟି ଜନ୍ମରୁ ହୁଏ ରୁଗ୍‌ଣ ଓ ଏନକ୍ ପକ୍ଷରେ ପରିବାର ପୋଷଣ କଷ୍ଟକର ହୋଇ ପଡ଼େ । ଅଧିକ ଉପାର୍ଜନ ଆଶାରେ ନିଜ ନାହାଟି ବିକି ଏନୀପାଇଁ ଦୋକାନଟିଏ କରିଦେଇ ଗୋଟିଏ ବାଣିଜ୍ୟ ଜାହାଜରେ ସେ ଯାଏ ବିଦେଶକୁ । ବିଦେଶରୁ ଫେରିବା ବାଟରେ

Digitized by PPRACHIN, SOA

ତାଙ୍କ ଜାହାଜ ଦୁର୍ଘଟଣାଗ୍ରସ୍ତ ହୁଏ ଓ ସେ ଭସି ଭସି ଯାଇ ଗୋଟିଏ ନିର୍ଜନ ଦ୍ୱୀପରେ ଲାଗେ । ସେଠି ୧୦ ବର୍ଷ ବିତିଯାଏ ।

ଏଣେ ଏନୀର ଦୋକାନ ଉଜୁଡ଼ି ଯାଏ ଓ ତା' ସାନପୁଅଟିର ଚିକିତ୍ସା ଅଭାବରେ ମୃତ୍ୟୁ ହୁଏ । ଦୋକାନର ଅବଶିଷ୍ଟ ଜିନିଷ ବିକ୍ରି କରି ଦେଇ ଏନୀ ବଡ଼ କଷ୍ଟରେ ପିଲା ଦୁହିଁଙ୍କୁ ନେଇ ଚଳୁଥାଏ । ତା'ର କଷ୍ଟ ଦେଖି ଫିଲିପ୍ ଆଗେଇ ଆସେ ପିଲା-ଙ୍କର ସମସ୍ତ ଯତ୍ନ ନେବାକୁ ଓ ସମୟକ୍ରମେ ଏନୀକୁ ବିବାହର ପ୍ରସ୍ତାବ ଦିଏ । ଏନୀ ଉତ୍ତର ଦରେ, "ନାରୀ ହୃଦୟ ଦୁଇ ଜଣଙ୍କୁ ଏକାବେଳକେ ଭଲ ପାଇ ପାରେ ନାହିଁ–ମୁଁ କ'ଣ ତୁମକୁ ଏନକ୍‌ଙ୍କ ପରି ଭଲ ପାଇ ପାରିବି ?" ଫିଲିପ୍ କହେ–"ଏନକ୍ ପରେ ମତେ ଟିକିଏ ଭଲ ପାଇଲେ ବି ମୁଁ ସେଥିରେ ସନ୍ତୁଷ୍ଟ ହେବି ।" ଏନକ୍‌ର ଫେରିବା ଆଶାରେ ଏନୀ ତାକୁ ବର୍ଷଟିଏ ଅପେକ୍ଷା କରିବାକୁ କହେ । ଗୁହୁଁ ଗୁହୁଁ ବର୍ଷଟିଏ ବିତିଯାଏ-- ତେବେ ବି ଏନକ୍ ଫେରିବା ଆଶାରେ ଏନୀ ମାସ ପରେ ମାସ କରି ଆଉରି ଛ'ମାସ ଗଡ଼ାଏ । ଦିନେ ବାଇବେଲ ଧରି ଶୋଇଥିବା ବେଳେ ସେ ସ୍ୱପ୍ନ ଦେଖେ ଏନକ୍ ଖରବେଳେ ଗୋଟିଏ ଗଛମୂଳେ ଭୂତଭଳି ବସିଛି । ସେଥିରୁ ଏନୀର ବିଶ୍ୱାସ ଜନ୍ମେ ଯେ ଏନକ୍‌ର ମୃତ୍ୟୁ ହୋଇ ଯାଇଛି । ଏହା ପରେ ପିଲାଙ୍କ ଅଳିରେ ଅବଶେଷରେ ଏନୀ ଫିଲିପ୍‌କୁ ବିବାହ କରେ । ଯଥା ସମୟରେ ତାଙ୍କର ଝିଅଟିଏ ହୁଏ ।

କେତେ ବର୍ଷ ପରେ ଗୋଟିଏ ଜାହାଜ ପାଣି ସଂଗ୍ରହ କରିବା ପାଇଁ ଏନକ୍ ଥିବା ଦ୍ୱୀପରେ ଲାଗେ ଓ ଜାହାଜର ନାବିକଙ୍କ ଦ୍ୱାରା ଉଦ୍ଧାର ପାଇ ଏନକ୍ ସ୍ୱଦେଶକୁ ଫେରି ନିଜ କ୍ଷୁଦ୍ର ବନ୍ଦରରେ ପହଞ୍ଚେ । ତା ଘରକୁ ଯାଇ ଘର ଆଗରେ To Let ଝୁଲୁଥିବାର ଦେଖି ଅତି ଦୁଃଖରେ ଫେରେ । ମେରିଅମ୍ ନାମ୍ନୀ ଗୋଟିଏ ବୁଢ଼ୀର ଭଡ଼ା ଘରେ ରହେ । ତା' ଠାରୁ ଏନୀ ଓ ଫିଲିପ୍‌ଙ୍କ ବିଷୟ ଓ ବିବାହ କାହାଣୀ ଶୁଣେ । କିନ୍ତୁ ନିଜର ପରିଚୟ ତାକୁ ଦିଏ ନାହିଁ । ଦିନେ ସନ୍ଧ୍ୟାରେ ନିଜ ପିଲାଙ୍କୁ ଓ ଏନୀକୁ ଦେଖିବାର ପ୍ରବଳ ଇଚ୍ଛା ତାକୁ ଫିଲିପ୍ ଘର ପାଖକୁ ଟାଣି ନିଏ । ସେଠି ଗୋପନରେ ସେମାନଙ୍କ ସୁଖର ସଂସାର କିଛି ସମୟ ଦେଖେ– ସେଥିରେ ବାଧା ନ ଆଣିବା ପାଇଁ ଅସୀମ ଧୈର୍ଯ୍ୟର ସହିତ ନିଜକୁ ସଂଯତ କରି ସେଠୁ ଫେରି ଆସେ । ପେଟ ପୋଷିବା ପାଇଁ ବନ୍ଦରରେ କାମକରି ବର୍ଷଟିଏ ବିତାଇ ଦିଏ । ମୃତ୍ୟୁ ଆସନ୍ନ ଜାଣି ତାର ଠିକ୍ ଆଗରୁ ମେରିଅମ୍‌କୁ ଡ଼ାକି ନିଜର ପରିଚୟ ଦିଏ ଏବଂ ବିଦେଶ ଗଲା ବେଳେ ଏନୀ ତାକୁ ଦେଇଥିବା ସାନପୁଅର ବାଳ ଭଗ ଢ଼େଉଁଗିଆଟି ଦେଇ ଏ ସବୁର ଚିହ୍ନ ସ୍ୱରୂପ ତା ମୃତ୍ୟୁପରେ ଏନୀକୁ ଦେବାକୁ କହେ । ମୃତ୍ୟୁ ପୂର୍ବରୁ ଏ

Digitized by PPRACHIN, SOA

ବିଷୟ ପ୍ରକାଶ ନ କରିବାକୁ ମେରିଅମ୍‌କୁ ଈଶ୍ୱରଙ୍କ ଦୁହାଇ ଦେଇ ପ୍ରତିଜ୍ଞା କରାଇ ନେଇ ଏନକ୍ ଆଖି ବୁଜି ଦିଏ ।

## ପଣ୍ଡିତ ନୀଳକଂଠଙ୍କ 'ଦାସନାଏକ'

୧୯୨୩ ମସିହାରେ ହଜାରି ବାଗ୍ ଜେଲରେ ବନ୍ଦୀ ଥିବା ବେଳେ ନୀଳକଂଠ ମୁଖ୍ୟତଃ 'ଏନକ ଆର୍ଡେନ କାବ୍ୟର ନାରୀର ସ୍ୱଭାବ ସୁନ୍ଦର ସତୀତ୍ୱ ପାଖେ ପୁରୁଷର ସାଧୁ ଓ ସୁକଠୋର ପ୍ରୀତି ସାଧନ' ଆଦର୍ଶରେ ମୁଗ୍‌ଧ ହୋଇ ସମାଜରେ ଏହାର ପ୍ରତିଷ୍ଠା ଲାଗି କାବ୍ୟଟିର ଆଶ୍ରୟରେ ଓଡ଼ିଆରେ 'ଦାସ ନାଏକ' ଲେଖିବାକୁ ମନ ବଳାଇଲେ । ପୁଣି ତାଙ୍କର ସାଧାରଣ ଲୋକେ ବୁଝିବା ଭଳି ଭାଷାରେ କାବ୍ୟ ଲେଖିବାକୁ ବହୁଦିନର ବାସନାକୁ ଚରିତାର୍ଥ କରିବା ଏଥିର ଅନ୍ୟ ଏକ ଉଦ୍ଦେଶ୍ୟ ଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି ।

### ଉପସ୍ଥାପନା :

ପଣ୍ଡିତ ନୀଳକଣ୍ଠ ଟେନିସନ୍‌ଙ୍କ କାବ୍ୟର ଚରିତ୍ର Enoch Arden, Philip Roy, Annie Lee, Mariam Lane ଙ୍କୁ ଯଥାକ୍ରମେ ଦାସ ନାଏକ ( ନୋଳିଆ ଯୁବକ ), ଲଛମଣୀ ( ଲକ୍ଷ୍ମୀ, ଗ୍ରାମ ବେହେରାଙ୍କ ପୁଅ ), ମେଲା ଓ ମଗୁଆ ରୂପରେ ତାଙ୍କ ଦାସ ନାଏକ କାବ୍ୟରେ ଉପସ୍ଥାପିତ କରିଅଛନ୍ତି । ଘଟଣାଟି ଘଟିଥିଲା ପ୍ରାୟ ୨୦୦।୩୦୦ ବର୍ଷ ତଳେ । କାବ୍ୟଟିର କଥା ବସ୍ତୁକୁ ନୀଳକଣ୍ଠ କିଞ୍ଚିତ ପରିବର୍ତ୍ତନ କରି ଓଡ଼ିଶାର ପରିବେଷ୍ଟନୀରେ ଖାପଖୁଆଇ ପରିବେଷଣ କରିଛନ୍ତି ଓ କାବ୍ୟର ବିଷୟ ବସ୍ତୁକୁ ନିଜର ଚିରପରିଚିତ ପଲ୍ଲୀରେ ପୂରାପୂରି ହିନ୍ଦୁ ସଂସ୍କୃତି ଓ ପରଂପରା ଉପରେ ପ୍ରତିଷ୍ଠିତ କରିଛନ୍ତି । ଏହା ନୀଳକଣ୍ଠଙ୍କର ମୌଳିକ କାବ୍ୟ ନ ହେଲେହେଁ ଏଥିର ବର୍ଣ୍ଣନା ପରିପାଟୀ ଓ ବିଭିନ୍ନ ବିଷୟର ପରିବେଷଣରେ ତାଙ୍କ ସ୍ୱାତନ୍ତ୍ର୍ୟ ପାଠକର ପ୍ରାଣରେ ଅପାର ଆନନ୍ଦ ସୃଷ୍ଟି କରେ ।

### 'ଦାସନାଏକ' କାବ୍ୟର ଏକ ତାତ୍ତ୍ୱିକ ଆଲୋଚନା :

ଦାସ ନାଏକ ଏକ ପ୍ରଣୟ କାବ୍ୟ । ଦାସ, ଲଛମଣୀ ଓ ମେଲା ମୁଖ୍ୟତଃ ଏହି ତିନିଜଣଙ୍କୁ ଘେନି ଏ କାବ୍ୟଟି ରଚିତ । ବାଲ୍ୟ କାଳରୁ ମଧ୍ୟଯୌବନ ପର୍ଯ୍ୟନ୍ତ ସୁଖରେ ଅତିବାହିତ କରିବା ପରେ ଦାସ ଜୀବନରେ ପ୍ରଥମ ଦୁଃସମୟ ଆସେ ଓ ତା'ର ଗୋଡ଼ ଭାଙ୍ଗି ଯାଇ ସେ ବହୁଦିନ ଶଯ୍ୟାଶାୟୀ ହୋଇ ପଡ଼େ । ତାଙ୍କର ସଂଚିତ ଧନ ସରିଯାଏ । କାମ ନ ପାଇ ସେ ଅକର୍ମା ଭଳି ବୁଲିବା ପରେ ଗୋଟିଏ ଜାହାଜରେ ଧନ ଉପାର୍ଜନ

Digitized by PPRACHIN, SOA

ପାଇଁ (ବିଦେଶ) ଚୀନ ଦେଶକୁ ଯିବାକୁ ମନ ବଳାଏ । ମେଘକୁ ଏହା ଶୁଭଙ୍କର ବୋଧ ହୋଇ ନାହିଁ । କବିଙ୍କ ଭଷାରେ—

" ଶୁଣୁ ଶୁଣୁ କିପାଁ ଲଗିଲ ମେଘକୁ,
ଶୁଭ ଏଥି କେବେ ନ ହୋଇବ; "

ଆମ ଦେଶରେ ଗୋଟିଏ କଥା ଅଛି, ଯେ ଯାହାକୁ ଯେତିକି ସୁଖ ପାଏ, ସେ ତା'ର ସେତିକି ଅମଙ୍ଗଳ ଆଶଂକା ମଧ୍ୟ କରେ । ମେଘ ଭୀତା ହିନ୍ଦୁ ଗୃହିଣୀ—କବି ତା' ମୁହଁରେ କହୁଚନ୍ତି—

" ଲଗୁଛି ତ ମୋତେ, ଏ ବିଦେଶେ ଯାଇ,
ହେବ ନାହିଁ କେବେ ଭଲ ଫଳ ।
× × ×
ନ ଦେଖିବି ଆଉ ଏ ମୁହଁ ତୁଂଭର
ଏ ଜୀବନେ, ଏତେ ମନେ ରଖ । "

ମେଘର ଏ ଆଶଂକା ସତ୍ୟରେ ପରିଣତ ହୋଇଚି । ସେହିପରି ପିଲଦିନେ ମେଘ (ଏନୀ) ବାଳୁତ ଖେଳରେ ଉଭୟ ଦାସ (ଏନକ୍) ଓ ଲକ୍ଷଣ (ଫିଲିପ୍)ର କଳହ ତୁଟାଇବାକୁ ଯାଇ ଅଲକ୍ଷରେ ଉଭୟଙ୍କର ବୋହୂ ହେବ ବୋଲି କହିଥିବା କଥା ମଧ୍ୟ ଶେଷରେ ବାସ୍ତବ ରୂପେ ଦେଖା ଦେଇଚି ଓ ଏହାରି ଉପରେ ହିଁ କାବ୍ୟଟି ବସ୍ତୁତଃ ଆଧାରିତ କହିଲେ ଅତ୍ୟୁକ୍ତି ହେବ ନାହିଁ ।

**କାବ୍ୟର ଆଦର୍ଶ :**

କାବ୍ୟରେ ଏ ଜାତିର ପରଂପରା ଓ ନାରୀର ସତୀତ୍ୱ ଓ ସ୍ୱାମୀପ୍ରତି ଗଭୀର ଆକର୍ଷଣର ଚିତ୍ର ନୀଳକଣ୍ଠଙ୍କ ରଚନାରେ ଅତ୍ୟନ୍ତ ପ୍ରାଂଜଳ ଓ ସ୍ପଷ୍ଟ । ଯେତେବେଳେ ଦାସର ଦୀର୍ଘ ୧୦ ବର୍ଷର ଅବର୍ତ୍ତମାନରେ ଲକ୍ଷଣ ତାକୁ ସୁଖ ପାଇ ଓ ତାକୁ ଘେନି ଘର କରିବା ପାଇଁ ମେଘକୁ ପ୍ରସ୍ତାବ ଦିଏ, ମେଘ ମୁହଁରେ କବି କହିଚନ୍ତି—

" କି କହୁଚ ମୋତେ ? ଦାସ ମୁହଁ ପରି
ଦିଶିବ କି ଆଉ ବଡ଼ କେହି ?
ତୁଂଭକୁ ଘେନି ମୁଁ କଲେ ହେଲେ ଘର
ଦାସ ପରି ତୁଂଭେ ହେବ ନାହିଁ ?

ଲକ୍ଷଣ ଏଥିରେ ରାଜି ହୁଅନ୍ତେ, ମେଘ, ତା ସଙ୍ଗେ ଘର କରିବାକୁ କଥା ଦେଲବେଳେ ମଧ୍ୟ ଦାସ ଫେରି ପାରେ ଏଇ ଆଶାରେ ସେ ଲକ୍ଷଣକୁ ବର୍ଷଟିଏ

Digitized by PPRACHIN, SOA

ଚଳାଇବାକୁ କହିଚି । ବର୍ଷକ ପରେ ମଧ୍ୟ ସେ ନାନା ପର୍ବ, ଓଷା ଓ ପିଲଙ୍କ ସନ୍ନି-କ୍ଷେତ୍ରର ବାହାନା ଦେଇ ଦିନ ଗଡ଼ାଇଚି । ଶେଷରେ ସେ ଯେତେବେଳେ ଦାସଙ୍କୁ ଗତିଏ ନୁହେଁ, ଏକାପରି ତିନି ଗତି ସ୍ୱପ୍ନରେ ଦେଖିଚି–

"ବସି ଅଛି ଦାସ ଆକାଶକୁ ଚାହିଁ, ଆଖେ ପାଖେ ଆଉ କେହି ନାହିଁ,
ରହି–ରୁଦ୍ର ଖଗ ପଡ଼ୁଚି ମୁଣ୍ଡରେ ଉପରକୁ ସେହୁ ଅଛି ଚାହିଁ ।
ବୁଢା ଜଣେ ଆସି, ଡ଼ାକି କହେ ତାକୁ, "ଚାହିଁ ଆଉ କିପାଁ ଅଛ ବସି ?
ଘେନିଯିବି ମୁହିଁ, ଆସ ମୋର ସଙ୍ଗେ, ନେବାପାଇଁ ମୁହିଁ ଅଛି ଆସି ?
ବୁଢା ସାଙ୍ଗେ ଦାସ ଉଠି ଚାଲିଯାଏ; ଭାଂଗଇ ମେଲର ସପନ ସେ, "

ସେଇଥିରୁହିଁ ମେଲର ନିର୍ଭର ବିଶ୍ୱାସ ଆସିଚି, ଦାସ ସ୍ୱର୍ଗକୁ ଯାଇଚି । ଏବେ ଲଇଖଣଙ୍କୁ 'ଦୁତିଅ' ହେବାରେ ତାର ଆଉ ଦ୍ୱିଧା ଆସି ନାହିଁ । ଏଠି ସ୍ମରଣ କରାଯାଇ ପାରେ ଯେ ସ୍ୱାମୀର କୌଣସି ସମ୍ବାଦ ୧୨ ବର୍ଷ ଯାଏ ନ ମିଳିଲେ, ସ୍ତ୍ରୀର ବିଧବା ହେବା ଏ ଦେଶର ସାମାଜିକ ପ୍ରଥା ।

## ଆଦର୍ଶରେ ବୈଚିତ୍ର୍ୟ :

କାବ୍ୟରେ ଦାସ, ମେଲ ଓ ଲଇଖଣ–ଏମାନଙ୍କ ଚରିତ୍ରରେ ଅନୁରାଗର ସବୁଜିମା, ପ୍ରତୀକ୍ଷାର ଅନ୍ତହୀନ ସୌନ୍ଦର୍ଯ୍ୟ ଓ ତ୍ୟାଗର ମଧୁର ସୁଷମା ଯେପରି ଭାବରେ ରୂପାୟିତ ହୋଇଅଛି, ମନେହୁଏ, ତାହାର ପଟାନ୍ତର ନାହିଁ । ପ୍ରଥମେ ଦାସ ଓ ମେଲର ବିବାହରେ ଲଇଖଣ ଜୀବନର ଆକାଂକ୍ଷା ହତାଶା ଓ ବ୍ୟର୍ଥତାର କଳାମେଘରେ ମେଦୁରିତ ହୋଇନାହିଁ ବଡ଼ଘରର ପୁଅ ଲଇଖଣ ହୃଦୟରେ ପ୍ରତିହିଂସାର ବହ୍ନି ଜଳି ନାହିଁ–ସେ ଏକାନ୍ତ ସଂଯମ ଅବଲଂବନ କରି ଏ ଦୁହିଙ୍କ ସୁଖର ସଂସାରକୁ ଗ୍ରହଣ କରିଚି । ୨ୟ, ଦାସର ଅନୁପସ୍ଥିତି ଥିଲା ମେଲ ପକ୍ଷରେ ଦୀର୍ଘ କାଳର ପରମ ସାଧନା । ଚରମ ଦାରିଦ୍ର୍ୟ, ସନ୍ତାନ ବିୟୋଗ ଏବଂ ଲଇଖଣର ବାରଂବାର ପ୍ରୀତି ନିବେଦନ ଓ ସେ ସମାଜରେ 'ଦୁତିଅ' ପ୍ରଥା ପ୍ରଚଳିତ ଥିବା ସତ୍ତ୍ୱେ ମେଲ ନିଜର ଆଦର୍ଶ ପଥରୁ ବିଚ୍ୟୁତ ନ ହୋଇ ଦୀର୍ଘ ୧୦ ବର୍ଷ କାଳ ଦାସକୁ ଅପେକ୍ଷା କରି ରହିଚି । ପରିଶେଷରେ ଦାସର ସ୍ୱର୍ଗପ୍ରାପ୍ତି ହୋଇଥିବାର ବିଶ୍ୱାସ କରି, ପାରିବାରିକ ଦୁର୍ଗତି ଓ ଲୋକାପବାଦକୁ ଉପେକ୍ଷା କରି ନ ପାରି ସେ ଲଇଖଣଙ୍କୁ ବିବାହ କରିଚି । କିନ୍ତୁ ତାର ସ୍ୱପ୍ନରେ ଓ ଜାଗରଣରେ ଆସି ଦେଖା ଦେଇଚି ତାର ପ୍ରିୟତମ ସ୍ୱାମୀ 'ଦାସ' । ୩ୟ, କାବ୍ୟରେ ଦାସର ପ୍ରତ୍ୟାବର୍ତ୍ତନ ଯେପରି ବିସ୍ମୟକର ସେହିପରି କରୁଣ । ଦୀର୍ଘ ୧୦ ବର୍ଷ ପରେ ଆସି ସେ ଯାହା ସ୍ୱଚକ୍ଷୁରେ ଦେଖିବାକୁ ପାଇଛି, ସେଥିରେ ତାର ବ୍ୟକ୍ତିଗତ ସୁଖ ସ୍ୱପ୍ନର ସୌଧ ଭୁଷୁଡ଼ି ପଡ଼ିବା ସ୍ୱାଭାବିକ । ତା' ସତ୍ତ୍ୱେ ପ୍ରିୟତମା ପତ୍ନୀ ଓ ସାଥୀ ଲଇଖଣର ଅବଶିଷ୍ଟ

Digitized by PPRACHIN, SOA

ଜୀବନରେ ସେ ଝଡ଼ ହୋଇ ଛିଡ଼ା ହେବାକୁ ଇଚ୍ଛା କରି ନାହିଁ । କାବ୍ୟର ପ୍ରତ୍ୟେକ ଚରିତ୍ରରେ ପ୍ରେମ, ସଂଯମ ଓ ତ୍ୟାଗର ମହାନ୍ ଆଦର୍ଶ ପାଠକ ମନକୁ ଗଭୀର ଭାବରେ ସ୍ପର୍ଶ କରେ । ଏହାହିଁ ଏ କାବ୍ୟର ବୈଚିତ୍ର ।

## ଜଗନ୍ନାଥ ଭାବନା :

କାବ୍ୟର ଅନ୍ୟ ଏକ ବିଶେଷ ଆକର୍ଷଣ ହେଉଚି, ନୀଳକଣ୍ଠଙ୍କ ଜଗନ୍ନାଥ ଭାବନା । ଉତ୍କଳର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ ଏ ଦେଶର ପୁର ପଲ୍ଲୀରେ ଯେଉଁଭଳି ଭାବରେ ବନ୍ଦିତ, ତାର ଏକ ନିଖୁଣ ଚିତ୍ର ଫୁଟିଚି ନୀଳକଣ୍ଠଙ୍କ ଲେଖନୀରେ, ଶ୍ରୀ ଜଗନ୍ନାଥ ହେଉଚନ୍ତି ଏ ଜାତିର ସକଳ ଆଶା ଓ ବିଶ୍ୱାସର କେନ୍ଦ୍ର ଓ ଏ ଜାତି ତାର ସକଳ ସୁଖ, ଦୁଃଖ ଯେପରିକି ଜଗନ୍ନାଥଙ୍କ ପାଖେ ନିବେଦନ କରିବାରେ ହୁଏ ଆଶ୍ୱସ୍ତ । ଦାସ ନାଏକ କାବ୍ୟରେ ତାର ମଧୁମୟ ପରିପ୍ରକାଶ ଦେଖିଲେ ପ୍ରାଣ ଆନନ୍ଦରେ ପୂରି ଉଠେ । ପଣ୍ଡିତ ନୀଳକଣ୍ଠଙ୍କ ଆଧ୍ୟାତ୍ମିକ ଚେତନା ତଥା ଉତ୍କଳର ସାଂସ୍କୃତିକ ଆଦର୍ଶ ଏ କ୍ଷେତ୍ରରେ ଏକ ସ୍ୱରରେ ପ୍ରତିଧ୍ୱନିତ, ଚୀନ ଯିବା ପୂର୍ବରୁ ଦାସ ମେଲିକୁ ଅଭୟ ଦେବାର ନିମ୍ନୋକ୍ତ ଉକ୍ତି ତହିଁର ନିଦର୍ଶନ ।

'ଜଗନ୍ନାଥେ ପୁଣି ଅଛନ୍ତି ସବୁଠି
ମନେ ରଖିଥିବ ସବୁବେଳେ
ସବୁ ଭୟ ଦକା ତାଙ୍କରି ଉପରେ
ଫିଙ୍ଗି ଦେଇ ସୁଖେ ରହ ଘରେ ।

## ସରଳ ଶବ୍ଦ ସଂଯୋଜନା :

ନୀଳକଣ୍ଠ କାବ୍ୟଟିର ଶବ୍ଦ ସଂଯୋଜନାରେ ବିଶେଷ କୃତିତ୍ୱ ପ୍ରଦର୍ଶନ କରିଅଛନ୍ତି । ଗ୍ରାମୀଣ ପରିବେଶ, ଆରଣ୍ୟକ ଦୃଶ୍ୟ, ପ୍ରଣୟାନୁରକ୍ତି ମାନସିକ ଦ୍ୱନ୍ଦ୍ୱ, ପାରିବାରିକ ସମସ୍ୟା ଇତ୍ୟାଦିର ଚିତ୍ରଣରେ କବିଙ୍କର ଈପ୍ସିତ ଭାଷା କେଉଁଠି ହେଲେ ବାଟ ଭୁଲି ଯାଇ ନାହିଁ— "ସାଧାରଣ ଲୋକେ ବୁଝିବା ଭଳି ଭାଷାରେ × × କାବ୍ୟ ଲେଖି ହେବ କି ନା" କବିଙ୍କର ବହୁଦିନର ଏଇ ଉତ୍କଣ୍ଠା, ଏଥିରେ ଦୂରୀଭୂତ ହୋଇଚି । ଏଠି ଗୋଟିଏ ଉଦାହରଣ ଦେଲେ କବିଙ୍କର ସାଫଲ୍ୟ ସହଜରେ ବୁଝା ପଡ଼ିବ । ଦାସ ବର୍ଷ ବର୍ଷ ଧରି ନିର୍ଜନ ଦ୍ୱୀପରେ ଏକାକୀ ସମୁଦ୍ରକୁ ଚାହିଁ ରହୁଥିବାର ଖାଣ୍ଟି ଗାଉଁଲି ଭାଷାରେ ବର୍ଣ୍ଣନା ଯେପରି ପ୍ରାଞ୍ଜଳ ସେଇପରି ମଧ୍ୟ ହୃଦୟସ୍ପର୍ଶୀ :
ନୀଳକଣ୍ଠଙ୍କ ଭାଷାରେ—

କିଛି ସେ ନଦେଖେ, କିଛି ଶୁଣେ ନହିଁ, ବୁଲୁଥାଏ ଦିଗ ବାରି ବାରି,
ସମୁଦ୍ର ଭିତରେ କାହିଁ ଦୂରେ ଖୋଜି ଜାହାଜକୁ ଚାହୁଁ ଥାଏ ଖାଲି ।

Digitized by PPRACHIN, SOA

ଦିନ ପରେ ଦିନ ଯାଉଥାଏ ବହି ଜାହାଜ କିଏ ସେ ଦେବ ଆଣି ?
ସକାଳୁ ସିନ୍ଦୁର ଫାଟଇ ପୂରୁବେ ଗଛେ ପତ୍ରେ ବୋଳେ ସୁନାପାଣି ।
ତରଙ୍ଗେ ତରଙ୍ଗେ ନାଚଇ ସାଗର, ସେହି ସେ ସିନ୍ଦୁର ଧରି କେତେ,
ଉଠିଆସେ ଖର, ଗୁହିଁ ଗୁହିଁ ଦାସ, ବାଧବତରେ ପୁଣି ମୁଣ୍ଡ ପୋତେ ।
ବୁଡ଼ିଯାଏ ବେଳ; ଗୁହୁଁ ପୁଣି ଜଳେ ଡ଼ାହାଣିଆ ଖର ଯାଏ ନାଚି,
ହଇଡ ହଇଡ ସେ ଖର ପତରେ, ଗଛପତ୍ର ଖୋଇ ଯାଏ ଲୁଚି ।
ବିଞ୍ଚି ହୋଇଯାଏ ଆକାଶରେ ତର ଗରଜି ଉଠଇ ସେ ସାଗର;
ପୁଣି ଗୁହୁଁ ଗୁହୁଁ ପୂରୁବ ଆକାଶେ ଦିଶଇ ସିନ୍ଦୁର ଥର ଥର ।

## କାବ୍ୟର ଉତ୍କର୍ଷ :

କାବ୍ୟଟିରେ ସମୁଦ୍ର କୂଳର ନୋଳିଆ ପଲ୍ଲୀ, ଓ ନୋଳିଆର ଜୀବନ ପ୍ରବାହ ବର୍ଣ୍ଣନା ଅତ୍ୟନ୍ତ ମନୋରମ । ଓଡ଼ିଆ କାବ୍ୟ ଧାରାରେ ଏହା ଏକ ବ୍ୟତିକ୍ରମ କହିଲେ ଅତ୍ୟୁକ୍ତି ହେବ ନାହିଁ । ସମାଜର ନିମ୍ନ ବର୍ଗରେ ମଣିଷର ସୁଖ, ଦୁଃଖ, ହସ କାନ୍ଦ, ପ୍ରେମ ବିରହ, ମନେହୁଏ, ଏହା ପୂର୍ବରୁ କୌଣସି କବି ଏପରି ଭାବରେ ଶୁଣାଇ ନଥିଲେ । ଅବଶ୍ୟ ଫକୀର ମୋହନ ଏହିପରି ଦଳିତ, ପତିତ ଶ୍ରେଣୀର ଜୀବନ ଚିତ୍ର ଅତି ନିଖୁଣ ଭାବରେ ଆଙ୍କି ଥିଲେ । ମାତ୍ର ତାହା ଗଦ୍ୟରେ । ରାଧାନାଥଙ୍କ ସାହିତ୍ୟ ସୃଷ୍ଟିର ଚରିତ୍ରମାନେ ଥିଲେ ଏକାନ୍ତ ଅଭିଜାତ । ମଧୁ ବାବୁଙ୍କ କାବ୍ୟ ସୃଷ୍ଟି ଉପନିଷଦର ମହାନ୍ ଦାର୍ଶନିକ ଚିନ୍ତାରେହିଁ ମଧୁମୟ ହୋଇଚି । ଗଙ୍ଗାଧରଙ୍କ କାବ୍ୟ ଜଗତରେ ଆମେ ଭେଟୁ ତପସ୍ୱିନୀ ସୀତା, ପ୍ରଣୟିନୀ ଶକୁନ୍ତଳାଙ୍କୁ । ପ୍ରାଚୀନ ପୁରାଣର ପୃଷ୍ଠ ଭୂମିରେହିଁ ଆମର ସେମାନଙ୍କ ସହ ପରିଚୟ । କିନ୍ତୁ ନୀଳକଣ୍ଠ ଏହି କାବ୍ୟଟିକୁ ଇଂରାଜୀ କାବ୍ୟର ଅବଲମ୍ବନରେ ରଚନା କରି ଥିଲେହେଁ ସବୁଠାରୁ ଅଲେଡ଼ା ବା ଉପେକ୍ଷିତ ନୋଳିଆ ମଣିଷ ମାନଙ୍କୁ ଆମପାଖେ ସୁଖ-ବୋଧ୍ୟ କାବ୍ୟରେ ପରିଚିତ କରାଇ ଦେଇଚନ୍ତି ଏବଂ ସେମାନଙ୍କ ମଧ୍ୟରେ ଯେ ଆଦର୍ଶ, ସାମାଜିକ ଜୀବନ ପ୍ରତି ବିଶେଷ ଶ୍ରଦ୍ଧା ରହିଚି, ତାହା ଏହି କାବ୍ୟ ମାଧ୍ୟମରେ ଆମ ପାଖେ ସେ ପହଞ୍ଚାଇ ଦେଇଚନ୍ତି ।

କବିଙ୍କର ଏହି ସାମାଜିକ ଅବବୋଧ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସେ କାଳରେ ସମ୍ପୂର୍ଣ୍ଣ ଅଭିନବ ବୋଲି ମନେହୁଏ ।

## ନୀଳକଣ୍ଠଙ୍କ ଶବ୍ଦ ସଂଭାର

ଏହି କାବ୍ୟରେ କବି ଯେଉଁ ସରଳ ଘରୋଇ ଓଡ଼ିଆ ଭାଷା ପ୍ରୟୋଗ କରିଛନ୍ତି ସେଥିରେ ଦେଶଜ ଓ ତଦ୍‌ଭବ ଶବ୍ଦ ବହୁଳଭାବରେ ପ୍ରୟୋଗ କରିଛନ୍ତି । ଅକ୍ଷର କ୍ରମରେ କେତେକ ଶବ୍ଦ ତଳେ ପ୍ରଦର୍ଶିତ ହେଲା ।

Digitized by PPRACHIN, SOA

ଅ— ଅନାଇ, ଅନା,

ଆ— ଆକଟ ( ତେଲୁଗୁ– ଅକ୍‌କଟ ପୃ ୧୪. T.D ) ଆଙ୍କୁଡ଼ୀ,

ଉ— ଉଲୁ, ( Stupid. P. K. D. 257 ) ଉଷତ,

କ— କଇଦି ( ହୁଅଇ ), କଇଁ କଇଁ, କଶ୍ୟା < କଂକ୍ଷା; କଟାଳ, କଲବଲ,
( କଳବରମୁ. Tel. D. P. 275 ) ( କଲବଲ Quarrel, (Created disturbance. P--218. M.D. ) କାନି, କୁଣ୍ଡାଝଡ଼ା, କୁଣ୍ଢାଇ, କୋଚି,

ଖ— ଖଇର ( ରୁକ୍ଷ ), ଖୋଇ,

ଗ— ଗଜା ( ବଇସିଆ ), ଗଦ ଗଦ, ଗୁହାରି ( ଅଭିଯୋଗ ); ଗେଲ,
(ତେଲୁଗୁ–ଗେଲି Joking, ପୃ ୩୯୬. T. D. )

ଘ – ଘାଣ୍ଟି, ଘୁଞ୍ଚି, ଘୁମାଇଁ'

ଚ— ଚଡି ( ଘର ), ଚହଟେ, ଚନ୍ଦା ( = ଭେଦା-Subscription ),

ଛ— ଛଳଛଳ ( ଆଖି ),

ଜ— ଜଳା ( କବାଟି ),

ଝ— ଝାଡ଼ିବା, ଝାମ୍ପୁଲ,

ଟ— ଟହଟହ ( ପାଚି ), ଟାଣ, ଟିକି ( କ୍ଷୁଦ୍ର ),

ଠ— ଠଗଠଗି ( ହୋଇ ),

ଡ— ଡାହାଣିଆ ( ଖର ); ଢେଉଁରିଆ,

ଢା— ଢାଳେ ( = ଅନାୟାସରେ ),

ତ— ତକାଇ,

ଥ— ଥକ୍‌କା, ଥରଥର, ଥାକ,

ଦ— ଦାଉଦାଉ, ଦଦରା ( ଜାହାଜ ). ( ଜୀବନ ) ଦୋସର ( = ବନ୍ଧୁ )
( ସହଚର ),

ନ— ନିଅଣ୍ଟ,

ପ— ପଡ଼ୋଇ, ପରପଞ୍ଚ, ପହଁରି, ପାଞ୍ଚିଲ, ପାଟି ( କରିବା ),

ଫ— ( ସିନ୍ଦୁର ) ଫାଟଇ,

ବ— ବତାସି ( = ଝଡ଼ ), ବନସ୍ତ, ବଲବଲ ( କରିଗୁହିଁବା ), ବାଡ଼,
ବାଧକ, ବାଳୁତ, ବିଞ୍ଚିହେବା ( = Scatter ), ବିତିଲ,
( = Passed ), ବିଚର, ବେଉସା, ବୁଜୁଳି, ବାହାନା, ବୁଦା, ବୁହ,

Digitized by PPRACHIN, SOA

ଭ— ଭଣ୍ଡିବା,

ମ— ମଉଚିଉ, ମଟାକୁ ( ଥାଏ ବାହା ), ମାଇପ, ମାଇ (= ଜିନିଷ ) ମେଇ,

ଯ— ଯଉବନୀ ( ଅର୍ଦ୍ଧତତ୍ସମ ),

ର— ରଟମଟ ( କରି ଅନାଇ ), ( ବେଙ୍ଗ ) ରଡରଡ, ରହି ରୁଦ୍ର ( ଖଗ ), ରୁଣ୍ଡ ( ହୋଇ ),

ସ— ସଜାଡ଼ି, ସାନ, ସେବ ( କଥା ) ସୋହାଗ,

ହ— ହକଗ, ହଲଉ ହଇଉ, ( CP. Hindi ହିଲନା ) ( See ହିଲ୍ନି N. D. P. —633 ) ହସହସ ହୁରହୁର,

ହଲ୍ ( = କମ୍ପିବା ) ( ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ଏହି ଧାତୁର ପ୍ରୟୋଗ, ଦ୍ରାବିଡ଼ ଭଷାରେ 'ହ' ସ୍ଥାନରେ 'ଅ'ର ପ୍ରୟୋଗ ଦେଖାଯାଏ । ( E. P. ଅଲେ P. 115 K. D. )

## ସହାୟକ ଗ୍ରନ୍ଥାବଳୀ


1. T. D.—A Telugu—English Dictionary; Revised and enlarged by V. Ramaswamy Sastrulu & Sons. Madras, 21, 1983.
2. K. D.—Kannad—English Dictionary, Kittel, Madras University, 1968.
3. M. D.—Malayalam—English Dictionary, Gundert, Asian Educational Series, NewDelhi–1982
4. N. D.—Nepali Dictionary, Prof. Sir R. L. Turner, London—1931


—*—

Digitized by PPRACHIN, SOA

# ଭଂଜ ସାହିତ୍ୟର ପୃଷ୍ଠପୋଷକ ନୀଳକଣ୍ଠ

### ଡକ୍ଟର ବନମାଳୀ ବାରିକ

ପଣ୍ଡିତ ନୀଳକଣ୍ଠ ଭଂଜୀୟ ସାହିତ୍ୟର ଜଣେ ପରମ ପୃଷ୍ଠପୋଷକ ରୂପେ ଉତ୍କଳରେ ସୁବିଦିତ । ସତ୍ୟବାଦୀ ଯୁଗର ଆଦର୍ଶ ସହିତ ତାଙ୍କର ଭଂଜ ପ୍ରୀତିକୁ ମିଳାଇ ଦେଖିଲେ ଏକ ସାହିତ୍ୟକ ଦ୍ୱନ୍ଦର ପୃଷ୍ଠଭୂମି ପ୍ରତି ଆମର ଦୃଷ୍ଟି ସ୍ୱତଃ ଆକର୍ଷିତ ହୁଏ । ତାହା ହେଉଛି— ରାଧାନାଥ ସାହିତ୍ୟର ବିଜାତୀୟ ଭାବଧାରା ଓ ତାହାକୁ କେନ୍ଦ୍ର କରି ତତ୍କାଳୀନ ସମାଜରେ ଘଟିଥିବା ତୁମୂଳ ଆଲୋଡ଼ନ । ପ୍ରାଚୀନ (ଭଂଜ) ସାହିତ୍ୟ ସପକ୍ଷରେ 'ଇନ୍ଦ୍ରଧନୁ' ଓ ଆଧୁନିକ (ରାଧାନାଥ) ସାହିତ୍ୟ ସପକ୍ଷରେ 'ବିଜୁଳି' ବହୁକାଳ ଧରି ପରସ୍ପର ବିରୁଦ୍ଧରେ ପ୍ରବଳ ସ୍ୱର ଉତ୍ତୋଳନ କରିଥିଲେ ଏବଂ କାଳକ୍ରମେ ତାହା ବ୍ୟକ୍ତିଗତ କୁତ୍ସା ଓ ଅସୂୟା ପ୍ରଚାରରେ ପରିଣତ ହୋଇଥିଲା (୧୮୯୩-୯୪) । ଏହି ସଂଘର୍ଷରେ ପରିଣାମ ଥିଲା ସୁଦୂର ପ୍ରସାରୀ । ପ୍ରଥମତଃ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ଯଥାର୍ଥ ଅନୁଶୀଳନ ଲାଗି ଏହା ଆହ୍ୱାନ ଦେଇଥିଲା । ଦ୍ୱିତୀୟତଃ ଓଡ଼ିଆ ସାହିତ୍ୟ କହିଲେ ସାଧାରଣତଃ କେଶବ କୋଇଲି, ଗୋପୀଭାଷା, ମଥୁରା ମଙ୍ଗଳ ବୋଲି ଯେଉଁ ଭ୍ରାନ୍ତ ଧାରଣା ଥିଲା ତାହା ଏହା ଦ୍ୱାରା ଅପସାରିତ ହେଲା । ତୃତୀୟତଃ ଏହି ମସୀ ଯୁଦ୍ଧ ଓଡ଼ିଶାର ଜାତୀୟ ଜୀବନକୁ ତାର ଅତୀତ ଓ ବର୍ତ୍ତମାନ ସମ୍ପର୍କରେ ସତର୍କ ସଚେତନ କରାଇ ଦେଇଥିଲା । ରାଧାନାଥ ଭଂଜଙ୍କୁ ତାଙ୍କର 'ଏକତର ଗୁରୁ' ରୂପେ ସ୍ୱୀକାର କରିବା ଫଳରେ ଉକ୍ତ ବିବାଦ କିଛି ପରିମାଣରେ ଶାନ୍ତ ହୋଇ-ଥିଲେହେଁ, ଅନେକ ଦିନ ପର୍ଯ୍ୟନ୍ତ ତାଙ୍କପ୍ରତି ଏହି ଅସୂୟା ଭିତରେ ଭିତରେ କୁହୁଳୁ-ଥିଲା । ଫକୀର ମୋହନଙ୍କ 'ଛମାଣ ଆଠଗୁଣ୍ଠ' (୧୮୯୮) ରେ ତାହାର ସଙ୍କେତ ଦେଖିବାକୁ ମିଳେ ।

ଯଥାଃ—

"ଆଉ ତ୍ରୁଟିପୂର୍ଣ୍ଣ ଉପେନ୍ଦ୍ରଭଂଜ ଶୁଣବେ ?
ଓଲଟ କଦଳୀ ପ୍ରାୟ ଜାନୁ
ନିତମ୍ବ ଯୁଗଳ ଜିଣି ସାନୁ

Digitized by PPRACHIN, SOA

ଆଉ ଲେଖିବାକୁ ସାହସ ଅଣ୍ଟିଲା ନାହିଁ । କେଜାଣି 'ବିଜୁଳି' ପୁଣି ଚମକି ଉଠିବେ । " ( ଷଷ୍ଠ ପରିଚ୍ଛେଦ ) ( ଅବଶ୍ୟ କବି ଫକୀର ମୋହନ ତାଙ୍କର ଉପେନ୍ଦ୍ର ଭଂଜଙ୍କ 'ସ୍ୱପ୍ନ ଦର୍ଶନ' କବିତାରେ ଭଂଜଙ୍କ କାବ୍ୟ ପ୍ରତିଭାର ଭୂୟସୀ ପ୍ରଶଂସା କରିଅଛନ୍ତି ) ।

ଏ କ୍ଷେତ୍ରରେ ଆଉ ଗୋଟିଏ କଥା ମଧ୍ୟ ବିଚାରକୁ ନିଆଯାଇପାରେ । ତାହା ହେଉଛି ରାଧାନାଥଙ୍କ ସାମାଜିକ ସ୍ଥିତି ଓ ପ୍ରତିଷ୍ଠା । ତତ୍କାଳୀନ ଶିକ୍ଷା ବିଭାଗର ସେ ଥିଲେ ସର୍ବୋଚ୍ଚ ପଦାଧିକାରୀ । କବି ହିସାବରେ ତାଙ୍କର କୃତିତ୍ୱ ଥିଲା ଦିଗ ଦିଗନ୍ତ ବିଚ୍ଛୁରିତ । ତେଣୁ ତାଙ୍କର ଗୁଣଗାନ କରିବାକୁ ( ସ୍ୱାର୍ଥପର ବା ନିଃସ୍ୱାର୍ଥପର ଭାବରେ ) ଅନେକେ ଶତମୁଖ ହୋଇ ଉଠିବା ସ୍ୱାଭାବିକ । ଅନ୍ୟ ପକ୍ଷରେ ନିରପେକ୍ଷ ସମାଲୋଚକ ଯେ ନଥିଲେ, ଏପରି ଭାବିବା ଠିକ୍ ନୁହେଁ । ସେମାନେ ତାଙ୍କ ସାହିତ୍ୟର ତୀବ୍ର ସମାଲୋଚନା କରିଥାରେ ତାଙ୍କୁ ସମାଜରେ କ୍ଷୁଦ୍ର କରିଦେବାକୁ ଆଗଭର ହୋଇ ଆସିବା ମଧ୍ୟ ସମ୍ଭବ । ତା'ସତ୍ତ୍ୱେ ସଚରାଚର ଯାହା ହୁଏ, ତାହାହିଁ ହେଲା—କ୍ଷମତାସୀନ ପ୍ରତି ବିପୁଳ ସମର୍ଥନ । ବିଚରା ଉପେନ୍ଦ୍ର ଭଂଜ ! ଲାଞ୍ଛିତ ଓ ନିର୍ଯ୍ୟାତିତ ହେବା ଛଡ଼ା ତାଙ୍କର ଆଉ କଣ ଉପାୟ ଥିଲା ?

ସତ୍ୟବାଦୀ ଯୁଗର ଆବିର୍ଭାବରେ ଜାତୀୟ ଜୀବନ ଓ ଜାତୀୟ ସାହିତ୍ୟର ଅଭିମୁଖ୍ୟ ପରିବର୍ତ୍ତିତ ହେଲା । ଅତୀତ ଉତ୍କଳର ଗୌରବମୟ ବାର୍ତ୍ତା ଏ ଯୁଗର ନେତା/ସାହିତ୍ୟରଥୀମାନଙ୍କ କଣ୍ଠରେ/କୃତିରେ ପ୍ରତିଧ୍ୱନିତ ହେଲା । ଆଜୀବନ ଜାତିର ସେବା କରିବା ନିମନ୍ତେ ସେମାନେ ଥିଲେ ଅଙ୍ଗୀକାରବଦ୍ଧ । ବିଶ୍ୱର ଦରବାରରେ ଉତ୍କଳକୁ ପ୍ରତିଷ୍ଠା ଦେବାପାଇଁ ସେମାନଙ୍କର ଉଦ୍ୟମ ଥିଲା ଅବିଚ୍ଛିନ୍ନ । ସୁତରାଂ ଏ ଜାତିର ଯାହାକିଛି ବିଶେଷତ୍ୱ, ତାହାର ଅନୁସନ୍ଧାନ ଓ ଅନୁଶୀଳନ କରାଗଲା । ପଣ୍ଡିତ ନୀଳକଣ୍ଠଙ୍କ ଅନୁସଂଧିତ୍ସା ଓ ପ୍ରଗାଢ଼ ଅନୁଶୀଳନ ପ୍ରବୃତ୍ତି ସର୍ବଜନବିଦିତ । ସେ ତାଙ୍କର ସହକର୍ମୀମାନଙ୍କୁ ଘେନି ଗଭୀର ନିଷ୍ଠାଥିଯାଏ ଭଞ୍ଜ ସାହିତ୍ୟ ଚର୍ଚ୍ଚାରେ ବ୍ୟାପୃତ ଥିଲେ । କେବଳ 'ଲାବଣ୍ୟବତୀ' ଶୀର୍ଷକରେ ସେ 'ସତ୍ୟବାଦୀ' ମାସିକ ପତ୍ରିକାରେ ୭ଟି ଦୀର୍ଘ ପ୍ରବନ୍ଧ ପ୍ରକାଶ କରିଥିଲେ । ଏ ସମସ୍ତ ଆଲୋଚନା ଓ ଅନୁଶୀଳନ ଫଳରେ ପ୍ରକାଶ ପାଇଲା, 'ଖାରବେଳ', 'ପୁରୁଷୋତ୍ତମ ଦେବ,' ମୁକୁନ୍ଦଦେବ, ସାରଳାଦାସ, ଉପେନ୍ଦ୍ରଭଞ୍ଜ, କୋଣାର୍କ, ବାରବାଟି । ସେମାନଙ୍କ ସ୍ୱପ୍ନରେ, ଚିନ୍ତାରେ, ବାକ୍ୟରେ, କର୍ମରେ ଓ ସାହିତ୍ୟରେ ଓଡ଼ିଶାର ସଂସ୍କୃତି ଯେପରିକି ପୁନର୍ଜୀବନ ଲାଭ କଲା । ଏଇପରି ଅବସ୍ଥାରେ ଗୋପବନ୍ଧୁ ଉପେନ୍ଦ୍ରଭଞ୍ଜଙ୍କ ପକ୍ଷ ସମର୍ଥନ କରି ଲେଖିଥିଲେ—

Digitized by PPRACHIN, SOA

ଗାଏ ତୁମ୍ଭ ଗୀତ ସଭରେ ପଣ୍ଡିତ
ପଥେ ପାନ୍ଥ ଭୁଷମନା
ବିଲେ ଗାଏ ଚଷା ଅନ୍ତଃପୁରେ ଯୋଷା
ନୃତ୍ୟରଙ୍ଗେ ବାରଙ୍ଗନା ।

ଏହାଥିଲା ଭଂଜଙ୍କ ପ୍ରତି ତାଙ୍କର ବିରାଟ ସମର୍ଥନ (Moral support) ଆବେଗିକ ସମର୍ଥନ (Emotional support) । କିନ୍ତୁ ପଣ୍ଡିତ ନୀଳକଣ୍ଠ ଭଂଜଙ୍କୁ ଦେଲେ ବୌଦ୍ଧିକ ସମର୍ଥନ (Intellectual support), ଏବଂ ତାହାରି ବଳରେ ଭଞ୍ଜଙ୍କ ମହିମା ପୁନପ୍ରତିଷ୍ଠା ଲଭକଲା । ବ୍ୟକ୍ତି ଭାବରେ ନୀଳକଣ୍ଠ ଆଦୌ ଭାବପ୍ରବଣ ନଥିଲେ । ବିପୁଳ ପାଣ୍ଡିତ୍ୟ ଓ ଅସାଧାରଣ ମନୀଷାର କଷଟିରେ ପ୍ରତ୍ୟେକ ବସ୍ତୁର ପରୀକ୍ଷା ନିରୀକ୍ଷା କରିବା ଥିଲା ତାଙ୍କର ସ୍ୱଭାବସୁଲଭ ପ୍ରବୃତ୍ତି । ଉଗ୍ର ଜାତୀୟବାଦୀ ମନୋବୃତ୍ତି ଯୋଗୁ ହୁଏତ ସେ କେବେ କେବେ ସମାଲୋଚିତ ହୋଇଛନ୍ତି । କିନ୍ତୁ ଏହା ତାଙ୍କ ଜ୍ଞାନର ଦିଗ୍‌ବଳୟକୁ କେବେ ହେଲେ ତମସାଛନ୍ନ କରିପାରିନାହିଁ । ସୁତରାଂ ଉପେନ୍ଦ୍ର ଭଞ୍ଜଙ୍କ ପକ୍ଷ ସମର୍ଥନ କଲାବେଳେ ସେ ଯେ ଭ୍ରାନ୍ତ ପଥରେ ପରି-ଚାଳିତ ହୋଇଥିବେ, ଏହା ବିଶ୍ୱାସ କରାଯାଇ ନପାରେ, କଳ୍ପନା କରିବା ମଧ୍ୟ ସମୀଚୀନ ନୁହେଁ ।

ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି– "ଏହି ସଂସ୍କୃତିର ଅନୁଧାବନ ଉଦ୍ଦେଶ୍ୟରେ ମୁଁ ବହୁ ପୂର୍ବେ ୧୯୦୮।୯ରୁ ପ୍ରାଚୀନ ସାହିତ୍ୟ ଚର୍ଚ୍ଚା ଆରମ୍ଭ କରିଥିଲି । କାବ୍ୟ ମଧ୍ୟରେ ଲାବଣ୍ୟବତୀ ଅପେକ୍ଷାକୃତ ସରଳ ଓ ସେଥିରେ ସମସ୍ତ ମଧ୍ୟଯୁଗ ସାହିତ୍ୟ ଚର୍ଚ୍ଚାର ପ୍ରାୟ ଏକତ୍ର ସମାବେଶ ବୋଲି ତହିଁରୁ କେତେକ ବାଦ ଦେଇ ଗୋଟିଏ ବାଳକ ପାଠ୍ୟ ସଂସ୍କରଣ କରିବି ବୋଲି ତିଆରି କରିଥିଲି" । ଲାବଣ୍ୟବତୀ ଟୀକା ଓ (ବ୍ୟାଖ୍ୟା- ପୃ୨୫) କୌଣସି ପ୍ରକାଶକ ଏପରି ଖଣ୍ଡିତ ଲାବଣ୍ୟବତୀ ଛାପିବାକୁ ରାଜି ନ ହେବାରୁ ତାହା ଅପ୍ରକାଶିତ ରହିଲା । ୧୯୧୭ ମସିହାରେ ସତ୍ୟବାଦୀ ମାସିକ ସାହିତ୍ୟ ପତ୍ରିକାରେ ୭ ଗୋଟି ସଂଖ୍ୟାରେ 'ଲାବଣ୍ୟବତୀ' ଶୀର୍ଷକ ତାଙ୍କର ଯେଉଁ ଦୀର୍ଘ ପ୍ରବନ୍ଧ ପ୍ରକାଶ ପାଇଥିଲା, ପରବର୍ତ୍ତୀ କାଳରେ ତାହା 'ଓଡ଼ିଆ ଭାଷା ଓ ସାହିତ୍ୟ' ଗ୍ରନ୍ଥରେ ସଂକଳନ କରିଥିଲେ । ପୁଣି ୧୯୩୦ରେ ହଜାରିବାଗ ଜେଲରେ ବନ୍ଦୀ ଥିବାବେଳେ ସେ ଏହାର ସାହିତ୍ୟିକ ଓ ସାମାଜିକ ମୂଲ୍ୟବୋଧକୁ ଜନସମାଜରେ ପ୍ରସାର କରିବା ନିମନ୍ତେ ଲାବଣ୍ୟବତୀ କାବ୍ୟର ଟୀକା ରଚନା କରିଥିଲେ । ପ୍ରାୟ ପଚାଶ ବର୍ଷ ଧରି ତାହା ଗୋପନରେ ରହି ଯାଇଥିଲା । ଏବେ ତାଙ୍କର ସୁଯୋଗ୍ୟା କନ୍ୟା ଶ୍ରୀମତୀ

Digitized by PPRACHIN, SOA

ଇନ୍ଦିରା ଦେବୀଙ୍କ ପ୍ରଚେଷ୍ଟାରେ ତାହା ପ୍ରକାଶ ପାଇଛି । ଏହି ଗ୍ରନ୍ଥ ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ସଂପଦ । 'ନବଭାରତ' (ନୂଆପ୍ରସ୍ଥ) ୧୯୫୦ ଏପ୍ରିଲ ସଂଖ୍ୟାରେ ଉପେନ୍ଦ୍ର-ଭଞ୍ଜଙ୍କ ଜୟନ୍ତୀ ଉପଲକ୍ଷେ ନୀଳକଣ୍ଠ ଏକ ଆଲୋଚନା ପ୍ରକାଶ କରିଥିଲେ । 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ'ରେ ମଧ୍ୟ ଭଞ୍ଜଙ୍କ ସଂପର୍କରେ ବହୁ ସ୍ଥଳରେ ପ୍ରାସଙ୍ଗିକ ଆଲୋଚନାମାନ କରିଛନ୍ତି । ଏହା ବ୍ୟତୀତ ୧୯୫୭ ମସିହାରେ କଟକରେ ଅନୁଷ୍ଠିତ ଭଂଜ ଜୟନ୍ତୀ ସମାରୋହର ସେ ହୋଇଥିଲେ ଅଭ୍ୟର୍ଥନା ସମିତିର ସଭାପତି । ଏ ଉପଲକ୍ଷେ ସେ ଦେଇଥିବା ଅଭିଭାଷଣ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆୟୋଜିତ ଭଂଜ ଜୟନ୍ତୀ ଉତ୍ସବ ଗୁଡ଼ିକରେ ଯୋଗଦେଇ ବିଗତ, ବିଜ୍ଞ ଜନତାଙ୍କୁ ମୁଗ୍ଧ କରିଥିବା ପାଣ୍ଡିତ୍ୟ ପୂର୍ଣ୍ଣ ଭାଷଣମାନଙ୍କରୁ ତାଙ୍କ ଭଂଜୀୟ ସାହିତ୍ୟାନୁରାଗର ଯଥେଷ୍ଟ ପରିଚୟ ମିଳେ । ଏ ସବୁରୁ ଉପେନ୍ଦ୍ରଭଂଜ ଓ ଭଂଜ ସାହିତ୍ୟକୁ ଓଡ଼ିଶାରେ ଯଥାଯଥ ପ୍ରତିଷ୍ଠା ଦେବାରେ ତାଙ୍କର ଏକାନ୍ତ ଉଦ୍ୟମ ଓ ଅଭିଳାଷ ସ୍ପଷ୍ଟ ହୋଇ ଉଠେ ।

### ଉପେନ୍ଦ୍ରଭଞ୍ଜ, ଏକ ବଳିଷ୍ଠ ପ୍ରତିବାଦ :

ଭଂଜଙ୍କ ଆବିର୍ଭାବ ପୂର୍ବରୁ ଓଡ଼ିଶାରେ ଚୈତନ୍ୟଙ୍କ ପ୍ରେମ ଧର୍ମ ବହୁ ଭାବରେ ପ୍ରସାରିତ ହୋଇ ସାରିଥିଲା । ଓଡ଼ିଆ ଜାତିର ସାଂସ୍କୃତିକ ଜୀବନ ବଂଗୀୟ ସହଜିଆ ଆଦର୍ଶରେ ଯେଭଳି ଅନୁପ୍ରାଣିତ ହୋଇଥିଲା, ସେଥିରେ ସମାଜରେ ଧାର୍ମିକ ଯୌନାଚାରର ଅତିରିକ୍ତ ବୃଦ୍ଧି ପାଇଥିଲା । ରାଧାକୃଷ୍ଣ ପରକୀୟା ପ୍ରୀତି ତତ୍ତ୍ୱର ଦୁହାଇ ଦେଇ ଭକ୍ତମାନେ ଉଚ୍ଛୃଂଖଳ ହୋଇ ପରକୀୟା ସଂଭୋଗରେ ଲିପ୍ତ ଥିଲେ । ମୋଗଲ ଅଧ୍ୟୁଷିତ ଓଡ଼ିଶାର ରାଜଶକ୍ତି ଓ ସାମରିକ ଶକ୍ତି ଏକାନ୍ତ ଦୁର୍ବଳ ଥିବାରୁ ସେତେବେଳେ ଏଭଳି ଅପକର୍ମର ବିରୋଧ କରିବା ସଂଭବ ହୋଇ ନ ଥିଲା । ରାଜ ଦରବାରର ବିଳାସିତା ମଧ୍ୟ ଚରମ ସୀମାରେ ପହଞ୍ଚିଥିଲା । କାମିନୀ ବିଳାସ ରାଜ କୁଳର ଭୂଷଣ ରୂପେ ଗୃହୀତ ହୋଇ ଆସିଥିଲା । ସମାଜରେ ଉଚ୍ଚ ଶ୍ରେଣୀ ଓ ନୀଚ ଶ୍ରେଣୀରେ ନାରୀର (ରାଣୀ ହେଉ କି ରକ୍ଷିତା ହେଉ, ସ୍ୱକୀୟା ହେଉ କି ପରକୀୟା ହେଉ) ସ୍ୱାତନ୍ତ୍ର୍ୟ ରହିଲା ନାହିଁ । ସେ ହେଲା କେବଳ ଉପଭୋଗର ସାମଗ୍ରୀ । ନୀଳକଣ୍ଠଙ୍କ ମତରେ, "ଏଭଳି ପରିସ୍ଥିତିରେ ଉପେନ୍ଦ୍ରଭଞ୍ଜ ଥିଲେ ଏକ ବଳିଷ୍ଠ ପ୍ରତିବାଦ । " ସେ ଉପେନ୍ଦ୍ର ସାହିତ୍ୟ ସମ୍ପର୍କରେ ଲେଖିଛନ୍ତି– " × × ଓଡ଼ିଆ ସାହିତ୍ୟ ପ୍ରକାଶ କରିଚି ଏକ ବିଚିତ୍ର ଯୌନ ସାହିତ୍ୟର ଧାରା । ସେଥିରେ ଧର୍ମ ସାଧନାର ସମ୍ପର୍କ ନାହିଁ କି ପରକୀୟାର ଆଦର ନାହିଁ । ମାତ୍ର ମାନବର ଯୌନକ୍ଷୁଧା ଚରିତାର୍ଥ କରିବାର ଅତି ସ୍ୱାଦ୍ୟ କାବ୍ୟକଳା ସେଥିରେ ଯେପରିକି ମୂର୍ତ୍ତିମନ୍ତ ପ୍ରତିବାଦ ରୂପେ ଫୁଟିଚି । ଏହାହିଁ ଏକ

Digitized by PPRACHIN, SOA

କଥାରେ କହିଲେ, ଆମ ଭଞ୍ଜୀୟ ସାହିତ୍ୟ ।" ( ଓ. ସା. କ. ପ. ପୃ ୫୭୨ ) ଏଠାରେ ମନେ ରଖିବାକୁ ହେବ ଯେ ବିଜାତୀୟ ଭବର ବିରୁଦ୍ଧାଚରଣ କରିବାରେ ଉପେନ୍ଦ୍ର ଭଞ୍ଜଙ୍କ ପରି ନୀଳକଣ୍ଠ ମଧ୍ୟ ଦୁଃସାହସ ପ୍ରଦର୍ଶନ କରିଛନ୍ତି ।

## ସାମାଜିକ ଶୃଙ୍ଖଳା ଓ ଆଦର୍ଶ ପାରିବାରିକ ଜୀବନ : ଭଞ୍ଜୀୟ ଆଦର୍ଶ

ସମାଜରେ ଏବଂବିଧ ବିଭ୍ରାଟ ଓ ପାରିବାରିକ ଜୀବନର ଅଧଃପତନ ଲକ୍ଷ୍ୟ କରି ଉପେନ୍ଦ୍ର ଭଞ୍ଜ ନିଶ୍ଚୟ କ୍ଷୁବ୍ଧ ହୋଇ ବିଦ୍ରୋହ ଘୋଷଣା କରିଥିଲେ । ଓଡ଼ିଶାର ଧର୍ମ ଓ ଜାତୀୟତାକୁ କଳୁଷମୁକ୍ତ କରିବା ପାଇଁ ଯେଉଁ ଶାସନଶକ୍ତି/ରାଜନୈତିକ ଶକ୍ତି ଦରକାର, ତାହା ତାଙ୍କର ନଥିଲା । ତେଣୁ ଅସି ବଦଳରେ ମସୀକୁ ହିଁ ସେ ଆଗାମୀ ସଂଗ୍ରାମର ଆୟୁଧ ରୂପେ ଗ୍ରହଣ କଲେ । ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପିତ ହେଲା ସୀତା ଓ ରାମଙ୍କ ଆଦର୍ଶ; ଚନ୍ଦ୍ରଭାନୁ ଓ ଲାବଣ୍ୟବତୀର ଆଦର୍ଶ । ଏହାରି ଅନ୍ତରାଳରେ ସେ କହିବାକୁ ଲାଗିଲେ ସଂଯମ ମଧ୍ୟରେ ସମ୍ଭୋଗ ହିଁ ଜୀବନର ଲକ୍ଷ୍ୟ ହେବା ଉଚିତ । ଏହା ଫଳରେ ସମାଜରେ ଶୃଙ୍ଖଳା ପ୍ରତିଷ୍ଠିତ ହେବ, ଜାତୀୟ ଜୀବନ ସମୃଦ୍ଧ ହେବ, ବ୍ୟକ୍ତି ନୀତିଯୁକ୍ତ ହେବ ଏବଂ ପାରିବାରିକ ଜୀବନ ପବିତ୍ର ହେବ । ଏହାକୁ ଲକ୍ଷ୍ୟ କରି ନୀଳକଣ୍ଠ ଲେଖିଛନ୍ତି– "ଉପେନ୍ଦ୍ର ଯେପରି ନିଜ ସାହିତ୍ୟ ସାଧନାରେ ଜାତିକି କହିଦେଲେ– ଆରେ ଓଡ଼ିଆଏ, ଧର୍ମ ନାମରେ ପର ତାଟ ଫିଟାଅ ନାହିଁ, ପର ଘର ଭାଙ୍ଗ ନାହିଁ, ନିଜ ଘରେ ବିଭ୍ରାଟ ବିପାତ ସୃଷ୍ଟି କରନାହିଁ । ଏହା ଓଡ଼ିଆର ଧର୍ମ ନୁହେଁ ।" ଇତ୍ୟାଦି ( ଓ ସା କ. ପ : ପୃ ୬୩୮ ) ଶତ ଝଡ଼ ଝଞ୍ଜା ସତ୍ତ୍ୱେ ଭଞ୍ଜୀୟ ଆଦର୍ଶ ଏବେ ବି ଓଡ଼ିଆ ସମାଜରେ ସୁଦୃଢ଼ ହୋଇ ରହିଅଛି । ଏହାଠାରୁ ବଳି କୃତିତ୍ୱ ଜଣେ କବି ଭାଗ୍ୟରେ ଆଉ କଣ ଥାଇପାରେ ?

## ଭଂଜୀୟ ଅଶ୍ଳୀଳତା : ସ୍ୱତନ୍ତ୍ର ବିଚାର

ଭଂଜୀୟ କାବ୍ୟ ଯେ ବହୁ ସ୍ଥଳରେ ଅଶ୍ଳୀଳତା–ଦୋଷ ଦୁଷ୍ଟ, ଏହା ନିଃସନ୍ଦେହ । ଓଡ଼ିଶାର ସ୍ଥାପତ୍ୟ କଳାରେ ଏହାର ସୂତ୍ର/ତତ୍ତ୍ୱ ଅନୁସଂଧାନ କରାଯାଇପାରେ । ତା ଛଡ଼ା ଐତିହାସିକ ପରଂପରା, ସମସାମୟିକ ସମାଜ ଓ ଯୁଗୀୟ ଆଦର୍ଶ ଭିତ୍ତିରେ ମଧ୍ୟ ସମସ୍ୟାର ବିଚାର ହେବା ବାଞ୍ଛନୀୟ । ଏହି ସକଳ ବିଷୟ ପ୍ରତି ସଚେତନ ଥାଇ ପଣ୍ଡିତ ନୀଳକଣ୍ଠ ଏକ ଯଥାର୍ଥ ଅଦାଲତରେ ଅଶ୍ଳୀଳତା ପ୍ରସଂଗର ବିଚାର କରିଛନ୍ତି । ତାହା ହେଉଛି–

Digitized by PPRACHIN, SOA

(୧) ସଂଯମରେ ସଂଭୋଗ ବା ଦାମ୍ପତ୍ୟ ଜୀବନରେ କାମ ବିଳାସ :– ସେ ଲେଖିଛନ୍ତି– "ଲବଣ୍ୟବତୀର ମଧୁଶଯ୍ୟା ଅଶ୍ଳୀଳ ନୁହେଁ । ସମାଜରେ ଏହା ଭୋଗ୍ୟବସ୍ତୁ । ଏହି ନିତ୍ୟ ଭୋଗ୍ୟବସ୍ତୁକୁ ବର୍ଣ୍ଣନା କରିବାରେ ଆଦର୍ଶର ଅପଲାପ ହୋଇନାହିଁ, ବରଂ ଯଥେଷ୍ଟ ବିଭତ୍ସତାର ପ୍ରତିରୋଧ କରା ହୋଇଛି ।" (ଲବଣ୍ୟବତୀ ଟୀକା ଓ ବ୍ୟାଖ୍ୟା ପୃ ୪୪)– ଅନ୍ୟତ୍ର– "ଲକ୍ଷ୍ୟ କରିବାର ଅଛି, ଏସବୁ ବର୍ଣ୍ଣନା ପୁଣି ବର ଭାର୍ଯ୍ୟାଙ୍କ ଭିତରେ, କଠୋର ସାମାଜିକତା ଓ ସତୀତ୍ୱ ତଥା ସତୀସେବୀର ଘୋର ସଂଯମ ଭିତରେ । ଅକାଟ୍ୟ ପୂର୍ବଜନ୍ମ ଓ ଫଳଭୋଗ ଉପରେ ଏହା ପୂର୍ଣ୍ଣ ପ୍ରତିଷ୍ଠିତ । ଏହା ପୁଣି ନରନାରୀର ସ୍ୱଚ୍ଛନ୍ଦ ସମାଗମ ଆଦୌ ନୁହେଁ । ଏହା ପ୍ରଚଳିତ ପରଂପରା, ଲୋକବିଧି ତଥା ସମାଜ ନୀତିରେ ପୁରାପୁରି ଶୃଙ୍ଖଳିତ । ଏପରିକି ଅଠମଙ୍ଗଳା ଦିନ ବର ଭାର୍ଯ୍ୟାର ଦେଖା ପର୍ଯ୍ୟନ୍ତ ହେଉ ନାହିଁ ।" (ଲବଣ୍ୟବତୀ ଟୀକା ଓ ବ୍ୟାଖ୍ୟା ପୃ ୪୬) ଏଥିରୁ ଜଣାଯାଏ ଯେ ସାମାଜିକ ଶୃଙ୍ଖଳା ଓ ଗାର୍ହସ୍ଥ୍ୟ ଧର୍ମର ପରିଧି ଭିତରେ ବର୍ଣ୍ଣିତ ଯୌନ ବିଳାସରେ ନୀଳକଣ୍ଠ ଆଦୌ ଅଶ୍ଳୀଳତା ଦେଖି ନାହାନ୍ତି । ବରଂ ଭଂଜୀୟ ନାୟକ/ନାୟିକା ଆଦର୍ଶ ପତି/ପତ୍ନୀ ବ୍ରତ ଧାରଣ କରିଥିବାରୁ ସେମାନଙ୍କ କାମଚର୍ଯ୍ୟାକୁ ସେ ନୈତିକ ଅନୁମୋଦନ ଜଣାଇଛନ୍ତି ।

(୨) ସହଜିଆ ଓ ତନ୍ତ୍ରାଗ୍ରସ୍ତ ପୀଡ଼ିତ ସମାଜର ଗତି ପରିବର୍ତ୍ତନ :– ନୀଳକଣ୍ଠଙ୍କ ମତରେ ଭଞ୍ଜଙ୍କ କାବ୍ୟରେ ଯେଉଁ ସବୁ ଅଶ୍ଳୀଳ ବର୍ଣ୍ଣନା ଦୃଷ୍ଟି ଗୋଚର ହୁଏ, ସେସବୁ ଏକ ସାମାଜିକ ଉପଯୋଗିତା ଉପରେ ପର୍ଯ୍ୟବସିତ । ଯୌନ ବ୍ୟଭିଚାରର ପରିବର୍ତ୍ତେ ଦାମ୍ପତ୍ୟ ଜୀବନରେ ସଂଭୋଗକୁ ମଧୁମୟ ଓ ଆକର୍ଷଣୀୟ କରିବା ଥିଲା ତାଙ୍କର ଏକାନ୍ତ ଉଦ୍ଦେଶ୍ୟ ।

(୩) ସାମାଜିକ ରୁଚିର ଅନୁଶୀଳନ :– ସମାଜର ରୁଚି ଚିର ପରିବର୍ତ୍ତନଶୀଳ । ସେଦିନର ସମାଜରେ ଯାହା ଗ୍ରାହ୍ୟ ଓ ସୁନ୍ଦର ବିବେଚିତ ହେଉଥିଲା, ଆଜି ତାହା ହୁଏତ ପରିତ୍ୟାଜ୍ୟ ହୋଇଛି । ସେଥିପାଇଁ ସେକାଳର କବିଙ୍କୁ ଦୋଷ ଦିଆଯାଇ ନ ପାରେ । ସମାଲୋଚକଙ୍କୁ କବିର ଆସନରେ ବସି ସମକାଳୀନ ଘଟଣାଗଣି ଓ ସାମାଜିକ ବିଧି ବ୍ୟବସ୍ଥା ହୃଦୟଙ୍ଗମ କରିବାକୁ ହେବ । ଏ ପ୍ରସଂଗରେ ନୀଳକଣ୍ଠଙ୍କ ବିଗ୍ରହ ସ୍ପଷ୍ଟ । " ଆଦିରସ ଘଟିତ ଭାବ, ଇଙ୍ଗିତ ଓ କ୍ରିୟାମାନଙ୍କର ଚିତ୍ର ସ୍ଥଳ ବିଶେଷରେ ସେ ବଡ଼ ନିଃସଂକୋଚରେ କରିଥିବାର ଦେଖାଯାଏ । ମାତ୍ର ରୁଚିର ଆଲୋଚନା ବେଳେ କବିଙ୍କ ପ୍ରତି ସମାଲୋଚକର ଯେ ସମପ୍ରାଣତା, ଓ ସହାନୁଭୂତି ଆବଶ୍ୟକ, ତାହା ଭୁଲିଯିବା ଉଚିତ ନୁହେଁ । ( ଲବଣ୍ୟବତୀ ଟୀକା ଓ ବ୍ୟାଖ୍ୟା ପୃ ୫୪)

Digitized by PPRACHIN, SOA

ଭଂଜୀୟ ଅଶ୍ଳୀଳତା ବିଷୟରେ ନୀଳକଣ୍ଠଙ୍କର ସର୍ବଶେଷ ରାୟ ହେଉଛି– "କାବ୍ୟ ଗୋଟିଏ ଶିଳ୍ପ । ପ୍ରକୃତିକୁ ଯଥାର୍ଥ ଭାବରେ ଚିତ୍ର କରିବାହିଁ ଶିଳ୍ପର ପୂର୍ଣ୍ଣତା । ସେଥିରେ ଶ୍ଳୀଳ ଅଶ୍ଳୀଳ ବିଚାର ଅଛି କି ? × × ଶିଳ୍ପୀନୟନ ସେଥିରେ ଅଶ୍ଳୀଳତା ଦେଖେନାହିଁ" । ( ଲାବଣ୍ୟବତୀ ଟୀକା ଓ ବ୍ୟାଖ୍ୟା : ପୃ ୫୭ )

## ସମାଲୋଚନାର ନିରପେକ୍ଷତା; ଭଞ୍ଜୀୟ କାବ୍ୟକଳା :

ଭଞ୍ଜ ସାହିତ୍ୟ ପ୍ରତି ବିପୁଳ ଅନୁରାଗ ସତ୍ତ୍ୱେ ନୀଳକଣ୍ଠ କାବ୍ୟ କଳାର ତ୍ରୁଟି ବିଚ୍ୟୁତି ପ୍ରତି ଆଖି ବୁଜିଦେଇ ନାହାନ୍ତି । କେତେକ ଅନ୍ଧ ସ୍ତାବକ କବିଙ୍କ ଶବ୍ଦାଳଙ୍କାର ଓ ଶବ୍ଦ ଚିତ୍ରକୁ ବିଶ୍ୱର ସର୍ବଶ୍ରେଷ୍ଠ ସାହିତ୍ୟ ବୋଲି ସଭା ସମିତିମାନଙ୍କରେ ଦୃଢ଼ କଣ୍ଠରେ ଘୋଷଣା କରିଥାନ୍ତି । ନୀଳକଣ୍ଠ ଲେଖିଛନ୍ତି "ମାତ୍ର ଭଞ୍ଜ ସାହିତ୍ୟର ଦାବୀ କେତେଦୂର ବିଚାର ସହ, ତାର ଯଥାର୍ଥ ନିରପେକ୍ଷ ଓ ଅନାସକ୍ତ କଳନା ଲୋଡ଼ା । " ( ଓ. ସା. କ୍ର. ପ. ପୃ ୬୪୧) ବିଭିନ୍ନ ସ୍ଥଳରେ ସେ ଏହି ଶ୍ରେଷ୍ଠତ୍ୱର ଅସାରତା ପ୍ରତିପାଦନ କରିଛନ୍ତି । ଆନନ୍ଦ ବର୍ଦ୍ଧନଙ୍କ ମତରେ ଚିତ୍ରକାବ୍ୟ ହେଉଛି ନିକୃଷ୍ଟ ଶ୍ରେଣୀର କାବ୍ୟ । ସୁତରାଂ ଭଞ୍ଜଙ୍କ 'ଚିତ୍ରକାବ୍ୟ ବନ୍ଧୋଦୟ'ର ସ୍ଥାନ କେଉଁଠି, ତାହା ସହଜରେ ଅନୁମେୟ । ନୀଳକଣ୍ଠ କେବଳ ସୂଚନାରେ ହିଁ ନିଜର ବକ୍ତବ୍ୟ, ଏଠାରେ ସ୍ପଷ୍ଟ କରିଦେଇଛନ୍ତି । ( ଓ. ସା. କ୍ର. ପ : ପୃ ୬୪୫ ) ଭଂଜୀୟ ଅନ୍ତର୍ଲିପି ବହିର୍ଲିପିକୁ ମଧ୍ୟ ସେ କାବ୍ୟ ପର୍ଯ୍ୟାୟରେ ଗ୍ରହଣ କରିନାହାନ୍ତି । ( ଓ. ସା. କ୍ର. ପ : ପୃ ୬୪୭) ବୈଦେହୀଶ ବିଳାସ ଓ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଭଳି କାବ୍ୟର କ୍ଳିଷ୍ଟ ଭାଷାରୀତି ପ୍ରତି ତାଙ୍କର ସମର୍ଥନ ରହିଛି । କାରଣ, ତତ୍କାଳୀନ ସମାଜରେ ସଂସ୍କୃତର ଆଦର ହିଁ ଏ ପ୍ରକାର କାବ୍ୟ ସୃଷ୍ଟିର ହେତୁ । ଏହା କୃତ୍ରିମ ନୁହେଁ; ମନୀଷାଯୁକ୍ତ । ଲାବଣ୍ୟବତୀ ପୃ ୫୮–୫୯) କଳା ଦୃଷ୍ଟିରୁ ଭଂଜୀୟ ସାହିତ୍ୟ ଅତିମଣ୍ଡନ ପ୍ରୟାସରେ ପୂର୍ଣ୍ଣ, ତେଣୁ ଏହା ଆଦର୍ଶ କାବ୍ୟକଳା ହୋଇ ନ ପାରେ । ( ଲାବଣ୍ୟବତୀ, ପୃ ୨୮ ) ଏଥିରୁ ଜଣାଯାଏ ଯେ କାବ୍ୟକଳାର ବିପକ୍ଷଧର୍ମକୁ ନୀଳକଣ୍ଠଙ୍କ ସମର୍ଥନ ମିଳିନାହିଁ । ପକ୍ଷାନ୍ତରେ ନିରପେକ୍ଷତାର ଭିତରେ ଭଂଜ ସାହିତ୍ୟର ଆଲୋଚନା/ ସମାଲୋଚନାହିଁ ଥିଲା ତାଙ୍କର ଏକାନ୍ତ କାମ୍ୟ ।

## ଉପସଂହାର :

ପଣ୍ଡିତ ନୀଳକଣ୍ଠ 'ଲାବଣ୍ୟବତୀ' କୁ ଭଞ୍ଜଙ୍କ ସର୍ବଶ୍ରେଷ୍ଠ କାବ୍ୟର ଗୌରବ ଅର୍ପଣ କରିଛନ୍ତି । ଅନ୍ୟାନ୍ୟ କାବ୍ୟ ଆଲୋଚନା ନିମନ୍ତେ ସେ ହୁଏତ ଅବସର ପାଇ ନାହାନ୍ତି । କିମ୍ବା ତାଙ୍କୁ ସେସବୁ ଆକୃଷ୍ଟ କରି ନାହିଁ । ଭଞ୍ଜୀୟ ବିଚାର ପ୍ରସଙ୍ଗରେ

Digitized by PPRACHIN, SOA

କୃଷ୍ଣ—କାବ୍ୟ ବିଷୟ ଆଦୌ ଉତ୍‌ଥାପନ କରିନାହାନ୍ତି । ଅଶ୍ଳୀଳତା ପ୍ରସଙ୍ଗରେ ତାଙ୍କର ମନ୍ତବ୍ୟ ଜାତୀୟ ମହିମା ବ୍ୟଞ୍ଜକ ହେଲେହେଁ ତାହାର କଳାଗତ ଦୁର୍ବଳତାକୁ ଅସ୍ୱୀକାର କରାଯାଇ ନପାରେ ।

ଏହା ସତ୍ତ୍ୱେ ନୀଳକଣ୍ଠଙ୍କ ଆଲୋଚନାର କୋଟୀ ଏବେ ବି ଅନନୁକରଣୀୟ । କେତୋଟି ମାତ୍ର ପ୍ରବନ୍ଧ ମାଧ୍ୟମରେ ଓ ଉପରୋକ୍ତ ଉପାୟରେ ଉପେନ୍ଦ୍ର ଭଞ୍ଜଙ୍କୁ ସେ ଯେପରି ଓଡ଼ିଶାରେ ଚିହ୍ନି ଚିହ୍ନାଇଛନ୍ତି, ତାହା ନୀଳକଣ୍ଠଙ୍କର ଜାତୀୟ ପ୍ରୀତି ଓ ପାଣ୍ଡିତ୍ୟର ଉଜ୍ଜ୍ୱଳ ସ୍ୱାକ୍ଷର ବହନ କରିବା ସଙ୍ଗେ ସଙ୍ଗେ ଭଞ୍ଜ କବିଙ୍କର ସମାଜ ପ୍ରୀତି ଓ ସାହିତ୍ୟିକ କୃତିତ୍ୱର ଉପଯୁକ୍ତ ମୂଲ୍ୟାୟନ ବୋଲି ମନେହୁଏ । ଭଞ୍ଜ ସାହିତ୍ୟ ଉତ୍କଳୀୟ ବାଣୀ ସାଧନାର ସୁମହାନ କୋଣାର୍କ । ପଣ୍ଡିତ ନୀଳକଣ୍ଠ ଆଜିକୁ ପ୍ରାୟ ୬୭ବର୍ଷ ତଳେ ଯେଉଁ ନିଷ୍ଠା, ଆଗ୍ରହ ଓ ଆନ୍ତରିକତା ସହ ଭଞ୍ଜ କବିଙ୍କ ସୃଷ୍ଟି ସମୀକ୍ଷାରେ ମନୋନିବେଶ କରିଥିଲେ, ତାହା ଏବେ ବିରଳ । ତାଙ୍କର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସଫଳ କରିବା ଆଜି ଉତ୍କଳବାସୀଙ୍କର ପରମ ଓ ପବିତ୍ର କର୍ତ୍ତବ୍ୟ ହେଉ !

—-o—-

---

*ପ୍ରବନ୍ଧ ରଚନାରେ ଲାବଣ୍ୟବତୀ— ଟୀକା ଓ ବ୍ୟାଖ୍ୟା (ପ୍ରକାଶିକା: ଶ୍ରୀମତୀ ଇନ୍ଦିରା ଦେବୀ ) ୧୯୮୩ ଓ ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ( ନିଉଷ୍ଟୁଡେଣ୍ଟସ୍ ଷ୍ଟୋର ) ୧୯୭୭ର ସାହାଯ୍ୟ ନିଆଯାଇଛି ।

ଓଡ଼ିଆ ବିଭାଗ,
ରାଜଧାନୀ କଲେଜ ଭୁବନେଶ୍ୱର

କାହିଁଅଛ, ତେବେ, କହ, କି ପୁଣ୍ୟ ନିଦେଶେ ?
ଏ ପରାଣେ ଅହଙ୍କାର ଉଠଇ କି ରସେ ?
ଏ କାହା ନିଦେଶ ଘୋର ?
କାହାର ଏ ଅହଙ୍କାର ?
କାହାର ମହିମା ତେବେ ଅନ୍ତରେ ବିକାଶେ ?
କାହିଁ ଅଛ କହ ତେବେ କେଉଁ ଶୂନ୍ୟଦେଶେ ?
( ନୀଳକଣ୍ଠ—ଭକ୍ତିଗାଥା )

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠ ଓ ମାନବତାବାଦୀ ଧର୍ମ

ଡ଼ଃ. ବ୍ରହ୍ମାନନ୍ଦ କର
ପ୍ରାଧ୍ୟାପକ, ଉପାଧ୍ୟୁତ୍ତର ଦର୍ଶନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ

ସାମ୍ପ୍ରତିକ ଓଡ଼ିଶାର ବୌଦ୍ଧିକ ଜଗତରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଭୂମିକା ବିଶେଷଭାବେ ଉଲ୍ଲେଖନୀୟ । ଭାରତୀୟ ଧର୍ମ-ଦର୍ଶନ ପରମ୍ପରାକୁ ପର୍ଯ୍ୟାପ୍ତ ଆଲୋଚନା-ପୂର୍ବକ ଏକ ସୁସଂହତ, ବଳିଷ୍ଠ ମାନବୀୟ ଚିନ୍ତାଧାରାର ପ୍ରବର୍ତ୍ତକରୂପେ ସେ ନିଶ୍ଚିତ ଭାବେ ଅବିସ୍ମରଣୀୟ । ଗୀତା ଉପରେ ତାଙ୍କର ସୁଦୀର୍ଘ ବ୍ୟାଖ୍ୟା ତଥା ଆଲୋଚନା ତାଙ୍କର ଅଶେଷ ପାଣ୍ଡିତ୍ୟପୂର୍ଣ୍ଣ ସୁଦୂରପ୍ରସାରୀ ଯୁକ୍ତି ପ୍ରସୂତ ଦୃଷ୍ଟିଭଙ୍ଗୀର ଶ୍ରେଷ୍ଠ ନିଦର୍ଶନ । ଭାରତୀୟ ଧର୍ମୀୟ ଭାବଧାରାକୁ ଏକ ସମ୍ପୂର୍ଣ୍ଣ ନୂତନ ଦିଗରୁ ବିଚାର କରି ତାହାର ଦାର୍ଶନିକ ତାତ୍ପର୍ଯ୍ୟ ନିରୂପଣ କରିବାରେ ସେ ସର୍ବଦା ବ୍ରତୀ ହୋଇଛନ୍ତି ଓ ସେଥିଯୋଗୁ ସେ ତାତ୍ତ୍ୱିକ ଦୃଷ୍ଟିରୁ ଏକ ଉଲ୍ଲେଖନୀୟ ଆସନରେ ସମ୍ମାନିତ ହୋଇ-ପାରିଛନ୍ତି । ତାଙ୍କର, ବିଶେଷ କରି ଗୀତା ଉପରେ ରଚିତ ଆଲୋଚନା ଗୁଡ଼ିକୁ ଅବଲୋକନ କଲେ ଯେ କେହି ତାଙ୍କର ମାନବତାବାଦୀ ଦାର୍ଶନିକ ଆଭିମୁଖ୍ୟ ବିଷୟରେ ଯେ ଅବହିତ ହୋଇପାରିବ, ଏଥିରେ ସନ୍ଦେହର ଅବକାଶ ନାହିଁ । ଏହି କ୍ଷୁଦ୍ର ପ୍ରବନ୍ଧରେ ପଣ୍ଡିତ ଦାସଙ୍କ ମାନବତାବାଦୀ ଦାର୍ଶନିକ ଆଭିମୁଖ୍ୟ ସମ୍ବନ୍ଧରେ ସଂକ୍ଷିପ୍ତ ଆଲୋଚନା କରାଯାଉଅଛି ।

ଧର୍ମ କହିଲେ ସେ କୌଣସି ଅତୀନ୍ଦ୍ରିୟ, ଅତିଜାଗତିକ କିମ୍ବା ସମାଜ ବ୍ୟତିରିକ୍ତ ମୂଲ୍ୟ ବୋଧର ସ୍ୱୀକାର କରନ୍ତି ନାହିଁ । ଧର୍ମ ତାଙ୍କ ନିମନ୍ତେ ଏକ ପ୍ରକାର ସାମାଜିକ ମୂଲ୍ୟବୋଧ ମାଧ୍ୟମରେ ହିଁ ଅର୍ଥପୂର୍ଣ୍ଣ । କେବଳ ସମାଜ ସ୍ତରରେ ଏକ ସୁସଂହତ, ଶାନ୍ତିମୟ, କଲ୍ୟାଣକର ମାନବୀୟ ଜୀବନ-ଦର୍ଶନର ଲକ୍ଷ୍ୟ ନେଇ ଧର୍ମର ପରିପ୍ରକାଶ ହୋଇଅଛି ବୋଲି ସେ ଯୁକ୍ତି ବାଢ଼ିଅଛନ୍ତି । ଏହି ପରିପ୍ରେକ୍ଷୀରେ ଭାରତୀୟ ଧର୍ମୀୟ ପରମ୍ପରାକୁ ସେ ମୂଳତଃ ଦୁଇଭାଗରେ ବିଭକ୍ତ କରିଛନ୍ତି । ସେଥିରୁ ଗୋଟିଏ ହେଲା ଭୌତିକ ଏବଂ ଅନ୍ୟଟି ହେଲା ଆତ୍ମିକ । ଭୌତିକ ଧର୍ମୀୟ ଚିନ୍ତାଧାରାରେ ମଣିଷ ନିଜକୁ ତଥା ନିଜର ବୌଦ୍ଧିକ ସାମର୍ଥ୍ୟକୁ ମୌଳିକତଃ ନ୍ୟୂନ ବୋଲି ଅହେତୁକ

Digitized by PPRACHIN, SOA

ଭବେ ଗ୍ରହଣ କରିନିଏ; ଓ ସେଥିନିମନ୍ତେ ଏକ ବାହ୍ୟ ଶକ୍ତିର କଳ୍ପନା କରି ତାହାର ତଥାକଥିତ ନିର୍ଦ୍ଦେଶଦ୍ୱାରା ପରିଚାଳିତ ହୋଇଥାଏ ବୋଲି କଳ୍ପନା କରିଥାଏ । ଏପରି ଧାରଣା ସାଧାରଣ ସ୍ତରରେ ପ୍ରଚଳିତ ଧର୍ମୀୟ ସଂକୀର୍ଣ୍ଣତା ଦ୍ୱାରା ଯେତେ ଆଦରଣୀୟ ହେଲେହେଁ ବୌଦ୍ଧିକ ଦୃଷ୍ଟିରୁ ନିଶ୍ଚିତଭାବେ ବିବାଦୀୟ । କାରଣ ଏହି ଦୃଷ୍ଟିଭଙ୍ଗୀରେ ମଣିଷ ନିଜଉପରୁ ବିଶ୍ୱାସ ହରାଇବସେ ଏବଂ ସବୁ କିଛି ବାହ୍ୟ ଶକ୍ତି (ଈଶ୍ୱର) ଙ୍କ ଦ୍ୱାରା ନିର୍ଦ୍ଧାରିତ ବୋଲି ଧରିନେଇ ଧର୍ମୀୟ ପରିପ୍ରେକ୍ଷୀରେ କୌଣସି ପ୍ରକାର ନୈତିକ ଦୃଷ୍ଟିରୁ ଏହିଭଳି ଚିନ୍ତାଧାରା ବସ୍ତୁତଃ ଏକ ବିଧର୍ମୀୟ ତଥା ଅନୈତିକ ପରିବେଶର ସୃଷ୍ଟି କରେ । ଭାରତୀୟ ଧର୍ମୀୟ ପରମ୍ପରାରେ ଏଭଳି ଅଲୌକିକ କୁହେଳିକାପୂର୍ଣ୍ଣ ଅତିପ୍ରାକୃତିକ ବିଭୁ ନିର୍ଦ୍ଦେଶିତ ଧର୍ମର ଯେ ଆଦୌ ପ୍ରସାର ହୋଇନାହିଁ, ତାହା ସାବ୍ୟସ୍ତ କରିବା ଅବଶ୍ୟ ପଣ୍ଡିତ ଦାସଙ୍କ ଆଲୋଚନାର ଉଦ୍ଦେଶ୍ୟ ନୁହେଁ । ଏଭଳି ଧର୍ମୀୟ ପରମ୍ପରା ଯେ ବିଦ୍ୟମାନ ସେଥିରେ ଅବଶ୍ୟ ସନ୍ଦେହର ଅବକାଶ ନାହିଁ । କିନ୍ତୁ ଏଠାରେ ଏକ ପ୍ରଶ୍ନର ଅବତାରଣା କରଯାଇଛି ଯେ ବିଭୁନିର୍ଦ୍ଦେଶିତ ଧର୍ମୀୟ ଭାବଧାରା ପ୍ରଥମତଃ ଯୁକ୍ତିସମ୍ମତ କି ନା ଏବଂ ଦ୍ୱିତୀୟତଃ ଭାରତୀୟ ପରମ୍ପରାରେ ସେଭଳି ଚିନ୍ତାଧାରା ମୁଖ୍ୟ ନା ଗୌଣ । ପଣ୍ଡିତ ଦାସଙ୍କ ମତରେ ଉଭୟ ଦୃଷ୍ଟିରୁ ଧର୍ମର ଉପଯୁକ୍ତ ଅର୍ଥବିନ୍ୟାସ ଅଗ୍ରହଣୀୟ ଅଟେ । ଅର୍ଥାତ୍ ବିଭୁଧର୍ମ ଯୁକ୍ତି ସମ୍ମତ ନୁହେଁ ଏବଂ ଏହାର ଭିତ୍ତିଭୂମି ଅନ୍ତତଃ ଭାରତୀୟ ଧର୍ମୀୟ ପରମ୍ପରାରେ ସୁଦୃଢ଼ ନୁହେଁ ।

ଏଠାରେ ସେ ଧର୍ମର ଅନ୍ୟ ଏକ ପ୍ରଚଳିତ ଅର୍ଥର ଅବତାରଣା କରିଛନ୍ତି । ସେହି ଦୃଷ୍ଟିରୁ ଧର୍ମ କହିଲେ ଆତ୍ମିକ ଅଥବା ଆଧ୍ୟାତ୍ମିକ ବୋଲି ବୁଝାଯାଏ । ଏଥିରେ ମନୁଷ୍ୟ ଧର୍ମଭାବାପନ୍ନ ହେବା ନିମନ୍ତେ କୌଣସି ବାହ୍ୟ ଶକ୍ତିର ଆଶ୍ରୟ ନ ନେଇ ନିଜର ସ୍ୱବିବେକ ବୁଦ୍ଧିମତ୍ତାର ସଂପୂର୍ଣ୍ଣ ଉପଯୋଗ କରିଥାଏ ଏବଂ ବିବେକ-ବୁଦ୍ଧି ଦୃଷ୍ଟିରୁ ଯାହା ଉଭୟ ବ୍ୟକ୍ତି ତଥା ସମାଜ କ୍ଷେତ୍ରରେ ଯୁକ୍ତିଯୁକ୍ତ ଭବେ ଗ୍ରହଣୀୟ ତାହାକୁ ସ୍ୱୀକାର କରିବାର ଦାୟିତ୍ୱ ନେଇଥାଏ । ଅନ୍ୟ ଭଷାରେ କହିଲେ, ଏଠାରେ ମାନବୀୟ ମୂଲ୍ୟବୋଧ ଏବଂ ବୌଦ୍ଧିକ ଚେତନାର ପୂର୍ଣ୍ଣ ସ୍ୱୀକାର କରା-ଯାଇଅଛି । ଏହି ଦୃଷ୍ଟିରୁ ଧର୍ମକୁ ଦର୍ଶନର ବିରୋଧୀ ବୋଲି ନ ବିଚାରି ପରିପୂରକ ବୋଲି ଗ୍ରହଣ କରଯାଇଛି । ମଣିଷ ଏଠାରେ ନିଜର ଆତ୍ମିକ ସାମର୍ଥ୍ୟରେ ସମ୍ପୂର୍ଣ୍ଣ ନିର୍ଭର କରି ଯାହା କିଛି ଯୁକ୍ତିଯୁକ୍ତ ଏବଂ ମାନବାଭିମୁଖୀ (ଉଭୟ ବ୍ୟକ୍ତି ତଥା ସମଷ୍ଟି ଦୃଷ୍ଟିରୁ) ତାହାକୁ ଲକ୍ଷ୍ୟ ଭବେ ସ୍ୱୀକାର କରିଅଛି । ଏଥିରେ ଅତିପ୍ରାକୃତିକତା, ଅତୀନ୍ଦ୍ରିୟତା ଏବଂ ଅତିମାନୁଷତାର ସ୍ଥାନ ଆଦୌ ନାହିଁ । ସେଥିପାଇଁ ପଣ୍ଡିତ ଦାସ ଧର୍ମର ଏହି-

Digitized by PPRACHIN, SOA

ରୂପ ପର୍ଯ୍ୟାଲୋଚନାକୁ ଯୁକ୍ତିଗତ ବୋଲି ସ୍ୱୀକାର କରିଛନ୍ତି ଏବଂ ଆତ୍ମିକ ଧର୍ମକୁ ଯୁକ୍ତିଧର୍ମ ଭାବେ ଗ୍ରହଣ କରିଛନ୍ତି ।

ଭାରତୀୟ ଧର୍ମୀୟ ପରମ୍ପରା ଅତି ପୁରାତନ । ଏଥିରେ ବହୁ ବିଭିନ୍ନ ଭାବଧାରାର ପରିପ୍ରକାଶ ହୋଇଅଛି । ପ୍ରାକ୍ ବୈଦିକ, ଦ୍ରାବିଡ଼ ଓ ନିଷାଦ ଧର୍ମୀୟ ଭାବଧାରାଠାରୁ ଆରମ୍ଭ କରି ବୈଦିକ, ଜୈନ ଓ ବୌଦ୍ଧିକ ଧର୍ମୀୟ ଦୃଷ୍ଟିଭଙ୍ଗୀ ଏହି ଭୂଖଣ୍ଡରେ ସମ୍ଭବ ହୋଇ ପାରିଛି । ଏକଥା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ଉପର୍ଯ୍ୟୁକ୍ତ ଧର୍ମୀୟ ଭାବଧାରା ଗୁଡ଼ିକରେ ବହୁ ବିଭେଦ ବିଦ୍ୟମାନ । କେତେକ କ୍ଷେତ୍ରରେ ସେ ସମସ୍ତ ଧର୍ମୀୟ ଚେତନାରେ କୌଣସି ନା କୌଣସି କାରଣରୁ ଭାର୍ତ୍ତିକ ମୂଲ୍ୟବୋଧର ଅବତାରଣା ଅବଶ୍ୟ ହୋଇଅଛି । ଐତିହାସିକ ଦୃଷ୍ଟିରୁ ଏହାକୁ ଅସ୍ୱୀକାର କରିହେବ ନାହିଁ । କିନ୍ତୁ ପଣ୍ଡିତ ଦାସଙ୍କ ସେ ସମସ୍ତ ଚେତନାର ଏକ ନିରପେକ୍ଷ ପର୍ଯ୍ୟାଲୋଚନା କଲେ ଏକଥା ସ୍ୱୀକାର କରିବାକୁ ହେବ ଯେ ମୌଳିକତଃ ଏ ସମସ୍ତ ଧର୍ମୀୟ ଦୃଷ୍ଟିଭଙ୍ଗୀ ମାନବତାଭିମୁଖୀ, ଏଥିରେ ଆତ୍ମିକତାର ସଙ୍କେତ ଉଜ୍ଜ୍ୱଳ । ଏଠାରେ ଆଧ୍ୟାତ୍ମିକତା କୁହେଳିକାପୂର୍ଣ୍ଣ ରହସ୍ୟମୟ ସତ୍ତାର ଦ୍ୟୋତକ ନୁହେଁ । ବିଶେଷ କରି ଗୀତାରେ ସମର୍ଥିତ ଧର୍ମୀୟ ଚିନ୍ତାଧାରାର ବିସ୍ତୃତ ଆଲୋଚନା କରି ପଣ୍ଡିତ ଦାସ ଏହି ମନ୍ତବ୍ୟ ପ୍ରକାଶ କରି ଯାଇଛନ୍ତି । ଏଠାରେ ସେସବୁର ବିଶଦ ଆଲୋଚନା ସମ୍ଭବ ନୁହେଁ । ତଥାପି ଏକ ନିର୍ଦ୍ଦିଷ୍ଟ ଉଦାହରଣ ସ୍ୱରୂପ ଗୀତାରେ ବର୍ଣ୍ଣିତ 'ବିଶ୍ୱପୁରୁଷ' ପ୍ରସଙ୍ଗକୁ ଏହି ପରିପ୍ରେକ୍ଷୀରେ ଆଲୋଚନା କରଯାଇପାରେ । ପଣ୍ଡିତ ଦାସଙ୍କ ମତରେ 'ବିଶ୍ୱପୁରୁଷ' କୌଣସି ପାରଲୌକିକ ଅତୀନ୍ଦ୍ରିୟ ଈଶ୍ୱରାତ୍ମା ନୁହେଁ । 'ପରଂବ୍ରହ୍ମ' ଏହି କ୍ଷେତ୍ରରେ କୌଣସି କୁହେଳିକାପୂର୍ଣ୍ଣ, ରହସ୍ୟାବୃତ ସତ୍ତାକୁ ଇଙ୍ଗିତ କରି ନ ପାରେ । 'ଜୀବାତ୍ମା' ଏବଂ 'ପରମାତ୍ମା' ଶବ୍ଦ ଦ୍ୱୟର କୌଣସି ପ୍ରକାର ରହସ୍ୟାବୃତ ଅର୍ଥ ବିନ୍ୟାସକୁ ଗ୍ରହଣ ନ କରି ପଣ୍ଡିତ ଦାସ ମାନବୀୟ ସ୍ତରରେ ଯୁକ୍ତିସୁଲଭ ଏବଂ ସେଥି ସଙ୍ଗେ ସଙ୍ଗେ ପରମ୍ପରାନୁସୃତ ବ୍ୟାଖ୍ୟାର ଅବତାରଣା କରିଛନ୍ତି । ତାଙ୍କ ମତରେ 'ବ୍ୟକ୍ତି' ଓ 'ସମାଜ', ମାଧ୍ୟମରେ ହିଁ 'ଜୀବାତ୍ମା' ଓ 'ପରମାତ୍ମା'ର ଅର୍ଥନିରୂପଣ ସର୍ବୋଦୌ ବିଧେୟ । ଉଭୟ 'ଜୀବାତ୍ମା' ଓ 'ପରମାତ୍ମା' ଦୁଇଟି ପୃଥକ୍ ସତ୍ତାକୁ ନିର୍ଦ୍ଦେଶ ନ କରି କେବଳ ବିବେକୀ ମଣିଷର ସ୍ୱଚିନ୍ତା ରାଜ୍ୟରେ ଅହରହ ବିଦ୍ୟମାନ ଦୁଇ ପୃଥକ୍ ଭାବଧାରାର ପ୍ରକାଶ କରୁଅଛି ମାତ୍ର । ଏହି ଦୁଇ ଭାବଧାରା ପରସ୍ପର ଠାରୁ ପୃଥକ୍ ହେଲେହେଁ ସମ୍ପୂର୍ଣ୍ଣ ରୂପେ ବିରୋଧୀ ନୁହଁନ୍ତି । ସେମାନଙ୍କ ମଧ୍ୟରେ ସମନ୍ୱୟହିଁ ମାନବର ସମସ୍ତ ଆଶା ଆକାଂକ୍ଷାର ଲକ୍ଷ୍ୟ । କାରଣ ତାହା ସଙ୍ଘଟିତ ହୋଇପାରିଲେ ମାନବ ସମସ୍ତ ପ୍ରକାରର ଦ୍ୱନ୍ଦ୍ୱରୁ ଅତୀତ ହୋଇ ଏକ

Digitized by PPRACHIN, SOA

ଶାନ୍ତିମୟ ଅବସ୍ଥାରେ ଉପନୀତ ହୋଇପାରେ । ଏଠାରେ ସଙ୍କୀର୍ଣ୍ଣାଭିମୁଖୀ ଅହମିକାର ସ୍ଥାନ କି କୁହେଳିକାପୂର୍ଣ୍ଣ ସାମାଜିକତାର ଦୋହି ଦେଇ ଆତ୍ମାହୁତିର ମଧ୍ୟ ସମ୍ଭାବନା ନାହିଁ । ଦୁଇଟି ଭାବଧାରାର ଏକ ତରଫା ନିରଙ୍କୁଶ ବିକାଶ ଧର୍ମୀୟ ଓ ନୈତିକ ଦୃଷ୍ଟିରୁ ଆଦୌ ସମର୍ଥନ ଯୋଗ୍ୟ ନୁହେଁ । କେବଳ ସେତିକି ନୁହେଁ, ତାହା ମାନବର କଲ୍ୟାଣ ସାଧନ ନିମନ୍ତେ ସମ୍ପୂର୍ଣ୍ଣଭାବରେ ଅସଫଳ । ତେଣୁ ଦୁଇଟି ଭାବଧାରାର ଯଥାଯଥ ସଂହତି ବା ସମନ୍ୱୟହିଁ ଧର୍ମୀୟ ଚେତନାର ଲକ୍ଷ୍ୟ । ପଣ୍ଡିତ ଦାସଙ୍କ ଭାଷାରେ, ଏଥିରେ ଅବମାନୁଷତାର ସ୍ଥାନ ନାହିଁ କି ଅତିମାନୁଷତାର ସ୍ଥାନ ନାହିଁ । ସେଥିପାଇଁ ତାଙ୍କ ମତରେ ଶ୍ରୀକୃଷ୍ଣ ଯେତେବେଳେ ବିଶ୍ୱରୂପ ଦର୍ଶନରେ ଅର୍ଜୁନଙ୍କର ତାଙ୍କଠାରେ (ଶ୍ରୀକୃଷ୍ଣ) ମନୁଷ୍ୟଭାବ ଛାଡ଼ିଯିବାର ଲକ୍ଷ୍ୟ କଲେ, ସେତେବେଳେ ତାଙ୍କୁ (ଅର୍ଜୁନ) ସେ (କୃଷ୍ଣ) ଯେ ସେହି ପୁରାତନ ସଖାଛଡ଼ା ଆଉ କେହି ନୁହନ୍ତି ବୋଲି ଚେତାଇ ଦେଲେ । ଅର୍ଥାତ୍ ଗୀତାଧର୍ମ ମଣିଷକୁ ତାର ମାନବତ୍ୱକୁ ଚେତାଇ ଦେବାରେହିଁ ସୀମିତ । ପ୍ରକୃତପକ୍ଷେ ଏହା ମାନବଧର୍ମ । ପ୍ରତ୍ୟେକ ବ୍ୟକ୍ତି ଧର୍ମୀୟ ଚେତନାରେ ଉଦ୍‌ବୁଦ୍ଧ ହୋଇ ଆତ୍ମିକତା ସ୍ତରକୁ ଉନ୍ନତ ହେବାରେ ହିଁ ମୁକ୍ତିର ପଥ ସୁଗମ ହୁଏ । ମୁକ୍ତି ଏହି ପରିପ୍ରେକ୍ଷୀରେ ଆଉ କିଛି ନୁହେଁ; କେବଳ ମନୁଷ୍ୟର ଆତ୍ମିକବୋଧ (ଯାହାକି ଯୌକ୍ତିକ ମାନଦଣ୍ଡ ଉପରେ ପର୍ଯ୍ୟବସିତ) । ଏଠାରେ କୌଣସି ପ୍ରକାର ଐଶରୀକ ଐନ୍ଦ୍ରଜାଲିକତାର ଅବକାଶ ନାହିଁ ।

ଏହି ଦୃଷ୍ଟିରୁ ବିଚାର କଲେ ପଣ୍ଡିତ ଦାସଙ୍କ ଧର୍ମୀୟ ଭାବଧାରା ତାଙ୍କୁ ଜଣେ ବିଶିଷ୍ଟ ଆଧ୍ୟାତ୍ମିକ ମାନବତାବାଦୀ ରୂପେ ପ୍ରତିଷ୍ଠିତ କରିଛି ବୋଲି କହିଲେ ସତ୍ୟର ଅପଳାପ ହେବନାହିଁ । ଏ ଦିଗରୁ ତାଙ୍କର ବୌଦ୍ଧିକ ଅବଦାନର ଯଥାର୍ଥ ମୂଲ୍ୟାୟନ ଭାରତୀୟ ଧର୍ମ–ଦର୍ଶନ ପରମ୍ପରାରେ ଅତୀବ ଗୁରୁତ୍ୱପୂର୍ଣ୍ଣ ।

—⁕—

Digitized by PPRACHIN, SOA

# ମନୀଷୀ ନୀଳକଣ୍ଠଙ୍କ ଚିନ୍ତା ଓ ଚେତନା

ଡଃ. ବେଣୀମାଧବ ପାଢ଼ୀ

ଦୁନିଆରେ ଯେତେ ଲୋକ ଜନ୍ମହୋଇ ମରିଯାଆନ୍ତି, ସେମାନଙ୍କ ମଧ୍ୟରୁ ଅତି ଅଳ୍ପ ସଂଖ୍ୟକ ଲୋକ ମୃତ୍ୟୁ ପରେ ମଧ୍ୟ ବଞ୍ଚି ରହନ୍ତି । ପଣ୍ଡିତ ନୀଳକଣ୍ଠ ସେହିପରି ଜଣେ ପ୍ରତିଭାବାନ ବିରାଟ ବ୍ୟକ୍ତି ଥିଲେ, ଯେ କି ମୃତ୍ୟୁ ପରେ ମଧ୍ୟ ଅମର ହୋଇ ରହିବେ । ସେ ଏପରି ଏକ ଶୁଭ ମୁହୂର୍ତ୍ତରେ ଭୂମିଷ୍ଠ ହୋଇଥିଲେ, ଯାହା ଫଳରେ ତାଙ୍କ ଭିତରେ ମାନବୋଚିତ ସମସ୍ତ ସଦ୍‌ଗୁଣାବଳୀ ପରସ୍ପର ପ୍ରତିଦ୍ୱନ୍ଦୀଭାବେ ପୁଞ୍ଜୀଭୂତ ରହିଥିଲା । ପାଣ୍ଡିତ୍ୟ, ଧୀମତ୍ତା, ବାଗ୍ମିତା, ସୂକ୍ଷ୍ମଦର୍ଶିତା, ମୌଳିକ ଦୃଷ୍ଟିଭଙ୍ଗୀ, ସାଂସ୍କୃତିକ ଚେତନା ପଣ୍ଡିତଜୀଙ୍କଠାରେ ଏପରି ଓତପ୍ରୋତ ଭାବେ ସହାବସ୍ଥାନ କରିଥିଲେ, ଯାହାଦ୍ୱାରା ଏକକୁ ଅନ୍ୟଠାରୁ ଅଲଗା କରି ଦେଖାଇବା ଦୁଃସାଧ୍ୟ ପୁଣି ସେ ସବୁର ସେ ଏପରି ସଦୁପଯୋଗ କରିଥିଲେ ଯେ ମୃତ୍ୟୁ ପରେ ମଧ୍ୟ କାଳ କାଳ ଧରି ତାଙ୍କର କୀର୍ତ୍ତି ତାଙ୍କୁ ଅବିସ୍ମରଣୀୟ କରି ରଖିଥିବ ।

ପଣ୍ଡିତଜୀ ଯେଉଁସବୁ ସଦ୍‌ଗୁଣର ଅଧିକାରୀ ଥିଲେ, ତା' ମଧ୍ୟରେ ତାଙ୍କ ସଂସ୍କୃତି ସଚେତନତା ଥିଲା ଅନନ୍ୟସାଧାରଣ । ତାଙ୍କ ମତରେ ସଂସ୍କୃତି ହେଉଛି ସମାଜ ବା ଜାତିର ମେରୁଦଣ୍ଡ । ଯାହାର ସଂସ୍କୃତି ଯେତେ ଉନ୍ନତ ସେହି ସମାଜ ସେତିକି ଉନ୍ନତ ଓ ଚିରସ୍ଥାୟୀ । ସେ ଦୃଷ୍ଟିରୁ ଓଡ଼ିଆ ଜାତିର ସଂସ୍କୃତି କେତେ ମହୀୟାନ୍ ଏହା ଥିଲା ତାଙ୍କର ଗଭୀର ଗବେଷଣାର ବିଷୟ ଏବଂ ତାଙ୍କର ପ୍ରତ୍ୟେକ ଲେଖା, ପ୍ରତ୍ୟେକ ଭାଷଣ ଓ ପ୍ରତ୍ୟେକ ଆଲୋଚନାରେ ତାହା ସ୍ପଷ୍ଟ ପ୍ରତି-ବିମ୍ବିତ ହୋଇଉଠୁଥିଲା ।

ପଣ୍ଡିତଜୀଙ୍କ ଦୃଷ୍ଟିରେ ଓଡ଼ିଆର ସଂସ୍କୃତି ବୋଇଲେ ଜଗନ୍ନାଥ ସଂସ୍କୃତି । ଏତାଦୃଶ ସଂସ୍କୃତି ପୃଥିବୀରେ ବିରଳ । ଜଗନ୍ନାଥ ହେଉଛନ୍ତି ସଂସ୍କୃତିର ଦେବତା ଏ କେବଳ ବ୍ରାହ୍ମଣର ନୁହଁନ୍ତି, ଶୈବ୍ୟର ନୁହେଁ, ଶାକ୍ତର ନୁହେଁ, ବୌଦ୍ଧ, ଜୈନ କାହାରି ସର୍ବସ୍ୱ ନୁହେଁ । ଏହାଙ୍କ

Digitized by PPRACHIN, SOA

ପ୍ରତିଷ୍ଠାରେ ସମସ୍ତଙ୍କୁ ସମାନଭାବେ ଆତ୍ମବିଲୀନ ହେବାକୁ ପଡ଼ିଛି । ସମସ୍ତେ ସମାନଭାବେ ତାଙ୍କର ଉପାସନା କରିଚନ୍ତି । କେହି ଦ୍ୱିଧା କରି ନାହାନ୍ତି । ତେଣୁ ଏହାଙ୍କ ସଂସ୍କୃତି ସର୍ବ ଧର୍ମ ସମନ୍ୱୟ । ଏହା ଓଡ଼ିଆର ସଂସ୍କୃତି– ଲୋକୋତ୍ତର ମାନବ ସଂସ୍କୃତି, ଯାହା ଜଗନ୍ନାଥଙ୍କ ପ୍ରତ୍ୟେକ ସେବା–ପୂଜାରେ ସ୍ପଷ୍ଟ ଭାବେ ପ୍ରତିଫଳିତ ।

ଏହା ସତ୍ତ୍ୱେ ଅନେକଙ୍କର ଧାରଣା, ପଣ୍ଡିତ ନୀଳକଣ୍ଠ ଦାସ ହେଉଛନ୍ତି ଜୈନବାଦୀ । କାରଣ, ତାଙ୍କ ମତରେ ଜଗନ୍ନାଥେ ହେଉଛନ୍ତି ଜୈନ ଧର୍ମର ପ୍ରତୀକ । ଜୈନର ଯେଉଁ ପୁରୁଷୋତ୍ତମ, କୈବଲ୍ୟ ପ୍ରଭୃତି ଆଧ୍ୟାତ୍ମିକ ତତ୍ତ୍ୱମାନ ରହିଛି ସେ ସବୁ ଜଗନ୍ନାଥଙ୍କ ସେବା ପୂଜାରେ ଦେଖିବାକୁ ମିଳେ । 'ନାଥାନ୍ତ' ଶବ୍ଦ ମଧ୍ୟ ଜୈନ ଧର୍ମର ପରମ୍ପରା । ଏସବୁ ଯୁକ୍ତି ଦେଖି ତାଙ୍କୁ ଜୈନବାଦୀ ବୋଲି ଆକ୍ଷେପ କରଯାଏ । କିନ୍ତୁ ପ୍ରତ୍ୟକ୍ଷ ଅନୁଭବରୁ ମୁଁ ଜାଣେ ପୂଜ୍ୟପାଦ ପଣ୍ଡିତ ମହାଶୟ କେବେ ସେପରି ଦୃଢ଼ ମୁଷ୍ଟିକ ଧାରଣା ପୋଷଣ କରୁ ନଥିଲେ । ତା'ହା ତାଙ୍କର ଥିଲା କେବଳ ଏକ ଆନୁମାନିକ ସଂଶୟ । ଗୋଟିଏ ଘଟଣାରୁ ତାହା ସ୍ପଷ୍ଟ ହେବ ।

୧୯୫୫ ମସୀହା ହେବ । ସଂସ୍କୃତ ପରୀକ୍ଷାର ଉପାଧି ବିତରଣ କରିବା ସକାଶେ ପୁରୀ ସଂସ୍କୃତ ମହାବିଦ୍ୟାଳୟରେ କନ୍‌ଭୋକେସନ୍‌ର ଆୟୋଜନ ହୋଇଥାଏ । ପଣ୍ଡିତ ନୀଳକଣ୍ଠ ଦାସ ଦୀକ୍ଷାନ୍ତ ଭାଷଣ ଦେବେ । ସେତେ ବେଳକୁ ମୁଁ ପାରଳା-ଖେମୁଣ୍ଡି ମହାରାଜା ସଂସ୍କୃତ କଲେଜରେ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲି ଓ କଲେଜ ପକ୍ଷରୁ ଏହି କନ୍‌ଭୋକେସନରେ ଯୋଗ ଦେଇଥିଲି । ପୁରୀ ସଂସ୍କୃତ କଲେଜର ବିରାଟ ପ୍ରେକ୍ଷାଳୟ ମଧ୍ୟରେ ବୈଧାନିକ ରୀତିରେ ସବୁ କାର୍ଯ୍ୟ ସମାପନ ହେଲା ପରେ ମୁଖ୍ୟ ଅତିଥି ପଣ୍ଡିତଜୀ ଆସନରୁ ଉଠି ଆରମ୍ଭ କଲେ ତାଙ୍କ ଦୀକ୍ଷାନ୍ତ ଭାଷଣ– ଓଡ଼ିଆରେ । କି ଓଜସ୍ୱିନୀ ସେ ଭାଷା ! କି ମନୋଜ୍ଞ ସେ ଶୈଳୀ । ଗିରି ସ୍ରୋତ-ସ୍ୱିନୀର ନ୍ୟାୟ ଗଡ଼ି ଗଡ଼ି ଚାଲି ଥାଏ । ନୂଆ ନୂଆ ଶବ୍ଦ, ନୂଆ ନୂଆ ଚିନ୍ତା, ନୂଆ ନୂଆ ଯୁକ୍ତି ! ବିଷୟ ବସ୍ତୁ ହେଲା— 'ଓଡ଼ିଆ ସଂସ୍କୃତିର ପରାକାଷ୍ଠା' । ବକ୍ତବ୍ୟ କରୁ କରୁ ପଣ୍ଡିତ ମହାଶୟ କହିଲେ –ଗୀତାରେ ଅଛି, 'ଅତୋ>ହଂ ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ'–– ଯା'ର ଅର୍ଥ ହେଉଛି, ମୁଁ ବେଦରେ ଯେପରି ପୁରୁଷୋତ୍ତମ, ଲୋକରେ ମଧ୍ୟ ସେହିପରି ପୁରୁଷୋତ୍ତମ, ବେଦରେ ପୁରୁଷୋତ୍ତମ ବୋଇଲେ ପୁରୁଷୋତ୍ତମ ତତ୍ତ୍ୱ ବା ପୁରୁଷ ତତ୍ତ୍ୱ; ଏବଂ ଲୋକରେ ପୁରୁଷୋତ୍ତମ କହିଲେ ଏଇ ପୁରୀରେ ପ୍ରତିଷ୍ଠିତ ଜଗନ୍ନାଥ, ଯାହାଙ୍କ ନାଁ ପୁରୁଷୋତ୍ତମ : ଏହା

Digitized by PPRACHIN, SOA

ଶୁଣିଲା ମାତ୍ରେ ମୋ'ମନରେ ପ୍ରଶ୍ନ ଉଠିଥିଲା— ଏତ ଗୀତାର ବାକ୍ୟ; ଗୀତା ମହାଭାରତର ଅଂଶ; ମହାଭାରତ ବ୍ୟାସଙ୍କ ଦ୍ୱାରା ଲିଖିତ । ତା'ହେଲେ ଏଇ ଜଗନ୍ନାଥ କ'ଣ ବ୍ୟାସଙ୍କ କାଳରୁ ଏଠାରେ ପୂଜା ପାଇ ଆସୁଛନ୍ତି ? ଏଇ ସନ୍ଦେହ ମନରେ ବହନ କରି ପାରଳାଖେମୁଣ୍ଡି ଫେରିଲି ଏବଂ ସେ ସମ୍ବନ୍ଧରେ ସତ୍ୟାସତ୍ୟ ପ୍ରମାଣ ଅନୁସନ୍ଧାନରେ ଲାଗିପଡ଼ିଲି । ଯେତିକି ଯେତିକି ଭିତରକୁ ଗଲି ସେତିକି ସେତିକି ସେ ପୁରାତନ ମନେ ହେଲେ । ଶେଷରେ ଆପାତ ସିଦ୍ଧାନ୍ତ କରିବାକୁ ହେଲା ଯେ, ଏ କେବଳ ବ୍ୟାସଙ୍କ ଯୁଗରେ ନୁହନ୍ତି, ଋଗ୍‌ବେଦ ରଚନା କାଳରେ ମଧ୍ୟ ଦାରୁ ରୂପରେ ଉଦଭାସିତ ହୋଇ ଆସୁଥିଲେ ଏବଂ ଏହାଙ୍କ ଉପାସକ ଥିଲା ଜଣେ ଶବର ବା ଶବର ଗୋଷ୍ଠୀ । ସେହି ସବୁ ଯୁକ୍ତି ଓ ପ୍ରମାଣ ଲିପିବଦ୍ଧ କରି ସେ ରହୁଥିବା ତାଙ୍କ ଜାମାତା ଇ: ମଧୁସୂଦନ ଦାଶଙ୍କ ଘରେ ଭୁବନେଶ୍ୱରରେ ପହଞ୍ଚିଲି । ନିଜର ପରିଚୟ ଦେଇ ମୁଁ କହିଲି, "ମୁଁ ଜଗନ୍ନାଥଙ୍କ ବିଷୟରେ ଗବେଷଣା କରିବାକୁ ଇଚ୍ଛୁକ ଏବଂ ଆପଣ ମତେ ଟିକିଏ ଗାଇଡ୍ କଲେ, ମୋ ଗବେଷଣା ସାଫଲ୍ୟ ମଣ୍ଡିତ ହୋଇ ପାରିବ ।" ତା' ପରେ ପଣ୍ଡିତଜୀ ପଚାରିଲେ, "ତୁମେ ଜଗନ୍ନାଥଙ୍କୁ କଣ ବୋଲି କହିବାକୁ ଯାଉଛ ? ହିନ୍ଦୁ ଦେବତା ? ମୁଁ କହିଲି–ନାହିଁ ଆଜ୍ଞା ! ସେ ହିନ୍ଦୁ, ବୌଦ୍ଧ, ଜୈନ କୌଣସିଟା ନୁହନ୍ତି । ସେ ଶବରଙ୍କ ଦେବତା–ଦାରୁଦେବତା । 'ପ୍ରମାଣ ପାଇଛ ? 'ହଁ'– "ସେ ବିଷୟରେ କିଛି ଲେଖିଛ ? ଆଣିଛ ଯଦି ପଢ଼ ।" ମୁଁ ବସିଲି । ଖାତା ଫିଟେଇବା ଆଗରୁ କହିଲି– "ଆଜ୍ଞା, ଆପଣତ ଜଗନ୍ନାଥଙ୍କୁ ଜୈନ ଧର୍ମର ପ୍ରତୀକ ବୋଲି କହନ୍ତି, ମୁଁ କିନ୍ତୁ ତାଙ୍କୁ ଶବର ଧର୍ମର........" କଥା ନ ସରୁଣୁ ସାଙ୍ଗେ ସାଙ୍ଗେ ଶୋଇବା ଜାଗାରୁ ଉଠି ବସି ପଚାରିଲେ– 'ମୁଁ କହୁଛି ଜୈନ ଧର୍ମର ବୋଲି ? କିଏ କହିଲା ? ଆହେ, ମୁଁ ସନ୍ଦେହ କରିଛି । କେତୋଟା ପ୍ରମାଣ ବି ପାଇଛି । ଯଦି ସେ ସବୁ ଅପ୍ରମାଣିତ ହୁଏ, ଭଲକଥା । ମୁଁ କହିଛି ବୋଲି କଣ ବେଦର ଗାର ହୋଇଗଲା !"–

ଏଥିରୁହିଁ ପଣ୍ଡିତଜୀଙ୍କ ଉଦାରତା ସ୍ପଷ୍ଟ । ଶେଷରେ ସେଇଆ ହେଲା, ମୋ Thesis ରେ ଶବର ଦେବତା ବୋଲି ପ୍ରତିପାଦନ କଲାବେଳେ ପଣ୍ଡିତ ମହାଶୟହିଁ ମୋତେ ସେଥିପାଇଁ ପ୍ରମାଣ ଯୋଗାଇଲେ ଓ ଦିଗ୍ ଦର୍ଶନ ଦେଲେ । ସେ ଥିଲେ ମୋର ଗାଇଡ୍ । ଆଜିକାଲି ଗବେଷଣା କ୍ଷେତ୍ରରେ କେତେଜଣ ଏପରି ଉଦାର ଭାବାପନ୍ନ ବ୍ୟକ୍ତିଙ୍କୁ ଗାଇଡ୍‌ଭାବେ ମିଳିବେ ?

ପରେ ପଣ୍ଡିତ ନୀଳକଣ୍ଠ ଜଗନ୍ନାଥଙ୍କୁ ଶବର ଦେବତା ରୂପେ ମଧ୍ୟ ପ୍ରତିଷ୍ଠା ଦେଇଛନ୍ତି । ( ଉତ୍କଳ ସାହିତ୍ୟ, ନୂଆପର୍ଯ୍ୟାୟ, ପ୍ରଥମଭାଗ– ୪ର୍ଥ ସଂଖ୍ୟା, ପୃ ୧୫୭ )

Digitized by PPRACHIN, SOA

ଯେଉଁ ସଂସ୍କୃତିକୁ ଜଗନ୍ନାଥ ସଂସ୍କୃତି କହି ତା'ର ମହିମା ପ୍ରଖ୍ୟାପନରେ ପଣ୍ଡିତ ନୀଳକଣ୍ଠ ଆପଣାକୁ ଉତ୍ସର୍ଗୀକୃତ କରିଥିଲେ, ସେହି ମହାନ୍ ପରମ୍ପରାର ଦାୟାଦ ଭାବେ ସେ ନିଜକୁ ମଧ୍ୟ ଗୌରବାନ୍ୱିତ ମନେ କରୁଥିଲେ । ଗୀତାପ୍ରବେଶ, ଆର୍ଯ୍ୟଜୀବନ, ସଂସ୍କୃତ ଓ ସଂସ୍କୃତି, ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ପ୍ରଭୃତି ତାଙ୍କ ଉଦାର ମାନବିକତା ଓ ସଂସ୍କୃତି ସଚେତନତାର ପ୍ରତ୍ୟକ୍ଷ ନିଦର୍ଶନ କହିଲେ ଅତ୍ୟୁକ୍ତି ହେବନାହିଁ ।

ତାଙ୍କ ଦୃଷ୍ଟିରେ ଜଗନ୍ନାଥେ ପୁରୁଷୋତ୍ତମ, ଲୋକ ଏବଂ ବେଦ ଉଭୟରେ । ଏ କଥାଟି 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ରେ କହିବାକୁ ଯାଇ ସେ ଲେଖିଛନ୍ତି– "ଏଠାରେ ଲକ୍ଷ୍ୟ କରିବାର ଅଛି, ଗୀତାରେ ପୁରୁଷୋତ୍ତମ ତତ୍ତ୍ୱର ଯେ ବ୍ୟାଖ୍ୟା ଦିଆ ଯାଇଛି– ତା' ହେଉଛି ଆଗରୁ ଲୋକରେ ପ୍ରଚଳିତ ଥିବା କୌଣସି ଉପାସ୍ୟ-ଦେବ । ଏହା ପୁରୁଷୋତ୍ତମଙ୍କୁ ଦାର୍ଶନିକ ଭାବରେ ବୁଝାଇବା ପାଇଁ କୁହାହୋଇଛି । ମନେହୁଏ, ଗୀତାରେ ଏ ପରମସାଧନାର ତତ୍ତ୍ୱଟି ପ୍ରକାଶିତ ଓ ପ୍ରଚାରିତ ହେଲା-ବେଳକୁ ଏଇ ଦର୍ଶନର ସଂକେତ ରୂପେ ପୁରୁଷୋତ୍ତମ ଉପାସନା ପ୍ରତିଷ୍ଠିତ ହୋଇ ସାରିଥିଲା । ଏଇ ପୁରୁଷୋତ୍ତମ ତତ୍ତ୍ୱର ସଂକେତ ଯେ ନୀଳାଚଳ ପ୍ରତିଷ୍ଠିତ ଦାରୁ-ଦେବଙ୍କ ବିନା ଅନ୍ୟ କେହି ନୁହନ୍ତି–– ଏହା ନିଶ୍ଚିତ ବୋଲି ମନେହୁଏ । ଯେହେତୁ ଲୋକରେ ଉପାସ୍ୟ ଦେବରୂପେ ପୁରୁଷୋତ୍ତମ ହେଉଛନ୍ତି, ପ୍ରାଚୀନ କଳିଙ୍ଗ ବା ବର୍ତ୍ତମାନ ଓଡ଼ିଶାର ପୁରୁଷୋତ୍ତମ– ପୁରୀ ବା ପୁରୀର ଜଗନ୍ନାଥ ଆଉ କୁତ୍ରାପି ଉପାସ୍ୟ ଦେବ ରୂପେ 'ପୁରୁଷୋତ୍ତମ' ଥିବା ଜଣାଯାଏ ନାହିଁ ।"

କିନ୍ତୁ ଏ 'ପୁରୁଷୋତ୍ତମ' ଶବ୍ଦଟି ଜୈନପରଂପରାରୁ ଗୃହୀତ ବୋଲି ସେ କହନ୍ତି । ହୋଇପାରେ, କାରଣ, ଜୈନଧର୍ମର ଉପାସ୍ୟ ଦେବଙ୍କ ନାମ ବି 'ପୁରୁଷୋତ୍ତମ', 'ଦେବାଧିଦେବ–ବୋଧିଦ–ପୁରୁଷୋତ୍ତମ–ବୀତରାଗାପ୍ତାଃ,' ଏ ସବୁ ଜୈନ ଉପାସ୍ୟଙ୍କ ପର୍ଯ୍ୟାୟବାଚୀ ଶବ୍ଦ । ପୁଣି, ଜୈନ ଧର୍ମ ଶାସ୍ତ୍ର ଭିତରେ ଅଧ୍ୟାତ୍ମଶରୀରୀଙ୍କ ମଧ୍ୟରୁ ପୁରୁଷୋତ୍ତମ ହେଉଛନ୍ତି ଅନ୍ୟତମ । 'ବ୍ୟନ୍ତର' ଦଶବିଧ କିଂପୁରୁଷ ରୂପେ ଉପାସିତ । ସେମାନେ ହେଲେ-ପୁରୁଷ, ସତ୍ପୁରୁଷ, ମହାପୁରୁଷ, ପୁରୁଷ ବଲ୍ଲଭ, ପୁରୁଷୋତ୍ତମ, ଅତିପୁରୁଷ, ମହାଦେବ, ମେରୁପ୍ରଭ ଓ ଯଶସ୍ୱନ୍ତ । ଏ ଭିତରୁ ପୁରୁଷୋତ୍ତମଙ୍କ ନାମ ହିଁ ଦେବାଧିଦେବ, ବୋଧିଦ, ବୀତରାଗ ଏବଂ ଆପ୍ତ । ସବୁ ପର୍ଯ୍ୟାୟ ବାଚୀ ଶବ୍ଦ ।

ସେ ଯାହାହେଉ, ଦାରୁଦେବ ପୁରୁଷୋତ୍ତମ ନାମରେ ଅଭିହିତ ହେଲା ପରେ ପୁରୁଷୋତ୍ତମ ଦର୍ଶନର ଅଙ୍ଗ– ଉପାଙ୍ଗାଦି ଧୀରେ ଧୀରେ ସେଥିରେ ଯୋଗ ହେବାରେ

Digitized by PPRACHIN, SOA

ଲଗିଥିବ । ଜୈନ ଧର୍ମର କେବଳୀ–ଭବ, 'କୈବଲ୍ୟ' ପୁରୁଷୋତ୍ତମଙ୍କ ପ୍ରସାଦରୂପେ ସ୍ୱୀକୃତ ହୋଇଥିବ । ଏହି କୈବଲ୍ୟ ପ୍ରାପ୍ତି ପୁରୁଷୋତ୍ତମ କ୍ଷେତ୍ର ଛଡ଼ା ଅନ୍ୟତ୍ର ଦୁର୍ଲଭ । ଏହା ଜୈନ ଧର୍ମର ଜୀବ ଓ ଅଜୀବର ଏକୀଭବ––କୈବଲ୍ୟ । ଯାପରେ ନିର୍ବାଣ । ଏହି ନିର୍ବାଣ ଲଭ ପୁରୁଷୋତ୍ତମଙ୍କ ପ୍ରସାଦ ମଧ୍ୟରେ ନିହିତ । ପରକାଳୀନ ବ୍ରାହ୍ମଣ୍ୟ ଧର୍ମର ଯେଉଁ ସାଯୁଜ୍ୟମୁକ୍ତି, ତାହା କୈବଲ୍ୟ ଛଡ଼ା ଆଉ କିଛି ନୁହେଁ । ପୁରୁଷୋତ୍ତମଙ୍କୁ ଦର୍ଶନ କଲ ମାତ୍ରେ ମାନବର ଯୁଗବ୍ୟାପୀ କଠୋର ସାଧନାର ଶେଷଫଳ ସ୍ୱରୂପ କୈବଲ୍ୟ ପ୍ରାପ୍ତି କଥା ସାମାନ୍ୟ ନୁହେଁ । ଅନ୍ୟ କେଉଁଠି ହେଲେ ଏହାର ପଟାନ୍ତର ନାହିଁ । ଏଣୁ ଏ ହେଉଛନ୍ତି 'ଲେକେ ପୁରୁଷୋତ୍ତମ' ।

ସ୍ୱର୍ଗୀୟ ପଣ୍ଡିତଜୀଙ୍କ ମତରେ ପୁଣି, ବେଦେ ପୁରୁଷୋତ୍ତମ', ଅର୍ଥାତ୍ ବେଦ ବର୍ଣ୍ଣିତ ପୁରୁଷତତ୍ତ୍ୱ ଛଡ଼ା ଅନ୍ୟ କିଛି ନୁହେଁ । ଏହା ଲେକପ୍ରସିଦ୍ଧ ନୁହେଁ, ବେଦ ବେଦ୍ୟ । ବିଚାର କଲେ ମତଟି ସବୁ ଦିଗରୁ ଯୁକ୍ତିଯୁକ୍ତ ମନେହୁଏ । କାରଣ–'ବେଦ' କହିଲେ 'ଜ୍ଞାନ', 'ବେଦ୍ୟତେ ସର୍ବମନେନ ଇତି ବେଦଃ' । ବେଦବର୍ଣ୍ଣିତ ପୁରୁଷତତ୍ତ୍ୱ ଅଲୌକିକ–ଅନନ୍ୟ ସାଧାରଣ, ସେ ପୁରୁଷ ହେଉଛି 'ସହସ୍ର ଶୀର୍ଷା'– 'ସହସ୍ରାକ୍ଷ' 'ସହସ୍ରପାତ୍' । ସେ ହିଁ ବିଶ୍ୱ ବ୍ରହ୍ମାଣ୍ଡର ସ୍ରଷ୍ଟା ଏବଂ ତା'ରି ରୂପ ହିଁ ଏ ସୃଷ୍ଟି । କିନ୍ତୁ ପ୍ରଶ୍ନ ଉଠେ– ଯେ 'ସ୍ରଷ୍ଟା', ସିଏ ପୁଣି 'ସୃଷ୍ଟି' ହେଲ କିପରି ? ଯେ କର୍ତ୍ତା' ସେ 'କାର୍ଯ୍ୟ' ହେଲ କିମିତି ? ଏହାରି ଉତ୍ତର ହେଉଛି– 'ବେଦେ ପୁରୁଷୋତ୍ତମ', ଅନ୍ୟ କଥାରେ ପୁରୁଷ–ତତ୍ତ୍ୱ । ବେଦଦ୍ରଷ୍ଟା ଋଷିଙ୍କ ମତରେ–

"ନାସଦାସୀନ୍ନୋ ସଦାସୀତ୍ତଦାନୀଂ
ନ ରଜୋ ନ ବାୟୁର୍ନ ବ୍ୟୋମାପରେ ଯତ୍ ।
କିମାବରୀବଃ କୁହ କସ୍ୟ ଶର୍ମ–
ନ୍ନମ୍ଭଃ କିମାସୀଦ୍ ଗହନଂ ଗଭୀରମ୍,."

ରୂପ ଯେଉଁ ଜିଜ୍ଞାସାର ସୂତ୍ରପାତ ହୋଇଥିଲ, ତା'ର ସମାଧାନର ନିର୍ଯ୍ୟାସ ପୁରୁଷ ବା ପୁରୁଷୋତ୍ତମ ତତ୍ତ୍ୱ । ଅନନ୍ତ ବ୍ରହ୍ମାଣ୍ଡର ଅଚିନ୍ତନୀୟ ସର୍ଜନାରେ ଅଭିଭୂତ ହୋଇ ଶେଷରେ ଋଷି ଗାଇ ଉଠିଛନ୍ତି–

" ପୁରୁଷ ଏବେଦଂ ସର୍ବଂ ଯଦ୍‌ଭୂତଂ ଯଚ୍ଚ ଭବ୍ୟଂ "

ଅର୍ଥାତ୍ ଯାହା ଅତୀତ, ଯାହା ବର୍ତ୍ତମାନ ଏବଂ ଯାହା ଭବିତବ୍ୟ, ସବୁ ହେଉଛି ସେହି ପୁରୁଷ । ଏଠାରେ ପୁରୁଷର କାଳରୂପତ୍ୱର କଳ୍ପନା କରଯାଇଅଛି । ଖାଲି

Digitized by PPRACHIN, SOA

ସେତିକି ନୁହେଁ, ତାକୁ ପୁଣି– "ସ ଭୂମିଂ ବିଶ୍ୱତୋ ସ୍ପୃଷ୍ଟ୍ୱାଽତ୍ୟ ତିଷ୍ଠଦଶାଙ୍ଗୁଳମ୍" ସଙ୍ଗେ ସଙ୍ଗେ "ତ୍ରିପାଦୂର୍ଦ୍ଧ୍ୱ ଉଦୈତ୍ ପୁରୁଷଃ ପାଦୋଽସ୍ୟେହାଽଭବତ୍ ପୁନଃ" ବୋଲି କୁହା ହୋଉଛି । ଫଳରେ ତାହାର ବିସ୍ତୃତିରୂପତା ମଧ୍ୟ ପ୍ରକଟିତ ହୋଇ ପଡ଼ିଅଛି । ସେହି କାଳ ଓ ବିସ୍ତୃତିର ମହା ସମନ୍ୱୟକୁ ଏକ 'ମହାଯଜ୍ଞ' ରୂପେ କଳ୍ପନା କରାହୋଇଛି । ସେହି ମହାଯଜ୍ଞର ଅନ୍ୟ ନାମ ହେଉଛି– 'ପୁରୁଷ' ଏବଂ ସେହି ଯଜ୍ଞର ପୁଣି 'ହବି' ହେଉଛି ସେହି 'ପୁରୁଷ' । ମହାଯଜ୍ଞ ରୂପୀ ପୁରୁଷର ଯେପରି ମନରୁ ଜାତ ହେଲ ଚନ୍ଦ୍ର, ଚକ୍ଷୁରୁ ସୂର୍ଯ୍ୟ କର୍ଣ୍ଣରୁ ବାୟୁ ଏବଂ ମୁଖରୁ ଅଗ୍ନି. ସେହିପରି ନାଭିରୁ ଅନ୍ତରୀକ୍ଷ, ମସ୍ତକରୁ ଦ୍ୟୁଲୋକ, ପାଦରୁ ପୃଥିବୀ ଇତ୍ୟାଦି । ଏତାଦୃଶ ସୃଷ୍ଟିରୂପୀ ପୁରୁଷ ପୁଣି ହବି ରୂପେ କଳ୍ପିତ ହୋଇ ତଦନନ୍ତର ଯଜ୍ଞର ଉପାଦାନ ହୋଇ ପଡ଼ିଛି । ତା'କୁ ଲକ୍ଷ୍ୟ କରି କୁହାଯାଇଛି " ଯଜ୍ଞେନ ଯଜ୍ଞ ମଯଜନ୍ତ ଦେବାଃ । " ସେହି ଯଜ୍ଞରେ ବସନ୍ତକୁ ଆଜ୍ୟ, ଗ୍ରୀଷ୍ମକୁ ସମିଧ ଏବଂ ଶରତ୍‌କୁ ପୁରୋଡ଼ାଶ ରୂପେ ଆହୂତି ଦିଆଯାଇ ପୁରୁଷଙ୍କୁ ବଳିପଶୁ ଭାବେ ପ୍ରୋକ୍ଷଣ କରା ହୋଇଛି । ଅର୍ଥାତ୍ କାଳ ଓ ପରିମାଣର ଐକାନ୍ତିକ ସଂଯୋଗ ବଳରେ ଯେଉଁ ମହାଶକ୍ତିର ଉଦ୍‌ଭବ ଘଟିଛି, ତହିଁରୁ ଉତ୍ପନ୍ନ ସୂର୍ଯ୍ୟ, ଚନ୍ଦ୍ର, ବାୟୁ ଆକାଶାଦିର ନିରବଚ୍ଛିନ୍ନ ମଣ୍ଡଳାକାର ଆବର୍ତ୍ତନ ଜନିତ ବସନ୍ତାଦି ଋତୁଚକ୍ର ପରବର୍ତ୍ତୀ ଜୀବ ସୃଷ୍ଟିର କାରଣ ହୋଇ ପଡ଼ିଛି । ଏହାକୁ ହିଁ କୁହା ଯାଇଛି– ଯଜ୍ଞଦ୍ୱାରା ଯଜ୍ଞର ଅନୁଷ୍ଠାନ, ସେଥି ସକାଶେ ପୁରୁଷୋତ୍ତମ ବା ଜଗନ୍ନାଥଙ୍କୁ ସ୍ତୁତି କଲବେଳେ–

'ତ୍ୱମେବ ଯଜ୍ଞୋ ଯଜ୍ଞାଂଶସ୍ତ୍ୱଂ ଯଜ୍ଞେଶଃ ପରାତ୍ପରଃ
ଶବ୍ଦବ୍ରହ୍ମ ପରଂ ତ୍ୱଂ ହି ପରଂ ବ୍ରହ୍ମାସି ବିଶ୍ୱରାଟ "

ବୋଲି ପ୍ରାର୍ଥନା କରାଯାଏ । ଏହାଙ୍କୁ ହିଁ ଗୀତାରେ ପରମାତ୍ମା' ରୂପେ ଅଭିହିତ କରା ହୋଇଛି । "ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେ ତ୍ୟୁଦାହୃତଃ" ଏହି ଉତ୍ତମ ପୁରୁଷ ହିଁ ନୀଳାଚଳ ପ୍ରତିଷ୍ଠିତ ଜଗନ୍ନାଥ, ଏହା ହେଲ ପଣ୍ଡିତ ମହାଶୟଙ୍କ ପୁରୁଷୋତ୍ତମ ତତ୍ତ୍ୱର ସାରକଥା । ଏଇ ତାତ୍ତ୍ୱିକ ଆଲୋଚନା ମଧ୍ୟରେ ତାଙ୍କର ଯେଉଁ ପାଣ୍ଡିତ୍ୟ, ଶାସ୍ତ୍ରଜ୍ଞାନ ଓ ମୌଳିକ ଦୃଷ୍ଟିଭଙ୍ଗୀ ପ୍ରକଟିତ, ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ( ଗୀତା ପ୍ରବେଶ, ଭୂମିକା ୩ୟ ସଂସ୍କରଣ ପୃ ୩୮–୫୦ ଦେଖନ୍ତୁ । )

ମନୀଷୀ ନୀଳକଣ୍ଠ ଥିଲେ ପ୍ରକୃତରେ ଜଣେ ଯୋଗଜନ୍ମା ପୁରୁଷ, ଯାହାଙ୍କ ଚିନ୍ତା ଓ ଚେତନା କେବଳ ଓଡ଼ିଶାରେ ନୁହେଁ, ଭାରତ ବର୍ଷର ସମକାଳୀନ ସାହିତ୍ୟିକ ସମାଲୋଚକ, ଦାର୍ଶନିକ ତଥା ରାଜନୈତିକ ପ୍ରଭୃତି ସମସ୍ତ ବିଦ୍ୱାନ ମଣ୍ଡଳୀ ମଧ୍ୟରେ ଏକ ସ୍ୱତନ୍ତ୍ର ଆସନ ଅଧିକାର କରି ରହିଥିଲ ଓ ଭବିଷ୍ୟତକୁ ମଧ୍ୟ ରହିବ । 

* * *

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠଙ୍କ ପ୍ରବନ୍ଧରେ ଆଧ୍ୟାତ୍ମିକ ଓ ଦାର୍ଶନିକ ଚେତନା

ଡଃ ବାଉରୀ ବନ୍ଧୁ କର

ପଣ୍ଡିତ ନୀଳକଣ୍ଠଙ୍କ ପ୍ରବନ୍ଧରେ ଆଧ୍ୟାତ୍ମିକ ମନନ ଓ ଦାର୍ଶନିକ ଚିନ୍ତନର ସୁସମନ୍ୱୟ ସ୍ପଷ୍ଟ । ଜଣେ ଦାର୍ଶନିକ ଭାବରେ ତାଙ୍କର ଶୁଭ୍ର ଯଶ ସମଗ୍ର ଉତ୍କଳ-ଖଣ୍ଡରେ ସଂରକ୍ଷିତ । ଧର୍ମ ସମ୍ପର୍କରେ ନୀଳକଣ୍ଠଙ୍କ ପ୍ରାୟୋଗିକ ମନୋଭାବ ଓ ବୋଧଦୃଷ୍ଟି ତାଙ୍କର ପ୍ରବନ୍ଧମାନଙ୍କରେ ପରିଲକ୍ଷିତ । ସେ ଧର୍ମର କଠିନ ଆଚରଣଗତ ବ୍ୟବସ୍ଥା ଅପେକ୍ଷା ଅନ୍ତର୍ନିହିତ ତତ୍ତ୍ୱପ୍ରତି ଥିଲେ ଅଧିକ ସଚେତନ । ଏ ହେତୁ ଧର୍ମନାମରେ ଶଠତା, ଉପାସନା ନାମରେ ଭ୍ରଷ୍ଟାଚାର, ଭକ୍ତି ନାମରେ ନୀତିହୀନତାକୁ ଉଗ୍ରଭାବରେ ବିରୋଧ କରି, ଏ ସବୁକୁ 'ଉଦ୍ଭଟ ମିଥ୍ୟା' ଘୋଷଣା କରିବାରେ ତାଙ୍କର କୁଣ୍ଠା ନଥିଲା । ନୀଳକଣ୍ଠଙ୍କର ଧର୍ମାଚରଣପ୍ରତି ବିତୃଷ୍ଣା, ଧର୍ମର କାୟକ୍ଲିଷ୍ଟ ସାଧନାପ୍ରତି ହତାଦର, ତାଙ୍କୁ ଆତ୍ମଦର୍ଶନପାଇଁ ବ୍ୟାକୁଳ କରିଥିଲା ।

## ନୀଳକଣ୍ଠଙ୍କ ଧର୍ମଧାରଣା :-

ପଣ୍ଡିତ ନୀଳକଣ୍ଠଙ୍କର ବାଲ୍ୟକାଳରୁ ଧର୍ମପ୍ରତି ଏକ ନେତିବାଚକ ମନୋବୃତ୍ତି ଥିଲା । ଏହି ମନୋଭାବର ନିତାନ୍ତ ପରିଚୟ, ଦେବତାଙ୍କ ଉଦ୍ଦେଶ୍ୟରେ ଅର୍ପିତ ହୋଇଥିବା କଦଳୀ ଭକ୍ଷଣ ଦ୍ୱାରା ପରିସ୍ଫୁଟ ହୋଇଥିଲା । ସେ ଏ ସମ୍ପର୍କରେ 'ଆତ୍ମଜୀବନ'ରେ ଉଲ୍ଲେଖ କରିଛନ୍ତି, "ମନେଅଛି, ଗାଁରେ ପଢ଼ିଲାବେଳେ ଥରେ ବୋଉ ଭଲ ପାଚିଲା କଦଳୀ ପେଣ୍ଡାଟାଏ ଆମ ଗାଁର ଅଧିଷ୍ଠାତ୍ରୀ ଦେବୀ ହରଚଣ୍ଡୀ ଠାକୁରାଣୀଙ୍କ ପାଇଁ ରଖିଥାଏ । * * * * ବୋଉ ଯେଉଁ ପାଚିଲା କଦଳୀ ପେଣ୍ଡାଟି ରଖିଥିଲା, ମୁଁ ସେଥିରୁ ଦିଓଟି ଖାଇଦେଲି । ବୋଉ କେତେ ଦିଅଁ ଦେବତା କରି ଗୋଟିଏ ବୋଲି ମୋତେ ପୁଅକଣି ପାଇଚି । ତାକୁ ଅନ୍ଧାର ଦେଖାଗଲା । ସେ ନନାଙ୍କୁ ଡାକିଲା । ସଭ ବସିଗଲା ।" ( ପୃ ୪୯ ) ବାଲ୍ୟ କାଳରୁ ନୀଳକଣ୍ଠଙ୍କର ଲୌକିକତାରୁ ନିଜକୁ ଦୂରେଇ ରଖିବାର ଶକ୍ତି ଏହିପରି ଥିଲା ।

Digitized by PPRACHIN, SOA

ଧର୍ମ ଓ ପ୍ରତିମାପୂଜା ପ୍ରତି ତାଙ୍କର ଭାବନା ଥିଲା ବିଦ୍ରୂପାତ୍ମକ । ପ୍ରତିମା ପୂଜା ପ୍ରତି ତାଙ୍କର ବୀତଶ୍ରଦ୍ଧ ମନୋଭାବର ସୂଚନା 'ଶ୍ରୀପଞ୍ଚମୀ' କବିତାରେ ପ୍ରକାଶ ପାଇଛି;

"ଭାରତ ପତିତ ଆଜି, ହୀନ ଆର୍ଯ୍ୟ ହିନ୍ଦୁ
ହରାଇଛି ଜ୍ଞାନର ସେ ସ୍ନେହ,
ତୁଳିରେ ପ୍ରତିମା ରଚି ନାରିକେଳ ପରେ
ଗଢେ ତେଣୁ ଭୌତିକ ବିଗ୍ରହ ।
ସୁସ୍ୱାଦୁ ମିଷ୍ଟାନ୍ନ ଖାଇ ଉପବାସ କରେ;
ଅର୍ଚ୍ଚନା ସେ କରଇ ଜ୍ଞାନର ।
ଭୂତ ଅଧିଭୂତ ଭେଦ ଭୁଲିଣ ସତତ
ହେଉଅଛି ଅଜ୍ଞାନ ବର୍ବର ।"

ନୀଳକଣ୍ଠଙ୍କର ପ୍ରତିମା ପୂଜା ପ୍ରତି ଅନାଦର ଓ ଶେଷ ଠୋକ ମନ୍ତବ୍ୟ ଶ୍ରୀକୃଷ୍ଣଙ୍କ ପ୍ରସଙ୍ଗରେ ବିଶେଷ ତାତ୍ପର୍ଯ୍ୟ ପୂର୍ଣ୍ଣ । ଥରେ ନୀଳକଣ୍ଠ ପ୍ରସଙ୍ଗକ୍ରମେ ଗୋପବନ୍ଧୁଙ୍କୁ କୃଷ୍ଣଙ୍କ ସମ୍ପର୍କରେ କହିଥିଲେ; "ଏ ମହାଭାରତରେ ଯେ କୃଷ୍ଣଙ୍କ ଚରିତ୍ର ଖଞ୍ଜି ଦେଇଛି, ସେ ବଡ଼ ବିଚକ୍ଷଣ ବୈଷ୍ଣବ । ସେଥିପାଇଁ ଲାଗୁଚି କୃଷ୍ଣ ନଥିଲେ ଯେପରି ମହାଭାରତ ବି ନଥାନ୍ତା; କିନ୍ତୁ ସମସ୍ତ କୃଷ୍ଣ ବିଷୟଟି ମହାଭାରତରୁ କାଢ଼ିନେଲେ ଯଥାର୍ଥରେ ଯେ ମହାଭାରତରେ 'ଜୟ' ବୋଲି ନାମଟି ଅଛି ତାହା ଖଣ୍ଡିତ ହେବ ନାହିଁ । ମତେ ଏଇଆ ଲାଗୁଚି । ⁂ ମୋତେ ଏହିପରି 'ଭକ୍ତିକ ମିଥ୍ୟା' ସୁଖ ଲାଗେ ନାହିଁ । ⁂ ଏହିପରି ଭକ୍ତିକ ମିଥ୍ୟା ପ୍ରତି ମୋର କ୍ରମେ ଘୃଣା ଆସିଲା ।" ( ଆତ୍ମଜୀବନୀ-ପୃ୧୬୨ )

ନୀଳକଣ୍ଠ ଧର୍ମ ସମ୍ପର୍କରେ ତାଙ୍କର ନେତିବାଚକ ମନୋଭାବ ଯେଉଁଭଳି 'ଆତ୍ମଜୀବନୀ' ଓ 'ଶ୍ରୀପଞ୍ଚମୀ' କବିତାରେ ବ୍ୟକ୍ତ କରିଛନ୍ତି, ସେହିଭଳି ଭାବନା ତାଙ୍କର ପ୍ରବନ୍ଧ ମାନଙ୍କରେ ମଧ୍ୟ ପ୍ରତିଫଳିତ ହୋଇଅଛି । ପଣ୍ଡିତ ନୀଳକଣ୍ଠ ଧର୍ମକୁ ସାର୍ବଜନୀନ ଦୃଷ୍ଟି କୋଣରୁ ବିଚାର କରୁଥିଲେ । ମାର୍କିନ୍ କବି ହୁଇଟ୍‌ମ୍ୟାନ ଯେଉଁଭଳି ଧର୍ମକୁ ନିଜର ମୌଳିକ ସାମଗ୍ରୀ ରୂପେ ଗ୍ରହଣ ନକରି ତାକୁ କାଳାତୀତ ଓ ବିଶ୍ୱବ୍ୟାପ୍ତ କରିଥିଲେ, ନୀଳକଣ୍ଠଙ୍କ ଧର୍ମଧାରଣାରେ ସେଇଭାବ ଅନୁଭୂତ ହୁଏ ।

**ନୀଳକଣ୍ଠଙ୍କ ଦୃଷ୍ଟିରେ ଶ୍ରୀ ଜଗନ୍ନାଥ**– ନୀଳକଣ୍ଠ ଜଗତର ଜଗନ୍ନାଥଙ୍କୁ ବିଶ୍ୱ ମୈତ୍ରୀ-ଧର୍ମର ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି । ଏ ସମ୍ବନ୍ଧରେ "Religious and Philosophical Developments in Orissa" ଶୀର୍ଷକ ପ୍ରବନ୍ଧରେ

Digitized by PPRACHIN, SOA

ସେ ଲେଖିଛନ୍ତି, " This is Maitri or a feeling of Universal kinship in which the individual is identified with the universe. This is distinct from Samya (Equality), brotherhood or any such term of the kind generally used in the authoritative religions." (୧)ପଣ୍ଡିତ ନୀଳକଣ୍ଠ ସ୍ୱାଧୀନତା ଦିବସରେ ଭାରତର ମୁକ୍ତିଚେତନା ସହିତ ମଧ୍ୟ ଜଗନ୍ନାଥଙ୍କୁ ସ୍ମରଣ କରିଛନ୍ତି । ଜଗନ୍ନାଥ ଧର୍ମର ଉଦାର ଦୃଷ୍ଟିଭଙ୍ଗୀ ଓ ସମନ୍ୱୟବାଦୀ ଚିନ୍ତାଧାରା ସମ୍ପର୍କରେ ସେ କହନ୍ତି, "ଜଗନ୍ନାଥ ହେଉଛନ୍ତି ମାନବର ତାତ୍ତ୍ୱିକ ବା ଆତ୍ମିକ ତଥା ସାମାଜିକ ସାମ୍ୟର ପ୍ରତୀକ । ନା,- ସେତିକି ନୁହେଁ । ମାନବ ସାମ୍ୟର ସେ ଅବତାର- ସାମ୍ୟର ଯେପରିକି ବିଗ୍ରହ । ଭେଦଧର୍ମ ଓଡ଼ିଆର ନୁହେଁ । ※ ※ । ଆଜି ସ୍ମରଣ କର, ସେଇ ଜଗନ୍ନାଥ ଆମର ଦେବତା – ଭାରତ ସମାଜର ସେଇ ଏକା ଯଥାର୍ଥ ମୁକ୍ତିଦାତା ।"(୨) ନୀଳକଣ୍ଠ ଜଗନ୍ନାଥଙ୍କୁ ବିଶ୍ୱ ମାନବିକତାର ପ୍ରତୀକ ରୂପେ ଗ୍ରହଣ କରିଛନ୍ତି । ଜଗନ୍ନାଥ ଧର୍ମ ଧର୍ମୀୟ ଅନୁଷ୍ଠାନ ଭାବରେ 'ଏକେଶ୍ୱରବାଦ' ର ଜୀବନ୍ତ ପ୍ରତୀକ । ଜଗନ୍ନାଥ ଧର୍ମପରି ସମାଜଗତ ମୈତ୍ରୀ ଧର୍ମ ବୋଧହୁଏ ବିଶ୍ୱରେ ନାହିଁ । ପଣ୍ଡିତ ନୀଳକଣ୍ଠ ଏ ସମ୍ପର୍କରେ ତାଙ୍କର Hints on the significance and history of Jagannath ଶୀର୍ଷକ ସନ୍ଦର୍ଭରେ ଲେଖିଛନ୍ତି, " As a religious institution, it is a symbol of monotheism, yet with all, Jaina or Indian philosophy attached to it. Thus it is, that Orissa is the holiest of lands in the Hindu world for its Jagannath whose history and significance as the Purusha, representing the entire universe both monumental and phenomenal, has no parallel in religious conception of humanity."(୩)

ପଣ୍ଡିତ ନୀଳକଣ୍ଠ ଜଗନ୍ନାଥଙ୍କୁ ଗୀତା ଧର୍ମର ପ୍ରତୀକ ରୂପେ ଗ୍ରହଣ କରିଛନ୍ତି । ଜଗନ୍ନାଥ ଜ୍ଞାନର ମୈତ୍ରୀ ଓ କର୍ମର ସାମ୍ୟଧର୍ମ ଏକାଧାରାରେ ଯେଉଁ ଜ୍ଞାନ-କର୍ମ-ଭକ୍ତିର ମହାସମନ୍ୱୟରୂପେ ଭକ୍ତକୁ ସଙ୍କେତ ଦେଇଛନ୍ତି । ଜଗନ୍ନାଥ ଧର୍ମରେ ବ୍ୟକ୍ତି ବ୍ୟକ୍ତି

(1) Journal of the Utkal University No. – I, vol. - I Dec - 1961 Page - 7

(2) ନବଭାରତ - ନୂତନ ପ୍ରସ୍ଥ - ପ୍ରଥମ ଭାଗ/୯ମ ସଂଖ୍ୟା - ପୃ ୪୧୧-୪୧୨

(3) The Orissa Historical Research Journal - April - 1958 Page – 36

Digitized by PPRACHIN, SOA

ମଧ୍ୟରେ ଭେଦ ନାଇ । ପ୍ରତ୍ୟେକ ବ୍ୟକ୍ତି କର୍ତ୍ତବ୍ୟ ଦୃଷ୍ଟିରୁ ଭିନ୍ନ ପ୍ରତୀତ ହେଲେ ସୁଦ୍ଧା ଆଧ୍ୟାତ୍ମ ଦୃଷ୍ଟିରୁ ଏକ । ଜୀବ, ଜଡ଼ ସବୁଠାରେ ସେଇ ବିଶ୍ୱପୁରୁଷର ରୂପ ବିଦ୍ୟମାନ । ଆଗ୍ରହରେ ଭେଦାଭେଦ ଏ ଧର୍ମରେ ନାଇ । ଏଇ ଜଗନ୍ନାଥ ଧର୍ମ ମୋତେ ଦେଖି 'ବିଶ୍ୱ ଦେଖୋ' ର ବାର୍ତ୍ତା ପ୍ରଚାର କରୁଅଛି । ମନେହୁଏ ଗୀତାର ମୋତେ ଦେଖି, 'ବିଶ୍ୱ ଦେଖ' ର ବାଣୀ ଜଗନ୍ନାଥ ଚେତନାର ମର୍ମସ୍ୱର । ଗୀତାରେ କୁହାଯାଇଛି,

ଯୋ ମାଂ ପଶ୍ୟତି ସର୍ବତ୍ର
ସର୍ବଂ ଚ ମୟି ପଶ୍ୟତି
ତସ୍ୟାହଂ ନ ପ୍ରଣଶ୍ୟାମି
ସ ଚ ମେ ନ ପ୍ରଣଶ୍ୟତି ।" [ଗୀତା–୬ଷ୍ଠ ଅଧ୍ୟାୟ–୩୦ ଶ୍ଳୋକ

ଜଗନ୍ନାଥ ଭକ୍ତି ସିନ୍ଧୁରେ 'ସମାନ ଓ ଏକାକାର'ର ପ୍ରତୀକ । ଏଇ ଜଗନ୍ନାଥ ଧର୍ମରେ, ଧର୍ମରେ ଅନ୍ଧତା ଓ କର୍ମରେ ଭେଦଜ୍ଞାନ ନାହିଁ । ଏହା ହେଉଛି ବିଶ୍ୱରେ ମହା-ସମନ୍ୱୟର ବିଗ୍ରହ । ପଣ୍ଡିତ ନୀଳକଣ୍ଠଙ୍କ ଏହି ମହାସମନ୍ୱୟ ବିଶ୍ୱଧର୍ମ ସମ୍ପର୍କରେ କହନ୍ତି, "କଳିଙ୍ଗର ବୃଦ୍ଧ ଶବର, ଦୃପ୍ତ ମାଳବ ରଜାଙ୍କୁ ଏହା ଶିଖାଇ ଚିରକାଳ ପାଇଁ ଭାରତର ଧର୍ମର ଏଇ ନିତ୍ୟ ପ୍ରତିଷ୍ଠାନରେ ପ୍ରାଣ ପ୍ରତିଷ୍ଠା କରି ଯାଇଛନ୍ତି । ଏହା କଳିଙ୍ଗ ତଥା ଶବର ସଂସ୍କୃତିର ନିତ୍ୟ ସଙ୍କେତ ରୂପେ ଭେଦ ଧର୍ମ ଜଡ଼ିତ ଭାରତ ତଥା ପୃଥିବୀରେ ସନାତନ ସତ୍ୟର ମହାବାଣୀ ସିଂଧୁ ସମୀର ଦୋଳିତ ଚିରନ୍ତ ସଂକେତରେ ପ୍ରଚାର କରୁଅଛି ।" (୪)

**ଭକ୍ତିକ ମିଥ୍ୟା–** ନୀଳକଣ୍ଠ 'ଭକ୍ତିକ ମିଥ୍ୟା' ବିରୁଦ୍ଧରେ ତାଙ୍କର ପ୍ରବନ୍ଧମାନଙ୍କରେ ଅନୁଶୀଳନ କରିଛନ୍ତି । ସେ ଭକ୍ତି ନାମରେ ଭକ୍ତମାନଙ୍କର କପୋଳ କଳ୍ପିତ ବିଶ୍ୱାସ ମୂଳକ ଭକ୍ତିକୁ ଗ୍ରହଣ କରି ନାହାନ୍ତି । ସେ କୌଣସି ପଣ୍ଡିତ, ବଡ଼ ମୁନି କହୁଥିବା ବିଶ୍ୱାସ ମୂଳକ କିମ୍ବଦନ୍ତୀ ପୂର୍ଣ୍ଣ ଭକ୍ତି ତତ୍ତ୍ୱକୁ ମାନୁ ନ ଥିଲେ । ଆପଣାର ବିବେକ, ବିଚାର, ପ୍ରାୟୋଗିକ କ୍ଷେତ୍ରରେ ଏହାର ଉପଯୋଗିତାକୁ ସେ ସର୍ବଦା ଦୃଷ୍ଟି ଦେଇ ଧର୍ମ, ଭକ୍ତିକୁ ବିଶ୍ଳେଷଣ କରୁଥିଲେ । 'ଭକ୍ତିକ ମିଥ୍ୟା'ର ସାମାଜିକ କୁ–ପରିମାଣ ସମ୍ପର୍କରେ ନୀଳକଣ୍ଠ ଲେଖିଛନ୍ତି, "ଭକ୍ତର ଭଗବାନ' ମଧ୍ୟ ଏକ ଦୁର୍ବଳ ଓ ଅସଂଗତ ଚିତ୍ତ-ବୃତ୍ତିର ଏକ ସ୍ୱାଭାବିକ ବିକାଶ । ମାନବ ସମାଜରେ ତଥା ବ୍ୟକ୍ତିବୋଧରେ ଭକ୍ତି ଏକ ବିଚିତ୍ର ବସ୍ତୁ । ଚିନ୍ତାରେ, ଦର୍ଶନରେ, ଯୁକ୍ତିରେ, ବା ଆଲୋଚନାରେ ଏହାର ସ୍ଥାନ ନାଇ । ଜଗତର ଏକମାତ୍ର ଦାର୍ଶନିକ ଧର୍ମ– ଜୈନଧର୍ମରେ ଏଇ ଭକ୍ତି ଓ

---

( ୪ ) ଶ୍ରୀମଦ୍ ଭଗବତ୍ ଗୀତା– ୧୯୬୮– ନୀଳକଣ୍ଠ– ଗୀତା ପ୍ରବେଶ– ପୃ ୨୮୬

Digitized by PPRACHIN, SOA

ଭକ୍ତିଚର୍ଯ୍ୟା, ଅର୍ଥାତ୍ ଭକ୍ତି ଜନିତ ଆଚରଣକୁ ଅଷ୍ଟାଦଶ ପାପ ମଧ୍ୟରେ ଗୋଟିଏ ପାପ ବୋଲି ନିର୍ଦ୍ଦେଶ ଓ ବର୍ଣ୍ଣନା କରଯାଇଛି । ସେମାନେ ଏହାର ନାମ ଦେଇଛନ୍ତି 'ମିଥ୍ୟା ଦର୍ଶନ ଶଲ୍ୟ' । ଏଥିରେ ବିଅଙ୍କ ପାଖେ, ଗୁରୁଙ୍କ ପାଖେ ବା ସାଧୁଙ୍କ ପାଖେ ପ୍ରାର୍ଥନା କରିବା, ମାନସିକ କରିବା ପ୍ରଭୃତି ମନା । (୫) । ଧର୍ମୋନ୍ମାଦ ଓ ମତାନ୍ଧତା ଭକ୍ତି-ଧର୍ମକୁ ବିକଳାଙ୍ଗ କରି ଦେଇଛି । ଭକ୍ତିଧର୍ମରେ ପ୍ରତାରଣା, ଛଳନା ସତ୍ୟରୂପେ ପ୍ରତିପନ୍ନ ହୋଇଥାଏ । ଆତ୍ମ ପ୍ରତାରଣା ମଧ୍ୟରେ ଭକ୍ତି ଧର୍ମରେ ଆଧ୍ୟାତ୍ମିକ ସିଦ୍ଧି ନିହିତ । ଭକ୍ତିଧର୍ମରେ ପ୍ରଚ୍ଚର ଓ ଅନ୍ୟକୁ ଶିଖେଇବାର ପନ୍ଥା ଅନୁସୃତ । ମିଥ୍ୟାର ଜାଲରେ ବିଶ୍ୱାସ କରଇ, ମନାଇ, ଈଶ୍ୱର କାର୍ଯ୍ୟ କହି ସତ୍ୟ ବୋଲି ପ୍ରଚ୍ଚର କରିବାର କୌଶଳକୁ ନୀଳକଣ୍ଠ ଆଦୌ ସହ୍ୟ କରିପାରି ନାହାନ୍ତି ।

ପଣ୍ଡିତ ନୀଳକଣ୍ଠଙ୍କ ଭକ୍ତିକ ମିଥ୍ୟାପ୍ରତି ଅନାଦର ଉତ୍କଟ ରୂପ ନେଇଛି 'ବିଧାତାଙ୍କ ସୃଷ୍ଟି' ପ୍ରବନ୍ଧରେ । ସେ ଭକ୍ତି ନାମରେ ଭକ୍ତମାନଙ୍କ କପୋଳ କଳ୍ପିତ ଭକ୍ତି ପନ୍ଥାକୁ ଉପଯୁକ୍ତ ମନେ କରୁ ନ ଥିଲେ । ଉପନିଷଦ୍ ମଧ୍ୟ ଭକ୍ତି ନାମରେ ଗଢ଼ି ଆସିଥିବା ଏ ଧରଣର ଭବକୁ ସମାଲୋଚନା କରିଅଛି । ଯେପରି,

"ଅବିଦ୍ୟାୟା ମନ୍ତରେ ବର୍ତ୍ତମାନାଃ
ସ୍ୱୟଂ ଧୀରାଃ ପଣ୍ଡିତଂ ମନ୍ୟମାନାଃ
ଓଂ ଘନ୍ୟମାନାଃ ପରିୟନ୍ତି ମୂଢ଼ାଃ
ଅନ୍ଧେନୈବ ନୀୟମାନା ଯଥାନ୍ଧାଃ ।"

"ଅର୍ଥାତ୍; ଯେଉଁ ମୂଢ଼ମାନେ, ଜ୍ଞାନ ଓ ଚିନ୍ତାହୀନତାରେ ବୁଡ଼ି ରହିଥାନ୍ତି, ନିଜକୁ ସବୁଠାରୁ ବିବେକବନ୍ତ ଓ ଜଣା ଶୁଣା ଭବି ଆତ୍ମଗର୍ବରେ ସ୍ଫୀତ ହୁଅନ୍ତି, ସେମାନେ ଅନ୍ଧ ବାଟ ଦେଖାଉଥିବା ଅନ୍ଧଙ୍କ ପରି ବାଟ ନ ଦେଖି କେବଳ ବୁଲୁଥାଆନ୍ତି ।" ପଣ୍ଡିତ ନୀଳକଣ୍ଠ 'ବିଧାତାଙ୍କ ସୃଷ୍ଟି' ପ୍ରବନ୍ଧର ମର୍ମବାଣୀକୁ ନିଜ ଆତ୍ମଜୀବନୀରେ ବ୍ୟକ୍ତ କରିଅଛନ୍ତି । "ପଢ଼ିଲେ ମନେ ହେବ– ଏ କେବଳ ବିଧାତାଙ୍କ ସମ୍ବନ୍ଧରେ ଧାର୍ମିକ-ମାନେ ଯାହା କହନ୍ତି ତା'ର ଗୋଟିଏ ସମାଲୋଚନା । ଏଥିରେ ଯଥାର୍ଥ ଗଠନ ମୂଳକ ତତ୍ତ୍ୱଟି ପ୍ରକାଶ ପାଇ ନାଇ । ଅର୍ଥାତ୍ ସେଇ ଗଠନ ମୂଳକ ( positive ) ତତ୍ତ୍ୱଟି ଏଇ ଭରତ ବର୍ଷରେ ଦିନେ ପ୍ରକାଶ ପାଇଥିଲା । ତାହା ଉପନିଷଦରେ ସୂକ୍ଷ୍ମଭବରେ ଅଛି । ଆତ୍ମା ବା ଅରେ, ଶ୍ରୋତବ୍ୟଃ, ମନ୍ତବ୍ୟଃ, ନିଦିଧ୍ୟା ସିତବ୍ୟଃ, ଅର୍ଥାତ୍ ଏଇ ସମସ୍ତ ବିଧାତାଙ୍କ ରୂପ ଭିତରେ ଉପନିଷଦ କାଳରେ ଆମ ପୂର୍ବ ପୁରୁଷମାନେ ଯେଉଁ

---

( ୫ ) ଓଡ଼ିଆ ସାହିତ୍ୟର କ୍ରମପରିଣାମ– ଦ୍ୱିତୀୟଭଗ-- (୧୯୭୭)– ପୃ ୩୮୦

Digitized by PPRACHIN, SOA

ଆତ୍ମାକୁ ଉଠି ସେଇ ଆତ୍ମବସ୍ତୁ ବିଷୟରେ ଏହି କଥାଟି କହିଛନ୍ତି– ତାହାର ତୁଳନା ପୃଥିବୀରେ ଧର୍ମଜଗତରେ ଆଉ ନାଇ । × × ଏହି ଆତ୍ମାରେ ମନୁଷ୍ୟ ମନୁଷ୍ୟ ମଧ୍ୟରେ ଭେଦ ନାଇ । ଏହି ଆତ୍ମଧର୍ମକୁ ଉଠିଲେ ସମସ୍ତେ ସମାନ ।" ( ୬ ) ନୀଳକଣ୍ଠ ଧର୍ମ ସମ୍ପର୍କରେ ମାନବର ଆତ୍ମ ଜିଜ୍ଞାସାକୁ ଶ୍ରେଷ୍ଠ ଗୌରବ ଦେଇଛନ୍ତି । ଚିନ୍ତା କରିବାର, ବୁଝିବାର ଓ ଜାଣିବାର ଏହା ଶ୍ରେଷ୍ଠ ବସ୍ତୁ ଅଟେ । ଏହି ଆତ୍ମାଧର୍ମ ଦ୍ୱାରା ମାନବ ମାନବ ମଧ୍ୟରେ ଭେଦାଭେଦ ଦୂର ହୋଇ ପାରିବ । ମନୁଷ୍ୟ ଏଇ ଆତ୍ମଭାବର ବିକାଶ ଦ୍ୱାରା ସମଦର୍ଶୀ ହେବ । ନୀଳକଣ୍ଠଙ୍କ ଧର୍ମପ୍ରତି ଦୃଷ୍ଟିଭଙ୍ଗୀରେ ପାଶ୍ଚାତ୍ୟ ଚିନ୍ତାଧାରାର ଭିନ୍ନ ସ୍ୱର୍ଶ ରହିଛି । ସେ ଧର୍ମକୁ ଇଂରଜୀ 'Religion', ଯାହାର ଅର୍ଥ ହେବ 'Re' ଅର୍ଥାତ 'ପୁନଃ', 'Ligo' ଅର୍ଥାତ 'ବନ୍ଧନ', ଭାରତୀୟ ପରମ୍ପରାରେ ଏହାକୁ ପୁନଃବନ୍ଧନ ନ କହି ମନୁଷ୍ୟ ମନୁଷ୍ୟ ମଧ୍ୟରେ ସମ୍ପର୍କର ଆତ୍ମବନ୍ଧନ ରୂପେ ଅଭିହିତ କରିଛନ୍ତି ।

## ମାନବ ବାଦୀ ମନୋଭାବ–

ପଣ୍ଡିତ ନୀଳକଣ୍ଠଙ୍କ ଧର୍ମ ସମ୍ପର୍କିତ ମାନବବାଦୀ ଓ ସମନ୍ୱୟବାଦୀ ମନୋଭାବ 'ପୃଥିବୀର ଚାରି ପ୍ରଧାନ ଧର୍ମ, ପ୍ରବନ୍ଧରେ ପ୍ରକାଶିତ । ଏହି ପ୍ରବନ୍ଧଟିରେ ନୀଳକଣ୍ଠଙ୍କର ଅନ୍ୟ ଧର୍ମ ମାନଙ୍କ ପ୍ରତି ଶ୍ରଦ୍ଧା ଲକ୍ଷ୍ୟ କରଯାଇ ପାରେ । ନୀଳକଣ୍ଠ ତାଙ୍କ 'ଆତ୍ମଜୀବନୀ'ରେ ମଧ୍ୟ ଏଇ ଚିନ୍ତା ଧାରାକୁ ରୂପ ଦେଇ ଲେଖିଛନ୍ତି; "ପୁଣି ଦେଖା ଯାଉଛି – ଧର୍ମ ବହୁ ସ୍ଥାନରେ ରାଜନୀତିକୁ ନିୟନ୍ତ୍ରଣ କରୁଛି । ତା' ହେଲେ ଯେଉଁଠି ମନରେ ମଣିଷ ଧର୍ମଧାରଣାରେ ଏତେ ଫରକ; ସେଠି ଠାକୁରର ନାମ ଧରି ଭକ୍ତି ଭାବ ଉଦୟ କରି ପାରିବ କି ? କୃଷ୍ଣଙ୍କୁ ଯଦି ଆଲ୍ଲା ସହି ନପାରେ, ଆଲ୍ଲାଙ୍କୁ ଯଦି ଯୀଶୁଖ୍ରୀଷ୍ଟ ସହି ନପାରନ୍ତି, ତେବେ ଧର୍ମ ପ୍ରାଣର ଭାବାବେଗ ଏ ସବୁ ଉପରେ ପ୍ରତିଷ୍ଠିତ ବୋଲି କହିବାର ଯୁକ୍ତି କାହିଁ ?" ( ଆତ୍ମଜୀବନୀ––ପୃ ୧୬୪ ) ସେ ଧର୍ମର ଅହମିକା ଓ ମୌଳିକ ଧର୍ମ ଧାରଣାରେ ଭକ୍ତିର ଅନ୍ଧ ସ୍ତାବକତାକୁ ସହ୍ୟ କରି ପାରି ନାହାନ୍ତି । ଯେଉଁଠାରେ ଧର୍ମ ଧର୍ମ ମଧ୍ୟରେ ସମନ୍ୱୟ ଭାବ ନାହିଁ; ଅନ୍ୟକୁ ଗ୍ରହଣ କରିବା ବୃହତ୍ତର ଦୃଷ୍ଟିଭଙ୍ଗୀ ନାହିଁ, ସେଠାରେ ଧର୍ମ ପ୍ରବଞ୍ଚନା ବ୍ୟତୀତ ଅନ୍ୟ କିଛି ନ ହୋଇ ପାରେ । ନୀଳକଣ୍ଠଙ୍କର ସେଇ ପ୍ରବନ୍ଧରେ ଆଲୋଚନା ପ୍ରସଙ୍ଗରେ 'ସ୍ୱଦେଶୀ ଓ ସମାଜ' ପ୍ରବନ୍ଧ ସ୍ମରଣକୁ ଆସେ । ବିଶ୍ୱକବି ରବୀନ୍ଦ୍ର ନାଥ ତାଙ୍କର 'ସ୍ୱଦେଶୀ ଓ ସମାଜ'

( ୬ ) ନୀଳକଣ୍ଠ ଗ୍ରନ୍ଥାବଳୀ–( ୧୯୭୩ ) –ପ୍ରଥମଭାଗ––ପୃ୧୧୦

Digitized by PPRACHIN, SOA

ପ୍ରବନ୍ଧରେ ପୃଥିବୀର ଚାରି ପ୍ରଧାନ ଧର୍ମର ମିଳନ ବାଞ୍ଛା କରି ଅତ୍ୟନ୍ତ ପ୍ରୀତ ହୋଇଥିଲେ । ଜାତିଗତ, ବର୍ଣ୍ଣଗତ, ଧର୍ମଗତ, ସମସ୍ତ ବୈଚିତ୍ର ସତ୍ତ୍ୱେ ଐକ୍ୟ ଓ ସଂହତି ସ୍ଥାପନ ଭାରତୀୟ ଆଦର୍ଶର ମୂଳ ପ୍ରେରଣା । ରବୀନ୍ଦ୍ର ନାଥଙ୍କ ମତରେ ହିନ୍ଦୁ ମୁସଲମାନ, ବୌଦ୍ଧ, ଖ୍ରିଷ୍ଟିଆନ ଏହି ଚାରିଧର୍ମର ବିରାଟ ସମାଜିକ ସମ୍ମେଳନ ଉଦ୍ଦେଶ୍ୟରେ ଭାରତ ବର୍ଷରେ ସମନ୍ୱୟ ହୋଇଅଛି । ନୀଳକଣ୍ଠ ରବୀନ୍ଦ୍ର ନାଥଙ୍କ ଚିନ୍ତାର ଅନୁରୂପ ପ୍ରସଙ୍ଗ ଏହି ପ୍ରବନ୍ଧରେ ଆଲୋଚନା କରିଛନ୍ତି । ପୁଣି ତାଙ୍କର ଏହି ପ୍ରବନ୍ଧରେ ନୀଳକଣ୍ଠ ଧର୍ମକୁ ଅନ୍ଧବିଶ୍ୱାସର ଅର୍ଗଳିରୁ ସମାଜ ବିକାଶର ପ୍ରକାଶରେ ନିୟୋଜିତ କରିବାକୁ ଆହ୍ୱାନ ଦେଇଛନ୍ତି । ନୀଳକଣ୍ଠ ଭାରତବର୍ଷରେ ଚାରି ପ୍ରଧାନ ଧର୍ମର ସମନ୍ୱୟରେ ଗଭୀର ଆଶା ପୋଷଣ କରି ଗୀତାର 'ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ତଥୈବ ଭଜାମ୍ୟହଂ'ର ପବିତ୍ର ବାସନା ସମ୍ପର୍କରେ ଆଶାବାଦୀ ହୋଇଛନ୍ତି ।

## ତନ୍ତ୍ର ଉପାସନା :

ନୀଳକଣ୍ଠ ଉପାସନା ଧର୍ମ ନାମରେ ଚାଲୁଥିବା ଅସାମାଜିକତାକୁ 'ତନ୍ତ୍ର ଉପାସନା ସମ୍ବନ୍ଧରେ ଦୁଇ ଏକ କଥା' ପ୍ରବନ୍ଧରେ ବ୍ୟଙ୍ଗ କରିଛନ୍ତି । ଧର୍ମ ନାମରେ ଯୌନ ସାଧନା, ପଞ୍ଚମକାର ଉପାସନାକୁ ସେ ହୀନ ଚକ୍ଷୁରେ ଦେଖିଛନ୍ତି । ତନ୍ତ୍ର ନାମରେ ଧର୍ମକୁ ଆଖି ଠାର ମାରି ବ୍ରାହ୍ମଣମାନେ ବିଭିନ୍ନ ଅନୈତିକ କାର୍ଯ୍ୟ କରୁଥିଲେ । 'କୁରୁଚି ବ୍ୟଞ୍ଜକ ଓ ପାପୋଦ୍ଦୀପକ,' ତନ୍ତ୍ର–ଶ୍ଳୋକ–ବିଶାରଦ, ଇନ୍ଦ୍ରିୟ ବାସନା-ଭୋଗୀ, ସ୍ୱାର୍ଥପର, ନଷ୍ଟଚରିତ୍ର ତାନ୍ତ୍ରିକ ମାନଙ୍କର ତଥାକଥିତ ମୋକ୍ଷ ସାଧନା ପ୍ରତି ନୀଳକଣ୍ଠ ଅତି କଠୋର ଥିଲେ । ତନ୍ତ୍ର ଉପାସନା ନାମରେ ଚାଲୁଥିବା ବ୍ୟଭିଚାର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ପୂର୍ବକ ନୀଳକଣ୍ଠ ଲେଖିଛନ୍ତି, "ଧର୍ମ ନାମରେ ଯଦି ମଦ୍ୟପାନ, ମାଂସ ଭୋଜନ ଓ ଅଗମ୍ୟାଗମନ କରି ପରମପଦର ଆଶା କରଯାଏ, ତେବେ ସଂଯମ ପନ୍ଥା କେତେଦିନ ତିଷ୍ଠିପାରେ ? × × ଧର୍ମ ନାମରେ ମଦକୁ ଦୁଧ କରି ପିଇଲେ ରକ୍ଷା କାହିଁ ?" ( ୭ ) ନୀଳକଣ୍ଠ ତାନ୍ତ୍ରିକ ମାର୍ଗ ନାମରେ ଚଳି ଆସୁଥିବା ରକ୍ଷଣଶୀଳତା, ଧର୍ମ ନାମରେ ରହିଥିବା ଯୁଗ ଯୁଗର ଆବର୍ଜନା ପ୍ରତି ସମାଜକୁ ଜାଗ୍ରତ ହେବାର ପ୍ରତ୍ୟକ୍ଷ ଇଙ୍ଗିତ ଏହି ପ୍ରବନ୍ଧରେ ଦେଇଅଛନ୍ତି ।

ଧର୍ମ ନୀଳକଣ୍ଠଙ୍କ ପାଇଁ ରକ୍ଷଣଶୀଳତାର ଏକ ଅର୍ଥହୀନ ସୂଚୀପତ୍ର ନୁହେଁ; କିମ୍ବା ବିଶ୍ୱାସର ଏକ ସାମଗ୍ରୀ ନୁହେଁ । ସେ ଧର୍ମକୁ କେବଳ ବିଶ୍ୱାସ ଓ ଉପଲବ୍ଧିର ପନ୍ଥା ରୂପେ ହୃଦୟରେ ସ୍ଥାନ ଦେଇ ନଥିଲେ । ସେ ସବୁବେଳେ

( ୭ ) ମୁକୁର– ୩/୧୧–୧୨ –ପୃ –୨୩୬,

Digitized by PPRACHIN, SOA

ଧର୍ମକ୍ଷେତ୍ରରେ ପ୍ରାମାଣିକତାକୁ ଗୁରୁତ୍ୱ ପ୍ରଦାନ କରୁଥିଲେ । ମନେହୁଏ ଯେପରିକି ସେ ଏଇ ପ୍ରାମାଣିକତା ଇଂରାଜୀ କବି ଟେନିସନ୍‌ଙ୍କଠାରୁ ଆହରଣ କରିଥିଲେ । କାରଣ ସେ ଥିଲେ ଟେନିସନ୍‌ଙ୍କର ଭାବମୁଗ୍ଧ ପାଠକ । ତାଙ୍କର ଟେନିସନ୍‌ଙ୍କ 'In memoriam,ର ନିମ୍ନ ଦୁଇଧାଡ଼ି ପ୍ରିୟ କବିତା ଥିଲା ।

"By faith and faith alone
Believing when we cannot prove"

ଅର୍ଥାତ, ଯେତେ ବେଳେ ମଣିଷ ପ୍ରମାଣପାଇଁ ଅସାମର୍ଥ୍ୟ ପ୍ରକାଶ କରେ, ସେତିକିବେଳେ ବିଶ୍ୱାସରେ ସେ ଆସ୍ଥା ସ୍ଥାପନ କରେ । ନୀଳକଣ୍ଠଙ୍କ ଚିନ୍ତାଧାରା ଏଇ ଦୁଇ ଧାଡ଼ିରେ ସ୍ପଷ୍ଟ ହେଉଛି । ଯେଉଁ ଧର୍ମରେ କେବଳ ବିଶ୍ୱାସ ମୂଳସୂତ୍ର, ସେ ଧର୍ମ, ଧର୍ମ ପଦବାଚ୍ୟ ନୁହେଁ ବୋଲି ନୀଳକଣ୍ଠଙ୍କର ଦୃଢ଼ଧାରଣା । ସେ ମଧ୍ୟ ଅନୁଭବ କରିଛନ୍ତି ଯେ ଧର୍ମ ପ୍ରବୃତ୍ତି ଓ ଆଗ୍ରହ ଭିତ୍ତିକ ହେଲେ ଧର୍ମର ମାନ ହ୍ରାସ ହୁଏ । ନୀଳକଣ୍ଠ ନୀତି, ଆଦର୍ଶ ଓ ବାସ୍ତବ ତଥା ଯୁକ୍ତିନିଷ୍ଠ ଦୃଷ୍ଟିରୁ ଧର୍ମକୁ ବିଗ୍ରହ କରିଛନ୍ତି ।

( ୨ )

ନୀଳକଣ୍ଠ ପ୍ରଥମେ ଦର୍ଶନର ଛାତ୍ର ଓ ପରେ ଦାର୍ଶନିକ ପ୍ରବନ୍ଧର ସ୍ରଷ୍ଟା । ନୀଳକଣ୍ଠଙ୍କର ପ୍ରାଚ୍ୟ– ପାଶ୍ଚାତ୍ୟ ଦର୍ଶନରେ ପାଣ୍ଡିତ୍ୟ ତାଙ୍କର ପ୍ରବନ୍ଧ ମାନଙ୍କରେ ଉଦ୍ଭାସିତ । ନୀଳକଣ୍ଠ ଦର୍ଶନର ସାର ନିର୍ଯ୍ୟାସକୁ ସ୍ୱକୀୟ ଭଙ୍ଗୀରେ ପ୍ରବନ୍ଧ ମାନଙ୍କରେ ପ୍ରକାଶ କରିଛନ୍ତି । ସେ ଜୀବନ ସହିତ ଦର୍ଶନକୁ ସମ୍ବନ୍ଧାନ୍ୱିତ କରିଛନ୍ତି । ଦର୍ଶନ ମାନବ ଜୀବନକୁ ବଞ୍ଚିବାର ପ୍ରେରଣା ଦେଇଥାଏ । ମାନବ ବଞ୍ଚିଥିବା ପର୍ଯ୍ୟନ୍ତ ଜୀବନ ମଧ୍ୟରେ ଦର୍ଶନ, ଦର୍ଶନ ମଧ୍ୟରେ ଜୀବନର ସନ୍ଧାନ କରେ । ପ୍ରାବନ୍ଧିକ ଦର୍ଶନ ସମ୍ପର୍କରେ ଏ ସକାଶେ କହନ୍ତି; "ତଥାପି ଜୀବଧର୍ମରେ ଅନ୍ୟ ଜନ୍ତୁ ସହ ସମାନ ହେଲେହେଁ, ମନୁଷ୍ୟ ଜନ୍ତୁ ନୁହେଁ । ମନୁଷ୍ୟ, ମନୁଷ୍ୟ । ସେ ପ୍ରଗତିର ସାମାଜିକ ପ୍ରାଣୀ । ଏକ ଆଡ଼େ ତାର ପରମ୍ପରା ଅନ୍ୟ ଆଡ଼େ ପୂର୍ବଗଦୃଷ୍ଟି, ପଛକୁ 'ଇତିହାସ,' ଆଗକୁ 'ଦର୍ଶନ' । ( ୮ ) ନୀଳକଣ୍ଠ ମାନବର ପ୍ରଗତି ପଥରେ ଏକ ପକ୍ଷରେ ପରମ୍ପରା, ଅପର ପକ୍ଷରେ ଦର୍ଶନକୁ ବିଶେଷ ମୂଲ୍ୟ ପ୍ରଦାନ କରିଛନ୍ତି । ସେ ଦର୍ଶନକୁ ମାନବର ଆତ୍ମପ୍ରଗତିର ଏକ ମାଧ୍ୟମ ରୂପେ ଗ୍ରହଣ କରିଛନ୍ତି ଓ ମାନବକୁ ଶକ୍ତିମାନ ରୂପେ ଗୌରବ ଦେଇଛନ୍ତି । ବିଶ୍ୱ ଶକ୍ତି ସହିତ ମାନବର ସମ୍ପର୍କ ନିତ୍ୟ । 'ଆର୍ଯ୍ୟଜୀବନ' ପୁସ୍ତକରେ ନୀଳକଣ୍ଠ ଏ ସମ୍ପର୍କରେ

(୮) ନବଭାରତ-ନୂତନ ସ୍ତର-ପ୍ରଥମ ବର୍ଷ/ ନବମ ସଂଖ୍ୟା– (ଜୁନ୍-୧୯୪୭)–ପୃ ୪୦୮

Digitized by PPRACHIN, SOA

ଲେଖିଛନ୍ତି; "ବିଧାତାଙ୍କ ରାଜ୍ୟରେ ବିଧାତା ସ୍ୱୟଂ କ୍ରିୟାମୟ ରୂପେ ରହିଛନ୍ତି । ବିଶ୍ୱତନ୍ତ୍ର ସେହି ବିଧାତୃ ଶକ୍ତିରେ ଆତଯାତ ହେଉଅଛି । 'ମୁଁ' ମଧ୍ୟ ସେହି ଶକ୍ତି– ସେହି ଶକ୍ତି ମୋ ଭିତରେ ପ୍ରକଟି ଉଠୁଅଛି । ସୂର୍ଯ୍ୟ ନଥିଲେ ଜୀବଜଗତର ସୌନ୍ଦର୍ଯ୍ୟ ଓ ଜୀବନ ନାଇ । ଗ୍ରହ ନଥିଲେ ସୂର୍ଯ୍ୟର ବଦାନ୍ୟତା ଓ ଉପଯୋଗିତା ମଧ୍ୟ ନାଇ । ସେହିପରି ମୁଁ ନଥିଲେ ବିଶ୍ୱ ନାଇ, ବିଶ୍ୱ ନଥିଲେ ମୁଁ ନାଇ । ଅର୍ଥାତ ମୁଁ ସେହି ସୋଽହଂ । ଏହାହିଁ ଜୀବନର ଆଦର୍ଶ ଏବଂ ଏହାହିଁ ତାହାର ମୁକ୍ତି ।" (୯) ପ୍ରତ୍ୟେକ ମାନବ ଭିତରେ ବିଶ୍ୱ ଶକ୍ତିର ଅନନ୍ତ ବିକାଶ ସଘଟିତ । ବିଶ୍ୱ ଶକ୍ତିର ବିକାଶ ହିଁ ପ୍ରତ୍ୟେକ ମାନବର ଜୀବନରେ ଅନୁଭୂତ । ମୋର ଅସ୍ତିତ୍ୱରେ ସମସ୍ତ ବିଶ୍ୱର ଅସ୍ତିତ୍ୱ ଓ ମୁଁ ନଥିଲେ ବିଶ୍ୱନାହିଁ, ଏଇ ଆଦର୍ଶ ନୀଳକଣ୍ଠଙ୍କ ଦାର୍ଶନିକ ପ୍ରବନ୍ଧମାନଙ୍କରେ ପରିଲକ୍ଷିତ ।

ନୀଳକଣ୍ଠଙ୍କ ଦର୍ଶନ ପ୍ରୀତିର ସଫଳ ସଙ୍କେତ ଗୀତାର ପାଣ୍ଡିତ୍ୟପୂର୍ଣ୍ଣ ବିଶ୍ଳେଷଣାତ୍ମକ ମୁଖବନ୍ଧ ଓ 'ନୀତି ଓ ପ୍ରକୃତି,' 'ଅଛୁ ଓ ହେବୁ' 'ପ୍ରତିଭା ପୂଜା ଓ ପ୍ରତିମା ପୂଜା' ପ୍ରବନ୍ଧରେ ଉପଲବ୍ଧ । ନୀଳକଣ୍ଠ ଗୀତାରେ ସମସ୍ତ ଦାର୍ଶନିକ ତତ୍ତ୍ୱ ସମନ୍ୱୟ ହୋଇଥିବା ସ୍ୱୀକାର କରନ୍ତି । ସେ ଗୀତାତତ୍ତ୍ୱ ଅନୁଶୀଳନ ପରିପ୍ରେକ୍ଷିରେ ବୈଦିକ ସଂସ୍କୃତି, ଦ୍ରାବିଡ଼ ସଂସ୍କୃତି, ବୌଦ୍ଧ, ଜୈନ ଓ ଜଗନ୍ନାଥ ସଂସ୍କୃତିର ଦାର୍ଶନିକ ତର୍ଜମା କରିଛନ୍ତି । ନୀଳକଣ୍ଠ ଆତ୍ମଦର୍ଶନ ଶିକ୍ଷାଦାନକୁ ଗୀତାର ମୂଳ ପ୍ରେରଣା ରୂପେ ଗ୍ରହଣ କରିଥିଲେ । ମାନବ ଏହି ଆତ୍ମଦର୍ଶନ ଦ୍ୱାରା ନିଜର ବ୍ୟକ୍ତିତ୍ୱ ଗଠନ କରେ । ନୀଳକଣ୍ଠ ଗୀତାର ପାଣ୍ଡିତ୍ୟପୂର୍ଣ୍ଣ ମୁଖବନ୍ଧରେ ଏଇ ଆତ୍ମଦର୍ଶନକୁ ପ୍ରାଧାନ୍ୟ ଦେଇ ଲେଖିଛନ୍ତି; "ବିଚିତ୍ର କର୍ମମୟ ବିଶ୍ୱରେ ଅଧ୍ୟାତ୍ମ ଓ ଆଧ୍ୟାତ୍ମର ବିକାଶରେ ବିଶ୍ୱ ଏଇ ଦୁଇ ବିଭବ ଏକାଧାରରେ ଦେଖି ସେ ବିଶ୍ୱରେ ଆତ୍ମାନାମସବୁ ବସ୍ତୁର କାର୍ଯ୍ୟକାରଣ ସମ୍ପର୍କ ଓ ନୀତିନିୟମ ବୁଝିଯାଏ । ଏଥିରେ ହିଁ ସୁଖଦୁଃଖ, ପାପପୁଣ୍ୟ, ଭଲମନ୍ଦ, ନ୍ୟାୟଅନ୍ୟାୟ, ନିନ୍ଦାସ୍ତୁତି, ମାନଅପମାନ, ଲାଭକ୍ଷତି, ଜୟ-ପରାଜୟ, ଶୀତଉଷ୍ଣ– ପ୍ରଭୃତି ବିକାଶ ଧର୍ମରେ ଫୁଟି ଦିଶୁଥିବା ଆପାତ ଦ୍ୱନ୍ଦର ଆବରଣ ଖସିଯାଏ; ସଂଶୟ ତୁଟିଯାଏ । କ୍ଷରାକ୍ଷରର ମହାସମାଧାନ ସେ ନିଜର ଆତ୍ମାନନ୍ଦରେ ଅନୁଭବ କରି ବିଶ୍ୱ ଚେତନାର ନିତ୍ୟ ଅମୃତରେ ଅଭିଭୂତ ଓ ଉଦ୍‌ବୁଦ୍ଧ ରହେ । ଇନ୍ଦ୍ରିୟ ମନ ଓ ବୁଦ୍ଧିକୁ ଅତୀତ ଆତ୍ମାର ଦର୍ଶନରେ ତାର ସଂଶୟ ଛିନ୍ନହୁଏ । 'ପରାତ୍ପର' ପୁରୁଷୋତ୍ତମଙ୍କର ସାକ୍ଷାତରେ ତାର ହୃଦୟର ମୋହ ତୁଟିଯାଏ । ସେ ନିଷ୍ପାପ ନିଷ୍କଳଙ୍କ ହୁଏ । ବେଦାନ୍ତ କହନ୍ତି;

(୯) ଆର୍ଯ୍ୟଜୀବନ– ପ୍ରଥମ ଅଧ୍ୟାୟ– ଆର୍ଯ୍ୟଜୀବନର ସାଧନା ଆତ୍ମପ୍ରସାର– ପୃ ୧୪୫

Digitized by PPRACHIN, SOA

"ଭିଦ୍ୟତେ ହୃଦୟଗ୍ରନ୍ଥିଃ
ଛିଦ୍ୟନ୍ତେ ସର୍ବସଂଶୟାଃ
କ୍ଷୀୟନ୍ତେ ଗ୍ରସ୍ୟ ପାପ ନି
ତସ୍ମିନ୍ ଦୃଷ୍ଟେ ପରାବରେ ।" ( ୧୦ )

ଆତ୍ମଦର୍ଶନ ଦ୍ୱାରା ମାନବ କର୍ମମୁଖର ହୁଏ । ଏଇ ଆତ୍ମ ଦର୍ଶନରେ ସିଦ୍ଧିଲାଭ କରିଥିବା ମାନବ ଏକରେ ଅନେକ, ଅନେକରେ ଏକ ଭୋଗରେ ତ୍ୟାଗ, ଭୂତରେ ଆତ୍ମା ଓ ଆତ୍ମାରେ ଭୂତ ଦର୍ଶନ କରେ । ସେ ଅଭିନବ ଦ୍ରଷ୍ଟା ରୂପେ ଅବ୍ୟକ୍ତକୁ ବ୍ୟକ୍ତ କରେ । ସେହି ଦାର୍ଶନିକ, ଯେ ତତ୍ତ୍ୱକୁ ହୃଦୟଙ୍ଗମ କରି ପାରିଛି । ଦର୍ଶନକୁ ତତ୍ତ୍ୱବିଚାର ରୂପେ ଏହେତୁ ଅବତାରଣା କରଯାଇଛି ।

"ଅନେକ ସଂଶୟୋ ଛେଦ୍ୟ ପରୋକ୍ଷାର୍ଥସ୍ୟ ଦର୍ଶନଂ
ସର୍ବସ୍ୟ ଲୋଚନଂ ଜ୍ଞାନଂ ଯସ୍ୟ ନାସ୍ତ୍ୟନ୍ଧ ଏବ ସଃ ।"

'ଦର୍ଶନ' ପ୍ରତ୍ୟକ୍ଷର ଭୋଗରେ ମୀମାଂସା ହୋଇପାରୁ ନଥିବା ସଂଶୟମାନଙ୍କର ମୋଚନରେ କ୍ଷମ । ଏଇ ଦର୍ଶନର ଜ୍ଞାନ ଯାହାର ନାହିଁ– ସେ ଅନ୍ଧ ।

ପଣ୍ଡିତ ନୀଳକଣ୍ଠ 'ଅଛୁ ଓ ହେବୁ' ପ୍ରବନ୍ଧରେ ମାନବ ଚିତ୍ତବୃତ୍ତିର ତାତ୍ତ୍ୱିକ ବିଶ୍ଳେଷଣ କରିଛନ୍ତି । ପ୍ରତ୍ୟେକ ମାନବ ନିକଟରେ ଦୁଇଟି ପରସ୍ପର ବିରୁଦ୍ଧାତ୍ମକ ଶକ୍ତି ରହିଅଛି । ଏକ ପକ୍ଷରେ 'ରକ୍ଷଣଶୀଳତା' ଓ ଅପର ପକ୍ଷରେ 'ପରିବର୍ତ୍ତନ ପ୍ରବଣତା' ମାନବ ଚିତ୍ତବୃତ୍ତିରେ ବିଦ୍ୟମାନ । ନୀଳକଣ୍ଠ ପରଂପରାଗତ ବିଶ୍ୱାସକୁ 'ଅଛୁ' ଶକ୍ତି ରୂପେ ଏବଂ ଭବିଷ୍ୟତର ପରିବର୍ତ୍ତିତ ପଦକ୍ଷେପକୁ 'ହେବୁ' ଶକ୍ତି ରୂପରେ ରୂପାୟିତ କରିଛନ୍ତି । 'ଅଛୁ' ଶକ୍ତି ବିକାଶର ପରିଚାୟକ ନୁହେଁ । ଏହାଦ୍ୱାରା ପରଂପରା ନାମରେ ସାମାଜିକ ବ୍ୟଭିଚାର, ଧର୍ମନାମରେ ମାନବର ବର୍ବର ସ୍ୱଭାବ ଅନେକ ସମୟରେ ପ୍ରକାଶ ପାଇଥାଏ । ପରାଧୀନ ମନୋଭାବ, ଆଳସ୍ୟ, ଭୀରୁତା ମାନବର 'ଅଛୁ' ଶକ୍ତି ନିକଟରେ ସଚରାଚର ବିଦ୍ୟମାନ । ନୀଳକଣ୍ଠ 'ହେବୁ' ଶକ୍ତିକୁ ନିର୍ଭୀକ, ସ୍ୱାଧୀନ ଓ ଜୀବନର ସତ୍ୟନିଷ୍ଠ ଦିଗରୂପେ ଅଭିହିତ କରିଛନ୍ତି । 'ହେବୁ' ଶକ୍ତି ମାନବକୁ ଇହଲୋକରେ ରହି ନିର୍ଭୟରେ ଆପଣା ହୃଦୟର କହିବାକୁ ଅହରହ ପ୍ରେରଣା ଦିଏ, ମାନବର ସ୍ୱଧର୍ମ ପାଳନ ତଥା ଯୁଗର ସମ୍ମୁଖୀନ ହେବା ପାଇଁ 'ଅଛୁ' ଶକ୍ତି ନିଜର ଅସାମର୍ଥ୍ୟ ପ୍ରକାଶ କରେ । 'ହେବୁ' ଶକ୍ତି ଯୁଗକୁ ବଦଳାଇପାରେ; ନୂତନ ଜୀବନର ସନ୍ଧାନ କରିପାରେ ।

(୧୦) ଶ୍ରୀମଦ୍ ଭଗବତ୍ ଗୀତା–(୧୯୬୮)– ଗୀତା ପ୍ରବେଶ– ପୃ ୩୪୩

Digitized by PPRACHIN, SOA

ପ୍ରାବନ୍ଧିକ ନୀଳକଣ୍ଠଙ୍କ 'ନୀତି ଓ ପ୍ରକୃତି' ପ୍ରବନ୍ଧଟି ଗୀତାର ଦର୍ଶନ ଓ ପାଶ୍ଚାତ୍ୟ ନୀତିବାଦୀ ଚିନ୍ତାଧାରାର ଏକ ସମନ୍ୱୟ । ମାନବ ଜୀବନରେ ନୀତିର ଉପାଦେୟତାକୁ ଭିତ୍ତିକରି ଏ ପ୍ରବନ୍ଧଟି ରଚିତ । 'ନୀତି ଓ ପ୍ରକୃତି' ପ୍ରବନ୍ଧରେ ଦେବତାମାନଙ୍କ ପ୍ରତି ପ୍ରଚୁର ବିଦ୍ରୂପ ରହିଛି । " ଆମ୍ଭେ ବିଦ୍ୟାମ୍ନେ ବନ୍ଧୁରମ୍ଭେ ବରି ପୁରମ୍ନଃ" ଶ୍ଳୋକଟିକୁ ଉଦ୍ଧାର ପୂର୍ବକ ପ୍ରବନ୍ଧର ଆରମ୍ଭ କରାଯାଇଛି; "ଶିରୋନାମାଇ ପ୍ରବନ୍ଧର ଗୋଟିଏ ଗଭୀର ଦାର୍ଶନିକତା ସୂଚନା କରୁଅଛି; କିନ୍ତୁ ଏ ପ୍ରବନ୍ଧର ସେପରି କୌଣସି ବିଶେଷ ପାଣ୍ଡିତ୍ୟ ଉପରେ ଅଧିଷ୍ଠାନ ନୁହେଁ । 'ନୀତି ଓ ପ୍ରକୃତି'ର ତତ୍ତ୍ୱ ନିର୍ଦ୍ଦେଶ ଏ ପ୍ରବନ୍ଧର ଉଦ୍ଦେଶ୍ୟ ନୁହେଁ । କେବଳ କେତେକ ଚଳିତ ପ୍ରକ୍ରିୟାର ସମାଲୋଚନା ଓ ସାଧାରଣ ଲୋକଙ୍କ କ୍ରିୟାକଳାପ ପରିଗ୍ରହଣାର ପ୍ରଣାଳୀ ନିର୍ଦ୍ଦେଶ କରିବା ନିମନ୍ତେ ଏଇ କେତେକ ପଂକ୍ତି ଲିଖିତ ହେଉଅଛି ।" (୧୧) ଏ ପ୍ରବନ୍ଧରେ ପଶୁ ଓ ମନୁଷ୍ୟ ମଧ୍ୟରେ ପାର୍ଥକ୍ୟ ସ୍ୱୀକାର କରାଯାଇଛି । ପଶୁ ସାଧାରଣତଃ ପ୍ରକୃତିର ଅଧୀନସ୍ଥ, ମାତ୍ର ମନୁଷ୍ୟ ପ୍ରକୃତିକୁ ବହୁ କ୍ଷେତ୍ରରେ ନିଜର ଚିନ୍ତାଧାରା, ବୁଦ୍ଧି ଓ ବିବେକଦ୍ୱାରା ଆୟତ୍ତ କରିଅଛି, ପଞ୍ଚେନ୍ଦ୍ରିୟର ମାର୍ଗ ଦେଇ ପ୍ରକୃତି ମାନବକୁ ବ୍ୟସ୍ତ କରୁଥିଲେ ସୁଦ୍ଧା ମଣିଷ ତା'ର ଧୀଶକ୍ତି ଦ୍ୱାରା ନିଜକୁ ରକ୍ଷାକରି ମାନବତ୍ୱର ପରିଚୟ ଦେଇଛି । ମାନବ ନୀତିର ବଶବର୍ତ୍ତୀ ହେଲେ ପ୍ରକୃତିକୁ ଆୟତ୍ତ କରିପାରେ । ନୀତି ଓ ପ୍ରକୃତି ପରସ୍ପର ପରିପୂରକ । ପ୍ରକୃତି ବ୍ୟତୀତ ନୀତିର ଭୂମିକା କିଛି ନାହିଁ । ନୀତିବିନା ପ୍ରକୃତି ମାନବ ପ୍ରକୃତି ରୂପେ ଗଣ୍ୟ ନୁହେଁ । ପଣ୍ଡିତ ନୀଳକଣ୍ଠଙ୍କ ମତରେ, ପ୍ରକୃତ ମନୁଷ୍ୟତା ନୀତିର ମାର୍ଗ ଅନୁସରଣ କରି ପଶୁ ପ୍ରକୃତିର ସୁନିୟନ୍ତ୍ରଣ ଦ୍ୱାରା ସମ୍ଭବ । ନୀତି ଓ ପ୍ରକୃତି ଉଭୟର ସମବାୟ ହେଉଛି ମନୁଷ୍ୟର ମନୁଷ୍ୟତା ।

ନୀଳକଣ୍ଠ ମାନବର ସହଜାତ ପ୍ରବୃତ୍ତି ସହିତ 'ପ୍ରତିଭପୂଜା ଓ ପ୍ରତିମାପୂଜା'କୁ ଏକତ୍ର କରିଛନ୍ତି । ସେ ପ୍ରତିଭପୂଜାକୁ ମନର ସ୍ୱତଃ (Voluntary action) ରୂପରେ ଚିତ୍ରିତ କରିଛନ୍ତି । ବିଶ୍ୱ ସଭ୍ୟତାର ବିକାଶ ଓ ବିଜ୍ଞାନର ଅଗ୍ରଗତି ସହିତ ପ୍ରତିଭପୂଜା ସମାଜରେ ଅଗ୍ରାଧିକାର ଲାଭ କରିଛି । ପ୍ରତିଭ ପୂଜାର ପରବର୍ତ୍ତୀ ପର୍ଯ୍ୟାୟ ହେଉଛି ପ୍ରତିମାପୂଜା । ପ୍ରତିଭପୂଜାର ଏକ ପ୍ରଣାଳୀ ରୂପେ ପ୍ରତିମା ପୂଜାର ସୃଷ୍ଟି ହୋଇଛି । ମାନବ ଚିତ୍ତ ବୃତ୍ତିର ବିକାଶ ହେତୁ ସମକାଳୀନ ସମାଜରେ ପ୍ରତିଭପୂଜାର ଆଦର ବୃଦ୍ଧି ପାଇଛି । ନୀଳକଣ୍ଠ ପ୍ରତିଭକୁ ଶକ୍ତି ରୂପରେ ଓ ପ୍ରତିମାପୂଜାକୁ ଭୌତିକ ଉପାସନା ଭାବରେ ବିଶ୍ଳେଷଣ କରିଛନ୍ତି ।

(୧୧) ନୀଳକଣ୍ଠ ଗ୍ରନ୍ଥାବଳୀ–ତୃତୀୟ ଖଣ୍ଡ– ପୃ ୪୦୫

Digitized by PPRACHIN, SOA

( ୩ )

ପଣ୍ଡିତ ନୀଳକଣ୍ଠଙ୍କର ଉତ୍କଳର ଧର୍ମ, ଦର୍ଶନକୁ ବୁଝିବାର ପ୍ରଚଣ୍ଡ ଜିଜ୍ଞାସା ଥିଲା । ସେ ଧର୍ମଦର୍ଶନକୁ ତତ୍ତ୍ୱ, ଉପାସନାର ସଂକୀର୍ଣ୍ଣତାରୁ ମୁକ୍ତକରି ସମାଜ ଅଭିମୁଖୀ କରିବାର ଚେଷ୍ଟା କରିଛନ୍ତି । ସେ ଧର୍ମ ବିଶ୍ୱାସକୁ ପ୍ରାଣମୟ କରିବା ସକାଶେ ଜିଜ୍ଞାସୀର ମାର୍ଗ ଦେଇ ପରୀକ୍ଷା କରିଛନ୍ତି । ନୀଳକଣ୍ଠଙ୍କ ପ୍ରବନ୍ଧଗୁଡ଼ିକରେ ଧର୍ମ ମାନବିକ ପ୍ରେରଣା ଦ୍ୱାରା ପରିମାର୍ଜିତ । ଆତ୍ମୋତ୍ସର୍ଗ ହେଉଛି ମାନବର ଶ୍ରେଷ୍ଠଧର୍ମ ଓ ଜ୍ଞାନର ବ୍ୟାପ୍ତିଦ୍ୱାରା ଜୀବନକୁ ଜାଣିବା ଓ ବୁଝିବା ହେଉଛି ମାନବ ପାଇଁ ଦର୍ଶନର ସର୍ବୋତ୍କୃଷ୍ଟ ଶିକ୍ଷା । ନୀଳକଣ୍ଠ ତାଙ୍କର ବକ୍ତୃତାରେ, ଲେଖାରେ ଏହି ସତ୍ୟକୁ ପ୍ରକାଶ କରି ଯାଇଛନ୍ତି । ଆଧୁନିକ ଉତ୍କଳର ଧର୍ମ-ଦର୍ଶନ ଇତିହାସରେ ନୂତନ ଭାଷ୍ୟକାର ରୂପେ ନୀଳକଣ୍ଠ ଏବେ ସୁଦ୍ଧା ସଂଜୀବିତ ଓ ହୁଏତ କାଳକାଳକୁ ସଂଜୀବିତ ରହିବେ ।

( ପ୍ରକାଶିତ-ଝଙ୍କାର, ଜୁନ୍ ୧୩୯୧)

--୦--

"ବ୍ୟକ୍ତି ସମଷ୍ଟିରେ ଲୀନ ନୁହେଁ । କି ସମଷ୍ଟିରୁ ଏକାବେଳେକେ ସ୍ୱତନ୍ତ୍ର ନୁହେଁ । ବ୍ୟକ୍ତି ଭିତରକୁ ରହି କର୍ମ କରିବ । କାହିଁକି ନା ସମାଜର ମଙ୍ଗଳ ପାଇଁ । × × ଅନ୍ୟକୁ ଦେବାରେ, ଅନ୍ୟ ପାଇଁ ଭୋଗର ବ୍ୟବସ୍ଥା କରିବାରେ, ଯେପରିକି ବିଶ୍ୱ ସଙ୍ଗେ ବ୍ୟକ୍ତିର ସମ୍ବନ୍ଧ । ଏଇସମ୍ବନ୍ଧରେ ହିଁ ଆତ୍ମ ବିକାଶର ପନ୍ଥା ସ୍ପଷ୍ଟ ଓ ସୁଗମ × × ଏଇ ମୁକ୍ତି ହେଉଛି, ବିଶ୍ୱ ସତ୍ତାରେ ନିଜସତ୍ତାର ସାମଞ୍ଜସ୍ୟ ବା ଏକତା"

--ଗୀତା ପ୍ରବେଶ, ପୃ-୧୫୪

# ନୀଳକଣ୍ଠଙ୍କ ଧର୍ମଚେତନା ଓ ଦାର୍ଶନିକ ଦୃଷ୍ଟିକୋଣ

ଅଧ୍ୟାପିକା ଡକ୍ଟର କୁମୁଦିନୀ ମିଶ୍ର

ନୀଳକଣ୍ଠଙ୍କ ଧର୍ମଚେତନା ଓ ଦାର୍ଶନିକ ଦୃଷ୍ଟିକୋଣ ପରସ୍ପରର ପରିପୂରକ । ଧର୍ମ-ମୂଳକ ରଚନାରେ ତାଙ୍କ ଦାର୍ଶନିକ ଦୃଷ୍ଟି ଯେପରି ପ୍ରତି-ଫଳିତ, ଦର୍ଶନ ସମ୍ବଳିତ ରଚନାରେ ସେହିପରି ତାଙ୍କ ଧର୍ମ ଚେତନାର ସ୍ପଷ୍ଟ ସଙ୍କେତ ମିଳେ ।

ମାନବ ସମାଜର ଆଦି ବିକାଶରେ ପଣ୍ଡିତ ନୀଳକଣ୍ଠ ଧର୍ମ ଧାରଣାର ଗୁରୁତ୍ବ ଉପଲବ୍‌ଧ କରିଛନ୍ତି । ପ୍ରତ୍ୟେକ ଦେଶରେ ଏହି ଧର୍ମ ଧାରଣା କେତେବେଳେ ଆଦର୍ଶ ସମାଜ ଗଠନରେ ସହାୟକ ତ, କେତେବେଳେ ସମାଜରେ ଭ୍ରଷ୍ଟାଗ୍ରର ପ୍ରବେଶ କରାଇବାରେ ମାଧ୍ୟମ ହୋଇଛି । ମାନବ ସମାଜ ଉପରେ ଧର୍ମର ଏହି ଦିଗନ୍ତ ବିସ୍ତାରୀ ପ୍ରଭାବରେ ସୂଚନାଦେଇ ନୀଳକଣ୍ଠ ଯେଉଁ କେତୋଟି ପ୍ରବନ୍ଧ ଲେଖିଛନ୍ତି, ସେଗୁଡ଼ିକ ହେଉଛି-- 'ପୃଥିବୀରେ ଚାରି ପ୍ରଧାନ ଧର୍ମ,' 'ଜଗନ୍ନାଥ ଧର୍ମ,' 'ଭାରତର ଧର୍ମ ବିକାଶ,' 'ଭାଗବତ ଧର୍ମ,' ଓ 'ରଥଯାତ୍ରା' । ପ୍ରବନ୍ଧଗୁଡ଼ିକର ନାମକରଣରୁ ଜଣାଯାଏ, ନୀଳକଣ୍ଠଙ୍କ ଧର୍ମଚେତନା ତ୍ରିଧା ବିଭକ୍ତ । ମାନବ ସଭ୍ୟତା ଉପରେ ଧର୍ମର ପ୍ରଭାବ କଳ୍ପନା କରିବାରେ ତାଙ୍କ ଦୃଷ୍ଟି କେବେ ବିଶ୍ୱବ୍ୟାପୀ, କେବେ ମହାଭାରତୀୟ ଭାବରେ ଉଦ୍‌ବୁଦ୍ଧ, କେବେ ପୁଣି ଉତ୍କଳୀୟ ଉଦାର ଚେତନାରେ ଅଭିଭୂତ ।

ସମାଜର ଜଣେ ଜାଗ୍ରତ ପ୍ରହରୀ ଭାବେ ପ୍ରାବନ୍ଧିକ ନୀଳକଣ୍ଠ ଧର୍ମନାମରେ ସମାଜରେ ପ୍ରବେଶ କରିଥିବା ଭ୍ରଷ୍ଟାଗ୍ରରକୁ ପଦେ ପଦେ ନିନ୍ଦା କରିଛନ୍ତି । ସମାଜରୁ ଏହି ଭ୍ରଷ୍ଟାଗ୍ରର, ମିଥ୍ୟା ଓ କୁସଂସ୍କାର ଦୂର କରିବା ପାଇଁ ସେ ବହୁ ଯୁକ୍ତି ଉପସ୍ଥାପନ-ପୂର୍ବକ କେତେଗୋଟି ଦାର୍ଶନିକ ଅନୁଚିନ୍ତାମୂଳକ ପ୍ରବନ୍ଧ ରଚନା କରିଛନ୍ତି । 'ବିଧାତାଙ୍କ ସୃଷ୍ଟି', 'ମାନବ ପ୍ରଗତିର ଧାରା,' 'ଅଦ୍ୱୈତବାଦ,' ସତୀତ୍ୱ ଓ ନାରୀ,' 'ନାମେ ଭକ୍ତି,' 'ବିଶ୍ୱ ଦର୍ଶନରେ ମା' ବାପ' ଏବଂ ଇଂରାଜୀ ଭାଷାରେ ରଚିତ 'Om'

Digitized by PPRACHIN, SOA

ପ୍ରବନ୍ଧ ଏହାର ଉଦାହରଣ । ଏହା ବ୍ୟତୀତ "Religious and Philosophical Developments in Orissa' ଶୀର୍ଷକ ଭାଷଣରେ ସେ ଓଡ଼ିଶାର ଜାତୀୟ ଚେତନାରେ ଧର୍ମ ଓ ଦର୍ଶନ ମଧ୍ୟରେ ଥିବା ନିବିଡ଼ ସମ୍ପର୍କର ସୂଚନା ଦେଇଛନ୍ତି ।

ଉପରୋକ୍ତ ସମସ୍ତ ରଚନାରେ ନୀଳକଣ୍ଠଙ୍କ ବିଚାରଧାରା ନିମ୍ନୋକ୍ତ ଭାବେ ଦର୍ଶାଇ ଦିଆଯାଇପାରେ :

## ଧର୍ମ-ସମନ୍ୱୟର ଦେଶ-ଭାରତ :

'ପୃଥିବୀର ଚାରି ପ୍ରଧାନ ଧର୍ମ' ଶୀର୍ଷକ ପ୍ରବନ୍ଧରେ ନୀଳକଣ୍ଠ ପୃଥିବୀର ଶ୍ରେଷ୍ଠ ଚାରିଧର୍ମ-ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟ, ମୁସଲମାନ ଧର୍ମର ପରିଚୟ ପ୍ରଦାନ କରି ତନ୍ମଧ୍ୟରେ ହିନ୍ଦୁଧର୍ମକୁ ଏକ ସାର୍ବଜନୀନ ଧର୍ମ ରୂପେ ପ୍ରତିଷ୍ଠା ଦେଇଛନ୍ତି । ତାଙ୍କ ମତରେ, ହିନ୍ଦୁ ଧର୍ମ ହେଉଛି, 'ସନାତନଧର୍ମ' । ଆଦିମକାଳରୁ ମାନବର ବିକାଶ ସଙ୍ଗେ ଯେଉଁ ବିଶ୍ୱ ଓ ଭଗବତ୍ ଭାବ ପ୍ରକଟିତ ହୋଇଛି, ତାହାର ପ୍ରତିଷ୍ଠା ଓ ପ୍ରଚାରହିଁ ହିନ୍ଦୁଧର୍ମର ମୂଳ ଲକ୍ଷ୍ୟ । କପିଳ, କଣାଦ, ବଦରାୟଣ, ଶଙ୍କର, ରାମାନୁଜ ଓ ଚୈତନ୍ୟ ପ୍ରଭୃତି ମହାପୁରୁଷମାନେ ବିଭିନ୍ନ ମାର୍ଗରେ ଏ ଧର୍ମର ପ୍ରଚାର କରିଥିଲେ ହେଁ, କେହି ଏହାର ଆଦିମପରମ୍ପରା କାଟି ନିଜମତ ଉପସ୍ଥାପନ କରି ନାହାନ୍ତି । ଆର୍ଯ୍ୟଜାତିର ସୃଷ୍ଟିଠାରୁ ଏ ଧର୍ମ ଆରମ୍ଭ ହୋଇ ଏ ପର୍ଯ୍ୟନ୍ତ ଲୋକର ସ୍ୱାଭାବିକ ଧର୍ମ ଭାବେ ବିକାଶ ପାଇ ଆସୁଅଛି ।

ଭାରତରେ ଧାର୍ମିକ ସମନ୍ୱୟ ସଂଘଟିତ ହୋଇଥିବା କଥା ନୀଳକଣ୍ଠ 'ଭାରତର ଧର୍ମବିକାଶ' ପ୍ରବନ୍ଧରେ ମଧ୍ୟ ଦର୍ଶାଇଛନ୍ତି । ଏଥିରେ ସେ ତନ୍ତ୍ର ସାଧନାର ନିର୍ବାଣ ବା ସର୍ବଶୂନ୍ୟ ଭାବ ଓ ବେଦର ପରମାତ୍ମାତତ୍ତ୍ୱ ବା ସର୍ବପୂର୍ଣ୍ଣତା ଭାବର ସମନ୍ୱୟ ଦର୍ଶାଇ ସେଥିରୁ ଭକ୍ତିଧର୍ମର ବିକାଶକ୍ରମ ସୂଚାଇଛନ୍ତି । ଆର୍ଯ୍ୟମାନେ ଭାରତକୁ ଆସିବା ପୂର୍ବରୁ ଅନାର୍ଯ୍ୟମାନଙ୍କ-ଠାରେ ଯେଉଁ ଅତିତମ ବା ଶୂନ୍ୟଧାରଣା ପ୍ରତିଷ୍ଠିତ ଥିଲା, ତାହାକୁ ଲେଖକ ଭାରତର ପ୍ରାଚୀନତମ ଧର୍ମ ରୂପେ ଗ୍ରହଣ କରିଛନ୍ତି । ସେହି ଧର୍ମ ଅନୁସାରେ ମହାଶୂନ୍ୟ ବା ଘୋର ଅନ୍ଧକାର ମଧ୍ୟରୁ ଜଗତର ସୃଷ୍ଟି । ଏହି ଅତିତମ ଅନ୍ଧକାର ହେଉଛି, କୃଷ୍ଣବର୍ଣ୍ଣ ମହାକାଳ ବା ମହାଶୂନ୍ୟ । ମହାଶୂନ୍ୟରୁ ସୃଷ୍ଟିର ଧାରଣା ଅସମ୍ଭବ ବୋଧ ହେବାରୁ ଶୈବ ଓ ଶାକ୍ତଧର୍ମ ତଥା ତନ୍ତ୍ର ସାଧନାର ଉତ୍ପତ୍ତି ଘଟିଛି- ଏହି କଥା ଦର୍ଶାଇବାକୁ ଯାଇ ନୀଳକଣ୍ଠ ଲେଖିଛନ୍ତି–– "କୌଣସି

Digitized by PPRACHIN, SOA

ଶୂନ୍ୟତାରୁ ସୃଷ୍ଟିର ଧାରଣା କରିବା ଅସମ୍ଭବ । ତେଣୁ ଆଦିମ ଅତିତମ ଓ ମହାକାଳରୁ ସୃଷ୍ଟିର ଧାରଣା କରିବାକୁ ଯାଇ ମହାକାଳ ସଙ୍ଗେ ମହାକାଳୀ ଧାରଣାର ଉଦ୍‌ଭବ ହେଲା ଏବଂ ମହାକାଳର ପ୍ରତୀକ ଲିଙ୍ଗ ରୂପେ ଓ ମହାକାଳୀ ଯୋନି ରୂପେ ପ୍ରତିଭାତ ହେଲେ– ଏହାହିଁ ଶୈବ ଓ ଶାକ୍ତଧର୍ମର ବୀଜ ।" ( ୧ )

**ତନ୍ତ୍ରଧର୍ମ ଓ ବେଦଧର୍ମ :**

ନୀଳକଣ୍ଠଙ୍କ ବିଚାରରେ, ଆର୍ଯ୍ୟମାନେ ଅନାର୍ଯ୍ୟଙ୍କର ଅତିତମ ବା ଶୂନ୍ୟ ଧାରଣାରେ ସନ୍ତୁଷ୍ଟ ନ ହୋଇ ସମସ୍ତ ବିଶ୍ୱର ପ୍ରକାଶ ମଧ୍ୟରେ ଗୋଟିଏ ଶକ୍ତି ବା ଦେବତାର କଳ୍ପନା କରିଥିଲେ । କିନ୍ତୁ ତାଙ୍କର ଏହି ଧାରଣା ବାରମ୍ବାର ଅନାର୍ଯ୍ୟମାନଙ୍କ ଶୂନ୍ୟବାଦ ଦ୍ୱାରା ବାଧା ପ୍ରାପ୍ତ ହୋଇଥିଲା । ଫଳରେ ଆର୍ଯ୍ୟଙ୍କ ବେଦଧର୍ମରେ ମଧ୍ୟ ଶୂନ୍ୟତାର ଭାବ ମଧ୍ୟେ ମଧ୍ୟେ ପ୍ରତିଫଳିତ ହେଲା । ଏଥିପାଇଁ ପ୍ରାବନ୍ଧିକ ଋଗ୍‌ବେଦର 'ନାସଦୀୟ ସୂକ୍ତ'କୁ ଦର୍ଶାଇଛନ୍ତି–

"ନାସଦାସୀନ୍ନୋ ସଦାସୀତ୍ ତଦାନୀଂ
ନାସୀଦ୍ରଜୋ ନା ବ୍ୟୋମୋ ପରୋଯତ୍ ।"

ଏଠାରେ ଋଷି ଶୂନ୍ୟତା ମଧ୍ୟରେ ଅତିଷ୍ଠ ହୋଇ ଦ୍ରବ୍ୟର ସୂଚନା ବିଷୟରେ ନାନା ପ୍ରଶ୍ନ ଉତ୍‌ଥାପନ କରିଛନ୍ତି । ଏହି ଶୂନ୍ୟତାର ଭାବ କ୍ରମେ ବେଦଧର୍ମରେ ପୂର୍ଣ୍ଣତାରେ ପରିସ୍ଫୁଟ ହୋଇଅଛି । 'ଆଭୁଃ' ବା ଶୂନ୍ୟଗର୍ଭ' ପରେ 'ବ୍ରହ୍ମା' ବା 'ହିରଣ୍ୟଗର୍ଭ' ରୂପେ ପରିଚିତ ହୋଇଛନ୍ତି । ତେଣୁ ଋଷିକଣ୍ଠରୁ ନିର୍ଗତ ହୋଇଛି––

"ପୂର୍ଣ୍ଣମିଦଂ ପୂର୍ଣ୍ଣମଦଃ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦିଚ୍ୟତେ
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ।" ( ୨ )

ଏହିପରି ବୈଦିକ ସାହିତ୍ୟର ବହୁସ୍ଥାନରେ ଶୂନ୍ୟତା ଓ ପୂର୍ଣ୍ଣତାର ବିରୋଧ ଭାବ ପୁଣି ପରବର୍ତ୍ତୀ କାଳରେ ତନ୍ତ୍ରର ଶୂନ୍ୟ ଭାବକୁ ଗ୍ରାସ କରିଅଛି । ପ୍ରାବନ୍ଧିକଙ୍କ ଭାଷାରେ– "ଅତିପ୍ରାଚୀନ ତନ୍ତ୍ରଧର୍ମର ମହାଶୂନ୍ୟତା ବା ମହାକାଳ ସଙ୍ଗେ ଏହି ମହାପୂର୍ଣ୍ଣତା ବା ପରଂବ୍ରହ୍ମତ୍ୱ ଦେଖିଲେ, ଦୁଇଟି ସୃଷ୍ଟି ବୀଜର ସ୍ପଷ୍ଟ ଧାରଣା ହେବ । ଏହି ଦୁଇଟିର ଚିର ସଂଘର୍ଷ ଭାରତରେ ବରାବର ଲାଗି ରହିଅଛି । ଥରେ ଥରେ ଶୂନ୍ୟତା ଭୀଷଣ ପ୍ରଭାବରେ ଗ୍ରାସ କରୁଅଛି । କିନ୍ତୁ ଶୂନ୍ୟତାରେ ମାନବ ଜୀବନର ସ୍ଥିତି ବା ଶାନ୍ତି ସ୍ଥିର ରହୁନାହିଁ । ସେଥିପାଇଁ ଶୂନ୍ୟତା ମଧ୍ୟରେ ପୁଣି ପୂର୍ଣ୍ଣତାର ଧାରଣା ପ୍ରକାଶ ପାଉଅଛି ।" ( ୩ ) ଓଡ଼ିଶାରେ ତନ୍ତ୍ରଧର୍ମର ପ୍ରାଧାନ୍ୟ ଦର୍ଶାଇ ନୀଳକଣ୍ଠ

( ୧ ) 'ଭାରତର ଧର୍ମବିକାଶ' –ନବଭାରତ ––୧/୭ସଂଖ୍ୟା –ପୃଷ୍ଠା–୪୯୫
( ୨ ) ବୃହଦାରଣ୍ୟକୋପନିଷଦ–– ୫ମ ଅଧ୍ୟାୟ, ୧ମ ବ୍ରାହ୍ମଣ–୧ମ ଶ୍ଳୋକ ।
(୩) ନବଭାରତ– ୧/୭ ସଂଖ୍ୟା–ପୃଷ୍ଠା–୪୯୮ ।

Digitized by PPRACHIN, SOA

'ଦଶହରା ଓ କୁମାର ପୂର୍ଣ୍ଣିମା' ପ୍ରବନ୍ଧରେ ଲେଖିଛନ୍ତି-- "ଏଇ ଦେବୀ ତନ୍ତ୍ରଧର୍ମ ନାନାଭାବରେ ଏ ଦେଶରେ ପ୍ରକାଶ ପାଇଛି । ଏଥିରେ ଗୋଟିଏ ହେଉଛି ତନ୍ତ୍ର । ଅପରଟି ଯୋଗ । ତନ୍ତ୍ରର ସାଧନା ପ୍ରାକୃତ ସାଧନା; ଯୋଗର ସାଧନା ନିର୍ବାଣର ସାଧନା । ବହୁକାଳ ଯାଏ ଓଡ଼ିଶା ଯଥାର୍ଥଭାବରେ ଏଇ ଯୋଗ ସାଧନାର କ୍ଷେତ୍ର ଥିଲା ।" ( ୧ )

## ବେଦଧର୍ମ କ୍ଷତ୍ରିୟର ଧର୍ମ :

ପୁରୋହିତ ବ୍ରାହ୍ମଣମାନେ ବେଦଧର୍ମକୁ ସ୍ୱଜାତି ପରମ୍ପରା ବୋଲି ଦାବୀ କଲେହେଁ ନୀଳକଣ୍ଠଙ୍କ ଯୁକ୍ତିରେ ବେଦଧର୍ମ ନିଷ୍କର୍ମା ବ୍ରାହ୍ମଣଙ୍କର ନୁହେଁ, ଏହା କର୍ମୀ କ୍ଷତ୍ରିୟର ଧର୍ମ । ନିଷ୍କାମ କର୍ମ ସାଧନା ବେଦଧର୍ମର ଆଦର୍ଶ । ବେଦୋତ୍ତର କାଳରେ ମଧ୍ୟ କର୍ମରେ ଅନାସକ୍ତ ରହି ମୁକ୍ତିସାଧନା ପଥରେ ଅଗ୍ରସର ହେବାପାଇଁ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଉପଦେଶ ଦେଇଛନ୍ତି । ସୂର୍ଯ୍ୟ ଅନାସକ୍ତ ଭାବେ ସର୍ବତ୍ର ସମାନ କିରଣ ପ୍ରଦାନ ପୂର୍ବକ ଲୋକ ପାଳନ କରୁଥିବାରୁ ସେ ଏ କ୍ଷେତ୍ରରେ କ୍ଷତ୍ରିୟଙ୍କ ଗୁରୁ ଏବଂ ଆଦିକ୍ଷତ୍ରିୟ ରୂପେ ପରିଚିତ ହୋଇଥିବାର ଲେଖକ ଦର୍ଶାଇଛନ୍ତି ।

ଅପର ପକ୍ଷରେ ବ୍ରାହ୍ମଣମାନଙ୍କୁ ନିଜର ଜୀବିକା ଅର୍ଜନ ପାଇଁ ବିଶେଷ କିଛି କାୟିକ କର୍ମ କରିବାକୁ ପଡୁ ନଥିଲା । ପୂଜାପାଠ ଓ ମନ୍ତ୍ରପାଠ କରି ସେ ପ୍ରାୟତଃ ନିଷ୍କର୍ମା ରହୁଥିଲେ । ତନ୍ତ୍ର ମୂଳ ଶୂନ୍ୟତାର ପ୍ରଭାବ ତାଙ୍କ ଉପରେ ଅଧିକ ପଡ଼ିଥିଲା । ତେଣୁ ସେମାନେ ବେଦର ମୌଳିକ ନିଷ୍କାମ ଧର୍ମକୁ ନିଷ୍କର୍ମ ବା କର୍ମହୀନତା ବା କର୍ମ ତ୍ୟାଗରେ ରୂପାନ୍ତରିତ କରି ଶୂନ୍ୟ ଉପାସନାର ପ୍ରଚାର କଲେ । ତାହାକୁ 'ଜ୍ଞାନମାର୍ଗ' କୁହାଗଲା । ଏହାର ପ୍ରଚାର ଫଳରେ ବେଦ- ନିର୍ଦ୍ଦେଶିତ ଧର୍ମଭାବ ବା ନିଷ୍କାମ କର୍ମବାଦ କ୍ରମେ ଲୋପ ପାଇଲା ବୋଲି ପ୍ରାବନ୍ଧିକ ନୀଳକଣ୍ଠ ଇଂଗିତ ଦେଇଛନ୍ତି । ତାଙ୍କ ମତରେ ପୁଣି ଏଇ କର୍ମ ତ୍ୟାଗରୁ ସାଂଖ୍ୟର ପ୍ରକୃତି-ପୁରୁଷ ବାଦର ସୃଷ୍ଟି । ସେଥିରେ ପୁରୁଷ ନିଷ୍କ୍ରିୟ, ପ୍ରକୃତି ସକ୍ରିୟ ।

## ତନ୍ତ୍ର ଓ ଯୋଗ :

ସମସ୍ତ ଭାରତୀୟ ଧର୍ମ, ଦର୍ଶନ ଓ ନୀତିର ମୂଳ ଉଦ୍ଦେଶ୍ୟ ହେଉଛି, ମନୁଷ୍ୟର ଶାନ୍ତି ଲାଭର ଉପାୟ ଉଦ୍ଭାବନ । ଏଥିରୁ ବାହାରିଛି ବିଭିନ୍ନ ଧର୍ମଧାରଣା ଓ ଧର୍ମ ସାଧନା । ପଣ୍ଡିତ ନୀଳକଣ୍ଠ ଏହି ଧର୍ମ ଧାରଣାକୁ 'ତନ୍ତ୍ର' ଓ ଧର୍ମ ସାଧନାକୁ 'ଯୋଗ'

(୧) ନବଭାରତ- କୁମାରପୂର୍ଣ୍ଣମୀ ସଂଖ୍ୟା -୨୪/୧୦/୧୯୪୨-ପୃଷ୍ଠା-୧୦

Digitized by PPRACHIN, SOA

ଅର୍ଥରେ ଗ୍ରହଣ କରିଛନ୍ତି । ବେଦ ଧର୍ମୀଙ୍କ ଉକ୍ତି ଅନୁଯାୟୀ 'ଜ୍ଞାନ' ହେଉଛି ସଂଖ୍ୟା । ଏହାକୁ ଆୟତ୍ତ କଲେ ଯୋଗର ଆବଶ୍ୟକତା ରହେ ନାହିଁ । ଏହି ଜ୍ଞାନହିଁ ତତ୍ତ୍ୱ । ପୁଣି ମହାଶୂନ୍ୟତାର ଭବରେ ଚିତ୍ତକୁ ଦୃଢ଼ ରଖିବାପାଇଁ ଯେଉଁ ସାଧନା ଆବଶ୍ୟକ ତାହାରି ନାମ 'ଯୋଗ' । (୧)

## ଶୂନ୍ୟ ଧାରଣା-ପରମାତ୍ମା ଧ୍ୟାନ ଓ ଭକ୍ତିମାର୍ଗ :

ପ୍ରାଚୀନ ତତ୍ତ୍ୱ ଅନୁସାରେ କର୍ମବନ୍ଧନ ତ୍ୟାଗ ପୂର୍ବକ ଶୂନ୍ୟରେ ଧ୍ୟାନ ସ୍ଥିର ରଖି ସିଦ୍ଧି ବା ନିର୍ବାଣ ଲାଭ କରିବା ହିଁ ଯୋଗ ମାର୍ଗର ପ୍ରଧାନ ଉପାୟ । କିନ୍ତୁ ଶୂନ୍ୟରେ ଧ୍ୟାନ ଦୃଢ଼ ନ ରହିବାରୁ ଯୋଗୀମାନେ ଶୂନ୍ୟତାର ଚିନ୍ତାରେ ମହାକାଳ ଓ ମହାକାଳୀ ବା ଶିବ ଓ ଶକ୍ତିଙ୍କ ଧ୍ୟାନରେ ମନ ଦେଲେ । ଏଥିରୁ ତନ୍ତ୍ର ଧର୍ମର ଉତ୍ପତ୍ତି । ପରବର୍ତ୍ତୀ କାଳରେ ତନ୍ତ୍ରଧର୍ମୀଙ୍କ ଶୂନ୍ୟତାରେ ବେଦଧର୍ମୀମାନେ ପୂର୍ଣ୍ଣତାର କଳ୍ପନା କରିବାର ପୂର୍ଣ୍ଣ ପରମାତ୍ମାଙ୍କ ଠାରେ ଧ୍ୟାନହିଁ ଅଖଣ୍ଡ ଶାନ୍ତି ଲାଭର ପ୍ରଧାନ ଉପାୟ ରୂପେ ଗୃହୀତ ହେଲା । ଏଇଥିରୁ ଭକ୍ତିମାର୍ଗର ଉଦ୍ଭବ ଦର୍ଶାଇ ନୀଳକଣ୍ଠ ଲେଖିଛନ୍ତି- ପରବର୍ତ୍ତୀ କାଳରେ ପରମାତ୍ମାର ଧ୍ୟାନ ମଧ୍ୟ ସେହିପରି ଅସ୍ଥିର ହେବାରୁ ଧର୍ମ ସାଧନରେ ଭକ୍ତିମାର୍ଗ ସ୍ପଷ୍ଟ ବାହାରି ପଡ଼ିଥିଲା । ବସ୍ତୁତଃ ଭକ୍ତି ଧ୍ୟାନ ଯୋଗର ଗୋଟିଏ ଅବାନ୍ତର ବିଭବ ମାତ୍ର । (୨)

## ଭାଗବତ ଧର୍ମ ବା ଭକ୍ତିଧର୍ମ ହେଉଛୁ ବେଦ ବହିର୍ଭୂତ ଧର୍ମ

ନୀଳକଣ୍ଠ ଭାଗବତ ଧର୍ମକୁ 'ଭକ୍ତିଧର୍ମ, ଆଖ୍ୟା ଦେଇ ତାକୁ ପ୍ରତିଷ୍ଠା ଦେବା ପାଇଁ କୁଣ୍ଠା ପ୍ରକାଶ କରିଛନ୍ତି । ସେ କହନ୍ତି, ଭାଗବତ ଧର୍ମହିଁ ଭାରତରେ ଭକ୍ତିଧର୍ମ । "ଏଥିରେ ବୁଦ୍ଧି ବିବେକ ଖର୍ଚ୍ଚ କରିବାର ନାହିଁ । ମହାପାପ କଲେ ମଧ୍ୟ ଭକ୍ତକୁ ଭଗବାନ ଅନୁଗ୍ରହ କରି ଉଦ୍ଧାର କରନ୍ତି ।" (୩) ଏହି ଯୁକ୍ତିହୀନ ବିବେକହୀନ ଭକ୍ତି-ଧର୍ମକୁ ସେ 'ମିଥ୍ୟା ଦର୍ଶନ ଶଲ୍ୟ' କହି ନୀଳକଣ୍ଠ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ଗ୍ରନ୍ଥରେ କଠୋର ସମାଲୋଚନା କରିଛନ୍ତି ।

ଭାଗବତ ଧର୍ମର ଉତ୍ପତ୍ତି ଓ ପ୍ରାଚୀନତା ସଂପର୍କରେ ପ୍ରାବନ୍ଧିକ ନୀଳକଣ୍ଠ କହନ୍ତି, "ଭାଗବତ ଧର୍ମ ବିଷୟରେ ବେଦ ନୀରବ ଥିଲେ ହେଁ, 'ଭଗ' ଶବ୍ଦ ଏଥିରେ ମଙ୍ଗଳକର ଅର୍ଥରେ ବ୍ୟବହୃତ ହୋଇଅଛି । ଏହି 'ଭଗ' ଯାହାଠାରେ ଅଛି, ସେ ହେଲେ ଲୋକ

---

(୧) ଭାରତର ଧର୍ମ ବିକାଶ ନବଭାରତ-୨।୮, ପୃଷ୍ଠା-୫୮୬ ।

(୨) ତତ୍ରୈବ-ପୃଷ୍ଠା-୫୮୭ ।

(୩) 'ଭାଗବତଧର୍ମ'-ନବଭାରତ-ନୂଆପ୍ରସ୍ଥ୨-/୬ ୭ ସଂଖ୍ୟା ।

Digitized by PPRACHIN, SOA

ମଙ୍ଗଳକାରୀ ବା 'ଭଗବତ୍' ବା 'ଭଗବାନ' । ଏହି 'ଭଗବତ୍'ଙ୍କୁ ଧରି ବିକାଶ ପାଇ-ଥିବା ଧର୍ମ ହେଲା 'ଭଗବତଧର୍ମ' । 'ବିଷ୍ଣୁପୁରାଣ' ଅନୁଯାୟୀ, ଅଣିମାଦି ଅଷ୍ଟ ଐଶ୍ୱର୍ଯ୍ୟ, ଧର୍ମ, ଯଶ, ସମ୍ପତ୍ତି ଜ୍ଞାନ ଓ ବୈରାଗ୍ୟ—ଏହି ଛ'ଗୋଟି ଏକାଠି ହେଲେ 'ଭଗ' ହୁଏ । ଏହି ଭଗ ଯାହାର ଅଛି ସେ ଭଗବାନ । କିନ୍ତୁ ନୀଳକଣ୍ଠଙ୍କ ବିଚାରରେ 'ଭଗବତଧର୍ମ'-ବେଦ ବା ପୁରାଣର ଧର୍ମ ନୁହେଁ । ତାହା ବେଦ ବାହାର ଧର୍ମ ବା 'ଆଗମଧର୍ମ'—"ଶୈବଧର୍ମ, ଶାକ୍ତଧର୍ମ ଓ ଭାଗବତଧର୍ମ ପରି ଧର୍ମମାନ ବୈଦିକ ନୁହେଁ । ବୈଦିକ ଭାଷାରେ ସେ ସବୁର ନାମ 'ଆଗମ' ବୋଲି କୁହାଯାଇଛି । 'ଆଗମ'ର ଅର୍ଥ—ଯାହା ବାହାରୁ ଆସିଛି—'ନିଗମ' ବା ବେଦ ନୁହେଁ ।"

ଭାଗବତଧର୍ମ ପ୍ରଥମେ ବାସୁଦେବ କୃଷ୍ଣଙ୍କୁ ଧରି ପ୍ରକାଶ (୧) ପାଇଥିଲା । ବେଦ ଧର୍ମ-ବିରୋଧୀ କୃଷ୍ଣ ସାତ୍ୱତ କୁଳରେ ଜନ୍ମ ଲଭ କରି ସେହି କୁଳରେ ଦେବତା ଭାବରେ ପୂଜା ପାଉଥିଲେ । ପରବର୍ତ୍ତୀ କାଳରେ ଏହି ବାସୁଦେବ କୃଷ୍ଣ 'ନାରାୟଣ' ରୂପେ ପରିଚିତ ହେଲେ । ନାରାୟଣ ଶବ୍ଦର ବ୍ୟାଖ୍ୟା କରି ନୀଳକଣ୍ଠ ଲେଖିଛନ୍ତି—"ଏହା ଏକ ଦ୍ରାବିଡ଼ ଶବ୍ଦ । ଏହାର ଅର୍ଥ ହେଉଛି, 'ନାର' ଅର୍ଥାତ୍ ଜଳର ବା ଜଳରୂପୀ ପୁରୁଷ । ସୁମେରୁ ସଭ୍ୟତା ପରି ପ୍ରାଚୀନ ଭାରତୀୟ ବା ଦ୍ରାବିଡ଼ ସଭ୍ୟତାରେ ଜଳ ହେଉଥିଲା-ବିଶ୍ୱପିତା । ତେଣୁ 'ନାରାୟଣ' ହେଲେ-ବିଶ୍ୱର ପରମେଶ୍ୱର ।" (୨)

ଭଗବତ ଧର୍ମର ବୈଶିଷ୍ଟ୍ୟ ଦର୍ଶାଇ ନୀଳକଣ୍ଠ ପୁଣି କହନ୍ତି—"ଏଇ ଧର୍ମର ଗୋଟିଏ ବିଶେଷ ଲକ୍ଷଣ ହେଉଚି, ଏଇ ଧର୍ମର ତତ୍ତ୍ୱ ଓ ମୁକ୍ତି ମାର୍ଗମାନ ଭଗବାନ ନିଜେ ଲୋକରେ ପ୍ରଚାର ହେବା ନିମନ୍ତେ ପ୍ରକାଶ କରି ବା ବୁଝାଇ କରି କୌଣସି ଭକ୍ତକୁ କହିବା, ଇଂରେଜିରେ ଏଇ କଥାଟାକୁ କହନ୍ତି—Revelation ।" (୩)

## ଜଗନ୍ନାଥ ଧର୍ମ

ପଣ୍ଡିତ ନୀଳକଣ୍ଠ ତାଙ୍କର ବିଭିନ୍ନ ଲେଖାରେ ଜଗନ୍ନାଥଧର୍ମର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି । ମାନବ ସମାଜ ତଥା ସଭ୍ୟତାର ବିକାଶରେ ଜଗନ୍ନାଥଙ୍କୁ ସାମ୍ୟ, ମୈତ୍ରୀ ଓ ମୁକ୍ତିର ଏକ ବିଗ୍ରହ ରୂପେ ପ୍ରତିଷ୍ଠାଦେଇ ସେ ଲେଖିଛନ୍ତି—"ଭେଦବୁଦ୍ଧି ଜନିତ ପ୍ରକୃତି କୁସଂସ୍କାର ଓ ଉପଧର୍ମର ଅଚ୍ଛେଦ୍ୟ ବନ୍ଧନ ମଧ୍ୟରେ ଜଗନ୍ନାଥ ଏକ ସାମ୍ୟ ମୈତ୍ରୀ, ଓ ମୁକ୍ତିର ଆଦର୍ଶ, ଏଇ ଆଦର୍ଶର ସ୍ପଷ୍ଟ ବିଗ୍ରହ ରୂପେ

---

(୧) 'ଭଗବତଧର୍ମ' -ନବଭାରତ ନୂଆପର୍ଯ୍ୟାୟ ୨/୬ ୭ ସଂଖ୍ୟା ।

(୨) ଭଗବତଧର୍ମ (୨)—'ନବଭାରତ' ନୂଆପର୍ଯ୍ୟାୟ—୨/୮ମ ସଂଖ୍ୟା—ପୃ ୨୭୮

(୩) ତତ୍ରୈବ—ପୃ ୨୭୭—୭୮

Digitized by PPRACHIN, SOA

ଜଗନ୍ନାଥ ଧର୍ମ ଦିନେ ବିକାଶ ପାଇଥିଲ । ଉତ୍କଳ ଭାବଗର୍ଜ୍ୟର ଏହାଇ ପୁଣ୍ୟ ପରମ୍ପରା । ” ( ୧ )

## ଜଗନ୍ନାଥ-ଜୀନଦେବ

ଗବେଷକ ନୀଳକଣ୍ଠ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଲିଖିତ 'ସର୍ବ ବୁଦ୍ଧମୟଂ ସିଦ୍ଧି' କଥାଟିକୁ ଶାକ୍ୟମୁନିଙ୍କ ବୁଦ୍ଧତ୍ ଅର୍ଥରେ ଗ୍ରହଣ କରି ନାହାନ୍ତି । ସେ କହନ୍ତି, ଜଗନ୍ନାଥ ହେଉଛନ୍ତି ଜୈନ ସିଦ୍ଧିର ପ୍ରତୀକ । ଜୀନଦେବ-ଜଗନ୍ନାଥଙ୍କୁ ବୌଦ୍ଧାବତାର କରିବାର ଦୁଇଗୋଟି କାରଣ ସେ ଦର୍ଶାଇଛନ୍ତି—- ସେ ( ଜଗନ୍ନାଥ ) ଜୈନଦେବ । ଜୈନମାନେ ପରେ ନିଜକୁ ବୌଦ୍ଧ ବୋଲି କହିଲେ । ସେମାନେ ପରେ ଜଗନ୍ନାଥଙ୍କୁ ମଧ୍ୟ ବୌଦ୍ଧ କରିବାରେ ଆରମ୍ଭ କରିଦେଲେ । ” (୨) ସେ ପୁଣି ଖାରବେଳଙ୍କ ହାତୀ ଗୁମ୍ଫା ଶିଳାଲିପିକୁ ଭିତ୍ତିକରି ଜଗନ୍ନାଥଧାମ ଜୈନ ସାଧନା ଓ ଉପାସନାର କ୍ଷେତ୍ର ଥିବାର ଉଲ୍ଲେଖ କରିଛନ୍ତି- "ଏହିଠାରେ କଳିଙ୍ଗ ଜୀନ ବା କଳିଙ୍ଗର ଜୀନାସନକୁ ୧୦୩ ବର୍ଷ ପୂର୍ବେ ମଗଧର ନନ୍ଦରାଜା କଳିଙ୍ଗ ଜିଣି ମଗଧକୁ ଘେନି ଯାଇଥିଲେ । ଖାରବେଳ ପୁଣି ମଗଧ ଜିଣି ତାହା କଳିଙ୍ଗକୁ ଫେରାଇ ଆଣିଥିଲେ । ଏହି ଜୈନ-ଉପାସନାର ସଙ୍କେତ ବୁଦ୍ଧଙ୍କ ସ୍ମାରକ ରୂପେ ପ୍ରତିଷ୍ଠା ଦେବାପାଇଁ ସେକାଳ ବୌଦ୍ଧମାନେ ଖୁବ୍ ଉଦ୍ୟମ କରିଥିଲେ । ଜଗନ୍ନାଥଙ୍କୁ ବୌଦ୍ଧାବତାର କରିବାର ଅନ୍ୟତମ କାରଣ ମଧ୍ୟ ସେଇୟା ।" ( ୩ ) କେବଳ ସେତିକି ନୁହେଁ, ଜଗନ୍ନାଥ କୈବଲ୍ୟ କଥାଟିରେ ମଧ୍ୟ ପ୍ରାବନ୍ଧିକ ଜୈନମୂଳକୁ ଖୋଜି ଦେଖାଇ ଜଗନ୍ନାଥଙ୍କ ଜୈନ ଭିତ୍ତିକୁ ଦୃଢ଼ କରିଛନ୍ତି—- 'କୈବଲ୍ୟ କଥାଟି ମୂଳତଃ ଗୋଟିଏ ଜୈନ କଥା, ଜୈନମାନେ ନିଜର ନିର୍ବାଣ ସାଧନାରେ ଜୀବକୁ ଅଜୀବଠାରୁ ଅଲଗାକରି କେବଳ ଜୀବସ୍ୱରୂପ ହୋଇ ଯିବାରେ ଲାଗନ୍ତି । ଏହି କେବଳ ଜୀବର ଅବସ୍ଥାକୁ କହନ୍ତି, 'କୈବଲ୍ୟ' । ଏହି କୈବଲ୍ୟ ଆସିଗଲେ ଦେହତ୍ୟାଗ ମାତ୍ରେ ନିର୍ବାଣ ବା ମୁକ୍ତି ମନକୁ ହୁଏ । ଜଗନ୍ନାଥଙ୍କଠାରେ ଜୀବଦଶାରେ ଯେଉଁ ମୁକ୍ତି ମିଳେ ତାହାର ନାମଟି ହେଉଚି କୈବଲ୍ୟ । ଅନ୍ୟତ୍ର ଏହି ଅର୍ଥରେ ଏ ନାମ ନାହିଁ ।" ( ୪ ) ଜଗନ୍ନାଥଙ୍କ ଠାରେ 'ନାମ' ଶବ୍ଦର ପ୍ରୟୋଗ ମୂଳରେ ଜୈନ ପରମ୍ପରା ଥିବାର ସେ ଅନ୍ୟତ୍ର ସୂଚାଇଛନ୍ତି—- "ଯେପରି ଜୈନମାନଙ୍କ ଭିତରେ ଋଷଭନାଥ, ଆଦିନାଥ,

(୧) ଜଗନ୍ନାଥଧର୍ମ (ଐତିହାସିକ ସୂଚନା)-ନବଭାରତ-୧/୨ୟ ସଂଖ୍ୟା-ପୃ ୧୦୯

(୨) ଜଗନ୍ନାଥଧର୍ମ-ଉତ୍କଳ ସାହିତ୍ୟ -ନୂଆପର୍ଯ୍ୟ-୧/୯ମ ସଂଖ୍ୟା

(୩) ତତ୍ରୈବ-

(୪) ତତ୍ରୈବ-ପୃ ୩୯୮

Digitized by PPRACHIN, SOA

ନେମିନାଥ, ପାର୍ଶ୍ୱନାଥ ପ୍ରଭୃତି, ଏ ସେହିପରି ଜଗତ୍ ସ୍ୱରୂପ ଉପାସ୍ୟ ପୁରୁଷର ନାମ 'ଜଗନ୍ନାଥ' । " ( ୧ )

'ରଥଯାତ୍ରା' ପ୍ରବନ୍ଧରେ ନୀଳକଣ୍ଠ ପୁଣି ଜଗନ୍ନାଥଙ୍କୁ ଶବର ଦେବତା ରୂପେ ପ୍ରତିଷ୍ଠା ଦେଇଛନ୍ତି, କିମ୍ବଦନ୍ତୀରୁ ଜଣାଯାଏ, ଜୋଙ୍କନଦୀ ଓ ମହାନଦୀ ମଝିରେ ଜଗନ୍ନାଥ ଶବର ନାରାୟଣ ନାମରେ ପ୍ରତିଷ୍ଠିତ ଥିଲେ । ନୀଳକଣ୍ଠଙ୍କ ମତରେ ପ୍ରାଚୀନ କୌଶଳ ଅଞ୍ଚଳର ଶବରମାନେ ଜଗନ୍ନାଥଙ୍କୁ କାଠଡିଆରି ମୂର୍ତ୍ତି ରୂପେ ପୂଜା କରୁଥିଲେ । ଜୈନ ଦେବ ରୂପେ ପୂଜା ପାଇବା ପରେ ଜଗନ୍ନାଥ ଶବର ଦେବ ହୋଇଛନ୍ତି ବୋଲି ଯୁକ୍ତି ଦର୍ଶାଇ ସେ ଲେଖିଛନ୍ତି— "ଏହି ଜୈନଦେବ ଉତ୍ତର ଭାରତର ବିଷ୍ଣୁ ଉପାସକ ବୈଦିକମାନଙ୍କର ହୋଇଥିଲେ ବିଷ୍ଣୁ । ସେଇ ବିଷ୍ଣୁ ରୂପରେ ଯେ ଶବର ଦେବଙ୍କୁ ଅନନ୍ତ ମୈତ୍ରୀରେ ନିଜର ଅଙ୍ଗୀଭୂତ କରିଥିଲେ କିମ୍ବା ଜୈନ ଶବରମାନେ ବୈଦିକ ବୈଷ୍ଣବଙ୍କ ସଙ୍ଗେ ମିଶି ଜଗନ୍ନାଥଙ୍କୁ କରିଥିଲେ ବିଷ୍ଣୁ ବା ସର୍ବବ୍ୟାପୀ ବିଶ୍ୱଦେବ । "

ଜୈନ ତୀର୍ଥଙ୍କରମାନଙ୍କ ଉତ୍ସବରେ ଅନୁଷ୍ଠିତ ରଥଯାତ୍ରାରୁ ଜଗନ୍ନାଥଙ୍କ ରଥଯାତ୍ରାର ପରିକଳ୍ପନା ବୋଲି ପ୍ରାବନ୍ଧିକ ନୀଳକଣ୍ଠ ମତ ଦିଅନ୍ତି । ସେ ପୁଣି "Hints on the significance and history of Jagannath" ଶୀର୍ଷକ ଇଂରାଜୀ ପ୍ରବନ୍ଧରେ ଜଗନ୍ନାଥଙ୍କ ମୂର୍ତ୍ତିତତ୍ତ୍ୱ ସମ୍ବନ୍ଧୀୟ ଯେଉଁ ନୂତନ ଆଲୋକର ସନ୍ଧାନ ଦେଇଛନ୍ତି, ସେଥିରୁ ତାଙ୍କ ସ୍ୱଭବ ପ୍ରସିଦ୍ଧ ମୌଳିକ ଚିନ୍ତାର ପରିଚୟ ମିଳେ । ପୁରାଣ ଅନୁସାରେ ପୁରୁଷୋତ୍ତମ ଜଗନ୍ନାଥ ପ୍ରଥମେ 'ନୀଳମାଧବ' ରୂପେ ପୂଜା ପାଉଥିଲେ । ଏହି ନୀଳମାଧବ ଥିଲେ ଏକ ନୀଳ ପଥର । ତେଣୁ ଏବେ ମଧ୍ୟ ପୁରୁଷୋତ୍ତମ କ୍ଷେତ୍ର 'ନୀଳାଦ୍ରି' ବା 'ନୀଳାଚଳ' ରୂପେ ଏବଂ ଜଗନ୍ନାଥ ନୀଳାଦ୍ରିନାଥ ରୂପେ ପରିଚିତ । ନୀଳକଣ୍ଠ କହନ୍ତି, 'ଅଚଳ, ବା 'ଅଦ୍ରି'ର ଅର୍ଥ ଏଠାରେ ପର୍ବତ ନୁହେଁ । ଏହା ଏକ ପଥର ଖଣ୍ଡ । ଶବର ବିଶ୍ୱାବସୁ ନୀଳ ପଥର ଖଣ୍ଡ (Black granite) କୁ ନୀଳମାଧବ ରୂପେ ପୂଜା କରୁଥିଲ । 'ନୀଳମାଧବ' ଶବ୍ଦରେ ଦ୍ରାବିଡ଼ ମୂଳକତା ଦର୍ଶାଇ ଲେଖକ ସେଥିରୁ ସୃଷ୍ଟିତତ୍ତ୍ୱର ଅନୁସନ୍ଧାନ କରିଛନ୍ତି—

"In old Dravidian ? again, Nila means 'blue'. 'Nilamadhava', therefore, represents a philosophy which means, 'from a noumenal nothingness were produced a phenomenal appearance." (୨)

---

( ୧ ) ରଥଯାତ୍ରା–ଉତ୍କଳ ସାହିତ୍ୟ–ନୂଆପ୍ରସ୍ଥ–୧ମଭାଗ/୪ର୍ଥସଂଖ୍ୟା–ପୃଷ୍ଠା–୧୫୭ ,

(୨) Hints on the significance and history of Jagannath.

Digitized by PPRACHIN, SOA

'ନୀଳମାଧବ' ଶବ୍ଦ ବୈଷ୍ଣବ ଯୁଗର ବହୁ ପୂର୍ବରୁ ପ୍ରଚଳିତ ଥିବାରୁ ଲେଖକ କହନ୍ତି, 'ନୀଳମାଧବ'ର ଅର୍ଥ ଲକ୍ଷ୍ମୀଙ୍କ ସ୍ୱାମୀ ବା ବିଷ୍ଣୁ ନୁହେଁ । ବର୍ଣ୍ଣ ଦୃଷ୍ଟିରୁ ଏହା ତ୍ରିମୂର୍ତ୍ତିର ମିଶ୍ରଣ–ନୀଳ (କଳା), ମା (ସୁବର୍ଣ୍ଣ) ଏବଂ ଧବ (ଧଳା) । ଏହି ତିନି ବର୍ଣ୍ଣରୁ ଯଥାକ୍ରମେ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ରଙ୍କର ଉନ୍ମେଷ । (୧)

## ନୀଳକଣ୍ଠଙ୍କ ଧର୍ମଚେତନା :

ନୀଳକଣ୍ଠଙ୍କ ଧର୍ମ ଚେତନା ଭକ୍ତିବାଦର ମିଥ୍ୟାଗ୍ରର ଦ୍ୱାରା କଳୁଷିତ ନୁହେଁ । ସେ ଧର୍ମକୁ ରକ୍ଷଣଶୀଳତାର ସୂଚୀପତ୍ର ରୂପେ ଗ୍ରହଣ କରି ନାହାନ୍ତି । ଧର୍ମର ଅହମିକାରେ ଅମାନୁଷିକ ଆଚରଣକୁ ମଧ୍ୟ ସେ ପ୍ରଶ୍ରୟ ଦେଇ ନାହାନ୍ତି । ଧର୍ମ ମାଧ୍ୟମରେ ମନୁଷ୍ୟର ଆତ୍ମ ଜିଜ୍ଞାସା ଓ ଆତ୍ମ ବିକାଶର ଜୟଗାନ କରି ସେହି ଆଧ୍ୟାତ୍ମ ଧର୍ମକୁ ସେ ଭାରତୀୟର ମୌଳିକ ଧର୍ମଭାବେ ପ୍ରତିଷ୍ଠା ଦେଇଛନ୍ତି । ତାଙ୍କ ଭାଷାରେ– "ଆତ୍ମ ଭାବରେ ଜାତିଭେଦ, ଭାଷାଭେଦ ପ୍ରଭୃତି ମନୁଷ୍ୟ ମଧ୍ୟରେ ଯେ ସବୁ ଭେଦ ଫୁଟିଛି, ତାହା ରହିବା ସମ୍ଭବ ନୁହେଁ । ସେହି ହେଉଚି, ଭାରତର ମୌଳିକ ଧର୍ମ । ସେହି ମୌଳିକ ଧର୍ମରେ ଭକ୍ତିଭାବ ପଶିଲେ ମନୁଷ୍ୟ କ୍ରମେ କ୍ଷୁଦ୍ରତ୍ୱ ଓ ଆତ୍ମିକତା ତଥା ଚରିତ୍ରବତ୍ତା ପ୍ରଭୃତି ମନୁଷ୍ୟର ଯେଉଁ ଗୁଣ ବିକଶିତ ହେଲେ ପୃଥିବୀରେ ସାମ୍ୟ ଓ ମୈତ୍ରୀ ଭାବ ଫୁଟିବ ବୋଲି ଆଜି କଳ୍ପନା କରାଯାଉଚି, ତାହା ବ୍ୟାହତ ହେବ ।" (୨)

## ଦାର୍ଶନିକ ନୀଳକଣ୍ଠ :

ଦର୍ଶନ ଶାସ୍ତ୍ରରେ ଏମ୍. ଏ. ପାସ୍ କରିଥିଲେ ବୋଲି ନୀଳକଣ୍ଠ ଦାର୍ଶନିକ ଭାବେ ପରିଚିତ ନୁହନ୍ତି । ବହୁ ଶାସ୍ତ୍ର ଅଧ୍ୟୟନ କରି ସେ ପ୍ରକୃତ ଜ୍ଞାନୀ ହୋଇ ପାରିଥିଲେ । ପ୍ରକୃତ ଜ୍ଞାନୀ ଅର୍ଥାତ୍ କାଳ ଓ ସ୍ଥିତିର ପ୍ରକୃତ ଦ୍ରଷ୍ଟା । ତେଣୁ ସେ ଦାର୍ଶନିକ, ଏହି ମର୍ମରେ ପ୍ଲାଟୋ କହିଥିଲେ– "The Philosophers are the spectators of all times and existence" ଅର୍ଥାତ୍ ଦାର୍ଶନିକ ମାନେହିଁ ସବୁ ସମୟର ଓ ସବୁ ସ୍ଥିତିର ଦ୍ରଷ୍ଟା– ଦୂରଦ୍ରଷ୍ଟା । ଏହି ଦୃଷ୍ଟିରୁ ବିଗ୍ୱର କଲେ ପଣ୍ଡିତ ନୀଳକଣ୍ଠ ଯଥାର୍ଥରେ ଜଣେ ଦାର୍ଶନିକ ।

ପାଶ୍ଚାତ୍ୟ ଦର୍ଶନଠାରୁ ଭାରତୀୟ ଦର୍ଶନ ପରଂପରାର ପାର୍ଥକ୍ୟ ହେଉଛି, ପାଶ୍ଚାତ୍ୟ ଦର୍ଶନରେ ଚିନ୍ତା ଓ ବୁଦ୍ଧି ଉପରେ ଗୁରୁତ୍ୱ ଦିଆଯିବା ସ୍ଥଳେ ଭାରତୀୟ

---

(୧) The cult of Jagannath–୨୪ ପୃଷ୍ଠା ଦ୍ରଷ୍ଟବ୍ୟ ।

(୨) ଆତ୍ମଜୀବନ–ନୀଳକଣ୍ଠ ଗ୍ରନ୍ଥାବଳୀ - ୧ମ ଭାଗ–ପୃ ୯୨–୯୩

Digitized by PPRACHIN, SOA

ଦର୍ଶନରେ ଅନ୍ତର୍ଦୃଷ୍ଟି ଓ ଅନୁଭବ ଉପରେ ପ୍ରାଧାନ୍ୟ ଆରୋପିତ । 'ଦର୍ଶନ' ଶବ୍ଦର ଏଇ 'ଅନ୍ତର୍ଦୃଷ୍ଟି' ଅର୍ଥ ଉପରେ ଗୁରୁତ୍ୱ ଆରୋପ କରି ନୀଳକଣ୍ଠ ଲେଖିଛନ୍ତି– "ଦର୍ଶନ ଶବ୍ଦଟିର ପାରିଭାଷିକ ବ୍ୟାପ୍ତି ଯାହାହେଉ, କଥାଟିର ଅର୍ଥ ହେଉଚି– 'ଦେଖିବା' ଏଇ 'ଦେଖିବା' ବୋଇଲେ, ବିଶ୍ୱ ସଂପର୍କରେ ବ୍ୟକ୍ତିକୁ ଦେଖିବା । ବିଶ୍ୱ ସଂପର୍କରେ ବ୍ୟକ୍ତିକୁ ଦେଖିବା ସଙ୍ଗତି କେଉଁଠାରେ ? ମାନବ ପାଇଁ ସେ ସଙ୍ଗତିଟି ହେଉଚି, ସମାଜ ସଂପର୍କରେ ନିଜକୁ ଦେଖିବା ।" (୧)

ମାନବ ସମାଜର କ୍ରିୟା ଓ ପ୍ରତିକ୍ରିୟା ସମ୍ବନ୍ଧରେ ପ୍ରତ୍ୟକ୍ଷ ଅନୁଭୂତିରୁ ନୀଳକଣ୍ଠଙ୍କର ଯେଉଁ ଅନ୍ତର୍ଦୃଷ୍ଟି ଫିଟିଥିଲା, ତାଙ୍କ ରଚିତ ଦର୍ଶନ ମୂଳକ ପ୍ରବନ୍ଧଗୁଡ଼ିକରେ ତାହାର ପରିପ୍ରକାଶ ଘଟିଅଛି । ତାଙ୍କ ଅନୁଭୂତି ଓ ଅନ୍ତର୍ଦୃଷ୍ଟି ଦିଗନ୍ତ–ବିସ୍ତାରୀ । ମାନବ ସମାଜର ଉନ୍ନତି କଳ୍ପେ ସମାଜରେ ଦେଖା ଦେଇଥିବା ବିଭିନ୍ନ ସମସ୍ୟା ପ୍ରତି ତାଙ୍କ ଦାର୍ଶନିକ ଦୃଷ୍ଟି ସଂପ୍ରସାରିତ । ତାହା ଧର୍ମ ଓ ଈଶ୍ୱର ସମ୍ବନ୍ଧୀୟ ମତବାଦ, ବୈଦିକତତ୍ତ୍ୱ ମାନବ ସମାଜର ପ୍ରଗତି, ସ୍ତ୍ରୀ ଜାତିର ଭୂମିକା ଓ ଯୌବନ କାଳର ପ୍ରଭାବ ପ୍ରଭୃତି ବିଭିନ୍ନ ପ୍ରସଙ୍ଗ ଉପରେ ଆଧାରିତ ।

## ମାନବ କଳ୍ପନାରେ ବିଧାତା :

ମାନବର ସୁବିଧା ଲାଗି ପରିକଳ୍ପିତ ବିଧାତାକୁ ସୃଷ୍ଟିର କର୍ତ୍ତା ଭାବେ ସ୍ୱୀକାର କରିବା ପାଇଁ ଯୁକ୍ତିବାଦୀ ଦାର୍ଶନିକ ନୀଳକଣ୍ଠ ପରାଙ୍‌ମୁଖ ହୋଇଛନ୍ତି । ତାଙ୍କ ମତରେ, ଶାନ୍ତ ମାନବ ନିଜକୁ ପୂର୍ବୋତ୍ତର ପୁରୁଷ ପରଂପରରେ ଅନନ୍ତ ମନେକରି ତା'ର ସେଇ ନିରବଚ୍ଛିନ୍ନ ଜୀବନଧାରାରେ ସାମାଜିକ ସ୍ଥିତିକୁ ଦୃଢ଼ କରିବାପାଇଁ ନୀତିର ଆଶ୍ରୟ ଖୋଜେ । ପୁଣି ସେହି ନୀତିର ପରଂପରକୁ ଦୃଢ ଓ ବଦ୍ଧମୂଳ ରଖିବାପାଇଁ ସେ ବିଧାତାଙ୍କୁ ସୃଷ୍ଟି କରି ତାଙ୍କଠାରେ ସକଳ ମାନବୀୟ ଗୁଣ ଆରୋପ କରିଥାଏ । ମାନବ ସମାଜରେ ସର୍ବତ୍ର ବିଧାତା ଭବଟି ଏକ ହେଲେ ହେଁ, ସମାଜ ଓ ପରିସ୍ଥିତିର ପ୍ରଭେଦରେ ପ୍ରାବନ୍ଧିକ ବିଧାତାଙ୍କ ଭିନ୍ନତା ଲକ୍ଷ୍ୟ କରିଛନ୍ତି– "କାହା ବିଧାତା ଡ଼ରନ୍ତି, କାହା ବିଧାତା ହରନ୍ତି, କାହା ବିଧାତା ମାରନ୍ତି, କାହା ବିଧାତା ତାରନ୍ତି । ଏଇପରି ନାନା ଭାବ, ରୂପ, ନାମ ଓ କର୍ମ ଧଇଲେ ମଧ୍ୟ ସବୁ ବିଧାତା ପୁଣି ଏକ । କାହାରି ବିଧାତା କାହାରିଠାରୁ କମ୍ ବା ବେଶି ନୁହନ୍ତି ।" (୨)

---

(୧ ବିଶ୍ୱ ଦର୍ଶନରେ ମା–ବାପ– 'ନବଭାରତ'– ନୂଆପ୍ରସ୍ଥ–୨ୟ ବର୍ଷ/୧୨ଶ ସଂଖ୍ୟା ପୃ–୪୫୩ ।

(୨) ବିଧାତାଙ୍କ ସୃଷ୍ଟି–ନବଭାରତ–୨/୨ୟ ସଂଖ୍ୟା–ପୃଷ୍ଠା–୮୨ ।

Digitized by PPRACHIN, SOA

## ମାନବର ଅହଂକାରରୁ ଈଶ୍ୱରଙ୍କ ପରିକଳ୍ପନା :

ମନୁଷ୍ୟର ଚିନ୍ତା, ଭାବ ଓ କ୍ରିୟାଗଣି ମଧ୍ୟରେ ସୃଷ୍ଟିର ମୂଳତତ୍ତ୍ୱ ବା ବିଧାତାଙ୍କୁ ଦେଖିବାର କଳ୍ପନାକୁ ଲେଖକ ଅସତ୍ୟ ଜନିତ ମହାପାପ ଆଖ୍ୟା ଦେଇଛନ୍ତି– "ମାନବର ସମସ୍ତ କଳ୍ପନା, କଳନା ଆପେକ୍ଷିକ; ଅନପେକ୍ଷିକ ବା ଅନପେକ୍ଷଣୀୟ ବସ୍ତୁର କଳନା ବା କଳ୍ପନା ମାନବର ନାହିଁ । ତେବେ ନିଗ୍ରହାନୁଗ୍ରହ ସମର୍ଥ ବିଭୁ ବା ଈଶ୍ୱରର କଳ୍ପନା ମାନବର ଅହଂକାର ଛଡ଼ା ଆଉ କ'ଣ ହୋଇପାରେ ? " (୧)

## 'ନାମେ ଭକ୍ତି ଧର୍ମ'–ସମାଜର ଅଧୋଗତିର କାରଣ :

ପଣ୍ଡିତ ନୀଳକଣ୍ଠଙ୍କ ବିଚାରରେ ନାମେଭକ୍ତି ଧର୍ମ ମନୁଷ୍ୟର ଆଧ୍ୟାତ୍ମିକତାକୁ ନଷ୍ଟକରି ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ଘୋର କଳଙ୍କ ସୃଷ୍ଟି କରିଛି । ଏ ଧର୍ମର କାମାଗ୍ନିର ଲୋକଙ୍କୁ ସହଜରେ ଆକ୍ରମଣକରି ମତାନ୍ଧ କରିଦିଏ । 'ନାମେଭକ୍ତି'ହିଁ ପରବର୍ତ୍ତୀ କାଳରେ 'ବାଦ' (Ism) ନାମ ନେଇଛି ବୋଲି ପ୍ରାବନ୍ଧିକ ବିଶ୍ୱାସ କରନ୍ତି । (୨) ଭକ୍ତିଧର୍ମରେ କୃଷ୍ଣଙ୍କ ନାମରେ ଭକ୍ତ ଘୋର ଅନ୍ୟାୟ ଓ ଭ୍ରଷ୍ଟାଚାରରେ ମାତିବା ପରି ଏ ଯୁଗରେ ଗାନ୍ଧୀ ପ୍ରମୁଖ ମହାପୁରୁଷଙ୍କ ନାମ ନେଇ ତାଙ୍କ ପ୍ରଚାରକଗଣ ସବୁ ପ୍ରକାର ଦୁର୍ନୀତିରେ ପରିଚାଳିତ ହୁଅନ୍ତି ।

## ଅଦ୍ୱୈତବାଦ :

ବେଦାନ୍ତର ଅଦ୍ୱୈତବାଦ ପରି ଏକ ଜଟିଳ ତତ୍ତ୍ୱକୁ ସ୍ୱକୀୟ ଚିନ୍ତା ବଳରେ ନୀଳକଣ୍ଠ ସହଜରେ ବୁଝାଇ ପାରିଛନ୍ତି । ସେ ପୁଣି ଅଦ୍ୱୈତବାଦର ଆତ୍ମତତ୍ତ୍ୱ, କ୍ଷର-ଅକ୍ଷର ପୁରୁଷ, ନାମତତ୍ତ୍ୱ, ବିଦ୍ୟା-ଅବିଦ୍ୟା ଜ୍ଞାନ ଆଦି ବିଷୟରେ ସ୍ୱାଧୀନ ମତ ବ୍ୟକ୍ତ କରି ବେଦାନ୍ତ ଦର୍ଶନ ବ୍ୟାଖ୍ୟାର ନୂତନ ସୂତ୍ର ଉଦ୍‌ଘାଟନ କରିଛନ୍ତି ।

'ଅଦ୍ୱୈତ' ଶବ୍ଦର ଅର୍ଥ–ଅଭିନ୍ନ ଧାରଣା ବା ଯହିଁରେ ଦୁଇଟା ଧାରଣା ନାହିଁ । ଏହି କଥା ବୁଝାଇବା ପାଇଁ ପ୍ରାବନ୍ଧିକ ମନୁଷ୍ୟ ଜୀବନର ଏକ ଅତି ସାଧାରଣ ଅନୁଭୂତିର ଉଦାହରଣ ଦେଇଛନ୍ତି । ଜନ୍ମବେଳେ ଶିଶୁ ଅଦ୍ୱୈତ ଧାରଣା ନେଇ ଜନ୍ମହୁଏ । ମାତ୍ର ଭୂମିରେ ପଡ଼ିବା ମାତ୍ରେ ପାଦରେ ଭୂମିକୁ ଆଘାତକରି ସେ ଯେତେବେଳେ ପ୍ରତିଘାତ ପାଏ, ତାର ଅଦ୍ୱୈତ ଭାବ ଦୂର ହୋଇ ଦ୍ୱୈତ ଭାବ ଜାଗ୍ରତ ହୁଏ । ପୁଣି ଅଭ୍ୟାସ ବଳରେ ସେ ପୃଥିବୀର ଆଘାତ ସହି ସହି ପୃଥିବୀ ସହ ଏକାତ୍ମ ହୋଇ-

---

(୧) ବିଧାତାଙ୍କସୃଷ୍ଟି–ନବଭାରତ–୨/୨ୟ ସଂଖ୍ୟା–ପୃ ୮୬

(୧) ନାମେଭକ୍ତି–ନବଭାରତ–ନୂଆପର୍ଯ୍ୟାୟ–୨/୪-୫ ସଂଖ୍ୟା-ଦ୍ରଷ୍ଟବ୍ୟ ।

Digitized by PPRACHIN, SOA

ଯାଏ । ତାର ଦ୍ୱୈତ ଭାବ ପୁଣି ଅଦ୍ୱୈତ ଭାବରେ ପରିଣତ ହୁଏ । ସେହିପରି ଚେତନଶୀଳ ମନୁଷ୍ୟ ବିଶ୍ୱପ୍ରକାଶ ସହ ନିଜକୁ ଏକାକାର କରି ସଚ୍ଚିଦାନନ୍ଦ ସ୍ୱରୂପ ପରମାତ୍ମାଙ୍କୁ ନିଜ ଭିତରେ ଦେଖିପାରେ । ଅର୍ଥାତ୍ ସମସ୍ତ ପ୍ରକୃତିର ପ୍ରକାଶ ଭିତରେ ନିଜର ଅସ୍ତିତ୍ୱ ଅନୁଭବ କରିପାରେ । ସେତିକିବେଳେ ତାର ଅଦ୍ୱୈତଭାବ ଜାତ ହୁଏ । ଏହିଠାରେ ହିଁ 'ସୋଽହଂ' ଭାବର ବିକାଶ । ଏହି ଅଭିନ୍ନତାର ଧାରଣା କେବଳ ସଂକେତର ଅନୁମାନରେ ସମ୍ଭବ ।

## ନାମତତ୍ତ୍ୱ :

ଦାର୍ଶନିକ ନୀଳକଣ୍ଠ 'ଆମତତ୍ତ୍ୱ'ରୁ 'ନାମତତ୍ତ୍ୱ'ର ସଙ୍କେତ ଦେଇଛନ୍ତି । "'ଓଁ' ସଂଗେ ଆମାର ବା 'ମୁଁ-ତ୍ୱ'ର ଯେଉଁ ସଂପର୍କ, ସମସ୍ତ ନାମ ସଂଗେ ସେହି ନାମ ସଂକେତରେ ପ୍ରକାଶ ପାଉଥିବା ବସ୍ତୁ ବା ତତ୍ତ୍ୱମାନଙ୍କର ସେହି ସଂପର୍କ । ନାମ ବସ୍ତୁ ନୁହେଁ । ଏହା ଶୂନ୍ୟ ବୋଲି କୁହାଯାଇ ନ ପାରେ । ଏହା ଏକ ସତ୍ତାର ସଂକେତ । ଏହା ବାକ୍ୟମନରେ ଅପ୍ରକାଶ୍ୟ-ଅବାଙ୍ ମାନସ ଗୋଚର ।" (୧)

## ବିଦ୍ୟା ଓ ଅବିଦ୍ୟା :

ଦାର୍ଶନିକ ନୀଳକଣ୍ଠ ଏକପାଖିଆ ଧାରଣାକୁ ଅଦ୍ୱୈତବାଦର 'ଅବିଦ୍ୟା' ଅର୍ଥରେ ଗ୍ରହଣ କରିଛନ୍ତି । ଏଥିପାଇଁ ସେ 'ଈଶୋପନିଷଦ'ର ବିଦ୍ୟା-ଅବିଦ୍ୟା ଜ୍ଞାନ ସଂପର୍କୀୟ କେତୋଟି ଶ୍ଳୋକ ଉଦ୍ଧାର କରିଛନ୍ତି । ଇନ୍ଦ୍ରିୟ ଲବ୍ଧ ବିଶ୍ୱକୁ ସବୁ ବୋଲି ଭାବୁଥିବା ବ୍ୟକ୍ତି ଯେପରି ଘୋର ଅନ୍ଧକାରରେ ଘାର୍ଣ୍ଣି ହୁଏ, ବିଶ୍ୱର ଧାରଣାକୁ ପୂରାପୂରି ବାଦ ଦେଇ 'ଆମାହିଁ ସବୁ' ଭାବୁଥିବା ବ୍ୟକ୍ତି ସେହିପରି ଅଜ୍ଞାନରୂପୀ ଅନ୍ଧକାରରେ ପଡ଼ନ୍ତି । ପ୍ରକୃତ ଜ୍ଞାନୀ ବିଦ୍ୟା ଓ ଅବିଦ୍ୟାକୁ ଏକ ବସ୍ତୁର ଦୁଇଟି ପ୍ରକାର ବୋଲି ଜାଣିଥାଆନ୍ତି । ଏହି ଅଭିନ୍ନ ଧାରଣାହିଁ ପ୍ରାବନ୍ଧିକଙ୍କ ମତରେ ଅଦ୍ୱୈତ ଧାରଣା । ଏହା ମଧ୍ୟରେ ଜ୍ଞାନ, ଭକ୍ତି ଓ କର୍ମର ସମନ୍ୱୟ । ପ୍ରାବନ୍ଧିକଙ୍କ ଭାଷାରେ-"ଏହି 'ଜ୍ଞାନ'ରେ ବିଶ୍ୱର ଯେ ଧାରଣା, 'ଭକ୍ତି'ରେ ତାହାରି ଆରାଧନା ଓ 'କର୍ମ'ରେ ତାହାରି ସାଧନା ।" (୨)

## ବିଶ୍ୱ ଦର୍ଶନରେ ଆଦ୍ୟ ମାତାର କଳ୍ପନା :

ବିଶ୍ୱ ସଂପର୍କରେ ବ୍ୟକ୍ତିକୁ ଦେଖିବା ଧାରଣାରୁ ଜଗତର ଉତ୍ପତ୍ତି ତଥା ବିଶ୍ୱ ପ୍ରକାଶର କଳ୍ପନା ମାନବର ମନରେ ସ୍ଥାନ ପାଇଛି । ନୀଳକଣ୍ଠ କହନ୍ତି, "ମନୁଷ୍ୟ

---

(୧) ଅଦ୍ୱୈତବାଦ-ନବଭାରତ-୬/୭ମ ସଂଖ୍ୟା ।

(୨) ତତ୍ରୈବ ।

Digitized by PPRACHIN, SOA

ଯେତେବେଳେ ପ୍ରଜନନରୁ ସୃଷ୍ଟିର ସମ୍ଭବ କଥା ଜାଣିଲ, ସମସ୍ତ ବିଶ୍ୱକୁ ଜନ୍ମ କରିବାପାଇଁ ସେ ଗୋଟିଏ ବିରାଟ ମା'ର କଳ୍ପନା କଲ । ତା' କଳ୍ପନାରେ ଶୂନ୍ୟ ଆକାଶ (ବେଦମତେ ଏହା 'ତାମସ' ) ହେଲ ଜଗତର ମାତା, ଏବଂ ଅନନ୍ତ ଜଳରାଶି (ବେଦର 'ଅପ୍') ହେଲ ବିଶ୍ୱର ପିତା । (୧) କ୍ରମେ ଅତିତମ ଶୂନ୍ୟ ରୂପେ ଆକାଶର ସ୍ଥାନ ଅଧିକାର କଲେ ଆଦିମାତା କାଳୀ । " ତେଣୁ ନୀଳକଣ୍ଠ କହନ୍ତି, " ଜଗତମାତା କାଳୀ ହେଉଛନ୍ତି ମାନବର ପ୍ରଥମ ଦର୍ଶନର ଭିତ୍ତି । ଏ ଦର୍ଶନ ପ୍ରାୟ କୋଡ଼ିଏ ହଜାର ବର୍ଷ ପୂର୍ବେ ପ୍ରକାଶ ଲଭ କରିଥିଲ । ଏଇ ଦର୍ଶନ ଅନୁକ୍ରମେ ପ୍ରାଚୀନ ସୁମେର, ମିଶର, କ୍ରୀଟ ପ୍ରଭୃତି ଦେଶରେ ନାରୀ ହେଉଥିଲେ ଯଥାର୍ଥ ସମ୍ରାଟ ଏବଂ ବଂଶ ପର୍ଯ୍ୟାୟରେ ମା'ଠାରୁ ଝିଅ ପାଖକୁ ରାଜ୍ୟ ଆସୁଥିଲ ।" (୨

## ନାରୀ ଉପରେ ପୁରୁଷର ପ୍ରାଧାନ୍ୟ :

ମାନବ ଦର୍ଶନରେ ପ୍ରତିଷ୍ଠିତ ଦେବୀ, ସମ୍ରାଟ ରୂପିଣୀ ଏଇ ନାରୀ ଉପରେ କ୍ରମେ ପୁରୁଷ ଆଧିପତ୍ୟ ବିସ୍ତାର କଲେ । ପରିସ୍ଥିତି ଭେଦରେ ଆଗପଛ ହୋଇ ପ୍ରାଚୀନ ପଶ୍ଚିମ ଦେଶଗୁଡ଼ିକରେ କ୍ରମେ ପୁରୁଷ ସମ୍ରାଟ ହୋଇ ସୃଷ୍ଟିକର୍ତ୍ତା ଓ ସମାଜର ପାଳକ-ବୋଲଇଲେ । ଏଇମାନେ ପୁଣି ବିଶ୍ୱ ପ୍ରକାଶର ଆଦି ପିତା ହୋଇ ଆଦିମାତାଙ୍କ ସହ ଏକାକାର ହୋଇଗଲେ ।

## ବିଶ୍ୱ ଦର୍ଶନରେ ବାପ :

ପୁରୁଷମାନେ ଭିନ୍ନ ଭିନ୍ନ ସାମ୍ରାଜ୍ୟରେ ସମ୍ରାଟ ହେବାପରେ ପରସ୍ପର ମଧ୍ୟରେ ଘୋର ଯୁଦ୍ଧରେ ମାତୁଥିଲେ । ଯୁଦ୍ଧରେ ବିଜୟୀ ସମ୍ରାଟ ହେଉଥିଲେ ମହାଦେବ । ଆସିରିଆ ସାମ୍ରାଜ୍ୟର ମହାଦେବ ଥିଲେ ଅସୁର ଏବଂ ବାବିଲୋନ ସାମ୍ରାଜ୍ୟର ମହାଦେବ ଥିଲେ ମର୍ଦୁକ ବା ମାରେଡ଼କ୍ । ଏ ଦୁହିଁଙ୍କ ମଧ୍ୟରେ ଘୋର ବିବାଦ ସୃଷ୍ଟି ହେଲ । ଶେଷରେ ଆର୍ଯ୍ୟକୁଳୀ ପାରସ୍ୟର ମନୀଷୀ ଜରଥୁଷ୍ଟ୍ର ଏଇ ବିବାଦର ସମାଧାନ କଲେ । ସେ ଯୋଗ ବଳରେ ଜାଣିଲେ ଯେ, କେବଳ ଅସୁର ବା କେବଳ ମର୍ଦୁକ ବିଶ୍ୱ ସମ୍ରାଟ ନୁହନ୍ତି । ଏ ଦୁହିଁଙ୍କର ଏକ ରୂପ— ଅସୁର ମର୍ଦୁକ ବା ଅହୁର—ମେଜ୍‌ଦା ହିଁ ବିଶ୍ୱର

---

(୧) ପରବର୍ତ୍ତୀ କାଳରେ ପୁଣି ପୃଥିବୀକୁ ମାତା ଓ ଆକାଶକୁ ପିତା ରୂପେ ବର୍ଣ୍ଣନା କରଯାଇଛି । ଋଗ୍‌ବେଦର ବହୁ ସ୍ଥଳରେ 'ଦ୍ୟାବା—ପୃଥିବୀ' ଯୁଗଳ ଦେବତା ରୂପେ ପରିକଳ୍ପିତ ।

(୨) 'ବିଶ୍ୱ ଦର୍ଶନରେ ମା–ବାପ' ପ୍ରବନ୍ଧ ଦ୍ରଷ୍ଟବ୍ୟ । ନବଭାରତ—ନୂଆପର୍ଯ୍ୟ-୨/୧୨ଶ ସଂଖ୍ୟା ।

Digitized by PPRACHIN, SOA

ପ୍ରକୃତ ସମ୍ରାଟ । ଏହାଙ୍କଠାରୁ ମାନବ ଧର୍ମ ପ୍ରସାର ଲାଭ କଲା ଏବଂ ସେଇ ହେଲେ ବିଶ୍ୱସ୍ରଷ୍ଟା ବା 'ବିଶ୍ୱ ଦର୍ଶନରେ ବାପ'। ଏହା ଖ୍ରୀ: ପୂ: ୭ମ-୮ମ ଶତାବ୍ଦୀର କଥା । ଏଇଠାରୁ ମାନବ ସମାଜରେ ଈଶ୍ୱର ନିର୍ଦ୍ଦେଶିତ ଧର୍ମ (Religion of Revelation) ପ୍ରଚାର ଲାଭ କଲା । (୧)

## ସତୀତ୍ୱ ଓ ନାରୀ :

ଦାର୍ଶନିକ ନୀଳକଣ୍ଠଙ୍କ ବିଚାରରେ, ନାରୀର ସତୀତ୍ୱ ଯୋଗୁ ଆମ ସମାଜରେ ପାରିବାରିକ ସମ୍ପର୍କ ଓ ତ୍ୟାଗର ପରମ୍ପରା ଚିର ପ୍ରତିଷ୍ଠିତ ହୋଇ ପାରିଛି । ବଂଶ ପରମ୍ପରାରେ ନିଜକୁ ଦେଖିବା ହେଉଛି ଏକ ଜୀବୀଧର୍ମ । ତେଣୁ ସନ୍ତାନ ମଧ୍ୟରେ ନିଜକୁ ଦେଖି ନିଜ ବଂଶ ବୃଦ୍ଧିର ଧାରଣା ନେଇ ପୁରୁଷ ପରିବାର ପାଇଁ ସର୍ବସ୍ୱ ତ୍ୟାଗ କରେ । ନାରୀ ପୁରୁଷ ଉପରେ ନିଜର ଓ ନିଜ ସନ୍ତାନର ସମସ୍ତ ଦାୟିତ୍ୱ ଲଦି ଦେଇ ନିଶ୍ଚିନ୍ତ ରହେ । ଏ ସବୁ ସମ୍ଭବ ହୋଇଛି ନାରୀ ଓ ପୁରୁଷଙ୍କ ମଧ୍ୟରେ ଏକ ଅଜ୍ଞାତ ଚୁକ୍ତି ବଳରେ । ସେ ଚୁକ୍ତି ଅନୁସାରେ ପୁରୁଷ କହେ,–'ମୁଁ ଯେଉଁ ସନ୍ତାନ ଭିତରେ ନିଜକୁ ଦେଖିବି, ସେ ମୋର ହେବା ଦରକାର'। ନୀଳକଣ୍ଠଙ୍କ ଯୁକ୍ତିରେ–"ଏଇଠାରେ ନାରୀର ସତୀତ୍ୱ । ଏହା ଗୋଟିଏ ମୌଳିକ ଚୁକ୍ତିର ଭୂୟୋ ବିକାଶ । ଏଥିରେ ପୁରୁଷର ଆତ୍ମ-ପ୍ରତିଷ୍ଠା ଅଛି । ମାତ୍ର ନାରୀର ଦାସତ୍ୱ ନାହିଁ ।" (୨) ନାରୀ ଏଇ ସତୀତ୍ୱ ରକ୍ଷାର ଚୁକ୍ତିରେ ଆବଦ୍ଧ ହୋଇ ନ ଥିଲେ ସ୍ୱାଧୀନ ପୁରୁଷ ପରିବାରର ଭାର ବହନ କରି ନ ଥା'ନ୍ତା ।

## ସତୀତ୍ୱ-ଭାରତୀୟ ନାରୀର ନାରୀତ୍ୱ :

ନୀଳକଣ୍ଠ କହନ୍ତି, ଭାରତୀୟ ନାରୀ ତା'ର ସତୀତ୍ୱର ପରାକାଷ୍ଠା ଯୋଗୁଁ ଏ ଦେଶରେ ସର୍ବମଙ୍ଗଳା, ସର୍ବକାମପ୍ରଦା, ଦୁର୍ଗା, ବରଦା ଓ ଭକ୍ତ-ବତ୍ସଳା ରୂପେ ପୁରୁଷର ଉପାସ୍ୟ ହୋଇ ପାରିଛି, ସତୀତ୍ୱ ହିଁ ଯଥାର୍ଥରେ ଏ ଦେଶ ନାରୀର ନାରୀତ୍ୱ । ସତୀଙ୍କ ସତୀତ୍ୱରେ ସନ୍ଦେହ କରି ଶିବ ଶବ ବାହକ ହୋଇଛନ୍ତି । ସେ ପୁଣି ସତୀଙ୍କୁ ପାର୍ବତୀ ରୂପରେ ପାଇବାପରେ ସବୁ ଦିନ ଲାଗି ତାଙ୍କୁ ନିଜ ଶରୀରରେ ସ୍ଥାନ ଦେଇ

---

(୧) Presidential address of Dr. Pandit Nilakantha Das on 'Religious and philosophical Developments in Orissa' ଦ୍ରଷ୍ଟବ୍ୟ ।

(୨) 'ସତୀତ୍ୱ ଓ ନାରୀ'–ନବଭାରତ–୬/୮ମ ସଂଖ୍ୟା ।

Digitized by PPRACHIN, SOA

ହୋଇଛନ୍ତି ଅର୍ଦ୍ଧନାରୀଶ୍ୱର । ତେଣୁ ନାରୀର ସତୀତ୍ୱକୁ ସମ୍ମାନ ଦେବା ଭରତର ଏକ ସାମାଜିକ ପରଂପରା । ଏହାକୁ ଭୁଲିଗଲେ ଆମ ସଭ୍ୟତାର ବିକାଶ ପ୍ରତିହତ ହେବ ।

## ମାନବର ତ୍ୟାଗ ନୀତିହିଁ ବିଶ୍ୱ ପ୍ରକାଶର ନିୟମ :

'ମାନବ ପ୍ରଗତିର ଧାରା' ପ୍ରବନ୍ଧରେ ଦାର୍ଶନିକ ନୀଳକଣ୍ଠ ପ୍ରଗତିର ମୂଳମନ୍ତ୍ର ରୂପେ ମାନବର ତ୍ୟାଗ ନୀତିକୁ ସ୍ୱୀକାର କରିଛନ୍ତି । ମାନବ ସମାଜର ବିକାଶରେ ବ୍ୟକ୍ତିର କର୍ତ୍ତବ୍ୟ ହେଉଛି, ତ୍ୟାଗ । ଭୋଗରେ ମାନବର ମାନବତ୍ୱ ନାହିଁ, ଅଛି ତ୍ୟାଗରେ । ଏହି ତ୍ୟାଗ ନୀତି ଯୋଗୁ ନିତ୍ୟ ସଂଘର୍ଷମୟ ସମାଜରେ ଶାନ୍ତି ଓ ଶୃଙ୍ଖଳା ପ୍ରତିଷ୍ଠିତ ହୋଇପାରିଛି । ବେଦରେ ଏହାରି ନାମ 'ଋତ' । କିନ୍ତୁ 'ସତୀତ୍ୱ ଓ ନାରୀ' ପ୍ରବନ୍ଧରେ ଲେଖକ 'ବିଶ୍ୱ ପ୍ରକାଶର ନିୟମ'କୁ 'ଋତ' ଅର୍ଥରେ ଗ୍ରହଣ କରିଛନ୍ତି । ଅତଏବ ତାଙ୍କ ଦର୍ଶନ-ସୁଲଭ ଯୁକ୍ତି ଅନୁସାରେ, ମାନବର ତ୍ୟାଗ ନୀତିହିଁ ବିଶ୍ୱ ପ୍ରକାଶର ନିୟମ । ମାନବର ସକଳ କର୍ମପ୍ରେରଣା ମଧ୍ୟରେ ସେ ଏହି ତ୍ୟାଗ ବା ପରାର୍ଥପରତା ଅନୁଭବ କରିଛନ୍ତି– 'ଯଥାର୍ଥ କର୍ମପ୍ରେରଣା ହେଉଛି, ସମୂହ ସମାଜର ପ୍ରଗତି ଦର୍ଶନରେ ତଥା ନିଜ ଭୋଗ ସ୍ପୃହା ତୁଳନାରେ ଅନ୍ୟର ଭୋଗସ୍ପୃହାର କଳ୍ପନା । ଏହାହିଁ ଯଥାର୍ଥ ପରାର୍ଥ-ପରତା ଓ ସମାଜ–ପ୍ରାଣତା । " (୧)

## ଭୋଗରେ ତ୍ୟାଗ :

ମାନବର ଭୋଗ ମଧ୍ୟରେ ନୀଳକଣ୍ଠ ତ୍ୟାଗର ପ୍ରକୃତି ଲକ୍ଷ୍ୟ କରିଛନ୍ତି । ସେ ଗୋଟିଏ ମୂଲିଆର ଜୀବିକା ନିର୍ବାହର ଉଦାହରଣ ଦେଇକହନ୍ତି, ମୂଲିଆର ପେଟ ପୋଷା ପଶୁ ପକ୍ଷୀଙ୍କ ପେଟ ପୋଷା ପରି ନୁହେଁ । ମୂଲିଆ ଶ୍ରମକରି ପେଟ ପୋଷେ । କିନ୍ତୁ ତା'ର ଶ୍ରମରେ ଅନ୍ୟର ଭୋଗ ସାମଗ୍ରୀ ପ୍ରସ୍ତୁତ ହୁଏ, ସମାଜର ବିକାଶ ସାଧିତ ହୁଏ । ଏହା ହେଉଛି, ତା'ର ଭୋଗରେ ତ୍ୟାଗ । ଭାରତର ସନାତନ ସଭ୍ୟତା ଏଇ ତ୍ୟାଗନୀତି ଉପରେ ପ୍ରତିଷ୍ଠିତ ।

## ସମାଜର ପ୍ରଗତିରେ ମାନବର କର୍ତ୍ତବ୍ୟ :

'ଗୀତା'ରେ ଯଜ୍ଞ, ଦାନ ଓ ତପ କରିବା ପାଇଁ ପରାମର୍ଶ ଦିଆ ଯାଇଛି । (୨) ନୀଳକଣ୍ଠଙ୍କ ଦାର୍ଶନିକ ଦୃଷ୍ଟିରେ ବିଶ୍ୱ ବା ସମାଜର ପ୍ରଗତିରେ ବ୍ୟକ୍ତିର

---

(୧) ମାନବ ପ୍ରଗତିର ଧାରା (୩)–ନବଭାରତ–୪/୮ମ ସଂଖ୍ୟା
(୨) 'ଗୀତା–୧୮/୫ ଶ୍ଳୋକ ଦ୍ରଷ୍ଟବ୍ୟ

Digitized by PPRACHIN, SOA

ଯେଉଁ ଆତ୍ମବଳି ବା ତ୍ୟାଗ, ତାହା ହେଉଛି 'ଯଜ୍ଞକର୍ମ' । ଏହି ଯଜ୍ଞ କର୍ମରୁ 'ଦାନକର୍ମ'ର ବିକାଶ ।–''ମୋର କର୍ମ ବିଶ୍ୱକୁ ଦାନ, ସମାଜର ପ୍ରଗତି ବା ବିଶ୍ୱ ଯଜ୍ଞରେ ସମସ୍ତ ଲାଗିଚନ୍ତି । ଏହା ଜାଣି, ଏଥିରେ ମତି ସ୍ଥିର ରଖି– ମୋର ନୁହଁ, ସମାଜର ବୋଲି କର୍ମ କରିବାହିଁ 'ଦାନକର୍ମ' । ଏଇ ଦାନ ହିଁ ସମସ୍ତ ଭୋଗର ତ୍ୟାଗ ପାଠ । '' ( ୧ ) ପୁଣି ସମାଜର ବିକାଶରେ ସ୍ୱଧର୍ମ ବା ନିଜ ନିଜ କର୍ମରେ ତତ୍ପର ରହିବାକୁ ଲେଖକ 'ତପକର୍ମ' ଆଖ୍ୟା ଦେଇଛନ୍ତି । ତାଙ୍କ ଯୁକ୍ତିରେ ଏହି ଯଜ୍ଞ, ଦାନ ଓ ତପ ହେଉଛି ସମାଜର ବିକାଶରେ ମାନବର କର୍ତ୍ତବ୍ୟ ।

## ନୀଳକଣ୍ଠଙ୍କ ଦାର୍ଶନିକ ଦୃଷ୍ଟିରେ 'ଧର୍ମ'ର ସ୍ୱରୂପ :

ପଣ୍ଡିତ ନୀଳକଣ୍ଠ ଧର୍ମକୁ 'ଋତ' ଅର୍ଥରେ ଗ୍ରହଣ କରିଛନ୍ତି ।– ''ଏ ଦେଶରେ ଧର୍ମର ଅର୍ଥ ଋତ; ଅର୍ଥାତ୍ ବିଶ୍ୱ ସଂସ୍ଥାରେ ନିୟତ ବା ନିତ୍ୟ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ । ଲୋକ ବ୍ୟବହାରରେ ଯେଉଁ କର୍ତ୍ତବ୍ୟରେ ସମାଜର ସ୍ଥିତି ଠିକ୍ ରହେ ବା ଜନ-ସାଧାରଣର ମଙ୍ଗଳ ହୁଏ, ତାହାହିଁ ଧର୍ମ । ଏଥିରେ ଜନସମାଜ ଧରହୋଇ ରହେ ବୋଲି ଏହାର ନାମ ଧର୍ମ । '' ( ୨ ) ତେଣୁ ଧର୍ମ ସହ କର୍ତ୍ତବ୍ୟବୋଧର ନିବିଡ଼ ସମ୍ପର୍କ ରହିଛି । କର୍ତ୍ତବ୍ୟ ବୁଦ୍ଧିରେ ଭାରତରେ ସମସ୍ତେ ନିଜ ନିଜର ଆଚରଣ ନିୟମିତ ଭାବେ କରୁଥିଲେ । ଏହି ସ୍ୱଧର୍ମର ଆଚରଣକୁ ଲେଖକ 'ଆଚାର' ବୋଲି କହିଛନ୍ତି । ତାଙ୍କ ଦୃଷ୍ଟିରେ ଏହି ଆଚାର ହେଉଛି ଧର୍ମ ତଥା ସମାଜର ଆଦର୍ଶ । ଏଥିରୁ ''ଆଚାର ପ୍ରଭବୋଧର୍ମଃ'' ଉକ୍ତିଟି ଆସିଛି । ( ୩ )

## ନୀଳକଣ୍ଠଙ୍କ ଚିନ୍ତାଧାରାରେ ସ୍ୱାତନ୍ତ୍ର୍ୟ :

ପ୍ରତିଷ୍ଠିତ ଚିନ୍ତାଧାରାରେ ନୀଳକଣ୍ଠଙ୍କ ଚିନ୍ତାଧାରା ସବୁବେଳେ ସ୍ୱତନ୍ତ୍ର । ଶାସ୍ତ୍ର ଓ ପୁରାଣରେ ଭକ୍ତିଧର୍ମକୁ ଶ୍ରେଷ୍ଠ କୁହାଯିବା ସ୍ଥଳେ ସେ ଆଧ୍ୟାତ୍ମ ଧର୍ମକୁ ଶ୍ରେଷ୍ଠଧର୍ମ ରୂପେ ପ୍ରତିଷ୍ଠା ଦେଇଛନ୍ତି । ସେହିପରି ଶାସ୍ତ୍ର ଓ ପୁରାଣ ଯୌବନାବସ୍ଥାର ଅସ୍ଥିରତା ଓ ଅସାରତା ଦର୍ଶାଇବା ବେଳେ ନୀଳକଣ୍ଠ ଯୌବନର ପ୍ରଶସ୍ତି ଗାନ କରି ମାନବ ଜୀବନରେ ତାହାର ପ୍ରଭାବ ଓ ପ୍ରତିଷ୍ଠା ପ୍ରତିପାଦନ କରିଛନ୍ତି ।

---

( ୧ ) ମାନବ ପ୍ରଗତିର ଧାରା ( ୩ )–ନବଭାରତ–୪/୮ମ ସଂଖ୍ୟା

( ୨ ) ମାନବ ପ୍ରଗତିର ଧାରା ( ୧ )–ନବଭାରତ–୪/୫ମ ସଂଖ୍ୟା

( ୩ ) ନବଭାରତ–୪/୯ମ ସଂଖ୍ୟା–୫୯୫ ପୃଷ୍ଠା ଦ୍ରଷ୍ଟବ୍ୟ

Digitized by PPRACHIN, SOA

ଆମର ପ୍ରତିଷ୍ଠିତ ଶାସ୍ତ୍ରଗୁଡ଼ିକରେ ଯୌବନର କ୍ଷଣିକତା ସଂପର୍କରେ ମନୁଷ୍ୟକୁ ସଚେତନ କରାଇ ଦିଆଯାଇଛି । (୧) କିନ୍ତୁ ମନୀଷୀ ନୀଳକଣ୍ଠ ଯୌବନକୁ ଏକ ବିଷମ-କାଳ ରୂପେ ମାନିବାକୁ ପ୍ରସ୍ତୁତ ନୁହନ୍ତି । ବିଶ୍ୱ ଐର୍ଶ୍ୱର୍ଯ୍ୟର ପରିଗ୍ରାହକ, ବିଶ୍ୱ ଆଦର୍ଶର ପ୍ରଖ୍ୟାପକ ବିଶ୍ୱ ଶକ୍ତିର ପ୍ରୋତ୍ସାହକ, ବିଶ୍ୱ ବିକାଶର ପ୍ରବର୍ତ୍ତକ, ବିଶ୍ୱ ସୌନ୍ଦର୍ଯ୍ୟର ଆଧାର, ବିଶ୍ୱ ମୈତ୍ରୀର ଗାରାଘର ଯୌବନ କାଳକୁ ବିଷମ କହିବାକୁ ତାଙ୍କର ଯୁକ୍ତିବାଦୀ ମନ ବିଦ୍ରୋହ କରିଛି । (୨) ତାଙ୍କର ଦୃଢ଼ ବିଶ୍ୱାସ, ଯୌବନ ତଥା ଯୁବଶକ୍ତିର ଉପଯୁକ୍ତ ବିନିଯୋଗରେ ସମାଜର ସକଳ କ୍ଷେତ୍ରରେ ନୂତନ ଚେତନା ଜାଗ୍ରତ ହେବ ଏବଂ ମନୁଷ୍ୟ ତା'ର ସାଧନା କ୍ଷେତ୍ରରେ ଅଗ୍ରସର ହୋଇପାରିବ ।

**'ଓଁ' ତତ୍ତ୍ୱ :**

ହିନ୍ଦୁଧର୍ମ ଜଗତରେ 'ଓଁ' ଏକ ରହସ୍ୟ ମୂଳକ ପ୍ରତୀକାତ୍ମକ ଅକ୍ଷର, ଯାହାର ପ୍ରକୃତ ଅର୍ଥ ଏ ପର୍ଯ୍ୟନ୍ତ ସୁବୋଧ୍ୟ ନୁହେଁ । ପଣ୍ଡିତ ନୀଳକଣ୍ଠ 'Om' ଶୀର୍ଷକ ଏକ ଇଂରାଜୀ ପ୍ରବନ୍ଧରେ ଏହି ରହସ୍ୟ ମୂଳକ 'ଓଁ' ଅକ୍ଷରର ଆଧ୍ୟାତ୍ମିକ ତତ୍ତ୍ୱ ଉପରେ ଆଲୋକପାତ କରିବା ପାଇଁ ପ୍ରୟାସୀ ହୋଇଛନ୍ତି । Prof. A. A. Macdonel ଙ୍କ 'A History of Sanskrit Literature' ଗ୍ରନ୍ଥରୁ ମତ ଉଦ୍ଧାର କରି ସେ କହନ୍ତି, 'ଋଗ୍‌ବେଦ' ବା 'ଅଥର୍ବବେଦ,' ରେ 'ଓଁ' ର ପ୍ରୟୋଗ ନାହିଁ । ପ୍ରଥମେ କେତେକ ବ୍ରାହ୍ମଣ ଓ ସଂହିତାରେ 'ଓଁ'ର ବ୍ୟବହାର ହୋଇଥିଲେ ହେଁ, ସ୍ୱାହା, ସ୍ୱଧା, ବଷଟ୍ ପରି 'ଓଁ' ଅକ୍ଷରର ମଧ୍ୟ କୌଣସି ଅର୍ଥ ନଥିଲା । ଏହି ଅକ୍ଷରର ବ୍ୟବହାର ପ୍ରଥମେ କୃତ୍ରିମ ଥିଲା । ଐତରେୟ ବ୍ରାହ୍ମଣରେ ପ୍ରଥମେ 'ଓଁ'ର ବିଶ୍ଲେଷଣ କରାଯାଇ ତାହାର ବିଭିନ୍ନ ଅର୍ଥ ନିର୍ଣ୍ଣୟ କରାଯାଇଛି । ସେଥିରେ 'ଓଁ'କୁ ତିନିଗୋଟି ଅକ୍ଷର– ଅ, ଉ, ମ–ର ସମାହାର ରୂପେ ଗ୍ରହଣ କରାଯାଇଛି । ଏଇ ତିନି ଅକ୍ଷର ଯଥାକ୍ରମେ ତିନି–ବ୍ୟାହୃତି–ଭୂ, ଭୁବଃ, ସ୍ୱଃ, ତିନିବେଦ–ଋକ୍, ଯଜୁଃ ସାମ, ତିନି ଦେବତା– ଅଗ୍ନି, ବାୟୁ ଓ ଆଦିତ୍ୟର ପ୍ରତୀକ । (୧)

(୧) "ନଳିନୀ ଦଳଗତ ଜଳବତ୍ତରଳଂ କିଂ
ଯୌବନଂଧନଂ ଗୃହୁଃ । "

( ପ୍ରଶ୍ନୋତ୍ତର ମାଳିକା–୧୧ଶ ପଦ )

ଏବଂ " ମା କୁରୁ ଧନଜନ ଯୌବନ ଗର୍ବଂ
ହରତି ନିମେଷାତ୍ କାଳଃ ସର୍ବମ୍ । "

( ମୋହମୁଦ୍‌ଗରଃ–୩ୟ ପଦ )

–ଆଦି ଉକ୍ତି ଏହାର ଉଦାହରଣ ।

(୨) 'ଯୌବନର ପ୍ରଭବ ଓ ପ୍ରତିଷ୍ଠା' ପ୍ରବନ୍ଧ ଦ୍ରଷ୍ଟବ୍ୟ–ସତ୍ୟବାଦୀ–୫/୮ମ–୯ମ ସଂଖ୍ୟା

Digitized by PPRACHIN, SOA

'Om' ପ୍ରବନ୍ଧରେ ନୀଳକଣ୍ଠ 'ଓଁ'କୁ କ୍ଷିତି, ଆପ, ତେଜ, ମରୁତ ଓ ବ୍ୟୋମ–ଏହି ପଞ୍ଚଭୂତର ସମାହାର କହି ସମଗ୍ର ବିଶ୍ୱକୁ ନିୟନ୍ତ୍ରଣ କରିବାରେ ତାହାକୁ କେନ୍ଦ୍ରବିନ୍ଦୁ ରୂପେ ସ୍ୱୀକାର କରିଛନ୍ତି– This clearly indicates a tradition which symbolically means that 'Om' represents the life principle in control of the entire Universe." (୧)

## ଓଡ଼ିଶାରେ 'Om' ( ଓଁ ) ର ବ୍ୟବହାର :

ପଣ୍ଡିତ ନୀଳକଣ୍ଠଙ୍କ ଯୁକ୍ତିରେ ଓଡ଼ିଶାରେ 'ଓଁ' ର ପ୍ରୟୋଗ ପ୍ରାକ୍ ବୈଦିକ ଯୁଗରୁ ଚଳିଆସିଛି । କେହି ଡ଼ାକିଲେ ଆମେ 'ଓ' କରୁ । ଏଇଥିରୁ 'ଓଁ'ର ଉତ୍ପତ୍ତି ବୋଲି ସେ 'ଗୀତା' ଆଲୋଚନାରେ କହିଛନ୍ତି । ପୁଣି ବେଦ ବା ପ୍ରକୃତ ଜ୍ଞାନ ପ୍ରଥମେ 'ଓଁ'–କାର ରୂପରେ ଥିଲା ବୋଲି ଓଡ଼ିଆ ଲୋକ ମୁଖରେ ପ୍ରଚଳିତ––

"ଓଁ– କାର ନାମେ ଥିଲା ବେଦ
କେହି ନଜାଣେ ତା'ର ଭେଦ ।"

ଦାର୍ଶନିକ ନୀଳକଣ୍ଠ ଅଚ୍ୟୁତାନନ୍ଦଙ୍କ 'ଶୂନ୍ୟ ସଂହିତା' ରେ ବର୍ଣ୍ଣିତ ଓଁ ( ॐ ) ଅକ୍ଷରରେ କ୍ଷିତି, ଆପ, ତେଜ, ମରୁତ' ବ୍ୟୋମ ଓ ଜ୍ୟୋତିର ସମାହାର ଦର୍ଶାଇଛନ୍ତି–

ପୃଥିବୀ ଉ–କାର ମାତ୍ରା, ଆପଦଣ୍ଡ ଲେଖା
ତେଜ ଗୁଣ ଘେନି ରୁଦ୍ର, ତଥିପରେ ଛନ୍ତି
ବାୟୁ ଯେ ଆକାଶ ଅର୍ଦ୍ଧମାତ୍ରା ବିନ୍ଦୁ ଜ୍ୟୋତି, "

ଏହିପଦରେ ପଞ୍ଚଭୂତରେ ନିର୍ମିତ ସମଗ୍ର ବିଶ୍ୱର ନିୟନ୍ତ୍ରଣରେ 'ଓଁ' କୁ ଜୀବଶକ୍ତିର ପ୍ରତୀକ ରୂପେ ଗ୍ରହଣ କରଯାଇଛି । ଓଡ଼ିଶାର ଦର୍ଶନ ପରଂପରାରେ ଓଁ-ତତ୍ତ୍ୱର ବୈଶିଷ୍ଟ୍ୟ ଏଥିରୁ ସୂଚିତ ହୁଏ ।

## ଓଡ଼ିଆ ଦର୍ଶନରେ ଜୈନ ଧର୍ମର ଭିତ୍ତି :

ବ୍ୟକ୍ତି ସତ୍ତାରେ ବିଶ୍ୱସତ୍ତାକୁ ଉପଲବ୍ଧ କରିବା ଜୈନଧର୍ମର ମୌଳିକ ଭିତ୍ତି । ଏହାରି ଅନୁସରଣରେ ଓଡ଼ିଆ ବିଶ୍ୱକୁ ଜଗତ ଅର୍ଥରେ ଗ୍ରହଣକରି ତା'ର ଦେବତାକୁ ଜଗତର ନାଥ ବା ଜଗନ୍ନାଥ କହିଛି । ଏହି ଜଗନ୍ନାଥ ପୁଣି ପୁରୁଷୋତ୍ତମ । ଓଡ଼ିଆ

---

( ୧ ) 'Om'— The Orissa Historical Research Journal— Vol—VII Part–3 and 4—Page—153

Digitized by PPRACHIN, SOA

ଦର୍ଶନରେ ଜଗତକୁ ପୁରୁଷ ଅର୍ଥରେ ଗ୍ରହଣ କରଯାଇ ବ୍ୟକ୍ତି ପୁରୁଷ ସହ ଜଗତ ପୁରୁଷର ଯେଉଁ ନିବିଡ଼ ସମ୍ପର୍କ ସ୍ଥାପନ କରଯାଇଛି ପ୍ରାବନ୍ଧିକ ନୀଳକଣ୍ଠ ତାହାକୁ ମୈତ୍ରୀ ଭବର ପରିଗ୍ରୟକ ବୋଲି ଉଲ୍ଲେଖ କରିଛନ୍ତି । ( ୧ ) ଏହିଠାରେ ବ୍ୟକ୍ତିରୁ ସମଷ୍ଟି ବା ଏକରୁ ବହୁର ଧାରଣା । ପିଣ୍ଡରେ ବ୍ରହ୍ମାଣ୍ଡବାଦ ଧାରଣାର ଭିତ୍ତି ମଧ୍ୟ ଏହିଠାରେ ।— "ବ୍ୟକ୍ତି ସଂହତିର ଏହି ବିଚିତ୍ର ସମ୍ବନ୍ଧ ଘେନି ବିଶ୍ୱ ବିକାଶ । ବ୍ୟକ୍ତି ବିନା ସଂହତିର ଧାରଣା ନାହିଁ । ସଂହତି ବିନା ବ୍ୟକ୍ତି ନିରର୍ଥକ ।" ( ୨ )

ଦାର୍ଶନିକ ଅନୁଚିନ୍ତା ମୂଳକ ପ୍ରବନ୍ଧ ଗୁଡ଼ିକ ବ୍ୟତୀତ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ,' 'ଗୀତା–ପ୍ରବେଶ,' 'ଆର୍ଯ୍ୟଜୀବନ'ରେ ମଧ୍ୟ ପଣ୍ଡିତ ନୀଳକଣ୍ଠଙ୍କ ଦାର୍ଶନିକ ଦୃଷ୍ଟିକୋଣ ଅନୁସନ୍ଧେୟ । ତାଙ୍କ ବିଗ୍ଭରରେ ଦର୍ଶନ' ମନୁଷ୍ୟର ମନୁଷ୍ୟତାକୁ ଜାଗ୍ରତ କରି ବିଶ୍ୱ ବିକାଶର ମାର୍ଗରେ ତାକୁ ପରିଗ୍ଳିତ କରେ । ଏକ ସାମାଜିକ ପ୍ରାଣୀ ଭବେ ମନୁଷ୍ୟକୁ ପ୍ରଗତି ଅଭିମୁଖୀ କରିବାରେ ଏକ ପଟେ ଇତିହାସ ଓ ଅନ୍ୟ ପଟେ ଦର୍ଶନ, ଉଭୟ ତାହାର ସହାୟକ । ପ୍ରାବନ୍ଧିକଙ୍କ ଭଷାରେ—"ଜୀବଧର୍ମରେ ଅନ୍ୟ ଜନ୍ତୁ ସଙ୍ଗେ ସମାନ ହେଲେହେଁ, ମନୁଷ୍ୟ ଜନ୍ତୁ ନୁହେଁ । ମନୁଷ୍ୟ, ମନୁଷ୍ୟ । ସେ ପ୍ରଗତିପର ସାମାଜିକ ପ୍ରାଣୀ । ଏକ ଆଡ଼େ ତା'ର ପରମ୍ପରା, ଅନ୍ୟଆଡ଼େ ପୁରୋଦୃଷ୍ଟି; ପଛକୁ ଇତିହାସ, ଆଗକୁ ଦର୍ଶନ ।" ( ୩ )

---

( ୧ ) "The Religious and Philosophical Developments in Orissa"-Page-8 ଦ୍ରଷ୍ଟବ୍ୟ

( ୨ ) ନବଭରତ– ୬/୯ମ ସଂଖ୍ୟା –ପୃଷ୍ଠା–୬୫୩

( ୩ ) ଆମେ ସ୍ୱାଧୀନ ଆମେ ମୁକ୍ତ–ନବଭରତ–ନୂଆପ୍ରସ୍ଥ–୧/୯ମ ସଂଖ୍ୟା--ପୃଷ୍ଠା-୪୧

—※—

"ଗୀତାଧର୍ମ ଏହପରି ଯଥାର୍ଥରେ ମାନବ ଧର୍ମ । ଏଥିରେ ଅମନୁଷ୍ୟତା ପାଇଁ ଯେପରି ସ୍ଥାନ ନାହିଁ ଅମାନୁଷତା ବା ଅତିମାନୁଷତା ପାଇଁ ମଧ୍ୟ ସେହପରି ସ୍ଥାନ ନାହିଁ " ଗୀତାପ୍ରବେଶ, : ୩୨୧

Digitized by PPRACHIN, SOA

# ପଣ୍ଡିତ ନୀଳକଂଠ ଓ ଜଗନ୍ନାଥ ଧର୍ମ

ଡଃ ପ୍ରମୋଦ କୁମାର ଦ୍ୱିବେଦୀ

ପଣ୍ଡିତ ନୀଳକଣ୍ଠଙ୍କ ସଂସ୍କାର ବାଦକୁ ଦୃଷ୍ଟି ସମକ୍ଷରେ ରଖି କେହି କେହି ତାଙ୍କୁ ଧର୍ମବିରୋଧୀ ବୋଲି ମତ ଦେଇଥାନ୍ତି, କିନ୍ତୁ ବାସ୍ତବ ପକ୍ଷରେ ସେ ଧର୍ମପ୍ରତି କୁତ୍ରାପି ଅସହିଷ୍ଣୁତା ପ୍ରକାଶ କରିନାହାନ୍ତି । ସେ ବରଂ ଧର୍ମନାମରେ ବ୍ୟଭିଗ୍ରହ ତଥା କୁସଂସ୍କାରର ତୀବ୍ର ନିନ୍ଦା କରିବାରେ ସିଦ୍ଧହସ୍ତ । ତାଙ୍କ ମତରେ, "କୁସଂସ୍କାର ଗୋଟିଏ ଚିତ୍ତବୃତ୍ତି, ଯେ କୌଣସି ରୂପରେ ପ୍ରକାଶ ଥାଉ ପଛକେ ତାହାର ସାଧାରଣ ପ୍ରକୃତି ନିର୍ଦ୍ଦେଶ କରିବାକୁ ଗଲେ ବୋଲଯିବ, ଏହା କାରଣ ନ ବୁଝି ପଶୁପରି କାର୍ଯ୍ୟକରି-ଯିବାର ଗୋଟିଏ ପ୍ରବୃତ୍ତି । ୧ । ପିଲାଙ୍କ ବାଲିଗରଡ଼ା ଖେଳ ଯେପରି ଉତ୍ତର ବୟସର ତାସଗଞ୍ଜପାରେ ପରିଣତ ହୁଏ, ସେହିପରି ପରିଣତ ସମାଜର ଦେବଦେବୀ ଓ ତାଙ୍କ ଅନୁଗୃହୀତଙ୍କ ଅଦ୍ଭୁତ କ୍ରିୟା । ୨ । ଜ୍ଞାନର ଆଲୋଚନା ବା ଯୁକ୍ତି ଦେଓ୍ର ନାଇ । ଏଇ ଯୁକ୍ତି ପ୍ରତି ଭୟ ଜ୍ଞାତ ଭବରେ ହେଉ ବା ଅଜ୍ଞାତ ଭବରେ ହେଉ, ଭକ୍ତଙ୍କ ଧାରଣାରେ ଥାଏ । ବୈଷ୍ଣବଙ୍କର ବଡ଼ କଥାଟି ହେଉଚି, "ବିଶ୍ୱାସେ ନିକଟେ ହରି ତର୍କେ ବହୁଦୂର ।" ସବୁ ଭକ୍ତିଧର୍ମର ଏହାଇ ହେଲା ମୂଳମନ୍ତ୍ର । ସେଇ କାରଣରୁ ସେମାନେ କାର୍ଯ୍ୟରେ ପାଳିତ ହୋଇ ଭଜି ରହିଥିବା ଜୀବ ଜନ୍ତୁ ପରି ହୋଇଯାନ୍ତି । ଅନ୍ତତଃ ସେଇପରି ହୋଇଯିବା ତାଙ୍କର କାମ୍ୟ ଓ କାମ । ଏଇ ଦୀନ ମନୋବୃତ୍ତିରେ ସେମାନେ ମାନବର ସ୍ୱାଧୀନ ଚିନ୍ତା ଓ ଯୁକ୍ତିକୁ ଡ଼ରନ୍ତି ଓ ତା' ବିରୁଦ୍ଧରେ ଆତ୍ମରକ୍ଷା କରିବାକୁ ଦଳବାନ୍ଧି ଜାଗ୍ରତ ରହନ୍ତି । ୩ । ବୈଷ୍ଣବ ସାହିତ୍ୟ ଏକପ୍ରକାର କହିବାକୁ ଗଲେ ସମସ୍ତ ଭାରତକୁ ପ୍ରଭାବିତ କରିଛି । ସମସ୍ତ ଭାରତର ଦାର୍ଶନିକ ମୈତ୍ରୀଧର୍ମ ଉପରେ ନାନା-ଭାବରେ ଓ ନାନାରୂପରେ ଏହାର ଛାପ ପଡ଼ି ଯିବାର କଥା, ପଡ଼ି ଯାଇଛି । ଓଡ଼ିଶାର ଜଗନ୍ନାଥ ଧର୍ମ କିନ୍ତୁ ମୂଳତଃ ପ୍ରାକୃତଧର୍ମ ନୁହେଁ । ଏହା ସାର ବିଶ୍ୱର ଅବବୋଧ ଉପରେ ପ୍ରତିଷ୍ଠିତ ମହାଭାରତୀୟ ମୈତ୍ରୀଧର୍ମ । ସେ ମୈତ୍ରୀଧର୍ମରେ ମହାଭାରତୀୟ ସାହିତ୍ୟ ଓ ସଂସ୍କୃତିର ପ୍ରାଣ ଏବେ ମଧ୍ୟ ଖୋଜି ଦେଖି ହେବ । ସେପରି ଦେଖିବସିଲେ, ତା' ଉପରୁ ଭକ୍ତିଧର୍ମର ଛାପଟି ପୋଛିଦେବା ଦରକାର । ସେ କଳଙ୍କ ମାଜି ନ ଦେଲେ ସ୍ପଷ୍ଟ ଦର୍ଶନ ଫୁଟିବନାଇ ।୪। ସହଜିଆ ଓ ଗୌଡ଼ିୟ ବୈଷ୍ଣବେ ବହୁ ଚେଷ୍ଟାକରି ମଧ୍ୟ ଜଗନ୍ନାଥଙ୍କୁ କୃଷ୍ଣ କରିପାରି ନାହାନ୍ତି । ତେଣୁ ପରକୀୟା ପ୍ରେମଧର୍ମ ଜଗନ୍ନାଥରେ ପଶିପାରି ନାହିଁ ।"

Digitized by PPRACHIN, SOA

ମାହାରୀଏ 'ବଡ଼ସିଂହାର' ବେଳେ ପ୍ରତିଦିନ ବହୁକାଳୁ ଜୟଦେବଙ୍କ ଗୀତଗୋବିନ୍ଦ ବୋଲୁଛନ୍ତି; ସହଜିଆ ଓ ଗୌଡ଼ୀୟମାନେ ମାତା ଧରି ଦେଉଳରେ ପବିତ୍ର ଭକ୍ତ ବୋଲି ବରବର ପଶୁଛନ୍ତି, ଲୋକେ ସେଇ ଚକ୍ରରେ ଭଳି 'ପତିତପାବନାଷ୍ଟକ' ଜଗନ୍ନାଥଙ୍କ ଆଗେ ବୋଲି ସ୍ତୁତି କରୁଛନ୍ତି, କିନ୍ତୁ ପୁରୀ ଏବେବି ବୃନ୍ଦାବନ ବା ନବଦ୍ୱୀପ ହୋଇନାହିଁ କିମ୍ବା ଜଗନ୍ନାଥ ଗୋପୀ ଓ ରାଧାଙ୍କ ବିଟୋଳକୃଷ୍ଣ ହୋଇନାହାନ୍ତି । ଶ୍ରୀମତ୍ ଭଗବତ୍-ଗୀତାର କୃଷ୍ଣଙ୍କ ସଙ୍ଗେ ତାଙ୍କୁ ଏକ ବୋଲି ଦେଖାଇବାର ଚେଷ୍ଟା ହୋଇଛି । କିନ୍ତୁ ସେ ଚେଷ୍ଟାର ଫଳରେ କୃଷ୍ଣ ହୋଇଚନ୍ତି, ପୁରୁଷୋତ୍ତମ, ବା ଜଗନ୍ନାଥ; ପୁରୁଷୋତ୍ତମ କୃଷ୍ଣ ହୋଇନାହାନ୍ତି । ଗୀତାରେ ଭଗବାନ ସ୍ପଷ୍ଟ ବୁଝାଇ କହିଛନ୍ତି—

> "ଯସ୍ମାତ୍ କ୍ଷରମତୀତୋହଂ ଅକ୍ଷରଦପିଚୋତ୍ତମଃ
> ଅତୋହଂ ଲୋକେବେଦେଚ ପ୍ରଥିତଃ ପୁରୁଷୋତ୍ତମ ।"

ଅର୍ଥାତ୍ ଯେଣୁ ମୁଁ କ୍ଷର ବା ବ୍ୟକ୍ତ ପୁରୁଷରୁ ଅତୀତ ଓ ଅକ୍ଷର ବା ଅବ୍ୟକ୍ତ ପୁରୁଷରୁ ଉତ୍ତମ, ତେଣୁ ଲୋକରେ ଓ ବେଦରେ ମୁଁ ପୁରୁଷୋତ୍ତମ ବୋଲି ପ୍ରସିଦ୍ଧ । 'ଲୋକେବେଦେଚ'ରୁ ପ୍ରତିପନ୍ନ ହୁଏ ଯେ ଗୀତାର ପ୍ରକାଶବେଳକୁ ଏହି ଦର୍ଶନର ସଙ୍କେତ ରୂପେ ପୁରୁଷୋତ୍ତମଙ୍କ ଉପାସନା ପ୍ରତିଷ୍ଠିତ ହୋଇଥିଲା । ପୁରୁଷୋତ୍ତମଙ୍କ ବିଷୟରେ ଗୀତାକାଳୀନ ଅନ୍ୟ କୌଣସି ତତ୍ତ୍ୱଗ୍ରନ୍ଥରେ ଏପରି ଉଲ୍ଲେଖ ନାହିଁ । ତେଣୁ ଏଇ ସମନ୍ୱୟର ଭିତ୍ତିରେ ଗୀତାର ପଞ୍ଚଦଶ ଅଧ୍ୟାୟଟି 'ପୁରୁଷୋତ୍ତମ ଯୋଗ' ନାମରେ ନାମିତ । ଲୋକରେ ଉପାସ୍ୟ ଦେବରୂପେ ପୁରୁଷୋତ୍ତମ ହେଉଚନ୍ତି ପ୍ରାଚୀନ କଳିଙ୍ଗ, ଆଜିର ଓଡ଼ିଶାର ପୁରୁଷୋତ୍ତମ ପୁରୀ ବା ପୁରୀର ଜଗନ୍ନାଥ । ଗୀତା ବେଳକୁ ପୁରୁଷୋତ୍ତମ ନାମରେ ଭକ୍ତର ଉପାସ୍ୟଦେବ ରୂପେ ଆଉ କେହି ନାହାନ୍ତି । ତେଣୁ ଏଇ ଜଗନ୍ନାଥଙ୍କ ସ୍ଥାନ ବା ପୁରୁଷୋତ୍ତମ କ୍ଷେତ୍ର ହେଉଛି ଶ୍ରେଷ୍ଠଧାମ—ଭକ୍ତର ପରମ ସ୍ଥାନ । ୫।

## ଶ୍ରୀଜଗନ୍ନାଥ ଓ ଚତୁର୍ଦ୍ଧାମୂର୍ତ୍ତି-ତତ୍ତ୍ୱ ରହସ୍ୟ :

ଚତୁର୍ଦ୍ଧା ବା ଜଗନ୍ନାଥଙ୍କର ଚାରିପ୍ରକାର ମୂର୍ତ୍ତି—ଚାରୋଟି ପରସ୍ପରଠାରୁ ଭିନ୍ନ ମୂର୍ତ୍ତି ନୁହେଁ । ଏଇ ଚତୁର୍ଦ୍ଧା ମୂର୍ତ୍ତି ହେଉଚି— ସୁଦର୍ଶନ, ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା । ସୁଦର୍ଶନ ହେଉଛନ୍ତି ଏଠି 'ମହାଶୂନ୍ୟ' । ଏ ଶୂନ୍ୟ ବା ମହାଶୂନ୍ୟରେ ବାସ୍ତବତାର ଆଦୌ ସତ୍ତା ନାଇ । ଏହା ସର୍ବଦର୍ଶନ ସଂଗ୍ରହର "ଅସ୍ତିନାସ୍ତି ତଦନୁଭୟାଭୟ ଚତୁଷ୍କୋଟି ବିନିର୍ମୁକ୍ତଂ ଶୂନ୍ୟରୂପଂ" ଅର୍ଥାତ୍ ଅଛି, ନାଇ—ଏ ଉଭୟ-ଏ ଉଭୟର ଅଭାବ—ଏଇ ଚାରିରୁ ବାହାରେ ଶୂନ୍ୟରୂପ । ସେ ମହାଶୂନ୍ୟ ହେଲା ଆଗ ଶୂନ୍ୟ, ଶୂନ୍ୟ ଜ୍ୟୋତି ଓ ଚେତନା ସ୍ୱରୂପ । ଏହାକୁ ଅନ୍ୟକ୍ତ ଶୂନ୍ୟଜ୍ୟୋତି ବା ଜ୍ୟୋତିର୍ମୟ ଅନ୍ଧକାର ବୋଲି କୁହାଯାଇଛି ।

Digitized by PPRACHIN, SOA

ଏହା ଓଡ଼ିଆ ବୈଷ୍ଣବଙ୍କ ନିତ୍ୟ କୃଷ୍ଣ ରୂପ । ଏହାଇ ଚତୁର୍ଦ୍ଧାମୂର୍ତ୍ତିର 'ଜଗନ୍ନାଥ' ସ୍ୱରୂପ ବା ବିଶ୍ୱମୂଳ ଅଣାକାରଙ୍କ 'ଜଗନ୍ନାଥ'-ରୂପଧାରଣା । ଏଇଠାରେ ପ୍ରଥମ 'କାମ' ବା ସୃଷ୍ଟିର ବାଞ୍ଛା । ଏହି ସ୍ୱରୂପରେ କର୍ମେନ୍ଦ୍ରିୟର ସୂଚନା ଥିବାରୁ କଳା ଜଗନ୍ନାଥରେ ହାତ ଦିଓଟିର ସଙ୍କେତ । ତା'ପରେ ରଜୋରୂପିଣୀ, ଯୋଗମାୟା, 'ପ୍ରକୃତି' । ଓଡ଼ିଆ ବୈଷ୍ଣବଙ୍କର ଏହା ନିତ୍ୟ-ରାଧାରୂପ । ଏ ବର୍ଣ୍ଣମୟୀ ବା ବର୍ଣ୍ଣିନୀ-ତେଣୁ ସମ୍ଭବତଃ ରକ୍ତବର୍ଣ୍ଣ ନ ହୋଇ ହଳଦିଆ । ପ୍ରାଚୀନ କଳିଙ୍ଗରେ ଶରୀର ସୌନ୍ଦର୍ଯ୍ୟର ମାପ ଥିଲା ସୁନାପରି ବର୍ଣ୍ଣ । ଯଶୋବନ୍ତଙ୍କ 'ପ୍ରେମଭକ୍ତି ତତ୍ତ୍ୱ' ଗ୍ରନ୍ଥ ଅନୁସାରେ–

ଯୋଗମାୟାର ଯୋନି ନାହିଁ
ପ୍ରେମ–ବିଶ୍ୱରେ ଜାତ ହୋଇ ।
ଦେଖିଲି କୋମଳ ସ୍ୱରୂପ
ହେମ ମର୍କତ ପ୍ରାୟେ ରୂପ । ୩୨ । ( ୨ୟ ଅଧ୍ୟାୟ )

କର୍ମେନ୍ଦ୍ରିୟର ସୂଚନା ନ ଥିବାରୁ ସୁଭଦ୍ରାମୂର୍ତ୍ତିର ହାତ ନ ଥିବାର ସଂକେତ । ଶୂନ୍ୟ ସଙ୍ଗେ ଏଇ ଯୋଗମାୟାର ନିତ୍ୟଯୁଗଳ ରୂପର ପ୍ରକାଶ ହେଲା, ବିରାଟ ରୂପ ବା ବ୍ୟକ୍ତର ମୂଳ । ଏହାଇ ଶୂନ୍ୟର 'ଠାକୁରୂପ' । ଏହା ସ୍ପଷ୍ଟ ପ୍ରକାଶ ରୂପ, ତେଣୁ ଏଥିରେ କର୍ମେନ୍ଦ୍ରିୟର କଳ୍ପନା ମଧ୍ୟ ଯୁକ୍ତିଯୁକ୍ତ । ତେଣୁ ବଳଭଦ୍ର ମୂର୍ତ୍ତିରେ କର୍ମେନ୍ଦ୍ରିୟର ସଙ୍କେତ ସ୍ୱରୂପ ହାତ ବି ଅଛି । ଏ ଅତି ବଳବାନ୍, ଅନନ୍ତ । ଏଇ ଅନନ୍ତ ପୁଣି ଓଡ଼ିଆ ଶରୀର ସାଧନାରେ ହେଉଚି–ସୁଷୁମ୍ନା ନାଡ଼ୀ । ଏଇ ନାଡ଼ୀର ଶେଷ ସାଧନାରେ ନିର୍ବାଣ ହୁଏ । ତେଣୁ ଏହାର ପୁଣି ଶେଷ । ଏହାଙ୍କୁ ତନ୍ତ୍ରରେ କୁହାଯାଇଚି, 'ବିରାଟ' 'ଇଚ୍ଛାଅଙ୍ଗ' । ମନ୍ତ୍ରରେ ଶୂନ୍ୟ ବା ଜଗନ୍ନାଥ ହେଉଛନ୍ତି କ୍ଳୀଂ ବା କାମବୀଜ । ଯୋଗମାୟା ବା ସୁଭଦ୍ରା ହେଉଛନ୍ତି ଶ୍ରୀଂ ବା 'ରଜ,' 'ବିରାଟ' 'ବଳଭଦ୍ର' ବଡ଼ ଠାକୁରେ ହେଉଛନ୍ତି 'ହ୍ରୀଂ' ବା ଲଜ୍ଜା ଅଙ୍ଗ । ଶୂନ୍ୟର ଯୋଗମାୟା ସମ୍ପର୍କରେ ଏଇ ଯେଉଁ ବିରାଟ ରୂପ ହୁଏ, ଯେଉଁଥିରୁ ସକଳର ଉତ୍ପତ୍ତି । ଅଣାକାର, ନିରଞ୍ଜନ, ଅବର୍ଣ୍ଣନୀୟ, ସୁଦର୍ଶନଙ୍କୁ ଘେନି ଏକ ମହାଶୂନ୍ୟର ଏ ଚାରିପ୍ରକାର ବା ଚତୁର୍ଦ୍ଧାମୂର୍ତ୍ତି । ଏଥିରେ ମହାଶୂନ୍ୟ ବା ସୁଦର୍ଶନଇ ମୂଳ । ତେଣୁ ସେ ଆଗ । ତା'ପରେ ବିଶ୍ୱରୂପ, ବଳଭଦ୍ର ରୂପେ । ତା'ପରେ ଯୋଗମାୟା, ସୁଭଦ୍ରା ଓ ତହୁଁ ଶୂନ୍ୟରୂପ 'ଜଗନ୍ନାଥ' । ଏହାଇ ମାନବ ଦର୍ଶନର ସ୍ୱାଭାବିକ ଓ କ୍ରମିକ ଧାରଣା । ସ୍ଥୂଳଆଡୁ କ୍ରମଶଃ ସୂକ୍ଷ୍ମକୁ ଏ ଧାରଣା । ୬ ।

Digitized by PPRACHIN, SOA

## ଜଗନ୍ନାଥ ଧର୍ମର ସରଳ ବ୍ୟାଖ୍ୟା :

"ଏହି ଧର୍ମରେ ଉପାସନା ବା ଭଜନା ବୋଲିଲେ ସେଥିରେ ସ୍ତୁତିର ପ୍ରଶଂସାଗାନ ବା ସ୍ତାବକର ଆକାଙ୍କ୍ଷା ବା ଅଭିଳାଷମତେ ଆରୋପିତ ଯଶୋଗାନ ନୁହେଁ । ଉପାସନା ବୋଇଲେ, ଉପାସ୍ୟର ପାଖରେ ରହିଲପରି ବିଗ୍ରହି ବା ଉପାସ୍ୟ ସନ୍ନିଧିରେ ରହି ତନ୍ମୟ ହେବାର ନିରନ୍ତର ପ୍ରଯନ୍‌ । × × ଭକ୍ତି ଏଠି ହେଉଛି ଉପାସ୍ୟରେ ଏହିପରି 'ପରାନୁରକ୍ତି' × × × × ମୋ 'ଆତ୍ମାପୁରୁଷ' ତୃପ୍ତହେବ ବୋଲି ମୁଁ ଭୋଗରେ ମାତେ, କିନ୍ତୁ ପରିବାରର ସୁଖ କାମନାରେ ମୁଁ ନିଜ ସୁଖଦୁଃଖ ଭୁଲି ପରିବାର ରୂପ ପୁରୁଷକୁ ଉପାସନା କରି ସେଇ ପରିବାରର ସୁଖ ଦୁଃଖକୁ ପୂରାପୂରି ମୋର ସୁଖଦୁଃଖ ବୋଲିବିଗ୍ରରେ । × × ମୋ ଆତ୍ମାପୁରୁଷ ନିଜର ସଂକୀର୍ଣ୍ଣ ବ୍ୟକ୍ତି ବନ୍ଧନକୁ ମୁକୁଳା କରି ସମସ୍ତ ପରିବାରରେ ବ୍ୟାପ୍ତ ହୋଇ ଏକାକାର ବା ତନ୍ମୟ ହୋଇଯାଏ । ସେଇପରି ଦେଶାତ୍ମବୋଧ । ମୋ ଦେଶରୂପ ପୁରୁଷକୁ ମୁଁ ଯେବେ ଭଜେ, ତେବେ ମୁଁ ଜେଲ୍‌ ଗଲେ ବା ଫାଶି ପାଇଲେ ମଧ୍ୟ ଦେଶର ମଙ୍ଗଳ ସେଥିରେ ହେଉଛି, ମୁଁ ଆନନ୍ଦରେ ତା ସବୁ ଭୋଗେ । ସେତେବେଳେ ମୋର ଆତ୍ମାପୁରୁଷ ମୁଁ ନୁହେଁ, ଏହା ସମସ୍ତ ଦେଶ ସଙ୍ଗେ ଏକାକାର । ସେଇପରି ସମସ୍ତ ମାନବସମାଜ ବା ଜଗତକୁ, ନିଜର ଆତ୍ମାପୁରୁଷ ସଙ୍ଗେ ଏକ କରି ଗୋଟିଏ ପୁରୁଷ ବୋଲି ବିଗ୍ରହି ସେଇ ଶ୍ରେଷ୍ଠତମ ପୁରୁଷ ବା 'ପୁରୁଷୋତ୍ତମ'କୁ ଭଜିଲେ, ଉପାସନା କଲେ ବା ସେଇ ଜଗତ୍‌ସ୍ୱରୂପ ପୁରୁଷର, ପୁରୁଷୋତ୍ତମର ବା ଜଗତର ସୁଖ ଦୁଃଖରେ ନିଜେ ସୁଖୀ ବା ଦୁଃଖୀ ହେଲେ, ସେଇ ହେଲା ଜଗତ୍‌ପୁରୁଷ ବା ଜଗନ୍ନାଥର ଉପାସନା । × × ଏଇ ଜଗତ୍‌ସ୍ୱରୂପ ପୁରୁଷକୁ ବା ପୁରୁଷୋତ୍ତମଙ୍କୁ ନିଜ କର୍ମରେ ଉପାସନା କରିବାଇ ନିଜର ବ୍ୟକ୍ତି-କର୍ମକୁ ଏଇପରି ଜଗତ୍‌ ବା ଜଗତ୍‌ ପୁରୁଷ ବୁଦ୍ଧିରେ ନିୟମିତ କରି ଚଳିବାଇ–ଜଗନ୍ନାଥଧର୍ମ । (୭)

## ଜଗନ୍ନାଥ ଧର୍ମର ବୈଶିଷ୍ଟ୍ୟ :

ଓଡ଼ିଶା କହିଲେ ଲୋକେ ଜଗନ୍ନାଥଭୂମି ବୁଝନ୍ତି । ବାସ୍ତବରେ ଜଗନ୍ନାଥ ଉତ୍କଳ ସଭ୍ୟତାର ପ୍ରତିମୂର୍ତ୍ତି । × × ଭେଦବୁଦ୍ଧି ଜନିତ ପ୍ରକୃତ କୁସଂସ୍କାର ଓ ଉପଧର୍ମର ଅଚ୍ଛେଦ୍ୟ-ବନ୍ଧନ ମଧ୍ୟରେ ଜଗନ୍ନାଥ ଏକ ସାମ୍ୟମୈତ୍ରୀ ଓ ମୁକ୍ତିର ଆଦର୍ଶ । ଏହି ଆଦର୍ଶର ସ୍ପଷ୍ଟ ବିଗ୍ରହ ରୂପେ ଜଗନ୍ନାଥ ଧର୍ମ ଦିନେ ବିକାଶ ପାଇଥିଲା । (୮) ଏ ଦେଶରେ ଜୈନ, ବୌଦ୍ଧ, ବୈଷ୍ଣବ, ଶାକ୍ତ ପ୍ରଭୃତି କେତେ ଧର୍ମବାଦର ବନ୍ୟା ପ୍ରବାହିତ ହୋଇ କେତେକେତେ ଧର୍ମଗୁରୁ ଓ ମତ ପ୍ରଚାରକ ଆସି ସ୍ୱ ସ୍ୱ ମତବାଦ ପ୍ରଚାର କରିଯାଇଛନ୍ତି । ତଥାପି କେହି ଜଗନ୍ନାଥଙ୍କୁ ନିଜର କରିପାରି ନାହାନ୍ତି କିମ୍ବା ରୂପରେ କୌଣସି ପରିବର୍ତ୍ତନ ଘଟାଇ

Digitized by PPRACHIN, SOA

ନାହାନ୍ତି । ୯ । ବିଭିନ୍ନ ସ୍ଥାନରୁ ନଦୀମାନେ ଆସି ସାଗର ସହିତ ମିଳିତ ହେଲାପରି ପରମପୁରୁଷ ଶ୍ରୀଜଗନ୍ନାଥଙ୍କ ପୀଠରେ ପଦାର୍ପଣ କରିବା ପରେ ସ୍ୱଧର୍ମକୁ ପାସୋରିଦେଇ ସେମାନେ ଜଗନ୍ନାଥଧର୍ମ ସହିତ ଆପଣାକୁ ଲୀନ କରି ଦେଇଛନ୍ତି । ୧୦ । ମଧ୍ୟଭାରତର ବିଶ୍ୱନାଥ ପଶ୍ଚିମଭାରତର ସୋମନାଥ ଦକ୍ଷିଣଭାରତର ରାମନାଥଙ୍କ ସହିତ ସେ ପ୍ରଦେଶର ଧର୍ମ ଓ ସଂସ୍କୃତିର କୌଣସି ସମ୍ପର୍କ ନାହିଁ । କିନ୍ତୁ ଓଡ଼ିଶାର ଧର୍ମ କହିଲେ ଜଗନ୍ନାଥ ଧର୍ମ, ସଂସ୍କୃତି କହିଲେ ଜଗନ୍ନାଥ ସଂସ୍କୃତି ଓ ଇତିହାସ କହିଲେ ଜଗନ୍ନାଥଙ୍କ ଇତିହାସ । ୧୧ । ସେ ସାରାଭାରତ ତଥା ବିଶ୍ୱ ବ୍ରହ୍ମାଣ୍ଡର କୋଟି କୋଟି ଜନତାଙ୍କ ପାଇଁ ପରମପୁରୁଷ ବା ପୁରୁଷୋତ୍ତମ ହୋଇଇ ପାରନ୍ତି । କିନ୍ତୁ ଓଡ଼ିଆବାସୀଙ୍କ ସହିତ ତାଙ୍କର ସମ୍ପର୍କ ଜଣେ ସାଧାରଣ ମନୁଷ୍ୟର ସମ୍ପର୍କପରି ଏକାନ୍ତ ଆପଣାର ।୧୨। ଓଡ଼ିଶାବାସୀଙ୍କ ଆପଦବିପଦରେ ସେ ସହାୟ ହୁଅନ୍ତି । ଓଡ଼ିଶା ରାଜାଙ୍କ ସମ୍ମାନ ରକ୍ଷାଲାଗି ସେ ଯୁଦ୍ଧକ୍ଷେତ୍ରରେ ଯୋଦ୍ଧା ବେଶରେ ଅବତୀର୍ଣ୍ଣ ହୁଅନ୍ତି । ପୁଣି ସହଜେ ସେ ଭକ୍ତର ଭାବବିନୋଦିଆ । ପଣ୍ଡିତ ନୀଳକଣ୍ଠ ଦାସ ଏହି ଜଗନ୍ନାଥ ତତ୍ତ୍ୱ ରହସ୍ୟ ସମ୍ବନ୍ଧରେ ବହୁ ଆଲୋଚନା କରିଯାଇଛନ୍ତି । ତନ୍ମଧ୍ୟରେ ତାଙ୍କର 'ଓଡ଼ିଆ ସାହିତ୍ୟର କ୍ରମପରିଣାମ,' 'ଗୀତା ଭାଷ୍ୟ' Orissa Historical Research Journal ରେ ପ୍ରକାଶିତ Hints on the significance of Jagannath, ନବଭାରତ' ପତ୍ରିକାରେ କ୍ରମାନ୍ୱୟରେ ପ୍ରକାଶିତ 'ଜଗନ୍ନାଥଧର୍ମ', ଏବଂ 'ଭାରତର ଧର୍ମବିକାଶ' ଆଦି ପ୍ରବନ୍ଧ ଦ୍ରଷ୍ଟବ୍ୟ । ତାଙ୍କର ବିଭିନ୍ନ କାବ୍ୟକୃତିରେ ମଧ୍ୟ ସେ ଏହି ଜଗନ୍ନାଥ ଚେତନାର ବଶବର୍ତ୍ତୀ ହୋଇଥିବାର ଲକ୍ଷ୍ୟ କରିହୁଏ । ଉଦାହରଣ ସ୍ୱରୂପ :

'କୋଣାର୍କେ' କାବ୍ୟରେ ବିଶ୍ୱନାଥଙ୍କୁ ନୀଳାଚଳ କ୍ଷେତ୍ରରୁ ଆସିଥିବାର ଜାଣିବା ପରେ ଚନ୍ଦ୍ରଯୁବରାଜ ନୀଳାଚଳ ଦେଶର ପ୍ରଶସ୍ତିଗାନ କରିଛନ୍ତି । ତାଙ୍କର ପିତାମହ ମୋକ୍ଷ ପ୍ରାପ୍ତି ଉଦ୍ଦେଶ୍ୟରେ ଜୀବନର ଅନ୍ତିମକାଳ କଟାଇବାପାଇଁ ସେହି ଦେଶକୁ ଯାତ୍ରା କରିଥିଲେ । ସାଗର ତୀରରେ ସୈକତ ଶଯ୍ୟାରେ ଜଗନ୍ନାଥଙ୍କ ଧ୍ୟାନ ଧାରଣା କରିବାରେ ତାଙ୍କର ଶେଷ ଜୀବନ କଟିଥିଲା । ସାଧକମାନେ ତାଙ୍କର ସମାଧିକ୍ରିୟା ସମାପନ କରିଥିଲେ । ଶେଷରେ ସ୍ୱର୍ଗରୁ ତାରକା ଖସିବା ପରି ଏକ ରଥ ଖସିଆସିଥିଲା ଏବଂ ତାଙ୍କୁ ନେଇ ପୁଣି ସ୍ୱର୍ଗକୁ ଚାଲି ଯାଇଥିଲା । ସେଠାର ମନୁଷ୍ୟ ଦେବତା ସଦୃଶ । ସେହି ଦେଶର ମନୁଷ୍ୟକୁ ଦଣ୍ଡ ଦେବାକୁ ଯମଦୂତମାନେ ଶଙ୍କିଯାଆନ୍ତି । ବିଷ୍ଣୁଦୂତମାନେ ହିଁ ସେହି ଦେଶର ମନୁଷ୍ୟଙ୍କୁ ସ୍ୱାଗତ କରିନିଅନ୍ତି । ସେଠାରେ ଗୋଟିଏ କାକ ମରି ବିଷ୍ଣୁଲୋକକୁ ଯାଇଥିବା ପୁରାଣ ପ୍ରସିଦ୍ଧ । ପୁରୀ ମନ୍ଦିରରେ ସେହି କାକ ଭକ୍ତ ରୂପରେ ଏବେ ପୂଜା ପାଏ । ଚନ୍ଦ୍ର ଯୁବରାଜଙ୍କ ଠାରୁ ଉକ୍ତ ପ୍ରଶସ୍ତି ଶୁଣିବା ପରେ ଦ୍ୱିଜ ବିଶ୍ୱନାଥ

Digitized by PPRACHIN, SOA

ମଧ୍ୟ ନୀଳାଚଳଧାମର ମହିମା ଗାନ କରିଛନ୍ତି । ନୀଳାଚଳନାଥ ଶ୍ରୀଜଗନ୍ନାଥ ଗଜପତି ରାଜାଙ୍କୁ ଆପଦ ବିପଦ ସମୟରେ ସ୍ୱପ୍ନ ମାଧ୍ୟମରେ ଗହନକଥା ଜଣାଇ ଦିଅନ୍ତି । ନରସିଂହଦେବଙ୍କୁ ଯେ ଚନ୍ଦ୍ରର ଅଭିଗ୍ରହଣ ବିଷୟରେ ସ୍ୱପ୍ନରେ ଶୁଣାଇଦିଅନ୍ତି । ସେହି ଜଗନ୍ନାଥଙ୍କ କୃପାରେ ପୁଣି ଉତ୍କଳୀୟସେନା ବଳୀୟାନ ହୋଇଉଠନ୍ତି । ଏହି ପବିତ୍ର ନୀଳାଚଳ ଧାମକୁ ଦର୍ଶନ କରି ନଥିବାରୁ 'କୋଣାର୍କ' କାବ୍ୟର 'ପ୍ରାନ୍ତ-ଭଷଣ'ରେ ଭଟ ତେଣୁ ନିଜକୁ ନ୍ୟୂନ ମନେ କରିଛି । ଜମ୍ବୁଜେମା ମୃତ୍ୟୁ ପରେ ମଧ୍ୟ ତାଙ୍କର ଶବକୁ ବଡ଼ ଦେଉଳର ପାର୍ଶ୍ୱଦେଇ ବହିନେବାକୁ ସଖୀଠାରେ ଅନୁରୋଧ କରିଥିଲେ ।

'ଦାଯନାଏକ' କାବ୍ୟରେ ମେଲ୍ଲ କୋଳରେ ଝିଅଟିଏ ଓ ପୁଅଟିଏର ଆବିର୍ଭାବ, ଚୀନକୁ ଯାଉଥିବା ଜାହାଜରେ ଦାସର ଖଲସୀ ଚାକିରୀ, ଲଇଖଣର ମେଲ୍ଲକୁ ସହାୟତା, ଝଡ଼ରେ ବିପର୍ଯ୍ୟସ୍ତ ଦାସକୁ ଏକ ଅପରିଚିତ ଜାହାଜର କର୍ମଚାରୀଙ୍କ ସହାୟତା, ଗ୍ରାମକୁ ଫେରିବାପରେ ନିଜ ସ୍ତ୍ରୀକୁ ଲଇଖଣ ବିବାହ କରିଥିବାର ଜାଣି ମଧ୍ୟ ସେମାନଙ୍କୁ ଦେଖିବାର ସାହସ ଓ ମାନସିକ ଶକ୍ତି ସଞ୍ଚୟ ସବୁ ଯେମିତି ଜଗନ୍ନାଥଙ୍କ ଆଶୀଷ ବଳରେ ସମ୍ଭବପର ହୋଇଛି । ବସ୍ତୁତଃ ପ୍ରତ୍ୟେକ ଚରିତ୍ର ଏଠାରେ ଆପଦ ବିପଦରୁ ରକ୍ଷା ପାଇବା ପାଇଁ ଜଗନ୍ନାଥଙ୍କ ଆଶ୍ରୟପ୍ରାର୍ଥୀ ହୋଇଛନ୍ତି ।

କୋଣାର୍କ କାବ୍ୟରେ ଜଗନ୍ନାଥ ସଂସ୍କୃତିର କେତେକ ଚିତ୍ର ମଧ୍ୟ ପ୍ରଦତ୍ତ । ବିବାହ ନିର୍ବନ୍ଧ ସମୟରେ କନ୍ୟାଗୃହରୁ ବରଗୃହକୁ ନିର୍ବନ୍ଧର ସଂକେତ ନାରୀକେଳ ପ୍ରେରଣ ସମୟରେ ଜଗନ୍ନାଥଙ୍କୁ ସ୍ମରଣ କରାଯାଇଥାଏ, ଜଗନ୍ନାଥଙ୍କ ଆଶୀର୍ବାଦରେ ବିବାହକାର୍ଯ୍ୟ ନିର୍ବିଘ୍ନରେ ସମ୍ପନ୍ନ ହୋଇପାରିବ ବୋଲି । ଜମ୍ବୁଜେମାଙ୍କ ବିବାହ ଉଦ୍ଦେଶ୍ୟରେ ନିର୍ବନ୍ଧ ନାରୀକେଳ ପ୍ରେରଣ ସମୟରେ ରାଜା ସେହିପରି ଜଗନ୍ନାଥଙ୍କୁ ସ୍ମରଣ କରିଛନ୍ତି । ପରସ୍ପର ମଧ୍ୟରେ ଭେଦଭାବ ଭୁଲି ଜଗନ୍ନାଥଙ୍କ ଠାରେ ଆତ୍ମୋତ୍ସର୍ଗ କରିବାହିଁ ଜଗନ୍ନାଥ ସଂସ୍କୃତିର ମୂଳକଥା । ଏହି ସଂସ୍କୃତି ମଧ୍ୟ ଶିକ୍ଷାଦିଏ ଅପରର ସୁଖଦୁଃଖରେ ସମ୍ବେଦନା ଜଣାଇବାକୁ ଏବଂ ଭାଗୀଦାର ହେବାକୁ । 'କୋଣାର୍କ' କାବ୍ୟରେ ଜମ୍ବୁଜେମାଙ୍କ ସହିତ ନରସିଂହ ଦେବଙ୍କ ନିର୍ବନ୍ଧ ହୋଇଯାଇଛି । ପ୍ରଣୟିନୀ ମାୟାଦେବୀଙ୍କ ନିକଟରେ ଅତିଶୟ ଦୁଃଖରେ ନରସିଂହ କିଛିହେଲେ କହି ପାରୁନାହାନ୍ତି । ମାତ୍ର ମାୟା ନରସିଂହଙ୍କର ମର୍ମଦାହ ଅନୁଭବ କରିପାରିଛନ୍ତି ଏବଂ ନରସିଂହଙ୍କ ସୁଖକୁ ନିଜର ସୁଖ ବୋଲି କହିପକାଇଛନ୍ତି । ନରସିଂହଙ୍କ ବିଷାଦ—ମନରେ ଆନନ୍ଦ ଫେରିଆସିବା-ପାଇଁ ସେ ଯେଉଁଭଳି ଆତ୍ମୋତ୍ସର୍ଗର ବାଣୀ ଉଚ୍ଚାରଣ କରିଛନ୍ତି, ତାହା ତାଙ୍କ ଚରିତ୍ରକୁ

Digitized by PPRACHIN, SOA

ମହୀୟସୀ କରି ଗଢ଼ିତୋଳିଛି । ଜୟନ୍ତ୍ରେମା ଏକାମ୍ର ଦେଶକୁ ଆସିବା ସମୟରେ ମାୟାଦେବୀ ତାଙ୍କୁ ଭଗ୍ନୀ ସମ୍ଭାଷଣ କରି ଯେଭଳି ଆତିଥ୍ୟ ପ୍ରଦାନ କରିଛନ୍ତି ଏବଂ ସପତ୍ନୀ ହେଲେ ମଧ୍ୟ ଉଭୟଙ୍କ କଥୋପକଥନରେ ଯେଉଁ ତ୍ୟାଗର ବାର୍ତ୍ତା ପୂରି-ରହିଛି, ତାହା ବାସ୍ତବିକ୍ ଅନୁପମ । ଅନ୍ୟର ହୃଦୟକୁ ଏପରି ଉପଲବ୍ଧି କରିବା ତଥା ଆତ୍ମୋତ୍ସର୍ଗର ଏପରି ଦୃଷ୍ଟାନ୍ତ ଜଗନ୍ନାଥ ସଂସ୍କୃତିରେ ହିଁ ପରିଲକ୍ଷିତ । ଜଗନ୍ନାଥ ସଂସ୍କୃତିରେ ଅତିଥି ସତ୍କାର ମନୁଷ୍ୟର ପରମ କର୍ତ୍ତବ୍ୟ । ଦ୍ୱିଜ ବିଶ୍ୱନାଥଙ୍କୁ ଅତିଥି ଭାବରେ ପରିଚର୍ଯ୍ୟା କରିବାପାଇଁ ଜମ୍ମୁ ଉଆସରେ ଉତ୍ସବ-ଚହଳ ପଡ଼ିଯାଇଛି । ବାର୍ତ୍ତିତନିନାଦରେ ଉଆସ କମ୍ପି ଉଠିଛି । ଶିଶୁପାଳଗଡ଼କୁ ଅତିଥିଭାବରେ ଦସ୍ୟୁ-ମାନେ ଆସି ଅନେକ କ୍ଷୟକ୍ଷତି ସାଧନ କରିଥିଲେ ମଧ୍ୟ ଅତିଥିଙ୍କୁ ବିନା କୈଫିୟତରେ ଗଡ଼ମଧ୍ୟକୁ ପ୍ରବେଶ କରିବାର ଅଧିକାର ସର୍ବଦା ରହିଥାଏ ।

ସର୍ବୋପରି ପଣ୍ଡିତ ନୀଳକଣ୍ଠଙ୍କ ଗଦ୍ୟ ଓ କାବ୍ୟକୃତି ସଂଗ୍ରହ ପର୍ଯ୍ୟାଲୋଚନା କଲେ ତହିଁରୁ ତାଙ୍କର ଜଗନ୍ନାଥ ଧର୍ମ ଓ ସଂସ୍କୃତି ସମ୍ବନ୍ଧୀୟ ଚେତନାର ମୁଦ୍ରାଙ୍କ ସ୍ପଷ୍ଟ ପ୍ରତିଭାତ ହୁଏ ।

*
* *

## -ଟୀକା-

୧– ଆମର ଥିଲ ଓ କାରଣ ଥାଇପାରେ ବା ସାମାଜିକ କୁସଂସ୍କାର–
ନୀଳକଣ୍ଠ ଗ୍ରନ୍ଥାବଳୀ, ୩ୟ ଖଣ୍ଡ ପୃ : ୪୮୬
୨– ଓଡ଼ିଆ ସାହିତ୍ୟର କ୍ରମ ପରିଣାମ-୨ୟ ସଂସ୍କରଣ, ପୃ : ୪୦୪
୩– ତତ୍ରୈବ–ପୃ ୩୬୨
୪– ତତ୍ରୈବ-ପୃ : ୩୬୪
୫– ନୀଳକଣ୍ଠ ଗ୍ରନ୍ଥାବଳୀ, ୩ୟ ଖଣ୍ଡ ପୃ : ୯୯–୧୦୦
୬– ତତ୍ରୈବ–ପୃ : ୧୧୫-୧୧୬
୭– ତତ୍ରୈବ-ପୃ : ୧୯୨–୧୯୩
୮– ଜଗନ୍ନାଥଧର୍ମ- ନବଭାରତ କଟକ ୧୩୪୧ ପୃ : ୧୦୯
୯– ଦାରୁଦେବତା–ଭୂମିକା–ପ : କ–ଡ଼କ୍ଟର ବେଣୀମାଧବ ପାଢ଼ୀ
୧୦– Jagannath in History & Religious tradition of Orissa
Dr. G. P. Mohapatra ( p : i )
୧୧– ଦାରୁଦେବତା–ଡ଼କ୍ଟର ବେଣୀମାଧବ ପାଢୀ ( ପୃ–କ )
୧୨– Lord Jagannth Surendra mohanty ( P. 58 )

Digitized by PPRACHIN, SOA

# ପଣ୍ଡିତ ନୀଳକଂଠ ଓ ଛାତ୍ର ସମାଜ

ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ

ପଣ୍ଡିତ ନୀଳକଣ୍ଠ ଥିଲେ ଏକ ବିରଳ ପ୍ରତିଭାବାନ ବ୍ୟକ୍ତି । ରାଜନୀତି, ସାହିତ୍ୟ, ସମାଜ ସଂସ୍କାର, ସବୁ କ୍ଷେତ୍ରରେ ତାଙ୍କ ଅବଦାନ ଅସାଧାରଣ । ପ୍ରକୃତ ମଣିଷ ଗଢ଼ିବା ଉଦ୍ଦେଶ୍ୟରେ ସତ୍ୟବାଦୀରେ ଯେଉଁ ବନ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା, ପ୍ରଥମ ଜୀବନରେ ପଣ୍ଡିତ ନୀଳକଣ୍ଠ ତା'ର ଅଧ୍ୟକ୍ଷ ଥିଲେ । ଦେଶର ଭବିଷ୍ୟତ ନାଗରିକମାନେ ଯେପରି ସ୍ୱାବଲମ୍ବନଶୀଳ ହୋଇ ପାରିବେ, ଓ ନିଜ ମଂଗଳ ସହିତ ସମାଜ ଓ ଦେଶର ହିତରେ ନିଜକୁ ନିୟୋଜିତ କରି ପାରିବେ, ସେଇ ଭାବରେ ସେମାନଙ୍କୁ ଗଢ଼ିବାହିଁ ଥିଲା ସତ୍ୟବାଦୀର ଶିକ୍ଷକମାନଙ୍କର ଲକ୍ଷ୍ୟ । ତହିଁର ଦାୟିତ୍ୱ ଥିଲା, ବିଦ୍ୟାଳୟର ଅଧ୍ୟକ୍ଷ ଭାବେ ପଣ୍ଡିତ ନୀଳକଂଠଂକର । ସମୟକ୍ରମେ ସେ ବିଦ୍ୟାଳୟ ଭାଙ୍ଗିଗଲା ଓ ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ନୀଳକଂଠ ଏବଂ ତାଙ୍କର ସାଥୀମାନେ ମହାତ୍ମାଗାନ୍ଧିଙ୍କ ଡ଼ାକରରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଲେ । ଏ ଗଣଆନ୍ଦୋଳନରେ ପଣ୍ଡିତ ନୀଳକଣ୍ଠ ବହୁକାଳ ନେତୃତ୍ୱ ନେଇଥିଲେ ଏବଂ ଗୋପବନ୍ଧୁଙ୍କ ମୃତ୍ୟୁ ପରେ ସେ ଅନେକ ଦିନ ଧରି ଓଡ଼ିଶା ନେତାମାନଙ୍କ ମଧ୍ୟରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା; ଦେଶ ପରାଧୀନତାରୁ ମୁକ୍ତହେଲା; ଏ ସମସ୍ତ ପଣ୍ଡିତ ନୀଳକଂଠଂକର ସ୍ୱାକ୍ଷର ବହନ କରେ । ଶେଷ ଜୀବନରେ ସେ ହୋଇଥିଲେ ଓଡ଼ିଶା ବିଧାନ ସଭାର ବାଚସ୍ପତି ।

ଏତିକିବେଳେ ପଣ୍ଡିତଜୀଙ୍କୁ ଅତି ନିକଟରେ ଦେଖିବାର ସୁଯୋଗ ମତେ ମିଳିଥିଲା । ମୁଁ ଥିଲି, ଭଦ୍ରଖ କଲେଜର ଛାତ୍ର ଇଉନିୟନର ଜଣେ କର୍ମକର୍ତ୍ତା । ପଣ୍ଡିତ ନୀଳକଂଠଂକର ଛାତ୍ର ବତ୍ସଳତା ସମ୍ବନ୍ଧରେ ଆମେ ବେଶ୍ ଅବହିତ ଥିଲୁ । ମହାମୁନି ବାଲ୍ମିକୀ ଶରବିଦ୍ଧ କ୍ରୌଞ୍ଚଟିଏ ଦେଖି ଯେପରି ତାଙ୍କର ଶ୍ଳୋକାକାରରେ ପ୍ରକାଶିତ ଶୋକୋଚ୍ଛ୍ୱାସରେ ସାରା ଅବନୀକୁ ବିମୋହିତ କରିଥିଲେ ବୋଲି କୁହାଯାଏ, ସେହିପରି ପୂର୍ଣ୍ଣିମା ରାତିର ଜ୍ୟୋତ୍ସ୍ନାବିଧୌତ କୋଣାର୍କ ମନ୍ଦିର ଦେଖାଇବାକୁ ଛାତ୍ରମାନଙ୍କୁ ନେଇ ପ୍ରକୃତିର ବିଡ଼ମ୍ବନାରେ ତାହା ସମ୍ଭବ ନ ହେବାରୁ ପଣ୍ଡିତ ନୀଳକଣ୍ଠ

Digitized by PPRACHIN, SOA

ପଥଶ୍ରାନ୍ତ ଛାତ୍ରମାନଙ୍କ ଦୁଃଖରେ ବ୍ୟଥିତ ହୋଇ ତାଙ୍କର ଭବୋଚ୍ଛ୍ୱାସକୁ ଯେଉଁ 'କୋଣାର୍କେ' କାବ୍ୟରେ ପ୍ରକାଶ କରିଥିଲେ, ତାହା ଓଡ଼ିଶା ସାର ଖ୍ୟାତି ଲଭ କରିଥିଲ ଓ ସେଥିପାଇଁ କୁହାଯାଏ 'କୋଣାର୍କେ'ର କବି ପଣ୍ଡିତ ନୀଳକଂଠଂଙ୍କର ମୃତ୍ୟୁ ନାହିଁ ।

ଆମ୍ଭେମାନେ ସ୍ଥିର କଲୁ ଆମ ଛାତ୍ରମାନଙ୍କର ଗୋଟିଏ ସଭକୁ ପଣ୍ଡିତ ନୀଳକଣ୍ଠଙ୍କୁ ନିମନ୍ତ୍ରଣ କରିବୁ । ସେତେବେଳକୁ ସେ ବୃଦ୍ଧ । ରଗ୍‌ଣ ମଧ୍ୟ ହୋଇ ପଡ଼ିଥିଲେ । ଅନ୍ୟର ସାହାଯ୍ୟ ବିନା ସଭ ସମିତିକୁ ଯିବା ତାଙ୍କ ପକ୍ଷରେ ସମ୍ଭବ ହେଉ ନ ଥିଲ । ତଥାପି ଆମ୍ଭମାନଙ୍କ ଅନୁରୋଧ ସେ ରକ୍ଷା କରିଥିଲେ ଓ ଯଥା ସମୟରେ ଉତ୍କଳ କଲେଜରେ ପହଞ୍ଚିଗଲେ ।

ସବୁକାଳେ ଛାତ୍ରମାନଙ୍କ ମଧ୍ୟରେ ସଭ ସମିତି ଆରମ୍ଭରେ ଚପଳତା ପ୍ରକାଶ ପାଇଥାଏ । ପଣ୍ଡିତ ନୀଳକଣ୍ଠଙ୍କ ଆଗମନ ପୂର୍ବରୁ ସଭ ମଣ୍ଡପ ପାଖ ଆଖରେ ଖୁବ୍ ହଟଗୋଳ ଲଗିଗଲ– ଆମେ ଉଦ୍ୟୋକ୍ତାମାନେ ଅତ୍ୟନ୍ତ ଅସ୍ୱସ୍ତି ବୋଧ କରୁଥାଉ– ଏତେ ବଡ଼ ବିରାଟ ବ୍ୟକ୍ତିତ୍ୱଙ୍କୁ ଯଥୋଚିତ ସମ୍ମାନ ଦେଖାଇ ନ ପାରିଲେ ବଡ଼ ଦୁଃଖର ବିଷୟ ହେବ ! ଏତେବେଳକୁ ଛାତ୍ରମାନେ କିଏ କେତେ ପ୍ରକାର ଟିପ୍‌ପଣୀ କରୁଥାନ୍ତି– 'ବୃଦ୍ଧ,' 'ପକ୍ୱ' 'କେଶଧାରୀ' 'ରବୀନ୍ଦ୍ର ମାର୍କା' 'ଆସିଗଲେ'– ଭୀଷଣ ପାଟି ଓ ବିଶୃଂଖଳା । ପଣ୍ଡିତଜୀ ଆସ୍ତେ ମଞ୍ଚ ଉପରକୁ ଉଠିଲେ । ସଙ୍ଗେ ସଙ୍ଗେ ତାଙ୍କର ଭଷଣ ଆରମ୍ଭ କରିଦେଲେ । କେଜାଣି କିପରି ତାଙ୍କର ସେହି ସୌମ୍ୟ, ଗମ୍ଭୀର, ଜ୍ଞାନୋଦୀପ୍ତ, ଉଜ୍ଜ୍ୱଳ ମୁଖ ମଣ୍ଡଳଟିକୁ ଦେଖି ଛାତ୍ରମାନଙ୍କ ଭିତରର ଚାଞ୍ଚଲ୍ୟ ସଙ୍ଗେ ସଙ୍ଗେ ମିଳାଇଗଲ । ଶ୍ରୋତୃବର୍ଗ ଯେପରି କି ମନ୍ତ୍ର ମୁଗ୍‌ଧ ହୋଇ ନୀଳକଣ୍ଠଙ୍କର ସେଇ ଅମୃତମୟ ବାଣୀ ପୂର୍ଣ ପ୍ରାଣରେ ଶୁଣିବାକୁ ଲଗିଲେ । ସଭସ୍ଥଳ ନିଶ୍ଚଳ, ନିରବ ଓ ନିସ୍ତବ୍‌ଧ । ଆଶ୍ଚର୍ଯ୍ୟ ବୋଧହେଲ ।

ପଣ୍ଡିତ ନୀଳକଣ୍ଠ ଛାତ୍ରମାନଙ୍କୁ ଉଦବୋଧନ ଦେଇ ତାଙ୍କ ଭଷଣରେ କହିଲେ, "ତୁମେମାନେ ଛାତ୍ର ! ତୁମ ବାପ ମା'ମାନେ କେତେ କଷ୍ଟ ସହି ନାନା ଭବରେ ପଇସା ଯୋଗାଡ଼ କରି ଶିକ୍ଷାଲଭ କରିବା ନିମନ୍ତେ ତୁମମାନଙ୍କୁ ଏ ବିଦ୍ୟା ମନ୍ଦିରକୁ ପଠାଇଚନ୍ତି । ଏଠି ଶିକ୍ଷା ଦାନ କରଯାଏ– ଏହା ଏକ ପବିତ୍ର ପୀଠ । ମନ୍ଦିରମାନଙ୍କରେ ଯେପରି ଶୁଦ୍ଧପୂତ ଭବରେ ଓ ଶୃଂଖଳିତ ଭବରେ ମନକୁ ସ୍ଥିର ରଖି ଦେବତାଙ୍କୁ ଉପାସନା କରଯାଏ, ଏଠାରେ ସେହିପରି ନିୟମ ଶୃଂଖଳାମାନି ଏକାଗ୍ରଚିତ୍ତ ହୋଇ ଅଧ୍ୟୟନରେ ମନୋନିବେଶ କରିବା ପ୍ରତ୍ୟେକ ଛାତ୍ରର କର୍ତ୍ତବ୍ୟ । ତୁମ ବାପ ମା', ସମାଜ ଓ ଦେଶ ପ୍ରତି ତୁମର କର୍ତ୍ତବ୍ୟ ରହିଚି । ସେ କର୍ତ୍ତବ୍ୟ ଅନଂତ–ସେଇ କର୍ତ୍ତବ୍ୟର ସମ୍ପାଦନରେ

Digitized by PPRACHIN, SOA

ତୁମର କଲ୍ୟାଣ ହେବ । ଦେଶର ମଙ୍ଗଳ ହେବ । ତଦ୍‌ଭାବରେ ଦେଶର, ସମାଜର, ତୁମ ପରିବାରର ତଥା ତୁମ ନିଜର ଅନିଷ୍ଟ ହେବ ।

ଦେଶର ଛୋଟ, ବଡ଼, ଧନୀ, ଦରିଦ୍ର, ଶିକ୍ଷିତ ବହୁ ଲୋକଙ୍କ ତ୍ୟାଗରେ ଭାରତ ସଦ୍ୟ ସ୍ୱାଧୀନତା ଲାଭ କରିଛି । ଦେଶ ଗଠନ ଓ ତହିଁର ସୁଫଳ ଭୋଗ କରିବାର ସୁଯୋଗ ତୁମ ସମ୍ମୁଖରେ ପଡ଼ି ରହିଛି– ଏ ଏକ ଅପୂର୍ବ ସୁଯୋଗ ! ଏହାର ସଦୁପଯୋଗ ତୁମମାନଙ୍କ ଉପରେହିଁ ନିର୍ଭର କରେ । ତୁମେମାନେ ଏବେ ଏ ଉପଦେଶର ତାତ୍ପର୍ଯ୍ୟ ହୁଏତ ବୁଝିପାରୁ ନଥିବ । ମାତ୍ର ଏ ସୁଯୋଗ ହରାଇଲେ ପରେ ଅନୁତାପ କରିବ-ସେତେବେଳକୁ ଆଉ ସୁଧାରିବାର ଉପାୟ ନ ଥିବ । ଦୁଃଖର ବିଷୟ, ଏବେ ସ୍ୱାଧୀନୋତ୍ତର କାଳରେ ଛାତ୍ର ସମାଜରେ ଚରମ ବିଶୃଂଖଳା ଦେଖା ଦେଇଛି । ଏହା ହୁଏତ ସ୍ୱାଭାବିକ । କାରଣ ଯେତେବେଳେ ବିଦେଶୀ ଶାସନ ଚାଲିଯାଇଛି, ସ୍ୱାଧୀନତା ଆସିଛି, ପ୍ରତ୍ୟେକେ ମନେ କରୁଛନ୍ତି, ଆମେ ସ୍ୱାଧୀନ ଦେଶର ନାଗରିକ– ଆମେ ସ୍ୱାଧୀନ ! ସ୍ୱାଧୀନତାର ଅର୍ଥ ନୁହେଁ, ସ୍ୱେଚ୍ଛାଚାରିତା ବା ବିଶୃଂଖଳ ଜୀବନ ଯାପନ କରିବା ! ଚିନ୍ତା କର, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା ମଧ୍ୟ ବି ଶୃଂଖଳାବଦ୍ଧ ! ଯଥା ସମୟରେ ସେମାନେ ଉଦୟ ଓ ଅସ୍ତ ହୁଅନ୍ତି । ବୈଜ୍ଞାନିକ ଦୃଷ୍ଟିରୁ ବିଚାର କଲେ ବୁଝି ପାରିବ, ସେମାନଙ୍କର ଗତିରେ କୌଣସି ବିଶୃଂଖଳା ନାହିଁ । ଭଗବାନଙ୍କ ସୃଷ୍ଟିରେ ସାରା ଜଗତ ଶୃଂଖଳିତ ।

ଆଜି ପ୍ରତ୍ୟେକେ ନିଜ ନିଜର ଦାବୀ ବାଢ଼ି ବସୁଚନ୍ତି–– ମାତ୍ର ନିଜର କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ ହେଉ ନାହାନ୍ତି– କ୍ଷୋଭର କଥା ! ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରି, ଛାତ୍ରମାନେ ସେମାନଙ୍କର ଶିକ୍ଷାରେ ମନୋନିବେଶ କଲେ ସେମାନଙ୍କର ଅଭାବ ଅଭିଯୋଗ ଶିକ୍ଷକ ଓ କର୍ତ୍ତୃପକ୍ଷଙ୍କ ନଜରକୁ ଆଣିବା ଅସମୀଚୀନ ହେବନାହିଁ । ଶିକ୍ଷକମାନେ ଗୁରୁ ଓ ଅଭିଭାବକ ସ୍ଥାନୀୟ– ସେମାନେ ଛାତ୍ର–ବତ୍ସଳ ହେବା ସ୍ୱାଭାବିକ । ମାତ୍ର ଏ ସବୁ ଦାବୀ ଉତ୍ତୋଳନ ଓ ରାସ୍ତାରେ ସେ ଦାବୀ ହାସଲ ପାଇଁ ପ୍ଲାକାର୍ଡମାନ ଧରି ସହର ପରିକ୍ରମା କରିବାରେ ହୁଏତ ସେମାନେ ଓ କର୍ତ୍ତୃପକ୍ଷ ସାମ୍ନା ସାମ୍ନି ମନୋଭାବ ପୋଷଣ କରୁଚନ୍ତି । ବୁଝି ରଖିବାର ଅଛି, ଏହା ଆମ ଭାରତର ପରମ୍ପରା ନୁହେଁ । ପ୍ରାଚୀନ କାଳର ଗୁରୁଶିଷ୍ୟଙ୍କ ସମ୍ପର୍କ ତୁମେମାନେ ସ୍ମରଣରେ ଆଣ । ଆଜି କାଲିର ଏ ଅବସ୍ଥା ପାଶ୍ଚାତ୍ୟ ଦେଶର ଅନୁକରଣ ମାତ୍ର ! ଏଥିରେ ଭାରତର ଛାତ୍ରମାନଙ୍କର ଯଥାର୍ଥ ବିକାଶ ହେବ ନାହିଁ । ପାଶ୍ଚାତ୍ୟ ସଭ୍ୟତା ଭୋଗ ଓ ଅଧିକାର ଉପରେ ପ୍ରତିଷ୍ଠିତ । ଭାରତୀୟ ସଭ୍ୟତା ତ୍ୟାଗ ଉପରେ ପ୍ରତିଷ୍ଠିତ । ଭାରତର ପରମ୍ପରା ହେଉଛି, ନିଜେ ତ୍ୟାଗ ସ୍ୱୀକାର କରି ପରୋପକାରରେ ଜୀବନ ଉତ୍ସର୍ଗ କରିବା । ଜୋର ଜବରଦସ୍ତି

Digitized by PPRACHIN, SOA

ନିଜର ଅଧିକାର ସାବ୍ୟସ୍ତ କରିବାକୁ ଯିବ ନାଇ । ଏଇପରି ଆତ୍ମୋତ୍ସର୍ଗରେ ଜୀବନକୁ ମହାମାନବୀୟ ଭବରେ ମିଶାଇ ଦେବା ହେଉ ଆମର ପରମ୍ପରା । ଏଇ ଭବରେ ପ୍ରଣୋଦିତ ହେଲେ ତୁମେମାନେ ଆପେ ଆପେ ସଂଯତ ଓ ଶୃଙ୍ଖଳିତ ହୋଇ ପାରିବ । ଦେଶ ଧନ୍ୟ ହେବ ! ବହୁ କଷ୍ଟ ଅର୍ଜିତ ସ୍ୱାଧୀନତାର ସୁରକ୍ଷା ହେବ ।

ମୁଁ ମଧ୍ୟ ଦିନେ ଛାତ୍ର ଥିଲି ଓ ପର ଜୀବନରେ କେତେକାଳ ଧରି ଶିକ୍ଷକତା କରିଥିଲି । ଜଣେ କଡ଼ା ହେଡ଼ମାଷ୍ଟର ବୋଲି ଛାତ୍ରମାନଙ୍କ ଭିତରେ ଓ ଲୋକରେ ପରିଚିତ ଥିଲି । ଅନେକ ପିଲ ମୋ ସମ୍ମୁଖ ରାସ୍ତାରେ ଯିବାକୁ ଭୟ କରୁଥିଲେ । କିନ୍ତୁ ଯେଉଁମାନେ ମୋର ନିକଟ ସମ୍ପର୍କରେ ଆସୁଥିଲେ ଓ ଯେତିକି ଶୃଙ୍ଖଳିତ ଓ କୃତୀ ଛାତ୍ର ଥିଲେ, ସେମାନଙ୍କ ପାଖେ ମୁଁ ମୋ ସ୍ନେହ ସେତିକି ଅଜାଡ଼ି ଦେଇ ପିଲମାନଙ୍କ ସହିତ ମିଶି ଯାଉଥିଲି । ଭଲ ପିଲମାନେ ମୋ ପାଖକୁ ଲଗି ଆସୁଥିଲେ ।

ମୁଁ କହିଚି, ଶିକ୍ଷକମାନେ ତୁମର ପିତୃସ୍ଥାନୀୟ– ତୁମେମାନେ ନିଜ ନିଜ ଆଚରଣରେ ଉତ୍ତମ ରହିଲେ, ସେମାନେ ନିଶ୍ଚୟ ତୁମର ଅଭବ ଅସୁବିଧା ପ୍ରତି ନଜର ଦେବେ । ତୁମର କଲ୍ୟାଣ ହେବ, ସମାଜର କଲ୍ୟାଣ ହେବ, ଦେଶର କଲ୍ୟାଣ ହେବ । ”
ଶେଷରେ ପିଲମାନଙ୍କୁ ତାଙ୍କର ଏତିକି ଉପଦେଶ ଓ ଆଶୀର୍ବାଦ ବୋଲି କହି ପଣ୍ଡିତଜୀ ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ପଣ୍ଡିତଜୀଙ୍କର ଏ ଉଦ୍‌ବୋଧନ କେତେବେଳେ ଆରମ୍ଭ ହୋଇ କେତେ ସମୟ ଧରି ଚାଲିଥିଲ କାହାରି ନଜର ନାହିଁ । ଏବେ ପ୍ରାୟ ୨୫ବର୍ଷ ପରେ ମୋର ସେ ସମସ୍ତ ସ୍ମରଣରେ ନାହିଁ । କିନ୍ତୁ ସେପରି ସାରଗର୍ଭକ ବକ୍ତୃତା ଉଚ୍ଛୃଙ୍ଖଳ ଛାତ୍ରମାନଙ୍କୁ ହଠାତ୍ ଶାନ୍ତ ଓ ସୁଶୃଂଖଳିତ କରି ପାରିବାର ପରିବେଶ ମୁଁ ଆଉ କେବେ କେଉଁଠି ଦେଖୁ ନଥିଲି– ଏବେ ମଧ୍ୟ ଦେଖୁନାହିଁ । ସେପରି ପ୍ରଖର ପ୍ରତିଭସମ୍ପନ୍ନ ଅନର୍ଗଳ ବାଗ୍ମୀ ମୁଁ ଜୀବନରେ କ୍ୱଚିତ୍ ଦେଖିଚି ।

ତାଙ୍କ ଶତବାର୍ଷିକୀ ଅବକାଶରେ ସେ ମହାନ୍ ଆତ୍ମାପ୍ରତି ମୋର ବିନମ୍ର ଶ୍ରଦ୍ଧାଂଜଳି ଅର୍ପଣ କରୁଚି ।

Digitized by PPRACHIN, SOA

# ବକୁଳବନର ଗୁରୁଙ୍କ ମହାପ୍ରୟାଣ

ଜାତୀୟ କବି ବୀରକିଶୋର

ସୁଧୀ, ବାଚସ୍ପତି, କବି, ସୈନିକ,
ସ୍ୱାଧୀନତା-ଯଦ୍ଧ-ସେନାନାୟକ,
ପଦ୍ମଭୂଷଣ ସେ ନୀଳକଣ୍ଠଙ୍କ
ଲିଭି ଯାଇଅଛି ଜୀବନ ଦୀପ ।

× × ×

ନୀଳକଣ୍ଠଙ୍କର ଯିବା ଖବର
ଶୁଣି ଆମ ରାଜ୍ୟ ମନ୍ତ୍ରୀ ପ୍ରବର;
ଶେଷ ଦରଶନ ପାଇବା ପାଇଁ
କାମଦାମ ଛାଡ଼ି ଆସିଲେ ଧାଇଁ ।
ଜାତି ସରକାର–ଆଦେଶ ପାଇ
ଆସିଥିଲେ ଆଗୁଁ ସୈନିକ ଭାଇ ।
ବନ୍ଧୁକ ମୁହଁକୁ ତଳକୁ ଦେଇ
ଚାଲିଲେ ନିରବେ ପାଦ ମିଳେଇ ।
ବିଷାଦ–ସ୍ୱରରେ ବାଜିଲା ବାଜା;
ଏ ଭଳି ସମ୍ମାନ ନପାଏ ରାଜା ।

× × ×

'ରାମନାମ' ସତ୍ୟ ଦୂରରୁ ଶୁଣି
ସହସ୍ର ଆଖିରୁ ବୋହିଲା ପାଣି ।
ଗାଁ ଘର ବନ ଗଲା ଉଛୁଳି
ଖେଳିଲା ସବୁରି ଦେହେ ବିଜୁଳି ।

× × ×

ସେପାରି ଖବର ଶୁଣ ଏଥର–
ନୀଳକଣ୍ଠଙ୍କର ଯିବା ଖବର !
ପଡ଼ିଥିଲା ତହିଁ ଆଗରୁ ଜଣା,
ହୋଇଥିଲା ବଡ଼ ଗନ୍ଧୁଆ ଟଣା ।

Digitized by PPRACHIN, SOA

ବସିବା ପାଇଁକି ବନ୍ଧୁ ସ୍ୱଜନ
ସଜା ହୋଇଥିଲା ଦିବ୍ୟ ଆସନ ।
ଫାଟକରେ ଲେଖାଥିଲା 'ସ୍ୱାଗତ'
ଉଡୁଥିଲା ଛାଟି ପତାକା ଶତ ।
ପହଞ୍ଚିଲା ଯାଇ 'କଣ୍ଠ'ଙ୍କ ରଥ
ଆସି ଗୋପବନ୍ଧୁ ଧଇଲେ ହାତ ।
ଗୋପ ଚଉଧୁରୀ ଜନତା-ମିତ
ଉଭା ଲିଙ୍ଗରାଜ ତାଙ୍କସହିତ ।
ମଙ୍ଗରାଜ ଦେଲେ ହାର ପିନ୍ଧାଇ,
କୁନ୍ତଳା ଅପର୍ଣ୍ଣା ନେଲେ ବନ୍ଦାଇ ।
କବି ବାଞ୍ଛାନିଧି ରଚିତ ଗୀତ
ଗାଇ ନିରଞ୍ଜନ ହରିଲେ ଚିତ୍ତ ।
କୃପାସିନ୍ଧୁ ସାଥେ ଗୋଦାବରୀଶ
ପୁଛନ୍ତି ସଭିଏଁ ହୋଇ ହରଷ ।
ଚାଲିଛି କିପରି ଶାସନ କଳ ?
କମିଛି ନା ବଢ଼ି ଯାଉଛି ଦଳ !

× × ×

ପଢ଼ନ୍ତି ପିଲାଏ କିପରି ପାଠ ?
ବଦଳି ଯିବଣି ପଢ଼ାର ବାଟ !
"ପଗ୍ୱରିଲ ଯାହା କହିବି ପରେ,
ଟିପି ରଖିଛି ମୁଁ ପ୍ରାଣ ଭିତରେ ।
ଆଣିଛି ଗୋଟାଏ ବଡ଼ ବାରତା,
'ହରି ଭାଇନା'ଙ୍କ ମନର କଥା—
ନକରିବ ତାଙ୍କୁ କେବେ ଅଲଗା,
ତମ ପାଖେ ଖଣ୍ଡେ ରଖିବ ଜାଗା ।"

× × ×

ଶୁଣିଲୁ ଗାଁରେ ପଡ଼ିଛି କଥା—
"କେଡ଼େ ପଣ୍ଡିତ ସେ କେଡ଼େ ତା ମଥା ।"

—✲—

Digitized by PPRACHIN, SOA

# ମନସ୍ୱୀ

ଡଃ ମନ୍ମଥନାଥ ଦାସ

ଜୀବନ ଦର୍ଶନ ଯହିଁ
ଦିଗ୍‌ଦର୍ଶନ ପାଇଁ,
ତମସା ପରିଧି ଭେଦି
ଉଷାଲୋକେ ଗ୍ରହି,
ସଙ୍କଳ୍ପିତ ସଗ୍ରାମ ପ୍ରୟାସେ
ଭୀତି ହୀନ ମନ,
ଚକ୍ରବ୍ୟୂହ ମଧ୍ୟେ ଏକା
ଜର୍ଜରିତ ପ୍ରାଣ,
ତଥାପି ତ ଅଗ୍ରଗାମୀ ଯାତ୍ରୀ
ପରାଜିତ ନୁହେଁ ଯେଣୁ ମନସ୍ୱୀ ସାରଥୀ ।
ନିଃଶବ୍ଦ ମଶାଣି ବକ୍ଷେ
ଲୁପ୍ତ ଯହିଁ ବିଗତ କାହାଣୀ,
ତା ମଧ୍ୟେ ଖୋଜିଛି ପ୍ରାଣ
ଇତିହାସ ଆତ୍ମ ପ୍ରତିଧ୍ୱନି,
'କୁମାରୀ'ର ଶିଳା ଗାତ୍ର ଶୁଣାଇଛି ତେଣୁ,
ଅର୍କ କ୍ଷେତ୍ର ସିକତାରେ
ପତିତ ପାଷାଣ
ଆଣିଛି ସ୍ପନ୍ଦନ ଗାଇ
ବୈଜୟନ୍ତି ଧ୍ୱନି ।
ସେହି ମର୍ମ ନିର୍ଝରିଣୀ
ସଞ୍ଚାରିଛି ମୁମୂର୍ଷୁ ଜୀବନେ
ଶାଶ୍ୱତ ମୂର୍ଚ୍ଛନା,
ତଥା, ସୁଧା ସଂଜୀବନୀ ।

Digitized by PPRACHIN, SOA

# ନୀଳକଂଠ ସ୍ମରଣେ

ଅଧ୍ୟାପିକା ମନରମା ମହାପାତ୍ର

ଜ୍ଞାନ ଗମ୍ଭୀର,    ଚିର ଭାସ୍ୱର,    ବୁଦ୍ଧିର ତରବାରୀ
କୁସଂସ୍କାରକୁ    ସଂହାର କଲ    ସଂସ୍କାରେ ମନ ଢାଳି

ସତ୍ୟବାଦୀର ଶୁଦ୍ଧ ଶିବିରେ
ମନ୍ତ୍ର ସାଧନ ଦୀକ୍ଷା ସାଦରେ

ଉଚ୍ଚାରେ ବୀର,    ଉଦାତ୍ତ ସ୍ୱର,    ଅଜ୍ଞାନ ଦେଇ ଢାଳି
ଯୌବନ ପଥ    ଯାତ୍ରୀ ମରମେ,    ନବ ସ୍ପନ୍ଦନ ତୋଳି । ୧ ।
ନିନ୍ଦା ଗରଳ,    ତରଳ ଅନଳ,    ରୂପରେ ଆଘାତ କଲା
ରକ୍ଷଣଶୀଳ,    ସମାଜର ଦାନ,    ବିଷ ସେ ଆଶିଷ ହେଲା

ଶତ କଟୁକ୍ତି ସୁତୀକ୍ଷ୍ଣ ଶର
ପାରିଲାନି ଭେଦି 'କଣ୍ଠ'ର ସ୍ୱର

ନୀଳକଣ୍ଠ ସେ    ନବ ଦିଗନ୍ତ    ସୃଷ୍ଟି ଶପଥ ନେଲା ।
ପ୍ରାଜ୍ଞ, ନାୟକ,    ପଞ୍ଚ ସାଧକ,    ପୁଣ୍ୟ ପ୍ରୟାସ ଥିଲା ।୨।
ସଂସ୍କାରକ ହେ,    ଆଦର୍ଶ ଗୁରୁ,    ଜ୍ଞାନ ମନ୍ଦିର ଋଷି
ଦ୍ରୋଣାଚାର୍ଯ୍ୟ ହେ,    ଦୀପ୍ତ ଶାଣିତ,    ପ୍ରଜ୍ଞାର ସାଥୀ ମସୀ ।

ଲେଖନୀ ନିୟତ ହସ୍ତରେ ରଜେ
ସାହିତ୍ୟରଥୀ ନବ ଯୁଗ ସୃଜେ

ଦର୍ଶନ ଶାସ୍ତ୍ର,    ମନ୍ଥନ କରି    ସନ୍ଦେହ ଦେଲେ ନାଶି
ମହା ସଂସ୍କୃତି,    ମହିମା ମୁଗ୍ଧ,    ବିସ୍ମିତ ଦେଶବାସୀ ।୩।
ପଣ୍ଡିତ ଗୁରୁ,    ସାକ୍ଷୀଗୋପାଳରେ ସାଧନାରେ ହେଲ ରତ
ଚିର ବିଦ୍ୱାନ,    ବିତରି ବିଦ୍ୟା,    ଜିଣିଲ ତରୁଣ ଚିତ୍ତ

କାବ୍ୟ କବିତା ପୋଥି ସମ୍ଭାର
ଫିଟାଇଲ ସମାଲୋଚନାର ଦ୍ୱାର

Digitized by PPRACHIN, SOA

ନବଶୈଳୀର ନିବନ୍ଧ ରଚି ସୁଷ୍ଟ ନୂତନ ପଥ
ଚିର ନିର୍ଭୀକ, ଚିନ୍ତା ନାୟକ, ଇତିହାସେ ବନ୍ଦିତ ।୪।
ସ୍ୱମତ କଥନେ, ଶଙ୍କିତ ନୁହଁ ଶାଣିତ ତୁମର ମତି
'ଉତ୍କଳମଣି' ଆଦର୍ଶମଣି, ସମୂହ ସ୍ୱାର୍ଥେ ମାତି

ଜ୍ଞାନର କ୍ଷେତ୍ରେ ତେଜ ସ୍ୱାତନ୍ତ୍ରେ
ନାଗବଂଧନ ତୁଟାଇ ମନ୍ତ୍ରେ

ପ୍ରାଣ ତନ୍ତ୍ରୀରେ ସଙ୍ଗୀତ ଭରି ପଠନ ଲିପ୍ସାପ୍ରୀତି
ସତ୍ୟବାଦୀର ପଞ୍ଚସଖା ହେ ଢାଳି ଅମ୍ଳାନ ଜ୍ୟୋତି ।୫।
ଶତବାର୍ଷିକୀ ଜୟନ୍ତୀ ପାଳୁ ଶ୍ରଦ୍ଧାରେ ଯୋଡ଼ିକର
ହେ ବିଦ୍ୟାପତି, ପାରିନି ଏ ଜାତି, ଅଜ୍ଞାନ କରି ଦୂର

ଜ୍ଞାନ ପଥିକର ପଦ ପଂକିଳ
କଳୁଷିତ ଏଥି ବିଦ୍ୟା ମନ୍ଦିର

ଶିକ୍ଷା ଏ ଧାମେ, ଦୀକ୍ଷା ବିହୁନେ, ଅବନତ କରେଶିର
ତଥାପି ଏ ଜାତି, ପାଳି ଜୟନ୍ତୀ ଅନୁତାପେ ମାଗେ ବର ।୬।

—※—

"ସେଥିପାଇଁ ପ୍ରଜା କହିଲେ ସମସ୍ତ ପ୍ରକାରର ବ୍ୟକ୍ତିଙ୍କୁ ବୁଝାଇଲେ ମଧ୍ୟ ପ୍ରଜା ବୋଇଲେ ପ୍ରାଣୀ ଓ ମୁଖ୍ୟତଃ ମନୁଷ୍ୟ ସମାଜକୁ ବୁଝିବାକୁ ହୁଏ ।"

(ନୀଳକଂଠ—ଗୀତା ପ୍ରବେଶ, ଶ୍ରୀମଦ୍ ଭଗବଦ୍—ଗୀତା ୩ୟ ସଂସ୍କରଣ ପୃ : ୧୪୨)

Digitized by PPRACHIN, SOA

# ନୀଳକଣ୍ଠ ସ୍ମୃତି

ପ୍ରାଧ୍ୟାପକ ରାମଚନ୍ଦ୍ର ବ୍ରହ୍ମା

( ୧ )

ଆହେ ନୀଳକଣ୍ଠ କର୍ମ ପରାୟଣ,
କରେ ସତ୍ୟବାଦୀ ଆକୁଳ କ୍ରନ୍ଦନ,
ନାହିଁ ଆଜି ପୂର୍ବ ସାଧନା ମନ୍ଦିର
ନାହିଁ ସେ ସାହିତ୍ୟ-ସାଧକ ପ୍ରବର ।

( ୨ )

ସେ ବନ ସାହିତ୍ୟ, ପିଲଙ୍କ ସଙ୍ଗୀତ
'କ୍ରମ ପରିଣାମ', 'ଭାଷା ଓ ସାହିତ୍ୟ'
'ଭକ୍ତି ଗାଥା', 'କୋଣାର୍କେ', 'ଦାସ ନାଏକ'
ସତ୍ୟବାଦୀ ଯୁଗ-ରୁଚିର ପ୍ରତୀକ
'ପ୍ରଣୟିନୀ' ଦିଏ ନବ ଉନ୍ମାଦନା
ସାହିତ୍ୟିକ ପ୍ରାଣେ ଆଣେ ଉଦ୍ଦିପନା ।

( ୩ )

ଏ ବନ-ବିହାର ବିଷାଦେ ମଗନ
ଫେଡ଼ ବାରେ ତାର ଏ ଘୋର କଷଣ ।
ଦାର୍ଶନିକ ଚିନ୍ତା ଆଲୋଚନା ରୀତି
ଅଗାଧ ପାଣ୍ଡିତ୍ୟ ସଂପାଦନା କୃତି ।
ଆଦର୍ଶ କବିତ୍ୱ ନବ ରାଜନୀତି
ତମ ଜୀବନର ପରମ ସୁ-କୃତି ।

( ୪ )

ଶତ ବାର୍ଷିକୀରେ ଯେତେ ସମାବେଶ
ଅମ୍ଳାନ-ପ୍ରତିଭା ନିଛକ ପ୍ରକାଶ
ତମରି ଆଦର୍ଶେ ହୋଇ ବିମଣ୍ଡିତ
ସତ୍ୟ-ନ୍ୟାୟ-ଧର୍ମ କର୍ମରେ ଦୀକ୍ଷିତ ।

( ୫ )

ଜାଗୁ ପଦେ ପଦେ ବିଶ୍ୱ ମୈତ୍ରୀ ଶାନ୍ତି
ଲଭୁ ବିଶ୍ୱ ବାରେ ଶାଶ୍ୱତ ପୀରତି ।
(ତୁମ) ଶୁଭାଶୀଷେ ଲିଭୁ ବିଷାଦ କାଳିମା
ଲଭୁ ବିଶ୍ୱ ତୁମ ଅନନ୍ତ ଗାରିମା ।

—*—

Digitized by PPRACHIN, SOA

# "ହେ ନୀଳକଣ୍ଠ ! କବିକୋକିଳ !"

ପଣ୍ଡିତ ପ୍ରବୋଧ କୁମାର ମିଶ୍ରଃ

( ୧ )

ହେ ନୀଳକଣ୍ଠ ! କବିକୋକିଳ ! ସଧନଂ ତେ ।
ସାରସ୍ୱତଂ ସ୍ଫୁରତି ଜାତିରହୋ ମହୀଷ୍ଟ !
ହେ ସତ୍ୟସନ୍ଧ-ପୁରୁଷ ! ପ୍ରତିଭା-ପ୍ରଭତେ ।
ଦେଦୀପ୍ୟତେ ଚିରମିହ ସ୍ଫୁରଦୂର୍ଦ୍ଧ୍ୱକୀର୍ତ୍ତେ !

( ୨ )

ତ୍ୱତ୍‌ସାଧନା ସୁମହତୀ କଳିତାମ୍ବୁଭିଃ
ହେ ଗୋପବଂଧୁ-ନୟ-ସାଧକ ! ଶୁଦ୍ଧିଦୀପ୍ତ !
ତ୍ୱଲ୍ଲେଖନୀବରସୁତା ମୃଦୁଭାବଗର୍ଭା
ଭବ୍ୟା ସୁକାବ୍ୟକବିତା ନିତରାଂ ବିଭାତି ।

( ୩ )

'କୋଣାର୍କେ' ଏବ ମଧୁମୋଦିତ-ମାଧବୋ ବା
ନିତ୍ୟଂ ସଲୀଳମିହ ଗଜତି ଭକ୍ତଗସୈଃ ।
ଲୀଳାୟିତା ଲଳିତଲାସ୍ୟମୟୀ କଳା ତେ
ନିତ୍ୟଂ ବିଳାସ-ମୁଖର ପ୍ରତିଭା-ପ୍ରସନ୍ନ !

( ୪ )

ମନୀଷିତା ତେ ମହତୀ ମହୋଜ୍ଜ୍ୱଳା
ମନସ୍ୱିତା, ସାଧନସିଦ୍ଧି-ଶଂସିନୀ ।
ମହାର୍ହଚିତା ଜନମୁକ୍ତିଧାୟିନୀ
ସ୍ମରାମି ତେ କୃତ୍ୟମନାବିଳଂ ସଦା ।

Digitized by PPRACHIN, SOA

(ସ୍ୱତୋଚ୍ଛ୍ୱାସ)

| | | |
|---|---|---|
| କାବ୍ୟ କୋକିଳ ! | ନୀଳକଣ୍ଠ ହେ ! | ଭାରତୀ ସାଧନା ତବ |
| ଭୁଲିନି ଏ ଜାତି | ପ୍ରତିଭା–ଦୀପ୍ତ | ଏ ଜାତିର ଗୌରବ । |
| ସତ୍ୟସାଧକ ! | କୀର୍ତ୍ତିପୁରୁଷ ! | ଗୁରୁ କନ୍ଦଳମଣି– |
| ସାଧନାର ପଥେ | ସାଜିଲ ସେବକ | ଜାତି ଗୌରବ ଗୁଣି । |
| ତବ ସୁଲଳିତ– | ଲେଖନୀ କନ୍ୟା | ମଞ୍ଜୁଳ–ଭାବମୟୀ |
| ସଲୀଳ ଛନ୍ଦେ, | କବିତା-ବନ୍ଧେ | ସୁନ୍ଦର-ରସଦାୟୀ । |
| ଲସ୍ୟମଧୁର | କାବ୍ୟରୂପସୀ– | ହାସ୍ୟ ଲଳିତବିଭ |
| ନବ ଭବରସ– | ପ୍ଲାବନ ଧନ୍ୟା | ମୁଗ୍‌ଧ-ମଧୁର ଶୋଭ । |
| ମନସ୍ୱିତାର | ପୁରୁଷସିଂହ ! | ମନୀଷିତା–ଚିର ଦୀପ୍ତ |
| ମୁକ୍ତି–ସାଧନା– | ପଥଚାରୀ ହେନ ! | ପ୍ରଣତି ଏ ଜାତି ସୁପ୍ତ । |

—✳—

"ଏଥିରେ ଅତିମାନୁଷ ତଥା ଅତି ବିଶ୍ୱ ଅସାଧାରଣ କିଛି ଦେଖି ଭୁଲିବାର ସଂକେତ ଆଦୌ ନାହିଁ । x x ଶ୍ରୀକୃଷ୍ଣ ଦେଖୁଲେ ମୁଁ ଏ ରୂପରେ ଅର୍ଜ୍ଜୁନଙ୍କୁ ବିଶ୍ୱକର୍ମର ଧାରଣା କରାଇବାକୁ ଗଲି । ମାତ୍ର ଅର୍ଜ୍ଜୁନଙ୍କର ମୋ ଠାରୁ ମନୁଷ୍ୟ ଭବ ଛାଡ଼ି ଯାଉଛି । ମତେ ଅତିମାନୁଷ ବୋଲି ବିଚାରି ଭୟ ମିଶ୍ରିତ ଭକ୍ତିରେ ହୁଏତ ଅର୍ଜ୍ଜୁନ ମୋ ଆଦେଶ କରିବ । ମାତ୍ର ସେଥିରେ ଅର୍ଜ୍ଜୁନର ସ୍ୱଧର୍ମରେ ସ୍ୱାଧୀନତା କାହିଁ ? ଏତ ମୁକ୍ତିର ପନ୍ଥା ନୁହେଁ । ଏତ ଧର୍ମର ଧାରଣା ନୁହେଁ ; x x ଲୋକେ ଯେ ଅତି ମାନୁଷ ଓ ଅତି ବିଶ୍ୱ କ୍ରିୟାରେ ମାତି ଈଶ୍ୱର ଲୋଡ଼ନ୍ତି । ଏଇ ସବୁ ବାହାଦୁରି ଓ କୁହୁକ; ପୁଣି ଅତି ମାନୁଷ ସାଧନାରେ ଲୋକେ ମତେ ପାଇବେ କାହୁଁ । x x ମତେ ଅତିମାନୁଷ ବୋଲି ବିଗ୍ରହିବା ଛାଡ଼"–

( ନୀଳକଣ୍ଠ–ଗୀତା ପ୍ରବେଶ–୩ୟ ସଂସ୍କରଣ–ପୃ : ୩୨୫–୩୨୬ )

Digitized by PPRACHIN, SOA

# ଘୋଷୁଥିବୁ ସଦା ସେ ପୁଣ୍ୟ ନାମ

ଶ୍ରୀ ବଂଶୀଧର ମିଶ୍ର

ଆହେ ନୀଳକଣ୍ଠ ପଣ୍ଡିତ ପ୍ରବର
ଆଜକୁ ଶତକ ବରଷ ତଳେ
କି ଶୁଭ ମୁହୂର୍ତ୍ତେ ତବ ଆଗମନ
(ଶ୍ରୀ) ରାମଚନ୍ଦ୍ର ପୁର ଶାସନ କୋଳେ । ୧ ।

ସେଇ କୁଆଁ ରବେ ହସି ଉଠିଥିଲେ
ଗ୍ରାମ ନର ନାରୀ ଆତ୍ମୀୟ ଜନ
ଆକାଂକ୍ଷିତ ପିତା, ମାତା, ଭଗ୍ନୀ, ବନ୍ଧୁ
ଆନନ୍ଦ ବିଭୋର ସବୁରି ମନ । । ୨ ।

କିଏ ଜାଣିଥିଲା ସେଦିନର ଶିଶୁ
ବଡ଼ ହେଲେ ହେବ କୃତୀ ସନ୍ତାନ
ସୁବିଜ୍ଞ ପଣ୍ଡିତ ପ୍ରତିଭାବନ୍ତ
ଦେଶ ସେବା କରି ହେବ ମହାନ । ୩ ।

କଇଶୋରେ ନେଇ ଶପଥ ଦେଶକୁ
ବିଦେଶୀ ଶାସନୁ କରିବ ମୁକ୍ତ
ସାଥୀ ରୂପେ ବରି- ନେଲେ ଗୋପବନ୍ଧୁ
ହେଲା ଅବା ମଣି-କାଞ୍ଚନ ଯୁକ୍ତ । ୪ ।

ଦେଖା ଦିଏ ଯେବେ କରାଳ ଦୁର୍ଭିକ୍ଷ
ଆସଇ ବରଷା ବତାସ ବଢ଼ି,
ଜୀବନ ମୁର୍ଚ୍ଛି ଭୁଲି ଡଙ୍ଗା ଧରି
ବାଣ୍ଟୁଥିଲା ଚୁଡ଼ା, ଗୁଡ଼ଇ, ମୁଢ଼ି । ୫ ।

ଏ ଦେଶୁ ଦାରିଦ୍ର୍ୟ ଘୁଞ୍ଚାଇବା ଲାଗି
ଆଗେ ଲୋଡ଼ା ମଣି ଶିକ୍ଷା ବିସ୍ତାର
ବନ ବିଦ୍ୟାଳୟ ଗଢ଼ି ଲାଗିଗଲା
କଲା ମାତୃଭାଷା ଉନ୍ନତତର । ୬ ।

Digitized by PPRACHIN, SOA

ଚହଟିଲ ବାସ ସାରଦେଶେ, ବିଶ୍ୱ-
ବିଦ୍ୟାଳୟ କଲିକତାରେ ଯାଇ
ଆସି କୁଳପତି ବରିଲେ ତୁମରେ
ଅଧ୍ୟାପନା ତହିଁ କରିବା ପାଇଁ ।୭।

ମହାମାନବର ସ୍ୱାଧୀନତା ଯୁଦ୍ଧ
ଡ଼ାକରେ କ୍ଷଣେ ଉଠିଲ ମାତି,
ତେଜିଲ ଦାୟିତ୍ୱ ଭଷା ପ୍ରସାରର
ପ୍ରସାରିଲ ଦେଶ ପାଇଁକି ଛାତି ।୮।

ଅସହ—ଯୋଗରେ ଝାସ ଦେଇ ଏବେ
ଅବହେଳେ କଲ କାର ବରଣ
ବ୍ୟବସ୍ଥା ସଭରେ ପ୍ରବେଶିଲ ଦେଶୁ
କରିବ ବିଦେଶୀ ଅପସାରଣ ।୯।

ଓଡ଼ିଶା ପ୍ରଦେଶ ଗଠନ ପାଇଁକି
କେନ୍ଦ୍ର ସଭ ଆଗେ ଆଣି ପ୍ରସ୍ତାବେ
ବୁଲି ଗ୍ରେଆଡ଼େ ଗଢ଼ି ଜନମତ
ଦୃଢ଼ କଲ ତୁମ ଯୁକ୍ତି ସେଠାବେ ।୧୦।

ଯେତେ ଯେତେ ଘୋର ଶାସନ ସଚିବ
ଧାଇଁଲେ ତୁମ୍ଭ ପାଶେ କରିବେ ସନ୍ଧି,
ବୋଇଲେ, "ହେ ବିଜ୍ଞ କର ସମାଧାନ
ବିନିମୟେ ଘେନ 'ସାର୍', ଉପାଧି ।୧୧।

ଚକିତେ ଫେରିଲେ ଶାସନ ସଚିବ
ମହାମେରୁ ସମ ଦେଖି ଅଟଳ
ପାଇଲୁ ପ୍ରଦେଶ ରହିଗଲ ଯଶ
ଛତିଶୁ ସ୍ୱତନ୍ତ୍ର ହେଲ ଉତ୍କଳ ।୧୨।

ଲବଣ ଆଇନ ଦେଶାନ୍ତରୀ ପ୍ରଶ୍ନ
ରେଲୱେ ସ୍ୱିପର ବିଦେଶୁ ଅଣା
ଯେତେ ଯେ ଜଟିଳ ସମସ୍ୟା ଦେଶର
ସମାଧାନ ସୂତ୍ର ତୁମରେ ଜଣା ।୧୩।

Digitized by PPRACHIN, SOA

ବିଶ୍ୱ ଯୁଦ୍ଧ ବେଳେ ବୋଇଲ ସଭଙ୍କେ
ଶିଖ ଯୁଦ୍ଧବିଦ୍ୟା ସଇନ ସାଜି
ସୁଭାଷ ପଛକ ଆସିଲେ ପୂରୁବୁ
ଇଂରେଜ ଚଳିବେ ଭାରତ ତେଜି । ୧୪ ।

× × ×

ବିଧାନ ସଭର ବାଚସ୍ପତି ତୁମେ
ରାଜସଭାରେ କି ବିକ୍ରମାଦିତ୍ୟ
ପରମ୍ପରା କେତେ ଗଢ଼ିଗଲ ଦେଶେ
ଉଛେ ତୋଳି ସେହି ପଦ ମହତ୍ତ୍ୱ । ୧୫ ।

× × × × ×

ଦେଖୁଥିଲ ସ୍ୱପ୍ନ ନବଭାରତର
ସମ୍ପାଦନା କଲ 'ନବଭାରତ'
ଗଢ଼ିଗଲ କେତେ କୃତୀ ସାହିତ୍ୟିକ
ପ୍ରସାରିଲ ଯେତେ ପ୍ରବୀଣ ମତ । ୧୬ ।
ତୁମରି 'କୋଣାର୍କେ' ଦେଲେ ଅଭିମତ
ଉତ୍କଳର ଶ୍ରେଷ୍ଠ ପ୍ରେମିକ କବି
କାଳର ଗରଭେ ହଜିବ କୋଣାର୍କ
ନ ହଜିବେ କେବେ 'କୋଣାର୍କେ' କବି । ୧୭ ।
'ଓଡ଼ିଆ ସାହିତ୍ୟ କ୍ରମ ପରିଣାମ'
ଓଡ଼ିଆ ସାହିତ୍ୟେ ଅମୂଲ୍ୟ ଗ୍ରନ୍ଥ
ତୁମ 'ଗୀତା ଭାଷ୍ୟ' ଯୁଗ ଯୁଗ ପାଇଁ
ଦେଖାଇବ ଜନେ ନୂତନ ପଥ । ୧୮ ।
ଜଗନ୍ନାଥ ଧର୍ମ ଜଗନ୍ନାଥ ତତ୍ତ୍ୱ
ଗାଇଗଲ ତାର ଯେତେ ପ୍ରଶସ୍ତି
ଜ୍ଞାନ–ସାଗରକୁ ପାନ କରିଥିଲ
ଥିଲ ଏ ଯୁଗର ତୁମେ ଅଗସ୍ତି । ୧୯ ।

Digitized by PPRACHIN, SOA

ଜ୍ଞାନରେ ଗଣେଶ          ରୂପରେ ବଶିଷ୍ଠ
 ଦେଖିଲେ ତୁମକୁ ମିଳେ ଅଭୟ
ପାଣ୍ଡିତ୍ୟରେ ତୁମେ          ବ୍ୟାସ, ବାଲ୍ମିକ
 ତୁମ ପାଶେ ମଣୁ ସକଳ ହେୟ  । ୨୦ ।

ନେତା, ବକ୍ତା, କବି,          ଜ୍ଞାନୀ, ଗବେଷକ
 ବାଣୀ ବରପୁତ୍ର ବିଶାଳ ଯଶ।
ବାଗ୍ମୀ, ଦାର୍ଶନିକ,          ଦକ୍ଷ ସଂପାଦକ
 ସକଳ କଣ୍ଠରେ ତୁମେତ ଘୋଷା  । ୨୧ ।

ସତ୍ୟବାଦୀର          ବକୁଳ ବନର
 କୋକିଳ ହେ ତୁମେ ଯାଇଚ ଉଡ଼ି
ତୁମ ମର ଦେହ          ମିଶିଛି ମାଟିରେ
 କୁହୁସ୍ୱର କାନେ ଯାଉଛି ପଡ଼ି  । ୨୨ ।

ନାହିଁ ଛୁରୀଅନା          ସେ ବକୁଳ ବନ
 ଅଛି ପଞ୍ଚସଖା ସମାଧି ପୀଠ
ଆମ ପାଖେ ତୁମ          ସମାଧି ମନ୍ଦିର
 ସେ ଯେ ପୁଣ୍ୟପୀଠ ମର୍ତ୍ତ୍ୟ ବୈକୁଣ୍ଠ । ୨୩ ।

ଶତ ବାର୍ଷିକୀର          ପାଳନ ଉତ୍ସବେ
 ଘେନ ଆମ ଶତକୋଟି ପ୍ରଣାମ
ତୁମେ କାଳଜୟୀ          ହେ ଚିରଅମର
 ଘୋଷୁ ଥିବୁ ସଦା ସେ ପୁଣ୍ୟ ନାମ । ୨୪ ।

–※–

"ସୃଷ୍ଟିର ମୂଳ ପଦାର୍ଥ ବା ଈଶ୍ୱରାଦି ବିଷୟକ ମତବାଦ ଆର୍ଯ୍ୟର ଧର୍ମ ନୁହେଁ । ଧର୍ମର ଧାରଣା ଆର୍ଯ୍ୟର ଦୃଢ, ସ୍ଥିର ଓ ନିତ୍ୟ । ଧର୍ମ ମାନବ ଜୀବନର ପ୍ରକୃତି । ଏହା ମାନବର ମାନବତ୍ୱ" –

( ନୀ, ଗ୍ର–୨ୟଖଣ୍ଡ–ଆର୍ଯ୍ୟ ଜୀବନ–ପୃ ୩୭୫ )

Digitized by PPRACHIN, SOA

# ନୀଳକଣ୍ଠଙ୍କୁ ପହିଲି ଦେଖା

ଶ୍ରୀ ବାଞ୍ଛାନିଧି ପଣ୍ଡା (ଅଗରପଡ଼ା)

ଜ୍ଞାନବୃଦ୍ଧ ସେ ନୀଳକଣ୍ଠରେ ଦେଖିଲି ଯେସନେ 'ମୁହିଁ,
କବିତାରେ ଅବା ଭଷା ପ୍ରବନ୍ଧେ ବର୍ଣ୍ଣି ପାରିବି କାହିଁ ?
ଗୋରମଚନ୍ଦ୍ର ଭବନେ କଟକେ ଦେଖି ଦେଲି ଯେତେବେଳେ
ଆତ୍ମ-ପୁରୁଷ ନୋଇଁଗଲା ଆପେ ଆପେ ସେହି ପାଦତଳେ ।

ମନେ ହେଲା ସତେ ସମ୍ମୁଖେ ଅବା ହିମାଳୟ ମୋର ଉଭା,
ପୁରାଣ ଯୁଗର ମୁନିନ୍ଦ୍ର କେହି ବା' ପାଉଛନ୍ତି ଏଥି ଶୋଭା !
ଯେତେ ଯେତେ କଥା କହିବାର ଥିଲା ପାରିଲିନି କିଛି କହି,
ଶୀଳ ସଙ୍କୋଚେ ସମ୍ଭ୍ରମେ ମୁହିଁ ଗଲି ଏତେ ଟିକେ ହୋଇ ।
ଲେଖକ କୁଳରେ ଜଣେ ହୋଇବାରେ ଦେଲେ ଯିଏ ଅଧିକାର,
କୃତଜ୍ଞତା ଢ଼ାଳି ନିବେଦନ କଲି ମନେ ମନେ ନମସ୍କାର ।
ଜ୍ଞାନବୃଦ୍ଧ ସେ ଆର୍ଯ୍ୟର୍ଷି ସମ ଆଉ ତ ପାରିନି ଦେଖି,
ମୂର୍ତ୍ତି ଆହା ସେ ଚିର ଭାସ୍ୱର ରହିଗଲା ହୃଦେ ଲେଖି ।
ସେତ ଗ୍ରନ୍ଥ ଥିଲେ ତାଙ୍କ ଓଡ଼ିଶାକୁ ଚିର ଉନ୍ନତ କରି-
ଗଢ଼ି ତୋଳିଯିବେ ଜ୍ଞାନ, ଗାରିମାରେ ବିଶ୍ୱେ ବିରାଟ କରି ।
ସେଥିପାଇଁ ଆହା କୋଣାର୍କର କଳା 'କୋଣାର୍କେ' ଯେ ଗଲେ ଭରି,
ଏ ଜାତି ଜାଗିବା- ପାଇଁ ଆଉଥରେ ହୃତ-ଗୌରବ ସ୍ମରି ।
ଦେଶ ପୀରତିର ଏ ଯେଉଁ ମହାନ ଆଦରଶ ଗଲେ ଛାଡ଼ି,
ଯୋଗ୍ୟ ଦାୟାଦ ହେବୁଁ ବୋଲି ତା'ର ମନେ ମନେ ଚିନ୍ତା କରି-
ତାଙ୍କ ସେ ବାସନା ସଫଳ, ବିଫଳ ହେବା ଜାଣୁଥିବେ ସିଏ,
ଜାତି ପ୍ରଗତିର ପୁରୋଧା ହେବାର ଯୋଗ୍ୟ ଦାୟାଦ କିଏ ।
ନୀଳକଣ୍ଠ ହେ, ଦୁଃଖେ କେବେ ହାହା କାର କରେ ପ୍ରାଣ,
ଏ ଜାତିର ଶତ ଦୁର୍ଗତି ସାଥେ, ପ୍ରଣତି ମୋହର ଘେନ ।

—※—

Digitized by PPRACHIN, SOA

# ଆଖିରେ ଆଖିଏ ଲୁହ

ଶ୍ରୀ ନୀଳମାଧବ ଦାସ

ମହାମାନବର   ମହାପ୍ରୟାଣରେ   କି ଗୀତ ଲେଖିବି କହ,
ଲେଖନୀ ଚଳେନା ରଚନା ପାଇଁ ଯେ   ଆଖିରେ ଆଖିଏ ଲୁହ ।

ପଞ୍ଚସଖାରେ   ଉଜ୍ଜ୍ୱଳ ତାର   ହୋଇଛି ଅନ୍ତର୍ଦ୍ଧାନ,
ସଖାରେ ହରାଇ   'ହରିହର' ସ୍ୱରେ   ସ୍ଫୁରିଲା ବିରହ ଗାନ ।

ବିକଳରେ ବସି   ଉତ୍କଳ ମାତା   ତୋଳଇ କରୁଣ ରହା,
ଅଭାଗିନୀ କରି   ଚାଲିଗଲା ପୁଅ   ଅଫେରା ରାଇଜେ ଆହା !

ଓଡ଼ିଶା ମାଟିର   ବରପୁତ୍ର ସେ   ନୀଳକଣ୍ଠ ତା' ନାଆଁ,
ଜୀବନସାରା ଯେ   କହିଗଲା ଖାଲି   ଉଠରେ ଉଠ ଓଡ଼ିଆ ।

ଗାଇଗଲା କେତେ   ଅତୀତ କାହାଣୀ   ବୁକୁ ଫୁଲା ସଙ୍ଗୀତେ,
ଗୁହିଁ ଚୁହିଁାଇଲା   ଓଡ଼ିଆ ବିଭବ   ସୁପ୍ତ ଦେଶବାସୀ ଚିତ୍ତେ ।

ଗଢ଼ିଲା ରାଇଜ   ଢାଳିଲା ଆହୁତି   ସ୍ୱାଧୀନତା ପୀଠ ପରେ,
ଗୋପବନ୍ଧୁ ବା   ଗାନ୍ଧି, ସୁଭାଷ   ସହ ଯେତେ ଯେତେ ବୀରେ ।

ମଧୁବାବୁ, ଜାତି   ପ୍ରାଣ ପ୍ରତିଷ୍ଠାତା   ବସିଲେ କରି ଦାୟାଦ,
ଦେଇନି ଏ ଜାତି   ଈର୍ଷା ପ୍ରବଣ,   ଯୋଗ୍ୟ ତାହାର ପଦ ।

ଏ ଦେଶ ସଂସ୍କୃତି   ଶ୍ରେଷ୍ଠ ବୋଲି ଯେ   ପ୍ରତିଷ୍ଠା କରିଛି ବିଶ୍ୱେ,
ଜଗନ୍ନାଥ ଧର୍ମ   ଓଡ଼ିଶା ଯାହାର   ସପନ ନିଶି ଦିବସେ ।

ଆଉକି ଫେରିବ ନାହିଁ,
ପାରିବା ନାହିଁକି ଯଥା ଯୋଗ୍ୟ ତା' ସମ୍ମାନ ଆମେ ଦେଇ ।

—❊—

Digitized by PPRACHIN, SOA

# ସ୍ମୃତି ଉପଦେଶ *

ଶ୍ରୀ ସଦାଶିବ ପାତ୍ର (ଶିକ୍ଷକ)
ବି.କେ. ବିଦ୍ୟାପୀଠ, ବାଙ୍କି

କି ମୋହନ ବେଶ ଧରିଛି ବୁଦ୍ଧ ଜୟନ୍ତୀପୁର
ଉଡ଼େ ନାନା ରଙ୍ଗେ ପତାକା ଧାଡ଼ି ଧାଡ଼ି ରୁଚିର । ୧ ।
ମଣ୍ଡିତ ସୁରମ୍ୟ ଫାଟକ ପୁର ପ୍ରବେଶଦ୍ୱାରେ
ପୂର୍ଣ୍ଣକୁମ୍ଭ ଥୁଆ ଯତନେ ଶୋଭେ ଗୃହ ଚିତ୍ତରେ । ୨ ।
ଯଥା କାଳେ ବାଜି ଉଠିଲା ଉଚେ ମଙ୍ଗଳ ଶଙ୍ଖ
କି ମହା ଆଗ୍ରହ ଆବେଗେ ପୂରି ଉଠିଲା ବକ୍ଷ । ୩ ।
ଗ୍ରହଣ କରନ୍ତେ ସୁଜ୍ଞାନୀ ନୀଳକଣ୍ଠ ଆସନ
ମନୋରମ ଦୃଶ୍ୟେ ଶତେକ ହୃଦ ହେଲା ପ୍ରସନ୍ନ । ୪ ।
ଶିରେ ପକ୍ୱ କେଶ ବଦନେ ଦୀର୍ଘ ଶ୍ମଶ୍ରୁ ଲମ୍ବିତ
ସେ ସୌମ୍ୟ ମୂରତି ଦର୍ଶନେ ମନେ ପଡ଼େ ଅତୀତ । ୫ ।
ମହା ଜ୍ଞାନୀ ବେଦ ବ୍ୟାସ କି ଆସିଛନ୍ତି ଏ ସ୍ଥଳେ
ଧର୍ମ ସମନ୍ୱୟ ଚିନ୍ତନ ଯାର ଭଗ୍ନ ଅନ୍ତରେ । ୬ ।
ଛନ୍ତି ମହତାବ, ଅଛନ୍ତି ରାଧାନାଥ ଗହଣେ
ଛନ୍ତି ବ୍ରହ୍ମଦେଶୁ ଆଗତ ରାଜଦୂତ ଆପଣେ । ୭ ।
ସୁସଜ୍ଜିତ ମଞ୍ଚ ଉପରେ ଚନ୍ଦ୍ରାତପ ଝଟକେ
ଶିରୀ ଦରଶନେ ନୟନ ମନ ତହିଁ ଅଟକେ । ୮ ।
ବ୍ରହ୍ମଦେଶୁ ବୁଦ୍ଧ ସମାଜ ପ୍ରଦତ୍ତ ସେ ମୂରତି
ଥାପି ଦେଉଳରେ ଆନନ୍ଦେ ଲଗାଇଲେ ଆରତି । ୯ ।
ଭକ୍ତି ଅନୁଗତ ସବୁରି ହୃଦେ ତରଙ୍ଗାୟିତ
ଲଳିତ ମଧୁରେ ଗାଇଲେ ଋଷିଗଣ ସଙ୍ଗୀତ । ୧୦ ।
ବାବୁ ରାଧାନାଥ ଗାଇଲେ ଯେତେ ବିଗ୍ରହ ତଥ୍ୟ
ମହତାବ କଲେ ବର୍ଣ୍ଣନା ହିନ୍ଦୁ ବଉଦ୍ଧ ତତ୍ତ୍ୱ । ୧୧ ।
ଆରମ୍ଭିଲେ ପ୍ରାଜ୍ଞ ଶୁଣନ୍ତି ସର୍ବେ ନୀରବେ ବସି
ପ୍ରକାଶିଲେ ସୁଧୀ ସ୍ୱବର ପ୍ରଭୁ ମହିମା ରାଶି । ୧୨ ।

---

* ୧୯୫୬ ମସିହାରେ ତିଗିରିଆର ନୂଆପାଟଣା ନିକଟସ୍ଥ ଗ୍ରାମରେ ଭଗବାନ ବୁଦ୍ଧଙ୍କ ୨୫୦୦ ତମ ଜୟନ୍ତୀ ଉପଲକ୍ଷେ ପ୍ରତିଷ୍ଠିତ 'ବୁଦ୍ଧ ଜୟନ୍ତୀ ପୁର'ଠାରେ ଅନୁଷ୍ଠିତ ଉତ୍ସବର ସଭାପତି ନୀଳକଣ୍ଠ ଙ୍କ ସ୍ମରଣେ ।

Digitized by PPRACHIN, SOA

"ନିଖିଳ କଲ୍ୟାଣ ସାଧନ ବ୍ରତ ସାଧି ଜୀବନେ
ତେଜି ସିଂହାସନ ବୁଲିଲେ ରାଜକୁମାର ବନେ । ୧୩ ।
ମହାଧନ ଲଭି ବସୁଧା କୋଳେ ଥିଲେ ବିତରି
ସାମ୍ୟ ମୈତ୍ରୀ ବାଣୀ ଶୁଣାଇଥିଲେ ତମସା ହରି" । ୧୪ ।
ଲେଖକାଗ୍ରର ମତେ ଶ୍ରାବକେ ଏବେ ହୋଇ ଆକୁଳ
ଗୁହା, ପାନ, ବିଡ଼ି, ବିସ୍କୁଟ କରି ପାତ୍ରରେ ଠୁଳ । ୧୫ ।
ଅତି ସନ୍ତର୍ପଣେ ଚଳିଲେ ସଭପତିଙ୍କ ପାଶେ
ସମ୍ୟକ ଅତିଥି ଚର୍ଚ୍ଚାର ନିଦର୍ଶନ ମାନସେ । ୧୬ ।
"ପଞ୍ଚଶୀଳ ଶିକ୍ଷା ବିହିଲେ ମହା ମାନବ ବୁଦ୍ଧ
କହିଲେ ଜଗତ ଜନଙ୍କୁ ହୁଅ ଆଗ୍ରରେ ଶୁଦ୍ଧ । ୧୭ ।
ସୁରାପାନ ଗଞ୍ଜା, ଅହିଂସ ଯେହୁ କଲେ ବାରଣ
ପ୍ରତିଷ୍ଠା ଉତ୍ସବେ ତାଙ୍କର କେଙ୍କେ ଏତେ ଭିଆଣ" । ୧୮ ।
ବିସ୍ଫାରିତ ନେତ୍ରେ ଭଷିଲେ ସେ ପଣ୍ଡିତ ପ୍ରବର
ସରଗୁଁ କି ଝରି ପଡ଼ିଲା ଏ ଯେ ଅମୃତ ଗୀର । ୧୯ ।
ସଭସ୍ଥଳ ଏବେ ହୋଇଲା କ୍ଷଣେ ସ୍ଥିର ନିଷ୍ପନ୍ଦ
ଅନୁତାପେ ଦଗ୍ଧ ହୋଇଲେ ଆୟୋଜକ ସକଳ । ୨୦ ।
ବୁଦ୍ଧ ଗନ୍ଧକୁଟ ମନ୍ଦିରେ କଲେ ମୂର୍ତ୍ତି ସ୍ଥାପନ
ବୁଦ୍ଧ, ଧର୍ମ, ସଙ୍ଘେ ପ୍ରଣମି ତହିଁ ଗଲେ ଶରଣ । ୨୧ ।
'ଉତ୍କଳ ଗୁରୁ'ଙ୍କ ଚରଣେ ସଭ ଲୋକ ବନ୍ଦନ୍ତି
ନୟନୁ ଫେଡ଼ିଲେ ପଟଳ ଅନ୍ଧକାର ଜଣାନ୍ତି । ୨୨ ।
ଉତ୍କଳ ଗଗନେ ସୁଜ୍ଞାନ ରବି ପରି ଆପଣ
ଜଡ଼ ମନେ ବଡ଼ ଯତନେ ନବ ଚେତନା ଆଣ । ୨୩ ।
ବୁଝାଇଲେ ଆଖି ସେ ଦିନୁ କାହିଁ ତେମନ୍ତ ଗୁରୁ
ପ୍ରାଚ୍ୟ ସଂସ୍କୃତିର ପ୍ରତୀକ ଜ୍ଞାନୀ ସେ ମହା ମେରୁ ? । ୨୪ ।
ଜଗନ୍ନାଥ ଧର୍ମ ପ୍ରବକ୍ତା; ନୁହନ୍ତି ସେ ବଉଦ୍ଧ
ପ୍ରଗ୍ଭରନ୍ତି ଶୁଦ୍ଧ ବାଣୀ ସେ ନିଜେ ଆଗ୍ରରେ ଶୁଦ୍ଧ । ୨୫ ।
ନମୁଛୁ ଆଜି ଶ୍ରୀପୟରେ ଦିଅ ସ୍ୱର୍ଗୁ ଆଶୀଷ
ଉତ୍କଳ-ଖଣ୍ଡରୁ ଯେମନ୍ତେ ହେବ ଦୁରିତ ନାଶ ! । ୨୬ ।

—*—

Digitized by PPRACHIN, SOA

# ହେ ନୀଳକଣ୍ଠ !

ବିଜୟ ଚନ୍ଦ୍ର ପଟ୍ଟନାୟକ
୨୩୧, ଶହୀଦନଗର, ଭୁବନେଶ୍ୱର

ସତ୍ୟବାଦୀର ସୁମହତ, ଧୀର ପଞ୍ଚସଖାର ମେଳେ,
ପ୍ରଜ୍ଞାର ତେଜେ ହେ ନୀଳକଣ୍ଠ ଫୁଟି ଦିଶୁଥିଲ ହେଳେ ।
ବିଜ୍ଞ ଜନରେ ବିମୋହିତ କରେ ଦୀପ୍ତ ମନୀଷା ତବ,
ସବୁ ପାଣ୍ଡିତ୍ୟର ମୂର୍ତ୍ତ ପ୍ରତୀକ ଉତ୍କଳ ଗଉରବ ।
କବି, ଶିକ୍ଷକ, ବ୍ୟବସ୍ଥାପକ, ସେବକ, ସାମ୍ବାଦିକ,
ଚିନ୍ତାବିପ୍ଳବୀ, ସଂସ୍କାରବାଦୀ, ବାଗ୍ମୀ, ଦାର୍ଶନିକ ।
ମାତୃଭୂମିର ହେ ବରପୁତ୍ର ସାଧକ, କର୍ମବୀର,
ନିର୍ଭୀକତାର ଶ୍ରେଷ୍ଠ ନଜିର ସଦା ଉନ୍ନତଶିର ।
ମୁକ୍ତି ସମରେ ସଂଗ୍ରାମୀ ସାଜି ବରି ନେଇଥିବ କାରା,
ହେ ଦେଶଭକ୍ତ ! ଶ୍ଳାଘ୍ୟ ଜଗତେ ତୁମ ଜୀବନର ଧାରା ।
ବହିଥିଲ ସବେ ଗୁଣାବଳୀ, କେତେ ଉନ୍ନତ, ଅତୁଳନ,
ଦେଶ ଓ ଜାତିର ମଙ୍ଗଳଲାଗି କରିଗଲ ବିତରଣ ।
ପଢ଼ି ସେ "କୋଣାର୍କେ" କାବ୍ୟ ତୁମର କେଉଁ ଉତ୍କଳ ସୁତ,
ଜାତୀୟତା ମହା– ଭାବ ତରଙ୍ଗେ ହେବନାହିଁ ଅଭିଭୂତ ?
ଈଶ୍ୱର ସମ ଏ ଦେଶର ଭାଗ୍ୟ ନଭେ ଆସିଥିଲ ଭାଇଁ,
ନବ ଚେତନାରେ ଜାଗି ଉଠିଥିଲ ପ୍ରିୟ ଉତ୍କଳ ଭୂଇଁ ।
ପୁଣ୍ୟକ୍ଷେତ୍ର ବଳି ଯେ ମାଟିକୁ ତୁମେ ପାଉଥିଲ ଅତି ଭଲ,
ଭୁଲିଯାଇ ତାରେ ହେ ମହାମାନବ ସତେ କାହିଁ ଗ୍ଲଲିଗଲ ?
ଶୂନ୍ୟ ରହିଛି ଆସନ ତୁମର ପୂର୍ଣ୍ଣ କର ହେ ଆସି,
ଦିବ୍ୟ ଆଲୋକେ ଉତ୍କଳ ବୁକୁ ଉଠୁ ପୁଣି ଉଦ୍‌ଭାସି ।

'ସ୍ୱରାଜ୍ୟ'–ତା ୭ । ୧୧ । ୮୨

–୦–

Digitized by PPRACHIN, SOA

# ନୀଳକଣ୍ଠ ସ୍ମରଣେ

ଶ୍ରୀ କୃପାସିନ୍ଧୁ ଦାସ (ଅବସରପ୍ରାପ୍ତ ଶିକ୍ଷକ)

ଆସି କେଉଁ ଜୀବ ପୁଷ୍ପ    ଅଜଣା ରାଇଜୁ
    ଝଲିଗଲ ଫୁଟାଇ ସୌରଭ
ବକୁଳ ବନର ସାଥେ    ସମଗ୍ର ଉତ୍କଳ
    ଦିଶେ ସବୁଁ ଶ୍ରୀହୀନ ନିଷ୍ପ୍ରଭ ।
ସିଂହାବଲୋକନ ଠାଣି    ଆଉ କିବା ସତେ
    ହେବ ନାଇ ଦୃଶ୍ୟ ଏ ଉତ୍କଳେ
ଉତ୍କଳର ବର ପୁତ୍ର    ଶୋଇଲ ମଉନେ
    ମୁଦିଲ ଯେ ନେତ୍ର ଧରାତଳେ    । ୨ ।
ସ୍ୱାଧୀନତା ଯଜ୍ଞେ ଦେଇ    ବିପୁଳ ଆହୁତି
    ପୂର୍ଣ୍ଣ କଲ ଜାତିର ବାସନା
ବଳିଷ୍ଠ ନେତୃତ୍ୱେ ତବ    ଅରଜି ଗୌରବ
    ଉଡ଼ାଇଲ ଓଡ଼ିଶାର ବାନା    । ୩ ।
ପ୍ରାମାଣିକ ତଥ୍ୟ ଥୋଇ    ଅକାଟ୍ୟ ଯୁକ୍ତିରେ
    ବଡ଼ଲାଟ ବ୍ୟବସ୍ଥା ସଭାରେ
ଦାବୀ କଲ ଓଡ଼ିଶାର    ସ୍ୱତନ୍ତ୍ର ପ୍ରଦେଶ
    ଗଢ଼ା ହେଲ, ତୁମ ଯୁକ୍ତି ବଳେ    । ୪ ।
ଗଢ଼ିଲ ଭାଙ୍ଗିଲ କେତେ    ରାଜ୍ୟସରକାର
    ରାଜ୍ୟ ହିତ ତବ ଅଭିଳାଷ,
ମଣିନାହିଁ ମନ୍ତ୍ରୀ ଅବା    ଲାଟପଦ, ମାତ୍ର
    ପାଣ୍ଡିତ୍ୟର ନାଇ ଅବଶେଷ !    । ୫ ।
ରକ୍ଷଣ-ଶୀଳ ସମାଜେ    ଆଣିଲ ସଂସ୍କାର
    ବାହିନେଲ ଶୁଭକ୍ଷଣେ ନାହା
କେତେ ଝଡ଼ ଝଞ୍ଜାବାତ    କଲ ପ୍ରତିହତ
    'ମୋ ନିଶ' ଯେ ଦେଖାଇଲ ରହା । ୬ ।

Digitized by PPRACHIN, SOA

ଓଡ଼ିଆ ମଉଡ଼ ମଣି ଦୀର୍ଘ ଶ୍ମଶ୍ରୁଧାରୀ
ସଦା ତବ ଗ୍ରହାଣି ଗଂଭୀର,
ଜନ୍ମଭୂମି ଆକର୍ଷଣ ଥିଲା ଯେ ମଧୁର
ବିସ୍ମରିଲ ଆତ୍ମୀୟ ସୋଦର । ୭ ।
ବେଦବ୍ୟାସ ସମ କେତେ ଗ୍ରନ୍ଥିଲ ଲେଖନୀ
ଦିବା ନିଶି ଭୁଲି ଖାଦ୍ୟପେୟ
ରହିଗଲା ଧରାତଳେ ତବ ପାଣ୍ଡିତ୍ୟର
ନିଦର୍ଶନ କୀରତି ଅକ୍ଷୟ । ୮ ।
କେତେ ଜନ୍ମ କେତେ ମୃତ୍ୟୁ ଘଟୁଚି ଧରାରେ
ଘଟୁଥିବ ସଦା କାଳବଳେ,
ମାତ୍ର ତବ ସ୍ମୃତି କେବେ ନ ଲିଭିବ ହୃଦୁଁ
ଭସୁଥିବ ଜାତି ଅଶ୍ରୁଜଳେ । ୯ ।
ହୋଇଚ ଅମର ତୁମେ କବିର ଭଷାରେ
'କୋଣାର୍କେ'ର ରଚୟିତା ଭବେ,
ମିଶିଚି ମାଟିରେ ମାତ୍ର ତବ ମର ଦେହ
ରହିଅଛି ଯଶ, କୀର୍ତ୍ତି ଭବେ । ୧୦ ।
ଜଗନ୍ନାଥ ଧାମ ଧ୍ୱାନ୍ତ ଗଗନରେ ରହି
ଆଶୀର୍ବାଦ ଦିଅ, କରୁଁ ଭିକ୍ଷା,
ଓଡ଼ିଶା ମୁଲକୁ ଘୁଂଚୁ ଅନୀତି ଅଶିକ୍ଷା
ଲଭି ତବ ଦେଶ—ସେବା ଦୀକ୍ଷା । ୧୧ ।

—※—

Digitized by PPRACHIN, SOA

# ପ୍ରଜ୍ଞା-ବାଗୀଶ ନୀଳକଂଠ

ଅଜୟ ନାୟକ
୧୪, କ୍ଲାଇଭ୍ ରୋ, କଲିକତା

ସ୍ୱଦେଶ ପ୍ରେମିକ ସାହିତ୍ୟ ରସିକ
ଆହେ ନୀଳକଂଠ ବିଦ୍ୟାରତନ,
ସୁବିମଳ ଯଶ ରହିଥିବ ତବ
ଥିବେ ଯେ ଯାବତ ତାରା ତପନ । ୧ ।

ତାପସ ଧରମ ବୀରର କରମ
ଦେଖାଇ ଯାଇଛ ସାଧନା ବଳେ,
ଯୁଗେ ଯୁଗେ ତୁମେ ପାଉଥିବ ପୂଜା
ଧରାଧାମେ, ତୁମ ପ୍ରିୟ ଉତ୍କଳେ । ୨ ।

ଧନ୍ୱନ୍ତରି ସମ ରୋଗୀ, ଦୁଃଖୀ ସେବା
ବରିନେଇ କରି ଜୀବନ ବ୍ରତ,
ଲୋଭ ଅହଂକାର ତେଜି ଧ୍ୟାନ କଲ
ଶୟନେ ସପନେ ଓଡ଼ିଶା ହିତ । ୩ ।

ଆଣିଥିଲ କେତେ ସଂସ୍କାର ସମାଜେ
ଉନ୍ମତ ହୋଇ ସ୍ୱଦେଶ ପ୍ରେମେ,
ଗଢ଼ି ଗଲ କେତେ କୃତୀ ପୁତ୍ର ମାନ
ବିଦ୍ୟା ଦାନେ, ଲଢ଼ି ମୁକ୍ତି ସଂଗ୍ରାମେ । ୪ ।

ମର ଜଗତରେ ରହିଲ ଅମର
ଏ ଦେଶ ମାଟିରେ, ଜାତିର ପ୍ରାଣେ;
ହେଉ ମୁଖରିତ ତୁମରି ଉତ୍କଳ
ତବ ମଧୁସ୍ମୃତି ସଂଗୀତ ଗାନେ । ୪ ।

ପଣ୍ଡିତ ମନୀଷୀ ନାମେ ହୋଇ ଖ୍ୟାତ
ଇତିହାସେ ଆହେ ପ୍ରଜ୍ଞା-ବାଗୀଶ,
ଚିର ହିତାକାଂକ୍ଷୀ, ଅମର ଧାମରୁ
ଢାଳ ଦେଶ ଶିରେ ଶୁଭ ଆଶିଷ !

Digitized by PPRACHIN, SOA

# ମହାପୁରୁଷମାନଙ୍କର ବୈଶିଷ୍ଟ୍ୟ

ମଲବେଳେ ଲୋକେ ମୃତ ବ୍ୟକ୍ତିର ଭଲ ମନ୍ଦ ମନେ ପକାଇ ବାହୁନନ୍ତି । କ୍ରମେ ସେ ସ୍ମୃତି କାଳ ଗତିରେ ମଉନ ହୋଇ ଆସେ । କାଳର ଏ ସର୍ବଗ୍ରାସୀ କ୍ରିୟା ନଥିଲେ ବିଶ୍ୱ– ବିକାଶରେ ବହୁତ ବାଧା ପଡ଼ନ୍ତା । ଶୋକରେ ଯେଉଁ ଧକ୍କା ଲାଗେ ତାହା ଭୁଲି ନଗଲେ ମାନବ–ସମାଜର ସ୍ଥିତି ଏକ ପ୍ରକାର ଅସମ୍ଭବ ହେବ । ସେଥିପାଇଁ ବିଧାତାଙ୍କ ସୃଷ୍ଟି କ୍ରିୟାରେ ବିସ୍ମୃତିର ମଙ୍ଗଳମୟ ବିଧାନ ଅଛି ।

କିନ୍ତୁ ମହାପୁରୁଷଙ୍କ କଥା ସ୍ୱତନ୍ତ୍ର । ବିଶ୍ୱ–ବିକାଶରେ ବାଟ ଦେଖାଇବା ପାଇଁ ବିଧାତା ମହାପୁରୁଷଙ୍କୁ ପଠାନ୍ତି ବୋଲି କଥା ଅଛି । ମହାପୁରୁଷଙ୍କ ଭାବ ଓ କ୍ରିୟାରେ ନୂତନତା ଥାଏ । ସେ ଭାବ ଓ ସେ କ୍ରିୟାର ପ୍ରଭାବ ମହାପୁରୁଷଙ୍କ ଜୀବନରେ ଶେଷ ହୁଏ ନାଇ । ଜୀବନକାଳରେ ସେ ସବୁର ସୂଚନା ମାତ୍ର ମିଳେ । ପରେ ତାହା ମାଜି ହୋଇ, ମଳିନ ଦେହ ସମ୍ବନ୍ଧରୁ ବିଚ୍ଛିନ୍ନ ହୋଇ, କ୍ରମେ କ୍ରମେ ଉଜ୍ଜ୍ୱଳତର ରଙ୍ଗି ବିକାଶ କରି ଲୋକରେ ବ୍ୟାପ୍ତ ହୁଏ । ଏହାହିଁ ମହାପୁରୁଷଙ୍କର ବିଶିଷ୍ଟତା । ମୃତ୍ୟୁ ପରେ ମହାପୁରୁଷମାନଙ୍କ ବିରୋଧୀମାନଙ୍କ ଦ୍ୱାରା ମଧ୍ୟ, ଏହି ବିଶିଷ୍ଟତା କଷଟିରେ ମହା- ପୁରୁଷମାନଙ୍କ ପରୀକ୍ଷା ହୁଏ ।

ସେ କାଳର କଥା ଦେଖ । ବୁଦ୍ଧ, ଯିଶୁ ପ୍ରଭୃତି ମହାପୁରୁଷମାନେ କେତେ ବା ଶିଷ୍ୟ ପାଇଥିଲେ । ତାଙ୍କର ବିରୋଧୀ ବହୁତ ଥିଲେ ! ମାତ୍ର ମୃତ୍ୟୁ ପରେ ବ୍ୟକ୍ତିତ୍ୱର କ୍ରମ–ବିକାଶରେ ସେମାନେ ଆଜି କି ଉନ୍ନତ ! କି ଉଜ୍ଜ୍ୱଳ ! ବିରୋଧୀ ମଧ୍ୟ ତାଙ୍କର ବ୍ୟକ୍ତିତ୍ୱ ପାଖେ ଆଜି ଅବନତ ।

ଗୋପବନ୍ଧୁ ଏ ଦେଶରେ କର୍ମବୀର ଥିଲେ । ଜୀବନ କାଳରେ ତାଙ୍କର ବିରୋଧୀ ଅଳ୍ପ ନ ଥିଲେ । ତାଙ୍କ ତିରୋଧାନ ସଙ୍ଗେ ସଙ୍ଗେ ତାଙ୍କ ସ୍ମୃତି ରକ୍ଷାର ବ୍ୟବସ୍ଥା ହେଲା । ଲକ୍ଷେ ଟଙ୍କା ସଂଗ୍ରହ କରି ତାଙ୍କର ଗୋଟିଏ ସ୍ମୃତି ମନ୍ଦିର ସ୍ଥାପନ କରିବାପାଇଁ ଆଚାର୍ଯ୍ୟ ହରିହର ଦାସ ଓ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀଙ୍କ ପରି ସାଧୁ ବ୍ୟକ୍ତି ସଂକଳ୍ପ କରି ବାହାରିଲେ; କିନ୍ତୁ ସେତେବେଳେ ଫଳ କିଛି ହେଲା ନାହିଁ । ଉତ୍କଳ–ସାହିତ୍ୟ ସମାଜରେ ତାଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶ କରି ଗୋଟିଏ ପ୍ରସ୍ତାବ ଆଗତ କରା ହୋଇଥିଲା । ତାହା ଗୃହୀତ ହେଲା ନାହିଁ । ତିନି ବର୍ଷ ପର୍ଯ୍ୟନ୍ତ ତାଙ୍କର ମୃତ୍ୟୁ ଦିନ ଏ ଦେଶରେ କେହି ବିଶେଷ ସ୍ମରଣ ମଧ୍ୟ କଲେ ନାହିଁ ।

( ଆଲୋଚନା–'ନବଭାରତ'–୧ମ ଖଣ୍ଡ–୨ୟ ସଂଖ୍ୟା–ଜୁଲାଇ, ୧୯୩୪ )

Digitized by PPRACHIN, SOA

# ମହାତ୍ମା ଗାନ୍ଧୀଙ୍କ ହରିଜନ ଯାତ୍ରା

୧୯୨୦ ମସିହା ଶେଷବେଳକୁ, ୧୯୨୧ ଆରମ୍ଭରେ ଭାରତ ଜାତୀୟ ମହାସଭା ବା କଂଗ୍ରେସ କାର୍ଯ୍ୟର ନୂତନ ପୃଷ୍ଠ ଆରମ୍ଭ ହେଲା । ମୋଟାମୋଟି ଏହାକୁ ଅସହଯୋଗ ବୋଲି କୁହାଯାଏ । ମହାତ୍ମା ଗାନ୍ଧି ଏହାର ଉଦ୍‌ଭାବକ, ପ୍ରତିଷ୍ଠାତା ଓ ଚାଳକ । କଂଗ୍ରେସର ରାଜନୀତିର ଭିତ୍ତି ଅର୍ଥାତ୍ ଦେଶକୁ ସ୍ୱାଧୀନ କରିବାରେ ଯେଉଁ ଉପାୟ ଦରକାର ଏହି ଅସହଯୋଗ ତା'ର ଆଦର୍ଶ । କିନ୍ତୁ ସଙ୍ଗେ ସଙ୍ଗେ ଦେଶକୁ ଗଢ଼ିବାକୁ ହେବ, ସେଥିପାଇଁ କେତେ ଗୁଡ଼ିଏ ଗଠନମୂଳକ କାର୍ଯ୍ୟର ଯୋଜନା ମଧ୍ୟ କରାଯାଇଛି । ସେଥିରେ ଖଦଡ଼ ଓ ଅସ୍ପୃଶ୍ୟତା ନିବାରଣ ନିମନ୍ତେ ମହାତ୍ମାଜୀ ପାଦରେ ଚାଲି ଗ୍ରାମେ ଗ୍ରାମେ ବୁଲିବାର ପନ୍ଥା ଧରିଛନ୍ତି ।

ଏହିପରି ପାଦରେ ଚାଲିବାକୁ ଅନେକେ ଅନେକ ପ୍ରକାର ଭାବରେ ଦେଖୁଥିବେ । ମହାତ୍ମାଜୀ ଏଇପରି ଭାବରେ ବେଶି ସ୍ଥାନ ବୁଲି ପାରିବେ ନାହିଁ । ହୁଏତ ବେଶି ଧନ ସଂଗ୍ରହ କରି ପାରିବେ ନାହିଁ, ଏଥିପାଇଁ ଅନେକେ ହୁଏତ ଏ ପ୍ରକାରର ହରିଜନ କାର୍ଯ୍ୟକୁ ପସନ୍ଦ ନ କରିବାର ଆଉରି ମଧ୍ୟ ଏକ କାରଣ ଅଛି । ଲୋକେ ଆଜି କାଲି ସମସ୍ତ ପ୍ରକାର ଲୋକଶିକ୍ଷା, ସାଧନା ଓ କ୍ରିୟା ସହରରେ ଆରମ୍ଭ କରୁଛନ୍ତି । ଆଧୁନିକ ଶିକ୍ଷିତ ଓ ଧନୀମାନଙ୍କୁ ଘେନି ସେହି ସହରକୁ କର୍ମକେନ୍ଦ୍ର କରି, ସବୁ ପ୍ରକାର ଅନୁଷ୍ଠାନ ଗଢ଼ାଯାଉଛି । ସେ ହିସାବରେ ମହାତ୍ମାଗାନ୍ଧୀଙ୍କର ଏ ନୂତନ ପଲ୍ଲୀଭ୍ରମଣ ଯେ ଅନେକଙ୍କୁ ଠିକ୍ ଯୋଗାଉ ନଥିବ ଏଥିରେ ବିଚିତ୍ରତା କିଛି ନାହିଁ । ମାତ୍ର ଏପରି ସହରର କର୍ମକେନ୍ଦ୍ରରୁ ଭାବ ପ୍ରଚାର କରିବା ପ୍ରାଚ୍ୟଦେଶ, ତଥା ଭାରତର ନୀତି ନୁହେ । ବିଶେଷରେ ସମସ୍ତ ପ୍ରାଚ୍ୟଦେଶ ତଥା ଭାରତ ବିରାଟ ପଲ୍ଲୀ ଦେଶ । ଏ ଦେଶରେ ସବୁ ସଭ୍ୟତା, ପଲ୍ଲୀ–କେବଳ ପଲ୍ଲୀ ନୁହେ–ବନସ୍ତରୁ ମଧ୍ୟ ବାହାରି ଯୁଗେ ଯୁଗେ ନଗରକୁ ପ୍ରଭାବିତ କରି ଆସିଛି । ଏ ଦେଶରେ ବ୍ୟବସ୍ଥାଦାତା, ବନବିଦ୍ୟାଳୟର କୁଳପତି । ଏ ଦେଶର ବିଶ୍ୱ ଭାରତୀ ବନର କୁଳଗୃହ । ବନବାସୀର, ପଲ୍ଲୀବାସୀର ସତତ କର୍ତ୍ତବ୍ୟ ପାଳନରେ ଏ ଦେଶର ରାଜ୍ୟସଂସ୍କୃତି ଓ ସଭ୍ୟତା ପ୍ରତିଷ୍ଠିତ । ମନୁ ସହରରେ ବସି ସଂହିତା

Digitized by PPRACHIN, SOA

ଲେଖି ନଥିଲେ । କୌଣସି ବଣରେ ବରଚନ୍ଦ୍ରଙ୍କ ଆଶ୍ରମରେ ବିଦ୍ୟାଶିକ୍ଷା କରିଥିଲେ । ଏପରିକି ଏ ଦେଶରେ ରଜାଙ୍କୁ କର ଆଦାୟ କରିବା ପାଇଁ ଜୁଲମ କରିବାକୁ ହେଉ ନଥିଲା । ବନଚାରୀ ଉଞ୍ଛବୃତ୍ତି ପ୍ରଜା, ଶସ୍ୟ ଗୋଟାଇ ଆଣି ଖାଇବା ପୂର୍ବରୁ ସେହି ଗୋଟାଇଥିବା ଶସ୍ୟରୁ ମଧ୍ୟ ୬ ଭାଗରୁ ଭାଗେ ରଜାଙ୍କ ପାଇଁ 'ବଳି' ରଖି ଦେଉଥିଲା । ମନୀଷୀ, ପଣ୍ଡିତ, ଧନୀ, ବଣିକ, ବ୍ୟବସ୍ଥାଦାତା, ସମସ୍ତେ ପଲ୍ଲୀରେ ରହି, ପଲ୍ଲୀବାସୀର ଜୀବନରେ ନିଜ ଜୀବନ ମିଶାଇ ଦେଉଥିଲେ ।

ଧର୍ମ ପ୍ରଚାରକମାନେ ମଧ୍ୟ ଚିରକାଳ ଏ ଦେଶରେ କୌଣସି ଯାନ ବାହନର ଆଶ୍ରୟ ନ ନେଇ, ପଲ୍ଲୀରେ ସାମାନ୍ୟ ପଲ୍ଲୀବାସୀ ପରି ବୁଲି ବୁଲି ଧର୍ମ ପ୍ରଚାର କରୁଥିଲେ । ବୁଦ୍ଧ, ଶଙ୍କର ପ୍ରଭୃତିଙ୍କ କାଳରେ ନାନାପ୍ରକାର ଯାନ ବାହାନ ଥିଲା, ସନ୍ଦେହ ନାହିଁ । ବୁଦ୍ଧ ଲୋଡ଼ିଥିଲେ, ଅନାଥପିଣ୍ଡିତଙ୍କ ପରି ଧନାଢ୍ୟ ଶିଷ୍ୟ ବେଗଗାମୀ ବାହନମାନ ଯୋଗାଇ ପାରିଥାନ୍ତେ । କିନ୍ତୁ ବୁଦ୍ଧ ଯେ ତାହା ଲୋଡ଼ି ନଥିଲେ ସେତିକି ନୁହେଁ, ନିଜେ କୁଶଳ ଅଶ୍ୱାରୋହୀ ଥାଇ ମଧ୍ୟ ଘରୁ ବାହାରି ପ୍ରବ୍ରଜ୍ୟା କରିବା ସଙ୍ଗେ ସଙ୍ଗେ ସର୍ବ ପ୍ରଥମେ ଅଶ୍ୱଟି ପରିତ୍ୟାଗ କରିଥିଲେ । ଖରା, ବର୍ଷା, ଶୀତ ସବୁ ସହି, ବଣରେ ରହି, ପଲ୍ଲୀରୁ ପଲ୍ଲୀରେ ସେ ନିଜ ଧର୍ମ ଅତି ସାମାନ୍ୟ ଲୋକ ପରି ପ୍ରଚାର କରିଥିଲେ ।

ଛଅ ବର୍ଷ ତପସ୍ୟାରୁ ଉଠି ବୁଦ୍ଧଦେବ ପ୍ରଥମେ ଗୋଟିଏ ଅସ୍ପୃଶ୍ୟା ନାରୀଠାରୁ ଅନ୍ନ ଗ୍ରହଣ କରିଥିଲେ । ତାହାର ଆଧ୍ୟାତ୍ମିକ ଫଳ ଯାହା ହୋଇଥିଲା, ବିବେକାନନ୍ଦ ତଥା କଂଗ୍ରେସ ଦଳ ଆଜି ସହରରେ ସଭା କରି ଶତ ଶତ କାଙ୍ଗାଳି ଓ ଅସ୍ପୃଶ୍ୟଙ୍କ ସଙ୍ଗେ ମିଳି ମିଶି ଭୋଜି କରିବାରେ ତାହା ହେଉଛି ବୋଲି ମନେ ହେଉନାହିଁ । ଦୁର୍ଗତିରେ ଦୟା ଦେଖାଇ ମନୁଷ୍ୟକୁ ସେବା କଲେ ବା ମନୁଷ୍ୟ ପାଇଁ ସେବାର ବ୍ୟବସ୍ଥା କଲେ ସେ ହୁଏତ ସ୍ଥଳବିଶେଷରେ କୃତଜ୍ଞ ହୋଇପାରେ; ମାତ୍ର ଦୟା ଦେଖାଇବା ଓ ଦୟା ପାଇବା ଲୋକ ମଧ୍ୟରେ ଗୋଟିଏ ଆଧ୍ୟାତ୍ମିକ ପ୍ରଭେଦ ରହିଯାଏ । ଦୁଇ ଲୋକ ସଙ୍ଗେ ସର୍ବତୋଭାବରେ ଏକ ହୋଇଗଲେ, ସେ ପ୍ରଭେଦ ରହେ ନାହିଁ । ବୁଦ୍ଧ ଯେତେବେଳେ ଅସ୍ପୃଶ୍ୟାଠାରୁ ଅନ୍ନ ଗ୍ରହଣ କରିଥିଲେ, ସେତେବେଳେ ପଲ୍ଲୀର ଜଣେ ସାଧାରଣ ବୁଭୁକ୍ଷିତ ଲୋକ ଅନ୍ୟ ଲୋକଠାରୁ ଖାଦ୍ୟ ଗ୍ରହଣ କଲାପରି ତାହା କରିଥିଲେ ମାତ୍ର । ଆଧ୍ୟାତ୍ମିକ ଶକ୍ତି ଏହିପରି ଆଧ୍ୟାତ୍ମିକ ଭାବରେ ପ୍ରଚାର ପାଏ । ସେଥିରେ କିଏ କେତେ ଦୂର ବୁଲିଲା, କେତେ ପଇସା ସଂଗ୍ରହ କଲା, କେତେ ଲୋକ ଦର୍ଶନକୁ ଆସିଲେ ବା ତାଳି ବାହା ବାହା ଦେଲେ, ଏ ସବୁର ହିସାବ ନ ଥାଏ । ମହାତ୍ମା ଗାନ୍ଧି ଆଜି

Digitized by PPRACHIN, SOA

ବହୁ ଅନୁଭୂତି ପରେ ଏ ସତ୍ୟର ଗଭୀର ଅନୁଭୂତିରେ ପ୍ରାଣିତ ହୋଇଛନ୍ତି । ପୁରୀ ଜିଲ୍ଲାର ସତ୍ୟଭାମାପୁରଠାରେ ସେ ଗୋଟିଏ କୁଷ୍ଠରୋଗୀ ହଠାତ୍ ଦେଖିଲେ । ତାହାର ଦୁଇଖଣ୍ଡି ପିନ୍ଧିବାର କନା ବଡ଼ ମଇଳା ହୋଇଥିଲା । ମହାତ୍ମା ଗାନ୍ଧି ତାକୁ ପାଖକୁ ଡ଼ାକି ନିଜ ଲୁଗା ଭିତରୁ କାଢ଼ି ତାକୁ ଦୁଇଖଣ୍ଡି ସଫା ଲୁଗା ଦେଲେ ଓ ତାହାର ମଇଳା ଲୁଗା ଦୁଇଖଣ୍ଡି ନିଜେ ରଖି ପରେ ପୋଡ଼ାଇ ଦେଲେ । ଏ ଦୃଶ୍ୟ ଯେ ଦେଖିଥିବେ, ସେ ମହାତ୍ମାଜୀଙ୍କ ମୋଟର ଅଭିଯାନ ଓ ବିରାଟ ସଭାମାନଙ୍କରେ ବକ୍ତୃତା ଓ ଅର୍ଥ ସଂଗ୍ରହ ଠାରୁ ଅଧିକ ପ୍ରଭାବିତ ହୋଇଥିବେ, ସନ୍ଦେହ ନାହିଁ ।

ସେହି ସତ୍ୟଭାମାପୁରଠାରେ କେତେ ଗୁଡ଼ିଏ ହରିଜନଙ୍କୁ ଦେଖି ଖାଇବାକୁ ନିମନ୍ତ୍ରଣ କଲେ । ସେହି ନିମନ୍ତ୍ରିତ ହରିଜନଙ୍କ ମଧ୍ୟରେ ନାନା କଥା ପଡ଼ିଲା, ଜାତିର ଆପତ୍ତି ଉଠିବା ଦେଖାଗଲା; କାହିଁକି ନା, ମହାତ୍ମାଜୀଙ୍କ ସଙ୍ଗରେ ସବୁ ଜାତି–ଧର୍ମର ଲୋକ ଥିଲେ, ଇଉରୋପୀୟ ସାହେବ ମଧ୍ୟ ଥିଲେ । ହରିଜନମାନେ ଜାତି ପାଟକ ବଂଧନ ତୁଟାଇ ଖାଇବେ କିପରି ? ସେମାନଙ୍କ ମଧ୍ୟରେ ବହୁତ ବିଚାର ପଡ଼ିଲା, କିନ୍ତୁ ପ୍ରାଣର ବାଣୀ ପ୍ରାଣରେ ବାଜେ । ମହାତ୍ମାଜୀ ସାଙ୍ଗ ସୁଖ କରି ନିଜେ ସେମାନଙ୍କୁ ଡ଼ାକିଚନ୍ତି, ସମସ୍ତ ଯୁକ୍ତିତର୍କ ମଧ୍ୟରେ ଏ ଡ଼ାକିବାର କଥା ପଡ଼ିଯାଉ ଥାଏ, ସେତେବେଳେ ସମସ୍ତେ ନୀରବ, ଭାବାନ୍ୱିତ ହେଲେ । ଶେଷକୁ ସେମାନଙ୍କ ଭିତରେ ବିଚାର ପଡ଼ିଲା, "ଆହା ! ମହାତ୍ମାଜୀ ଆମକୁ ଏତେ ଆଦରରେ ଡ଼ାକିଚନ୍ତି, ଆମରି ପାଇଁ ଏତେ ଖରା କାକର ସହି ବୁଲୁଚନ୍ତି, କାଳେ ଆମେ ଖାଇବାକୁ ନଗଲେ ମହାତ୍ମା ନଖାଇ ଉପବାସ ରହିବେ ।" ଏ କଥାରେ ଆଉ ଜାତି ପାଟକର ଯୁକ୍ତି ନାହିଁ । ସେମାନେ ଯୁକ୍ତି ଛାଡ଼ି ଖାଇବାକୁ ଆସିଲେ । ଏବେ ମହାତ୍ମାଜୀଙ୍କ ଯାତ୍ରାରେ ବିନା ଯୁକ୍ତି ବିନା ବାଧାରେ ହରିଜନମାନେ ଆସି ମହାତ୍ମାଜୀଙ୍କ ଗେଷ୍ଟେଇରେ ଖାଉଚନ୍ତି । ସହରର କାଙ୍ଗାଳ ଭୋଜନ ବା ହରିଜନ ଭୋଜିରେ ଏ କଥା ସମ୍ଭବ କି ? ପୁଣି ସହରରେ ତ ଭାରତୀୟ ଜୀବନର ପ୍ରାଣ ନାହିଁ, ସେଠାରେ ସମାଜର ଶକ୍ତି କାହିଁ ? ଜାତି ପାଟକ ବା କାହିଁ ? ଏହା ବେଶି ବୁଝାଇ କହିବା ଅନାବଶ୍ୟକ ।

## ହରିଜନ ଅଭିଯାନ ଗାନ୍ଧି ପୁରୀରୁ ଆରମ୍ଭ କଲେ :

କେବଳ ଭାରତରେ କାହିଁକି, ସମସ୍ତ ପୃଥିବୀରେ ପୁରୀ ଜଗନ୍ନାଥ ଧର୍ମର ବିଶିଷ୍ଟତା ଅଛି । ମାନବକୁ ମାନବ କରି ଦେଖିବା, ସବୁ ମାନବକୁ ସମାନ ଦେଖିବା, ସବୁ ଧର୍ମର ମତ । କିନ୍ତୁ ପୃଥିବୀରେ କୌଣସି ଧର୍ମର ଲୋକମାନେ ଏହା କାର୍ଯ୍ୟରେ କରନ୍ତି ନାହିଁ । ଗୀତାବାଦୀ ବୈଦିକ ସ୍ମାର୍ତ୍ତ ହିନ୍ଦୁର 'ବାଡ଼ି ବାଇଗଣ' 'ପୋଥି ବାଇଗଣ'ରୁ ଅଲଗା ।

Digitized by PPRACHIN, SOA

ସ୍ମାର୍ତ କହନ୍ତି, "ଜ୍ଞାନୀ ଲୋକ ପକ୍ଷରେ ସମସ୍ତେ ସମାନ" । କିନ୍ତୁ କେଉଁ ଦିନ କିପରି ମନୁଷ୍ୟକୁ ଜ୍ଞାନୀ ବୋଲି ଜାଣିବ ତାହା ସେମାନେ କହନ୍ତି ନାହିଁ । ବୋଧହୁଏ ମନୁଷ୍ୟ ମୁଣ୍ଡରେ ରାତିରେ କେହି ଦେବତା ସ୍ଫଟିକ ଅକ୍ଷରରେ ଜ୍ଞାନୀ ବୋଲି ଲେଖିଦେଇ ଯିବା ପର୍ଯ୍ୟନ୍ତ ସେମାନେ ଅପେକ୍ଷା କରନ୍ତି । ସେପର୍ଯ୍ୟନ୍ତ କାର୍ଯ୍ୟରେ ଜ୍ଞାନୀ ବୋଲି ପ୍ରକାଶ କରିବା କାହାରି ଅଧିକାର ନାହିଁ । ଖ୍ରୀଷ୍ଟଧର୍ମ ଜଗତରେ ପୋପଙ୍କ ପୌରୋହିତ୍ୟଠାରୁ ଆରମ୍ଭ କରି ଦାସ ବ୍ୟବସାୟ ଓ ସାମ୍ରାଜ୍ୟବାଦ ପର୍ଯ୍ୟନ୍ତ–କୌଣସି ଠାରେ ମାନବକୁ ମାନବ କରି ଦେଖିବା ପନ୍ଥା ନାହିଁ । ମୁସଲମାନ, ଅମୁସଲମାନଙ୍କୁ କାର୍ଯ୍ୟରେ ଯାହା ମନେ କରେ, ତାହା କହିବା ନିଷ୍ପ୍ରୟୋଜନ । ବୌଦ୍ଧ ଧର୍ମରେ ମଧ୍ୟ ଲାମାଙ୍କ ଦେବତ୍ୱରୁ ଆରମ୍ଭ କରି, ଭିକ୍ଷୁ ଭିକ୍ଷୁଣୀମାନଙ୍କର ଅସାଧାରଣ ବ୍ୟବହାର ଧର୍ମର ସାମ୍ୟବାଦକୁ କାର୍ଯ୍ୟରେ କିଛି ହେଲେ କ୍ଷୁର୍ଣ୍ଣ କରିଅଛି । ଜଗନ୍ନାଥଙ୍କୁ ବୌଦ୍ଧାବତାର ବୋଲି ପୂଜା କରାଯାଏ । ସେଠାରେ ମହାପ୍ରସାଦ ଗ୍ରହଣରେ, ମାନବର ସାମ୍ୟବାଦ ଆଜି ମଧ୍ୟ ସ୍ପଷ୍ଟ ପ୍ରକଟିତ । ସ୍ମାର୍ତ ହିନ୍ଦୁ ଅନ୍ୟ ହାତରୁ ଅନ୍ନ ଗ୍ରହଣ କରିବାକୁ କି ଭୀଷଣ ପାପ ବୋଲି ବିଚାରେ ତାହା ସମସ୍ତେ ଜାଣନ୍ତି । କିନ୍ତୁ ଜଗନ୍ନାଥରେ ଆଜି ମଧ୍ୟ ସେ ବିଚାରରେ କାର୍ଯ୍ୟ ନାହିଁ । ଜଗନ୍ନାଥର ମହାସାମ୍ୟ ଧର୍ମ କାଳକ୍ରମେ କାର୍ଯ୍ୟରେ ସ୍ମାର୍ତ ହିନ୍ଦୁମାନଙ୍କ ଦ୍ୱାରା ବହୁଭାବରେ ଜର୍ଜରିତ କ୍ଷୁର୍ଣ୍ଣ ହୋଇଅଛି । ତଥାପି ଆଜି ମଧ୍ୟ ଅନ୍ନ ମହାପ୍ରସାଦ କୈବଲ୍ୟ । ଅର୍ଥାତ୍, ସେଠାରେ ସମସ୍ତେ ଏକ ।

ଓଡ଼ିଆର ଏ କୀର୍ତ୍ତି ପୃଥିବୀରେ ଅଦ୍ୱିତୀୟ । ଭାରତର ଧର୍ମ ବିପ୍ଳବ ବେଳେ, ଯୁଗେ ଯୁଗେ ମହାପୁରୁଷମାନେ ଏ ଭୂମିକୁ ଆଶ୍ରୟ କରି ମାନବ ସେବାବ୍ରତ ପ୍ରଚାର କରିଅଛନ୍ତି । ଦିନେ ବିଶ୍ୱାବସୁ ଶବରର ଦେବତା ଏହି ନୀଳ ମାଧବଙ୍କୁ ମାଳବରାଜ ଇନ୍ଦ୍ରଦ୍ୟୁମ୍ନ ନିଜର ବ୍ରାହ୍ମଣ ମନ୍ତ୍ରୀ ବିଦ୍ୟାପତିଙ୍କୁ ଘେନି ନିଜର କରି ନେବାକୁ ଆସିଥିଲେ । ନୀଳାଚଳର ଦେବତା ଶବର ପ୍ରତି ବ୍ରାହ୍ମଣ କ୍ଷତ୍ରିୟର ଏ ହତାଦର ସହିଲେ ନାହିଁ । ସେଦିନ ପରେ ଏଠାରେ ଶବର, ବ୍ରାହ୍ମଣ, କ୍ଷତ୍ରିୟ ସମସ୍ତେ ଏକାକାର ହୋଇଥିଲେ । ଏହିଠାରେ ଦିନେ କଳିଙ୍ଗର କୈବର୍ତ୍ତ ଓ ବାଣିଜ୍ୟବାହିନୀମାନେ ବ୍ରହ୍ମ, ଜବ, ବଳି ସିଂହଳରୁ ଲୋକଙ୍କୁ ଆଣି ମାନବ ମାନବରେ ପ୍ରଭେଦ ନାହିଁ ବୋଲି ଭାରତ-ବାସୀଙ୍କୁ ସାକ୍ଷାତ୍ ଶିକ୍ଷା ଦେଉଥିଲେ । ସ୍ମାର୍ତ ଶିରୋମଣି ଶଙ୍କରାଚାର୍ଯ୍ୟ ଏଇ ଭୂମିରେ ଗୋବର୍ଦ୍ଧନ ମଠ ସ୍ଥାପନ କରିଥିଲେ । ମୁସଲମାନ ସଂଘୋଚରେ ଭାରତବାସୀ ଯେତେବେଳେ ଘୋର ସଙ୍କୁଚିତ ହୋଇ ଆସୁଥିଲେ, ସେତେବେଳେ ପଞ୍ଜାବ ଦେଶର ମହାମାନବ ନାନକ ଏଇ ଭୂମି ଆଶ୍ରୟ କରିଥିଲେ । ମହାପୁରୁଷ ରାମାନୁଜ ଓ

Digitized by PPRACHIN, SOA

ଘମାନନ୍ଦଙ୍କର ମଧ୍ୟ ଜୀବନ କର୍ମର ଶ୍ରେଷ୍ଠ କ୍ଷେତ୍ର ପୁରୀ । ଶେଷରେ ସେଦିନ ଚୈତନ୍ୟ ଏଇ ଭୂମିରୁ ନିଜର ସାମ୍ୟବାଦ ପ୍ରଗ୍ଭର କରି ଏଇ ପବିତ୍ର ବିଶ୍ୱତୀର୍ଥରେ ନିଜର ଦେହ ରକ୍ଷା କରିଥିଲେ ।

ଆଜି ସାତକୋଟି ଅଛୁଆଁ–ହିନ୍ଦୁ ବା ହରିଜନଙ୍କୁ ମାନବ କରିବା ପାଇଁ ମହାତ୍ମା ଗାନ୍ଧିଙ୍କର ତୀର୍ଥଯାତ୍ରା । ସ୍ମାର୍ତ୍ତ ହିନ୍ଦୁର ବଡ଼ ସାନ ଭବ ଘୁଞ୍ଚାଇବାର ଏବେ ଏ ବେଳ । ଯୁଗପ୍ରବର୍ତ୍ତକ ମହାମାନବ ମହାତ୍ମାଗାନ୍ଧି ଏ ବେଳର ବିଶ୍ୱଦୂତ । ଆଜି ଯଥାର୍ଥ ଧାର୍ମିକ ରୀତିରେ ସେ ହରିଜନ ଉଦ୍ଧାର କାର୍ଯ ଆରମ୍ଭ କରିଛନ୍ତି ।

ଏଇ ପୁରୀଧାମରୁ ସେ ତାହା ଆରମ୍ଭ କରିଛନ୍ତି । ସେ ନିଜେ କହିଛନ୍ତି, "ଭରତରେ ପୁରୀଧାମହିଁ ସାମ୍ୟ ପ୍ରଗ୍ଭରର ଆରମ୍ଭ କରିବାର ଯୋଗ୍ୟ ଭୂମି । ଚୈତ୍ୟନାଦି ପୂର୍ବେ ଏଇ ଭୂମିରୁ ସାମ୍ୟବାଦ ପ୍ରଗ୍ଭର କରିଥିଲେ । ସେଥିପାଇଁ ସାମ୍ୟବାଦର ଏଇ ମହାତୀର୍ଥରୁ ମୋର ଏ ହରିଜନ ଯାତ୍ରା ଆରମ୍ଭ କରିବାହିଁ ଠିକ୍ ହେବ ।" ସେ ତାହାହିଁ କରି ଅଛନ୍ତି । ତାଙ୍କର ଉଦ୍ଦେଶ୍ୟ ସିଦ୍ଧ ହେଉ, ଜଗନ୍ନାଥ ଧର୍ମର ଆଦର୍ଶ ରହୁ ।

ନବଭରତ'–୪ମ ଖଣ୍ଡ–୧ମ ସଂଖ୍ୟା ମିଥୁନ–୧୩୪୧

–※–

ଅତିଥି ଆର୍ଯ୍ୟର ପରମ ଦେବତା,<br>
ସଂସାରେ ସରସ ଅତିଥି–ସେବା;<br>
କାଟେ ଯେହୁ ମୂଳ ତା' ଶିରେ ବିଟପୀ<br>
ନିବାରେ ଜ୍ୱଳଂତ–ତପନ–ବିଭା ।

( ନୀଳକଣ୍ଠ–– କୋଣାର୍କେ )

Digitized by PPRACHIN, SOA

# ଓଡ଼ିଆର ଧର୍ମ-ଧନ ଏକ ମାତ୍ର ସମ୍ବଳ

## ମହୋଦଧି ତୀରେ ନୀଳାଚଳ ନାଥ ସାମ୍ୟ-ଧର୍ମର ଅବତାର

## "ପିତୃ ପୁରୁଷଙ୍କ ଯଥାର୍ଥ ଦାୟାଦ ହୁଅ"

ନୀଳକଣ୍ଠ

ଜେଲ ମୁକ୍ତି ପରେ ତା ୧୧ । ୫ । ୩୩ ରେ ସାକ୍ଷିଗୋପାଳଠାରେ ଓଡ଼ିଶା ବାସୀଙ୍କ ଉଦ୍ଦେଶ୍ୟରେ ଏକ ବାଣୀ ଦେଇ ପଣ୍ଡିତ ନୀଳକଣ୍ଠ କହିଲେ , "ଆଜି ମହାତ୍ମା ଗାନ୍ଧିଙ୍କ ବିଶ୍ୱ ପ୍ରେରଣାର ପ୍ରାୟୋପବେଶନର ପ୍ରାରମ୍ଭରେ ଭାରତବାସୀ ମାତ୍ରେ ଉଦ୍‌ବେଳିତ । ବହୁ ରୁଦ୍ଧଭାବ ଫିଟି ପଡ଼ିବା ସ୍ୱାଭାବିକ । ଜେଲରୁ ଆସିବା ପରେ ମୁଁ ନିଜର କାର୍ଯ୍ୟ-ପନ୍ଥା ଠିକ୍ କରି ଯୋଗଦେବାକୁ ସମୟ ପାଇନାହିଁ । କାରାବାସର ଏ ଅନ୍ତରାଳରେ ହୁଏତ ସ୍ୱାସ୍ଥ୍ୟପାଇଁ କିଛି କରି ନେବି ବୋଲି ମନେ କରୁଥିଲି । ଦେଶର ରାଜନୀତିକ ପରିସ୍ଥିତି ଆଜି ଯଥାର୍ଥ ସଙ୍କଟ ଉପରେ । ଏତେବେଳେ ପଶ୍ଚାତ୍‌ପଦ ହେବା ଅବକାଶ କାହାରି ନାହିଁ । ଏହା ମଧ୍ୟ ଅତି ଭୀଷଣ ଭାବରେ ମୋ ଚିନ୍ତାଧାରାକୁ ପ୍ରଭାବିତ କରୁଥିଲା । ହଠାତ୍ ମହାତ୍ମାଗାନ୍ଧିଙ୍କର ଏ ପ୍ରାଣସ୍ପର୍ଶୀ ପ୍ରାୟୋପବେଶନରେ ଆଉ କିଛି ଭାବିବାର ନାହିଁ । ଭାବିବା ପଛକୁ ପକାଇ ଦେଇ ସ୍ଥିର କଲି ଏ ୩ଟି ସପ୍ତାହ ଆଗ ଅସ୍ପୃଶ୍ୟୋଦ୍ଧାରଣରେ ଲାଗି ଯିବାହିଁ ଯଥାର୍ଥ ଶ୍ରେୟ । ସ୍ୱାସ୍ଥ୍ୟ ଦେଖିବା ତଥା ଜେଲଯିବାର ପନ୍ଥା ଛାଡ଼ିବା ଏତେବେଳେ ହୁଏତ ଶ୍ରେୟ ମାତ୍ର ।

ମୁଁ ଜେଲରେ ଥିଲାବେଳେ ଏହି ଅସ୍ପୃଶ୍ୟୋଦ୍ଧାରଣ ଉଦ୍ଦେଶ୍ୟରେ ମହାତ୍ମାଜୀ ଆଉଥରେ ପ୍ରାୟୋପବେଶନ କରିଥିଲେ । ଦେଶ ତମାମ ହୁଏତ ଘୋର ଚହଳ ବ୍ୟାପି ଯାଇଥିଲା । ସେତେବେଳେ ଦିନ ପରେ ଦିନ ଚାତକ ପରି ସମ୍ବାଦକୁ ଚାହିଁ ବସୁଥିଲି । ବିଚାରୁଥିଲି, ଜଗନ୍ନାଥଙ୍କର ଏ ପୁଣ୍ୟ ଭୂମି, ଏ କ୍ଷେତ୍ରରେ ନିଜର ଯଥାର୍ଥ ପ୍ରାଣ ପ୍ରତିଷ୍ଠା କରି ଭାରତ ଜାଗୃତିରେ ପୁଣି ଜ୍ୱଳନ୍ତ ଦୀପଶିଖା ଜାଳିଦେବ । ହେଲାନାହିଁ, ମୋର ଆଶାର ଆଲୋକ ସେହି କାରାଗାରର ଚତୁଃସୀମା ମଧ୍ୟରେ, ବିଷାଦର ଅନ୍ଧକାରରେ ପୁଣି ମଳିନ ହେଲା । ହୁଏତ ମୁହୂର୍ତ୍ତକ ପାଇଁ କାର୍ଯ୍ୟକ୍ଷେତ୍ରରେ ମୋର ବ୍ୟକ୍ତିଗତ ଅନୁପସ୍ଥିତି ଘେନି ଦୁଃଖ ଆସିଥିଲା । କିନ୍ତୁ ସେପରି ଅହଙ୍କାରର କ୍ଷୁଦ୍ରତାକୁ ମୁଁ ପ୍ରଶ୍ରୟ ଦେଲି ନାହିଁ । ବିଧାତାଙ୍କର ଉଦ୍ଦେଶ୍ୟ ଓ ଅଭିପ୍ରାୟରେ ନିର୍ଭର କରି କାରା ଜୀବନର ଦୈନନ୍ଦିନ ଏକ-ତାନରେ ପୁଣି ପ୍ରାଣ ମିଶାଇ ଦେଲି । କିନ୍ତୁ ମୋର କାରାମୁକ୍ତି ସାମୟିକ ହୋଇପାରେ, ହେଲେହେଁ ଆଜି ମୁଁ କାରାମୁକ୍ତ ।

Digitized by PPRACHIN, SOA

## ଉତ୍କଳର ସଭ୍ୟତା ଆଜି ପଥଭ୍ରାନ୍ତ :

ଦେଶବାସୀ ଭାଇମାନେ, ଜାତୀୟ ଜୀବନରେ ଅନ୍ଧକାର ଦେଖିବା, ଦେଖାଇବା ମୋର ରୁଚି ନୁହେ । ତଥାପି ନାନାଭାବରେ ଉତ୍କଳର ଆଜି ଦୁର୍ଦ୍ଦିନ । ଉତ୍କଳ ଇତିହାସର ସଭ୍ୟତା ଓ ସଂସ୍କୃତିର ଧାରା ଆଜି ଭିନ୍ନ ଓ ପଥଭ୍ରାନ୍ତ-- ହୁଏତ ବିପଥଗାମୀ । ତେଣୁ ସୁଖରେ ହେଉ, ଦୁଃଖରେ ହେଉ ମୋର ପ୍ରାଣର ନିତ୍ୟ ଅନ୍ତରତମ ଅନୁଭୂତି ପ୍ରକାଶ କରୁଛି, ଶୁଣ । ଭାରତର ଧର୍ମ, ଭାରତର ପ୍ରାଣ; ଏହା ସତ୍ୟ ହେଲେହେଁ ସମୂହ ସତ୍ୟ ହୋଇ ନ ପାରେ । ଭିନ୍ନ ଭିନ୍ନ ସଭ୍ୟତା ଓ ସଂସ୍କୃତିର ଆଘାତ ଓ ପ୍ରତିଘାତରେ ଜାତି-ଭେଦ ବିଶେଷରେ ଅସ୍ପୃଶ୍ୟତା କିପରି ଆମର ଏ ପୁଣ୍ୟ ପିତୃଭୂମିରେ ଦୃଢ଼ରୁ ଦୃଢ଼-ତର ହେଲା, ସେ ଇତିହାସ କହିବାର ଆଜି ବେଳ ନୁହେ । ଆଜି ଏତିକି ମାତ୍ର କହେଁ, ଭାରତର ମହାମାନବତା ଅସ୍ପୃଶ୍ୟତା ଓ ଭେଦବାତ୍ୟାରେ ଯେତେବେଳେ ଭିନ୍ନ ଓ ସଂକୁଚିତ ହେଉଥିଲା, ସେତେବେଳେ ଉତ୍କଳବାସୀ, ତୁମରି ପୂର୍ବପୁରୁଷମାନେ ଏହି 'ମହାମାନବର ସାଗରତୀର ନୀଳାଚଳ" ଧାମରେ ସାମ୍ୟମୈତ୍ରୀର ଅତ୍ୟୁଜ୍ଜ୍ୱଳ ଦୀପ-ଶିଖା ଟେକି ଭାରତକୁ ଜାଗ୍ରତ କରିବାର ଉଦ୍ୟମ କରିଥିଲେ । ମନେରଖ ଭାଇମାନେ, ମଧ୍ୟଭାରତର ଭେଦଧର୍ମୀ ଇନ୍ଦ୍ରଦ୍ୟୁମ୍ନ, ଯେତେବେଳେ ନୀଳାଚଳରେ ଜଗନ୍ନାଥଙ୍କ ପୂଜା କରିବାକୁ ପ୍ରାଣର ବ୍ୟାକୁଳତାରେ ଆସିଲେ, ସେତେବେଳେ ସ୍ୱୟଂ ଜଗନ୍ନାଥ— ଶବର ଦେବତା ରୂପେ ତାଙ୍କୁ ପ୍ରଭାବିତ କରିଥିଲେ । ଭେଦ ଧର୍ମର ଅହଙ୍କାରରେ ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥଙ୍କୁ ଦେଖିପାରି ନାହାନ୍ତି । ସେ ଅନ୍ତର୍ଦ୍ଧାନ ହୋଇଗଲେ । ପରେ ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରାଣରେ ପୂର୍ଣ୍ଣ ବେଦ ଧର୍ମର ପ୍ରତିଷ୍ଠା ହେଲା । ସାମ୍ୟବାଦରେ ଆତ୍ମ ବିସ୍ମୃତ ହୋଇ ସେ ଶବର ଦେବତା ଜଗନ୍ନାଥଙ୍କ ସାକ୍ଷାତ ପାଇଲେ । ଇନ୍ଦ୍ରଦ୍ୟୁମ୍ନ ପୂଜାକଲେ, କିନ୍ତୁ ଶବର ଦଇତାମାନେ ଜଗନ୍ନାଥଙ୍କର ଯଥାର୍ଥ ଜ୍ଞାତି ବୋଲି ପରିଚିତ ହେଲେ । ଇନ୍ଦ୍ର-ଦ୍ୟୁମ୍ନଙ୍କର ମନ୍ତ୍ରୀ ପଣ୍ଡିତବର ମଧ୍ୟଦେଶ ବ୍ରାହ୍ମଣ ବିଦ୍ୟାପତି ଅମ୍ଳାନ ଭାବରେ ଶବର କନ୍ୟାଙ୍କର ସ୍ୱାମୀ ହେଲେ । ବ୍ରହ୍ମାଦି ଦେବତାଙ୍କ ଠାରୁ ନାରଦାଦି ଋଷିମାନେ ସମସ୍ତେ ତହୁଁ ଇନ୍ଦ୍ରଦ୍ୟୁମ୍ନଙ୍କ ନିମନ୍ତ୍ରଣରେ ଆସି ଏହି ମହାମାନବ ଭାବରେ ବିଗ୍ରହ ଜଗନ୍ନାଥଙ୍କର ପ୍ରାଣ ପ୍ରତିଷ୍ଠାରେ ମନ୍ତ୍ର ପାଠକଲେ । ଭାରତର କଳୁଷିତ ବେଦ-ଧର୍ମ ପୁଣି ନିର୍ମଳ ଓ ପରିଶୁଦ୍ଧ ଭାବରେ ଏହି ନୀଳାଚଳ ଧାମରେ ଜଳି ଉଠିଲା ।

## ଜନ୍ତୁ ଧର୍ମଭାବ ଛାଡ଼ :

ବେଦ କହନ୍ତି, ଜ୍ଞାନ ହେଲେ ଲୋକ "ନତତୋ ବିଜୁ ଗୁପ୍ସତେ" ଆଉ ଘୃଣା କରେ ନାହିଁ, କି ଅପବିତ୍ର ହୋଇଯିବ ବୋଲି ଆପଣାକୁ ବା ଆପଣାର ଦେବତାକୁ

Digitized by PPRACHIN, SOA

ସଙ୍କୋଚରେ ଲୁଚାଏ ନାହିଁ । ଏପରି ଲୁଗ୍ଭଇବା ସାମାନ୍ୟ ଜନ-ଧର୍ମ । ମନୁଷ୍ୟ ତାହା ସବୁବେଳେ କରୁଛି । ଭାଇ ଭାଇରେ, ବାପ ପୁଅରେ, ଉତ୍ତମର୍ଣ୍ଣ ଅଧମର୍ଣ୍ଣରେ, ରଜା ପ୍ରଜାରେ, ଜନ୍ତୁ ଜନ୍ତୁରେ, ସର୍ବତ୍ର ଏହି ସଙ୍କୋଚ ଓ ଭେଦର ଲୀଳା । "ସାମାନ୍ୟ ମେତତ୍ ପଶୁଭିର୍ନରଣା°" ଏସବୁ କଥାରେ ମନୁଷ୍ୟ ଓ ପଶୁ ମଧ୍ୟରେ ଭେଦ କିଛି ନାହିଁ । ମୋର କଥାଟି ମତେ ଭଲ, ଆଉ ସମସ୍ତେ ମରନ୍ତୁ ସରନ୍ତୁ, ମୋର ଭଲ ମୁଁ କରିବି, ମୋତେ ମୁଁ ପୋଷିବି, ଯେତେ ଦିନ ବଞ୍ଚିଥିବି ସବୁପ୍ରକାର ଆଧିପତ୍ୟ ଓ ବିଭବ ପ୍ରଭୃତିରେ ସୁଖ ମୋ ପାଇଁ ମୁଁ କରିନେବି—ଏ ହେଲା ସାମାନ୍ୟଜନ୍ତୁ ଧର୍ମ, ଧର୍ମ ଏ ଜନ୍ତୁ—ଧର୍ମରୁ ଭିନ୍ନ । ଧର୍ମହିଁ ଜନ୍ତୁ ଓ ମନୁଷ୍ୟର ଭେଦ "ଧର୍ମୋହିତେଶା-—ଧିକୋ ବିଶେଷତଃ" । ଧର୍ମହିଁ ମନୁଷ୍ୟର ଅଧିକା କଥା । କାହାକୁ ଅସ୍ପୃଶ୍ୟ କରିବାରେ କେହି ଛୁଇଁଲେ ଦେବତା ସତି, ପତି, ଅପବିତ୍ର ହୋଇଯିବେ ବୋଲି ବିଗ୍ଭରିବାରେ ଏହି ଦେହର ଦେବତାଙ୍କୁ ମଧ୍ୟ ସମସ୍ତଙ୍କଠାରୁ ଦୂରରେ ରଖି ଲୁଗ୍ଭଇବାରେ ଧର୍ମ ନାହିଁ । ଏହା ପଶୁତ୍ୱ, ଏହା ମନୁଷ୍ୟର ଜନ୍ତୁ ଭାବ ।

## ଆମ ପୂର୍ବପୁରୁଷ ଧର୍ମର ଆଦର୍ଶ ଦେଖାଇଥିଲେ :

ଭାରତବର୍ଷ ମଧ୍ୟରେ ଦିନେ କେବଳ ଆମରି ପୂର୍ବ ପୁରୁଷମାନେ ଅତି ସଙ୍କଟ ସମୟରେ ଏହା ବୁଝିଥିଲେ ଏବଂ ଭାରତକୁ ଧର୍ମର ଆଦର୍ଶ ଦେଖାଇବା ପାଇଁ ଶବର ଦେବତାଙ୍କୁ ଇନ୍ଦ୍ରଦ୍ୟୁମ୍ନଙ୍କ ପାଖେ ଜଗତରନାଥ ଜଗନ୍ନାଥ ବୋଲି ପ୍ରଗ୍ଭର କରାଇ ଥିଲେ । ଉତ୍ତର ଭାରତବାସୀଏ ଯେତେବେଳେ ନାନା ଘାତ ପ୍ରତିଘାତରେ ପଡ଼ି ଅସ୍ପୃଶ୍ୟଙ୍କୁ ଦୂରରେ ରଖୁଥିଲେ, ବିଦେଶ ଯାତ୍ରା ତଥା ସମୁଦ୍ର ପାରି ହେବାକୁ ନିଷେଧ କରି ବସୁଥିଲେ, ସେତେବେଳେ ଏହି କଳିଙ୍ଗ ବାହିନୀ ସିନ୍ଧୁ ପାରହୋଇ ଏ ସାମ୍ରାଜ୍ୟର ଶକ୍ତି ଆମେରିକା ଯାଏ ପ୍ରଗ୍ଭର କରୁଥିଲେ ବୋଲି ଆଜି ଇତିହାସରୁ ପ୍ରମାଣ ମିଳୁଛି । କେବଳ ଭାରତର ଅସପୃଶ୍ୟ ଅନ୍ତ୍ୟଜ ନୁହେ—ବ୍ରହ୍ମ, ଜାଭା, ବଳି, ସିଂହଳ, ବର୍ଣ୍ଣିଓ—ଏପରିକି ଆମେରିକାରେ ପିରୁ, ମେକ୍ସିକୋ ଓ ମୟ ଦେଶ ପର୍ଯ୍ୟନ୍ତ ସମସ୍ତ ଜାତିର ଲୋକେ ଦିନେ ଏହି ନୀଳାଚଳ ଧାମରେ ଜଗନ୍ନାଥଙ୍କୁ ପୂଜା କରି କୃତାର୍ଥ ହେଉଥିଲେ । ପୁଣି ସେତିକି ନୁହେ, ଏହି ଭାରତରେ ଯୁଗେ ଯୁଗେ ଧର୍ମର ବିଦ୍ୱେଷ, ଜାତିର ବିରୋଧ ବେଳେ ନାନକ, ଚୈତନ୍ୟଙ୍କ ପରି ମହାପୁରୁଷ ଓ ଅବତାରମାନେ ଭାରତକୁ ଆଦର୍ଶ ଦେବାପାଇଁ ଏହି ଭୂମିରେ ଆସି ଜଗନ୍ନାଥ ପୂଜାକରି ଏହି ମହୋଦଧିରେ ତୀର୍ଥସ୍ନାନ କରୁଥିଲେ ।

Digitized by PPRACHIN, SOA

## ଚିନ୍ତା ରାଜ୍ୟରେ ଆମେ ପରାଧୀନ ନୋହୁ :

ଇତିହାସ ଗର୍ଭରେ ଉତ୍କଳର ଆଜି ସେଦିନ ଲୁପ୍ତ ପ୍ରାୟ । ଭାଇମାନେ, ନାନା କାରଣରୁ ଆମ୍ଭମାନଙ୍କର ଯଥାର୍ଥ ମନୁଷ୍ୟତା ଲୋପ ପାଇବାକୁ ବସିଛି । ଆମର ନିଜ ସଂସ୍କୃତି ଓ ସଭ୍ୟତାର ଧାରାରେ ଆମର ବିକାଶ ଓ ପ୍ରତିଷ୍ଠା କରାଇବାକୁ କେହି ହୁଏତ ଲୋଡ଼ୁ ନାହାନ୍ତି । ଏ ବିଷୟରେ ବହୁତ କଥା କହିବାର ଅଛି । ସମୟ ଆସିଲେ କୁହାଯିବ । କିନ୍ତୁ ଏତିକି ମାତ୍ର କହିରଖେ, ପତିତପାବନ ଜଗନ୍ନାଥ, ଏହି ଉପଧର୍ମର ଜର୍ଜରିତ ଭାରତରେ ବୈଦିକ ସାମ୍ୟବାଦର ଜ୍ୱଳନ୍ତ ଜ୍ୟୋତି, ପୂର୍ବ ପୁରୁଷଙ୍କର ଏହା ଅକ୍ଷୟ କୀର୍ତ୍ତି । ନାନା ଭାବରେ ଏନା ପରାଧୀନ ହେଲେହେଁ, ଚିନ୍ତାରେ ପରାଧୀନ ନ ହେବାର ଅଧିକାର ମାନବଠାରୁ କେହି କାଢି ନେଇ ନପାରେ । ଭାଇମାନେ, ଚିନ୍ତାରେ ପରାଧୀନ ହୁଅ ନାହିଁ । ମୁଁ ବାରମ୍ବାର କହିଛି, ପୂର୍ବପୁରୁଷଙ୍କ ଏହି ମହାମାନବୀୟ କୀର୍ତ୍ତି ଭାରତକୁ ଯଥାର୍ଥ ଭାବରେ ପ୍ରଭାବିତ କରିବାର ଦିନ ପୁଣି ଆଜି ଆସିଛି । ଏତେବେଳେ ଜାଗ୍ରତ ହୁଅ । ଭାରତକୁ ଦେଖାଇ ଦିଅ, ଅସ୍ପୃଶ୍ୟତା ନିବାରଣ ଉତ୍କଳର ଐତିହାସିକ ଭିତ୍ତି, ଏହା ଆମମାନଙ୍କ ପୂର୍ବ ପୁରୁଷଙ୍କ ଏକମାତ୍ର କୀର୍ତ୍ତି । ଉତ୍କଳର ଆଉ ସବୁ ଯାଇଚି । ଆଜି ଧନ ନାହିଁ, ସମ୍ମାନ ନାହିଁ । ରାଜନୀତିକ ସ୍ୱାଧୀନତା ନାହିଁ, କିନ୍ତୁ ଅଛି, ଏହି ଧର୍ମ-ଅଛି ନୀଳାଚଳ ଧାମରେ ମହାମାନବ ଭାବ । ଏ ଧନ ଭାରତରେ ଆଉ କାହାରି ନାହିଁ—ପୃଥିବୀରେ ମଧ୍ୟ ନାହିଁ । ଆଜି ଏହି ଧନ, ପ୍ରାଣର ଦ୍ୱାର ଖୋଲି ବୁଣି ଦିଅ । ଏ ଧନରେ ଧନୀ ହେଲେ ଅନ୍ୟ ଧନ ଲୋଡ଼ାନାହିଁ । ଏ ଧର୍ମ--ଧନ ବାଣ୍ଟି ଦେଲେହିଁ ବଢିବ । ସବୁ ଧନ ଯାଇଛି; ଭାଇ, ଏ ଧନ ହରଅ ନାହିଁ । ସମୟ ଆସିଛି, ଭାରତରେ ଏ ସାମ୍ୟବାଦ୍ ନିଶ୍ଚୟ ଦିନେ ଜାଜ ଉଠବ । ଆପଣାକୁ ସନାତନୀ ବୋଲି ଛାପ ମାରି ଧର୍ମ ଧ୍ୱଜୀ ସ୍ୱଳ୍ପ ଦୃଷ୍ଟି ଗତାନୁଗତିକମାନେ ଯାହା କହନ୍ତୁ ନା କାହିଁକି, ଆମ୍ଭ ସଙ୍କୋଚରେ ସର୍ବ ସାମ୍ୟ ଧର୍ମରେ ଯେତେ ବାଧା ଦିଅନ୍ତୁ ନା କାହିଁକି, ଏହି ସ୍ଥିର ବୈଦିକ ସାମ୍ୟଧର୍ମ ଭାରତରେ ତଥା ପୃଥିବୀରେ ସ୍ଥାୟୀ ହେବ । ଭାଇ, ତୁମର ଭଣ୍ଡାରରେ ଏ ଧର୍ମ-ଧନ ଏବେ ବି ପୂର୍ଣ୍ଣ ଅଛି । ନୀଳାଚଳନାଥ ଜଗନ୍ନାଥ ଏହି ବୃଦ୍ଧ ବୈଦିକ ସାମ୍ୟ ଧର୍ମର ଅବତାର ରୂପେ ଏବେ ମଧ୍ୟ ଏହି ମହୋଦଧିତୀରେ ବାନା ଟେକି

Digitized by PPRACHIN, SOA

ବସିଛନ୍ତି । ସେ ବାନାକୁ ଗ୍ରହି, ସ୍ୱର୍ଗରେ ପିତୃ ପୁରୁଷ ଗ୍ରହି ବସିଛନ୍ତି, ମନେରଖ । ସେ ପିତୃପୁରୁଷର ଯଥାର୍ଥ ଦାୟାଦ ହୁଅ । ଭାରତରେ ଏ ସଙ୍କଟ ବେଳେ ପିତୃ-ପୁରୁଷଙ୍କର ସେହି ଶ୍ରେଷ୍ଠ ବିଭୂତିରେ ପ୍ରଭାବିତ ଓ ବଳୀୟାନ ହୋଇ ଏ ନୀଳାଚଳ ଦୀପ ଉପରୁ ଆବରଣ ଫିଟାଇ ଦିଅ । ଲୋକେ ପୁଣି ଦେଖନ୍ତୁ, ଉତ୍କଳ ବେଳାରେ ସତ୍ୟ ଧର୍ମ ଦୀପ ଏବେ ମଧ୍ୟ ଜଳୁଛି । ମହାମାନବ ମହାତ୍ମାଗାନ୍ଧିଙ୍କର ଇଙ୍ଗିତ ମାତ୍ର ଗ୍ରହଣ କରି ଉତ୍କଳ ଏକା ସେହି ଦୀପ ଦେଖି ଦେଇ ଭାରତକୁ ଆଜି ଉଜ୍ଜ୍ୱଳ କରିପାରେ । ସେଥିରେ ତୁମ୍ଭେମାନେ ଭ'ଇ, ନିମିତ୍ତ ହୁଅ । ବିଧାତାଙ୍କର ଆଶିର୍ବାଦ ଆମ୍ଭମାନଙ୍କ ଉପରେ ପଡ଼ୁ ।

( ଦୈନିକ ଆଶା,—ତା ୧୩ । ୫ । ୧୯ । ୩୩ )

—*—

ଉଚ୍ଚଭାବ ମାନବର ହୁଏ ବିକଶିତ,
ଉନ୍ନତ ଆଦର୍ଶ ଯେବେ କରେ ସେ ଆଶ୍ରୟ ।
ଘେନି ଏହି ପୂତ ମନ୍ତ୍ର ଉଠାଅ ଗଢ଼ବେ
ନମନୀୟ ଶୁଦ୍ଧ ତବ ମାନବ-ପ୍ରକୃତି;
ଉପେୟ ଆରମ୍ଭ ଦୃଢ଼େ କର ଆଲିଙ୍ଗନ,
ନିଜେ ନିଜ ସ୍ୱାଧୀନତା କରେ ହେ ଅର୍ଜନ ।

( ନୀଳକଣ୍ଠ—ପ୍ରଣୟିନୀ )

Digitized by PPRACHIN, SOA

# ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ଓ ପଣ୍ଡିତ ନୀଳକଂଠ ଦାସ

ରାଷ୍ଟ୍ରପତି ମୌଲାନା ଆଜାଦ ଜେଲରୁ ବାହାରିବା ସଙ୍ଗେ ସଙ୍ଗେ ସର୍ବ ଦଳ, ସର୍ବ ମତର କଂଗ୍ରେସୀମାନଙ୍କୁ ଏକତ୍ର କରି ଏଥର ଲଢେଇରେ ଲଗାଇବାର ସ୍ପଷ୍ଟ ଉଦ୍ୟମ ଆରମ୍ଭ କଲେ । ବଂଗଳାର ବୋଷ ଦଳର ଯୁଦ୍ଧ ଭିତରେ ମଂତ୍ରୀ ସନ୍ତୋଷ ବୋଷଙ୍କୁ ନିରୁତା କଂଗ୍ରେସୀ କିରଣ ଶଂକର ରାୟଂକ ସଙ୍ଗେ ସର୍ବୋତ ଭାବରେ ଏକ କରିଦେଲେ । କ୍ରମେ କ୍ରମେ କେବଳ କଂଗ୍ରେସ ସାମ୍ୟବାଦୀ ନୁହନ୍ତି, ଫରବାଡ଼ ବ୍ଲକ କଂଗ୍ରେସୀମାନେ ମଧ୍ୟ ନିର୍ବିବାଦରେ ନିଆଗଲେ । ମୁଁ ଫରବାର୍ଡ ବ୍ଲକ ସମ୍ପର୍କରେ ଥାଇ ଓଡ଼ିଶାରେ ଏକ ପ୍ରକାର ଫରବାର୍ଡ ବ୍ଲକର ନେତା ଥିଲି । ସେଇ ହିସାବରେ ଯାହା କରିବାର ଥିଲା, ତାହା ସବୁ କରିଥିଲି । ଏ ପ୍ରଦେଶରେ ସଫା ସଭାରେ ଖବର କାଗଜରେ ଦୁର୍ନାମ ନ କରି ପଛରେ ଲୁଚାଇ କରି ପ୍ରାଦେଶିକ ନେତାମାନଙ୍କର ଦୁର୍ନାମ କରାଯାଏ । ସେ ସବୁକୁ ମୋର ଖାତିର ନ ଥିଲା । ମୁଁ ଜାଣିଥିଲି, ମୁଁ କୌଣସି ସ୍ୱାର୍ଥପାଇଁ କିଛି କରୁଚି କି ନା, ଦିନେ ଲୋକଙ୍କୁ ବୁଝାଇ ପାରିବି ।

କଂଗ୍ରେସରେ ବା କୌଣସିଠାରେ ମୋ ଉପରେ କୌଣସି ଶୃଙ୍ଖଳାଗତ ବା ଅନ୍ୟ ଶାସ୍ତି ନ ଥିଲା । କଂଗ୍ରେସ, ଜେଲରୁ ଆସି ଯଦି ନୂଆ ଗ୍ରାହକରୀ ମେମ୍ବର ଗ୍ରହଣକରି, କମିଟି ମାନ ନୂଆକରି ଗଢ଼ି ତା' ଉତ୍ତାରୁ ନିର୍ବାଚନରେ ଲାଗିଥାନ୍ତେ, ତେବେ ମୋର ଚିନ୍ତା କରିବାର କିଛି ନ ଥିଲା । ମୁଁ ନିଜ ଗୋଡ଼ରେ ଠିଆ ହୋଇ କାମ କରିବାର ସୁବିଧା ପାଇଥାନ୍ତି । ଏଇଠାରେ କହିବାର ଅଛି, ଯୁଦ୍ଧ ଆରମ୍ଭ ବେଳେ ଯେଉଁ କଂଗ୍ରେସ ଗଢ଼ା ଯାଇଥିଲା, ତାହା ଏବେ ବି ଚାଲୁ ରହିଚି ଓ ରହିବ ବୋଲି କଂଗ୍ରେସ ତୁଂଗ ନେତା-ମାନେ ଠିକ କଲେ; ମାତ୍ର ସେତେବେଳେ ମୋ ପ୍ରତି ଭୀଷଣ ବ୍ୟକ୍ତିଗତ ଦୁର୍ବୁଦ୍ଧି କରା ହୋଇ ଥିବାରୁ ମୁଁ ସେ ବର୍ଷ ଅର୍ଥାତ୍ ୧୯୩୯ ଶେଷକୁ ବା ୧୯୪୦ ଆରମ୍ଭରେ କଂଗ୍ରେସର ସମସ୍ତ ନିର୍ବାଚିତ ପଦ ଅବସ୍ଥା ବଦଳିବା ପର୍ଯ୍ୟନ୍ତ ନେବିନାଇ ବୋଲି କହି, ଛାଡ଼ି ଦେଇ ଥିଲି ଓ ପ୍ରାଦେଶିକ ସଭାପତି ପାଇଁ ଠିଆ ହୋଇ ନ ଥିଲି, ଏହା ଅଜଣା ନୁହେ । ଏବେ ସେଇ କାଳର ଗଢ଼ା ହୋଇଥିବା କଂଗ୍ରେସ, ନିର୍ବାଚନରେ ସବୁ କାର୍ଯ୍ୟ କରିବେ ବୋଲି ଠିକ୍ ହେଲା । କଂଗ୍ରେସୀ ଭାବରେ ପୁଣି ମୋ ଭଳି ଲୋକର ଏଇ ନିର୍ବାଚନ ପ୍ରଭୃତି ସମ୍ବନ୍ଧୀୟ କାର୍ଯ୍ୟ ହେଉଚି, ମୁଖ୍ୟକାର୍ଯ୍ୟ । ତଥାପି ଯେତେବେଳେ ମୌଲାନା

Digitized by PPRACHIN, SOA

ଆଜାଦ ଓ ଅନ୍ୟ କଂଗ୍ରେସ ନେତାମାନେ ଭୁଲାଭାଇ, ରାଜଗୋପାଳଙ୍କଠାରୁ ଆରମ୍ଭ କରି ସନ୍ତୋଷ ବୋଷ ପର୍ଯ୍ୟନ୍ତ ସମସ୍ତଙ୍କୁ ସମାନ ଭାବରେ ଗ୍ରହଣ କରିବାକୁ ବାହୁ ପ୍ରସାର କଲେ, ସେତେବେଳେ ମୋ ଭଳି ନୈଷ୍ଠିକ କର୍ମୀର ଆଉ ସନ୍ଦେହ ରହିଲା ନାହିଁ।

ଏ ପରିସ୍ଥିତିରେ ମୁଁ କେନ୍ଦ୍ର ବ୍ୟବସ୍ଥା ସଭରେ ପ୍ରାର୍ଥୀହୋଇ ପୂର୍ବେ ଯେପରି ଦରଖାସ୍ତ କରୁଥିଲି, ପ୍ରାଦେଶିକ କଂଗ୍ରେସ କମିଟି ପାଖେ ସେଇପରି ଦରଖାସ୍ତ କଲି। ଖୁବ୍ ଉତ୍ସାହିତ ହୋଇ ଯେ ଦରଖାସ୍ତ କରିଥିଲି, ଏକଥା କହିବା ଦରକାର ନାଇ, ତଥାପି କାହାର କାଳେ ଅଜ୍ଞାତ ଭାବରେ ସୁଭାଷ ପ୍ରଭୃତିଙ୍କ ପ୍ରତି ପୂର୍ବ ମନୋଭାବ ଥିବ ଓ ତେଣୁ ମୋ କାର୍ଯ୍ୟକୁ ବୁଝିବାରେ ସେମାନେ ଅସୁବିଧାରେ ପଡ଼ିବେ, ସେଥିପାଇଁ ପ୍ରାର୍ଥୀ ହେବାର ଦରଖାସ୍ତ ସଙ୍ଗେ ଗୋଟିଏ କ୍ଷୁଦ୍ର ସ୍ମାରକପତ୍ର ଦେଇଥିଲି, ତାହା ପୁରାପୁରି ଅନୁବାଦରେ ଅନ୍ୟତ୍ର ପ୍ରକାଶ ପାଇଛି। କେବଳ ସେତିକି ନୁହେଁ, ଏହି ପ୍ରାର୍ଥୀ ଦରଖାସ୍ତ ସଙ୍ଗେ ମୁଁ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ବିଶ୍ୱାସ ରାୟ ଓ ସମ୍ପାଦକ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କୁ ଯେଉଁ ପତ୍ରମାନ ଲେଖିଥିଲି, ସେଥିରେ ଅନ୍ୟାନ୍ୟ କଥା ମଧ୍ୟରେ ଉତ୍କଳର କେତେକ କଂଗ୍ରେସ ମୁଖ୍ୟଙ୍କୁ ଏକତ୍ର ଡ଼ାକି, ମତେ ସେଠାକୁ ଡ଼ାକି ହୃଦୟ ବିନିମୟ କରିବାଭଳି କଥାବାର୍ତ୍ତାଟିଏ କରିସାରି, ତା'ପରେ ପ୍ରାର୍ଥୀ ପତ୍ରମାନ ବିଚାର କରିବାପାଇଁ ଏକାନ୍ତ ଅନୁରୋଧ କରିଥିଲି। କ୍ରମେ ବେଳ ଗଡ଼ିଯିବାକୁ ବସିଲାରୁ ସେପରି କଥାବାର୍ତ୍ତାକୁ ମତେ ଡ଼କାଇବାପାଇଁ ବାରମ୍ବାର ବ୍ୟକ୍ତିଗତ ଅନୁରୋଧ କରିଥିଲି। କଥାବାର୍ତ୍ତାକୁ ଡ଼କାହେବ ବୋଲି ଆଶା ମଧ୍ୟ ପାଇଥିଲି। କିନ୍ତୁ ମୋର ସେପରି କାହାରି ସଙ୍ଗେ ଦେଖା ବା କଥାବାର୍ତ୍ତା ହୋଇନାଇ। ଆଜି ସକାଳେ ଶୁଣିଲି, ପ୍ରାଦେଶିକ କଂଗ୍ରେସ କାର୍ଯ୍ୟକାରୀ କମିଟି କାଲି ରାତିରେ ବସି, ମତେ ଛାଡ଼ି, ଶ୍ରୀଯୁକ୍ତ ଭୁବନାନନ୍ଦ ଦାସଙ୍କ ସଙ୍ଗେ ଶ୍ରୀଯୁକ୍ତ ଭାଗିରଥୀ ମହାପାତ୍ରଙ୍କୁ କେନ୍ଦ୍ର ବ୍ୟବସ୍ଥା ସଭାପାଇଁ ସୁପାରିଶ୍ କରି ପଠାଇଛନ୍ତି। ମୁଁ ଏଥିରେ ଏବେ କଣ କରିବାକୁ ହେବ, କିଛି ବୁଝି ପାରୁନାହିଁ। ସମସ୍ତଙ୍କୁ ଜୁଟାଇ ଏକାଠି କାର୍ଯ୍ୟ କରିବାର ଉପରେ ଯେ ବୁଥା ଉଠୁଚି, ମୌଲନା ଯେ ସନ୍ତୋଷ ବୋଷ ପ୍ରଭୃତିଙ୍କୁ ଲେଡୁଚନ୍ତି, ପୁଣି ତୁଙ୍ଗ କଂଗ୍ରେସ ମୁଖ୍ୟମାନେ ଭୁଲାଭାଇ, ରାଜଗୋପାଳ ପ୍ରଭୃତିଙ୍କୁ ଯେ ପରାମର୍ଶକୁ ଡ଼ାକୁଚନ୍ତି, ଓଡ଼ିଶାପରି ପ୍ରଦେଶ ମାନଙ୍କରେ ତା'ର ଅର୍ଥ କ'ଣ ଓ ଚ୍ୟୁତି କେତେ ? କଂଗ୍ରେସ କମିଟିମାନ ପୁଣି ନ ଗଢ଼ି, ଏପରି ଯେ କାର୍ଯ୍ୟ କରଯାଉଚି, ତାର ପରିଣାମ ବା କ'ଣ ହେବ ? ଆଉ ଏବେ ବିଶେଷ କହିବା ଦରକାର ନାହିଁ। ଡକାଅ, ଦେଖାଯାଉ।

(ଦୈନିକ 'ନବଭାରତ'—ତା ୧୪।୧୦।୪୫, ଅଗ୍ରଲେଖା) ନୀଳକଣ୍ଠ ଦାସ ୧୩।୧୦।୪୫

—※—

Digitized by PPRACHIN, SOA

# କାସିମଂକ ପାଂଟୋଇ

ପାଂଟୋଇ ବୋଇଲେ ଗୋଟିଏ ପ୍ରକାର ଯୋତା । ଏହା ଚଟି ନୁହେଁ କି ବୁଟ୍ ଯୋତା ନୁହେଁ । ଏହାର ମୁହଁ ଗୋଟା ହୋଇ ଉପରକୁ ବଙ୍କେଇଜରି ଉଠିଥାଏ । ଉତ୍ତର ଭାରତରେ ଲୋକେ ଏଇପରି ପାଣ୍ଟୋଇ ପିନ୍ଧନ୍ତି । ଆରବ ଓ ପାରସ୍ୟ ଦେଶରେ ମଧ୍ୟ ଏହାର ବ୍ୟବହାର ଖୁବ୍ ଚଳେ ।

ପାରସ୍ୟ ଦେଶରେ କାସିମ୍ ଅଲି ବୋଲି ଗୋଟିଏ ବଡ଼ ଧନୀ ଲୋକ ଥିଲା । ଲୋକଟି ବଡ଼ କୃପଣ । ତା' ଲୁଗାରେ ଖାଲି ତାଳି ପଡ଼ି ସିଆଁ ହୋଇଥାଏ । ତା' ପଗଡ଼ିରେ କନା ଭଳି ମୋଟା ଓ ତାହା ଏତେ ମଇଳା ହୋଇଥାଏ ଯେ ତା'ର କି ରଙ୍ଗ ବାରି ହୁଏନାଇ । ଏ ସବୁ ବେଶ ଭିତରେ ତା ପାଣ୍ଟୋଇ ଦିଓଟି ପୁଣି ଦେଖିବାର ଜିନିଷ । ପାଣ୍ଟୋଇ ଭିତରେ କଣ୍ଟା ସବୁ ଉପରକୁ ବାହାରି ଥାଏ । ଉପର ଚମଡ଼ାରେ ଖାଲି ତାଳି ଉପରେ ତାଳି ପଡ଼ିଥାଏ । ସେଥିରେ ଖଣ୍ଡ ଖଣ୍ଡ ହୋଇ ଏତେ ଯୋଡ଼ା ହୋଇଥାଏ ଯେ ପୁରୀ ନୋଳିଆଙ୍କ ପୋଡ଼ୁଅରେ ମଧ୍ୟ ଏତେ ଖଣ୍ଡ ଯୋଡ଼ା ହୋଇ ନଥିବ । ସେ ପାଣ୍ଟୋଇ ଦୁଇଟି ଭରି ଗରୁ ହୋଇଥାଏ । ଗୋଟାଏ କଦର୍ଯ୍ୟ ଅସୁନ୍ଦର ଜିନିଷ କଥା ଭବିଲେ ଆଗ ଏଇ ପାଣ୍ଟୋଇ ଦୁଇଟି ମନେ ପଡ଼େ ।

କାସିମ ଅଲି ବାଣିଜ୍ୟ ବ୍ୟବସାୟରେ ଭରି ପଟୁ । ବଜାରରେ ଦିନେ ଜଣେ ଯୋଡ଼ିଏ ସ୍ଫଟିକ ପଥରର ହାଣ୍ଡି ବିକୁଥିଲା । ଅତି ସୁନ୍ଦର ଓ କୌଡ଼ିଆ ହାଣ୍ଡି । କେହି କିଣି ପାରିଲେ ନାଇ । କାସିମ ଅଲି ତାକୁ ଅଳ୍ପ ପଇସାରେ ପାଇ ଭରି ଖୁସି । ଜଣେ ଅତର ବାଲା ଅତର ବିକିବାକୁ ଆସିଥିଲା । ଏଇ ଅତର ଛଡ଼ା ତା'ର ଆଉସବୁ ବିକିବା ଜିନିଷ ସରି ଯାଇଥିଲା । କାସିମ ଭଣ୍ଡି ଭଣ୍ଡି ତା' ଅତରଯାକ ପ୍ରାୟ ଅଧା ଦାମରେ କିଣି ପକାଇଲା ।

ପାରସ୍ୟ ଲୋକେ ଜିନିଷ କିଣିବାରେ ସୁବିଧା ପାଇଲେ ଭରି ଖୁସିହୋଇ ଲୋକଙ୍କୁ ଭୋଜି ଦିଅନ୍ତି । କାସିମ କିନ୍ତୁ ତା' କଲାନାଇ । ସେ ଦେଶରେ ଗରମ ପାଣିରେ ଗାଧୋଇବାର ଘର ଥାଏ । ସମସ୍ତେ ସେଇ ଭିତରେ ଯାଇ ଗାଧୋଇ ଦିହ ସଫା

Digitized by PPRACHIN, SOA

କରନ୍ତି । ସେଥିପାଇଁ ପଇସା ଦେବାକୁ ହୁଏ । କାସିମ ଭେଜି ଦେଇ ନାଇ ସତ, କିନ୍ତୁ ମନ ଆନନ୍ଦରେ ସେଇ ସ୍ନାନାଗାରକୁ ଗାଧୋଇବାକୁ ଗଲା । ସେଥିପାଇଁ ଲୁଗା, ଯୋତା, ପଗଡ଼ି ସବୁ ବାହାରେ ରଖିଦେଇ ଘର ଭିତରେ ପଶିଲା ।

ଲୁଗାପଟା କାଢ଼ିଲାବେଳେ ଜଣେ ଆସି ତାକୁ କହିଲା, "ତୁ ଏ କି ପାଣ୍ଡୋଇ କରିଚୁ ? ସହର ଯାକ ଏ କଥା କୁହା କୁହି ହେଉଚନ୍ତି । ନୂଆ ପାଣ୍ଡୋଇ ଯୋଡ଼ିଏ କିଣି"। କାସିମ କହିଲା, " କେତେ କାଳୁ ମୁଁ ସେଇ କଥା ବିଚାରୁଚି ହେ । ହେଲେ କଣ ହେବ, ଯେତେ ଖରାପ ବିଚାରୁଚ, ଏ ସେତେ ଖରାପ ହୋଇ ନାଇ । ଆଉ ଦିନାକେତେ ଯିବ । "

ଏଇପରି କଥା ହେଉ ହେଉ ସେ ସ୍ନାନାଗାର ଭିତରକୁ ଗଲା । ଟିକିଏ ପରେ ବାଗଦାଦ ସହରର କାଜି ( ଜଜ୍, ବିଚାରପତି ) ଗାଧୋଇବାକୁ ଯାଇ ସେଇ ଘରେ ପଶିଲେ । ଜଜଂକ ଆଗରୁ କାସିମ ବାହାରିଲା । ନିଜ ଲୁଗା, ପଗଡ଼ି ସବୁ ପିଂଧିଲା । ଦେଖିଲା ପାଂଡୋଇ ଯୋଡ଼ିକ ନାଇ । ଆଉ ଯୋଡ଼ିଏ ନୂଆ ପାଂଡୋଇ ତା ପାଂଡୋଇ ଯାଗାରେ ଥୁଆ ହୋଇଚି । କାସିମ ମନେ ମନେ ବିଚାରିଲା, ଯେ ପାଂଡୋଇ କଥା କହୁଥିଲା, ସେଇ ଏକା ପୁରୁଣା ଯାଗାରେ ନୂଆ ପାଂଡ଼ୋଇ ଦୁଇଟି ଥୋଇ ଦେଇ ଯାଇଚି । କାସିମ ଭାରି ଆନଂଦ । ଭଲ ନୂଆ ପାଂଡୋଇ ଦୁଇଟି ପିଂଧି ଘରକୁ ଗଲା ।

କାଜି ଗାଧୁଆଘରୁ ବାହାରି ଦେଖଂତିତ ତାଂକ ପାଂଡ଼ୋଇ ନାଇ । ତା' ବଦଳରେ ହାଳେ ଛିଂଡ଼ା ଯୋତା ଥୁଆ ହୋଇଚି । ସେ ଛିଂଡ଼ା ଯୋତା ଯେ ଦେଖିଲା, ସେ ଚିହ୍ନିଲା ଏ କାସିମ ଅଲିର ।

କାସିମ ଧରା ହୋଇ ଆସିଲା । ଚୋର ବୋଲି ହାଜତରେ ପଡ଼ିଲା । କାସିମ ବିଚାର କରେ କଣ ? ପଛକୁ ବହୁତ ଧନ ଦେଇ କାସିମ ସେ ମକଦ୍ଦମାଟି ସାଲିସ୍ କଲା ।

ଘରେ ଆସି ସେ ପାଂଡୋଇ ଉପରେ ରାଗହୋଇ ତାକୁ ପଂଝରବାଟେ ଟାଇଗ୍ରିସ ନଈକୁ ଫିଙ୍ଗିଦେଲା । କେତେଦିନ ଗଲା । ପାଂଡ଼ୋଇରେ ତ ଛିଂଡ଼ା ଚମଡ଼ା । ସେଥିରେ ପୁଣି ବାହାରିଚି କଂଟା । ଗୋଟିଏ କେଉଟର ଜାଲରେ ସେ ପାଂଡୋଇ ଲାଗିଲା । କେଉଟ ଓଟାରିଲା ବେଳକୁ ଜାଲରୁ ଖଂଡ଼େ ଟିକି ଟିକି ହୋଇ ଚିରି ଯାଇଚି । କେଉଟ ରାଗରେ ଆସି ଯା ଘର ଭିତରକୁ ପାଂଡ଼ୋଇ ଦୁଇଟି ଖୁବ୍ ଜୋରରେ ଫିଙ୍ଗିଦେଲା । ସେ ପାଂଡୋଇ କାସିମ କିଣି କରି ରଖିବା ସ୍ଫଟିକ ହାଂଡ଼ିରେ ବାଜି ହାଂଡ଼ି ଦୁଇଟି ଚୂନା ହୋଇଗଲା । ସେ ହାଂଡ଼ିରେ ଥିଲା ଅତର ସେ ଅତର ବି ଇଡ଼ିଯାଇ ନାରଖାର

Digitized by PPRACHIN, SOA

ହୋଇଗଲା । କାସିମର ମନ କିମିତି ଘାଂଟି ହୋଇଥିବ, ସମସ୍ତେ ଜାଣୁଚ । କାସିମ କହିଲା, "ଦୋଷୀ ପାଂଢୋଇ, ନିର୍ଦ୍ଦୋଷ ଲୋକଙ୍କୁ କାହିଁକି ଏତେ ଦଂଡ଼ ଦେଉଛୁ ? ହଉ, ତୋ ଦଂଡ଼ ଦେବା ଏବେ ସାରିଦେବି ।" ଏହା କହି ଆପଣା ବଗିଚ୍ଚ ଭିତରେ ଗୋଟାଏ ଅଦୃଶ୍ୟ ଜାଗାରେ ଗାତ ଖୋଳି ଯୋଡ଼ିକ ଯାକ ପାଂଢୋଇ ଖୁବ୍ ଗହୀର କରି ପୋତି ପକାଇଲା ।

ପଡ଼ିଶାଘର କାସିମକୁ ସହି ପାରୁ ନଥିଲା । ସେ ତୁନି ହୋଇଯାଇ ସେଠା ଶାସକକୁ କହିଦେଲା, କାସିମ ତା ବଗିଚ୍ଚରୁ ଗୁଡ଼ାଏ ବହୁତ ପୋତା ହୋଇଥିବା ଧନ ଖୋଳି ନେଇଗଲା । କାସିମର ତ ଧଗ ହେବା ଭଗ୍ୟ ! ଶାସକ ପୁଣି ତାକୁ ଧରି ନେଇ ହାଜତରେ ରଖିଲେ । କହିଲେ, "କଣ ଧନ ପାଇଚୁ ଆଣେ ।" ଆଉ କାସିମ ଯେତେ ନାହିଁ କଲେ, ସେ ଶୁଣିବେ କିଆଁ ? ଶେଷକୁ ବହୁତ ଧନ ଖର୍ଚ୍ଚ କରି କାସିମ ହାଜତରୁ ଖସି ଘରକୁ ଆସିଲା । ଏଥର କାସିମ ଆଉ ସେ ପାଂଢୋଇ ମୁହଁ ଚାହିଁବ ନାହିଁ ବୋଲି ତାକୁ ନେଇ ଗୋଟାଏ ଖାଲରେ ପକାଇ ଦେଲା । ସେହି ଖାଲରୁ ଚାରିଆଡ଼କୁ ନାଳ କଟା ହୋଇ ଯାଇଥିଲା । ସେଠାରେ ବି କାସିମର ରକ୍ଷା ନାଇ । ପାଂଢୋଇ ଦିଓଟା ନିତାଂତ ଆବୁଡ଼ା ଖାବୁଡ଼ା ଓ ଖଡ଼ ଧଡ଼ିଆ । ସେ ଯାଇଁ ଗୋଟାଏ ନାଳ ମୁହଁରେ ଲଗିଲା । ପାଣି ତ ନାଳବାଟେ ବୋହି ଯାଉଥିଲା । ଯେତେ କାଠି, କୁଟା, ମଇଳା, ସମସ୍ତେ ସେ ପାଂଢୋଇରେ ଲଗି ବାଟ ଅଟକାଇ ଦେଲେ । ଖାଲର ପାଣି ଫୁଲି ଅନ୍ୟ ନାଳରେ ଚଢ଼ି ଯାଇ କାହା ବଗିଚ୍ଚ ବୁଡ଼ାଇ ଦେଲା । ବଗିଚ୍ଚ ବାଲା ଆସି ପାଂଢୋଇକି ଧରି କାଜିଂକ ପାଖରେ ଯାଇ କ୍ଷତି ପୂରଣ ମାଗିଲେ । ଭରି ମକଦ୍ଦମା ଲଗିଲା । କାସିମ ପୁଣି ଯାଇ ହାଜତରେ । ଶେଷକୁ କାଜିଂକ ରାୟରେ କ୍ଷତିପୂରଣ ଦେବାକୁ ପଡ଼ିଲା କାସିମକୁ । ଧନ ଖର୍ଚ୍ଚ ଓ କ୍ଷତିପୂରଣ ଦଉ ଦଉ କାସିମ ଘରୁ ପ୍ରାୟ ସବୁ ସରିଗଲା ।

ଏଣେ କାଜି କାସିମର ପାଂଢୋଇ ଦିଓଟି କଣ କରିବେ ? ପାଂଢୋଇ ଯୋଡ଼ିକ ସେ ଦେଇଦେଲେ କାସିମକୁ । କାସିମ ଏଥର ବିଚାରିଲା, ଏ ପାଂଢୋଇ ଯୋଡ଼ିକ ପୋଡ଼ି ପାଉଁଶ କରିଦେବି, ଗଲା ରୋଗ ଯିବ । ଏ ଥିବାଯାକ ଲୋକେ ଯାକୁ ମୋ'ରି ବୋଲି ଜାଣୁଥିବେ । ଏ ଏଇପରି ମୋର ଅନିଷ୍ଟ କରୁଥିବ । ଏହା ବିଚାରି ପାଂଢୋଇ ଦେଖିଲା ବେଳକୁ ସେ ଯୋଡ଼ିକ ପାଣିରେ ପଡ଼ି ପଡ଼ି ଓଦା ହୋଇ ରହିଚି । ତାକୁ ଛାତ ଉପରେ ଶୁଖାଇ ଦେଇ କୁଆଡ଼େ କାମକୁ ଗଲା । ଏଣେ ପଡ଼ିଶାଘର କୁକୁର ଆସି ପାଂଢୋଇକି କାମୁଡ଼ି ଖେଳୁ ଖେଳୁ ସେଥିରୁ ପଟେ ପାଂଢୋଇ କୁକୁର ମୁହଁରୁ କାଂଥ ବାହାର ପଟକୁ ଦୁମ୍‌କିନା ଖସି ପଡ଼ିଲା । ସେ ପୁଣି କି ପାଂଢୋଇ ? କଂଟା ସେଇଥିରେ ।

Digitized by PPRACHIN, SOA

ତାଳି ଉପରେ ତାଳି ସେଇଥିରେ । ସେ ପୁଣି ପାଣିରେ ଓଦାହୋଇ କେତେ ଗରୁ ହୋଇଚି କିଏ କହିବ ?

ସେ ଏବେ ଗୋଟାଏ ବୁଢୀ ମୁଂଡ଼ରେ ପଡ଼ିଲ । ବୁଢ଼ୀ ଏକାବେଳକେ ଦରମର । ତା'ଚେତା ବୁଡ଼ିଗଲ । ତା'ପରେ ବୁଢୀର ପୁଅ, ଝିଅ ସମସ୍ତେ ଆସି ବୁଢୀକି ଆଉଁଶା ପାଉଁଶା କରି ତାକୁ ଚେତା କଲେ ଓ ସାଙ୍ଗେ ସାଙ୍ଗେ ତାକୁ କାଜିପାଖକୁ ଘେନିଗଲେ । ଫେରେ ମକଦ୍ଦମା ଲଗିଲ । ସବୁ ଦୋଷ ପୁଣି ହେଲ କାସିମର । କାସିମ ପାଖରେ ଯାହା ବା ପଇସା କଉଡ଼ି ଥିଲ, ଏବେ ସବୁ ସରିଲ ।

ତଥାପି ସମସ୍ତେ ଗୃହିଁ ବସିଲେ, ଫେରେ କେବେ ଏଇ ପାଂଢ଼ୋଇ ଘେନି କାସିମ ଟଣା ହୋଇ ହାକଡକୁ ଆସିବ । ମାତ୍ର କାସିମ ଆଉ ହାକଡକୁ ଆସିନାଇ । ସେ ହତସନ୍ତ ହୋଇ ଅଳ୍ପ ଦିନପରେ କୁଆଡ଼େ ଗଲ । ତା'ର ଆଉ ଠାବ ମିଳିଲ ନାଇ ।

—※—

ଦିନୁଦିନ ବହି ଯାଉଚି ଜୀବନ,
ଯଉବନ ଭେଦି, ଆସଇ ଜରା;
ପଞ୍ଜୁରିରୁ ପକ୍ଷୀ ପରି ଉଡ଼ିଯାଏ
ଜୀବନ, ଛାଡ଼ି ଏ ଶରୀର କାରା ।
ଦୁଇଦିନ ପାଇଁ ଶରୀର-ବିଭବ,
ଅନନ୍ତ ଜୀବନ ଅନନ୍ତେ ମିଶେ;
ସବୁ ସୁଖ ଦୁଃଖ ସୋହାଗ ବିଷାଦ
ଏକାକାର ସେହି ଅନନ୍ତ ଦେଶେ ।

( ନୀଳକଣ୍ଠ-କୋଣାର୍କେ )

Digitized by PPRACHIN, SOA

# -ଉଦ୍‌ବୋଧନ ଗୀତ-

ଉତ୍କଳ ତବ କ୍ଷେତ୍ର-ଗୌରବ, ଜ୍ଞାନ କର୍ମ-ସାଧନା,
ଉତ୍କଳତବ ଜନ୍ମଭୂମି, ଉତ୍କଳତବେ ବାସନା । ( ଘୋଷା )
ଉତ୍କଳ ସୁତ ! କାହିଁକି ତବ ଦୈନ୍ୟ-ବିଷମ-ବେଦନା ?
ସ୍ୱପ୍ନ ଶୟନ ଜାଗର କର ଉତ୍କଳମୟ ଭବନା । ।୧।
କୋଟି-କଂଠ-ମିଳିତ-ତାନ ବିଶ୍ୱ-ବିଜୟ-ଘୋଷଣା,
ପୁଣ୍ୟ ବିପୁଳ ଜାତି ମହତ ଜୀବନ କର ଧାରଣା । ।୨।
ସିଂହଭୂମି ଫୁଲ୍‌ଝର ପୁଣି ଦୂର ଭିଷକପାଟଣା
ମନ୍ତ୍ରଗୀତ ମୁଖରୁ ଉଠିବ, କାହିଁକି ତବ ଭବନା ? ।୩।
ଭୀମ ଲଳିତ କୀର୍ତ୍ତି ମହତ ଭୂମି ବିଜୟ ଭୂଷଣା
କାଳ ବିକଳ ଖଣ୍ଡିତ ମଣି, କାହିଁକି କର ଶୋଚନା ? ।୪।
ଖାରବେଳ ଦୀପ୍ତି ଧବଳ ମନ୍ଦିର ମନ ମୋହନା-
ଭୂମି ଚୁମଚି, ବିସ୍ମର ସବୁ ଦୁଃଖ-ବିପଦ-ଯାତନା । ।୫।
ଉନ୍ନତ ଶିର ନୀଳାଚଳ ପୈତୃକ ତବ ପ୍ରେରଣା,
ମୁକ୍ତି ବିଭବ ଉତ୍କଳ-ସୁତ, କାହିଁକି ତବ ଯନ୍ତ୍ରଣା । ।୬।
ଦକ୍ଷିଣ ତଟ ଉତ୍ତର ଗିରି ଶସ୍ୟ-ସରିତ-ଶୋଭନା-
ଉତ୍କଳ ତବ ଐହିକ ପଦ ଶାଶ୍ୱତ ଶୁଭ-ମଣ୍ଡନା । ।୭।
ସିଦ୍ଧ-ପୁରୁଷ-ବନ୍ଦିତ ଚିର ସ୍ୱର୍ଗ-ସୁଭଗ-କାମନା-
ଉତ୍କଳ ତବ ଦେଶ ମହତ ମୁକ୍ତି-ମଧୁର-ସୂଚନା । ।୮।
ପର୍ବତ ଶିର ସିଂଧୁ ଚରଣ ସୁଂଦର ସୁର କଳ୍ପନା-
ଉତ୍କଳତବ ଜୀବନ ଧନ, ଉତ୍କଳ ତବ ସାଧନା । ।୯।
ଭୂତ ବର୍ତ୍ତମାନ ଭବିଷ୍ୟ ଉତ୍କଳ ତବ ସାଂତ୍ୱନା,
ଉତ୍କଳ ତବ ମୁକ୍ତିର ପଥ, ଶକ୍ତିର ଶୁଭ ଚେତନା । ।୧୦।

-*-

Digitized by PPRACHIN, SOA

# ବଂଦେ ନବଭାରତ

## ଜୟ ନବଭାରତ ସୁଂଦର ହେ

[ ସଂସ୍କୃତ ଗୁରୁ ଲଘୁ ନିୟମରେ ଗାଇବାକୁ ହେବ ]

ଜୟ ଶାଶ୍ୱତ ଶିବ ସୁଂଦର ହେ ।

ଭଦ୍ର ବିମୋହନ     ପୁଣ୍ୟ ସନାତନ
ଭଦ୍ର କିରଣ ତବ ସବର ହେ ।
ଜୟହେ, ଜୟହେ, ଜୟହେ–
ଜୟ, ଜୟ, ଜୟ, ଜୟ, ଜୟ ହେ ।

ରଂଧ୍ରେ ରଂଧ୍ରେ     ମଂଦ୍ରେ ବିଶ୍ୱେ     ତବ ଜୟ ବାଣୀ ବାଜେ,
କୋଟି ଜଗତ ଭରି     ମୋହନ ଛଂଦେ     ତୁଂମ୍ଭରି କୀରତି ଗାଜେ,
କିଂଚିତ ମାନବ ଭଂଗୁର ତଂତ୍ରେ
ଦର୍ପ-ବିଲେଡ଼ିତ କି ନିୟତି ମଂତ୍ରେ
କରିଅଛ ବଂଧନ     ହେ ବୋଧନ–ଧନ
ପୁଣ୍ୟର, ପଥ ଦିଶୁ ଶଂକର ହେ । ୧ ।

ମୁଗ୍ଧ ଚରାଚର     ଲୁବ୍ଧ ଅମର ନର     ସେହିତ ସନ୍ତଦ ଆଶେ,
ଅଂତରତମ ହେ     କର ହେ ଅଂତର ମୋହିତ     ଗୁପ୍ତ ବିକାଶେ,
ନିର୍ଭୟ ବିଭବେ ପୁଲକ ତରଂଗେ
କଲୁଷ–ରହିତ ତବ ସୂଚନ ଭଂଗେ
ବିଶ୍ୱ ବିକଶି ଉଠୁ     ସଂଶୟ ଦ୍ୱନ୍ଦ୍ୱ–ତୁଟୁ
ପୂରି ଉଠୁ ଜଗତର ଅଂତର ହେ । ୨ ।

ନିତ୍ୟ ଉଠଇ ହସି     ନୂତନ ଦିଶି     ବୃର୍ଦ୍ଧି ପଡ଼ଇ ତୁଟି ନାଶେ,
ସୁଖ ସଂପଦେ ଉଠି     ବିପଦ ବିଷାଦେ     ମିଶୁ ଅଛି ଭଦ୍ର ବିଳାସେ,
କ୍ଷର ଏ ଜଗତେ ସତ୍ୟ ବିରାଜେ
ମଂଗଳ ମୋହନ ଅଭିନବ ସାଜେ,

Digitized by PPRACHIN, SOA

ତବ ବିଭବ କଣା                    ମାନବ କଳନା
କଢ ନିର୍ଭୟ ଚିର ନଶ୍ୱର ହେ । ୩ ।
ଚୂନ-ସନାତନ—     ସର୍ଗ ବିଦୀପନ—     ଦୀପ୍ତି ଫୁଟଇ ଚିର ହାସେ,
ଶାନ୍ତ-ବିବୋଧନ—   ତ୍ରାସିତ ମାନବ    ମର୍ଜ୍ଜିତ ଜଘ୍ନ ଅଭିଳାସେ,
ଅକ୍ଷର ପଦ ତବ ନିତ୍ୟ ଅନଂତେ
ବୃଦ୍ଧି -ବିଜୟ—ପର—ନିଗମେ ସତ୍ୟେ
ତାମସ-ବିଜଡ଼ିତ                    ମାନବ ବାଂଛିତ
ଉଜ୍ଜ୍ୱଳ କର ଚିର ଭାସ୍ୱର ହେ । ୪ ।
କାଳ ଦେଶେ      ଧ୍ୱଂସ ନାଶେ      ଶାଶ୍ୱତ ଅମିୟ ବିକାଶେ,
ଦୁଃଖ ବିଷାଦେ      ଚିର ଅବସାଦେ    ପ୍ରାଣ ଉଠଇ ପୂରି ଆଶେ,
ପ୍ରେରଣ ଚିର ତବ ମାନବ ଆଶା,
ଅଦ୍ଭୁତ କୃତି ନବ ମାନବ ଭାଷା,
ପ୍ରେରଣା ତରବେ                    ଅଦ୍ଭୁତ ବିଭବେ
କର ନବଭାରତ ସୁଂଦର ହେ । ୫ ।

[ ଆଜି ଅଗଷ୍ଟ୧୫ ୧୯୪୭ ରେ ଭାରତ ପରାଧୀନତାରୁ ମୁକ୍ତ ହେଲା । ଆଜି ଭାରତ ନୂଆ—"ନବଭାରତ" । ଆଜିକୁ ୧୩ବର୍ଷ ତଳେ ଜୁନ୍ ୧୯୩୪ରେ ଆମେ ଏହି 'ନବଭାରତ' କଳ୍ପନା କରିଥିଲୁ । ସେହିଦିନ କଳ୍ପନାର ସଙ୍କେତରେ ଯାହା ଥିଲା, ତାହା ସଂସ୍କୃତରେ ଓ ଓଡ଼ିଆରେ ଆବୃତ୍ତି କରୁ ଅଛୁଁ । ଆଜି ପୂର୍ଣ୍ଣ ପ୍ରାଣରେ ସ୍ୱାଧୀନ ଭାରତରେ ପ୍ରବେଶ କଲାବେଳେ ସବୁ ବିବାଦ ବିସମ୍ବାଦ ଭେଦ ଦୁର୍ଗତି ସତ୍ତ୍ୱେ ଆମର ସେଇ ଆଦିମ ପ୍ରେରଣାର ସ୍ମୃତି ଆବୃତ୍ତି କରୁଛୁ । ବିଧାତାଂକର ଆଶୀର୍ବାଦରେ ନବଭାରତ ସୁଂଦର ହେଉ ! ]

ଜୁନ-୧୯୪୭—ନୂଆପ୍ରସ୍ଥ—ପ୍ରଥମ ବର୍ଷ ୯ମ ସଂଖ୍ୟା

—※—

Digitized by PPRACHIN, SOA

# "ବର୍ଷର ଶେଷ ଗୋଲାପ"

T. Moore's 'The Last Rose of Summer'

## ନାମକ କବିତାର ମର୍ମାନୁବାଦ

୧

ମଧୁର ବସନ୍ତେ ମଳୟ ପରଶେ
ହସୁଥିଲେ ସୁଖେ କେତେ ସୁମନ ।
ଅଭାଗିନୀ ଆଜି ଗୋଲାପ ସୁନ୍ଦରୀ
ଏକାକିନୀ ହୋଇ କାଟୁଛି ଦିନ ।
ମୃଦୁଳେ ଦୋହଲି ଖେଳୁଥିଲେ କେତେ
ମଧୁ; ସୋହାଗିନୀ ସଙ୍ଗିନୀ କୁଳ,
କାଳ ବଳେ ଆଜି ନାହାନ୍ତି ତ କେହି
ଆହା ବୋଲିବାକୁ ସାହା ତା' ତୁଲ ।
ଏକା ସେ ଖେଳଇ ପକାଇ ନିଶ୍ୱାସ
ସର୍ଜିଯାଏ ସିନା ଶୋକ ସରମେ,
ଚାହିଁ ଚଉଦିଗେ ନାହିଁ ଆଉ ଜଣେ
କଢ଼ିଟିଏ ସୁଦ୍ଧା ନ ଦିଶେ ଭ୍ରମେ !

୨

ଚାହାଁନା ରୂପସି ନିରାଶ ବଦନେ
ଅଛି ମୁଁ ଜାଣିଛି ବେଦନା ତବ
ଦୁଃଖେ ଭାଗୀହେବ ସାହା କେହି ନାହିଁ
ଝଡ଼ିବାଟି ଏବେ ମହାବିଭବ ।
ଦୁଃଖେ ବୃନ୍ତାସନେ ବସି କି କରିବ
ଶୋଇଛନ୍ତି ପ୍ରିୟ ସଙ୍ଗିନୀ ଦଳ,
ପଡ଼ ଶୋଇପଡ଼ ନ ହୁଅ ଘାରି ଗୋ
ବୃଥା ଭାବନାରେ ନୁହ ବିକଳ ।
ଦୟାକରି ମୁହିଁ ଦେଉଛି ଛିଣ୍ଡାଇ
ଦଳ ଦଳ କରି ତବ ବିଗ୍ରହ,
ଉଦ୍ୟାନ ସୁନ୍ଦରୀ କେତେ ପ୍ରିୟ ସଖୀ
ପଡ଼ିଛନ୍ତି ଏଥି ସୁଖେ ଗୋ ରହ ।

Digitized by PPRACHIN, SOA

ଏହି କିଆରିରେ ଅନ୍ତିମ ଶୟନେ
ପଡ଼ିଛନ୍ତି କେତେ ରମ୍ୟ ସୁମନା,
କି କରିବ ଏଥି ଏକାକୀ ରୂପସି,
ପଡ଼ ଗୋ ହରଷେ ବିମଳାନନା ।

୩

ଏହି ଫୁଲ ପରି ମାନବ ଜୀବନ
ହେଉ ମୋର ଗତି ଏ ମରଭୂମେ,
ପ୍ରେମର ପରଗ ପ୍ରିୟଜନ ଚୁଲେ
ଝଡ଼ି ମୁଁ ପଡ଼ିବି ଖେଦ ସରମେ ।
ଚିର ପ୍ରଣୟର ମଧୁର ବନ୍ଧନୀ
ଛିଡ଼ିଯିବ ଯେବେ କାଳର ବଳେ,
ପ୍ରଣୟ ସ୍ତବକୁଁ ରୁଚିର ସୁମନ
ପଡ଼ିଯିବ ଯେବେ ଅକାଳେ ତଳେ ।
ବନ୍ଧୁ ଦଳୁଁ ମୋର ବାଛି ବାଛି ରତ୍ନ
କାଟିନେବ ଯେବେ ଆସେ ଶମନ,
ପଡ଼ି ଯାଉ ଝଡ଼ି ଛାଡ଼ି ଦେହ ବୃନ୍ତ
ସୁମନ ସମ ଏ ମୋର ଜୀବନ ।
ପରଣେ ପରଣ ଢ଼ାଳି ଯାଙ୍କ ଚୁଲେ
ରହିଛି ଏ ମର ଜୀବନ ଧରି,
ବନ୍ଧୁତାରେ ଯାଙ୍କ ଭୁଲଇ ଜୀବନ
ଭସାଇ ଦେଇଛି ଜୀବନ ତରୀ ।
ଛାଡ଼ି ମୋତେ ଯେବେ ଯିବେ ସେ ସଭିଏ
ମରୁମୟ ସିନା ହେବ ସଂସାର,
ଜୀବନ୍ତ ମରଣେ ସେ ଘୋର ବିପଦ
କେମନେ ସହିବ ଜୀବନ ଭାର ।

—o—

( ଉତ୍କଳ ସାହିତ୍ୟ—୧୫ଶ ଭାଗ, ୭ମ ସଂଖ୍ୟା )

Digitized by PPRACHIN, SOA

# କୃଷକ ପ୍ରତି

( Shelly's-' To Men of England,' କବିତାର ମର୍ମାନୁବାଦ )

କିପାଁ ଚଷା ପୁଅ କାହା ପାଇଁ ସହୁ
ବଉଶାଖ ଖର, ଶ୍ରାବଣ ଧାର,
ପଦେ ଦଳି ତତେ ଖାଉଛନ୍ତି ଯେହୁ
ଲଗୁ ତାଙ୍କ ପାଇଁ ବରଷ ସାର ।
ପେଟକୁ ନ ଖାଇ କେତେ ଶ୍ରମ ସହି
କିପାଁ ଶ୍ରମଜୀବୀ ଲଗିଛୁ ତୁହି,
ନିଷ୍ଠୁର ପେଷଣେ ପଡ଼ି କାହା ପଦେ
ଜୀବନ ସମ୍ପଦ ଦେବାକୁ ନେଇ ।

ତବ ଶ୍ରମଫଳେ ଆହା ପ୍ରଜାକୁଳ
ବଞ୍ଚୁଛନ୍ତି କେତେ ଶକୁନି ଦେଶେ,
ସାରା ଜୀବନଟି ଖଟୁଅଛ ତୁମ୍ଭେ
ଭୋଗୁଛନ୍ତି ସେହୁ କେତେ ହରଷେ ।

ଯେଉଁ ନାହାନ୍ତି ସେ ପିଉଛନ୍ତି ତବ
ଜୀଅନ୍ତେ ଜୀବନ—ଶୋଣିତ ଧାର,
ପଡ଼ିଗଲେ ପୁଣି ରହିଛନ୍ତି ଚାହିଁ
ଶକୁନି କରମ ସାଧିବେ ପର ।
ବୁଦ୍ଧି କଉଶଳେ ଗଢ଼ୁଛ ଶିକୁଳି
ତିଆରୁଛ କେତେ କଡ଼ି କୋରଡ଼ା,
ତମ୍ଭ ହାତକଡ଼ି ଶିକୁଳି କୋରଡ଼ା
ତୁମରି ପିଠିରେ ପଡୁଛି ପର ।
ପ୍ରାଣ ମୂଲ ଦେଇ ଭୟେ ଭୟେ ରହି
କି ପାଉଛ ତୁମେ ଜୀବନେ ଆଉ,
ନାହିଁ ସ୍ୱାଧୀନତା ଯାଉଛି ସମ୍ପଦ
ବିଭେଦ ସୋହାଗ ଚେଣିକି ଥାଉ ।

Digitized by PPRACHIN, SOA

ବୁଣୁଛ ବିହନ          କାଟୁଛି ଅପର
ଅରଜୁଛ ତୁମ୍ଭେ ନେଉଛି ଆନ,
ତିଆରୁଛ ସବୁ          ନୁହେ ସେ ତୁମ୍ଭର
କାରିଗରୀ ତୁମ୍ଭ ଦଣ୍ଡ ଭିଆଣ ।
ବୁଣ ହେ ବିହନ          ଦେଖ ଆନ କେହି
ନ ନେଉ ତୁମ୍ଭର ପାଚିଲ ଫଳ,
ଅରଜ ସଂପଦ          କର ହେ ସଂଗେତ
ନ କରନ୍ତୁ ତାହା ବଞ୍ଚକେ ଜୁର ।
ତୁମ୍ଭ ବୁଣା ଲୁଗା          ପିନ୍ଧିବଟି ତୁମ୍ଭେ
ତୁମ୍ଭ ସୁଖପାଇଁ କର ହେ ଶ୍ରମ,
ତୁମ୍ଭ ହାତ ଯଶେ          ତୁମ୍ଭରି ସୁଯଶ
ଗାଉ ଏ ଜଗତ ତୁମ୍ଭରି ନାମ ।
ଦୃଢ କର୍ମବଳ          କର ହେ ସଂଚୟ
କରି ଆତ୍ମରକ୍ଷା ହୁଅ ହେ ବୀର,
ବୁଲି ତଳେ ବସି          ନ ଭୋଗିବେ ଆଉ
ଅଳସେ ବଞ୍ଚକେ ଧନ ତୁମ୍ଭର ।
ପଶିଛ କିଂପାଇ          କୁଟୀରର କୋଣେ
ଆନ ତବ ହର୍ମ୍ୟେ ବିଳାସେ ଭସେ,
ତିଆରି ଶୃଂଖଳ          ପିନ୍ଧୁଛ ହେ ହାତେ
ଅଳଙ୍କାର ପରି ଦିଶଇ କି ସେ ।
ହେଉ ଯାହା ହେବ          ଦେଖାଯିବ ପଛେ
ସେହି ତନ୍ତ ସେହି ଲଂଗଳ ଧରି,
ସେହି ଦାଆ କୋଡ଼ି          ଦୃଢେ ଧରି ହାତେ
କର୍ମେ ପଶ ବିଭୁ ପଦଗଣେ ସ୍ମରି ।
ସେ କରମେ ତବ          କୀରତି ମନ୍ଦିର
ଉଠିବ, ଲଇଁବେ ବଞ୍ଚକେ ତହିଁ,
ନ ହେଲେ ଶ୍ମଶାନ          ହେବ ଜନ୍ମଭୂମି
କରମେ ବିମୁଖ ନ ହୁଅ ଭାଇ !

* *
*

Digitized by PPRACHIN, SOA

[illegible]

Digitized by PPRACHIN, SOA

[illegible]

Digitized by PPRACHIN, SOA

[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
~~[illegible]~~
[illegible]
[illegible]
[illegible]
[illegible]
[illegible]
[illegible] ?

[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]

Digitized by PPRACHIN, SOA

# ଶ୍ରୀପଞ୍ଚମୀ

( ୧ )

ବସନ୍ତ ପ୍ରଭାତ ଆଜି, ମଧୁ ଶ୍ରୀପଞ୍ଚମୀ
ଭାରତରେ ଆନନ୍ଦ ଚହଳ,
ଫୁଟିଉଠେ ଉପବନ ଫୁଲ୍ଲ ଶତଦଳ
ପକ୍ଷୀ ନୀଡ଼େ ଗ୍ରୁଞ୍ଜ କୋଳାହଳ ।
ବାସନ୍ତୀ ଉଷାର ଶୁଣି ଶୁଭ ଶଂଖ ଧ୍ୱନି
ଉଠେ ଦିବ୍ୟ ତେଜୋମୟ ରବି,
ହେମନ୍ତ ଶିଶିର ପୋଛି ତରୁଲତା କୁଂଜ
ଧରେ ଆଜି ଦିବ୍ୟ ନବ ଛବି ।
ହେମନ୍ତର ମୃଦୁଭାବ ଶିଶିର ଜଡ଼ତା
ତେଜି ଚରାଚର ପୁଣ୍ୟମୟ,
ସ୍ଥାବର ଜଂଗମେ ଆଜି କର୍ମର ସଂଗୀତ
ସାରା ବିଶ୍ୱ ବିଭୁ ପ୍ରେମମୟ ।
ସାରା ବିଶ୍ୱେ ଝରେ ପ୍ରେମ-କରୁଣାର ଧାର
ପ୍ରକୃତିର ବଦନ ଉଜ୍ଜ୍ୱଳ,
ପତ୍ରେ ଫୁଲେ ପକ୍ଷୀନୀଡ଼େ ବନସ୍ପତି କୁଂଜେ
ଶୋଭା ଦେବୀ ଆଜି ଢ଼ଳଢ଼ଳ ।
ସେ ଶୋଭାର ପ୍ରତିବିମ୍ବ ଜନ ମନେ ପଡ଼ି
କରେ ବିଶ୍ୱ ଆନନ୍ଦେ ଉଛତ,
କି ପ୍ରବୀଣ କିବା ଶିଶୁ ଆହା କି ମୁଦିତ !
ଆନନ୍ଦରେ ପୂରିଛି ଜଗତ ।
ସେ ଆନନ୍ଦ ମିଶି ବିଭୁ କରୁଣାର ଧାର
ଜ୍ଞାନଦ୍ୱାର ଫେଡ଼ିଦିଏ ଭବେ,
ବେଦମାତା ଭାରତୀର ଆବିର୍ଭାବ ବୋଲି
ଆଜି ତେଣୁ କହନ୍ତି ସରବେ ।

Digitized by PPRACHIN, SOA

ଅତି–ଭୂତଗର୍ଭ୍ୟେ କରି ସେ ଭରତୀ ଧ୍ୟାନ
ପବିତ୍ର ଏ ଭରତୀୟ ଆଜି,
ସୃଷ୍ଟିତତ୍ତ୍ୱ ମହାମନ୍ତ୍ର ତିଳେ ତିଳେ ଫେଡ଼ି
ରଖିଅଛି ଜ୍ଞାନକୋଷ ସାଜି ।
ଭରତୀୟ କବି ସେହି ଭରତୀ ପୂଜନେ
ଫେଡ଼ିଅଛି ପ୍ରକୃତିକବାଟ
କାଳିଦାସ, ଭବଭୂତି ପ୍ରକୃତିପ୍ରାଙ୍ଗଣେ
ଖେଳିଛନ୍ତି ନବ ନବ ନାଟ ।
ବାଲମୀକି ବେଦବ୍ୟାସ ସୁପବିତ୍ର ନାମ
ତେଣୁ ଆଜି ଜଗତେ ବିଶ୍ରୁତ,
ଭରତ ଭରତୀ ବୀଣା ସ୍ୱତନ୍ତ୍ରୀ ନିନାଦ
ଦୂର ଦେଶେ ଶୁଭଇ ଅଦ୍ଭୁତ ।
ଆହା ଆଜି ସେ ଭରତୀ ନାହିଁ ଏ ଭରତେ
ଅତି–ଭୂତ ଭରତୀ–ଅର୍ଚ୍ଚନା,
ବିଦ୍ୟାଳୟ ଶିଶୁ ଆଜି ଚିତ୍ର ପିତୁଳାରେ
କରୁଅଛି ଦେବତା କଳ୍ପନା ।
ଜ୍ଞାନ ଆରାଧନା କରେ ନାରୀକେଳ ପୂଜି
ନାନା ଭୋଜ୍ୟ ନଇବେଦ୍ୟ ଦେଇ,
ଅଭିପ୍ରେତ ସିଦ୍ଧିପାଇଁ ପ୍ରତିମା ଆଗରେ
ନାରୀକେଳ ଦେଉଛି ବାଢ଼େଇ ।
ଭର୍ଗିଗଲେ ନାରୀକେଳ ଅଭିପ୍ରେତ ତାର
ସିଦ୍ଧ ହେବ; ବିଚିତ୍ର ଧାରଣା !
କି ବିଚିତ୍ର ବିଶ୍ୱାସର କିବା ପରିଣାମ,
କି ଘୋର ଏ ଜାତୀୟ ଯନ୍ତ୍ରଣା ?

( ୨ )

ହେ ଭରତୀ ! ଭରତର ଆଦି ବେଦମାତା,
ସଭ୍ୟତାର ଜନନୀ ଜଗତେ,

Digitized by PPRACHIN, SOA

ଜ୍ଞାନମୟୀ ଚିଦମ୍ବର ଆଲୋକରୂପିଣୀ
ଅମୃତର ନିଦାନ ମରତେ ।
ଦେଖିଛ ତ, ଥିଲା ଦିନ ଏ ଭାରତ ଧାମେ
ଯେବେ ବାଲ୍ମୀକି ବ୍ୟାସକବି
କାଳିଦାସ ଭବଭୂତି ଜ୍ଞାନମୟରୂପେ
ଚିତ୍ରିଲେ ହେ ତବ ଦିବ୍ୟଛବି ।

କପିଳ ଜନକ ବୁଦ୍ଧ ମହାଭାବ ଧରି
ଫେଡ଼ିଦେଲେ ବିଜ୍ଞାନର ଦ୍ୱାର,
ଭାସ୍କର ମିହିର ଆଦି ମନୀଷୀ ପୁଙ୍ଗବ
ପ୍ରକୃତିର ଆବରଣ ଭାର ।
ବିଶ୍ରୁତ ଚରକ ମୁନି ସୁଶ୍ରୁତ ବିଧାତା
ପଶି ଘୋର ଗବେଷଣା କାଳେ,
ଫେଡ଼ିଦେଲେ କେତେ ବିଦ୍ୟା ନବ ନବ ତତ୍ତ୍ୱ
ତବ ଦିବ୍ୟ ଆରାଧନା ବଳେ ।

ଭାରତ ପତିତ ଆଜି, ହୀନ ଆର୍ଯ୍ୟ ହିନ୍ଦୁ
ହରାଇଛି ଜ୍ଞାନର ସେ ସ୍ନେହ,
ଦୁଇଟିରେ ପ୍ରତିମା ରଚି ନାରୀକେଳ ପରେ
ଗଢ଼େ ତେଣୁ ଭୌତିକ ବିଗ୍ରହ !
ସୁସ୍ୱାଦୁ ମିଷ୍ଟାନ୍ନ ଖାଇ ଉପବାସ ପରେ
ଅର୍ଚ୍ଚନା ସେ କରଇ ଜ୍ଞାନର,
ଭୂତ ଅତି-ଭୂତ ଭେଦ ଭୁଲିଣ ସତତ
ହେଉଅଛି ଅଜ୍ଞାନ ବର୍ବର !
ଭାରତୀ ବିକାଶ ଯେବେ ହୁଅନ୍ତା ବିଗ୍ରହେ,
ମିଷ୍ଟାନ୍ନରେ ବିଦ୍ୟା ଆଲୋଚନା,

ଜଡ଼ପିଣ୍ଡ ରସବନ୍ତ ହୁଅନ୍ତା ଏ ଭବେ
ପାଷାଣରେ ସ୍ଫୁରନ୍ତା ରସନା ।
ଅତି–ଭୂତ ଆରାଧନେ ହୋଇଥିଲା କିନ୍ତୁ
ଦିନେ ଏଥି ଜଡ଼ ରସବନ୍ତ,

Digitized by PPRACHIN, SOA

ପାଷାଣ ରସନା ଭେଦି ଉଠୁଥିଲା ଧ୍ୱନି,
ହୋଇଥିଲା ଚିନ୍ତା ବପୁଷ୍କୃତ ।
ଆଜି କିନ୍ତୁ ଜୀବନ୍ତ ହେ ନୀରସ ଭରତେ,
ଜ୍ଞାନପୂତ ରସନା ନୀରବ,
ସାକ୍ଷୀ ହୋଇ ଝୁରୁଅଛି ଭରତ ସନ୍ତାନ
ଭରତର ବିଚିତ୍ର ବିଭବ ।
'ଥିଲା ଥିଲା' ବୋଲି ପଡ଼ି କୁସଂସ୍କାର-ଜାଲେ
ଦେଶସାର ଜଡ଼ପିଣ୍ଡମୟ;
ନାହିଁ' ଆଜି ବିଜ୍ଞାନର ସେ ପୁଣ୍ୟ ବିଭବ
କର୍ମଯୋଗେ ଶକ୍ତିର ସଚୟ ।
ଭଗବତୀର ପୂଜା ବୋଲି ସେ ପବିତ୍ର ନାମ
ଥିଲା ବେଦପୁରାଣପ୍ରସିଦ୍ଧ,
ଆଜି ତାର ଅପବିତ୍ର ହୀନ ପରିଣାମ
ହୋଇଅଛି କୁସଂସ୍କାରେ ବଦ୍ଧ ।

( ୩ )

ହେଉପଛେ କୁସଂସ୍କାର ମହାସତ୍ୟେ ତାର
ଅଛି ମୂଳ ବିଶ୍ୱାସ ହିନ୍ଦୁର,
ଫିଟିଯାଉ ସତ୍ୟର ସେ ରୁଦ୍ଧଦ୍ୱାର ଏଥି
ଫାଟିଯାଉ ଗାଢ଼ ଅନ୍ଧକାର ।
ଜ୍ଞାନର ଆଲୋକେ ଭାତୁ ଦିବ୍ୟ ତେଜ ଧରି
ଏ ବିଗ୍ରହେ ଅଚି- ଭୂତ ଭବ,
ଜଡ଼ପିଣ୍ଡେ ଫୁଟିଉଠୁ ଭବ ଗଣି ଗଣି
କର୍ମ- ଯୋଗ କରୁ ହେ ତାଣ୍ଡବ ।
ଏହି ନାରିକେଳ ହେଉ ମନ୍ତ୍ର-ଅବତାର
ଭଙ୍ଗ ତାର ମନ୍ତ୍ରର ସାଧନ,
ନଇବେଦ୍ୟ ପ୍ରେମରସେ ଭାରତ ଭାରତୀ
ଜାଗିଉଠି ହେଉ ଶୋଭାବନ ।

Digitized by PPRACHIN, SOA

ଛାଡ଼ି କୁସଂସ୍କାର ଜାଲ ଭୌତିକ ବନ୍ଧନ
ବେଦମାତା ହୁଅନ୍ତୁ ସ୍ୱାଧୀନ,
ସେ ସ୍ୱାଧୀନ ଭାରତୀର ସୁପବିତ୍ର ତାଙ୍କେ
ଯଶଃପ୍ରଭା ରହୁ ଅମଳିନ ।
ତେବେ ସେ ହେବ ଏ ଭୂମେ ଭାରତୀ ଅର୍ଚ୍ଚନା
ଦିବ୍ୟଜ୍ଞାନେ ହେବେ ସର୍ବେ ପୂତ,
କର୍ମମୟ ମହାମନ୍ତ୍ର ବାଜିବ ସଙ୍ଗୀତେ
ହେବ ଅଜ୍ଞ ଜଡ଼ତା ଧଉତ ।
ଋଷ ଭାରତୀୟ ଶିଶୁ ସଦା ମନେ ଧରି
କର୍ମମୟ ଜ୍ଞାନ ଆରାଧନା,
'ମନ୍ତ୍ରର ସାଧନ ଅବା ଶରୀର ପାତନ'
ଭାରତୀର ବିହିତ ଅର୍ଚ୍ଚନା ।

—※—

୨୪ । ୧ । ୧୯୧୨
ଶ୍ରୀପଞ୍ଚମୀ

( ଉତ୍କଳ ସାହିତ୍ୟ– ୧୫ଶ ଭାଗ, ୧୦ମ ସଂଖ୍ୟା– ମାଘ, ୧୩୧୯)

ତୁମ୍ଭ ମୁଖ୍ୟ କର୍ମ ତପ ଆଚରିବା
ଦୁନିଆର ଯଶେ ଯାଏ ଆସେ କିବା
ଧନ୍ୟ ଧନ୍ୟ ଆହେ ତପସ୍ୱି–ସତ୍ତମ
ମର୍ତ୍ତ୍ୟ ଦେହେ ତୁମ୍ଭେ ଅରଜିଲ ନାମ । ※

※ ପଣ୍ଡିତ ନୀଳକଣ୍ଠଙ୍କ ପ୍ରଥମ ପ୍ରକାଶିତ ପ୍ରବନ୍ଧ "ମହାତ୍ମା ଚନ୍ଦ୍ର ଶେଖର ସିଂହସାମନ୍ତ" ରେ ସମର୍ପିତ ଶ୍ରଦ୍ଧାଞ୍ଜଳି

( ଉତ୍କଳ ସାହିତ୍ୟ–୧୦ମ ଭାଗ, ୪ର୍ଥ ସଂଖ୍ୟା–ଶ୍ରାବଣ, ୧୩୧୩ )

Digitized by PPRACHIN, SOA

# ଗ୍ରାମ୍ୟ ଶ୍ମଶାନ

ନଦୀ ତୀରେ ଗ୍ରାମ୍ୟ ଶ୍ମଶାନ
ରଜେ ରଜନୀ ମୁଖେ,
ଦେଖ—ଚିନ୍ତାକୁଳ ଭବୁକ
ଭବେ ଆପଣା ସୁଖେ ।
ଭବଧାମେ ବହି କରଳ
କାଳ ପବନ ଖରେ,
ଲିଭଏ ସହସ୍ର ଜୀବନ
ଦୀପ ପ୍ରତି କ୍ଷଣରେ ।
କାହିଁ ସେ ଅଯୋଧ୍ୟା
କାହାନ୍ତି ରମ ରବଣ—ଅରି,
ମିଶିଛନ୍ତି କାଳ ସାଗରେ
କ୍ଷୁଦ୍ର ବୁଦ୍‌ବୁଦ୍ ପରି ।
କାହିଁ ଗଲେ ଯଦୁ ନନ୍ଦନ
କାହିଁ ମଥୁର ପୁରୀ
ନିନ୍ଦୁଥିଲେ ଯେଉଁ ଗରବେ
ସ୍ବନା ସ୍ବର୍ଗ ମାଧୁରୀ ।
କେହି ରହି ନାହିଁ ରହିବେ
ନାହିଁ ଏ ଧର ଧାମେ,
ଅଭିନୟ ସାରି ଶେଷରେ
ମିଶିଯିବେ ଶ୍ମଶାନେ ।
ମୋ ଭଇ ଭଉଣୀ ଆତ୍ମୀୟ
ଭ୍ରାତା ଭଗିନୀମାନେ,
ଭବଲୀଳା ସାରି ଅକାଳେ
ମିଶିଛନ୍ତି ଏ ସ୍ଥାନେ ।

Digitized by PPRACHIN, SOA

କେତେ ପୁଣ୍ୟ ସ୍ମୃତି ତାଙ୍କର
ଆଜି ନାଚେ ଆଖିରେ,
ବୁହାଇ ବିଭ୍ରାନ୍ତ ମାନସ—
ମନ ପ୍ରତି କ୍ଷଣରେ ।
ଏହି ଯେ ସମ୍ମୁଖେ ଜଳୁଛି
ଚିତାନଳ ପ୍ରବଳ,
ଅନଳ ନୁହେ ସେ ପ୍ରତ୍ୟକ୍ଷେ
କ୍ରୂର କାଳ କବଳ ।
ଶତ ନର ଶିର କଙ୍କାଳେ
ଧବଳିତ ଶ୍ମଶାନ,
ଶ୍ୱାନ, ଶିବା, ଗୃଧ୍ର ଚିତ୍କାରେ
ନିତ୍ୟ ଶବ୍ଦାୟମାନ ।
ଭେଦ ଜ୍ଞାନ ଶୂନ୍ୟ ପବିତ୍ର
ପୀଠ ତୁହି ଶ୍ମଶାନ
ଶିଖାଅ ମୋତେ ଏ ଜୀବନେ
ଭବେ ସର୍ବେ ସମାନ ।
ତୋର ଆଶୀର୍ବାଦେ ସାଧିବି
ସାମ୍ୟ ନୀତି ଜୀବନେ,
ଅନ୍ତେ ତୋର ଅଙ୍କେ ଆଶ୍ରିବି
ଶାନ୍ତିମୟ କାନନେ ।

—※—

# " ଶ୍ରମ ପରେ ବିଶ୍ରାମ "

—ନୀଳକଣ୍ଠ—

Digitized by PPRACHIN, SOA

# ବିଦ୍ୟୁତ ଖର୍ଚ୍ଚ କମ୍ କରନ୍ତୁ

୧ । ଆବଶ୍ୟକ ନ ଥିବାବେଳେ ଆଲୁଅ, ପଙ୍ଖା, ହିଟର, ଶୀତତାପନିୟନ୍ତ୍ରଣ ଯନ୍ତ୍ର ପ୍ରଭୃତି ବିଦ୍ୟୁତ ଉପକରଣ ଗୁଡ଼ିକୁ ବନ୍ଦ କରି ଦିଅନ୍ତୁ ।

୨ । ଘରେ ଅଧିକ ପରିମାଣରେ ସୂର୍ଯ୍ୟାଲୋକ ବ୍ୟବହାର କରି ବିଦ୍ୟୁତ ଆଲୋକ ବ୍ୟବହାର କମାଇ ଦିଅନ୍ତୁ ।

୩ । ବଲ୍ବ ଓ ବାର୍ ଲାଇଟରେ ଧୂଳି ଲାଗି ଭଲ ଆଲୁଅ ହୁଏ ନାହିଁ । ଏଗୁଡ଼ିକୁ ସର୍ବଦା ସଫା ରଖନ୍ତୁ ।

୪ । ସାଜସଜ୍ଜାରେ ବିଦ୍ୟୁତ ଶକ୍ତିର ଅପଚୟ କରନ୍ତୁ ନାହିଁ ।

୫ । ବଲ୍ବ ଅପେକ୍ଷା ବାର୍ ଲାଇଟ କମ୍ ଖର୍ଚ୍ଚରେ ଅଧିକ ଆଲୋକ ଦେଉଥିବାରୁ ଭଲ କିସମର ବାର୍ ଲାଇଟ ବ୍ୟବହାର କରନ୍ତୁ ।

୬ । ରେଫ୍ରିଜେରେଟରର ଦ୍ୱାର ଖୋଲିବା ସମୟ କମ୍ କରନ୍ତୁ ।

୭ । ବିଦ୍ୟୁତ ଖର୍ଚ୍ଚ କମାଇବା ପାଇଁ ଏବଂ ନିଜକୁ ବିପଦ ମୁକ୍ତ ରଖିବା ପାଇଁ ଭାରତୀୟ ମାନକ ସଂସ୍ଥା ( I. S. I. ) ଚିହ୍ନିତ ବିଦ୍ୟୁତ ଉପକରଣ ବ୍ୟବହାର କରନ୍ତୁ ।

୮ । କମ୍ ଖର୍ଚ୍ଚରେ ଅଧିକ ଆଲୋକ ପାଇଁ ଲାଇଟ୍ ପଏଣ୍ଟ ଗୁଡ଼ିକୁ ଉପଯୁକ୍ତ ସ୍ଥାନରେ ଲଗାନ୍ତୁ ।

୯ । ନୂଆ ଲାଇଟ୍ ପଏଣ୍ଟ ଲଗାଇବାବେଳେ କେତେ ଖର୍ଚ୍ଚ ହେବ ତାହା ହିସାବ କରିବା ପରିବର୍ତ୍ତେ ଏହାକୁ ବ୍ୟବହାର କଲେ କେତେ ଅଧିକ ଖର୍ଚ୍ଚ ପଡ଼ିବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ ।

୧୦ । ଦୀର୍ଘ ସମୟ ପାଇଁ ଘରେ ଅନୁପସ୍ଥିତ ରହିବାକୁ ପଡୁଥିଲେ ମେନ୍ ସୁଇଚ ବନ୍ଦକରି ଯାଆନ୍ତୁ ।

୧୧ । ସମସ୍ତ ଶିଳ୍ପ କାରଖାନାମାନଙ୍କରେ ଅଯଥା ବିଦ୍ୟୁତ ବ୍ୟବହାର ବନ୍ଦ କରନ୍ତୁ ଓ ଉତ୍ପାଦନ ନ କମାଇ ଶତକଡ଼ା ୧୫ ଭାଗ ବିଦ୍ୟୁତ ସଞ୍ଚୟ ପାଇଁ ଚେଷ୍ଟା କରନ୍ତୁ ।

**ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡ,**

ଭୁବନେଶ୍ୱର

Digitized by PPRACHIN, SOA